ନୀଳାଦ୍ରିଭୂଷଣ
ନାଟ୍ୟ-ଜିଜ୍ଞାସା

ସଂପାଦନା :
ଡ. ଆଲୋକ ବରାଳ
ଡ. ପ୍ରଦୋଷ କୁମାର ସ୍ୱାଇଁ

Digitized by srujanika@gmail.com

ଡ. ଆଲୋକ ବରାଳ (୧୯୭୭) ବିଶ୍ୱଭାରତୀ, ଶାନ୍ତିନିକେତନର ଓଡ଼ିଆ ସାହିତ୍ୟ ବିଭାଗରେ ତୁଳନାତ୍ମକ ସାହିତ୍ୟ ବିଷୟକ ଗବେଷଣା କରି ଡକ୍ଟରେଟ୍ ଲାଭ କରିଛନ୍ତି । ଦୀର୍ଘଦିନ ଧରି ସେ କବିତା, ପ୍ରବନ୍ଧ, ସମାଲୋଚନା ଓ ଫିଚର୍ ଲେଖା ସହ ସଂପୃକ୍ତ । ବିଶେଷତଃ ସର୍ଜନାତ୍ମକ ତାତ୍ତ୍ୱିକ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ତାଙ୍କ ସୃଷ୍ଟିସମୂହର ମୌଳିକ ଆବେଦନ । ସଂପାଦିତ ପୁସ୍ତକ 'ବାଘଗପ' (୨୦୦୭), 'ଅଶୋକ ଅସରନ୍ତି' (୨୦୧୨) ସହିତ ଗବେଷଣାତ୍ମକ ପୁସ୍ତକ 'ପୂର୍ବ ଭାରତୀୟ ଆଞ୍ଚଳିକ ଉପନ୍ୟାସ' (୨୦୦୭), 'କଥା-ଜିଜ୍ଞାସା' (୨୦୦୭), 'ଓଡ଼ିଆ ସାହିତ୍ୟିକ ଛଦ୍ମନାଁର ଇତିହାସ' (୨୦୧୬) ଓ 'ଉତ୍ତର ଆଧୁନିକ ଓଡ଼ିଆ ନାଟକ' (୨୦୧୭) ତାଙ୍କର ଅନ୍ୟାନ୍ୟ ପ୍ରକାଶିତ ପୁସ୍ତକ । ସଂପ୍ରତି ସେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କୋରାପୁଟରେ ସହାୟକ ପ୍ରାଧ୍ୟାପକ ଓ ଓଡ଼ିଆ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି ।

Digitized by srujanika@gmail.com

ନୀଳାଦ୍ରିଭୂଷଣ ନାଟ୍ୟ-ଜିଜ୍ଞାସା

ସଂପାଦନା :

ଡ. ଆଲୋକ ବରାଳ

ଡ. ପ୍ରଦୋଷ କୁମାର ସ୍ୱାଇଁ

ଅଗ୍ରଦୂତ

କଟକ -୭୫୩୦୦୨

Digitized by srujanika@gmail.com

ନୀଳାଦ୍ରିଭୂଷଣ ନାଟ୍ୟ-ଜିଜ୍ଞାସା

ସଂପାଦନା :
ଡକ୍ଟର ଆଲୋକ ବରାଳ
ଡକ୍ଟର ପ୍ରଦୋଷ କୁମାର ସ୍ୱାଇଁ

ପ୍ରକାଶକ : ଅଗ୍ରଦୂତ
ବାଙ୍କାବଜାର, କଟକ - ୭୫୩୦୦୨, ଓଡ଼ିଶା

ପ୍ରଥମ ପ୍ରକାଶ : ୨୦୧୮
କମ୍ପ୍ୟୁଟର ଓ ପ୍ରଚ୍ଛଦ ସହାୟତା : ଏମ୍. ପ୍ରିଣ୍ଟର୍ସ, କଟକ
ମୁଦ୍ରଣ : ରୁବି ଅଫ୍‌ସେଟ୍, କଟକ

ମୂଲ୍ୟ : ଟ. ୩୨୫/-

Niladribhusan Natya-jigyansa

Compiled by : **Dr. Alok Baral**
Dr. Pradosh Kr. Swain

Published by **AGRADUTA**
Banka Bazar, Cuttack-753002, Odisha

1st Edition : **2018**
Printed by : Ruby Ofset, Cuttack

Price : ₹ 325/-

ISBN 81-86354-136-7

Digitized by srujanika@gmail.com

ମୁଖବନ୍ଧ

ପ୍ରସିଦ୍ଧି ସବୁବେଳେ ସମସ୍ତଙ୍କୁ ମିଳିନଥାଏ। ପ୍ରସିଦ୍ଧି ପାଇଁ ଲୋକେ ଅନେକ ଚେଷ୍ଟା କରୁଥିବା ସତ୍ତ୍ୱେ; ତା' ପାଖକୁ ମଧ୍ୟ ସ୍ପର୍ଶ କରିପାରନ୍ତି ନାହିଁ। ଆଉ କେତେକ କ୍ଷେତ୍ରରେ ପ୍ରସିଦ୍ଧି ସ୍ୱତଃ ଆଉଜି ଆସେ ବ୍ୟକ୍ତିମଣିଷ ପାଖକୁ। ସୁସାହିତ୍ୟିକ ଶିକ୍ଷାବିତ୍ ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ଜୀବନ ଥିଲା ଠିକ୍ ସେହିଭଳି। ସେ ଗୋଡ଼େଇ ନାହାନ୍ତି ସୁନାମ ପଛରେ; ସୁନାମ ଗୋଡ଼େଇଥିଲା ତାଙ୍କରି ପଛରେ, ଏଭଳି କହିବାର ତାତ୍ପର୍ଯ୍ୟ ହେଉଛି: ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୀଳାଦ୍ରିଭୂଷଣ ହରିଚନ୍ଦନ ସେହିଭଳି ଏକ ସ୍ପର୍ଦ୍ଧିତ ଉଚ୍ଚାରଣ। ଅମାୟିକତା, ସରଳତା ଓ ବିଦ୍‌ବତ୍ତାରେ ବିକଳ୍ପହୀନ ! ପ୍ରାୟ ପ୍ରତ୍ୟେକ ସାହିତ୍ୟିକ ଧାରାରେ ଧୂରୀଣ ସ୍ରଷ୍ଟାଙ୍କର ବିଶେଷ ରୁଚି କିନ୍ତୁ ପ୍ରାଚୀନ-ମଧ୍ୟଯୁଗୀୟ ସାହିତ୍ୟ ଓ ଭାଷାର ବ୍ୟୁତ୍ପତ୍ତି କ୍ଷେତ୍ରରେ। ସମାନ୍ତରାଳ ଭାବରେ ଆଧୁନିକ କବିତା, ନାଟକ ଓ ପ୍ରବନ୍ଧ-ସମାଲୋଚନା ମଧ୍ୟ ତାଙ୍କ ସର୍ଜନଶୀଳତା ବେଶ୍ ଆଲୋକିତ ଓ ବିଭାମଣ୍ଡିତ। ପ୍ରଥମେ ଜଣେ, କବି, ତା' ପରେ ସମାଲୋଚକ ଏବଂ ସମାନ୍ତରାଳ ଭାବେ ଜଣେ ପ୍ରତିଶ୍ରୁତିପୂର୍ଣ୍ଣ ନାଟ୍ୟକାର ଭାବରେ ତାଙ୍କର ରହିଚି ସ୍ୱତନ୍ତ୍ର ପରିଚୟ। ତତ୍‌ସହିତ ଅନୁବାଦ କର୍ମ ଓ ସଂପାଦନା କ୍ଷେତ୍ରରେ ମଧ୍ୟ ସ୍ୱ ପ୍ରଜ୍ଞା ଓ ଜ୍ଞାନର ପ୍ରଦର୍ଶନ କରିଛନ୍ତି ଓଡ଼ିଆ ସାହିତ୍ୟରେ।

ପ୍ରତ୍ୟେକ ସ୍ରଷ୍ଟାଙ୍କ ଜୀବନରେ ପ୍ରଭାବ ପଡ଼ିଥାଏ କାହାରିନା କାହାରି ନିଶ୍ଚୟ। ଏଠାରେ ସ୍ମରଣ କରାଯାଇପାରେ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ (୧୯୪୬)ଙ୍କ ପିତା; ଯାହାଙ୍କୁ ସେ ଦଦେଇ ବୋଲି ଡାକୁଥିଲେ; ସେଥିଲେ ଶ୍ରୀଯୁକ୍ତ ପରଶୁରାମ ହରିଚନ୍ଦନ (୧୯୦୮-୧୯୭୭)। ଜଣେ ସଚେତନ ରାଜନୀତିକ କର୍ମୀ, ଦେଶପ୍ରେମୀ ଓ ଐତିହ୍ୟ ସଚେତନ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ ସେ। ସବୁଠାରୁ ଉଲ୍ଲେଖଯୋଗ୍ୟ କଥାଟି ହେଉଛି ସେଥିଲେ ଜଣେ କୁଶଳୀ ନାଟ୍ୟକାର। 'ବିପ୍ଳବୀ କୃତ୍ତିବାସ' (୧·୯୫୩), 'ଛିନ୍ନାଙ୍ଗୀ' (୧୯୫୪), 'ଅଭିଶପ୍ତ ଦୁର୍ଗ' (୧୯୭୮) ଓ 'ଦିଗ୍‌ବିଜୟୀ କପିଳେନ୍ଦ୍ର' ଭଳି କ୍ଷୁଦ୍ର ନାଟକ ତାଙ୍କୁ ଆଣି ଦେଇଥିଲା ସ୍ୱତନ୍ତ୍ର ଏକ ପରିଚୟ। ସେଥି ମଧ୍ୟରୁ କେତେକ ନାଟକ ମଞ୍ଚସ୍ଥ ହୋଇ ପ୍ରଶଂସିତ ହୋଇଥିବା ମଧ୍ୟ ଜାଣିବାକୁ ମିଳିଥାଏ।

ନାଟ୍ୟକାରଙ୍କୁ ପିତାଙ୍କର ନାଟ୍ୟପ୍ରତିଭା ବିଶେଷ ଭାବେ ପ୍ରଭାବିତ କରିଥିଲା ଏହାକୁ ଅସ୍ୱୀକାର କରାଯାଇପାରିବ ·ନାହିଁ।

Digitized by srujanika@gmail.com

ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର ନାଟ୍ୟକାର ପରିଚୟ ପୂର୍ବରୁ କବିର ପରିଚୟଟିଏ ସୃଷ୍ଟି ହୋଇସାରିଥାଏ। ତଥାପି ୧୯୭୨-୭୩ ମସିହା ବେଳକୁ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇ 'କୋଠରି' ବୋଲି ଏକ ଛୋଟ ନାଟକ ଲେଖିଥିଲେ, ସେତେବେଳର ଯୁବକ ନୀଳାଦ୍ରିଭୂଷଣ ଆକାଶବାଣୀ, କଟକ କେନ୍ଦ୍ରକୁ ପଠାଇଥିଲେ। ଯାହାକି ତତ୍କାଳରେ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ପ୍ରଯୋଜନାରେ ପ୍ରସାରିତ ହୋଇଥିଲା। ଏହା ଥିଲା ନୀଳାଦ୍ରିଙ୍କର ନାଟକର ପ୍ରାକ୍ ପ୍ରତିଧ୍ୱନି! ଏହି ନାଟକରେ ସ୍ୱାମୀ ଓ ସ୍ତ୍ରୀ ଭୂମିକାରେ ହିମାଂଶୁଭୂଷଣ ସାବତ ଏବଂ ଝରଣା ଦାସ ବାଚନିକ ଅଭିନୟ କରିଥିଲେ ଏବଂ ପରେ ଏହି ନାଟକଟି 'ଝଙ୍କାର' ପତ୍ରିକାରେ ମଧ୍ୟ ପ୍ରକାଶ ପାଇଥିଲା। ଏହାପରେ 'ଅସୀମାର ସୀମା', 'ରକ୍ତତୃଷ୍ଣା', 'ନିଃସଙ୍ଗ ପବନ', 'ମହାରାଜା ବିଜେ ହେବେ' ଭଳି ଅବଶ୍ୟ କେତେକ ନାଟକ ରେଡ଼ିଓ ନିମନ୍ତେ ରଚନା କରିଥିଲେ ହେଁ; ନାଟ୍ୟ ରଚନା ନେଇ ବିଶେଷ ପ୍ରେରଣା ସେ ପାଇପାରିନଥିଲେ।

ଅଧ୍ୟାପନା ଜୀବନରେ ରେଭେନ୍ସା କଲେଜରୁ ଭଦ୍ରକ କଲେଜ ଏବଂ ତା' ପରେ ୧୯୭୪ ମସିହାରେ ବିଶ୍ୱଭାରତୀ ଶାନ୍ତିନିକେତନକୁ ଅଧ୍ୟାପକ ଭାବେ ଚାଲି ଆସନ୍ତି। ସତ କହିବାକୁ ଗଲେ ବିଶ୍ୱକବିଙ୍କର ଶାନ୍ତିନିକେତନ ହିଁ ଯୁବକ ନୀଳାଦ୍ରିଭୂଷଣଙ୍କୁ ନୂଆକରି ଚିହ୍ନାଏ ଓଡ଼ିଆ ସାହିତ୍ୟ ଜଗତରେ। ବିଶ୍ୱଭାରତୀର ମୁକ୍ତ ପରିବେଶ ଓ ପ୍ରଜ୍ଞାର ବାତାବରଣ ତାଙ୍କୁ ପ୍ରେରିତ କଲା ସର୍ଜନ କ୍ଷେତ୍ରରେ। ସେଇଠାରେ ପୁନଶ୍ଚ ସୁପ୍ତ ନାଟ୍ୟ-ବିଜ ଅଙ୍କୁରିତ ହେବାକୁ ଲାଗିଲା। ଜଣେ କବି, ସମାଲୋଚକ ଓ ନାଟ୍ୟକାର ସମାନ୍ତରାଳ ଭାବେ ଅଙ୍କୁରିତ ହେବାକୁ ଲାଗିଲେ ଏବଂ ଆଲ୍‌ବେୟାର କାମ୍ୟୁଙ୍କର 'କାଲିଗୁଲା' ନାଟକର ଦୀର୍ଘ ସଂବାଦ ଓ ପରିବେଷଣ ଶୈଳୀ ଦ୍ୱାରା ପ୍ରଭାବିତ ହୋଇ ସୃଷ୍ଟି ହେଲା 'ସତ୍ୟ ସଂଶୟ ସାଲବେଗ' (୧୯୮୧) ନାଟକ। ସେତେବେଳକୁ 'ପାହାଚ' (୧୯୭୨), 'ନୀଳଚନ୍ଦନର ଭୁଲ ଠିକଣା' (୧୯୭୮) ଓ 'ସମ୍ବୋଧନହୀନ' (୧୯୭୮) ଭଳି କବିତା ସଂକଳନର କବି ଭାବେ ତାଙ୍କର ତିଆରି ହୋଇସାରିଥାଏ ଅନ୍ୟ ଏକ ପରିଚୟ।

ଗତ ଶତାବ୍ଦୀର ଅଷ୍ଟମ ଦଶକ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ନୂତନତାର ବାର୍ତ୍ତା ବହନ କରି ଆସିଥିଲା। ବୈଜ୍ଞାନିକ-ବୈଷୟିକ ବିକାଶ ହେଉ; ହେଉ ଅବା ନୂତନ ରାଜନୀତିକ ବାତାବରଣର ଅନୁଚିନ୍ତା ଅବା ନବ୍ୟ ସାମାଜିକ ଐତିହାସିକ ତଥା ଆର୍ଥନୀତିକ ବାତାବରଣ; ପ୍ରତ୍ୟେକ ପ୍ରେକ୍ଷାରେ ନବୀନ ଚିନ୍ତନ ପରିବର୍ତ୍ତିତ କରୁଥିଲା ଆମର ସମଗ୍ର ସାମାଜିକ ଜୀବନକୁ। ସେଇଭଳି ଏକ ଉତ୍ତର ଆଧୁନିକ ପର୍ବରେ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ସଦ୍ୟ ଅବତୀର୍ଣ୍ଣ ହୁଅନ୍ତି ଓଡ଼ିଆ ନାଟ୍ୟ-ଦିଗନ୍ତରେ। କ୍ରମଶଃ ବିସ୍ତୃତ ହୋଇ ଆସୁଥିବା ରଙ୍ଗମଞ୍ଚ, ଭାଙ୍ଗି ପଡୁଥିବା ସୌଖୀନ ନାଟ୍ୟଦଳ ଏବଂ ଅପରପକ୍ଷରେ ପ୍ରବାସରେ

Digitized by srujanika@gmail.com

ରହିବାରୁ ଓଡ଼ିଆ ନାଟ୍ୟମଞ୍ଚଠାରୁ ଦୂରେଇ ରହିଲେ ହେଁ ନାଟକ ଲେଖାରୁ ବିରତ ହୋଇନଥିଲେ ନାଟ୍ୟକାର। ଯଦିଓ ତାଙ୍କର କେତେକ ନାଟକ ଅବଶ୍ୟ ମଞ୍ଚସ୍ଥ ହୋଇ ଲୋକପ୍ରିୟତା ଅର୍ଜନ କରିଛି ଏବଂ ଅନେକ ନାଟକ ରେଡ଼ିଓରେ ପ୍ରସାରିତ ହୋଇ ଶ୍ରୋତାଙ୍କୁ ଆନନ୍ଦ ପ୍ରଦାନ କରିବା ସହିତ ତାଙ୍କୁ ନାଟ୍ୟ ପରିଚିତି ଆଣିଦେଇଛି, ମାତ୍ର ସିଧାସଳଖ ସେ ଦୂରେଇ ରହିଛନ୍ତି ମଞ୍ଚଠାରୁ। ଜଣେ ସଫଳ ନାଟ୍ୟ ଗବେଷକ ଭାବେ, ନାଟ୍ୟ ସମାଲୋଚକ ଭାବେ ତଥା ନାଟ୍ୟତତ୍ତ୍ୱବିତ୍ ଭାବେ ନାଟ୍ୟକଳା, ମଞ୍ଚାୟନକୁ ନିର୍ଦ୍ଦେଶିତ କରିଛନ୍ତି ସ୍ୱୀୟ ନାଟକଗୁଡ଼ିକରେ। ଯେଉଁଥିରେ ତାଙ୍କ ନାଟକର ଶିଳ୍ପ (Craft) ଓ ଶୈଳୀ (Style) ବେଶ୍ ହୃଦ୍ୟ। 'ଐତିହାସିକ ନାଟକର ମୂଳସୂତ୍ର' (୧୯୮୦) 'ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି' (୧୯୮୨), 'ଆଧୁନିକ ଓଡ଼ିଆ ନାଟକର ବାସ୍ତବ ଓ ଉଦ୍ଭଟ ଚେତନା' (୧୯୮୮), 'ଓଡ଼ିଆ ନାଟକର ଇତିହାସ' (୧୯୮୯) ଭଳି ତାତ୍ତ୍ୱିକ ନାଟ୍ୟ ଗବେଷଣା ଗ୍ରନ୍ଥର ସ୍ରଷ୍ଟା ଭାବେ ତାଙ୍କର ନାଟ୍ୟଜ୍ଞାନ ଓ ଚିନ୍ତନର ପ୍ରଭାବ ନାଟକଗୁଡ଼ିକରେ ଅବଶ୍ୟ ଲକ୍ଷ୍ୟ କରାଯାଇପାରେ।

ନାଟ୍ୟକାର ବିଶେଷତଃ ବ୍ରେଖ୍ଟଙ୍କର ମହାକାବ୍ୟିକ ନାଟ୍ୟଶୈଳୀ (Epic Theatre) ଏବଂ ବାଦଲ ସରକାରଙ୍କର ତୃତୀୟ ମଞ୍ଚ (Third Theatre)କୁ ସ୍ୱୀୟ ନାଟ୍ୟକର୍ମରେ ଉପଯୋଗ କରିଥିବା ଲକ୍ଷ୍ୟଣୀୟ। ଏପରିକି ନାଟ୍ୟକାର ବାଦଲ ସରକାରଙ୍କର 'ତୃତୀୟ ମଞ୍ଚ'ର ଜଣେ ସଫଳ ସମାଲୋଚକ ଭାବେ ମଧ୍ୟ ଅନୁଭବୀ ଥିଲେ ତତ୍କାଳୀନ ଓଡ଼ିଆ ନାଟ୍ୟଧାରା ପାଇଁ ପାରମ୍ପରିକ, ସୌଖୀନ ମଞ୍ଚର ଏକ ମିଳିତ ଧାରାକୁ ଏବଂ ସେଇ ଧାରାରେ ସେ ସୃଷ୍ଟିକରି ଗଲେ ଅନେକ ନାଟକ ଯଥା : 'ସତ୍ୟ ସଂଶୟ ସାଲବେଗ' (୧୯୮୧), 'ପାହାଡ଼ର ଅନ୍ୟ ରୂପ' (୧୯୮୧), 'ଅନ୍ଧ ଦ୍ୱିପ୍ରହର' (୧୯୮୧), 'ନିରାପଦ ଭବିଷ୍ୟତ' (୧୯୮୩), 'ସ୍ୱର୍ଗାରୋହଣ' (୧୯୮୭), 'ଭୀମ ଭୋଇଙ୍କ ସନ୍ଧାନରେ' (୧୯୮୮), 'କଳମ୍ବସ' (୧୯୯୦), 'ମୁଣ୍ଡ ଉପରେ ଛାତ' (୧୯୯୨), 'ଶୂନ୍ୟଘର' (୧୯୯୫), 'ଜଟାୟୁର ଛିନ୍ନଡ଼େଣା' (୧୯୯୯), 'ରାସ୍ତା ନାହିଁ' (୨୦୦୪), 'ପଥ ବହୁଦୂର' (୨୦୧୦), 'ଭାରତୀ କୁନ୍ତଳା ଓ ସରସ୍ୱତୀ ନଗେନ୍ଦ୍ରବାଳା' (୨୦୧୦), 'ବନ୍ଦିଶାଳାରେ ବିଶ୍ୱପତି' (୨୦୧୨), 'ଅଶ୍ୱିନୀ କୁମାରଙ୍କ ଶେଷଦିନ' (୨୦୧୭), 'ଯେତିକି ଦୃଶ୍ୟ ହୁଏ' (୨୦୧୭) ପ୍ରମୁଖ ନାଟକ। ଉପର୍ଯ୍ୟୁକ୍ତ ନାଟକ ସଂକଳନ ଭିତରେ ସଂକଳିତ ହୋଇଛି ଏକାଧିକ ନାଟକ। ସେଗୁଡ଼ିକର ସଂଖ୍ୟା ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ।

ନୀଳାଦ୍ରିଭୂଷଣଙ୍କ ନାଟକ ପୁନରାବୃତ୍ତିର ନାଟକ ନୁହେଁ। ପ୍ରତ୍ୟକ ନାଟକ ପ୍ରତ୍ୟେକ ନାଟକଠାରୁ ଭିନ୍ନ। କେତେବେଳେ ସାରଳା ଦାସଙ୍କ ମହାଭାରତୀୟ ବୋଧ ଓ ସ୍ୱାତନ୍ତ୍ୟ

Digitized by srujanika@gmail.com

ତାଙ୍କୁ ପ୍ରଭାବିତ କରିଛି ତ କେତେବେଳେ ଓଡ଼ିଶାର ଇତିହାସ ଓ ଐତିହ୍ୟ ତାଙ୍କୁ ପ୍ରଭାବିତ କରିଛି; ଆଉ କେତେବେଳେ ସାହିତ୍ୟିକ ବ୍ୟକ୍ତିତ୍ୱଙ୍କ ଜୀବନବୃତ୍ତ ଦ୍ୱାରା ପ୍ରେରିତ ଓ ପ୍ରଭାବିତ ହୋଇଛନ୍ତି ନାଟ୍ୟକାର; ସମାନ୍ତରାଳ ଭାବେ ସାମାଜିକ ସମସ୍ୟା, ବ୍ୟକ୍ତିମଣିଷର ସନ୍ତ୍ରସ୍ତବୋଧ ତାଙ୍କୁ କରିଚି ପିଷ୍ଟ। କେତେବେଳେ ଆଦିବାସୀଙ୍କ ସମସ୍ୟା ତ କେତେବେଳେ ପର୍ଯ୍ୟାବରଣ ପ୍ରତି ସଚେତନ ଦୃଷ୍ଟିଭଙ୍ଗୀ ଆଉ କେତେବେଳେ କ୍ରମଶଃ ବିଘ୍ନିତ ସାମାଜିକ ଓ ଆଧ୍ୟାତ୍ମିକ ଆସ୍ଥାକୁ ଆଧାର କରି ନାଟ୍ୟକାର ସର୍ଜନ କରିଛନ୍ତି ଅନେକ ନାଟକ। ଯେମିତି ମହାଭାରତର ପଟ୍ଟଭୂମିରେ 'ମଧ୍ୟପାତ୍ର' (୧୯୮୧), 'ସ୍ୱର୍ଗାରୋହଣ' (୧୯୮୭), 'ନିରାପଦ ଭବିଷ୍ୟତ' (୧୯୮୩) ଓ 'ଅନୁଶାସନ' (୧୯୮୮), ସ୍ୱର୍ଗଲୋକେ ଯୁଧିଷ୍ଠିର' (୨୦୦୪), 'ନିରୁତ୍ତାପ ବିଷ୍ଣୁକଳା' (୨୦୦୪), 'ସକଳ ତୀର୍ଥ ତୋ ଚରଣେ' (୨୦୦୪); 'ଅରଣ୍ୟର ଅଶ୍ରୁ' (୨୦୧୨) ଓ 'ଚନ୍ଦ୍ରାଲୋକେ ଭୀମସେନ' (୨୦୧୬) ଭଳି ନାଟକ ହୋଇଛି ଲିଖିତ।

'ମଧ୍ୟପାତ୍ର' ନାଟକ ଲେଖକଙ୍କୁ ଜଣେ ସ୍ୱତନ୍ତ୍ର ନାଟ୍ୟକାରର ପରିଚୟ ଆଣି ଦେଇଥିଲା। ମହାଭାରତୀୟ ଅହଂକାରଗୁଡ଼ିକୁ ଏକ ସ୍ଥିରତା ଆଣିବା ପାଇଁ ଶ୍ରୀକୃଷ୍ଣଙ୍କୁ ତୁଲାଇବାକୁ ପଡ଼ିଛି ମଧ୍ୟପାତ୍ରର ଭୂମିକା। 'ଯୁଦ୍ଧ' ଓ 'ଶାନ୍ତି'ର ମିଥ୍ ପୃଷ୍ଠଭୂମିକୁ ଆଧୁନିକ ଯୁଦ୍ଧଧ୍ୱାନ୍ତ ପୃଥିବୀ ପ୍ରେକ୍ଷାରେ ମଧ୍ୟ ଅନୁଶୀଳନ କରାଯାଇପାରେ; ଯେଉଁଠି ସମଦୃଷ୍ଟିର ସ୍ୱର ବେଶ୍ ଅଙ୍ଗୀକାରବଦ୍ଧ। ଠିକ୍ ସମଧରଣର ସ୍ୱର 'ସ୍ୱର୍ଗାରୋହଣ' ଭିତରେ ପରିଲକ୍ଷିତ। ଯେଉଁଠି ଯୁଦ୍ଧ ପରବର୍ତ୍ତୀ ଧ୍ୱଂସର ସ୍ତୂପ ଉପରେ ନିରୀକ୍ଷଣ କଲେ ଖାଲି ଦେଖାଯାଏ ହତାଶା; ସେଇ ହତାଶାର ଚିତ୍ରକୁ ବହନ କରିଛି ସ୍ୱର୍ଗାରୋହଣ। ମହାଭାରତର ଅଜ୍ଞାତବାସ ବେଳେ ପାଣ୍ଡବମାନେ ଦ୍ରୌପଦୀଙ୍କ ସହିତ ଛଦ୍ମତା ଧାରଣ କରି ରହିଥିଲେ। ସେଇ ପୃଷ୍ଠଭୂମିରେ କିଭଳି ବ୍ୟକ୍ତି ପରିସ୍ଥିତିର ଦାସ ହୋଇ ନିଜର ବିବେକକୁ ବଳି ଦେଇ ଆତ୍ମଗୋପନ କରେ ତା'ରି ଲାଞ୍ଛନାର କାହାଣୀ ହେଉଛି 'ନିରାପଦ ଭବିଷ୍ୟତ' ନାଟକ। ଯାହାକି 'ବିକ୍ରୀତ ପୌରୁଷ' ଭାବେ ରେଡ଼ିଓରେ ପ୍ରସାରିତ ହୋଇଥିଲା। ସେହିଭଳି 'ଅନୁଶାସନ' ନାଟକରେ 'କ୍ଷମତା', 'ଅହଂକାର' ଓ 'ଶକ୍ତି' କିଭଳି ମଣିଷର ଅସ୍ତିତ୍ୱକୁ ଭଙ୍ଗୁର କରିଦେଇପାରେ; ତାହା ମହାଭାରତର ପୃଷ୍ଠଭୂମିରେ ରଚିତ। 'ସ୍ୱର୍ଗଲୋକେ ଯୁଧିଷ୍ଠିର'ରେ ଯୁଧିଷ୍ଠିରଙ୍କ ସ୍ୱାର୍ଥପରତା ସହିତ ତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ କିଭଳି 'ସିଂହାସନ'ର ମୋହଗ୍ରସ୍ତ ହୋଇ ତଥା ସ୍ୱାର୍ଥପ୍ରଣୋଦିତ ହୋଇ ପଥହୀନ ହୁଅନ୍ତି; ତାହା ପ୍ରତିଫଳିତ। 'ନିରୁତ୍ତାପ ବିଷ୍ଣୁକଳା'ରେ ଅର୍ଜୁନ ଚରିତ୍ର 'ଅତୀତ' ଓ 'ବର୍ତ୍ତମାନ' ପ୍ରେକ୍ଷାରେ ତୁଳିତ ହୋଇ ଅଭିବ୍ୟଞ୍ଜିତ। ସମଧରଣର ତୁଳନାତ୍ମକ ଦୃଷ୍ଟିକୁ 'ସକଳ ତୀର୍ଥ ତୋ ଚରଣେ' ନାଟକରେ ଅତୀତର ଗୁରୁ ପରମ୍ପରା ଓ ନୀତିହୀନତା ଏବଂ ସମକାଳର ଗୁରୁଶିଷ୍ୟ

Digitized by srujanika@gmail.com

ପରମ୍ପରାରେ ପକ୍ଷପାତ ଭଳି ବୀଭତ୍ସତାକୁ ବେଶ୍ ସମାନ୍ତରାଳ ଭାବେ ସଂଦର୍ଶନ କରାଯାଇପାରେ। 'ଅରଣ୍ୟର ଅଶ୍ରୁ'ରେ ମଧ୍ୟ ମହାଭାରତୀୟ ପୃଷ୍ଠଭୂମି ଓ ସମକାଳୀନ ପୃଷ୍ଠଭୂମିକୁ 'ବିସ୍ଥାପନ' ଓ 'ଉଦ୍‌ବାସ୍ତୁ' ହେବା ଭଳି ସମସ୍ୟା ସହ ଯୋଡ଼ିଧରି ଝିମାଣିଶାଳା ବା ଅସ୍ତ୍ର ନିର୍ମାଣଶାଳାର ଉଦ୍ଦେଶ୍ୟରେ ସାଧାରଣ ବନବାସୀଙ୍କ ପ୍ରତି ଘଟିତ ତାଡ଼ନାର ଚିତ୍ର ବେଶ୍ ଉଦ୍‌ବେଗଜନକ ଓ ସମକାଳୀନ। ସପ୍ରସଙ୍ଗ ଆଲୋଚନା କରାଯାଇପାରେ ତାଙ୍କର 'ଚନ୍ଦ୍ରାଲୋକେ ଭୀମସେନ' ନାଟକକୁ। ଯେଉଁଥିରେ ସାରଳା ଦାସଙ୍କ ଭୀମର ମହତ୍ତ୍ୱ ହୋଇଛି ପ୍ରତିପାଦିତ।

ଏ ସମସ୍ତ ନାଟକର ପୃଷ୍ଠଭୂମି (Context) ସାରଳା ମହାଭାରତୀୟ ଏବଂ ପରିବେଷଣର କ୍ଷେତ୍ର ଆଧୁନିକତା ସହ ବେଶ୍ ତାଳ ରଖି ଅଭିବ୍ୟଞ୍ଜିତ। ଏଭଳି ନାଟ୍ୟସର୍ଜନରେ ନୀଳାଦ୍ରିଙ୍କ ସ୍ୱାତନ୍ତ୍ର୍ୟ ସମକାଳରେ ସ୍ୱତନ୍ତ୍ର ଓ ଅନନ୍ୟ।

ସେହିଭଳି ରାମାୟଣର ବିଷୟକୁ ଆଧାର କରି 'ପୁଣ୍ୟଭୂମି ଭାରତ' (୧୯୮୩) ହୋଇଥିଲା ଲିଖିତ। ଯେଉଁ ନାଟକରେ ଅଦ୍‌ଭୁତ ଏକ ଭାରତର ପରିକଳ୍ପନାରେ ନାଟ୍ୟକାରଙ୍କର ନାଟ୍ୟାନୁଚିନ୍ତାକୁ ଅନୁଭବ କରାଯାଇପାରେ।

'ନିରାପଦ ଭବିଷ୍ୟତ' (୧୯୮୩) ନାଟକ ସଂକଳନରେ ସଂକଳିତ ହୋଇଥିଲା ତିନିଟି ନାଟକ। ଗୋଟିଏ ମହାଭାରତୀୟ ଚିନ୍ତନ ଆଧାରିତ 'ନିରାପଦ ଭବିଷ୍ୟତ' ଗୋଟିଏ ରାମାୟଣର ଚିନ୍ତନ ଆଧାରିତ 'ପୁଣ୍ୟଭୂମି ଭାରତ' ଏବଂ ଅନ୍ୟଟି ଇତିହାସରେ ପରାଜିତ ଗଜପତି ହମ୍ବୀର ଦେଓଙ୍କୁ ନେଇ ଲିଖିତ 'ବତାସ ନିସ୍ତବ୍ଧ ଆଜି' ନାଟକ ତ୍ରୟ। 'ବତାସ ନିସ୍ତବ୍ଧ ଆଜି' ନାଟକକୁ ନବ୍ୟ-ଇତିହାସବାଦ (New Historicism) ପରିପ୍ରେକ୍ଷୀରେ ଆଲୋଚନା କରାଯାଇ ଇତିହାସର ସଂଗୁପ୍ତ ତଥ୍ୟର ଉନ୍ମୋଚନ କରାଯାଇପାରେ। ଏହି Dramatic Trilogyରେ ନୀଳାଦ୍ରିଭୂଷଣଙ୍କ ନାଟ୍ୟପ୍ରତିଭାର ଉର୍ତ୍ତୀର୍ଣ୍ଣତାକୁ ଲକ୍ଷ୍ୟ କରାଯାଇପାରିବ। ,

ନାଟ୍ୟକାରଙ୍କ 'ଭୀମ ଭୋଇଙ୍କ ସନ୍ଧାନରେ' (୧୯୮୮)ରେ ସଂକଳିତ ହୋଇଥିଲା 'ଅନୁଶାସନ', 'ରତ୍ନାକରର ରାସ୍ତା', 'ରାଜପଥ ଗ୍ରାମପଥ', 'ଆଶ୍ଚର୍ଯ୍ୟ ମଣିଷ' ଭଳି କେତେକ ନାଟକ। ପ୍ରତ୍ୟେକ ନାଟକର ଆଭିମୁଖ୍ୟ ସ୍ୱତନ୍ତ୍ର; ସେହିଭଳି ସ୍ୱତନ୍ତ୍ର ତାଙ୍କର ନାଟ୍ୟଚିନ୍ତା ! ମସ୍ତିଷ୍କର ଆତ୍ମସଂଘର୍ଷ ଅପେକ୍ଷା ହୃଦୟାବେଗର କଂପନ ଅଧିକ ପରିଲକ୍ଷିତ ଏସବୁ ନାଟକରେ। ଯେପରି 'ଭୀମ ଭୋଇ' ଜଣେ ପ୍ରତୀକ ! ଯିଏ ମରନ୍ତି ନାହିଁ; ବା ଯାହାର ଶେଷ ନାହିଁ; ଭୀମ ଭୋଇମାନେ କାଳେ କାଳେ ଦୀପଶିଖା ହୋଇ ଜଳି ଆସିଥାନ୍ତି ଆଉ ନିଜେ ଜଳି ଦେଖାଉଥାନ୍ତି ଅନ୍ୟକୁ ଆଲୋକର ଉଜ୍ଜ୍ୱଳିତ ପଥ !

Digitized by srujanika@gmail.com

ନାଟ୍ୟକାରଙ୍କର 'ମୁଣ୍ଡ ଉପରେ ଛାତ' (୧୯୯୨) ନାଟକ କଥା ମନେପଡ଼ିଲା ବେଳକୁ ସ୍ୱତଃ ସ୍ମରଣକୁ ଆସିଯାଏ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'କୃଷକ ସଂଗୀତ' (୧୯୨୧)ର ସେଇ କେଇ ଧାଡ଼ି : "x x x କୃଷି ସିନା ସଂସାରରେ ସଭ୍ୟତାର ମୂଳ/ କୃଷି ଏକ ସକଳ ଜୀବିକାର ଚୂଳ। x x x ବୁଲୁଥିଲା ମାନବ ଦେଶ ଦେଶାନ୍ତର / କୃଷି ତାକୁ କହିଲା ରହି କରି ଘର / ସ୍ଥାୟୀ ଘରେ ଥିବାରୁ ସ୍ଥିର୍ ହେଲା ମନ / ତେବେ ସିନା କରିଛି ମାନବ ଉନ୍ନତି ସଂସାଧନ ହେ।" (କୃଷିର ଗୌରବ, କୃଷକ ସଂଗୀତ)। ଯେଉଁଠି ଭ୍ରାମ୍ୟମାଣ ଯାଯାବର ମଣିଷ ଦିନେ ସ୍ଥାୟୀ ହୋଇ ରହିବା ପାଇଁ କୃଷିକୁ ଆଦରି ଗଢ଼ିଥିଲା ସ୍ଥାୟୀବାସ ଏବଂ ଗଢ଼ିଥିଲା ମାନବସଭ୍ୟତା, ସେହି ସମାନ କଥାଟି ନାଟ୍ୟକାରଙ୍କ ନାଟକର ପ୍ରାକ୍‌ଭାଗରେ : ଯେଉଁଠି କାସ୍ପିଆନ୍ ହ୍ରଦକୂଳରୁ କଥାଟି ଆରମ୍ଭ ହୋଇଛି, ତାହା ପ୍ରାୟତଃ ସମଧର୍ମା। କିନ୍ତୁ କ୍ରମଶଃ ବିଘ୍ନିତ ସାମାଜିକତା, ସଚେତନତାର ଅଭାବରୁ ମଣିଷକୁ ଗ୍ରାସ କଲା ପ୍ରାକୃତିକ ବିପର୍ଯ୍ୟୟ। ପ୍ରକୃତି ଯେତିକି ଗ୍ରାସିତ ହେଲା, ସେତେ ଗଢ଼ି ଉଠିଲା ନୂତନ ସାର୍ଥପରତାର ବିଶ୍ୱ! ଆଉ ସୃଷ୍ଟି ହେଲା ଯାବତୀୟ ସଂଘର୍ଷର କାହାଣୀ। ଦୂଷିତ ହେଲା ପରିବେଶ; ବିପର୍ଯ୍ୟସ୍ତ ହେଲା ପ୍ରକୃତି; ବିନଷ୍ଟ ହେଲା ପର୍ଯ୍ୟାବରଣ; ମଣିଷ ହରାଇଲା ତା'ର ଐତିହ୍ୟ, ଗରିମା ଓ ସଭ୍ୟତା! 'ମୁଣ୍ଡ ଉପରେ ଛାତ' ଏକ ପର୍ଯ୍ୟାବରଣ ସଚେତକ ନାଟକ ବା 'Eco Theatre' ପର୍ଯ୍ୟାୟର ନାଟକ। ଯେଉଁଠି ପର୍ଯ୍ୟାବରଣ ନେଇ ଏକ ସଚେତନତାର ବାର୍ତ୍ତା; ବେଶ୍ ଜୀବନ୍ତ ଓ ପ୍ରାଣବନ୍ତ! ଏ ନାଟକରେ ପରିଣତିର ଆଶଙ୍କା ମଧ୍ୟ ସେଇ ସ୍ୱଭାବକବିଙ୍କ 'କୃଷକ ସଂଗୀତ' ଭିତରେ ମଧ୍ୟ ଅନୁରଣିତ: "ଅନ୍ନ ପାଇଁ ମାନବ ବୁଲଇ ଭୁବନେ/ ଅନ୍ନପାଇଁ ବିହଙ୍ଗ ଉଡ଼ଇ ଗଗନେ/ ପଶୁ ଅନ୍ନ ନିମନ୍ତେ ବୁଲେ ବନେ ବନେ/ ଅନ୍ନ ବିନା ଜଗତେ କେହି ତ ନପାରେ ରହି କ୍ଷଣେ ହେ। x x x ଅନ୍ନଘେନି ଜ୍ଞାନ ଯେ ଅନ୍ନଘେନି ଧ୍ୟାନ/ ଅନ୍ନଘେନି ମହତ୍ତ୍ୱ ଅନ୍ନଘେନି ମାନ/ ବିଦ୍ୟା ବୁଦ୍ଧି ଅନ୍ନରେ ଅନ୍ନରେ ବିଜ୍ଞାନ/ ଅନ୍ନ ନାହିଁ ଯହିଁରେ ମହୀରେ ସେ ଏକା ମରୁସ୍ଥାନ ହେ।" (ଅନ୍ନର ମହିମା, କୃଷକ ସଂଗୀତ)। କେବଳ ପର୍ଯ୍ୟାବରଣ ନୁହେଁ, ସାମାଜିକ, ରାଜନୀତିକ, ଆର୍ଥନୀତିକ ବିସଙ୍ଗତିକୁ ନାଟକ ଆଧାର କରିଛି। ନାଟ୍ୟକାରଙ୍କର 'ରାସ୍ତାନାହିଁ'ର କୃଷି ଓ କୃଷକର ସମସ୍ୟାର କଥାକୁ ମଧ୍ୟ ଏ ପ୍ରସଙ୍ଗରେ ସ୍ମରଣ କରାଯାଇପାରେ।

ନାଟ୍ୟକାରଙ୍କର ଅନ୍ୟ ଏକ ଉତ୍ତରିତ ସଫଳ ତ୍ରିଲୋଜି ହେଉଛି 'ଜଟାୟୁର ଛିନ୍ନ ଡେଣା' (୧୯୯୯)। ଏଥିରେ ସ୍ଥାନୀତ ହୋଇଛି 'କଲୁରିବେଣ୍ଟ', 'ମଇଁଷିର ପାଶ ନଯାଅ ଦନାଇ' ସହିତ 'ଜଟାୟୁର ଛିନ୍ନ ଡେଣା' ନାଟକ। ଭ୍ରଷ୍ଟ ରାଜନୀତିରେ ବିପର୍ଯ୍ୟୟର କଥାକୁ ଜଟାୟୁର ଛିନ୍ନ ଡେଣା ପ୍ରତୀକିତ କରୁଥିବା ସ୍ଥଳେ ଯାବତ୍ ଜୀବନ ମନ ଭିତରେ ରହିଯାଇଥିବା ଡରର ଉର୍ଦ୍ଧ୍ୱକୁ କିପରି ମଣିଷ ଅତିକ୍ରମ କରିପାରେନାହିଁ ଏବଂ ବିବେକକୁ

Digitized by srujanika@gmail.com

ବାରମ୍ବାର ହତ୍ୟା କରୁଥାଏ; ଅସହାୟତାର ତୀବ୍ରତାକୁ ବହନ କରି ତାହା ପ୍ରତିଫଳିତ ହୋଇଛି 'ମଇଁଷିର ପାଶ ନଯାଅ ଦନାଇ' ନାଟକରେ। ଏପରିକି 'ମୁଣ୍ଡଉପରେ ଛାତ' ଭଳି ପର୍ଯ୍ୟାବରଣର ସୁରକ୍ଷା ଆଧାରିତ ଅନ୍ୟ ଏକ ଚିତ୍ରକୁ ଆଧାର କରିଛି 'କଲୁରିବେଣ୍ଟ' ନାଟକ। ଅଭୟାରଣ୍ୟର ସଂଯୁକ୍ତ ଡାକବଙ୍ଗଳାର ଚୌକିଦାର ଜଣକ କିଭଳି ଅବାଧ ପଶୁଶିକାରକୁ ବିରୋଧ କରିବାକୁ ଯାଇ ପ୍ରତ୍ୟେକ ସ୍ତରରେ ପ୍ରତାରିତ ହୋଇଛି ଏବଂ ନ୍ୟାୟ ପାଇଁ ଲଢ଼େଇ କରି କରି ଶେଷରେ ହାରିଯାଇଛି – ସେହିଭଳି ଏକ ଭାବଧାରାକୁ ଭିତ୍ତିକରି ଗଢ଼ି ଉଠିଛି 'କଲୁରିବେଣ୍ଟ' ନାଟକ। ଯାହାର ଶୀର୍ଷକ ପ୍ରତୀକିତ କରେ ଓଡ଼ିଆ ଲୋକକାହାଣୀର ସେଇ କାଉଟିକୁ। ଯେଉଁ କାଉଟି କଲୁରିବେଣ୍ଟ ପାଇଁ ଅନେକ ହଇରାଣ ହରକତ ହେବା ପରେ ପରିଶେଷରେ ମୃତ୍ୟୁବରଣ କରିଛି। 'ଅଶ୍ୱିନୀକୁମାରଙ୍କ ଶେଷଦିନ' ସଂକଳନରେ ପ୍ରକାଶିତ ହେବାକୁ ଥିବା 'ଭିଟାମାଟି' ନାଟକରେ ମଧ୍ୟ ମାଟି ଖାଇ ଯାଉଥିବା ନଦୀ ଅଞ୍ଚଳର ପ୍ରାକୃତିକ ବିପର୍ଯ୍ୟୟ ଓ ଦାଦନ ଭଳି ସମସ୍ୟାରେ ସଂଯୁକ୍ତ ସମ୍ବେଦନଶୀଳତାର କଥା ବେଶ୍ ଭାବିତ କଲାଭଳି। ଏ ସମସ୍ତ ନାଟକକୁ 'Eco Theatre' ବା 'Environmental Play'ର ପର୍ଯ୍ୟାୟଭୁକ୍ତ କରାଯାଇପାରେ।

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କରଏକ ସ୍ୱତନ୍ତ୍ର ପର୍ଯ୍ୟାୟର ନାଟକକୁ ଏଠାରେ ଉଲ୍ଲେଖ କରାଯିବା ଉଚିତ। ତାହା ହେଉଛି ସାହିତ୍ୟିକ ପ୍ରତିଭାମାନଙ୍କର ଜୀବନ ଚରିତକୁ ଭିତ୍ତି କରିଥିବା ନାଟକ। ସେଭଳି ନାଟକ ଭିତରେ 'ସତ୍ୟ ସଂଶୟ ସାଲବେଗ' (୧୯୮୧), 'ଭୀମ ଭୋଇଙ୍କ ସନ୍ଧାନରେ' (୧୯୮୮), ଭାରତୀ କୁନ୍ତଳା (୨୦୧୦), 'ସରସ୍ୱତୀ ନଗେନ୍ଦ୍ରବାଳା' (୨୦୧୦) ଓ ଅଶ୍ୱିନୀକୁମାରଙ୍କ ଶେଷଦିନ (୨୦୧୬) ଭଳି ନାଟକ ଉଲ୍ଲେଖଯୋଗ୍ୟ। 'ସତ୍ୟ ସଂଶୟ ସାଲବେଗ'ରେ ଧର୍ମ ଏକ ପ୍ରତିବନ୍ଧକ ନୁହେଁ; ବା ଭକ୍ତି ପାଇଁ ସ୍ୱତନ୍ତ୍ର ଏକ ସଂପ୍ରଦାୟକୁ ଭିତ୍ତି କରିବା ଉଚିତ; ତାହା ବିରୁଦ୍ଧରେ ଏକ ସମ୍ବେଦନଶୀଳ ସାହିତ୍ୟିକ ହୃଦୟୋଚ୍ଛ୍ୱାସକୁ ଅନୁଭବ କରାଯାଇପାରେ। ଏହା ଏକ ପୂର୍ଣ୍ଣ ଚରିତମୂଳକ ନାଟକ ହୋଇଥିବା ସ୍ଥଳେ 'ଭୀମ ଭୋଇଙ୍କ ସନ୍ଧାନରେ' ଭୀମ ଭୋଇ ଜଣେ ପ୍ରତୀକ ବା ସଂକେତ ମାତ୍ର। ଯିଏ ଏକ ଚେତନାର ପ୍ରତିଭୂ ! ଅନ୍ୟ ପାଇଁ ଚିରକାଳ ନିଜକୁ ଉତ୍ସର୍ଗ କରି ଦେଉଥିବା ସ୍ୱର୍ଗୀୟ ଆତ୍ମାର ଉଜ୍ଜ୍ୱଳିତ ବିଦ୍ୟୁତ୍-ଆଲୋକ !

ଭାରତୀୟ ସାହିତ୍ୟର ବହୁ ଚର୍ଚ୍ଚିତ ପୁଣି ବିତର୍କିତ ଦୁଇଜଣ ଶ୍ରେଷ୍ଠ ନାରୀକବିଙ୍କୁ ନେଇ ନାଟ୍ୟକାର ଲେଖିଛନ୍ତି ଦୁଇଟି ନାଟକ, ଜଣେ ହେଲେ କୁନ୍ତଳାକୁମାରୀ ସାବତ; ଯିଏ ଅନେକ ସଂଘର୍ଷ କରିଛନ୍ତି ଜୀବନରେ; ଜଣେ ଛଳଛଳ କବିପ୍ରାଣ କିଭଳି ନିର୍ଝରଣୀ ଭଳି ବହିଯାଇଛି କବିତା ପାଇଁ; ପ୍ରେମ ପାଇଁ; ସେବା ପାଇଁ ସର୍ବୋପରି ସାହିତ୍ୟ ପାଇଁ ତାହା ହିଁ ନାଟକରେ ହୋଇଛି ପ୍ରତୀକିତ। ଠିକ୍ ସେହିଭଳି ବଙ୍ଗୀୟ ନାରୀକବି

Digitized by srujanika@gmail.com

ନଗେନ୍ଦ୍ରବାଳାଙ୍କ ସହିତ ରାଧାନାଥଙ୍କର ଅନୁରାଗ ଓ ବିରାଗର ଦୁଇ ଦିଗ ବେଶ୍ ସମାନ୍ତରାଳ ଭାବରେ ସନ୍ତୁଳିତ ହୋଇ ପ୍ରତିଫଳିତ ଓ ପରିବେଷିତ ହୋଇଛି ସରସ୍ୱତୀ ନଗେନ୍ଦ୍ରବାଳା ନାଟକରେ। ନଗେନ୍ଦ୍ରବାଳାଙ୍କ ପାରିବାରିକ ଜୀବନ ଓ ଆତ୍ମସଂଘର୍ଷ ଏବଂ ଆତ୍ମହତ୍ୟାର କାହାଣୀ ଭିତରେ ନିଷ୍କଳଙ୍କ କବିପ୍ରାଣର ଆକୁତିର ଚିତ୍ର ବେଶ୍ ସମ୍ବେଦନଶୀଳ। ଅନୁରୂପ ଭାବେ ନାଟ୍ୟକାର 'ଅଶ୍ୱିନୀକୁମାରଙ୍କ ଶେଷଦିନ' (ବର୍ତ୍ତିକା, ପୂଜା ସଂଖ୍ୟା-୨୦୧୬) ନାଟକରେ ଅଶ୍ୱିନୀକୁମାର ଘୋଷ କିଭଳି ଓଡ଼ିଆ ନାଟକ ପାଇଁ ପାଟଣା ବିଶ୍ୱବିଦ୍ୟାଳୟର ଗଣିତ ଅଧ୍ୟାପକର ଚାକିରିକୁ ହତାଦର କରି କଟକରେ ରହିବା ପାଇଁ ପ୍ୟାରୀମୋହନ ଏକାଡେମୀର ଗଣିତ ଶିକ୍ଷକତାକୁ ଆଦରି ନେଇଛନ୍ତି ଏବଂ ରାଧାକୃଷ୍ଣ ଥିଏଟରର ମାଲିକ ବନମାଳି ପତି ଏବଂ ନିର୍ଦ୍ଦେଶକ ବଲାଇଚାନ୍ଦ ବାନାର୍ଜୀଙ୍କ ନିର୍ଦ୍ଦେଶନାରେ ଗୋଟିଏ ପରେ ଗୋଟେ ନାଟକ ଦେଇ ଚାଲିଛନ୍ତି ଓଡ଼ିଶାକୁ, ତା'ର ସଫଳତାର କାହାଣୀ ସହ ବନମାଳି ପତିଙ୍କ ହତ୍ୟା ଏବଂ ରାଧାକୃଷ୍ଣ ଥିଏଟରକୁ କ୍ରୟ କରି ଚଳାଇବାର ଅସମର୍ଥତା ଏବଂ ତତ୍‌ଜନିତ ଆର୍ଥନୀତିକ ଦୁର୍ଭୋଗର ଚିତ୍ର ବେଶ୍ ବଳିଷ୍ଠତାର ସହ ଦୃଶ୍ୟାୟିତ ହୋଇଛି ନାଟକରେ। ଅଶ୍ୱିନୀକୁମାର ପରିଶେଷରେ ବାସହରା, ଚାକିରିହରା ଓ ଆର୍ଥିକ ଅନଟନର ଶିକାର ହୋଇ ଓଡ଼ିଶା ଛାଡ଼ି କଲିକତା ଚାଲିଯିବା ଏବଂ ପରେ ଜନ୍ମମାଟି ଓ ନାଟକର ମୋହରେ ପୁନଶ୍ଚ ଫେରିଆସି କଟକରେ ମୃତ୍ୟୁବରଣ କରିବାର କାହାଣୀ ନାଟକରେ ବେଶ୍ କାରୁଣ୍ୟ ଓ ଜୀବନ୍ତ। ଜଣେ କାଳ୍ପନିକ ନାୟିକା ସୁଚିତ୍ରା ସହ ଅଶ୍ୱିନୀକୁମାରଙ୍କ ସଂପର୍କ ଏବଂ ସେଇ ସବୁ ଶେଷଦିନର କାହାଣୀ ସହ ନାଟକର ବାତାବରଣ ବେଶ୍ ସଚେତନତା ତଥା ସମ୍ବେଦନଶୀଳତାର ସହ ବିଶ୍ଳେଷିତ ହୋଇଛି ନାଟକରେ!

ସାହିତ୍ୟିକ ଜୀବନଭିତ୍ତିକ ନାଟକୁ ବାଦ୍ ଦେଲେ ସପ୍ରସଙ୍ଗ ଏଠାରେ ଆଲୋଚନା କରାଯାଇପାରେ 'କଲମ୍ବସ୍' (୧୯୯୦) ନାଟକକୁ। ଐତିହାସିକ ପୃଷ୍ଠପଟ୍ଟର ଏ ନାଟକରେ କଲମ୍ବସ ଜଣେ ସ୍ୱପ୍ନବିଳାସୀ, ଦୁର୍ଦ୍ଦର୍ଶ ଓ ଦେଶପ୍ରେମୀ; ସେହିଭଳି ତାଙ୍କ ବ୍ୟକ୍ତିତ୍ୱର ଦୁଃଖ-ଯନ୍ତଣା-ପ୍ରତିବାଦ-ପ୍ରତିରୋଧ-ବୀରତ୍ୱକୁ ଏକତ୍ର ଅନୁଶୀଳନ କରାଯାଇପାରେ 'କଲମ୍ବସ' ନାଟକରେ। ଜୀବନର ଅନ୍ୟ ନାଁ ଜଳଯାତ୍ରା ତାହା ହିଁ ବଳିଷ୍ଠତାର ସହିତ ଚିତ୍ରିତ ହୋଇଛି ନାଟକରେ।

'ଶୂନ୍ୟଘର' (୧୯୯୫) ନାଟକ ସଂକଳନରେ ସଂକଳିତ ହୋଇଛି; 'ଶୂନ୍ୟଘର', 'ବରଗଛ', 'ସଂଧ୍ୟାର ଆଲୁଅ', 'ଦିନଦିନ ଶେଷଦିନ', ସେହିଭଳି 'ପଥ ବହୁଦୂର' (୨୦୧୦) ନାଟକ ସଂକଳନରେ ସଂକଳିତ ହୋଇଛି; 'ମୂକମୈନାକ', 'ଜନ୍ମଭୂମି', 'ଶୂନ୍ୟଘରର ସୀମା' ଓ 'ପଥ ବହୁଦୂର' ଶୀର୍ଷକ ନାଟକ। କ୍ଷମତା ଚାଲିଗଲା ପରେ ଜଣେ ଉଚ୍ଚପଦସ୍ଥ ଅଧିକାରୀ କିଭଳି ନିଜ ଅଧସ୍ତନ, ଅନୁଗତ ଏପରିକି ଉପକୃତ

Digitized by srujanika@gmail.com

କର୍ମଚାରୀମାନଙ୍କଠାରୁ ଅପମାନ ପାଏ; ଲାଞ୍ଛିତ ହୁଏ; ତାହା ହିଁ 'ବରଗଛ' ନାଟକର କେନ୍ଦ୍ରୀୟ ଭାବବସ୍ତୁ। ସମକାଳୀନ ସମସ୍ୟା ତଥା ପରିବାରରେ କନ୍ୟାମାନଙ୍କର ଅବହେଳା ଓ ଉପେକ୍ଷାର ଚିତ୍ତସଂଘର୍ଷକୁ 'ସଂଧ୍ୟାର ଆଲୁଅ' ପ୍ରତୀକିତ କରେ। ପାରମ୍ପରିକ ନାଟ୍ୟକଳା ଓ ବ୍ୟବସାୟୀକରଣ ନାଟ୍ୟକଳା ଭିତରେ ଏକ ସମାନ୍ତରାଳ ତୁଳନାର ଭିତ୍ତିରେ ଜଣେ ପାରମ୍ପରିକ ନାଟ୍ୟନିର୍ଦ୍ଦେଶକର ଦନ୍ୟତାର ଚିତ୍ର ନିଛକ ପ୍ରତିଫଳିତ ହୋଇଛି 'ଦିନଦିନ ଶେଷଦିନ' ନାଟକରେ। ପରିବାରରେ ପିତା ବୃଦ୍ଧ ହୋଇଗଲେ କିପରି ସମସ୍ତଙ୍କ ପାଇଁ ଅପାଂକ୍ତେୟ ହୋଇଯାଏ ଏବଂ ସେ ଯଦି ବ୍ୟାଧିଗ୍ରସ୍ତ ହୋଇଯାଏ ତେବେ କିଭଳି କଦର୍ଥନା ଭୋଗ କରିବାକୁ ପଡ଼େ, ସେହିଭଳି ସମକାଳୀନ ସମସ୍ୟା ଆଧାରିତ ଜଣେ ପକ୍ଷାଘାତଗ୍ରସ୍ତ ବାପା ପ୍ରତି ପୁଅ ଓ ବୋହୂଙ୍କର ଉପେକ୍ଷା ଓ ଅବହେଳାର ତୀବ୍ର ମାନସିକ ସଂଘର୍ଷର ଘଟଣାକୁ କେନ୍ଦ୍ର କରିଛି 'ଶୂନ୍ୟଘର' ନାଟକ। ନାଟକଟି କେତେକାଂଶରେ ନାଟ୍ୟକାର ରମେଶ ପାଣିଗ୍ରାହୀଙ୍କର 'ଧୃତରାଷ୍ଟ୍ରର ଆଖି' ନାଟକକୁ ସ୍ମରଣ କରାଇଦିଏ ସ୍ୱଭାବିକ ଭାବେ।

ପଢ଼ିଗତ ବ୍ୟବଧାନ ଓ ଚିନ୍ତନଗତ ବ୍ୟବଧାନର କଥାକୁ 'ମୂକମୈନାକ' ନାଟକରେ ଲକ୍ଷ୍ୟ କରାଯାଇପାରିବ। ପିତା ଆଦର୍ଶବାଦୀ ଡାକ୍ତର ହୋଇଥିବା ସ୍ଥଳେ ପୁତ୍ରର ବିତ୍ତଶାଳୀ 'ହେବାର ବିରୋଧାଭାବରେ ପିତାପୁତ୍ରର ଆଦର୍ଶଗତ ଭିନ୍ନତାକୁ ଲକ୍ଷ୍ୟ କରାଯାଇପାରିବ। ଜଣେ ମାନବଜାତିର କଲ୍ୟାଣ ପାଇଁ ନିଜକୁ ନିୟୋଜନ କରୁଥିବା ସ୍ଥଳେ ଅନ୍ୟ ଜଣକ ଚାହୁଁଛି ଧ୍ୱଂସସାଧନ। ପିଢ଼ିଗତ ବ୍ୟବଧାନ (Generation Gap)ର ଭାବ ଆଧାରିତ 'ମୂକମୈନାକ' ଧାରାରେ ପୂର୍ବୋକ୍ତ 'ଶୂନ୍ୟଘର' ନାଟକକୁ ସମାନ୍ତରାଳ ଭାବେ ସ୍ମରଣ କରାଯାଇପାରେ।

'Diaspora' ଓ 'Nostalgia' ଥିମ୍ ଆଧାରିତ ନାଟକ ହେଉଛି ନାଟ୍ୟକାରଙ୍କର 'ଜନ୍ମଭୂମି'। ଭାରତୀୟମାନେ କିଭଳି ବିଦେଶ ବିଭୂଇଁରେ ରହିଯାଉଛନ୍ତି; ସତ କନ୍ତୁ କିଭଳି ସେମାନେ ଝୁରି ହେଉଅଛି ଆପଣା ମାଟି ଓ ଆପଣାର ଲୋକଙ୍କୁ ତାହା ବେଶ୍ ନିଛକ ବର୍ଣ୍ଣିତ ହୋଇଛି 'ଜନ୍ମଭୂମି' ନାଟକରେ। ସେହିଭଳି 'ଯେତିକି ଦୃଶ୍ୟ ହୁଏ' (୨୦୧୭) ଯନ୍ତ୍ରସ୍ଥ ନାଟକ ସଂକଳନସ୍ଥ 'ପୁଣ୍ୟଭୂମିର ଧୂଳି' ନାଟକରେ ଠିକ୍ 'ଜନ୍ମଭୂମି' ନାଟକ ସଦୃଶ 'ନଷ୍ଟାଲଜିକ୍' ବା ମାଟିମନସ୍କ ଉପାଦାନ ସହିତ 'ଡାଏସ୍‌ଫୋରିକ୍' ବା ପ୍ରବାସରେ ସ୍ୱ ଭୂଇଁ ସଂପୃକ୍ତ ଉପାଦାନ ପ୍ରସଙ୍ଗ ପ୍ରମୁଖତା ଲାଭ କରିଛି।

ଉତ୍ତର ଆଧୁନିକ ଧାରାରେ ନାଟ୍ୟକାର ଅନେକ ବିଷୟ ଓ ଚିନ୍ତନକୁ ଏକତ୍ର କରିଛନ୍ତି ଅନେକ ନାଟକରେ। ସେହିଭଳି ନାରୀବାଦୀ (Feminism) ଚିନ୍ତନକୁ ବିରୋଧାତ୍ମକ ଭାବେ ଅଭିବ୍ୟଞ୍ଜିତ ହୋଇଥିବା ଲକ୍ଷ୍ୟ କରାଯାଇପାରେ ନାଟ୍ୟକାରଙ୍କର 'ପଥ ବହୁଦୂର' ନାଟକରେ। ପୁରୁଷାତାନ୍ତ୍ରିକ ସମାଜରେ ନାରୀର ପ୍ରଗତିରେ ବାଧକ ସାଜୁଥିବା ଚିନ୍ତାଧାରାର କଥାକୁ ବେଶ୍ ତୀବ୍ରତାର ସହିତ ବିଶ୍ଳେଷଣ କରାଯାଇଅଛି।

Digitized by srujanika@gmail.com

ନାଟକ କ୍ଷେତ୍ରରେ ବେଳେ ବେଳେ ବିଭିନ୍ନ 'ପ୍ରୟୋଗ' (Experiment) କରିଥାନ୍ତି ନାଟ୍ୟକାରମାନେ। ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ସେହିଭଳି ଏକ ନାଟ୍ୟ ପରିବେଷଣଗତ ପ୍ରୟୋଗକୁ ଲକ୍ଷ୍ୟ କରିପାରିବା ତାଙ୍କର 'ଜଳେ ଯେସନ ଚନ୍ଦ୍ରଛାଇ' ନାଟକରେ। ଏ ନାଟକରେ କେବଳ ନାରୀମାନେ ହିଁ ଅଭିନୟ କରିବା ଭଳି ନିର୍ଦ୍ଦେଶ ଏକ ସ୍ୱତନ୍ତ୍ର ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ। ଏ ନାଟକକୁ ମଧ୍ୟ ପୂର୍ବୋକ୍ତ 'ପଥବହୁ ଦୂର' ନାଟକର ଅନ୍ୟ ଏକ ରୂପାନ୍ତରଣ ଭାବେ ବିବେଚନା କରାଯାଇପାରେ। ଯେଉଁଠି ନାରୀ ଜଣେ ତା'ର ନିଜର ଅସ୍ତିତ୍ୱ, ଅସ୍ମିତା ଓ ପରିଚୟ ନେଇ ସତେ ଯେମିତି ସମାଜରେ ବଞ୍ଚିବାର ଅଧିକାର ନାହିଁ। ସେହିଭଳି ବିଘ୍ନିତ ନାରୀ-ଅସ୍ମିତାର କଥାକୁ ଉନ୍ମୋଚିତ କରିଛି 'ଜଳେ ଯେସନ ଚନ୍ଦ୍ରଛାଇ' ନାଟକ। ସେହିଭଳି ନାରୀ ସ୍ୱାଧୀନତା ଓ ସ୍ୱେଚ୍ଛାଚାରୀ ଭାବଧାରାକୁ ବ୍ୟଙ୍ଗାତ୍ମକ ଦୃଷ୍ଟିରେ ପରିବେଷଣ କରିଛି 'ରାଜଧାନୀରେ ମହିଳା ସମାବେଶ' ନାଟକ, ଯାହାକି 'ଯେତିକି ଦୃଶ୍ୟ ହୁଏ' ସଂକଳନରେ ସଂକଳିତ ହୋଇଛି।

'ବନ୍ଦିଶାଳାରେ ବିଶ୍ୱପତି' (୨୦୧୨) ସଂକଳନରେ ସଂକଳିତ ହୋଇଛି ପାଞ୍ଚଟି ନାଟକ, ଯଥା: 'ବନ୍ଦିଶାଳାରେ ବିଶ୍ୱପତି', 'ଅର୍ଦ୍ଧେକ ପୃଥିବୀ', 'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା', 'ଅରଣ୍ୟର ଅଶ୍ରୁ' ଏବଂ 'ଅବ୍ୟକ୍ତ ଅନେକ' ନାଟିକାଟିଏ।

ଉତ୍ତର ଆଧୁନିକ କାଳରେ ଈଶ୍ୱର-ଆସ୍ଥା ପ୍ରତି ଅନାସ୍ଥା ଭାବ ସହିତ ମଣିଷ ଭିତରେ ଅଧିକ ତାର୍କିକ ବିଚାରବୋଧ ବୃଦ୍ଧି ପାଇଛି, ଫଳତଃ ଅନେକତ୍ର ଲକ୍ଷ୍ୟ କରାଯାଇଛି ଯେ ଆଧ୍ୟାତ୍ମିକତା/ନୈତିକତା ଓ ସମ୍ବେଦନଶୀଳତା ବିସ୍ମୃତ ହୋଇଛି ଅନେକ କ୍ଷେତ୍ରରେ। 'ବନ୍ଦୀଶାଳାରେ ବିଶ୍ୱପତି' ନାଟକରେ ନିଜେ ଈଶ୍ୱର କିପରି ଅସମର୍ଥ; ଯିଏ ନିଜେ ବିଶ୍ୱର ନିୟନ୍ତା ଓ ଅଧିଶ୍ୱର, ତାଙ୍କୁ ପୂଜକ ଗୋଷ୍ଠୀ କିଭଳି ନଚାଉଛନ୍ତି ନିଜ ମନମୁତାବକ। ଧର୍ମୀୟ ଆସ୍ଥା ଉପରେ କୁଠାରଘାତ ଏବଂ ବିଶ୍ୱନିୟନ୍ତାଙ୍କ ଅସହାୟତାକୁ ଲକ୍ଷ୍ୟ କରିପାରିବା ଏ ନାଟକରେ। ସତେକି ବିଶ୍ୱନିୟନ୍ତା ମନ୍ଦିର ରୂପକ ବନ୍ଦିଶାଳାରେ ବନ୍ଦୀ! ଭକ୍ତ ଓ ଭଗବାନ ଭିତରେ ପ୍ରାଚୀର ପୂଜକ ଓ ସେବାକାରୀ ଗୋଷ୍ଠୀ। 'ଅଶ୍ୱିନୀକୁମାରଙ୍କ ଶେଷଦିନ' ନାଟକ ସଂକଳନରେ ସଂକଳିତ ହେବାକୁ ଥିବା 'ଦେବୀପୀଠ' ସେହିଭଳି ଅନ୍ୟ ଏକ ନାଟକ। ଯେଉଁଥିରେ ଧର୍ମପୀଠରେ ହେଉଥିବା ଶୋଷଣ, ଭ୍ରଷ୍ଟାଚାର ଓ ଭଣ୍ଡାମୀର ଚିତ୍ରକୁ ବେଶ୍ ନିର୍ଭୀକ ଭାବେ ପରଶିଛନ୍ତି ନାଟ୍ୟକାର।

ମୁକ୍ତ ପିଲାଦିନ; ସୁରମ୍ୟ ପୃଥିବୀ; ଆବେଗ ବିଜଡ଼ିତ ଚପଳତା; ସ୍ୱାଧୀନ ଜୀବନଟିଏ ଆଜିକାଲି ଦେଖି ପାରୁନାହାନ୍ତି ପିଲାମାନେ; ତାଙ୍କ ଉପରେ ଲଦି ଦିଆଯାଇଛି ପାଠ ଓ ପ୍ରତିଯୋଗିତାର ବୋଝ! ସେଥିପାଇଁ ଅର୍ଦ୍ଧେକ ପୃଥିବୀ ସେମାନଙ୍କ ପାଇଁ ରହିଯାଉଛି ଅଣଦେଖା। ପାରିବାରିକ ସଂପର୍କ; ପ୍ରକୃତି ସହିତ ଆତ୍ମୀୟତା; ପରମ୍ପରା ଓ ସଂସ୍କୃତି ପ୍ରତି

Digitized by srujanika@gmail.com

ଆସ୍ଥା ଭାବ; ଏସବୁରୁ ବଞ୍ଚିତ ରହିଯାଉଛନ୍ତି କୋମଳମତି ଶିଶୁମାନେ ଜନ୍ମପରଠାରୁ। ଫଳତଃ ଏକ ଅପୂର୍ଣ୍ଣ ମାନବରେ ସେମାନେ ହେଉଛନ୍ତି ରୂପାନ୍ତରିତ ! ସମକାଳୀନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଏକ ବିଷୟ 'ନୂତନପିଢ଼ି'ର ଭଙ୍ଗୁରତାକୁ ଆଧାର କରିଛି 'ଅର୍ଦ୍ଧେକ ପୃଥିବୀ' ନାଟକ। ଅନୁରୂପ ଭାବରେ ମଣିଷ କିଭଳି ଯନ୍ତ୍ରମାନବରେ ପରିଣତ ହୋଇଗଲାଣି, ସେଇ କଥାଟି ନାଟ୍ୟକାରଙ୍କର ଯନ୍ତସ୍ତ 'ଯେତିକି ଦୃଶ୍ୟ ହୁଏ' ନାଟକ ମଧ୍ୟରେ ବେଶ୍ ସ୍ପଷ୍ଟ।

'କଲୁରିବେଣ୍ଟ' ନାଟକରେ ଯେଉଁ ଦୁର୍ଭୋଗ ଭୋଗିଛି ଚୌକିଦାର ଜଣକ, ସେଇଭଳି ଭାବଧାରା ଦ୍ୱାରା ସୃଜିତ ହୋଇଛି 'ଜଣେ ବିଚାରାଧୀନ ବନ୍ଦୀ' ନାଟକ। କିଭଳି ବିନା ବିଚାର ଓ ନ୍ୟାୟ ଦିଆ ନଯାଇ ଜେଲ୍ ଭିତରେ ଜଣେ ମଣିଷକୁ କଟାଇବାକୁ ହୋଇଛି ବର୍ଷ ପରେ ବର୍ଷ। ନକ୍ସଲ ସନ୍ଦେହରେ ବନ୍ଦୀ ହୋଇଥିବା ଜଣେ ସାଧାରଣ ସରଳ ଗ୍ରାମୀଣ ମଣିଷ କିଭଳି ପେଶି ହୋଇଯାଇଛି ପୋଲିସ୍, ପ୍ରଶାସକ, ରାଜନେତା, ତଥା ସାଧାରଣ ଲୋକଦୃଷ୍ଟିରେ; ତା'ରି ଅନୁଦ୍‌ଘାଟିତ ଅକୁହା କଥାର ବେଦନା ହିଁ 'ଜଣେ ବିଚରାଧୀନ ବନ୍ଦୀ' ନାଟକର ମୌଳିକ ସ୍ୱର।

'ଅବ୍ୟକ୍ତ ଅନେକ' ଏକ ଛୋଟ ନାଟିକା; ଯେଉଁଥିରେ ଅର୍ଥର ଆବଶ୍ୟକତାରୁ କିଭଳି ଲେଖକମାନେ ଚଳଚ୍ଚିତ୍ର ପ୍ରଯୋଜକମାନଙ୍କୁ ପୂରାପୂରି ବିକ୍ରି କରିଦିଅନ୍ତି ତାଙ୍କ କାହାଣୀ ଏବଂ ଯେଉଁଥିରେ ତାଙ୍କର ସ୍ୱତ୍ୱ ମଧ୍ୟ ରୁହେ ନାହିଁ; ସେହିଭଳି ଏକ ପୃଷ୍ଠଭୂମିକୁ ଆଧାର କରି 'ଅବ୍ୟକ୍ତ ଅନେକ' ନାଟିକାର ରୂପାୟଣ।

'ମୁଣ୍ଡ ଉପରେ ଛାତ'ରେ ଯେଉଁଭଳି ଏକ କୃଷିହୀନ ବାସହୀନ ହେବା ଭଳି ସମସ୍ୟାର ଉତ୍‌ଥାପନ କରାଯାଇଥିଲା ତା'ର କରୁଣ ପରିଣତିକୁ ଦେଖାଯାଇପାରେ 'ଅରଣ୍ୟର ଅଶ୍ରୁ' ନାଟକରେ। 'ଜନଜାତୀୟ ବିସ୍ଥାପନ' (Tribal Displacement) ହେଉଛି ଏ ନାଟକର ମୂଳ ବିଷୟ। ନାଟକକୁ ଉଭୟ 'ପୌରାଣିକ' ଓ 'ଆଧୁନିକ' ଏଭଳି ଦୁଇଟି ପ୍ରସଙ୍ଗ (Context)ରେ ଦେଖି ହେବ। ଝିମାଣିଶାଳା/ ଅସ୍ତ୍ର ନିର୍ମାଣଶାଳା ପାଇଁ ଅରଣ୍ୟଭୂମିରେ ବସବାସ କରୁଥିବା ଜନଜାତି ମଣିଷଙ୍କୁ ବିସ୍ଥାପିତ କରି ଅରଣ୍ୟ ଭିତରକୁ ଚାଲିଯିବାପାଇଁ ଦୁର୍ଯ୍ୟୋଧନ ଦେଉଛନ୍ତି ନିର୍ଦ୍ଦେଶ। ସଂପ୍ରତି ସମଗ୍ର ଭାରତରେ ଘଟୁଥିବା ଜନଜାତୀୟ ବିସ୍ଥାପନ ଓ ଉଦ୍‌ବାସ୍ତୁ ସମସ୍ୟା ଏବଂ ତତ୍‌ଜନିତ ସଂଘର୍ଷର ଚିତ୍ରକୁ ମହାଭାରତୀୟ ଓ ସମକାଳୀନ ଭାରତୀୟ ପୃଷ୍ଠଭୂମିରେ ସଂଦର୍ଶନ କରାଯାଇପାରିବ 'ଅରଣ୍ୟର ଅଶ୍ରୁ'ରେ; ଯେଉଁ ଅଶ୍ରୁ ଶୁଖେ ନାହିଁ କେବେ; କିମ୍ବା ଦିଆଯାଏ ନାହିଁ ଶୁଖିବାକୁ !

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ଲେଖିଛନ୍ତି ବିଭିନ୍ନ ଭାବଧାରାର ନାଟକ। ତାଙ୍କର ଅନ୍ୟ ଏକ ଶକ୍ତିଶାଳୀ ଭାବ ବିଭବ ହେଉଛି ଭ୍ରଷ୍ଟ ରାଜନୀତିକ ବାତାବରଣ। ସେଇ ଭାବବସ୍ତୁକୁ କେନ୍ଦ୍ରକରି ପ୍ରକାଶୋନ୍ମୁଖୀ ନାଟ୍ୟ ସଂକଳନ 'ଅଶ୍ୱିନୀକୁମାରଙ୍କ ଶେଷଦିନ'ରେ ସଂକଳିତ ହୋଇଛି 'ଛାୟାଚନ୍ଦ୍ରିକାଙ୍କ ପ୍ରତିମୂର୍ତ୍ତି'। ଯେଉଁ ନାଟକଟି ଭାରତର

Digitized by srujanika@gmail.com

ଜଣେ ପ୍ରତିଷ୍ଠିତ ରାଜନୀତିକ ନେତ୍ରୀଙ୍କ ଜୀବନଧାରା ଓ ଚିନ୍ତନକୁ ଅଭିବ୍ୟଞ୍ଜିତ କରେ। ସେହିଭଳି ଅନ୍ୟ ଏକ ଶାସକ, ସିଂହାସନ ଓ ରାଜନୀତିକ ବାତାବରଣକୁ କେନ୍ଦ୍ରକରି ରଚିତ ହୋଇଥିବା ନାଟକ ହେଉଛି 'କ୍ରୀତଦାସଙ୍କ ରାଜ୍ୟରେ ଈଶ୍ୱର ପୁତ୍ର' ନାଟକ। ନାଟକଟି ସଂକଳିତ ହୋଇଛି ନାଟ୍ୟକାରଙ୍କ ପ୍ରକାଶୋନ୍ମୁଖୀ 'ଯେତିକି ଦୃଶ୍ୟ ହୁଏ' ନାଟ୍ୟ ସଂକଳନରେ।

ପ୍ରାୟ ଷୋହଳ ଖଣ୍ଡ ନାଟକ ସଂକଳନ ଭିତରେ ଗ୍ରଥିତ ହୋଇ ରହିଛି ପ୍ରାୟ ଅର୍ଦ୍ଧଶତକ ନାଟକ। ଯାହାର ପୂର୍ଣ୍ଣ ସୂଚନା ଦେବା ଏ 'ଭୂମିକା'ରେ ସହଜ କିମ୍ବା ସୁସଞ୍ଚ ମନେ ହେବନାହିଁ। କେବଳ ନାଟ୍ୟକାରଙ୍କ ନାଟ୍ୟ ଜିଜ୍ଞାସାକୁ ପାଠକୀୟ ଜିଜ୍ଞାସା ସହିତ ଯୋଡ଼ି ଧରିବା ପାଇଁ ଏ ଅଗ୍ରଲେଖର ଆବଶ୍ୟକତାକୁ ଅନୁଭବ କରାଯାଇଅଛି।

ମୌଳିକ ନାଟକ ବ୍ୟତୀତ ନାଟ୍ୟକାରଙ୍କର ରହିଚି ତିନିଟି ଅନୂଦିତ ନାଟକ। ଫିଓଡ଼ର ଦସ୍ତୋଭସ୍କିଙ୍କର ନାଟକ ଆଧାରରେ 'ପାହାଡ଼ର ଅନ୍ୟରୂପ'; ଆଣ୍ଟନ୍ ଚେକଭ୍‌ଙ୍କର ନାଟ୍ୟାଧାରରେ 'ଅନ୍ଧଦ୍ୱିପ୍ରହର' ଏବଂ ଶିଶିର ଦାସଙ୍କ ବଙ୍ଗଳା ନାଟକର ଓଡ଼ିଆ ଅନୁବାଦ ଭାବେ 'ସକ୍ରେଟିସ୍‌ଙ୍କ ଜମାନବନ୍ଦୀ' ନାଟ୍ୟକାରଙ୍କୁ ଆଣିଦେଇଛି ନୂତନ ପରିଚୟ ଓ ଅନେକ ସଫଳତା।

ନାଟ୍ୟକାର ହରିଚନ୍ଦନ ନାଟ୍ୟଭାବ(Dramatic Theme)ର ପୁନରାବୃତ୍ତିରେ ବିଶ୍ୱାସ ରଖନ୍ତି ନାହିଁ। ଏପରିକି ଗତାନୁଗତିକ ଭାବକୁ ଆଧାର କରି ମଧ୍ୟ ନାଟକ ଲେଖିବାରେ ସେ ବିଶ୍ୱସ୍ତ ନୁହନ୍ତି। ସବୁବେଳେ ସମକାଳୀନ ସମସ୍ୟା ଆମେ ଦେଖିପାରିବା ତାଙ୍କ ନାଟ୍ୟଭୂମିର କେନ୍ଦ୍ରରେ। ତାହା ପୌରାଣିକ ହେଉ, ଐତିହାସିକ ହେଉ, ଚରିତମୂଳକ ହେଉ ଅବା ଅନ୍ୟ ସାମାଜିକ ଭାବ ଆଧାରିତ ନାଟକ ହେଉ ପଛକେ; ନାଟ୍ୟକାରଙ୍କର ନାଟ୍ୟଶିଳ୍ପରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଏକକ ହେଉଛି ତାଙ୍କର 'ଚରିତ୍ରାୟନ' (Characterisation) ଏବଂ ଓଜସ୍ୱିନୀ ସଂବାଦ ସହିତ ଦୀର୍ଘ ସଂଳାପର ସଂଯୁକ୍ତି। ତେଣୁ ଅନେକ ସମୟରେ ସେସବୁ ଅଧିକ ପାଠକୀୟତା ଓ ଆଦୃତି ଲାଭ କରିଛି। ପାଠକୀୟତା ଦୃଷ୍ଟିରୁ ନାଟକଗୁଡ଼ିକ ସତରେ ସ୍ୱତନ୍ତ୍ର ଓ ଅନନ୍ୟ।

ଉତ୍ତର ଆଧୁନିକ (Post Modern) ନାଟ୍ୟକାର ଭାବେ 'ଇତିହାସ ଓ ମିଥ୍‌ର ନବମୂଲ୍ୟାୟନ' (Re-evalutation of Myth & History), 'ନବ୍ୟ-ଐତିହାସିକବାଦ' (New Historicism), 'ଆତ୍ମସ୍ୱୀକୃତିମୂଳକ ଅନୁଶୀଳନ' (Confessional View), 'ଜୀବନୀମୂଳକ ପ୍ରେକ୍ଷା' (Biographical Context), 'ନାରୀବାଦୀ ଭାବନା' (Feministm view), 'ଦଳିତ ବିମର୍ଶ' (Dalit Issues) ଭଳି ପ୍ରେକ୍ଷାର ଅନୁଶୀଳନ ସହିତ 'ପିଢ଼ିଗତ ବ୍ୟବଧାନ' (Generation Gap), 'ପ୍ରବାସରେ

Digitized by srujanika@gmail.com

ଜନ୍ମମାଟିର ଆତ୍ମସଂପୃକ୍ତି' (Diaspora), 'ମାଟିପ୍ରିୟତା' (Nostalgia), 'ଉଦ୍‌ବାସ୍ତୁ ଓ ବିସ୍ଥାପନ ସମସ୍ୟା' (Displacement), 'ନକ୍ସଲବାଦ' (Naxalism), ପର୍ଯ୍ୟାବରଣ କୈନ୍ଦ୍ରିକ ସଚେତନତା (Eco/Environmental Awarness) ଭଳି ସମକାଳୀନ ବିବିଧ ପ୍ରେକ୍ଷା ଓ ସମସ୍ୟାଗୁଡ଼ିକୁ ନାଟକସମୂହରେ ଅନୁଶୀଳନ କରାଯାଇପାରେ ।

ପ୍ରଥମେ ଜଣେ କବି, ଜଣେ ନାଟ୍ୟ-ସମାଲୋଚକ, ନାଟ୍ୟତତ୍ତ୍ୱବିତ୍, ନାଟ୍ୟକାର, ଭାଷାବିତ୍, ସର୍ବୋପରି ଜଣେ ସଫଳ ଅନୁବାଦକ, ସଂପାଦକ ଓ କୋଷଗ୍ରନ୍ଥକାର ତଥା ଶିକ୍ଷାବିତ୍ ଭାବେ ସଫଳ ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର ଅଦ୍ୟାବଧି ୧୦ ଖଣ୍ଡରୁ ଊର୍ଦ୍ଧ୍ୱ କବିତା ପୁସ୍ତକ; ୧୬ ଗୋଟି ନାଟକ ପୁସ୍ତକରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ନାଟକ, ଓଡ଼ିଆ ଓ ଇଂରେଜୀରେ ପ୍ରାୟ ୧୫ ଖଣ୍ଡରୁ ଊର୍ଦ୍ଧ୍ୱ ସମାଲୋଚନା ପୁସ୍ତକ; ୨ଟି କୋଷଗ୍ରନ୍ଥ; ୯ରୁ ଊର୍ଦ୍ଧ୍ୱ ଅନୂଦିତ ଗ୍ରନ୍ଥ; ୭ରୁ ଊର୍ଦ୍ଧ୍ୱ ସଂକଳନ/ ସଂପାଦନା ଗ୍ରନ୍ଥ ତାଙ୍କ ସାହିତ୍ୟିକ ଅବଦାନ ଭାବେ ସ୍ୱୀକୃତିର ସୂଚକ ଅଟେ । ସେହିଭଳି ତାଙ୍କ ସାହିତ୍ୟିକ ଜୀବନର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସେ ସଂପୂର୍ଣ୍ଣ ସାରଳା ମହାଭାରତର ଅନ୍ୟତମ ହିନ୍ଦୀ ଗଦ୍ୟାନୁବାଦକ । ଯେଉଁ କର୍ମ ପାଇଁ ସେ ସର୍ବଦା ଭାରତୀୟ ସାହିତ୍ୟରେ ସ୍ମରଣୀୟ ହୋଇ ରହିବେ । ଅଦ୍ୟାବଧି ଚଳଚଞ୍ଚଳ ତାଙ୍କର ଲେଖନୀରେ ଲିଖିତ ହୋଇଛି ଅନେକ କବିତା, ନାଟକ, ପ୍ରବନ୍ଧ, ଲଘୁ ପ୍ରବନ୍ଧ, ଭ୍ରମଣକାହାଣୀ, ଆତ୍ମସ୍ମୃତିର ଅଂଶ ସମୂହ ।

'ନୀଳାଦ୍ରିଭୂଷଣ ନାଟ୍ୟଜିଜ୍ଞାସା'ର ପରିକଳ୍ପନା ମନ ଭିତରେ ସବୁବେଳେ ରହିଥିଲା; ସେଥିରେ ପୂର୍ଣ୍ଣ ସହାୟକ ସାଜିଲେ ମୋର ସତୀର୍ଥ ଅଧାପକ ବନ୍ଧୁ ଡ. ପ୍ରଦୋଷ କୁମାର ସ୍ୱାଇଁ । ଏ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବାରେ ତାଙ୍କର ସାହାଯ୍ୟ ବେଶ୍ ପ୍ରଶଂସନୀୟ । ଓଡ଼ିଶାର ତଥା ଓଡ଼ିଶା ବାହାରେ ରହୁଥିବା ସ୍ୱନାମଧନ୍ୟ ଲେଖକ ତଥା ସମାଲୋଚକଙ୍କୁ ଆମେ ଅନୁରୋଧ କରିଥିଲୁ ତାଙ୍କ ନାଟ୍ୟ ପ୍ରତିଭାର ଗୋଟିଏ ଗୋଟିଏ ପ୍ରେକ୍ଷା ସଂପର୍କିତ ଲେଖା ପାଇଁ । ପ୍ରାୟ ସମସ୍ତେ ଆମର ଅନୁରୋଧକୁ ଆଦରରେ ଗ୍ରହଣ କରି ଲେଖା ପଠାଇଥିବାରୁ ଆମେ ଏଇ ପ୍ରକାଶନ ଅବସରରେ ସମସ୍ତଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ । ଏଥି ସହିତ କେତେଜଣ ନବୀନ ଉଦୀୟମାନ ସମାଲୋଚକ ଓ ଗବେଷକ ମଧ୍ୟ ଆମର ଅନୁରୋଧକୁ ରକ୍ଷା କରି ଲେଖା ଦେଇଥିବାରୁ ସେମାନଙ୍କୁ ମଧ୍ୟ ଆମର ବିଶେଷ ଧନ୍ୟବାଦ । ନାଟ୍ୟକାର ପ୍ରଫେସର ସମର ମୁଦାଲିଙ୍କ ଦ୍ୱାରା ସଂକଳିତ 'ମୁଁ ଓ ମୋ ନାଟ୍ୟ ଜୀବନ' (୨୦୧୩) ଏବଂ 'ମୁଁ ଓ ମୋ ନାଟକ' (୨୦୧୪) ପୁସ୍ତକ ମଧ୍ୟରୁ ନାଟ୍ୟକାରଙ୍କ ସ୍ୱ ଲିଖିତ ଦୁଇଟି ଅଂଶକୁ ଆମେ ଏହି ସଂପାଦିତ ଗ୍ରନ୍ଥର 'ପରିଶିଷ୍ଟ'ରେ ସଂଯୋଗ କରିବା ନିମନ୍ତେ ପ୍ରଫେସର ମୁଦାଲି ଆମକୁ ସ୍ୱୀକୃତି ପ୍ରଦାନ କରିଥିବାରୁ; ଆମେ ଏ ଅବସରରେ ତାଙ୍କୁ ଆମର କୃତଜ୍ଞତା ଜଣାଉଛୁ ।

Digitized by srujanika@gmail.com

ଏ କାର୍ଯ୍ୟରେ ଆମକୁ ବିଭିନ୍ନ ସ୍ତରରେ ସାହାଯ୍ୟ କରିଥିବା ବିଭାଗର ଗବେଷକ ଶ୍ରୀଯୁକ୍ତ କୁନା ସୁନା ଓ ଡିଟିପି କାର୍ଯ୍ୟରେ ଅକୁଣ୍ଠ ସାହାଯ୍ୟ ପ୍ରଦାନ କରିଥିବା ଶ୍ରୀମାନ୍ ଲକ୍ଷ୍ମୀକାନ୍ତ ଖଟୁଆଙ୍କୁ ଆମର ସାଧୁବାଦ ।

'ନୀଳାଦ୍ରିଭୂଷଣ ନାଟ୍ୟଜିଜ୍ଞାସା'ର ପରିକଳ୍ପନାକୁ ହାର୍ଦ୍ଦିକ ସ୍ୱୀକୃତି ଦେଇ ଅକୁଣ୍ଠ ଯଥୋଚିତ ସାହାଯ୍ୟର ହାତ ବଢ଼ାଇଥିବା ପୂଜ୍ୟ ଗୁରୁ ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ପାଖରେ ଆମେ ଚିରଋଣୀ ହେବାର ସ୍ୱୀକାର କରୁଛୁ ।

ପରିଶେଷରେ 'ନୀଳାଦ୍ରିଭୂଷଣ ନାଟ୍ୟଜିଜ୍ଞାସା'ରେ ଆମର ଜିଜ୍ଞାସା, ଅନ୍ୟମାନଙ୍କର ଜିଜ୍ଞାସା ଏକତ୍ର ସଫଳ ହେବ ବୋଲି ଆମେ ଆଶା କରୁଛୁ । ଜଣେ ଓଡ଼ିଆ ନାଟ୍ୟକାର ଯିଏ ଓଡ଼ିଆ ନାଟକ ଇତିହାସ ଗ୍ରନ୍ଥର ଲେଖକ ହେବା ସହିତ ସଚେତନ ନାଟ୍ୟତତ୍ତ୍ୱବିତ୍ ଏବଂ ନାଟ୍ୟ ସମାଲୋଚକଙ୍କର ନାଟ୍ୟଜିଜ୍ଞାସା ପରବର୍ତ୍ତୀ ଗବେଷଣା ଓ ସାହିତ୍ୟିକ ଅନୁଶୀଳନ କ୍ଷେତ୍ରରେ ସହାୟକ ହେଲେ ଏ ସଂପାଦକ ଦ୍ୱୟଙ୍କ ଶ୍ରମ ଅବଶ୍ୟ ସାର୍ଥକ ହେବ... ।

ଆଲୋକ ବରାଳ

Digitized by srujanika@gmail.com

ଗ୍ରନ୍ଥ ପ୍ରବେଶ

ସ୍ରଷ୍ଟା ଜୀବନର ପ୍ରାକ୍ ପର୍ଯ୍ୟାୟରେ ଜଣେ ନିରୁତା କବି ଭାବେ ଆତ୍ମପ୍ରକାଶ କରିଥିବା ନୀଳାଦ୍ରିଭୂଷଣଙ୍କ ସୃଜନ ପ୍ରତିଭା ଅଶୀ ପରବର୍ତ୍ତୀ କାଳରେ ନାଟକର ରସାଳ ସାଗର ମଧ୍ୟରେ ଆତ୍ମନିୟୋଗ କରି ଅଗଣିତ ଓଡ଼ିଆ ନାଟ୍ୟମୋଦିମାନଙ୍କ ପରିତୃପ୍ତି ପାଇଁ ନୀରବଚ୍ଛିନ୍ନ ଭାବେ ପରଶି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ନାଟକ । ବୟସର ଅପରାହ୍ଣରେ ଉପନୀତ ଏହି ସୃଷ୍ଟିଶୀଳ ସୃଜନ-ସାଧକଙ୍କ ଲେଖନୀ ଆଜି ମଧ୍ୟ ସାମ୍ପ୍ରତିକ ମଣିଷର ଜୀବନକାହାଣୀକୁ ନାଟକର କାନ୍‌ଭାସ୍‌ରେ ତୋଳି ଧରିବାରେ ଖୁବ୍ ସମର୍ଥ । ସାହିତ୍ୟକୁ ଉଭୟ ପେସା ଓ ନିଶା ଭାବେ ଗ୍ରହଣ କରି ଆସିଥିବା ନୀଳାଦ୍ରିଙ୍କ ସ୍ରଷ୍ଟାମାନସ, ସମ୍ମାନ, ପୁରସ୍କାର ଓ ଉପଢୌକନ ପାଇଁ ସାହିତ୍ୟ ସାଧନା କରିନାହିଁ, ବରଂ ଆଧୁନିକ ମଣିଷର ସୁଖ-ଦୁଃଖ, ଆଶା-ନିରାଶା, ଆଦର୍ଶ-ଅନାଦର୍ଶ, ପାପ-ପୁଣ୍ୟ ତଥା ସ୍ୱପ୍ନ ଓ ସଂଭାବନାକୁ ନେଇ ନାଟକ ମାଧ୍ୟମରେ ଜୀବନ ଜିଇବା ପାଇଁ ଅଭିନବ ଖୋରାକ ଯୋଗାଇ ଆସିଛି । ଜଣେ ସ୍ରଷ୍ଟା ଭାବରେ ସମାଜ ପ୍ରତି ଥିବା ଦାୟିତ୍ୱବୋଧକୁ ସେ ଆଜିଯାଏଁ ସୁଚାରୁ ଭାବରେ ତୁଲେଇ ଆସିଛନ୍ତି । ତେଣୁ ଆମ ସମାଜର ପ୍ରତ୍ୟେକ ବର୍ଗର ପାଠକ ବା ଦର୍ଶକ ନିଜକୁ ଆବିଷ୍କାର କରନ୍ତି ତାଙ୍କ ନାଟକଗୁଡ଼ିକରେ । ଜଣେ ସାହିତ୍ୟିକ ଭାବରେ ନୀଳାଦ୍ରିଭୂଷଣ ଯେତିକି ସମ୍ବେଦନଶୀଳ, ସାଧାରଣ ବ୍ୟକ୍ତି ଭାବରେ ସେ ସେତିକି ସ୍ନେହୀ, ଉଦାର ଓ ସ୍ପର୍ଶକାତର ମଧ୍ୟ । ତାଙ୍କ ଜୀବନର ଚଲାପଥରେ ଅନେକ ଘାତ-ପ୍ରତିଘାତ, ବାଧାବିଘ୍ନ ଆସିଛି ସତ ହେଲେ କେବେ ମଧ୍ୟ ସେ ସେଥିପାଇଁ ବିଚଳିତ ହୋଇନାହାଁନ୍ତି । ଅଧିକନ୍ତୁ ଅପୂର୍ବ ଧୈର୍ଯ୍ୟ ଓ ବିପୁଳ ସାହସର ସହ ସେଗୁଡ଼ିକୁ ସମ୍ମୁଖୀନ ହୋଇଛନ୍ତି । ଶାନ୍ତିନିକେତନର ସାରସ୍ୱତ ତପୋବନକୁ ଅଧ୍ୟାପନାର କ୍ଷେତ୍ର ଭାବେ ଗ୍ରହଣ କରି ସେବାନିବୃତ୍ତ ହୋଇଥିବା ନାଟ୍ୟକାର ନୀଳାଦ୍ରିଭୂଷଣ ନିଜ କର୍ମମୟ ଜୀବନ ମଧ୍ୟରେ ଅନେକ ସୁଛାତ୍ର ଓ ଗବେଷକଙ୍କୁ ଗଢ଼ିଛନ୍ତି । ଏହି ଲେଖକ ସେହି ମହାନ ଶିକ୍ଷକଙ୍କଠାରୁ ପ୍ରତ୍ୟକ୍ଷ ଶିକ୍ଷା ଗ୍ରହଣ କରିବାର ସୌଭାଗ୍ୟ ଲାଭ କରିନାହିଁ ସତ, କିନ୍ତୁ ପରୋକ୍ଷ ଭାବେ ଅନେକ ଜ୍ଞାନ ଓ ମୂଲ୍ୟବାନ୍ ପରାମର୍ଶ ଲାଭ କରି ଆସିଛି । ଛାତ୍ର ଅବସ୍ଥାରୁ ହିଁ ନାଟ୍ୟକାରଙ୍କ ସୃଷ୍ଟିସମ୍ଭାର ସହ ନିବିଡ଼ ପରିଚୟ ଥିବା ସତ୍ତ୍ୱେ ବ୍ୟକ୍ତିଗତ ସାକ୍ଷାତ୍ ସ୍ନାତକୋତ୍ତର ଶ୍ରେଣୀରେ ପଢୁଥିବା ସମୟରେ ସମ୍ଭବ ହୋଇଥିଲା ।

Digitized by srujanika@gmail.com

ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ତଥା କିଛି ପାଠଚକ୍ର ସମାବେଶରେ ଏକାଧିକ ଥର ତାଙ୍କ ସହ ମୋର ସାକ୍ଷାତ୍ ହୋଇଛି। ପ୍ରତ୍ୟେକ ସାକ୍ଷାତ୍‌ରେ ମୁଁ ଅନୁଭବ କରିଛି ତାଙ୍କର ନିବିଡ଼ ଆତ୍ମୀୟତା। ହସ ହସ ମୁହଁରେ କହିଥିବା ସେହି ଦି'ପଦ କଥା- "ଜୀବନରେ କେବେ ଭାଙ୍ଗି ପଡ଼ିବନି.." ସତେ ଯେଉଁଭଳି ସେଦିନ ମୋ ମନରେ ଭରି ଦେଇଥିଲା ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବା ପାଇଁ ଅଜସ୍ର ପ୍ରେରଣା। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପାଠ୍ୟଖସଡ଼ା ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ବିଶେଷଜ୍ଞ ଭାବେ ନିମନ୍ତ୍ରିତ ହୋଇ ଆସିଥିବା ବେଳେ ତାଙ୍କ ସହ କିଛି ସମୟ ଅନ୍ତରଙ୍ଗ ଆଳାପ ପାଇଁ ମଧ୍ୟ ସୁଯୋଗ ସୃଷ୍ଟି ହୋଇଥିଲା। ତାଙ୍କ ନାଟକକୁ ନେଇ ମନରେ ସୃଷ୍ଟି ହୋଇଥିବା ଅନେକ ଅସମାହିତ ପ୍ରଶ୍ନର ଉତ୍ତର ସେ ଦିନ ତାଙ୍କଠାରୁ ପାଇଥିଲି। ମୁଁ ଏବଂ ମୋର ସତୀର୍ଥ ବନ୍ଧୁ ଡ. ଆଲୋକ ବରାଳଙ୍କ ମନରେ ଦାନା ବାନ୍ଧିଥିବା ଗୋଟିଏ ଇଚ୍ଛା ଅନେକ ଚେଷ୍ଟା ସତ୍ତ୍ୱେ ତାଙ୍କ ଆଗରେ ଆମେ ପ୍ରକାଶ କରିପାରୁ ନଥାଉ।

ତଥାପି କହିଲୁ : ସାର୍, ଆପଣଙ୍କ ନାଟକ ଉପରେ ଗୋଟିଏ ସଂପାଦିତ ସମାଲୋଚନା ପୁସ୍ତକ ହେଲେ କେମିତି ହୁଅନ୍ତା। ଏତେ ଶୀଘ୍ର ସାର୍‌ଙ୍କ ସହମତି ଆମେ ପାଇଯିବୁ କେବେ ମଧ୍ୟ କଳ୍ପନା କରୁନଥିଲୁ। ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଆମ ଦୁହିଁଙ୍କ ଉଦ୍ୟମରେ ପୁସ୍ତକଟି ଆଜି ପ୍ରକାଶ ଲାଭ କରିବାକୁ ଯାଉଛି। ନାଟ୍ୟକାର ନୀଳାଦ୍ରିଭୂଷଣ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ନାଟକ ଲେଖିଥିବା ସତ୍ତ୍ୱେ ସମାଲୋଚନାର କଷଟିରେ ତାଙ୍କ କୃତିର ଯଥାର୍ଥ ମୂଲ୍ୟାୟନ ଆଜିଯାଏଁ ସମ୍ଭବତଃ କରାଯାଇ ପାରିନାହିଁ। ଏହି ମର୍ମରେ ଆମର ଏହି ପୁସ୍ତକ ସେହି ଅଭାବର ପରିପୂରଣ ପାଇଁ ସାମାନ୍ୟ ଉଦ୍ୟମ ମାତ୍ର। ଆଶା କରୁ ନାଟ୍ୟକାର ନୀଳାଦ୍ରିଭୂଷଣଙ୍କ ନାଟ୍ୟଚେତନାର ଅବବୋଧ ପାଇଁ ଏହି ପୁସ୍ତକଟି ସହାୟକ ହେବ। ଏତଦ୍‌ଭିନ୍ନ ଆମର ଏହି ପୁସ୍ତକଟି ଗବେଷକ ଓ ଗବେଷିକାମାନଙ୍କ ପାଇଁ ଖୁବ ଉପାଦେୟ ହେବ ବୋଲି ଆମର ଆଶା ଓ ବିଶ୍ୱାସ। ଏହି ପୁସ୍ତକର ସଫଳ ପ୍ରକାଶନ କ୍ଷେତ୍ରରେ ଓଡ଼ିଶାର ବହୁ ସ୍ୱନାମଧନ୍ୟ ଲେଖକ, ସମାଲୋଚକ ତଥା ଶିକ୍ଷାବିତ୍ ସର୍ବୋପରି ସ୍ୱୟଂ ନାଟ୍ୟକାରଙ୍କ ଅକୁଣ୍ଠିତ ସହଯୋଗ ଓ ବହୁମୂଲ୍ୟ ପରାମର୍ଶ ଆମ ପାଇଁ ବେଶ୍ ପ୍ରୋତ୍ସାହନ ଓ ପ୍ରେରଣାଦାୟୀ। ଏହି ଅବସରରେ ଆମେ ସେମାନଙ୍କ ପାଖରେ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ।

ପ୍ରଦୋଷ କୁମାର ସ୍ୱାଇଁ

Digitized by srujanika@gmail.com

ସୂଚିପତ୍ର

ମୁଖବନ୍ଧ	ଆଲୋକ ବରାଳ	୩
ଗ୍ରନ୍ଥ ପ୍ରବେଶ	ପ୍ରଦୋଷ କୁମାର ସ୍ୱାଇଁ	୧୭
୧. ନୀଳାଦ୍ରିଭୂଷଣଙ୍କ ନାଟକରେ ଏପିକ୍ ନାଟ୍ୟଶୈଳୀ	ଡ. ହେମନ୍ତ କୁମାର ଦାସ	୨୧
୨. ନୀଳାଦ୍ରିଭୂଷଣ-ନାଟ୍ୟମାନସ : ଏକ ଦୃଷ୍ଟିପାତ	ପ୍ର. ବୈଷ୍ଣବ ଚରଣ ସାମଲ	୩୮
୩. ସଦ୍ୟ ପ୍ରକାଶିତ ନୀଳାଦ୍ରିଙ୍କ ନାଟକ ସପ୍ତକ : ଏକ ଦୃଷ୍ଟିପାତ	ପ୍ର. ବୈଷ୍ଣବ ଚରଣ ସାମଲ	୬୪
୪. ପୁରାଣର ପଟ୍ଟଭୂମିରେ ଆଧୁନିକତାରେ ଦିଗ୍‌ଦର୍ଶନ : ସ୍ୱର୍ଗାରୋହଣ	ଡ. ବିଜୟ କୁମାର ଶତପଥୀ	୮୧
୫. ସତ୍ୟ ସଂଶୟ ସାଲବେଗ ଓ ସ୍ରଷ୍ଟା ନୀଳାଦ୍ରିଭୂଷଣ	ପ୍ର. ସଂଘମିତ୍ରା ମିଶ୍ର	୮୯
୬. ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକରେ ମିଥ୍ ପ୍ରସଙ୍ଗ	ପ୍ର. ସମର ମୁଦାଲି	୧୦୩
୭. ରାସ୍ତାନାହିଁରେ ସ୍ୱପ୍ନ ଓ ସଂଶୟ	ପ୍ର. ନାରାୟଣ ସାହୁ	୧୧୧
୮. ବୈଫଲ୍ୟ ଓ ସମ୍ଭାବନାର ସମ୍ବେଦନାତ୍ମକ ଉଚ୍ଚାରଣ : ମଇଁଷିର ପାଶ ନଯାଅ ଦନାଇ	ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନ	୧୧୭
୯. ସରସ୍ୱତୀ ନଗେନ୍ଦ୍ରବାଳା : ଏକ ମୂଲ୍ୟାୟନ	ପ୍ର. ମନୋରଂଜନ ପ୍ରଧାନ	୧୨୫
୧୦. ଚରିତ ନାଟକ 'ଭାରତୀ କୁନ୍ତଳା'	ପ୍ର. ସବିତା ପ୍ରଧାନ	୧୩୭
୧୧. ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ : କଲୁରିବେଣ୍ଟର ମର୍ମକଥା	ଡ. ସୀମାଞ୍ଚଳ ପ୍ରଧାନ	୧୪୯

Digitized by srujanika@gmail.com

୧୧. ଅଶ୍ୱିନୀକୁମାରଙ୍କ ଶେଷଦିନ :
ସହୃଦୟ ଅନୁଶୀଳନ ଡ. ଆଲୋକ ବରାଳ ୧୫୫
୧୨. ସାମାଜିକ ବାସ୍ତବତା, ଇତିହାସର
ପୁନରାବୃତ୍ତି : ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ
ନାଟ୍ୟ-ଚିନ୍ତନ ଡ. ବାଳକୃଷ୍ଣ ବେହେରା ୧୭୮
୧୩. ବନ୍ଦିଶାଳାରେ ବିଶ୍ୱପତି ଓ
ନୀଳାଦ୍ରିଭୂଷଣଙ୍କ ନାଟ୍ୟମାନସ ଡ. ଗଣେଶ ପ୍ରସାଦ ସାହୁ ୨୦୬
୧୪. ବିଘ୍ନିତ ମୂଲ୍ୟବୋଧ ଓ ତୀବ୍ର
ଅସହାୟତାର ନାଟ୍ୟତ୍ରୟୀ : କଲୁରିବେଣ୍ଟ,
ଜଟାୟୁର ଛିନ୍ନଡେଣା ଓ ମଇଁଷିର
ପାଶ ନଯାଅ ଦନାଇ ଡ. ପ୍ରଦୋଷ କୁମାର ସ୍ୱାଇଁ ୨୨୫
୧୫. ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକରେ
ଲୋକ ଉପାଦାନର ପ୍ରୟୋଗ ରୀତି ଡ. ଦେବୀପ୍ରସାଦ ଶତପଥୀ ୨୩୬
୧୬. ନାରୀ ବିମୁକ୍ତିର ସ୍ୱର ଓ ନୀଳାଦ୍ରିଭୂଷଣ
ହରିଚନ୍ଦନଙ୍କ ନାଟକ : 'ପଥ ବହୁଦୂର' ଡ. ସୋମନାଥ ବିଷୋୟୀ ୨୪୬
୧୭. ନବ୍ୟ-ଇତିହାସବାଦ ପରିପ୍ରେକ୍ଷୀରେ
'ବତାସ ନିସ୍ତବ୍ଧ ଆଜି' ଡ. ବିଦ୍ୟୁତ୍‌ପ୍ରଭା ରାଉତ ୨୫୪
୧୮. ଚେତନା-ଚଉହଦିର ମୁଗ୍ଧ ସହଯାତ୍ରୀ :
ନାଟ୍ୟକାର ନୀଳାଦ୍ରିଭୂଷଣ ଡ. ଲକ୍ଷ୍ମୀପ୍ରିୟା ବେହେରା ୨୬୮
୧୯. ଶୂନ୍ୟଘରରେ ପ୍ରତିଫଳିତ ସାମାଜିକ
ଦୃଷ୍ଟି ଓ ଅଙ୍ଗୀକାର ଡ. ରଶ୍ମିନନ୍ଦିତା ଜେନା ୨୮୯
୨୦. ସତ୍ୟର ନିର୍ମଳ ଜଳରାଶିରେ :
ଜଳେ ଯେସନ ଚନ୍ଦ୍ରଛାଇ ଡ. ଜ୍ଞାନରଞ୍ଜନ ପଣ୍ଡା ୨୯୭
୨୧. ନୀଳାଦ୍ରିଭୂଷଣଙ୍କ ମୁଣ୍ଡ ଉପରେ ଛାତ :
ଏକ ଅନୁଚିନ୍ତା ସୁଶ୍ରୀ ମୃଣ୍ମୟୀ ପ୍ରିୟଦର୍ଶିନୀ ୩୦୪
୨୨. ଜୀବନର ଅନ୍ୟ ନାମ ଜଳଯାତ୍ରା :
ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ କଲମ୍‌ସ୍ କୁନା ସୁନା ୩୧୩
୨୩. ପରିଶିଷ୍ଟ : ମୁଁ ଓ ମୋ ନାଟକ, ମୁଁ ଓ ମୋ ନାଟ୍ୟ-ଜୀବନ,
ସୃଷ୍ଟି-ସମ୍ଭାର,ସମ୍ମାନ ଓ ପୁରସ୍କାର ୩୨୦

❖

Digitized by srujanika@gmail.com

ନୀଳାଦ୍ରିଭୂଷଣଙ୍କ ନାଟକରେ ଏପିକ୍ ନାଟ୍ୟଶୈଳୀ

ଡ. ହେମନ୍ତ କୁମାର ଦାସ

ନୀଳାଦ୍ରିଭୂଷଣ, ନାଟକ ଲେଖୁଛନ୍ତି ଗତ ତିନଟି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି। ଓଡ଼ିଶାର ମଞ୍ଚନାଟକ ଯେତେବେଳେ ଅବକ୍ଷୟଗ୍ରସ୍ତ ତରୁଣ ନୀଳାଦ୍ରି ସେତିକିବେଳେ ନାଟକ ରଚନା କରିବାକୁ ଆରମ୍ଭ କରନ୍ତି। ନାଟକାନୁରକ୍ତି ତାଙ୍କୁ ପୈତୃକ ସୂତ୍ରରୁ ମିଳିଥିଲା ବୋଲି କୁହାଯାଇପାରେ। ପିତା ପରଶୁରାମ ହରିଚନ୍ଦନ ଥିଲେ ନିଜ ଅଞ୍ଚଳର ଜଣେ ପରିଚିତ ନାଟ୍ୟକାର। 'ବିପ୍ଳବୀ କୃତ୍ତିବାସ' (୧୯୫୩), 'ଛିନାଙ୍ଗୀ' (୧୯୫୪) ଏବଂ 'ଅଭିଶପ୍ତ ଦୁର୍ଗ' (୧୯୭୮) ପ୍ରଭୃତି ତାଙ୍କର କେତୋଟି ନାଟକ ପଢ଼ିବାର ସୁଯୋଗ ମିଳିଛି। ଇତିହାସ ଓ ଇତିହାସାଶ୍ରୟୀ ବିଷୟ- ଯହିଁରେ ଦେଶପ୍ରେମବୋଧର ତୀବ୍ର ଝଲକ ପ୍ରକଟିତ- ସେହିଭଳି ବିଷୟ ସ୍ୱର୍ଗତ ହରିଚନ୍ଦନଙ୍କୁ ଅଧିକ ଆକୃଷ୍ଟ କରିଥିବାର ଲକ୍ଷ୍ୟ କରାଯାଇପାରେ। ପିତାଙ୍କର ନାଟକନୁରକ୍ତି ନୀଳାଦ୍ରି ବାବୁଙ୍କୁ ପ୍ରଭାବିତ କରିଛି।

ନାଟ୍ୟକାର ହରିଚନ୍ଦନ, ନାଟକ କ୍ଷେତ୍ରକୁ ଆସିବା ବେଳକୁ ଓଡ଼ିଆ ନାଟକର ଘୋର ଦୁର୍ଦ୍ଦିନ ଆରମ୍ଭ ହୋଇଯାଇଥାଏ। ପରିବର୍ତ୍ତିତ ଦର୍ଶକ ରୁଚି ସହିତ ପାଦ ମିଳାଇ ଚାଲି ନପାରିବା ଫଳରେ ଓଡ଼ିଶାର ତତ୍କାଳୀନ ଚାରିଟି ଯାକ ବ୍ୟାବସାୟିକ ରଙ୍ଗମଞ୍ଚ ପ୍ରାୟ ବନ୍ଦ ହେବା ଉପରେ। ଏଣେ ବୌଦ୍ଧିକତାର ଆଳରେ ନାଟକର ଏକ ସମାନ୍ତର ପରୀକ୍ଷାଧର୍ମୀ ନାଟ୍ୟଧାରା ଇଚ୍ଛାକୃତ ଦୁର୍ବୋଧତାକୁ ନାଟ୍ୟକାର ରୂପେ ସ୍ୱୀକୃତି ଲାଭର ଏକମାତ୍ର ମାର୍ଗ ବୋଲି ଗ୍ରହଣ କରି ନେଇଥିବାରୁ ନାଟକ କ୍ଷେତ୍ରରେ ଏକ ପ୍ରକାର ଅରାଜକତା ସୃଷ୍ଟି ହୋଇଥାଏ ବୋଲି କୁହାଯାଇପାରେ। ଓଡ଼ିଶାରେ ପ୍ରୟୋଗବାଦୀ ନାଟ୍ୟଧାରାର ପ୍ରବର୍ତ୍ତକ ମନୋରଞ୍ଜନ ସ୍ୱୟଂ ଏକଥା ସ୍ୱୀକାର କରି ପ୍ରୟୋଗ ନାମରେ ସେମାନେ ଦୁର୍ବୋଧ ହୋଇ ପଡୁଛନ୍ତି ବୋଲି ମାନିଥିଲେ। ତେବେ ସମସ୍ତେ ଯେ, ସେମାନଙ୍କୁ ବୁଝିପାରିବେ ଏହା ଆଶା କରିବା ଉଚିତ ନୁହେଁ ବୋଲି କହି ସେ ଓଡ଼ିଆ ଦର୍ଶକମାନଙ୍କର ଗ୍ରାହକତା ସମ୍ପର୍କରେ ଏକ ନକାରାତ୍ମକ ମନ୍ତବ୍ୟ ମଧ୍ୟ ଦେଉଥିଲେ। ତାଙ୍କ ଭଳି ଜଣେ ଆଗଧାଡ଼ିର ସ୍ରଷ୍ଟା, ବୁଝି ନଥିଲେ ବୋଲିତ କହି ହେବନାହିଁ। କେବଳ ସ୍ୱୀକାର ମାତ୍ର କରୁନଥିଲେ ଯେ, ନାଟକ ଯଦି ପ୍ରକୃତରେ ଦର୍ଶକମାନଙ୍କ ସହିତ ସମ୍ପର୍କ ରକ୍ଷା କରିପାରିଲା ନାହିଁ। ତେବେ ତାହାକୁ 'ଉଦ୍ଦେଶ୍ୟ ହୀନ' ବ୍ୟତୀତ ଅନ୍ୟ କିଛି କୁହାଯାଇ ପାରିବ ନାହିଁ। ସପ୍ତମ

Digitized by srujanika@gmail.com

ଦଶକ ବେଳକୁ ଓଡ଼ିଆ ନାଟକ କ୍ଷେତ୍ରରେ ଏହି ଭଳି ଏକ ବିସଦୃଶ ଅବସ୍ଥା ସୃଷ୍ଟି ହୋଇଥିଲା। ଓଡ଼ିଆ ଦର୍ଶକମାନଙ୍କର ରୁଚି ପରିବର୍ତ୍ତନର ବଜ୍ର ଶପଥ ନେଇ ଓଡ଼ିଶାର ପ୍ରୟୋଗବାଦୀ ନାଟ୍ୟକାର ମାନେ ନିଜ ଦର୍ଶନରେ ଅଟଳ। ସାଧାରଣ ଦର୍ଶକମାନେ ମଞ୍ଚ ପ୍ରତି ବିମୁଖ। ମୁଷ୍ଟିମେୟ ଶିକ୍ଷିତ ଦର୍ଶକ ଗୋଷ୍ଠୀଙ୍କୁ ନେଇ ପ୍ରଚାର ଗୁଣରେ ଓଡ଼ିଆ ପରୀକ୍ଷାଧର୍ମୀ ନାଟକର ଶୋଭାଯାତ୍ରା ଆଗେଇ ଚାଲିଛି। ଏହିଭଳି ଅବସ୍ଥା ୟୁରୋପୀୟ ନାଟକ କ୍ଷେତ୍ରରେ ସୃଷ୍ଟି ହୋଇଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ। ଆବସର୍ଡ଼ ନାଟ୍ୟ ଗୋଷ୍ଠୀର ଆତ୍ମପ୍ରକାଶରେ। ଇବ୍‌ସେନ୍, ଗଲସ୍‌ୱର୍ଦି, ବର୍ଣ୍ଣାଡ୍ ଶ୍, ଆର୍ଥର ମିଲର ପ୍ରଭୃତି ଗୋଟିଏ ସମୟର ବିଶ୍ୱଖ୍ୟାତ ନାଟ୍ୟକାରମାନଙ୍କର ନାଟ୍ୟଶୈଳୀକୁ ଅସ୍ୱୀକାର କରି ସେହି ସମୟରେ ଆତ୍ମପ୍ରକାଶ କରିଥିଲା 'ଆବସର୍ଡ଼' ନାମକ ନୂତନ ନାଟ୍ୟଶୈଳୀ ଏବଂ ପ୍ରଚାର ଗୁଣରେ ଖୁବ୍ ଅଳ୍ପ ଦିନ ମଧ୍ୟରେ ବିଶ୍ୱବ୍ୟାପି ଖ୍ୟାତି ଅର୍ଜନ କରିବାକୁ ମଧ୍ୟ ସମର୍ଥ ହୋଇଥିଲା। ତଥାପି ୟୁରୋପ ଭଳି ଉଚ୍ଚ ବୌଦ୍ଧିକମାନେ ଯୁକ୍ତ ଦେଶରେ ମଧ୍ୟ ଏହାର ଆୟୁଷ ମାତ୍ର ଗୋଟିଏ ଦଶନ୍ଧି। ଏହିଭଳି ଏକ ଶୈଳୀ ସୃଷ୍ଟିର କାରଣ ଏବଂ ଏହି ଧାରାର ମୁଷ୍ଟିମେୟ ନାଟ୍ୟକାରଙ୍କୁ 'ମିସୋମ୍ୟୁସିଷ୍ଟ' କୁହାଯିବା ଉଚିତ ହେବ କିମ୍ବା ନାହିଁ, ତାହା ଏ କ୍ଷେତ୍ରରେ ଅପ୍ରାସଙ୍ଗିକ। ୟୁରୋପୀୟ ନାଟ୍ୟାକାଶ ସେଦିନ ନୈରାଶ୍ୟ ମେଦୁର ହୋଇ ପଡ଼ିଥିବା ବେଳେ 'ଘର ବାହୁଡ଼ା' (Return to form)ର ଏକ ସ୍ଲୋଗାନ୍ ତାଙ୍କୁ ଧ୍ୱଂସମୁଖରୁ ରକ୍ଷା କରି ଦେଇଥିଲା। ସେହିଭଳି ଓଡ଼ିଆ ନାଟକର ସେହି ଦୁର୍ଦ୍ଦିନରେ ଯେଉଁ କେତେଜଣ ତରୁଣ ନାଟ୍ୟକାର ଏହାର ମୁମୂର୍ଷୁ ଶରୀରରେ ନବଜୀବନ ସଂଚାର କରିବାର ଉଦ୍ୟମ କରିଥିଲେ... ସେମାନଙ୍କ ମଧ୍ୟରେ ନାଟ୍ୟକାର ପ୍ରଫେସର ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ ହେଉଛନ୍ତି ଅନ୍ୟତମ। ଡକ୍ଟର ହରିଚନ୍ଦନ ଓଡ଼ିଆ ସାହିତ୍ୟର ଜଣେ ପରିଚିତ ସମାଲୋଚକ। ବିଶେଷ କରି ନାଟକ ଆଲୋଚନା କ୍ଷେତ୍ରରେ ତାଙ୍କର ମୌଳିକ ଚିନ୍ତାକୁ ବେଶ ଗୁରୁତ୍ୱ ଦିଆଯାଏ। ପ୍ରଥମରୁ ସେ କବିତା ଲେଖୁଥିଲେ ଏବଂ ଏବେ ମଧ୍ୟ ଲେଖୁଛନ୍ତି। ଆଉ ଏଇ ନାଟକ ଓଡ଼ିଆ ନାଟକର ଘୋର ଦୁର୍ଦ୍ଦିନରେ ଭୈରବର ଅଭୟ ଦୁନ୍ଦୁଭି ରୂପେ ନୀଳାଦ୍ରି ସେଦିନ ଆତ୍ମପ୍ରକାଶ କରିଥିଲେ, ହାତରେ ନିଜର ନାଟ୍ୟସମ୍ଭାର ନେଇ। ଓଡ଼ିଶାର ଦର୍ଶକ ତାଙ୍କଠାରେ ଦେଖିବାକୁ ପାଇଥିଲେ ଅନେକ ସମ୍ଭାବନା ଆଉ ପ୍ରତିଶ୍ରୁତିର ତୀବ୍ର ଝଲକ। ନାଟ୍ୟକାର ହରିଚନ୍ଦନ, ତାଙ୍କର ଦର୍ଶକ/ ଶ୍ରୋତା/ ପାଠକମାନଙ୍କୁ ନିରାଶ କରିନାହାନ୍ତି ବୋଲି ଆମର ବିଶ୍ୱାସ।

ପ୍ରସଙ୍ଗକ୍ରମେ ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ଓଡ଼ିଆ ନାଟକରେ ମହାକାବ୍ୟିକ (Epic) ନାଟ୍ୟଧାରା ତଥା ନାଟ୍ୟକାର ହରିଚନ୍ଦନଙ୍କ ଆତ୍ମପ୍ରକାଶ ପ୍ରାୟ ସମସାମୟିକ।

Digitized by srujanika@gmail.com

ଏଠାରେ ବିଶ୍ୱନାଟ୍ୟ ସାହିତ୍ୟରେ ଏହି ଚିନ୍ତାଧାରାର ଆତ୍ମପ୍ରକାଶ, ଏହାର ଜନକ ତଥା ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରାଯାଇପାରେ। ପ୍ରଥମରୁ ସ୍ପଷ୍ଟ କରିଦେବା ଉଚିତ ହେବ ଯେ, ଏହି ଚିନ୍ତାଟି ଗ୍ରୀକ୍-ଦାର୍ଶନିକ ଆରିଷ୍ଟଟଲ୍ (ଖ୍ରୀ:ପୂ: ୩୮୪-୩୨୨)ଙ୍କ ନାଟକ ସମ୍ପର୍କୀୟ 'ଟ୍ରାଜେଡ଼ି ତତ୍ତ୍ୱ' ବିରୋଧରେ ଏକ ପ୍ରକାଶ୍ୟ ବିଦ୍ରୋହ। ଶତାବ୍ଦୀ ଶତାବ୍ଦୀର ବ୍ୟବଧାନରେ ମଣିଷର ଚିନ୍ତାଧାରାରେ ଯେଉଁ ଲକ୍ଷ୍ୟଣୀୟ ପରିବର୍ତ୍ତନ ମାନ ଘଟିଚାଲିଛି, ଆରିଷ୍ଟଟଲଙ୍କ ପ୍ରବର୍ତ୍ତିତ 'ଡ୍ରାମାଟିକ୍ ଥିଏଟର' (Dramatic Theatre) ଦର୍ଶନ, ତାହାକୁ ଯଥାଯଥ ଭାବରେ ରୂପାୟିତ କରିପାରୁନାହିଁ। ବିଂଶ ଶତକରେ ଖ୍ରୀ:ପୂ: ଶତକର ଦର୍ଶନ ତାହାର ସମସ୍ତ ପ୍ରାସଙ୍ଗିକତା ହରାଇଛି। ଇତି ମଧ୍ୟରେ ଦୁଇ ଦୁଇଟା ବିଶ୍ୱଯୁଦ୍ଧ ସାଧାରଣ ମଣିଷର ଜୀବନଶୈଳୀ ବଦଳାଇଦେବା ସହିତ ତାହାର ଚିନ୍ତାଧାରାରେ ମଧ୍ୟ ଆମୂଳ ପରିବର୍ତ୍ତନ ଘଟାଇ ଦେଇଛି। ସମାଜ ଜୀବନ ହୋଇଛି ଅସ୍ଥିର, ଅନିଶ୍ଚିତ, ଅଭାବ ତାଡ଼ିତ ତଥା ଅସୁରକ୍ଷା ଭାବନା ଜର୍ଜରିତ। ମଣିଷ ମଣିଷ ଭିତରେ ଆଉ ପୂର୍ବର ସ୍ନେହସୌହାର୍ଦ୍ଦ୍ୟ ନାହିଁ। ସନ୍ଦେହ, ଅବିଶ୍ୱାସ, ଆତଙ୍କଭିତରେ ପ୍ରତି ମୁହୂର୍ତ୍ତରେ ମରଣ ବରଣ କରୁ କରୁ ତଥାପି ମଣିଷ ବଞ୍ଚିଛି। ଏମାନଙ୍କ ପାଇଁ ପୁରୁଣା ଶିଳ୍ପରୀତି ଯେ, ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇପଡ଼ିଛି, ଏହା ନକହିଲେ ମଧ୍ୟ ଚଳିବ। ଏହାର ବିକଳ୍ପ ରୂପେ ସେହି ସମୟରେ ଜର୍ମାନ ନାଟ୍ୟକାର ଏବଂ ନାଟ୍ୟକର୍ମୀ ବର୍ଟୋଲ ବ୍ରେଖ୍ଟ (Bertolt Brecht, 1898-1956) ପୂର୍ବ ପ୍ରଚଳିତ ସମ୍ଭ୍ରାନ୍ତ-ନାଟ୍ୟଶୈଳୀ ପରିବର୍ତ୍ତେ ଏହି ନୂତନ ଏପିକ୍ ଥିଏଟର (Epic Theatre) ଶୈଳୀର ପ୍ରବର୍ତ୍ତନ କରିଥିଲେ।

ଏପିକ୍-ନାଟ୍ୟଶୈଳୀର ବୈଶିଷ୍ଟ୍ୟ ସମ୍ପର୍କରେ ବୁଝାଇବାକୁ ଯାଇ ବ୍ରେଖ୍ଟ 'ବିଚ୍ଛିନ୍ନତା ତତ୍ତ୍ୱ' ଉପରେ ଗୁରୁତ୍ୱ ଆରୋପ କରିଥିଲେ। ତାଙ୍କ ମତରେ ନାଟ୍ୟଚରିତ୍ର ସହିତ ଅଭିନେତା କିମ୍ବା ଦର୍ଶକ କେହି ଏକାତ୍ମ ହେବା ସମ୍ଭବ ନୁହେଁ। କାରଣ ଅଭିନେତା ଏବଂ ଦର୍ଶକ ଉଭୟ ଜାଣିଥାଆନ୍ତି ଯେ, ସେମାନେ ମଞ୍ଚରେ ଯାହା କହୁଛନ୍ତି କିମ୍ବା ଦେଖୁଛନ୍ତି ସେ ସବୁ ପ୍ରକୃତରେ ଅଭିନୟ ଏବଂ ଅଭିନେତା ଏବଂ ଅଭିନୀତ ଚରିତ୍ର ଉଭୟେ ମଧ୍ୟ ପୃଥକ୍। ଅଭିନେତା ହୁଅନ୍ତୁ କିମ୍ବା ଦର୍ଶକ କାହାରି କ୍ଷେତ୍ରରେ ଅଭିନୀତ ଚରିତ୍ର ସହିତ ନିବିଡ଼ ସମ୍ପୃକ୍ତି ସମ୍ଭବ ନୁହେଁ। ବ୍ରେଖ୍ଟ ଏହି ତତ୍ତ୍ୱର ପ୍ରତିଷ୍ଠା ନିମନ୍ତେ ସ୍ୱତନ୍ତ୍ର ଅଭିନୟ କୌଶଳ, ସ୍ୱତନ୍ତ୍ର ମଞ୍ଚ ଇତ୍ୟାଦିର ବିଧାନ ଦେଇଛନ୍ତି। ଅଭିନେତା ଅଭିନୀତ ଚରିତ୍ର ମଧ୍ୟରେ ଯେଉଁଭଳି ଆତ୍ମବିସର୍ଜନ କରୁଥିବାର କୁହାଯାଏ। ଏପିକ୍ ଥିଏଟରର ଅଭିନେତା ତାହା ନକରି ନାଟ୍ୟଚରିତ୍ରଠାରୁ ଦୂରତ୍ୱ ରକ୍ଷା କରେ। ନାଟକର ଶୈଳ୍ପିକ ବୈଶିଷ୍ଟ୍ୟ ପ୍ରତିଷ୍ଠା ନିମନ୍ତେ ବିଚ୍ଛିନ୍ନତାବୋଧ (Theory of alieanation) କୌଶଳର ପ୍ରୟୋଗ କରାଯାଉଥିବାରୁ ଏହାର ମଞ୍ଚ ମଧ୍ୟ କିଛି ସ୍ୱତନ୍ତ୍ର ହେବା ଆବଶ୍ୟକ ହୁଏ।

Digitized by srujanika@gmail.com

ପ୍ରୟୋଗବାଦୀ ନାଟ୍ୟକାରମାନେ ଯେଉଁଭଳି ଅଭିନୟ ନିମନ୍ତେ ସ୍ୱତନ୍ତ୍ର ମଞ୍ଚର ପରିକଳ୍ପନା କରନ୍ତି (ଦୃଷ୍ଟାନ୍ତ ସ୍ୱରୂପ – ମନୋରଞ୍ଜନ ଦାସ, ବିଶ୍ୱଜିତ୍ ଦାସ, ଅକ୍ଷୟ ମହାନ୍ତି, ପଞ୍ଚାନନ ପାତ୍ର, ଦିଲ୍ଲୀଶ୍ୱର ମହାରଣା, ସୁବୋଧ ପଟ୍ଟନାୟକଙ୍କର କେତେକ ନାଟକକୁ ଗ୍ରହଣ କରାଯାଇପାରେ) ସେହିପରି ଏହି ଶୈଳୀର ନାଟକ ପାଇଁ well made play ଭଳି କୌଣସି ଆଦି-ମଧ୍ୟ-ଅନ୍ତ ସମ୍ବଳିତ କାହାଣୀର ଆବଶ୍ୟକ ହୁଏନାହିଁ। ଅଙ୍କ ଦୃଶ୍ୟ ବିଭାଗାଦି ନାଟକର ସ୍ୱାଭାବିକ ବ୍ୟବସ୍ଥା ପ୍ରତି ଏଥିରେ ଗୁରୁତ୍ୱ ଦିଆଯାଏ ନାହିଁ। ନାଟକକୁ ସଂଗୀତ ଫେରାଇ ଦେବା ହେଉଛି ବ୍ରେଖ୍‌ଟଙ୍କର ଅନ୍ୟତମ ଉଲ୍ଲେଖଯୋଗ୍ୟ ଅବଦାନ। ସ୍ମରଣ କରାଯାଇପାରେ ଯେ, ସେ ଦେଶରେ ଇବ୍‌ସେନ୍‌ଙ୍କ ନେତୃତ୍ୱରେ ଯେଉଁ ଆଧୁନିକ ନାଟ୍ୟଶୈଳୀର ପ୍ରତିଷ୍ଠା କରାଯାଇଥିଲା। ତହିଁରେ ସଂଗୀତର କୌଣସି ସ୍ଥାନ ନଥିଲା। ସଂଗୀତ ବିନା ମଧ୍ୟ ନାଟକ ସଫଳ ହୋଇପାରେ, ଏହିଭଳି ଗୋଟିଏ ଧାରଣା କ୍ରମଶଃ ପ୍ରତିଷ୍ଠିତ ହେବାରେ ଲାଗିଥିଲା। ଓଡ଼ିଶାରେ ମଧ୍ୟ ମନୋରଞ୍ଜନଙ୍କ ନେତୃତ୍ୱରେ ଗତ ଶତକର ପଞ୍ଚମ ଦଶକରୁ ନାଟକରୁ ସଂଗୀତ ବିତାଡ଼ିତ ହୋଇ ସାରିଥିଲା। ଆଧୁନିକ ନାଟ୍ୟକାରମାନେ ମଧ୍ୟ ଏହାକୁ ଗ୍ରହଣ କରି ନେଇଥିଲେ।

ବ୍ରେଖ୍‌ଟ ଦର୍ଶକମାନଙ୍କର ବୌଦ୍ଧିକତାର ବିକାଶ ଅପେକ୍ଷା ସେମାନଙ୍କର ମନୋରଞ୍ଜନ ଉପରେ ଜୋର୍ ଦେଉଥିବାରୁ ସଂଗୀତକୁ ଫେରାଇ ଆଣି ନାଟକଗୁଡ଼ିକୁ ସଂଗୀତ ବହୁଳ କରିବା ଉପରେ ଜୋର୍ ଦେଇଥିଲେ। ତେବେ ପାରମ୍ପରିକ ନାଟକର ସଂଗୀତ ଏବଂ ଏପିକ୍ ନାଟକର ସଂଗୀତ ବ୍ୟବହାରରେ ସୂକ୍ଷ୍ମ ପାର୍ଥକ୍ୟ ଅବଶ୍ୟ ରହିଛି। କିନ୍ତୁ ଆମର ନାଟ୍ୟକାରମାନେ ଏହାକୁ ଅମାନ୍ୟ କରି ଏହାର ବ୍ୟବହାରକୁ ସାଧାରଣ ସ୍ତରକୁ ନେଇ ଆସୁଥିବାର ଦେଖାଯାଉଛି। ଏପିକ୍ ନାଟକର ଗଠନ ପ୍ରଣାଳୀ, ଅଭିନୟ, ମଞ୍ଚ ସଂଯୋଜନା, ସଂଗୀତ ଏବଂ ଆଲୋକର ବ୍ୟବହାର ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଏହି ବିଚ୍ଛିନ୍ନତା ତତ୍ତ୍ୱର ଉପସ୍ଥିତି ଅପରିହାର୍ଯ୍ୟ। ଆରିଷ୍ଟଟଲୀୟ ନାଟ୍ୟଶୈଳୀ ନାଟକର ଆବେଦନ-ଦର୍ଶକମାନଙ୍କର 'ହୃଦୟ' ପାଇଁ ବୋଲି ପ୍ରଚାର କରିଥିବା ବେଳେ ବ୍ରେଖ୍‌ଟ ଏଥିପାଇଁ ସେମାନଙ୍କ 'ମସ୍ତିଷ୍କ' ବା ଚିନ୍ତାଶକ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି।

ସମଗ୍ର ବିଶ୍ୱର ଦଳିତ, ନିଷ୍ପୀଡ଼ିତ ତଥା ଅତ୍ୟାଚାରିତ ଜନତାର ନିର୍ଯ୍ୟାତନାର କାହାଣୀ ନାଟକ ମାଧ୍ୟମରେ ଉପସ୍ଥାପନ କରିବା ଥିଲା ବ୍ରେଖ୍‌ଟଙ୍କର ଲକ୍ଷ୍ୟ। ଏଥିରୁ ମୁକ୍ତି ନିମନ୍ତେ ଦଳିତ ଜନତା ବିପ୍ଲବ କରିବା ଆବଶ୍ୟକ ବୋଲି ତାଙ୍କର ମତ। ପୁଞ୍ଜିବାଦୀ-ସମାଜ ବ୍ୟବସ୍ଥା ଦ୍ୱାରା ଦାରିଦ୍ର୍ୟ ବୃଦ୍ଧି ପାଇବା ସହିତ ଶୋଷଣ ପୀଡ଼ନ ପ୍ରଭୃତି ବଢୁଛି ବୋଲି ବ୍ରେଖ୍‌ଟ ବିଶ୍ୱାସ କରୁଥିବାରୁ ନାଟକ ମାଧ୍ୟମରେ ସେ ଏହା ବିରୁଦ୍ଧରେ ସଂଗ୍ରାମ ପାଇଁ ଆହ୍ୱାନ ଜଣାଇଛନ୍ତି। ପୁଞ୍ଜିବାଦର ଗୁରୁତ୍ୱକୁ ହ୍ରାସ ନକଲେ କାଳକ୍ରମେ ଏହା ହିଁ

Digitized by srujanika@gmail.com

ସାଧାରଣ ଜନତାକୁ ଗ୍ରାସକରିବ – ଏଥିରେ ତାଙ୍କର ସନ୍ଦେହ ନଥିଲା। ଅତିତରୁଣ ବୟସରୁ ସେ ଦରିଦ୍ର ଜନତାର ମହାବେଦ ମାର୍କସଙ୍କ 'ଦାସ କାପିଟାଲ୍' ଗ୍ରନ୍ଥ ଅଧ୍ୟୟନ କରି, ତାହା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ।

ବ୍ରେଖ୍ଟ୍ ସ୍ୱପ୍ନ ଦେଖୁଥିଲେ ଶୋଷଣମୁକ୍ତ ସାମ୍ୟମୈତ୍ରୀ ଏବଂ ସଂପ୍ରୀତିପୂର୍ଣ୍ଣ ଅଭିନବ ଏକ ସମାଜ ପ୍ରତିଷ୍ଠାର। ତେଣୁ ତାଙ୍କର ନାଟକଗୁଡ଼ିକରେ ସେ ସମାଜବାଦୀ-ବାସ୍ତବବାଦ (Socialistic-Realism)ର ଦର୍ଶନକୁ ଗ୍ରହଣ କରି ନେଇଥିଲେ। ଏହା ହିଁ ପରବର୍ତ୍ତୀ କାଳରେ 'ଏପିକ୍ ନାଟକ'ର ଆଦର୍ଶ ରୂପେ ଗୃହୀତ ହୋଇଥିଲା। ତେବେ କେବଳ ବୌଦ୍ଧିକତାର ଦାବିରେ ନାଟକକୁ ତତ୍ତ୍ୱ ଭାରାକ୍ରାନ୍ତ ନକରାଇ ଯଥାସମ୍ଭବ ଆମୋଦନ ମାଧ୍ୟମରେ ନିଜର ନାଟ୍ୟାଦର୍ଶକୁ ଦର୍ଶକମାନଙ୍କ ନିକଟରେ ପହଞ୍ଚାଇ ଦେବା ଥିଲା ତାଙ୍କର ଲକ୍ଷ୍ୟ। ସେଥିପାଇଁ ନାଟକ ପରିବେଷଣ ନିମନ୍ତେ ସେ ଅନେକ ସମୟରେ ପାରମ୍ପରିକ ନାଟ୍ୟଶୈଳୀ ତଥା ବିଭିନ୍ନ ଲୋକନାଟ୍ୟ ଶୈଳୀର ସହାୟତା ଗ୍ରହଣ କରିଛନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ସେ ଲୋକଶିକ୍ଷା ନିମନ୍ତେ 'ଆନନ୍ଦ' ପରିବେଷଣକୁ ଏହାର ମାଧ୍ୟମ ରୂପେ ଗ୍ରହଣ କରି ନେଇଥିଲେ। ଅର୍ଥାତ୍ ନାଟକରେ ତତ୍ତ୍ୱ ଆଉ ଦର୍ଶନର ତିକ୍ତତାକୁ ସେ ଲୋକନାଟକର ମାଧୁର୍ଯ୍ୟ ମାଧ୍ୟମରେ ଦୂର କରିଦେବାର କୌଶଳ ପ୍ରୟୋଗ କରିଥିଲେ। ଏ ଦୃଷ୍ଟିରୁ ତାଙ୍କର ନାଟ୍ୟଦର୍ଶନ ଆରିଷ୍ଟଟଲଙ୍କ 'To teach and delight' ତତ୍ତ୍ୱର ଖୁବ୍ ନିକଟକୁ ଚାଲି ଆସିଥିଲା ବୋଲି ସ୍ୱୀକାର କରିବାକୁ ହେବ।

ବ୍ରେଖ୍ଟ ନିଜ ସମୟରେ ପୁଞ୍ଜିବାଦୀ ଚକ୍ରାନ୍ତରେ ସୃଷ୍ଟ ଏବଂ ଯୁଦ୍ଧୋତ୍ତର ସମାଜରେ ତୀବ୍ର ନୈରାଶ୍ୟ (Pessimism)ର ପ୍ରଚାର କରୁଥିବା ଆସର୍ଡ୍ ନାଟ୍ୟ ପରମ୍ପରାର ଉଦୟ ଏବଂ ଅସ୍ତ ମଧ୍ୟ ଦେଖିଯାଇଛନ୍ତି। ସମାଜରେ ହତାଶାର ପ୍ରଚାର ଦ୍ୱାରା ନୁହେଁ, ଅଖଣ୍ଡ ଆଶାବାଦର ପ୍ରସାର ଦ୍ୱାରା ହିଁ ଏହାର ସାର୍ବିକ ମଙ୍ଗଳ ସମ୍ଭବ – ଏହା ହିଁ ଥିଲା ତାଙ୍କର ବିଶ୍ୱାସ। ନିଷ୍କର୍ଷ ହେଉଛି, ଶୋଷଣ ଓ ପୀଡ଼ନମୁକ୍ତ ଏକ ଜନମଙ୍ଗଳକାରୀ ସମାଜର ପ୍ରତିଷ୍ଠା ହିଁ ଥିଲା ବ୍ରେଖ୍ଟଙ୍କର ପ୍ରଧାନ ଲକ୍ଷ୍ୟ। ନିଜର ନାଟକକୁ ସେ ଏଥିପାଇଁ ବ୍ୟବହାର କରିଛନ୍ତି। ଆନନ୍ଦ ପରିବେଷଣ କରି ସମାଜରେ ଶୋଷଣ କଷଣ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି। ଏଥିପାଇଁ ତାଙ୍କୁ ପ୍ରେରଣା ଯୋଗାଇ ଦେଇଛନ୍ତି ତାଙ୍କର ସହକର୍ମୀ ଏବଂ ପଲିଟିକାଲ୍ ଥିଏଟର (Political Theatre)ର ପ୍ରବକ୍ତା ପିସ୍‌କାଟୋର। ନିଜ ନାଟ୍ୟାଦର୍ଶର ପ୍ରତିଷ୍ଠା ନିମନ୍ତେ ସେ 'ବିଚ୍ଛିନ୍ନତାବାଦୀ ତତ୍ତ୍ୱ'ର କଥା କହିଛନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ନାଟକ ଅଭିନୟ ଏବଂ ଦର୍ଶନ କରିବାକୁ ଯାଇ ଅଭିନେତା ତଥା ଦର୍ଶକ ଅବସାଦ କିମ୍ବା ଆତ୍ମବିସ୍ମୃତିରେ ବୁଡ଼ି ନଯାଇ ପୂର୍ଣ୍ଣ ସଚେତନ ରହି ଏହାର କଳାଗତ-ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ଏହାର ଅନ୍ତର୍ନିହିତ ବାର୍ତ୍ତାକୁ ମଧ୍ୟ ଗ୍ରହଣ କରି ନେବେ ବୋଲି ମଧ୍ୟ ପ୍ରଚାର କରିଛନ୍ତି।

Digitized by srujanika@gmail.com

ରସବାଦୀ ଏବଂ ରସାମୋଦୀ ଭାରତୀୟ ଦର୍ଶକ ତଥା ଅଭିନେତାଙ୍କର ନାଟ୍ୟ-ମାନସ କିନ୍ତୁ ବ୍ରେଖ୍‌ଟଙ୍କର ଏହି ବିଶ୍ୱଖ୍ୟାତ ନାଟ୍ୟାଦର୍ଶକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ ଜଣାଇଥିବା ବିଷୟରେ ଆମର ସନ୍ଦେହ ରହିଛି । ତାଙ୍କର ନାଟ୍ୟାଦର୍ଶରେ ଏଭଳି ଅନେକ ତତ୍ତ୍ୱ ରହିଛି, ଯାହା ପ୍ରକାରାନ୍ତରେ ଭାରତୀୟ ପାରମ୍ପରିକ ନାଟ୍ୟାଦର୍ଶର ମୌଳିକ ନୀତିଠାରୁ ଦୂରବର୍ତ୍ତୀ ନୁହେଁ । ତେବେ ତାଙ୍କର ଚର୍ଚ୍ଚିତ ନାଟ୍ୟାଦର୍ଶ ଭାରତୀୟ ଚିନ୍ତାର ପରିପନ୍ଥୀ । ଭାରତୀୟ ଅଭିନେତା ଏବେ ମଧ୍ୟ ବିଶ୍ୱାସ କରନ୍ତି ଯେ, ଚରିତ୍ର ମଧ୍ୟରେ ଆତ୍ମସତ୍ତାର ସମ୍ପୂର୍ଣ୍ଣ ନିମଜ୍ଜନରେ ହିଁ ଫୁଟି ଉଠିବ ଅଭିନୟର ଲଳିତ କଳାବିଭବ । ଆମ ଦର୍ଶନରେ ତେଣୁ ଉଭୟ ସତ୍ତାର ଏକାତ୍ମତା ହିଁ ହେଉଛି ସାର୍ଥକ ଅଭିନୟର ଚୂଡ଼ାନ୍ତ ରୂପ । ଏଠାରେ ଦର୍ଶକ ତେଣୁ ଅଦ୍ୟାବଧି ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଭୂମିକାରେ ଅଭିନୟ କରୁଥିବା ରାମ ଦଳେଇଙ୍କୁ ଦେବତା ଜ୍ଞାନରେ ପୂଜା କରନ୍ତି । ଗୋପ ଛାଡ଼ି ମଥୁରା ଯାଉଥିବା ଶ୍ରୀକୃଷ୍ଣଙ୍କ ବିଚ୍ଛେଦରେ ଶୋକାତୁର ଗୋପ ସହିତ ଲୋତକାପ୍ଲୁତ ଦର୍ଶକମାନଙ୍କୁ ଦେଖିଥିଲେ ବ୍ରେଖ୍‌ଟ ନିଶ୍ଚୟ ନିଜର 'ବିଚ୍ଛିନ୍ନତାବାଦୀ' ତତ୍ତ୍ୱ ପ୍ରଚାର କରିବା ପୂର୍ବରୁ ଶହେଥର ଚିନ୍ତା କରିଥାଆନ୍ତେ । ପୁଣି ଏହିଭଳି ଏକ ତତ୍ତ୍ୱ ଅଭିନୟ କଳାର ଉତ୍କର୍ଷ ପ୍ରତିଷ୍ଠାରେ କିଭଳି ସହାୟକ ହୋଇପାରିବ ତାହା ଏବେ ମଧ୍ୟ ଆମ ବୁଦ୍ଧିର ଅଗମ୍ୟ ହୋଇ ରହିଛି ।

ଏ ପ୍ରସଙ୍ଗରେ ତାଙ୍କର ପ୍ରାୟ ସମସାମୟିକ ରୁଷ୍ ଦେଶୀୟ ଅଭିନେତା ଏବଂ ନାଟ୍ୟକର୍ମୀ ଷ୍ଟାନିସ୍ଲାଭସ୍କି (୧୮୬୩-୧୯୩୮) ଅଭିନେତାଙ୍କ ପାଇଁ ପ୍ରଚାର କରିଥିବା 'ବ୍ୟକ୍ତିତ୍ୱ ସମ୍ପର୍କିତ ତତ୍ତ୍ୱ' (Theory of identity)ର ଉଲ୍ଲେଖ ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ । ଅଭିନେତାଙ୍କର ଆଙ୍ଗିକ, ବାଚିକ, ସାତ୍ତ୍ୱିକ ଏବଂ ଆହାର୍ଯ୍ୟ ରୂପ ସମ୍ପର୍କରେ ଷ୍ଟାନିସ୍ଲାଭସ୍କି ଅନେକ କଥା କହିଛନ୍ତି । ସେ ସବୁର ଗୁରୁତ୍ୱକୁ ଅସ୍ୱୀକାର କରାଯାଇ ନପାରେ । ତେବେ ଅଭିନେତାର କରଣୀୟ ସମ୍ପର୍କରେ ନିର୍ଦ୍ଦେଶ ଦେବା ଅବସ୍ଥାରେ ସେ ଯାହା କହିଛନ୍ତି, ତାହା ଉପେକ୍ଷଣୀୟ ନୁହେଁ । ତାଙ୍କ ମତରେ ନାଟ୍ୟଚରିତ୍ର ସହ ଅଭିନେତା କ୍ଷୀର-ନୀର ନ୍ୟାୟରେ ମିଶିଯାଇ ପାରିଲେ ହିଁ ସେ ଅଭିନୀତ ଚରିତ୍ରରେ ପ୍ରାଣ ସଂଚାର କରିପାରିବେ । ଏହି ମନ୍ତବ୍ୟ ଭାରତୀୟ ନାଟ୍ୟଦର୍ଶନ ସହ ସାମ୍ୟ ରଖୁଥିବାରୁ ଏଠାରେ ସପ୍ରସଙ୍ଗ ତାହାର ସୂଚନା ଦିଆଗଲା ।

ତେବେ ଆମ ଆଗରେ ବର୍ତ୍ତମାନ ପ୍ରଶ୍ନ ହେଉଛି କେଉଁଟି ଗ୍ରହଣୀୟ ? ଷ୍ଟାନିସ୍ଲାଭସ୍କିଙ୍କର 'ନିମଜ୍ଜନ ତତ୍ତ୍ୱ' କିମ୍ବା ବ୍ରେଖ୍‌ଟଙ୍କର 'ବିଚ୍ଛିନ୍ନତାବାଦୀ ତତ୍ତ୍ୱ' କିଏ ଆମ ପାଇଁ ଶୁଭଙ୍କର ? ଏ ପ୍ରଶ୍ନର ଉତ୍ତର ଆମର ପାଠକମାନେ ନିଜ ଭିତରୁ ଖୋଜିବା ନିମନ୍ତେ ଆମେ ସବିନୟ ନିବେଦନ ଜଣାଉଛୁ । କୌଣସି ଗୋଟିଏ ତତ୍ତ୍ୱ ଉପସ୍ଥାପନ କରି ପ୍ରଚାର କୌଶଳ ଦ୍ୱାରା ତାକୁ ବିଶ୍ୱବ୍ୟାପି କରାଇବା ଏବଂ ଏ ସମ୍ପର୍କୀୟ ପୂର୍ବର ସମସ୍ତ ତତ୍ତ୍ୱକୁ

Digitized by srujanika@gmail.com

ତ୍ରୁଟିପୂର୍ଣ୍ଣ ବୋଲି ଘୋଷଣା କରିବା ହେଉଛି ଚିନ୍ତାନାୟକମାନଙ୍କର କାର୍ଯ୍ୟ। ଆତ୍ମପ୍ରତିଷ୍ଠାର ଏହା ପ୍ରମୁଖ ସାଧନ। ସେମାନେ ବୁଝିପାରନ୍ତି ନାହିଁ ଯେ, କିଛି କାଳ ପରେ ତାଙ୍କର ଏତେ ଗଭୀର ଚିନ୍ତାର ଫଳକୁ ମଧ୍ୟ ଭବିଷ୍ୟତର ବୋଲି ଚିନ୍ତାନାୟକ ସମ୍ପୂର୍ଣ୍ଣ ନସ୍ୟାତ୍ କହି ଦେଇ ନୂଆ ତତ୍ତ୍ୱ ଉପସ୍ଥାପିତ କରିପାରନ୍ତି। ଯୁଗେ ଯୁଗେ ଏହା ହିଁ ତ ଘଟି ଚାଲିଛି। ବ୍ରେଖ୍ଟ ଆଦି ଆମର ଚିନ୍ତାର ଜଗତରେ ଅଛନ୍ତି କି ? କେଜାଣି...

'ମହାକାବ୍ୟିକ ନାଟକ (Epic-Drama) ସମ୍ପର୍କରେ ଯେତିକି ସୂଚନା ଏଠାରେ ଦିଆଗଲା – ତହିଁରୁ ଏହାର ଅତୀତ-ବର୍ତ୍ତମାନ ଏବଂ ଭବିଷ୍ୟତ ସମ୍ପର୍କରେ ତଥା ଏହାର ସଂଜ୍ଞା ଏବଂ ସ୍ୱରୂପ ବିଷୟରେ ମାନନୀୟ ପାଠକମାନଙ୍କର ମୋଟାମୋଟି ଏକ ଧାରଣା ହୋଇଯାଉଥିବ ବୋଲି ଆମର ବିଶ୍ୱାସ। ବର୍ତ୍ତମାନ ତେବେ ବିଚାର କରିବା ଓଡ଼ିଆ ନାଟକରେ ଏହାର ସ୍ଥିତି ପ୍ରସାର ଓ ପ୍ରଗତିର ସାମାନ୍ୟ ରୂପ ସହିତ ନାଟ୍ୟକାର ହରିଚନ୍ଦନଙ୍କ ନାଟକରେ ଏହାର ଅବସ୍ଥିତି ସମ୍ପର୍କରେ। ନାଟ୍ୟକାର ହରିଚନ୍ଦନ ଓଡ଼ିଆ ନାଟକ ପରିସରରେ ଆତ୍ମପ୍ରକାଶ କରନ୍ତି ଗତ ଶତକର ଅଷ୍ଟମ ଦଶକରେ। ସ୍ମରଣ କରାଯାଇପାରେ ଯେ, ଏହି ସମୟକୁ ପ୍ରୟୋଗବାଦ ନାମରେ ନାଟକକୁ ଦୁର୍ବୋଧତାର ଅନ୍ଧାର ଗହ୍ୱର ମଧ୍ୟକୁ ଠେଲି ଦିଆଯାଉଥିବାର ଯେଉଁ ଉଦ୍ୟମ ସପ୍ତମ ଦଶକରୁ ଚାଲି ଆସିଥିଲା। ତହିଁରେ ମନ୍ଥରତା ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଯାଉଛି। ଯଦିଓ ଇତିମଧ୍ୟରେ ଓଡ଼ିଆ ନାଟକ ବିଭିନ୍ନ ପୁରସ୍କାର ପାଇ ନିଜର ଶୈଳୀ ନିମନ୍ତେ ତରୁଣ ନାଟ୍ୟକାର ଗୋଷ୍ଠୀରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି। ତଥାପି ସମାନ୍ତର ଭାବେ ଏଠାରେ ଆଉ ଏକ ଗୋଷ୍ଠୀର ନେତୃତ୍ୱରେ 'ଘର ବାହୁଡ଼ା'ର ଦ୍ରୁତ ପ୍ରସ୍ତୁତି ଚାଲିଛି। ଶୈଳୀ ପରିବର୍ତ୍ତନର ଏହିଭଳି ଏକ ସ୍ପର୍ଶକାତର ମୁହୂର୍ତ୍ତରେ ନାଟ୍ୟକାର ହରିଚନ୍ଦନଙ୍କର ଆତ୍ମପ୍ରକାଶ।

ଅନ୍ତର୍ମନର ବିଶ୍ଳେଷଣ ନାମରେ ସେତେବେଳ ଆମ ନାଟକରେ ମନତଳର ଛପିଲା ଯୌନବିକାରର ବିଶ୍ଳେଷଣ ଖୁବ୍ ଚାଲିଥାଏ। ଏକାନ୍ତ ବ୍ୟକ୍ତିନିଷ୍ଠ ଏଇସବୁ ନାଟକର ଚରିତ୍ରଅମାନେ ନିଜର ବ୍ୟକ୍ତିଗତ ଜୀବନର ବିଭିନ୍ନ ସମସ୍ୟାକୁ ନେଇ ବିବ୍ରତ। ଏମାନଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିକୈନ୍ଦ୍ରିକ ଜୀବନରେ ନିଜଛଡ଼ା ଆଉ କେହି ନାହାନ୍ତି। ସର୍ବୋପରି ଏମାନଙ୍କର ଚିନ୍ତାର ଜଗତରେ 'ଈଶ୍ୱର' କେଉଁଠି ନାହାନ୍ତି। ଏମାନେ ହେଉଛନ୍ତି 'ସମାଜପତି' ଯାହା କହିବେ, ତାହା ହିଁ ହେବ ସମାଜ ପାଇଁ ଗ୍ରହଣୀୟ ଓ ପାଳନୀୟ ନୀତି। ଭୋଗବାଦୀ ସଂସ୍କୃତିର ବ୍ୟସ୍ତ ବିବ୍ରତ ଏବଂ ଖଣ୍ଡିତ ରୂପର ମୂର୍ତ୍ତିମନ୍ତ ସ୍ୱରୂପ ଏଇ ସବୁ ଚରିତ୍ର ସ୍ଥାନୀୟତା ସହିତ କୌଣସି ସମ୍ପର୍କ ରଖନ୍ତି ନାହିଁ। ସେମାନେ ହୋଇ ପାରନ୍ତି ଦେଶ-ବିଦେଶର ଯେ କୌଣସି ପ୍ରଗତିଶୀଳ ଅଞ୍ଚଳର ଅଧିବାସୀ। ବିଶ୍ୱ ନାଟକ ସହିତ ପାଦ ମିଳାଇ ଚାଲିବାକୁ ହେଲେ ଓଡ଼ିଆ ନାଟକରେ ଏହି ସବୁ ବିଦେଶୀ-ଦର୍ଶନ ପଣ୍ଡିତ 'ହ୍ୟାଟ୍ ପିନ୍ଧା' ଚରିତ୍ରମାନଙ୍କର

Digitized by srujanika@gmail.com

ଆଗମନ ଏକ ଆବଶ୍ୟକତା । ଏ ଅଞ୍ଚଳର ଠେକାପିନ୍ଧା ଲୋକେ ତାଙ୍କୁ ଦେଖି ଅନୁପ୍ରାଣିତ ହେବେ। ଲୋକରୁଚିର ସାମୂହିକ ପରିବର୍ତ୍ତନ ଘଟିଯିବ। ପ୍ରୟୋଗବାଦୀ ନାଟ୍ୟଧାରାର ଏହି ଆଦର୍ଶ ସେତେବେଳେ ନାଟ୍ୟଜଗତକୁ ଆଚ୍ଛନ୍ନ କରି ରଖିଥାଏ।

ନାଟ୍ୟକାର ହରିଚନ୍ଦନ ଏହିଭଳି ସମୟରେ ଆବିର୍ଭୂତ ହୁଅନ୍ତି – ତାଙ୍କର ସମାଜନିଷ୍ଠ ନାଟ୍ୟଦର୍ଶନ ନେଇ। ପ୍ରଗତି ସହିତ ଚାଲିବା ନିମନ୍ତେ ସମୁଦ୍ୟତ ତାଙ୍କ ପାଦ ସହିତ ମନ ତଳେ ଏ ଦେଶର ଶାଶ୍ୱତ ଆତ୍ମାଟିଏ ଚିର ଜାଗ୍ରତ ରହିଥିବାର ସ୍ପଷ୍ଟ ଲକ୍ଷ୍ୟ କରାଯାଇ ପାରିବ। ପରମ୍ପରାର ଦୃଢ଼ ଭିତ୍ତି ଉପରେ ଦଣ୍ଡାୟମାନ ରହି ସେ ଜୀବନସତ୍ୟର ସନ୍ଧାନ କରିବାରେ ବିଶ୍ୱାସୀ। ଆଧୁନିକ ଜୀବନରେ ହଟଗୋଳ ମଧ୍ୟରୁ ଦୂରେଇ ଯାଇ ସେ ଏ ଦେଶର ପୁରାଣ ଇତିହାସ, କିଂବଦନ୍ତୀ, ଲୋକକଥା ଭିତରୁ ଯନ୍ତ୍ରଣା-ଜଟିଳ ସାମ୍ପ୍ରତିକ ଜୀବନ ପାଇଁ ସାନ୍ତ୍ୱନା ଖୋଜିଛନ୍ତି। ତହିଁରୁ ନିଜର ନାଟକ ପାଇଁ ଉପାଦାନ ସଂଗ୍ରହ କରିଛନ୍ତି। ତାଙ୍କର ପ୍ରଥମ ନାଟକ 'ସତ୍ୟ-ସଂଶୟ-ସାଲବେଗ' (୧୯୮୦) ପରମ୍ପରା ମଧ୍ୟରେ ଇତିହାସ-ସତ୍ୟ-ବିଶ୍ଳେଷଣର ଏକ ଲକ୍ଷ୍ୟଣୀୟ ଦୃଷ୍ଟାନ୍ତ। ସାଲବେଗ ଶ୍ରୀଜୀଉଙ୍କର ଯବନ-ଭକ୍ତ ରୂପରେ ଅନେକ ମନଛୁଆଁ ଜଣାଣ ଲେଖିଥିବାରୁ ତାଙ୍କର ଐତିହାସିକତା ପ୍ରମାଣିତ ହେଉଛି ସତ୍ୟ, ତେବେ ତାଙ୍କରି ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଏଠାରେ ଯାହା ପ୍ରଚାରିତ – ସେ ସବୁ ମୁଖ୍ୟତଃ ଜନଶ୍ରୁତି। ନାଟ୍ୟକାର ନାଟକ ପାଇଁ ତହିଁରୁ ଉପାଦାନ ସଂଗ୍ରହ କରିଛନ୍ତି। ସାମାନ୍ୟ ହେଲେ ମଧ୍ୟ ଏହି ନାଟକରେ ମହାକାବ୍ୟିକ ନାଟ୍ୟଧାରାର ସ୍ପର୍ଶ ରହିଛି। ଆଲୋଚନା କରିବା ପୂର୍ବରୁ ସ୍ପଷ୍ଟ କରିଦେବା ଆବଶ୍ୟକ ଯେ, ସୃଷ୍ଟି କଦାପି ବ୍ୟାକରଣର ଅଧୀନ ହୁଏନାହିଁ। ବ୍ୟାକରଣ ହିଁ ସୃଷ୍ଟିକୁ ଅନୁସରଣ କରେ। ନିଜ ଶୈଳୀରେ କିଂବଦନ୍ତୀ, ଜନଶ୍ରୁତି କିମ୍ବା ଲୋକକଥା ଇତ୍ୟାଦିର ବ୍ୟବହାର କରିବା ହେଉଛି ବ୍ରେଖ୍‌ଟଙ୍କ ପ୍ରବର୍ତ୍ତିତ ନାଟ୍ୟଶୈଳୀର ଏକ ବିଶେଷ ଦିଗ। ଜନଶ୍ରୁତିର ନାୟକ ସାଲବେଗ ଜଣେ ଯବନ ହୋଇ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବହୁ ଭଜନ ଜଣାଣ ଲେଖି ଏକ ସାମାଜିକ ବିପ୍ଳବ ସୃଷ୍ଟି କରିଥିଲେ। ଦଳିତ ଜନତାର ପ୍ରତିନିଧି ରୂପରେ ସାମ୍ୟ ଓ ମୈତ୍ରୀର ଅଧିକାର ଦାବି କରିଥିଲେ। ନାଟ୍ୟକାର ସାଲବେଗଙ୍କ ମାଧ୍ୟମରେ ସମାଜକୁ ଏଇ ବାର୍ତ୍ତା ପଠାଇଛନ୍ତି ଯେ, ଭକ୍ତିର କୌଣସି ଜାତି ନଥାଏ। ଏହି ଭଳି ଭାବରେ ସୂଚିତ ନାଟକରେ ବ୍ରେଖ୍‌ଟଙ୍କ ନାଟ୍ୟାଦର୍ଶ ଆଂଶିକ ଭାବରେ ପ୍ରତିଫଳିତ ହୋଇଛି ବୋଲି ପ୍ରମାଣ କରାଯାଇପାରିବ।

ସେହିଭଳି ତାଙ୍କର ନାଟକ 'ନିରାପଦ ଭବିଷ୍ୟତ' (୧୯୮୩)ରେ ସନ୍ନିବିଷ୍ଟ ତିନିଟି ନାଟକରେ ମଧ୍ୟ ଆମେ ବ୍ରେଖ୍‌ଟୀୟ ନାଟ୍ୟଶୈଳୀ ପ୍ରତିବିମ୍ବିତ ହୋଇଥିବାର ଦେଖିବାକୁ ପାଇବା। ନାଟିକା ତିନୋଟି ହେଲା 'ବତାସ ନିସ୍ତବ୍ଧ ଆଜି', 'ପୁଣ୍ୟଭୂମି

Digitized by srujanika@gmail.com

ଭାରତ' ଏବଂ 'ନିରାପଦ ଭବିଷ୍ୟତ'। ସାମ୍ପ୍ରତିକ ଜୀବନ ଧାରା ସହିତ ଓଡ଼ିଶା ଇତିହାସର ଏକ କଳଙ୍କିତ ଅଧ୍ୟାୟର ଯୋଗସୂତ୍ର ଅନୁସନ୍ଧାନ କରାଯାଇଛି 'ବତାସ ନିସ୍ତବ୍ଧ ଆଜି' ନାଟିକରେ। ବ୍ୟକ୍ତିଚରିତ୍ରର ଏକ ଚିରନ୍ତନ କିନ୍ତୁ ନିଷ୍ଠୁର ବାସ୍ତବ ଦିଗ ଉପରେ ଏହି ନାଟିକାରେ ଆଲୋକପାତ କରାଯାଇଛି। ମଣିଷ ମାତ୍ରକେ ହେଉଛନ୍ତି କ୍ଷମତାର ଭକ୍ତ। ଏଥିରୁ ଜନ୍ମନିଏ ଅହମିକା ଏବଂ ଏହାର ବଶବର୍ତ୍ତୀ ହୋଇ ମଣିଷ ପ୍ରତିଭାକୁ ଅସ୍ୱୀକାର କରେ। ଯୋଗ୍ୟତା ପ୍ରତି ଆଖିବୁଜି ଦିଏ। ଅଯୋଗ୍ୟମାନେ କ୍ଷମତାଧରମାନଙ୍କ ଆଶୀର୍ବାଦରୁ ଉଚ୍ଚସ୍ଥାନରେ ଆସୀନ ହୋଇ ସମାଜ ଜୀବନରେ ଅରାଜକତା ସୃଷ୍ଟି କରନ୍ତି। ଏହି ବିଭ୍ରାଟର ଚକ୍ରବ୍ୟୂହ ମଧ୍ୟରୁ ସମାଜକୁ ରକ୍ଷା କରିବାକୁ ହେଲେ ଏହା ବଦଳାଇବାକୁ ପଡ଼ିବ ଏବଂ ଏଥିପାଇଁ ପ୍ରୟୋଜନ ବିପ୍ଳବର – ଏହାରି ଇଙ୍ଗିତ ଦେଇ ନାଟ୍ୟକାର ନାଟକ ଶେଷ କରିଛନ୍ତି। ସାମାଜିକ ବୈଷମ୍ୟ ଦୂର କରିବାର ସ୍ୱପ୍ନ ସହିତ ଏଥିରେ କ୍ଷମତାନ୍ଧ ବ୍ୟକ୍ତିର 'ଯୋଗ୍ୟତମର ଉଦ୍‌ବର୍ତ୍ତନ' ନୀତିବାକ୍ୟକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ଦ୍ୱାରା ସୃଷ୍ଟ ସାମାଜିକ ବିଭ୍ରାଟ ପ୍ରସଙ୍ଗ ମଧ୍ୟ ଉତ୍‌ଥାପନ କରାଯାଇଛି। ମହାକାବ୍ୟିକ ଶୈଳୀ ବୈଷମ୍ୟ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିବାକୁ ପ୍ରେରିତ କରୁଥିବାରୁ ଏହାକୁ ମଧ୍ୟ ସୂଚିତ ଶୈଳୀ ଦ୍ୱାରା ପ୍ରଭାବିତ ବୋଲି କୁହାଯାଇପାରେ।

ମହାକାବ୍ୟିକ ନାଟ୍ୟଧାରାର ଚମତ୍କାର ରୂପାୟଣ ଘଟିଛି ତାଙ୍କର ବେତାର ନାଟକ 'ମଧ୍ୟପାତ୍ର' (୧୯୮୧) ନାଟକରେ। କଥାବସ୍ତୁ ସଂଗୃହୀତ ହୋଇଛି ସାରଳା ମହାଭାରତର 'ଉଦ୍‌ଯୋଗ ପର୍ବ'ରୁ। ମହାଭାରତର ମହାସଂଗ୍ରାମ ପୂର୍ବରୁ କୌରବ ରାଜସଭାକୁ ଯୁଦ୍ଧ ନିରୋଧର ଅନ୍ତିମ ଉଦ୍ୟମ ସ୍ୱରୂପ ଶାନ୍ତିର ପ୍ରସ୍ତାବ ନେଇ ଶ୍ରୀକୃଷ୍ଣଙ୍କ ଦୌତ୍ୟ ପ୍ରସଙ୍ଗ ହେଉଛି ଏହାର ଆଧାର। ଯୁଦ୍ଧୋତ୍ତର କାଳରେ ଏହାର ଭୟଙ୍କର ପରିଣାମ ସମ୍ପର୍କରେ ସମାଜକୁ ସତର୍କ କରାଇ ଦେବା ହେଉଛି ଏହାର ମୂଳଲକ୍ଷ୍ୟ। ତେବେ ମଧ୍ୟପାତ୍ର ପଣରେ ପାଣ୍ଡବ ପକ୍ଷର ପ୍ରତିନିଧିତ୍ୱ କରୁଥିବା ମହାନାୟକ ଶ୍ରୀକୃଷ୍ଣ ସ୍ୱୟଂ ଯୁଦ୍ଧର ସପକ୍ଷରେ ରହିଥିବା ହିଁ ହେଉଛି ଏହାର ବୈଶିଷ୍ଟ୍ୟ। ନୂତନ ସୃଷ୍ଟିପାଇଁ ଧ୍ୱଂସ ହେଉଛି ଏକ ଆବଶ୍ୟକତା। ବିଦ୍ୱେଷର ଅଗ୍ନି କୁହୁଳି କୁହୁଳି ଚରମ ସର୍ବନାଶ ଘଟାଇବା ପୂର୍ବରୁ ତାକୁ ଶେଷଥର ପାଇଁ ଜଳି ଉଠିବାକୁ ସୁଯୋଗ ଦେବା ଉଚିତ – ମଧ୍ୟପାତ୍ର ଶ୍ରୀକୃଷ୍ଣ ଏହି ତତ୍ତ୍ୱରେ ବିଶ୍ୱାସୀ। ଏହାଦ୍ୱାରା ଦୀର୍ଘକାଳର ଆବର୍ଜନା ପରିଷ୍କାର କରାଯାଇ ସୁସ୍ଥ ସୁନ୍ଦର ଏକ ଆବର୍ଜନା ମୁକ୍ତ ସମାଜର ନିର୍ମାଣ କରାଯାଇପାରିବ। ଏହା ହିଁ ହେଉଛି ନାଟକର ପ୍ରମୁଖ ପ୍ରମୁଖ ବାର୍ତ୍ତା। ପୁରାଣ-କାହାଣୀର ଏତିକି ହେଉଛି ଏହାର ସାମ୍ପ୍ରତିକ ଆଭିମୁଖ୍ୟ। ପୁରାତନରେ ନୂତନତା ଏବଂ ଅତୀତର ସାମ୍ପ୍ରତିକତା ଅନୁସନ୍ଧାନ ହେଉଛି ମହାକାବ୍ୟିକ-ନାଟ୍ୟାଦର୍ଶର ଏକ ବିଶେଷ ଦିଗ। ନାଟ୍ୟକାର ଏଠାରେ ତାହାକୁ ବେଶ୍ ସଫଳ ଭାବରେ ରୂପାୟିତ କରିପାରିଛନ୍ତି।

Digitized by srujanika@gmail.com

ଶାନ୍ତି ପ୍ରସ୍ତାବରେ ପାଣ୍ଡବ ପରିବାରର ବିଭିନ୍ନ ସଦସ୍ୟମାନଙ୍କ ପ୍ରତିକ୍ରିୟାରେ ଆମୋଦନ ସହିତ ଚିନ୍ତାର ଉପାଦାନ ପ୍ରଚୁର ପରିମାଣରେ ରହିଛି। ମଧ୍ୟପାତ୍ର... ସବୁଥିରେ ଅଛନ୍ତି ଅଥଚ ପଦ୍ମପତ୍ରର ବାରି ବିନ୍ଦୁ ଭଳି ସେ ସବୁଥିରୁ ଅସମ୍ପୃକ୍ତ ମଧ୍ୟ। ସାମାନ୍ୟ ହେଲେ ମଧ୍ୟ ଏଥିରେ ବିଚ୍ଛିନ୍ନତା ତତ୍ତ୍ୱକୁ ସନ୍ଧାନ କରାଯାଇପାରେ।

ସେହିଭଳି ତାଙ୍କର 'ସ୍ୱର୍ଗାରୋହଣ' (୧୯୮୭) ନାଟକ ହେଉଛି ଯୁଦ୍ଧୋତ୍ତର ସ୍ଥିତିର ଏକ ନାଟ୍ୟିକ ବିଶ୍ଳେଷଣ। 'ମଧ୍ୟପାତ୍ର' ନାଟକରେ ଯୁଦ୍ଧକୁ ଏକ ସ୍ୱାର୍ଥସର୍ବସ୍ୱ ରାଜନୀତିଜ୍ଞର ଦୃଷ୍ଟିରୁ ବିଶ୍ଳେଷଣ କରାଯିବା ପରେ ସୂଚିତ ନାଟକରେ ସାମ୍ପ୍ରତିକ ଯୁଦ୍ଧ ପକ୍ଷପାତି ରାଷ୍ଟ୍ରନାୟକମାନଙ୍କ ପ୍ରତି ଏହା ହେଉଛି ଏକ ସତର୍କ ଘଣ୍ଟି। ମଣିଷ ଯେତେ ସଭ୍ୟ, ଶିକ୍ଷିତ ଏବଂ ବିକଶିତ ହେଲେ ମଧ୍ୟ କୌଣସି କାଳରେ ପାରସ୍ପରିକ ଦ୍ୱନ୍ଦ୍ୱ ଓ ସଂଘର୍ଷରୁ ନିଜକୁ ଦୂରେଇ ରଖିପାରିନାହିଁ। ଅହଂର ସଂଘର୍ଷରୁ ଦ୍ୱନ୍ଦ୍ୱ ଏବଂ ତାହାର ଶେଷ ପରିଣାମ ହେଉଛି ରକ୍ତକ୍ଷୟକାରୀ ସଂଗ୍ରାମ। ଆମର ସାମ୍ପ୍ରତିକ ସମାଜ ମଧ୍ୟ ଏହି ଚିନ୍ତାରୁ ମୁକ୍ତ ନୁହେଁ। ସମଗ୍ର ବିଶ୍ୱ ସପକ୍ଷରେ ଆପଣା ଆପଣାର ଶକ୍ତିମତ୍ତା ପ୍ରମାଣ କରିବା ନିମନ୍ତେ ଆଜିର ଉନ୍ନତ ରାଷ୍ଟ୍ରଗୁଡ଼ିକ ପରସ୍ପର ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାରେ ଲିପ୍ତ। ନୂଆ ନୂଆ ଧ୍ୱଂସକାରୀ ଅସ୍ତ୍ର ଉଦ୍‌ଭାବନ ନିମନ୍ତେ ଅକାତରରେ କୋଟି କୋଟି ଡଲାର ପାଣି ସୁଅପରି ବୁହାଇ ଦେଉଛନ୍ତି। ଜଣେ ତଟସ୍ଥ ଦର୍ଶକ ଭାବରେ ନାଟ୍ୟକାର ଏ ସବୁ ଲକ୍ଷ୍ୟ କରିଛନ୍ତି। ଯୁଦ୍ଧ ବିରୋଧରେ ଏକ ସାମାଜିକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ସେ ମହାଭାରତର ଏହି କାହାଣୀଟିକୁ ଚୟନ କରିଛନ୍ତି। ବିଜୟୀ-ବୀରର ଯୁଦ୍ଧୋତ୍ତର ଦୟନୀୟ ଜୀବନଚର୍ଯ୍ୟାର ଦୃଷ୍ଟାନ୍ତ ଉପସ୍ଥାପନ କରିଛନ୍ତି। ପୁରାଣର ସତ୍ୟ ଏଠାରେ ସମାଜ ଜୀବନର ଚିରନ୍ତନ ସତ୍ୟର ରୂପନେଇଛି। ବ୍ରେଖ୍‌ଟ ତାଙ୍କର ଏକାଧିକ ସୃଷ୍ଟିରେ ଯୁଦ୍ଧ ବିରୋଧୀ ମନୋଭାବର ସ୍ୱାକ୍ଷର ରଖିଛନ୍ତି। 'ସ୍ୱର୍ଗାରୋହଣ' ଏହି ଚିନ୍ତାଧାରାର ଏକ ସଫଳ ନାଟ୍ୟ ରୂପାୟଣ।

ଯୁଦ୍ଧ କୌଣସି ସମସ୍ୟା ସମାଧାନର ସୂତ୍ର ନୁହେଁ, ବରଂ ନୂତନ ସମସ୍ୟାର ଆବାହନୀ ସଂଗୀତ ମାତ୍ର। ଏଥିରେ ପରାଜିତ ଓ ବିଜୟୀ ଉଭୟ ପକ୍ଷର ସମାନ ଦାୟିତ୍ୱ ରହିଥାଏ। ମହାଭାରତ ଯୁଦ୍ଧ ପାଇଁ କୌରବ ମୁଖ୍ୟ– ଦୁର୍ଯ୍ୟୋଧନଙ୍କର ଭୂମିକା ଯାହାଥିଲା – ପାଣ୍ଡବ ମୁଖ୍ୟ ଯୁଧିଷ୍ଠିରଙ୍କର ଦାୟିତ୍ୱ ମଧ୍ୟ ତାହାଠାରୁ କିଛି କମ୍ ନଥିଲା। ପରିଣାମ ତେଣୁ ଦୁଇପକ୍ଷକୁ ଭୋଗିବାକୁ ପଡ଼ିଲା। ସମ୍ପୂର୍ଣ୍ଣ ଉନ୍ମୂଳିତ ହୋଇ ଗୋଟିଏ ପକ୍ଷ ନିଜ ଅହଂକାର ପାଇଁ ପ୍ରାୟଶ୍ଚିତ୍ତ କରିଥିବା ବେଳେ ଆତ୍ମୀୟସ୍ୱଜନମାନଙ୍କର ମୃତ୍ୟୁରେ ଶୋକଗ୍ରସ୍ତ। ଅଗଣିତ ନିରପରାଧ ମନୁଷ୍ୟର ହାହାକାରରେ ଉତପ୍ତ ହସ୍ତିନାର ବାୟୁମଣ୍ଡଳରେ ରୁଦ୍ଧଶ୍ୱାସ ଏବଂ ସର୍ବୋପରି ନିଜର ଦିଗ୍‌ଦର୍ଶକ ଯୁଦ୍ଧର ମହାନାୟକ ଶ୍ରୀକୃଷ୍ଣଙ୍କ ତିରୋଧାନରେ ଅସହାୟ ପାଣ୍ଡବ ପକ୍ଷ ମଧ୍ୟ ନୀରବ ମୃତ୍ୟୁର ଶୀତଳ ସ୍ପର୍ଶରେ ଜୀବନ୍ମୃତ୍ୟୁର ଯନ୍ତ୍ରଣାରେ ନିତ୍ୟ

Digitized by srujanika@gmail.com

ଆତଙ୍କିତ। ନାଟକରେ ଏହାର ବିଶ୍ଳେଷଣ କରାଯାଇ ଶାନ୍ତିର ଭୂମିକା ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯାଇଛି।

ପୁରାଣ କାହାଣୀର ଆଧୁନିକ ବ୍ୟାଖ୍ୟା ଏପିକ୍ ନାଟକର ଏକ ବିଶେଷ ଧର୍ମ ହୋଇଥିବାରୁ 'ସ୍ୱର୍ଗାରୋହଣ' ନାଟକରେ ଏହି ନାଟ୍ୟ-ଦର୍ଶନର ରୂପାୟଣ କରାଯାଇଛି ବୋଲି କୁହାଯାଇପାରେ। ସ୍ମରଣ କରାଇ ଦେବାକୁ ହେଉଛି ଯେ, ଲୋକଶୈଳୀ, ଲୋକ ଚରିତ୍ରର ବ୍ୟବହାର ମଧ୍ୟ ହେଉଛି, ଏହି ନାଟକର ଅନ୍ୟ ଏକ ଦିଗ। ନାଟ୍ୟକାର ଏଥିରେ ତିନିଟି ଲୋକଚରିତ୍ର ସହିତ ଯୁଦ୍ଧର ବ୍ୟାଖ୍ୟାକାର ରୂପେ ସଞ୍ଜୟଙ୍କୁ ଆଣି ମହାକାବ୍ୟିକ ନାଟ୍ୟଶୈଳୀ ପ୍ରତି ନିଜର ଆନୁଗତ୍ୟର ସ୍ପଷ୍ଟ ପରିଚୟ ଦେଇଛନ୍ତି। ଲୋକ ଚରିତ୍ର ମାଧ୍ୟମରେ ସମକାଳୀନ ସମସ୍ୟାର ଅବତାରଣା ଏବଂ ଅତୀତ ଘଟଣା ସହିତ ତାହାର ସମାନ୍ତରାଳତା-ପ୍ରମାଣ କରାଯାଇଛି। ଅନ୍ୟାର୍ଥରେ କହିବାକୁ ଗଲେ, ଅତୀତ ଓ ବର୍ତ୍ତମାନ ଏଠାରେ ଗୋଟିଏ ବିନ୍ଦୁରେ ପରସ୍ପର ସହିତ ମିଶିଯାଇଛନ୍ତି। ଏପିକ୍-ନାଟକ ପାଇଁ ଏଭଳି କଳ୍ପନା ଆଦର୍ଶ ସ୍ଥାନୀୟ। ଏପିକ୍ ନାଟକର ବ୍ୟାଖ୍ୟାକାରୀ ଚରିତ୍ର ଏଠାରେ ସଞ୍ଜୟ ଭୂମିକାରେ ଅବତୀର୍ଣ୍ଣ। ଏହି ସବୁ କାରଣରୁ ଆମେ ସୂଚିତ ନାଟକଟିକୁ ଓଡ଼ିଆ-ଏପିକ୍ ନାଟ୍ୟଧାରାରେ ଏକ ସ୍ମରଣୀୟ ସଂଯୋଗ ବୋଲି ମନେ କରୁ।

ଭୀମ ଭୋଇଙ୍କ ସନ୍ଧାନରେ (୧୯୮୧) ହେଉଛି ନୀଳାଦ୍ରିଭୂଷଣଙ୍କ ରଚିତ ଅନ୍ୟ ଏକ ମିଥ୍‌ଧର୍ମୀ ନାଟକ। ନିପୀଡ଼ିତ ଜନତାର ପ୍ରତିନିଧି ରୂପେ ଭୀମଭୋଇ ଆଗାମୀ ଏକ ସାମାଜିକ ବିପ୍ଳବର ପ୍ରତୀକ ରୂପରେ ଏଠାରେ ଉଭା ହୋଇଛନ୍ତି। ନିରକ୍ଷର ଏଇ ଅନ୍ଧଗ୍ରାମୀଣ କବି ଜଣକ ତ୍ୟାଗର ଏକ ଚିରକାଳୀନ ଦୃଷ୍ଟାନ୍ତ ସ୍ଥାପନ କରି 'ଜଗତ ଉଦ୍ଧାର' ନିମନ୍ତେ ଆପେ ଅନନ୍ତ କାଳ ପାଇଁ ନର୍କ ଭୋଗ କରିବାକୁ ପ୍ରସ୍ତୁତ ଥିବାର ଘୋଷଣା କରିଛନ୍ତି। ତାଙ୍କ ଚିନ୍ତାରେ ଚିରନ୍ତନ ମାନବିକ ମୂଲ୍ୟବୋଧର ଆଦର୍ଶ ପ୍ରକାଶ ପାଉଛି। ତୁଳନାରେ ସାମ୍ପ୍ରତିକ ଭୋଗବାଦୀ ଦର୍ଶନ ଆଜିର ମଣିଷକୁ ଶିଖାଉଛି, 'First your self and Always your self'ର ସୁବିଧାବାସୀ ତତ୍ତ୍ୱ। ଭୀମ ଭୋଇଙ୍କୁ ସାକ୍ଷୀ ରଖି ନାଟ୍ୟକାର ଆଧୁନିକ ସମାଜର ଏଇ ସବୁ ଦ୍ୱୈତସତ୍ତାଧାରୀ ପ୍ରତିନିଧିଙ୍କର ପ୍ରକୃତ ସ୍ୱରୂପ ଉଦ୍‌ଘାଟନ କରିଛନ୍ତି। ଗାନ୍ଧିଟୋପି ଆଉ ନିର୍ଦ୍ଦାଗ ଖଦଡ଼ ପୋଷାକ ହୋଇ ଯାଇଛି ଅସୁମାରି ଦୁର୍ନୀତି ନିମନ୍ତେ ଏକ ଛାଡ଼ପତ୍ର। ଛଳନା ହିଁ ହୋଇଛି ସାମ୍ପ୍ରତିକ ରାଜନୀତିର ଅନ୍ୟ ନାମ। ସକାଳର ପ୍ରତିଶ୍ରୁତିକୁ ସଂଜରେ ଅନ୍ୟ ରୂପରେ ପ୍ରକାଶ କରିବା ହୋଇଛି ରାଜଧର୍ମ। ଧର୍ମ, ଜାତି, ଗୋଷ୍ଠୀ, ସମ୍ପ୍ରଦାୟର ନାମରେ ନିତ୍ୟ ନୂତନ ସୂତ୍ରଖୋଜି ନିରୀହ ଜନତାର କାନ୍ଧରେ ସିଂହାସନ ଥୋଇ ରାଜପଣ ଚଳାଇ ଯିବା ହୋଇଛି ଏଇ ସବୁ କ୍ଷମତାଲୋଭୀ ଧୂର୍ତ୍ତମାନଙ୍କର ଏକମାତ୍ର ଲକ୍ଷ୍ୟ। ନାଟ୍ୟକାର ବଡ଼ ନିପୁଣ ଭାବରେ ସାମ୍ପ୍ରତିକ ରାଜନୀତିର ଏଇ ଧୂମିଳ

Digitized by srujanika@gmail.com

ଚିତ୍ରପଟଙ୍କୁ ବିଶ୍ଳେଷଣ କରିଛନ୍ତି ଏବଂ ଆଶା କରିଛନ୍ତି ଆଗାମୀ କାଲି ନିଶ୍ଚୟ ଏଇ ମୂକ ଦଳିତ ଗୋଷ୍ଠୀର ସମ୍ମିଳିତ ପ୍ରତିରୋଧ ଧୂର୍ତ୍ତ ଜନସେବକମାନଙ୍କର ଦୁର୍ଗପତନ ଘଟାଇବ। ସେତେବେଳେ ଜନତାର ନେତୃତ୍ୱ ନେବା ପାଇଁ ନିଶ୍ଚୟ ଭୀମ ଭୋଇମାନେ ସମାଜରେ ପୁଣିଥରେ ଜନ୍ମ ନେବେ। କୁରୁକ୍ଷେତ୍ରର ପ୍ରାଙ୍ଗଣରେ ପ୍ରଦତ୍ତ ପ୍ରତିଶ୍ରୁତି କଦାପି ବ୍ୟର୍ଥ ହେବନାହିଁ। ଭୀମ ଭୋଇଙ୍କୁ ସନ୍ଧାନ କରୁଥିବା ନାଟ୍ୟକାରଙ୍କର ଉଦ୍ୟମ ସେତେବେଳେ ସଫଳ ହେବ।

ଭୀମ ଭୋଇ ନାଟକରେ ଏକ 'ମିଥ୍' ବା 'ପ୍ରତୀକ' ରୂପରେ ଗୃହୀତ ହୋଇଛନ୍ତି। ଐତିହ୍ୟ ସହିତ ସାମ୍ପ୍ରତିକ ସ୍ଥିତାବସ୍ଥାର ରାକ୍ଷୀବନ୍ଧନ ହେଉଛି ଏପିକ୍ ନାଟକର ଏକ ବିଶେଷ ଦିଗ। ଉତ୍ତର ଆଧୁନିକବାଦୀମାନଙ୍କର ମଧ୍ୟ ଏହି ଶୈଳୀଟି ବଡ଼ ପସନ୍ଦ। ଆହୁରି କଳା ଓ ସଂସ୍କୃତିର ପୃଷ୍ଠଭୂମିରେ ମଣିଷର ଇତିହାସ ଜାଣିବା ପାଇଁ 'ମିଥ୍' ଭଳି ମାଧ୍ୟମର ଦ୍ୱିତୀୟ ନାହିଁ। ପୁରାଣ ବା ଲୋକକଥାର କେବଳ ଚରିତ୍ର ବା ଆଖ୍ୟାନର ଉଲ୍ଲେଖ କରିଦେଲେ ତାହା 'ମିଥ୍' ହୋଇଯାଏ ନାହିଁ। ତାହା ଯଦି ସାମ୍ପ୍ରତିକ ସମାଜ, ସାଂସ୍କୃତିକ ଜୀବନନବୋଧ ସହିତ ଯୋଗସୂତ୍ର ରକ୍ଷାକରି କୌଣସି ଶାଶ୍ୱତ ତତ୍ତ୍ୱକୁ ଉପସ୍ଥାପନ କରେ, ତେବେ ତାହାହିଁ ଏ 'ମିଥ୍' ରୂପରେ ସାର୍ଥକ। ଚରିତ୍ର ପୁରାଣର ହେଉକି ଜନଶ୍ରୁତିର ତା'ଠାରେ ଚିରକାଳୀନ ମଣିଷର ସୁଖଦୁଃଖ, ଆନନ୍ଦ-ବେଦନା, ସ୍ନେହ ପ୍ରେମ, ଈର୍ଷା ଅସୂୟା ଇତ୍ୟାଦି ସମ୍ପୂର୍ଣ୍ଣ ରୂପେ ରହିଛି। ପ୍ରାଚୀନ ଓ ନବୀନ ମଧ୍ୟରେ ପ୍ରାସଙ୍ଗିକତା ସୃଷ୍ଟି କରି ଅଗ୍ରସର ହେବା ହେଉଛି ସ୍ରଷ୍ଟାଙ୍କର ଦାୟିତ୍ୱ। ନାଟ୍ୟକାର ହରିଚନ୍ଦନ ସାମ୍ପ୍ରତିକ ରାଜନୀତିର ତିମିରିତ ପରିବେଶ ସହିତ ଊନବିଂଶ ଶତକର ଜଣେ ସାଧକଙ୍କର ଚିନ୍ତାଧାରାର ସାମଞ୍ଜସ୍ୟ କଳ୍ପନା କରିଛନ୍ତି। ପ୍ରାଣୀଙ୍କର ଅପ୍ରମିତ ଆର୍ତ୍ତି ଏବଂ ଦୁଃଖ ଯନ୍ତ୍ରଣା ଦୂର କରିବା ନିମନ୍ତେ ବିପ୍ଳବୀ ଭୀମ ଭୋଇଙ୍କ ତୁଲ୍ୟ ଜଣେ ବ୍ୟକ୍ତିଙ୍କର ଆଗମନ ଅବଶ୍ୟମ୍ଭାବୀ। ଏହି ଭଳି ଏକ ସମ୍ଭାବନାର ସୂଚନା ଦିଆଯାଇ ନାଟକ ଶେଷ କରାଯାଇଛି। ସମ୍ପୂର୍ଣ୍ଣ ମହାକାବ୍ୟିକ ନାଟ୍ୟାଦର୍ଶର ଛାୟାରେ କଳ୍ପିତ ଏହି ନାଟକକୁ ଆମେ ଓଡ଼ିଆ ନାଟ୍ୟଧାରାରେ ଏକ ମୂଲ୍ୟବାନ୍ ସଂଯୋଗ ବୋଲି କହିପାରିବା। ରାଜନୀତି, ସମାଜତତ୍ତ୍ୱ ତଥା ଅର୍ଥନୀତି, ଏ ତିନୋଟି ତତ୍ତ୍ୱର ବିଶ୍ଳେଷଣ କରାଯାଇଛି ସୂଚିତ ନାଟକରେ। ଏପିକ୍ ଶୈଳୀର ଅନୁସରଣ କରାଯାଇଛି ଏହାର ପରିବେଷଣ ରୀତିରେ। ସାମ୍ପ୍ରତିକ ସମାଜର ମସୀଲିପ୍ତ ସ୍ୱରୂପ ବିଶ୍ଳେଷିତ ହୋଇଛି ଚାରି ଜଣ ସାଧାରଣ ଲୋକ ଚରିତ୍ର ମାଧ୍ୟମରେ। ଏମାନେ ପୁଣି ନାଟକର ଭିନ୍ନ ଭିନ୍ନ ସ୍ଥାନରେ ବିଭିନ୍ନ ଭୂମିକାରେ ନୂଆ ନୂଆ ଘଟଣାର ବର୍ଣ୍ଣନା କରୁଛନ୍ତି। ବ୍ରେଖ୍‌ଟଙ୍କ ଏପିକ୍ ନାଟ୍ୟଶୈଳୀରେ ମଧ୍ୟ ଏହି ଭଳି ଏକ ଚରିତ୍ରର ଭିନ୍ନ ଭିନ୍ନ ଭୂମିକାରେ ଅବତରଣର ବ୍ୟବସ୍ଥା ରହିଛି। ସୂଚିତ ନାଟକଟି ମୁକ୍ତମଞ୍ଚରେ ଅଭିନୟ କରାଯିବାର ଇଙ୍ଗିତ ରହିଥିବାରୁ

Digitized by srujanika@gmail.com

ଏଥିପାଇଁ କୌଣସି ବ୍ୟୟ ବହୁଳ ମଞ୍ଚ ବ୍ୟବସ୍ଥାର ପ୍ରୟୋଜନ ମଧ୍ୟ ନାହିଁ। ଭୂମିକା ନିର୍ବାହ କରିବା ପରେ ଅଭିନେତାମାନେ ଦର୍ଶକମାନଙ୍କ ସହିତ ବସିପାରନ୍ତି ବୋଲି ସୂଚନା ଦେଇ ନାଟ୍ୟକାର ଅଭିନୟର ଦର୍ଶକ ସମ୍ପୃକ୍ତିକୁ ସାବ୍ୟସ୍ତ କରିଛନ୍ତି। ଏହିଭଳି ଭାବରେ ବିଚାର କରି ଦେଖିଲେ ଜ୍ଞାତସାରରେ ହେଉ କିମ୍ବା ଅଜାଣତରେ ନାଟ୍ୟକାର ଏପିକ୍ ନାଟ୍ୟଶୈଳୀ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବଙ୍ଗଳା ଭାଷାର ଚର୍ଚ୍ଚିତ ନାଟ୍ୟକାର ବାଦଲ ସରକାର (ଗତ ଶତକର ସପ୍ତମ ଦଶକରେ ଏହାଙ୍କ ରଚିତ 'ଏବଂ ଇନ୍ଦ୍ରଜିତ୍' (୧୯୬୯) ନାଟକ ନୋବେଲ୍ ପ୍ରାଇଜ୍ ପାଇବାର ସମ୍ଭାବନା ରହିଚି ବୋଲି ବେଶ୍ ଚର୍ଚ୍ଚା ହେଉଥିଲା) ଦର୍ଶକମାନଙ୍କୁ ମଞ୍ଚାଭିମୁଖୀ କରିବା ନିମନ୍ତେ ନାଟକକୁ ଦର୍ଶକମାନଙ୍କ ନିକଟକୁ ନେଇ ଯାଉଥିଲେ ଏବଂ ଏହାକୁ ସେ 'ଥାର୍ଡ୍ ଥିଏଟର' ବୋଲି କହୁଥିଲେ। ଏବେ ଆମ ଏଠାରେ ନାଟ୍ୟକାର ସୁବୋଧ ପଟ୍ଟନାୟକ ମଧ୍ୟ ସେଇଆ କହୁଛନ୍ତି ତାଙ୍କର 'physical' ବା 'psycho' ଥିଏଟର ମାଧ୍ୟମରେ) ନାଟ୍ୟକାର ସରକାରଙ୍କର ସେହି ନାଟ୍ୟଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିବାର ସ୍ୱୀକାର କରିଛନ୍ତି। ଅଜ୍ଞାତସାରରେ ତାଙ୍କର ଚିନ୍ତା ଭିତରକୁ ବ୍ରେଖ୍ଟ ପଶି ଆସିଥିବା ବ୍ୟାପାରକୁ କିନ୍ତୁ ଅସ୍ୱୀକାର କରାଯାଇପାରିବ ନାହିଁ।

ଲୋକକଥାର ଏକ ଚର୍ଚ୍ଚିତ ଗଳ୍ପକୁ ନେଇ ନାଟ୍ୟକାର ଗତ ଶତକର ନବମ ଦଶକରେ ରଚନା କରିଛନ୍ତି ଦଶଟି ଦୃଶ୍ୟ ସମ୍ବଳିତ ନାଟିକା 'କଲୁରିବେଣ୍ଟ' (୧୯୯୮) ସମକାଳୀନ ନଷ୍ଟ ମୂଲ୍ୟବୋଧର ଦୁଃସ୍ଥିତିରେ ଲୋକକଥାର ପ୍ରତାରିତ କାଉଟିକୁ 'ସାଧାରଣ ଜନତା'ର ପ୍ରତିଭୂ ରୂପରେ ଉପସ୍ଥାପିତ କରାଯାଇଛି। ବିଭିନ୍ନ ସମୟରେ ତାକୁ କୁମ୍ଭାର, ବିଲ, ମିରିଗ ଏବଂ ଗାଈର ଇତ୍ୟାଦି ପ୍ରତାରିତ କରିବା ପରେ ଶେଷରେ କମାର ତାକୁ ନିର୍ମମ ଭାବରେ ହତ୍ୟା କଲାଭଳି ଆଜିର ସମାଜରେ ଦେଶର ଜନତା ବିଭିନ୍ନ ଉପାୟରେ ପ୍ରତାରିତ ହେବା ପରେ ଶେଷରେ ଧ୍ୱଂସର ସମ୍ମୁଖୀନ ହେଉଛି। ଚୌକିଦାର ଗୁରୁଚରଣ ହୋଇଛି ଏହାର ବ୍ୟାଖ୍ୟାକାର। ସମାଜ ସଂସ୍କାର ପ୍ରତିନିଧି ପଦସ୍ଥ ସରକାରୀ କର୍ମଚାରୀ ନିଷିଦ୍ଧ ଅରଣ୍ୟ ପଶୁ ମାରି ବନ୍ଧୁମାନଙ୍କୁ ଆପ୍ୟାୟିତ କରିବା ଘଟଣାର ପ୍ରତିବାଦ କରୁଛି ଡାକବଙ୍ଗଳାର ଜଣେ ସାମାନ୍ୟ ଚୌକିଦାର ଗୁରୁଚରଣ। ବିଚରା ଜାଣିନାହିଁ। ଯେଉଁମାନେ ଆଇନ୍ କରନ୍ତି, ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ସେମାନେ ସବୁବେଳେ ଥାଆନ୍ତି, ତାହାର ଊର୍ଦ୍ଧ୍ୱରେ। ପ୍ରଥମେ ତା'ର ଚାକିରି ଯାଇଛି, ଏଭଳି ଦୁଃସାହସ ଦେଖାଇ ଥବାରୁ। ଆରମ୍ଭ ହେଇଛି ତା'ର ସଂଗ୍ରାମ ଏଷ୍ଟାବ୍ଲିସ୍‌ମେଣ୍ଟ ବିରୁଦ୍ଧରେ ଥାକକୁ ଥାକ କର୍ମକର୍ତ୍ତାଙ୍କୁ ସେ ଭେଟୁଛି। କାହାରି ସାହାଯ୍ୟ ସେ ପାଉନାହିଁ। ପରିବାରରେ ବିପର୍ଯ୍ୟୟ ଆରମ୍ଭ ହେଇଛି। ତଥାପି ସେ ଭାଙ୍ଗି ପଡୁନାହିଁ। ମାନସିକ ସ୍ତରରେ ବଡ଼ପୁଅର ସମର୍ଥନ ତାକୁ ଗଭୀର ସନ୍ତୋଷ ଦେଉଛି ଏବଂ ସେ ଘୋଷଣା କରୁଛି, "ମୁଁ ଯେଉଁ ଧର୍ମଯୁଦ୍ଧ ଆରମ୍ଭ କରିଛି

Digitized by srujanika@gmail.com

ବଞ୍ଚିଥିବା ଭିତରେ ଯଦି ଏ ଯୁଦ୍ଧର ଶେଷ ନହୁଏ। ଉତ୍ତରାଧିକାରୀ ଭାବରେ ତୁ ହିଁ ଲଢ଼ିବୁ ଏ ଧର୍ମଯୁଦ୍ଧ"– ନୈରାଶ୍ୟର ଘନ ଅନ୍ଧାର ମଧ୍ୟରେ ଏହି ଭଳି ଏକ ସମ୍ଭାବିତ ସୂର୍ଯ୍ୟୋଦୟର ସୂଚନା ଦିଆଯାଇ ନାଟକ ଶେଷ ହେଉଛି। ସମାଜର ସର୍ବନିମ୍ନ ପାହାଚରେ ବସିଥିବା ଲୋକଟି କିଭଳି ଆମର ଶାସନ ବ୍ୟବସ୍ଥାରେ ସବୁବେଳେ ନିର୍ଯ୍ୟାତିତ ହେଉଛି ତାହା ହିଁ ଏଥିରେ ଦେଖାଇ ଦିଆଯାଇଛି। ଲୋକକଥାର କାଉଟି ଭଳି ସେ ମଧ୍ୟ ପ୍ରତାରିତ ଏବଂ ନିର୍ଯ୍ୟାତିତ ନ୍ୟାୟପାଇଁ। ଏଷ୍ଟାବ୍ଲିସ୍‌ମେଣ୍ଟର ଗୋଟିଏ ସଂସ୍ଥାରୁ ଅନ୍ୟ ସଂସ୍ଥା ଯାଏଁ ଘୂରି ବୁଲିବା ଯେ, ଆଇନ୍ ବ୍ୟବସ୍ଥାର ଆଳରେ ଏଥିରୁ ତାକୁ ଦୂରେଇ ରଖିବା ପାଇଁ ଏକ ଚମତ୍କାର ଫାନ୍ଦ– ଏହା ସେ ବୁଝୁଛି, ପୁଣି ବୁଝୁନାହିଁ। ତା' ପାଇଁ ଆଇନ୍– ସେ ତା ଉପରୁ ଏତେ ଶୀଘ୍ର ଆସ୍ଥା ତୁଟାଇ ଦେବ କିପରି ? 'ଆଇନ୍ ତା' ବାଟରେ ଯାଉଛି' ଏବଂ ଗୁରୁଚରଣ କ୍ରମେ ବୁଢ଼ାରୁ ବୁଢ଼ା ହେଉଛି। ଶାଣିତ ବ୍ୟଙ୍ଗ ମାଧ୍ୟମରେ ନାଟ୍ୟକାର ଆମ ପ୍ରଶାସନର ଦୋଷ ଦୁର୍ବଳତାକୁ ଦର୍ଶକମାନଙ୍କ ନିକଟରେ ଉଜାଗର କରିଛନ୍ତି ଚମତ୍କାର ଶୈଳୀରେ।

ସେହିଭଳି ଆଉ ଏକ ଆଠଟି ଦୃଶ୍ୟର ପ୍ରତୀକାତ୍ମକ ନାଟକ ହେଉଛି 'ଜଟାୟୁର ଛିନ୍ନ ଡେଣା'। ଅସୁର ରାବଣର ତୀକ୍ଷ୍ଣ ଅସ୍ତ୍ରାଘାତରେ ଛିନ୍ନପକ୍ଷ ଜଟାୟୁର ପ୍ରାଣ ସଂଶୟ ହୁଏ। ସେ ମୃତ୍ୟୁବରଣ କରେ ମାତ୍ର ପରାଜୟ ସ୍ୱୀକାର କରେ ନାହିଁ। ସତ୍ୟର ପୂଜାରୀ ନ୍ୟାୟର ଉପାସକ ଜନସେବକ ଅଜିତ୍ ନିର୍ବାଚନରେ ହାରିଯାଇ କିନ୍ତୁ ଜନତା ଉପରୁ ଆସ୍ଥା ନହରାଇ କହୁଛନ୍ତି, "ମୁଁ କିନ୍ତୁ ନିଶ୍ଚିତ, ମୋର ଏ ପରାଜୟ, କାଲି ସେମାନଙ୍କ ଗଭୀର ଆଲୋଡ଼ନ ସୃଷ୍ଟି କରିବ। x x x ସେହି କ'ଣ ହେବନାଇ, ଯଥାର୍ଥ ବିଜୟ ?" ଏହିଭଳି ଅନ୍ଧାର ଭିତରୁ ଆଲୁଅର ଆଉ ପରାଜୟ ମଧ୍ୟରୁ ବିଜୟର ସୂଚନା ଦେଇ ନାଟ୍ୟକାର ନାଟକ ଶେଷ କରୁଛନ୍ତି। ବସ୍ତୁତଃ, 'କଲୁରିବେଣ୍ଟ' ଏବଂ 'ଜଟାୟୁର ଛିନ୍ନଡେଣା' ମଧ୍ୟରେ ପରିକଳ୍ପନାଗତ ବହୁ ସାଦୃଶ୍ୟ ରହିଛି। ନଷ୍ଟ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା ହେଉଛି ଉଭୟ ନାଟକର ପ୍ରତିପାଦ୍ୟ। ଏଥିପାଇଁ ସେ ଲୋକକଥା ଏବଂ ପୁରାଣ କଥାକୁ ଆବରଣ ରୂପରେ ଗ୍ରହଣ କରି ଏ ଦେଶର ଶାଶ୍ୱତ ଦର୍ଶନର ପ୍ରତିଷ୍ଠା କରିଛନ୍ତି ଏବଂ ପ୍ରମାଣ କରିଛନ୍ତି ମଧ୍ୟ 'ସଂଗ୍ରାମୀର ମୃତ୍ୟୁ ହୋଇପାରେ, ମାତ୍ର ସଂଗ୍ରାମର ଅନ୍ତ ନାହିଁ।' ଉଭୟ ନାଟକର ଆଙ୍ଗିକ ତଥା ଆତ୍ମିକ ରୂପରେ ବ୍ରେଖ୍‌ଟ ଯେ କ୍ରିୟାଶୀଳ ଏହା ନକହିଲେ ମଧ୍ୟ ଚଳିବ। ପ୍ରଚଳିତ ଓ ଲୋକପ୍ରିୟ କାହାଣୀ ମାଧ୍ୟମରେ ସମକାଳୀନ କୌଣସି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଅବତାରଣା ହେଉଛି ବ୍ରେଖ୍‌ଟୀୟ ମହାକାବ୍ୟିକ ଶୈଳୀର ଏକ ବିଶେଷ ଦିଗ। 'କଲୁରିବେଣ୍ଟ'ରେ ଲୋକକଥାର ଅବତାରଣାରୁ ଗୁରୁଚରଣର ସମସ୍ୟା ନିକଟକୁ ଚାଲି ଆସିବାର ଶୈଳୀ ମଧ୍ୟ ସମ୍ପୂର୍ଣ୍ଣ ମହାକାବ୍ୟିକ। ସେହିଭଳି ଦ୍ୱିତୀୟ ନାଟକରେ ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ

Digitized by srujanika@gmail.com

ନିର୍ବାଚନ ନାମରେ ପ୍ରହସନ ସୃଷ୍ଟି, ଉତ୍କୋଚ ବ୍ୟବସ୍ଥାକୁ ପ୍ରଶାସନର ଏକ ଅପରିହାର୍ଯ୍ୟ ଅଙ୍ଗର ମାନ୍ୟତା ପ୍ରଦାନ, ଦୁର୍ନୀତିଗ୍ରସ୍ତ ନେତାର ନିର୍ବାଚନରେ ବିଜୟଲାଭ ଇତ୍ୟାଦିକୁ ଆମ ସମାଜ ବ୍ୟବସ୍ଥାର ଏକ ସାମୟିକ ସ୍ଖଳନ ବୋଲି ମନେ କରିଛନ୍ତି ନାଟ୍ୟକାର। ରାତ୍ରି ପରେ ପ୍ରଭାତ... ସୃଷ୍ଟିର ଏଇ ଚିରନ୍ତନ ନିୟମ ଭିତରେ ଆବର୍ତ୍ତିତ ସମାଜ ଚିରକାଳ ଏହିଭଳି କଳଙ୍କିତ ରହିବ ନାହିଁ – ସମାଜ ପାଇଁ ଏହିଭଳି ଏକ ବାର୍ତ୍ତା ନାଟକରେ ଦିଆଯାଇଛି। ଶୈଳୀଟି ମହାକାବ୍ୟିକ ଏହି କାରଣରୁ ଯେ ସେଥିରେ ମଧ୍ୟ ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏହିଭଳି ଏକ ତୁଳନାତ୍ମକ ସ୍ଥିତି ସୃଷ୍ଟି କରାଯାଇ, ତହିଁରୁ ଭବିଷ୍ୟତ ସମ୍ଭାବନାର ସ୍ୱପ୍ନ ଦେଖା ଯାଇଥାଏ।

କ୍ଷୁଦ୍ର ନାଟକ 'କଲମ୍ବସ୍' (୧୯୯୦) ହେଉଛି ଐତିହାସିକ ତଥ୍ୟର ଆଧାରରେ ଏକ ଅନବଦମିତ ସଂଗ୍ରାମୀ ପୁରୁଷର ଜୟ-ପରାଜୟର ରୋମାଞ୍ଚକର କାହାଣୀ। ଇଟାଲୀର ଏହି ଜାତୀୟ ବୀର ବାହାରି ଥିଲେ କଳ୍ପକଥାର ସୁନାର ଦେଶ ଭାରତ ବର୍ଷର ସନ୍ଧାନରେ ପହଞ୍ଚି ଗଲେ ଆମେରିକାରେ (୧୪୯୭ ଖ୍ରୀ:ଅ:ରେ) ଜୟ ପରାଜୟ ହେଉଛି ସଂଗ୍ରାମର ନିୟତି। ପ୍ରକୃତ ସଂଗ୍ରାମୀ ଏହା ଦ୍ୱାରା କେବେ ବି ପ୍ରଭାବିତ ହୁଏନାହିଁ। ତାଙ୍କ ସଂଗ୍ରାମ ଚାଲିଥାଏ ଚିରକାଳ। ସମାଜ ପାଇଁ ନାଟ୍ୟକାରଙ୍କର ଏହା ହିଁ ହେଉଛି ବାର୍ତ୍ତା।

ସେହିଭଳି ଉତ୍କଳ ଭାରତୀ କୁନ୍ତଳାକୁମାରୀ ଏବଂ ସରସ୍ୱତୀ ନଗେନ୍ଦ୍ରବାଳାଙ୍କ ପରି ପ୍ରତିଭାମୟୀ, ପ୍ରେମଶୀଳା ନାରୀଙ୍କର ବେଦନାଦଗ୍ଧ ଜୀବନର ଆଲୋଡ଼ନ ଭରା କରୁଣ କାହାଣୀ ଦର୍ଶକ/ ପାଠକମାନଙ୍କ ନିକଟରେ ପହଞ୍ଚାଇ ଦେବା ନିମନ୍ତେ ନାଟ୍ୟକାର ଲେଖିଛନ୍ତି ଦଇଟି ନାଟିକା – 'ଭାରତୀ କୁନ୍ତଳା' ଏବଂ 'ସରସ୍ୱତୀ ନଗେନ୍ଦ୍ରବାଳା'। ଏହା ୨୦୧୦ରେ ପ୍ରକାଶ ପାଇଛି। ପ୍ରଥମଟି ହେଉଛି ଚଉଦ ଦୃଶ୍ୟର ଏବଂ ଦ୍ୱିତୀୟଟି ହେଉଛି ତେର ଦୃଶ୍ୟର। ପାରମ୍ପରିକ ଦରବାରୀ-ନାଟକ ଭଳି ପ୍ରଥମଟିରେ ଗୋଟିଏ 'ପ୍ରସ୍ତାବନା' ଦୃଶ୍ୟ ମଧ୍ୟ ରହିଛି।

ଇତିହାସର ଏ ଦୁଇ ବିଦୁଷୀ ନାୟିକାଙ୍କର ମର୍ମସ୍ପର୍ଶୀ ପରିଣତ ଯେ କୌଣସି ଆବେଗପୂର୍ଣ୍ଣ ହୃଦୟରେ ଆଲୋଡ଼ନ ସୃଷ୍ଟି କରିବ। ନାରୀ ରୂପରେ ଏମାନେ ନିଜର ସର୍ବନିମ୍ନ ପ୍ରାପ୍ୟ ମାତ୍ର କାମନା କରି ଶେଷରେ କିଭଳି ପ୍ରାୟ ଶୂନ୍ୟ ହସ୍ତରେ ପୃଥିବୀରୁ ବିଦାୟ ନେଇଛନ୍ତି – ନାଟ୍ୟକାର ତାହାର ତଥ୍ୟଭିତ୍ତିକ ବିବରଣୀ ନାଟକରେ ଉପସ୍ଥାପିତ କରିଛନ୍ତି। ଉଭୟ ନାରୀଙ୍କର ଜୀବନ କାହାଣୀରେ ଏତେ ନାଟ୍ୟିକ ଉପାଦାନ ରହିଛି ଯେ, ନାଟ୍ୟକାର ତାହାରି ଦ୍ୱାରା ପ୍ରଭାବିତ ହୋଇ ପଡ଼ିଛନ୍ତି। 'ପ୍ରେମ' ହିଁ ହୋଇଛି ଏ ଉଭୟ ନାରୀ ଜୀବନର ବିପର୍ଯ୍ୟୟର କାରଣ। କୁନ୍ତଳାକୁମାରୀ କାମନା କରିଥିଲେ କୈଳାସ ରାଓଙ୍କୁ ସରଳ ମନରେ ପ୍ରକୃତି ପୁରୁଷର ସାନ୍ନିଧ୍ୟ କାମନା କଲା ଭଳି ରୀତିରେ। ସେହିଭଳି

Digitized by srujanika@gmail.com

କବି ନଗେନ୍ଦ୍ରବାଳା ମଧ୍ୟ ଆଉ ଜଣେ କବିବରଙ୍କର ପ୍ରତିଭା ଦ୍ୱାରା ଆକୃଷ୍ଟ ହୋଇ ତାଙ୍କ ଆଡ଼କୁ ଟାଣି ହୋଇଯାଉଥିଲେ। କୈଳାସ ନିଜର ସାମାଜିକ ପ୍ରତିଷ୍ଠା ଏବଂ ଜାତିଗତ ପାର୍ଥକ୍ୟ ନିକଟରେ ବଳିଦେଲେ ନିଜର ପ୍ରେମକୁ। (କୈଳାସ ପ୍ରକୃତରେ କୁନ୍ତଳାଙ୍କୁ ଭଲ ପାଉଥିଲେ କିମ୍ବା ନାଇଁ, ସେଥିରେ ଆମର ସନ୍ଦେହ ଅଛି।) ସେହିଭଳି କବି ରାଧାନାଥ ମଧ୍ୟ ନିଜର ପାରିବାରିକ ଶାନ୍ତି ଏବଂ ସାମାଜିକ ପ୍ରତିଷ୍ଠାକୁ ବଜାୟ ରଖିବା ପାଇଁ ସମଗ୍ର ବିଶ୍ୱ ସମ୍ମୁଖରେ ନଗେନ୍ଦ୍ରବାଳାଙ୍କୁ ସାହିତ୍ୟର ଛଦ୍ମବେଶରେ ତାଙ୍କ ନିକଟକୁ ଆସିଥିବା ପାପର ଆଖ୍ୟାଦେଇ ଆଗେ ଆଡ଼େଇ ହୋଇ ରହିଲେ। ସମ୍ପର୍କଗତ ଜଟିଳତାରୁ ମୁକ୍ତି ନିମନ୍ତେ ଦୁଇ-ପୁରୁଷ ଏହିଭଳି ଉପାୟ ଗ୍ରହଣ କରି ନିଜକୁ ଶୁଦ୍ଧ ଅପାପବିଦ୍ଧ ବୋଲି ପ୍ରମାଣ କରିବା ନିମନ୍ତେ ଅସଫଳ ଉଦ୍ୟମ କରିଥିଲେ।

ଆମେ ଅନ୍ୟତ୍ର ପ୍ରମାଣ କରିଛୁ ଯେ କୁନ୍ତଳାକୁମାରୀଙ୍କ ଜୀବନର ତିନିରାହୁଙ୍କ ମଧ୍ୟରୁ ପ୍ରକୃତରେ କୈଳାସ ରାଓ ହିଁ ତାଙ୍କର ବିପର୍ଯ୍ୟସ୍ତ ଜୀବନ ପାଇଁ ଅଧିକ ଦାୟୀ। ସେହିଭଳି ନଗେନ୍ଦ୍ରବାଳାଙ୍କ ଅକାଳ ପ୍ରୟାଣରେ କବି ରାଧାନାଥଙ୍କର ଭୂମିକାକୁ ଅସ୍ୱୀକାର କରି ହେବନାହିଁ। ଯାହା ହେଉ, ସୂଚିତ ଦୁଇ ନାଟିକାରେ ମହାକାବ୍ୟିକ ନାଟ୍ୟଧାରାର ଅନୁସନ୍ଧାନ ଆମର ଏହି ଆଲୋଚନାର ଲକ୍ଷ୍ୟ ହୋଇଥିବାରୁ ଏ ସମ୍ପର୍କରେ କେବଳ ଏତିକି ଉଲ୍ଲେଖ କରିବୁ ଯେ ବର୍ତ୍ତମାନର ପରିପ୍ରେକ୍ଷୀରେ ଅତୀତର ମୂଲ୍ୟାୟନ ହେଉଛି ଏପିକ୍ ନାଟ୍ୟଶୈଳୀର ଅନ୍ୟତମ ଲକ୍ଷ୍ୟ। ସୂଚିତ ଦୁଇ ନାଟିକାରେ ମଧ୍ୟ ମୋଟାମୋଟି ଭାବରେ ତାହା ହିଁ କରାଯାଇଛି।

ନିଜର ଏଇ ପାଖାପାଖି ଚାରି ଦଶନ୍ଧିର ନାଟ୍ୟଯାତ୍ରାରେ ନାଟ୍ୟକାର ବିଂଶୋଧିକ ନାଟକ ଲେଖିଛନ୍ତି। କର୍ମୋପଲକ୍ଷେ ଦୀର୍ଘ କାଳ ଓଡ଼ିଶା ବାହାରେ ରହୁଥିବାର ସେ ଓଡ଼ିଶାର ନାଟ୍ୟ ସଂସ୍ଥାମାନଙ୍କ ସହିତ ଯୋଗାଯୋଗରେ ନରହିବା ସ୍ୱାଭାବିକ। ଏହି କାରଣରୁ ତାଙ୍କର ଅଧିକାଂଶ ନାଟକ ହେଉଛି ବେତାର ପାଇଁ ଲିଖିତ। ସ୍ମରଣ କରାଇ ଦେଉଛୁ ଯେ ନାଟ୍ୟକାର ପ୍ରଥମେ କବି ରୂପେ ସାହିତ୍ୟ କ୍ଷେତ୍ରରେ ପାଦ ଦେଇଥିଲେ। ନାଟ୍ୟକାରଙ୍କ ପାଇଁ କବିତ୍ୱ ଅପରିହାର୍ଯ୍ୟ ଏହି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟକୁ ସ୍ୱୀକାର କରିନେଇ କୁହାଯାଇ ପାରେ ଯେ କବିଟିଏ ନାଟ୍ୟକାର ହେଲେ ଦର୍ଶକମାନେ ରୁକ୍ଷ ନିରସ ଗଜା ମଧ୍ୟରୁ କାବ୍ୟପାଠର ନିର୍ମଳ ଆନନ୍ଦ ଲାଭ କରିପାରିବେ। କେଉଁଠି ଏହା ମନେ ହେବ 'ଅନ୍ଧଦ୍ୱିପହର'ର ନିଃସଙ୍ଗ କପୋତୀର ହୃଦୟଥରା କାରୁଣ୍ୟ ଭଳି ତ ଆଉ କେଉଁଠି ଅବା ମଧ୍ୟରାତ୍ରିର ନିର୍ଜନତାରେ ଶୋକ ବିଧୁରା ଟିଟ୍ଟିଭର ରୋମାଞ୍ଚ ସୃଷ୍ଟିକାରୀ ବିଳାପ ପରି। ନାଟ୍ୟକାର ଆମ୍ଭକୁ 'ସମ୍ଭାବନା'ର ସ୍ୱପ୍ନମଖା ପଥଟିକୁ ଚିହ୍ନାଇ ଦେଇଛନ୍ତି। ସତ୍ୟ ମାତ୍ର ଅଶ୍ରୁ ବିଳାପ ପାଇଁ ମହୌଷଧୀ ଭଳି କାର୍ଯ୍ୟ କରୁଥିବା ହାସ୍ୟରସ ବିଷୟରେ କିଛି କହି ନାହାନ୍ତି। ବ୍ରେଖ୍‌ଟୀୟ ଶୈଳୀରେ ହାସ୍ୟରସର ପ୍ରବେଶ ନିଷେଧ ନା କ'ଣ ?

Digitized by srujanika@gmail.com

ବେଖ୍‌ଟ ଯେ ଭାରତୀୟ ରଙ୍ଗମଞ୍ଚ ପାଇଁ ମୁକ୍ତି ଓ ଆନନ୍ଦର ବାର୍ତ୍ତା ବହନ କରି ଆଣିଛନ୍ତି, ଏହି କଥା ଭାରତର ପ୍ରସିଦ୍ଧ ରଙ୍ଗକର୍ମୀମାନେ ସମସ୍ୱରରେ ସ୍ୱୀକାର କରିଛନ୍ତି। ଜୀବନର ଜଟିଳତାର ଗ୍ରନ୍ଥିମୋଚନ ନିମନ୍ତେ ବ୍ରେଖ୍‌ଟୀୟ ଶୈଳୀ ଯେ ଏକାନ୍ତ ଉପଯୁକ୍ତ ଏହା ମଧ୍ୟ ସେମାନେ ମାନନ୍ତି। ଭାରତର ପ୍ରଧାନ ସମସ୍ୟା ଦାରିଦ୍ର୍ୟର ଏକ ସନ୍ତୋଷ ଜନକ ସମାଧାନକରାଯାଇ ପାରିବ ଲୋକକଳାଗୁଡ଼ିକର ବର୍ଣ୍ଣାଢ୍ୟ ତଥା ମୂଲ୍ୟବୋଧଭିତ୍ତିକ ନାଟ୍ୟାଦର୍ଶ ମାଧ୍ୟମରେ – ଏକଥା ବ୍ରେଖ୍‌ଟ ହିଁ ପ୍ରଥମେ ଆମକୁ ବୁଝାଇ ଦେଲେ। ପ୍ରସଙ୍ଗ କ୍ରମେ ଏଠାରେ ଗତ ଶତକର ପଞ୍ଚମ ଦଶକରେ ମଞ୍ଚ ନାଟକ ପାଇଁ ସୃଷ୍ଟ ସମସ୍ୟାର ସମାଧାନ ନିମନ୍ତେ ଲଣ୍ଡନର ନାଟ୍ୟକର୍ମୀମାନେ ଲୋକକଳାର କଳାତ୍ମକ ଅନୁଷ୍ଠାନ ମାଧ୍ୟମରେ ଏହି ସ୍ଥାଣୁତ୍ୱ ଦୂର କରିବାର ଯେଉଁ ଉପାୟ ଚିନ୍ତା କରାଯାଇଥିଲା, ବ୍ରେଖ୍‌ଟୀୟ ନାଟ୍ୟଶୈଳୀ ଯେ ତାହାର ମୂଳରେ ଥିଲା, ଏଥିରେ ସନ୍ଦେହ ନାହିଁ।

ପ୍ରୟୋଗବାଦୀ ନାଟ୍ୟଧାରାର ସମର୍ଥନ ପ୍ରମୁଖ ଓଡ଼ିଆ ନାଟ୍ୟକାରମାନେ ମଧ୍ୟ ମହାକାବ୍ୟିକ-ନାଟ୍ୟଧାରାର ପ୍ରଭାବରୁ ନିଜକୁ ଦୂରେଇ ରଖି ପାରି ନାହାନ୍ତି। ମନୋରଞ୍ଜନ ଦାସ, ବିଜୟ ମିଶ୍ର, ରମେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ରଥ, ରତ୍ନାକର ଚଇନି, ସୁବୋଧ ପଟ୍ଟନାୟକ, ରତିରଞ୍ଜନ ମିଶ୍ର, ବିଜୟ କୁମାର ଶତପଥୀ, ପ୍ରମୋଦ ତ୍ରିପାଠୀ, ଦିଲ୍ଲୀଶ୍ୱର ମହାରଣା ପ୍ରମୁଖ ନାଟ୍ୟକାର ଗଣ ନିଜ ନିଜର କିଛି ନାଟକରେ ଏପିକ୍ ଶୈଳୀର ସଫଳ ପ୍ରୟୋଗ କରିଛନ୍ତି।

ଏଇ ପରିପ୍ରେକ୍ଷୀରେ ନାଟ୍ୟକାର ହରିଚନ୍ଦନଙ୍କର ଅବଦାନକୁ ମଧ୍ୟ ସ୍ମରଣୀୟ ବୋଲି କୁହାଯାଇପାରେ। ପାରମ୍ପରିକ ମୂଲ୍ୟବୋଧ ଓ ସଂସ୍କୃତିର ସଂକଟ ଏ ଉଭୟ ସମସ୍ୟାର ସମାଧାନ ନିମନ୍ତେ ସେ ବ୍ରେଖ୍‌ଟୀୟ ସିଦ୍ଧାନ୍ତର ସହାୟତା ଗ୍ରହଣ କରିଥିବା ସ୍ପଷ୍ଟ ଲକ୍ଷ୍ୟ କରାଯାଇପାରେ। ପୁରାଣ, ଇତିହାସ, ଜନଶ୍ରୁତି, କିଂବଦନ୍ତୀ ଇତ୍ୟାଦିର ସହାୟତାରେ 'ମିଥ୍' ସୃଷ୍ଟି କରି ସେ ଚମତ୍କାର ଏକ ନାଟ୍ୟିକ ପରିବେଶ ସୃଷ୍ଟି କରିଦିଅନ୍ତି। ଜୀବନ ପ୍ରତି ଏକ ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀରେ ତାଙ୍କର ନାଟ୍ୟସୃଷ୍ଟି ପ୍ରୋଜ୍ଜ୍ୱଳ। ଲୋକଚରିତ୍ର ଅନୁଧାନରେ ଯେଉଁ ବିପୁଳ ଆୟୋଜନ ସେ କରିଥିଲେ, ତାହା ଏବେ ମଧ୍ୟ ଅସମାପ୍ତ ରହିଛି। ଆଶା କରିବା ଉଚିତ ହେବ ଯେ ଏହି ଅସମାପ୍ତ କାର୍ଯ୍ୟକୁ ଯଥା ଶୀଘ୍ର ସମାପ୍ତ କରି, ମଣିଷ ସହିତ ମଣିଷକୁ ଯୋଡ଼ିବାର ପର୍ଯ୍ୟାପ୍ତ କୌଶଳ ସେ ଓଡ଼ିଆ ଦର୍ଶକ/ ପାଠକମାନଙ୍କୁ ଶିଖାଇ ଦେବ।

Digitized by srujanika@gmail.com

ନୀଳାଦ୍ରିଭୂଷଣ-ନାଟ୍ୟମାନସ : ଏକ ଦୃଷ୍ଟିପାତ

ପ୍ର. ବୈଷ୍ଣବ ଚରଣ ସାମଲ

ସାଂପ୍ରତିକ ଓଡ଼ିଆ ନାଟ୍ୟ-ସାହିତ୍ୟରେ ଉଭୟ 'ଥିମ୍' ଓ 'ଫର୍ମ' ଦୃଷ୍ଟିରୁ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ଏକ ଅପ୍ରତ୍ୟାଶିତ ଆବିର୍ଭାବ ନୁହନ୍ତି: ବରଂ ପ୍ରତ୍ୟାଶିତ ନୂତନ ବିସ୍ଫୋରଣ। ରମେଶଚନ୍ଦ୍ର ପାଣିଗ୍ରାହୀଙ୍କ ଉତ୍ତର-ଆଧୁନିକ ନାଟ୍ୟ ଚେତନାରେ ଅନେକ ନାଟ୍ୟକାର ହଜିଯାଇଥିଲା ବେଳେ ନୀଳାଦ୍ରିଭୂଷଣ ନାଟ୍ୟଧାରାଟିଏ ସୃଷ୍ଟିକରି ସେଇ ଦିଗ୍‌ବଳୟରେ ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବରେ ଆପଣାକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି। ସେ ପ୍ଲେ-ରାଇଟ୍ (Play-Wright) ନୁହନ୍ତି; ଜଣେ ଡ୍ରାମାଟିଷ୍ଟ (Dramatist)। ରଙ୍ଗମଞ୍ଚ ସହିତ ବିଶେଷ ସଂପୃକ୍ତ ନଥିବା ଏହି ନୀରବ ନାଟ୍ୟକାର ଆଙ୍ଗିକ ପରୀକ୍ଷା ନିରୀକ୍ଷା ଉପରେ ଏତେଟା ଗୁରୁତ୍ୱ ନ ଦେଇ ଓ ରଙ୍ଗମଞ୍ଚର ପାତ୍ରପାତ୍ରୀଙ୍କୁ ଦୃଷ୍ଟି ପଥରେ ନ ରଖି ତଥା ଦର୍ଶମାନଙ୍କ ଚିତ୍ତି-ରଂଜନକୁ ଗୁରୁତ୍ୱ ନ ଦେଇ, ନାଟକ ଲେଖିଛନ୍ତି। ତାଙ୍କ ନାଟକଗୁଡ଼ିକର ବଳିଷ୍ଠ ଆଭିମୁଖ୍ୟ ହୋଇଯାଇଛି ମାନବିକ ମୂଲ୍ୟବୋଧର ଅନ୍ୱେଷା ଓ ପ୍ରତିଷ୍ଠା। ହୁଏତ ଏହି ପ୍ରତିଷ୍ଠାରେ ବ୍ୟର୍ଥତା ବାରମ୍ବାର ଆସିଛି ତଥାପି ନାଟ୍ୟକାର ଭାଙ୍ଗି ଯାଇ ନାହାନ୍ତି। ଗୋଟାଏ ନବ ନାଗରିକତାବୋଧ ସହିତ ପରିବର୍ତ୍ତିତ ଗ୍ରାମୀଣ ସଂସ୍କୃତିର ସଂଘାତ ତାଙ୍କ ମାନସ ପଟରେ ଉଙ୍କି ମାରିଛି। ତାରି ଭିତରୁ ସେ ଖୋଜିଛନ୍ତି ପାରମ୍ପରିକ ମୂଲ୍ୟବୋଧକୁ। ତାଙ୍କ ଆଗରେ ଭାସି ଉଠିଛି ଛିଣ୍ଡା ଛିଣ୍ଡା ବାଦଲ ପରି ଅବକ୍ଷୟ ଓ ବିନାଶର ଛବି। ସମୟର ଶୂନ୍ୟ ମରୁଭୂମି ଉପରେ ଛିଡ଼ା ହୋଇ ସେ ସଭ୍ୟତାର ଶବ ବ୍ୟବଚ୍ଛେଦ କରିଛନ୍ତି। ଭାରତର ସଭା-ସଂକଟ ତାଙ୍କ ଭିତରେ ସୃଷ୍ଟି କରିଛି ଗଭୀର ଆଲୋଡ଼ନ। ସେ ଲକ୍ଷ୍ୟ କରିଛନ୍ତି ଈଶ୍ୱର-ବିଶ୍ୱାସ ଓ ଆଧ୍ୟାତ୍ମିକ ଉତ୍ତରଣ ପ୍ରତି ସାଂପ୍ରତିକ ମଣିଷର ନିସ୍ପୃହତା, ଗୋଷ୍ଠୀବଦ୍ଧ ଜୀବନ ପ୍ରତି ଅନାଗ୍ରହ ଓ ଏକକ ତଥା ସଂପର୍କ ରହିତ ଜୀବନ ପ୍ରତି ଆକର୍ଷଣ। ତେଣୁ ତାଙ୍କର ସମ୍ବେଦନଶୀଳ ବ୍ୟକ୍ତି-ସତ୍ତାର ଶୁଦ୍ଧୀକୃତ ଶୋଣିତ ଓ ଉଜ୍ଜୀବିତ ପ୍ରାଣମୟତା ବିସ୍ଫୋରଣ ସୃଷ୍ଟି କରିଛି ନାଟକରେ। ମନୋଭୂମିର ତିର୍ଯ୍ୟକତା ହୋଇ ଯାଇଛି ନାଟକଗୁଡ଼ିକର ସର୍ଜନର ବେଣୁ-ଧ୍ୱନି। ନୂତନ ଆଇଡ଼ିଆର ଦୀପ୍ତିମାନ

Digitized by srujanika@gmail.com

ପ୍ରତୀକ ରୂପେ ପ୍ରାଚୀନ ମିଥ୍ ଓ ଲୋକ ମିଥ୍ ତାଙ୍କ ନାଟକ ଭିତରକୁ ଆସିଛି। ଶୈଳୀରେ ପାରମ୍ପରିକତା ସହିତ ନୂତନତାର ସଂଯୋଗ ହୋଇଛି। ବକ୍ତବ୍ୟ ହୋଇଛି ସ୍ପଷ୍ଟ ଓ ସ୍ୱଚ୍ଛ। ତେଣୁ ସମାଲୋଚକ C.D. Lewisଙ୍କ ଉକ୍ତିକୁ ଉଦ୍ଧାର କରି କହିବାକୁ ହେଉଛି, Listen, can you not hear the entrance of a new theme ? ହଁ, ନୀଳାଦ୍ରିଙ୍କ ନାଟକରୁ ନୂତନ ଥିମ୍‌କୁ ଦେଖିହୁଏ, ପୁରାତନକୁ ନୂତନ ଭାବରେ ବିଚାର କରିବାର ମାନସିକତାଟିଏ ଲକ୍ଷ୍ୟ କରିହୁଏ, ଫର୍ମରେ ମଧ୍ୟ ବାରିହୁଏ ନୂତନତାର ସ୍ୱାଦ। ତେବେ ଏହି ନୂତନତା କେବଳ ନୂତନତା ପାଇଁ ନୁହେଁ, ଜୀବନକୁ ଅନ୍ତର୍ଦୃଷ୍ଟିରେ ଦେଖିବା ପାଇଁ ମଧ୍ୟ। ପୁରାଣ, ଇତିହାସ ଓ ଲୋକକଥାକୁ ନୂତନ ଭାବରେ ଦେଖିବା ପାଇଁ ତାଙ୍କ ନାଟକରେ ଯେ ଅଛି ପ୍ରଚୁର ଉପାଦାନ, ତାହା ସ୍ୱୀକାର କରିବାକୁ ହୁଏ।

ନୀଳାଦ୍ରିଙ୍କ ନାଟକଗୁଡ଼ିକ ବେତାର ପାଇଁ ଉଦ୍ଦିଷ୍ଟ। ଏ ସବୁର ଦୃଶ୍ୟଗୁଣ ଅପେକ୍ଷା ଶ୍ରାବ୍ୟଗୁଣ ଅଧିକ। ତଥାପି ତାଙ୍କର ଅନ୍ୟାନ୍ୟ କେତେକ ନାଟକ ଯେ ମଞ୍ଚ ପ୍ରଦୀପର ଆଲୋକରେ ଆଲୋକିତ ହୋଇନାହିଁ, ଏକଥା ନୁହେଁ। ଚିହ୍ନରା ଗ୍ରାହକମାନେ ତାଙ୍କ ନାଟକ ପ୍ରତି ଆକୃଷ୍ଟ ହୋଇ ଅଛନ୍ତି ଓ ଦେଇଛନ୍ତି ମଧ୍ୟ ପ୍ରଶଂସା ପତ୍ର। ଆନୁଷ୍ଠାନିକ ଭାବରେ ପ୍ରଜାତନ୍ତ୍ର ଅନୁଷ୍ଠାନ ତାଙ୍କୁ ନାଟ୍ୟକାରର ମାନ୍ୟତା ଦେଇଛି (୧୯୯୭)। ତଥାପି ସେ ପାଇଛନ୍ତି କେତେ ଅଣପାରମ୍ପରିକ ସ୍ୱୀକୃତି। କବିତାରୁ ତାଙ୍କର ନୀରବ ଯାତ୍ରା ସମାଲୋଚନାକୁ ଓ ସମାଲୋଚନାରୁ ନାଟକକୁ। କବିତାରେ ଯାହା କହିବାକୁ ସେ ଅସମର୍ଥ ହୋଇ ଅଛନ୍ତି ତାକୁ ନାଟକରେ କହି ପାରିଛନ୍ତି ଠିକ୍ ଭାବରେ। ତାଙ୍କର ବକ୍ତବ୍ୟ ପହଞ୍ଚି ପାରିଛି ଶ୍ରୋତା, ଦର୍ଶକ ଓ ପାଠକମାନଙ୍କ ପାଖରେ। ତାଙ୍କର ନାଟକ ବକ୍ତବ୍ୟ ପ୍ରଧାନ। ଏହାର ଅର୍ଥ ନୁହେଁ ଯେ ସେଥିରେ କଳାଧର୍ମିତା ନାହିଁ। ସାଂପ୍ରତିକ ନାଟକରେ ବକ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ। ତାହା କିନ୍ତୁ ଷ୍ଟେଟ୍‌ମେଣ୍ଟ ନୁହେଁ, କଳାସ୍ନିଗ୍ଧ ଉଚ୍ଚାରଣ। ନୀଳାଦ୍ରିଙ୍କ ନାଟକରେ ବକ୍ତବ୍ୟଧର୍ମୀ ସଂଳାପ ଅପେକ୍ଷାକୃତ ଦୀର୍ଘ। କେଉଁଠି ମଧ୍ୟ କ୍ଷୁଦ୍ର ଓ ପରିମିତ ! କୌଣସି କ୍ଷେତ୍ରରେ ଏତାଦୃଶ ସଂଳାପ ନାଟକୀୟତାରେ ଆଞ୍ଚ ଆଣିନାହିଁ, କଳାକୁ ଗୌଣକରି ଦେଇନାହିଁ। ତତ୍ତ୍ୱ, ଦର୍ଶନ ଓ ରୂଢ଼ିବାଦକୁ ନୂତନ ବ୍ୟାଖ୍ୟା କରିବାରେ ସଂଳାପଗୁଡ଼ିକ ହୋଇଯାଇଛି ତାତ୍ପର୍ଯ୍ୟପୂର୍ଣ୍ଣ।

ସାଂପ୍ରତିକ ଅସ୍ଥିର ସମାଜ ବ୍ୟବସ୍ଥାରୁ କୌଣସି ବ୍ୟକ୍ତି ମୁକ୍ତ ରହିପାରିବ ନାହିଁ। ଲେଖକ ସମାଜ ସଚେତନତାର ଜୀବନ୍ତ ପ୍ରତିଭୂ ହୋଇଥିବାରୁ ଯାବତୀୟ ଘଟଣା ତାର ଅଶରୀରୀ ସତ୍ତାରେ ପ୍ରତିସାରିତ ହୁଏ ଓ ତାହାକୁ ସେ ସାହିତ୍ୟରେ ରୂପ ଦିଏ। ସେ ଯେ କେବଳ ରୂପ ଦିଏ ତାହା ନୁହେଁ, ସେହି ରୂପ-ଚିତ୍ର ମଧ୍ୟରେ ତାର ଅଶରୀରୀ ସତ୍ତାର ଖଣ୍ଡ ଖଣ୍ଡ ଅଂଶ ବିଭିନ୍ନ ଚରିତ୍ର ଓ ପରିବେଶ ଭିତରେ ବାଣ୍ଟି ହୋଇଯାଏ। ଆଜିର ଭାରତୀୟ ସାମାଜିକ, ପ୍ରାଶାସନିକ, ରାଜନୀତିକ, ଶୈକ୍ଷିକ, ଆର୍ଥନୀତିକ ଓ ବ୍ୟାବସାୟିକ ବ୍ୟବସ୍ଥାରେ

Digitized by srujanika@gmail.com

ଯେଉଁସବୁ ଅବକ୍ଷୟ ଘଟୁଛି ଓ ବ୍ୟକ୍ତି ଯେପରି ସାମୂହିକ ଚିନ୍ତାଧାରାରୁ ଅପସରି ଆସି ଆତ୍ମକେନ୍ଦ୍ରିକ ହୋଇ ଯାଉଛି ଓ ହରାଇ ବସୁଛି ସକଳ ମୂଲ୍ୟବୋଧ, ତାହାକୁ ନାଟ୍ୟକାର ଗଭୀର ଭାବରେ ଉପଲବ୍ଧି କରିଛନ୍ତି । ଏକ ପକ୍ଷରେ ସ୍ୱାର୍ଥ ଜଡ଼ିତ ଆକାଙ୍‌କ୍ଷା, ମୂଲ୍ୟବୋଧ ରହିତ ଜୀବନ, ଦୁର୍ନୀତି ଆଧାରିତ ସୁଖ ଓ କ୍ଷମତାଭିଳାଷ, ପ୍ରତାରଣା ଓ ପ୍ରବଞ୍ଚନା, ନାନାବିଧ ବିକୃତି ଓ ଅନ୍ୟପକ୍ଷରେ ପରମ୍ପରାର ଅସହାୟତା, ମାନବିକତାର ସଂକଟ ଓ ବସ୍ତ୍ରହରଣ, ସତ୍ୟ-ଅହିଂସା ଓ ଧର୍ମର ଅବକ୍ଷୟ ନାଟ୍ୟକାରଙ୍କ ସୃଜନ ବ୍ୟକ୍ତିତ୍ୱକୁ ସୁତୀବ୍ର କରି ଦେଇଛି ଓ ସେହି ଯନ୍ତ୍ରଣାବୋଧରୁ ଆତ୍ମପ୍ରକାଶ କରିଛି ଗୋଟିକ ପରେ ଗୋଟିଏ ନାଟକ, ମୁଖ୍ୟତଃ ଅଶୀ ଦଶକ ପରେ । ଇତି ପୂର୍ବରୁ ବିଗତ ତିନିଦଶନ୍ଧି ଧରି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ବୌଦ୍ଧିକ ପରୀକ୍ଷାର ଯେଉଁ କସରତ କରାଯାଉଥିଲା ତାହା ଅଶୀ ଦଶକ ବେଳକୁ ହ୍ରାସ ପାଇଲା ଓ ଏହି ସମୟରେ ନାଟକର ମଧ୍ୟ ପରୀକ୍ଷାଗତ ମୋହମୁକ୍ତି ଘଟିଛି । ନୀଳାଦ୍ରିଙ୍କ ନାଟକଏହି ମୋହମୁକ୍ତିର ନାଟକ, ତେଣୁ ତାହା ବକ୍ତବ୍ୟଧର୍ମୀ । ସମାଜ ମୁକ୍ତି ଓ ଜୀବନ-ଦୃଷ୍ଟି ପ୍ରମୁଖ ହୋଇ ଯାଇଥିବାରୁ ଆଧୁନିକତା ରୂପୀ ମାୟା-ମୃଗ କବଳରୁ ପ୍ରଲୁବ୍ଧ ସୀତାମାନଙ୍କ ଓ ବିଭ୍ରାନ୍ତ ରାମଚନ୍ଦ୍ରମାନଙ୍କୁ ସେ ଜାଗ୍ରତ ଓ ସଂଯତ ଲକ୍ଷ୍ମଣଙ୍କ ପରି ଶୁଣାଇଛନ୍ତି ଚେତାବନୀ । ତେଣୁ ପରୀକ୍ଷା ନୁହେଁ, ବୌଦ୍ଧିକତା ନୁହେଁ, ମୋହରମାର୍କାବାଦ (ISM) ନୁହେଁ; ସ୍ୱାଭାବିକତା ଓ ସାମାଜିକ ଅଙ୍ଗୀକାର ହୋଇଯାଇଛି ତାଙ୍କ ନାଟକର ସ୍ୱଧର୍ମ । ଏହି ଦୃଷ୍ଟିରୁ 'ସ୍ୱର୍ଗାରୋହଣ', 'ମଧ୍ୟପାତ୍ର', 'ଅନୁଶାସନ', 'ନିରାପଦ ଭବିଷ୍ୟତ', 'ପୁଣ୍ୟଭୂମି ଭାରତ', 'ଭୀମ ଭୋଇଙ୍କ ସଂଧାନରେ', 'ରତ୍ନାକରର ରାସ୍ତା', 'ରାଜପଥ ଗ୍ରାମପଥ', 'ଆଶ୍ଚର୍ଯ୍ୟ ମଣିଷ', 'କଲମ୍ବସ୍', 'ବତାସ, ନିସ୍ତବ୍ଧ ଆଜି', 'ମୁଣ୍ଡ ଉପରେ ଛାତ', 'କଲୁରିବେଣ୍ଟ', 'ଜଟାୟୁର ଛିନ୍ନ ଡେଣା', 'ମଇଁଷିର ପାଶ ନଯାଅ ଦନାଇ', 'ସତ୍ୟ ସଂଶୟ ସାଲବେଗ', 'ମୂକ ମୈନାକ', 'ଜନ୍ମଭୂମି', 'ପଥ ବହୁଦୂର', 'ଶୂନ୍ୟଘରର ସୀମା', 'ଜଳେ ଯେସନେ ଚନ୍ଦ୍ରଛାଇ' ଇତ୍ୟାଦି ନାଟକଗୁଡ଼ିକୁ ବିଚାର କରାଯାଇପାରେ । ନୀଳାଦ୍ରିଙ୍କ ନାଟକାବଳୀ, ପୌରାଣିକ ହେଉ ଅଥବା ଐତିହାସିକ ହେଉ କିମ୍ବା ସାମାଜିକ ହେଉ; ସମସ୍ତଙ୍କର ଅଛି ସାଂପ୍ରତିକ ସମାଜ ଜୀବନର ନିବିଡ଼ ଅନ୍ୱେଷାର ସ୍ୱର ।

॥ ୨ ॥

'ସ୍ୱର୍ଗାରୋହଣ', 'ମଧ୍ୟପାତ୍ର', 'ଅନୁଶାସନ', 'ନିରାପଦ ଭବିଷ୍ୟତ', 'ପୁଣ୍ୟଭୂମି ଭାରତ' ଇତ୍ୟାଦି ପୌରାଣିକ ବିଷୟ ଓ ଆବେଦନ ନିର୍ଭର ନାଟକ । ଅଥଚ ଏ ସବୁ ଭିତରେ ପୁରାଣ ଅତିରିକ୍ତ ସର୍ବକାଳର ମାନବ-ଜୀବନ-ଜିଜ୍ଞାସାର ସ୍ୱର ସୁତୀବ୍ର । ନାଟକଗୁଡ଼ିକ କାଳର ହୋଇ ମଧ୍ୟ କାଳାତୀତ ହୋଇଯାଇଛନ୍ତି । ମିଥ୍‌ଧର୍ମୀ ଏହି ନାଟକଗୁଡ଼ିକ ମାନବ-

Digitized by srujanika@gmail.com

ମୁକ୍ତିର ଗୋଟିଏ ଗୋଟିଏ ଦିଗକୁ ଉନ୍ମୋଚନ କରିଦେଇଚି। ଏହି ମୁକ୍ତି ଅନ୍ୟର ପ୍ରଭୁତ୍ୱରୁ ମୁକ୍ତି, ଦାସତ୍ୱରୁ ମୁକ୍ତି, ଅନୁଶାସନରୁ ମୁକ୍ତି, ସତ୍ୟ ଓ ଧର୍ମର ମିଥ୍ୟା ଆବରଣରୁ ମୁକ୍ତି। ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ପ୍ରତିଷ୍ଠା ଏହି ମୁକ୍ତିବୋଧର ଲକ୍ଷ୍ୟ। ସାଂପ୍ରତିକ ପ୍ରାଶାସନିକ ଓ ସାମାଜିକ କ୍ଷେତ୍ରରେ ଦେଖାଦେଇଥିବା ପ୍ରେସର ଗ୍ରୁପ୍ ବିରୋଧରେ ନୂତନ ପ୍ରତିବାଦ ଓ ଜାଗରଣର ସଂକେତ ଏ ସବୁ ନାଟକ ବହନ କରନ୍ତି। 'ମଧପାତ୍ର' ବ୍ୟକ୍ତି-ସ୍ୱତନ୍ତ୍ର୍ୟ ଓ ପ୍ରେସରଗ୍ରୁପ୍‌ର ଚାପରୁ ମୁକ୍ତି ପାଇଁ ଅଭିପ୍ରେତ ଏକ ନାଟକ ହୋଇଥିଲା ବେଳେ 'ସ୍ୱର୍ଗାରୋହଣ' ମଣିଷର ସ୍ୱାର୍ଥ ଓ ଯଶୋଲିପ୍ସା ଜନିତ ସଂଘର୍ଷ ଓ ଅସହାୟତା, ଅନ୍ଧ-ଅହଂକାର ଓ ସାଂପ୍ରତିକ ରାଜନୀତି ପ୍ରତି ଏକ ବ୍ୟଞ୍ଜନାରେ ପରିଣତ ହୋଇଯାଇଛି। 'ଅନୁଶାସନ' ନାଟିକା ମିଥ୍ୟା ଓ ପ୍ରଭୁତ୍ୱ, ମୂଲ୍ୟବୋଧର ସମାଧି ଉପରେ ମୂଲ୍ୟର ପ୍ରତିଷ୍ଠା ସମ୍ପର୍କିତ ପୁରାଣ-ଆଧାରିତ ସାଂପ୍ରତିକ ମଣିଷର ସ୍ୱରୂପକୁ ଉନ୍ମୋଚନ କରେ। 'ପୁଣ୍ୟଭୂମି ଭାରତ' ଆଦର୍ଶ ଅନ୍ତରାଳରେ ଥିବା ମିଥ୍ୟାଚାରର ନାଟକୀୟ ଆବିଷ୍କାର ହୋଇଥିଲା ବେଳେ 'ବତାସ ନିସ୍ତବ୍ଧ ଆଜି' ଇତିହାସ ପୃଷ୍ଠଭୂମି ଉପରେ କ୍ଷମତାଦୃପ୍ତ ମଣିଷର ସ୍ୱାଭାବିକ ଈର୍ଷା, ଅସୂୟା ଓ ପ୍ରତାରଣାକୁ ଉନ୍ମୋଚନ କରିଛି। 'ସତ୍ୟ ସଂଶୟ ସାଲବେଗ' ଇତିହାସ ଅବଲମ୍ବିତ ହୋଇଥିଲେ ହେଁ ହିଂସା ଓ ପ୍ରମତ୍ତତାରୁ ମଣିଷ ଆଧ୍ୟାତ୍ମିକ ଉତ୍ତରଣକୁ ସୂଚାଇ ଦିଏ। 'ଭୀମ ଭୋଇଙ୍କ ସନ୍ଧାନରେ' ନାଟିକାର ଅନ୍ତଃସ୍ୱର ସାଂପ୍ରତିକ ହିପୋକ୍ରାସିରୁ ମୁକ୍ତି ପାଇବାର ସଂକଳ୍ପ। 'ରତ୍ନାକରର ରାସ୍ତା' ନାଟିକାରେ ମଣିଷର ଆତ୍ମସମ୍ମାନ ଓ ନୈତିକତାର ଆହୁତି ଓ ବାହ୍ୟ ଆଭିଜାତ୍ୟ ଲାଭକୁ ବେଶ୍ ପ୍ରତୀକାତ୍ମକ ଭାବରେ ବ୍ୟଞ୍ଜିତ କରାଯାଇଥିଲା ବେଳେ 'ରାଜପଥ ଗ୍ରାମପଥ' ନାଟିକାରେ ଉଭୟ ଗ୍ରାମ ଓ ନଗରର ବିପର୍ଯ୍ୟୟର ମାର୍ମିକ ବ୍ୟଞ୍ଜନା ପରିଲକ୍ଷିତ। 'ଆଶ୍ଚର୍ଯ୍ୟ ମଣିଷ' ପିଢ଼ି-ସଂଘର୍ଷର ଆଲେଖ୍ୟ ହୋଇଥିଲା ବେଳେ 'ମୁଣ୍ଡ ଉପରେ ଛାତ' ପରିବେଶ ସୁରକ୍ଷା ଓ ଅର୍ଥକୌଳିନ୍ୟ ଭିତିରେ ମଣିଷର ସର୍ବଗ୍ରାସୀ କ୍ଷୁଧାର ହୋଇଛି ନାଟକୀୟ ପରିପ୍ରକାଶ। ଅନୁଦାର ଓ ଅସହିଷ୍ଣୁ ପୃଥିବୀରେ କଲମ୍ବସ ପରି ବ୍ୟକ୍ତି ଯୁଗେ ଯୁଗେ ଜନ୍ମନେଇ ସତ୍ୟର ଆବିଷ୍କାର କରୁଥିବା ପ୍ରସଙ୍ଗ 'କଲମ୍ବସ' ନାଟକର ଅନ୍ତର୍ବାଣୀ ହୋଇଥିଲା ବେଳେ ପିଲା ଦିନରୁ ଭୟାଳୁ ପାଲଟି ଯାଇଥିବା ମଣିଷ ପରିସ୍ଥିତିର ପ୍ରତିକ୍ରିୟାରେ କିପରି ନିର୍ଭୀକ ହୋଇଯାଏ ତାର ମନୋଜ୍ଞ ନାଟ୍ୟରୂପ 'ମଇଁଷିର ପାଖ ନ ଯାଅ ଦନାଇ' ଦୃଷ୍ଟି ଆକର୍ଷଣ କରେ। 'ଜଟାୟୁର ଛିନ୍ନଡ଼େଣା' ସାଂପ୍ରତିକ ଗଣତନ୍ତ୍ରର ପ୍ରହସନର ଏକ ବୌଦ୍ଧିକ ବ୍ୟଞ୍ଜନା ହୋଇଥିଲା ବେଳେ 'କଲୁରିବେଣ୍ଟ' ସାଂପ୍ରତିକ ପରିସ୍ଥିତିରେ ସୁବିଧାବାଦୀ ଓ ଉପଭୋଗୀମାନଙ୍କର ପୈଶାଚିକତା ଏବଂ ସଚ୍ଚୋଟ କର୍ମଚାରୀର ଦୁର୍ଦ୍ଦଶାର ଜୀବନ୍ତ ଭାଷ୍ୟ ହୋଇଅଛି। 'ଜନ୍ମଭୂମି' ନାଟିକାରେ ପ୍ରବାସରେ ରହୁଥିବା ପୁତ୍ରର ପିତାମାତାଙ୍କ ପ୍ରତି ଆକର୍ଷଣ ଓ ପୁତ୍ରବଧୂର ବ୍ୟକ୍ତିକୈନ୍ଦ୍ରିକ ମନୋଭାବ।

Digitized by srujanika@gmail.com

ସେହି ମନୋଭାବ ନିକଟରେ ପୁତ୍ରର ଅସହାୟ ସମର୍ପଣକୁ ନାଟ୍ୟକାର ଯେପରି ଦେଖାଇ ଦେଇଛନ୍ତି ସେହିପରି 'ଶୂନ୍ୟଘରର ସୀମା' ନାଟିକାରେ ବାପାମାଆଙ୍କଠାରୁ ପୁଅବୋହୂ ଦୂରେଇ ଯିବାର ପ୍ରଭାବକୁ ସକରୁଣ ଭାବରେ ରୂପ ଦେଇଛନ୍ତି। 'ଜଳେ ଯେସନେ ଚନ୍ଦ୍ର ଛାଇ' ନାଟିକାରେ ସାଂପ୍ରତିକ ପଦସ୍ଥ ଅଧିକାରୀଙ୍କର କ୍ଷମତା-ତୃଷ୍ଣା ଉପଭୋଗ-ମନୋଭାବର ଚିତ୍ର ବ୍ୟଞ୍ଜିତ ହୋଇଥିଲା ବେଳେ 'ମୂକ ମୈନାକ' ନାଟିକା ଆଧୁନିକ ବସ୍ତୁବାଦୀ ଯୁବପିଢ଼ିର ସ୍ୱେଚ୍ଛାଚାରର ଏକ ଜୀବନ୍ତ ଆଲେଖ୍ୟ। 'ପଥ ବହୁଦୂର' ପୁରୁଷର ଉପଭୋଗ ତୃଷ୍ଣା ଓ ନାରୀର ସ୍ୱାତନ୍ତ୍ର୍ୟବୋଧର ଏକ ଚମତ୍କାର ନାଟ୍ୟ ରୂପାୟଣ। ସମସ୍ତ ନାଟକ ନୀଳାଦ୍ରିଙ୍କ ଲେଖକୀୟ ସତ୍ତାର ଆଦର୍ଶ ଓ ବାସ୍ତବର ଦ୍ୱନ୍ଦ୍ୱ ଓ ସଂଘର୍ଷର ନାଟକୀୟ ପ୍ରତିରୂପ। ପ୍ରାଚୀନ ଓ ଆଧୁନିକ ସଭ୍ରାନ୍ତ ଓ ଅଭିଜାତ ମଣିଷର ଅନ୍ତର୍ନିହିତ ସତ୍ତାର ଆବିଷ୍କାର ସେମାନଙ୍କ ଭିତରେ କ୍ଷମତା, ବିଳାସ, ଉପଭୋଗ ଓ ଯଶୋଲିପ୍‌ସାକୁ ନେଇ ଦେଖା ଦେଉଥିବା ଭାବରେ ସମାନତା, ଆଧୁନିକ ମଧ୍ୟବିତ୍ତର ସହାୟତା, ସାଧାରଣ ମଣିଷମାନଙ୍କର ପ୍ରଲୋଭନ ଓ ବିଭ୍ରାନ୍ତି, ଗାଣତନ୍ତ୍ରିକ ରାଜନୀତିର ସଂକଟ, ଚାକିରିଜୀବୀ ମଣିଷର ଆତ୍ମମୁଖୀନତା ମୂଲ୍ୟବୋଧହୀନତା ଓ ସର୍ବୋପରି ଆଧୁନିକ ନରନାରୀଙ୍କର ସ୍ୱାତନ୍ତ୍ର୍ୟବୋଧ ନୀଳାଦ୍ରିଙ୍କ ନାଟକଗୁଡ଼ିକରେ ପ୍ରତିପାଦିତ ବିଷୟ।

॥ ୩ ॥

'ମଧ୍ୟପାତ୍ର' ନାଟକ ସଂପର୍କରେ ସୁଶାନ୍ତ କୁମାର ଲେଙ୍କାଙ୍କ ଅଭିମତ ଦେଖନ୍ତୁ- 'ଜଣେ ନେତା ବା ଶ୍ରେଷ୍ଠ ନିଜର ଆଦର୍ଶ ବା ବ୍ୟକ୍ତିଗତ ଅଭିରୁଚିକୁ ନୀତ (Followers) ମାନଙ୍କ ଉପରେ ଲଦି ଦେଇ ସେମାନଙ୍କ ଅନ୍ତର୍ନିହିତ ଶକ୍ତିକୁ ପ୍ରତିହତ କଲେ ଯେଉଁ ଦୁର୍ଯୋଗର ସମ୍ମୁଖୀନ ହେବାକୁ ହୁଏ ତାହା ଅତି ସୁନ୍ଦର। ଉକ୍ତ ନାଟକରେ ଯୁଧିଷ୍ଠିର ପ୍ରେସରଗ୍ରୁପ୍‌ର ପ୍ରତୀକ। ସେ ପୌରାଣିକ ହୋଇ ମଧ୍ୟ ସବୁକାଳର ସତ୍ୟତାକୁ ପ୍ରକାଶ କରନ୍ତି। ତାଙ୍କର ଅହଂ ଉନ୍ମୋଚିତ ହେଲା ପରେ ସେ ହୋଇେ ପଡ଼ିଛନ୍ତି ଅସହାୟ। ଯେଉଁମାନେ ନିଜର ଅହଂ ଓ ଅହଂକାରକୁ ଅନ୍ୟମାନଙ୍କ ଉପରେ ଚାପିଦେବାକୁ ଚାହାନ୍ତି ସେ ଜୀବନବ୍ୟାପୀ ସେଇ ଇଚ୍ଛାକୁ ବଳବତ୍ତର ରଖିଥାଆନ୍ତି ସେମାନେ ପରିଣତି ବେଳକୁ ହୋଇ ପଡ଼ନ୍ତି ଅସହାୟ। ତାଙ୍କର ବଡ଼ପଣର ଗଜଦନ୍ତ ମିନାର ଖଣ୍ଡ ଖଣ୍ଡ ହୋଇ ଭୁଶୁଡ଼ି ପଡ଼େ। ନାଟ୍ୟକାର ଏହି ସତ୍ୟକୁ ଉନ୍ମୋଚନ କରିଅଛନ୍ତି ତାଙ୍କର ସମସ୍ତ ପୌରାଣିକ ଐତିହାସିକ ନାଟକରେ। 'ମଧ୍ୟପାତ୍ର'ରେ ବଡ଼ଭାଇ ଯୁଧିଷ୍ଠିର ତାଙ୍କର ଆଦର୍ଶ ଓ ଅଭିରୁଚିକୁ ଅନ୍ୟ ଭାଇମାନଙ୍କ ଉପରେ ଲଦି ଦେବାର ଦୁଃଖଦ ପରିଣତିକୁ ଅନୁଭବ କରିଅଛନ୍ତି। ଚାପି ହୋଇ ରହିଥିବା ଅନ୍ୟ ଭାଇମାନଙ୍କ ଭିତରେ ଅଶାନ୍ତି ଓ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ

Digitized by srujanika@gmail.com

ହୋଇ ଉଠିଛି । ଗାଣତାନ୍ତ୍ରିକ ଚେତନାର ହୋଇଛି ପରିପ୍ରକାଶ । ଏ ନାଟକର ମୁଖ୍ୟ ପ୍ରତିପାଦିତ ବିଷୟ ହେଉଛି ଯେ ଗୋଟାଏ ବ୍ୟକ୍ତିଗତ ଆଦର୍ଶ ସମସ୍ତଙ୍କୁ ସବୁଦିନ ପାଇଁ ଶାସିତ କରି ରଖିପାରେ ନାହିଁ । ପରମ୍ପରା ଓ ଜ୍ୟେଷ୍ଠତ୍ୱର ଦ୍ୱାହି ଦେଇ ସତ୍ୟକୁ ଚାପି ଦେଇ ହୁଏ ନାହିଁ । ସମୂହର ଧୈର୍ଯ୍ୟଚ୍ୟୁତି ଘଟିଲେ ଜନବିପ୍ଳବ ପ୍ରକାଶ ପାଏ । ଏହି ମୂଲ୍ୟବୋଧ ଓ ନୂତନ ଅନ୍ୱେଷାର ସ୍ୱର ଓ ସଂକଳ୍ପ 'ମଧ୍ୟପାତ୍ର' ନାଟକ । ଏଥିରେ ଦ୍ରୌପଦୀ ନିର୍ଯ୍ୟାତିତା ନାରୀର ପ୍ରତୀକ । ପାଣ୍ଡବମାନେ ମଧ ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ଅନୁରୂପ ପ୍ରତୀକ ।

ଦ୍ରୌପଦୀ ଜାଣନ୍ତି ଯେ ଯେଉଁ ପୁରୁଷ ମାଛିକୁ ମ' କହେ ନାହିଁ ତାର ସମାଜରେ ବଞ୍ଚିବା ପାଇଁ ସ୍ଥାନ ନାହିଁ । ଯୋଗ୍ୟତମ ବ୍ୟକ୍ତି ହିଁ ବଞ୍ଚେ । ଅଯୋଗ୍ୟ ବ୍ୟକ୍ତି ନାରୀ-ହୃଦୟର ଜ୍ୱାଳା, ମାତୃଜାତିର ଅପମାନ ଓ ପତ୍ନୀର ଲାଞ୍ଛନାକୁ ମଥାପାତି ସହିନିଏ । ଶ୍ରୀକୃଷ୍ଣ ମଧ ଏହିପରି କହନ୍ତି- 'ଖାଲିଗୁଡ଼ାଏ ନିରୀହ, ସାଧୁ ଲୋକଙ୍କୁ ନେଇ' ସଂସାର ଚାଲିପାରେ ନାହିଁ । ଏପରି ଲୋକଙ୍କର ଭୟ କାଳେ ସତ୍ୟ ଓ ଧର୍ମ ଲଂଘନ ହୋଇଯିବ । ସଂସାର ପାପପୁଣ୍ୟ, ଭଲମନ୍ଦ, ସାଧୁଅସାଧୁଙ୍କର ଆବାସ ଭୂମି । ସଭ୍ୟତାର ଆରମ୍ଭରୁ ଚାଲିଆସିଛି ସାଧୁ ଓ ଅସାଧୁଙ୍କ ଭିତରେ ଚିତ୍ତ-ସଂଘର୍ଷ । ଏହି ସତ୍ୟର ଅଧିବକ୍ତା ଶ୍ରୀକୃଷ୍ଣ । ସେ ତେଣୁ ଚେତେଇ ଦେଇଛନ୍ତି ଅନ୍ୟ ଉପରେ ନିଜର ଆଦର୍ଶ ଓ ଅଭିରୁଚିକୁ ଚାପି ଦେବା ଅର୍ଥ ସଂଘର୍ଷକୁ ବରଣ କରିଆଣିବା । ଜଣେ ଅତ୍ୟାଚାରୀ ସମ୍ରାଟ ଭାବରେ ଯୁଧିଷ୍ଠିର ଭାଇମାନଙ୍କ ଅଭିମତକୁ ଚପାଇ ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାଧୀନତାକୁ ଅପହରଣ କରିଛନ୍ତି । ସେମାନଙ୍କ ପରାଧୀନତା ଓ ଦୁଃଖ ଭୋଗର କାରଣ ହୋଇଛନ୍ତି ସେ ନିଜେ । ଏହି କଥାକୁ ନାଟ୍ୟକାର ମଧ 'ଅନୁଶାସନ' ଓ 'ସ୍ୱର୍ଗାରୋହଣ' ନାଟକରେ ଦେଖାଇ ଦେଇଛନ୍ତି । ଶ୍ରୀକୃଷ୍ଣ 'ମଧ୍ୟପାତ୍ର' ନାଟିକାରେ ଯୁଧିଷ୍ଠିରଙ୍କୁ କହିଛନ୍ତି – "ଆପଣ ନିଜର ଇଚ୍ଛାକୁ ଅନ୍ୟ ଉପରେ ଲଦି ନଦେଇ, ଅନ୍ୟ ଇଚ୍ଛାକୁ ଜାଣିବାକୁ ଚେଷ୍ଟା କରନ୍ତୁ ।" ଏହା ଯେପରି ସାଂପ୍ରତିକ କାଳର ଗାଣତନ୍ତ୍ରିକ ନେତାମାନଙ୍କ ପ୍ରତି ନାଟ୍ୟକାରଙ୍କ ଉକ୍ତି । ଆଜି ଭାରତ ବର୍ଷରେ ଗଣତନ୍ତ୍ରର ବ୍ୟର୍ଥତା କେବଳ ନେତାମାନଙ୍କର ଇଚ୍ଛାକୁ ଜନଗଣଙ୍କ ଉପରେ ଜବରଦସ୍ତ ଚାପିଦେବାର କାରଣରୁ ସୃଷ୍ଟି ହୋଇଅଛି । ନାଟ୍ୟକାର ଏ ସମ୍ପର୍କରେ ସଚେତନ ହୋଇଥିବାରୁ ପୁରାଣର ଚରିତ୍ରମାନଙ୍କୁ ଆପଣାର ବୌଦ୍ଧିକ ସତ୍ତାରେ ବିଚାର କରି ସେମାନଙ୍କୁ ସାଂପ୍ରତିକ ଚରିତ୍ରମାନଙ୍କ ସହିତ ସମନ୍ୱିତ କରି ସାମାଜିକ ସଚେତନତା ସୃଷ୍ଟି କରିବାକୁ ସମର୍ଥ ହୋଇପାରିଛନ୍ତି । ଶ୍ରୀକୃଷ୍ଣ, ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ଓ ଦ୍ରୌପଦୀ ପ୍ରତ୍ୟେକ ହୋଇଯାଇଛନ୍ତି ଯେପରି ଚଳନ୍ତି ସମୟର ମଣିଷ । ସେମାନଙ୍କ ଭିତରେ ବ୍ୟକ୍ତି-ସ୍ୱାର୍ଥ ଓ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଫୁଟି ଉଠିଛି । ଅର୍ଜୁନଙ୍କ ଉକ୍ତି ଏ କ୍ଷେତ୍ରରେ ପ୍ରଣିଧାନଯୋଗ୍ୟ – "ମୁଁ ବୀରପରି ବଞ୍ଚିବାକୁ ଚାହେଁ, ମଣିଷ ପରି ବଞ୍ଚିବାକୁ ଚାହେଁ । ନିଜର ସ୍ୱାଧୀନତାର

Digitized by srujanika@gmail.com

ଜୈତ୍ର ପତାକା ଉତ୍ତୋଳନ କରି। ପରାଧୀନ ଭାବରେ ନୁହେଁ। ଏଇ ମୋର ଶେଷ କଥା" । ଭୀମଙ୍କ ଉକ୍ତିକୁ ମଧ୍ୟ ଦେଖନ୍ତୁ – "ଆପଣ ଆମର ମାନସିକତା ଉପରେ ଯଥେଷ୍ଟ ଅତ୍ୟାଚାର କରିଛନ୍ତି। ଆମର ସମସ୍ତ ଆବେଗ, ଉତ୍ତେଜନାର କଣ୍ଠରୋଧ କରିଛନ୍ତି। ମଣିଷ ପରି ବଞ୍ଚି ରହିବାର ଅଧିକାର ଆପଣ ଆମକୁ ଦେଇ ନାହାନ୍ତି। ମଣିଷ ବଞ୍ଚି ରହିବ ଆତ୍ମସମ୍ମାନକୁ ନେଇ। ମଣିଷ ବଞ୍ଚି ରହିବ ଅନ୍ୟାୟର ପ୍ରତିରୋଧ କରି। ଅନ୍ୟାୟକୁ ଅମ୍ଳାନ ବଦନରେ ଗ୍ରହଣ କରିନୁହେଁ। ବଡ଼ ଭାଇ ଯୁଧିଷ୍ଠିରଙ୍କ ପ୍ରତି ଏହି ଉକ୍ତି ଆତ୍ମସମ୍ମାନ ଓ ସ୍ୱାଧୀନତାବୋଧ ଜନିତ ଅବଦମିତ ମଣିଷର ଏହାହିଁ ଆତ୍ମାର ଉଦାତ୍ତବାଣୀ ଓ ଏହାହିଁ ସାଂପ୍ରତିକ ଗଣତନ୍ତ୍ରର ସ୍ୱେଚ୍ଛାଚାରିତା ପ୍ରତି ନାଟ୍ୟକାରଙ୍କ ମାର୍ମିକ ଆହ୍ୱାନ। ସମାଲୋଚକ ଡ. ନରେନ୍ଦ୍ର ନାଥ ମିଶ୍ର 'ମଧ୍ୟପାତ୍ର' ନାଟିକା ସଂପର୍କରେ କହନ୍ତି – 'ମଧ୍ୟପାତ୍ର' ଏକ ଆଧୁନିକ, ବୋଧହୁଏ ଅତ୍ୟାଧୁନିକ ନାଟକ। ବ୍ୟକ୍ତିର ଚିନ୍ତା ଓ ଚେତନା, ସ୍ୱାର୍ଥ ଓ ପରାର୍ଥପ୍ରାଣତା, ଅଣୁ ପରିବାର ଅନ୍ତିମ ଅଭିଳାଷର ମୂର୍ତ୍ତି ପ୍ରତୀକ ରୂପେ ପ୍ରତ୍ୟେକ ନାୟକ ଏକାନ୍ତ ଆଧୁନିକ। ସେ ପୁଣି କହନ୍ତି – କ୍ଷମତାର ଶାସନଠାରୁ ମମତାର ଶାସନ ମନୁଷ୍ୟର ବିକାଶରେ ବଡ଼ ବାଧା ସ୍ୱରୂପ ଠିଆ ହୋଇପାରେ। ନାଟିକାର ଏହା ଅନ୍ୟ ଏକ ପ୍ରତିପାଦ୍ୟ ବିଷୟ। କନିଷ୍ଠ ପାଣ୍ଡବ ତଥା ଦ୍ରୌପଦୀଙ୍କ କଟୁ ସମାଲୋଚନାର ଶରବ୍ୟ ଯୁଧିଷ୍ଠିର ସତେ ଯେପରି କି ନରରୂପଧାରୀ ସତ୍ୟର ପୂଜାରୀ, ଶାନ୍ତିର ଉପାସକ, ମାନବ ଚେତନାରେ ଦେବ ସତ୍ତାରେ ଭାସ୍ୱର – ଏଇ ବ୍ୟକ୍ତି କୋମଳ ଭାବାପନ୍ନ, ଅହଂସ୍ଫୀତ, ସ୍ୱୈରାଚାର, ଭୀରୁ ମାନସିକତା, ପଳାୟନପନ୍ଥୀ ଅବାସ୍ତବତା ଓ ଅନାସକ୍ତ ନିର୍ଲିପ୍ତ ଆଦର୍ଶବାଦର ଦୁର୍ଭେଦ୍ୟ ବ୍ୟୂହରେ ବନ୍ଦୀ। ବାସ୍ତବିକ ନାଟ୍ୟକାର ଏହି ନାଟିକାରେ ଯେପରି ଭାବରେ ପ୍ରାଣ ଓ ପ୍ରବୃତ୍ତିର, ଆଦର୍ଶ ଓ ଅବାସ୍ତବତାର, ଜୀବନର କ୍ରିୟା ଓ ପ୍ରତ୍ୟାଶାର, ନିର୍ଲିପ୍ତ ଆଦର୍ଶ ବାଦ ଓ ଲିପ୍ତ ଆଦର୍ଶବାଦର ଚିତ୍ତ-ସଂଘର୍ଷକୁ ଦେଖାଇଦେଇ, ଯାହା ସତ୍ୟ ଓ ବାସ୍ତବ ଓ ଚିରକାଳର ମଣିଷ-ମନର ନିଦର୍ଶନ, ତାହାକୁ ରୂପ ଦେଇଛନ୍ତି। ତାହା ହୋଇଯାଇଛି ସତେ ଯେପରି ଆଧୁନିକ ମଣିଷର ମନଃସ୍ଥିତିର ଜୀବନ୍ତ ଭାଷ୍ୟ।

'ସ୍ୱର୍ଗାରୋହଣ' ଏହି ମାନସିକତାର ଅନ୍ୟତମ ସଫଳ କୃତି। ତିନିଜଣ ସାଧାରଣ ଚରିତ୍ରକୁ ନେଇ ଏହି ନାଟକ ଗତିଶୀଳ। ନାଟକର ବିଷୟବସ୍ତୁ ସହିତ ଏମାନେ ଏକୀଭୂତ ହୋଇଯାଇଛନ୍ତି। 'ଭୀମ ଭୋଇଙ୍କ ସଂଧାନରେ', 'କଲୁରିବେଣ୍ଟ' ପରି ନାଟକଗୁଡ଼ିକରେ ମଧ୍ୟ ଏହି ଶୈଳୀ ଅନୁସୃତ। ଲୋକ-ଉପାଦାନ ଓ ଲୋକକଥାକୁ ଆଧାର କରି ନିଆଯାଇ ନାଟକୀୟ ବାତାବରଣକୁ ପ୍ରାଣବନ୍ତ କରିଦିଆ ଯାଇଛି। ନବନାଟକ ରଚନାର ଆଭିମୁଖ୍ୟ ଏଥିରେ ସ୍ପଷ୍ଟ ହୋଇ ଉଠିଛି। ପୌରାଣିକ, ଐତିହାସିକ ଓ ସାମଜିକ ସମସ୍ୟା ଆଧାରିତ ନାଟକମାନଙ୍କରେ ସାଧାରଣ ଲୋକ ଚରିତ୍ରକୁ ଅଙ୍ଗୀଭୂତ କରିଦେଇ ସର୍ବକାଳୀନ ମାନବ-

Digitized by srujanika@gmail.com

ଚିତ୍ତର ଆବିଷ୍କାର ନାଟ୍ୟକାରଙ୍କ ନୂତନ ନାଟ୍ୟ-ପ୍ରବଣତାକୁ ସୂଚାଇ ଦିଏ। ନୀଳାଦ୍ରିଙ୍କ ସମସ୍ତ ନାଟକ ସମୟର ଜୀବନ୍ତ ପ୍ରାଣ-ସ୍ପନ୍ଦନ। ସପ୍ତମ ଦଶକରୁ ନବମ ଦଶକ ପର୍ଯ୍ୟନ୍ତ ଭାରତ ବର୍ଷରେ ଗଣତନ୍ତ୍ରର ଯେଉଁ ଅସ୍ଥିରତା ଓ ଅବକ୍ଷୟ ଦେଖାଦେଲା, ବ୍ୟକ୍ତି-ସ୍ୱାଧୀନତାକୁ ନିଃଶେଷ କରିଦେବା ପାଇଁ ଯେଉଁ ରାଜନୀତିକ ପ୍ରକ୍ରିୟା ଆରମ୍ଭ ହେଲା, କ୍ଷମତା-ତୃଷ୍ଣାର ଯେଉଁ ଉଲ୍ଲଙ୍ଘ କାଳରଡ଼ି ଗଗନ ପବନ ମୁଖରିତ କଲା, ଦଳୀୟ ରାଜନୀତିର ଛତ୍ରଛାୟା ତଳେ ରହି ଯେପରି ଭାବରେ ସ୍ୱାର୍ଥାନ୍ୱେଷୀ ଲୋକେ ଦୁର୍ନୀତିର ସହସ୍ରବାହୁ ବିସ୍ତାର କରାଇ ଦେଲେ, ଶିଳ୍ପାୟନ ଓ ନବନଗରବାଦ ନାମରେ ଯେପରି ଆରଣ୍ୟକ ଓ ଗ୍ରାମୀଣ ପରିବେଶକୁ ଧ୍ୱଂସ କରିଦିଆଗଲା, ମୂଲ୍ୟ ଉପରେ ଗୁରୁତ୍ୱ ଦିଆଯାଇ ଯେପରି ମୂଲ୍ୟବୋଧକୁ ବିନାଶ କରାଗଲା, ଯେପରି ଭାବରେ ଗ୍ରାମଗୁଡ଼ିକ କ୍ରମେ ନଗରାୟଣ ହୋଇ ଉଠିଲା, ଶିଳ୍ପପତି ଓ ବ୍ୟବସାୟୀ ଦଳ ଯେପରି ରାଜନୀତିକୁ ନିୟନ୍ତ୍ରଣ କରେ, ବ୍ୟୁରୋକ୍ରାଟ୍‌ମାନେ ଯେପରି ଭ୍ରାନ୍ତ ଆଭିଜାତ୍ୟର ବଶବର୍ତ୍ତୀ ହୋଇ ଅର୍ଥବାଦର ଅଭିଷେକ କଲେ, ବେକାର ଯୁବକମାନଙ୍କର ରାଜନୀତି ସଂସର୍ଗ ଜନିତ ଯେଉଁ ସ୍ୱେଚ୍ଛାଚାର ପ୍ରକାଶ ପାଇଲା, ରାଜନୀତି-ବ୍ୟବସାୟୀ ଓ କର୍ମଚାରୀ ସଂଘର ଯେପରି ଅବୈଧ, ସଂପର୍କ ଗଢ଼ିଉଠିଲା, ନାଟ୍ୟକାର ସେସବକୁ ବିଭିନ୍ନ ନାଟକରେ ରୂପ ଦେଇ କେବଳ ଯେ ସମାଜ-ବିବେକକୁ ଆହ୍ୱାନ ଦେଇଛନ୍ତି ତାହା ନୁହେଁ, ତତ୍‌ସହିତ ଉତ୍ତର ଆଧୁନିକତାବାଦକୁ ମଧ୍ୟ ସ୍ପଷ୍ଟ କରି ଦେଇଅଛନ୍ତି। ଏକ ନଷ୍ଟମୂଲ୍ୟ ସଂସ୍କୃତି ଭିତରୁ ନାଟ୍ୟକାର ଖୋଜିଛନ୍ତି ଏ ଦେଶର ଆତ୍ମାକୁ, ହୃଦୟକୁ, ମୂଲ୍ୟବୋଧକୁ ଓ ସର୍ବୋପରି ମଣିଷକୁ।

'ସ୍ୱର୍ଗାରୋହଣ'– ପ୍ରଗତି ନା ଦୁର୍ଗତି, ପୃଥିବୀର ଅଗ୍ରଗତିର ସୂଚନା ନା ଯଶୋଲିପ୍‌ସାର କରୁଣ ପରିଣତି, ଧ୍ୱଂସର ସର୍ବକାଳୀନ ଇସ୍ତାହାର ନା ଶାନ୍ତିର ଏକ ସମାହିତ ଅବସ୍ଥା- ଏହି ପ୍ରଶ୍ନ ହିଁ ସାଧାରଣ ଲୋକମାନସରେ ସୃଷ୍ଟି କରିଛି ଦ୍ୱନ୍ଦ୍ୱ। ଅପରପକ୍ଷରେ ସଂଜୟଙ୍କ ପରି ଅନାସକ୍ତ ନିର୍ଲିପ୍ତ ମଣିଷ ଶୁଣାଇଛି ରୋକଠୋକ ବାଣୀ- ଅହଂକାର ଓ ସ୍ୱାର୍ଥର ପରିଣତି ହିଁ ଧ୍ୱଂସ। ଯେତେବେଳେ ଶରଶଯ୍ୟାଶାୟୀ ଭୀଷ୍ମଙ୍କୁ ଯୁଧିଷ୍ଠିର ଆଶୀର୍ବାଦ ଭିକ୍ଷା କରିଛନ୍ତି ଓ କ୍ଷମା ମାଗିଛନ୍ତି ମହାଭାରତ ଯୁଦ୍ଧର ଧ୍ୱଂସାତ୍ମକ ପରିଣତି ପାଇଁ, ସେତେବେଳେ ଭୀଷ୍ମ କହିଛନ୍ତି – "କ୍ଷମା, କ୍ଷମା ପାଇବାର ଅଧିକାରକୁ ଯେ ତୁମେମାନେ ହରାଇବସିଛ ! କିଏ ତୁମକୁ କ୍ଷମା ଦେବ ? ମୁଁ ? ନା – ତୁମକୁ ହୁଏତ କ୍ଷମା ଦେଇପାରିଥାନ୍ତା ବିପୁଳା ପୃଥ୍ୱୀ। ଆଜି ସେଇ ପୃଥିବୀକୁ କ'ଣ କରିଛ ତୁମେମାନେ ? ଧ୍ୱଂସସ୍ତୂପ ଉପରୁ ଉଠାଇ ଆଣିକରି ପାରିବ ତା' ଦେହରେ ଜୀବନ-ସଂଚାର ?" ଏହି ଉକ୍ତି ଭୀଷ୍ମଙ୍କର ନା ଭୀଷ୍ମଙ୍କ ବ୍ୟକ୍ତି-ସତ୍ତା ମଧ୍ୟ ଦେଇ ସାଂପ୍ରତିକ କ୍ଷୁବ୍ଧଧ୍ୱାନ୍ତ ଜଗତରେ ମଣିଷ ଜାତିକୁ ରକ୍ଷା କରିବା ପାଇଁ ଚାହୁଁଥିବା ସମ୍ବେଦନଶୀଳ ମଣିଷଙ୍କର ? କୁରୁକ୍ଷେତ୍ରରେ

Digitized by srujanika@gmail.com

ଯେଉଁ ରକ୍ତନଦୀ ପ୍ରବାହିତ ହେଲା ତାହା କ'ଣ ଆଧୁନିକ ଜଗତରେ ଦୁଇ ବୃହତ୍ ଶକ୍ତିର ସଂଘର୍ଷ ପ୍ରତି ଏକ ବ୍ୟଂଜନା ନୁହେଁ କି? ଏହି ଯୁଦ୍ଧରେ ଅନ୍ତରାଳରେ କ'ଣ ସ୍ୱାର୍ଥ ଓ ଯଶୋଲିପ୍ସା ଓ ସହିଷ୍ଣୁତାର ଅଭାବ ହିଁ ଏହି ଯୁଦ୍ଧର କାରଣ ଏବଂ ଏବେ ମଧ୍ୟ ସେହି ସତ୍ୟ ପୃଥିବୀରେ ବିଦ୍ୟମାନ। ସଂପ୍ରତି ପୃଥିବୀ ବୃହତ୍ ଶକ୍ତିମାନଙ୍କର ଆଣବିକ ଅସ୍ତ୍ରର ବାରୁଦ ସ୍ତୂପ ଉପରେ ଗତିଶୀଳ। କେତେବେଳେ ଯେ ପ୍ରଳୟ ସୃଷ୍ଟି ହେବ କିଏ କହିବ? "ମଣିଷ ଜାତି ଆଜି ପଶୁ ପାଲଟି ଯାଇଛି। ଅସମାପ୍ତ ରକ୍ତତୃଷ୍ଣା ଆଜି ତାକୁ ପାଗଳ କରିଦେଇଛି। ସେଠି ହୃଦୟର ପ୍ରଶ୍ନ ନାହିଁ। ସେଠି ମାନବିକତାର ପ୍ରଶ୍ନ ନାହିଁ। ସେଠି କେବଳ ବଞ୍ଚି ରହିଛି ଗୋଟାଏ ଅନ୍ଧ ଅହଂକାର।"– ଭୀଷ୍ମଙ୍କର ଏହି ଉକ୍ତି ଯୁଦ୍ଧଖୋର ମଣିଷ ଜାତି ପ୍ରତି ଚିରନ୍ତନ ସତ୍ୟ ନୁହେଁ କି? ନାଟ୍ୟକାର ଉକ୍ତ ନାଟକରେ ଯୁଦ୍ଧବିରୋଧୀ ମନୋବୃତ୍ତିର ପରିଚୟ ଦେଇ ଯେପରି ସଚେତନ ମଣିଷର ବିବେକକୁ ଆହ୍ୱାନ ଶୁଣାଇଛନ୍ତି ତାହା ନିଶ୍ଚୟ ତାତ୍ପର୍ଯ୍ୟପୂର୍ଣ୍ଣ।

ଏହି ନାଟକରେ କୁନ୍ତୀ ନିର୍ଯ୍ୟାତିତା ଜନନୀର ପ୍ରତୀକ। ଚରମ ନିର୍ଯ୍ୟାତନା ଭିତରୁ ସେହି ନାରୀ ଭିତରେ ଆତ୍ମପ୍ରକାଶ କରେ ଏକ ବିପ୍ଳବର ଅଗ୍ନିଶିଖା। ସେଥିପାଇଁ କୁନ୍ତୀ ନିଜର ପୁତ୍ରମାନଙ୍କୁ ଭର୍ତ୍ସନା କରିଛନ୍ତି ଦୁର୍ଯ୍ୟୋଧନକୁ ବିନାଶ ନକରିଥିବା ହେତୁ। ସେ ମଧ୍ୟ ଚେତେଇ ଦେଇଛନ୍ତି ଦୁଷ୍କୃତି ଚିରଦିନ ନିରାପଦ ଆଶ୍ରୟ ପାଏ। ଦୁଷ୍କୃତିର ବିନାଶ ନାହିଁ। ଗୋଟାଏ ଦୁଷ୍କୃତିର ଧ୍ୱଂସ ହେଲା ବେଳକୁ ଅନ୍ୟ ଏକ ଦୁଷ୍କୃତି ମୁଣ୍ଡ ଟେକି ଉଠେ। ସାଂପ୍ରତିକ ସମାଜ ରାଜନୀତି, ପ୍ରଶାସନ, ଶିଳ୍ପ-ବ୍ୟବସାୟ ଇତ୍ୟାଦିକୁ ଲକ୍ଷ୍ୟ କଲେ ଆମେ ଉପର୍ଯ୍ୟୁକ୍ତ ସତ୍ୟର ପରିଚୟ ପାଇପାରିବା। ଆଜି ଦେଶରେ ଯେଉଁ ସହସ୍ର ସହସ୍ର ଜନନୀଙ୍କ ନୟନରୁ ଲୁହ ଝରୁଛି ତାହାକୁ ପୋଛି ଦେବା ପାଇ କିଏ ସମର୍ଥ ହୋଇ ପାରୁଛି? ମଣିଷ ଆଜି ଅନ୍ୟର ଶ୍ରୀ ଓ ଐଶ୍ୱର୍ଯ୍ୟ ପ୍ରତି ଈର୍ଷା ଓ ଅସୂୟା ପ୍ରଣୋଦିତ ହୋଇ ନାନା ନାରକୀୟ କାଣ୍ଡ କରୁଛି। ମଣିଷକୁ ମରଣ ମୁହଁକୁ ଠେଲି ଦେଇ ପୈଶାଚିକ ଆନନ୍ଦ ଲାଭ କରୁଛି। ସାଂପ୍ରତିକ ରାଜନୀତିରେ ଅସାମାଜିକ ଗୁଣ୍ଡାମାନେ ପୋଷାପୁଅ ହୋଇ ଯାଉଛନ୍ତି। ମଣିଷମାନଙ୍କୁ ସେମାନେ ପଶୁପରି ହତ୍ୟା କରୁଛନ୍ତି। ପ୍ରଶାସନରେ ତୋଷାମଦ ଓ ମିଥ୍ୟାର ରାଜୁତି। ସାରା ଦୁନିଆ ହୋଇଯାଉଛି ଅବିବେକୀ, ସର୍ବତ୍ର ଭୟ ଓ ଆତଙ୍କ। ଏପରି ପରିସ୍ଥିତିରେ କିଏ ମଣିଷକୁ ରକ୍ଷା କରିପାରିବ? 'ସ୍ୱର୍ଗାରୋହଣ' ନାଟକରେ ଏହି ପ୍ରଶ୍ନ ଉଠାଇଛନ୍ତି ନାଟ୍ୟକାର। ବାହ୍ୟ ଆବରଣ ବା ମୁଖା ଉନ୍ମୋଚନ କରି ସତ୍ୟ ଆବିଷ୍କାର ହୋଇଛି ଏହି ନାଟକର ମର୍ମଧ୍ୱନି। ଏଥିରେ ମଧ୍ୟ ନାଟ୍ୟକାର କ୍ଷମତା ଓ ଅହଂକାର ପ୍ରମତ୍ତ ଦୁର୍ଯ୍ୟୋଧନ, ଯେତେବେଳେ ଜାନୁଭଗ୍ନ ହୋଇ ମରଣକୁ ଅପେକ୍ଷା କରିଛି, ସେତେବେଳେ ବଳରାମ ତାଙ୍କର ଶତ୍ରୁକୁ ବିନାଶ କରିବା ପାଇଁ କହନ୍ତେ, ଯେପରି ତାଙ୍କୁ କ୍ରୋଧ ସମ୍ବରଣ

Digitized by srujanika@gmail.com

କରିବାକୁ ନିବେଦନ କରିଛନ୍ତି ତାହା ତାଙ୍କୁ ଏକ ଟ୍ରାଜିକ୍ ଚରିତ୍ରରେ ପରିଣତ କରିଦେଇଛି। ତାଙ୍କର ମହାନତା ପ୍ରକାଶିତ ହୋଇଛି ଏବଂ ସେ ନିଜର ମୃତ୍ୟୁ ଓ ବିପର୍ଯ୍ୟୟ ପାଇଁ ଚିନ୍ତା ନକରି ପାଣ୍ଡବଙ୍କର ଅଧୋଗତି ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କର ସ୍ପଷ୍ଟ ଧାରଣା ଯେ ଗୋଟାଏ କଳଙ୍କିତ ଆଦର୍ଶ ନେଇ କେହି ବିଶାଳ ଭାରତ ବର୍ଷରେ କ୍ଷାତ୍ରଧର୍ମକୁ ପ୍ରତିଷ୍ଠା ଦେଇପାରିବ ନାହିଁ। ଏହା ସତ୍ତ୍ୱେ ସେ ମରଣ ଶଯ୍ୟାରେ ପାଣ୍ଡବଙ୍କୁ ଆଶୀର୍ବାଦ ଦେଇଛନ୍ତି। ବଳରାମ କିନ୍ତୁ ଚେତେଇ ଦେଇଛନ୍ତି ଯେ ମଣିଷର ମନଭିତରେ ହିଂସ୍ରତା ଭସ୍ମାଚ୍ଛାଦିତ ଅଗ୍ନିକଣା ପରି ଛପି ରହିଛି। ଦିନେ ନା ଦିନେ ତାହା ଶିଖାଟୋଳି ଜଳି ଉଠିବ। ସାରା ଜଗତ ଧ୍ୱଂସ ହୋଇ ଯିବ। ବୃହତ୍‌ଶକ୍ତିମାନେ ପରସ୍ପର ପ୍ରତି ଈର୍ଷାରେ ଜଳି ଉଠୁଛନ୍ତି। ଭିତରେ ରକ୍ତ ଲୋଲୁପତାକୁ ଲୁଚାଇ ରଖି ବାହାରେ ଶାନ୍ତି ପ୍ରତିଷ୍ଠା ପାଇଁ ବାହାନା କରୁଛନ୍ତି। ଏଥିରେ ଶିକାର ହେଉଛନ୍ତି ସାଧାରଣ ମଣିଷ। କ୍ଷମତାଦୃପ୍ତ ରାଜା ଓ ଜନନେତାଙ୍କ ପାଇଁ ପ୍ରଜାମାନେ ବଳି ପଡ଼ନ୍ତି। ଅଥଚ ଶାସକ ବର୍ଗ ଘୋଷଣା କରନ୍ତି ଯେ ଶାସନ ସମସ୍ତଙ୍କ ପାଇଁ ଓ ସମସ୍ତଙ୍କର ଅଛି ସମାନ ଅଧିକାର। ଏହା ବଳରାମଙ୍କର ଅଭିବ୍ୟକ୍ତି ନୁହେଁ, ସ୍ୱୟଂ ନାଟ୍ୟକାରଙ୍କର ସମୟୋଚିତ ଅଭିବ୍ୟକ୍ତି।

ବଡ଼ଭାଇ ଯୁଧିଷ୍ଠିରଙ୍କ ପ୍ରତି ଜୀବନସାରା ବଶମ୍ୱଦ ହୋଇ ରହିଥିବା ଭାଇମାନଙ୍କୁ ଯେତେବେଳେ ରାଜ୍ୟ ଓ ସିଂହାସନ ତ୍ୟାଗ କରି ସ୍ୱର୍ଗାରୋହଣ ପଥରେ ଯିବା ପାଇଁ ସେ କହିଲେ ସେତେବେଳେ ଭାଇମାନେ ତଥା ପତ୍ନୀ ଦ୍ରୌପଦୀ ଘୋର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଯୁଧିଷ୍ଠିର ନିଜର ଜ୍ୟେଷ୍ଠତ୍ୱକୁ ଅନ୍ୟମାନଙ୍କ ଉପରେ ଚାପିଦେବାକୁ ଯାଇ କହିଛନ୍ତି – "ଜୀବନର ମହତ୍ତ୍ୱ ଐଶ୍ୱର୍ଯ୍ୟ ଆହରଣରେ ନୁହେଁ, ଐଶ୍ୱର୍ଯ୍ୟ ତ୍ୟାଗରେ। ସ୍ୱାଧୀନ ଚିନ୍ତା ମଣିଷକୁ ବିଶୃଙ୍ଖଳିତ କରେ। ତାକୁ ଆଦର୍ଶପଥରୁ ବିଚ୍ୟୁତ କରାଏ।" ଏହି ଉକ୍ତି ସହିତ ଭାଇମାନେ ଏକମତ ହୋଇ ନାହାନ୍ତି। ସେମାନଙ୍କ ଭିତରେ ଦେଖାଦେଇଛି ବ୍ୟକ୍ତି ସ୍ୱାତନ୍ତ୍ର୍ୟବୋଧ। ତେଣୁ ସେମାନଙ୍କର ପ୍ରଶ୍ନ – "ଜୀବନ କ'ଣ ଏକ ସୀମାହୀନ ହାହାକାର?" ଏ ପ୍ରଶ୍ନ ସଂସାରକୁ ବରଣ କରିନେଉଥିବା ସବୁକାଳର ମଣିଷର ପ୍ରଶ୍ନ। ସେପରି ମଣିଷ ଆତ୍ମାର ଦୁର୍ବୋଧ୍ୟ ରହସ୍ୟକୁ ଖୋଜେ ନାହିଁ। ସେ ସଂସାରର ମାୟାବନ୍ଧନ ଭିତରେ ଏକ ସୁନ୍ଦର ଓ ପରିପୂର୍ଣ୍ଣ ଜୀବନ ଖୋଜେ। 'ସ୍ୱର୍ଗାରୋହଣ' ନାଟିକାରେ ନାଟ୍ୟକାର ଆଧ୍ୟାତ୍ମିକ ଅନ୍ୱେଷା ପାଇଁ ସଂସାର ତ୍ୟାଗ ଉପରେ ଗୁରୁତ୍ୱ ନଦେଇ ହାତର ପରଶ, ମନର ବଳ ଓ ପ୍ରାଣର ଆବେଗ ଦେଇ ଏହି ପୃଥିବୀକୁ ଶାନ୍ତି ଓ ସହାବସ୍ଥାର ଆବାସ ଭୂମିରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି। 'ଅନୁଶାସନ' ନାଟିକା ମଧ୍ୟ ଏହିପରି ସତ୍ୟ ଓ ଧର୍ମର ଅନ୍ତରାଳରେ ଥିବା ପ୍ରକୃତ ରହସ୍ୟକୁ ଉନ୍ମୋଚନ କରି ଦେଇଛି। ଯିଏ ସତ୍ୟର ସ୍ୱରୂପ କ'ଣ ଜାଣେ ନାହିଁ ସିଏ ସତ୍ୟ କହୁଛି ବୋଲି କହେ। ଅଲକ୍ଷ୍ୟରେ

Digitized by srujanika@gmail.com

ତା’ ଭିତରେ ମିଥ୍ୟା ହିଁ ସତ୍ୟ ରୂପରେ କାର୍ଯ୍ୟକରେ। ମିଥ୍ୟା ପାଏ ସତ୍ୟର ମାନ୍ୟତା। ବିବେକକୁ ବିସର୍ଜନ ଦେଲେ ମଣିଷ କରେ ଯାବତୀୟ ଅନ୍ୟାୟ। ଏ ସମ୍ପର୍କରେ ଭୀଷ୍ମ ଓ ଯୁଧିଷ୍ଠିରଙ୍କ ସଂଳାପ ଦେଖାଯାଇପାରେ :

ଯୁଧିଷ୍ଠିର : ସତ୍ୟ ଛଡ଼ା ତ ମୁଁ କିଛି କହେ ନାହିଁ।

ଭୀଷ୍ମ : ତୁମେ ସତ୍ୟ କହିପାର; କିନ୍ତୁ ସତ୍ୟ ଯେ ତୁମେ ଚିହ୍ନି ପାରିଛ, ସେଥିରେ ମୋର ଘୋର ସନ୍ଦେହ।

ଯୁଧିଷ୍ଠିର : ପିତାମହ !

ଭୀଷ୍ମ : ସତ୍ୟ ବଡ଼ ନିଷ୍ଠୁର ଯୁଧିଷ୍ଠିର ! ପାହାଡ଼ ଚୂଡ଼ାରେ ଶେଷ ସୂର୍ଯ୍ୟାଲୋକ ପରି ସତ୍ୟ କେତେବେଳେ ହଜିଯାଏ – ଛାଇ ଆସୁଥିବା ଅନ୍ଧକାର ପରି ମିଥ୍ୟାଟି ହିଁ ସତ୍ୟ ହୋଇ ଠିଆ ହୋଇଯାଏ।

ଯିଏ ଅନ୍ୟାୟକୁ ନିର୍ବିକାର ଭାବରେ ସହିଯାଏ ତା’ ଉପରେ ବାରମ୍ବାର ଅନ୍ୟାୟ କରାଯାଏ। ବିବେକ-ବିଚାରରେ କେହି କାର୍ଯ୍ୟ କରନ୍ତି ନାହିଁ। ସର୍ବତ୍ର ପ୍ରଭୁତ୍ୱ ବିସ୍ତାର କରେ ମିଥ୍ୟା ଓ ଅନ୍ୟାୟ। ଯେଉଁଠି ସ୍ୱାର୍ଥ ସେଇଠି ଅନ୍ୟାୟ। ସ୍ୱାର୍ଥକୁ ଛାଡ଼ି ବାସ୍ତବ ପୃଥିବୀର ପରିକଳ୍ପନା ଅସମ୍ଭବ। ତେଣୁ ଯୁଧିଷ୍ଠିରଙ୍କୁ ଭୀଷ୍ମଙ୍କର ଉକ୍ତି – "ମୂଲ୍ୟବୋଧକୁ ହତ୍ୟା କରି ସ୍ୱାର୍ଥରକ୍ଷା ହିଁ ଆଜିର ଅନୁଶାସନ" ବାସ୍ତବିକ ଆଜିର ସମାଜରେ ଯେ କେତେ ସତ୍ୟ ତାହା ଏହି ନାଟକ ଦର୍ଶାଇ ଦେଇଛି। 'ନିରାପଦ ଭବିଷ୍ୟତ' ସାରଳା ମହାଭାରତରେ ବିରାଟ ପର୍ବର ପୃଷ୍ଠଭୂମି ଉପରେ ରଚିତ ଅନ୍ୟ ଏକ ନାଟିକା। ଯୁଧିଷ୍ଠିରାଦି ଭାଇମାନେ ଓ ପତ୍ନୀ ଦ୍ରୌପଦୀ ଛଦ୍ମବେଶ ଓ ଛଦ୍ମନାମରେ ଅଜ୍ଞାତବାସ କରିଛନ୍ତି ବିରାଟ ରାଜଙ୍କ ନବରରେ। କୀଚକର ପାପ ଲାଳସାର ଶିକାର ହେବା ଭୟରେ ଦ୍ରୌପଦୀ ଯୁଧିଷ୍ଠିରଙ୍କୁ ଜଣାନ୍ତେ ସେ ସତ୍ୟରକ୍ଷା ପାଇଁ ଅଟଳ ଥିବାରୁ ତାଙ୍କୁ ପରାମର୍ଶ ଦେଇଛନ୍ତି ସହିଯିବା ପାଇଁ। ଦ୍ରୌପଦୀ ଏକ ଚିରନ୍ତନୀ ପତ୍ନୀର ସ୍ୱରୂପ ପ୍ରକାଶ କରି ଯୁଧିଷ୍ଠିରଙ୍କୁ ଭର୍ତ୍ସନା କରିଛନ୍ତି। ତାଙ୍କର ସତ୍ୟରକ୍ଷା ଯେ ଏକ ଛଳନା ତାହା ସେ କହିବାକୁ ପଛାଇ ନାହାନ୍ତି। ସ୍ତ୍ରୀର ମାନରକ୍ଷା କରିବା ନିକଟରେ ସ୍ୱାମୀର ସତ୍ୟ ଅସତ୍ୟର ପ୍ରଶ୍ନ ଅବାନ୍ତର। ଏଠି ମଧ୍ୟ ନାରୀର ସ୍ୱାତନ୍ତ୍ର୍ୟବୋଧ ପ୍ରକାଶ ପାଇଛି। ଦ୍ରୌପଦୀ ରାଜା ବିରାଟଙ୍କ ନିକଟରେ କୀଚକ ବିରୋଧରେ ଅଭିଯୋଗ କରି ବ୍ୟର୍ଥ ହେଲା ପରେ ତାଙ୍କ ଭିତରେ ନାରୀତ୍ୱର ଦୀପ୍ତ ସ୍ୱାଭିମାନ ପ୍ରକାଶ ପାଇଛି। କ୍ଷମତାଦୃପ୍ତ ସ୍ୱେଚ୍ଛାଚାରୀ ରାଜଶକ୍ତିକୁ ସେ ଶୁଣାଇଛନ୍ତି ଅଗ୍ନିଗର୍ଭ ବାଣୀ – ନାରୀ ପଣ୍ୟା ନୁହେଁ। ତାର ତପ୍ତ ଅଶ୍ରୁରେ ଧୂଳିସାତ ହୋଇଯାଏ ପୁରୁଷର ସକଳ ଦର୍ପ ଅଭିମାନ। ଦ୍ରୌପଦୀଙ୍କ କୌଶଳରେ ଭୀମ ନିହତ କରିଛି କୀଚକକୁ। ବିରାଟଙ୍କ ଗର୍ବର ହୋଇଛି ଅବସାନ। ଛଦ୍ମବେଶୀ ପାଣ୍ଡବ ଭାଇମାନେ ତାଙ୍କୁ ନାନା

Digitized by srujanika@gmail.com

ସଂକଟରୁ ରକ୍ଷା କରିଛନ୍ତି। ନାଟ୍ୟକାର ଏହି ନାଟକରେ ଜ୍ୟେଷ୍ଠର ବା ତଥାକଥିତ ଶ୍ରେଷ୍ଠମାନଙ୍କର ମତାଦର୍ଶକୁ ଅନ୍ୟମାନଙ୍କ ଉପରେ ଜବରଦସ୍ତ ଆରୋପ କରିବାକୁ ବିରୋଧ କରାଯାଇ ବ୍ୟକ୍ତି-ସ୍ୱାତନ୍ତ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

'ପୁଣ୍ୟଭୂମି ଭାରତ' ଇତିହାସ ଓ ପୁରାଣର ଅନ୍ତର୍ଦ୍ୱନ୍ଦ୍ୱ ଉପରେ ଆଧାରିତ ଏକ ନାଟିକା। ଇତିହାସ ଅଧ୍ୟାପକ ଭବତୋଷ ଓ ତାଙ୍କର ତିନିଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି ନାଟିକାଟି ପରିକଳ୍ପିତ। ଏଥିରେ ଭବତୋଷ ଇତିହାସର ଗୌରବ ବିଷୟରେ ଜୋର ଦେଉଥିଲା ବେଳେ ଆଧୁନିକ ଚେତନାର ପ୍ରତୀକ ଛାତ୍ରଛାତ୍ରୀମାନେ ଇତିହାସକୁ ଜୀବନର ଗ୍ଲାନିବୋଧର ନିଦର୍ଶନ ଭାବରେ ବିଚାର କରିଅଛନ୍ତି। ସେମାନେ ରାମାୟଣ ଓ ମହାଭାରତର ଆଦର୍ଶବାଦରୁ ମୁକ୍ତ। ପ୍ରଫେସର ଭବତୋଷ କିନ୍ତୁ ପୁରାତନ ଆଦର୍ଶର ପ୍ରତୀକ। ଏ ନାଟକରେ ସୀତା ଓ ଲକ୍ଷ୍ମଣ ନୂତନ ଆଦର୍ଶବାଦର ପ୍ରତିଧ୍ୱନି ହୋଇଥିଲା ବେଳେ ରାମଚନ୍ଦ୍ର ହୋଇଛନ୍ତି ପୁରାତନ ଆଦର୍ଶର ପ୍ରତୀକ। ନୂତନର ବିଚାରରେ ସତ୍ୟ ପାଇଁ ରାଜ୍ୟତ୍ୟାଗ, ପ୍ରଜାଙ୍କ ପାଇଁ ପତ୍ନୀତ୍ୟାଗ, ବ୍ରାହ୍ମଣଙ୍କ ପାଇଁ ଶୂଦ୍ର ଶମ୍ବୁକର ହତ୍ୟା ଅନୁଚିତ। ମୂଲ୍ୟହୀନ ଆଦର୍ଶ ନିଷ୍ଠୁର ବାସ୍ତବତା ନିକଟରେ ଅନାବଶ୍ୟକ। ରାମଚନ୍ଦ୍ର ଅନ୍ୟମାନଙ୍କ ପ୍ରଶଂସା ପାଇଁ ସତ୍ୟକୁ ବଳି ଦେଇଛନ୍ତି। ତେଣୁ ସୀତା ତାଙ୍କୁ ଚେତେଇ ଦେଇଛନ୍ତି – "ମଣିଷକୁ ପ୍ରତାରିତ କରିବାର ସହଜ ଉପାୟ ହେଉଛି ତାର ଗୁଣଗାନ।" ସେ ପୁଣି କହିଛନ୍ତି – "ସହାନୁଭୂତି ପ୍ରଦର୍ଶନ ଏକ ମିଥ୍ୟାଚାର।" ବାଳିକୁ ହତ୍ୟା କରିବା, ଚକ୍ରବାକ ପକ୍ଷୀକୁ ଅଭିଶାପ ଦେବାରେ ରାମଚନ୍ଦ୍ରଙ୍କର ପୌରୁଷ ବଢ଼ିନାହିଁ; ବରଂ ହ୍ରାସ ପାଇଛି। ଚତୁରମାନେ ଅତୀର ଅସତ୍ୟକୁ ଏକ ହିରଣ୍ମୟ ପାତ୍ରରେ ଗୋପନ ରଖି ସତ୍ୟ ଭାବରେ ଚଳାଇ ନେବାର ଚକ୍ରାନ୍ତ କରି ଆସିଛନ୍ତି ଯୁଗେ ଯୁଗେ। ରାମଚନ୍ଦ୍ର ଯେତେବେଳେ ସୀତାଙ୍କ ସତୀତ୍ୱ ପରୀକ୍ଷା ପାଇଁ ପୁନର୍ବାର କହିଛନ୍ତି, ସେତେବେଳେ ସୀତା ପ୍ରତିବାଦ ସ୍ୱରୂପ ଭୂଗାମିନୀ ହୋଇ ଯାଇଛନ୍ତି। ନାଟ୍ୟକାର ଏହି ନାଟକରେ ଆଧୁନିକ ଓ ଉତ୍ତର-ଆଧୁନିକ ଚିତ୍ତ-ବୃତ୍ତିକୁ ଆବିଷ୍କାର କରିଅଛନ୍ତି। ଇତିହାସ ଓ ପୁରାଣ ଭିତରୁ ମାନବ-ଜିଜ୍ଞାସାର ଆଧୁନିକତମ ରୂପଟିଏ ଖୋଜିଛନ୍ତି ଓ ତାହାକୁ ନାଟ୍ୟରୂପ ପ୍ରଦାନ କରିବାରେ ସଫଳତା ଅର୍ଜନ କରିଅଛନ୍ତି।

ପୌରାଣିକ ବିଷୟ ଆଧାରିତ ନାଟକଗୁଡ଼ିକ ସୁଦୂର ଅତୀତରୁ ଲମ୍ବି ଆସିଛନ୍ତି ଆଧୁନିକ କାଳ୍ ପର୍ଯ୍ୟନ୍ତ ଏବଂ ସେଥିରେ ସର୍ବାଧୁନିକ ମାନସର ଦ୍ୱନ୍ଦ୍ୱ ଓ ସେହି ସକଳ ଦ୍ୱନ୍ଦ୍ୱର ଉତ୍ତର-ସଂଧାନ ଫୁଟି ଉଠିଛି। ପୁରାତନ ନିର୍ମୋକ ଭିତରୁ ନୂତନର ହୋଇଛି ସଦର୍ପ ଅଭିଯାନ। ସେହିପରି ଇତିହାସ-ବିଷୟ-ଆଧାରିତ ନାଟକମାନଙ୍କରେ ମଧ୍ୟ ଅଛି, ପୁରାତନର ଜୀର୍ଣ୍ଣ କଙ୍କାଳ ଭିତରେ ନୂତନର ପଦଧ୍ୱନି। 'ବତାସ ନିସ୍ତବ୍ଧ ଆଜି' ଗଜପତି

Digitized by srujanika@gmail.com

କପିଳେନ୍ଦ୍ର ଦେବଙ୍କର ବୀରତ୍ୱ, ଆଦର୍ଶ ଓ ଦୁର୍ବଳତାର ଏକ ଜୀବନ୍ତ ପ୍ରକାଶ। ଦାକ୍ଷିଣାତ୍ୟର ବିଜୟୀ ବୀର ଜ୍ୟେଷ୍ଠପୁତ୍ର ହମ୍ୱିରଦେବଙ୍କ ପ୍ରତି ସେ ବାହାରକୁ ସହାନୁଭୂତି ପ୍ରକାଶ କରିଥିଲେ ହେଁ ଭିତରେ ତାଙ୍କ ପ୍ରତି ଈର୍ଷାକାତର ହୋଇ ଉଠିଛନ୍ତି। ତାଙ୍କର ଆଶଙ୍କା ହମ୍ୱିରଦେବ ବୀର ଓ ଶକ୍ତିଶାଳୀ ହୋଇଥିବାରୁ ଭବିଷ୍ୟତରେ ସେ ବଶମ୍ବଦ ହୋଇ ରହିବ ନାହିଁ। ଏପରି ଏକ ଭାବ-ସଂକଟ ତାଙ୍କ ଭିତରେ ଦେଖା ଦେଇଥିଲା ବେଳେ ଅନ୍ୟପକ୍ଷରେ ତାଙ୍କର ରକ୍ଷିତା ଦାସୀ ପୂର୍ଣ୍ଣିମାର ତାଙ୍କ ଉପରେ ଅଖଣ୍ଡ ପ୍ରଭାବ ତାଙ୍କୁ ମଧ୍ୟ ଦୁର୍ବଳ କରିଦେଇଛି ଏବଂ ସେହି ଦାସୀ-ପତ୍ନୀର ପ୍ରରୋଚନାରେ ଜଗନ୍ନାଥଙ୍କ ଆଜ୍ଞା ପ୍ରଚାର କରାଇ ପୁରୁଷୋତ୍ତମ ଦେବଙ୍କୁ ଗଜପତି ରୂପେ ଅଭିଷେକ କରାଇଦେଲେ। କ୍ଷମତାଶାଳୀ ବ୍ୟକ୍ତି ନିକଟରେ ପ୍ରକୃତ ପ୍ରତିଭାଶାଳୀ ବ୍ୟକ୍ତି ସବୁକାଳରେ ଲାଞ୍ଛିତ ହୋଇଥାଏ ଓ ହମ୍ୱିରଦେବ ମଧ୍ୟ ଲାଞ୍ଛିତ ହୋଇଛନ୍ତି। କ୍ଷମତା ହିଁ ପ୍ରତିଭାକୁ ନିର୍ଦ୍ଦୟ ଭାବରେ ହତ୍ୟା କରେ। ତୋଷାମଦ ନିକଟରେ କ୍ଷମତା ବଶୀଭୂତ ହୋଇ ନ୍ୟାୟ ଅନ୍ୟାୟ ବିଚାର କରିପାରେ ନାହିଁ। ସେଠି ଅଯୋଗ୍ୟ ଯୋଗ୍ୟ ହୋଇଯାଏ, ଯୋଗ୍ୟ ଅଯୋଗ୍ୟ ହୁଏ।

'ସତ୍ୟ ସଂଶୟ ସାଲବେଗ' ମଧ୍ୟ ଇତିହାସ ଆଧାରିତ ଅନ୍ୟ ଏକ ନାଟକ। ଏହା ଇତିହାସର କୁକ୍ଷୀ ଭିତରୁ ଆବିଷ୍କାର କରିଛି ମାନବିକ ମୂଲ୍ୟବୋଧକୁ। ଏକ ପକ୍ଷରେ ପାଶବ-ଲାଳସା ଓ କ୍ଷମତା-ମୋହ ଏବଂ ଅନ୍ୟ ପକ୍ଷରେ ସକଳ ପାର୍ଥିବ-ଅଭିଳାଷ-ଅତିକ୍ରାନ୍ତ ଦିବ୍ୟ ଚେତନାର ଅନ୍ୱେଷା ଓ ଜାତିବର୍ଣ୍ଣ ଧର୍ମ ନିର୍ବିଶେଷରେ ଏକ ମଣିଷ ସମାଜ ପରିକଳ୍ପନା- ଏହି ଦୁଇଟିର ଚିତ୍ତ-ସଂଘର୍ଷରୁ ଏହି ନାଟକର ଜନ୍ମ। ଲାଲବେଗ କ୍ଷମତାମଦମତ୍ତ ଓ ସ୍ୱୈଣ। ନରହତ୍ୟା, ଲୁଣ୍ଠନ, ସୁରା ଓ ନାରୀ- ବିଳାସ ତାର ଆନନ୍ଦ। ଯେତେବେଳେ ନାରୀର ସୌନ୍ଦର୍ଯ୍ୟ ଥାଏ ତେବେଳେ ପର୍ଯ୍ୟନ୍ତ ସେ ସେହି ନାରୀକୁ ଅଙ୍କଲକ୍ଷ୍ମୀ କରି ରଖେ। ସୌନ୍ଦର୍ଯ୍ୟ ହ୍ରାସ ପାଇଗଲେ ତାକୁ ପରିତ୍ୟାଗ କରି ଅନ୍ୟ ଏକ ସୁନ୍ଦରୀ ନାରୀକୁ ଅଙ୍କଲକ୍ଷ୍ମୀ କରେ। ସେହିପରି ପୁତ୍ର ସାଲବେଗ ଯେତେବେଳ ପର୍ଯ୍ୟନ୍ତ ଯୁଦ୍ଧ ଓ ଲୁଣ୍ଠନ କରୁଥିଲା ସେତେବେଳ ପର୍ଯ୍ୟନ୍ତ ତାକୁ ସେ ପାଖରେ ରଖିଥିଲା। ଯେତେବେଳେ ସେ ଯୁଦ୍ଧରେ କ୍ଷତାହତ ହୋଇ ଜୀବନ-ମରଣ ସହିତ ସଂଗ୍ରାମ କଲା ସେତେବେଳେ ସେ ତାକୁ ଘରୁ ବାହାର କରିଦେଲା। ଅଥଚ ଜନ୍ମଦାତ୍ରୀ ମାଆ ତାକୁ ସେବା ଶୁଶ୍ରୂଷା କରିଛି। ତା' ଭିତରେ ଜଗନ୍ନାଥ ଭକ୍ତି ଉଦ୍ରେକ କରାଇଛି। ସାଲବେଗ ଆରୋଗ୍ୟ ହୋଇ ଜଗନ୍ନାଥଙ୍କଠାରେ ନିଜକୁ ସମର୍ପଣ କରିଦେଇଛି। ରଚନା କରିଛି ରାଶି ରାଶି ଭକ୍ତି କବିତା। ସେ ହୋଇଚି କୋଟି ଜନତାର ହୃଦୟର ନିଧି। ହିନ୍ଦୁବୈଷ୍ଣବ ତାକୁ ଟାଣିଛନ୍ତି ନିଜ ଧର୍ମକୁ। ମୁସଲମାନ ଫକୀର ମଧ୍ୟ ଟାଣିଛି ତା' ଧର୍ମକୁ। ବାପା ଟାଣିଛି ନିଜ କୋଳକୁ। ସବୁ ସେ ପ୍ରତ୍ୟାଖ୍ୟାନ କରିଦେଇଛି। ତା' ଭିତରେ ପ୍ରକାଶ ପାଇଛି ପରିପୂର୍ଣ୍ଣ ମଣିଷ ହେବାର ସଂକଳ୍ପ। ଧର୍ମଗତ ସଂକୀର୍ଣ୍ଣତାରୁ

Digitized by srujanika@gmail.com

ସେ ମୁକ୍ତ। ସେ ହିନ୍ଦୁ ନୁହେଁ କିମ୍ବା ମୁସଲମାନ ନୁହେଁ। ସେ ମଧ୍ୟ ହୀନ ଯବନ ନୁହେଁ। ସେ ଏକ ପୂର୍ଣ୍ଣ ମଣିଷ। ସେ ଘୋଷଣା କରିଛି – "ଧର୍ମର ସଂକୀର୍ଣ୍ଣତା ଆଜି ମଣିଷକୁ ହୃଦୟହୀନ କରି ଦେଇଛି।" ତେଣୁ ସେ ପ୍ରକୃତ ଆଧ୍ୟାତ୍ମିକତାର ଅମୃତ ଆସ୍ୱାଦନ କରିଛନ୍ତି। ସେ ଜାଣନ୍ତି ଯେ ସଂସାର ଭିତରେ ବଞ୍ଚିବାକୁ ହେଲେ ଆସୁରିକ ଶକ୍ତି ନୁହେଁ, ଆଧ୍ୟାତ୍ମିକ ଶକ୍ତି ଲୋଡ଼ା। ସଂପ୍ରତି ଭାରତ ବର୍ଷ ଦ୍ୱିଜାତି ତତ୍ତ୍ୱ ଯେଉଁ ସଂଘର୍ଷ ସୃଷ୍ଟି କରୁଛି ତାହାକୁ ବି ଲୋପ କରିବାକୁ ହେଲେ ସାଲବେଗ ଚରିତ୍ର ଭିତର ଦେଇ ନାଟ୍ୟକାର ଯେଉଁ ଆଦର୍ଶ ଉତ୍‌ଥାପନ କରିଛନ୍ତି ତାହା ଯେ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ବିଚାର କରିବାର କଥା। ସମସ୍ତ ପୌରାଣିକ ଓ ଐତିହାସିକ ନାଟକ ନୀଳାଦ୍ରିଙ୍କର ନୂତନ ମାନବବାଦୀ ଦୃଷ୍ଟିକୋଣର ଯେ ଉଜ୍ଜ୍ୱଳ ସ୍ୱାକ୍ଷର ତାହା ଯେକେହି ଉପଲବ୍ଧି କରି ପାରିବେ।

॥୪॥

ପୌରାଣିକ ଓ ଐତିହାସିକ ନାଟକଗୁଡ଼ିକୁ ଛାଡ଼ିଦେଲେ ଶ୍ରୀ ହରିଚନ୍ଦନ ମଧ୍ୟ ରଚନା କରିଛନ୍ତି କେତେକ ସାମାଜିକ ନାଟକ। ସେଗୁଡ଼ିକ ତାଙ୍କର ସାମାଜିକ ଅବବୋଧର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ। 'ଭୀମ ଭୋଇଙ୍କ ସନ୍ଧାନରେ' ଏକ ନୂତନ ପରୀକ୍ଷାଧର୍ମୀ ସାମାଜିକ ନାଟକ। ଏଥିରେ ଭୀମ ଭୋଇ ଏକ ବ୍ୟକ୍ତି ନୁହନ୍ତି; ଏକ ଚେତନା। ଅନ୍ୟାୟ, ଅଧର୍ମ, ଅନୀତି ଓ ଅନ୍ଧାର ଭିତରେ ଏହି ଚେତନା ଆଲୋକ ଶିଖା ପରି ଦେଦୀପ୍ୟମାନ। ତିର୍ଯ୍ୟକ ବ୍ୟଙ୍ଗ ମାଧ୍ୟମରେ ମଣିଷର ପ୍ରକୃତି ହୋଇଛି ବ୍ୟଂଜିତ। ସତ୍ୟ, ଧର୍ମ ଓ ଜଗତ-କଲ୍ୟାଣ ପାଇଁ ଆତ୍ମୋତ୍ସର୍ଗକୁ ଆଜିର ମଣିଷ ଗୁରୁତ୍ୱ ନଦେଇ ମିଥ୍ୟା, କପଟତା, ଆତ୍ମପ୍ରତିଷ୍ଠା ଓ ସ୍ୱାର୍ଥସିଦ୍ଧି ପାଇଁ ଗୁରୁତ୍ୱ ଦିଏ। ଶିଡ଼ି ଉଠିବାର ହୀନ ପ୍ରତିଯୋଗିତା, ଆଜି ସର୍ବତ୍ର ପରିଲକ୍ଷିତ। ରାଜନୀତି କଳୁଷିତ। ଚାକିରି ଜୀବନ ସ୍ୱାର୍ଥ-ସଂଘର୍ଷ ପୀଡ଼ିତ। ଲୋକଙ୍କୁ ଭୁଲାଇବା ପାଇଁ ବସା ଯାଉଛି କଳ ଓ କାରଖାନା। ହୋଟେଲକୁ ଦିଆଯାଉଛି ଶିଳ୍ପର ମାନ୍ୟତା। କୃଷି ଓ କୃଷକର କଲ୍ୟାଣ ନାମରେ ସର୍ବନାଶର ପଥକୁ ଖୋଲି ଦିଆଯାଉଛି। ଗଣତନ୍ତ୍ର ହୋଇଛି ବ୍ୟର୍ଥ। ଗଣତନ୍ତ୍ରୀ ନେତାମାନେ ପାଲଟିଛନ୍ତି ସ୍ୱାର୍ଥୀ। କ୍ଷମତା, ଧନ ଓ ବିଳାସ ସେମାନଙ୍କର କାମ୍ୟ। ରାଜନୀତିର ଛତ୍ରଛାୟା ତଳେ ସେମାନଙ୍କର କଳା-ସାମ୍ରାଜ୍ୟ ବିସ୍ତାରିତ। ଏପରି କଳା-ବ୍ୟବସାୟୀ ମଧ୍ୟ ହୁଅନ୍ତି ରାଜନୀତିକ ଦଳର ନେତା, ଧର୍ମାନୁଷ୍ଠାନର ପୃଷ୍ଠପୋଷକ, ସାହିତ୍ୟିକ ଅନୁଷ୍ଠାନର ପ୍ରତିଷ୍ଠାତା, କଳା ଓ ସଂସ୍କୃତିର କର୍ଣ୍ଣଧାର, ଶିକ୍ଷାନୁଷ୍ଠାନରେ ପରିଚାଳକ, ସ୍ପୋର୍ଟସ କ୍ଳବର ସଭାପତି। ଦେଶରେ ମୁଣ୍ଡ ଟେକି ଉଠିଛି ଗୋଟାଏ ତ୍ରିଶଙ୍କୁ ମଧ୍ୟବିତ୍ତ ଶ୍ରେଣୀ। ଏଠି ସାମ୍ୟବାଦ କହିଲେ ତାହା ବିଦେଶୀ ଢାଞ୍ଚାର ନକଲ। ଶ୍ରେଣୀ-ବୈଷମ୍ୟ ବିଲୋପ ପରିବର୍ତ୍ତେ ଶ୍ରେଣୀ ସମସ୍ୟା ବଢ଼ି ବଢ଼ି ଚାଲିଛି। ଗୋଟାଏ ଶ୍ରେଣୀ

Digitized by srujanika@gmail.com

ଅନ୍ୟ ଶ୍ରେଣୀକୁ ଘୃଣା କରୁଛି । ଆଜିର ଗଣତନ୍ତ୍ରରେ ଜଣେ ପରିଶ୍ରମ କରେ, ଅନ୍ୟ ଜଣେ ସେହି ପରିଶ୍ରମର ଫଳକୁ ଭୋଗ କରେ । ମନ୍ତ୍ରୀମାନେ ସର୍ବେସର୍ବା । ସେମାନଙ୍କ ଅନ୍ୟାୟ ଆଦେଶ ଶିରୋଧାର୍ଯ୍ୟ । ସେମାନଙ୍କର ଆତ୍ମୀୟସ୍ୱଜନ ସମସ୍ତ ସୁବିଧା ପାଆନ୍ତି । ଧନପତି ଓ କଳାବଜାରୀଙ୍କ ସହିତ ସେମାନଙ୍କର ଗଢ଼ି ଉଠେ ଅବୈଧ ସମ୍ପର୍କ । କ୍ଷମତା ନିକଟରେ ବିତ୍ତ ବନ୍ଧାପଡ଼େ । ଲୋକପ୍ରତିନିଧିମାନଙ୍କର କାମ ହୁଏ କୋଟା, ପରମିଟ୍ ଓ ଲାଇସେନ୍ସ ଯୋଗାଡ଼ କରାଇବା । ଏପରି ଏକ ସମାଜ ବ୍ୟବସ୍ଥାରେ ଭୀମ ଭୋଇଙ୍କ ପରି ବ୍ୟକ୍ତି ନାହାନ୍ତି । ଏକଦା ସେ ଘନ ତମସାରେ ଜ୍ଞାନର ମଶାଲ ଜାଳି ଦେଇଥିଲେ । ସଭ୍ୟ ମଣିଷର ଅସଭ୍ୟ ସ୍ୱଭାବକୁ ଦୂର କରି ପାରିଥିଲେ । ନିଜ ଜୀବନ ବିନିମୟରେ ଜଗତ ଉଦ୍ଧାର ଥିଲା ତାଙ୍କର ଲକ୍ଷ୍ୟ ଓ ଆଦର୍ଶ । ଅଥଚ ଶିକ୍ଷିତ ଓ ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନେ ଅସଭ୍ୟତା ଓ ବର୍ବରତାର ବ୍ୟୂହ ରଚନା କରୁଛନ୍ତି । ଯେଉଁମାନେ ଅନ୍ୟର କଥା କହିବାର ଅଧିକାରକୁ କାଢ଼ି ନିଅନ୍ତି ସେମାନେ କହୁଛନ୍ତି ମାନବ ମୁକ୍ତିର କଥା । ବାହାରକୁ ସେମାନେ ଲୋକ ଦେଖାଣିଆକୁ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ । ଭିତରକୁ ସେମାନେ କୋଳାକୋଳି । ଭିତରେ ସେମାନେ ସାଂପ୍ରଦାୟିକ । ବାହାରେ କିନ୍ତୁ ଧର୍ମ ନିରପେକ୍ଷ । ଏ ଯୁଗ ଭେଜାଲ ଓ ଅପମିଶ୍ରଣର ଯୁଗ । ଏଠି ବିଶୁଦ୍ଧ ହୋଇ ବଞ୍ଚିବା ଅସମ୍ଭବ । ଭୀମ ଭୋଇମାନେ ଥରେ ଥରେ ଆସନ୍ତି ଏହିପରି ଅରାଜକତା ସମୟରେ । ସେମାନେ ଜାଳି ଦିଅନ୍ତି ଦୀପ୍ତ ଆଲୋକ ଶିଖା । ସେମାନେ ମରନ୍ତି ନାହିଁ ସହଜରେ । ବାରମ୍ବାର ଜନ୍ମ ନିଅନ୍ତି । ଖେଳାଇ ଦିଅନ୍ତି ନୂତନ ମାନବିକ ଚେତନା । ବେଶ୍ ପ୍ରତୀକଧର୍ମୀ ଏହି ନାଟକ । ଲୋକନାଟକ ଶୈଳୀରେ ଏହା ରଚିତ । କେତୋଟି ସାଧାରଣ ଗ୍ରାମ୍ୟ ଚରିତ୍ର ଅବଲମ୍ବନରେ ବିଭିନ୍ନ ନାଟକୀୟ ଅବସ୍ଥାର ପରିକଳ୍ପନା କରାଯାଇ ନାଟ୍ୟକାର ନିଜର ବକ୍ତବ୍ୟକୁ ସ୍ପଷ୍ଟ କରି ଦେଇଛନ୍ତି । କେତୋଟି ସଂଳାପ ଦେଖାଯାଇପାରେ –

୧ମ ଲୋକ : ମଣିଷର ଯେ ମଣିଷ ପ୍ରତି କିଛି କର୍ତ୍ତବ୍ୟ ଅଛି; ଏକଥା ଭାବିବାକୁ କାହାର ସମୟ ନାହିଁ । ବିନା ସ୍ୱାର୍ଥରେ ଯେ କିଛି କରାଯାଇ ପାରେ, ଏ ବିଶ୍ୱାସ ଆଜି ତୁଟି ଯାଇଛି ।

୪ର୍ଥ ଲୋକ : ଭୀମ ଭୋଇ ମାନେ ସହଜରେ ମରି ଯାଆନ୍ତି ନାହିଁ । ସେମାନେ ବାରମ୍ବାର ଜନ୍ମ ନିଅନ୍ତି, ଅନ୍ଧାର ଭିତରେ ଦୀପ ଶିଖାଟିଏ ହୋଇ ଜଳିବାକୁ ।

୧ମ ଲୋକ : ମେରିଆ ଦେହରୁ ଜୀଅନ୍ତା ଅବସ୍ଥାରେ ମାଂସ କାଟିନେବାକୁ ଛୁରିଧରି ଯେଉଁଠି ଲୋକେ ବସି ଥାଆନ୍ତି, ସେଇଠି ହଠାତ୍ ଆବିର୍ଭାବ ଘଟେ ଜଣେ ଭୀମ ଭୋଇଙ୍କର, ଯାହାଙ୍କଠୁଁ କାହାର କିଛି ପ୍ରାପ୍ୟ ନାହିଁ ।

Digitized by srujanika@gmail.com

ଭୀମ ଭୋଇଏକ ଦର୍ପିତ ମାନବିକ ଚେତନା, ଯାହାକୁ ଖୋଜିବା ପାଇଁ ନାଟ୍ୟକାର ଏହି ନାଟକରେ ଦେଇଛନ୍ତି ପ୍ରେରଣା।

ଆଧୁନିକ ସମାଜରେ ମୂଲ୍ୟ ଓ ମୂଲ୍ୟବୋଧକୁ ନେଇ, ଦେଖା ଦେଇଥିବା ଚିତ୍ତ-ସଂଘର୍ଷକୁ ଆଧାର କରି ରଚିତ 'ରତ୍ନାକରର ରାସ୍ତା'। ଏହା ମଧ୍ୟ ଏକ ପ୍ରତୀକାତ୍ମକ ନାଟିକା, ହତ୍ୟା ଓ ଲୁଣ୍ଠନ କରୁଥିବା ଦସ୍ୟୁ ରତ୍ନାକରର ସେଦିନ ଘୂରି ବୁଲୁଥିଲା ପିତା-ମାତା, ପତ୍ନୀ-ସନ୍ତାନ ସମସ୍ତଙ୍କ ନିକଟରେ ତାର ପାପରେ ସେମାନେ ଅଂଶୀଦାର କି ନୁହେଁ ଜାଣିବା ପାଇଁ। ସର୍ବତ୍ର ସେ ହେଲା ନିରାଶ। ଠିକ୍ ସେହିପରି ଆଜିର ସାଧୁ ଓ ନିର୍ମଳ ଚରିତ୍ର ମଣିଷ ଦୁର୍ନୀତିଗ୍ରସ୍ତ ଲୋକଙ୍କ କବଳରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଛି। କେହି ତାକୁ ସାହାଯ୍ୟ କରୁନାହିଁ। ବରଂ ସମସ୍ତେ ତାର ଦୁଃଖରେ ଉପହାସ କରୁଛନ୍ତି। ରଘୁ ନାମକ ଜନୈକ ତଳିଆ କର୍ମଚାରୀ ଉଚ୍ଚ ଅଧିକାରୀଙ୍କ ଅନ୍ୟାୟ ଓ ଅବିଚାରରେ ଜର୍ଜରିତ ହୋଇ ଚାକିରି ଛାଡ଼ି ଦେଇଛି। ତାର ଏକମାତ୍ର ପୁତ୍ର ରଂଜନ ପାଠ ପଢ଼ି ପଦସ୍ଥ ଅଫିସର ହୋଇଛି। ରଘୁର ଧାରଣା ତାର ପୁତ୍ର ହିଁ ତଳିଆ କର୍ମଚାରୀଙ୍କ ଦୁଃଖ ଅପନୋଦନ କରି ପାରିବ। ମାତ୍ର ରଂଜନ ପଡ଼ିଛି କଳା-ବ୍ୟବସାୟୀ ଓ ବଡ଼ ସାହେବଙ୍କ ଚକ୍ରାନ୍ତରେ। କଳାବଜାରୀ ଶ୍ୟାମଲାଲ ତାଙ୍କୁ ଅର୍ଥର ପ୍ରଲୋଭନ ଦେଖାଇ ବଶୀଭୂତ କରିବାକୁ ଚେଷ୍ଟା କରି ବ୍ୟର୍ଥ ହୋଇଛି। ତତ୍‌ପରେ ସେ ବଡ଼ ସାହେବଙ୍କ ପରାମର୍ଶ କ୍ରମେ ରଂଜନ ନାମରେ ମିଥ୍ୟା ମକଦ୍ଦମା କରିଛି। କେହି ତାକୁ ସାହାଯ୍ୟ କରି ନାହାନ୍ତି। ବରଂ ସମସ୍ତେ ତାକୁ କହିଛନ୍ତି ଦୁର୍ନୀତି-ସଇତାନ ନିକଟରେ ଆତ୍ମସମର୍ପଣ କରିବା ପାଇଁ। ସେ ଉପଲବ୍ଧି କରିଛି ଯେ ଆତ୍ମ ସମ୍ମାନକୁ ବିକ୍ରୟ ନକଲେ, ମନୁଷ୍ୟତ୍ୱକୁ ଜଳାଞ୍ଜଳି ନଦେଲେ, ବାହାରର ସମ୍ମାନ ପାଇ ହୁଏ ନାହିଁ। ସେଦିନ ରତ୍ନାକର ସବୁଠୁ ନିରାଶ ହୋଇ ଗୋଟାଏ ମୂଲ୍ୟବୋଧ ଖୋଜିବାକୁ ଚାଲିଗଲା ପରି ରଂଜନ ପରି ବିବେକବାନ ସଚ୍ଚୋଟ ମଣିଷ ଏକାନ୍ତ ନିଃସଙ୍ଗ ହୋଇ ଚାକିରି ତ୍ୟାଗ କରି ଚାଲିଯାଇଛି। ଗୋଟାଏ ମାନବିକ ମୂଲ୍ୟବୋଧ ପାଇଁ ଯେ ଏହି ନାଟକ ଏକ ନୂତନ ସ୍ପନ୍ଦନ ସୃଷ୍ଟି କରିଛି ଏହା ସ୍ୱୀକାର କରିବାକୁ ହୁଏ।

'ରାଜପଥ ଗ୍ରାମପଥ' ଏକ ସାମାଜିକ ସମସ୍ୟାମୂଳକ ନାଟକ। ଏହି ସମସ୍ୟା ସାଂପ୍ରତିକ ମାନସିକତାର ସମସ୍ୟା। ସହର ଓ ଗ୍ରାମରେ ଯେଉଁ ସ୍ୱେଚ୍ଛାଚାରୀ ପରିବେଶ ସୃଷ୍ଟି ହୋଇଛି ସେଥିରେ ମୂଲ୍ୟବୋଧରେ ବିଶ୍ୱାସ କରୁଥିବା ମଣିଷ କିପରି ରୁଦ୍ଧଶ୍ୱାସ ହୋଇଯାଇଛି ସେ କଥାକୁ ଏହି ନାଟକରେ ଉପସ୍ଥାପନ କରାଯାଇଛି। ଜନୈକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନଗରର ଅଶାନ୍ତ ପରିବେଶକୁ ଛାଡ଼ି ପତ୍ନୀଙ୍କ ବାରଣ ସତ୍ତ୍ୱେ ଗ୍ରାମକୁ ଚାଲିଯାଇଛନ୍ତି କିଛି ଗ୍ରାମମଙ୍ଗଳ କାର୍ଯ୍ୟ କରିବା ପାଇଁ। ମାତ୍ର ସେଠି ସେ ବେକାର ଯୁବକମାନଙ୍କର ସ୍ୱେଚ୍ଛାଚାରିତା, ମୂଲ୍ୟବୋଧ ହୀନତା ଓ ରାଜନୀତିକ ନେତାଙ୍କ

Digitized by srujanika@gmail.com

ସଂସ୍ରବରେ ଭ୍ରାନ୍ତ ଅହମିକାକୁ ଦେଖି ବ୍ୟସ୍ତ ହୋଇପଡ଼ିଛନ୍ତି। ସେମାନଙ୍କ ଉତ୍ପାତରେ ପୁରାତନ ପିଢ଼ିର ମଣିଷମାନେ ନୀରବ ହୋଇ ଯାଉଛନ୍ତି। ଯେତେବେଳେ ସେହି ଯୁବକମାନେ ତାଙ୍କୁ ଚାନ୍ଦା ଦେବାକୁ ବାଧ କରିଛନ୍ତି ଓ ଧମକ ଦେଇଛନ୍ତି, ତାଙ୍କର ପୁତୁରା ଯେତେବେଳେ ସମ୍ପତ୍ତିରୁ ଭାଗ ଦେବାକୁ ମନା କରିଦେଇଛି ସେତେବେଳେ ସେ ପୁନର୍ବାର ସହରକୁ ଫେରି ଆସିଛନ୍ତି। ସର୍ବତ୍ର ସେ ଲକ୍ଷ୍ୟ କଲେ ତୋଷାମୋଦ, ଲାଞ୍ଚ-ମିଛ, ସ୍ୱାର୍ଥପରତା ଓ ସଂଘର୍ଷର ପ୍ରଭାବ। ପ୍ରତ୍ୟେକ ନିଜ ନିଜ ସାଧନରେ ବ୍ୟସ୍ତ। 'ଆଶ୍ଚର୍ଯ୍ୟ ମଣିଷ' ନାଟିକାରେ ମଧ୍ୟ ଏହି ଏକା ସମସ୍ୟା ଭିନ୍ନ ରୂପରେ ଉପସ୍ଥାପିତ। ଏଥିରେ ତିନୋଟି ପିଢ଼ିର କଥା କୁହାଯାଇଛି – ପିତା, ପୁତ୍ର ଓ ନାତି। ପିତା ଅବସରପ୍ରାପ୍ତ ଶିକ୍ଷକ। ଆଦର୍ଶ ଓ ପରମ୍ପରା ଭିତରେ ତାଙ୍କର ଜୀବନ ଅତିବାହିତ। ବୃଦ୍ଧ ହୋଇଥିଲେ ମଧ୍ୟ ଯାହା ସେ ଠିକ୍ ମନେ କରନ୍ତି ତାହା କାର୍ଯ୍ୟକାରୀ କରନ୍ତି। ଅନ୍ୟର ଭୁଲ୍‌କୁ ଦେଖେଇ ଦିଅନ୍ତି। ଗୋଟାଏ ସୁସ୍ଥ ମୂଲ୍ୟବୋଧର ସେ ଜୀବନ୍ତ ଆଦର୍ଶ। ଅଧ୍ୟୟନ, ଅଧ୍ୟାପନା ଓ ଛାତ୍ରମାନଙ୍କ ଜୀବନଗଠନ ଥିଲା ତାଙ୍କର ଜୀବନର ଧର୍ମ। ତାଙ୍କ ପୁତ୍ର ଅଜିତ୍ ମଧ୍ୟ ପିଢ଼ିର ମଣିଷ। ସେ ଇଂଜିନିୟର। ସେ ପତ୍ନୀ ଓ ଶିଶୁ ପୁତ୍ର ସହିତ ସହରରେ ରହନ୍ତି। ସୁନ୍ଦର ପ୍ରାସାଦ ନିର୍ମାଣ କରନ୍ତି ଓ ଘରେ ନାନାବିଧ ସୌଖୀନ ପଦାର୍ଥ ରଖି ଆଭିଜାତ୍ୟ ଦେଖାନ୍ତି। ଆଧୁନିକା ପତ୍ନୀଙ୍କ ଦ୍ୱାରା ସେ ପ୍ରଭାବିତ। ତେଣୁ ତୃତୀୟ ପିଢ଼ିର ପ୍ରତୀକ ସେମାନଙ୍କ ପୁତ୍ରକୁ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ାନ୍ତି ଓ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଟିଉସନ କରାନ୍ତି। ଡ୍ରଇଁ ରୁମ୍‌ରୁ ଗାନ୍ଧି, ଅରବିନ୍ଦ ପ୍ରମୁଖ ମହାପୁରୁଷମାନଙ୍କ ଫଟୋକୁ ବାହାର କରି ଡାଇନିଂ ଘର କାନ୍ଥରେ ଟଙ୍ଗାନ୍ତି ଓ ଡ୍ରଇଁ ରୁମ୍‌ରେ ଆଧୁନିକ ରୁଚିର ଫଟୋ ଟାଙ୍ଗନ୍ତି। ପିତାଙ୍କ ଫଟୋକୁ ନେଇ ଡାଇନିଂ ଘରେ ରଖନ୍ତି। ଏସବୁ ପରିବର୍ତ୍ତନକୁ ପିତା ଜୀବନବାବୁ ଦେଖନ୍ତି, ମନେ ମନେ ଦୁଃଖ ପ୍ରକାଶ କରନ୍ତି ମାତ୍ର କିଛି କହିପାରନ୍ତି ନାହିଁ। ତାଙ୍କର ଅମାପ ସ୍ନେହ ନାତି ପ୍ରତି। ତାଙ୍କର ଇଚ୍ଛା ସେ ନାତିକୁ ପଢ଼ାଇ ଉପଯୁକ୍ତ ମଣିଷ କରିବେ। ନାତି ମଧ୍ୟ ତାଙ୍କ ପ୍ରତି ଆସକ୍ତ। ଏକଦା ସେ ନାତିର ଟିଉସନ ଖାତାରେ ପ୍ରଧାନ ଶିକ୍ଷୟିତ୍ରୀ ଲେଖି ଦେଇଥିବା ଇଂରାଜୀକୁ ସଂଶୋଧନ କରିଦେବାରୁ ତାଙ୍କ ଉପରେ ପୁତ୍ରବଧୂ ଓ ପୁତ୍ର ବିରକ୍ତ ହୋଇଛନ୍ତି। ସେମାନଙ୍କର ଧାରଣା ଯେ ଇଂରାଜୀ ମାଧ୍ୟମ ସ୍କୁଲର ଶିକ୍ଷୟିତ୍ରୀଙ୍କର ଭୁଲ ହେବ ନାହିଁ। ସେମାନେ ପୁତ୍ରକୁ ତାଗିଦ କରିଛନ୍ତି ଜେଜେଙ୍କ ସହିତ ନ ମିଶିବା ପାଇଁ। ଏ ଘଟଣା ବୃଦ୍ଧ ଜୀବନବାବୁଙ୍କୁ ଗଭୀର ଦୁଃଖ ଦେଇଛି। ସେ ଏଥର ଚେତେଇ ଦେଲେ ଗୋଟାଏ ଅନ୍ଧ ସଭ୍ୟତା ପଛରେ ଗୋଡ଼ାଇ ଜୀବନକୁ ମରୁଭୂମି କରିଦେବା ଏବଂ ଗୋଟାଏ ନଷ୍ଟମୂଲ୍ୟ ସଂସ୍କୃତିକୁ ଜାବୁଡ଼ି ଧରିବା ଅର୍ଥ ନିଜକୁ ନଷ୍ଟ କରିଦେବା।

ବୃଦ୍ଧ ଜୀବନବାବୁ ଆହତ ଅଭିମାନରେ ବୁଲିବା ବାହାନାରେ ଘରୁ ବାହାରି ଯାଇ ଗାଆଁକୁ ଚାଲି ଯାଇଛନ୍ତି। ଏହି ସମୟରେ ଚିଫ୍ ଇଂଜିନିୟର ଆସିଛନ୍ତି ଅଜିତବାବୁଙ୍କ

Digitized by srujanika@gmail.com

ଘରକୁ। ତାଙ୍କୁ ସେ ନିଜର ଘର ବୁଲାଇ ଦେଖାଇଛନ୍ତି ଓ ସବୁ ତାଙ୍କ ପତ୍ନୀଙ୍କ କୃତିତ୍ୱ କହି ମନେମନେ ଗର୍ବ ଅନୁଭବ କରିଛନ୍ତି। ଯେତେବେଳେ ଚିଫ୍ ଇଂଜିନିୟର ଡାଇନିଂ ଘର କାନ୍ଥରେ ଅସହାୟ ଭାବରେ ଝୁଲୁଥିବା ମହାପୁରୁଷମାନଙ୍କ ଫଟୋ ଏବଂ ତାଙ୍କର ଆଦର୍ଶ ଶିକ୍ଷକ ଜୀବନବାବୁଙ୍କ ଫଟୋ ଦେଖିଲେ ସେତେବେଳେ ସେ ମନେ ମନେ ଆଘାତ ପାଇଲେ। ତତ୍‌ପରେ ସେ ଜୀବନବାବୁଙ୍କ ଜ୍ଞାନ, ଛାତ୍ର ବତ୍ସଳତା ଓ ବ୍ୟକ୍ତିତ୍ୱ ସଂପର୍କରେ କହି ତାଙ୍କର ପାଦଧୂଳି ନେଇ ଜୀବନକୁ ଧନ୍ୟ କରିବାକୁ ଚାହିଁଲେ। ମାତ୍ର ସେତେବେଳକୁ ଜୀବନବାବୁ ଗାଆଁକୁ ଚାଲି ଯାଇଥିଲେ। ନାତି ଦେଇଛି ଏ ସମ୍ବାଦ। ପିତାଙ୍କ ପ୍ରଦତ୍ତ ଫୁଲତୋଡ଼ାଟିଏ ପାଇ ସେମାନେ ତାଙ୍କର ଗଭୀର ମମତାକୁ ଉପଲବ୍ଧ କଲେ। ଦ୍ୱିତୀୟ ପିଢ଼ିର ହେଲା ମୋହମୁକ୍ତି। ଅଜିତ୍‌ଙ୍କର ମନେ ପଡ଼ିଛି ପିତାଙ୍କ ଉପଦେଶ ଯେଉଁ ଶିକ୍ଷା ମଣିଷକୁ ନ ଗଢ଼ି ତା' ଭିତରେ ଭ୍ରାନ୍ତ ଅହଂକାର ଓ ଆଭିଜାତ୍ୟ ଭରିଦିଏ, ଅମଣିଷ କରିଦିଏ, ତାହା ଯଥାର୍ଥ ଶିକ୍ଷା ନୁହେଁ। ପରମ୍ପରାକୁ ବିଲୋପ କରି ଆଧୁନିକତାରେ ବେଦଗାନ କରିବା ଯଥାର୍ଥ ପ୍ରଗତି ନୁହେଁ। ପରମ୍ପରାକୁ ମାନ୍ୟତା ଦେଇ ତାର ପୃଷ୍ଠଭୂମି ଉପରେ ଜୀବନକୁ ଗଢ଼ିବା ହିଁ ପ୍ରଗତି। ମନୋରଂଜନ ଦାସଙ୍କ 'ବିତର୍କିତ ଅପରାହ୍ନ' ନାଟକରେ ସେହିଭଳି ତିନୋଟି ପିଢ଼ିର କଥା ଉଲ୍ଲେଖ କରାଯାଇଛି। ଏଥିରେ ପୁରାତନ ପିଢ଼ି ଅସହାୟ ଓ ଅପରାହ୍ନ ପରି ବିଷଣ୍ଣ। ମଧ୍ୟମ ପିଢ଼ି ବିତର୍କିତ ଓ କିଂକର୍ତ୍ତବ୍ୟବିମୂଢ଼। ମୂଲ୍ୟବୋଧକୁ ହରାଇ ଦେଇ ଖୋଜିବା ବେଳକୁ କେବଳ ବ୍ୟଥା ଓ ବ୍ୟର୍ଥତା। ନୂତନ ପିଢ଼ି ଉଦ୍‌ଭ୍ରାନ୍ତ ଓ ସ୍ୱେଚ୍ଛାଚାର ପ୍ରମତ୍ତ। କୌଣସି ପ୍ରକାର ମୂଲ୍ୟବୋଧ ନାହିଁ। ଯେପରି ସୁରେନ୍ଦ୍ର ମହାନ୍ତିଙ୍କ 'ଅଚଳାୟତନ' ଉପନ୍ୟାସରେ ନୂତନ ପିଢ଼ିର ମୂଲ୍ୟବୋଧହୀନତାକୁ ସୂଚାଇ ଦେଇଛନ୍ତି। ନୀଳାଦ୍ରିଭୂଷଣ କିନ୍ତୁ ପୁରାତନ ପିଢ଼ିର ଅସହାୟତା ଭିତରେ ଏକ ତେଜସ୍ୱୀ ବ୍ୟକ୍ତିତ୍ୱକୁ ଦେଖାଇ ଦେବା ସଂଗେ ନୂତନ ପିଢ଼ି ଭିତରେ ଗୋଟାଏ ମୂଲ୍ୟବୋଧ ସୃଷ୍ଟି କରାଇଛନ୍ତି ଏବଂ ତାହାହିଁ ଏକବିଂଶ ଶତାବ୍ଦୀର ନୂତନ ମଣିଷର ଅନାଗତ ମୂଲ୍ୟବୋଧ।

'ମୁଣ୍ଡ ଉପରେ ଛାତ' (୧୯୯୨) ସେହି ମୂଲ୍ୟବୋଧର ଅନ୍ୟ ଏକ ନାଟକ। ଆଧୁନିକ ସହରୀକରଣ ମନୋବୃତ୍ତିର ଏହା ଏକ ନାଟକୀୟ ଉପସ୍ଥାପନା। ଆଜିର ନୂତନ ଅର୍ଥ କୌଳୀନ୍ୟ ଭିତ୍ତିକ ମଣିଷ ବସ୍ତୁବାଦ ଓ ଅର୍ଥବାଦର ଦାସ ହୋଇପଡୁଛି। ଜଙ୍ଗଲ ଧ୍ୱଂସ କରି ଓ ସହର ତଳି ଧାନଜମି ପୋତି ସେ ତିଆରି କରୁଛି ଶିଳ୍ପ କାରଖାନା। 'ପରିବେଶ ହୋଇ ଉଠିଛି ଯାନ୍ତ୍ରିକ ଶ୍ୱାସରୋଧକାରୀ। ସେ ଅପେକ୍ଷା କରି ରହିଛି ଏକ ଭୟଙ୍କର ଭବିଷ୍ୟତକୁ। ପ୍ରକୃତିର ଐଶ୍ୱର୍ଯ୍ୟମୟ କୋଳରେ ଲାଳିତ ପାଳିତ ହେଉଥିବା ମଣିଷ ଦିନେ ଦେଖିବ ଏକ ରିକ୍ତ ହାହାକାରମୟ ମରୁଭୂମି ଉପରେ ନିଷ୍ଠୁର ଲଣ୍ଡା ପାହାଡ଼ ଭଳି ହୋଇଥିବା ଅଗଣିତ କୋଠାଘର, ଯାହାକୁ ସଭ୍ୟତା ଆଉ ପ୍ରଗତିର ପ୍ରତୀକ କହି ସେ

Digitized by srujanika@gmail.com

ଗର୍ବ କରେ। ଏଇ ପରି ନିଷ୍ଠୁର ଉଦ୍ଭିଦହୀନ ପରିବେଶରେ ଦିନେ ଧ୍ୱଂସ ପାଇଯିବ ମଣିଷ ଜାତି। ଏହି ଚିନ୍ତାଧାରା ଉପରେ ଗଢ଼ି ଉଠିଛି ଉକ୍ତ ପରିବେଶ ସମ୍ପର୍କିତ ନାଟକ। ନର ଓ ନାରୀ – 'ଦୁଇଟି ସାଧାରଣ ଚରିତ୍ର। ସେମାନେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ନୁହନ୍ତି; ଅନେକଙ୍କ ମଧ୍ୟରେ ଅନିର୍ଦ୍ଦିଷ୍ଟ ଦୁଇଜଣ ଚରିତ୍ର। ସତେ ଯେପରି ସଚେତନ ମଣିଷଙ୍କର ସେମାନେ ବିବେକ। ସେମାନେ ଚାଲିଛନ୍ତି ଏକ ନଦୀର ସନ୍ଧାନରେ। ସେହି ନଦୀ ହୃଦୟର ନଦୀ, ମାନବିକତାର ନଦୀ ଓ ମମତାର ନଦୀ। ସନ୍ଧାନ ମିଳୁନାହିଁ। କେବଳ ଚାଲିଛନ୍ତି ସେମାନେ। ଆରଣ୍ୟକ ସଭ୍ୟତାରୁ ମଣିଷ ଆସିଛି କୃଷି ସଭ୍ୟତାକୁ। ତାପରେ ସେ ଗୋଷ୍ଠୀବଦ୍ଧ ଜୀବନ ଯାପନ କରିଛି। ଗାଆଁ ବସାଇଛି। ଘର କରିଛି। ଗାଆଁରୁ ପୁଣି ସେମାନେ ନଗର ବସାଇଲେ, ରାଜ୍ୟ ବସାଇଲେ। ସେମାନେ ଶିକ୍ଷିତ ହେଲେ। ଆତ୍ମକୈନ୍ଦ୍ରିକ ହେଲେ। ତେଣୁ ବ୍ୟକ୍ତି ବ୍ୟକ୍ତି, ଗ୍ରାମ ଗ୍ରାମ, ରାଜ୍ୟ ରାଜ୍ୟ, ଦେଶ ଦେଶ, ଜାତି ଜାତି, ଧର୍ମ ଧର୍ମ ମଧ୍ୟରେ ସଂଘର୍ଷ ଦେଖା ଦେଲା। ବୁଦ୍ଧିଆ ଓ ଚତୁରମାନେ କୂଟ କପଟତା ବଳରେ ବଡ଼ ହେଲେ। କ୍ରମଶଃ ପ୍ରକାଶ ପାଇଲା ବିଚ୍ଛିନ୍ନତା। ବିଚ୍ଛିନ୍ନତାରୁ ଦେଖାଦେଲା ବ୍ୟକ୍ତି-ସ୍ୱାତନ୍ତ୍ୟ। ନର ଓ ନାରୀଙ୍କ ସଂଳାପରୁ ଉପର୍ଯ୍ୟୁକ୍ତ ମଣିଷର ସ୍ୱଭାବରୁ ଦେଖନ୍ତୁ :

ନର : ସେମାନେ ଘର ତିଆରି କଲେ।

ନାରୀ : ସେମାନେ ସଭ୍ୟ ହେଲେ।

ନର : ସେମାନେ ଶିକ୍ଷିତ ହେଲେ।

ନାରୀ : ସେମାନଙ୍କର ଜ୍ଞାନ ହେଲା।

ନର : ସେମାନଙ୍କ ମନରେ ଗୌରବ।

ନାରୀ : ସେମାନଙ୍କ ମନରେ ଗର୍ବ।

ନର : ଏଇ ଗୌରବବୋଧ, ଏଇ ଗର୍ବବୋଧରୁ ସୃଷ୍ଟି ହେଲା ଘର, ଘରରୁ ଗ୍ରାମ, ଗ୍ରାମରୁ ଜନପଦ, ଜନପଦରୁ ରାଜ୍ୟ।

ନାରୀ : ଗ୍ରାମ ଗ୍ରାମ ଭିତରେ ଅପ୍ରୀତି।

ନର : ରାଜ୍ୟ ରାଜ୍ୟ ଭିତରେ ସଂଘର୍ଷ।

ନାରୀ : ଏମିତି ଆସିଲା ବିଭେଦ, ଆସିଲା ବିଚ୍ଛିନ୍ନତା।

ନଗର ଓ ଗ୍ରାମ ଭିତରେ ଦୂରତା ବୃଦ୍ଧି ପାଇଲା। ନଗର ଗ୍ରାସ କଲା ଗ୍ରାମକୁ। ସଭ୍ୟ ଓ ବସ୍ତୁବାଦୀ ମଣିଷର ଦୃଷ୍ଟି ପଡ଼ିଲା ଜଙ୍ଗଲ ଉପରେ। ସରଳ ନିରୀହ ଆଦିବାସୀଙ୍କ ସେ ଜଙ୍ଗଲରୁ ଉଚ୍ଛେଦ କରି ସେଠାରେ କାରଖାନା ବସାଇଲା। ଅରଣ୍ୟର ଶ୍ରୀ ଓ ସମ୍ପଦକୁ ନଷ୍ଟ କଲା। ଚତୁର ମଣିଷମାନେ ଗଣତନ୍ତ୍ରୀ ପୋଷାକ ପିନ୍ଧି ଅର୍ଥ ବଳରେ ଲୋକମାନଙ୍କୁ

Digitized by srujanika@gmail.com

ଭୁଲାଇ ଭୋଟରେ ଜିତି ଶାସନକୁ କରାୟତ୍ତ କଲେ। ଯେଉଁମାନେ ପ୍ରତିବାଦ କଲେ ଆଇନ୍ ଓ ପ୍ରଶାସନ ଦ୍ୱାରା ସେମାନଙ୍କୁ ଜବତ କଲେ। ଗୋଟାଏ ଭ୍ରାନ୍ତ ଅର୍ଥ ଓ କ୍ଷମତା ଲୋଲୁପତା ସମସ୍ତଙ୍କୁ ଅନ୍ଧ କରିଦେଲା। ସମସ୍ତେ ଚାହୁଁଛନ୍ତି ମୁଣ୍ଡ ଉପରେ ଛାତ। ଏଇଥି ପାଇଁ ପ୍ରତିଯୋଗିତା ଓ ଯାବତ ଦୁର୍ନୀତି। ଗିରିଜନ-ହରିଜନ ଓ ଦଳିତ ଶ୍ରମିକ ନାମରେ ଯୋଜନା ହୁଏ। ଅଥଚ ସେମାନେ ଯୋଜନାର ଫଳ ପାଆନ୍ତି ନାହିଁ; ପାଆନ୍ତି ସୁବିଧାବାଦୀ ମଣିଷମାନେ। ସେହିମାନେ ହିଁ ପ୍ରକୃତିର ଶାନ୍ତ ପରିବେଶକୁ ଧ୍ୱଂସ କରି ଭବିଷ୍ୟତ ପୃଥିବୀ ପାଇଁ ବିଭୀଷିକାକୁ ନିମନ୍ତ୍ରଣ କରିଆଣୁଛନ୍ତି। ବକ୍ତବ୍ୟଧର୍ମୀ ସଂଳାପ ଦ୍ୱାରା ଏହି ସତ୍ୟ ବେଶ୍ ପ୍ରଭାବଶାଳୀ ହୋଇ ଉଠିଛି ଏହି ନାଟକରେ।

'କଲମ୍ବସ୍' (୧୯୯୦) ଏକ ବ୍ୟକ୍ତିଚରିତ ଭିତ୍ତିକ ନାଟକ। ଇତିହାସର ପୃଷ୍ଠଭୂମି ଏହାର ଆଧାର ହୋଇଥିଲେ ହେଁ ଏଥିରେ ଏକ ଚିରନ୍ତନ ସତ୍ୟକୁ ନାଟ୍ୟକାର ପ୍ରକାଶ କରି ଅଛନ୍ତି : "କଲମ୍ବସ୍‌ମାନେ ସବୁବେଳେ ଏଇ ଅନୁଦାର ପୃଥିବୀରେ ଜନ୍ମ ନିଅନ୍ତି। ଅନ୍ୟମାନଙ୍କ ପରି ସହଜ ସୁଖ ପାଇଁ ଲାଳୟିତ ନ ହୋଇ ଦୁଃଖ ଭିତରେ, ବିପଦ ଭିତରେ, ଜୀବନର ସନ୍ଧାନ କରିବାକୁ ଆଗେଇ ଯାଆନ୍ତି। ସେମାନଙ୍କ ନିକଟରେ ଜୟ ପରାଜୟ, ଲାଭକ୍ଷତି ବଡ଼ ତୁଚ୍ଛା। ସେମାନଙ୍କ ପାଇଁ ଦୁଃସାହସିକ ଜୀବନର ଅନ୍ୟନାମ ଜୀବନ।" ୟୁରୋପ ବାହାରେ ନୂତନ ଦେଶ ଆବିଷ୍କାର ପାଇଁ ସ୍ପେନର ରାଜା ଓ ରାଣୀଙ୍କ ସହାୟତାରେ କଲମ୍ବସ୍ ସମୁଦ୍ର ପଥରେ ଯାଇ ଯେଉଁ କୃତିତ୍ୱ ଅର୍ଜନ କରିଥିଲେ ତାହାକୁ ଈର୍ଷାଳୁ ଓ ଅସହିଷ୍ଣୁମାନେ ସହି ପାରିଲେ ନାହିଁ। ସେମାନେ ତାଙ୍କ ବିରୋଧରେ ନାନା ମିଥ୍ୟା ଅଭିଯୋଗ ରାଜାଙ୍କ ପାଖରେ କଲେ। ସତ୍ୟନିଷ୍ଠ କଲମ୍ବସ୍ କିନ୍ତୁ ସକଳ ମିଥ୍ୟାବାଦୀ ଓ ଚକ୍ରାନ୍ତକାରୀଙ୍କ ମୁଖା ଖୋଲିଦେଲେ। ସେ ଜାଣନ୍ତି ଯେ 'ହତାଶ ଲୋକ ସଇତାନ ପାଲଟି ଯାଏ' ଫଳରେ ସେ ସତ୍ୟର ତଣ୍ଟିଚିପି ନାନା ନାରକୀୟ କାଣ୍ଡ କରିବସେ। 'ସତ୍ୟକୁ ସହ୍ୟ କଲା ଭଳି ଲୋକଙ୍କର ବଡ଼ ଅଭାବ ଏ ପୃଥିବୀରେ।' କଲମ୍ବସ ଏକ ବ୍ୟକ୍ତି ବିଶେଷ ହୋଇଥିଲେ ମଧ୍ୟ ନାଟକରେ ହୋଇଯାଇଛନ୍ତି ସତ୍ୟ, ନିର୍ଭୀକତା ଓ ଦୁଃସାହସିକତାର ପ୍ରତୀକ। କଲମ୍ବସ୍‌ଙ୍କ ପରି ନିର୍ଯ୍ୟାତିତ ହେଉଥିବା ମଣିଷ ମାନେ ହିଁ ଏହି ନାଟକର ମହତ୍ତ୍ୱକୁ ଉପଲବ୍ଧି କରିପାରିବେ।

ବର୍ଣ୍ଣବୋଧର ଲୋକପ୍ରିୟ ଉକ୍ତି – 'ଅରଣା ମଇଁଷି ରହିଛି ଅନାଇ/ ମଇଁଷିର ପାଶ ନ ଯାଅ ଦନାଇ'କୁ ଅବଲମ୍ବନ କରି ବାସ୍ତବତା ଓ ଆଦର୍ଶବାଦର ସଂଘର୍ଷ ଉପରେ 'ମଇଁଷିର ପାଶ ନ ଯାଅ ଦନାଇ' (୧୯୯୭) ନାଟକ ରଚିତ। ଅରଣା ମଇଁଷି ଭୟଙ୍କର। ତା' ପାଖକୁ ଯିବା ଅର୍ଥ ବିପଦକୁ ବରଣ କରିବା। ମଣିଷମାନଙ୍କ ଭିତରେ ଥାଆନ୍ତି ଜଣେ ଜଣେ ଅରଣା ମଇଁଷି। ସେମାନଙ୍କ ପାଖରେ ନିରୀହ ଦନେଇମାନେ ଶିକାର ହୁଅନ୍ତି।

Digitized by srujanika@gmail.com

ଦୁର୍ଦ୍ଦାନ୍ତ ଜନାର୍ଦ୍ଦନମାନେ ନିର୍ଭୀକ ହୁଅନ୍ତି। ନାଟକରେ ପିଲାଦିନର ଦନେଇ, ଯିଏ ବାପାକୁ ଏବଂ ପ୍ରାଥମିକ ସ୍କୁଲର ଶିକ୍ଷକଙ୍କୁ ଅରଣା ମଇଁଷି ପରି ଭୟ କରୁଥିଲା, ତାରି ଭିତରେ ପରବର୍ତ୍ତୀ ଜୀବନରେ ଗୋଟାଏ ଭୟ ଛପି ରହିଗଲା। ଏହି କାରଣରୁ କଲେଜ ଜୀବନରେ ସହପାଠିନୀ ରୀନାର ପ୍ରେମକୁ ଭୟ କରିଛି। ଚାକିରି ଜୀବନରେ ସେ ଉଚ୍ଚପଦସ୍ଥ ଧିକାରୀ ହୋଇ ମି. ତ୍ରିପାଠୀ ସାହେବ ହୋଇଛନ୍ତି ମାତ୍ର ଭିତରେ ରହିଯାଇଛି ସେହି ଅରଣା ମଇଁଷିମାନଙ୍କ ପ୍ରତି ଭୟ। ଅଫିସରେ ବଡ଼ ସାହେବଙ୍କ ପ୍ରତି ତାର ବଡ଼ ଭୟ ଓ ଏହି କାରଣରୁ ତାଙ୍କର ସମସ୍ତ ଅନ୍ୟାୟ କାର୍ଯ୍ୟ ସେ ନୀରବରେ ସମର୍ଥନ କରିଛନ୍ତି। ତାଙ୍କ ଅଫିସରେ ରୀନା ତଳିଆ କର୍ମଚାରୀଟିଏ ହୋଇଥିଲେ ମଧ୍ଯ ତା' ସହିତ ସେ ମିଶିବାକୁ ଭୟ କରିଛନ୍ତି। ଅଥଚ ବଡ଼ ସାହେବ ରୀନାକୁ ଉପଭୋଗ କରିବା ପାଇଁ ଯାବତୀୟ କୌଶଳ ପ୍ରୟୋଗ କରି ବ୍ୟର୍ଥ ହୋଇଯିବାରୁ ମିଥ୍ୟା ଅଭିଯୋଗ କରି ତାକୁ ଚାକିରିରୁ ବାହାର କରିଦିଅନ୍ତେ ସେଦିନର ଦନେଇ ଭିତରେ ଆତ୍ମପ୍ରକାଶ କରି ଉଠିଛି ଦର୍ପିତ ଜନାର୍ଦ୍ଦନ ତ୍ରିପାଠୀ। ସେ ରୀନାର ଘରକୁ ଯାଇ ସମବେଦନା ଜଣାଇବା ସହିତ ସାଧାରଣ ସଭାରେ ବଡ଼ ସାହେବଙ୍କ ଚରିତ୍ରହୀନତା ଓ ଦୁର୍ନୀତି ଉପରେ ଭାଷଣ ଦେଇଛନ୍ତି। କିଛି ନହେବାରୁ ସେ ଚାକିରିରୁ ଇସ୍ତଫା ଦେଇ ଘରକୁ ଚାଲିଯାଇଛନ୍ତି ଏବଂ ତାଙ୍କୁ ସାନ୍ତ୍ୱନା ଦେଇଛି ତାର ସ୍ନେହମୟୀ ଜନନୀ। ସାଂପ୍ରତିକ ଅଭିଜାତ ସମାଜରେ ସୁନ୍ଦରୀ ନାରୀର ଯୋଗ୍ୟତା ବିଷୟରେ ରୀନା ଓ ଜନାର୍ଦ୍ଦନ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଯଥେଷ୍ଟ ସୂଚନା ରହିଛି :

ରୀନା	x x x ଜଣେ ସୁନ୍ଦରୀ ନାରୀ କ୍ଷେତ୍ରରେ ଅନ୍ୟ ସମସ୍ତ ଗୁଣ ଯେ ମୂଲ୍ୟହୀନ।
ଜନାର୍ଦ୍ଦନ	: ମାନେ ?
ରୀନା	କିଛି ଦିନ ପରେ ମୋର ଧାରଣା ହୋଇଗଲା ଯେ ମୋର ସୌନ୍ଦର୍ଯ୍ୟ ହିଁ ମୋର ମୂଳ ଯୋଗ୍ୟତା। ଅନ୍ୟ ସମସ୍ତ ଯୋଗ୍ୟତା ଅତି ଗୌଣ।
ନାରୀ	ମାଂସଲୋଭୀ ଅଭିଜାତ ପୁରୁଷ ଓ ପଦସ୍ଥ ଅଧିକାରୀଙ୍କ ସ୍ୱରୂପ ଉନ୍ମୋଚନ କରିବାରେ ଏହି ନାଟକ ସଫଳତା ଅର୍ଜନ କରିଛି।

'ଜଟାୟୁର ଛିନ୍ନ ଡେଣା' (୧୯୯୬) ମଧ୍ଯ ସାଂପ୍ରତିକ ଗଣତନ୍ତ୍ରର ବ୍ୟର୍ଥତା, ନିର୍ବାଚନରେ ପ୍ରହସନ, ଦୁର୍ନୀତିଗ୍ରସ୍ତ ପ୍ରାର୍ଥୀଙ୍କର ବିଜୟ, ସାଧୁ ଓ ସଚ୍ଚୋଟ କର୍ମୀଙ୍କର ପରାଜୟ, ଅସାଧୁ ଅଧିକାରୀଙ୍କର କଳାବଜାରୀମାନଙ୍କୁ ସହାୟତା ଓ ଅର୍ଥଲାଭ, ବେକାର ଯୁବକମାନଙ୍କର ସ୍ୱେଚ୍ଛାଚାରିତା, ଭୋଟରମାନଙ୍କର ଅର୍ଥଲୋଭ ଓ ଆପଣାକୁ ବିକ୍ରୟ, ଅସାଧୁ ରାଜନୀତିକ ନେତାମାନଙ୍କର ପ୍ରଭାବ ଇତ୍ୟାଦି ନାନା କଥାକୁ ନେଇ ରଚିତ ଏକ ସମସ୍ୟାମୂଳକ ନାଟକ। ଏଥିରେ ପୁଣି ଦେଖାଇ ଦିଆଯାଇଛି ଅଜିତ୍ ବାବୁଙ୍କ ପରି ନିଷ୍ଠାପର

Digitized by srujanika@gmail.com

ସଚ୍ଚୋଟ ଜନସେବୀଙ୍କର ନିର୍ବାଚନରେ ଭୋଟରମାନଙ୍କ ତଥା ବେକାର ଯୁବକମାନଙ୍କୁ ଟଙ୍କା ଦେଇ ନପାରିବାରୁ ବିପର୍ଯ୍ୟୟ ଏବଂ ଜାନକୀ ଜୀବନଙ୍କ ପରି ଅସତ୍ ଚରିତ୍ର, ଦୁର୍ନୀତିଗ୍ରସ୍ତ ଓ ଟାଉଟରଙ୍କର ନିର୍ବାଚନରେ ଅଜସ୍ର ଟଙ୍କ ଖର୍ଚ୍ଚ କରି ବିଜୟଜନିତ ଚିତ୍ତ-ସଂଘର୍ଷକୁ। ସାଂପ୍ରତିକ ଗଣତନ୍ତ୍ରରେ ଲୋକଚରିତ୍ରର ଅବକ୍ଷୟକୁ ନାଟ୍ୟକାର ବେଶ୍ ମର୍ମସ୍ପର୍ଶୀ ଭାବରେ ବ୍ୟକ୍ତ କରିଛନ୍ତି। ତଥାପି ସେ ବିଶ୍ୱାସ କରିଛନ୍ତି ଦିନେ। ନା ଦିନେ ଲୋକେ ସେମାନଙ୍କର ଭ୍ରମ ବୁଝିବେ ଏବଂ ଦୁର୍ନୀତିଗ୍ରସ୍ତ ନେତାଙ୍କ ବ୍ୟୂହ ମଧ୍ୟରୁ ମୁକ୍ତି ଲାଭ କରି ଉପଯୁକ୍ତ ପ୍ରାର୍ଥୀ ବାଛିବେ। ଅଜିତ୍ ବାବୁଙ୍କ ପରି ଜଟାୟୁମାନେ ଅନ୍ୟାୟ, ଅବିଚାରର ବିରୋଧର କରି ହୁଏତ ଛିନ୍ନପକ୍ଷ ହୋଇ ଆତ୍ମବିସର୍ଜନ କରିବେ। ଗଣତନ୍ତ୍ରରୂପୀ ସୀତା ନିର୍ଯ୍ୟାତିତ ହେବ, ମାତ୍ର ପରଣତିରେ ସ୍ୱେଚ୍ଛାଚାରୀ ପ୍ରମତ୍ତ ରାବଣମାନଙ୍କର ବିନାଶ ହେବ ଏବଂ ଲୋକଶକ୍ତିର ହେବ ପ୍ରକୃତ ଜାଗରଣ।

ଲୋକ କାହାଣୀ ବା ଅତିକଳ୍ପନା (Fantasy)କୁ ନେଇ ନାଟ୍ୟକାର ନୀଳାଦ୍ରିଭୂଷଣ ରଚନା କରିଛନ୍ତି 'କଲୁରିବେଣ୍ଟ' (୧୯୯୨) ନାଟିକା। ଏହି ନାଟକରେ ସାଂପ୍ରତିକ ଗଣତନ୍ତ୍ରରେ ସଚ୍ଚୋଟ ତଳିଆ ସରକାରୀ କର୍ମଚାରୀଟିଏ କିପରି ବଡ଼ ଅଧିକାରୀଙ୍କ ଅନୀତି ଓ ଅନ୍ୟାୟକୁ ବିରୋଧ କରି ଚାକିରି ହରାଇଛି ଏବଂ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବଡ଼ ଅଧିକାରୀ ତଥା ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀଙ୍କୁ ନ୍ୟାୟ ପାଇବା ପାଇଁ ଆବେଦନ ନିବେଦନ କରି ବ୍ୟର୍ଥ ହୋଇଛି ତାହାକୁ ମାର୍ମିକ ଭାବରେ ରୂପ ଦିଆଯାଇଛି। ମନ୍ତ୍ରୀ, ଅଧିକାରୀ, ସାମ୍ବାଦିକ, ସଂପାଦକ, ଲୋକ ପ୍ରତିନିଧି ଇତ୍ୟାଦି ସମସ୍ତେ ମୁଖା ନାଇ ଭିତରେ ଛଳନା ଓ ପୈଶାଚିକତାର ବାତାବରଣ ସୃଷ୍ଟି କରୁଛନ୍ତି ଏବଂ ଦେଶକୁ କ୍ରମଶଃ ଅନ୍ଧକାର ମଧ୍ୟକୁ ଟାଣି ନେଇଯାଉଛନ୍ତି। ନ୍ୟାୟ ପାଇଁ ସାଧାରଣ ମଣିଷଟିଏ ବିଭିନ୍ନ ପଦସ୍ଥ ବ୍ୟକ୍ତିଙ୍କ ପାଖକୁ ଯାଇ କେବଳ ଶୁଣୁଛି ନା-ନା। ଲୋକକଥାର ଆଙ୍ଗିକ (Form)କୁ ଆଧାର କରି ନାଟ୍ୟକାର ଚମତ୍କାର ଭାବରେ ଲେଖିଛନ୍ତି :

କୋରସ୍ : କା କା କା
ଆକାଶୀ ଫଳ କଲୁରୀ ବେଣ୍ଟ ଖା ଖା ଖା
ଯୁଆଡ଼େ ଯାଆ ସିଆଡ଼େ ଖାଲି ନା ନା ନା।

୧ମ ଦଳ : ଦେ କୂଅ ଦେ ପାଣି, ଦେରେ ମୋର ମନ ଜାଣି।
କାଢ଼ ପାଣି ଧୋଉ ଅଣ୍ଟ, ଧାଇଁ ଧାଇଁ ଖାଉ କଲୁରୀବେଣ୍ଟ।

୨ୟ ଦଳ : ନା ନା ନା
ଚାରିଆଡ଼େ କାଉ ପାଇଁ ନା ନା ନା
ଯେଣିକି ଯାଏ ତେଣ ଖାଲି ନା ନା ନା

Digitized by srujanika@gmail.com

କୁମ୍ଭାର କହେ, ବିଲ କହେ
ମିରିଗ କହେ, ଗାଈ କହେ
ହିଡ଼ କହେ, କମାର କହେ
ନା ନା – ଖାଲି ନା ନା ନା।

ବିଚରା ଲୋକକଥାର କାଉଟି ପାଣି ଟୋପାଏ ପିଇବାକୁ ଯାଇ ସର୍ବତ୍ର ଶୁଣିଛି ନାସ୍ତିବାଣୀ। ଶେଷକୁ ସେ ମରିଛି ଅସହାୟ ଭାବରେ। ସେହିପରି ଜଙ୍ଗଲ ବିଭାଗର ସର୍ବନିମ୍ନ କର୍ମଚାରୀ ଗୁରୁଚରଣ ଦକ୍ଷ ଓ ସଚ୍ଚୋଟ ବ୍ୟକ୍ତି ହୋଇଥିଲେ ମଧ୍ୟ ଜଙ୍ଗଲ ଅଧିକାରୀ ଅଭୟାରଣ୍ୟରେ ଥବା ହରିଣକୁ ଜନୈକ ଶିକାରୀ ଦ୍ୱାରା ନିହତ କରାଇ ରାତ୍ରିରେ ଡାକବଙ୍ଗଳାରେ ଭୋଜିର ଆୟୋଜନ କଲେ ବନ୍ଧୁମାନଙ୍କୁ ଆପ୍ୟାୟିତ କରିବା ପାଇଁ। ଗୁରୁଚରଣକୁ ରୋଷେଇ କରବାକୁ ଆଦେଶ ଦେଲେ ମାତ୍ର ଗୁରୁଚରଣ ବିବେକ-ବିଚାରରେ ମନା କରି ଦେଇ ଅଧିକାରୀଙ୍କ ବିଷଦୃଷ୍ଟିରେ ପଡ଼ିଛି। ସେ ଚାକିରିରୁ ବହିଷ୍କୃତ ହୋଇଛି। ନିରୀହ ଗୁରୁଚରଣ ନ୍ୟାୟ ପାଇବା ଆଶାରେ ବଡ଼ ଅଧିକାରୀ, ଲୋକ ପ୍ରତିନିଧି ଓ ମନ୍ତ୍ରୀଙ୍କ ନିକଟକୁ ଯାଇ ସର୍ବତ୍ର ନିରାଶ ହୋଇଛି। ତାର ପୁଅ ପାଠ ପଢ଼ି ବେକାର ହୋଇଛି। ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଛି। ଔଷଧ ଓ ଖାଦ୍ୟ ଅଭାବରେ ପତ୍ନୀର ହୋଇଛି ମୃତ୍ୟୁ। ଅବଶେଷରେ ସାମ୍ବାଦିକଙ୍କ ପ୍ରରୋଚନାରେ ସେ ଯାଇଛି ସମ୍ବାଦପତ୍ରର ସଂପାଦକଙ୍କ ପାଖକୁ। ସେଠି ମଧ୍ୟ ଶୁଣିଛି ନାସ୍ତିବାଣୀ। ସେ ଉପଲବ୍ଧି କରିଛି ନେତା, ମନ୍ତ୍ରୀ, ଅଧିକାରୀ ଓ ସଂପାଦକଙ୍କ ମଧ୍ୟରେ ଅବୈଧ ସମ୍ପର୍କ। ସେ ପେନ୍‌ସନ ପାଇ ନାହିଁ। ଅଭାବ ଅନଟନ ଭିତରେ ଜୀବନ କାଟିଛି। ତଥାପି ସେ ଆଦର୍ଶଚ୍ୟୁତ ହୋଇ ନାହିଁ। ସମାଜ-ବିବେକକୁ ଜାଗ୍ରତ କରିବା ପାଇଁ ସେ ଯେପରି ହୋଇଯାଇଛି ଏକ ଚେତନା। ସାମ୍ବାଦିକ ସାଂପ୍ରତିକ ଅବୈଧ ସମ୍ପର୍କରେ ବାନ୍ଧି ହୋଇଥିବା ତଥାକଥିତ ସୁବିଧାବାଦୀବର୍ଗର ଭିତିରି ସ୍ୱରୂପକୁ ଯେପରି ନାଟକୀୟ ଭାବରେ ଦେଖାଇ ଦେଇଛନ୍ତି ତାହା ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ।

'ମୂକ ମୈନାକ' ଏକ ପାରମ୍ପରିକ ଶୈଳୀର ନାଟକ ହୋଇଥିଲେ ମଧ୍ୟ ନାଟ୍ୟକାର ଏଥିରେ ସାଂପ୍ରତିକ ପିଢ଼ିର ମଣିଷମାନଙ୍କର ନାନାବିଧ ଦୁର୍ନୀତି ଦ୍ୱାରା ସୁଖଭୋଗ କରିବାର ଅଭିଳାଷ ଓ ଆଦର୍ଶକୁ ନେଇ ବଞ୍ଚୁଥିବା ମଣିଷର ଅସହାୟତାକୁ ରୂପ ଦେଇଅଛନ୍ତି। ଡାକ୍ତର ମିତ୍ରଭାନୁ ରୋଗୀଙ୍କର ସେବା କରନ୍ତି, ଦରିଦ୍ର ରୋଗୀକୁ ସାହାଯ୍ୟ କରନ୍ତି। ସେ ନିଜେ ଭଲ ଘର କରି ନଥିଲେ ମଧ୍ୟ ନିଜର ଜମିକୁ ସ୍କୁଲକୁ ଦାନ କରିଛନ୍ତି। ଅଥଚ ତାଙ୍କର ପତ୍ନୀ ସୁମିତ୍ର, ପୁତ୍ର ପ୍ରବାଳ, କନ୍ୟା ବିଦିଶା ତାଙ୍କର ଏତାଦୃଶ ଜନକଲ୍ୟାଣକର କାର୍ଯ୍ୟକୁ ପସନ୍ଦ କରିନାହାନ୍ତି। ବାପା ଦାନ କରିଥିବା ସ୍କୁଲର ଜମିକୁ ପୁତ୍ର ଦଖଲ କରିଛି। ଶ୍ରାବଣୀ ନାମକ ଜନୈକା ଯୁବତୀକୁ ବିବାହ ହେବାର ପ୍ରଲୋଭନ ଦେଖାଇ ତାକୁ ନିଜର ସ୍ୱାର୍ଥ ସାଧନ

Digitized by srujanika@gmail.com

ପାଇଁ ବଡ଼ ଅଫିସରଙ୍କ ନର୍ମ ସହରୀ ହେବାକୁ ବାଧ କରିଛି ମାତ୍ର ଶ୍ରାବଣୀ ଏପରି ଅସାମାଜିକ କାର୍ଯ୍ୟକୁ ନିନ୍ଦା କରିଛି ଓ ତାର ବିବାହରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଛି । ଏଣେ ପ୍ରବାଳ ଜନୈକ ଟାଉଟର ଭଜହରିଙ୍କ ସାହାଯ୍ୟରେ ତେଲରେ ଅପମିଶ୍ରଣ କରି ଅଜସ୍ର ଅର୍ଥ ରୋଜଗାର କରି ରାଜଧାନୀରେ ବିରାଟ କୋଠା ତିଆରି କରିଛି । ସେ ସାଂପ୍ରତିକ ସମୟର ନେତା, ମନ୍ତ୍ରୀ ଓ ଅଧିକାରୀଙ୍କୁ ହାତ କରିବାର ଅବ୍ୟର୍ଥ ମହୌଷଧି ଜାଣିଛି । ଭ୍ରାନ୍ତ ଅର୍ଥବାଦ ପଛରେ ଗୋଡ଼ାଇ ସେ ଏ ଯୁଗରେ ହୋଇଛି ପ୍ରତିଷ୍ଠିତ । ନାଟ୍ୟକାର ନାଟକରେ ବସ୍ତୁବାଦ ଓ ଅର୍ଥବାଦର ଭୟଙ୍କର ପରିଣତିକୁ ସୂଚେଇ ଦେଇଛନ୍ତି । 'ପଥ ବହୁଦୂର' ମଧ୍ୟ ଏହିପରି ଅନ୍ୟ ଏକ ମୂଲ୍ୟ ଓ ମୂଲ୍ୟବୋଧର ଚିତ୍ତ-ସଂଘର୍ଷକୁ ନେଇ ରଚିତ ନାଟିକା । ଏଥିରେ ପିତାମାତା ନିଜର ଏକମାତ୍ର ସୁଶ୍ରୀ ଓ ମେଧାବିନୀ କନ୍ୟା ଚନ୍ଦ୍ରକାନ୍ତକୁ ତାର ଇଚ୍ଛା ବିରୋଧରେ ଆଇ.ଏ.ଏସ୍. ପାଇଥିବା ସୁଶୋଭନ ସହିତ ବିବାହ ଦେଇଛନ୍ତି । ସେମାନେ ଶିକ୍ଷିତା କନ୍ୟାର ସ୍ୱାତନ୍ତ୍ର୍ୟବୋଧକୁ ଉପଲବ୍‌ଧି କରି ପାରିଲେ ନାହିଁ । କାଳକ୍ରମେ ସୁଶୋଭନ ଓ ଚନ୍ଦ୍ରକାନ୍ତା ମଧ୍ୟରେ ଦେଖାଦେଲା ସଂଘର୍ଷ । ସୁଶୋଭନ ଚନ୍ଦ୍ରାର ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ସମର୍ଥନ କଲା ନାହିଁ । ତାକୁ ମଧ୍ୟ ସେ ସନ୍ଦେହ କଲା । ଚନ୍ଦ୍ରା ଗୃହ ମଧ୍ୟରେ ଆବଦ୍ଧ ହୋଇ ରହିଲା । ତାର ନାରୀତ୍ୱ କିନ୍ତୁ ଆହତ ଅଭିମାନରେ ଜର୍ଜରିତ ହେଲା । ଜନୈକା ଅଧ୍ୟାପିକା ସହିତ ସୁଶୋଭନର ସଂପର୍କ ବଢ଼ି ଉଠିଲା । ଚନ୍ଦ୍ରା ଉପଲବ୍ଧି କରିଛି ପୁରୁଷ ଶାସିତ ସମାଜରେ ନାରୀର ବାଧା ଓ ବିପଦକୁ । ତା' ଭିତରେ ପ୍ରକାଶ ପାଇଛି ବ୍ୟକ୍ତି ସ୍ୱାତନ୍ତ୍ର୍ୟବୋଧ । ସେ ସୁଶୋଭନ ପାଖକୁ ଚାଲି ଆସି ନିଜର ଜନୈକା ସହପାଠିନୀ ନନ୍ଦା ଘରେ ରହିଛି ଏବଂ ନିଜକୁ ଗଢ଼ିଛି । ପିତାମାତାଙ୍କ ପାଖକୁ ମଧ୍ୟ ସେ ଯାଇ ନାହିଁ । ଆଧୁନିକ ସମାଜରେ ନାରୀ-ସ୍ୱାଧୀନତା ନାମରେ ଯେତେ ଯାହା କୁହାଗଲେ ମଧ୍ୟ ପଦସ୍ଥ ବ୍ୟକ୍ତିମାନେ ଭିତରେ କିପରି ବିରୋଧୀ ଏବଂ ଏକାଧିକ ନାରୀ-ବିଳାସ କିପରି ସେମାନଙ୍କର ଚାରିତ୍ରିକ ନିଦର୍ଶନ, ସେ କଥାକୁ ନାଟ୍ୟକାର ଏହି ନାଟକରେ ଦେଖାଇ ଦେଇଛନ୍ତି ନିଛକ ଭାବରେ ।

'ଜନ୍ମଭୂମି' ନାଟିକାରେ ନାଟ୍ୟକାର ଜନୈକ ବ୍ୟକ୍ତି କାନାଡ଼ାରେ ସ୍ତ୍ରୀ ଓ ସନ୍ତାନଙ୍କ ସହିତ ଅବସ୍ଥାନ କରି କିପରି ସ୍ତ୍ରୀର ପ୍ରରୋଚନା ଓ ବାଧ ବାଧକତାରେ ଗ୍ରାମରେ ଥିବା ପିତାମାତାଙ୍କୁ ପଚାରିନାହିଁ ଏବଂ ଅବଶେଷରେ ସେମାନଙ୍କର କିପରି କରୁଣ ମୃତ୍ୟୁ ହୋଇଯାଇଛି ତାହାକୁ ହୃଦୟସ୍ପର୍ଶୀ ଭାବରେ ରୂପ ଦେଇଛନ୍ତି । ସ୍ତ୍ରୀ ଆଧୁନିକତାର ଉପାସିକା । ତାର ପିଲାମାନଙ୍କୁ ସେ ସ୍ୱଦେଶକୁ ପଠାଇବାକୁ ନାରାଜ । ସ୍ୱାମୀର ପିତାମାତାଙ୍କ ପ୍ରତି ଭକ୍ତି ଓ ଅନୁରାଗକୁ ସେ ଘୃଣା କରିଛି । ସ୍ତ୍ରୀର ଭୟରେ ରୋଗଶଯ୍ୟାରେ ଥିବା ପିତାମାତାଙ୍କୁ ଦେଖିବାକୁ ମଧ୍ୟ ସେ ଆସି ପାରିନାହିଁ । ଯେତେବେଳେ ସେ ସସ୍ତ୍ରୀକ ଘରକୁ ଆସିଛି ସେତେବେଳେକୁ ସବୁ ଶେଷ ହୋଇଗଲାଣି । ପିଲାମାନେ ଭାରତକୁ ଏବଂ ଗାଆଁ ଛାଡ଼ି

Digitized by srujanika@gmail.com

କାନାଡ଼ା ଯିବାକୁ ମନା କରିଛନ୍ତି । ଅଥଚ ଅଂଜନ ସମସ୍ତ ଜମି ଓ ଘର ବିକ୍ରୟ କରିଦେଇଛି ସ୍ତ୍ରୀ ବାଧ୍ୟବାଧକତାରେ । ସେ ପୁଣି ଚାଲିଯାଇଛି ସୁଦୂର କାନଡ଼ା । ତାର ଅନ୍ତର ଭିତରେ ସୃଷ୍ଟି ହୋଇଛି ଜନ୍ମଭୂମି ପ୍ରତି ଗଭୀର ମମତା ଓ ତଜ୍ଜନିତ ଯନ୍ତ୍ରଣା । 'ଶୂନ୍ୟ ଘରର ସୀମା' ମଧ୍ୟ ବାପା ଓ ବୋଉଙ୍କୁ ଆଧୁନିକ ପୁତ୍ର ଓ ପୁତ୍ରବଧୂ କିପରି ଦୁର୍ବ୍ୟବହାର କରନ୍ତି ତାର ଏକ ସଫଳ ନାଟ୍ୟରୂପ । । ଅସୀମ ଓ ଶୋଭନା ସ୍ୱାମୀ ଓ ସ୍ତ୍ରୀ । ତାଙ୍କର ଘରକୁ ପିଉସା ପିଉସୀ ଆଦି ବନ୍ଧୁମାନଙ୍କୁ ଆସିବାକୁ ମନା କରିଦେଲେ । ବାପାମାଆଙ୍କୁ ନେଇ ଅନ୍ଧାରୁଆ ଖପରଲି ଘରେ ରଖିଲେ । ଭଉଣୀ ଓ ଭିଣେଇ ସେମାନଙ୍କୁ ନିଜ ପାଖକୁ ନେଇଗଲେ । ଏହା ଏକ ଗତାନୁଗତିକ ନାଟିକା ହୋଇଥିଲେ ମଧ୍ୟ ଆଧୁନିକ ବ୍ୟକ୍ତିକୈନ୍ଦ୍ରିକ ଶିକ୍ଷିତ ପୁତ୍ର ଓ ପୁତ୍ରବଧୂଙ୍କ ଚରିତ୍ର ପ୍ରତି ମାର୍ମିକ ବ୍ୟଞ୍ଜନା । ସେହିଭଳି 'ଜଳେ ଯେସନେ ଚନ୍ଦ୍ର ଛାଇ' ନାଟିକାରେ ଆଧୁନିକ ଉଚ୍ଚଶିକ୍ଷିତ ଯୁବକଙ୍କ ଆଇ.ଏ.ଏସ୍. ପାଇ କିପରି ନିଜ ପତ୍ନୀକୁ ଭୁଲାଇ ଅନ୍ୟ ନାରୀ ସମ୍ପର୍କରେ ଆସିଛି ତାର ଏକ ବାସ୍ତବ ନାଟ୍ୟରୂପ ।

ଓଡ଼ିଆ ନାଟ୍ୟ ସାହିତ୍ୟର କ୍ରମ ପ୍ରବାହରେ ନାଟ୍ୟକାର ନୀଳାଦ୍ରିଭୂଷଣ ଏକ ସମାଜ ଓ ସମୟ ସଚେତନ ନାଟ୍ୟ-ସ୍ରଷ୍ଟା । ଏହି ନାଟ୍ୟମାସନ ଚାହିଁଛି ପରମ୍ପରାର ପୃଷ୍ଠଭୂମି ଉପରେ ଆଧୁନିକତାର ନୂତନ ମୂଲ୍ୟବୋଧ ନୁହେଁ, ଶୂନ୍ୟତା ଓ ନିଃସଙ୍ଗତା ନୁହେଁ, ଦୁର୍ନୀତି ଓ ସ୍ୱେଚ୍ଛାଚାର ନୁହେଁ, ଭ୍ରାନ୍ତ ଆଭିଜାତ୍ୟବୋଧ ଓ ଅନ୍ଧ ଅହମିକା ନୁହେଁ, ଏକ ପରିପୂର୍ଣ୍ଣ ଜୀବନବାଦ ଓ ସୁସ୍ଥ ମାନବିକ ମୂଲ୍ୟବୋଧ ହିଁ ତାଙ୍କ ନାଟ୍ୟ-ମାନସର ଭାବ ଓ ଭାବନା । ମାନବ-ମୁକ୍ତିର ଉଦାତ୍ତବାଣୀ ତାଙ୍କ ନାଟକଗୁଡ଼ିକରେ ଧ୍ୱନିତ । ସର୍ବତ୍ର ସେ ଖୋଜିଛନ୍ତି ମଣିଷକୁ – ଅର୍ଥାତ୍ ମଣିଷ ଭିତରର ମଣିଷ ପଣିଆକୁ । ବିଶେଷ କରି ସାଂପ୍ରତିକ ଭାରତବର୍ଷରେ ଗଣତନ୍ତ୍ରର ଯେଉଁ ଅବକ୍ଷୟ ସୃଷ୍ଟି ହୋଇଛି ଏବଂ ରାଜନୀତି ଶିଳ୍ପ ବ୍ୟବସାୟ ଏବଂ ଚାକିରି ଭିତରେ ଯେଉଁ ଅବୈଧ ସମ୍ପର୍କ ଗଢ଼ିଉଠି ସମାଜ-ଜୀବନକୁ ଧ୍ୱଂସମୁଖୀ କରିଦେଉଛି ତାହା ତାଙ୍କ ମନ ଭିତରେ ସୃଷ୍ଟି କରିଛି ତୀବ୍ର ପ୍ରତିକ୍ରୟା । ଗୋଟାଏ ସୁସ୍ଥ ଗାଣତାନ୍ତ୍ରିକ ଆଦର୍ଶ ତାଙ୍କ ନାଟ୍ୟବ୍ୟକ୍ତିତ୍ୱକୁ ଆଚ୍ଛନ୍ନ କରିଛି । ସେଠି ବାସ୍ତବତା ଅଛି, ଆଦର୍ଶବାଦ ସହିତ ତାକୁ ଜାରିତ କରିଦେବାର ପ୍ରବଣତା ଅଛି, ନାରୀକୁ ଭାରତୀୟ ସଂସ୍କୃତି ଓ ଆଦର୍ଶ ଉପରେ ଛିଡ଼ା କରାଇ ତା' ଭିତରେ ଦେଖା ଦେଉଥିବା ନାନା କଳଙ୍କ ଛଡ଼ାଇବାକୁ ଇଙ୍ଗିତ ଦେଇଛନ୍ତି ନାଟ୍ୟକାର । ସେହିଭଳି ବ୍ୟକ୍ତି-ସ୍ୱାତନ୍ତ୍ର୍ୟବୋଧ ଅଛି, ନାହିଁ କିନ୍ତୁ ବ୍ୟକ୍ତି-ସ୍ୱେଚ୍ଛାଚାରିତା । ତାଙ୍କର ବାରମ୍ବାର କଠୋର ଆଘାତ ଏହି ସ୍ୱେଚ୍ଛାଚାରିତା, କ୍ଷମତାନ୍ଧତା, ପ୍ରମତ୍ତତା ଓ ଉପଭୋଗ-ତୃଷ୍ଣା ଉପରେ । ଭାରତୀୟ ଆତ୍ମାଟିଏ ସତେ ଯେପରି ସବୁ ନାଟକରେ ଘୂରିବୁଲିଛି ଓ ତାହା ହିଁ ଆବିଷ୍କାର କରିଛି ନାନାବିଧ ଛଦ୍ମ ଆବରଣ ଭିତରୁ ପ୍ରକୃତ ମଣିଷକୁ । ନାଟକଗୁଡ଼ିକ ପରିମିତ, ଦୃଶ୍ୟସଜ୍ଜାରେ ସ୍ୱାଭାବିକତା । ସଂଳାପ ଶକ୍ତିଶାଳୀ

Digitized by srujanika@gmail.com

ଓ ଭାବ ଉଦ୍‌ବୋଧକ। ଲୋକ ମିଥ୍ ପରୀକ୍ଷିତ। ଇତିହାସ ଓ ପୁରାଣ ନୂଆ ରୂପରେ ନାଟକାୟିତ। ସବୁ ନାଟକ ଯେପରି ସାଂପ୍ରତିକ ସମୟର ସ୍ୱର ଝଙ୍କୃତ କରିଛି। ସମାଜ-ବିବେକ-ଦୀପ୍ତ ଏହି ନାଟ୍ୟମାନସ ନାଟକ ରଚନା ପାଇଁ ନାଟକ ସୃଷ୍ଟି ନକରି ସାମାଜିକ ଦାୟିତ୍ୱବୋଧ ଓ ଅଙ୍ଗୀକାରବଦ୍ଧତାକୁ ମାନ୍ୟତା ଦେଇ ନାଟକ ରଚନା ପାଇଁ ପ୍ରେରଣା ଦେଇଛି। ତେଣୁ ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟରେ ନୀଳାଦ୍ରିଭୂଷଣ ହରିଚନ୍ଦନଯେ ଜଣେ ଶକ୍ତିଶାଳୀ ନାଟ୍ୟକାର, ଏ କଥା କହିବାରେ ଦ୍ୱିଧା ନାହିଁ।

ଅପର୍ଣ୍ଣା ନଗର, ଚାଉଳିଆଗଞ୍ଜ,
କଟକ, ପିନ୍-୭୫୩୦୦୪

Digitized by srujanika@gmail.com

ସଦ୍ୟ ପ୍ରକାଶିତ ନୀଳାଦ୍ରିଙ୍କ ନାଟକ ସପ୍ତକ : ଏକ ଦୃଷ୍ଟିପାତ

ପ୍ର. ବୈଷ୍ଣବ ଚରଣ ସାମଲ

ଆଧୁନିକ ଓଡ଼ିଆ ସାହିତ୍ୟରେ ନୀଳାଦ୍ରିଭୂଷଣ ହରିଚନ୍ଦନ ଅପରିଚିତ ନାମ ନୁହନ୍ତି । ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ସେ କବିତା, ସମାଲୋଚନା ଓ ନାଟକ ଲେଖି ଆସିଛନ୍ତି ଏଯାବତ୍ । ଏବେ ମଧ୍ୟ ତାଙ୍କର ଲେଖନୀ ଚଳଚଞ୍ଚଳ । ହୁଏତ ସେ ଜଣେ କବି ଓ ସମାଲୋଚକ ଭାବରେ କୃତିତ୍ୱ ଅର୍ଜନ କରିଛନ୍ତି ତଥାପି ନାଟକ ପ୍ରତି ତାଙ୍କର ପ୍ରବଣତା ଅଧିକ ପରି ମନେହୁଏ । ବିଶ୍ୱଭାରତୀରେ ଅଧ୍ୟାପନା କରିବା ସମୟରୁ ହିଁ ତାଙ୍କ ଭିତରେ ନାଟକ ରଚନା ପ୍ରତି ପ୍ରବଣତା ପ୍ରକାଶ ପାଇଲା । ନାଟକ ଲେଖିବା ପୂର୍ବରୁ ସେ ନାଟ୍ୟ-ସାହିତ୍ୟ ଉପରେ ଗବେଷଣା କଲେ, ଡିଗ୍ରୀ ପାଇଲେ, ନାଟ୍ୟତତ୍ତ୍ୱ ସଂପର୍କରେ ଅନେକ ପଢ଼ାପଢ଼ି କଲେ । ନାଟ୍ୟତତ୍ତ୍ୱ ସଂପର୍କରେ ଅନେକ ପଢ଼ାପଢ଼ି କଲେ । ବିଶେଷତଃ ଇଂରେଜୀ, ଜର୍ମାନି, ମାର୍କିନ ଆଦି ସାହିତ୍ୟରେ ରଚିତ ନୂତନ ନାଟକଗୁଡ଼ିକୁ ପଢ଼ିଲେ ଓ ଅନୁଧ୍ୟାନ କଲେ । ଚିନ୍ତା କଲେ କାହାରି ଦ୍ୱାରା ପ୍ରଭାବିତ ନହୋଇ ମୌଳିକ ଦୃଷ୍ଟିକୋଣ ନେଇ ନାଟକ ରଚନା କରିବେ । ଆଧୁନିକ ମଣିଷର ଅନ୍ତର୍ନିହିତ ବ୍ୟକ୍ତି-ସତ୍ତାର ସଂଘର୍ଷକୁ ଆବିଷ୍କାର କରି ତାହାକୁ ନାଟ୍ୟରୂପ ଦେବାକୁ ସେ ଶ୍ରେୟ ମନେ କଲେ । ତେଣୁ ସେ ମଣିଷ ବାହାରକୁ ଯେମିତି ଦେଖା ଯାଉଛି ବା ସମାଜ-ବ୍ୟବସ୍ଥାଟି ଯେମିତି ପରିଦୃଶ୍ୟମାନ ହେଉଛି ତାହାକୁ ଯଦିଓ ଗ୍ରହଣ କରିଛନ୍ତି ମାତ୍ର ଏସବୁ ଅତିରିକ୍ତ ଯାହା ଦୃଶ୍ୟ ହେଉନାହିଁ, ଅଥଚ ଶକ୍ତିଶାଳୀ ଭାବରେ ଯାହା ଘାତ ପ୍ରତିଘାତ ଓ ସଂଘାତ ସୃଷ୍ଟି କୁଛି ତାହାକୁ ପ୍ରମୁଖ ସ୍ଥାନ ଦେଇଛନ୍ତି ନାଟକରେ । ଏହା ଫଳରେ ତାଙ୍କର ନାଟକଗୁଡ଼ିକ ପ୍ରଥାସିଦ୍ଧ ବା ଗତାନୁଗତିକ ନହୋଇ, ସଂପୂର୍ଣ୍ଣ ନୂତନ ହୋଇ ଆଙ୍ଗିକ ଓ ଆତ୍ମିକ ସ୍ତରରେ । ତାଙ୍କ ନାଟକର ସଂରଚନାରେ ଇତିହାସ ଓ କିଂବଦନ୍ତୀ, ଲୋକକାହାଣୀ ଓ ଲୋକତତ୍ତ୍ୱ, ପୁରାଣ ଓ ଧାର୍ମିକ ବାତାବରଣ, ସମାଜ-ସଂସ୍କୃତି ଓ ଲୋକମାନସିକତା ସବୁକିଛି ନେଇଯାଇଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ସର୍ବତ୍ର କିନ୍ତୁ ରହିଛି ତାଙ୍କର ମୌଳିକ ଚିନ୍ତନ । ଜୀବନ-ସତ୍ୟ ତଥା ସମାଜ ସତ୍ୟକୁ ଅନାବୃତ୍ତ କରିବାର ଦୁର୍ବାର ଆକାଂକ୍ଷା ବେଶ୍ ବଳିଷ୍ଠ ହୋଇ ଉଠିଛି । ନାଟକର ସ୍ତରେ ସ୍ତରେ ରହିଛି ଜିଜ୍ଞାସା ଓ ଅନ୍ୱେଷା, ପରିଣତିରେ ଅଛି ଆତ୍ମୋପଲବ୍ଧିର, ଯାହା ହୋଇଯାଇଛି ପ୍ରକୃତରେ

Digitized by srujanika@gmail.com

ବ୍ୟକ୍ତିର କେବଳ ଆତ୍ମପରିଚୟ ନୁହେଁ; ସମଗ୍ର ସମାଜର ଓ ସଂସ୍କୃତିର ମଧ୍ୟ ପରିଚୟ। ତାହାର ସ୍ୱରୂପ ଉଦ୍‌ଘାଟନ ମଧ୍ୟ ହୋଇଯାଇଛି ଲକ୍ଷ୍ୟ। ନୀଳାଦ୍ରିଭୂଷଣ ମୁଖ୍ୟତଃ ଜଣେ ଡ୍ରାମାଟିଷ୍ଟ; ପ୍ଲେ-ରାଇଟ ନୁହଁନ୍ତି। ଯିଏ ପ୍ଲେ-ରାଇଟ ସିଏ ସମକାଳକୁ ଦେଖେ, ମଞ୍ଚକୁ ଦେଖେ, ମଞ୍ଚର ପାତ୍ରପାତ୍ରୀଙ୍କୁ ଦେଖେ, ଦର୍ଶକଙ୍କ ରୁଚିକୁ ଅନୁଭବ କରେ ଓ ସର୍ବୋପରି ମଞ୍ଚ ମାଲିକର ପକେଟକୁ ଦେଖେ, ବ୍ୟାବସାୟିକ ସଫଳତାକୁ ଦେଖେ। ମାତ୍ର ଯିଏ ଡ୍ରାମାଟିଷ୍ଟ, ସିଏ ଏସବୁ କିଛିକୁ ଦେଖେ ନାହିଁ, ସମକାଳକୁ ଡେଇଁ ଚିରକାଳକୁ ଦେଖେ ଓ ନିଜର ଚିନ୍ତନ, ଦର୍ଶନ, ବିବେକର ଆହ୍ୱାନରେ ଲେଖେ। ତାହା ହୁଏତ ମଞ୍ଚରେ ସଫଳ ଭାବରେ ପ୍ରଦର୍ଶିତ ହୋଇ ନପାରେ; ମାତ୍ର ତାହା ଭିତରେ ଥାଏ ଆଗାମୀ ପାଇଁ ବାର୍ତ୍ତା ସିଏ ଯେ ଏକ ଅଙ୍ଗୀକାରବଦ୍ଧ ନାଟ୍ୟକାର ତାହା ପ୍ରମାଣିତ ହୋଇଯାଏ। ନୀଳାଦ୍ରିଭୂଷଣ ଏହିପରି ଜଣେ ଡ୍ରାମାଟିଷ୍ଟ।

ନୀଳାଦ୍ରିଙ୍କର ସାରସ୍ୱତ ଗତି କବିତାରୁ ନାଟକକୁ। ଅବଶ୍ୟ ମଝିରେ ସେ ସମାଲୋଚନା ଲେଖିଛନ୍ତ; ତାହା କିନ୍ତୁ ତାଙ୍କର ସର୍ଜନଶୀଳ ସାରସ୍ୱତ ଭୂଇଁଟିକୁ ଅତିକ୍ରମ କରିଯାଇ ନାହିଁ। ବିଂଶ ଶତାବ୍ଦୀର ଶେଷ ଦୁଇ ଦଶନ୍ଧି ମଧ୍ୟରେ ସେ ଯେତେ ଗୁଡ଼ିଏ ନାଟକ ଲେଖିଥିଲେ ସେ ବିଷୟରେ ପୂର୍ବ ପ୍ରବନ୍ଧରେ ଲେଖାଯାଇଅଛି । ଏବେ ଏହି ପ୍ରବନ୍ଧରେ ସେସବୁ ନାଟକକୁ ବିଚାରକୁ ନେଉ ନାହିଁ; ନେଉଛି ଏକବିଂଶ ଶତାବ୍ଦୀକୁ ଆହ୍ୱାନ ଜଣାଇ ଯେଉଁସବୁ ନାଟକ ୨୦୧୨ ମସିହା ପୂର୍ବରୁ ଲେଖିଛନ୍ତି। ୨୦୧୦ ମସିହା ସୁଦ୍ଧା ସେ ଦୁଇଜଣ ବିଶିଷ୍ଟ ସାରସ୍ୱତ ସାଧିକାଙ୍କ ଜୀବନାଲେଖ୍ୟକୁ ନେଇ ରଚନା କରିଛନ୍ତି ଦୁଇଟି ପରୀକ୍ଷାମୂଳକ ନାଟକ। ୨୦୧୨ ମସିହା ସୁଦ୍ଧା ସେ ରଚନା କଲେ 'ବନ୍ଦିଶାଳାରେ ବିଶ୍ୱପତି', 'ଅର୍ଦ୍ଧେକ ପୃଥିବୀ', 'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା', 'ଅରଣ୍ୟର ଅଶ୍ରୁ' ଓ 'ଅବ୍ୟକ୍ତ ଅନେକ' ପରି ପାଞ୍ଚଟି ନାଟକ। ମୋଟ ସାତଟି ନାଟକର ଆଲୋଚନା ହିଁ ଏ ପ୍ରବନ୍ଧର ପୁଞ୍ଜି। ଏ ସମସ୍ତ ନାଟକକୁ ବିଚାର କଲାବେଳେ ସ୍ୱତଃ ମନକୁ ଧାରଣା ଆସେ ଯେ ଏଗୁଡ଼ିକ ଏକ ଏକ ନିଆରା ଚିନ୍ତା ଓ ଚେତନାର ନାଟକ ଏବଂ ଏଗୁଡ଼ିକର ଶୈଳୀ ମଧ୍ୟ ଗତାନୁଗତିକ ପରୀକ୍ଷାମୂଳକ ନାଟ୍ୟଶୈଳୀଠାରୁ ଭିନ୍ନ।

॥ ୨ ॥

'ବନ୍ଦିଶାଳାରେ ବିଶ୍ୱପତି' (୨୦୧୨) ନୀଳାଦ୍ରିଙ୍କର ଏକ ନୂତନ କ୍ରାନ୍ତିକାରୀ ନାଟକ। ସଂପ୍ରତି ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଯେଉଁ ବାଦାନୁବାଦ ଚାଲିଛି, ଯେପରି ତାଙ୍କ ରଥ ଉପରକୁ ଚଢ଼ି ତାଙ୍କୁ ଛୁଇଁବା/ ନଛୁଇଁବାକୁ ନେଇ ଯେଉଁ ସଂଘର୍ଷ ଚାଲିଛି, ଯେପରି ଜଗନ୍ନାଥଙ୍କୁ ବିଶ୍ୱଦେବତା ବା ବିଶ୍ୱପତିରୁ ଟାଣିଆଣି କେବଳ ହିନ୍ଦୁ ସବର୍ଣ୍ଣଙ୍କ ଭିତରେ

Digitized by srujanika@gmail.com

ବନ୍ଦୀ କରି ରଖାଯିବାର ପ୍ରବଣତା ପ୍ରକାଶ ପାଉଛି ଏବଂ ସେଥିରେ ରାଜନୀତି ଓ ପ୍ରଶାସନ ନୀରବ ଦ୍ରଷ୍ଟା ସାଜି ପରିସ୍ଥିତିକୁ ଜଟିଳ କରୁଛନ୍ତି ହୁଏତ ନାଟ୍ୟକାର ନୀଳାଦ୍ରିଭୂଷଣ ଏପରି ପରିସ୍ଥିତିକୁ ବହୁ ପୂର୍ବରୁ ଚିନ୍ତା କରି ନାଟକଟିଏ ଲେଖିଛନ୍ତି। ଜଣେ ସମାଜପ୍ରତି ଅଙ୍ଗୀକାରବଦ୍ଧ ନାଟ୍ୟକାର ଚିନ୍ତା କରେ ତା' ପାଖରେ ସମାଜ ବଡ଼, ମଣିଷ ବଡ଼, ମୂଲ୍ୟବୋଧ ବଡ଼। ତା' ପାଖରେ ଗୋଟିଏ ସତ୍ୟ ପ୍ରକାଶ ପାଏ ଯେ ଯିଏ ବିଶ୍ୱପତି ବା ବିଶ୍ୱଦେବତା, ଯିଏ ବିଶ୍ୱସତ୍ୟ ଓ ବିଶ୍ୱରତର ପ୍ରତୀକ ତାଙ୍କୁ କେତେକ ନ୍ୟସ୍ତସ୍ୱାର୍ଥବାଦୀ ସେବକ/ ପୂଜକଙ୍କ ମର୍ଜି ଉପରେ ଛାଡ଼ି ଦେବା ଉଚିତ ନୁହେଁ। ବନ୍ଦିଶାଳାରୁ ତାଙ୍କର ମୁକ୍ତି ଦରକାର ଓ ତାଙ୍କୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସକଳ ମଣିଷଙ୍କର ଉପାସ୍ୟ ରୂପେ ବିବେଚନା କରାଯିବା ଆବଶ୍ୟକ। ଏହି କାରଣୁ ସେ ଜଗନ୍ନାଥଙ୍କୁ ବିଶ୍ୱପତି ରୂପେ ଚରିତ୍ରାୟନ କରି ତାଙ୍କର କ୍ଷୋଭକୁ ଜୀବନ୍ତ ଭାବରେ ପ୍ରକାଶ କରି ତାଙ୍କରି ମୁଖରେ ସତେ ଯେପରି ସେ ନିଜେ କହିଛନ୍ତି- "ବଡ଼ ଲଜ୍ଜା ହୁଏ ମୋର। ଯେଉଁମାନେ ଧର୍ମ କ'ଣ ଜାଣନ୍ତି ନାହିଁ, ସେମାନେ ହୋଇଛନ୍ତି ଧର୍ମର ରକ୍ଷକ। ଯେଉଁମାନଙ୍କର ମୋ ପ୍ରତି ସାମାନ୍ୟ ଭକ୍ତି ନାହିଁ, ସେମାନେ ମୋର ପୂଜକ। କେବଳ ମୋତେ ନେଇ ବ୍ୟବସାୟ କରିବା ଜାଣନ୍ତି ସେମାନେ। ଯେଉଁମାନେ ମାନବଧର୍ମ ପାଳନ କରନ୍ତି ନାହିଁ, ଯେଉଁମାନେ ସବୁ ମଣିଷଙ୍କୁ ଶ୍ରଦ୍ଧା କରିବା, ସମ୍ମାନ କରିବା ଶିଖି ନାହାନ୍ତି, ସେଇ ମାନବିକତାହୀନ ଲୋକଙ୍କ ଦ୍ୱାରା ମୁଁ ପୂଜିତ। ଲୋକ ଆଖିରେ ସେମାନେ ମୋର ପ୍ରଧାନ ଭକ୍ତ।" (୧ମ ଦୃଶ୍ୟ) ଏହା ସ୍ୱୟଂ ଜଗନ୍ନାଥଙ୍କର ଉକ୍ତି ନୁହେଁ; ବରଂ ସମାଜ-ସଂସ୍କୃତି ଓ ଧର୍ମ ସଚେତନ ନାଟ୍ୟକାରଙ୍କ ବକ୍ତବ୍ୟ। ଜଗନ୍ନାଥ ନିଜକୁ କର୍ତ୍ତବ୍ୟହୀନ ମନେ କରିଛନ୍ତି। ଆତ୍ମଗ୍ଲାନିରେ ଦଗ୍ଧୀଭୂତ ହୋଇଛନ୍ତି। କାରଣ ସେ କିଛି ପ୍ରତିକାର କରିପାରୁନାହାନ୍ତି। ତାଙ୍କ ନାମର କିଛି ମୂଲ୍ୟ ନାହିଁ। ସେ ଆଉ ଜଗତର ନାଥ ନୁହନ୍ତି। ତାଙ୍କ ପାଖକୁ ଭକ୍ତମାନେ ସ୍ୱଚ୍ଛନ୍ଦ ଭାବରେ ଆସି ପାରୁ ନାହାନ୍ତି। ଗୋଟାଏ ସଂକୀର୍ଣ୍ଣ ତୁଳସୀପତ୍ରିଆ ଗୋଷ୍ଠୀ ତାଙ୍କୁ ନିୟନ୍ତ୍ରଣରେ ରଖିଛନ୍ତି। ଅଥଚ ଏଣେ ସୁବିଧାବାଦୀମାନେ ତାଙ୍କୁ ସର୍ବଧର୍ମ ସମନ୍ୱୟ ଓ ମାନବ-ମୈତ୍ରୀର ଦେବତା କହି ଡିଣ୍ଡିମ ପିଟୁଛନ୍ତି। ତେଣୁ ବିଶ୍ୱପତି କହନ୍ତି- "ସବୁ କିଛି ଦେଖି ବି ଦେଖି ପାରୁନି, ସବୁ କିଛି ଶୁଣି ବି ଶୁଣି ପାରୁନି, କହିବାକୁ ଚାହିଁ ବି କହିପାରୁନି। ମୁଁ ମୂକ, ବଧିର, ଅନ୍ଧ, କାଠ-ପାଷାଣର ଦେବତା ମୁଁ। ବଡ଼ ଅସହାୟ ମୁଁ।" (୧ମ ଦୃଶ୍ୟ)

ବିଶ୍ୱପତି ଚାହିଁଛନ୍ତି ଅନ୍ଧ ଅର୍ଗଳ ଭିତରୁ ମୁକ୍ତ। ମାତ୍ର ସେ ମୁକ୍ତି ପାଇପାରୁ ନାହାନ୍ତି। ତୁଳସୀପତ୍ରିଆ ସେବକଙ୍କ ଅହମିକା ପାଖରେ ନେତା ନତଜାନୁ, ପ୍ରଶାସନ ଅସହାୟ। ଦାସ ଭୋଇ ପରି ଜଣେ ସାଧାରଣ ଅଛବ ମଣିଷଟିଏ ସଂଗ୍ରାମ କରିଛି ବିଶ୍ୱପତିଙ୍କ ମୁକ୍ତି ପାଇଁ। ଫଳରେ ସେ ଖାଇଛି ମାଡ଼। ତଥାପି ବିଶ୍ୱପତି ଭରସା ରଖିଛନ୍ତି ତା'ରି ଉପରେ।

Digitized by srujanika@gmail.com

ବିଶ୍ୱପତିଙ୍କୁ ଦର୍ଶନ କରିବା ପାଇଁ ଆନ୍ତର୍ଜାତିକ ଖ୍ୟାତିସଂପନ୍ନା ଲେଖିକା ମୀରା ଦାସ ଓ ଜନୈକ ବିଦେଶୀ କୃଷ୍ଣ ଭକ୍ତ ବିଦ୍ୱାନ ବ୍ୟକ୍ତି ମଧ୍ୟ ଆସିଛନ୍ତି ସାଥି ହୋଇ। ସେମାନଙ୍କୁ ବାଧା ଦେଇଛନ୍ତି ସେବକମାନେ। ସେମାନେ କହିଛନ୍ତି – "ନୀଚ ଜାତିରେ ତମମାନଙ୍କର ଜନ୍ମ। ସେଇ ତୁମର ଅପରାଧ। ମନ୍ଦିର କେବଳ ଖୋଲା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟଙ୍କ ପାଇଁ। ଶୂଦ୍ର ଆଉ ମ୍ଲେଚ୍ଛମାନଙ୍କ ପାଇଁ ନୁହେଁ। ତୁମମାନଙ୍କ ଛାୟା ସ୍ପର୍ଶରେ ମନ୍ଦିର ଅପବିତ୍ର ହୋଇଯିବ।" (ଦୃଶ୍ୟ-୨) ସେବକମାନଙ୍କୁ ଯେତେ ବୁଝାଇଲେ ମଧ୍ୟ ବିଶ୍ୱପତିଙ୍କୁ ନିଜ ହାତମୁଠାରେ ରଖନ୍ତି। ମୀରା ଲେଖିକା। ଲେଖକର ଅଛି ସ୍ୱାଭିମାନ। ସେ କୌଣସି କୁସଂସ୍କାରକୁ ମାନେ ନାହିଁ। ସେ ଜାଣନ୍ତି ବିଶ୍ୱପତି ସମସ୍ତଙ୍କର। ଯିଏ ସକଳ ଭୂତରେ ଏକ ବିଶ୍ୱପତିଙ୍କୁ ଦେଖନ୍ତି ସିଏ ସମସ୍ତଙ୍କୁ ସମାନ ଦେଖନ୍ତି, ଯାବତୀୟ ବିଭକ୍ତ ସତ୍ତା ମଧ୍ୟରେ ସେଇ ଏକ ଅବିଭକ୍ତ ସତ୍ତାକୁ ଉପଲବ୍‌ଧି କରନ୍ତି। ସେବକମାନେ କୌଣସି କଥା ବୁଝନ୍ତି ନାହିଁ। ଯିଏ ସଂକୀର୍ଣ୍ଣ ସିଏ କେବେ ପ୍ରସାରିତ ହୋଇପାରେ ନାହିଁ। ତେଣୁ ସେମାନେ ମୀରା ଦାସ ଓ ବିଦେଶୀ ଭକ୍ତଙ୍କୁ ମାଡ଼ ମାରି ବିଦା କରିଦେଇଛନ୍ତି। ଗୋଟାଏ କ୍ରାନ୍ତିକାରୀ ଦିନକୁ ଅପେକ୍ଷା କରିଛନ୍ତି ଲୋକେ ଓ ସେମାନଙ୍କର ପ୍ରେରଣା ଭାବରେ ଶୂଦ୍ର କବି ଦାସ ଭୋଇଙ୍କ ଲେଖାକୁ ଗ୍ରହଣ କରିଛନ୍ତି। ଦାସ ଭୋଇ ମନ୍ଦିର ସମ୍ମୁଖରେ ସଭା କରି ସମବେତ ଲୋକଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ସେ କହିଛନ୍ତି ଆର୍ଯ୍ୟ ଓ ଅନାର୍ଯ୍ୟଙ୍କ ସହଯୋଗରେ ମହାପ୍ରଭୁ ଜଗନ୍ନାଥ ବିରାଜମାନ ହେଲେ। ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଜଗନ୍ନାଥ ହେଲେ ସର୍ବ ଧର୍ମ ସମନ୍ୱୟର ପ୍ରତୀକ। ହିନ୍ଦୁ ଓ ଯବନ ଏକତ୍ର ବସି ମହାପ୍ରସାଦ ସେବନ କରୁଥିଲେ। ମାତ୍ର ଏହା ପରେ ପରିସ୍ଥିତି ଓ ପରିବେଶ ବଦଳି ଗଲା। ପୂଜକ ଗୋଷ୍ଠୀ ହୋଇଗଲେ ସର୍ବେସର୍ବା। ନିମ୍ନ ଶ୍ରେଣୀର ହିନ୍ଦୁଙ୍କୁ ମନ୍ଦିର ପ୍ରବେଶ ପାଇଁ ନିଷେଧ କରାଗଲା। ଅନ୍ୟ ବର୍ଣ୍ଣର ଲୋକେ ଯାଇପାରିଲେ ନାହିଁ। ଗୋଷ୍ଠୀଗତ ବିବାଦ ଯୋଗୁ ଜାତୀୟ ଦେବତାଙ୍କୁ ଅନ୍ଧ କାରଗାର ମଧ୍ୟରେ ବନ୍ଦୀ କରି ରଖାଗଲା। ଏହି କାରଣରୁ ଦାସ ଭୋଇ ସଂକୀର୍ଣ୍ଣ ଅନ୍ଧ ଅର୍ଗଳ ଭିତରୁ ବିଶ୍ୱପତିଙ୍କୁ ମୁକ୍ତ କରିବା ପାଇଁ ସଂଗ୍ରାମ କରିବାକୁ ଲୋକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ଓ କହିଛନ୍ତି – "ଆଜିର ସଂଗ୍ରାମ ମୁକ୍ତିର ସଂଗ୍ରାମ। ଧର୍ମୀୟ ସଂକୀର୍ଣ୍ଣତା ଓ ସ୍ୱାର୍ଥାନ୍ୱେଷାରୁ ମୁକ୍ତିର ସଂଗ୍ରାମ। ଏହି ସଂଗ୍ରାମ ଅଗ୍ନିରେ ଯେଉଁମାନେ ଝାସ ଦେବାକୁ ଆଗେଇ ଆସିଛନ୍ତି, ମନେ ରଖନ୍ତୁ, ସେମାନେ ଏକ ନୂତନ ଇତିହାସ ରଚନା କରିବାକୁ ଯାଉଛନ୍ତି।" ଦାସ ଭୋଇଙ୍କ ନେତୃତ୍ୱରେ ଲୋକେ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିବାରୁ ପୋଲିସ ଓ ତୁଳସୀପତ୍ରୀଙ୍କ ମିଳିତ ଆକ୍ରମଣରେ ବହୁଲୋକ ମୃତାହତ ହେଲେ। ଏହି ଘଟଣାରେ ଲୋକଙ୍କ ଭିତରେ ଦେଖାଦେଲା ଘୋର ପ୍ରତିକ୍ରିୟା। ସ୍ୱୟଂ ନାଟ୍ୟକାର ଯେପରି ଲୋକଙ୍କ ଭିତରେ ପ୍ରବେଶ କରି କହିଛନ୍ତି –

Digitized by srujanika@gmail.com

"କୁହ ତ, ପୃଥିବୀରେ କୌଣସି ଧର୍ମର ଏମିତି କୌଣସି ଧର୍ମ ସ୍ଥାନ ଅଛି, ଯେଉଁଠି ଅନ୍ୟ ଧର୍ମପନ୍ଥୀମାନଙ୍କୁ ପଶିବାକୁ ନିଷେଧ କରାହୁଏ ? ଅନ୍ୟ ଧର୍ମର ଲୋକେ ଯଦି କୌତୂହଳୀ ହୋଇ ଆମର ପୂଜାପୀଠ ଦେଖିବାକୁ ଆସିଲେ, ଆମର କ୍ଷତି କ'ଣ ହେବ ? ବରଂ ଆମର ଗର୍ବ ହେବା କଥା।' (ଦୃଶ୍ୟ-୫) ନାଟ୍ୟକାର ଅତି ସ୍ପଷ୍ଟ ଭାବରେ ଦର୍ଶାଇ ଦେଇଛନ୍ତି ଯେ ସରକାର ଭୋଟ ଭୟରେ ତୁଳସୀପତ୍ରିଆ ବା ପୂଜକ ଗୋଷ୍ଠୀଙ୍କ ଯାବତୀୟ ଅନ୍ୟାୟକୁ ସମର୍ଥନ କରି ଅବସ୍ଥାକୁ ଜଟିଳ କରିଦେଉଛନ୍ତି।

ନାଟ୍ୟକାର ନିର୍ଭୀକ ଭାବରେ ଜଗନ୍ନାଥଙ୍କୁ କେନ୍ଦ୍ର କରି ଯେଉଁ ସମସ୍ୟା ଦେଖା ଦେଉଛି ସେଥିପାଇଁ ମନ୍ତ୍ରୀ ଓ ନେତା, ପ୍ରଶାସକ ଗୋଷ୍ଠୀ ଓ ପୂଜକ ଗୋଷ୍ଠୀଙ୍କୁ ଦାୟୀ କରିଛନ୍ତି। ଯୁବ ବିପ୍ଳବୀ ଗୋଷ୍ଠୀ ଦାସ ଭୋଇଙ୍କ ଜୀବନ ପ୍ରତି ବିପଦ ଥିବା ଜାଣି ତାଙ୍କୁ ଅରଣ୍ୟର ଗୁପ୍ତ ସ୍ଥାନକୁ ନେଇ ଯାଇଛନ୍ତି ମାତ୍ର ଦାସ ଭୋଇ ଏପରି ଆତ୍ମଗୋପନ କରିବାକୁ ପସନ୍ଦ କରିନାହାନ୍ତି। ବରଂ ସେ ଖୋଲାଖୋଲି ସଂଗ୍ରାମ କରିବାକୁ ଚାହିଁଛନ୍ତି। ଖ୍ୟାତିସଂପନ୍ନା ଲେଖିକା ମୀରା ଦାସ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ କହନ୍ତେ ମୁଖ୍ୟମନ୍ତ୍ରୀ ନିଜର ଅସହାୟତା ପ୍ରକାଶ କରିଛନ୍ତି। ସେବକ ଗୋଷ୍ଠୀର ଦାୟାଦ ଜନୈକ ଅଧ୍ୟାପକ ଯେତେପ୍ରକାର ସେବକମାନଙ୍କୁ ବୁଝାଇଲେ ମଧ୍ୟ ସେମାନେ ବୁଝି ନାହାନ୍ତି। ବରଂ ତାଙ୍କୁ ସେମାନେ ଭର୍ତ୍ସନା କରିଛନ୍ତି। ଏଣେ ଦାସ ଭୋଇଙ୍କୁ ସେବକମାନଙ୍କ ଦ୍ୱାରା ନିଯୁକ୍ତ ଆତତାୟୀମାନେ ଜଙ୍ଗଲରୁ ଅପହରଣ କରିନେଇ ହତ୍ୟା କରିବାକୁ ଧମକ ଦେଲେ ମଧ୍ୟ ସେ ଆଦୌ ବିଚଳିତ ନହୋଇ କହିଛନ୍ତି – "ତୁମମାନଙ୍କର ସମୟ ଶେଷ ହୋଇଯାଉଛି। ବିଶ୍ୱପତି ମନ୍ଦିର ନିଶ୍ଚିତ ଭାବେ ତୁମର ଅନ୍ୟାୟ ଅନାଚାରରୁ ମୁକ୍ତି ପାଇବ। ସମୟକୁ କେବଳ ଅପେକ୍ଷା କର। ଭାବ ନାହିଁ ଯେ ଗୋଟିଏ ଦାସ ଭୋଇର ପ୍ରାଣ ନେଇଗଲେ। ଏ ବିପ୍ଳବର ନିଆଁ ଲିଭିଯିବ ବୋଲି। ଆହୁରି ସହସ୍ର ଦାସ ଭୋଇ ସୃଷ୍ଟି ହୋଇଯିବ ତୁମର ଅବିବେକତାର ଶାସନକୁ ଧ୍ୱଂସ କରି ଦେବା ପାଇଁ।" (ଦୃଶ୍ୟ-୧୨) ଦାସ ଭୋଇଙ୍କର ଆତତାୟୀଙ୍କ ହାତରେ ମୃତ୍ୟୁ ହୋଇଛି। ବିପ୍ଳବୀମାନେ ଏଥିରେ ଭାଙ୍ଗି ନପଡ଼ି ନୂତନ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ସଂକଳ୍ପ ନେଇଛନ୍ତି। ଏଣେ ମୁଖ୍ୟମନ୍ତ୍ରୀ ପରିସ୍ଥିତିକୁ ଅନୁଧ୍ୟାନ କରି ମନ୍ଦିର ମନ୍ତ୍ରୀଙ୍କ କାର୍ଯ୍ୟକଳାପ ପ୍ରତି ବିରକ୍ତି ପ୍ରକାଶ କରିବା ସଙ୍ଗେ ସଙ୍ଗେ ମନ୍ଦିର ଭିତରକୁ ସମସ୍ତେ ଯିବା ଉଚିତ ବୋଲି ଚିନ୍ତା କରିଛନ୍ତି। ସେବକମାନେ କିନ୍ତୁ ସେମାନଙ୍କ ଜିଦିରେ ଅଟଳ ରହିଛନ୍ତି।

ଧର୍ମାନ୍ଧ ଓ ବଣିକ ମନୋବୃତ୍ତିର ସେବକମାନଙ୍କ କବଳରୁ ବିଶ୍ୱପତିଙ୍କର ମୁକ୍ତି ନାହିଁ। ସେମାନଙ୍କର ଏକଚାଟିଆ ଅଧିକାର ଯୋଗୁ ମନ୍ଦିର ଭିତରକୁ ଲୋକେ ଆଉ ଯାଇ ନାହାନ୍ତି। ସାରା ମନ୍ଦିର ନୀରବ, ନିଶ୍ଚଳ, ଶୂନ୍ୟ, ହାହାକାରମୟ। ଅନ୍ଧକାର ଘର ଭିତରେ

Digitized by srujanika@gmail.com

ବିଶ୍ୱପତି ବନ୍ଦୀ। ଭକ୍ତମାନଙ୍କୁ ସେ ଦେଖିପାରୁ ନାହାନ୍ତି। ବାହାରେ ପୃଥିବୀର ବର୍ଣ୍ଣିଳ ମହୋତ୍ସବର ଅସୀମ ପରିପୂର୍ଣ୍ଣତାକୁ ସେ ଅନୁଭବ କରିପାରୁ ନାହାନ୍ତି। ସେ ଅତିଷ୍ଠ ହୋଇପଡ଼ିଛନ୍ତି। ଏଥର ବିଶ୍ୱପତି ଘୋଷଣା କରିଛନ୍ତି – "ମୋତେ ବନ୍ଦୀ କରି ରଖିବାର ଶକ୍ତି କାହାର ନାହିଁ। ସଂକୀର୍ଣ୍ଣ ମାନସିକତା ପୀଡ଼ିତ ଗୋଟାଏ ପୂଜକଗୋଷ୍ଠୀ ବନ୍ଦୀ କରି ରଖିପାରେ ମୋର ଦାରୁ ବିଗ୍ରହକୁ ମାତ୍ର। କିଏ ବନ୍ଦୀ କରିପାରିବ ମୋର ଅସୀମ ପ୍ରାଣସତ୍ତାକୁ? ଆଉ ଯଦି ଭାବୁ ଥାଅ ଯେ ମୁଁ ବନ୍ଦୀ, ତା'ହେଲେ ଚିରଦିନ, ଚିରକାଳ ମୁକ୍ତି ନାହିଁ ଏ ଅଧମ ଦେଶର,ଏ ଅଧମ ଜାତିର।" (ଦୃଶ୍ୟ-୧୬)

ବାସ୍ତବିକ ଦୂରଦ୍ରଷ୍ଟା ନାଟ୍ୟକାର ନୀଳାଦ୍ରିଭୂଷଣଙ୍କର ଏହି ନାଟକଟି ଏକାନ୍ତ ଯୁଗୋପଯୋଗୀ ଓ ବୈପ୍ଳବିକ ଚେତନାର ଜୀବନ୍ତ ପରିପ୍ରକାଶ। ଜଗନ୍ନାଥଙ୍କୁ ଜଗତର ନାଥ ଓ ମାନବ-ମୈତ୍ରୀର ଦେବତା କହି ତାଙ୍କୁ ଯେପରି ସଂକୀର୍ଣ୍ଣ ଗଣ୍ଡି ଭିତରେ ଆବଦ୍ଧ କରି ରଖାଯାଇଛି ତାହାର ବିରୋଧରେ ଏହା ଏକ ମୁକ୍ତ ଇସ୍ତାହାର। ଏବେ ରଥଯାତ୍ରା ଅବକାଶରେ ରଥ ଉପରକୁ ଚଢ଼ି ଜଗନ୍ନାଥଙ୍କୁ ଛୁଇଁବା/ନଛୁଇଁବାକୁ ନେଇ ଯେଉଁ ସବୁ ବାଦାନୁବାଦ, ହଟଚମଟ ସୃଷ୍ଟି ହୋଇଗଲା, ସେଥିରେ ରାଜନୀତି ଓ ପ୍ରଶାସନ ଯେପରି ସେବକଗୋଷ୍ଠୀଙ୍କୁ ସୁହାଇଲା ଭଳି ପଦକ୍ଷେପ ନେଲେ ତାହାକୁ ହୁଏତ ନାଟ୍ୟକାର ବହୁ ପୂର୍ବରୁ ଚିନ୍ତା କରିଥିଲେ, ଯାହା ତାଙ୍କର ଏହି ନାଟକରେ ପ୍ରତିଫଳିତ ହୋଇଛି। ନାଟ୍ୟକାରଙ୍କର ଏହି ବୈପ୍ଳବିକ ମାନବୀୟ ଦୃଷ୍ଟିକୋଣ ଯେ କେତେ ଯଥାର୍ଥ; ତାହା ସଚେତନ ବ୍ୟକ୍ତିମାତ୍ରେ ଉପଲବ୍ଧି କରିପାରିବେ।

॥ ୩ ॥

'ବନ୍ଦୀଶାଳାରେ ବିଶ୍ୱପତି'– ଏକ ପ୍ରତିବାଦଧର୍ମୀ ନାଟକ। ଏହାର ଉଦ୍ଦେଶ୍ୟ ଧର୍ମନାମରେ ଯାବତୀୟ ତୁଚ୍ଛତା ଓ ସଂକର୍ଣ୍ଣତାକୁ ପ୍ରଶ୍ରୟ ଦେଇ ବିଶ୍ୱପତି ଜଗନ୍ନାଥଙ୍କଠାରୁ ଭକ୍ତଙ୍କୁ ତଥା ଜନଗଣଙ୍କୁ ଦୂରେଇ ରଖିବା ଉଚିତ ନୁହେଁ। ଏହି ନାଟକରେ ନାଟ୍ୟକାର ଏତାଦୃଶ ସଂକୀର୍ଣ୍ଣତା ପାଇଁ ଦାୟୀ କରିଛନ୍ତି ପୂଜକ ଓ ସେବକ ଗୋଷ୍ଠୀଙ୍କୁ, ରାଜନୀତି ଓ ପ୍ରଶାସନକୁ। ଏ ନାଟକ ପରେ ପରେ ସେ ଯେଉଁ ଚାରିଖଣ୍ଡ ନାଟକରଚନା କରିଛନ୍ତି (ଅର୍ଦ୍ଧେକ ପୃଥିବୀ, ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା, ଅରଣ୍ୟର ଅଶ୍ରୁ ଓ ଅବ୍ୟକ୍ତ ଅନେକ) ସେସବୁ ମଧ୍ୟ ଏକ ଏକ ସାର୍ଥକ ପ୍ରତିବାଦଧର୍ମୀ ନାଟକ। ପୂର୍ବରୁ ସୂଚାଇ ଅଛୁ ଯେ ଯେଉଁ ଲେଖକ ସମାଜଓ ମଣିଷ ପ୍ରତି ଅଙ୍ଗୀକାରବଦ୍ଧ ସିଏ ସମାଜରେ ଦେଖାଯାଉଥିବା ଅନ୍ୟାୟ, ଅନୀତି ଓ ସ୍ୱେଚ୍ଛାଚାରର ମୁଖା ଉନ୍ମୋଚନ କରି ପ୍ରକୃତ ସାମାଜିକ ଓ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା ଦେବା ପାଇଁ ଆହ୍ୱାନ ଦେଇଥାଏ। ଲେଖକ ସମାଜର ଜଣେ ସଚେତନଶୀଳ

Digitized by srujanika@gmail.com

ସକ୍ରିୟ ସଦସ୍ୟ। ତା'ର ହୃଦୟ ଭିତରେ ସେ ଅନୁଭବ କରେ ସମାଜ-ମଣିଷମାନଙ୍କର ଦୁଃଖ ଓ ବେଦନାକୁ। ତାହାର କାରଣ ସେ ଅନୁସନ୍ଧାନ କରେ ଓ ଲେଖା ମାଧ୍ୟମରେ ସେ ମାର୍ଗ ଦର୍ଶାଏ। ଆଜିର ବସ୍ତୁବାଦୀ ଓ ଚାକିରିଜୀବୀ ସମାଜରେ ଭାଙ୍ଗି ଯାଉଛି ଏକାନ୍ନବର୍ତ୍ତୀ ପରିବାର। ଅର୍ଥବାଦ ଓ ଉପଭୋଗବାଦ ଏତେ ପ୍ରଭାବଶାଳୀ ହୋଇଯାଇଛି ଯେ ଗୋଷ୍ଠୀ-ସଂପର୍କ ଭାଙ୍ଗିଯାଇ ତାହା ସ୍ଥାନରେ ଏହି ନୂତନ ଅଭିଜାତ ବର୍ଗ କ୍ରମଶଃ ବ୍ୟକ୍ତିବାଦୀ ହୋଇଯାଉଛନ୍ତି। ବ୍ୟକ୍ତିବାଦୀ ବୃତ୍ତିରେ ବ୍ୟକ୍ତି ତାର ପତ୍ନୀ, ପୁତ୍ର ବା କନ୍ୟାକୁ ନେଇ ଏପରି ସ୍ୱାର୍ଥସର୍ବସ୍ୱ ପାଲଟି ଯାଇଛି – ଯେଉଁଠି ପିତା, ମାତା, ପ୍ରମୁଖ ପରିବାର ପ୍ରତି ସଂପୂର୍ଣ୍ଣ ଉଦାସୀନ ହୋଇଯାଉଛି। 'ଅର୍ଦ୍ଧେକ ପୃଥିବୀ' ନାଟକରେ ଏହି ସତ୍ୟକୁ ନାଟ୍ୟକାର ଦେଖାଇ ଦେଇ ଭ୍ରାନ୍ତ ଅହମିକାଗ୍ରସ୍ତ ପତ୍ନୀ ସରିତାର ଏକାନ୍ତ ଆତ୍ମକୈନ୍ଦ୍ରିକତା ଏବଂ ଏକମାତ୍ର କନ୍ୟାର ପାଠପଢ଼ାରେ ପ୍ରାଧାନ୍ୟ ଏବଂ ତାକୁ ଆଇ.ଏ.ଏସ୍. କରିବାର ସ୍ୱପ୍ନ, କିରାଣୀର ପୁତ୍ରର ପରୀକ୍ଷାରେ ସଫଳତାକୁ ସହି ନପାରି ଈର୍ଷା କରିବା, ଗାଆଁରେ ବିପତ୍ନୀକ ବୃଦ୍ଧ ଶ୍ୱଶୁରଙ୍କୁ ଦେଖା କରିବାକୁ ନଯିବା ଇତ୍ୟାଦି ଘଟଣାକୁ ଯେପରି ନାଟ୍ୟକାର ପ୍ରକାଶ କରିଛନ୍ତି, ସେହିପରି ଅପରପକ୍ଷରେ ଉଚ୍ଚପଦସ୍ଥ ସରକାରୀ ଅଫିସର ଅଭିଜିତ୍‌ଙ୍କର ଉଦାରତା ଓ ତଳିଆବର୍ଗର କର୍ମଚାରୀଙ୍କ ପ୍ରତି ସହାନୁଭୂତି, ଅବସରପ୍ରାପ୍ତ ବୃଦ୍ଧ ପିତାଙ୍କ ପ୍ରତି ଭକ୍ତି ଓ ଆକର୍ଷଣ, ଗାଆଁ ପ୍ରତି ମମତା ଇତ୍ୟାଦିକୁ ମଧ୍ୟ ଜୀବନ୍ତ ଭାବରେ ରୂପ ଦେଇଅଛନ୍ତି। ସରିତା ବଡ଼ଲୋକ ଓ ବଡ଼ ଅଫିସରର ଝିଅ। ଅଭିଜିତ୍ ଜନୈକ ଶିକ୍ଷକର ପୁଅ। ତେଣୁ ସରିତା ସ୍ୱାମୀଙ୍କୁ ବିଦ୍ରୂପ କରେ। ସେମାନଙ୍କ ଉକ୍ତି ପ୍ରତ୍ୟୁକ୍ତି କେତେ ଜୀବନ୍ତ ନିମ୍ନୋକ୍ତ ସଂଳାପରୁ ହୃଦୟଙ୍ଗ କରିହୁଏ :

ସରିତା : ତୁମେ ନିଜେ ଷ୍ଟାଟସ ବିଷୟରେ ସଚେତନ ନୁହଁ ବୋଲି ତ ତମର ସମ୍ମାନ ନାହିଁ। ମୁଁ କିନ୍ତୁ ଏ ବିଷୟରେ ବଡ଼ ପର୍ଟିକୁଲାର। କେମିତି ତୁମେ ତା' ଘରକୁ ଯିବାକୁ ରାଜି ହୋଇଗଲ କେଜାଣି ? ଆଶ୍ଚର୍ଯ୍ୟ ଲାଗୁଚି ମୋତେ।

ଅଭିଜିତ୍ : ଏଥିରେ ଆଶ୍ଚର୍ଯ୍ୟ ହେବାରେ କ'ଣ ଅଛି ?

ସରିତା : ନାଇଁ କିଛି ନାଇଁ, ତମ ପାଇଁ ତ କିଛି ନାଇଁ। ତୁମେ ଯାହା ହେଲେ ତ ଜଣେ ମାଷ୍ଟରର ପୁଅ। ଷ୍ଟାଟସ୍‌ର ମୂଲ୍ୟ ବୁଝିବ କୁଆଡୁ ?

ଅଭିଜିତ୍ : ହଉ ହେଲା, ତୁମେ ଏବେ ଅଫିସରର ଝିଅ। ମୁଁ ମାଷ୍ଟରର ପୁଅ। ଏଇ ମାଷ୍ଟରର ପୁଅ ହେବାଟା ହିଁ ମୋ ପାଇଁ ଗୌରବର ବିଷୟ। ତମ ଭଳି ମିଛ ଅହଂକାର ନେଇ ମୁଁ ଚଳିପାରିବିନି।

ସରିତା ଭ୍ରାନ୍ତ ଷ୍ଟାଟସ୍ ନେଇ ବ୍ୟସ୍ତ। କେବଳ ସିଏ ନୁହେଁ; ସାଂପ୍ରତିକ ସମୟରେ ପ୍ରତ୍ୟେକ ବସ୍ତୁବାଦୀ ମଣିଷ ଏପ୍ରକାର ଷ୍ଟାଟସ୍ ପାଇଁ ସଂଘର୍ଷରତ। ଅଭିଜାତ୍ ତାଙ୍କର

Digitized by srujanika@gmail.com

ଅଧସ୍ତନ କର୍ମଚାରୀଙ୍କ ଘରକୁ ଯାଇ ତାଙ୍କ ପୁତ୍ରର ଅଭିଜାତ ତାଙ୍କର ଅଧସ୍ତନ କର୍ମଚାରୀଙ୍କ ଘରକୁ ଯାଇ ତାଙ୍କ ପୁତ୍ରର ପରୀକ୍ଷାରେ ସଫଳତା ପାଇଁ ଅଭିନନ୍ଦନ ଜଣାଇବାକୁ ଆଧୁନିକା ପତ୍ନୀଙ୍କର ଅହଂକାରକୁ ବାଧା ଆସିଛି। ପତ୍ନୀ ଚାହିଁଛି କନ୍ୟା ଜିନିକୁ ଦିନକୁ ଦଶ ଘଣ୍ଟା ପଢ଼ିବାକୁ ହେବ। ଏପରି ମଣିଷ ଜାଣନ୍ତି ନାହିଁ ପିଲାଙ୍କୁ ଅତ୍ୟଧିକ ପାଠପଢ଼ାରେ ନିମଜ୍ଜିତ କରି ରଖିବାର କୁପରିଣାମକୁ। ଏହି ବସ୍ତୁବାଦୀ ଆଭିଜାତ୍ୟ ଲାଳସୀ ଶିକ୍ଷାତା ନାରୀ ସାହିତ୍ୟ ପାଠକୁ ଆଦୌ ପସନ୍ଦ କରନ୍ତି ନାହିଁ। ସାହିତ୍ୟ ଭିତରେ ଯେ ବିରାଟ ଜଗତକୁ ଦେଖି ହୁଏ। ଜୀବନର ରହସ୍ୟକୁ ଉପଲବ୍ଧି କରିହୁଏ ତାହା ଏମାନେ ଜାଣନ୍ତି ନାହିଁ। ତେଣୁ ସରିତା ତାର ଝିଅକୁ ସାହିତ୍ୟ ପାଠ ନପଢ଼ିବା ପାଇଁ ବାଧ କରିଛି। ଯେତେବେଳେ ଝିଅ ଜିନି କହିଛି ଗାଆଁରୁ ଜେଜେବାପାଙ୍କୁ ନେଇ ଆସିଲେ ସେ ତାକୁ ପାଠ ପଢ଼ାଇଦେବେ ସେତେବେଳେ ସରିତା ତାକୁ ବିରୋଧ କରିଛି। ସେ କହିଛି ମଫସଲ ଗାଆଁର ଜଣେ ରିଟାୟାର୍ଡ଼ ହେଡ୍‌ମାଷ୍ଟର ସହରରେ ବଢ଼ିଥିବା ଜଣେ ଅଭିଜାତ ବର୍ଗର ଝିଅକୁ ପାଠ ପଢ଼ାଇବା ଆଦୌ ଉଚିତ ନୁହେଁ। ସରିତା ତାର ଆଭିଜାତ୍ୟର ଅହଂକାରକୁ ନେଇ ନିଜ ଯୁକ୍ତିରେ ଅଟଳ। ସେ ଗୋଟାଏ ସଂକୀର୍ଣ୍ଣ ପରିଧି ଭିତରେ ରହି ପ୍ରକୃତ ମଣିଷଙ୍କୁ, ସମାଜକୁ ଓ ପରିବେଶକୁ ଦେଖିନି। ତାର ଅନୁଭବ ସୀମାବଦ୍ଧ। ନାଟ୍ୟକାର କେବଳ ଆଭିଜାତ୍ୟର ଅହଂକାର ବୃତ୍ତରେ ବନ୍ଦୀ ହୋଇଥିବା ନାରୀମାନଙ୍କ କଥା କହି ନାହାନ୍ତି ତତ୍‌ସହିତ ଶିକ୍ଷା କିପରି ଏକ ବ୍ୟବସାୟରେ ପରିଣତ ହୋଇଯାଇଛି, ଶିକ୍ଷକମାନେ ମୂଲ୍ୟବୋଧକୁ ଭୁଲି କିପରି ଅର୍ଥ ପଛରେ ଗୋଡ଼ାଇ ଟ୍ୟୁସନ କରିବାକୁ ଶ୍ରେୟ ମନେ କରୁଛନ୍ତି, କିପରି ଲାଞ୍ଚ ନେବାକୁ କେହି ଅପରାଧ ମନେ କରୁନାହାନ୍ତି, କିପରି ଡାକ୍ତର, ଇଞ୍ଜିନିୟର, ଅଫିସର ଓ ରାଜନେତା ସମସ୍ତେ ନିଜ ନିଜ ଉପାୟରେ ଶୋଷଣ କରିବାରେ ବ୍ୟସ୍ତ ଇତ୍ୟାଦି ନାନା ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି।

ଗୌରଗୋପାଳ ଥିଲେ ଜଣେ ଆଦର୍ଶ ପ୍ରଧାନ ଶିକ୍ଷକ। ତାଙ୍କ ପ୍ରତି ଗ୍ରାମର ଲୋକମାନଙ୍କର ଗଭୀର ଭକ୍ତି ଓ ଶ୍ରଦ୍ଧା। ପୁତ୍ର ଅଭିଜାତ ସହରରେ ପଦସ୍ଥ ଅଫିସର। ବୋହୂ ସରିତା ଗାଆଁକୁ ପସନ୍ଦ କରେ ନାହିଁ। ସେ ସ୍ୱାମୀ ସହିତ ସହରରେ ରହେ। କନ୍ୟା ଜିନିର ପାଠପଢ଼ାକୁ ନେଇ ଓ ନିଜର ଷ୍ଟାଟସ୍ ତିଆରି ପାଇଁ ସେ ବ୍ୟସ୍ତ। ଏଣେ ଗ୍ରାମରେ ଗୌରଗୋପାଳ ଦୁର୍ଘଟଣାଗ୍ରସ୍ତ ହୋଇ ଶଯ୍ୟାଶାୟୀ ହେଲେ। ବୟସ ହୋଇଗଲେ ପ୍ରତ୍ୟେକ ମଣିଷ ଚାହେଁ ତା'ର ପୁତ୍ର-କନ୍ୟା-ନାତି-ନାତୁଣୀକୁ ଦେଖିବା ପାଇଁ। ଅପରପକ୍ଷରେ ଆଧୁନିକା ପତ୍ନୀର ପ୍ରଭାବରେ ବିଚରା ପୁତ୍ର ବୃଦ୍ଧ ବାପାଙ୍କୁ ନିଜ ପାଖକୁ ନେଇ ପାରେନା, ତଥାପି ପାରମ୍ପରିକ ସଂସ୍କୃତିର ଅଶରୀରୀ ଆକର୍ଷଣରେ ପୁତ୍ରର ଦେଖାଦିଏ ଭାବାନ୍ତର। ରକ୍ତର ଆହ୍ୱାନକୁ ସେ ଏଡ଼ିଦେଇ ପାରେନା। ବାପାଙ୍କୁ ଦେଖିବାକୁ ସେ ଗାଆଁକୁ ଯାଏ।

Digitized by srujanika@gmail.com

ସାଙ୍ଗରେ' ମଧ୍ୟ ପତ୍ନୀ ସରିତା ଓ କନ୍ୟା ଜିନି ଯାଆନ୍ତି । ରୋଗ ଶଯ୍ୟାରେ ବାପାଙ୍କ ସହିତ ହୁଏ ଦିବ୍ୟମିଳନ । ବୃଦ୍ଧ ଗୌରଗୋପାଳ ନାତୁଣୀ ଜିନିକୁ ଅଶ୍ରୁଳ ନୟନରେ ଆଶୀର୍ବାଦ କରନ୍ତି । ପୁତ୍ର ଓ ପୁତ୍ରବଧୂଙ୍କୁ କହିଲେ – "ଆଜି କାଲିତ ଆଉ ପିଲାମାନଙ୍କ ଭିତରେ କଂପିଟେସନ ହେଉନି, କଂପିଟେସନ ହେଉଚି ବାପା-ମାଆମାନଙ୍କ ଭିତରେ । ଅହମିକା ସହିତ ଅହମିକାର ଲଢ଼େଇ । ସେଇ ଭିତରେ ବଳି ପଡ଼ିଯାଉଛି ଗୋଟିଏ ନିରୀହ ଶିଶୁ । ସେ ଶୈଶବ ଜାଣିଲା ନାହିଁ, କୈଶୋର ଜାଣିଲା ନାହିଁ ସୁନ୍ଦର ପୃଥିବୀକୁ ଟିକିଏ ମନଭରି ଦେଖିଲା ନାହିଁ, ନିର୍ମମ ଯାନ୍ତ୍ରିକତା ଭିତରେ ହଜିଗଲା ତା'ର ସ୍ୱଭାବ ସୁଲଭ ଚପଳାତା । ଏଥିପାଇଁ ଦାୟୀ କିଏ ? ତୁମ ପରି ନିଷ୍ଠୁର ବାପା-ମାଆମାନେ । ନିଜର ସନ୍ତାନକୁ ତୁମେ ମାନେ ତିଳ ତିଳ ହତ୍ୟା କରିଚାଲିଛି । ତୁମେମାନେ ହତ୍ୟାକାରୀ, ତୁମେମାନେ ଆତତାୟୀ । ତୁମେମାନେ ସଂସ୍କୃତିର ହତ୍ୟାକାରୀ, ମାନବିକତାର ହତ୍ୟାକାରୀ ।" ଅତି ବାସ୍ତବ ଭାବରେ ନାଟ୍ୟକାର ଗୌରଗୋପାଳଙ୍କ ସଂବାଦ ମଧ୍ୟ ଦେଇ ନିଜର ପ୍ରତିକ୍ରିୟାକୁ ହିଁ ପ୍ରକାଶ କରିଛନ୍ତି । ଆଜିର ଶିକ୍ଷା ଆଉ ମଣିଷ ତିଆରି କରୁନାହିଁ, ମଣିଷ ନାମରେ ଡାକ୍ତର, ଇଂଜିନିୟର, ଅଫିସର, ପୋଲିସ,ନେତା ସୃଷ୍ଟି କରୁଛି । ତେଣୁ ଏମାନଙ୍କର ମଣିଷ ସହିତ, ମାଟି ସହିତ ଓ ସଂସ୍କୃତି ସହିତ ସଂପର୍କ ରହୁନାହିଁ; ସଂପର୍କ ରହୁଛି ଅର୍ଥ ସହିତ, କ୍ଷମତା ସହିତଓ ଉପଭୋଗ ସହିତ । ଏହି ନାଟକରେ ନାଟ୍ୟକାର ମାର୍ମିକ ଭାବରେ ବାପା-ମାଆଙ୍କୁ ଯେପରି ଅର୍ଦ୍ଧେକ ପୃଥିବୀ ଭାବରେ ଚିନ୍ତା ପ୍ରକଟ କରି ସେହି ଅର୍ଦ୍ଧ ଜଗତ ସହିତ ପୁତ୍ର-କନ୍ୟା-ନାତି-ନାତୁଣୀଙ୍କୁ ମିଶାଇ ଏକ ପୂର୍ଣ୍ଣ ଜଗତର ପରିକଳ୍ପନା କରିଛନ୍ତି, ଯେପରି ଭ୍ରାନ୍ତ ଆଭିଜାତ୍ୟ ପ୍ରତି ତୀବ୍ର କଟାକ୍ଷ କରିଛନ୍ତି, ବିଦ୍ୟାକୁ ବ୍ୟାବସାୟୀକରଣ ନ କରି ତାହାକୁ ଛାତ୍ରଛାତ୍ରୀଙ୍କର ଆତ୍ମବିକାଶ ପାଇଁ ଯେପରି ମୁକ୍ତ କରିବାକୁ କହିଛନ୍ତି ଏବଂ ସର୍ବୋପରି ମଣିଷପଣିଆର ବିକାଶ ପାଇଁ ଯେପରି ଆହ୍ୱାନ ଦେଇଛନ୍ତି ତାହା ତାଙ୍କ ଜାତୀୟ ମାନସିକତାର ପରିଚୟ ଦେଇଥାଏ ।

'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା' ସଂପୂର୍ଣ୍ଣ ଏକ ଅଭିନବ ଶୈଳୀର ନାଟକ । ଏକକ ଚରିତ୍ରରେ ନାଟକଟି ତାର ବକ୍ତବ୍ୟକୁ ବେଶ୍ ପ୍ରାଣବନ୍ତ କରିଦେଇଛି । ଏହି ନାଟକ ସଂପୂର୍ଣ୍ଣ ଏକ ପରୀକ୍ଷାଧର୍ମୀ ଏବଂ ଏହାକୁ ଠିକଣା ନିର୍ଦ୍ଦେଶନା ଦେଇ ମଂଚସ୍ଥ କରାଯିବା କଷ୍ଟରେ । ଏହାର ବାର୍ତ୍ତା କିନ୍ତୁ ବେଶ୍ ଶାଣିତ ଓ ମାର୍ମିକ । ଅର୍ଥନୀତିରେ ଏମ୍.ଏ. ପ୍ରଥମ ଶ୍ରେଣୀରେ ପାଶ୍ କରିଥିବା ଦରିଦ୍ର ଯୁବକ ଜଣେ ବହୁ ସ୍ଥାନରେ ଇଣ୍ଟରଭ୍ୟୁ ଦେଇ ଚାକିରି ପାଇପାରିନାହିଁ ଏବଂ ଶେଷରେ କୃଷିକୁ ଜୀବିକା ଭାବରେ ଆଦରି ନେଇ ତା' ଛୋଟ ସଂସାରକୁ କୌଣସି ମତେ ଚଳାଇନେବାକୁ ଉଦ୍ୟମ କରିଛି । କୃଷିର ବିପର୍ଯ୍ୟୟ ହେତୁ ସେ ନିଜକୁ ଅସହାୟ ମନେ କରିଛି । ବାଣପୁର ନିକଟବର୍ତ୍ତୀ ଘଣ୍ଟଶିଳା ପାହାଡ଼ ଉପରକୁ

Digitized by srujanika@gmail.com

ଚଢ଼ି ଯାଇ ସେଇଠି ବସି ଚିନ୍ତା କରିଛି ଆତ୍ମହତ୍ୟା କରିବ ନା ଆଉ କ'ଣ ଉପାୟ ଖୋଜିବ। ସେ ଜାଣିଛି ଯେ ଦେଶରେ ଓ ରାଜ୍ୟରେ ଯେଉଁ ରାଜନୀତି ଚାଲିଛି ତାହା ଦରିଦ୍ର ଜନଗଣଙ୍କ କଲ୍ୟାଣ ନାମରେ ମାତ୍ର ସେହିମାନେ ହିଁ ଶୋଷିତ ଓ ଲାଞ୍ଛିତ ହେଉଛନ୍ତି। ଅଫିସର, ପୋଲିସ, ଡାକ୍ତର, ଇଂଜିନିୟର ସମସ୍ତେ ଲାଞ୍ଚ ଓ ଦୁର୍ନୀତି ଭିତରେ ବୁଡ଼ି ରହୁଛନ୍ତି। କୃଷି ଓ କୃଷକର ଉନ୍ନତି ପାଇଁ ଯୋଜନା ହେଉଛି ମାତ୍ର କୃଷକର ଭାଗ୍ୟ ପଥର ତଳେ। ଏହିପରି ବସି ଭାବୁଥିଲା ବେଳେ ପୋଲିସ ତାକୁ ଧରି ନେଇଛି ସନ୍ତ୍ରାସବାଦୀ ବୋଲି ମୋହର ଦେଇ। ଏଥର ସେ ରହିଛି କାରାଗାରର ଅନ୍ଧାରି କୋଠରିରେ ଜଣେ ବିଚାରାଧୀନ ବନ୍ଦୀ ଭାବରେ। ସେଇଠି ଥିଲା ବେଳେ ସେ କହିଛି ତା' ଜୀବନର କାହାଣୀ। ଏହା ତା' ବ୍ୟକ୍ତିଗତ ଜୀବନର କେବଳ ନୁହେଁ; ସମଗ୍ର ସାମାଜିକ ବ୍ୟବସ୍ଥାର ଓ ଦେଶର କାହାଣୀ। ସେ କହିଛି – "ସ୍ୱାଧୀନ ଭାରତ ବର୍ଷରେ କୃଷକମାନଙ୍କୁ ବିଭ୍ରାନ୍ତ କରି ରଖିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଗୋଟିଏ ଗୋଟିଏ କୃଷି ବିଭାଗ ଖୋଲିଛନ୍ତି। ତଦ୍ୱାରା ଯେ ଚାଷୀର ଉପକାର ହୁଏ, ସେ କଥା ଆଉ କେହି ହୁଏତ ଜାଣିଥିବ, ମୁଁ ଜାଣିନି କି ମୋ ଭଳି ଅନେକ ଚାଷୀ ବି ଜାଣନ୍ତିନି।" ଅତ୍ୟନ୍ତ ଅସହାୟ ହୋଇ ପଡ଼ିଥିବା ଶିକ୍ଷିତ ଯୁବକଟି ଘଣ୍ଟଶିଳା ପାହାଡ଼ ଉପରେ ଏକାକୀ ବସିଥିବା ବେଳେ ଗଣତନ୍ତ୍ରିକ ଦେଶର ପୋଲିସ ତାକୁ ଉଗ୍ରବାଦୀ କହି ବାନ୍ଧି ନେଇଯାଇଛି। ନାନା କଦର୍ଯ୍ୟ ଗାଳି ଦେଇଛି। ସିଏ ଯେ ଜଣେ ଦୁର୍ଦ୍ଦାନ୍ତ ଟେରରିଷ୍ଟ, ତାହା ପୋଲିସ ରେକର୍ଡ଼ରେ ଦରଜ ହୋଇଗଲା। ନିର୍ମମ ପ୍ରହାର ମଧ୍ୟ ଖାଇଲା। ପୋଲିସ କିପରି ତାର ଦାୟିତ୍ୱରୁ ମୁକ୍ତ ହୋଇ ସରକାରଙ୍କ ପାଖରେ ସୁନାପୁଅ ହେବାକୁ ଉଦ୍ୟମ କରେ ତାହାର ଏହା ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ଏହା ନାଟ୍ୟକାରଙ୍କର କଳ୍ପନା ନୁହେଁ। ଏହା ଯେ ଚରମ ସତ୍ୟ, ତାହା ଏବେ ଏବେ ଘଟିଯାଇଥିବା ଅନେକ ଘଟଣାରୁ ପ୍ରମାଣିତ ହୋଇପାରେ।

ବିଚରା ଯୁବକ ବନ୍ଦୀ ଜଣକ ନିଜର ଦୁଃଖକୁ ପ୍ରକାଶ କରିବା ସହିତ ଦେଶରେ ଓ ସମାଜରେ ଚାଲିଥିବା ଆଖିବୁଜା ଦୁର୍ନୀତି ବିଷୟରେ କହିଛି – "ଦେଖୁଛନ୍ତି ତ କେତେ କ୍ଷମତାଶାଳୀ ନେତା, ପ୍ରଶାସକ କୋଟି କୋଟି ଟଙ୍କାର ଦୁର୍ନୀତି କରି, ଶହ ଶହ ନରହତ୍ୟା କରି, ନାରୀ ଧର୍ଷଣ କରି କେମିତି ଛାତି ଫୁଲେଇ ବୁଲିଛନ୍ତି। ଅର୍ଥବଳରେ ଲୋକଙ୍କ ଭୋଟକିଣି ଥରକୁ ଥର ମନ୍ତ୍ରୀ ସିଂହାସନରେ ବସି ଶାସନ କରୁଛନ୍ତି। ଦେଶବାସୀ ତାଙ୍କର ମୂଲ୍ୟବାନ କଥାକୁ ଅମୃତ ଆସ୍ୱାଦନ ଭାବି ପିଇ ଯାଉଛନ୍ତି। ଦିଗ ବିଦିଗରେ ତ ଆଜି ଦୁର୍ନୀତିର ଜୟଯାତ୍ରା।" ପୋଲିସ ଆଜି ଲୋକଙ୍କ ବନ୍ଧୁ ନୁହେଁ। ସେ ଆଜି ପାଲଟିଯାଇଛି ଦାୟିତ୍ୱହୀନ ଓ ବିବେକହୀନ। ତେଣୁ କେତେ ନିର୍ଦ୍ଦୋଷ ବ୍ୟକ୍ତି ତାଙ୍କ ଦୃଷ୍ଟିରେ ଅଯଥାରେ ଆତଙ୍କବାଦୀ ତାଲିକାରେ ବନ୍ଧା ହୋଇ ଜେଲ ଭୋଗୁଛନ୍ତି। ଏ ଦେଶରେ ସମସ୍ତେ ଆଇନ

Digitized by srujanika@gmail.com

ଦ୍ୱାରା ଶାସିତ ହୁଅନ୍ତି ନାହିଁ। ଏଠି ଭୋଟ ପାଇଁ ଭିନ୍ନ ଭିନ୍ନ ସଂପ୍ରଦାୟ ପାଇଁ ଭିନ୍ନ ଭିନ୍ନ ଆଇନ୍। ବନ୍ଦୀଟି କହିଛି – "ଧର୍ମକୁ ଆଖିଠାର ଭଳି ପୋଲିସ ଯଦି ଆତଙ୍କବାଦୀ ନାଁରେ ମୋ ପରି କେତୋଟି ଅଧମଙ୍କୁ ବନ୍ଦୀ ନକରିବ, ତେବେ ଆସେମ୍ବ୍ଲିରେ କି ପାର୍ଲାମେଣ୍ଟରେ ପ୍ରଶ୍ନ ହେଲେ କି ଉତ୍ତର ଦିଆଯିବ। ବର୍ତ୍ତମାନ ଦମ୍ଭର ସହିତ କହିହେବ, ଆମେ ବହୁ ଆତଙ୍କବାଦୀଙ୍କୁ ବନ୍ଦୀ କରି ରଖିସାରିଛୁ। ଏଥର ଆତଙ୍କବାଦ କମିଯିବ ମନକୁ ମନ।"

ଯେପରି ଭାବରେ ନାଟ୍ୟକାର ଶିକ୍ଷିତ ବେକାର ସମସ୍ୟା, କୃଷି ଓ କୃଷକ ସମସ୍ୟା, ଦେଶରେ ସବୁ ସ୍ତରରେ ଦୁର୍ନୀତି ବୃଦ୍ଧିଜନିତ ସମସ୍ୟା, ସନ୍ତ୍ରାସବାଦୀଙ୍କୁ ଧରିବା ନାମରେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଧରି ଦଣ୍ଡ ଦେବାର ସମସ୍ୟା, ଆଇନ ସମସ୍ୟା ଇତ୍ୟାଦି ପ୍ରତି ଏହି ନାଟକରେ ଦୃଷ୍ଟି ଆକର୍ଷଣ କରିଛନ୍ତି ଏବଂ ଏହା ଭିତରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି ତାହା ତାଙ୍କର ସାମାଜିକ ଅବବୋଧର ଯଥାର୍ଥ ପରିଚୟ ଦେଇଥାଏ।

'ଅରଣ୍ୟର ଅଶ୍ରୁ' ନାଟକଟି ମହାଭାରତ ଯୁଗରୁ ଏ କାଳ ପର୍ଯ୍ୟନ୍ତ ଲମ୍ବି ଆସିଥିବା ନିରୀହ ଆଦିବାସୀମାନଙ୍କର ବିସ୍ଥାପିତ ସମସ୍ୟାକୁ ଆଧାର କରି ରଚିତ। ନାଟ୍ୟକାର ଅତି ସଚେତନ ଭାବରେ ଏହି ସମସ୍ୟାକୁ ଉତ୍‌ଥାପନ କରି ଆଦିବାସୀଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ଅଛନ୍ତି। ଏହା ମଧ୍ୟ ଦଳିତ ନିଷ୍ପେଷିତ ବର୍ଗର ନିରୁଦ୍ଧ କଣ୍ଠସ୍ୱରର ପରିପ୍ରକାଶ ପାଇଁ ଏକ ପ୍ରତିବାଦଧର୍ମୀ ନାଟକ। କାଳେ କାଳେ ଶାସକ ବର୍ଗ ଦଳିତ ନିଷ୍ପେଷିତମାନଙ୍କୁ ସେନା ଦ୍ୱାର ବିସ୍ଥାପିତ କରେ। ଏବେ ଗାଣତାନ୍ତ୍ରିକ ଦେଶରେ ମଧ୍ୟ ସେମାନଙ୍କୁ ବିସ୍ଥାପିତ କରାଯାଇ ସେଠାରେ ଜଙ୍ଗଲ ଧ୍ୱଂସ କରି ବଡ଼ ବଡ଼ କାରଖାନା ବସାଯାଉଛି। ପ୍ରତିବାଦ କଲେ ସେମାନଙ୍କୁ ବନ୍ଧୁକ ମୂନରେ ମାରି ଦିଆଯାଉଛି। ଶାସକ ବର୍ଗ କେବେହେଲେ ବିବେକୀ ମଣିଷଙ୍କର କଥା ଶୁଣନ୍ତି ନାହିଁ। ବରଂ ସେମାନଙ୍କୁ ଭର୍ତ୍ସନା କରନ୍ତି। ମହାଭାରତ ଯୁଗରେ ଏପରି ଏକ ଘଟଣା ଘଟିଥିଲା ଯେତେବେଳେ କ୍ଷମତାମଦମତ୍ତ ଶାସକ ଗୋଷ୍ଠୀର ପ୍ରତିନିଧି ଦୁର୍ଯ୍ୟୋଧନ ଏବଂ ତାଙ୍କ ସହଯୋଗୀଙ୍କର ବାରୁଣାବନ୍ତର ଘନ ଜଙ୍ଗଲ ଭିତରେ ଅସ୍ତ୍ରଶସ୍ତ୍ର ନିର୍ମାଣ କାରଖାନା ଆଦେଶ ପ୍ରଚାରିତ ହେଲା। ଜାରାଙ୍କ ନେତୃତ୍ୱରେ ଆଦିବାସୀମାନେ ଆସିଥିଲେ ମହାତ୍ମା ବିଦୁରଙ୍କ ନିକଟକୁ ଦୁଃଖ ଜଣାଇବା ପାଇଁ। ବିଦୁର ମଧ୍ୟ ଅନ୍ନଦାସ। ତେଣୁ ତାଙ୍କର ବିବେକ ବାଣୀକୁ ଶୁଣିବ କିଏ? କ୍ଷମତାନ୍ଧ ମାନେ କ'ଣ ବିବେକ କଥା ଶୁଣନ୍ତି? ରାଜା ତ କାଳେ କାଳେ ଅନ୍ଧ ଠିକ୍ ଧୃତରାଷ୍ଟ୍ରଙ୍କ ପରି। ସେ ମୋହଗ୍ରସ୍ତ। ବିଦୁର ଯେତେ ଦୁର୍ଯ୍ୟୋଧନ ଓ ଶକୁନି ଆଦିଙ୍କୁ ବୁଝାଇଛନ୍ତି ସେମାନେ ତାଙ୍କ କଥାକୁ ଶୁଣି ନାହାନ୍ତି। ବରଂ ଶକୁନି ତାଙ୍କୁ ଅନ୍ନଦାସ କହି କଟୂକ୍ତି କରିଛି। ଏବେ ମଧ୍ୟ ସରକାରୀ ଅଫିସରବୃନ୍ଦ ସରକାରଙ୍କ ଅନ୍ନଦାସ। ସେମାନଙ୍କର ସ୍ୱାଧୀନତା ନାହିଁ ବିବେକାନୁସାରେ କାର୍ଯ୍ୟ କରିବା ପାଇଁ। ସେମାନେ ଆଦେଶର ବାହକ ମାତ୍ର।

Digitized by srujanika@gmail.com

ଆଦିବାସୀମାନେ ସଂଗଠିତ ହୋଇଛନ୍ତି ରାଜାର ଅନ୍ୟାୟ ଆଦେଶକୁ ବିରୋଧ କରିବା ପାଇଁ। ଦରକାର ହେଲେ ରାଜଶକ୍ତି ବିରୋଧରେ ଯୁଦ୍ଧ କରି ଅଧିକାର ସାବ୍ୟସ୍ତ କରିବା ପାଇଁ। ସେଦିନ ମହାଭାରତରେ ଆଦିବାସୀ ଶବରମାନେ ଦୁର୍ଯ୍ୟୋଧନଙ୍କ ରାଜ ଶକ୍ତି ବିରୋଧରେ ରକ୍ତାକ୍ତ ସଂଘର୍ଷ କରି ପରାଜିତ ହୋଇ ନିଜର ଭିଟାମାଟି ଛାଡ଼ି ଚାଲିଗଲେ। ତାହାର ପୁନରାବୃତ୍ତି ଘଟିଛି ଦଣ୍ଡକାରଣ୍ୟରେ ଆଦିମ ଅଧିବାସୀଙ୍କୁ ବିସ୍ଥାପିତ କରାଯାଇ ବାହାର ଦେଶର ଶରଣାର୍ଥି ମାନଙ୍କୁ ସେହି ଜାଗାରେ ରଖିବା ଘଟଣାକୁ ନେଇ। ସ୍ୱାଧୀନ ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜିଲ୍ଲାପତି ବନବାସୀମାନଙ୍କୁ ସେହି ସ୍ଥାନ ଛାଡ଼ି ଚାଲିଯିବାକୁ ଆଦେଶ ଦେଇଛନ୍ତି। କଳିଙ୍ଗ ସମ୍ରାଟଙ୍କ ଆଦେଶକୁ ଜିଲ୍ଲାପତି ମାନିବାକୁ ବାଧ। ଶରଣାର୍ଥିଙ୍କ ପାଇଁ ନୂତନ ଘର ଯୋଗାଇ ଦିଆଯିବ, ସ୍ୱାସ୍ଥ୍ୟ ଓ ଶିକ୍ଷାର ବ୍ୟବସ୍ଥା କରିବାକୁ ହେବ। ଆଦିବାସୀମାନଙ୍କୁ ହଟାଇ ସେହି ସେହି ସ୍ଥାନରେ କଳକାରଖାନା ବସାଇବାକୁ ହେବ। ଏ ନାଟକରେ ମଧ୍ୟ ନାଟ୍ୟକାର ସରଳ ଆଦିବାସୀ ଜନଗଣଙ୍କ ଭିତରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି।

ଆଦିବାସୀ ଯୁବକ କହିଛି – "ବଡ଼ କ୍ରୋଧ ଆସୁଛି ମନ ଭିତରେ। କାହିଁକି ଆମେ ଏ ଅବିଚାରକୁ ଯୁଗ ଯୁଗ ଧରି ସହୁଥିବା? କାହିଁକି ଆମେ ନିର୍ଜୀବ କାଠଗଣ୍ଡିଟେ ଭଳିପଡ଼ି ରହିଥିବା? ଆମକୁ ଯୁଆଡ଼େ ଗଡ଼େଇ ଦେଲେ ସିଆଡ଼େ ଗଡ଼ି ଯାଉଥିବା। ଆମ ଦେହରେ କ'ଣ ରକ୍ତ ନାହିଁ?" ଆଦିବାସୀମାନେ ପ୍ରତିବାଦ କରିଛନ୍ତି, ସଂଗ୍ରାମ କରିଛନ୍ତି ମାତ୍ର ସରକାରଙ୍କ ସେନାଙ୍କ ଗୁଳି ଆଗରେ ମୃତ୍ୟୁବରଣ କରିଛନ୍ତି। ନାଟ୍ୟକାର ତେଣୁ କହନ୍ତି: "ଶାସକ ହୃଦୟରେ କେବେ ବି ସଂବେଦନା ସୃଷ୍ଟି ହୋଇନି ସେମାନଙ୍କ ପାଇଁ। ଚିରଦିନ ସେମାନେ ହୋଇ ଆସିଛନ୍ତି ପ୍ରବଂଚନାର ଶିକାର। ବାରମ୍ବାର ବିତାଡ଼ିତ ହୋଇଛନ୍ତି ଗଭୀରତର ଅରଣ୍ୟ ଭିତରକୁ। ପ୍ରତିରୋଧ କରିବାକୁ ଯାଇ ବାରମ୍ବାର ସେମାନେ ହୋଇଛନ୍ତି କ୍ଷତ ବିକ୍ଷତ, ଅତ୍ୟାଚାରିତ। ସଭ୍ୟତାର ଆଲୋକରୁ ବଂଚିତ ଏଇ ନିରୀହ ଲୋକଙ୍କ ନିର୍ଯ୍ୟାତନାର କାହାଣୀ କେବେ କ'ଣ କାହାରି ହୃଦୟରେ ରେଖାପାତ କରିବନି?"

ନାଟ୍ୟକାର ବଡ଼ ସଚେତନ ଗାଣତନ୍ତ୍ରିକ ଭାରତ ବର୍ଷର ପ୍ରାଶାସନିକ ବ୍ୟବସ୍ଥାର ହିପୋକ୍ରାସି ବିଷୟରେ। ଏ ଶାସନ ବଡ଼ଲୋକଙ୍କ ପାଇଁ, ଶିଳ୍ପପତିମାନଙ୍କ ପାଇଁ;ଗରିବଙ୍କ ପାଇଁ ନୁହେଁ, ଅରଣ୍ୟରେ ବାସ କରୁଥିବା ଆଦିବାସୀମାନଙ୍କ ପାଇଁ ନୁହେଁ। ସେମାନଙ୍କ ନାଁରେ ଶାସନ ଚାଲେ ମାତ୍ର ସେମାନେ ହୁଅନ୍ତି ବଂଚିତ ଓ ବିସ୍ଥାପିତ। ସେମାନଙ୍କ ଅଶ୍ରୁ ସମ୍ରାଟ ଓ ଶାସକମାନଙ୍କ ହୃଦୟକୁ ଛୁଇଁ ପାରେ ନାହିଁ। କାଳେ କାଳେ ଅରଣ୍ୟବାସୀ ଅଶ୍ରୁ ଗଡ଼ାନ୍ତି; ଏବେ ମଧ୍ୟ ଗଡ଼ାଉଛନ୍ତି। ଏ ନାଟକ ମଧ୍ୟ ଲେଖକଙ୍କ ହୃଦୟର ଏକ ପ୍ରତିବାଦଧର୍ମୀ ନାଟକ।

Digitized by srujanika@gmail.com

'ଅବ୍ୟକ୍ତ ଅନେକ' ନାଟକରେ ନାଟ୍ୟକାର ଜଣେ ଲେଖକର ଅବ୍ୟକ୍ତ ବେଦନାକୁ ମର୍ମସ୍ପର୍ଶୀ ଭାବରେ ଉଲ୍ଲେଖ କରିଛନ୍ତି। ସୁତନୁ ଜଣେ ଲେଖକ। ସେ ତାର ପାଣ୍ଡୁଲିପିକୁ ନେଇ ପ୍ରକାଶକମାନଙ୍କୁ ପାଖକୁ ଯାଇ ନିରାଶରେ ଫେରି ଆସିଛି। ସେ ପ୍ରକାଶକମାନଙ୍କଠାରୁ ଶୁଣିଛି ଯେ ଯେଉଁମାନେ ବଡ଼ ବଡ଼ ପଦପଦବିରେ ଅଛନ୍ତି, ଯେଉଁମାନେ ସେମାନଙ୍କ ପୁସ୍ତକର ବିକ୍ରି ବ୍ୟବସ୍ଥା କରି ଦିଅନ୍ତି ସେମାନଙ୍କର ପୁସ୍ତକ ସେମାନେ ଛାପନ୍ତି। ଅନ୍ୟମାନେ ଟଙ୍କା ଦେଲେ ସେମାନେ ଛାପି ଥାଆନ୍ତି। ତାଙ୍କର ପତ୍ନୀ ସୁରଭି ତାଙ୍କୁ କହିଛି – "ଯାହା ପାଖରେ ପଇସା ସମାଜରେ ତା'ର ପ୍ରତିଷ୍ଠା। ବ୍ୟବସାୟୀଟିଏ ମୂର୍ଖ ହେଲେ ବି ସବୁ ସ୍ତରରେ ଲୋକଙ୍କ ସମ୍ମାନ ପାଉଛି। ବୁଦ୍ଧିଜୀବୀମାନେ ବି ସେମାନଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରିବାକୁ ତାଙ୍କୁ ନିମନ୍ତ୍ରଣ କରିଛନ୍ତି। ଏଇତ ବାସ୍ତବତା।" ଆଜିର ଏହି ଟଙ୍କାନାଥଙ୍କ ଯୁଗରେ ବିଚରା ନିର୍ଦ୍ଧନ ଲେଖକଟିଏ କ'ଣ କରିପାରିବ? ଶେଷରେ ସେ ତାର ପାଣ୍ଡୁଲିପିକୁ ଅର୍ଥ ବିନିମୟରେ ଜନୈକ ପ୍ରଯୋଜକକୁ ଦେଇ ଦେଇଛି, ଯେଉଁଥିରେ ତା'ର ନାମ ରହିବ ନାହିଁ। ଏହା ତା'ର ମନ ଭିତରେ ସୃଷ୍ଟି କରିଛି ତୀବ୍ର ପ୍ରତିକ୍ରିୟା। ତାଙ୍କର ମନେ ହୋଇଛି ସେ ପୁରୁଷ ହେବାକୁ ଯାଇ କାପୁରୁଷ ପାଲଟି ଯାଇଛି। ସେ ଚିନ୍ତା କରିଛ – "ଗୋଟିଏ ମୁହୂର୍ତ୍ତରେ କ'ଣ ସବୁ ଘଟିଗଲା ମୁଁ ଭାବିପାରିଲିନି, ଗୋଟିଏ ମୁହୂର୍ତ୍ତରେ ବିକ୍ରିକରି ଦେଲି ମୋର ବ୍ୟକ୍ତିତ୍ୱକୁ, ମୋର ନୀଳ ସରସ୍ୱତୀଙ୍କୁ। ବିକ୍ରି କରି ଦେଲି ମୋର ଜନ୍ମିତ ସନ୍ତାନକୁ।" ବାସ୍ତବିକ ଆଜିର ପୁସ୍ତକ ବିପଣିରେ ପ୍ରକାଶକମାନେ ସର୍ବେସର୍ବା। ସେଠି ଅଛି ପଦବି ଓ କ୍ଷମତାଧାରୀଙ୍କ କାଟତି। ଯାହା ଲେଖିଲେ ମଧ୍ୟ ସେମାନଙ୍କ ବହି ପ୍ରକାଶ ପାଏ। ହେଲେ ପ୍ରକୃତ ଲେଖକଟିଏ ଅର୍ଥାଭାବ ଓ ପଦବି ଅଭାବରୁ ବଂଚିତ ହୁଏ। ଲେଖକର ଏହି ବେଦନାବୋଧକୁ ନାଟ୍ୟକାର ଏହି ନାଟକରେ ଦର୍ଶାଇ ଦେବା ସଂଗେ ସଂଗେ ସଂପ୍ରତି ପୁସ୍ତକ ବିପଣିରେ ଯେଉଁ ଲୋକଦେଖାଣିଆ ମନୋଭାବ ଦେଖା ଦେଇଛି ତାହା ପ୍ରତି ପ୍ରକାଶ କରିଛନ୍ତି ନୀରବ ପ୍ରତିବାଦ।

॥ ୪ ॥

ନାଟ୍ୟକାର ନୀଳାଦ୍ରିଭୂଷଣଙ୍କର ଅନ୍ୟ ଦୁଇଟି ନାଟକ ହେଉଛି 'ଭାରତୀ କୁନ୍ତଳା' ଓ 'ସରସ୍ୱତୀ ନଗେନ୍ଦ୍ରବାଳା'। ଏହି ଦୁଇଟି ନାଟକ ଦୁଇଜଣ ପ୍ରଥିତଯଶା ଲେଖିକାଙ୍କୁ ନେଇ, ଜଣେ ଓଡ଼ିଶାର କୁନ୍ତଳାକୁମାରୀ ସାବତ, ଅନ୍ୟ ଜଣେ ବଙ୍ଗଳାର ନଗେନ୍ଦ୍ରବାଳା ସରସ୍ୱତୀ। ଏହି ନାଟକ ଦୁଇଟି 'ଝଙ୍କାର' ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଅର୍ଜନ କରିଥିଲା। ଉଭୟ ନାରୀ ପ୍ରତିଭାମୟୀ, ମହୀୟସୀ, ପ୍ରେମଶୀଳା। ନାଟ୍ୟକାରଙ୍କ ହୃଦୟକୁ ଏହି ଦୁଇ ନାରୀଙ୍କର ବ୍ୟକ୍ତିତ୍ୱ ଗଭୀର ଭାବରେ ସ୍ପର୍ଶ କରିଛି। ତେଣୁ ସେ

Digitized by srujanika@gmail.com

ରଚନା କରିଛନ୍ତି ବ୍ୟକ୍ତି-ଜୀବନଧର୍ମୀ ଦୁଇଟି ନାଟକ । 'ଭାରତୀ କୁନ୍ତଳା' ନାଟକର ପ୍ରାଗ୍‌ଭାଷରେ ନାଟ୍ୟକାର କହନ୍ତି – "କୁନ୍ତଳାକୁମାରୀ ! ଏକ ମାନସିକ ସଂଘର୍ଷର ନାମ କୁନ୍ତଳାକୁମାରୀ । ଗୋଟିଏ ଦିଗରେ ଜାତିପାଇଁ କଠୋର କର୍ତ୍ତବ୍ୟବୋଧ, ଅନ୍ୟ ଦିଗରେ ପ୍ରିୟତମ ନିକଟରେ ନିଜକୁ ସମର୍ପଣ କରିଦେବାର ପ୍ରବଳ ଅଭୀପ୍‌ସା । କେତେବେଳେ ଓଡ଼ିଆ ଜାତିର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ଗଭୀର ଆଶାବାଦୀ ତ କେତେବେଳେ ପ୍ରଣୟଜନିତ ଅଶ୍ରୁ ଓ ହତାଶାରେ ବିପର୍ଯ୍ୟସ୍ତ । ଅପ୍ରାପ୍ତିର ଇତିହାସକୁ ଛାତିରେ ଧରି ଅକାଳରେ ଝରି ପଡ଼ିଥିବା ଏହି ନାରୀଙ୍କର ବ୍ୟଥାମୟ କରୁଣ କାହାଣୀ ହେଉଛି ଏ ନାଟକ 'ଉତ୍କଳ ଭାରତୀ କୁନ୍ତଳା କୁମାରୀ' । ଚକ୍ରଧର ମହାପାତ୍ରଙ୍କ ରଚିତ 'କୁନ୍ତଳା କୁମାରୀ ଜୀବନ ଚରିତ' ପୁସ୍ତକ ହିଁ ତାଙ୍କୁ ପ୍ରେରଣା ଦେଇଛି ଏହି ନାଟକ ରଚନା ପାଇଁ ।

କୁନ୍ତଳାକୁମାରୀ ଡାକ୍ତର । ଓଡ଼ିଆ ଭାଷା ପ୍ରତି ଗଭୀର ଶ୍ରଦ୍ଧାଶୀଳା । ଉତ୍କଳର ଉନ୍ନତି ତାଙ୍କର ଲକ୍ଷ୍ୟ । ସେ ମଧ୍ୟ କବି ଓ ଔପନ୍ୟାସିକା । ଜଣେ ସାରସ୍ୱତ ସାଧିକା ଭାବରେ ସେ ସୁଖ୍ୟାତ । ତାଙ୍କୁ କନ୍ୟା ପରି ଭଲ ପାଆନ୍ତି ଭାଷାକୋଷ ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ, 'ଉତ୍କଳ ସାହିତ୍ୟ' ପତ୍ରିକାର ସଂପାଦକ ବିଶ୍ୱନାଥ କର । ପଲ୍ଲୀକବି ନନ୍ଦକିଶୋର ବଳଙ୍କର ତାଙ୍କର ପ୍ରତି ଗଭୀର ସ୍ନେହ । ସେ ଉତ୍କଳ ଭାରତୀ ସମ୍ମାନରେ ସମ୍ମାନିତା । ପିତା ଦାନିଏଲଙ୍କ ଅବହେଳା ସତ୍ତ୍ୱେ ସେ ତାଙ୍କର ଜେଜେମାଆ ଓ ମାଆଙ୍କ ସ୍ନେହରେ ନିଜକୁ ଗଢ଼ିଛନ୍ତି । ଦେଶସେବା ଓ ମାତୃଭାଷା ସେବାକୁ ଜୀବନର ବ୍ରତ କରି ନେଇଛନ୍ତି । ଏସବୁ ସତ୍ତ୍ୱେ ସେ ନାରୀ । ନାରୀତ୍ୱର ଦୁର୍ବାର ଆକାଂକ୍ଷା ତାଙ୍କୁ ବିବାହ ବନ୍ଧନରେ ବାନ୍ଧି ହେବାକୁ ଅନୁପ୍ରେରିତ କରିଛି, ଚାହିଁଛନ୍ତି ମଧ୍ୟ ମାଆଟିଏ ହେବାକୁ । ତେଣୁ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କୁ ସେ ଭଲ ପାଇଛନ୍ତି ଓ ତାଙ୍କୁ ବିବାହ କରିବାକୁ ଚାହିଁଛନ୍ତି । ମାତ୍ର ସେ ଖ୍ରୀଷ୍ଟିୟାନ । କୈଳାସ ହିନ୍ଦୁ ଓ ବିବାହିତ । କୈଳାସ ତାଙ୍କୁ ମନା କରିଛନ୍ତି ବାରମ୍ବାର । ତାଙ୍କର କବିତ୍ୱକୁ ସମ୍ମାନ ଜଣାଇଛନ୍ତି । ତାଙ୍କୁ ସରସ୍ୱତୀ କୁନ୍ତଳାକୁମାରୀ ଭାବରେ ଦେଖିବାକୁ ଚାହିଁଛନ୍ତି । ମାତ୍ର କୁନ୍ତଳା ଚାହିଁଛନ୍ତି ପତ୍ନୀତ୍ୱ । କୈଳାସ ଧର୍ମଗତ ପ୍ରାଚୀରକୁ ଭାଙ୍ଗିବା ପାଇଁ ଅସମର୍ଥ । ସମାଜ, ପରିବାର ଓ ଧର୍ମ ନିକଟରେ ସେ ଦୁର୍ବଳ ଓ ଅସହାୟ । କୁନ୍ତଳା ଚାହିଁଛନ୍ତି ବ୍ରାହ୍ମଧର୍ମ ଗ୍ରହଣ କରିବାକୁ ମାତ୍ର ନନ୍ଦକିଶୋର ତାଙ୍କୁ ମନା କରିଛନ୍ତି । ସେ କିନ୍ତୁ କୈଳାସଙ୍କୁ କହିଛନ୍ତି – "ଯଦି ମୁଁ ଈପ୍‌ସିତ ପତ୍ନୀତ୍ୱ ପାଇପାରିବି ନାହିଁ, ଈପସିତ ମାତୃତ୍ୱ ପାଇପାରିବି ନାହିଁ, ଶିଶୁର ସ୍ୱର୍ଗୀୟ ବିମଳ ହସ, ଶିଶୁର ଦରୋଟି ବଚନରେ ନେତ୍ର-କର୍ଣ୍ଣକୁ ପବିତ୍ର କରିପାରିବି ନାହିଁ, ତେବେ ଏ ଜୀବନରେ ମୂଲ୍ୟ କ'ଣ ?"

କୁନ୍ତଳା ଚାହିଁଛନ୍ତି ପରିପୂର୍ଣ୍ଣା ନାରୀ ଭାବରେ ବଂଚିବାକୁ ମାତ୍ର ସେ ତାହା ହୋଇପାରି ନାହାନ୍ତି । ତାଙ୍କର ନାରୀତ୍ୱ ଆକୁଳ ହାହାକାର କରି ଉଠିଛି ପ୍ରତିମୁହୂର୍ତ୍ତରେ । କୈଳାସଙ୍କ

Digitized by srujanika@gmail.com

ପତ୍ନୀ ତୁଳସୀ ହୁଏ ତ ତାଙ୍କ ମଥାରେ ସିନ୍ଦୂର ଲଗାଇ ତାଙ୍କୁ ନିଜର ଭଉଣୀ ଭାବରେ ଗ୍ରହଣ କରି ନେଇଛନ୍ତି ଏବଂ ତାଙ୍କ ସ୍ୱାମୀଙ୍କର ସେ ପତ୍ନୀ ହେବେ ବୋଲି ସ୍ୱୀକୃତି ଦେଇଛନ୍ତି ମାତ୍ର କୈଳାସ ତାଙ୍କୁ ପତ୍ନୀତ୍ୱର ମର୍ଯ୍ୟାଦା ଦେଇ ନାହାନ୍ତି। ଏଥର କୁନ୍ତଳା ଆର୍ଯ୍ୟ ସମାଜରେ ମିଶିଛନ୍ତି ଏବଂ ଆର୍ଯ୍ୟ ସମାଜୀ କୃଷ୍ଣମୋହନଙ୍କୁ ବିବାହ କରିଛନ୍ତି। ଅଥଚ କୃଷ୍ଣମୋହନ କୁନ୍ତଳାଙ୍କର ଲୋକସେବା, ସମାଜସେବା, ରୋଗୀସେବା ଓ ସାହିତ୍ୟ ସେବାକୁ ପସନ୍ଦ କରିନାହାନ୍ତି। ସେ ଅର୍ଥବାଦୀ ମଣିଷ। ପ୍ରେମର ମୂଲ୍ୟ ସେ ବୁଝେ ନାହିଁ। ସାହିତ୍ୟର ମହତ୍ତ୍ୱ ଜାଣେ ନାହିଁ। ସେ ଦେଶସେବା ଓ ଲୋକସେବାକୁ ପସନ୍ଦ କରେନାହିଁ। କୁନ୍ତଳା କେଉଁ ସାହିତ୍ୟ ସଭାକୁ ଯାଆନ୍ତି; ସେ ଚାହେଁ ନାହିଁ। ନାରୀ-ସ୍ୱାଧୀନତାର ସେ ବିରୋଧୀ। କୁନ୍ତଳାଙ୍କର ମୋହ ଭଙ୍ଗ ହୋଇଛି। ବୈବାହିକ ଜୀବନ ତାଙ୍କୁ ବିଷମୟ ମନେ ହୋଇଛି। ଅବଶେଷରେ ତାଙ୍କର ହୋଇଛି କରୁଣ ମୃତ୍ୟୁ। ନାଟ୍ୟକାର ଏହି ଚରିତ୍ରର ସାରସ୍ୱତ ବ୍ୟକ୍ତିତ୍ୱ ଜାତୀୟ ବ୍ୟକ୍ତିତ୍ୱର ମହନୀୟତାକୁ ଦର୍ଶାଇ ଥିଲେ ମଧ୍ୟ ତାଙ୍କର ନାରୀତ୍ୱର ଅକୁହା ଦିଗର ଆବିଷ୍କାର ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଏହି ନାଟକର ବିଶେଷତ୍ୱକୁ ଉପଲବ୍ଧି କରିହୁଏ।

ଅନୁରୂପ ଭାବରେ ନାଟ୍ୟକାର ନଗେନ୍ଦ୍ରବାଳାଙ୍କ ନାରୀତ୍ୱର ରହସ୍ୟମୟ ଇଲାକାକୁ ଉଦ୍‌ଘାଟନ କରିଛନ୍ତି 'ସରସ୍ୱତୀ ନଗେନ୍ଦ୍ରବାଳା' ନାଟକରେ। ନଗେନ୍ଦ୍ରବାଳା କବି। ବୈବାହିକ ଜୀବନ ବିତାଉଥିଲେ ମଧ୍ୟ କବିବର ରାଧାନାଥ ରାୟଙ୍କ କବିତ୍ୱ ଓ ପାଣ୍ଡିତ୍ୟ ପ୍ରତି ପ୍ରେମରେ ପଡ଼ିଯାଇଥିଲା। ପରିଣତ ବୟସରେ ରାଧାନାଥ ସ୍କୁଲ ବିଭାଗର ଇନ୍‌ସପେକ୍ଟର ଭାବରେ ହୁଗୁଳିକୁ ବଦଳି ହୋଇଗଲେ। ସେତେବେଳେ ରାଧାନାଥ ଅନୁଭବ କରିଥିଲେ ଓଡ଼ିଶାରେ ତାଙ୍କର ନିନ୍ଦୁକ ସଂଖ୍ୟା ବଢ଼ିଯାଇଛନ୍ତି। ଯେଉଁମାନେ ତାଙ୍କୁ ମୁହଁରେ ପ୍ରଶଂସା କରୁଛନ୍ତି ସେଇମାନେ ପଛରେ ନିନ୍ଦା କରିବାକୁ ପଛାନ୍ତି ନାହିଁ। ରାଧାନାଥ ମୂଳରୁ ଜୀବନକୁ ଦୁଃଖପୂର୍ଣ୍ଣ ବୋଲି ଭାବି ନେଇଥିଲେ। ତେଣୁ ଦୁଃଖକୁ ସହିଯିବାର ଶକ୍ତି ତାଙ୍କର ରହିଥିଲା। ସମସ୍ତଙ୍କ ଭିତରେ ଥାଇ ମଧ୍ୟ ସେ ନିଜକୁ ବଡ଼ ନିଃସଙ୍ଗ ମନେ କରୁଥିଲେ। ପୁତ୍ର ଶଶିଭୂଷଣଙ୍କୁ ବୁଝାଇ ସେ ହୁଗୁଳିକୁ ଯିବାକୁ ମନସ୍ଥ କଲେ। ବ୍ୟାସକବି ଫକୀରମୋହନ ତାଙ୍କୁ ହୁଗୁଳି ନଯିବାକୁ ଯେତେ ପ୍ରବର୍ତ୍ତାଇଲେ ମଧ୍ୟ ସେ ଯିବାକୁ ସଂକଳ୍ପ ନେଲେ। ପତ୍ନୀ ପରଶମଣି ତାଙ୍କର ବ୍ୟବହାର୍ଯ୍ୟ ପଦାର୍ଥ ସଜାଡ଼ି ଦେଇଛନ୍ତି ଏବଂ ସେ ହୁଗୁଳି ଯାଇ ସେଠାରେ ଚାକିରିରେ ଯୋଗ ଦେଇଛନ୍ତି। ନଗେନ୍ଦ୍ରବାଳା ତାଙ୍କୁ ସେଇଠି ସାକ୍ଷାତ୍ କରିଛନ୍ତି ଏବଂ ତାଙ୍କର ଗୁଣଗାନ କରିଛନ୍ତି। ତାଙ୍କର କବିତାଗୁଡ଼ିକୁ ଦେଖି ଦେବାକୁ ରାଧାନାଥଙ୍କୁ ଦେଇଛନ୍ତି।

କ୍ରମେ ନଗେନ୍ଦ୍ରବାଳାଙ୍କର ନାରୀସୁଲଭ ଦୁର୍ବଳତା ରାଧାନାଥଙ୍କ ପ୍ରତି ପ୍ରକାଶ ପାଇଛି। ସେ କହିଛନ୍ତି – "ମୁଁ ତ କବିର ଗୁଣମୁଗ୍ଧା। ରୂପମୁଗ୍‌ଧା ତ ନୁହେଁ। ଆପଣଙ୍କ

Digitized by srujanika@gmail.com

ଗୁଣ ଭିତରେ ମୁଁ ଦେଖିଛି ଏକ ସୁନ୍ଦର ସୁକୁମାର ମଣିଷର ରୂପ। ଆପଣଙ୍କ କାବ୍ୟ ସୃଷ୍ଟି ଭିତରେ ମୁଁ ପାଇଛି ଏକ ଅମୃତମୟ ଆତ୍ମାର ସଂଧାନ। ମୁଁ ଅନୁଭବ କରିଛି, ଆପଣଙ୍କର ରସମୟ ହୃଦୟର ସତ୍ତା।" ବାରମ୍ବାର ନଗେନ୍ଦ୍ରବାଳା ଯାଇଛନ୍ତି ରାଧାନାଥଙ୍କ ପାଖକୁ। ସେ ତାଙ୍କୁ ମନେ କରିଛନ୍ତି କବିଗୁରୁ। ସ୍ୱାମୀ ଖଗେନ୍ଦ୍ର ଏଥିରେ ବିରକ୍ତି ପ୍ରକାଶ କରିଛନ୍ତି। ତାଙ୍କର ସନ୍ଦେହ ହୋଇଛି ନଗେନ୍ଦ୍ରବାଳାଙ୍କ ଚରିତ୍ର ଉପରେ। ନଗେନ୍ଦ୍ରବାଳା ସେଥିପ୍ରତି କର୍ଣ୍ଣପାତ କରି ନାହାନ୍ତି। ଉଭୟଙ୍କ ମଧ୍ୟରେ ଗଢ଼ି ଉଠିଛି ପ୍ରେମ-ସମ୍ପର୍କ। ଏପରିକି ନଗେନ୍ଦ୍ରବାଳାଙ୍କ ବ୍ୟବହାରରେ ରାଧାନାଥଙ୍କ ପତ୍ନୀ ପରଶମଣି ମୁଗ୍ଧ ହୋଇଛନ୍ତି। ନଗେନ୍ଦ୍ରବାଳା ଆସିଛନ୍ତି ରାଧାନାଥଙ୍କ ସହିତ ଓଡ଼ିଶାକୁ। ନିଭୃତ ନିଳୟରେ ଉଭୟଙ୍କର ହୋଇଛି ଆଳାପ ଆଲୋଚନା। ନଗେନ୍ଦ୍ରବାଳା ସ୍ପଷ୍ଟ ଭାବରେ କହିଛନ୍ତି – "କବି ! ମୁଁ ଚାହିଁଛି ଚିରଦିନ ଆପଣଙ୍କ କଣ୍ଠଲଗ୍ନା ହୋଇ ରହିବାକୁ ଗୋଟିଏ ବିରାଟ ସୃଷ୍ଟିର ଉତ୍ସକୁ ଜୀବନ୍ତ କରି ରଖିବାକୁ।" ଉଭୟଙ୍କର ହୋଇଛି ମିଳନ। ନଗେନ୍ଦ୍ରବାଳା କଟକରୁ ଫେରିଗଲା ପରେ ତାଙ୍କ ସ୍ୱାମୀ ତାଙ୍କ ଭର୍ତ୍ସନା କରିଛନ୍ତି ମାତ୍ର ନଗେନ୍ଦ୍ରବାଳା କୌଣସି ନିନ୍ଦା ଭର୍ତ୍ସନା ପ୍ରତି କର୍ଣ୍ଣପାତ କରି ନାହାନ୍ତି। ଅପର ପକ୍ଷରେ ଓଡ଼ିଶାରେ ନଗେନ୍ଦ୍ର ବାଳାଙ୍କ ସହିତ ସଂପର୍କକୁ ନେଇ ରାଧାନାଥଙ୍କ ବିରୋଧରେ କୁତ୍ସାରଟନା କରାଯାଇଛି। ରାଧାନାଥ ଅନୁତାପ କରିଛନ୍ତି ତାଙ୍କର ସ୍ଖଳନ ପାଇଁ। କ୍ଷମା ମାଗିଛନ୍ତି ପତ୍ନୀଙ୍କୁ। ନଗେନ୍ଦ୍ର ବାଳାଙ୍କ ଆତ୍ମହତ୍ୟା ସଂବାଦରେ ସେ ବିଚଳିତ ହୋଇପଡ଼ିଛନ୍ତି। ସେ ନିଜକୁ ଧିକ୍କାର କରିଛନ୍ତି ଓ କହିଛନ୍ତି – "ନଗେନ୍ଦ୍ରବାଳା ! ଥରେ ଆସି ଦେଖିଯାଅ ନଗେନ୍ଦ୍ରବାଳା, କେତେ ଉପାୟହୀନ ମୁଁ। କେଡ଼େ ଅସହାୟ ମୁଁ।"

ରାଧାନାନାଥ ଅନୁତାପରେ ଦଗ୍ଧ ହୋଇଛନ୍ତି। ତାଙ୍କୁ ବୁଝାଇଛନ୍ତି ବିଶ୍ୱନାଥ କର ଓ ଅନ୍ୟମାନେ। ରାଧାନାଥଙ୍କ ସାମ୍ନାରେ ଯେପରି ନଗେନ୍ଦ୍ରବାଳାର ଛାୟାମୂର୍ତ୍ତି ଛିଡ଼ା ହୋଇ ତାଙ୍କୁ କହୁଛି ସେ କୁହୁକିନୀ ନୁହେଁ, ମାୟାବିନୀ ନୁହେଁ। ସେ ଥିଲେ କବିଗୁରୁ ରାଧାନାଥଙ୍କ କବିତ୍ୱର ପ୍ରେରଣା। ରାଧାନାଥ ବି ସ୍ୱୀକାର କରିଛନ୍ତି ନଗେନ୍ଦ୍ରବାଳାଙ୍କ ପ୍ରତି ତାଙ୍କର ଗଭୀର ପ୍ରେମକୁ। ସେ ଯାହାକିଛି କରିଛନ୍ତି ଲୋକ – ଲଜ୍ଜାକୁ ଭୟ କରି। ସେ କ୍ଷମା ମାଗିଛନ୍ତି ନଗେନ୍ଦ୍ରବାଳାଙ୍କୁ- "ମୋତେ କ୍ଷମା କର, ନଗେନ୍ଦ୍ରବାଳା। ସାରାଜୀବନ ତମ ନିକଟରେ ମୁଁ ଋଣୀ। କେମିତି ଅସ୍ୱୀକାର କରିବି ତମର ଶାଶ୍ୱତ ପ୍ରେମକୁଁ ? ତମର ଅସୀମ ତ୍ୟାଗକୁ ?" ନଗେନ୍ଦ୍ରବାଳା ହିଁ ତାଙ୍କର ଶୂନ୍ୟତାକୁ ପୂର୍ଣ୍ଣ କରିଦେଇଥିଲେ। ତାଙ୍କରି ସଂସ୍ପର୍ଶରେ ତାଙ୍କର ମନୋଭୂମି କାବ୍ୟମୟ ହୋଇଯାଇଥିଲା। ନାଟ୍ୟକାରଙ୍କ ଦୃଷ୍ଟିରେ ରାଧାନାଥ ଓ ନଗେନ୍ଦ୍ରବାଳା ଉଭୟ ପବିତ୍ର। ଉଭୟ ଦିବ୍ୟପ୍ରେମରେ ଭାସ୍ୱର। କେବଳ ସମାଜ ଓ ଲୋକଲଜ୍ଜା ହୋଇଛି ବାଧକ। ଏଇ ବାଧା ପାଇଁ, ଲୋକ-ନିନ୍ଦା ଓ ଲୋକ-ଲଜ୍ଜା ପାଇଁ

Digitized by srujanika@gmail.com

ହୁଏତ ରାଧାନାଥ ନଗେନ୍ଦ୍ରବାଳାଙ୍କୁ ରାକ୍ଷସୀ ମନେ କରିଛନ୍ତି, ମାୟାବିନୀ ମନେ କରିଛନ୍ତି ମାତ୍ର ତାଙ୍କର ଅନ୍ତର ଭିତରେ ନଗେନ୍ଦ୍ରବାଳା ଯେମିତି ରହିଯାଇଛି ପ୍ରେମମୟୀ ଦେବୀଟିଏ ପରି। ନାଟ୍ୟକାର ମଣିଷର ଏହି ସହଜାତ ରିରଂସା ପାଇଁ କାହାରିକୁ ନିନ୍ଦା କରି ନାହାନ୍ତି; ବରଂ ଉଭୟଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଛନ୍ତି। ଯିଏ ଯେତେବଡ଼ ହେଉବା ମହାପୁରୁଷ ହେଉନା କାହିଁକି ମଣିଷର ଆଦିମ ଆକାଂକ୍ଷା ନିକଟରେ ସିଏ ହୋଇଯାଏ ନତଜାନୁ। ଏ କ୍ଷେତ୍ରରେ ଯୌନତା ଆଉ ତୁଚ୍ଛ ସମ୍ଭୋଗେଚ୍ଛା ନୁହେଁ; ଯୌନତା ହୋଇଯାଏ ଉପାସ୍ୟ। ତାହାରି ମଧ୍ୟ ଦେଇ ସୌନ୍ଦର୍ଯ୍ୟବୋଧ ଓ ପ୍ରେମର ହୁଏ ବିକଚ ବିକାଶ। ଶୃଙ୍ଗାରୀ ସୌନ୍ଦର୍ଯ୍ୟ (Erotic aesthetics) ଦ୍ୱାରା ହିଁ ଜଣେ କବିର ହୁଏ କାବ୍ୟିକ ଉଲ୍ଲାସବୋଧର ଉତ୍ତରଣ। ନାଟ୍ୟକାର ନୀଳାଦ୍ରିଭୂଷଣ ନିଜେ ଜଣେ କବିଓ ସେହି ଦୃଷ୍ଟିରୁ ସେ ଉଭୟ କୁନ୍ତଳାକୁମାରୀ ଓ ନଗେନ୍ଦ୍ରବାଳାଙ୍କ ସାହିତ୍ୟିକ ଐଶ୍ୱର୍ଯ୍ୟର ଅନ୍ତରାଳରେ ବିଦ୍ୟମାନ ଥିବା ସେମାନଙ୍କ ନାରୀତ୍ୱର ଆକାଂକ୍ଷା ଓ ତଜ୍ଜନିତ ଦୁଃଖକୁ ବେଶ୍ ଜୀବନ୍ତ ଭାବରେ ନାଟ୍ୟରୂପ ଦେଇ ଧନ୍ୟବାର୍ଦ୍ଦାହ ହୋଇପାରିଛନ୍ତି।

॥୫॥

ନୀଳାଦ୍ରିଭୂଷଣଙ୍କ ସାରସ୍ୱତ ଯାତ୍ରା କବିତାରୁ ଆରମ୍ଭ ହୋଇ ସମାଲୋଚନା ମଧ୍ୟ ଦେଇ ପୂର୍ଣ୍ଣତା ଲାଭ କରିଛି ନାଟକରେ। ସେ ପେସାଦାର ରଙ୍ଗମଞ୍ଚ ପାଇଁ ନାଟକ ଲେଖି ନାହାନ୍ତି; ନାଟକ ଲେଖିଛନ୍ତି ସମକାଳୀନ ସମାଜ, ସଂସ୍କୃତି, ରାଜନୀତି ଭିତରେ ଦିଶାହରା ହୋଇଯାଉଥିବା ମଣିଷମାନଙ୍କୁ ନେଇ। ଯାହା ଓ ଯେଉଁମାନେ ତାଙ୍କ ବ୍ୟକ୍ତି-ସତ୍ତାରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛନ୍ତି, ମୂଲ୍ୟ ଓ ମୂଲ୍ୟବୋଧର ଚିତ୍ତ-ସଂଘର୍ଷ ତାଙ୍କ ହୃଦୟକୁ ଯେପରି କ୍ଷତ ବିକ୍ଷତ କରିଦେଇଛି ଏବଂ ଯାହା ତାଙ୍କ ଭିତରେ ନୂତନ ଚିନ୍ତା ସୃଷ୍ଟି କରିଛି ତାହା ହିଁ ହୋଇଯାଇଛି ତାଙ୍କ ନାଟକର ବିଷୟବସ୍ତୁ। ସେ ଅନୁଭବ କରିଛନ୍ତି ଯେଉଁମାନେ ରାଜନୀତି କରୁଛନ୍ତି, ବିଭିନ୍ନ ପଦ ପଦବିରେ ରହିଛନ୍ତି, ବ୍ୟବସାୟ ବଣିଜ କରୁଛନ୍ତି ସେମାନେ ଜନଗଣଙ୍କ ନାମରେ ସବୁ ଫାଇଦା ମାରିନେଉଛନ୍ତି। ଜନଗଣ ଯେଉଁ ତିମିରେକୁ ସେଇ ତିମିରେ ରହିଯାଉଛନ୍ତି। ତେଣୁ ତାଙ୍କ ଭିତରେ ଅନ୍ୟାୟ ଅନୀତି ଓ ସ୍ୱେଚ୍ଛାଚାରକୁ ପ୍ରତିରୋଧ କରିବାର ଗୋଟାଏ ଦୁର୍ବାର ବାସନା ଦେଖା ଦେଇଛି। ତାହାକୁ ସେ ନାଟକରେ ରୂପ ଦେଇଛନ୍ତି। ସାମାଜିକ ଅଙ୍ଗୀକାର ଓ ମୂଲ୍ୟବୋଧରେ ବିଶ୍ୱାସୀ ନାଟ୍ୟକାରଙ୍କ ଭିତରେ ଏକ ପ୍ରତିବାଦଧର୍ମୀ ବ୍ୟକ୍ତିତ୍ୱର ବିକାଶ ଘଟିଛି ଏବଂ ସେହି କାରଣରୁ ତାଙ୍କର ନାଟକଗୁଡ଼ିକ ହୋଇଯାଇଛି ଯେପରି ପ୍ରତିବାଦ କରିବାରେ ଶାଣିତ, ସେହିପରି ପ୍ରକୃତ ସତ୍ୟକୁ ଅବଧାରଣ କରି ସମସ୍ୟାର ସମାଧାନ ପାଇଁ ସୂତ୍ର ବାହାର କରିବାରେ ସାର୍ଥକ କଳାତ୍ମକ ଅଭିବ୍ୟକ୍ତି।

Digitized by srujanika@gmail.com

ପୁରାଣର ପଟ୍ଟଭୂମିରେ ଆଧୁନିକତାରେ ଦିଗ୍‌ଦର୍ଶନ: 'ସ୍ୱର୍ଗାରୋହଣ'

ପ୍ର. ବିଜୟ କୁମାର ଶତପଥୀ

କବି ନୀଳାଦ୍ରିଭୂଷଣ ହରିଚନ୍ଦନ ୧୯୮୦ ମସିହା ପରଠାରୁ ନାଟକ ରଚନାରେ ମନୋନିବେଶ କରି ଆପଣାର ଭାବମୂର୍ତ୍ତି ପ୍ରତିଷ୍ଠା କରିପାରିଛନ୍ତି। 'ସତ୍ୟ ସଂଶୟ ସାଲବେଗ', 'ବତାସ ନିସ୍ତବ୍ଧ ଆଜି', 'ବିକ୍ରୀତ ପୌରୁଷ', 'ପୁଣ୍ୟଭୂମି ଭାରତ' ପ୍ରଭୃତି ତାଙ୍କର ନାଟକଗୁଡ଼ିକ ଅନୁଶୀଳନ କଲେ ଜଣାପଡ଼େ ଯେ ସେଗୁଡ଼ିକରେ ସେ ସମସ୍ୟା ସହ କାବ୍ୟିକତାର ଅପୂର୍ବ ସମାବେଶ ଘଟାଇଛନ୍ତି। 'ସ୍ୱର୍ଗାରୋହଣ' ଓ 'ମଧ୍ୟପାତ୍ର' ଏ ଦୁଇଟି ନାଟକ ଏକତ୍ର ସଂକଳିତ ହୋଇ 'ସ୍ୱର୍ଗାରୋହଣ' ସଙ୍କଳନରେ ପ୍ରକାଶ ପାଇଛି। ବେତାରରୁ ପ୍ରସାରିତ ଏହି ନାଟକ ଦୁଇଟି ସେତେବେଳେ ବହୁ ବିଦଗ୍ଧ ଶ୍ରୋତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ନାଟ୍ୟକାରଙ୍କର ବିଦଗ୍ଧ ଓ ଆଧୁନିକ ଦୃଷ୍ଟି ଏ ଦୁଇଟିରେ ପୁରାଣରୁ ଚିତ୍ର ଓ ଚରିତ୍ର ସଂଗ୍ରହ କରି ସେଗୁଡ଼ିକରେ ଆଧୁନିକତାର ପ୍ରଲେପ ଦେଇଛି। ଫଳରେ କ୍ଲାସିକ୍ ଆବେଦନରେ ମଣ୍ଡିତ ପୌରାଣିକ ଚରିତ୍ରମାନେ ଆଧୁନିକ ମଣିଷ ପାଇଁ ନୂତନ ସନ୍ଦେଶ ଧରି ଉଭା ହୋଇଛନ୍ତି।

'ସ୍ୱର୍ଗାରୋହଣ'ର କଥାବସ୍ତୁ ମହାଭାରତର ପଟ୍ଟଭୂମି ଉପରେ ଆଧାରିତ। ମହାଭାରତ ଯୁଦ୍ଧର ଅବସାନ ପରେ ଯୁଧିଷ୍ଠିରଙ୍କ ସମେତ ଅନ୍ୟ ଭାଇମାନେ ସଂସାର ପ୍ରତି ବିରାଗୀ ହୋଇଉଠିଛନ୍ତି। ପରୀକ୍ଷିତଙ୍କୁ ସିଂହାସନରେ ଅଧିଷ୍ଠିତ କରି ସେମାନେ ସ୍ୱର୍ଗାରୋହଣ ପାଇଁ ମନସ୍ଥ କରିଛନ୍ତି। ମହାଭାରତ ଯୁଦ୍ଧରେ ଅଜସ୍ର ନରସଂହାର ଘଟାଇଥିବା ପାଣ୍ଡବମାନଙ୍କର ମାନସିକତା ଯେପରି ସ୍ୱର୍ଗାରୋହଣକୁ ପ୍ରକୃଷ୍ଟ ପନ୍ଥା ଭାବରେ ଗ୍ରହଣ କରିନେଇଛି, ତା'ରି ମଧ୍ୟରେ ବିଂଶ ଶତକର ଶେଷ ପାଦରେ ଯୁଦ୍ଧ ବିଭୀଷିକାଗ୍ରସ୍ତ ଆଧୁନିକ ମଣିଷର ମାନସିକତାକୁ ନାଟ୍ୟକାର ଦେଖିଛନ୍ତି।

ସମଗ୍ର ପୃଥିବୀ ଯେପରି ମହାଭାରତର ରଣାଙ୍ଗନ। ନିରନ୍ତର ସେଠାରେ ମୃତ୍ୟୁର ତାଣ୍ଡବ ଲୀଳା। ରକ୍ତ ନଦୀର ସ୍ରୋତ ସେଠାରେ ପ୍ରବାହିତ। ହିଂସ୍ର ପ୍ରମତ୍ତ ଯୋଦ୍ଧାମାନେ ସେଠାରେ ଦୁଇଗୋଟି ଶିବିରରେ ବିଭକ୍ତ। ଗୋଟିଏ ପାଣ୍ଡବ ପକ୍ଷ ଅନ୍ୟଟି କୌରବ ପକ୍ଷ। ଯୁଦ୍ଧର ସେହି ଘନଘଟା ମଧ୍ୟରେ ମାନବିକତା ବିଲୁପ୍ତ। ଚକ୍ରାନ୍ତ, ହୀନ ଷଡ଼ଯନ୍ତ୍ର

Digitized by srujanika@gmail.com

ଆଦି ସେହି ଯୁଦ୍ଧ ବିଭୀଷିକାର ଭୂଷଣ। ଧର୍ମ, ଅଧର୍ମ, ପାପ ପୁଣ୍ୟର ବିଚାରବୋଧ ସେଠି ଅସ୍ପଷ୍ଟ। କୋଟି, କୋଟି ନିରୀହ ମଣିଷର ରକ୍ତରେ ରଞ୍ଜିତ ଏଇ ଯୁଦ୍ଧକ୍ଷେତ୍ର ଏବଂ ଏହି ଯୁଦ୍ଧଭୂମିରେ ମଣିଷର ପାପ-ପୁଣ୍ୟବୋଧକୁ ନାଟ୍ୟକାର ବେଶ୍ ନିପୁଣ ଭାବରେ ଆଧୁନିକ ମାନବର ଅବଚେତନ ସ୍ତର ଯାଏଁ ସଂପ୍ରସାରିତ କରି ଆଣି ପାରିଛନ୍ତି। ବିଦଗ୍ଧ କାବ୍ୟିକ ଦୃଷ୍ଟି ରୂପାନ୍ତରିତ ହୋଇଯାଇଛି ମନସ୍ତାତ୍ତ୍ୱିକ ବିଶ୍ଳେଷଣରେ। ଗଭୀର ମାନବିକ ସଂବେଦନଶୀଳତା ସଞ୍ଚରିଯାଇଛି ନାଟକର ପ୍ରାରମ୍ଭରୁ ପ୍ରାନ୍ତଯାଏ। 'ସ୍ୱର୍ଗାରୋହଣ'ର ଅନ୍ୟତମ ବିଶେଷତ୍ୱ ହେଲା ଯେ ଏଥିରେ ଯୁଦ୍ଧ ବିରୋଧୀ ସ୍ୱରର ଚମତ୍କାର ପରିପ୍ରକାଶ ଘଟିଛି। ଯୁଦ୍ଧଭୀତ ପୁଣି ଯୁଦ୍ଧଖୋର ମଣିଷ ପାଇଁ ଏଥିରେ ଯେଉଁ ଆହ୍ୱାନ ରହିଛି, ତାହା ମହାଭାରତର ସ୍ୱର୍ଗାରୋହଣରେ ନିହିତ ମର୍ମବାଣୀଠାରୁ ସ୍ୱତନ୍ତ୍ର। ତାହାହେଲା ଏ ପୃଥିବୀକୁ ସ୍ୱର୍ଗ କରିବା ପାଇଁ ହେବ। ଈର୍ଷା, ଅସୂୟା, ପରଶ୍ରୀକାତରତାର ବଶବର୍ତ୍ତୀ ହୋଇ ଏ ମର୍ତ୍ତ୍ୟର ସୃଷ୍ଟିକୁ ଧ୍ୱଂସ କରିବା କିମ୍ବା ଏହାକୁ ଉପେକ୍ଷା କରି ବିରାଗୀ ହୋଇ ସ୍ୱର୍ଗାରୋହଣ କରିବାରେ ଜୀବନର ସ୍ୱାର୍ଥକତା ନୁହେଁ? ବରଂ ଏ ସୃଷ୍ଟିକୁ ସୁନ୍ଦର ନମନୀୟ କରିବା ପାଇଁ ପଡ଼ିବ। 'ସ୍ୱର୍ଗାରୋହଣ'ର ଶେଷଦୃଶ୍ୟ ଆମ୍ଭମାନଙ୍କୁ ଏହି ବାର୍ତ୍ତା ଆଣିଦେଇଛି। ନାଟକରେ ସଞ୍ଜୟ ଚରିତ୍ରକୁ ଶ୍ରୀ ହରିଚନ୍ଦନ ସୂତ୍ରଧାର ଭାବରେ ଗ୍ରହଣ କରିଛନ୍ତି। ସେ ଏକା ଧାରରେ ବିବରଣୀ ପ୍ରଦାନକାରୀ (commentator) ପୁଣି ଦିବ୍ୟଦ୍ରଷ୍ଟା। କେବଳ ମହାଭାରତ ଯୁଗ ମଧ୍ୟରେ ତାଙ୍କର ଭୂମିକାକୁ ନାଟ୍ୟକାର ସୀମିତ ରଖିନାହାନ୍ତି। ଯୁଗ ଯୁଗ ଧରି ପୀଡ଼ିତ ମାନବାତ୍ମା ପାଇଁ ସେ ଆଣନ୍ତି ନୂଆ ବାର୍ତ୍ତା। ମହାଭାରତରେ ଦିବ୍ୟଦ୍ରଷ୍ଟା ସଞ୍ଜୟ ଚରିତ୍ରର ଏଇ ପ୍ରସାରିତ ଦିଗ ମଧ୍ୟରେ ନାଟ୍ୟକାରଙ୍କ ମର୍ମବାଣୀ (prophesy) ପ୍ରତିଧ୍ୱନିତ ହୁଏ। ତାହା ହେଲା – "ଏଇ ତ ଇତିହାସ! ଇତିହାସର ପୁନରାବୃତ୍ତିରେ ଆପଣମାନେ ବିଚଳିତ ହୋଇପଡୁଛନ୍ତି କାହିଁକି? ଦୁର୍ଦ୍ଦିନ ଭିତରେ ବଞ୍ଚିବାକୁ ଶିଖନ୍ତୁ। ଗୋଟାଏ ଅନ୍ଧ ଇତିହାସକୁ ଛାତିରେ ଧରି ମୁଁ ତ ବଞ୍ଚିରହିଛି, ଆପଣମାନେ ନ ବଞ୍ଚିବେ ବା କାହିଁକି?"(୧)

ସମଗ୍ର ନାଟ୍ୟ କାହାଣୀକୁ ଗୁନ୍ଥିଦେବା ଦିଗରେ ସଞ୍ଜୟ ଚରିତ୍ରର ଅପରିହାର୍ଯ୍ୟ ଭୂମିକା ରହିଛି। ସେ ପୁଣି ନାଟକରେ ଦୁଇଟି ଯୁଗକୁ ଯୋଡ଼ିଦେଇ ପାରିଛନ୍ତି ଦିବ୍ୟଦୃଷ୍ଟି ବଳରେ। ମୂଲ୍ୟବୋଧର ସଂକଟ ମଧ୍ୟରେ, ଗତାନୁଗତିକତା ମଧ୍ୟରେ ଓ ବଞ୍ଚିବାର ଯାବତୀୟ ଅର୍ଥହୀନତା ମଧ୍ୟରେ ସେ ଯେପରି ଯୁଗ ଯୁଗଧରି ମଣିଷ ପ୍ରାଣରେ ଆଶାର,ସମ୍ଭାବନାର ମଞ୍ଜି ବୁଣି ଚାଲିଛନ୍ତି। ଯୁଦ୍ଧ, ବିଘାତ, ଅହଙ୍କାରୀ ସମ୍ରାଟର ଔଦ୍ଧତ୍ୟ ତଳେ ଚାପି ହୋଇପଡୁଥିବା ସାଧାରଣ ମଣିଷ ପାଇଁ ସେ ଆଣନ୍ତି ବେଦମନ୍ତ୍ରର ଧ୍ୱନି। ନାଟକର ନବମ ଦୃଶ୍ୟରେ ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ ପରେ ନାଟ୍ୟକାର ସଞ୍ଜୟଙ୍କ ମୁହଁରେ ଯେଉଁ ସଂଳାପ ଦେଇଛନ୍ତି, ତାହା ଏଠାରେ ଲକ୍ଷ୍ୟ କରାଯାଇପାରେ : "ସମସ୍ତେ ଚାଲିଗଲେ। ଚାଲିଗଲେ

Digitized by srujanika@gmail.com

ମାନେ ? ସେମାନେ ଚାଲିଗଲେ; ପୁଣି ଆଉ କିଏ ଆସିପାରେ। ଯିଏ ଆସିବ, ସିଏ ବା କେତେଦିନ ତିଷ୍ଠି ରହିବ ? ଆସିବା ଲୋକ ଯିବ ନିଶ୍ଚୟ। ତେବେ ଅନ୍ୟମାନଙ୍କ କାଳକୁ ଯେଉଁମାନେ ନିଜର ଖେଳ ବୋଲି ବିଚାରିଛନ୍ତି, ସେମାନଙ୍କ ଦିନ କିନ୍ତୁ ଶେଷ ହୋଇଆସୁଛି। x x x ମୁଁ କିନ୍ତୁ ବଞ୍ଚିଛି। ଏମିତି ମୁଁ ବଞ୍ଚି ରହିଥିବି। କାରଣ ମଣିଷ ଜାତି ଯେ ବଞ୍ଚି ରହିବା ଦରକାର। ମୁଁ ନଥିଲେ କିଏ ଆଉ ସେମାନଙ୍କୁ ଅତୀତର କଥାକୁ ଏତେ ମନଛୁଆଁ କରି କହିପାରିବ ? ମୋ'ଠୁ ଏସବୁ ପୁରାଣ ଇତିହାସ ପୁଣି ତ ସେମାନେ ବଞ୍ଚିବା ଶିଖୁଛନ୍ତି।" (୨)

ନାଟକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଲୋକ ହେଉଛନ୍ତି ନିଖିଳ ଜନସାଧାରଣଙ୍କର ପ୍ରତୀକ। ଏମାନେ ସମାଜ ବ୍ୟବସ୍ଥାର ପରିବର୍ତ୍ତନ ଓ ଶାସନତନ୍ତ୍ରର ପରିବର୍ତ୍ତନ ମଧ୍ୟରେ ପୂର୍ବଭଳି ହିଁ ଥାଆନ୍ତି। ସେମାନଙ୍କ ଅବସ୍ଥାର ପରିବର୍ତ୍ତନ ଘଟେ ନାହିଁ। ରାଜା ଓ ଶାସନମୁଖ୍ୟଙ୍କ ନିର୍ଦ୍ଦେଶରେ ସେମାନଙ୍କ ଉପରେ ଯୁଦ୍ଧକୁ ଲଦି ଯିଆଯାଏ। ପ୍ରଥମ ଦୃଶ୍ୟରେ ଉପର୍ଯ୍ୟୁକ୍ତ ତିନିଜଣ ବ୍ୟକ୍ତିଙ୍କ ଦୌଡ଼ିବା ମଧ୍ୟରେ ସଭ୍ୟତାର ପ୍ରଗତି ସଂପର୍କରେ ସୂଚନା ଦେଇଛନ୍ତି ନାଟ୍ୟକାର। ସବୁ ଅଗ୍ରଗତି ଓ ପ୍ରଗତି ଦିନେ ନା ଦିନେ ଧ୍ୱଂସରେ ପରିଣତ ହେବ। ସଭ୍ୟତାର ବିଳୟ ଘଟି ପୁଣି ନୂତନ ସଭ୍ୟତାର ଅଭ୍ୟୁଦୟ ଘଟିବ- ଜୀବନ ତଥା ସଭ୍ୟତାର ଏହି ବୃତ୍ତାକାର ଅଗ୍ରଗତି ଏବଂ ପରିଣତି ନାଟକରେ ବେଶ୍ ସାଙ୍କେତିକ ଭାବରେ ସୂଚିତ। ଉପର୍ଯ୍ୟୁକ୍ତ ତିନିଜଣ ବ୍ୟକ୍ତିଙ୍କ ସଂଳାପରେ ସ୍ପଷ୍ଟ ହୋଇଉଠିଛି ଯେ ପାଣ୍ଡବମାନଙ୍କର ବୈରାଗ୍ୟ ମଧ୍ୟରୁ ସେମାନଙ୍କର ସ୍ୱର୍ଗାରୋହଣ ଇଚ୍ଛା ଜାଗ୍ରତ ହୋଇଛି। ସେମାନେ ଅନୁଭବ କରିଛନ୍ତି ଯେ ସେମାନଙ୍କ କୃତକର୍ମରୁ ଗୋଟିଏ ଜାତି ଓ ଗୋଟିଏ ସଭ୍ୟତା ଧ୍ୱଂସ ସ୍ତୂପରେ ପରିଣତ ହୋଇଯାଇଛି। 'ସ୍ୱର୍ଗାରୋହଣ' ହିଁ ସବୁ ପ୍ରଗତିର ପରିଣତି, ଏକମାତ୍ର ପ୍ରଗତି ଏକଥା ନାଟ୍ୟକାର ସୂଚନା ଦେଇଛନ୍ତି। ନାଟ୍ୟାରମ୍ଭରେ ଏହି ସ୍ୱର୍ଗାରୋହଣର ସୂଚନା ଏବଂ ବିଷାଦବୋଧ ପରିଣତିରେ କିନ୍ତୁ ଆଶାବାଦ ଓ ସମ୍ଭାବନାର ସଂକେତ ବହନ କରିଛି। ତାହା ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ମରିତେ ଚାଇନା ଆମି ସୁନ୍ଦର ଭୁବନେ'ର ଅନୁରୂପ।

ମହାଭାରତର ଦୃଶ୍ୟପଟ ସହିତ ଆଧୁନିକ ଜୀବନବୋଧର ସମ୍ମିଶ୍ରଣ ହେଉଛି ସ୍ୱର୍ଗାରୋହଣର ଗୌରବ। ପ୍ରଥମ ଦୃଶ୍ୟରୁ ଆମେ ଏହାର ସୂଚନା ପାଇଥାଉ।

"୧ମ ଲୋକ : ପୃଥିବୀ ଯେତିକି ଆଗେଇ ଚାଲିବ, ଯେତିକି ଉନ୍ନତ ହେବ,
ସେତିକି ଉଦ୍‌ଭବ ହେବ ଶକ୍ତିଶାଳୀ ରାଷ୍ଟ୍ର।

୩ୟ ଲୋକ : ଶକ୍ତିଶାଳୀ ମାରଣାସ୍ତ୍ର

୨ୟ ଲୋକ : କାହିଁକି ?

୧ମ ଲୋକ : ରାଷ୍ଟ୍ର, ରାଷ୍ଟ୍ର ଭିତରେ ଚାଲିବ ପ୍ରତିଯୋଗିତା –

Digitized by srujanika@gmail.com

୩ୟ ଲୋକ : ପ୍ରତିହିଂସା

୨ୟ ଲୋକ : କାହିଁକି ?

୧ମ ଲୋକ : ସମ୍ମାନ ପାଇଁ ଏ ଯୁଗରେ ସବୁଠୁ ବଡ଼ ସମ୍ମାନ

୩ୟ ଲୋକ : ସମ୍ମାନ ପାଇଁ କୋଟି କୋଟି ଲୋକ ଯଦି ପ୍ରାଣ ହରାନ୍ତି –

୧ମ ଲୋକ : କ୍ଷତି ନାହିଁ, ସମ୍ମାନ ବଞ୍ଚିଯିବ ।

୨ୟ ଲୋକ : ସବୁ କିଛି ଧ୍ୱଂସ ପାଇଯିବା ପରେ –

୧ମ ଲୋକ : ସଭ୍ୟତାର ଉତ୍ତୁଙ୍ଗ ଶିଖରରୁ ପୁଣି ମଣିଷ ଓହ୍ଲାଇ ଆସିବ ବର୍ବର ସଭ୍ୟତାକୁ । ପୁଣି ଆରମ୍ଭ ହେବ ପ୍ରସ୍ତର ଯୁଗ ।

୨ୟ ଲୋକ : ପୁଣି ଯେଉଁଠୁ ଆରମ୍ଭ – ସେଇଠି ପୁଣି ଶେଷ – ଯେଉଁଠୁ ଆରମ୍ଭ ସେଇଠି ପୁଣି ଶେଷ । ଚାଲିବାର ଶେଷ ନାହିଁ । ଚାଲିବାର ଶେଷ ନାହିଁ ।"(୩)

ଶ୍ରୀ ହରିଚନ୍ଦନ ନାଟକରେ ସଞ୍ଜୟ ଚରିତ୍ରକୁ ଆଧୁନିକ ମୂଲ୍ୟବୋଧରେର ଶାଣିତ କରି ପ୍ରକାଶ କରିଛନ୍ତି । ଶ୍ରୀମଦ୍ ଭଗବଦ୍ ଗୀତାରେ ବର୍ଣ୍ଣିତ ଅଛି : "ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯଯୁତ୍ସବ । ମାମକାଃ ପାଣ୍ଡବାଶ୍ଚୈବ କିମ କୁର୍ବତ ସଞ୍ଜୟ ।।" 'ସ୍ୱର୍ଗାରୋହଣ' ନାଟକରେ ସଞ୍ଜୟର ଭୂମିକା କିନ୍ତୁ ଯୁଗ ଯୁଗ ଧରି ପରିବ୍ୟାପ୍ତ । ସେ ଯେପରି ମାନବିକ ମୂଲ୍ୟବୋଧ ବିବର୍ଜିତ ଏକ ପୃଥିବୀ ଉପରେ ଚିରକାଳ ଦଣ୍ଡାୟମାନ ରହି ଆଶାର, ଆଶ୍ୱାସନାର ବାଣୀ ଶୁଣାଇଚାଲିଛନ୍ତି – ନୂତନ ସକାଳର ବୀଜବପନ କରି ଚାଲିଛନ୍ତି । ସମଗ୍ର ପୃଥିବୀ ତାଙ୍କ ଦୃଷ୍ଟିରେ ଯେପରି ଏକ ରଣକ୍ଷେତ୍ର । ସେଠାରେ ସେ ଘୋଷଣା କରିଚାଲିଛନ୍ତି : "ମୁଁ ବଞ୍ଚିଛି । ମୁଁ ବଞ୍ଚି ରହିଛି । ବଞ୍ଚି ରହିଛି କେବଳ ଗୋଟିଏ ରିକ୍ତ ହାହାକାରମୟ ଅନ୍ଧ ପୃଥିବୀକୁ ନିରୀକ୍ଷଣ କରିବାକୁ । ନିରୀକ୍ଷଣ ? କ'ଣ ଆଉ ଅବଶେଷ ଅଛି ? ଆବେଗ ? ଉଷ୍ମତା ? ସ୍ୱପ୍ନ ? ଯେଉଁ ସ୍ୱପ୍ନ ଭିତରୁ ଗଜୁରି ଉଠେ ଆଶାର ସବୁଜ ଉଦ୍ଭିଦଟିଏ ? ହଁ, ହଁ ମୁଁ ଅପେକ୍ଷା କରିଛି । ଅପେକ୍ଷା କରିଥିବି ତା'ରି ପାଇଁ ଯୁଗ ଯୁଗ ଧରି । ଏଇମିତି ଏଇଠି । ପୃଥିବୀର ଯେ ମୃତ୍ୟୁ ନାହିଁ । ମୋର ବି ମୃତ୍ୟୁ ନାହିଁ ଅବିନାଶୀ ମୋର ଆତ୍ମା । ମୋର ଯଦି ମୃତ୍ୟୁ ହୋଇଯାଏ – କିଏ ଆଉ ଶୁଣାଇବ ଧ୍ୱଂସ ଆଡ଼କୁ ପାଦେ ପାଦେ ଆଗେଇ ଯାଉଥିବା ପୃଥିବୀର ବାର୍ତ୍ତା । କିଏ ସତର୍କ କରାଇଦେବ ରକ୍ତଲୋଲୁପ ମଣିଷର ବିଲୟମୁଖୀ ଶୋଭାଯାତ୍ରାକୁ ? କିଏ ଅଙ୍ଗୁଳି ନିର୍ଦ୍ଦେଶରେ ଦେଖାଇଦେବ, ତା'ର ବିପରୀତରେ ସକାଳର ଝିଲିମିଲି ଖରାରେ ବିଭୋର ହୋଇଉଠୁଥିବା ନିତ୍ୟ ନୂତନ ପ୍ରକୃତିକୁ ।"(୪)

ନାଟକରେ ଦୁର୍ଯ୍ୟୋଧନ ଚରିତ୍ରକୁ ମହିମାନ୍ୱିତ କରାଯାଇଛି । ଧର୍ମରାଜ ଯୁଧିଷ୍ଠିରଙ୍କ ଚରିତ୍ର ତା' ନିକଟରେ ହୋଇଯାଇଛି ମ୍ଳାନ ଓ ନିଷ୍ପ୍ରଭ । ମହାଭାରତର ଅନ୍ତିମ ପର୍ବରେ

Digitized by srujanika@gmail.com

ଶରଶଯ୍ୟାରେ ଥାଇ ଭାରତ ଯୁଦ୍ଧ ପାଇଁ ସେ ଯୁଧିଷ୍ଠିରଙ୍କୁ ଦାୟୀ କରିଛନ୍ତି । ନାଟକର ଦ୍ୱିତୀୟ ଦୃଶ୍ୟରେ ଯୁଧିଷ୍ଠିର ପିତାମହଙ୍କଠାରୁ ଦୁର୍ଯ୍ୟୋଧନର ଆତ୍ମଗୋପନ ସମ୍ବାଦ ଜାଣିବାକୁ ଚାହିଁଛନ୍ତି ଏବଂ ଏହାର ପ୍ରତ୍ୟୁତ୍ତରରେ ପିତାମହ ଯୁଧିଷ୍ଠିରଙ୍କୁ ଭର୍ତ୍ସନା କରି କହିଛନ୍ତି ଯେ – ମହାଭାରତ ଯୁଦ୍ଧ ହେଉଛି କ୍ଷମତା ଦ୍ୱନ୍ଦ୍ୱର ନାରକୀୟ ପରିଣତି । ଯୁଧିଷ୍ଠିର ଚାହିଁଥିଲେ ଏହାକୁ ଏଡ଼େଇ ଦିଆଯାଇ ପାରିଥା'ନ୍ତା । ଗୋଟିଏ ସଭ୍ୟତାକୁ ଧ୍ୱଂସ ମୁଖରୁ ରକ୍ଷା କରାଯାଇପାରିଥାନ୍ତା ।

ଊରୁଭଙ୍ଗ ହୋଇପଡ଼ିଥିବା ଦୁର୍ଯ୍ୟୋଧନଙ୍କ ସହ ବଳରାମଙ୍କ କଥୋପକଥନ ମଧ୍ୟରେ ନାଟ୍ୟକାର ଦୁର୍ଯ୍ୟୋଧନ ଚରିତ୍ରକୁ ଗଭୀର ମାନବିକ ଆବେଦନରେ ମଣ୍ଡିତ କରି ପ୍ରକାଶ କରିଛନ୍ତି । ଜୀବନର ଶେଷ ଦଶାରେ ଦୁର୍ଯ୍ୟୋଧନ ପ୍ରତିଶୋଧ ପରାୟଣ ନହୋଇ ଆପଣା କୃତକର୍ମର ସମୀକ୍ଷା କରିଛନ୍ତି । ଦୁର୍ଯ୍ୟୋଧନ ଚାହିଁଥିଲେ ଭୀମଙ୍କର ତିନି ରଡ଼ିକୁ ଉପେକ୍ଷା କରି ବ୍ୟାସ ସରୋବରରେ ଆତ୍ମଗୋପନ କରି ରହିପାରିଥାନ୍ତେ । ମାତ୍ର ଭୀରୁ ପଳାତକ ପରି ସେ ବଞ୍ଚିବାକୁ ନଚାହିଁ ସେ ବୀର ପରି ଲଢ଼ି ମୃତ୍ୟୁବରଣ କରିଛନ୍ତି । ଏହା ଯଥାର୍ଥରେ ବୀରର ଆଦର୍ଶ । କପଟ ଯୁଦ୍ଧରେ ଜୟଲାଭ କରିଥିବା ପାଣ୍ଡମାନଙ୍କ ପ୍ରତି ଜୀବନର ଶେଷ ଦଶାରେ ଉପନୀତ ହୋଇଥିବା ଏଇ ଦୁର୍ଯ୍ୟୋଧନ ବରଂ ସମବେଦନା ପ୍ରକାଶ କରିଛନ୍ତି । ବଳରାମ ଯେତେବେଳେ ପ୍ରିୟ ଶିଷ୍ୟର ଏ ଦୁର୍ଦ୍ଦଶା ଦେଖି ବ୍ୟଥିତ ହୋଇଛନ୍ତି ଏବଂ ପ୍ରତିଶୋଧ ନେବାପାଇଁ ତତ୍ପର ହୋଇପଡ଼ିଛନ୍ତି, ଦୁର୍ଯ୍ୟୋଧନ ସେଥିରୁ ତାଙ୍କୁ ନିବୃତ୍ତ କରାଇ କହିଛନ୍ତି : "ସେମାନେ ନିହତ ହେଲେ ତ ମୁଁ ଆଉ ଜୀବନ ପାଇପାରିବିନି । ଆତତାୟୀର ମାନସିକ ଯନ୍ତ୍ରଣା ଭୋଗିବାକୁ ସେମାନେ ବଞ୍ଚି ରହିବା ଉଚିତ । ବିଶ୍ୱ ସୃଷ୍ଟି ସଂପୂର୍ଣ୍ଣ ଧ୍ୱଂସ ହୋଇନଯାଉ । ମହାକାଳର ଅଗ୍ନିଶିଖାରେ ଯାହା କିଛି ଧ୍ୱଂସ ହୋଇଯାଇଛି ତା' ତ ଆଉ ଫେରିଆସିବ ନାହିଁ, ବରଂ ନୂତନ ସୃଷ୍ଟି ପାଇଁ ମୁଁ ଦେଇଯିବି ମୋର ପ୍ରାଣର ଆଶୀର୍ବାଦ ।"(୫)

'ସ୍ୱର୍ଗାରୋହଣ' ପାଇଁ ବହିର୍ଗତ ପାଣ୍ଡବଗଣ ଓ ଦ୍ରୌପଦୀ ଜୀବନକୁ ଅସାର ବୋଲି କେବଳ ଅନୁଭବ କରିନାହାନ୍ତି, ସେମାନେ ଉପଲବ୍ଧି କରିଛନ୍ତି ଯେ, ଗୋଟେ ଜନଶୂନ୍ୟ ଇଲାକାରେ ସେମାନେ କାହାକୁ ନେଇ ଶାସନ କରିବେ, ଆପଣାର ବିଜୟବାର୍ତ୍ତାକୁ ଉଦ୍‌ଘୋଷଣ କରିବେ । ଏଇ ସୀମାହୀନ ବ୍ୟର୍ଥତା ମଧ୍ୟରେ ରହି ସେମାନେ ପରସ୍ପରକୁ ଦୋଷାରୋପ କରିଛନ୍ତି । ଯୁଧିଷ୍ଠିରଙ୍କୁ ଦ୍ରୌପଦୀ ଓ ଅନ୍ୟ ଭାଇମାନେ ଯୁଦ୍ଧପାଇଁ ଦାୟୀ କରିଛନ୍ତି । ପରିଶେଷରେ ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ସମସ୍ତେ 'ସ୍ୱର୍ଗାରୋହଣ' ପାଇଁ ଯାତ୍ରା ଆରମ୍ଭ କରିଛନ୍ତି । ଏହା ସହ ନାଟକରେ ଯୋଡ଼ି ଦିଆଯାଇଛି ୧ମ, ୨ୟ ଓ ୩ୟ ବ୍ୟକ୍ତିର ଆଚରଣକୁ । ସେମାନେ ସମସ୍ତେ ସେମାନଙ୍କର ନିତିଦିନିଆ ଜୀବନରେ ବିବ୍ରତ ଓ ବିରକ୍ତ । ସେମାନେ ଚାହାନ୍ତି ଏହି ଦୁନିଆ ମଧ୍ୟରୁ ମୁକ୍ତି ଦେଇ ଆଉ ଏକ କଳ୍ପଲୋକରେ ଶାନ୍ତି ଓ ସୁଖ ଭୋଗ କରିବା ପାଇଁ ।

Digitized by srujanika@gmail.com

ସଂସାରର ଜ୍ୱାଳାରେ ଦଗ୍‌ଧ ହୋଇ ଏହାକୁ ପରିତ୍ୟାଗ କରିବାରେ ଜୀବନର ସାର୍ଥକତା ବା ପୌରୁଷ ନାହିଁ। ବରଂ ସଂସାରରେ ରହି ଏହି ନଷ୍ଟ ମୂଲ୍ୟବୋଧର ପୃଥିବୀକୁ ସଜାଡ଼ିବାକୁ ପଡ଼ିବ। ଏହାହିଁ ନାଟକରେ ସଞ୍ଜୟ ଘୋଷଣା କରିଛି। ସହସା ମହାଭାରତର ସଞ୍ଜୟ ଏଥିରେ ଗାୟକ ଓ ଅନ୍ୟ ତିନିଜଣ ବ୍ୟକ୍ତି ପାଳିଆରେ ରୂପାନ୍ତରିତ ହୋଇଯାଇଛନ୍ତି ଏବଂ ଏହି ମର୍ତ୍ତ୍ୟଲୋକକୁ ସ୍ୱର୍ଗରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ପୌରାଣିକ ଦୃଷ୍ଟି ଗଭୀର ଭାବରେ ଆଧୁନିକ ଜୀବନବୋଧ ଆଡ଼କୁ ସଂପ୍ରସାରିତ ହୋଇଯାଇଛି।

'ସ୍ୱର୍ଗାରୋହଣ' ସଙ୍କଳନସ୍ଥ ଅନ୍ୟ ଏକ ନାଟକ 'ମଧପାତ୍ର'ରେ ନାଟ୍ୟକାରଙ୍କର ପୌରାଣିକ ଦୃଷ୍ଟି ମଧ ନିବିଡ଼ ଆଧୁନିକ ଦୃଷ୍ଟିରେ ରୂପାନ୍ତରିତ ହୋଇଛି। ପୌରାଣିକ ନାୟକ ଶ୍ରୀକୃଷ୍ଣ, ପଞ୍ଚପାଣ୍ଡବ ଓ ଦ୍ରୌପଦୀଙ୍କୁ ନେଇ ଏକ ଭାବନା ବିଧୂର ପରିବେଶରେ ଏ ନାଟକର ପରିକଳ୍ପନା। ଏ ନାଟକର କାଳରେଖା ପୁଣି ପରିକଳ୍ପିତ ହୋଇଛି ସନ୍ଧ୍ୟାର ଅନ୍ଧକାର ମଧ୍ୟରୁ ଶୁଭ ସୂର୍ଯ୍ୟୋଦୟର ଦୀପ୍ତି ମଧ୍ୟରେ।

ସମଗ୍ର ମହାଭାରତ ମହାନାଟକର ସୂତ୍ରଧାର ଶ୍ରୀକୃଷ୍ଣ ଚରିତ୍ରର ମହନୀୟତା ତଥା ଆଧୁନିକତା ଏଥିରେ ପ୍ରଦର୍ଶିତ। ସେ ଏଠାରେ ଆପଣା ନାଟକର ନାୟକ, ନିର୍ଦ୍ଦେଶକ, ସବୁକିଛି। ସେ ଊର୍ଣ୍ଣନାଭ – ନିଜ ସୃଷ୍ଟିରେ ବିଭୋର – ପୁଣି ନିଜ ସୃଷ୍ଟିର ସଂହାରକାରୀ। ସେ ପାଣ୍ଡବମାନଙ୍କର ହିତାକାଂକ୍ଷୀ ରୂପେ ଦୌତ୍ୟ କରିପାରନ୍ତି, ପୁଣି ଏହାର ଅନ୍ତରାଳରେ ପାଣ୍ଡବ ଓ କୌରବ ମଧ୍ୟରେ ବିଭେଦ ଘଟାଇ ଏକ ମହାସଂଘର୍ଷର ବୀଜବପନ କରିଦେଇପାରନ୍ତି। ନାଟକର ଅନ୍ୟ ଦିଗ ହେଲା ଯୁଧିଷ୍ଠିରଙ୍କ ଚରିତ୍ର। "କ୍ଷମତାର ଶାସନଠାରୁ ମମତାର ଶାସନ ମନୁଷ୍ୟତ୍ୱର ବିକାଶରେ ବଡ଼ ବାଧା ସ୍ୱରୂପ ଠିଆ ହୋଇପାରେ। ନାଟକର ଏହା ଅନ୍ୟ ଏକ ପ୍ରତିପାଦିତ ବିଷୟ। କନିଷ୍ଠ ପାଣ୍ଡବ ତଥା ଦ୍ରୌପଦୀଙ୍କ କଟୂ ସମାଲୋଚନାର ଶରବ୍ୟ ଯୁଧିଷ୍ଠିର ସତେ ଯେପରିକି ନରରୂପଧାରୀ ସତ୍ୟର ପୂଜାରୀ। ଶାନ୍ତିର ଉପାସକ। ମାନବ ଚେତନାର ଦେବ ସତ୍ତାରେ ଭାସ୍ୱର – ଏଇ ବ୍ୟକ୍ତି କୋମଳ ନାରୀ ଭାବାପନ୍ନ, ଅହଂସ୍ଫୀତ, ସ୍ୱୈରାଚାର, ଭୀରୁ ମାନସିକତା, ପଳାୟନପନ୍ଥୀ ଅବାସ୍ତବତା ଓ ଅନାସକ୍ତ ନିର୍ଲିପ୍ତ ଆଦର୍ଶବାଦର ଦୁର୍ଭେଦ୍ୟ ବ୍ୟୂହରେ ବନ୍ଦୀ। ତାଙ୍କୁ ଉଦ୍ଧାର କରିଛନ୍ତି ଶ୍ରୀକୃଷ୍ଣ। ସ୍ୱାର୍ଥ ପରମାର୍ଥର, ସ୍ୱର୍ଗ ଓ ଧରାର ସତ୍ୟ ଓ ସ୍ୱୀକୃତିର ଅଲୌକିକତା ଓ ଲୌକିକତାର ସେ ପ୍ରାଣ ସ୍ୱରୂପ।"[୬]

ନାଟକର ଆରମ୍ଭ ହୋଇଛି ଦ୍ରୌପଦୀଙ୍କ ଦୀର୍ଘ ସଂଳାପରୁ। କୁନ୍ତୀ ଓ ତାଙ୍କର ପାଞ୍ଚ ପୁତ୍ରଙ୍କର ଅସହାୟ ସ୍ଥିତିକୁ ସେ ସ୍ପଷ୍ଟ କରି ଦେଇଛନ୍ତି। କୁନ୍ତୀ ରାଜମାତା ହେବାର ସ୍ୱପ୍ନ ଦେଖିଥିଲେ। ମାତ୍ର ପୁତ୍ରମାନଙ୍କ ସହିତ ସେ ବରଣ କରିନେଲେ ଉତ୍କଟ ଦାରିଦ୍ର୍ୟକୁ। ଧର୍ମରାସ୍ତାର ପଥିକ ସେମାନେ। ଅନ୍ୟ ଦିଗରେ ଯୁଧିଷ୍ଠିରଙ୍କ ସ୍ନେହର ଛାୟା ତଳେ ଭୀମ

Digitized by srujanika@gmail.com

ଅର୍ଜୁନ,ନକୁଳ, ସହଦେବଙ୍କର ବ୍ୟକ୍ତିତ୍ୱ ସଙ୍କୁଚିତ। ସେମାନେ ପଲ୍ଲବିତ ହେବାର ସୁଯୋଗ ପାଇନାହାନ୍ତି। ଧର୍ମରାଜଙ୍କର ଚିରକାଳ ଅନୁଗାମୀ ସେମାନେ। ଏପରି ସଙ୍କଟପୂର୍ଣ୍ଣ ଅବସ୍ଥାରେ ସେମାନଙ୍କୁ ପଥର ସନ୍ଧାନ ଦେବାପାଇଁ ଯେଉଁ ନିର୍ଦ୍ଦେଶକ ବା ମଧ୍ୟପାତ୍ରର ଆବଶ୍ୟକତା ତାକୁ ପୂରଣ କରିଛନ୍ତି ଶ୍ରୀକୃଷ୍ଣ। ତାଙ୍କର ବକ୍ତବ୍ୟ ହେଲା : "ନା' ପୃଥିବୀର ଗତି କେହି ବନ୍ଦ କରିପାରିବେନି। ପୃଥିବୀ ତା'ର ଚିରନ୍ତନ ଦ୍ୱନ୍ଦ୍ୱ ସଂଘର୍ଷ ଭିତରେ ଦେଇ ଗତି କରି ଚାଲିବ। ଦୃଷ୍କୃତକାରୀମାନଙ୍କୁ ବିନାଶ କରିଦେଲେ ବି ସେମାନେ ନିଶ୍ଚିହ୍ନ ହୋଇଯିବେ ନାହିଁ। ସେହି ନିରୀହ ଲୋକମାନଙ୍କ ଭିତରୁ ପୁଣି ଦୁର୍ଦ୍ଦାନ୍ତମାନଙ୍କର ସୃଷ୍ଟି ହେବ। ପୁଣି ହେବ ସଂଘର୍ଷର ଉଦ୍‌ଭବ। ତେବେ ଏସବୁ କହିବାର ପ୍ରୟୋଜନ ନାହିଁ। କାରଣ ମୋର ଏଠି ଭୂମିକା ଅନ୍ୟ ପ୍ରକାରର। ମୁଁ ଏଠି ସୃଷ୍ଟିକର୍ତ୍ତା ନୁହେଁ କି ସଂହାରକର୍ତ୍ତା ନୁହେଁ। ମୁଁ କେବଳ ମଧ୍ୟପାତ୍ର, ଦୂତ। ଜଣଙ୍କ କଥା ଆଉ ଜଣଙ୍କୁ କହିବା ମୋର କାର୍ଯ୍ୟ।"(୭)

କିନ୍ତୁ ଦୁର୍ଯ୍ୟୋଧନଙ୍କ ନିକଟକୁ ଦୂତ ପଣରେ ଯାଇ ଖଣ୍ଡିଏ ମାତ୍ର ପଡ଼ା ମାଗିବା ପୂର୍ବରୁ ଖୁବ୍ କୌଶଳର ସହ ମଧ୍ୟପାତ୍ର କୃଷ୍ଣ ଦୁଇଗୋଟି କାର୍ଯ୍ୟ ସାଧନ କରିପାରିଛନ୍ତି। ପ୍ରଥମଟି ହେଲା, ଦୁର୍ଯ୍ୟୋଧନ ତଥା କୌରବମାନଙ୍କ ବିପକ୍ଷରେ ଦ୍ରୌପଦୀଙ୍କ ସମେତ ପାଣ୍ଡବ ପାଞ୍ଚଭାଇଙ୍କର ଭୟଙ୍କର ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବା, ଅନ୍ୟ ଦିଗରେ ପାଣ୍ଡବମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଭୁଲ୍ ବୁଝାମଣାର ଉଦ୍ରେକ କରାଇ ଅବିଶ୍ୱାସର ବିଷ-ବାଷ୍ପ ମଣ୍ଡିତ ପରିଧିଟିଏ ସୃଷ୍ଟି କରିବା। କୃଷ୍ଣଙ୍କର ଏହି ଦୁଇ ପ୍ରକାର କାର୍ଯ୍ୟସାଧନ ପରିପ୍ରେକ୍ଷୀରେ ପାଣ୍ଡବମାନଙ୍କର ଅବଚେତନ ବିଶ୍ଳେଷଣକୁ ଲକ୍ଷ୍ୟ କରାଯାଇ ପାରିବ। ଏଠାରେ ସେମାନେ ଯେପରି ଈର୍ଷାକାତର ପରାର୍ଥପ୍ରାଣ, ବ୍ୟକ୍ତିଚେତନାର ସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ଆବଦ୍ଧ ଆଧୁନିକ ଚରିତ୍ର ବିଶେଷ।

ପ୍ରଥମେ ଅଗ୍ରଜ ଯୁଧିଷ୍ଠିରଙ୍କ ସହ କଥାଭାଷା କରିଛନ୍ତି ଶ୍ରୀକୃଷ୍ଣ। ଧର୍ମରାଜ ଯୁଧିଷ୍ଠିର ପ୍ରଥମେ ଗୋଟିଏ ପଡ଼ା ପାଇଁ ସମ୍ମତ ହୋଇଥିଲେ ବି ଶ୍ରୀକୃଷ୍ଣଙ୍କର ବକ୍ତବ୍ୟ ତାଙ୍କ ପ୍ରାଣରେ ଯୁଦ୍ଧପାଇଁ ପ୍ରେରଣା ସୃଷ୍ଟି କରିଛି। ଧର୍ମରାଜ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି : "x x x ରକ୍ତକୁ ମୁଁ ଚିରଦିନ ଭୟ କରିଆସିଛି କିନ୍ତୁ; ଆଉ ନୁହେଁ। ସେଇ ରକ୍ତ ଭିତରେ ହୋରି ଖେଳିବାକୁ ମୁଁ ବି ପ୍ରସ୍ତୁତ ହୋଇଯିବ। ଯେଉଁ ରକ୍ତ ଦେଖିଲେ ମୋର ସାରା ଶରୀର ଭୟରେ ଶିହରି ଉଠୁଥିଲା, ସେଇ ରକ୍ତ ଆଜି ମୋର ହୃଦୟରେ ଆଣିଛି ପ୍ରବଳ ଉତ୍ତେଜନା। ମୁଁ ରକ୍ତ ପାଇଁ ପାଗଳ ହୋଇଯିବି। ରକ୍ତ! ରକ୍ତ! କିଏ ମୋତେ ରକ୍ତ ଆଣିଦେବ! ଭାଇର ରକ୍ତ ସେଇ ରକ୍ତରେ ମୁଁ ତର୍ପଣ କରିବି।"(୮)

ପରେ ପରେ ବୃକୋଦର ସହିତ ଆଲୋଚନା ହୋଇଛି ମଧ୍ୟପାତ୍ରଙ୍କର। ସେଠାରେ ବି ସେ ଲକ୍ଷ୍ୟ କରିଛନ୍ତି ବିଦ୍ରୋହାଗ୍ନିର ଜ୍ୱାଳା; ପୁଣି ନୀରବଦ୍ରଷ୍ଟା ଯୁଧିଷ୍ଠିରଙ୍କ ପ୍ରତି କ୍ଷୋଭ

Digitized by srujanika@gmail.com

ଓ ଅସନ୍ତୋଷ। ଅର୍ଜୁନ, ନକୁଳ, ସହଦେବ ପ୍ରତ୍ୟେକଙ୍କୁ ସାକ୍ଷାତ କରି ଚକ୍ରୀ ଧାରଣା କରିନେଇଛନ୍ତି ସମସ୍ତେ ଯେପରି ଯୁଦ୍ଧପାଗଳ, ପାଣ୍ଡବ ଭାଇମାନଙ୍କ ମଧ୍ୟରେ ସଂହତି ଭାଙ୍ଗି ପଡ଼ିଛି। ତେଣୁ ଭାଇମାନଙ୍କ ମଧ୍ୟରେ ସଂହତି ଆଣିବା ପାଇଁ ସେମାନଙ୍କ ବିରୋଧୀ ଶକ୍ତି ସହ ଯୁଦ୍ଧ କରିବାର ଆବଶ୍ୟକତାକୁ ସେ ଉପଲବ୍ଧି କରିଛନ୍ତି। ଆହୁରି ମଧ୍ୟ ଦୁର୍ଯୋଧନ ଯଦି ପାଞ୍ଚଗୋଟି ଗ୍ରାମ ଦେଇଦିଏ, ତେବେ ବି ଏହି ପାଣ୍ଡବମାନେ ସାଧାରଣ ନାଗରିକ ପରି ସେଥିରେ ବସବାସ କରିପାରିବେ ନାହିଁ। ଏକ ଆତ୍ମଗ୍ଲାନି ମଧ୍ୟରେ ସେମାନେ ସନ୍ତୁଳି ହେବେ। ବାହାରେ ଶାନ୍ତି ଶାନ୍ତି ଚିତ୍କାର କଲେ ମଧ୍ୟ ଭସ୍ମାଚ୍ଛାଦିତ ଅଗ୍ନି ପରି ସେମାନଙ୍କର ପୁରୁଣା କ୍ରୋଧ ନିଶ୍ଚିତ ଭାବରେ ବାହୁନି ଉଠିବ।

ପାଦଟୀକା :

(୧) ସ୍ୱର୍ଗାରୋହଣ- ପୃ-୫୪
(୨) ସ୍ୱର୍ଗାରୋହଣ- ପୃ-୫୧
(୩) ସ୍ୱର୍ଗାରୋହଣ- ପୃ-୫-୬
(୪) ସ୍ୱର୍ଗାରୋହଣ- ପୃ-୭
(୫) ସ୍ୱର୍ଗାରୋହଣ- ପୃ-୩୧
(୬) ସ୍ୱର୍ଗାରୋହଣ- ପୃ-ଖ- ଡ. ନରେନ୍ଦ୍ରନାଥ ମିଶ୍ର
(୭) ମଧ୍ୟପାତ୍ର- ସ୍ୱର୍ଗାରୋହଣ- ପୃ-୬୧
(୮) ମଧ୍ୟପାତ୍ର - ସ୍ୱର୍ଗାରୋହଣ- ପୃ-୭୧

ସତ୍ସଙ୍ଗ ଲେନ୍,
କଲ୍ୟାଣୀ ନଗର, କଟକ
ପିନ୍-୭୫୩୦୧୩

Digitized by srujanika@gmail.com

ସତ୍ୟ ସଂଶୟ ସାଲବେଗ ଓ ସ୍ରଷ୍ଟା ନୀଳାଦ୍ରିଭୂଷଣ

ପ୍ର. ସଂଘମିତ୍ରା ମିଶ୍ର

ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ ଓଡ଼ିଆ ସାହିତ୍ୟ ଜଗତର ଏକ ପରିଚିତ ଉଚ୍ଚାରଣ। ନାଟ୍ୟକାର ପର୍ଶୁରାମ ହରିଚନ୍ଦନଙ୍କର ସୁପୁତ୍ର ନୀଳାଦ୍ରିଭୂଷଣ ପିତାଙ୍କର ସର୍ଜନଶୀଳତାର ଯଥାର୍ଥ ଉତ୍ତରାଧିକାରୀ। ସେ ଏକାଧାରରେ କବି, ପ୍ରାବନ୍ଧିକ, ସମାଲୋଚକ ନାଟ୍ୟକାର ତଥା ସଂପାଦକ, ଭାଷା ସଂପର୍କୀୟ ମୂଲ୍ୟବାନ ଗ୍ରନ୍ଥର ପ୍ରଣେତା। ବିଶ୍ୱଭାରତୀ ଶାନ୍ତିନିକେତନ ତାଙ୍କର ପ୍ରତିଭାର ଲାଳନ କ୍ଷେତ୍ର। ବରିଷ୍ଠ ଶିକ୍ଷାବିତ୍ ଭାବେ ସେ ଶିକ୍ଷାର ବିବିଧ ଦିଗନ୍ତ ସଂପର୍କରେ ସ୍ୱମତ ଦେଇ ଆଥାନ୍ତି। ସେ ଅନେକ ଉଚ୍ଚତର ଗବେଷଣାର ଦିଗ୍‌ଦର୍ଶକ ତଥା ପରୀକ୍ଷକ। ପୁଣି ସୌଖୀନ ଅଭିନେତା ଭାବେ ସେ ଅନ୍ୟ ଏକ ଗୌରବର ଅଧିକାରୀ। ତାଙ୍କର ନାଟକ ସଂପର୍କୀୟ ଗବେଷଣା ପୁସ୍ତକଗୁଡ଼ିକ ଅନେକ ଗବେଷକଙ୍କୁ ମାର୍ଗଦର୍ଶନ ଦେଇଛି। ସାରଳା ମହାଭାରତ ସଂପର୍କୀୟ ଆଲୋଚନାରେ ସେ ସ୍ୱତନ୍ତ୍ର ରୁଚି ରଖନ୍ତି। ଯେଉଁ ପୁସ୍ତକପାଇଁ ଏ ପ୍ରବନ୍ଧ ରଚିତ ହେଉଛି ତାହା ପ୍ରଫେସର ହରିଚନ୍ଦନ ମହାଶୟଙ୍କର ସମଗ୍ର କୃତିର ଏକ ମୂଲ୍ୟାୟନ। ତେଣୁ ତାଙ୍କର ଅନ୍ୟ ସମସ୍ତ କୃତିତ୍ୱ ସଂପର୍କରେ ବାଦ୍‌ଦେଇ କେବଳ ନାଟକ ଓ କେବଳ 'ସତ୍ୟ ସଂଶୟ ସାଲବେଗକୁ ଆଲୋଚନାର ପର୍ଯ୍ୟାୟଭୁକ୍ତ କରାଯିବା ଦରକାର।

ରାସ୍ତାନାହିଁ, ନିରୁତ୍ତାପ ବିଷ୍ଣୁକଳା, ସ୍ୱର୍ଗଲୋକେ ଯୁଧିଷ୍ଠିର, ସକଳ ତୀର୍ଥ ତୋ ଚରଣେ, ମୁଣ୍ଡ ଉପରେ ଛାତ, ବରଗଛ, ସନ୍ଧ୍ୟାରେ ଆଲୁଅ, ଦିନଦିନ ଶେଷ ଦିନ, ଜଟାୟୁର ଛିନ୍ନ ଡେଣା, କଲୁରିବେଣ୍ଟ, ମଇଁଷିର ପାଶ ନ ଯାଅ ଦନାଇ, ସ୍ୱର୍ଗାରୋହଣ, ମଧ୍ୟପାତ୍ର, ନିରାପଦ ଭବିଷ୍ୟତ, ବତାସ ନିସ୍ତବ୍ଧ ଆଜି, ଭୀମ ଭୋଇଙ୍କ ସନ୍ଧାନରେ, ଅନୁଶାସନ, ରତ୍ନାକରର ରାସ୍ତା, ରାଜପଥ ଗ୍ରାମପଥ, ଆଶ୍ଚର୍ଯ୍ୟ ମଣିଷ, ସତ୍ୟ ସଂଶୟ ସାଲବେଗ ଓ ବନ୍ଦୀଶାଳାରେ ବିଶ୍ୱପତି ପ୍ରଭୃତି ତାଙ୍କ ଦ୍ୱାରା ରଚିତ ନାଟକ।

'ରାସ୍ତା ନାହିଁ' ନାଟକରେ ସାଧାରଣ ମଣିଷର ଜୀବନଯାତ୍ରାରେ ଯେଉଁ ଛନ୍ଦପତନ ଘଟିଛି ତାହା ବର୍ଣ୍ଣିତ। ଋଣ ଶୁଝି ନପାରି ଚାଷୀ ଆତ୍ମହତ୍ୟା କରୁଥିବା ଘଟଣାକୁ ନେଇ

Digitized by srujanika@gmail.com

ଏହା ପରିକଳ୍ପିତ। କୃଷ୍ଣ ଦେହତ୍ୟାଗ କରିବା ପୂର୍ବରୁ ଅର୍ଜୁନଙ୍କ କଳାହରଣ କରିନେଇଥିବା ଘଟଣା 'ନିରୁତ୍ତାପ ବିଷ୍ଣୁକଳା'ରେ ରୂପାୟିତ। ପୁରାଣର କୃଷ୍ଣ-ଅର୍ଜୁନ, ଇତିହାସର ସାହାଜାହାନ, ଆଉରଙ୍ଗଜେବ ତଥା ସମକାଳୀନ ମାଲହୋତ୍ରା ଓ ମହାପାତ୍ରଙ୍କ ମଧ୍ୟରେ କ୍ଷମତାସୀନ ଓ କ୍ଷମତା ପରର ସମସ୍ୟା ଏଥିରେ ତିନୋଟି ପର୍ଯ୍ୟାୟରେ ରୂପ ପାଇଛି। 'ସ୍ୱର୍ଗଲୋକେ ଯୁଧିଷ୍ଠିର'ରେ ମହାଭାରତର ଧର୍ମରାଜ ଯୁଧିଷ୍ଠିରଙ୍କ ସ୍ୱର୍ଗଯାତ୍ରା ସଂପର୍କରେ କୁହାଯାଇଛି। ପୁଣି ବର୍ତ୍ତମାନର ଘଟଣା ଭିତରେ ଅତୀତର କିଭଳି ପୁନରାବୃତ୍ତି ଘଟିଛି ତାର ଯଥାର୍ଥ ଆକଳନ କରାଯାଇଛି। 'ମୁଣ୍ଡ ଉପରେ ଛାତ'ରେ ଘରର ଅତ୍ୟାବଶ୍ୟକତା ସୂଚିତ। ଭିଟାମାଟି ଛାଡ଼ିଥିବା ମଣିଷମାନେ କେଡ଼େ ଅସହାୟ ତାହା ଏହି ନାଟକରେ ପ୍ରଦର୍ଶିତ ହୋଇଛି। 'ସନ୍ଧ୍ୟାର ଆଲୁଅ'ରେ ପୁଅଝିଅ ମଧ୍ୟରେ ପ୍ରଭେଦ ଦେଖୁଥିବା ବାପା ମାଆଙ୍କ ମାନସିକତା ବର୍ଣ୍ଣିତ। 'କଲୁରିବେଣ୍ଟ' ଓଡ଼ିଶାର ପ୍ରଚଳିତ ଲୋକକଥାର ଫର୍ମ ଦେଇ ଭୂମିଷ୍ଠ ହୋଇଛି। ଏଥିରେ ଗରିବ ଲୋକଙ୍କୁ କାଉ ଓ ଚତୁର ଧନୀକମାନଙ୍କୁ କୁମ୍ଭାର ସହିତ ତୁଳନା କରାଯାଇଛି। ଏହା ପାଲଟିଯାଇଛି ରାଜନୀତିକ ବ୍ୟଙ୍ଗର ନାଟକ। 'ମଇଁଷିର ପାଶ ନଯାଅ ଦନାଇ' ମଧ୍ୟ କିଂବଦନ୍ତୀ ଆଧାରିତ। ଅରଣା ମଇଁଷିକୁ ପିଲାଦିନୁଁ ଭୟ କରୁଥିବା ଦନାଇ ନିଜର ଲୁପ୍ତ ପୌରୁଷକୁ ଖୋଜିବା ହିଁ ଏ ନାଟକର ବକ୍ତବ୍ୟ। 'ସ୍ୱର୍ଗାରୋହଣ' ପୁରାଣର ପଟ୍ଟଭୂମିରେ ରଚିତ। ପୃଥିବୀ ବାହାରେ ସ୍ୱର୍ଗ ନାହିଁ ବରଂ ତାକୁ ତ୍ୟାଗ କରି ସତ୍ୟର ସନ୍ଧାନ କରିବା ଲୋଡ଼ା। 'ମଧ୍ୟପାତ୍ର'ରେ ମଧ୍ୟ ମହାଭାରତରେ ପାଞ୍ଚଖଣ୍ଡ ପଡ଼ାମାଗିବାକୁ ଯାଇଥିବା କୃଷ୍ଣ ମଧ୍ୟପାତ୍ର ଭାବେ ପରିକଳ୍ପିତ। 'ନିରାପଦ ଭବିଷ୍ୟତ'ରେ ପାଣ୍ଡବମାନଙ୍କର ଅଜ୍ଞାତବାସ କାଳୀନ ଘଟଣା ରୂପାୟିତ। 'ବତାସ ନିସ୍ତବ୍ଧ ଆଜି'ରେ ବୀର କପିଳେନ୍ଦ୍ର ଦେବ ଓ ତାଙ୍କର ପୁତ୍ର ହମ୍ୱୀର ଦେବଙ୍କ ବିଷୟ ବର୍ଣ୍ଣିତ ହୋଇଛି। ପୁରୁଷୋତ୍ତମଙ୍କୁ ରାଜା କରିବା ପାଇଁ କପିଳେନ୍ଦ୍ର ଜଗନ୍ନାଥଙ୍କ ଇଚ୍ଛାର ସାହାଯ୍ୟ ନେବା ଓ ହମ୍ୱୀରଙ୍କ ପାଇଁ ଷଡ଼ଯନ୍ତ୍ର କରିବା ଏହାର କଥାବସ୍ତୁ। 'ଜଟାୟୁର ଛିନ୍ନଡେଣା' ସଙ୍କଳନରେ ତିନୋଟି ଛୋଟ ନାଟକ, ଭୀମ ଭୋଇଙ୍କ ସନ୍ଧାନରେ ପାଞ୍ଚଟି ଛୋଟ ନାଟକ ଓ ବନ୍ଦୀଶାଳରେ ବିଶ୍ୱପତିରେ ଚାରୋଟି ଛୋଟ ନାଟକ ଏକତ୍ର ସଂକଳିତ ହୋଇଛି। 'ଅନୁଶାସନ' ମହାଭାରତରେ ଅନୁଶାସନ ପର୍ବରୁ ଗୃହୀତ। 'ରତ୍ନାକରର ରାସ୍ତା' ମଧ୍ୟ ଦସ୍ୟୁ ରତ୍ନାକର ବାଲ୍ମିକୀ ହେବା ପ୍ରସଙ୍ଗ ଆଧୁନିକ ବିଚାରରୁ ରୂପାୟିତ ହୋଇଛି। 'ରାଜପଥ ଗ୍ରାମପଥ' ଗ୍ରାମ ଓ ସହରର ପାରସ୍ପରିକ ସଂଘର୍ଷ ଓ ସମନ୍ୱୟର କଥା କହେ। ସେହିଭଳି 'ଆଶ୍ଚର୍ଯ୍ୟ ମଣିଷ' ପିତା ଓ ପୁତ୍ରର ମାନସିକ ସଂଘର୍ଷର କଥା କହିଥାଏ।

ଏସବୁ ନାଟକ ଓ ଛୋଟ ନାଟକ ମଧ୍ୟରୁ କେତୋଟି କଥା ସ୍ପଷ୍ଟ ହୁଏ :

(କ) ଏହି ନାକଗୁଡ଼ିକ ମଧ୍ୟରୁ ଅନୁଶାସନ, ସ୍ୱର୍ଗାରୋହଣ, ସ୍ୱର୍ଗଲୋକେ ଯୁଧିଷ୍ଠିର ଓ ମଧ୍ୟପାତ୍ର ଭଳି ନାଟକରେ ମହାଭାରତର ଆଖ୍ୟାନ ଭାଗକୁ ଗ୍ରହଣ କରାଯାଇଛି।

Digitized by srujanika@gmail.com

(ଖ) ରତ୍ନାକରର ରାସ୍ତା, ଜଟାୟୁର ଛିନ୍ନ ଡେଣା ବା ନିରୁତ୍ତାପ ବିଷ୍ଣୁକଳା ପ୍ରଭୃତି ନାଟକ ପୁରାଣାଶ୍ରୟୀ। ପୁରାଣ ସହିତ ଇତିହାସ ମିଶି ନିରୁତ୍ତାପ ବିଷ୍ଣୁକଳାରେ ଓ ସତ୍ୟ ସଂଶୟ ସାଲବେଗ ଇତିହାସ ବର୍ଣ୍ଣିତ।

(ଗ) ନାଟକଗୁଡ଼ିକରେ ସାଂପ୍ରତିକ ସମସ୍ୟାକୁ ସହାନୁଭୂତିର ସହିତ ଦେଖିବାର ଆଗ୍ରହ ରହିଛି।

(ଘ) ଲୋକକଥାର ସଙ୍ଗୀତାଶ୍ରୟୀ ନାଟକ ମଧ୍ୟ ସେ ରଚନା କରିଛନ୍ତି।

(ଙ) ପ୍ରତ୍ୟେକ ନାଟକର ବଡ଼କଥା ହେଉଛି ନାଟ୍ୟକାରଙ୍କର ବକ୍ତବ୍ୟ।

(ଚ) ମିଥ୍‌ଭିତ୍ତିକ ନାଟକଗୁଡ଼ିକରେ ଅଧିକ କଳାତ୍ମକତା ପରିଲକ୍ଷିତ ହୋଇଛି।

(ଛ) ସତ୍ୟ, ଧର୍ମ, ରାଜନୀତି, କୂଟନୀତି ଓ ଆଧ୍ୟାତ୍ମିକତା ପ୍ରଭୃତିକୁ ନେଇ ସେ ସୂକ୍ଷ୍ମ ତର୍ଜମା କରିଛନ୍ତି।

(ଜ) ତାଙ୍କର ନାୟକମାନଙ୍କ ମଧ୍ୟରୁ ଅଧିକାଂଶ ସଂଶୟଗ୍ରସ୍ତ।

(ଝ) ଛୋଟନାଟକ ଲେଖିବାରେ ନାଟ୍ୟକାରଙ୍କର ସିଦ୍ଧି ଅଧିକ।

(ଞ) ଭାଷା ପ୍ରୟୋଗରେ ସ୍ୱାତନ୍ତ୍ର୍ୟ ପ୍ରତ୍ୟେକ ନାଟକରେ ଲକ୍ଷ୍ୟଣୀୟ। ଏହି ବୈଶିଷ୍ଟ୍ୟକୁ ଦୃଷ୍ଟିରେ ରଖି ଆମେ 'ସତ୍ୟ ସଂଶୟ ସାଲବେଗ'ର ଆଲୋଚନା କରାଯାଇପାରେ।

ସାଲବେଗ ଇତିହାସର ଚରିତ୍ର ମାତ୍ର 'ସତ୍ୟ ସଂଶୟ ସାଲବେଗ'ର ନାୟକ ସାଲବେଗ ଇତିହାସର ସୀମା ଲଂଘନ କରି ସାଂପ୍ରତିକ ପ୍ରତିନିଧିରେ ରୂପାନ୍ତରିତ ହୋଇଛି, ଯାହା ଭିତରେ ଅନେକ ଦ୍ୱନ୍ଦ୍ୱ। ଏହିଭଳି ଚରିତ୍ରକୁ ଆମେ representation of a different kind of reality କହିଥାଉ। ଅର୍ଥାତ୍ ତାହା ମିଥ୍ ବା ପୁରା କଳ୍ପରେ ରୂପାନ୍ତରିତ ହୋଇଛି। ଏହି ମିଥ୍ ଆମକୁ ପରମ୍ପର ସହିତ ଜଡ଼ିତ କରି ରଖେ। ମନସ୍ତାତ୍ତ୍ୱିକ ସିଦ୍ଧାନ୍ତ ଭାବରେ ମଧ୍ୟ ଏହା ବେଶ୍ ପ୍ରଭାବଶାଳୀ। ଇତିହାସ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ବନ୍ଦୀ, ମାତ୍ର ଐତିହାସିକ ମିଥ୍ ସମୟାନ୍ତର ପର୍ଯ୍ୟନ୍ତ ପ୍ରଲମ୍ବିତ। ଯେଉଁଭଳି ନିର୍ଦ୍ଦିଷ୍ଟ ଧରମା, ଶିବେଇ ସାଆନ୍ତରା ଏପରିକି ଗଜପତିଙ୍କ ଚରିତ୍ର ମଧ୍ୟ ମିଥ୍ ଭାବେ ପ୍ରଯୁକ୍ତ ହେଉଛି। ଯେଉଁଠି ଇତିହାସ ଥକିଯାଇଛି ଓ ଐତିହାସିକ ଚରିତ୍ରମାନେ ମାନବୀୟ ସହାନୁଭୂତି ଆଧାରରେ ଆହୁରି ଜାଜ୍ୱଲ୍ୟମାନ ହୋଇ ଜନମାନସରେ ପ୍ରତବିମ୍ବିତ ହୋଇଛନ୍ତି। ପୁରାଣର କର୍ଣ୍ଣ, ଅଭିମନ୍ୟୁ, ଉର୍ମିଳା ବା ଶକୁନି ଭଳି ଚରିତ୍ରକୁ ନେଇ ଏକାଧିକ କାବ୍ୟ, ନାଟକ, ଚରିତୋପନ୍ୟାସ ତଥା ଗଳ୍ପ ରଚିତ ହୋଇଛି।

ସାଲବେଗ ଷୋଡ଼ଶ ଶତାବ୍ଦୀର ଶେଷ ଭାଗର ଓଡ଼ିଆ ଗୀତିକବି। ଯାହାଙ୍କ ପିତାଙ୍କ ନାମ ଲାଲବେଗ। ଲାଲବେଗ କଳାପାହାଡ଼ଙ୍କ ସହିତ ଓଡ଼ିଶା ଆକ୍ରମଣ ସକାଶେ

Digitized by srujanika@gmail.com

ଆସି ଓଡ଼ିଶାରେ ଜଣେ ହିନ୍ଦୁ ମହିଳାଙ୍କ ସହିତ ବିବାହ କରିଥିଲେ ଓ ସେହି ବିବାହରୁ ସାଲବେଗଙ୍କ ଜନ୍ମ x x x"(ଜ୍ଞାନକୋଷ ୪ର୍ଥ ଭାଗ, ମ-କ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୬୫, ପୃ-୩୫୪) 'ଧର୍ମସିନ୍ଧୁ' ଶବ୍ଦକୋଷରେ ସାଲବେଗଙ୍କ ସଂପର୍କୀୟ ବିବରଣୀ – "x x x ସାଲବେଗ ହେଲେ ଜଗନ୍ନାଥଙ୍କ ଭକ୍ତ। ଏ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ। ହେଲେ ଏ ସର୍ବଦା ତାଙ୍କ ରଚିତ ପଦ୍ୟାବଳୀରେ ନିଜକୁ 'ଯବନ' ବୋଲି କହିଛନ୍ତି। ଏ ରଚନା କରିଥିଲେ ରାଧାକୃଷ୍ଣଙ୍କ ପ୍ରେମ ବିଷୟକ ସଙ୍ଗୀତ ଓ ଜଗନ୍ନାଥଙ୍କ ମାହାତ୍ମ୍ୟ ବର୍ଣ୍ଣିତ ସଂଗୀତ। ଏଗୁଡ଼ିକ ଅତ୍ୟନ୍ତ ଜନପ୍ରିୟ ଥିଲା। ପୁରୀ ବଡ଼ଦାଣ୍ଡରେ ଯେଉଁଠି ବସି ସାଲବେଗ ଭଜନ ସାଧନ କରୁଥିଲେ ସେଠାରେ ସ୍ୱର୍ଗତ ରାୟ ବାହାଦୂର ଭୂୟାଁ ଭାସ୍କରଚନ୍ଦ୍ର ମହାପାତ୍ର ଖଣ୍ଡିଏ ମଣ୍ଡପ ତୋଳାଇ ଦେଇଛନ୍ତି। ପୁରୀରେ ଏହାଙ୍କ ସମାଧି ଅଛି। ଏହାଙ୍କ ରଚିତ "ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ" ସଂଗୀତଟି ଅତ୍ୟନ୍ତ ଜନପ୍ରିୟ ଓ କାଳଜୟୀ – (ଶବ୍ଦସିନ୍ଧୁ-ସଂ-କ୍ଷୀରୋଦ୍ରା ପରିଜା, ପୃ-୧୦୧୪)।

ନାଟକ 'ସତ୍ୟ ସଂଶୟ ସାଲବେଗ'ର କଥାଭାଗ :

ନାଟକର ସାଲବେଗ ଧର୍ମ, ଧର୍ମାନ୍ଧତା, ଆଧ୍ୟାତ୍ମିକତା ତଥା ସମର୍ପଣ ଭାବନା ମଧ୍ୟରେ ଦୋଳାୟିତ ଏକ ଆଧୁନିକ ଚରିତ। ତା' ଭିତରେ ବିଶ୍ୱାସ ଓ ଯୁକ୍ତିର ଦ୍ୱନ୍ଦ୍ୱ। ପିତୃତ୍ୱ ଓ ମାତୃଗୌରବର ଦ୍ୱନ୍ଦ୍ୱ। ଏହି ସଂଶୟରେ ଆନ୍ଦୋଳିତ ଚରିତ୍ରଟି ଦର୍ଶକର ସମସ୍ତ ସହାନୁଭୂତି ହାସଲ କରିବାରେ ସମର୍ଥ। ଇତିହାସର ସାଲବେଗ ମଧ୍ୟ କାରୁଣ୍ୟର ପ୍ରତିଭୂ ଭାବେ ଦୁଇ ଧର୍ମର ମଧ୍ୟଭାଗରେ ଦଣ୍ଡାୟମାନ। ସେଥିପାଇଁ ବୋଧହୁଏ ତାଙ୍କର ପ୍ରାଣର ଆକୂତି ନେଇ ରଚିତ ଭଜନ ଓ ଜଣାଣଗୁଡ଼ିକର ଚିରନ୍ତନ ମୂଲ୍ୟ ରହିଛି। ଆଜିମଧ୍ୟ ଯବନ ସାଲବେଗ ଶ୍ରେଷ୍ଠ ଭକ୍ତ ଭାବେ ପୂଜିତ। ତାଙ୍କ ରଚିତ ଭଜନଗୁଡ଼ିକର ଭାବ ଓ ସ୍ୱର ଆଜି ମଧ୍ୟ ଶ୍ରୋତାଙ୍କୁ ଆଚ୍ଛନ୍ନ କରିବାର କ୍ଷମତା ରଖେ। ଇତିହାସର ସାଲବେଗ ପ୍ରାଣରେ ପ୍ରତିବାଦ ନାହିଁ ଅଛି ଅବରୋଧ। ମାତ୍ର ନାଟକର ସାଲବେଗ ନିଜର ସ୍ଥିତାବସ୍ଥା ବିରୁଦ୍ଧରେ ପ୍ରତିବାଦ କରେ। ସାଲବେଗ ବିଧବା ହିନ୍ଦୁ ରମଣୀ ଓ ଯବନ ଲାଲବେଗଙ୍କ ସନ୍ତାନ। ନିଜ ଜନ୍ମ ସଂପର୍କୀୟ ଏହି ଜଟିଳ ଏବଂ ତଥାକଥିତ ଲଜ୍ଜାକର ତଥ୍ୟଟି 'ଏକା ତୋ ଭକତ ଜୀବନ' ଜଣାଣରେ – "ବାପା ମୋ ମୋଗଲ ପୁଅ ମାଆ ମୋ ବ୍ରାହ୍ମଣୀ, ଏ କୁଳେ ଜନ୍ମିଲି ହିନ୍ଦୁ ନ ଛୁଏଁ ମୋ ପାଣି।" ଏ କଥାଟି ଉଲ୍ଲେଖ କରିବା ସମୟରେ ସାଲବେଗଙ୍କ ଚକ୍ଷୁ କେତେ ଆର୍ଦ୍ର ହୋଇଥିବ, କଣ୍ଠ କେତେ ଥରି ଉଠିଥିବ ତାହା ଅନୁମାନ ସାପେକ୍ଷ। ମାତ୍ର ନାଟକର ସାଲବେଗ ପ୍ରାରମ୍ଭରେ ଜଣେ ବୈଷ୍ଣବ କଣ୍ଠରୁ "ଆହେ ନୀଳ ଶଇଳ' ଭଜନ ଶୁଣି ବିବ୍ରତ ହୋଇ ପଡୁଛନ୍ତି। ନିଜେ ସେହି ଭଜନର ରଚୟିତା ହୋଇ ମଧ୍ୟ ଏଭଳି ଦୟନୀୟ ଆତ୍ମସମର୍ପଣର ଭାବନାକୁ ଗ୍ରହଣ କରି ପାରିନାହାନ୍ତି। କୌଣସି ଦୃଢ଼ ମନୋବଳ

Digitized by srujanika@gmail.com

ଥିବା ମଣିଷ ନିଜେ ସମର୍ଥ ହୋଇ ଦୁର୍ଦ୍ଦିନକୁ ଅତିକ୍ରମ କରିପାରେ ବୋଲି ସେ ବିଶ୍ୱାସ କରନ୍ତି। ମାତ୍ର ବୈଷ୍ଣବଙ୍କ ମତରେ କେବଳ ଦୀନ ଦରିଦ୍ର ତାଙ୍କୁ ଡାକନ୍ତି ନାହିଁ। ଉଭୟଙ୍କ କଥାବାର୍ତ୍ତା ମଧ୍ୟରେ ଯୁକ୍ତି ଓ ବିଶ୍ୱାସର ଦ୍ୱନ୍ଦ୍ୱ ପରିଲକ୍ଷିତ ହୁଏ। ସାଲବେଗଙ୍କୁ ନଚିହ୍ନି ବୈଷ୍ଣବ ତାଙ୍କ ସଂପର୍କରେ ଜାଣିଥିବା ଘଟଣାମାନ ପ୍ରକାଶ କରନ୍ତି। ବୃଦ୍ଧ ସାଲବେଗଙ୍କ ଉକ୍ତି :

x x x

ଗୋଟାଏ ହୃଦୟହୀନ ସମାଜକୁ
ପିତୃଭକ୍ତିର ଆଦର୍ଶ ଦେଖାଇବା
କି ଦରକାର ଥିଲ ?
ସୁରା ସାକୀରେ ପ୍ରମତ୍ତ ପିତାର
ହୀନ ପ୍ରବୃତ୍ତି ଚରିତାର୍ଥ କରିବା ପାଇଁ
ତାର ସମୃଦ୍ଧି ସାଧନ ଲାଗି
ସାରା ଜୀବନ ନିର୍ବିଚାରରେ ନରହତ୍ୟା
ଲୁଣ୍ଠନ କରି ଚାଲିଥିଲା
ହୃଦୟର ଦରଦ ଦେଇ
ଥରେ ତ ସେ ଭାବିଲାନି
ସାଲବେଗର ଦୁରବସ୍ଥା କଥା ! (ସତ୍ୟ ସଂଶୟ ସାଲବେଗ, ପୃ-୬)

ସାଲବେଗ ନିଜକୁ ଅବିବେକୀ ଓ ପାପୀ କହନ୍ତି। ଯଦିଚ ସେ ନିଜେ ଜାଣନ୍ତି ନିଜ ଅନ୍ତରର ପରିବର୍ତ୍ତନ କଥା। ଜନନୀ ତୁଳସୀ ଆସି ତାର ସମ୍ବୋଧନ କରିବା ପରେ ହିଁ ବୈଷ୍ଣବ ତାଙ୍କ ପରିଚୟ ପାଆନ୍ତି। ତୁଳସୀଙ୍କ ଭକ୍ତି ଭିତରେ କାହାଣୀ ଏକ ପ୍ରଲମ୍ବିତ ଧାରା ଅତୀତକୁ ପରିବ୍ୟାପ୍ତ ହୋଇଯାଏ ଯେଉଁଠି ବିଧବା ବ୍ରାହ୍ମଣକୁ ଜବରଦସ୍ତ ଗାଧୁଆ ତୁଠରୁ ଧରି ଆଣୁ ଥାଆନ୍ତି ଯବନ ଲାଲବେଗ। ତାଙ୍କ ଭିତରେ ମଧ୍ୟ ଲାଲବେଗଙ୍କ ପ୍ରତି ଘୃଣା। କାରଣ ସେ ତୁଳସୀଙ୍କୁ ପତ୍ନୀ ମର୍ଯ୍ୟଦା ଦେଇନାହାନ୍ତି। ବରଂ ସ୍ତ୍ରୀ ପୁତ୍ରକୁ ତଡ଼ି ଦେଇ ନିଜେ ଅନ୍ୟ ନାରୀ ସମ୍ଭୋଗରେ ମାତିଛନ୍ତି। ବୈଷ୍ଣବଙ୍କ ସହିତ ତାଙ୍କର ଯୁକ୍ତିରୁ ସ୍ପଷ୍ଟ ହୁଏ ଯେ ସାଲବେଗ ହିନ୍ଦୁଧର୍ମର ସମାଜ ଓଡିମାନଙ୍କ ସ୍ୱାର୍ଥ ସଂପର୍କରେ ସଚେତନ। ଭକ୍ତକୁ ଭଗବାନଙ୍କ ଠାରୁ ଦୂରେଇ ରଖିଥିବା ଏହି କରିତ୍କର୍ମାମାନେ ଧର୍ମକୁ ମନଇଚ୍ଛା ନିୟନ୍ତ୍ରଣ କରୁଛନ୍ତି।

ଏହାପରେ ଜଣେ ଫକୀର ଆସିଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ସାଲବେଗ ଅବଶ୍ୟ ମୁସଲମାନ। ତାଙ୍କୁ ପ୍ରକୃତ ସତ୍ୟର ସନ୍ଧାନ ଫକୀରଙ୍କ ଦାୟିତ୍ୱ, ଈଶ୍ୱରଙ୍କ ଭକ୍ତ ଆଲ୍ଲାଙ୍କ ଭକ୍ତ ହୋଇପାରିବ ନାହିଁ ଏହା ସାଲବେଗଙ୍କ ମତ। ଫକୀର ଓ ବୈଷ୍ଣବଙ୍କ ଯୁକ୍ତି

Digitized by srujanika@gmail.com

ଭିତରେ ଉଭୟ ଧର୍ମର ମହତ୍ତ୍ୱ ସହିତ ସାଲବେଗଙ୍କୁ ବିଭ୍ରାନ୍ତ କରିବାର ପ୍ରଚେଷ୍ଟା ଦେଖାଯାଏ। କିନ୍ତୁ ସାଲବେଗ ଏହି ସଂକୀର୍ଣ୍ଣତାଠାରୁ ବହୁ ଊର୍ଦ୍ଧ୍ୱରେ ଆଧ୍ୟାତ୍ମିକ ରାଜ୍ୟର ଅଧିବାସୀ, ସାଲବେଗଙ୍କ ପିତା ତାଙ୍କୁ ଫେରାଇନେବାକୁ ଆଗ୍ରହୀ ବୋଲି ଫକୀର ଖବର ଆଣିଛନ୍ତି। ସାଲବେଗ କିନ୍ତୁ ପିତାଙ୍କ ଆଦେଶ ଗ୍ରହଣ କରିପାରିନାହାନ୍ତି। ମାଆ ତୁଳସୀଙ୍କ ଦୁଃଖ ଦେଖି ସେ ଗଛମୂଳେ ପ୍ରାସାଦଠାରୁ ଅଧିକ ଆନନ୍ଦରେ ଥିବା କଥା କହିଛନ୍ତି। ପିତାଙ୍କ ପାଇଁ ରକ୍ତକ୍ଷୟୀ ସଗ୍ରାମ କରିବାପରେ ଯୁଦ୍ଧକ୍ଷେତ୍ରରେ କ୍ଷତାକ୍ତ ହୋଇଥିଲେ ସାଲବେଗ। ତାଙ୍କର କ୍ଷତସବୁ ଖୁବ୍ ଯନ୍ତ୍ରଣାଦାୟକ ଥିଲା ଓ ଅକ୍ଷମ ଭାବି ପିତା ଲାଲବେଗ ମାଆ ପୁଅ ଦୁହିଁଙ୍କୁ ଘରୁ ତଡ଼ି ଦେଇଥିଲେ। ମାଆଙ୍କ କଥା ମାନି ସାଲବେଗ ଜଗନ୍ନାଥଙ୍କଠାରେ ଭକ୍ତିରେ ଲୟ ଲଗାଇଥିଲେ ଓ କ୍ରମେ ବ୍ୟାଧିମୁକ୍ତ ହୋଇଥିଲେ। ସୁସ୍ଥ ହେବାପରେ ହିଁ ଧର୍ମକୁ ନେଇ ତାଙ୍କ ମନରେ ଅସୁମାରୀ ଆଲୋଡ଼ନ ଦେଖା ଦେଇଛି। ଜଗନ୍ନାଥଙ୍କର କୃପା-କଣିକା ପାଇବା ପରେ ସେ ଅନେକ ଭଜନ ଜଣାଣ ଲେଖିଛନ୍ତି ସତ; କିନ୍ତୁ ତାଙ୍କ ମନର ଆଲୋଡ଼ନ ଥୟ ହୋଇନାହିଁ, ମାଆ ତାଙ୍କୁ ଯେଉଁ ସତ୍ୟର ସନ୍ଧାନ ଦେଇଥିଲେ ତା'ଠାରୁ ଊର୍ଦ୍ଧ୍ୱରେ ସତ୍ୟର ସନ୍ଧାନ ସେ ନିଜେ ପାଇ ପାରିଛନ୍ତି। ସେ ଜାଣିପାରିଛନ୍ତି ଆଲ୍ଲାଙ୍କ ନାମ ନେଇ ଧର୍ମଯୁଦ୍ଧ ନାମରେ ନରହତ୍ୟା ସ୍ପୃହଣୀୟ ନୁହେଁ। ଏହି ସମୟରେ ଲାଲବେଗ ସେଠାରେ ପହଞ୍ଚିଛନ୍ତି। ସେ ଧ୍ୟାନରତ ପୁତ୍ର ସାଲବେଗଙ୍କ ଦେଖା କରିପାରିବେ ନାହିଁ ବୋଲି ତୁଳସୀଙ୍କ ଉତ୍ତରରେ ସେ ଉତ୍‌କ୍ଷିପ୍ତ। ଶକ୍ତିର ଉପାସକ ଲାଲବେଗ ନିଜ ବାହୁବଳରେ ବିଶ୍ୱାସୀ। ତୁଳସୀଙ୍କ ଶରୀର ଉପରେ ସେ ଜୋର୍‌କରି ଅଧିକାର ସାବ୍ୟସ୍ତ କରିଛନ୍ତି ସତ୍ୟ କିନ୍ତୁ ତାଙ୍କ ମନକୁ ଅକ୍ତିଆର କରିପାରିନାହାନ୍ତି। ତୁଳସୀ ତାଙ୍କ କ୍ରୋଧ, ଅବିଚାର ଓ ଅତ୍ୟାଚାର ଢ଼େର ସହ୍ୟ କରିଛନ୍ତି। ତେଣୁ ସେ ପରିଣତ ବୟସରେ ପ୍ରତିବାଦ କରନ୍ତି :

"X X X

ତମେ ଗୋଟାଏ ପାଷଣ୍ଡ

କୋଣସି ଧର୍ମବିଶ୍ୱାସ ତମର ନାହିଁ

ଯାହା ଅଛି କେବଳ ଧର୍ମାନ୍ଧତ୍ୟ।" (ସତ୍ୟ ସଂଶୟ ସାଲବେଗ - ପୃ-୬୩)

ସାଲବେଗ ଆସି ପିତାଙ୍କୁ ପ୍ରଣାମ କରିଛନ୍ତି। ଲାଲବେଗ ଯେ ତାଙ୍କ ପାଇଁ ବ୍ୟାକୁଳ ଏହା ଶୁଣି ସେ ଚକିତ। ତୁଳସୀ ମଧ୍ୟ ଚାହାନ୍ତି ନାହିଁ ଯେ ସାଲବେଗ ପିତାଙ୍କ ସହିତ ଫେରନ୍ତୁ। ଲାଲବେଗ ତୁଳସୀଙ୍କୁ ଅପମାନିତ କରିବାରୁ ସାଲବେଗ ପ୍ରତିବାଦ କରିଛନ୍ତି। ଯେଉଁ ସାଲବେଗ ଦିନେ ପିତୃଆଦର୍ଶ ନେଇ ଦୁର୍ଦ୍ଦାନ୍ତ ହେବାର ଚେଷ୍ଟା କରିଥିଲେ, ସେ ସାଲବେଗ ଆଜି ଜଗନ୍ନାଥଙ୍କ କରୁଣାଦାନ, ଆଶୀର୍ବାଦ ପାଇଛନ୍ତି। ମୃତ୍ୟୁମୁଖରୁ ଫେରି ଆସିବା ପରେ ସେ ପିତାଙ୍କ ବାତ୍ସଲ୍ୟ ଭିତରେ ସ୍ୱାର୍ଥର ଗନ୍ଧ ପାଇଛନ୍ତି। ପିତାମାତା ଉଭୟେ

Digitized by srujanika@gmail.com

ସାଲବେଗଙ୍କୁ ଆପଣାର କରିବା ପାଇଁ ଚେଷ୍ଟିତ । ମାତ୍ର ସେ ନିଜେ ସମସ୍ତ ଧର୍ମୀୟ ସଂକୀର୍ଣ୍ଣତାଠାରୁ ଉର୍ଦ୍ଧ୍ୱକୁ ଉଠି ଘୋଷଣା କରନ୍ତି :

"X X X

ଧର୍ମ ଧର୍ମ ହୋଇ

ପ୍ରକୃତ ଐଶ୍ୱରିକ ସତ୍ତାକୁ ଯେ

ତୁମେମାନେ ପଦାଘାତ କରିଛ

ମୋ ନିକଟରେ

ଧକ୍‌କା ମିଥ୍ୟା

ମୋ ନିକଟରେ ପୁରୀ ବି ମିଥ୍ୟା" (ସତ୍ୟ ସଂଶୟ ସାଲବେଗ, ପୃ-୭୯)

ପ୍ରକୃତ ସତ୍ୟର ସନ୍ଧାନ ପାଇଁ, ସେହି ଅଲୌକିକ ସତ୍ତାର ସ୍ପର୍ଶ ପାଇଁ ସାଲବେଗ ପିତୃମାତୃ ଆଶିଷ କାମନା କରି ନିଜର ଯାତ୍ରାରମ୍ଭ କରିଛନ୍ତି ।

ଧର୍ମ, ଧର୍ମାନ୍ଧତା ଓ ଆଧ୍ୟାତ୍ମିକତା :

ଧର୍ମର ଧାରଣ କରିବାର ଶକ୍ତି ଥାଏ । ଜନ୍ମ ସହିତ ମଣିଷ ତା'ର ଧର୍ମ ନେଇ ଆସିଥାଏ । ହିନ୍ଦୁ ବିଧବାର ସନ୍ତାନ ସାଲବେଗ ଜନ୍ମରୁ ମୁସଲମାନ ହୋଇଛି ନିଜର ପିତୃ ପରିଚୟ ନେଇ । ପିତାଙ୍କୁ ଆଦର୍ଶ ମାନି ସେ ଯୁଦ୍ଧ ଓ ନରହତ୍ୟା କରିଛି ନିର୍ବିକାରରେ । ଯୁଦ୍ଧକ୍ଷେତ୍ରରୁ ଉତ୍ପନ୍ନ ବ୍ୟାଧିପୀଡ଼ିତ ହୋଇ ମାଆଙ୍କ ସହିତ ପରିତ୍ୟକ୍ତ ହୋଇଛି । ମାଆ ସାଲବେଗ ପ୍ରତି ଶ୍ରଦ୍ଧାଶୀଳ । ସାଲବେଗ ତାଙ୍କ ଜୀବନର ଏକମାତ୍ର ପ୍ରାପ୍ତି । କିନ୍ତୁ ସେ ଲାଲବେଗଙ୍କୁ କ୍ଷମା କରିପାରିନାହାନ୍ତି । ତାଙ୍କର ସୁରା ଓ ସାକୀ ପ୍ରତି ଆସକ୍ତି ତୁଳସୀ ଓ ସାଲବେଗଙ୍କୁ ଗୃହହୀନ କରିଛି । ତୁଳସୀ ରୁଗ୍ଣ ସାଲବେଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜଗନ୍ନାଥଙ୍କୁ ଡାକିବାକୁ । ଜଗନ୍ନାଥଙ୍କ ପ୍ରତି ସମର୍ପିତ ହୋଇ ସାଲବେଗ ରୋଗରୁ ମୁକ୍ତ ହୋଇଛନ୍ତି । ନିଜେ ଅନେକ ଭାବମୟ ଜଣାଣ ରଚନା କରିଛନ୍ତି । ତାଙ୍କର ଜଗନ୍ନାଥଙ୍କ ପ୍ରତି ଅଚଳା ଭକ୍ତିକୁ ହିନ୍ଦୁମାନେ ତାଙ୍କର ପ୍ରାୟଶ୍ଚିତ୍ତ ବୋଲିମନେ କରିଛନ୍ତି । ଏତେ ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇ ମଧ୍ୟ ସାଲବେଗ ମନ୍ଦିରରେ ପ୍ରବେଶ ଅଧିକାର ପାଇନାହାନ୍ତି । ସେ ଦେଖିପାରିଛନ୍ତି ଯେ ସମାଜପତିମାନେ ଚକ୍ରାନ୍ତ କରିଭକ୍ତ ଓ ଭଗବାନଙ୍କ ମଧ୍ୟରେ ବିଭେଦର ସୀମାରେଖା ଟାଣିଛନ୍ତି । ଯଦିଚ ଜଗନ୍ନାଥ ପତିତପାବନ ବାନା ଉଡ଼ାଇ ମୈତ୍ରୀର ଦେବତା ଭାବେ ପୂଜିତ ହେଉଛନ୍ତି ତଥାପି ସେ ମୁଷ୍ଟିମେୟ ଲୋକଙ୍କ ସ୍ୱାର୍ଥ ପାଖରେ ନିୟନ୍ତ୍ରିତ ହୋଇ ଯାଇଛନ୍ତି । ତେଣୁ ହିନ୍ଦୁଧର୍ମ ପ୍ରତି ଥିବା ତାଙ୍କର ସମ୍ମାନ ଭଙ୍ଗ ହୋଇଛି । ଆଲ୍ଲାଙ୍କ ନାମରେ ଧର୍ମଯୁଦ୍ଧ କରି ନରହତ୍ୟାକୁ ମଧ୍ୟ ସେ ଅନ୍ତରରୁ ଅନୁମୋଦନ କରିପାରିନାହାନ୍ତି । ପିତା,

Digitized by srujanika@gmail.com

ମାତା, ବୈଷ୍ଣବ ଓ ଫକୀର ନିଜ ନିଜ ଧର୍ମକୁ ଶ୍ରେଷ୍ଠ ଭାବେ ପ୍ରତିପାଦିତ କରିବାକୁ ଚେଷ୍ଟିତ। ଆଧ୍ୟାତ୍ମିକତାର ଆଲୋକ ସ୍ପର୍ଶ ପାଇଥିବା ସାଲବେଗ କହନ୍ତି –

"ମୁଁ ହିନ୍ଦୁ ଦେବତା ଆଉ ମୁସଲମାନ ଦେବତା
ଉଭୟଙ୍କୁ ପ୍ରାଣଭରି ଭଲ ପାଇଛି,
ଜଣଙ୍କର ନିରାକାର ମୂର୍ତ୍ତି ମୋତେ ଯେତିକି ଆକୃଷ୍ଟ କରିଛି
ଅନ୍ୟ ଜଣକର ଶୂନ୍ୟରୂପ
ମୋତେ ସେତିକି ଅଭିଭୂତ କରିଛି
x x x
ଉଭୟ ଧର୍ମର ମହାନୁଭବତାକୁ
ମୁଁ ପ୍ରାଣଭରି ଭଲପାଇ ଆସିଛି
ଅଥଚ ମୁଁ ହିନ୍ଦୁ ନୁହେଁ
କି ମୁସଲମାନ ନୁହେଁ " (ସତ୍ୟ ସଂଶୟ ସାଲବେଗ, ପୃ- ୨୩)

ତେଣୁ ସେ କୌଣସି ଧର୍ମର ସଂକୀର୍ଣ୍ଣତା ମଧ୍ୟରେ ବାନ୍ଧି ହୋଇ ରହିବାକୁ ଚାହିଁ ନାହାନ୍ତି।

ସିଦ୍ଧି ମଧ୍ୟରେ ଅପୂର୍ଣ୍ଣତା :

ଭଗବଦ୍‌ଗୀତାରେ କୁହାଯାଇଛି : 'ଅଜ୍ଞଶ୍ଚା ଶ୍ରଦ୍ଧଧାନଶ୍ଚ ସଂଶୟାମା ବିନଶ୍ୟତି
ନାୟଂ ଲୋକୋଽସ୍ତି ନ ପରେ ନ ସୁଖଂ ସଂଶୟାତ୍ମନଃ ।।
(୪ର୍ଥ ଅଧ୍ୟାୟ, ୪୦ ପଦ)

ଅର୍ଥାତ୍, ସଂଶୟ ହିଁ ବିନାଶକୁ ଡାକିଆଣେ। ସାଲବେଗ କବିଭାବରେ ଖ୍ୟାତିଅର୍ଜନ କରିଛନ୍ତି। ଜଗନ୍ନାଥଙ୍କର ଅଲୌକିକ କରୁଣାରେ ବ୍ୟାଧିମୁକ୍ତ ହୋଇଛନ୍ତି। ସମଗ୍ର ବୈଷ୍ଣବଜଗତରେ ଭକ୍ତକବି ଭାବରେ ସମ୍ମାନିତ ଏହି ବ୍ୟକ୍ତି କିନ୍ତୁ 'ଯବନ' ହୋଇ ରହିଯାଇଛନ୍ତି। ଏତେ ସିଦ୍ଧି ମଧ୍ୟରେ ଅସନ୍ତୁଷ୍ଟ। ଏହି ଅସନ୍ତୋଷ ହିଁ ବିଂଶ ଶତାବ୍ଦୀର ମଣିଷକୁ ନୂଆ ଉଦ୍ଭାବନ, ଆବିଷ୍କାର ତଥା କଳାତ୍ମକତାର ପରିପ୍ରକାଶ ପାଇଁ ପ୍ରେରଣା ଯୋଗାଇଛି। ଏ ଅସନ୍ତୋଷ ନେଇ ମଣିଷ ପ୍ରକୃତିକୁ ବଶ କରିବାର ଚେଷ୍ଟା କରିଛି। ଯୁକ୍ତିପ୍ରବଣ ହୋଇ ନିଜେ ନିଜର ବିରୁଦ୍ଧାଚରଣ କରିଛି। ପ୍ରଚଳିତ ପ୍ରଥା ଓ ପରମ୍ପରା ଭିତରେ ବାନ୍ଧି ହୋଇ ରହିବାକୁ ଚାହିଁନାହିଁ। ଷଷ୍ଠ ଦଶକ ପରେ ଓଡ଼ିଆ ସାହିତ୍ୟରେ ଏହି ଅସନ୍ତୋଷ ଅନେକ ଯୁକ୍ତିକୁ ଧରି ଭୂମିଷ୍ଠ ହୋଇଛି। ପକ୍ଷ ପ୍ରତିପକ୍ଷର ସଂଳାପ ଭିତରେ ଅନେକ ବାଦ ବିବାଦ ଦୃଷ୍ଟିଗୋଚର ହୋଇଛି। ସାଲବେଗ ସେହି ଅସନ୍ତୋଷର ମହିମ

Digitized by srujanika@gmail.com

ପ୍ରକାଶ। ସେ ମାଆଙ୍କୁ ଭକ୍ତି କରନ୍ତି। ବାପାଙ୍କ ରଂଗରେ ରଂଜିତ ହେବାର ପ୍ରୟାସ କରି ହତ୍ୟା ଓ ଲୁଣ୍ଠନ ମଧ କରନ୍ତି। ବ୍ୟାଧିଗ୍ରସ୍ତ ହେବାପରେ-ହିଁ ସେ ପିତାଙ୍କର ସ୍ୱାର୍ଥପରତା ଦେଖିପାରନ୍ତି। ସେଥିପାଇଁ ତାଙ୍କର ଅଶ୍ୱସ୍ତିର ସୀମା ନାହିଁ। ମାଆ ଯେ ବାପାଙ୍କୁ ଭଲ ପାଆନ୍ତି ନାହିଁ ଏହା ମଧ ସେ ଜାଣନ୍ତି। ସେ ଯେ ପ୍ରେମର ଫୁଲ ନୁହନ୍ତି ବରଂ କଳାଙ୍କର କଣ୍ଟକ; ଏହା ତାଙ୍କୁ ଆହୁରି ଘାରେ ଏବଂ ସେ ହୀନମନ୍ୟତାରେ ଛଟପଟ ହୁଅନ୍ତି। ଏଭଳି ସଂଶୟଶୀଳ ବ୍ୟକ୍ତି ନିଜ ରଚିତ ତଥା ଲୋକପ୍ରିୟ ଭଜନ ବିପକ୍ଷରେ ମତ ଦିଅନ୍ତି। ଆତ୍ମସମର୍ପଣକୁ ଭୀରୁତା ବୋଲି କହନ୍ତି ଆଉ ବାପାଙ୍କ ସହିତ ଜୀବନରେ କେବେ ଦେଖା କରିବାକୁ ଚାହାନ୍ତି ନାହିଁ।

ପିତା ଲାଲବେଗ ବ୍ୟାଧିଯୁକ୍ତ ପୁତ୍ରଙ୍କୁ ଘରକୁ ଫେରିଯିବାକୁ ଉପଦେଶ ଦିଅନ୍ତି, ଯେଉଁ ଉପଦେଶ ମଧରୁ ତାଙ୍କର ସ୍ୱାର୍ଥପରତାର ପ୍ରଚ୍ଛନ୍ନ ରୂପ ଦିଶିଯାଏ। ନିଜକୁ ଅପୂର୍ଣ୍ଣ ମଣି କଷ୍ଟ ପାଉଥିବା ସାଲବେଗ କୁହନ୍ତି :

"ନା -! ସେ ସହାନୁଭୂତି ସ୍ୱାର୍ଥଜଡ଼ିତ
କାରଣ, ସେ ସହାନୁଭୂତିରେ
ପ୍ରତ୍ୟାଶା ଅନେକ।
ସେଥିରେ ହୃଦୟ ନାହିଁ
ସେଥିରେ ସତ୍ୟ ନାହିଁ।" (ସତ୍ୟ ସଂଶୟ ସାଲବେଗ, ପୃ-୭୩)

ତାଙ୍କୁ ମଝିରେ ରଖି ତୁଳସୀ ଓ ଲାଲବେଗଙ୍କର ଉକ୍ତି ପ୍ରତ୍ୟୁକ୍ତି ମଧରୁ ପ୍ରେମ-କାମ, ଧର୍ମ-ଧର୍ମାନ୍ଧତା ତଥା ସ୍ନେହ ଓ ଅଧିକାରର ପାର୍ଥକ୍ୟ ଜଣାଯାଏ। କିନ୍ତୁ ସକଳ ପ୍ରଚେଷ୍ଟା ସତ୍ତ୍ୱେ କେହି ସାଲବେଗଙ୍କର ଅପୂର୍ଣ୍ଣତା ଦୂର କରିପାରନ୍ତି ନାହିଁ ବରଂ ନିଜେ ନିଜର ଯୁକ୍ତି ଧରି ଆଡ଼େଇ ହୋଇ ରହନ୍ତି।

ସତ୍ୟ ଖୋଜା ଓ ସତ୍ୟ ପ୍ରତିଷ୍ଠା ପାଇଁ ଆକୂତି :

କିଏ କହେ ସତ୍ୟଂ ପରଂଧର୍ମହ, କିଏ ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା କିଏ ଅବା ସାଁଚକୋ ଆଞ୍ଚ ହିଁ ବୋଲି କହିଥାଆନ୍ତି। କିନ୍ତୁ ଜୀବନରେ ସ୍ଥିର ସତ୍ୟ ବୋଲି କିଛି ନାହିଁ। ଆଜି ଯାହା ସତ୍ୟ ଭଳି ପ୍ରତୀୟମାନ ହୁଏ, ଆସନ୍ତା କାଲି ତାହା ମିଥ୍ୟା ବୋଲି ପ୍ରମାଣିତ ହୋଇଥାଏ। ସୂର୍ଯ୍ୟ ଚନ୍ଦ୍ର ଗ୍ରହ ନକ୍ଷତ୍ର ମଧ ଗତି ପରିବର୍ତ୍ତନ କରୁଥାଆନ୍ତି। ସବୁ ସତ୍ୟ ଆପେକ୍ଷିକ ଓ ସତ୍ୟ ଖୋଜୁଥିବା ମଣିଷ ସତ୍ୟ ବୋଲି ଯାହା ପାଖରେ ପହଞ୍ଚେ, ତାହା ତାକୁ କ୍ଳାନ୍ତି ହିଁ ଦେଇଥାଏ। ସାଲବେଗ ଯୌବନରେ 'ଜେହାଦ୍' ବା 'ଧର୍ମଯୁଦ୍ଧକୁ' ସତ୍ୟ ବୋଲି ମଣିଥିଲେ। ପିତୃସ୍ନେହକୁ ଅତୁଟ ମଣି ନିଜକୁ ଏକମାତ୍ର ସେ ସ୍ନେହର ଅଧିକାରୀ ବୋଲି ମନେ କରିଥିଲେ। କିନ୍ତୁ ନରହତ୍ୟା କରିଥିବା ପୁତ୍ରକୁ ପ୍ରଶଂସା କରୁଥିବା

Digitized by srujanika@gmail.com

ପିତା ରୁଗ୍ଣ ପୁତ୍ରକୁ ତାର ଜନନୀଙ୍କ ସହିତ ପ୍ରାସାଦରୁ ଜନପଥକୁ ତଡ଼ି ଦେଇଥିଲେ। ସାଲବେଗଙ୍କର ମୋହଭଙ୍ଗ ହୋଇଥିଲା। ପୁନର୍ବାର ଜନନୀଙ୍କ ଆଗ୍ରହ ଫଳରେ ସେ ହିନ୍ଦୁ ଦେବତା ଜଗନ୍ନାଥଙ୍କ ଶରଣ ପଶିଲେ। ଆଚମ୍ବିତ ଭାବରେ ରୋଗମୁକ୍ତ ମଧ୍ୟ ହେଲେ। ମାତ୍ର 'ଯବନ' ବୋଲି ତାଙ୍କ ଜନ୍ମ ସହିତ ଆସିଥିବା ଧର୍ମ କବଳରୁ ବାହାରକୁ ଯାଇପାରିଲେ ନାହିଁ। ତଥାକଥିତ ଧର୍ମଧ୍ୱଜୀମାନଙ୍କର କ୍ଷମତା ଓ ଅହଂକାର ଦେଖି ପୁନର୍ବାର ତାଙ୍କର ମୋହଭଙ୍ଗ ହେଲା। ସତେ ଯେପରି ଭକ୍ତଙ୍କୁ ଭଗବାନଙ୍କଠାରୁ ଦୂରେଇ ରଖିବାର ପ୍ରଚେଷ୍ଟା ପୁନର୍ବାର ତାଙ୍କୁ କଳ୍ପିତ ସତ୍ୟଠାରୁ ଦୂରକୁ ନେଇଗଲା। ସତ୍ୟ ଖୋଜୁ ଖୋଜୁ ସେ ଧର୍ମ ଫାଶରେ ପଡ଼ିଗଲେ ଓ ଧର୍ମାନ୍ଧତାଦେଖି ତହିଁରୁ ମୁକ୍ତି ପାଇଁ ପ୍ରୟାସ କଲେ। ଯେଉଁ ସତ୍ୟକୁ ସାଲବେଗ ଖୋଜନ୍ତି ତାହା ଆଧୁନିକ ମଣିଷ ଯୁକ୍ତିପୁଷ୍ଟ ସତ୍ୟ। ସେଠି ବିଶ୍ୱାସର ସ୍ଥାନ ସନ୍ଦେହ ନେଇଥାଏ ଓ ନିଜ ସାମର୍ଥ୍ୟ ଉପରେ ବିଶ୍ୱାସୀ ବ୍ୟକ୍ତି ଅନୁଷ୍ଠାନ ଫାନ୍ଦରୁ ମୁକ୍ତିପାଇଁ ବ୍ୟାକୁଳ ହୁଏ। ମାଆ ତୁଳସୀଙ୍କୁ ସାଲବେଗ କହନ୍ତି :

"x x x

ଆଜି ମୁଁ ଅନୁଭବ କରୁଛି

ହିନ୍ଦୁଧର୍ମ ମୁସଲମାନ ଧର୍ମ ପରି ସଂକୀର୍ଣ୍ଣ

କୌଣସି ଧର୍ମର ବନ୍ଧନ ଭିତରେ ରହି

ଶ୍ୱାସରୁଦ୍ଧ ହେବାକୁ ମୁଁ ଚାହେଁନା।

ମୁଁ ଚାହେଁ ମୁକ୍ତ ନିର୍ମଳ ବାୟୁ ପ୍ରବାହ x x x" (ସତ୍ୟ ସଂଶୟ ସାଲବେଗ, ପୃ-୫୩-୪)

ଏହି ମୁକ୍ତ ନିର୍ମଳ ବାୟୁ ପ୍ରବାହ ପାଇଁ ସେ ଖୋଜା ଆରମ୍ଭ କରିଛନ୍ତି। ରୋଗମୁକ୍ତ ଶରୀର ତାଙ୍କର ବିଶ୍ରାମ ଚାହେଁ ମାତ୍ର ତାଙ୍କ ମନରେ ନୂତନ ଉତ୍ସାହ। ଏହି ଉତ୍ସାହ ନେଇ ସେ ନିଜ ପିତାଙ୍କୁ କ୍ଷମା କରି ଦେଇଛନ୍ତି। କୌଣସି ଗ୍ଲାନି ଆଉ ତାଙ୍କୁ ଘାରିବ ନାହିଁ। ନୂତନ ନେଇ ସେ ନିଜ ପିତାଙ୍କୁ କ୍ଷମା କରି ଦେଇଛନ୍ତି। କୌଣସି ଗ୍ଲାନି ଆଉ ତାଙ୍କୁ ଘାରିବ ନାହିଁ। ନୂତନ ସତ୍ୟର ଉଦ୍‌ଘାଟନ ପାଇଁ ସେ ଉଦ୍‌ଗ୍ରୀବ। ମାତାଙ୍କୁ ପ୍ରଶ୍ନ କରି ସେ ଜାଣିପାରିଛନ୍ତି ଯେ ମାତା ଯେଉଁ ସତ୍ୟପାଖରେ ପହଞ୍ଚି ସାରିଛନ୍ତି ସେଠି ତାଙ୍କ ପ୍ରଶ୍ନର ଉତ୍ତର ନାହିଁ। ପିତାଙ୍କର ସ୍ୱାର୍ଥପରତା ସେ ପୂର୍ବରୁ ଦେଖିଛନ୍ତି ଓ ଅଂଗେ ନିଭାଇଛନ୍ତି। ତେଣୁ ନୂତନ ସତ୍ୟର ପ୍ରତିଷ୍ଠା ପାଇଁ ତାଙ୍କର ଦୃଢ଼ତା ହିଁ ତାଙ୍କୁ ନୂତନ ପଥ ପାଇଁ ପ୍ରସ୍ତୁତ କରିଛି ମକ୍‌କା ମଦିନା ଭଳି ପୁରୀ ମଧ୍ୟ ତାଙ୍କର ଅନୁସନ୍ଧିତ୍ସାର ପ୍ରଶମନ ପାଇଁ ଯଥେଷ୍ଟ ହୋଇନାହିଁ। ଏ ନାଟକ ଗତିର ନାଟକ ଓ ମାନବାତ୍ମାର ଉତ୍ତରଣର ନାଟକ।

Digitized by srujanika@gmail.com

ଜନନୀ ଓ ସନ୍ତାନର ଦିବ୍ୟ ସଂପର୍କ :

ହିନ୍ଦୁ ବିଧବା ତରୁଣୀ ତୁଳସୀଙ୍କର ଅସହାୟତା ଭିତରୁ ଜନ୍ମ ସାଲବେଗ। ତୁଳସୀ ଲାଲବେଗଙ୍କୁ ସ୍ୱାମୀ ଭାବେ ସ୍ୱୀକାର କରିପାରିନାହାନ୍ତି। ପୁତ୍ରର ନରହତ୍ୟା ଓ ପିତାଙ୍କ ପ୍ରତି ଭକ୍ତି ମଧ୍ୟ ତାଙ୍କ ପାଇଁ ଅସହ୍ୟ ହୋଇଛି। ଯୁଦ୍ଧରେ କ୍ଷତ ବିକ୍ଷତ ଯନ୍ତ୍ରଣାକାତର ସନ୍ତାନ ଓ ତା'ର ଜନନୀଙ୍କୁ ରାଜପ୍ରାସାଦରୁ ଅନ୍ତର କରି ସେ ନିଜ କାମନାପୂର୍ତ୍ତି ପାଇଁ ନର୍ତ୍ତକୀ ଓ ସୁରା ସହିତ ବିଭୋର। ତୁଳସୀ ନିଜର ରୁଗ୍‌ଣ ସନ୍ତାନଙ୍କୁ ଜଗନ୍ନାଥଙ୍କଠାରେ ଆତ୍ମନିବେଦନ ପାଇଁ ପ୍ରବର୍ତ୍ତାଇଛନ୍ତି। ଜଗନ୍ନାଥଙ୍କ ନିକଟରେ ଐକାନ୍ତିକ ଭକ୍ତି ହିଁ ଆଶ୍ଚର୍ଯ୍ୟଜନକ ଭାବେ ସାଲବେଗଙ୍କୁ ଯନ୍ତ୍ରଣାମୁକ୍ତ କରିଛନ୍ତି। ସାଲବେଗ ଜନନୀଙ୍କ ପ୍ରତି କୃତଜ୍ଞ:

"X X X

ସାଲବେଗ ଅକୃତଜ୍ଞ ନୁହେଁ ମା'

ସେ ଯଦି କେବେ ସତ୍ୟର ସନ୍ଧାନ ପାଇଁ

ଘର ଛାଡ଼ି ଚାଲିଯାଏ, ପ୍ରତି ମୁହୂର୍ତ୍ତରେ

ମା'ର କରୁଣାମୟୀ ମୂର୍ତ୍ତି

ତା'ର ହୃଦୟପଟରେ ଭାସି ଉଠୁଥିବ" (ସତ୍ୟ ସଂଶୟ ସାଲବେଗ, ପୃ-୩୧-୩୨)

ସାଲବେଗ, ଫକୀରଙ୍କୁ ଫେରାଇ ଦେଇଛନ୍ତି କାରଣ ଫକୀର ପିତା ଲାଲବେଗଙ୍କ ଖବର ନେଇ ଆସିଥିଲେ ଏବଂ ସାଙ୍ଗରେ ଆଣିଥିଲେ ତାଙ୍କୁ ଫେରାଇ ନେବାକୁ ପିତାଙ୍କ ନିର୍ଦ୍ଦେଶ। ତୁଳସୀ ଓ ଲାଲବେଗଙ୍କ କଥୋପକଥନ ଭିତରେ ଆମେ ଉଭୟଙ୍କ ଜୀବନଦୃଷ୍ଟିର ପରିଚୟ ପାଉ। ସାଲବେଗ ପିତାଙ୍କ ଆଗ୍ରହ ତଳେ ଛପିଥିବା ସ୍ୱାର୍ଥପରତାକୁ ପଢ଼ି ପାରନ୍ତି। ମାଆଙ୍କ ପ୍ରତି ପିତାଙ୍କର ଭର୍ତ୍ସନା ମଧ୍ୟ ତାଙ୍କ ପାଇଁ ଅସହ୍ୟ ହୁଏ। ସେ ଦୁର୍ଦ୍ଦାନ୍ତ ଲାଲବେଗଙ୍କୁ ସିଧାସଳଖ ପ୍ରତିବାଦ କରି କହନ୍ତି :

"ଆପଣ ମୋର ଜନ୍ମଦାତ୍ରୀ, ଜୀବନଦାତ୍ରୀ ଜନନୀଙ୍କୁ

ଏପରି ଅପମାନିତ କରନ୍ତୁ ନାହିଁ

ଏବେ ବି ଛାତିରେ ମୋର ନିଆଁ ଜଳୁଛି

ମାଆର ଆଶ୍ରୟ ପାଇନଥିଲେ ହୁଏତ

ସାଲବେଗର ନାଆଁ କେଉଁଦିନୁ

ହଜି ଯାଆନ୍ତାଣି" (ସତ୍ୟ ସଂଶୟ ସାଲବେଗ, ପୃ-୬୭)

ଏକଦା ତୁଳସୀ ସାଲବେଗଙ୍କୁ ଗର୍ଭରେ ଧରି ନିଜକୁ ଧିକ୍‌କାର କରୁଥିଲେ ମାତ୍ର ଜଗନ୍ନାଥଙ୍କ ଭଜନ ଲେଖି ଲୋକପ୍ରିୟ ହୋଇଥିବା ପୁତ୍ର ପାଇଁ ଏବେ ସେ ଗର୍ବିତ। ତେଣୁ

Digitized by srujanika@gmail.com

ସାଲବେଗ ଆରୋଗ୍ୟ ହେବାପରେ ଟିକେ ବିଶ୍ରାମ କରନ୍ତୁ, ଏହାଥିଲା ତାଙ୍କର ଇଚ୍ଛା। ଶିଶୁ ମନ ନେଇ ଡାକିଲେ ଠାକୁର ଅବଶ୍ୟ ଶୁଣିବେ ବୋଲି ସେ ସାଲବେଗଙ୍କୁ ଆଶ୍ୱାସନା ଦେଇଛନ୍ତି। ସାଲବେଗଙ୍କ ମୁହଁକୁ ଚାହିଁ ବଂଚିଥିବା ତୁଳସୀଙ୍କ ପାଇଁ ସାଲବେଗ ଏକମାତ୍ର ଅବଲମ୍ବନ। ସାଲବେଗଙ୍କ ମନର ଆଲୋଡ଼ନକୁ ସେ ଅନୁଭବ କରିପାରିଛନ୍ତି। କିନ୍ତୁ ସାଲବେଗଙ୍କ ଚିନ୍ତାରେ ସେ ପ୍ରକୃତ ସତ୍ୟ ଖୋଜି ସାରି ନାହାନ୍ତି। ସେ ଯାହାକୁ ସତ୍ୟ ବୋଲି ମନେ କରିଛନ୍ତି ତାହାଠାରୁ ସତ୍ୟ ସ୍ୱତନ୍ତ୍ର। ସେହି ଚିର ଚାଞ୍ଚଲ୍ୟ ସାଲବେଗଙ୍କୁ ଅସ୍ଥିର କରିଛି ଓ ସେ ନୂତନ କିଛି ଆବିଷ୍କାର କରିବାକୁ ଚାହାନ୍ତି। ଉଭୟଙ୍କର ପାରସ୍ପରିକ ମମତା ପ୍ରକୃତରେ ଉଲ୍ଲେଖଯୋଗ୍ୟ।

ଜନନୀଙ୍କ ସହିତ କଥାକହି ସେ ବୁଝିଛନ୍ତି ଯେ ଶିଶୁର ସାରଲ୍ୟ ନେଇ ଠାକୁରଙ୍କୁ ଡାକିଲେ ସେ ଅବଶ୍ୟ ଶୁଣିବେ। ସାଲବେଗଙ୍କ ଭଜନ ଶୁଣିବାର ଅନୁଭବ ଜନନୀଙ୍କ ସଂଳାପରେ ଏହିଭଳି :

"x x x

ତୁ ହୁଏତ ଦେଖିପାରୁନୁ, ସାରା ହୃଦୟ ତୋର
ନୂଆ ମୁକୁଳରେ ଛାଇ ଯାଇଛ।
ସେଇଥିରୁ ତ ପୁଣି ଝରୁଛି
ଅମୃତମୟ ରସ ଧାରା
ମଧୁଶ୍ରାବୀ ଭକ୍ତି ସଂଗୀତ" (ସତ୍ୟ ସଂଶୟ ସାଲବେଗ, ପୃ-୪୩)

ସାଲବେଗ ଭାବୁଛନ୍ତି ଥରଟିଏ ବାଳଗୋପାଳ ରୂପରେ ପ୍ରଭୁ ତାଙ୍କ ପାଖକୁ ଧାଇଁ ଆସନ୍ତେ କି ! ଜଗନ୍ନାଥଙ୍କର ରହସ୍ୟ ଘାନ ମୂର୍ତ୍ତି ଦେଖି ସେ ପୁଲକିତ ମଧ ହୋଇଛନ୍ତି ମାତ୍ର ପରମୁହୂର୍ତ୍ତରେ ତାଙ୍କର ଏ ପୁଲକ ଅନ୍ତର୍ହିତ ହୋଇଛି। ସେ ଯେ ଯବନ। ଠାକୁରଙ୍କୁ ଦେଖିବା ତାଙ୍କର ସାଧ୍ୟାତୀତ। ମଝିରେ ଅନେକ ଚତୁର ବ୍ୟକ୍ତି ଭକ୍ତ ଓ ଭଗବାନଙ୍କ ସଂପର୍କ ମଧ୍ୟରେ ଦୂରତ୍ୱ ବଢ଼ାଇବାକୁ ଫାନ୍ଦ କରାଇଛନ୍ତି। ଏସବୁ କଥା ସେ ମାଆଙ୍କୁ କହନ୍ତି। ବାପାଙ୍କ ଆଦର୍ଶକୁ ଏକଦା ଗ୍ରହଣ କରିଥିଲେ ମଧ ଜୀବନରେ ପୁନର୍ବାର ବାପାଙ୍କ ସହିତ ସାକ୍ଷାତ ନହେଉ ବୋଲି କାମନା କରନ୍ତି।

ଶୈଳୀ, ସଂଳାପ ଓ ସତ୍ୟ ସଂଶୟ ସାଲବେଗ :

୧୯୮୧ ମସିହାରେ ଲିଖିତ ଏହି ନାଟକରେ ପାଞ୍ଚଗୋଟି ଚରିତ୍ର ରହିଛି। 'ଆହେ ନୀଳଶୈଳ' ଭଳି ଚିରାୟତ ଭଜନ ଗାନରୁ ଏହା ଆରମ୍ଭ ହୋଇଛି। ମୁଖ୍ୟତଃ ଏହାର ସଂଳାପ କାବ୍ୟମୟ। ଏପରିକି ଲାଲବେଗ ଭଳି ଯବନ ସୁବାଦାରଙ୍କ ସଂଳାପରେ ମଧ ଯାବନିକ ଶବ୍ଦ ଖଞ୍ଜା ଯାଇନାହିଁ। ଏହି ସଂଳାପ ଆବୃତ୍ତିଧର୍ମୀ, ଭାବମୟ ତଥା ଭାବର

Digitized by srujanika@gmail.com

ସୁପରିବାହୀ। ମୁଖ୍ୟ ଚରିତ୍ର ସାଲବେଗଙ୍କ ମଧ୍ୟରେ ସର୍ବକାଳୀନ ଭକ୍ତିଭାବନା ପରିଦୃଷ୍ଟ ହୁଏ ମାତ୍ର ଅନେକ ସମୟରେ ସେ ନିଜ ଅବସ୍ଥା ପ୍ରତି ଅସହିଷ୍ଣୁ ହୋଇ ଉଠିଛନ୍ତି। ଫଳରେ ଧର୍ମ ସଂପର୍କୀୟ ତାଙ୍କର ସମସ୍ତ ଯୁକ୍ତି ନିଜର ଅଭିଜ୍ଞତା ସଂଜାତ ବୋଲି ମନେହୁଏ। ନିଜର ସାରଲ୍ୟ ନେଇ ସେ ଅନେକ ଭଜନ ଜଣାଣ ଲେଖି ଲୋକପ୍ରିୟ ହୋଇଛନ୍ତି କିନ୍ତୁ ନିଜର ହୀନମନ୍ୟତାରୁ ମୁକ୍ତି ପାଇପାରି ନାହାନ୍ତି। ଫଳରେ ହିନ୍ଦୁ ଓ ମୁସଲମାନ ଉଭୟ ଧର୍ମପ୍ରତି ତାଙ୍କ ମନରେ ସୃଷ୍ଟି ହୋଇଛି ବିରାଗ। ସେ ଲାଲବେଗଙ୍କ ଅପରିଣାମଦର୍ଶିତା ପାଇଁ ମଧ୍ୟ ତାଙ୍କୁ କ୍ଷମା କରି ଦେଇଛନ୍ତି। ନୂତନ ଅଭିଯାନ ପ୍ରାରମ୍ଭ କାଳରେ ପିତାମାତା ଉଭୟଙ୍କଠାରେ ଆଶୀର୍ବାଦ କାମନା କରିଛନ୍ତି :

"ସତ୍ୟ ଯେ,
ସୁନେଲି କିରଣରେ ଧାନ ଶିଷାଟିଏ ପରି
ମୋ ଆଖି ଆଗରେ
ଝଲସି ଉଠୁଛି" (ସତ୍ୟ ସଂଶୟ ସାଲବେଗ-ପୃ-୮୨)

ଇତିହାସ ପୃଷ୍ଠାରୁ ଉଠି ଆସିଥିବା ସାଲବେଗ ମହାନ ସତ୍ୟର ଆବିଷ୍କାର ପାଇଁ, ଶାଶ୍ୱତ ମାନବଧର୍ମର ପ୍ରଚାର ପାଇଁ ଉଭୟ ଧର୍ମର ସଂକୀର୍ଣ୍ଣତାରୁ ଉତ୍ତୀର୍ଣ୍ଣ ହୋଇଯିବେ। ଏହିଭଳି ଏକ ଆଶ୍ୱାସନାରେ ନାଟକର ଯବନିକା ନଇଁ ଆସିଛି।

ଏଭଳି ଅନେକ ମିଥ୍ ଆଶ୍ରୟୀ ନାଟକ ଓଡ଼ିଆ ଭାଷାରେ ରଚିତ ହୋଇଛି। କିନ୍ତୁ ଦୁଇଟି ନାଟକ କଥା ଏଠାରେ ଅବଶ୍ୟ ଉଲ୍ଲେଖ କରିବା ଲୋଡ଼ା। ଗୋଟିଏ ରତ୍ନାକର ଚଇନିଙ୍କର 'ଅଥଚ ଚାଣକ୍ୟ' ଓ ଅନ୍ୟଟି ବିଜୟ ମିଶ୍ରଙ୍କର 'ତଟନିରଂଜନା'। ନାଟ୍ୟକାର ରତ୍ନାକର ଚଇନିଙ୍କର 'ଅଥଚ ଚାଣକ୍ୟ' ୧୯୮୧ରେ ପ୍ରଥମେ ଆକାଶବାଣୀ ପାଇଁ ପ୍ରସ୍ତୁତ ହୋଇଥିଲା ଓ ୧୯୮୨ରେ 'ଏବଂ ଆମେ' ଆନୁକୂଲ୍ୟରେ ଭୁବନେଶ୍ୱରର 'ରବୀନ୍ଦ୍ର ମଣ୍ଡପ'ରେ ମଞ୍ଚସ୍ଥ ହୋଇଥିଲା। 'ତଟନିରଂଜନା' ୧୯୭୮ର ଶ୍ରେଷ୍ଠ ଆକାଶବାଣୀ ନାଟକ ଭାବରେ ପୁରସ୍କୃତ ହୋଇଥିଲା ଓ ପରେ ମଞ୍ଚନାଟ ଭାବେ ଦର୍ଶକ ସମ୍ମୁଖକୁ ଆସିଥିଲା। ୧୯୮୧ରେ 'ସତ୍ୟ ସଂଶୟ ସାଲବେଗ' ମୁଦ୍ରିତ ହୋଇଛି। 'ତଟ ନିରଂଜନା'ର ବୁଦ୍ଧ ଜିଜ୍ଞାସୁ ମଣିଷର ପ୍ରତିନିଧି। 'କାମନାର ବିନାଶରେ ଦୁଃଖର ବିନାଶ' ବୋଲି ସେ କହିଥିବା କଥା ବୌଦ୍ଧ ଧର୍ମର ମୂଳତତ୍ତ୍ୱ ଭାବେ ବ୍ୟାଖ୍ୟାତ ହୋଇଛି। ଅନେକ ଭିକ୍ଷୁ-ଭିକ୍ଷୁଣୀ ବୌଦ୍ଧଧର୍ମ ଗ୍ରହଣ କରି ନୂଆ ଭାବରେ ଜୀବନଯାପନ କରିଛନ୍ତି। ଇଚ୍ଛାମତୀ ଓ ସୁଜାତାଙ୍କ ପ୍ରଶ୍ନ ଏବଂ ଗୋପାଙ୍କର ପ୍ରତ୍ୟୁତର ଗୌତମଙ୍କୁ ଏଭଳି ଚହଲାଇ ଦେଇଛି ଯେ ସେ ଆଉ କିଛି ନୂଆ କଥା କହିବାକୁ ବ୍ୟସ୍ତ। ଏହିଭଳି ସମୟରେ ଗୋପାଙ୍କ ନିର୍ଦ୍ଦେଶ ଓ ଆନନ୍ଦଙ୍କ ଚାତୁର୍ଯ୍ୟ ଫଳରେ ତାଙ୍କୁ ମୌନ ହେବାକୁ ବାଧ୍ୟ କରାଯାଇଛି। ଯଦି

Digitized by srujanika@gmail.com

ବୁଦ୍ଧ ନିଜର ଚିତ୍ତଚାଞ୍ଚଲ୍ୟ ନେଇ ଅନ୍ୟ କିଛି କହିବେ, ତେବେ ତାହା ଅନୁଷ୍ଠାନ ବିରୁଦ୍ଧରେ ଯାଇପାରେ ବୋଲି ସେମାନଙ୍କର ଆଶଙ୍କା ହୋଇଛି। ସେହିପରି ମହାମତି ଚାଣକ୍ୟ ନନ୍ଦବଂଶ ଧ୍ୱଂସର ଶପଥ ନେଇ ଚନ୍ଦ୍ରଗୁପ୍ତଙ୍କୁ ବୀର ଭାବରେ ତିଆରି କରିଛନ୍ତି। ଚନ୍ଦ୍ରଗୁପ୍ତ ନନ୍ଦବଂଶର ପତନ ପରେ ରାଜା ମଧ୍ୟ ହୋଇଛନ୍ତି। କିନ୍ତୁ ରାଜତ୍ୱର ବାର୍ଷିକ ଉତ୍ସବ ଅବସରରେ ରାଜାରାଣୀଙ୍କର ଉତ୍ସବ କକ୍ଷରେ ପହଞ୍ଚି ଚାଣକ୍ୟ ତାଙ୍କୁ ଦେଶର ଦୁର୍ଦ୍ଦିନରେ ଏଭଳି ଆଡ଼ମ୍ବରପୂର୍ଣ୍ଣ ଉତ୍ସବ କରିବାକୁ ବାରଣ କରିଛନ୍ତି। ଫଳରେ ମହାରାଣୀ ମାଳବିକା ଚାଣକ୍ୟଙ୍କୁ ଅପମାନିତ କରିଛନ୍ତି। ମାଳବିକାଙ୍କ ଅପମାନଠାରୁ ଚାଣକ୍ୟଙ୍କୁ ଅଧିକ ବାଧିଛି ଚନ୍ଦ୍ରଗୁପ୍ତଙ୍କର ନୀରବତା। ଫଳରେ ସେ ଉତ୍ସବ ସ୍ଥଳରୁ ଚାଲି ଆସିଛନ୍ତି। ସେ ପୁଣି ଖୋଜିବେ ଭାରତ ବର୍ଷର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ। ତାଙ୍କର ଲୋଡ଼ା ଆଉ ଜଣେ ଚନ୍ଦ୍ରଗୁପ୍ତ। ଯିଏ ଦେଶପାଇଁ ତ୍ୟାଗ କରିପାରିବ।

ବୁଦ୍ଧଦେବ ଓ ଚାଣକ୍ୟଙ୍କ ଭଳି ସାଲବେଗ ମଧ୍ୟ ନୂଆ କିଛି ଖୋଜିବାକୁ ଚାହାନ୍ତି। ସେଥିପାଇଁ ସେ ପରିଚିତ ପରିଧି ଛାଡ଼ିବାକୁ ବ୍ୟଗ୍ର। ଜନନୀଙ୍କର ମମତା ତାଙ୍କୁ ବାନ୍ଧି ପାରୁନି। କୌଣସି ଧର୍ମ ତାଙ୍କ ମନଲାଖି ନୁହେଁ ବରଂ ଧର୍ମୀୟ ବୃତ୍ତ ଭିତରେ ଘୂରି ଘୂରି ସେ କ୍ଳାନ୍ତ। ପ୍ରାୟ ୧୯୭୫ ପରେ ରଚିତ ଅନେକ ମିଥ୍ ନାଟକ ମଧ୍ୟରୁ ଏହି ତିନିଗୋଟିର ଅନ୍ତସ୍ୱର ପ୍ରାୟ ସମାନ। ଏ ଗୁଡ଼ିକ ୧୯୭୮ ରୁ ୧୯୮୧ ମଧ୍ୟରେ ରଚିତ ଓ ନାଟକ ପ୍ରତି ଦର୍ଶକଙ୍କର ଆଗ୍ରହ ବୃଦ୍ଧିପାଇଁ ଏଗୁଡ଼ିକ ଅଭିପ୍ରେତ। ଏହିଭଳି ହୁଏତ ଆଉ କିଛି ନାଟକ ଥାଇପାରେ। ମାତ୍ର ଏହି ତିନୋଟିକୁ ଏକତ୍ର ଆଲୋଚନାର ପର୍ଯ୍ୟାୟଭୁକ୍ତ କଲେ ଏ କଥା ସ୍ପଷ୍ଟ ହୁଏ ଯେ ଇତିହାସକୁ ସମକାଳକୁ ଆଣିବାର ପ୍ରୟାସ ଏଥିରେ ରହିଛି। ଏହି ନାଟକ ଗୁଡ଼ିକରେ ମୁଖ୍ୟ ଚରିତ୍ରମାନେ ନିଜ ନିଜର ପ୍ରୟାସରେ କେତେ ସଫଳ ତାହା ନୁହେଁ ବରଂ ସ୍ଥିତାବସ୍ଥା ବିରୁଦ୍ଧରେ ବିଦ୍ରୋହ ଏମାନଙ୍କର ସ୍ୱାତନ୍ତ୍ର୍ୟ।

ପାଠ୍ୟ (text) କେବେ ଶେଷ ହୁଏ ନାହିଁ। ଯୁଗ ପରେ ଯୁଗ ମଣିଷର ଆଗ୍ରହ ଓ ଦାୟିତ୍ୱବୋଧ ସ୍ୱରଘଟ୍ଟକୁ ନୂଆ ଭାବରେ ଚିହ୍ନେ ଓ ପରଖି ନିଏ। 'ସତ୍ୟ ସଂଶୟ ସାଲବେଗ'ର ପୃଷ୍ଠଭୂମି ଇତିହାସ ମାତ୍ର ନାଟକ ଇତିହାସଠାରୁ ବୃହତ୍ତର। ଏହା ସର୍ବକାଳୀନ ସତ୍ୟର ଉଦ୍‌ଘୋଷଣା କରେ। ପୁରାଣ ଓ ଇତିହାସକୁ ଅଭିଜ୍ଞତାରେ ଜାରିତ କରି ନୂତନ ସୃଷ୍ଟିର ନିର୍ମାଣରେ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ଦକ୍ଷତା ବହୁବାର ପ୍ରମାଣିତ। 'ସତ୍ୟ ସଂଶୟ ସାଲବେଗ' ଏହି ଭଳି ଏକ ନାଟକ, ଯେଉଁଥିରେ ନାଟ୍ୟକାରଙ୍କର ସହାନୁଭୂତି ସାଲବେଗ ଚରିତ୍ରଟିକୁ ଜୀବନଧର୍ମୀ ତଥା ମୁକ୍ତିକାମୀ ମାନବାତ୍ମାର ପ୍ରତିନିଧି ଭାବେ ସଜାଇ ପାରିଛି।

ବି.ଏଲ.-୩୫,
ସହିଦନଗର, ଭୁବନେଶ୍ୱର

Digitized by srujanika@gmail.com

ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକରେ ମିଥ୍ ପ୍ରସଙ୍ଗ

ପ୍ର. ସମର ମୁଦାଲି

୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟ୍ୟ ସାହିତ୍ୟରେ ନୀଳାଦ୍ରିଭୂଷଣ ଏକ ପରିଚିତ ନାମ। ତାଙ୍କ ଦ୍ୱାରା ରଚିତ ନାଟକର ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ଦେଖିବାକୁ ମିଳେ ନିତ୍ୟ ନୂତନତାର ସ୍ପର୍ଶ। ବିଶେଷତଃ ସାଂପ୍ରତିକ ସମୟର ସବଳ-ଦୁର୍ବଳ, ଆଦର୍ଶ ଓ ଅନାଦର୍ଶର ଦ୍ୱନ୍ଦ୍ୱ ଚିତ୍ର ହୋଇଛି ତାଙ୍କ ନାଟକର ବଳିଷ୍ଠ ଆଭିମୁଖ୍ୟ। ନିଜକୁ ତଥା ପାରିପାର୍ଶ୍ୱିକ ସମାଜକୁ ଜୀବନ୍ତ ଭାବରେ ଅଙ୍କନ କରିବା ହେଉଛି ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ନିମନ୍ତେ ତାଙ୍କ ଲେଖନୀ ହୋଇ ଉଠିଛି ଚଳଚଞ୍ଚଳ। ଓଡ଼ିଆ ନାଟ୍ୟ ଜଗତରେ ନିଜର ମୌଳିକ ଭାବଚେତନା ତଥା ନାଟ୍ୟ ପିପାସାକୁ କାବ୍ୟିକ ଭଙ୍ଗୀରେ, ମହାକାବ୍ୟିକ ନାଟ୍ୟଧାରାରେ, ମିଥ୍‌ର ପ୍ରୟୋଗ ଭିତରେ ପ୍ରକାଶ କରିବାର ଶୈଳୀ ତାଙ୍କର ନିଆରା। ମହାଭାରତୀୟ ଲୋକମାନସ, ପୁରାଣ ତଥା ଇତିହାସରୁ ବିବିଧ ବିଷୟବସ୍ତୁ, ଚରିତ୍ରକୁ ଉଦ୍ଧାର କରି ସେ ସବୁକୁ ଏକ ସରଳ, ସାମାଜିକ ଦୁନିଆରେ ଜୀବନ୍ତ ଭାବରେ ଗଢ଼ି ତୋଳିବାରେ ସେ ସିଦ୍ଧହସ୍ତ। ୧୯୮୦ ପୂର୍ବରୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଜଣେ ପ୍ରତିଭାବାନ କବି ଓ ସମାଲୋଚକ ଭାବେ ପ୍ରତିଷ୍ଠା ପାଇଥିବା ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ୧୯୮୦ ବେଳକୁ ନାଟକ ଆଡ଼କୁ ମନ ବଳାଇଥିଲେ ଏକ ବିଶେଷ ଭାବକୁ ନେଇ। ତାଙ୍କ ମତରେ "୧୯୮୦ ମସିହା ବେଳକୁ ଅନୁଭବ କଲି କବିତାର ସୀମାବଦ୍ଧତା ଭିତରେ ମଣିଷ ଓ ସମାଜର ବିସ୍ତୃତ ଜୀବନବୋଧକୁ ପୂର୍ଣ୍ଣଭାବେ ରୂପାୟିତ କରିବା ସମ୍ଭବ ହେଉନାହିଁ। ଏଥିପାଇଁ ଏକ ପ୍ରସାରିତ ପଟ୍ଟଭୂମିର ଆବଶ୍ୟକତା ରହିଛି। ମନଭିତରେ ସୁପ୍ତ ଅବସ୍ଥାରେ ଯେଉଁ ନାଟ୍ୟ ସର୍ଜନ ପ୍ରବୃତ୍ତି ରହିଥିଲା ତାହା ସ୍ୱାଭାବିକ ରୂପେ ଜାଗ୍ରତ ହୋଇଥିଲା।" (ମୁଁ ଓ ମୋ ନାଟକ, ସମର ମୁଦାଲି (ସଂ), ପୃ-୧୦୧)। ପରମ୍ପରା ପ୍ରତି ଥିବା ମୋହ, ସାମାଜିକ ଅଙ୍ଗୀକାରବଦ୍ଧତା, ମାଟିମଗ୍ନତା ପ୍ରକଟିତ ହେବାକୁ ଲାଗିଲା ତାଙ୍କ ନାଟ୍ୟ ସାହିତ୍ୟରେ। ଏଥିପାଇଁ ସାହାଯ୍ୟ ନେବାକୁ ପଡ଼ିଥିଲା 'ମିଥ୍'ର। ଓଡ଼ିଆ ନାଟ୍ୟ ସାହିତ୍ୟରେ ବିଶେଷକରି ୧୯୫୦ ପରେ ମିଥ୍‌ର ବହୁଳ ପ୍ରୟୋଗ ହୋଇଥିବାର ଦେଖିବାକୁ ମିଳେ। ନାଟ୍ୟକାର ନୀଳାଦ୍ରିଭୂଷଣର ହରିଚନ୍ଦନଙ୍କ ସହିତ ମନୋରଞ୍ଜନ ଦାସ,

Digitized by srujanika@gmail.com

ବିଜୟ ମିଶ୍ର, ରତ୍ନାକାର ଚଇନି, ରମେଶ ପ୍ରସାଦ ପାଣିଗ୍ରାହୀ, ବିଶ୍ୱଜିତ ଦାସ, କାର୍ତ୍ତିକ ଚନ୍ଦ୍ର ରଥ, ହରିହର ମିଶ୍ର, ରତି ମିଶ୍ର, ଯଦୁନାଥ ଦାସ ମହାପାତ୍ର, ରବୀନ୍ଦ୍ରନାଥ ଦାସ, କୁଂଜ ରାୟ, ଚନ୍ଦ୍ରଶେଖର ନନ୍ଦ, ବିଜୟ କୁମାର ଶତପଥୀ, ଶଙ୍କର ପ୍ରସାଦ ତ୍ରିପାଠୀ, ନାରାୟଣ ସାହୁ, ପ୍ରମୋଦ ତ୍ରିପାଠୀ, ରଣଜିତ ପଟ୍ଟନାୟକ, ଦିଲୀପ୍ସର ମହାରଣା, ପୂର୍ଣ୍ଣ ମଲ୍ଲିକ,ଗୋପାଳ ଦେ ପ୍ରମୁଖ ନାଟ୍ୟକାରମାନେ 'ମିଥ୍'କୁ ନେଇ ନାଟକ ଲେଖିବା ଦିଗରେ ଅଗ୍ରସର ହୋଇଛନ୍ତି ।

ସାହିତ୍ୟରେ ଅନ୍ୟାନ୍ୟ ବିଭାଗ ପରି ନାଟକ ମଧ୍ୟ ମିଥ୍ ଦ୍ୱାରା ହୋଇଛି ପ୍ରଭାବିତ । ବିଜୟ କୁମାର ଶପତଥୀଙ୍କ ମତରେ – "କ୍ଲାସିକ୍ ଥିମ୍ ଓ ପରମ୍ପରାରେ ଅନୁବର୍ତ୍ତନ ଏବେ ଖୁବ୍ ଜରୁରୀ ହୋଇ ପଡ଼ିଛି ସାହିତ୍ୟରେ । ନାଟକ ବି ସେଥିରୁ ବାଦ୍ ପଡ଼ିନାହିଁ । ପରମ୍ପରାର ଉତ୍ସ ସନ୍ଧାନ କରି ସେଥିପାଇଁ ଆଧୁନିକ ନାଟକ ନବ ମୂଲ୍ୟବୋଧରେ ପ୍ରତିଷ୍ଠିତ ହୋଇଛି । ଏହା ଫଳରେ ଜୀବନ ଓ ଜଗତକୁ ଦେଖିବାକୁ ଦୃଷ୍ଟିଭଙ୍ଗୀ ମଧ୍ୟ ନାଟ୍ୟକାର ପାଇଁ ବଦଳି ଯାଇଛି । ମିଥ୍‌କ ଚରିତ୍ର ଏବଂ ଘଟଣାର ସମାବେଶ ଘଟାଇ ସେ ନାଟକକୁ କେବଳ ମିଥ୍‌ଧର୍ମୀ କରି ଗଢୁନାହିଁ; ପରମ୍ପରା ଓ ଐତିହ୍ୟ ସହିତ ବର୍ତ୍ତମାନର ମୂଲ୍ୟବୋଧକୁ ମଧ୍ୟ ସେ ସଂଯୁକ୍ତ କରିନେଇ ପାରୁଛି ସେତୁଟିଏ ରଚନା କରି ।" (ବିଜୟ ଶତପଥୀ, କର୍ଣ୍ଣ, ପୃ. କ)

ପୁରାଣ ଇତିହାସ, ଲୋକକଥା, କିଂବଦନ୍ତୀ ଭିତ୍ତିକ କଥାବସ୍ତୁ ଏବଂ ଚରିତ୍ରକୁ ଆଧାର କରି ଆଧୁନିକ ଜୀବନବୋଧର ପରିପ୍ରକାଶ ହିଁ ମିଥ୍ । ମିଥ୍ ଏକ ସାର୍ବଜନୀନ ସାଂସ୍କୃତିକ ପରିପ୍ରକାଶ । ମଣିଷ ଜାତିର ଆଶା, ଆକାଂକ୍ଷା ଓ ଅଭିଳାଷର ଏକ କାଳ୍ପନିକ ତଥା ପ୍ରତୀକାତ୍ମକ ରୂପ । ବିଶେଷତଃ ମାନବୀୟ ମୂଲ୍ୟବୋଧକୁ ପ୍ରତିଷ୍ଠା ଦେବାରେ ମିଥ୍‌ର ଭୂମିକା ଅନସ୍ୱୀକାର୍ଯ୍ୟ । ଏହାର ଭିତ୍ତିଭୂମି ଅତୀତ ହେଲେ ହେଁ ଆବେଦନ ଚିରନ୍ତନ । ଗୋଟିଏ ଜାତି ବା ଦେଶର ଆଧ୍ୟାତ୍ମିକ ଐତିହ୍ୟ ବିଷୟରେ ସୂଚନା ଦେଇଥାଏ ମିଥ୍ । ସାହିତ୍ୟର କ୍ଷେତ୍ରକୁ କରିଥାଏ ପ୍ରସାରିତ । ମଣିଷର ମାନସିକତାକୁ କରିଥାଏ ଅନ୍ତରଙ୍ଗ ତଥା ଆବେଗପ୍ରବଣ । ଏହା ମଧ୍ୟରେ ଲୁକ୍କାୟିତ ଥାଏ ଏକ ନିର୍ଦ୍ଦିଷ୍ଟ ଯୁଗର ମାନସିକତା ଯାହା ଯେତିକି ଅତୀତ ତାହା ସେତିକି ମୂଲ୍ୟବାନ ମଧ୍ୟ । ସାହିତ୍ୟିକ ଆଧୁନିକ ଜୀବନର ସ୍ୱରୂପକୁ ମଣିଷର ଉପଲବ୍ଧି ପାଇଁ ଆଶ୍ରୟ ନେଇଛି ପୁରାଣ, ଇତିହାସ, କିଂବଦନ୍ତୀ, ଲୋକକଥା ଭିତରେ ଥିବା କେତେକ ପରିଚିତ କାହାଣୀ ଓ ଚରିତ୍ରର, ଯେଉଁଠି ଆବଶ୍ୟକତା ହୋଇଛି ମିଥ୍ ।

ମିଥ୍ (myth) ଶବ୍ଦଟି ମୂଳତଃ ପାଶ୍ଚାତ୍ୟ ଚିନ୍ତାଓ ଚେତନାରୁ ଆଦୃତ । ଗ୍ରୀକ୍ ଶବ୍ଦ ମିଥସ (mythos) ଶବ୍ଦରୁ ମିଥ୍ (myth) ଶବ୍ଦ ଉଦ୍ଭୂତ । mythos ଶବ୍ଦର ଅର୍ଥ ଗ୍ରୀକ୍‌ରେ କାହାଣୀ କଥନକୁ ବୁଝାଏ । ଏହାର ସର୍ବପ୍ରାଚୀନ ଅର୍ଥ ଥିଲା ମଣିଷର ମୁଖ ଉଚ୍ଚାରିତ

Digitized by srujanika@gmail.com

ଭାଷା। କିନ୍ତୁ ପରେ ତାହା ଭିନ୍ନାର୍ଥବୋଧକ ହେଲା। ଏକ ବିଶେଷ ପ୍ରକାର କାହାଣୀକୁ ମିଥ୍ ବା ମିଥସ୍ ବୋଲି କୁହାଗଲା। ଆଟିକ୍ ଗ୍ରୀକ୍ ଭାଷାରେ ପ୍ରଥମେ ମିଥ୍ ଶବ୍ଦଟି କିଂବଦନ୍ତୀ ଅର୍ଥରେ ବ୍ୟବହୃତ ହୋଇଥିବାର ଦେଖାଦେଇଥାଏ। ଏଥିରୁ ଉପଲବ୍ଧ ହୁଏ ଯେ ମିଥ୍ ପୁରାଣ ପରମ୍ପରା, ପ୍ରାଚୀନ ସଂସ୍କୃତି ତଥା ମଣିଷର ସଭ୍ୟତାର ଉଦ୍‌ବର୍ତ୍ତନ ସହ ଓତପ୍ରୋତ ଭାବେ ସଂଶ୍ଳିଷ୍ଟ। ଏକ ନିର୍ଦ୍ଦିଷ୍ଟ ସମାଜର ବିଶେଷ ଦୃଷ୍ଟିକୋଣକୁ ପ୍ରତିପାଦିତ କଲାବେଳେ ତା'ର ମୌଳିକ ମିଥ୍ ଓ ସାଂପ୍ରତିକ କାଳ ଉପରେ ତା'ର ପ୍ରତିଫଳନକୁ ଲକ୍ଷ୍ୟ କରିବାକୁ ପଡ଼ିଥାଏ। ପାଶ୍ଚାତ୍ୟ ଲେଖକ ଉଇଲିୟମ ରାଇଟର (William Righter)ଙ୍କ ମତରେ– "All societies rest on myth to justify a particular view of a particular society rest on myth to justify a particular view of a particular society one needs to identify its basic myths and reflect upon their impact on the current generation" (Myths & Literature, William Righter, P-9)

ସେ ଯାହା ହେଉନା କାହିଁକି 'ମିଥ୍' ପ୍ରୟୋଗ ଦ୍ୱାରା ଓଡ଼ିଆ ସାହିତ୍ୟକୁ ଅଧିକ ପ୍ରଭାବଶାଳୀ ତଥା ଭାବବ୍ୟଞ୍ଜକ କରାଯାଇପାରିଛି। ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟରେ ମିଥ୍ ପ୍ରୟୋଗ ମାଧ୍ୟମରେ ଏକ ସ୍ୱତନ୍ତ୍ର ଶୈଳୀର ସୂତ୍ରପାତ ହୋଇଛି। ଯାହା ପୌରାଣିକ, ଐତିହାସିକ ଓ ଲୋକମିଥ୍ ମାଧ୍ୟମରେ ତିନିଟି ପର୍ଯ୍ୟାୟରେ ପରିଲକ୍ଷିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ନାଟ୍ୟକାର ନୀଳାଦ୍ରିଭୂଷଣଙ୍କ ନାଟକ ବିଚାର୍ଯ୍ୟ।

ରାମାୟଣ, ମହାଭାରତ, ଭାଗବତ, ତଥା ପୁରାଣ ଓ ଉପନିଷଦର କଥାବସ୍ତୁ, ଚରିତ୍ର ସମାଜର ମାର୍ଗଦର୍ଶକ ସାଜିଛି ଯାହାକୁ ଭିତ୍ତିକରି ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟ୍ୟସଂସାର ହୋଇଛି ସମୃଦ୍ଧ। ନାଟ୍ୟକାର ହରିଚନ୍ଦନଙ୍କ ରଚିତ ସ୍ୱର୍ଗାରୋହଣ, ମଧ୍ୟପାତ୍ର, ନିରାପଦ ଭବିଷ୍ୟତ, ରତ୍ନାକରର ରାସ୍ତା, ସକଳ ତୀର୍ଥ ତୋ ଚରଣେ, ପୁଣ୍ୟଭୂମି ଭାରତ, ସ୍ୱର୍ଗଲୋକେ ଯୁଧିଷ୍ଠିର ପ୍ରଭୃତି ନାଟକ ପୌରାଣିକ ମିଥ୍ ପଟ୍ଟଭୂମିରେ ପ୍ରସ୍ତୁତ ସାମାଜିକ ମୂଲ୍ୟବୋଧ ଭିତ୍ତିକ ନାଟକ, ସ୍ୱର୍ଗାରୋହଣ ନାଟ୍ୟକାରଙ୍କ ନାଟ୍ୟଜୀବନର ଏକ ବଳିଷ୍ଠ ମିଥିକ୍ ହସ୍ତାକ୍ଷର, ଯାହା ମହାଭାରତର ପଟ୍ଟଭୂମି ଉପରେ ଆଧାରିତ। ଏଥିରେ ମହାଭାରତ ଯୁଦ୍ଧର ଅବସାନ ପରେ ପାଣ୍ଡବମାନଙ୍କର ସଂସାର-ପ୍ରତି ପ୍ରକଟିତ ବୈରାଗ୍ୟ ଏବଂ ସ୍ୱର୍ଗାରୋହଣ ପାଇଁ ଅଭିଳାଷ ପ୍ରସଙ୍ଗ ବର୍ଣ୍ଣିତ। ଏହା ଆଧୁନିକ ଜୀବନବୋଧର ଏକ ବଳିଷ୍ଠ ସ୍ୱାକ୍ଷର। ମହାଭାରତର କାହାଣୀ ଏଠାରେ ମାଧ୍ୟମ ହୋଇଥିଲେ ହେଁ ସାଂପ୍ରତିକ ସମସ୍ୟା ଏଥିରେ ଉପସ୍ଥାପିତ। ସମାଜରେ ସାଧାରଣ ଗୋଷ୍ଠୀ ଆଧୁନିକ ମଣିଷମାନଙ୍କ ଇଚ୍ଛା ଦ୍ୱାରା କିପରି ପରିଚାଳିତ ହେବାକୁ ବାଧ୍ୟ ହେଉଛି ତାହା

Digitized by srujanika@gmail.com

ପ୍ରଦର୍ଶିତ ହୋଇଛି । ସେ ନାଟକ ମାଧ୍ୟମରେ ଦର୍ଶାଇବାକୁ ଯାଇ କହିଛନ୍ତି ଯେ ଈର୍ଷା, ପରଶ୍ରୀକାତର ହୋଇ ଏ ସୁନ୍ଦର ପୃଥିବୀକୁ ଧ୍ୱଂସ ପଥକୁ ଠେଲି ଦେବା କିମ୍ବା ସବୁ କିଛିକୁ ପ୍ରତ୍ୟାଖ୍ୟାନ କରି ବୈରାଗୀ ଜୀବନ ଅତିବାହିତ କରିବା ପାଇଁ ଇଚ୍ଛାପୋଷଣ ନକରିବା ପାଇଁ ସଂଜୟ ଚରିତ୍ର ମାଧ୍ୟମରେ କହିଛନ୍ତି – "ଏଇ ତ ଇତିହାସ ! ଇତିହାସର ପୁନରାବୃତ୍ତିରେ ଆପଣମାନେ ବିଚଳିତ ହୋଇ ପଡୁଛନ୍ତି କାହିଁକି ? ଦୁର୍ଦ୍ଦିନ ଭିତରେ ବଞ୍ଚିବାକୁ ଶିଖନ୍ତୁ । ଗୋଟାଏ ଅନ୍ଧ ଇତିହାସକୁ ଛାତିରେ ଧରି ମୁଁ ତ ବଞ୍ଚି ରହିଛି, ଆପଣମାନେ ନ ବଞ୍ଚିବେ କାହିଁକି ।" (ସ୍ୱର୍ଗାରୋହଣ, ପୃ:୫୪) । ନାଟକଟିରେ ଗଭୀର ମାନବିକ ସମ୍ବେଦନଶୀଳତା ପ୍ରକଟିତ ।

ନାଟ୍ୟକାରଙ୍କ 'ମଧ୍ୟପାତ୍ର' ନାଟକଟି ମହାଭାରତର ମହାନାୟକ ଶ୍ରୀକୃଷ୍ଣଙ୍କ ଦ୍ୱୈତ ଭୂମିକା ପ୍ରସଙ୍ଗକୁ ନେଇ ପରିକଳ୍ପିତ । ନାଟକଟି ୧୯୮୧ ମସିହାରେ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ହୋଇଥିଲା । ପାରମ୍ପରିକ ରକ୍ତଗତ ସଂପର୍କ ସୂତ୍ରରେ ଜ୍ୟେଷ୍ଠତାକୁ ସମ୍ମାନ ଜଣାଇ କିପରି ମଣିଷ ନିଜ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ହରାଇ ବସିଥାଏ ଏବଂ ଅସହାୟ ଓ ବିଚ୍ଛିନ୍ନତାବୋଧର ଶିକାର ହୋଇ ମାନସିକ ଦୁସ୍ଥିତି ଭିତରେ ଗତି କରିଥାଏ, ଫଳତଃ ସେ ପ୍ରତିବାଦ କରିବା ପାଇଁ ଉନ୍ମୁଖ ହୋଇଉଠେ । ମହାଭାରତର ଯୁଧିଷ୍ଠିର ଏବଂ ଅନୁଜମାନଙ୍କ ମଧ୍ୟରେ ଏହା କିପରି ପ୍ରକଟିତ ତାହା ଏଠାରେ ପ୍ରକଟିତ ତାହା ଏଠାରେ ପ୍ରଦର୍ଶିତ । ଗୋଟିଏ ପଟେ ଦୁର୍ଯ୍ୟୋଧନର କ୍ଷମତାର ଅତ୍ୟାଚାର ଏବଂ ଅନ୍ୟପଟେ ଯୁଧିଷ୍ଠିରଙ୍କ ମମତାର ଅତ୍ୟାଚାର ଯାହାକୁ ବିରୁଦ୍ଧାଚରଣ କରିବାକୁ ଆଗେଇ ଆସନ୍ତି ଅନୁଜ ଭୀମ, ଅର୍ଜୁନ, ନକୁଳ, ସହଦେବ । ନାଟକଟି ନାଟ୍ୟକାରଙ୍କୁ ବେଶ୍ ସୁଖ୍ୟାତି ଆଣି ଦେଇଥିଲା । ପରବର୍ତ୍ତୀ ସମୟରେ ନାଟ୍ୟକାର ପ୍ରେରିତ ହୋଇଥିଲେ ଅଧିକ ନାଟକ ରଚନା କରିବା ପାଇଁ ।

'ନିରାପଦ ଭବିଷ୍ୟତ' ନାଟକଟି ମହାଭାରତର ବିରାଟ ପର୍ବରୁ କଥାବସ୍ତୁକୁ ନେଇ ରଚିତ । ନାଟକଟି ପ୍ରଥମେ 'ବିକ୍ରିତ ପୌରୁଷ' ନାମରେ ଆକାଶବାଣୀ କଟକରୁ ପ୍ରସାରିତ ହୋଇଥିଲା । ପାଣ୍ଡବମାନଙ୍କ ଅଜ୍ଞାତବାସ ସମୟରେ ଯୁଧିଷ୍ଠିରଙ୍କ ସମେତ ପଞ୍ଚୁପାଣ୍ଡବ ଓ ଦ୍ରୌପଦୀ ବିରାଟ ରାଜାଙ୍କ ଦାସତ୍ୱ ଗ୍ରହଣ କରି କିପରି ଅପମାନିତ ହୋଇଥିଲେ ଏପରିକି ଦ୍ରୌପଦୀ ଏଥିରୁ ବଞ୍ଚିତା ହୋଇ ନଥିଲେ, ତତ୍ ସଂପର୍କରେ ବର୍ଣ୍ଣିତ ହୋଇଅଛି । ଅବସ୍ଥାରେ ପଡ଼ି ମଣିଷ ନିକୃଷ୍ଟ ବ୍ୟକ୍ତି ନିକଟରେ କିପରି ଲାଞ୍ଛିତ ହୋଇଥାଏ, ତାହା ପ୍ରଦର୍ଶିତ । ଏଥିରେ ଆଧୁନିକ ଜୀବନବୋଧର ଚିତ୍ର ଭିନ୍ନ ଶୈଳୀରେ ପ୍ରକଟିତ । ନାଟ୍ୟକାର ଏହି କାହାଣୀ ମାଧ୍ୟମରେ ସମାଜରେ ଶୋଷିତ ହେଉଥିବା ମଣିଷ ମନରେ ନୂତନ ଆଶାର ସଂଚାର କରିବାର ଉଦ୍ୟମ କରିଛନ୍ତି ।

ପୁରାଣର ପୃଷ୍ଠଭୂମି ଉପରେ ଆଧାରିତ ଅନ୍ୟ ଏକ ନାଟକ 'ପୁଣ୍ୟଭୂମି ଭାରତ' ମାଧ୍ୟମରେ ନାଟ୍ୟକାର ଅତୀତ ଭାରତର ଇତିହାସକୁ ଉପସ୍ଥାପନ କରିଛନ୍ତି ସାଂପ୍ରତିକ

Digitized by srujanika@gmail.com

ମଣିଷର ଜୀବନବୋଧ ମଧ୍ୟ ଦେଇ। ଆଦର୍ଶ, ପରମ୍ପରା ଓ ମୂଲ୍ୟବୋଧ ପ୍ରତି ଆଧୁନିକ ମଣିଷର ଉପେକ୍ଷାକୁ ଅବଗତ କରାଇବା ନିମନ୍ତେ ନାଟ୍ୟକାର ପ୍ରଚେଷ୍ଟା କରିଛନ୍ତି। ରାମାୟଣର କେତେକ ଚରିତ୍ରକୁ ନେଇ ଆଧୁନିକ ଭାବବୋଧର ନାଟକ ହେଉଛି 'ପୁଣ୍ୟଭୂମି ଭାରତ' । ବଳି, ତାରା, ମନ୍ଦୋଦରୀ ଚରିତ୍ରମାନଙ୍କୁ ଉପସ୍ଥାପନ କରି ଅନ୍ୟାୟର ଚିତ୍ର ବାଢ଼ିଛନ୍ତି। ଆଜିର ସମାଜ କିପରି ଅଧଃପତନ ଆଡ଼କୁ ଗତି କରୁଛି ସେ ସଂପର୍କରେ ନାଟ୍ୟକାର ସଚେତନ କରାଇଛନ୍ତି ଏ ନାଟକ ମାଧ୍ୟମରେ।

ନାଟ୍ୟକାରଙ୍କ ରଚିତ 'ଅନୁଶାସନ' ମଧ୍ୟ ପୌରାଣିକ ଭାବବସ୍ତୁ ଉପରେ ଆଧାରିତ ଏକ ମିଥ୍‌ଧର୍ମୀ ନାଟକ। ମହାଭାରତର ପ୍ରାନ୍ତଭାଗର ଅନୁଶାସନ ପର୍ବରୁ ଏହାର କଥାବସ୍ତୁ ଆନୀତ। ମହାଭାରତର ଭୀଷ୍ମ ଓ ଯୁଧିଷ୍ଠିରଙ୍କ କଥୋପକଥନ ଛଳରେ ନାଟକଟି ଆରମ୍ଭ ହୋଇଛି। ଯୁଦ୍ଧର ଅବସାନ ପରେ ପିତାମହ ଭୀଷ୍ମ ପ୍ରତ୍ୟେକଙ୍କୁ ରାଜ୍ୟ ଶାସନର ନୀତି ବୁଝାଉଛନ୍ତି ଯାହାକୁ ଉପଲବ୍‌ଧି କରିଛନ୍ତି ଅନ୍ୟମାନେ। ସତ୍ୟ, ଧର୍ମ, ନ୍ୟାୟର ଧ୍ୱଜାଧାରୀମାନେ କିପରି ସ୍ୱାର୍ଥପାଇଁ ଅନେକ ସମୟରେ ଅସତ୍ୟ, ଅଧର୍ମ, ଅନ୍ୟାୟକୁ ମଥାପାତି ସହ୍ୟ କରି ନେଇଥାନ୍ତି ତାହା ଦର୍ଶାଇଛନ୍ତି। ସାଂପ୍ରତିକ ସମାଜର ମଧ୍ୟ ଏପରି ଚରିତ୍ରମାନଙ୍କର ଅଭାବ ନାହିଁ। ପ୍ରତ୍ୟେକ କିପରି ନିଜ ସ୍ୱାର୍ଥ ହାସଲରେ ବ୍ୟାପୃତ ସେ ସଂପର୍କରେ ନାଟକରେ ବର୍ଣ୍ଣିତ ହୋଇଛି। ସାଂପ୍ରତିକ ସ୍ଥିତି ସଂପର୍କରେ କହିବାକୁ ଯାଇ ନାଟ୍ୟକାର ବର୍ତ୍ତମାନ ଦେଇ ଅତୀତର କଥା ଉନ୍ମୋଚନ କରିଛନ୍ତି।

ମହାଭାରତର ଗୁରୁଶିଷ୍ୟ ପରମ୍ପରାକୁ ନେଇ 'ସକଳ ତୀର୍ଥ ତୋ ଚରଣେ' ନାଟକଟି 'ରାସ୍ତା ନାହିଁ' ନାଟ୍ୟ ସଂକଳନରେ ପ୍ରକାଶିତ। ପୁରାଣ ପୃଷ୍ଠାର ଏକଲବ୍ୟ, ଅର୍ଜୁନ ଭଳି ସଫଳ ଚରିତ୍ରମାନଙ୍କୁ ଦର୍ଶାଇ ସଂପ୍ରତି ଗୁରୁଶିଷ୍ୟ ପରମ୍ପରା କିପରି ପରସ୍ପରର ସ୍ୱାର୍ଥ ସାଧନରେ ଲିପ୍ତ ତାହା ଉପସ୍ଥାପନ କରାଯାଇଛି। ଶିକ୍ଷା ନାଁରେ ଚାଲିଥିବା ଭ୍ରଷ୍ଟାଚାର ଓ ଅନ୍ୟାୟର ଚିତ୍ର ଏଥିରେ ପ୍ରକଟିତ ହୋଇଛି।

ପୁରାଣର 'ରତ୍ନାକର' ମିଥ୍ ଉପରେ ଆଧାରିତ 'ରତ୍ନାକରର ରାସ୍ତା' ନାଟକଟି ରଚିତ। ଏହି ନାଟକରେ ସମାଜରେ ସତ୍ୟ, ଧର୍ମ, ନ୍ୟାୟର ସଂଜ୍ଞା କିପରି ବଦଳି ଯାଇଛି, ତାହା ଦର୍ଶାଯାଇଅଛି। ସେହିଭଳି 'ସ୍ୱର୍ଗଲୋକେ ଯୁଧିଷ୍ଠିର' ନାଟକରେ ସାରଳା ଦାସଙ୍କ ମହାଭାରତର ସ୍ୱର୍ଗାରୋହଣକୁ ପୃଷ୍ଠଭୂମି ରୂପେ ଗ୍ରହଣ କରି ସାଂପ୍ରତିକ ସମାଜର ଚିତ୍ର ପ୍ରଦାନ କରାଯାଇଛି ମିଥ୍‌କୁ ଏକ ବଳିଷ୍ଠ ମାଧ୍ୟମ ଭାବରେ ବ୍ୟବହାର କରି।

କେବଳ ପୁରାଣ ନୁହେଁ ଇତିହାସ ପୃଷ୍ଠାରେ ଉଲ୍ଲିଖିତ କିଛି ଘଟଣା ତଥା ଚରିତ୍ରମାନଙ୍କର ସ୍ୱରୂପକୁ ନେଇ ଐତିହାସିକ ମିଥ୍ ଭାବରେ ଉପସ୍ଥାପନ କରିଛନ୍ତି ନାଟକରେ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ। ନାଟ୍ୟକାରଙ୍କ 'ସତ୍ୟ ସଂଶୟ

Digitized by srujanika@gmail.com

ସାଲବେଗ' (୧୯୮୦), 'ଭୀମ ଭୋଇଙ୍କ ସଂଧାନରେ' (୧୯୮୧), 'ବତାସ ନିସ୍ତବ୍ଧ ଆଜି' (୧୯୮୩), 'କଲମ୍ବସ' (୧୯୮୯) ପ୍ରଭୃତି ନାଟକରେ ଇତିହାସର ସେହି ପ୍ରତିଧ୍ୱନି ଶୁଣିବାକୁ ମିଳେ।

'ସତ୍ୟ ସଂଶୟ ସାଲବେଗ' ଇତିହାସର ପୃଷ୍ଠଭୂମି ଉପରେ ରଚିତ ଆଧୁନିକ ଜୀବନବୋଧର ଏକ ମିଥ୍‌ଧର୍ମୀ ନାଟକ। ସାଲବେଗଙ୍କ ଜୀବନ ଉପରେ ଆଧାରିତ ହୋଇଥିଲେ ହେଁ ଆଧୁନିକ ଯୁଗର ସଂକଟର ଚିତ୍ର ଏଥିରେ ପରିସ୍ଫୁଟିତ। ଜନ୍ମତଃ ସାଲବେଗ ମୁସଲମାନ ହୋଇଥିଲେ ହେଁ ସେ ଜଗନ୍ନାଥଙ୍କ ଭକ୍ତ ହୋଇଥିଲେ କିନ୍ତୁ ତାଙ୍କୁ ମନ୍ଦିର ମଧ୍ୟକୁ ପ୍ରବେଶ ନିଷେଧ ଥିଲା। ଉଭୟ ଧର୍ମଭିତରେ ଥିବା ସଂକୀର୍ଣ୍ଣତା ଓ ଧର୍ମ କିପରି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ହାତର କ୍ରୀଡ଼ାନକ ହୋଇଛି ତାହା ଦର୍ଶାଯାଇଛି ନାଟକରେ। ପରିଶେଷରେ ପ୍ରକୃତ ଧର୍ମ ମାନବ ଧର୍ମ ବୋଲି ସେ ଗ୍ରହଣ କରିଛନ୍ତି। ନାଟକରେ ମାନବ ଧର୍ମର ଜୟଗାନ କରାଯାଇଛି। ଧର୍ମର ସଂକୀର୍ଣ୍ଣତା ମଧ୍ୟରୁ ସାଲବେଗ ମୁକ୍ତି ଚାହିଁଛନ୍ତି ଏବଂ ମାନବଧର୍ମର ପ୍ରଚାର କରିଛନ୍ତି। ସମାଜରେ ଧର୍ମ ନାମରେ ଚାଲିଥିବା ଶଠତା, ପ୍ରତାରଣା ସମ୍ବନ୍ଧରେ ନାଟ୍ୟକାରଙ୍କର ଅସନ୍ତୋଷ ଭାବ ନାଟ୍ୟ ଚରିତ୍ର ଓ ଘଟଣା ସହ ବେଶ୍ ସମ୍ବେଦନଶୀଳତାର ସହ ପରିବେଷିତ ହୋଇଛି ନାଟକରେ।

ନାଟ୍ୟକାରଙ୍କ ରଚିତ ମିଥ୍‌ଧର୍ମୀ ନାଟକ 'ଭୀମ ଭୋଇଙ୍କ ସଂଧାନରେ' ଅନ୍ୟ ଏକ ବହୁଚର୍ଚ୍ଚିତ ସୃଷ୍ଟି। ଇତିହାସର ପୃଷ୍ଠଭୂମି ଉପରେ ଆଧାରିତ ଏହି ନାଟକରେ ଆଧୁନିକ ଜୀବନବୋଧର ଚିତ୍ର ପ୍ରତିଫଳିତ। ଭୀମ ଭୋଇଙ୍କ ଆଦର୍ଶ ସାଂପ୍ରତିକ ସମାଜରେ କିପରି ମୂଲ୍ୟହୀନ ହୋଇ ପଡୁଛି ତା'ର ରୂପ ରୂପାୟିତ ହୋଇଛି। ବିଶେଷତଃ ନାଟକରେ ସାଂପ୍ରତିକ ଭାରତ ବର୍ଷର ସାମାଜିକ, ଆର୍ଥନୀତିକ ଏବଂ ରାଜନୈତୀକ ମୂଲ୍ୟବୋଧଗତ ଅବକ୍ଷୟର ଚିତ୍ର ପ୍ରଦର୍ଶିତ। ଏଥିରେ ଭୀମ ଭୋଇ ଜଣେ ବ୍ୟକ୍ତି ନୁହଁନ୍ତି ଏକ ମାନବିକ ଚେତନା। ନାଟ୍ୟକାରଙ୍କ ଭାଷାରେ : "ଭୀମ ଭୋଇମାନେ ସହଜରେ ମରିଯାଆନ୍ତି ନାହିଁ, ସେମାନେ ବାରମ୍ବାର ଜନ୍ମ ହୁଅନ୍ତି ଅନ୍ଧକାର ଭିତରେ ଦୀପ ଶିଖାଟିଏ ହୋଇ ଜଳିବାକୁ।"

'ବତାସ ନିସ୍ତବ୍ଧ ଆଜି' ନାଟକଟି ଓଡ଼ିଶା ଇତିହାସର ବର୍ଣ୍ଣିତ ଗଜପତି କପିଳେନ୍ଦ୍ର ଦେବଙ୍କ ଜ୍ୟେଷ୍ଠପୁତ୍ର ହମ୍ବୀର ଦେବଙ୍କ ବଦଳରେ ଅଯୋଗ୍ୟ ତୋଷାମଦକାରୀ ପୁରୁଷୋତ୍ତମ ଦେବଙ୍କ ଓଡ଼ିଶା ସିଂହାସନ ପ୍ରାପ୍ତି ବିଷୟ ବର୍ଣ୍ଣିତ। ସାଧାରଣତଃ ମଣିଷ ନିଜକୁ ସମାଜରେ ପ୍ରତିଷ୍ଠା କରିବା ନିମନ୍ତେ ଅନ୍ୟାୟ କାର୍ଯ୍ୟକୁ କିପରି ପ୍ରଶ୍ରୟ ଦେଇଥାଏ ତାହା ବର୍ଣ୍ଣିତ। ସମାଜରେ କିପରି ଯୋଗ୍ୟ ବ୍ୟକ୍ତି ସର୍ବଦା ଅଯୋଗ୍ୟ ଦ୍ୱାରା ପ୍ରତାରିତ ତଥା ନିଷ୍ପେଷିତ ହୋଇଥାଏ, ତାର ଏକ ଜ୍ୱଳନ୍ତ ଚିତ୍ର ଉପସ୍ଥାପିତ ହୋଇଛି ପ୍ରୋକ୍ତ ନାଟକରେ।

Digitized by srujanika@gmail.com

ଇତିହାସ ବର୍ଣ୍ଣିତ କଲମ୍ବସଙ୍କର ଦୁଃସାହସିକ ଅଭିଯାନ ଉପରେ 'କଲମ୍ବସ' ନାଟକଟି ପରିକଳ୍ପିତ। ବହୁ ପ୍ରତିବନ୍ଧକ ସତ୍ତ୍ୱେ କଲମ୍ବସଙ୍କ ଦୁଃସାହସିକ ପଦକ୍ଷେପ ଇତିହାସ ମୂଲ୍ୟବୋଧ ଉପରେ ପତିଷ୍ଠିତ। ମଣିଷର ଚେଷ୍ଟା ସବୁବେଳେ ବିଫଳ ଯାଏନି ବରଂ ତା'ର ଦୁଃସାହସିକ ପଦକ୍ଷେପ ତା'ର ଜୀବନରେ ଆଣିଦେଇଥାଏ ସଫଳତା, ଯାହାକି ନାଟକରେ ଉପସ୍ଥାପିତ ହୋଇଛି। 'କଲମ୍ବସ' ସତ୍ୟ ଓ ଦୁଃସାହସିକତାର ପ୍ରତୀକ ଭାବେ ନାଟକରେ ଦ୍ୟୋତିତ।

ନାଟ୍ୟକାରଙ୍କ ଲୋକମିଥ୍‌ଧର୍ମୀ ନାଟକ ହେଉଛି 'କଲୁରିବେଣ୍ଟ' (୧୯୯୮)। ଓଡ଼ିଶା ଲୋକ ଜୀବନରେ 'କଲୁରୀ ବେଣ୍ଟ' ଲୋକକଥାଟି ବହୁ ଲୋକପ୍ରିୟ। ଏପିକ୍ ନାଟ୍ୟରୀତିରେ ରଚିତ ଏହି ନାଟକଟି ନାଟ୍ୟକାରଙ୍କ ଏକ ସଫଳ ମିଥ୍ ଉପରେ ପର୍ଯ୍ୟବସିତ। ନାଟକରେ କଲରା ଖାଇବା ନିମନ୍ତେ କାଉର ଯେଉଁ ଆପ୍ରାଣ ଉଦ୍ୟମ ଏବଂ ପରେ ପରେ ହତାଶା ଭାବ ଓ ମୃତ୍ୟୁ ପ୍ରସଙ୍ଗର ପ୍ରତିରୂପରେ ସମାଜର ନ୍ୟାୟ ପାଇଁ ସର୍ବଦା ସଂଗ୍ରାମ କରୁଥିବା ତଳ ଶ୍ରେଣୀର କର୍ମଚାରୀମାନଙ୍କ ହତାଶାଭାବ ପ୍ରତିଫଳିତ। ସମାଜରେ ବସବାସ କରୁଥିବା ଅସହାୟ ଲୋକମାନଙ୍କୁ ଧନୀକ ଶ୍ରେଣୀର ଲୋକମାନେ କିପରି ନିର୍ଯ୍ୟାତନା ଦେଇ ନିର୍ଦ୍ଦୟ ଭାବରେ ଶୋଷଣ କରୁଛନ୍ତି ତା'ର ଏକ ସଫଳରୂପ ନାଟକଟିରେ ପ୍ରକଟିତ ହୋଇଛି। ଏଠାରେ 'କଲୁରିବେଣ୍ଟ' ସତ୍ୟ, ଧର୍ମ, ନ୍ୟାୟର ପ୍ରତୀକ ଭାବରେ ଦଣ୍ଡାୟମାନ। ସତ୍ୟ ଓ ଧର୍ମର ବିଜୟ ଦିନେ ନା ଦିନେ ସମ୍ଭବ ହେବବୋଲି ସେ ଆଶ୍ୱାସନାର ବାଣୀ ଶୁଣାଇଛନ୍ତି। ସାଧାରଣ ଚୌକିଦାର କିପରି ଉଚ୍ଚ ପଦସ୍ଥ ଅଫିସରଙ୍କ ଦ୍ୱାରା ପ୍ରତାରିତ ହୋଇ ଚାକିରିରୁ ବହିଷ୍କୃତ ହୋଇଛି ଏବଂ ଲୋକକଥା 'କଲୁରିବେଣ୍ଟ'ର କାଉ ସଦୃଶ କିପରି ହତାଶ ହୋଇଛି ତାହା ଉପସ୍ଥାପିତ ହୋଇଛି ପ୍ରତୀକାତ୍ମକ ଭାବେ।

ସର୍ବୋପରି ଦେଖିବାକୁ ଗଲେ ନୀଳାଦ୍ରିଭୂଷଣ ନାଟକରେ ମିଥ୍ ପ୍ରୟୋଗ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ଜଣେ ସମର୍ଥ ବ୍ୟକ୍ତିତ୍ୱ। ଲେଖନୀ ମାଧ୍ୟମରେ ସମାଜକୁ ଶୃଙ୍ଖଳିତ ତଥା ମାନବିକ ମୂଲ୍ୟବୋଧ ସଂପର୍କରେ ମାନବ ସମାଜକୁ ଅବଗତ କରାଇବା ପାଇଁ ତାଙ୍କର ପ୍ରଚେଷ୍ଟା ଅଭିନନ୍ଦନୀୟ। ନାଟ୍ୟକାରଙ୍କ ନାଟକ ମାଧ୍ୟମରେ ବହୁ ପୌରାଣିକ, ଐତିହାସିକ ଓ ଲୋକମିଥ୍ ମାଧ୍ୟମରେ ଅନେକ ଅତୀତ ଘଟଣାବଳୀ ଆମ ସମ୍ମୁଖରେ ଜୀବନ୍ତ ହୋଇ ଉଠିବା ସହିତ ଆମ ଜୀବନଧାରାକୁ ପ୍ରଭାବିତ କରିବାରେ ତାହା ସମର୍ଥ ହୋଇ ପାରିଛି। ଏହା ମାଧ୍ୟମରେ ନାଟ୍ୟକାର ଯୁଗ ଚେତନାକୁ ଅଭିବ୍ୟଞ୍ଜିତ କରିବା ଦିଗରେ ବେଶ୍ ସଫଳ ହୋଇପାରିଛନ୍ତି। ଇତିହାସ ଓ ସ୍ମୃତିରେ ଅନ୍ତର୍ନିହିତ ବହୁ ତଥ୍ୟ ମିଥ୍ କରିଆରେ ବର୍ତ୍ତମାନ ଜୀବନଶୈଳୀ ସହ ଏକ ସୁନ୍ଦର ସେତୁ ନିର୍ମାଣ କରିପାରିଛନ୍ତି।

Digitized by srujanika@gmail.com

ମିଥିଧର୍ମୀ ନାଟକ ରଚନା ପାଇଁ ନାଟ୍ୟକାର ପ୍ରାଚ୍ୟ ଦର୍ଶନ, ମହାଭାରତ, ରାମାୟଣ, ଇତିହାସ ଓ ଲୋକ ସାହିତ୍ୟକୁ ମୂଳ ଭାବେ ଗ୍ରହଣ କରିଛନ୍ତି। ସମାଜର ପ୍ରତିଚ୍ଛବିକୁ ଚିତ୍ରିତ କରିବାକୁ ଯାଇ ଇତିହାସ, ପୁରାଣର ଚରିତ୍ରମାନଙ୍କୁ ନାଟକ ମଧ୍ୟକୁ ନେଇ ଆସିଛନ୍ତି। ଏହା ମାଧ୍ୟମରେ ସତ୍ୟ, ଧର୍ମ, ନ୍ୟାୟ, ପରମ୍ପରା ଓ ମୂଲ୍ୟବୋଧ ପ୍ରତି ଆସ୍ଥା ପ୍ରକଟନ କରିବାର ଚିତ୍ର ତାଙ୍କ ନାଟକଗୁଡ଼ିକରେ ପ୍ରଦର୍ଶିତ। ବିଶେଷତଃ ସମାଜରେ ଅବହେଳିତ, ସନ୍ତୁଳିତ ମଣିଷମାନଙ୍କରେ ଆଶ୍ୱାସନାର ବାଣୀ ଶୁଣାଇଛନ୍ତି ନାଟ୍ୟକାର।

କ୍ୱା.ନଂ- ବି/୭, ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ଜ୍ୟୋତିବିହାର, ବୁର୍ଲା, ପିନ୍-୭୬୮୦୧୯

Digitized by srujanika@gmail.com

'ରାସ୍ତାନାହିଁ'ରେ ସ୍ୱପ୍ନ ଓ ସଂଶୟ

ପ୍ର. ନାରାୟଣ ସାହୁ

ସମାଜରେ ପ୍ରତିଦିନ ଘଟୁଥିବା ଘଟଣାଗୁଡ଼ିକୁ ସାହିତ୍ୟକାର ନିଜ ଲେଖନୀମୁନରେ ଲିପିବଦ୍ଧ କରିବାକୁ ଚେଷ୍ଟା କରିଥାଏ। ଘଟଣାଟି ଯେତେବେଳେ ସମସ୍ୟାରେ ରୂପାନ୍ତରିତ ହୁଏ। ସେତେବେଳେ ତା'ର ଗୁରୁତ୍ୱ ବଢ଼ିଯାଇଥାଏ। ଆଉ ଏହି ଗୁରୁତ୍ୱ ହିଁ ତାକୁ ରସୋତ୍ତୀର୍ଣ୍ଣ କରି ଗଢ଼ି ତୋଳିଥାଏ। ଏକାଙ୍କିକାକାର ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ ଇତିହାସ, ପୁରାଣ ଏବଂ ସମସାମୟିକ ଘଟଣାକୁ ଏକ ପ୍ରକାର ଭିନ୍ନଦୃଷ୍ଟିରେ ବାନ୍ଧି ରଖିବାକୁ ପ୍ରୟାସ କରିଛନ୍ତି। ସେ ଦୃଷ୍ଟିଭଙ୍ଗୀ ହୋଇପାରେ କବିର, ଦାର୍ଶନିକର କିମ୍ବା ସୁଖସନ୍ଧାନୀ ଏକ ସାମାଜିକ ମଣିଷର। ତାଙ୍କ ସୃଷ୍ଟିରେ ମୂଲ୍ୟବୋଧର ସଂଘର୍ଷ ଦେଖିବାକୁ ମିଳେ।

ସାଂପ୍ରତିକ ସମାଜରେ ନରହତ୍ୟା, ବଧୂହତ୍ୟା, ଆତ୍ମହତ୍ୟା ଆଦି ନାନା ଘଟଣା ଘଟିଥାଏ। ପ୍ରତିଟି ଘଟଣା ପଛରେ ଏକ ନିର୍ଦ୍ଦିଷ୍ଟ ରହସ୍ୟ ଲୁଚି ରହିଥାଏ। ଏଠାରେ ଏକାଙ୍କିକାକାର ଚାଷୀ ଆତ୍ମହତ୍ୟାକୁ ନିଜର ମୁଖ୍ୟ ପ୍ରସଙ୍ଗ ଭାବେ ନିର୍ବାଚିତ କରିଛନ୍ତି ଏବଂ ତା' ପଶ୍ଚାତରେ ଥିବା ରହସ୍ୟକୁ ଧୀରେ ଧୀରେ ଉନ୍ମୋଚନ କରିଛନ୍ତି। କୃଷି ଓ କୃଷକର ଉନ୍ନତି ପାଇଁ ସରକାର ନାନା ଉନ୍ନତିମୂଳକ ଯୋଜନା ହାତକୁ ନିଅନ୍ତି। କମ୍ ସୁଧରେ ଚାଷୀକୁ ଋଣଯୋଗାଣ ଇତ୍ୟାଦି। ଦୈବୀଦୁର୍ବିପାକର ଶିକାର ହୁଏ ବିଚରା ଚାଷୀ। ବଢ଼ି ମରୁଡ଼ିରେ ଦୋହଲି ଯାଏ ଚାଷୀର ମେରୁଦଣ୍ଡ। ଋଣ ଶୁଝି ନପାରି ବିଚରା ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟହୁଏ।

ଏମିତି ଏକ ସତ୍ୟ ଘଟଣା ଉପରେ ଆଧାରିତ ଏକାଙ୍କିକା ହେଉଛି 'ରାସ୍ତାନାହିଁ'। ଚାଷୀ ଆତ୍ମହତ୍ୟା ଲଗାତାର ଘଟି ଚାଲିଛି ଆମ ସମାଜରେ ଏଥିପାଇଁ ଦାୟୀ କିଏ ? ଆସନ୍ତୁ ଯିବା ପଣସପଦା ଗାଁକୁ ଯେଉଁଠି ଋଣ ଶୁଝିନପାରି ଚାଷୀ ଆତ୍ମହତ୍ୟା କରିଛି। ଜଣେ ନୁହେଁ, ଚାରିଜଣ ଚାଷୀ। ଘଟଣାର ସତ୍ୟାସତ୍ୟ ଆକଳନ କରିବା ପାଇଁ ପଣସପଦା ପାଖରେ ପହଞ୍ଚିଛନ୍ତି ଦୁଇଜଣ ବ୍ୟକ୍ତି। ଭେଟିଛନ୍ତି ଜଣେ ଉଚ୍ଚଶିକ୍ଷିତ ଯୁବକଙ୍କୁ, ଯିଏକି ଚାକିରି ପଛରେ ନ ଗୋଡ଼ାଇ ସାଧାରଣ ମଣିଷ ପାଇଁ ଏକ ଆଦର୍ଶ ପାଲଟିବା ଆଶାରେ ଗାଁକୁ ଆସିଛନ୍ତି ଏବଂ ଚାଷକୁ ଜୀବିକା ଭାବେ ଆପଣେଇ ନେଇଛନ୍ତି।

Digitized by srujanika@gmail.com

ଏଇ ଉଚ୍ଚଶିକ୍ଷିତ ଯୁବକ ହେଉଛନ୍ତି ଅରୂପ। ବିଶ୍ୱବିଦ୍ୟାଳୟର କୃତିଛାତ୍ର ଅରୂପ। ଆଉ ତାର ଶିକ୍ଷିତା ପତ୍ନୀ ନିବେଦିତା। ଗାଁରେ ସବୁଜ ବିପ୍ଳବକୁ ସଫଳ କରାଇବା ଉଦ୍ଦେଶ୍ୟରେ ଉଭୟ ଅଣ୍ଟାଭିଡ଼ି ବାହାରିଛନ୍ତି। ଭୋକ ଉପାସରେ ରହିଲେ ବି ନିବେଦିତା କେବେ ପ୍ରତିବାଦ କରିନି। ସେମାନଙ୍କ ଆଖିରେ ଆଖିଏ ସ୍ୱପ୍ନ। ଗାନ୍ଧିଙ୍କ ସ୍ୱପ୍ନକୁ ସାକାର କରିବେ। ଶିକ୍ଷିତ ଯୁବକମାନେ ଚାକିରିମୁହାଁ ନହୋଇ ଗାଁକୁ ଫେରିବେ। ଗାଁର ଭାଗ୍ୟ ବଦଳିବ। ଚାଷର ଚେହେରା ଚମକିବ। ତଳସ୍ତରରେ ଥିବା ମଣିଷର ଉନ୍ନତି ନହେଲେ ଦେଶର ଉନ୍ନତି ଅସମ୍ଭବ। ସର୍ବୋଦୟ ଚିନ୍ତାଧାରାକୁ ସାକାର କରିବାକୁ ଆସିଛନ୍ତି ଗାଁକୁ ଅରୂପ ଆଉ ନିବେଦିତା।

ନାନା ଅଭାବ ଅସୁବିଧା ଭିତରେ ଅରୂପ ଭାଙ୍ଗି ପଡୁଥିବା ବେଳେ ତାଙ୍କୁ ସାନ୍ତ୍ୱନା ଦେଇଛି ନିବେଦିତା। ଉନ୍ନତ ଚାଷ ପାଇଁ ଅରୂପ ବ୍ୟାଙ୍କ୍ ଲୋନ୍ ପାଇଁ ଦରଖାସ୍ତ ଦେଇଛି। ମାତ୍ର ବାରମ୍ବାର ବ୍ୟାଙ୍କକୁ ଦଉଡ଼ିଲେ ମଧ୍ୟ ଟଙ୍କା ମଂଜୁର ହୋଇପାରିନାହିଁ। ପୁଣି ଫସଲର ଶତ୍ରୁ କଥା ଚିନ୍ତାକରି ବିବ୍ରତ ହୋଇପଡ଼ିଛି ଶିକ୍ଷିତ ଯୁବକ ଅରୂପ। "ପ୍ରଚଣ୍ଡ ଖରା ହେଲେ ଗଛ ଜଳିଯିବ। ପ୍ରବଳ ବର୍ଷା ହେଲେ ଗଛ ପଚିଯିବ। ବନ୍ୟାରେ ଧୋଇଯିବ। ଝଡ଼ବର୍ଷାରେ ଗଛ ମାଟିରେ ମିଶିଯିବ। ସେଥିରେ ପୁଣି ଗୋରୁ, ଛେଳି, ଜଙ୍ଗଲର ଜନ୍ତୁ, ଚୋର ସମସ୍ତଙ୍କ ମୁହଁରୁ ଫସଲ ରକ୍ଷା କରିବାକୁ ପଡ଼ିବ। ବେଳେ ବେଳେ ଫଳ ବି କମ୍ ହୁଏ। ପୁଣି ଠିକ୍ ସମୟରେ ବିକ୍ରି ନହୋଇ ପାରିଲେ ସମୂଳେ ନଷ୍ଟ।"

ଚାଷୀର ଉତ୍ପାଦନକୁ କେବେହେଲେ ଠିକ୍ ମୂଲ୍ୟ ମିଳେନା। ଏଥିରୁ ଲାଭ ଉଠାନ୍ତି ଦଲାଲ୍, ଦୋକାନୀ ଆଉ ମିଡ଼ିଲମେନ। ତଥାପି ଅରୂପ ଭିତରେ ରହିଛି କିଛି କରିଦେଖାଇବାର ଶକ୍ତି ଆଉ ସାହସ। ତେଣୁ ସ୍ତ୍ରୀକୁ ପ୍ରବୋଧନା ଦେଇ କହେ– "ଆମେ ଶିକ୍ଷିତ ହୋଇ ଯଦି କିଛି କରି ନପାରବା, ଅନ୍ୟମାନେ କରିବେ କ'ଣ? ଏତେ ବଡ଼ ସମାଜ, ଏତେବଡ଼ ଦେଶକୁ ବଞ୍ଚାଇବାକୁ ତ ଦରକାର କିଛି ଲୋକଙ୍କର ଆତ୍ମତ୍ୟାଗ। ସମସ୍ତେ ଚାହିଁ ରହିଛନ୍ତି ଆମକୁ।"

ବ୍ୟାଙ୍କ୍ ଲୋନ୍ ପାଇଁ ବିଭିନ୍ନ କ୍ଲିଅରାନ୍‌ସ ଯୋଗାଡ଼ କରିଛି ଅରୂପ। ଖାଲି ସେତିକି ନୁହେଁ, ବାର ବର୍ଷର ଜମିର ରେକର୍ଡ଼ ବାହାର କରିବାଠାରୁ କୋର୍ଟ କଚେରି କାମ ପର୍ଯ୍ୟନ୍ତ ବାରମ୍ବାର ଦଉଡ଼ିବାକୁ ପଡ଼ିଛି ଅରୂପକୁ। ଘରଦ୍ୱାର ଜମିବାଡ଼ି ବନ୍ଧକ ରଖିଛି। ସୁନା ଡିପୋଜିଟ୍ କରିଛି। ଶେଷରେ କଥା ଅଟକିଛି ଟେନ୍ ପରସେଣ୍ଟ ପାଖରେ। ଋଣ ମଂଜୁର ପାଇଁ ଟେନ୍ ପରସେଣ୍ଟ୍ ବ୍ୟାଙ୍କ୍‌ବାଲାଙ୍କୁ ଦେବାକୁ ହେବ ଲାଞ୍ଚ ଭାବରେ। ଭାଙ୍ଗି ପଡ଼ି ଫେରିଛି ଅରୂପ ଖାଲି ହାତରେ।

ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥା ପ୍ରତି ଏଠି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ନାଟ୍ୟକାର ହରିଚନ୍ଦନ– "ସବୁ କ୍ଷେତ୍ରରେ ତ ଦୁର୍ନୀତି। ତଳୁ ଉପର ପର୍ଯ୍ୟନ୍ତ। ଯିଏ ଋଣ ଦେଉଛି, ସିଏ ତା'ର

Digitized by srujanika@gmail.com

ପରସେଣ୍ଟେଜ୍ ପାଇ ଖୁସି। ଯିଏ ଋଣ ପାଇଚି, ସେ ପରସେଣ୍ଟେଜ୍ ଦେଇ ଖୁସି। କାରଣ ତାକୁ କିଛି କରିବାକୁ ପଡ଼ିବ ନାହିଁ। ଋଣ ଟଙ୍କାକୁ ଯେ କୌଣସି ଉଦ୍ଦେଶ୍ୟରେ ମନଇଚ୍ଛା ଖର୍ଚ୍ଚ କରିବାରେ କିଛି ବାଧାନାହିଁ।

ବ୍ୟାଙ୍କ୍ ରିକ୍ୱାୟାରମେଣ୍ଟ ପୂରଣ କରିପାରିନଥିବାରୁ ଋଣ ମିଳିବ ନାହିଁ ବୋଲି ବ୍ୟାଙ୍କ ମ୍ୟାନେଜର ସ୍ପଷ୍ଟ ଭାବେ ଜଣାଇଛନ୍ତି। ହତୋତ୍ସାହିତ ହୋଇ ଫେରିଛି ଅରୂପ। ମନକୁ ମନ କେବଳ ଭାଳି ହୋଇଛି – 'ସଚ୍ଚୋଟ ପରିଶ୍ରମର କିଛି ମୂଲ୍ୟ ନାହିଁ ଏ ସଂସାରରେ। ଏ ଜାଗା ତ ଚୋର ଡକାୟତଙ୍କ ପାଇଁ। ଭଦ୍ରଲୋକର ଜାଗା ନାହିଁ ଏଠି।

ବଡ଼ଭାଇ ସ୍ୱରୂପକୁ ଟଙ୍କା ଧାର ମାଗିଛି ଅରୂପ। ବିରକ୍ତ ହୋଇ କହିଛି : "ସ୍ୱରୂପ, ତୁ ଏତେ ଭଲ ଛାତ୍ର। ଅଫିସର ହେବା କଥା ନହେଲେ କିରାଣି ଚାକିରିଟିଏ ମିଳିଯାଇପାରେ। କିଛି ନହେଲେ ପିଅନ ଚାକିରିଟାଏ ତ ମିଳିବ। କିଛି ତ କଲୁନି।"

ପରିବା ଦୋକାନୀ ମଧୁ ଋଣ ଦେବାକୁ ରାଜି ହୋଇଛି ମାତ୍ର କଥା ରହିଛି ଯେ ସବୁ ପରିବାତକ ମଧୁ ହିଁ କିଣିବ। ସ୍ୱରୂପ, ମଧୁଠାରୁ ଲୋନ୍ ନ ଆଣିବା ପାଇଁ ବୁଝାଇଛି। ହେଲେ ବୁଡ଼ିଯାଉଥିବା ଲୋକ ପାଇଁ କୁଟାଖିଅ ବଡ଼ ନ୍ୟାୟରେ ଅରୂପ, ମଧୁର ଶରଣାପନ୍ନ ହୋଇଛି। ମଧୁଠାରୁ ପଚାଶ ହଜାର ଟଙ୍କା କରଜ ନେଇ ଚାଷ ଆରମ୍ଭ କରିଛି ଅରୂପ।

ଫସଲର ପ୍ରାରମ୍ଭିକ ପର୍ଯ୍ୟାୟରେ ପୋକ ଉପଦ୍ରବ ଆରମ୍ଭ ହୋଇଛି। ପୋକମରା ଔଷଧ କିଛି କାମ କଲାନାହିଁ। କୃଷି ବିଭାଗ ଅଫିସରଙ୍କ ପାଖକୁ ଦଉଡ଼ିଛି ସାହାଯ୍ୟ ପାଇଁ ଅରୂପ। ମିଳିଛି ଫମ୍ପା ଉପଦେଶ: "ଚାଷର କ୍ଷତି ହୋଇଗଲେ କ୍ଷତିପୂରଣ ପାଇଁ ତ କୌଣସି କୃଷିବୀମା ନାହିଁ। ସରକାର ଯଦି ଚାଷୀ ପାଇଁ ଭାବୁ ନାହାନ୍ତି, ଆମ ଭଳି ଛୋଟିଆ ଜୀବଟିଏ କ'ଣ ଭାବିପାରିବ ? ଜୀବିକା ପାଇଁ ତ ଚାକିରି ଖଣ୍ଡିଏ କରିବା କଥା।"

ଉପାୟଶୂନ୍ୟ ହୋଇ କୃଷି ଅଫିସର୍‌ରୁ ଫେରିଛି ଅରୂପ। ଗୋଟିଏ ମାତ୍ର ଚିନ୍ତା, କେମିତି ଶୁଝିବ ପଚାଶ ହଜାର ଟଙ୍କାର ଋଣ। ତା'ର ହୃଦୟ ବିଳପି ଉଠିଛି : "କେତେ ଆଶା ନେଇ ଯେଉଁ ଆଲୋକ ଆଡ଼କୁ ଆଗେଇ ଚାଲିଥିଲି, ସେ ଆଲୋକ ହଠାତ୍ ଲିଭିଗଲା। ଏବେ ଖାଲି ଅନ୍ଧକାର।" ସୁଧମୂଳର ହିସାବ ଧରି ପରିବା ଦୋକାନୀ ମଧୁ ଆସି ପହଞ୍ଚିଛି ଏବଂ ରୋକ୍‌ଠୋକ୍ ଭାବେ ଅରୂପକୁ ଧିକ୍କାର କରିଛି : "ଯେଉଁ ଉଦ୍ଦେଶ୍ୟରେ ତୋତେ ପଇସା ଦେଇଥିଲି, ସେଇ ଉଦ୍ଦେଶ୍ୟଟା ମୋର ସଫଳ ହେଲାନି ? ମୋର ଧାରଣା ନଥିଲା ତୁ ଗୋଟେ ଅପଦାର୍ଥ ବୋଲି।"

ସପ୍ତାହକ ଭିତରେ ସୁଧମୂଳ ଶୁଝିବା ପାଇଁ ତାଗିଦ୍ କରିଛି ମଧୁ: "ତୁ କେମିତି ଦେବୁ, ସେ କଥା ତୋର ବିଚାର। ଜମି ନଥିଲେ ନିଜକୁ ବିକିବୁ କି ମାଇପକୁ ବିକିବୁ,

Digitized by srujanika@gmail.com

ସେ କଥା ତୁ ଜାଣୁ। x x x ଶଳା ଟଙ୍କା ଧରିକି ବଡ଼ ବଡ଼ କଥା କହୁଛି। ମାଇପକୁ ବିକିବା କଥା କହିବାରୁ ଭାରି ବାଧି ଯାଉଛି। ଯୋଉଦିନ ସତକୁ ସତ ଘୋଷାଡ଼ି ନେଇ ଆସିବି ମାଇପକୁ, ସେଦିନ ଦେଖିବୁ ଶଳା।"

ଚତୁର୍ଦ୍ଦିଗ ଶୂନ୍ୟ ଦେଖାଯାଉଛି ଅରୂପ ପାଇଁ। ବ୍ୟର୍ଥତା, ହତାଶା ଭିତରେ ଭାଙ୍ଗି ପଡ଼ିଛି ଅରୂପ। ପ୍ରତି ମୁହୂର୍ତ୍ତରେ ଆତ୍ମହତ୍ୟାର ଖିଆଲ ତା' ମୁଣ୍ଡକୁ ଆସୁଛି। ଧୈର୍ଯ୍ୟ ଧରିବାକୁ ବୁଝାଇଛି ନିବେଦିତା। ବିଫଳତାର ଅନ୍ଧାର ଭିତରେ ସଫଳତାର ଚାବିକାଠି ଖୋଜୁଥିବା ଅରୂପ ନିଜକୁ ପ୍ରଶ୍ନ କରିଛି "ମୁଁ ଯଦି ହାରିଯାଏ, ତା'ହେଲେ ମୋତେ ଦେଖି ଚାଷୀମାନଙ୍କ ମନରେ ଯେଉଁ ନୂତନ ଉନ୍ମାଦନା ସୃଷ୍ଟି ହୋଇଥିଲା, ସବୁଦିନ ପାଇଁ ତାହା ଭଟ୍ଟା ପଡ଼ିଯିବ। ତାହା ହିଁ ହେବ ମୋ ପାଇଁ ଚରମ ଆଘାତ। ଗୋଟାଏ ଜାତି ପାଇଁ ଚରମ ଆଘାତ। ଚିର ପରାଜୟର ଗ୍ଲାନି ସହି କେମିତି ବଞ୍ଚି ରହିବି କୁହ ତ ?" ଏକ ଦୀର୍ଘ ହତାଶାର ପ୍ରଶ୍ନବାଚୀ ତୋଳି ସ୍ୱାମୀ-ସ୍ତ୍ରୀଙ୍କ ବାର୍ତ୍ତାଳାପ ମଧ୍ୟରେ ଶେଷ ହୋଇଛି ଏକାଙ୍କିକା 'ରାସ୍ତାନାହିଁ'।

॥ ୨ ॥

ଦୁଇଜଣ ବ୍ୟକ୍ତିଙ୍କ କଥୋପକଥନ ମାଧ୍ୟମରେ 'ରାସ୍ତାନାହିଁ' ଏକାଙ୍କିକାର ଅବତାରଣା କରାଯାଇଛି। ଏହି ପ୍ରଥମ ଏବଂ ଦ୍ୱିତୀୟ ଲୋକ ହେଉଛନ୍ତି କାହାଣୀର ଯୋଗସୂତ୍ରକାରୀ। ଏମାନଙ୍କ ମୁହଁରେ ସମସ୍ୟା ସ୍ଥାନ ପାଇଛି କିନ୍ତୁ ସମାଧାନର ପନ୍ଥା ନାହିଁ।

ନାଟ୍ୟକାର ବକ୍ତବ୍ୟକୁ ଏଇ ଦୁଇଟି ଚରିତ୍ର ମାଧ୍ୟମରେ ବ୍ୟକ୍ତ କରିଛନ୍ତି। ଆଶା, ଆଶଙ୍କା, ସ୍ୱପ୍ନ ଆଉ ବିଡ଼ମ୍ବନା ଆଦିର ରୂପକାର ହେଉଛନ୍ତି ଏଇ ସାଧାରଣ ବ୍ୟକ୍ତି ଦୁଇଜଣ। କ୍ଷେତ୍ର ବିଶେଷରେ ଅରୂପର ଅନ୍ତରର କୋହ ଏବଂ ଶେଷହୀନ ହାହାକାର ପ୍ରତି ସମବେଦନା ଜଣାନ୍ତି ଏଇ ଦୁଇ ଚରିତ୍ର। ଚରିତ୍ର ଦୁଇଜଣ ଯୋଗସୂତ୍ରକାରୀ ହେଲେ ମଧ୍ୟ ଏକାଙ୍କିକାର ମଞ୍ଚାୟନ ଦିଗରେ ଯଥେଷ୍ଟ ସାହାଯ୍ୟ କରିଛନ୍ତି। କାରଣ ବିଭିନ୍ନ ସେଟ୍ ନେଇ ଏକାଙ୍କିକାଟିଏ ମଞ୍ଚାୟନ କରିବା ଆଦୌ ସହଜସାଧ୍ୟ ନୁହେଁ। ସେଥିପାଇଁ ସେଟ୍ ଏବଂ ସ୍ଥାନର ଗୁରୁତ୍ୱକୁ ଅନେକ ମାତ୍ରାରେ ହ୍ରାସ କରିଛନ୍ତି ଏଇ ଦୁଇଟି ଚରିତ୍ର। ଅର୍ଥାତ୍ ଯେ କୌଣସି ପରିବେଶରେ ଏହି ଏକାଙ୍କିକାର ମଞ୍ଚାୟନ ହେଲେ କୌଣସି ବାଧା ଉପୁଜିବ ନାହିଁ।

ମୋଟ ବାରଗୋଟି ଦୃଶ୍ୟ ଏଥିରେ ସ୍ଥାନ ପାଇଛି। କାହାଣୀର ଆରମ୍ଭ ଖବରକାଗଜ ବାଲାର ଡାକରୁ। ଚାଷୀ ଆତ୍ମହତ୍ୟା ସମ୍ବାଦରୁ। ଏଇ ଘଟଣାଟି ହୁଏତ ଆରମ୍ଭ ହୋଇଛି ରାସ୍ତାରୁ କିମ୍ବା କୌଣସି ଜନଗହଳିପୂର୍ଣ୍ଣ ସ୍ଥାନରୁ। ଦ୍ୱିତୀୟ ଦୃଶ୍ୟର ସ୍ଥାନ ହେଉଛି ପଣସପଦା ଗାଁ। ତୃତୀୟ ଦୃଶ୍ୟର ସ୍ଥାନ ହେଉଛି ଗାଁର ଏକ ସାଧାରଣ ଘର। ଚତୁର୍ଥ ଦୃଶ୍ୟର ସ୍ଥାନ

Digitized by srujanika@gmail.com

ହେଉଛି ବ୍ୟାଙ୍କ୍ ଅଫିସ। ପଞ୍ଚମ ଦୃଶ୍ୟର ସ୍ଥାନ ନିର୍ଦ୍ଦିଷ୍ଟ ନାହିଁ। ଖାଲି କଥୋପକଥନ ଦୁଇ ବ୍ୟକ୍ତିଙ୍କର। ଷଷ୍ଠ ଦୃଶ୍ୟର ସ୍ଥାନ ହେଉଛି ଅରୂପର ଘର। ସପ୍ତମ ଦୃଶ୍ୟ କେବଳ କଥୋପକଥନ, ଅଷ୍ଟମ ଦୃଶ୍ୟର ସ୍ଥାନ କୃଷି ଅଫିସ। ନବମ ଦୃଶ୍ୟ ଅରୂପର ଘର। ଦଶମର ସ୍ଥାନ ସେଇ ଘର। ଏକାଦଶ ଦୃଶ୍ୟର ସ୍ଥାନ ମଧ୍ୟ ସେଇ ଘର। ଦ୍ୱାଦଶ ଦୃଶ ପୁଣି ସେଇ ଦୁଇବ୍ୟକ୍ତିଙ୍କ କଥୋପକଥନ ମଧ୍ୟରେ ଶେଷ ହୋଇଛି। ତେବେ ପୂରା ଏକାଙ୍କିକାଟିରେ ଅରୂପର ଘର, ବ୍ୟାଙ୍କ୍ ଅଫିସ, କୃଷି ବିଭାଗ ଅଫିସ ଏଇ ତିନୋଟି ସ୍ଥାନ ପ୍ରାଧାନ୍ୟ ବିସ୍ତାର କରିଛି। କାହାଣୀର ପରିସରକୁ ଏଇ ତିନିଟି ମଧ୍ୟରେ ସୀମାବଦ୍ଧ କରାଯାଇଛି। ଅନ୍ୟ ଘଟଣା ଗୁଡ଼ିକୁ ବ୍ୟକ୍ତି ଚରିତ୍ର ଦ୍ୱୟ ଇଚ୍ଛାନୁସାରେ ଆକର୍ଷିତ କରିଛନ୍ତି। ନାଟ୍ୟ କାହାଣୀଠାରୁ କୌଣସି ଘଟଣା ଦୂରେଇ ଯାଇନି।

ସାଂପ୍ରତିକ ସମାଜରେ 'ଚାଷୀ ଆତ୍ମହତ୍ୟା' ଏକ ବିବଦମାନ ଓ ବିତର୍କିତ ଘଟଣାରେ ପରିଣତ ହୋଇଯାଇଛି। ଭାରତର ଅଧିକାଂଶ ରାଜ୍ୟରେ ଏହା ଘଟିଚାଲିଛି। ଓଡ଼ିଶାରେ ଏହାର ହାର ସର୍ବାଧିକ, ସାଧାରଣ ଚାଷୀଟିଏ ଭଲ ଫସଲ ପାଇଁ ଋଣ କରିଥାଏ। ଦୈବୀଦୁର୍ବିପାକ, ବଢ଼ି ଓ ମରୁଡ଼ି ତା'ର ସ୍ୱପ୍ନକୁ ଧୂଳିସାତ କରିଦିଏ। ଋଣଜାଲରୁ ମୁକୁଳି ନପାରି ବିଚରା ଚାଷୀ ଆତ୍ମହତ୍ୟା କରେ। ଯେଉଁଠି ଶିକ୍ଷିତ ଯୁବକ ଚାଷ କରିବାକୁ ଯାଇ ତଳିତଳାନ୍ତ ହୁଏ, ସେଠି ସାଧାରଣ ଚାଷୀକୁ ଅବା କିଏ ପଚାରେ। ଅରୂପ ହେଉଛି ଏହାର ଏକ ଜୀବନ୍ତ ଉଦାହରଣ।

ନାଟ୍ୟକାର ଆମ ସମାଜରେ ଘଟୁଥିବା ଏହି ଦୁର୍ଭାଗ୍ୟଜନକ ଘଟଣାକୁ ନାଟ୍ୟ ପରିସରଭୁକ୍ତ କରିଛନ୍ତି। ସାଂପ୍ରତିକ ସମାଜରେ ଗାନ୍ଧିଙ୍କର ସେହି ଚିରପରିଚିତ ସ୍ଲୋଗାନ 'Go back to the villages'ର କିଛି ମୂଲ୍ୟନାହିଁ। ଗାନ୍ଧିଙ୍କ ସ୍ୱରାଜ ସ୍ୱପ୍ନ ଆଜିର ସମାଜରେ ସଂପୂର୍ଣ୍ଣ ଖଣ୍ଡିତ। କୃଷି ବିପ୍ଳବର ସ୍ଲୋଗାନ ଦେଉଥିବା ରାଜନ୍ୟତିକ ଦଳଗୁଡ଼ିକ କେବଳ ନିଜର ଫାଇଦା ହାସଲ ପାଇଁ ଏଇମିତି ଗୋଟି ଚାଳନା କରି ଚାଲିଛନ୍ତି। ଯେ କୌଣସି ବିପ୍ଳବ ବା ଲକ୍ଷ୍ୟ ସେତିକି ବେଳେ ସଫଳ ହୁଏ, ଯେତେବେଳେ ତା' ପଛରେ ଏକ ଉତ୍ସର୍ଗୀକୃତ ମନୋଭାବ ଥାଏ।

ନାଟ୍ୟକାର ଡକ୍ଟର ହରିଚନ୍ଦନନ ସମସ୍ୟାର ଘେରରେ ବନ୍ଦୀ ଭାବେ ଅହରହ ସଢୁଥିବା ନବୀନ ପିଢ଼ିକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଯୁବଶକ୍ତି କୌଣସି ସଂକଟଜନକ ପରିସ୍ଥିତିରେ ହତୋତ୍ସାହିତ ନହୋଇ ଆଶାବାଦୀ ହେବା ଉଚିତ। ତେଣୁ ଅରୂପ ଭିତରେ ଏହି ସ୍ୱପ୍ନର ଦୁର୍ବାର ଉଚ୍ଚାରଣ ଦେଖିବାକୁ ମିଳେ "ସମସ୍ତ ବିଫଳତା ଭିତରେ ତ କେଉଁଠି କେମିତି ସଫଳତାର ଦୀପଟିଏ ଜଳୁଥାଏ। x x x ଶେଷ ଚେଷ୍ଟା କରିବାକୁ ପଡ଼ିବ ନିବେଦିତା। ଭାବୁଛି ଆରମ୍ଭ କରିବି ଖୁବ୍ ଅଳ୍ପ ପୁଞ୍ଜିରୁ।"

Digitized by srujanika@gmail.com

ନାଟ୍ୟକାର ଆଶାବାଦର ସଂଚାର ସତ୍ତ୍ୱେ ମଧ୍ୟ ଦ୍ୱନ୍ଦ୍ୱ ତାଙ୍କ ଭିତରୁ ପୂରାପୂରି ଦୂରେଇ ଯାଇନି। ତେଣୁ ସ୍ୱର ତାଙ୍କର କରୁଣ। ତେଣୁ ଦୁଃଖର ସହିତ ସେ ଘୋଷଣା କରିବାକୁ ଚାହାଁନ୍ତି– "ଗୋଟିଏ ଅନ୍ଧ, ମୂକ, ବଧିର ସମାଜ ଆଗରେ ସବୁକିଛି ହୋଇପଡ଼ିବ ନିରର୍ଥକ। କିଛି ଉପାୟ ନାହିଁ, କୌଣସି ରାସ୍ତାନାହିଁ ଏ ଅବସ୍ଥାରୁ ବାହାରିଯିବାକୁ। ସବୁ ରାସ୍ତା ହଜିଯାଇଛି ଗୋଟାଏ ବିଷଣ୍ଣ ମରୁପ୍ରାନ୍ତରରେ। ଦଶଦିଗରୁ ଘୋଟି ଆସୁଛି ଅନ୍ଧକାର। ଘନୀଭୂତ ଅମା ଅନ୍ଧକାର।"

ନାଟ୍ୟକାରଙ୍କ ଲକ୍ଷ୍ୟ ପୂରଣ ହୋଇଛି। ଯେଉଁ ସମସ୍ୟାର ସେ ଉତ୍‌ଥାପନ କରିଥିଲେ। ଶେଷରେ ସେହି ସମସ୍ୟା ଭିତରେ ସେ ନିଜେ ବନ୍ଦୀ ହୋଇ ପଡ଼ିଛନ୍ତି। କାରଣ ତାଙ୍କ ଲକ୍ଷ୍ୟର ପରିପୂର୍ତ୍ତିର ମାର୍ଗ ଏତେଟା ସହଜ ନୁହେଁ। ଏ ଦୃଷ୍ଟିରୁ 'ରାସ୍ତନାହିଁ' ଏକ ସଫଳ ଏକାଙ୍କିକା ଯାହାର ମର୍ମବାଣୀ ଅତ୍ୟନ୍ତ ହୃଦୟବିଦାରକ। ସ୍ୱପ୍ନ ଓ ସଂଶୟର ଏକ ସନ୍ଦିଗ୍ଧ ସମ୍ମିଶ୍ରଣ।

ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର-୪

Digitized by srujanika@gmail.com

ବୈଫଲ୍ୟ ଓ ସମ୍ଭାବନାର ସମ୍ବେଦନାତ୍ମକ ଉଚ୍ଚାରଣ : ମଇଁଷିର ପାଶ ନଯାଅ ଦନାଇ

ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନ

ସ୍ୱାଧୀନତୋତ୍ତର ଓଡ଼ିଆ ନାଟକ କ୍ଷେତ୍ରରେ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ନିଶ୍ଚିତ ଭାବରେ ଏକ ବଳିଷ୍ଠ ସ୍ୱର। କେବଳ ନାଟକ କାହିଁକି, ଆଧୁନିକ ଓଡ଼ିଆ କବିତା, ସମାଲୋଚନା ତଥା ଅନୁବାଦ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ପରିଚିତି ରହିଛି। ଜଣେ ଉଚ୍ଚକୋଟୀର ସମାଲୋଚକ ଭାବରେ ସେ ଯେପରି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗକୁ ନେଇ ନିଜର ଆଲୋଚନା ପ୍ରସ୍ତୁତ କରି ଯଶସ୍ୱୀ ହୋଇଛନ୍ତି, ଅନୁରୂପ ଭାବରେ ଆଧୁନିକ ମଣିଷର ବିଭଙ୍ଗ ବ୍ୟକ୍ତିତ୍ୱ,ତା'ର ଅସହାୟ ସ୍ଥିତି, ଦ୍ୱିଧା-ବିଭକ୍ତ ଜୀବନ, କ୍ଷୟିଷ୍ଣୁ ମୂଲ୍ୟବୋଧ, ବର୍ତ୍ତମାନର ସାମାଜିକ ସଂକଟ, ରାଜନୀତିକ ବ୍ୟଭିଚାର, ମଣିଷର ଚାରିତ୍ରିକ ସ୍ଖଳନ ଓ ନିଃସଙ୍ଗତା, ସମାଜ ଓ ବ୍ୟକ୍ତିର ଦ୍ୱନ୍ଦ୍ୱକୁ ସେହିପରି କଳାତ୍ମକ ଅଭିବ୍ୟକ୍ତି ପ୍ରଦାନ କରିଛନ୍ତି ତାଙ୍କର କବିତା ଓ ନାଟକାଦିରେ।

ଶ୍ରୀଯୁକ୍ତ ହରିଚନ୍ଦନ ଜଣେ ବହୁସ୍ରାବୀ ଲେଖକ। ଏହା ସତ୍ତ୍ୱେ ତାଙ୍କ ସୃଷ୍ଟିର ଗୁଣାତ୍ମକ ମାନ ସଂପର୍କରେ ପ୍ରଶ୍ନବାଚୀ ଉଠି ନପାରେ। ଜଣେ ସମୟ ସଚେତନ ନାଟ୍ୟକାର ଭାବରେ ସାଂପ୍ରତିକ ସମୟର ପୀଡ଼ିତ ସମାଜ ଏବଂ ବ୍ୟକ୍ତି ଜୀବର ବହୁ ସଂଗୁପ୍ତ ରହସ୍ୟକୁ ଉନ୍ମୋଚନ କରି ପାରିଛନ୍ତି ତାଙ୍କ ନାଟକ ଗୁଡ଼ିକରେ। 'ମଧ୍ୟପାତ୍ର', 'ଅନ୍ଧ ଦ୍ୱିପ୍ରହର', 'ସତ୍ୟ ସଂଶୟ ସାଲବେଗ', 'ନିରାପଦ ଭବିଷ୍ୟତ', 'ପାହାଡ଼ର ଅନ୍ୟରୂପ', 'ଶୂନ୍ୟଘର', 'ପୁଣ୍ୟଭୂମି ଭାରତ', 'ବତାସ ନିସ୍ତବ୍ଧ ଆଜି', 'ସ୍ୱର୍ଗାରୋହଣ', 'ଗୋଷ୍ଠ ସମ୍ବାଦ', 'କଲମ୍ବସ୍', 'ଜଟାୟୁର ଛିନ୍ନଡେଣା', 'ମହାରାଜା ବିଜେ ହେବେ', 'ମୁଣ୍ଡ ଉପରେ ଛାତ', ଭୀମ ଭୋଇଙ୍କ ସନ୍ଧାନରେ' ଇତ୍ୟାଦି ନାଟକ ତାଙ୍କ ନାଟ୍ୟ ପ୍ରତିଭାର ଯଥାର୍ଥ ପରିଚୟ ପ୍ରଦାନ କରିଥାଏ। ଆଲୋଚ୍ୟ ନାଟକ 'ମଇଁଷିର ପାଶ ନଯାଅ ଦନାଇ' ଜଟାୟୁର ଛିନ୍ନଡେଣା ଶିରୋନାମାଙ୍କିତ ନାଟକ ସଂକଳନର ଅନ୍ୟତମ ନାଟକ।

Digitized by srujanika@gmail.com

ନାଟକଟିର ଶିରୋନାମା କବି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ'ର ପ୍ରସିଦ୍ଧ ପଂକ୍ତି "ଅରଣା ମଇଁଷି ରହିଛି ଅନାଇ। ମଇଁଷିର ପାଶ ନଯାଅ ଦନାଇ"ରୁ ଗୃହୀତ ହୋଇଥିଲେ ହେଁ ପ୍ରସଙ୍ଗ ପରିକଳ୍ପନା, ବିଷୟବସ୍ତୁ ଦୃଷ୍ଟିରୁ ଏହା ଭିନ୍ନ ପରିକଳ୍ପନାକୁ ଅପେକ୍ଷା ରଖେ। ମଧୁବାବୁଙ୍କ ପଂକ୍ତିଟି ଉଦ୍ଦିଷ୍ଟ ଥିଲା ଶିଶୁମାନଙ୍କ ଉଦ୍ଦେଶ୍ୟରେ ଗୋଟିଏ ଉପଦେଶ ପ୍ରଦାନ ନିମିତ୍ତ। ଏହାର ମୂଳଲକ୍ଷ୍ୟ ଥିଲା ଦୁଷ୍ଟଲୋକଙ୍କଠାରୁ ନିରାପଦ ଦୂରତ୍ୱ ଅବଲମ୍ବନ କରି ଭବିଷ୍ୟତ ପାଇଁ ସତର୍କ ରହିବାକୁ। ମଧୁବାବୁଙ୍କ ଏହି ପଂକ୍ତିଟିର ଏକ ଅଂଶକୁ ନେଇ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଆଧୁନିକ କବି ସ୍ୱର୍ଗତ ଦୀପର୍କ ମିଶ୍ର 'ଅରଣା ମଇଁଷି' ଶିରୋନାମାରେ କବିତାଟିଏ ରଚନା କରିଛନ୍ତି ଏବଂ କବିତାର ଆରମ୍ଭରୁ ମଧୁବାବୁଙ୍କ ସଂପୂର୍ଣ୍ଣ ପଂକ୍ତିଟିକୁ ଉଦ୍ଧାର କରିଛନ୍ତି। ସ୍ୱର୍ଗତ ମିଶ୍ରଙ୍କର 'ଅରଣା ମଇଁଷି' ହୋଇଛି ମୃତ୍ୟୁର ପ୍ରତୀକ। ଜୀବନ ଓ ମୃତ୍ୟୁକୁ କବି ପରସ୍ପରର ବିରୋଧୀ ଭାବରେ ଗ୍ରହଣ ନକରି ପରସ୍ପରର ପରିପୂରକ ରୂପେ ଉପସ୍ଥାପନ କରି ଭିନ୍ନ ଏକ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି। ରାଧାନାଥଙ୍କ 'ଜୀବନ ଯାହାକୁ ବୋଲନ୍ତି ସେ ସିନା ମୃତ୍ୟୁକୁ ଗତି'ର ନୂତନ କାବ୍ୟିକ ଆବେଦନ ପରିଲକ୍ଷିତ ହୋଇଥାଏ 'ଅରଣା ମଇଁଷି' କବିତାରେ; ଯେଉଁଠି ଦନାଇ ଓ ଅରଣା ମଇଁଷି ଯଥାକ୍ରମେ ଜୀବନ ଏବଂ ମୃତ୍ୟୁର ପ୍ରତୀକ ରୂପେ ଦେଖାଦିଅନ୍ତି।

ନାଟ୍ୟକାର ଶ୍ରୀଯୁକ୍ତ ହରିଚନ୍ଦନଙ୍କ 'ମଇଁଷି' ଏକ ସାର୍ବକାଳିକ ଭୟ ଓ ଆତଙ୍କକୁ ହିଁ ପ୍ରତୀକିତ କରେ ଏବଂ ଦନାଇ ହେଉଛି ସେହିପରି ଗୋଟିଏ ସାଧାରଣ ମଣିଷର ପ୍ରତୀକ, ଯିଏ ଜୀବନ ସାରା ଭୟର ବାତାବରଣ ଭିତରେ ଜୀବନ ଅତିବାହିତ କରି ଚାଲିଥାଏ। ନାଟକର ମୁଖ୍ୟ ଚରିତ୍ର ଜନାର୍ଦ୍ଦନ ଓରଫ୍ ଦନାଇ। ସେ ପୁଣି ନାଟକରେ ସଂଯୋଜକ ଚରିତ୍ରର ଭୂମିକା ମଧ ନିର୍ବାହ କରେ। ଘୋଷଣାକାରୀ ବା ସୂତ୍ରଧର ରୂପେ ଜନାର୍ଦ୍ଦନ ପ୍ରତି ଦୃଶ୍ୟର ଆରମ୍ଭରେ ମଞ୍ଚ ପ୍ରବେଶ କରି ଆଗାମୀ ଦୃଶ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ପରେ ପଟ୍ଟ ପରିବର୍ତ୍ତନ ଘଟେ ଓ ପରେ ପରେ ଦୃଶ୍ୟର ଆରମ୍ଭ ହୋଇଥାଏ।

ଜନାର୍ଦ୍ଦନ ଓରଫ୍ ମି. ଜେ. ତ୍ରିପାଠୀ ଓରଫ୍ ଦନାଇ ଜୀବନରେ ସଂଘଟିତ ଭିନ୍ନ ଭିନ୍ନ ନଅଟି ଘଟଣାକୁ ନାଟକରେ ଦେଖାଇ ଦିଆଯିବା ସଙ୍ଗେ ସଙ୍ଗେ ପ୍ରତି ଦୃଶ୍ୟ ପଶ୍ଚାତରେ ରହିଥିବା ଘଟଣାର କାରଣମାନ ସୂଚାଇ ଦିଆଯାଇଛି 'ପଟ୍ଟ ପରିବର୍ତ୍ତନ' ପର୍ଯ୍ୟାୟରେ। ଅନ୍ୟଭାବରେ କହିଲେ ଦନାଇ ଜୀବନରେ ଘଟିଯାଇଥିବା ଘଟଣାଗୁଡ଼ିକର ପୃଷ୍ଠଭୂମି ରୂପେ ଏହି 'ପଟ୍ଟ ପରିବର୍ତ୍ତନ' କାର୍ଯ୍ୟ ସଂସାଧିତ କରିଛି। ଏହି କାର୍ଯ୍ୟ-କାରଣ ସଂପର୍କିତ ଘଟଣା ପ୍ରବାହ ନାଟକୀୟ ଦ୍ୱନ୍ଦ୍ୱ ମଧଦେଇ କ୍ଲାଇମାକ୍ସରେ ପହଞ୍ଚିବା ପରେ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ପ୍ରଦାନ କରି ନାଟକର ପରିଣତି ଘଟାଇଛି। ପ୍ରତିଟି ଦୃଶ୍ୟରେ କିଛି ନା କିଛି ସମାଜ ପାଇଁ ବାର୍ତ୍ତା ରହିଛି। ବାର୍ତ୍ତାଟି ଗୋଟିଏ ବ୍ୟକ୍ତି ଜୀବନର ଘଟଣା ପ୍ରବାହ ସହିତ ସଂପର୍କିତ

Digitized by srujanika@gmail.com

ହୋଇଥିଲେ ହେଁ, ତନଧରେ ସମଗ୍ର ମଣିଷ ସମାଜର ଭାବାବେଗକୁ ରୂପାୟିତ କରାଯିବାର ପ୍ରଚେଷ୍ଟା ହୋଇଛି।

ସାଂପ୍ରତିକ ମଣିଷ ଗୋଟିଏ ଭୟଙ୍କର ବାତାବରଣ ଭିତରେ ବଞ୍ଚୁଥିବାରୁ ତା' ଜୀବନରେ ସ୍ୱାଭାବିକ ସର୍ଜନଶୀଳତା ବାରମ୍ବାର ପ୍ରତିହତ। ଜୀବନକୁ ହତ୍ୟା କରିବା ପାଇଁ ଏଠାରେ ରୀତିମତ୍ ଯୋଜନାଟିଏ ଚାଲିଛି ଏବଂ ସେହି ଭୟରେ ସାମାଜିକ ମଣିଷ ନିଜ ଭାବାବେଗ ସାମାଜିକ ନୀତି ନିୟମ ଆଳରେ ବଳି ପକାଇ ଚାଲିଛି। କାଳ୍ପନିକ ଭୟର ଆଶଙ୍କାରେ ତା'ର ଆବେଗ ପରାହତ। ମଣିଷକୁ ସଂକୀର୍ଣ୍ଣ ସୀମାଭିତରେ ଆବଦ୍ଧ ରଖି କିଛି ବ୍ୟକ୍ତି ନିଜର ସ୍ୱାର୍ଥ ସାଧନ କରି ଚାଲିଛନ୍ତି। ପ୍ରଲୋଭନର ନାଗଫାଶରେ ନିରୀହ ଜନାର୍ଦ୍ଦନମାନଙ୍କ ବେକବାନ୍ଧି ସମାଜର ବଡ଼ପଣ୍ଡାମାନେ ନିଜ ଇଚ୍ଛାରେ ଅନ୍ୟାୟକୁ ନ୍ୟାୟ ଓ ଦୁର୍ନୀତିକୁ ନୀତିରେ ପରିଣତ କରିଚାଲନ୍ତି। ପ୍ରତିବାଦ କରିବାର ଶକ୍ତି ନାହିଁ। ପ୍ରତିବାଦ କଲେ ପରିଣାମ ବହିଷ୍କାର ବା ସେମିତି କିଛି ଦୃଷ୍ଟାନ୍ତମୂଳକ ଶାସ୍ତି। ସାଧାରଣ ମଣିଷର ସ୍ୱାଭାବିକ ଜୀବନପ୍ରବାହ ସ୍ୱାର୍ଥର ଖଣ୍ଡାଧାରରେ ପ୍ରତି ମୁହୂର୍ତ୍ତରେ କ୍ଷତବିକ୍ଷତ।

ମଣିଷର ସ୍ୱାଭାବିକ ଆବେଗ ବିଭିନ୍ନ ସମୟ, ପରିବେଶ ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆକ୍ରାନ୍ତ ହୋଇ କିପରି ତା'ର ସରଳ ଜୀବନଯାପନ ପଦ୍ଧତିକୁ ବିପର୍ଯ୍ୟସ୍ତ କରିଥାଏ, ତା'ର ଏକ ବାସ୍ତବ ଓ ଆବେଗାତ୍ମକ ଚିତ୍ର ନାଟକଟିରେ ପରିଲକ୍ଷିତ। ବାସ୍ତବତା ଓ ଆଦର୍ଶବୋଧର ସଂଘର୍ଷ ହେଉଛି ନାଟକଟିର ମୂଳପିଣ୍ଡ। ଅରଣା ମଇଁଷିମାନେ ନିର୍ବିଚାର ଭାବେ ସାଧାରଣ ମଣିଷକୁ ଶୋଷଣ କରୁଥାନ୍ତି ଓ ସରଳ, ନିର୍ବୋଧ ଦନାଇମାନେ ତାର ଶିକାର ହୋଇ ଚାଲିଥାନ୍ତି। କାରଣ 'ମଇଁଷିମାନେ' ସବୁକାଳେ ଶକ୍ତିଶାଳୀ ସେହି ଦୃଷ୍ଟିରୁ ସମାଜର ଦନାଇମାନେ ସେମାନଙ୍କ ଅନ୍ୟାୟ-ଅତ୍ୟାଚାରକୁ ସହ୍ୟ କରିବାକୁ ବାଧ।

ବାଲ୍ୟ-ପୌଗଣ୍ଡ-କୈଶୋର ଓ ଯୌବନ ମଣିଷ ଜୀବନର ଏହି ଚାରୋଟି ପର୍ଯ୍ୟାୟ ନାଟକର ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ରୂପନେଇ ଆତ୍ମପ୍ରକାଶ କଲାବେଳେ ଯେଉଁ ସାମାଜିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥାଏ ଏବଂ ବିଶେଷାବସ୍ଥାରେ ଆଦର୍ଶବାଦର ପରାଜୟ ମଧ୍ୟରେ ସାଧାରଣ ମଣିଷ ଜୀବନର ଏକ କରୁଣ ଅଥଚ ସମ୍ବେଦନଶୀଳ ରୂପଟିକୁ ଦର୍ଶକ ବାରମ୍ବାର ଭେଟିଥାଏ ନାଟକର ବିଭିନ୍ନ ସୋପାନରେ। ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ- ଦେବଶିଶୁ ମଣିଷ ବିଭିନ୍ନ ପର୍ଯ୍ୟାୟରେ ଯେଉଁ କାଳ୍ପନିକ ବା ବାସ୍ତବ ଭୟରେ ସର୍ବଦା ଆତଙ୍କିତ ଅବସ୍ଥା ଦେଇ ଗତି କରିଥାଏ; ଜନାର୍ଦ୍ଦନ/ ଦନାଇର ଜୀବନ ତା'ର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ବାଲ୍ୟାବସ୍ଥାରେ ଘରେ ପିତାଙ୍କର ଭୟ, ପୌଗଣ୍ଡ ଓ କୈଶୋରରେ ବିଦ୍ୟାଳୟରେ ଶିକ୍ଷକଙ୍କର ଭୟ, ଯୌବନରେ ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକଙ୍କ ଭୟ, ଚାକିରିରେ ପ୍ରବେଶ ମାତ୍ରେ ଉପରିସ୍ଥ ହାକିମଙ୍କ ଭୟ– ଏପରି ଅସଂଖ୍ୟ ଭୟର ପାଚେରୀ ଅତିକ୍ରମ କରିବାକୁ ହୁଏ ବିଚରା ଦନାଇ ମାନଙ୍କୁ। ଭୟ ଓ ଆଶଙ୍କାରେ ସେ ନିଜ

Digitized by srujanika@gmail.com

ହୃଦୟାବେଗ ପ୍ରକାଶ କରିବାକୁ ମଧ୍ୟ ଅସମର୍ଥ। ଜଣେ ଶୃଙ୍ଖଳିତ ପୁତ୍ର, ଶୃଙ୍ଖଳିତ ଛାତ୍ର ଓ ଶୃଙ୍ଖଳିତ କର୍ମଚାରୀ ଭାବରେ ନିଜ ଜୀବନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆବେଗକୁ ସେ ବଳି ପକାଇବାକୁ ବାଧ୍ୟ; ନଚେତ୍ ପରିଣାମ କାନମୁଣ୍ଡାରେ ମାଡ଼, ପରୀକ୍ଷା ଖାତାରେ ବିପରୀତ ନମ୍ବର ଏକ ଚାକିରିରେ ଅବନତି।

ମଣିଷ ପିଲାଟି ସ୍ୱାଧୀନ ଭାବରେ ଜନ୍ମନିଏ; ମାତ୍ର ଜନ୍ମ ହେବାପରେ ସାମାଜିକ ଶୃଙ୍ଖଳ ବନ୍ଧନରେ ତା'ର ସ୍ୱାଭାବିକ ଜୀବନ ଧାରଣ ଦୁର୍ବିସହ ହୋଇଉଠେ। ନିଜର ଭାବାବେଗକୁ ଅନ୍ୟର ଖିଆଲ ଓ ଆବଶ୍ୟକତା ନିକଟରେ ବଳି ପକାଇବାକୁ ବାଧ୍ୟ ହୁଏ। ଭୟ ଓ ଆତଙ୍କର ବାତାବରଣ ଭିତରେ ଦେବଶିଶୁ ମଣିଷ ନିଜର ସ୍ୱାଭାବିକ ଜୀବନ ଶୈଳୀ ହରାଇ ଗୋଟିଏ କୃତ୍ରିମ ଜୀବନ-ଯାପନ ପ୍ରଣାଳୀକୁ ଆପଣେଇ ନେବାକୁ ବାଧ୍ୟ ହୁଏ; ଯେଉଁ ହୃଦୟାବେଗ ସହିତ ବଞ୍ଚିବାର କୌଣସି ସଂପର୍କ ନଥାଏ। 'ମଇଁଷିର ପାଶ ନଯାଅ ଦନାଇ' ନାଟକଟିର ଆରମ୍ଭ ହୋଇଛି ଏହିପରି ଏକ ଆତଙ୍କିତ ବାତାବରଣରୁ। ଫ୍ଲାସ୍‌ବ୍ୟାକ୍ ଜରିଆରେ ସେ କିପରି ଜନାର୍ଦ୍ଦନ/ଜନାର୍ଦ୍ଦନ ବାବୁ ଅଥବା ମିଃ. ଜେ. ତ୍ରିପାଠୀ ପରିଚୟର ଖୋଳପାରେ ସେ ଅଣନିଃଶ୍ୱାସୀ ହୋଇ ମଣିଷପଣିଆ ହରାଇ ବସିଥିଲା, ସେହି ପଶ୍ଚାତାପରୁ ନାଟକର ଆରମ୍ଭ। ଅତୀତ ଜୀବନକୁ ବର୍ତ୍ତମାନର କାଳଖଣ୍ଡରେ ଅବସ୍ଥାପିତ କରି ଜନାର୍ଦ୍ଦନ ବିଚାର କରିଛି, ତାର ଅତୀତ ଓ ବର୍ତ୍ତମାନର କ୍ରିୟା କଳାପ। ପ୍ରଥମ ଭୟଙ୍କର ବାତାବରଣକୁ ସେ ଭେଟିଥିଲା ନିଜ ଘରେ, ବାପାଙ୍କ ନିକଟରେ। ବାପା ଅଯଥାରେ ରାଗନ୍ତି, ସାମାନ୍ୟ ଭୁଲପାଇଁ କଠୋର ଶାସ୍ତି। ମଦ ପିଇ ହାତର ଅଳସ ଭାଙ୍ଗେ ମା'ର କୋମଳ ପିଠିରେ। ଦନାଇ ପ୍ରତିକ୍ରିୟାଶୀଳ ହୋଇ କାହିଁକି ଭୟରେ ମରିବା କହିଲେ ମା' କହିବେ- "ସେଇଟା ହିଁ ଭାଗ୍ୟ। ଦୂରରେ ରହି ତାଙ୍କ ଆଡ଼କୁ ଭୟକରି ଚାହିଁ ରହିବାହିଁ ଆମର ଧର୍ମ।" ଆଉ ଉଦାହରଣ ଦେବେ ମଧୁ-ବର୍ଣ୍ଣବୋଧର ସେହି ପରିଚିତ ପଂକ୍ତିର। ମା'ଙ୍କଠାରୁ ଦନାଇ ପିଲାବେଳେ ଜାଣିଥିଲା, ଅରଣା ମଇଁଷି କେବଳ ଘରେ ନଥାଏ, ବାହାରେ ବି ଭରପୂର। ସାରାଜୀବନ ସେହି ଅରଣା ମଇଁଷିମାନଙ୍କ ଭୟରେ ଜଡ଼ସଡ଼ ହୋଇ ରହିବା ଯେପରି ଜୀବୀଧର୍ମ। ସେଦିନ ବର୍ଣ୍ଣବୋଧରୁ ଅରଣା ମଇଁଷି ପାଠଟା ପଢ଼ିବା ବେଳେ ବାପାଙ୍କୁ ପଚାରିଥିଲା– ଅରଣା ମଇଁଷି ପାଖକୁ ଯାଇ ତାକୁ ଆଉଁଶିବ। ସିଏ ମାରିବାକୁ ଆସିଲେ ତା' ଶିଙ୍ଗ ଦି'ଟା ଧରି ପକାଇବ। ଉତ୍ସାହ ଓ ଉଦ୍ଦୀପନାରେ ନିଜର ହୃଦୟାବେଗ ପ୍ରକାଶ କରିବା ବର୍ଣ୍ଣବୋଧର ଚିତ୍ରରେ ନୁହେଁ। ପ୍ରଥମେ ସତ ଓ ବାସ୍ତବ ଅରଣା ମଇଁଷିକୁ ସେ ଭେଟିଥିଲା ନିଜ ଘରେ, ବାପାରୂପୀ ଜୀବଟି ମଧ୍ୟରେ।

ଇଏତ ଗଲା ଘରକଥା। ସ୍କୁଲ୍ ଜୀବନରେ ବି ଅରଣା ମଇଁଷିଙ୍କ ଅଭାବ ନଥିଲା। ଦନାଇ ଆଖିରେ ଅନାଦି ମାଷ୍ଟ୍ରେ ଥିଲେ ସାକ୍ଷାତ ଯମ, ଅରଣା ମଇଁଷିର ମୂର୍ତ୍ତିମନ୍ତ ପ୍ରତୀକ।

Digitized by srujanika@gmail.com

ବଗିଚାରୁ କଣ୍ଟିକାକୁଡ଼ି ଖାଇ ଦେଇଥିଲା ବୋଲି ସେଦିନ ତା' ପିଠିରେ କେତେଟା ବେତ ଭାଙ୍ଗିଥିଲେ। ଅନାଦି ମାଷ୍ଟ୍ରେ। ସ୍କୁଲରେ ଅନାଦି ମାଷ୍ଟ୍ରଙ୍କ ଭୟ ତା'ର ସ୍ମରଣକୁ ଆଣିଥିଲା ଅରଣା ମଇଁଷିଙ୍କ ଚିତ୍ରକୁ। କଲେଜରେ ବି ଠିକ୍ ସେହି ଭୟ। ଅନିଚ୍ଛା ସତ୍ତ୍ୱେ ଗୁଣ୍ଡା ଛାତ୍ରଙ୍କ ଦ୍ୱାରା ଆହୂତ ଧର୍ମଘଟରେ ମାଡ଼ଭୟରେ ଯୋଗଦେବାକୁ ହୁଏ; ଛାତ୍ର ଏକତା ଜିନ୍ଦାବାଦ ସ୍ୱରରେ ସ୍ୱର ମିଳାଇବାକୁ ପଡ଼େ। ଅଧ୍ୟାପକଙ୍କ ଭୁଲକୁ, ବିରକ୍ତିକୁ ଓ ଗାଳିକୁ ହଜମ କରିବାକୁ ହୁଏ କେବଳ ଭୟ ଯୋଗୁଁ। ସ୍ନାତକୋତ୍ତର ସ୍ତରରେ ବି ଠିକ୍ ସେହି କଥା। କ୍ୟାରିୟର ନଷ୍ଟ ହୋଇଯିବା ଭୟରେ ଶିକ୍ଷକଙ୍କ ମର୍ଜି ଜଗି ଚଳିବାକୁ ହୁଏ। ଅପାତ୍ରରେ ଅଙ୍କଦାନ କରିବା ଓ ଅଯଥା ପ୍ରଶଂସା କରିବାତ ସାଧାରଣ କଥା। ଜ୍ଞାନରାଜ୍ୟରେ ଈର୍ଷାର ରାଜତ୍ୱ ବିଡ଼ମ୍ବିତ ଜୀବନର ଅନ୍ୟ ଏକ ଅଧ୍ୟାୟ। ସେଠି ସାମାନ୍ୟ ମାତ୍ର ତ୍ରୁଟି ପାଇଁ ନଳରାଜାଙ୍କ ଦଶା ଭୋଗ କରିବାକୁ ପଡ଼େ। ସୁନ୍ଦରୀ ସହପାଠିନୀର ସ୍ୱୀକୃତି ସତ୍ତ୍ୱେ "ମୁଁ ତୁମକୁ ଭଲପାଏ" ଶବ୍ଦଗୁଡ଼ିକ ଅନୁଚ୍ଚାରିତ ରହିଯାଏ। ସ୍ୱପ୍ନ ଦେଖିବା ବୟସରେ ସ୍ୱପ୍ନ ଦେଖିହୁଏ ନାହିଁ କେବଳ ସ୍ୱପ୍ନଭଙ୍ଗ ଭୟରେ। କଳ୍ପନାରେ ଉଡ଼ି ବୁଲିବା ବୟସରେ ବି ଡେଣାବାନ୍ଧି ବସି ଯିବାକୁ ପଡ଼େ କେବଳ ଭୟରେ। କେଉଁଠି ଶିକ୍ଷକଙ୍କର ଭୟ ତ ଅନ୍ୟ କେଉଁଠି ଈର୍ଷାଳୁ ଆଖିର ଭୟ। ଏମିତି ଅନେକ ଭୟ ଭିତରେ ନିରନ୍ତର ହନ୍ତସନ୍ତ ହେଉଥାନ୍ତି ବିଚରା ଦନାଇମାନେ। ସେଇଥିପାଇଁ ଆବେଗ ଜଡ଼ିତ କଣ୍ଠରେ ଜନାର୍ଦ୍ଦନ/ ଦନାଇ ରୀନାକୁ କହି ପକାଏ– "ତୁମେ ଯୁକ୍ତି ଦେଇ ଭାବ, କାହିଁକି ମୁଁ ନିଜକୁ ଭୟାଳୁ ପିଶୁଟିଏ କରି ରଖିଚି। ମୋର କ'ଣ ହୃଦୟ ନାଇଁ। ମୋର କ'ଣ ଆବେଗ ନାହିଁ? ପରିସ୍ଥିତିର ଚାପରେ ସବୁ କିଛି ବରଫ ପାଲଟି ଯାଇଛି। ବର୍ତ୍ତମାନ ପାଇଁ ସେମାନେ ଆମର ହର୍ତ୍ତା, କର୍ତ୍ତା, ଭାଗ୍ୟ ବିଧାତା। ସେମାନଙ୍କ ମନ ଥରେ ବିକ୍ଷୁବ୍ଧ ହୋଇଗଲେ, ମୋର ସମସ୍ତ କାର୍ଯ୍ୟକଳାପ ଅସୁନ୍ଦର ଦେଖାଯିବ ଏବଂ ତାର ପ୍ରଭାବ ପଡ଼ିବ ପରୀକ୍ଷା ଖାତାରେ। ମୋର ସୁନ୍ଦର ଉତ୍ତର ଅସୁନ୍ଦର ମନେହେବ।"

ଏହାପରେ ବୃତ୍ତିଗତ ଜୀବନ। ସେଠାରେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଭୟ। ପିତୃଦତ୍ତ ନାମ ଆପେ ଆପେ ବଦଳି ଯାଏ। ଦନାଇରୁ ଜନାର୍ଦ୍ଦନ। ଅଫିସରେ ପରିଚୟ ମି. ଜେ. ତ୍ରିପାଠୀ ବା ତ୍ରିପାଠୀ ସାହେବ। ସାହେବୀ ପାହାଚର ସବାତଳୁ ଉପରକୁ ଉଠିବାର ପ୍ରଲୋଭନ ହିଁ ଦନାଇମାନଙ୍କୁ ନିର୍ବାକ୍ କରି ବସାଇ ଦିଏ ନିଜ ଆସନରେ। ଉପରିସ୍ଥ ସାହେବମାନଙ୍କର ତାର ପରିସରକୁ ଅଯଥା ଅନୁପ୍ରବେଶକୁ ବରଦାସ୍ତ କରିବାକୁ ପଡ଼େ। ନ୍ୟାୟ-ଅନ୍ୟାୟର ବିଚାର କରିବାର କ୍ଷମତା ହରାଇ ବସେ। ଯେମିତି ଧାରଣାଟି ତାକୁ ଦିଆଯାଇଛି– "ବଡ଼ ସାହେବ ଯାହା କହିବେ ତାହାହିଁ ନ୍ୟାୟ। ତାକୁ ମଥାପାତି ମାନିନେବା ତାର ଧର୍ମ।"

Digitized by srujanika@gmail.com

ଏହି କାରଣରୁ ବଡ଼ ସାହେବଙ୍କ ଭୁଲ ନିଷ୍ପତ୍ତିକୁ ସମର୍ଥନ କରିବାକୁ ହୁଏ। ଅନେକଙ୍କ ଦାନାପାଣିରେ ଧୂଳି ପକାଇବା ଅନ୍ୟାୟ ଓ ଅବିବେକିତା ଜାଣି ମଧ୍ୟ ସାହେବଙ୍କ ଆଦେଶକୁ ଦନାଇ କାର୍ଯ୍ୟକାରୀ କରେ ନିଜ ବିବେକ ବିରୋଧରେ ସ୍ୱୀକୃତି ପ୍ରଦାନ କରି। କ୍ଷମତା ଓ ପ୍ରତିପତ୍ତି ନିଶାରେ ସେ ଭୁଲିଯାଏ ତା' ମନର ସୂକ୍ଷ୍ମ ଭାବାବେଗକୁ। ତା'ର ଏକ ହୃଦୟ ଅଛି ଓ ସେହି ହୃଦୟରେ କେହି ଜଣେ ଆସନ ପାତିଛି- ଜାଣି ବି ଅଜଣା ରହିବାକୁ ପଡ଼େ। ସେଠି ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତିଦ୍ୱନ୍ଦ୍ୱିତା, ଆସନର ଲକ୍ଷ୍ମଣଗାର। ଗୋଟି ଅଫିସରେ ଥାଇବି ବାନ୍ଧବୀ ରୀନା ସହିତ ଯୋଜନ ଯୋଜନ ଦୂରତ୍ୱ।

ଦନାଇମାନେ ସବୁବେଳେ ଅସହାୟ। ବାଲ୍ୟ ବୟସରେ ହେଉ ବା ଛାତ୍ରାବସ୍ଥାରେ। ଯୌବନରେ ହେଉ ବା ବୃତ୍ତିଗତ ଜୀବନରେ। ବାଲ୍ୟକାଳରୁ ଯେଉଁ ଭୟର ବାତାବରଣ ଦେଇ ସେମାନଙ୍କ ଜୀବନ ଧାରା ନିୟନ୍ତ୍ରିତ ହୋଇଥାଏ, ତାହା ତାଙ୍କୁ ଗୋଟିଏ ଗୋଟିଏ ସ୍ଥାଣୁ ମୂର୍ତ୍ତିରେ ପରିଣତ କରିଦିଏ। ତଥାକଥିତ କ୍ଷମତାଶାଳୀ ରାଜନୀତିକ ବ୍ୟକ୍ତିବିଶେଷ ଓ ବ୍ୟବସାୟୀଗୋଷ୍ଠୀଙ୍କ ହାତରେ ଆମର ଗାଣତାନ୍ତ୍ରିକ ଶାସନ କିପରି ବିଡ଼ମ୍ବିତ ରାମାନନ୍ଦଙ୍କ ଚରିତ୍ରରୁ ତା'ର ପ୍ରମାଣ ମିଳେ। ରାମାନନ୍ଦଙ୍କ ଅର୍ଥ ଓ ବଡ଼ ସାହେବଙ୍କ ଅଗାଣତାନ୍ତ୍ରିକ ମନମୁଖୀ ନିଷ୍ପତ୍ତି ସମ୍ମୁଖରେ ଜନାର୍ଦ୍ଦନମାନେ ନୀରବ ହେବାକୁ ବାଧ୍ୟ। ରାମାନନ୍ଦ ନିଜର କ୍ଷମତା ଓ ଅର୍ଥର ଉପଯୋଗ କରି ନିକୃଷ୍ଟ ଧରଣର କଞ୍ଚାମାଲ ଦେଇବି ବିଲ୍ ପାସ୍ କରାଇ ନିଅନ୍ତି। ସବୁ ଜାଣିବି ନୀରବ ରୁହନ୍ତି ଜନାର୍ଦ୍ଦନ କେବଳ ଭୟପାଇଁ। ନିଜର ବ୍ୟକ୍ତିତ୍ୱକୁ ଖର୍ବ କରି ସ୍ୱପ୍ନ ଦେଖିବାର ପ୍ରୟାସ କରନ୍ତି।

ଏହା ସତ୍ତ୍ୱେ ନାଟକଟିରେ ମଧ୍ୟ ସମ୍ଭାବନାର ସ୍ୱର ଉଚ୍ଚାରିତ ହୋଇଥାଏ। ଦନାଇରୁ ଜନାର୍ଦ୍ଦନ ହେବାପାଇଁ ବ୍ୟକ୍ତି ମଣିଷଟିକୁ ଯେଉଁ ସଂଘର୍ଷ କରିବାକୁ ପଡ଼ିଥାଏ ଏବଂ ସଂଘର୍ଷରେ ବାରମ୍ବାର ବିବେକ ବିରୋଧରେ ଶିଡ଼ି ଚଢ଼ିବାର ପ୍ରୟାସ ଭିତରେ ଆଦର୍ଶକୁ ବଳି ପକାଇ ସ୍ୱପ୍ନର ଯେଉଁ ରାଜମହଲ ନିର୍ମାଣ କରିଥାଏ, ସମୟକ୍ରମେ ପୁନରାୟ ବିବେକ ତାଡ଼ନରେ ସେହି ଶୋଭନୀୟ ହର୍ମ୍ୟଟିକୁ ଭାଙ୍ଗି ମଣିଷପଣିଆର ପରିଚୟ ପ୍ରଦାନ ବେଳେ 'ଦନାଇ'ର ଲୋଭନୀୟ ରୂପ ତା' ନିକଟରେ ହୋଇଉଠେ ଅଧିକ ଆକର୍ଷଣୀୟ। ଦନାଇ ଓ ମିଃ. ଜେ. ତ୍ରିପାଠୀ ମଧ୍ୟରେ ରହିଥିବା ଅଭିଜାତର ପାଚେରୀ ଭାଙ୍ଗି ପଡ଼ିବା ସମୟରେ ନାଟ୍ୟକାର ପରୋକ୍ଷରେ ମଣିଷପଣିଆର ଜୟଗାନ କରିଛନ୍ତି। ସମସ୍ତ ପ୍ରତିକୂଳତା ମଧ୍ୟରେ ବି ମଣିଷପଣିଆ ବଞ୍ଚିଥାଏ ଏବଂ ଏହି ସାଧାରଣ ମଣିଷ 'ମଇଁଷି' ପରି ଦୁର୍ଦ୍ଧର୍ଷ ପଶୁଟିକୁ ବି ବେଖାତିର କରିପାରେ, ଏପରି ଆସ୍ପର୍ଦ୍ଧା ପରିପୋଷଣ କରିବା ଅମୂଳକ ନୁହେଁ।

ଆଧୁନିକ ମଣିଷ ନିଜେ ତିଆରି କରିଥିବା ଦୁର୍ଭେଦ୍ୟ ନିୟମ ଘେରା ପ୍ରାଚୀର ଭିତରେ ବନ୍ଦୀ। ଏ ବନ୍ଦୀତ୍ୱକୁ କେତେବେଳେ ସେ ନିଜେ ବରଣ କରିଆଣେ ତ, ଅନ୍ୟ

Digitized by srujanika@gmail.com

କେତେବେଳେ ସାମାଜିକ ବାଧ-ବାଧକତାରୁ ଆସିଥାଏ। ଜୀବନ ସଂପର୍କରେ ମଣିଷ ନିଜ ଦୃଷ୍ଟିକୋଣରୁ ସଂଜ୍ଞା ପ୍ରସ୍ତୁତ କରେ। ପୁଣି ପରିସ୍ଥିତି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତା'ର ପରିବର୍ତ୍ତନ ମଧ କରିଥାଏ। ଏହି ପରିବର୍ତ୍ତନ ହୁଏତ ସମାଜର ସବୁ ମଣିଷଙ୍କ ପାଇଁ ଉଦ୍ଦିଷ୍ଟ ହୋଇନପାରେ। କିଛି ବ୍ୟକ୍ତି ନିଜର କ୍ଷମତା ଓ ପଦବିର ଅପପ୍ରୟୋଗ କରି ତାକୁ ନିଜ ହାତ ମୁଠାରେ ରଖିଥାନ୍ତି, କେବଳ ନିଜ ପାଇଁ। ଗୋଟିଏ ପାର୍ଶ୍ୱରେ ସମାଜ ଓ ଅପର ପାର୍ଶ୍ୱରେ ବ୍ୟକ୍ତି- ବ୍ୟକ୍ତି ଏବଂ ସମାଜ ମଧରେ ସଂଘଟିତ ସଂଘର୍ଷରେ ସଦାବେଳେ ସାଧାରଣ ମଣିଷ ହିଁ ବଳିପଡ଼ିଥାନ୍ତି। ସମାଜ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ହେଲେ ହେଁ, ବାସ୍ତବରେ ତାହା କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ଇଚ୍ଛା ଓ ଖିଆଲରେ ପରିଚାଳିତ ହୋଇଥାଏ। ସେହିପରି କେତେକ ବ୍ୟକ୍ତିଙ୍କ ଜସ୍ୱ ଆଭିମୁଖ୍ୟ ସାମାଜିକ ନୀତି ନିୟମକୁ ପରିବର୍ତ୍ତନ କରିଦେଇଥାଏ ଏବଂ ସମୟକ୍ରମେ ତାହା ଏକ ନିୟମରେ ପରିଣତ ହୋଇ ସମାଜ ମଣିଷକୁ ଦାସଟିଏ କରିଦେଇଥାଏ। ସାମାଜିକ ଜୀବନର ଏହି ସୂକ୍ଷ୍ମ ରୂପଟିକୁ ନାଟ୍ୟକାର ଭିନ୍ନ ରୂପେ ନିଜ ନାଟକ 'ମଇଁଷିର ପାଶ ନଯାଅ ଦନାଇ'ରେ ପରୀକ୍ଷା କରିଛନ୍ତି।

ଏହା ସତ୍ତ୍ୱେ ନାଟକର ଏକ ସକାରାତ୍ମକ ଦିଗ ରହିଛି। ସମାଜ ପାଇଁ ନିର୍ଦ୍ଦିଷ୍ଟ ବାର୍ତ୍ତା ରହିଛି। ସେହି ବାର୍ତ୍ତାଟି ହେଉଛି ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା। ଡାରଉଇନ୍ ତାଙ୍କ ବିବର୍ତ୍ତନ ତତ୍ତ୍ୱରେ ଏହି ପରିବର୍ତ୍ତନ ଉପରେ ହିଁ ଗୁରୁତ୍ୱ ଦେଇଛନ୍ତି। ନଚେତ୍ ଏମିବା-ଜେଲିରୁ ମଣିଷ ଆଜିର ରୂପରେ ରୂପାନ୍ତରିତ ହୋଇପାରିନଥାନ୍ତା। ଏକ ସ୍ୱାଭାବିକ ପରିବର୍ତ୍ତନ ପ୍ରକ୍ରିୟା ମଧ ଦେଇ ବିଶ୍ୱ ସଂଚାଳିତ। ଘୋଷଣାକାରୀ ଭାବେ ଜନାର୍ଦ୍ଦନ ତେଣୁ ଦୃଶ୍ୟାରମ୍ଭରେ କହିଛି "ସବୁକିଛି ତ ସମ୍ଭବ ହୁଏ ପରିବେଶ, ପରିସ୍ଥିତିର ପ୍ରଭାବରେ। ତେବେ ସବୁ କ୍ଷେତ୍ରରେ ପରିବର୍ତ୍ତନ ଘଟେ ନାହିଁ; ପରିବର୍ତ୍ତନ ଘଟେ ଏକ ଏକ ବିଶେଷ କ୍ଷେତ୍ରରେ। ଏକ ବିଶେଷ ଘଟଣାର ଆଘାତରେ। ଦୁର୍ବାର ଏ ପରିବର୍ତ୍ତନ ! ଘଟଣା ! ଘଟଣାର ଆଘାତ !" ଯେଉଁ ସମ୍ମୋହନକାରାପୁରୀରେ ଅରଣା ମଇଁଷି ଭୟରେ ଜନାର୍ଦ୍ଦନ ବନ୍ଦୀ ଜୀବନ ଯାପନ କରି ଆସିଥିଲା ଓ ମଇଁଷିର ଶିଙ୍ଗ ଧରିବାର ଆସ୍ଫାଳନ କରି ବାପାଙ୍କ ନିକଟରୁ କାନମୁଣ୍ଡାରେ ଚାପୁଡ଼ା ଖାଇଥିଲା- ସେହି ଜନାର୍ଦ୍ଦନ/ ଦନାଇ ଦିନେ ସତକୁ ସତ ମଇଁଷିର ଶିଙ୍ଗ ଧରିଲା। ରୀନାର ପ୍ରେମ ଓ ରୀନାପ୍ରତି ଉଚ୍ଚାଧୀକାରୀଙ୍କ ଅନ୍ୟାୟ ଆଚରଣ ଭୟାତୁର ଜନାର୍ଦ୍ଦନକୁ ସବୁଦିନ ପାଇଁ ମୁକ୍ତ କରିଦେଲା ଭୟର ନାଗଫାଶରୁ। ସେ ପ୍ରତିବାଦ କଲା ଅନ୍ୟାୟ ବିରୋଧରେ ଓ ଲୋଭନୀୟ ଚାକିରିର ମଧ ଇସ୍ତଫା ଦେଇଦେଲା। ନିଜର ଏକ ପରିଚୟ ସୃଷ୍ଟିପାଇଁ ସେ ଯେଉଁ ସୁଯୋଗର ଅପେକ୍ଷାରେ ଥିଲା, ରୀନା ପ୍ରତି ଅନ୍ୟାୟ ସେହି ସୁଯୋଗର ପଥ ଖୋଲିଦେଲା। ସୁପ୍ତ ଆଗ୍ନେୟଗିରିର ଉଦ୍‌ଗୀରଣ ହେଲା। ନାଟକର ଶେଷ ଦୃଶ୍ୟରେ ଜନାର୍ଦ୍ଦନ ଘୋଷଣାକାରୀ ଭାବେ ଯେଉଁ ସଂଳାପ ଉଚ୍ଚାରଣ କରିଥିଲା, ତାହାହିଁ ଥିଲା

Digitized by srujanika@gmail.com

ନାଟ୍ୟକାରଙ୍କର ଏହି ନାଟକର ସମାଜ ପାଇଁ ଏକ ପ୍ରତ୍ୟୟର ବାର୍ତ୍ତା। ଯେପରି– "ସଂଘର୍ଷ କ'ଣ ଜାଣିନଥିଲା ଜନାର୍ଦ୍ଦନ ତ୍ରିପାଠୀ। ଜୀବନଟା ଥିଲା ତାର ନିସ୍ତରଙ୍ଗ ସମୁଦ୍ର ପରି। ଆଜି ପର୍ଯ୍ୟନ୍ତ ଏଇ ନିସ୍ତରଙ୍ଗ ଜୀବନକୁ ଜୀବନ ବୋଲି ହିଁ ସେ ଚିହ୍ନିଥିଲା। ବଗିଚା କୋଣରୁ ଫୁଲଟିଏ ପରି ଭୟର ଆଶଙ୍କାରେ ମୁହୂର୍ତ୍ତ ଗଣୁ ଗଣୁ ସମସ୍ତଙ୍କ ଅଲକ୍ଷ୍ୟରେ କେଉଁଦିନ ଝଡ଼ି ପଡ଼ିଥାନ୍ତା। ସେ ବଞ୍ଚିଥିଲା ବୋଲି କେହି କହି ନଥାନ୍ତେ। ଆଜି କିନ୍ତୁ ଜନାର୍ଦ୍ଦନ ମନରେ ଗଭୀର ଆତ୍ମସନ୍ତୋଷ। ସେ ଆଜି ପ୍ରମାଣ କରି ଦେଇଛି ଯେ ସେ ଭୟାଳୁ ନୁହେଁ। ସଂଘର୍ଷ କରିବାକୁ ତାର ସାହସ ଅଛି। ଅନ୍ୟ ପାଇଁ ତ୍ୟାଗ କରିବାକୁ ଶକ୍ତି ଅଛି। ବୀର ନିକଟରେ ଜୟ ପରାଜୟ ଅତି ତୁଚ୍ଛ।

ତୁଚ୍ଛମୋହ ଓ ମଇଁଷିର ଆସ୍ଫାଳନକୁ ବେଖାତିର କରିବା ପରେ ହିଁ ଦନେଇମାନେ ଗାଇ ପାରନ୍ତି– "ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମୋତେ" ପ୍ରାର୍ଥନା ଗୀତଟିକୁ। ନାଟ୍ୟକାର ଶ୍ରୀଯୁକ୍ତ ହରିଚନ୍ଦନଙ୍କ ତୀକ୍ଷ୍ଣ ବ୍ୟଙ୍ଗୋକ୍ତି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ; ସମାଜର ତଥାକଥିତ ରଢ଼ିବଦ୍ଧ ବିଧିବ୍ୟବସ୍ଥା ଓ ଲୋକାଚରଣ ବିରୋଧରେ। ଯେଉଁଠି ସାଧାରଣ ମଣିଷର ଜୀବନଯାତ୍ରା ବିପର୍ଯ୍ୟସ୍ତ, ସେପରି ସମାଜର ମୂଲ୍ୟ କ'ଣ? ଏଥିପାଇଁ ପରିବର୍ତ୍ତନର ଆବଶ୍ୟକତା ରହିଛି। ଦୀର୍ଘଦିନ ଧରି ଶୋଷିତ ଓ ନିର୍ବାକ୍ ଦନାଇମାନଙ୍କୁ ସବାକ ହେବାକୁ ପଡ଼ିବ, ନିଜ ଅଧିକାର ସାବ୍ୟସ୍ତ କରିବାକୁ ହେବ ଏବଂ ଆବଶ୍ୟକ ହେଲେ ସମଷ୍ଟି ପାଇଁ ବ୍ୟକ୍ତିର ସାର୍ଥକୁ ବଳିଦେବାକୁ ପଡ଼ିବ। ତେବେ ଯାଇ ସାମାଜିକ ପରିବର୍ତ୍ତନ ଆସିବ, ଦୀର୍ଘଦିନ ଧରି ଗୋଟିଏ ଶଗଡ଼ଗୁଳାରେ ଚାଲି ଆସିଥିବା ବ୍ୟକ୍ତିଙ୍କ ଆଭିମୁଖ୍ୟ ବଦଳିବ; ଅରଣା ମଇଁଷିର ଶକ୍ତ ଶିଙ୍ଗ ବି ହାର ମାନିବ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତିବିହାର, ସମ୍ବଲପୁର-୭୬୮୦୧୯

Digitized by srujanika@gmail.com

ସରସ୍ୱତୀ ନଗେନ୍ଦ୍ରବାଳା : ଏକ ମୂଲ୍ୟାୟନ

ପ୍ର. ମନୋରଂଜନ ପ୍ରଧାନ

ସରସ୍ୱତୀ ନଗେନ୍ଦ୍ରବାଳା (୨୦୧୦) ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର ଦୁଇ ସାହିତ୍ୟିକଙ୍କ ପ୍ରେମଗାଥାକୁ ସଂବଳ କରି ସୃଷ୍ଟି ହେଇଥିବା ଏକ ସତ୍ୟ ଘଟଣା ପ୍ରଧାନ ନାଟକ। ତେରଗୋଟି ଦୃଶ୍ୟରେ ନାଟ୍ୟକାର ରାଧାନାଥ (୧୮୪୮-୧୯୦୮) ଓ ନଗେନ୍ଦ୍ରବାଳା (୧୮୭୮-୧୯୦୬)ଙ୍କ ଚରିତ୍ରକୁ କେନ୍ଦ୍ର କରିଥିଲେ ହେଁ ଓଡ଼ିଶାର ସାହିତ୍ୟିକ ପରିବେଶକୁ ମଧ୍ୟ କରିଛନ୍ତି ଚିତ୍ରଣ। ରାଧାନାଥ ଥିଲେ ପ୍ରତିଭାଧାରୀ ଓ ପ୍ରଚଣ୍ଡ କବିତ୍ୱର ଅଧିକାରୀ। ସେ ଥିଲେ ଉଚ୍ଚ ଶିକ୍ଷିତ, ସାହିତ୍ୟ ପ୍ରେମୀ ପୁଣି ଅନ୍ୟମାନଙ୍କ ପ୍ରତି ସହୃଦୟ ଓ ସହାନୁଭୂତିଶୀଳ। ଶିକ୍ଷା ବିଭାଗର ସରକାରୀ କର୍ମଚାରୀ ଭାବେ ଓଡ଼ିଶା ସହିତ ବର୍ଦ୍ଧମାନ ଡିଭିଜନର ସ୍କୁଲ ଇନ୍‌ସପେକ୍ଟର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ବଦଳି ନିର୍ଦ୍ଦେଶକୁ ସେ ସାଦରେ ଗ୍ରହଣ କରି ଘୂରି ବୁଲିଛନ୍ତି ଅନେକ ସ୍ଥାନ। କିନ୍ତୁ ବର୍ଦ୍ଧମାନ ବଦଳି ତାଙ୍କୁ କଷ୍ଟ ଦେଇଛି ବୋଲି ଅନୁଭବ କରିଛନ୍ତି ପୁତ୍ର ଶଶିଭୂଷଣ ଓ ଏହାକୁ ନେଇ ପ୍ରଥମ ଦୃଶ୍ୟରେ ପିତାପୁତ୍ରଙ୍କର ଏକ ଦୀର୍ଘ କଥୋପକଥନ ନାଟକର ଆରମ୍ଭକୁ କରିଛି ଭାବଗମ୍ଭୀର। ରାଧାନାଥଙ୍କୁ କେବଳ ଜଣେ ବୁଦ୍ଧୀଜୀବୀ ନୁହେଁ; ଉଚ୍ଚମାନର ସାହିତ୍ୟିକ ଭାବେ ଗ୍ରହଣ କରିଛନ୍ତି ଫକୀରମୋହନ। ସୁତରାଂ ପ୍ରଥମ ଦୃଶ୍ୟରେ ତାଙ୍କ ଆବିର୍ଭାବ ଓ ରାଧାନାଥଙ୍କ ସହିତ ଭାବବିନିମୟ ତତ୍‌କାଳୀନ ଓଡ଼ିଶାର ସାହିତ୍ୟିକ ପରିବେଶକୁ ସ୍ମରଣ କରାଇଦିଏ। ଫକୀରମୋହନଙ୍କ ପ୍ରେରଣା, ପ୍ରଶଂସା ଓ ପ୍ରଦତ୍ତ ଉତ୍ସାହ ରାଧାନାଥଙ୍କ ଦୁଃଖ ଭୁଲିବାର ଏକ ମାଧ୍ୟମ ହୋଇଛି ସତ; କିନ୍ତୁ ବହୁ ସଂଳାପରେ ତାଙ୍କ ବିଷାଦବାଦୀ ଗୁଣର ଘଟିଛି ପରିପ୍ରକାଶ। ଜୀବନର ଏକାବନ ବର୍ଷ ସେ ନାନା କଷ୍ଟ ସହିଛନ୍ତି। ବାଲ୍ୟ ଓ ଯୌବନ ତାଙ୍କ ସ୍ମୃତିର ବାହାରେ କିନ୍ତୁ ସାହିତ୍ୟିକ ଓ ସରକାରୀ କର୍ମଚାରୀ ଜୀବନର ଦୁଃଖ ତାଙ୍କ ପାଇଁ ଅଭୁଲା। ଶଶିଭୂଷଣଙ୍କ ନିକଟରେ ବଂଧୁମାନଙ୍କ ଈର୍ଷା ଓ କୁତ୍ସାରଟନା ସହିତ ଛୁରିକାଘାତ ସଂପର୍କରେ କହି ଦୁଃଖଲାଘବ କରୁଥିବା ରାଧାନାଥ ବୁଝାଇବାକୁ ଚାହିଁଛନ୍ତି : "x x x ମଣିଷ ହେଉଛି ଗୋଟିଏ ଅଭିନୟଶୀଳ ଜୀବ। ତା'ର ବାହ୍ୟରୂପ ଓ ଅନ୍ତଃରୂପ ଭିନ୍ନ। ବାହାରେ ସେ ଯାହା କହେ, ପ୍ରକୃତରେ ତାହା ତା'ର ଅନ୍ତରର ପରିପ୍ରକାଶ ନୁହେଁ।

Digitized by srujanika@gmail.com

ନାହିଁ। ପଛରୁ ଛୁରିକାଘାତ କରିବା ଲୋକଙ୍କ ଅଭାବ ନାହିଁ ଏ ମାଟିରେ।" (ପୃଷ୍ଠା-୯୩) ରାଧାନାଥ ବିଷାଦବାଦୀ ବୋଲି ଓଡ଼ିଆ ସାହିତ୍ୟରେ ପରିଚିତ। ନାଟକର ପ୍ରଥମ ଦୃଶ୍ୟରେ ନାଟ୍ୟକାର ହରିଚନ୍ଦନ ଏହାକୁ କରିଛନ୍ତି ସ୍ପଷ୍ଟ। ଶଶିଭୂଷଣଙ୍କୁ କହିବା ମଧ୍ୟରେ ସେ କେବଳ ଦାର୍ଶନିକ ସଦୃଶ ନୁହଁ ନିଜ ଅନ୍ତର କଥାକୁ ହିଁ କହିଛନ୍ତି ଅକପଟ ହୃଦୟରେ। ଦୁଃଖ ଯେ ମଣିଷର ଚିର ସହଚର ଏହାର ଗୁରୁତ୍ୱକୁ ବିଚାର କରି ସେ କହିଛନ୍ତି "ଦୁଃଖକୁ ଛାଡ଼ି ଦେଲେ ମଣିଷର ସତ୍ତା ନାହିଁ? ଗୁଡ଼ାଏ ଦୁଃଖର ସମଷ୍ଟିରେ ତା'ର ସୃଷ୍ଟି। ସବୁବେଳ କ'ଣ ସମାନ ଥାଏ? ବେଳେ ବେଳେ ମନଭିତରକୁ ଦୁଃଖ ଆସିବା କଥା ଆସିବ।" (ପୃଷ୍ଠା-୯୩) ରାଧାନାଥ ଜୀବନର ଆଦ୍ୟଭାଗରୁ ଦୁଃଖକୁ ଆପଣାର କରିନେଇଥିବା କଥା ସତ ! ଏହା ମଧ୍ୟ ଜଣା ଯେ, ସେ ଦୁଃଖରେ ଭାଙ୍ଗିପଡ଼ି ଅସ୍ଥିର ଚିତ୍ତରେ କିଛି କରିନାହାଁନ୍ତି। ଦୁଃଖକୁ ଅତିକ୍ରମକରି ଜାତି, ପ୍ରକୃତି ଓ ସାହିତ୍ୟପ୍ରେମୀ ଭାବରେ ଆଗେଇ ଯାଇଛନ୍ତି। ଅନ୍ୟ ଭାବରେ କୁହାଯାଇପାରେ, ଏଥିପାଇଁ ସେ ଲେଖିଥିଲେ: "ଚିର ଭଗ୍ୟ ମୋର ପିହିତ ପାଷାଣେ/ ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ।" ସାହିତ୍ୟରେ ବିଜାତୀୟତାକୁ ସ୍ଥାନ ଦେଇଛନ୍ତି କହି ତାଙ୍କୁ ବେଶ୍ ନିନ୍ଦା କରାଯାଇଛି, ପୁଣି ପାଠ୍ୟପୁସ୍ତକ ପ୍ରଚଳନରେ ଆତ୍ମସ୍ୱାର୍ଥୀ ବୋଲି ପରିଚିତ। ମାତ୍ର ତାଙ୍କ ଜାତିପ୍ରେମ ଅନ୍ୟମାନଙ୍କଠାରୁ ଅନେକ ଊର୍ଦ୍ଧ୍ୱରେ। ପାଠ୍ୟପୁସ୍ତକ ପ୍ରଚଳନ ପାଇଁ ସେ ଏକମାତ୍ର ନଥିଲେ ବିଚାରକ। ତଥାପି ଶରବ୍ୟ ହୋଇଛନ୍ତି ସେ ଅଧିକ। ୧୮୯୯ ମସିହା ଡିସେମ୍ବର ମାସରେ ରାଧାନାଥଙ୍କର ବର୍ଦ୍ଧମାନ ଡିଭିଜନକୁ ବଦଳି ହୁଏ। ଶଶିଭୂଷଣ ଓ ପରଶମଣିଙ୍କ ସହିତ ଫକୀରମୋହନଙ୍କ ମନୋଭାବକୁ ନାଟ୍ୟକାର ଅତ୍ୟନ୍ତ ମାର୍ମିକ ଓ ନାଟକୀୟ ଶୈଳୀରେ ପ୍ରକାଶ କରନ୍ତି। ସ୍ତ୍ରୀ ଓ ପୁତ୍ରଙ୍କୁ ବୁଝାଇବାକୁ ଯାଇ ସେ କହନ୍ତି ସବୁ ପରମେଶ୍ୱରଙ୍କ ଇଚ୍ଛା। ତୁମ ମାନଙ୍କଠାରୁ ଦୂରରେ ରହିଲେ ମଧ୍ୟ 'ହଠାତ୍ କିଏ ହୁଏତ ସେଠାରେ ମୋ ପ୍ରତି ସହାନୁଭୂତିଶୀଳ ହୋଇପାରେ। ମୋର ଯତ୍ନ ନେବାକୁ ଆଗେଇ ଆସିପାରେ। ମୋର ସଖ୍ୟଲାଭ ପାଇଁ ତାହା ହୃଦୟରେ ହୁଏତ ଆଗ୍ରହ ସୃଷ୍ଟି ହୋଇପାରେ। ପ୍ରଭୁଙ୍କ କୃପା ଥିଲେ, ପ୍ରେମହୀନ ନିଷ୍ଠୁର ପୃଥିବୀ ବି ଗୋଟିଏ ମୁହୂର୍ତ୍ତରେ ହୋଇପାରେ ପ୍ରେମମୟ।' ନାଟ୍ୟକାର ଇଂଗିତ ଛଳରେ ହିଁ ଏହିଠାରେ ରାଧାନାଥଙ୍କର ଯେ କାହାପ୍ରତି ପ୍ରେମ ଆସିପାରେ ଓ ତାଙ୍କୁ ପୁଣି କିଏ ଆଦରୀ ନେଇପାରେ ଏହାର ଦେଇଛନ୍ତି ସଂକେତ। ବର୍ଦ୍ଧମାନ ଡିଭିଜନର ହୁଗୁଳୀ ହୁଏ ତାଙ୍କର କର୍ମସ୍ଥଳୀ ଓ ହୁଗୁଳୀ ହେଉଛି ନଗେନ୍ଦ୍ରବାଳାଙ୍କ ଶ୍ୱଶୁରାଳୟ। ଅଧ୍ୟାପକ ଦେବେନ୍ଦ୍ର ଦାଶଙ୍କ ମତରେ- "ନଗେନ୍ଦ୍ରବାଳାଙ୍କର ଓଡ଼ିଶା ସହ ପ୍ରାଥମିକ ପରିଚୟ ଆଦ୍ୟ ଯୌବନରେ ଜଳବାୟୁ ପରିବର୍ତ୍ତନ ଉଦ୍ଦେଶ୍ୟରେ ସେ ପିତାଙ୍କ ସହିତ ଓଡ଼ିଶା ଭ୍ରମଣରେ ଆସିଥିଲେ। ଓଡ଼ିଶାର ଜଳବାୟୁ ନଗେନ୍ଦ୍ରବାଳାଙ୍କ ସ୍ୱାସ୍ଥ୍ୟରେ କେବଳ ଉନ୍ନତି ଆଣିନଥିଲା, ଓଡ଼ିଶାର ପ୍ରକୃତି ତାଙ୍କ ଭିତରେ ଥିବା କବିତ୍ୱ ଶକ୍ତିକୁ ଜାଗ୍ରତ କରିଥିଲା।" (ଏଷଣା, ୨୮ ଖଣ୍ଡ-ଜୁନ୍,

Digitized by srujanika@gmail.com

୧୯୯୪, ପୃଷ୍ଠା-୧୪୭) ନଗେନ୍ଦ୍ରବାଳାଙ୍କ ପ୍ରକୃତି ପ୍ରେମ ତାଙ୍କ କବି ପ୍ରତିଭାକୁ ଉନ୍ନତ କରିଥିଲା । ଏଣୁ ମାତ୍ର ଅଠରବର୍ଷ ବୟସରେ ତାଙ୍କ ପ୍ରଥମ କବିତା ସଂକଳନ 'ମର୍ମଗାଥା' ପ୍ରକାଶ ପାଇଥିଲା । ଏ ସମୟ ମଧ୍ୟରେ ନଗେନ୍ଦ୍ରବାଳା ଓଡ଼ିଶାର କେତେଜଣ କବି-ସାହିତ୍ୟିକଙ୍କୁ ଜାଣିଥିଲେ ସତ; ମାତ୍ର ରାଧାନାଥଙ୍କ ସହିତ ତାଙ୍କର ପ୍ରଥମ ସାକ୍ଷାତ ହେଲା ସେଇଦିନ, ଯେଉଁଦିନ ତାଙ୍କୁ ନୂଆ ଇନ୍‌ସପେକ୍ଟର ଭାବେ ସ୍ୱାଗତ ସଂବର୍ଦ୍ଧନା ଜ୍ଞାପନ କରାଗଲା । ନାଟ୍ୟକାର ଉଭୟଙ୍କ ମିଳନକୁ କେବଳ କରିନାହାନ୍ତି ଚମକପ୍ରଦ, ସଂଳାପକୁ ମଧ୍ୟ କରିଛନ୍ତି ରୋମାଞ୍ଚକର । ନିଜ ବୈଠକଖାନାରେ ନଗେନ୍ଦ୍ରବାଳାଙ୍କୁ ଆକସ୍ମିକ ଆବିଷ୍କାର କରି ତାଙ୍କୁ 'ସରସ୍ୱତୀ' ସଂବୋଧନ କରନ୍ତି କବି । ନିକଟରେ ବସାଇ ପ୍ରଶଂସା ଓ ପ୍ରଶସ୍ତିଗାନରେ ବିହ୍ୱଳ ହୋଇ ସମ୍ମୋହିତ ହୁଅନ୍ତି ସେ । ନଗେନ୍ଦ୍ରବାଳା ମଧ୍ୟ ଗୁରୁ ଓ ଦେବତା ରୂପେ ଗ୍ରହଣ କରି ପାଦସ୍ପର୍ଶ କରନ୍ତି ଓ କବି ପ୍ରତିଭାକୁ ଅଲୌକିକ ଶକ୍ତିର ଉତ୍ସ କହି ପ୍ରଶଂସନ୍ତି । ମାତ୍ର ରାଧାନାଥଙ୍କ ପ୍ରଶଂସା ଥିଲା ପ୍ରେମାସ୍ପଦ ପାଇଁ ଉଦ୍ଦିଷ୍ଟ ଚାତୁର୍ଯ୍ୟପୂର୍ଣ୍ଣ ଓ କଳାତ୍ମକ । ନଗେନ୍ଦ୍ରବାଳା ନିଜକୁ ଜଣେ ରଂଗହୀନ, ନିଷ୍ପ୍ରଭ, ଅନାକର୍ଷଣୀୟ ସାମାନ୍ୟ କବି ବିଚାରୁଥିବା ବେଳେ ରାଧାନାଥ ତାଙ୍କୁ ନିଜଠାରୁ ଅଧିକ ପ୍ରତିଭାଧର କହିବାକୁ କୁଣ୍ଠା କରିନାହାଁନ୍ତି । ସେ କହିଛନ୍ତି ତୁମେ ଉଜ୍ଜ୍ୱଳ ଭବିଷ୍ୟତ- ଧାରିଣୀ ଜଣେ ପ୍ରତିଭାଦୀପ୍ତ କବି । ନୁହଁ ରଂଗହୀନ କି ନିଷ୍ପ୍ରଭ । ତୁମ ରଂଗ ଓ ସୌରଭରେ ଦର୍ଶକଙ୍କୁ ମୁଗ୍ଧ କରିବାର ସମସ୍ତ କ୍ଷମତା ଅଛି ତୁମର । ତୁମ ମଧୁଝରା କଥାରେ ସତରେ ମୁଁ ମୋହାବିଷ୍ଟ । ତୁମକୁ ପ୍ରଥମ ଦେଖିବା ଦିନ ମୋତେ ଭଲା ଲାଗିଥିଲ, ଆଜି ତୁମ କଥା ଶୁଣିବା ପରେ ମୁଁ ଆନନ୍ଦରେ ଉଦ୍‌ବେଳିତ ।

ରାଧାନାଥ, ନଗେନ୍ଦ୍ରବାଳାଙ୍କଠାରୁ ଥିଲେ ତିରିଶ ବର୍ଷ ବଡ଼ । କିନ୍ତୁ ଉଭୟଙ୍କ କବି ପ୍ରାଣ ଥିଲା ଉଭୟଙ୍କୁ ଆକର୍ଷି ନେବାର ମାଧ୍ୟମ । ନଗେନ୍ଦ୍ରବାଳା ଦେବତାଙ୍କୁ ବରମାଗିବା ପରି ପ୍ରତିଦିନ ଦର୍ଶନ ପାଇଁ ପ୍ରାର୍ଥନା ଜଣାଇଥିଲେ କବିଙ୍କୁ । ଏହା ମଧ୍ୟ ଥିଲା କବିଙ୍କର ଅସ୍ଫୁଟ-ଲୁକ୍କାୟିତ ଅଭିଳାଷ । ସେ ନଗେନ୍ଦ୍ରବାଳାଙ୍କୁ ପ୍ରତିଦିନ ଆସିବା ପାଇଁ କରିଥିଲେ ଅନୁରୋଧ । ନାଟକର ଏହି ତୃତୀୟ ଦୃଶ୍ୟରୁ ରାଧାନାଥ ଓ ନଗେନ୍ଦ୍ରବାଳାଙ୍କ ପ୍ରେମ ହିଁ ପ୍ରାଧାନ୍ୟଲାଭ କରିଛି । ମାତ୍ର ଚତୁର୍ଥ ଦୃଶ୍ୟଟିକୁ କାଳ୍ପନିକ ଘଟଣା ଭାବେ ଗ୍ରହଣ କରାଯାଇପାରେ । ସ୍କୁଲ ଇନ୍‌ସପେକ୍ଟରଙ୍କ ହିତୈଷୀବଂଧୁ ଅଖିଳ ପାଳିତ କେତୋଟି ଉପଦେଶ ଦିଅନ୍ତି ଭବିଷ୍ୟତର ସୁବିଧା ପାଇଁ । ସମସ୍ତଙ୍କୁ ବିଶ୍ୱାସ ନକରି ବୁଝିବିଚାରି କାମ କରିବାକୁ ପରାମର୍ଶ ଦେଇ ପାଳିତ ସ୍ୱଳ୍ପ ସମୟ ମଧ୍ୟରେ ବଡ଼ ବିପଦ ପ୍ରତି ସତର୍କ ରହିବାକୁ କହନ୍ତି । କଟକରେ ଘଟିଥିବା ପାଠ୍ୟପୁସ୍ତକ ନିର୍ବାଚନ ଜନିତ ଦୁର୍ଭାଗ୍ୟପ୍ରତି ସତର୍କ କରାଇ ହୁଏତ ପରୋକ୍ଷରେ ସେ କହିଗଲେ ଯେ ନଗେନ୍ଦ୍ରବାଳାଙ୍କ ବହିକୁ ନିର୍ବାଚନ କରିବା ପାଇଁ ନଭାବିବା ଉଚିତ । ପଞ୍ଚମ ଓ ଷଷ୍ଠ ଦୃଶ୍ୟରେ ନାଟକର ଚରମ ଆବେଗ ଓ ସଂଘର୍ଷ

Digitized by srujanika@gmail.com

ପ୍ରତିପାଦିତ। ନଗେନ୍ଦ୍ରବାଳାଙ୍କ ଆସିବା ପଥକୁ ଅପେକ୍ଷା କରି କବିଙ୍କ ଅସ୍ଥିରତା ବଢୁଥିବା ବେଳେ ହଠାତ୍ ଏକ କବିତା ସହିତ ପ୍ରବେଶ କବିଙ୍କ ମନକୁ କେବଳ ନୁହଁ, ଆତ୍ମାକୁ ଶାନ୍ତିଦେଲା ବୋଲି ସେ ପ୍ରକାଶ କରନ୍ତି। ପୂର୍ବଦିନ କବିଙ୍କୁ ଦେଇଯାଇଥିବା କବିତା ସବୁ କେମିତି ଲାଗିଛି ବୋଲି ପଚାରନ୍ତେ ତାଙ୍କ ଭାବାବେଗ କୂଳ ଲଂଘନ କରେ। ତତ୍‌କ୍ଷଣାତ୍ କହିଦିଅନ୍ତି: "ସେଇ କବିତା ତ ମୋତେ ଅଭିଭୂତ କରିଦେଇଛି। ଚମତ୍କାର ଅଭିବ୍ୟଞ୍ଜନା। ତେବେ ପଚାରିବାକୁ ଇଚ୍ଛା ହେଉଛି, କାହା ଉଦ୍ଦେଶ୍ୟରେ ଲେଖିଛି ସେ କବିତା ? କି ଗଭୀର ଶ୍ରଦ୍ଧାଭକ୍ତି ? କି ଗଭୀର ପ୍ରେମାନୁରାଗ ? ପ୍ରତିଟି ପଂକ୍ତିରୁ ଝଙ୍କୃତ ହୋଇଉଠୁଛି କି ମଧୁର ଧ୍ୱନି ? କିଏ ? କିଏ ତୁମର ସେ ପ୍ରେମାସ୍ପଦ ପୁରୁଷ ? (ପୃଷ୍ଠା-୧୧୩) ଲଜ୍ଜା ଓ ସଂକୋଚକୁ ଦୂରେଇ କବିଙ୍କ ଅନୁରୋଧକୁ ସମ୍ମାନ ଜଣାଇ ସାହସର ସହିତ ନଗେନ୍ଦ୍ରବାଳା ହୃଦୟର ଅଭିବ୍ୟକ୍ତିକୁ ସ୍ପଷ୍ଟ କରନ୍ତି : "ଯାହା ଲେଖିଛି ସେ ସବୁ ମୋର ହୃଦୟର କଥା। ମୋର ପ୍ରାଣର ଭାଷା। ହୃଦୟର ସମସ୍ତ ଶ୍ରଦ୍ଧାଭକ୍ତି ସ୍ନେହ ପ୍ରେମ ସବୁ ଆପଣଙ୍କ ପାଦତଳେ ହିଁ ନିବେଦନ କରିଛି ସାର୍। ଏ ଭିତରେ ଯାହା କବିତା ଲେଖିଛି, ସବୁ ଆପଣଙ୍କ ଉଦ୍ଦେଶ୍ୟରେ। ମୋ ହୃଦୟର ଗଭୀର ଉଚ୍ଛ୍ୱାସକୁ ଆପଣଙ୍କ ଛଡ଼ା ଆଉ କାହା ପାଖରେ ଅର୍ପଣ କରିପାରିବି ? (ପୃଷ୍ଠା-୧୧୪) ଏଠାରେ ନାଟ୍ୟକାର ରାଧାନାଥ ଓ ନଗେନ୍ଦ୍ରବାଳାଙ୍କ ବାହ୍ୟପ୍ରେମକୁ ନୁହଁ ଆତ୍ମିକ ମିଳନକୁ ହିଁ ଦେଇଛନ୍ତି ଗୁରୁତ୍ୱ। ପ୍ରକୃତି ଓ ପୁରୁଷଙ୍କ ମିଳନରେ ଯେପରି ସୃଷ୍ଟିର ଅଗ୍ରଗତି ସଂଭବ, ଠିକ୍ ସେହିପରି ଦୁଇ କବିଙ୍କ ଅନ୍ତରାତ୍ମାର ସ୍ପର୍ଶ ଜଗତର ଶ୍ରେଷ୍ଠ ସୌନ୍ଦର୍ଯ୍ୟକୁ ସଂଦର୍ଶନ ପାଇଁ ଦେଇଛି ପ୍ରେରଣା। ଏକ ଓ ଅଭିନ୍ନ ପ୍ରାଣ ଦୁଇ ଚରିତ୍ରଙ୍କ ସଂଳାପ କେବଳ ଚମତ୍କାର ନୁହଁ, ହୋଇପାରିଛି ଆବେଗଧର୍ମୀ ଓ ମର୍ମସ୍ପର୍ଶୀ। ପାଠକେ ଦର୍ଶକଙ୍କୁ ଧରି ରଖିବା ପାଇଁ ଏ ଭାଷାର ଯାଦୁକରୀ ପ୍ରଭାବ ଅସାଧାରଣ। ବୋଧହୁଏ, ନଗେନ୍ଦ୍ରବାଳାଙ୍କ ପ୍ରେମର ଗଭୀରତାକୁ ପରୀକ୍ଷା କରିବା ପାଇଁ କବି ତାଙ୍କ ନିକଟରେ ନିଜର ବାର୍ଦ୍ଧକ୍ୟ ଓ କଙ୍କାଳସାର ଚେହେରା ସଂପର୍କରେ ଦିଅନ୍ତି ସୂଚନା ଏବଂ ଏ ସ୍ୱାସ୍ଥ୍ୟ ଯେ କାହା ମନରେ ରେଖାପାତ କରିପାରିବ ସ୍ୱପ୍ନରେ ମଧ୍ୟ ଭାବିପାରନ୍ତି ନାହିଁ ସେ। ନଗେନ୍ଦ୍ରବାଳାଙ୍କ ପ୍ରତି ପ୍ରଥମ ସାକ୍ଷାତ୍‌ରେ ପ୍ରକାଶ ପାଇଥିବା ଦୁର୍ବଳତାକୁ ପରେ ବିଡ଼ମ୍ବନା ଭାବେ ଗ୍ରହଣ କରିଥିବା କବି ନାରୀ କବିଙ୍କ ବକ୍ତବ୍ୟ: "ମୁଁ ତ କବିର ଗୁଣମୁଗ୍‌ଧା। ରୂପ ମୁଗ୍‌ଧା ତ ନୁହେଁ। ଆପଣଙ୍କ ଗୁଣ ଭିତରେ ମୁଁ ଦେଖିଛି ଏକ ସୁନ୍ଦର ସୁକୁମାର ମଣିଷର ରୂପ। ଆପଣଙ୍କ କାବ୍ୟସୃଷ୍ଟି ଭିତରେ ମୁଁ ପାଇଛି ଏକ ଅମୃତମୟ ଆତ୍ମାର ସଂଧାନ। ମୁଁ ଅନୁଭବ କରିଛି, ଆପଣଙ୍କର ରସମୟ ହୃଦୟର ସତ୍ତା। କି ମହାନ୍ ରସିକ ଆପଣ ! ଅଲୌକିକ ରସଜଗତର ସ୍ରଷ୍ଟା କ'ଣ ଅସୁନ୍ଦର ହୋଇପାରେ ? ବାର୍ଦ୍ଧକ୍ୟ କ'ଣ କେବେ ତାକୁ ସ୍ପର୍ଶ କରିପାରେ ? ସେ ଯେ ଚିରଯୌବନର ଦୀପ୍ତିରେ ଦୀପ୍ତିମାନ୍।" (ପୃଷ୍ଠା-୧୧୫)ରେ ମୋହାବିଷ୍ଟ ନହୁଅନ୍ତେ କିପରି ? ବାରମ୍ବାର କବିଙ୍କଠାରୁ କାବ୍ୟମୟୀ, ସ୍ୱପ୍ନମୟୀ,

Digitized by srujanika@gmail.com

ହୃଦୟ-ଈଶ୍ୱରୀ ଓ ଜୀବନ୍ମୟୀ ସଂବୋଧନ ପାଇଥିବା ନଗେନ୍ଦ୍ରବାଳା ମଧ୍ୟ କହିଛନ୍ତି। ଆପଣ ମୋ ଆତ୍ମାର ଅତଳଗଭୀରତାକୁ ସ୍ପର୍ଶ କରିଛନ୍ତି। ଆପଣ ମୋ ନିକଟରେ ଚିରସୁନ୍ଦର, ଚିରଉଜ୍ଜ୍ୱଳ। ଆପଣଙ୍କ ଦେବତ୍ୱର ସଂସ୍ପର୍ଶରେ ଆସି ମୁଁ ମହୀୟସୀ ହୋଇଯାଇଛି। ମୁଁ ଧନ୍ୟ ହୋଇଯାଇଛି। ବାସ୍ତବରେ ନଗେନ୍ଦ୍ରବାଳାଙ୍କ ଯୋଗୁଁ ରାଧାନାଙ୍କ ଜୀବନରେ ଫୁଟି ଉଠିଥିବା ସହସ୍ର ସହସ୍ର ଶତଦଳ ଓ ସୃଷ୍ଟି ହୋଇଥିବା ସ୍ୱପ୍ନିଳ ଯୌବନର ଉନ୍ମାଦନା ଉଭୟଙ୍କୁ ଆଲିଙ୍ଗନ ମୁଦ୍ରାରେ କରିଥିଲା ଆବଦ୍ଧ।

ନାଟକର ମୁଖ୍ୟ ସଂଘାତ ଷଷ୍ଠ ଦୃଶ୍ୟ। ନଗେନ୍ଦ୍ରବାଳା ଓ ସ୍ୱାମୀ ଖଗେନ୍ଦ୍ରଙ୍କ ଉଚ୍ଚବାଚ ମଧ୍ୟରେ ସନ୍ଦେହ ମତାନ୍ତର ଓ ମନାନ୍ତର ଉଭୟଙ୍କ ମଧ୍ୟରେ ତିକ୍ତତାକୁ ସ୍ଥାନ ଦେଇଛି। ସାହିତ୍ୟ ସାଧନା ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦେବାକୁ ପ୍ରତିଶ୍ରୁତି ଦେଇଥିବା ଖଗେନ୍ଦ୍ର ମୁସ୍ତାଫୀ ବର୍ତ୍ତମାନ ସମାଜର ଦୁହାଇଦେଇ ନଗେନ୍ଦ୍ରବାଳାଙ୍କୁ ଆକଟ କରିବାରେ ଲାଗିଛନ୍ତି। ବାହାର ଲୋକ ଏହାକୁ ଭଲଭାବରେ ଗ୍ରହଣ କରୁନାହାଁନ୍ତି, ଅତଏବ ମୁଁ ମଧ୍ୟ ଏହାର ବିରୋଧୀ। କିନ୍ତୁ ନଗେନ୍ଦ୍ରବାଳାଙ୍କ ପ୍ରତ୍ୟୁକ୍ତି "ନା, ମୁଁ ତା ମାନି ପାରିବିନି। ରାଧାନାଥ ବିରାଟ ପଣ୍ଡିତ ବ୍ୟକ୍ତି, ଅସାଧାରଣ କବି। ତାଙ୍କ ସହିତ ଆଲୋଚନାର ସୁଯୋଗ ପାଇଁ ମୁଁ ଧନ୍ୟ। ତାଙ୍କ ସାହଚର୍ଯ୍ୟରେ ଆସି ମୋର ଚିନ୍ତାର ଜଗତ ବିସ୍ତୃତ ହୋଇଛି। ମୁଁ ଏକ ଅଲୌକିକ ସାରସ୍ୱତ ଆନନ୍ଦ ପାଇଛି।" (ପୃଷ୍ଠା-୧୧୮) ତାଙ୍କ ମତରେ କବି ତାଙ୍କର ମହାନ୍ ଗୁରୁ ଓ ସେ ତାଙ୍କର ପ୍ରିୟତମା ଶିଷ୍ୟା। ପୂଜନୀୟ ପିତା ଓ ଆଦରଣୀୟା କନ୍ୟାଙ୍କ ମଧ୍ୟରେ କଳୁଷ କାଳିମା କାହିଁକି ? ଏହା ସହିତ ନଗେନ୍ଦ୍ରବାଳା ମଧ୍ୟ କହିବାକୁ ଭୁଲି ନାହାଁନ୍ତି ଯେ ଉଭୟଙ୍କ ମଧ୍ୟରେ ବୟସର ତାରତମ୍ୟ ତିରିଶ ବର୍ଷ। ସମାଜ ଓ ଲୋକକଥା ଆଳରେ ନଗେନ୍ଦ୍ରବାଳା ସତୀ ସୀତା ଓ ରାମଚନ୍ଦ୍ରଙ୍କ ଉଦାହରଣ ଦେଇ ଖଗେନ୍ଦ୍ରଙ୍କୁ ହାତଯୋଡ଼ି ଅନୁରୋଧ କରିଛନ୍ତି ପାପଚିନ୍ତା ସବୁକୁ ମନରୁ ଦୂରକର ଏବଂ ସାହିତ୍ୟ ସାଧନା ପଥରେ ମୋତେ ଆଗେଇବାକୁ ଦିଅ। ଦ୍ରୋଣଗୁରୁ ରାଧାନାଥଙ୍କ ସାହଚର୍ଯ୍ୟ ମୋର ଏକାନ୍ତ ଆବଶ୍ୟକ। କିନ୍ତୁ ଖଗେନ୍ଦ୍ରଙ୍କ ମନରେ ଅଙ୍କୁରିତ ସନ୍ଦେହର ବିଷବୃକ୍ଷ କ୍ରମଶଃ ବଢ଼ିହେବାରେ ଲାଗିଲା ସିନା କମିଲା ନାହିଁ ମୋଟେ। ଆଧୁନିକ ମଣିଷର ପାରମ୍ପରିକ ମନ ସବୁବେଳେ ପଛକୁ ଟାଣି ଧରିଲା କେବଳ। ପରବର୍ତ୍ତୀ ଦୃଶ୍ୟରେ ପରଶମଣିଙ୍କ ସନ୍ଦେହକୁ ପ୍ରକାଶ କରିବାରେ ନାଟ୍ୟକାର କୁଣ୍ଠା କରନ୍ତି ନାହିଁ। ଧବଳେଶ୍ୱର ନିକଟସ୍ଥ ନିଭୃତ ନିଳୟରେ କବି ଓ ନଗେନ୍ଦ୍ରବାଳାଙ୍କ ରହଣିକୁ ଆପତ୍ତି ଜଣାଇନଥିଲେ ହେଁ ପତ୍ନୀମନର ଭାବ ପ୍ରକାଶ ପାଇଛି ଏଥିରେ। ହୁଗୁଳୀରୁ କ[illegible] ସହିତ ଆସି ଓଡ଼ିଶାର ପ୍ରକୃତିର ଶୋଭା ସଂଦର୍ଶନରେ ବିମୋହିତା ନଗେନ୍ଦ୍ରବାଳା ମଧ୍[illegible] ଓ କାଠଯୋଡ଼ିର ମିଳନ ସ୍ଥଳରେ ସୁଖରେ ସମୟ ଅତିବାହିତ କରୁଛନ୍ତି; ପରଶମଣି କିନ୍ତୁ [illegible]ଙ୍କାରେ ବ୍ୟଥିତ ହୋଇ ଶଶିଭୂଷଣଙ୍କୁ କହୁଛନ୍ତି କୌଣସି ଖରାପ ଭାବନା ମୋ ମନ[illegible] ଆସୁ। "କିନ୍ତୁ କିଏ କହିବ ଯଦି ପାର୍ବତୀ କାବ୍ୟ ଭଳି ଘଟଣାଟାଏ ଘଟିଯାଏ ?

Digitized by srujanika@gmail.com

ନିରୋଳାରେ ଜଣେ ପୁରୁଷ ପାଖରେ ଜଣେ ନାରୀ" (ପୃଷ୍ଠା-୧୨୧) ଶଶିଭୂଷଣଙ୍କ ପ୍ରବୋଧନା ମାଆଙ୍କ ସୁସ୍ଥତା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥିଲେ ହେଁ ଭଗବାନଙ୍କ ନିକଟରେ ରାଧାନାଥ ଓ ନଗେନ୍ଦ୍ରବାଳାଙ୍କ ଆଚାର ବ୍ୟବହାର ଓ ଗୁଣକୁ ପ୍ରଶଂସା କରୁଥିବା ପରଶମଣିଙ୍କ ମନକୁ ପାପ ଛୁଉଁଛି। ଯାହା ନିତାନ୍ତ ସ୍ୱାଭାବିକ। ନାଟକର ଦ୍ୱନ୍ଦ୍ୱ ସୃଷ୍ଟିରେ ସପ୍ତମ ଦୃଶ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାଆଙ୍କ ସନ୍ଦେହକୁ ଅମୂଳକ ବୋଲି ମନେକରି ଶଶିଭୂଷଣ ମଧ୍ୟ ନଗେନ୍ଦ୍ରବାଳାଙ୍କ ପ୍ରଂଶସାରେ ହୋଇଉଠିଛନ୍ତି ଶତମୁଖ। ସେ ମାଆଙ୍କ ନିକଟରେ ପ୍ରମାଣ କରୁଛନ୍ତି ଯେ ସୁନାକୁ ବଣିଆ ଚିହ୍ନିଲା ପରି ନଗେନ୍ଦ୍ରବାଳାଙ୍କ ବିଦୁଷୀମନ ଓ ଉଚ୍ଚକୋଟୀର କବି ପ୍ରତିଭା ପାଇଁ ବାବାଙ୍କର ଏତେ ଅନୁରାଗ, ଏତେ ଶ୍ରଦ୍ଧା। ଏହା ବ୍ୟତୀତ ଅନ୍ୟ କିଛି ନୁହେଁ। ଅଷ୍ଟମ ଦୃଶ୍ୟରେ ନଗେନ୍ଦ୍ରବାଳାଙ୍କ ପ୍ରତି ରାଧାନାଥଙ୍କ ପ୍ରେମ ସଂଭାଷଣ ଚରମ ସ୍ଥାନରେ ଉପନୀତ। କାବ୍ୟିକ ଭାଷା ଓ ଏହାର ପ୍ରାସଙ୍ଗିକ ପ୍ରୟୋଗ ସମଗ୍ର ନାଟକଟିକୁ ଉତ୍କର୍ଷ ପ୍ରଦାନ କରିଛି। ରାଧାନାଥଙ୍କ ପରି ଏଥିରେ ନାଟ୍ୟକାରଙ୍କ କବି ପ୍ରତିଭା ପ୍ରକଟିତ। ସମଗ୍ର ନାଟକଟିରେ ପ୍ରତ୍ୟେକଟି ପୂର୍ବ ଓ ପରଦୃଶ୍ୟର ସଂଯୋଜନା ଯୁକ୍ତିଯୁକ୍ତ। କେବଳ ପ୍ରଥମ ଓ ଅଷ୍ଟମ ଦୃଶ୍ୟ ଦୁଇଟି ସାମାନ୍ୟ ଦୀର୍ଘ ହୋଇଥିଲେ ହେଁ ଅନ୍ୟଗୁଡ଼ିକ ସଂକ୍ଷିପ୍ତ ଏବଂ ଦୁଇ ଦୁଇଟି ଚରିତ୍ରଙ୍କ କଥୋପକଥନରେ ସୀମିତ। ଆବେଗ, ସଂଘର୍ଷ ଓ ଦ୍ୱନ୍ଦ୍ୱ ସହିତ ନାଟକଟି ବିକାଶଲାଭ କରିଛି। ପାଠକ ଓ ଦର୍ଶକଙ୍କ ମନକୁ ସ୍ପର୍ଶ କରୁଥିବା ହେତୁ ନାଟକର ସଫଳତା ବାରି ହୋଇପଡ଼େ। ନବମ ଦୃଶ୍ୟଟି ଏହି ସଫଳତାର ଅନ୍ୟ ଏକ ଉଦାହରଣ। ଏଥିରେ ନଗେନ୍ଦ୍ରବାଳା ଓ ସ୍ୱାମୀ ଖଗେନ୍ଦ୍ରଙ୍କ ମତାନ୍ତର ଓ ମନାନ୍ତରର ଉଗ୍ରରୂପ ପ୍ରଦର୍ଶିତ। ଖଗେନ୍ଦ୍ରଙ୍କ ସନ୍ଦେହର ମାତ୍ରା ବଢ଼ିଚାଲିବା ଯୋଗୁଁ ସେ ନଗେନ୍ଦ୍ରବାଳାଙ୍କୁ ଆଦୌ ସୁନଜରରେ ଦେଖିପାରି ନାହାଁନ୍ତି। ସ୍ତ୍ରୀଙ୍କ ବିତୁଥିବା ପ୍ରତ୍ୟେକଟି ସମୟ ଓ ଅବସ୍ଥାକୁ ସ୍ୱାମୀ ତାଚ୍ଛଲ୍ୟ ଦୃଷ୍ଟିରେ ଦେଖି ଅପମାନ ଦେବାଭଳି କଥା କହି ତାଙ୍କୁ ବ୍ୟଙ୍ଗ କରନ୍ତି। ମାତ୍ର ନଗେନ୍ଦ୍ରବାଳା କୌଣସି କଥାକୁ ଗୁରୁତ୍ୱ ଦେଇନାହାଁନ୍ତି। କିନ୍ତୁ ଧୈର୍ଯ୍ୟର ସୀମା ହରାଇ ସ୍ୱାମୀକୁ ରୋକଠୋକ ଜବାବ ଦେବାକୁ ପଛାଇ ନାହାଁନ୍ତି। ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସେ କୌଣସି ଭାବେ ରାଧାନାଥଙ୍କଠାରୁ ସଂପର୍କ ଛିନ୍ନ କରିପାରିବେ ନାହିଁ। ଯଦି ତାହା ସଂଭବ ହେବ, ହେବ କେବଳ ତାଙ୍କର ମୃତ୍ୟୁରେ। ରାଧାନାଥଙ୍କ ଛଡ଼ା ବଂଚି ରହିବା ତାଙ୍କ ପକ୍ଷରେ ସଂଭବ ନୁହେଁ। ଖଗେନ୍ଦ୍ରଙ୍କ ଭର୍ତ୍ସନା ପରେ ନଗେନ୍ଦ୍ରବାଳା ସବୁକିଛିକୁ ସ୍ୱୀକାର କରିଛନ୍ତି ଏବଂ କହିଛନ୍ତି କାବ୍ୟପୁରୁଷ ରାଧାନାଥଙ୍କୁ ମନପ୍ରାଣ ଦେଇ ଭଲପାଇବା ଓ ତାଙ୍କ ପାଇଁ କରିଥିବା ସବୁ ତ୍ୟାଗର କଥା। ସ୍ୱାମୀଙ୍କ ପାଖରେ ଏ ସ୍ପଷ୍ଟୋକ୍ତିରୁ ଜଣାଯାଏ ନଗେନ୍ଦ୍ରବାଳା ଓ ରାଧାନାଥଙ୍କ ମଧ୍ୟରେ ଥିବା ଆତ୍ମିକ ମିଳନର ଗଭୀରତା ଓ ଦୈହିକ ସଂପର୍କର ନିବିଡ଼ତା। ସମାଜର କୁଦୃଷ୍ଟି ଓ ଲୋକନିନ୍ଦାକୁ ସହ୍ୟ କରିନପାରି ଖଗେନ୍ଦ୍ର ନଗେନ୍ଦ୍ରବାଳାଙ୍କୁ ମରିଯିବା ଶ୍ରେୟସ୍କର ବୋଲି କହିବା ପରେ ନଗେନ୍ଦ୍ରବାଳା ଏହାକୁ

Digitized by srujanika@gmail.com

ମାନି ନେଇଛନ୍ତି । ପୁଣି ଖଗେନ୍ଦ୍ର କହିଛନ୍ତି: "ହଁ, ତମଭଳି କଳଙ୍କିନୀର ମୃତ୍ୟୁରେ ହିଁ ବଂଚିଯିବ ଗୋଟାଏ ଲାଞ୍ଛନାଗ୍ରସ୍ତ ସ୍ୱାମୀ, ପରମ ଆଶ୍ୱସ୍ତିରେ ନିଃଶ୍ୱାସ ମାରିବ ଗୋଟାଏ ନିରପରାଧ ସମାଜ ।" (ପୃଷ୍ଠା-୧୩୦) ଏହାପରେ ସ୍ୱାଭିମାନୀ, ବୁଦ୍ଧିମତୀ ପ୍ରେମଶୀଳା ନଗେନ୍ଦ୍ରବାଳା ଆଉ କ'ଣ କରିପାରିଥାନ୍ତେ ! ତାଙ୍କ ମୃତ୍ୟୁରେ କିନ୍ତୁ ଖଗେନ୍ଦ୍ର ହୋଇଯାଇଛନ୍ତି ମର୍ମାହତ ଓ ଉଦାସୀନ । ନିଜକୁ ତିରସ୍କାର କରି ନିର୍ମମ ଆତତାୟୀ, ପାଷାଣ୍ଡ ବିଚାର କରିବା ବେଳେ ପାଳିତ ବାବୁଙ୍କୁ ସବୁ କହିଦେବାରୁ ପ୍ରାୟଶ୍ଚିତ୍ତ କରି ସାରିଥିବା ପରି ମନେ କରନ୍ତି । ଅନୁତାପର ବହ୍ନିରେ ଜଳୁଥିବା ଖଗେନ୍ଦ୍ର ଏକ ଗୋପନ ଆତତାୟୀ ଜୀବନଯାପନ କରିଥିଲେ । ସମାଜର ଲଜ୍ଜା ତାଙ୍କୁ କବଳିତ କରିଥିଲା ସତ, ହେଲେ; ନଗେନ୍ଦ୍ରବାଳାଙ୍କ ଆତ୍ମହତ୍ୟା ତାଙ୍କୁ କରିଥିଲା ସ୍ୱର୍ଗବାସିନୀ ସ୍ତ୍ରୀଙ୍କ ପ୍ରତି ଅଧିକ ସମ୍ବେଦନଶୀଳ । ମାତ୍ର ନଗେନ୍ଦ୍ରଙ୍କ ମୃତ୍ୟୁପରେ ମଧ୍ୟ କବିଙ୍କ ପ୍ରତି ପରଶମଣିଙ୍କ ଭର୍ତ୍ସନା ବଢ଼ିବାରେ ଲାଗିଲା । ବୋଧହୁଏ, ଏଇଥିପାଇଁ ନଗେନ୍ଦ୍ରବାଳାଙ୍କ ପ୍ରତିଥିବା ଅନୁରାଗ କ୍ରମଶଃ ଅନୁତାପ ଓ ରୋଷରେ ପରିଣତ ହେଲା । ସାଧାରଣ ଓ ବିଶିଷ୍ଟ ବ୍ୟକ୍ତିଙ୍କ ତିରସ୍କାରକୁ ସହ୍ୟ କରିନପାରି ସେ ପରଶମଣିଙ୍କ ମାଧ୍ୟମରେ କ୍ଷମା ପ୍ରାର୍ଥନା କଲେ । ନାଟକର ବିଷୟବସ୍ତୁକୁ ଏକ ଭିନ୍ନ ମୋଡ଼ ଦେବାରେ ନାଟ୍ୟକାର ଏଠାରେ ସଫଳ ହେଇଛନ୍ତି ସତ; କିନ୍ତୁ ପରଶମଣିଙ୍କ ଭଳି ସୁହୃତା ସ୍ତ୍ରୀଙ୍କ ମୁହଁରେ କବିଙ୍କ ପ୍ରତି ଯେଉଁସବୁ ସଂଳାପ ସଂଯୋଜିତ ସେଗୁଡ଼ିକ ନାଟ୍ୟକାର ଯଥାସମ୍ଭବ କରିଛନ୍ତି ଭାବଗମ୍ଭୀର ଓ ମାର୍ଜିତ । ପରଶମଣି କ୍ରୋଧାନ୍ଧ ଥିବାବେଳେ ମଧ୍ୟ କବିଙ୍କ ପ୍ରତି ନରମ ଓ ପତିପ୍ରାଣ ନାରୀର ସଂବେଦନାକୁ କରିଛନ୍ତି ପ୍ରକଟ । ଦର୍ଶକ/ ପାଠକ ଏକାଦଶ ଦୃଶ୍ୟର ଆରମ୍ଭରୁ ପରଶମଣିଙ୍କ ମନୋଭାବକୁ କଳ୍ପନା କରିପାରୁଥିଲେ ମଧ୍ୟ ନାଟ୍ୟକାର ତାହା ପ୍ରକାଶ କରାଇନାହାଁନ୍ତି । କବିଙ୍କ ଅନୁନୟ ବିନୟ, ପାପ ସ୍ୱୀକାର ଆଦିକୁ ଶୁଣି ସେ ସ୍ନେହ ପ୍ରବୀଣା ପତ୍ନୀ ସ୍ୱରୂପ କ୍ଷମା କରିଛନ୍ତି । କବିଙ୍କ ନୈତିକ ସ୍ଖଳନର ସ୍ୱୀକାରୋକ୍ତିରେ ପରଶମଣି ବିନା ଦ୍ୱିଧାରେ କହିଛନ୍ତି, "ତୁମେ ଯାହା କରିଥାଅ ପଛେ, ତୁମେ ପରା ମୋର ସ୍ୱାମୀ, ମୋର ଦେବତା । ତୁମେ ଥିଲେ ମୋର ସବୁ ଅଛି । ମୁଁ ଆଉ ତୁମକୁ କିଛି କହିବିନି । ମୋତେ କ୍ଷମା କର ।" (ପୃଷ୍ଠା-୧୩୬) ପତିଭକ୍ତା ନାରୀର ଚରିତ୍ର ଚିତ୍ରଣରେ ନାଟ୍ୟକାର କେବଳ ପରଶମଣିଙ୍କୁ ନୁହେଁ ଉଭୟଙ୍କୁ ଦେଇଛନ୍ତି ସମ୍ମାନ । କିନ୍ତୁ ରାଧାନାଥଙ୍କ ଦୁଃଖ ଓ ଅନୁତାପ ତାଙ୍କୁ ଅସହ୍ୟ କରିଛି । ସାମାଜିକ କଳଙ୍କ, ପାରିବାରିକ ଅଶାନ୍ତି ଓ ସାହିତ୍ୟିକ ମର୍ଯ୍ୟାଦା କ୍ଷୁଣ୍ଣ ତାଙ୍କୁ କରିଛି ପୁନଶ୍ଚ ବିଷାଦଗ୍ରସ୍ତ । ବାରମ୍ବାର ଅନୁଶୋଚନାରେ ଦଗ୍ଧ ହେଇ ନଗେନ୍ଦ୍ରବାଳାଙ୍କୁ କଳଙ୍କିନୀ, ରାକ୍ଷସୀ, କୁହୁକିନୀ ସଂବୋଧନ କରିଛନ୍ତି କବି । କେବଳ ଏତିକି ନୁହେଁ ଜନସାଧାରଣଙ୍କ ନିକଟରେ ପାପ ସ୍ୱୀକାର କରି ଓଡ଼ିଶାର ସବୁ ସାହିତ୍ୟିକଙ୍କଠାରୁ କ୍ଷମା ଚାହିଁ ପତ୍ର ଲେଖିଛନ୍ତି କବି । ନଗେନ୍ଦ୍ରବାଳାଙ୍କ ନିକଟରେ ସବୁ କିଛିକୁ ଜଳାଞ୍ଜଳି ଦେଇଥିବା କବି ନିଜକୁ ପାଷାଣ୍ଡ, ଅଧମ ଭାବୁଥିଲେ

Digitized by srujanika@gmail.com

ମଧ୍ୟ ତାଙ୍କ ତ୍ୟାଗ ଓ ପ୍ରେମକୁ ସ୍ମରଣ କରି ଭାବୁଛନ୍ତି, ସତରେ ଜନତାର ଦରବାରରେ ନିଜକୁ ଦୋଷମୁକ୍ତ କରିବାକୁ ଯାଇ ନିରୀହ ବାଳିକାଟି ଉପରେ କଳଙ୍କର ବୋଝ ଲଦି କିପରି ଅର୍ଜୁଛି ଅନ୍ୟ ଏକ ମହାପାପ। ନାଟକର ମହାନାୟକଙ୍କ ଚରିତ୍ରର ଉଭୟ ଗୁଣାଦର୍ଶ ପ୍ରତି ନାଟ୍ୟକାରଙ୍କ ଭାବାବେଗ ପ୍ରକାଶ ପାଇବା ସହିତ ପରିସ୍ଥିତି କିପରି ମଣିଷକୁ ନିରୂପାୟ କରିଦିଏ ତା'ର ଦେଇଛନ୍ତି ଜ୍ୱଳନ୍ତ ପ୍ରମାଣ। ଜୀବନର ଚଲାପଥରେ ଚୋରାବାଲିର ପ୍ରଭାବ ଯେ କେତେ ଭୟଙ୍କର ତା'ର ନମୁନା ରାଧାନାଥଙ୍କର ଶେଷ ସମୟର ବ୍ୟତିବ୍ୟସ୍ତ ଜୀବନରେ ପରିଦୃଷ୍ଟ। ନାଟ୍ୟକାର ନାଟକର କାଳଗତ, ସ୍ଥାନଗତ ଓ ଘଟଣାଗତ ଐକ୍ୟକୁ ଗୁରୁତ୍ୱ ଦେଇ ଏଥିରେ ଯଥାର୍ଥ ଶ୍ଳେଷ ପ୍ରୟୋଗ କରିଥିବାରୁ ଏହା ଦର୍ଶକ ମନରେ ଉଭୟ କୌତୂହଳ ଓ ବେଦନା ସୃଷ୍ଟି କରିପାରିଛି। ସରସ୍ୱତୀ ନଗେନ୍ଦ୍ରବାଳାକୁ ପଢ଼ିଲେ ବା ମଞ୍ଚରେ ଦେଖିଲେ ନାଟ୍ୟକାରଙ୍କ ବକ୍ତବ୍ୟକୁ ସ୍ପଷ୍ଟ ଜାଣିହୁଏ। ଜୀବନ ଚେତନା ଏହାର ପ୍ରାଣ। ଏଣୁ ଜୀବନାନୁସଂଧାନ ନାଟ୍ୟକାରଙ୍କର ଉଦ୍ଦେଶ୍ୟ ବୋଲି ଉପଲବ୍ଧି କରିହୁଏ।

ଦ୍ୱାଦଶ ଦୃଶ୍ୟରେ ଅନୁତପ୍ତ ରାଧାନାଥଙ୍କୁ ସମବେଦନା ଜଣାଇଛନ୍ତି ସାହିତ୍ୟିକ ଓ ସୁସଂପାଦକ ବିଶ୍ୱନାଥ କର। ଉଭୟଙ୍କ କଥୋପକଥନ ପାଠକ ଓ ଦର୍ଶକଙ୍କୁ ପୁନଃରାୟ ଓଡ଼ିଶାର ସାହିତ୍ୟିକ ବାତାବରଣକୁ ମନେପକାଇଦିଏ। ବିଶ୍ୱନାଥଙ୍କ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ କବିଙ୍କୁ ସବଳ କରାଏ। ମର୍ଯ୍ୟାଦାବନ୍ତ ରାଧାନାଥଙ୍କ 'ନିବେଦନ' ଓ 'ସତୀ ପ୍ରତି ସତୀ ଦ୍ରୋହୀ ପତିର ଉକ୍ତି' କବିତା ଦୁଇଟି ଯେ କବିଙ୍କ ଅନୁତାପ ଜର୍ଜରିତ ହୃଦୟର ବାର୍ତ୍ତା ବ୍ୟତୀତ ଅନ୍ୟ କିଛି ନୁହେଁ, ବିଶ୍ୱନାଥଙ୍କ ବକ୍ତବ୍ୟରେ ଏହା ସ୍ପଷ୍ଟ। ବିଶ୍ୱନାଥ ପ୍ରେରଣା ଦେଇ କହିଛନ୍ତି: "ଆପଣ ଆଉ ସେସବୁ ନେଇ ଚିନ୍ତା କରନ୍ତୁ ନାହିଁ। ଚିନ୍ତାଗ୍ରସ୍ତତା ଆପଣଙ୍କ ସୃଜନ ଶକ୍ତିକୁ ନଷ୍ଟ କରିଦେବ। ଯାହାଫଳରେ ଓଡ଼ିଆ ସାହିତ୍ୟ ଘୋର କ୍ଷତିଗ୍ରସ୍ତ ହେବ। ଆପଣ ତ ଯଥେଷ୍ଟ ଅନୁତାପ କରିଛନ୍ତି।" (ପୃଷ୍ଠା-୧୪୦) ବିଶ୍ୱନାଥଙ୍କ ସହୃଦୟତାକୁ ଅନୁଭବି ପାରିଥିଲେ ହେଁ କବି ଘୋର ଗ୍ଳାନି ମଧ୍ୟରେ ତାଙ୍କୁ ପଚାରି ଦେଇଛନ୍ତି- ଆପଣଙ୍କର ମୋ ପ୍ରତି ଘୃଣା ଭାବ ନାହିଁ ତ? ବିଚାରବନ୍ତ ବିଶ୍ୱନାଥଙ୍କ ଉପଯୁକ୍ତ ସଂଳାପ: "ନା, ନା, ଏହା କ'ଣ କେବେ ସମ୍ଭବ? ପୁଣି ମୋ ପରି ଜଣେ ପ୍ରତିଭାପୂଜକ ପକ୍ଷରେ? ମଣିଷ ପରିସ୍ଥିତିର ଦାସ। ଆପଣ କିପରି ଅତିକ୍ରମ କରିପାରିଥାନ୍ତେ ପରିସ୍ଥିତିକୁ। ଏପରି ପରିସ୍ଥିତିରେ କେତେ ବୃଦ୍ଧ, ମୁନିଋଷି ତ ପଥଭ୍ରଷ୍ଟ ହୋଇଯାଇଛନ୍ତି। ସୁନ୍ଦରୀ ତରୁଣୀର ଆକର୍ଷଣ ତ ଯୁଗେ ଯୁଗେ ଅପ୍ରତିରୋଧ୍ୟ। ଏଇ କଥାଟି ହୃଦୟ ଭିତରେ ଚିନ୍ତା କଲେ, କେଡ଼େ ନିଷ୍ପ୍ରଭ କେଡ଼େ ମଳିନ ଦିଶୁଛି ଆପଣଙ୍କ ସ୍ଖଳନ।" (ପୃଷ୍ଠା-୧୪୧) ବିଶ୍ୱନାଥଙ୍କ ଉତ୍ସାହ ରାଧାନାଥଙ୍କୁ କେବଳ ପ୍ରେରଣା ଦେଇନାହିଁ କରିଛି ଆଶ୍ୱସ୍ତ ମଧ୍ୟ। ଏଣୁ, ପୁନଃରାୟ ସେ କାବ୍ୟସାଧନାରେ ମନୋନିବେଶ କରି ଉତ୍କଳ ଜନନୀଙ୍କ ରତ୍ନଭଣ୍ଡାରକୁ କରିଛନ୍ତି ସମୃଦ୍ଧ। ବିଶ୍ୱନାଥଙ୍କ ନିଶ୍ଚିତବାଣୀ, 'ଆପଣଙ୍କ ବ୍ୟକ୍ତିପୁରୁଷ ଅପେକ୍ଷା

Digitized by srujanika@gmail.com

କାବ୍ୟପୁରୁଷ ହିଁ ସମସ୍ତଙ୍କୁ ଅଧିକ ଭାବେ ମୋହାଚ୍ଛନ୍ନ କରି ରଖିଛି' କବିଙ୍କୁ ଦେଇଛି ଅମାପ ଆନନ୍ଦ।

'ସରସ୍ୱତୀ ନଗେନ୍ଦ୍ରବାଳା'ର ଶେଷ ଦୃଶ୍ୟରେ ଯଥାର୍ଥ ନାଟକୀୟତା ଲକ୍ଷଣୀୟ। ରାତିର ନିସ୍ତବ୍‌ଧ ପ୍ରହରରେ ସ୍ୱପ୍ନାଚ୍ଛନ୍ନ ଅବସ୍ଥାରେ କବି ଶୂନ୍ୟକୁ ଚାହିଁ ରହିଥିବା ବେଳେ ନଗେନ୍ଦ୍ରବାଳାଙ୍କ କବିତା ଆବୃତ୍ତିର କଣ୍ଠସ୍ୱର ତାଙ୍କୁ କରିଛି ମୋହାବିଷ୍ଟ। ନିଜକୁ ପାପୀ, ବିଶ୍ୱାସଘାତକ, ନରାଧମ, ରାକ୍ଷସ ଓ ଦୟାମାୟାହୀନ ମଣିଷ ଭାବରେ ସଂବୋଧନ କରି କ୍ଷମା ପ୍ରାର୍ଥନା କରିଛନ୍ତି ନଗେନ୍ଦ୍ରବାଳାଙ୍କ ନିକଟରେ। ବାରମ୍ବାର କହିବାରେ ଲାଗିଛନ୍ତି, "କି ନିର୍ମମ ପ୍ରତାରଣା କରିଛି ମୁଁ ତୁମ ସହିତ। ନିଜକୁ ଲୋକନିନ୍ଦାରୁ ବଞ୍ଚାଇବାକୁ ଯାଇ ତୁମର ପବିତ୍ର ପ୍ରେମକୁ ଅସୁରୀର ମାୟା ବୋଲି ପ୍ରଚାର କରି ଯେଉଁ ଅନ୍ୟାୟ କରିଛି ତାହା କ୍ଷମଣୀୟ ନୁହେଁ। ଧର୍ମପତ୍ନୀଙ୍କ ରୋଷ ଓ ଉପରିସ୍ଥଙ୍କ ବିଷଦୃଷ୍ଟିରୁ ରକ୍ଷା ପାଇଁ ମୁଁ ଜଘନ୍ୟ ମିଥ୍ୟାଚାରର ଆଶ୍ରୟ ନେଇଛି। ଭାବମୂର୍ତ୍ତି ଉଜ୍ଜ୍ୱଳ ଉଦ୍ଦେଶ୍ୟରେ ମୁଁ କରିଥିବା ଘୃଣ୍ୟ ସ୍ୱାର୍ଥପରତାକୁ ମୋ ଅନ୍ତରାତ୍ମା କ୍ଷମା କରିବ ନାହିଁ।" ଏହା ହିଁ ଯଥାର୍ଥରେ ରାଧାନାଥଙ୍କ ଚରିତ୍ରର ବୈଶିଷ୍ଟ୍ୟ। ପାଶ୍ଚାତ୍ୟ ସାହିତ୍ୟରୁ ଗ୍ରହଣ କରିଥିବା ଉପାଦାନ ଓ ପାଠ୍ୟପୁସ୍ତକ ନିର୍ବାଚନରେ ନିଜ ଭୂମିକା ସଂପର୍କରେ ସେ ଯେମିତି ସ୍ୱୀକାରୋକ୍ତି ଦେଇଥିଲେ ସେହିପରି ନଗେନ୍ଦ୍ରବାଳାଙ୍କ ଛାୟାମୂର୍ତ୍ତି ସମ୍ମୁଖରେ ମଧ୍ୟ ନିଜ ଭୁଲକୁ କରିଛନ୍ତି ସ୍ୱୀକାର। 'ସରସ୍ୱତୀ ନଗେନ୍ଦ୍ରବାଳା'ର ଶେଷ ଦୁଇଟି ସଂଳାପ ନଗେନ୍ଦ୍ରବାଳା ଓ ରାଧାନାଥଙ୍କ ଉକ୍ତି ପ୍ରତ୍ୟୁକ୍ତିରେ ହୋଇପାରିଛି ହୃଦୟସ୍ପର୍ଶୀ। ନାୟକ ନାୟିକାଙ୍କ ବ୍ୟଥା ବିଧୁର ପ୍ରାଣର ଉଚ୍ଚାରଣ ପାଠକ/ ଦର୍ଶକ କେବଳ ପାଉନାହାଁନ୍ତି ଶୁଣି ପାରୁଛନ୍ତି କ୍ରନ୍ଦନରତ ଆତ୍ମାର ସ୍ୱର। ଏହା ହିଁ ନାଟକକୁ ଆଣି ଦେଇଛି ଯଥାର୍ଥ ସଫଳତା।

ସର୍ବୋପରି ନାଟକରେ ରାଧାନାଥଙ୍କର ପ୍ରେମକୁ ନାଟ୍ୟକାର କଳଙ୍କ ଦୃଷ୍ଟିରେ ଦେଖି ନାହାଁନ୍ତି। ସେହିପରି କବିଙ୍କର ନଗେନ୍ଦ୍ରବାଳା ଓ ତାଙ୍କ ପ୍ରେମ ପ୍ରତି ଅସମ୍ମାନ ପ୍ରଦର୍ଶନକୁ ମଧ୍ୟ ସ୍ୱୀକାର କରିପାରି ନାହାଁନ୍ତି। ତେଣୁ ବିଶ୍ୱନାଥଙ୍କ ଚରିତ୍ର ମାଧ୍ୟମରେ ଏ ପ୍ରେମକୁ ଜଣାଇଛନ୍ତି ସମ୍ମତି। ରାଧାନାଥଙ୍କ ଭଳି ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କୁ ସମ୍ମାନ ଜଣାଇ ନାଟକର ଶେଷ ଦୃଶ୍ୟରେ ନଗେନ୍ଦ୍ରବାଳାଙ୍କ ଆତ୍ମାର ପରିକଳ୍ପନା ଏବଂ ତା' ନିକଟରେ କ୍ଷମା ପ୍ରାର୍ଥନା ମାଧ୍ୟମରେ ନାଟ୍ୟକାର ଶୁଣାଇଛନ୍ତି ନିଜର ମର୍ମବାଣୀ।

ବିଶ୍ୱଭାରତୀ, ଶାନ୍ତିନିକେତନ
ପିନ୍ ନଂ -୭୩୧୨୩୫ (ପଶ୍ଚିମବଙ୍ଗ)

Digitized by srujanika@gmail.com

ଚରିତ ନାଟକ 'ଭାରତୀ କୁନ୍ତଳା'

ପ୍ର. ସବିତା ପ୍ରଧାନ

କୁନ୍ତଳାକୁମାରୀ ଜଣେ ବିଦୁଷୀ, ପ୍ରତିଭାମୟୀ ଜନନେତ୍ରୀ ଥିଲେ। ତାଙ୍କର ପାଣ୍ଡିତ୍ୟ ଓ କବିତ୍ୱ ଉତ୍କଳର ଜନମାନସକୁ ଯେତିକି ଆଲୋଡ଼ିତ କରିଥିଲା ସେହି ପରିମାଣରେ ତାଙ୍କର କରୁଣା, ସହାନୁଭୂତି, ସମବେଦନା, ଉଦାରତା, ବଦାନ୍ୟତା ଲୋକଙ୍କୁ କରିଥିଲା ଉପକୃତ। ତାଙ୍କର କବିତ୍ୱ ହେଉ ଅଥବା ତାଙ୍କର ଦେଶ, ଜାତି, ଭାଷା ସର୍ବୋପରି ଉତ୍କଳପ୍ରୀତି, ପ୍ରତ୍ୟେକ ଓଡ଼ିଶାବାସୀଙ୍କ ହୃଦୟରେ ଝଂକୃତ କରିଥିଲା ଜାତିପ୍ରୀତି। ପ୍ରତ୍ୟେକ ଉତ୍କଳୀୟ ହୃଦୟରେ ନିନାଦିତ ହେଉଥିଲା ଦେଶପ୍ରେମର ଦୁନ୍ଦୁଭି। ଗୋଟିଏ ଦିଗରେ ଏହି ମହୀୟସୀ ମହିଳାଙ୍କ ଅଭୂତପୂର୍ବ ନିଷ୍ଠା, ଏକାଗ୍ରତା ଓ ସେବା ମନୋବୃତ୍ତି ଅନ୍ୟ ଦିଗରେ ତାଙ୍କର କଣ୍ଟକିତ, ବ୍ୟଥାଭରା ବ୍ୟର୍ଥ ଜୀବନର ଅଶ୍ରୁଳ କାହାଣୀ। ତାଙ୍କର ସାହିତ୍ୟିକ ଓ ଜାତୀୟ ଜୀବନର ତୁଙ୍ଗିମା ଏବଂ ବ୍ୟକ୍ତିଜୀବନ ତଥା ପାରିବାରିକ ଜୀବନର ବିଫଳତା ଯେ କୌଣସି ସର୍ଜନଶୀଳ ସାହିତ୍ୟ ରଚନାକୁ ଉତ୍ସାହିତ କରେ। ଫକୀର ମୋହନ ସଂଖ୍ୟାଧିକ ଗଳ୍ପ ରଚନା କରିଥିଲେ ହେଁ 'ରେବତୀ' ଗଳ୍ପ କାଳଜୟୀ ହେଇ ଉଠିଲା ତା'ର କାରୁଣ୍ୟ ନିମନ୍ତେ। ଏହି କାରୁଣ୍ୟ ହିଁ ପାଠକୀୟ ଆବେଦନର ମୁଖ୍ୟ କାରଣ, ରେବତୀ'ର ମୃତ୍ୟୁ ପରେ ମଧ୍ୟ ୧୮୯୮ରୁ ବର୍ତ୍ତମାନ ପର୍ଯ୍ୟନ୍ତ ତାକୁ ଜୀବିତ ରଖିବାର କାରଣ ଓ ରେବତୀର ଧାରା ଅଦ୍ୟାବଧି ପ୍ରଲମ୍ବିତ ହେବାର କାରଣ। ଯେ କୌଣସି ମହାପୁରୁଷ, ଜନନାୟକଙ୍କ ଜୀବନଗାଥାକୁ ନେଇ ରଚିତ ହୋଇପାରେ ଜୀବନ ଚରିତ୍ ମାତ୍ର ଏକ ଉପନ୍ୟାସ, ନାଟକ ଅଥବା ଗଳ୍ପଟିଏ ରଚନା କରିବା ପାଇଁ ଆବଶ୍ୟକ ପାଠକୀୟ ଆବେଦନ ଜନ୍ମାଇ ପାରୁଥିବା ପ୍ରେମ-ପ୍ରଣୟଜନିତ ଭାବାବେଗ, ତାରୁଣ୍ୟର ଉଚ୍ଛଳତା ଅଥବା ବେଦନାସିକ୍ତ, ବ୍ୟଥାଭରା ଘଟଣାବଳୀ ପରି ଉପାଦାନ। କୁନ୍ତଳାଙ୍କ ଜୀବନ ସେହିପରି ଦୁଃଖଦ ଓ ମର୍ମସ୍ପର୍ଶୀ।

ଆତ୍ମଜୀବନୀ ସାଧାରଣତଃ ଯେ କୌଣସି ବ୍ୟକ୍ତି ଲେଖିପାରେ, ସେ ବିଶିଷ୍ଟ ହୋଇପାରେ ନହୋଇପାରେ। ମାତ୍ର ଜୀବନୀ କୌଣସି ମହାପୁରୁଷ, ବିଶିଷ୍ଟ ବ୍ୟକ୍ତି ଅଥବା ଉଲ୍ଲେଖନୀୟ ବ୍ୟକ୍ତିତ୍ୱ ଉପରେ ଲେଖାଯାଇଥାଏ। ସମାଜକୁ ନେତୃତ୍ୱ ଦେଇଥିବା ଅଥବା ଆଦର୍ଶ ସ୍ଥାନୀୟ ବ୍ୟକ୍ତିଙ୍କ ଉପରେ ଲେଖାଯାଇଥାଏ ଜୀବନୀ। ଅପରପକ୍ଷରେ ସମାନ

Digitized by srujanika@gmail.com

ଉଦ୍ଦେଶ୍ୟରେ ଚରିତ ଉପନ୍ୟାସ ଓ ଚରିତ ନାଟକ ଏହିପରି ଦୃଷ୍ଟାନ୍ତ ସୃଷ୍ଟିକାରୀ ବ୍ୟକ୍ତି ଉପରେ ଲେଖାଯାଇଥାଏ। ଆତ୍ମଜୀବନୀ ଓ ଜୀବନୀ ଆଦି ବ୍ୟକ୍ତିର ଉଲ୍ଲେଖନୀୟ ସତ୍ୟ ଘଟଣା ଆଧାରିତ। ଚରିତ ଉପନ୍ୟାସ ତଥା ଚରିତ ନାଟକରେ ମଧ୍ୟ ବ୍ୟକ୍ତିଜୀବନର ଉଲ୍ଲେଖନୀୟ ସତ୍ୟ ଘଟଣା ଉପରେ ଗୁରୁତ୍ୱ ଆରୋପ କରାଯାଇଥାଏ। ତେବେ ଆତ୍ମଜୀବନୀ ଓ ଜୀବନୀରେ ଲେଖକ ନିଜ ଇଚ୍ଛାନୁସାରେ ଘଟଣାର ଉଲ୍ଲେଖ କରିଥାଏ ଅଥବା ବାଦ୍ ଦେଇଥାଏ। ଉପନ୍ୟାସ ଓ ନାଟକରେ ଲେଖକ ଅନେକ ପରିମାଣରେ ନିଜ ଇଚ୍ଛାନୁସାରେ ଚୟନ କରୁଥିଲେ ହେଁ ସାହିତ୍ୟିକ ଆବେଦନ ପ୍ରତି ଯତ୍ନଶୀଳ ହୋଇ ତଦନୁରୂପ ଘଟଣା ନିର୍ବାଚନ କରିଥାଏ। ଆତ୍ମଜୀବନୀ ଓ ଜୀବନୀରେ କିଛି ଘଟଣା ଅନୁକ୍ତ ରହିପାରେ ବା ଗୁପ୍ତ ରଖାଯିବାର ପ୍ରୟାସ କରାଯାଇପାରେ। ଚରିତ ଉପନ୍ୟାସ ଓ ନାଟକରେ ଏହାର ଅବକାଶ ରହିଛି। ଏହା ସହିତ କାଳ୍ପନିକ ଚରିତ୍ର, ଘଟଣା ଓ ଦୃଶ୍ୟର ପରିକଳ୍ପନା କରାଯାଇ ଏହାକୁ ଅଧିକ ଚମତ୍କାର ଓ ରସଘନ କରିବାର ପ୍ରୟାସ ଲକ୍ଷ୍ୟ କରାଯାଏ। ଏହି ପରିପ୍ରେକ୍ଷୀରେ 'ଭାରତୀ କୁନ୍ତଳା' ଆଲୋଚ୍ୟ।

॥ ୧ ॥

ନାଟ୍ୟକାର ହରିଚନ୍ଦନଙ୍କ 'ଭାରତୀ କୁନ୍ତଳା' ନାଟକ ରଚନା ପ୍ରଚ୍ଛଦରେ ଦୁଇଟି କାରଣ ଉପସ୍ଥାପନ କରାଯାଇପାରେ। ନାଟ୍ୟକାର 'ନାଟକ ସଂପର୍କରେ' ଉଲ୍ଲେଖ କରିଛନ୍ତି ଯେ- "ଉତ୍କଳ ଭାରତୀ କୁନ୍ତଳାକୁମାରୀ ଓ ନଗେନ୍ଦ୍ରବାଳା ସରସ୍ୱତୀଙ୍କ ପରି ଦୁଇ ପ୍ରତିଭାମୟୀ, ମହୀୟସୀ, ପ୍ରେମଶୀଳା ନାରୀଙ୍କ ବେଦନାଦଗ୍ଧ ଜୀବନର ଆଲୋଡ଼ନ ଭରା କରୁଣ କାହାଣୀ ବହୁବର୍ଷ ଧରି ମୋ ହୃଦୟକୁ ଉଦ୍‌ବେଳିତ କରିଆସିଛି। ଏଇ ଉଦ୍‌ବେଳନକୁ ପାଠକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ମୋର ଏ ବିନମ୍ର ପ୍ରୟାସ।" ଦ୍ୱିତୀୟଟି ପ୍ରଥମ କାରଣଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ।

॥ ୨ ॥

ନାଟ୍ୟକାର ହରିଚନ୍ଦନ ବ୍ୟକ୍ତିଗତ ଭାବରେ କୁନ୍ତଳାକୁମାରୀଙ୍କ ବେଦନାଦଗ୍ଧ ଜୀବନର କାରୁଣ୍ୟକୁ ମର୍ମେ ମର୍ମେ ବାରମ୍ବାର ଉପଲବ୍ଧ କରିଛନ୍ତି। ଗୋଟିଏ ନାରୀର ଐକାନ୍ତିକ ଉତ୍ସର୍ଗୀକୃତ ପ୍ରେମ, ପ୍ରେମିକର ପ୍ରତ୍ୟାଖ୍ୟାନ, ଅନ୍ୟ ପୁରୁଷକୁ ବିବାହ କରିବା ଓ ଏକ ବିଫଳ ଦାମ୍ପତ୍ୟ ଜୀବନକୁ ଏକ ଆଦର୍ଶ ପତ୍ନୀ ଭାବେ ବୋହି ଚାଲିବାର ସହିଷ୍ଣୁତା ଓ ତତ୍‌ଜନିତ ବ୍ୟର୍ଥତା, ନୈରାଶ୍ୟ, ହାରି ଯାଇଥିବାର ମର୍ମଦାହକୁ ନାଟ୍ୟକାର ନିଜେ ଗଭୀର ଆନ୍ତରିକତାର ସହ ଅନୁଭବିଛନ୍ତି। ତେଣୁ ଏ ନାଟକ ରଚନା କୁନ୍ତଳାକୁମାରୀଙ୍କ ପ୍ରତି ତାଙ୍କର ସହୃଦୟତା ଓ ଗଭୀର ଶ୍ରଦ୍ଧାର ପ୍ରତୀକ ମାତ୍ର।

Digitized by srujanika@gmail.com

'ଭାରତୀ କୁନ୍ତଳା' ନାଟକଟି କୁନ୍ତଳାକୁମାରୀ ସାବତଙ୍କ ଜୀବନ ଗାଥା ଉପରେ ଆଧାରିତ। ଚକ୍ରଧର ମହାପାତ୍ରଙ୍କ ଦ୍ୱାରା ରଚିତ 'କୁନ୍ତଳା କୁମାରୀ ଜୀବନ ଚରିତ'କୁ ଭିତ୍ତିକରି ନାଟକର ପରିକଳ୍ପନା। କୁନ୍ତଳାକୁମାରୀଙ୍କ ଜୀବନ ଚରିତକୁ ଅନୁଧ୍ୟାନ କଲେ ମୁଖ୍ୟ ୪ଟି ଭାଗରେ ଏହାକୁ ବିଭକ୍ତ କରାଯାଇପାରେ। ୧୯୦୧ ଅର୍ଥାତ୍ ତାଙ୍କର ଜନ୍ମପର ଠାରୁ ୧୯୧୫ ପର୍ଯ୍ୟନ୍ତ ତାଙ୍କର ବର୍ମା ରହଣି। ଦ୍ୱିତୀୟରେ ୧୯୧୫ ଠାରୁ ୧୯୨୧ ପର୍ଯ୍ୟନ୍ତ ବିଦ୍ୟା ଅଧ୍ୟୟନ, ତୃତୀୟରେ ୧୯୨୧ରୁ ୧୯୨୮ ପର୍ଯ୍ୟନ୍ତ ତାଙ୍କର ଡାକ୍ତରୀ ଓ ସାହିତ୍ୟିକ ଜୀବନ ଏବଂ ଚତୁର୍ଥରେ ୧୯୨୮ରୁ ୧୯୩୮ ପର୍ଯ୍ୟନ୍ତ ଦିଲ୍ଲୀ ରହଣି। ୧୯୩୮ ମସିହାରେ ଏହି ମହାନ ଜୀବନର ମହାପ୍ରୟାଣ ଘଟିଥିଲା। ନାଟ୍ୟକାର କୁନ୍ତଳାଙ୍କ ଜୀବନର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ସଂପର୍କରେ ସୂଚନା ମାତ୍ର ଦେଇଛନ୍ତି ଯେଉଁଥିରୁ ତାଙ୍କର ଅତୀତ ଜୀବନର ପରିଚୟ ମିଳେ। ତାଙ୍କ ଜୀବନର ୧୯୨୧ ରୁ ୧୯୨୮ ପର୍ଯ୍ୟନ୍ତ ଓଡ଼ିଶାର ରହଣି ଓ ୧୯୨୮ରୁ ୧୯୩୮ ପର୍ଯ୍ୟନ୍ତ ଦିଲ୍ଲୀ ରହଣିକୁ ନେଇ ନାଟକଟି ରଚିତ। ନାଟକଟିରେ କୁନ୍ତଳାକୁମାରୀ ଓ ଶିକ୍ଷକ କୈଳାସ ରାଓଙ୍କ ଗଭୀର ପ୍ରେମ ସମ୍ପର୍କ, କୁନ୍ତଳାଙ୍କ ସାହିତ୍ୟିକ ଜୀବନର ଉଦ୍‌ଗାତା ଭାବେ କୈଳାସ ରାଓଙ୍କ ଭୂମିକା, ନନ୍ଦକିଶୋର ବଳ, ଗୋପାଳ ପ୍ରହରାଜ ଓ ଜୈନେନ୍ଦ୍ର କୁମାର ଆଦିଙ୍କ ସହ ତାଙ୍କର ସାହିତ୍ୟିକ ସଂପର୍କ, କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କ ସହ ତାଙ୍କର ପରିଚୟ ଓ ତାଙ୍କ ପ୍ରତି ପ୍ରେମଭାବ, ତାଙ୍କ ସହ ବୈବାହିକ ଜୀବନର ନାନା ଦୁଃଖ ଯନ୍ତ୍ରଣା ଓ ବ୍ୟର୍ଥତା ଆଦି ବିଷୟ ବର୍ଣ୍ଣିତ। ଶେଷ ଦୃଶ୍ୟରେ ପୁତ୍ର ସନ୍ତାନଟିକୁ ଜନ୍ମ ଦେବାପରେ କୃଷ୍ଣ ବ୍ରହ୍ମଚାରୀଙ୍କ ଭୁଲ ଚିକିତ୍ସାରେ ତାଙ୍କର ମୃତ୍ୟୁ ଘଟିଛି। ବିଷୟବସ୍ତୁକୁ ବିଶ୍ଳେଷଣ କଲେ ସ୍ପଷ୍ଟ ହୁଏ ଯେ ନାଟ୍ୟକାର କୁନ୍ତଳାଙ୍କ ଜୀବନର ତିନିଟି ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପ୍ରଥମତଃ କୁନ୍ତଳା ଓ କୈଳାସଙ୍କ ପ୍ରେମ-ପ୍ରଣୟ ଦ୍ୱିତୀୟରେ ତାଙ୍କର ସାହିତ୍ୟିକ ବା କବି-ପ୍ରତିଷ୍ଠା ତୃତୀୟରେ କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କ ସହ ବିବାହ ଜନିତ ବ୍ୟର୍ଥତା। ନାଟ୍ୟକାର ମୁଖ୍ୟତଃ କୁନ୍ତଳା କୁମାରୀଙ୍କ ପ୍ରେମିକା ରୂପଟିକୁ ପାଠକ ସମ୍ମୁଖରେ କରିଛନ୍ତି ଉଦ୍‌ଭାସିତ। କୁନ୍ତଳାକୁମାରୀ ମେଡ଼ିକାଲ ସ୍କୁଲରେ ପଢ଼ିବା ବେଳେ ଗମ୍ଭୀର ସ୍ୱଭାବର, ରକ୍ଷ ବ୍ୟକ୍ତିତ୍ୱ ସଂପନ୍ନ କ୍ରୋଧୀ ଶିକ୍ଷକ କୈଳାସ ରାଓଙ୍କୁ ଜାଣିଥିଲେ। ମାତ୍ର ଗୋଟିଏ ବର୍ଷଣମୁଖର ଅପରାହ୍ନରେ ବର୍ଷାରୁ ରକ୍ଷା ପାଇବା ପାଇଁ ତାଙ୍କ ଗାଡ଼ିରେ ବାମପାର୍ଶ୍ୱରେ ବସି ବାମାଙ୍ଗୀ ହୋଇଯିବା ବିଷୟଟି କୈଳାସ ରାଓ କହିବା ପରେ କୁନ୍ତଳା ମନ ପ୍ରାଣରେ ତାଙ୍କୁ ସ୍ୱାମୀ ଭାବରେ ଗ୍ରହଣ କରିନେବାରେ ଭାବାବେଗର ଓ ତାରୁଣ୍ୟର ଉଚ୍ଛଳତା ପ୍ରକାଶିତ। ଏଇ ଭାବ ତାଙ୍କୁ ଦୀର୍ଘ ସାତବର୍ଷ ଧରି ନାନା ଭାବରେ ଉତ୍ସାହିତ, ଉଦ୍‌ବୁଦ୍ଧ ଓ ସମୃଦ୍ଧ କରିଛି। ସେହିପରି ଏହା ତାଙ୍କ ଜୀବନ ମଧ୍ୟକୁ ଆହ୍ୱାନ କରିଛି ବିପର୍ଯ୍ୟୟ ଓ ବିଫଳତା। କୁନ୍ତଳାଙ୍କର କୈଳାସଙ୍କ ପ୍ରତି ଏକନିଷ୍ଠ

Digitized by srujanika@gmail.com

ପ୍ରେମ, ତାଙ୍କୁ ପାଇବାର ବ୍ୟାକୁଳତା, ନପାଇବାର ହତାଶା ଓ ନୈରାଶ୍ୟକୁ ପ୍ରକାଶ କରିବା ପାଇଁ ଖୁବ୍ ସଂକ୍ଷିପ୍ତ ପରିସର ମଧ୍ୟରେ ଯଥାସାଧ୍ୟ ଚେଷ୍ଟା କରିଛନ୍ତି ନାଟ୍ୟକାର। କୁନ୍ତଳାଙ୍କର ଜାତି, ଧର୍ମ ଓ ସମାଜର ଅନୁଶାସନକୁ ଭାଙ୍ଗିଦେଇ କୈଳାସଙ୍କୁ ବିବାହ କରିବାର ଇଚ୍ଛା ଯେତେ ପ୍ରବଳ ସେତିକି ପରିମାଣରେ ଦ୍ୱନ୍ଦ୍ୱ ଓ ଦ୍ୱିଧାଗ୍ରସ୍ତ କୈଳାସ ରାଓ। ବୟସରେ ୧୫ ବର୍ଷ ବଡ଼ କୈଳାସ ରାଓ ଥିଲେ ବିବାହିତ ଓ ଦୁଇଟି ସନ୍ତାନର ଜନକ। ଏକ ପକ୍ଷରେ କୁନ୍ତଳାଙ୍କ ପ୍ରତି ତାଙ୍କର ଏକ ଅପୂର୍ବ ମୁଗ୍ଧଭାବ, ଅପାର୍ଥିବ ଶାଶ୍ୱତ ପ୍ରେମ (?) ଅନ୍ୟ ପକ୍ଷରେ ପରିବାର, ସମାଜ ଓ ଧର୍ମର ଦୃଢ଼ ଅନୁଶାସନ। ନାଟକର ପ୍ରକୃତ ଆତ୍ମା ବା ନାଟକୀୟ ଦ୍ୱନ୍ଦ୍ୱର ବୀଜ ରୋପଣ କରାଯାଇଛି ଏହି କ୍ଷେତ୍ରରେ। କୁନ୍ତଳାଙ୍କ ପ୍ରେମ ନିବେଦନ ଓ ବ୍ୟାକୁଳତା ଏବଂ କୈଳାସ ରାଓଙ୍କର ବାରମ୍ବାର ଅସହାୟ ଭାବେ ପଶ୍ଚାତପଦ ହିଁ ନାଟକର ଆତ୍ମା ବା ପ୍ରାଣ। ନାଟ୍ୟକାର ଉଭୟଙ୍କ ମଧ୍ୟରେ ଥିବା ପ୍ରେମ-ପ୍ରଣୟର ଯଥାସାଧ୍ୟ ଜୀବନ୍ତ ରୂପାୟଣ କରିବାକୁ ଚେଷ୍ଟା କରିଛନ୍ତି। ତେଣୁ ନାଟ୍ୟକାର କୈଳାସ ଓ କୁନ୍ତଳା ଚରିତ୍ରକୁ ଗ୍ରହଣ କରି ତିନୋଟି ଦୃଶ୍ୟର ଅବତାରଣା କରିଛନ୍ତି। ପ୍ରତ୍ୟେକ ଦୃଶ୍ୟରେ କୁନ୍ତଳାଙ୍କର ପ୍ରେମଭାବର ପରିପ୍ରକାଶ ଓ କୈଳାସଙ୍କର ନିଜ ପ୍ରଣୟର ସ୍ୱୀକାରୋକ୍ତି ସହିତ ଅସହାୟତା ଓ ଉପାୟଶୂନ୍ୟତା ବ୍ୟକ୍ତ। ଏହା ମାଧ୍ୟମରେ ଦୁଇଟି ଚରିତ୍ର ମଧ୍ୟରେ ଥିବା ପ୍ରଣୟ ବିଷୟ ଉଲ୍ଲେଖ କରିବା ସହିତ କୁନ୍ତଳାଙ୍କର କୈଳାସଙ୍କ ପ୍ରତି ଥିବା ପ୍ରେମକୁ ଦେଶପ୍ରୀତି, ଜନସେବା ଓ ସାହିତ୍ୟ-ପ୍ରୀତିରେ ରୂପାନ୍ତରିତ କରିବାର ଚେଷ୍ଟା ପ୍ରକାଶିତ। ବାସ୍ତବରେ କୈଳାସ ରାଓ କୁନ୍ତଳାଙ୍କର ସାହିତ୍ୟିକ ସେବାରେ ତାଙ୍କୁ ପ୍ରବର୍ତ୍ତାଇ ତାଙ୍କର ଆବେଗକୁ ଓ ପ୍ରତିଭାକୁ ଶୀର୍ଷଦେଶରେ ପହଞ୍ଚାଇବା ନିମନ୍ତେ ନିୟନ୍ତ୍ରଣ କରୁଥିଲେ। ଏ ବିଷୟଟି ଚକ୍ରଧରଙ୍କ ଜୀବନୀରେ ଗୁରୁତ୍ୱ ସହକାରେ ବର୍ଣ୍ଣିତ। କୈଳାସ ରାଓ, କୁନ୍ତଳାଙ୍କ ଜୀବନରେ ପ୍ରଣୟୀ ଥିଲେ, ସ୍ୱାମୀ ଭାବରେ ତାଙ୍କ ଜୀବନ ମଧ୍ୟକୁ ଆସି ପାରୁନଥିଲେ ଏବଂ କୁନ୍ତଳାଙ୍କର ତତ୍‌ଜନିତ ବ୍ୟଗ୍ରତା, ଉଦ୍‌ବେଗ ଓ ବ୍ୟାକୁଳତାକୁ ସେ ଦେଶପ୍ରୀତି, ଜନହିତକର କାର୍ଯ୍ୟ ଓ ସାହିତ୍ୟ ରଚନାରେ ସମାହିତ କରିଥିଲେ। ସେ ଥିଲେ କୁନ୍ତଳାଙ୍କର ସାହିତ୍ୟିକ ଜୀବନର ଉତ୍ସ, ଆଧାର ଓ ପ୍ରେରଣା। ତାଙ୍କର ପୁସ୍ତକ ପ୍ରକାଶନ ଓ ପ୍ରତିଷ୍ଠା ପାଇଁ ସେ ସତତ ଚେଷ୍ଟିତ ଥିଲେ। ଏ ବିଷୟକୁ ଅତ୍ୟନ୍ତ ଯତ୍ନର ସହିତ ନାଟ୍ୟକାର ବିଷୟବସ୍ତୁ ମଧ୍ୟରେ ସଂଯୋଜିତ କରିଛନ୍ତି। କୁନ୍ତଳାଙ୍କର ବିବାହ କରି ସୌଭାଗ୍ୟବତୀ ହେବାର, ସନ୍ତାନବତୀ ହେବାର ଓ ସାଂସାରିକ ଜୀବନକୁ ପୂର୍ଣ୍ଣପ୍ରାଣରେ ଉପଭୋଗ କରିବାର ପ୍ରଚଣ୍ଡ ବ୍ୟାକୁଳତାକୁ କୈଳାସ ରାଓ ଅତ୍ୟନ୍ତ ଯତ୍ନର ସହିତ ନିୟନ୍ତ୍ରଣ କରୁଥିଲେ, ସଂଯତ କରୁଥିଲେ ତାଙ୍କର ଭାବାବେଗର ପ୍ରଚଣ୍ଡ ପ୍ରବାହକୁ। କୁନ୍ତଳାଙ୍କର ସମସ୍ତ ଡାକ୍ତରୀବୃତ୍ତି, ଜନସେବା, ପରୋପକାର, ନାରୀଜାତିର ଉଦ୍ଧାର ନିମନ୍ତେ ଚିନ୍ତା, କବିତା ରଚନା, ବିଭିନ୍ନ

Digitized by srujanika@gmail.com

ବିଶିଷ୍ଟ ବ୍ୟକ୍ତିଙ୍କ ସହ ଦେଶ ଓ ଜାତି ଉଦ୍ଧାର ନିମନ୍ତେ ବିଚାର ଏବଂ କର୍ମ ସତ୍ତ୍ୱେ କୈଳାସ ରାଓଙ୍କୁ ସେ ମୁହୂର୍ତ୍ତକ ନିମନ୍ତେ ବିସ୍ମୃତ ହୋଇନାହାନ୍ତି। କୈଳାସଙ୍କୁ ନିୟମିତ ପତ୍ରଦେବା, ଚକ୍ରଧର, ବୈରାଗୀ ବାବୁ, ନଗେନ୍ଦ୍ର ବାନାର୍ଜୀଙ୍କଠାରୁ ସାହାଯ୍ୟ ଭିକ୍ଷା, ବ୍ରାହ୍ମସମାଜ, ଆର୍ଯ୍ୟସମାଜ, ମୁକ୍ତିମଣ୍ଡପ ଆଦିଠାରୁ ହିନ୍ଦୁତ୍ୱ ଗ୍ରହଣ କରିବାର ଅନୁମତି ନେବା ଓ କୈଳାସ ରାଓଙ୍କୁ ବିବାହ କରିବାର ପ୍ରବଳ ବାସନାରୁ କେବେ ହେଁ ନିବୃତ୍ତ ହୋଇନାହାନ୍ତି। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଶା ପରି ଏକ ସଂସ୍କୃତିସଂପନ୍ନ, ରକ୍ଷଣଶୀଳ ହିନ୍ଦୁ ସମାଜରେ ଜଣେ ଏକାକିନୀ ଅଳ୍ପ ବୟସର ଖ୍ରୀଷ୍ଟିଆନ୍ ମହିଳା କୈଳାସ ରାଓଙ୍କ ପରି ସଂସ୍କୃତିସଂପନ୍ନ, ହିନ୍ଦୁ, ରକ୍ଷଣଶୀଳ, ଖ୍ୟାତନାମା ତଥା ବିବାହିତ, ଦୁଇ ସନ୍ତାନର ଜନକଙ୍କୁ ବିବାହ କରିବାର ସ୍ୱପ୍ନ ଦେଖିବାରୁ ବିରତ ହୋଇନାହାନ୍ତି। ତାଙ୍କ ସାତ ବର୍ଷର ଡାକ୍ତରୀ, ସାହିତ୍ୟ ଓ ଜନସେବା ସତେ ଯେପରି ଥିଲା ସତୁରି ବର୍ଷର ଦୀର୍ଘ ତପସ୍ୟା, ସାଧନା ! କୈଳାସ ରାଓଙ୍କୁ ଏକମତ କରିବା, ଚକ୍ରଧରଙ୍କ ମାଧ୍ୟମରେ ତାଙ୍କ ପତ୍ନୀ ତୁଳସୀ ଦେବୀଙ୍କ ମନ ପରିବର୍ତ୍ତନ କରିବା, ବିଭିନ୍ନ ବ୍ୟକ୍ତିଙ୍କ ମାଧ୍ୟମରେ ବିବାହର ପଥ ସୁଗମ କରିବା ପରି ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବା ମଧ୍ୟରେ କୈଳାସ ରାଓଙ୍କ ପ୍ରତି ଏକାନ୍ତ ପ୍ରେମ ଓ ଆନୁଗତ୍ୟ ପ୍ରତିଫଳିତ। କୁନ୍ତଳାଙ୍କର କୈଳାସ ରାଓଙ୍କୁ ପାଇବାର ଯେତିକି ଥିଲା ପ୍ରବଳ ବାସନା, ଏକାତ୍ମ ହେବାର ତୀବ୍ର ଆକାଂକ୍ଷା, ବିବାହ କରିବାର ଉଦଗ୍ର କାମନା ସେହି ପରିମାଣରେ କୈଳାସ ରାଓ ଥିଲେ ସ୍ଥିର, ଦୃଢ଼, ଶାନ୍ତ ଓ ନିଜ ନିଷ୍ପତ୍ତିରେ ଅଟଳ। ସେ ନିଜ ପତ୍ନୀଙ୍କୁ ଅସହାୟ କରିବା, ପରିବାରର ପ୍ରତିଷ୍ଠାକୁ କ୍ଷୁଣ୍ଣ କରିବା, ଜାତି, ଧର୍ମ ବିରୋଧୀ ହେବା ବିପକ୍ଷରେ ଥିଲେ। ତେଣୁ ବାରମ୍ବାର କୁନ୍ତଳାଙ୍କୁ ଏହି କାରଣ ଦର୍ଶାଉଥିଲେ ଓ କୁନ୍ତଳାଙ୍କ ପ୍ରତି ତାଙ୍କ ପ୍ରଣୟ ଥିଲା ଏକ ପ୍ରକାରର ଶାନ୍ତ, ସ୍ନିଗ୍ଧ ନଦୀ ଧାରା ପରି। ସେ ଉପଲବ୍ଧ କରିପାରିଥିଲେ କୁନ୍ତଳାଙ୍କ ଆବେଗର ଅଲଂଘ୍ୟ ପ୍ରଚଣ୍ଡ ପ୍ରବାହ ସାଧାରଣ ଜୀବନଚର୍ଯ୍ୟାକୁ କରିଦେବ ଅସ୍ତବ୍ୟସ୍ତ। ଭାଗାବେଗର ଏ ଉତ୍ତାଳ ପ୍ରବାହ, ଉଚ୍ଛଳତାକୁ ନିୟନ୍ତ୍ରଣ କରୁଥିଲେ କୈଳାସ ରାଓ। ଏ ସମସ୍ତ ବିଷୟର ଏକ ସଂକ୍ଷିପ୍ତ ରୂପ ତୃତୀୟ, ପଞ୍ଚମ ତଥା ଅଷ୍ଟମ ଦୃଶ୍ୟରେ ବ୍ୟଞ୍ଜିତ। ନାଟକଟିରେ ଉତ୍କଣ୍ଠା ସଂଯୋଜନ ଓ ପ୍ରଲମ୍ବନର ଏକ ବିରାଟ ଅବକାଶ ରହିଥିଲେ ହେଁ ନାଟ୍ୟକାର କୁନ୍ତଳାଙ୍କର ପ୍ରଣୟ ନିମନ୍ତେ ଆତୁରତାକୁ ସେହି ପରିମାଣରେ ପ୍ରକାଶ କରିନଥିବାରୁ ଉତ୍କଣ୍ଠାର ତୀବ୍ରତାର ଉପଲବ୍ଧ କରିହୁଏ ନାହିଁ। ଜୀବନ ଚରିତ ମଧ୍ୟରେ କେତେକ କ୍ଷେତ୍ରରେ କୈଳାସ ରାଓଙ୍କର କୁନ୍ତଳାଙ୍କ ପ୍ରତି ଦୁର୍ବଳତା ସତ୍ତ୍ୱେ ଏକ ନିରାସକ୍ତ ବା ନିସ୍ପୃହଭାବ ଉଙ୍କିମାରେ। କୁନ୍ତଳାଙ୍କର ଅସାଧାରଣ ପ୍ରତିଭା ଓ ଦୁର୍ଲଂଘ୍ୟ ଆବେଗକୁ ସେ ସଂଯତ କରିବାକୁ ଚେଷ୍ଟା କରିଛନ୍ତି। କେବେ ନିଃସ୍ୱାର୍ଥପର ଭାବରେ କୁନ୍ତଳାଙ୍କୁ ଅନ୍ୟ କାହାରିକୁ ବିବାହ କରି ଏକ ମଧୁର ଦାମ୍ପତ୍ୟ ଜୀବନ ଅତିବାହିତ

Digitized by srujanika@gmail.com

କରିବାକୁ ପ୍ରବର୍ତ୍ତାଇ ନାହାନ୍ତି। ପ୍ରୋତ୍ସାହିତ କରିନାହାନ୍ତି- ଯେଉଁଥିରୁ କୈଳାସ ରାଓଙ୍କ ବ୍ୟକ୍ତିତ୍ୱର ଏକ ମହନୀୟ ଦିଗ ଉଦ୍‌ଭାସିତ ହୋଇଥାନ୍ତି।

॥ ୩ ॥

ନାଟକରେ କୈଳାସ ରାଓଙ୍କର ଅନ୍ତର୍ଦ୍ୱନ୍ଦ୍ୱକୁ ବଳିଷ୍ଠ କରିବାର ସୁଯୋଗ ଥିଲା। ବାସ୍ତବ ଜୀବନରେ କୁନ୍ତଳା ଓ କୈଳାସଙ୍କ ମଧ୍ୟରେ ପ୍ରାୟ ୧୯୨୬ ପର୍ଯ୍ୟନ୍ତ କୌଣସି ପ୍ରକାର ବିବାଦ ବା ମତଭେଦ ପରିଦୃଷ୍ଟ ହୁଏନାହିଁ। କିନ୍ତୁ ପରବର୍ତ୍ତୀ ସମୟର ବିବାଦକୁ ଦ୍ୱନ୍ଦ୍ୱ ଭାବରେ ଯଦି ବଳିଷ୍ଠ କରାଯାଇ ପାରିଥାନ୍ତା ତେବେ ନାଟ୍ୟମୂଲ୍ୟ ବୃଦ୍ଧି ପାଇଥାନ୍ତା। ମନେହୁଏ ନାଟ୍ୟକାର କୁନ୍ତଳାଙ୍କ ବ୍ୟକ୍ତିତ୍ୱ ଓ ଗୁଣମୁଗ୍ଧ। ସମାନ ପରିମାଣରେ ସେ କୈଳାସ ରାଓଙ୍କ ବ୍ୟକ୍ତିତ୍ୱରେ କୌଣସି ତ୍ରୁଟି ବା ଦୁର୍ବଳତା ଲକ୍ଷ୍ୟ କରିନାହାନ୍ତି ଅଥବା ଦର୍ଶାଇ ନାହାନ୍ତି। ଉଭୟଙ୍କ ପ୍ରତି ସମପରିମାଣରେ ଶ୍ରଦ୍ଧା ଓ ସମ୍ମାନ ପୋଷଣ କରୁଥିବାରୁ ନାଟକୀୟ ଦ୍ୱନ୍ଦ୍ୱ ନିମନ୍ତେ, ଯେଉଁ ଅପ୍ରଶସ୍ତ ସୁଯୋଗଟି ଥିଲା ତାହାକୁ ଉପଯୋଗ କରିପାରିନାହାନ୍ତି। ବ୍ୟକ୍ତିଭାବରେ ନାଟ୍ୟକାର ହରିଚନ୍ଦନ କୌଣସି ସାହିତ୍ୟ ପ୍ରତିଭାକୁ ବିଶେଷ ଭାବରେ ମୃତ୍ୟୁ ଉତ୍ତର ଉପରାନ୍ତ କୌଣସି ପ୍ରକାର ଅସମ୍ମାନ ବା ଅଶ୍ରଦ୍ଧା ପ୍ରଦର୍ଶନକୁ ଘୋର ବିରୋଧ କରିଥାନ୍ତି। ତେଣୁ କୁନ୍ତଳାଙ୍କ ସଂପର୍କରେ ସେ କୌଣସି ପ୍ରକାର ସୂଚନା ବା ଇଙ୍ଗିତ ମଧ୍ୟ ଦେଇନାହାନ୍ତି। ଯାହା ତାଙ୍କ ବ୍ୟକ୍ତିତ୍ୱକୁ କ୍ଷୁଣ୍ଣ କରିବ। ସେହିପରି ଏହି ସାଧାରଣ ନାରୀଟିକୁ ମହୀୟସୀ କରି ଗଢ଼ି ତୋଳିବାରେ ଯେଉଁ ବଳିଷ୍ଠ ବ୍ୟକ୍ତିତ୍ୱ କାର୍ଯ୍ୟ କରିଛି ତାହା ପ୍ରତି ବିରାଗ ପ୍ରଦର୍ଶନ କରିବାକୁ ହୋଇଛନ୍ତି କୁଣ୍ଠିତ। ତୁଳସୀ ଦେବୀ ଓ କୁନ୍ତଳା କୁମାରୀଙ୍କ ମଧ୍ୟରେ ପ୍ରଥମ ଦର୍ଶନଗତ କଳହ ଓ ଅପମାନ ଆଦିକୁ ନାଟ୍ୟକାର ଇଚ୍ଛାକୃତ ଭାବେ ଅଣଦେଖା କରିଛନ୍ତି। କୈଳାସ ରାଓଙ୍କର ବାରମ୍ବାର କୁନ୍ତଳାଙ୍କ ପ୍ରେମକୁ ନିଷ୍ଠୁର ଭାବେ ପ୍ରତ୍ୟାଖ୍ୟାନ କରି ତାଙ୍କ ପ୍ରଣୟ ପ୍ରତି ଶିଥିଳତା ପ୍ରଦର୍ଶନକୁ ଦର୍ଶାଯାଇ ନାଟକୀୟ ଦ୍ୱନ୍ଦ୍ୱକୁ ପ୍ରବଳ କରାଯାଇ ପାରିଥାନ୍ତା।

ନାଟକକୁ ସୁଖପାଠ୍ୟ କରିବା ନିମନ୍ତେ ତଥା ନାଟ୍ୟମୂଲ୍ୟ ବୃଦ୍ଧି ନିମନ୍ତେ ଦ୍ୱନ୍ଦ୍ୱର ଭୂମିକା ସର୍ବାଧିକ। ଅନ୍ତର୍ଦ୍ୱନ୍ଦ୍ୱ ହେଉ ବା ବର୍ହିଦ୍ୱନ୍ଦ୍ୱ ହେଉ ତାହା ଯେତେ ବଳିଷ୍ଠ, ଦୀର୍ଘ ତଥା ତୀବ୍ର ହୁଏ ନାଟକ ସେତେ ବେଶୀ ପ୍ରଭାବଶାଳୀ ହେଇଉଠେ। ଏକ କାଳ୍ପନିକ ନାଟକ ଓ ଜୀବନୀକୈନ୍ଦ୍ରିକ ନାଟକ ମଧ୍ୟରେ ରହିଛି ଏକ ସ୍ୱାଭାବିକ ପାର୍ଥକ୍ୟ। କାଳ୍ପନିକ ନାଟକରେ ନାଟ୍ୟକାର ସ୍ୱାଧୀନ ଭାବେ ଘଟଣାର ସଂଯୋଜନ କରିପାରେ ତଥା ଚରିତ୍ର ସଂଯୋଜନ, ବିଯୋଜନ ଓ ଇଚ୍ଛା ମୁତାବକ ଚିତ୍ରଣ ମଧ୍ୟ କରିପାରେ। ଦ୍ୱିତୀୟ କ୍ଷେତ୍ରରେ ନାଟ୍ୟକାର ପରିସର ଓ ସ୍ୱାଧୀନତାର କ୍ଷେତ୍ର ସଂକୁଚିତ। ନାଟ୍ୟକାର କଳ୍ପନାର ପରିସର ସୀମିତ।

Digitized by srujanika@gmail.com

କଥାବସ୍ତୁ, ଚରିତ୍ର ଚିତ୍ରଣ, ଘଟଣା ସଂଯୋଜନ ଓ ଦ୍ୱନ୍ଦ୍ୱ ପରିବେଷଣ ଆଦି ସମସ୍ତ କ୍ଷେତ୍ରରେ ନାଟ୍ୟକାର ଅନୁସରଣ କରିବାକୁ ବାଧ ହୁଏ ଜୀବନୀର। ତେବେ ଅନେକ କ୍ଷେତ୍ରରେ ନାଟ୍ୟକାର କିଛି କାଳ୍ପନିକ ଘଟଣା ଓ ଚରିତ୍ରରେ ସମନ୍ୱିତ କରି ନାଟକୀୟତା ବୃଦ୍ଧି କରିପାରେ। ନାଟକୀୟ ଦ୍ୱନ୍ଦ୍ୱକୁ ତୀବ୍ର କରିବା ନିମନ୍ତେ ସୀମିତତା ମଧ୍ୟରେ କିଛି ଉପାଦାନ ସଂଯୁକ୍ତ ବା ବିଯୁକ୍ତ କରିପାରେ। ଏ କ୍ଷେତ୍ରରେ ନାଟ୍ୟକାର ଦୁଇଟି ଦିଗପ୍ରତି ଅତୀବ ସଚେତନ। ପ୍ରଥମତଃ ଚକ୍ରଧର ମହାପାତ୍ର କୃତ କୁନ୍ତଳାଙ୍କ ଜୀବନ ଚରିତକୁ ସେ ସତ୍ୟତାରସହ ଅନୁସରଣ କରିଛନ୍ତି।

ଦ୍ୱିତୀୟତଃ ସେ ଏପରି କୌଣସି ଘଟଣା, ଚରିତ୍ର ଅଥବା ସଂଳାପ ସଂଯୋଜନ କରିବାକୁ ବୈଧ ମନେ କରିନାହାନ୍ତି ଯାହା ଦ୍ୱାରା ଏ ଚରିତ୍ରର କୌଣସି ପ୍ରକାର ସମ୍ମାନ କ୍ଷୁଣ୍ଣ ହେବ।

॥ ୪ ॥

ନାଟକରେ ଚରିତ୍ରର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ନାଟକର ମୁଖ୍ୟ ଚରିତ୍ର ଭାବେ କୁନ୍ତଳା କୁମାରୀ ଅବତୀର୍ଣ୍ଣ। ଦ୍ୱିତୀୟ ବର୍ଗରେ ଆସନ୍ତି ଚକ୍ରଧର ମହାପାତ୍ର, କୈଳାସ ରାଓ ଏବଂ କୃଷ୍ଣ ପ୍ରସାଦ ବ୍ରହ୍ମଚାରୀ ଏବଂ ତୃତୀୟ ବର୍ଗରେ ଗ୍ରହଣ କରାଯାଇପାରେ ସା'ନ୍ତ ମା', ନନ୍ଦକିଶୋର ବଳ, ଜୈନେନ୍ଦ୍ର କୁମାର, ତୁଳସୀ ଦେବୀ ପ୍ରମୁଖଙ୍କୁ। କୁନ୍ତଳା ତଥା କୈଳାସ ରାଓଙ୍କ ଚରିତ୍ର ପ୍ରତି ନାଟ୍ୟକାର ଯଥୋଚିତ ନ୍ୟାୟ ପ୍ରଦର୍ଶନ କରିଛନ୍ତି। ସାଧାରଣରେ କୈଳାସ ରାଓଙ୍କ ନିଷ୍ଠୁରତା ପ୍ରତି ପାଠକଙ୍କର ଯେଉଁ ବିରାଗ ସୃଷ୍ଟି ହେବା କଥା ତା' ନହୋଇ କୁନ୍ତଳାଙ୍କ ସାହିତ୍ୟିକ ଜୀବନ ଗଠନରେ ତାଙ୍କର ପ୍ରେରଣା, ଉତ୍ସାହ ଓ ତାଙ୍କର ଏକ ଶୃଙ୍ଖଳିତ ତଥା ଅନୁଶାସିତ ଜୀବନଯାପନ ତାଙ୍କ ପ୍ରତି ଶ୍ରଦ୍ଧା ସୃଷ୍ଟି କରେ। ଏକ ଅନ୍ତଃସଲିଳା ଫଲଗୁ ସଦୃଶ କୈଳାସ ରାଓଙ୍କ ମନରେ କୁନ୍ତଳାଙ୍କ ପ୍ରତି ଥିବା ପ୍ରେମ ଭାବନା ସମୟ ସମୟରେ ଉଦ୍‌ଭାସିତ। କୁନ୍ତଳା କୁମାରୀ ଉତ୍କଳର ଜଣେ ମହୀୟସୀ ବିଦୁଷୀର ପ୍ରତିଷ୍ଠା ପାଆନ୍ତୁ ବୋଲି ସେ କାୟମନବାକ୍ୟରେ ଚେଷ୍ଟିତ ଥିଲେ ସେହିପରି କୁନ୍ତଳାଙ୍କ ବୈବାହିକ ଜୀବନର ବିପର୍ଯ୍ୟୟରେ ସେ ଯେପରି ମର୍ମାହତ ତାହା ମଧ୍ୟ ନାଟ୍ୟକାରଙ୍କ ଦ୍ୱାରା ବ୍ୟଞ୍ଜିତ। କୁନ୍ତଳା ଓ କୈଳାସଙ୍କ ପ୍ରଣୟ ଜୀବନ ମଧ୍ୟରେ ଉଚ୍ଛ୍ୱାସ, ଅଂଜଳି, 'ପ୍ରେମଚିନ୍ତାମଣି', 'ରଘୁ ଅରକ୍ଷିତ', 'ନଅତୁଣ୍ଡୀ' ଆଦିର ପ୍ରକାଶ ସଂପର୍କିତ ସୂଚନା ତଥା ତାଙ୍କର ବ୍ୟକ୍ତିପ୍ରେମ ଈଶ୍ୱରପ୍ରେମରେ ରୂପାନ୍ତରିତ ହେବା, କବିତା ମାଧ୍ୟମରେ ଆଶାବାଦର ପ୍ରତିଫଳନ ଆଦି କବିତା ଉଦ୍ଧୃତି ମଧ୍ୟ ଦେଇ ପ୍ରକାଶିତ। କୁନ୍ତଳାଙ୍କର ଓଡ଼ିଆ ଭାଷା, ଜାତି ଓ ଉତ୍କଳୀୟତା ପ୍ରତି ଥିଲା ଏକ ଅନିର୍ବଚନୀୟ ମମତା-

Digitized by srujanika@gmail.com

ଏହା ଯେପରି କୈଳାସ ଓ ଚକ୍ରଧର ଚରିତ୍ର ମାଧ୍ୟମରେ ପ୍ରଦର୍ଶିତ, ସେହିପରି ତାଙ୍କର ଉଦାରତା, ବଦାନ୍ୟତା ଲୋକପ୍ରିୟତା ପୁନଶ୍ଚ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ସହ ମମତାବଦ୍ଧ ସଂପର୍କ ମଧ୍ୟ ଉଲ୍ଲିଖିତ। କୁନ୍ତଳାଙ୍କ ଚରିତ୍ରର ପ୍ରତ୍ୟେକଟି ବୈଶିଷ୍ଟ୍ୟକୁ ଧରି ରଖିବା ପାଇଁ ନାଟ୍ୟକାରଙ୍କ ପ୍ରଚେଷ୍ଟା ଉପଲବ୍ଧ କରିହୁଏ।

ନାଟକରେ ନନ୍ଦକିଶୋର ବଳ ଓ ଜୈନେନ୍ଦ୍ର କୁମାରଙ୍କ ଚରିତ୍ରର ସଂଯୋଜନ ମୂଳରେ ନାଟ୍ୟକାରଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ। କୁନ୍ତଳାଙ୍କର ବହୁ ବିଶିଷ୍ଟ ସାହିତ୍ୟିକମାନଙ୍କ ସହ ଘନିଷ୍ଠ ସଂପର୍କ ଓ ସେମାନଙ୍କର କୁନ୍ତଳାଙ୍କ ପ୍ରତି ଶ୍ରଦ୍ଧା ଓ ଅନୁରାଗ ବିଷୟକୁ ପାଠକଙ୍କ ନିକଟରେ ଉନ୍ମୋଚିତ କରିବା ନାଟ୍ୟକାରଙ୍କ ଉଦ୍ଦେଶ୍ୟ। କୁନ୍ତଳାଙ୍କ ଜୀବନରେ ବ୍ରାହ୍ମଧର୍ମ ଗ୍ରହଣ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଗୋଟିଏ ପକ୍ଷରେ କୈଳାସ ରାଓଙ୍କୁ ବିବାହ କରିବା ପାଇଁ ସେ କେଉଁ ସୀମା ପର୍ଯ୍ୟନ୍ତ ଯାଇପାରନ୍ତି ତାହାର ଯେପରି ପରିଚୟ ମିଳେ, ସେହିପରି ବ୍ରାହ୍ମଧର୍ମର ଓଡ଼ିଶା ଉପରେ ବିଶେଷ ରୂପରେ ଓଡ଼ିଆ ସଂସ୍କୃତି ଓ ଭାଷା ଉପରେ ଏହାର ଯେଉଁ କୁପ୍ରଭାବ ତାହା ମଧ୍ୟ ଉଲ୍ଲେଖିତ । ନନ୍ଦକିଶୋର ବଳ, କୁନ୍ତଳାଙ୍କ ସହ କୁସୁପୁରରେ ଏ ସଂପର୍କରେ ଯେଉଁ ଭାବ ବିନିମୟ କରିଛନ୍ତି ତାହା ସତ୍ୟ। ନାଟ୍ୟକାରଙ୍କର ଓଡ଼ିଆ ଭାଷା-ସଂସ୍କୃତିପ୍ରୀତିର ଏହା ଏକ ଜ୍ୱଳନ୍ତ ନିଦର୍ଶନ। ଓଡ଼ିଆ ଜାତି ଓ ଭାଷା ଯେଉଁ କାରଣ ଅଥବା ଘଟଣାରେ ଅସମ୍ମାନିତ ହୋଇପାରେ ନା ବିପନ୍ନ ହୋଇପାରେ ତା'ର ସାମାନ୍ୟ ସୂଚନା ମଧ୍ୟ ଦେବାକୁ ସେ ଭୁଲିନାହାନ୍ତି। ବହୁ ଘଟଣାକୁ ନାଟକର କଳେବର ବୃଦ୍ଧି ହେବା ଦୃଷ୍ଟିରୁ ଯେପରି ସ୍ଥାନ ଦେଇନାହାନ୍ତି ସେହିପରି ଏହା ଉଲ୍ଲେଖ ନକରିପାରିଥାନ୍ତେ। କିନ୍ତୁ ନାଟ୍ୟକାର କେବଳ ବ୍ରାହ୍ମଧର୍ମ ଦ୍ୱାରା କିପରି ଓଡ଼ିଆମାନଙ୍କର ବଂଗଳା ଭାଷା, ସଂସ୍କୃତିପ୍ରୀତି, ତାଙ୍କର ସମ୍ବୋଧନ ଓ ସେମାନଙ୍କ ସହିତ ବୈବାହିକ ସଂପର୍କରୁ ଓଡ଼ିଆତ୍ୱ ଲୋପ ପାଉଥିଲା ତାହା ଦର୍ଶାଇବା ନିମନ୍ତେ ଏ ଚରିତ୍ର ଓ ପ୍ରସଙ୍ଗକୁ ଯୁକ୍ତ କରିଛନ୍ତି: "ନନ୍ଦ- କେବଳ ମଧୁସୂଦନ, ବିଶ୍ୱନାଥ କାହିଁକି, ରାଧାନାଥ, ଫକୀରମୋହନ ମଧ୍ୟ ବ୍ରହ୍ମ ଭାବନାରେ ଅନୁପ୍ରାଣିତ। ମୋର ମଧ୍ୟ ଶ୍ରଦ୍ଧା ରହିଛି। କିନ୍ତୁ ଗୋଟିଏ କଥା ମୋତେ ବାରମ୍ବାର ପୀଡ଼ା ଦେଉଛି। ବ୍ରାହ୍ମସମାଜରେ ବଂଗଳାରେ ଉପାସନା, ବଂଗଳା ପୁସ୍ତକ ପାଠ, ବଂଗଳାରେ କଥାବାର୍ତ୍ତା, ଚିଠି ପତ୍ର, ବଂଗୀୟମାନଙ୍କ ସହ ବୈବାହିକ ସଂପର୍କ, ଦାଦାଦିଦି ସମ୍ବୋଧନ ଓଡ଼ିଆ ଭାଷାପାଇଁ ବଡ଼ କ୍ଷତିକାରକ। x x x ଓଡ଼ିଆ ଭାଷା ସାହିତ୍ୟକୁ ଲୋପ କରିବାର ଏ ଯେମିତି ଏକ ପରୋକ୍ଷ ଷଡ଼ଯନ୍ତ୍ର। ଓଡ଼ିଶାରେ ବ୍ରାହ୍ମଧର୍ମ ଯଦି ସ୍ଥାୟୀ ହୁଏ, ତେବେ ବିପଦ।" (ପୃ-୩୫)

ଏହି ଅବକାଶରେ ନାଟ୍ୟକାର ନିଜର ଧର୍ମ ନିରପେକ୍ଷତା ଓ ହିନ୍ଦୁଧର୍ମର ରକ୍ଷଣଶୀଳତା ପରିବର୍ତ୍ତେ ଉଦାରତା ସଂପର୍କରେ ସଂକ୍ଷିପ୍ତ ସୂଚନା ଦେଇଛନ୍ତି। "କୁନ୍ତଳା:

Digitized by srujanika@gmail.com

କାନ୍ଦି କାନ୍ଦି ଯେତେ ମୁଣ୍ଡ ପିଟିହେଲ ବି ହିନ୍ଦୁଧର୍ମର ବଡ଼ପଣ୍ଡାମାନଙ୍କ ଦ୍ୱାର ମୋ ପାଇଁ ଖୋଲିବନି। ମୋ ବିଚାରରେ ଗୋଟିଏ ବିଦେଶୀ ଧର୍ମ ଭିତରେ ରହିବା ଅପେକ୍ଷା ଗୋଟିଏ ଭାରତୀୟ ଧର୍ମ, ପୁଣି ହିନ୍ଦୁଧର୍ମର ଅତି ନିକଟବର୍ତ୍ତୀ ଏଇ କୁସଂସ୍କାର- ବିମୁକ୍ତ ଧର୍ମ ଭିତରେ ରହିବା ବହୁତ ଭଲ। ନନ୍ଦ : ତୁମର ବିଚାର ଠିକ୍। ଯଦି ହିନ୍ଦୁ ଧର୍ମଯାଜକମାନେ ଟିକିଏ ବୁଝନ୍ତେ, ହିନ୍ଦୁର ମାନବଧର୍ମିତା କଥା ଚିନ୍ତା କରନ୍ତେ।" (ପୃ-୩୭) ଠିକ୍ ସେହିପରି ଜୈନେନ୍ଦ୍ର କୁମାର ଚରିତ୍ର ସତ୍ୟ ଓ ତା'ର ସଂଯୋଜକ ମଧ୍ୟ ଉଦ୍ଦେଶ୍ୟମୂଳକ। ନାଟ୍ୟକାର କୁନ୍ତଳାଙ୍କ ଦିଗନ୍ତବିସ୍ତାରୀ ପ୍ରତିଭା, ମିଷ୍ଟସ୍ୱଭାବ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ପରିଚିତି ଆଦିର ବ୍ୟାପ୍ତି ଦର୍ଶାଇଛନ୍ତି ଏହି ଚରିତ୍ର ମାଧ୍ୟମରେ। ପୁନଶ୍ଚ ଜୈନେନ୍ଦ୍ର କୁମାର କୁନ୍ତଳାଙ୍କ ଜୀବନକୁ ଆଧାର କରି 'କଲ୍ୟାଣୀ' ଉପନ୍ୟାସ ରଚନା କରିଥିବାରୁ ଏହି ଚରିତ୍ରକୁ ଗ୍ରହଣ କରିବା ସହିତ ଗୋଟିଏ ଦୃଶ୍ୟର ପରିକଳ୍ପନା କରିଛନ୍ତି। ହିନ୍ଦୀ ସାହିତ୍ୟର ଜଣେ ବିଶିଷ୍ଟ ଲେଖକ ଜୈନେନ୍ଦ୍ର କୁମାର କୁନ୍ତଳାଙ୍କ ପାରିବାରିକ ଜୀବନର ଦୁର୍ଦ୍ଦଶାରେ ଏତେ ଦୂର ମ୍ରିୟମାଣ ଥିଲେ ଯାହା ଫଳରେ ତାଙ୍କୁ ନେଇ ରଚନା କରିଛନ୍ତି ଉପନ୍ୟାସଟି। କୁନ୍ତଳାଙ୍କ ଦିଲ୍ଲୀ ରହଣି ସମୟରେ ବାସ୍ତବରେ କୁନ୍ତଳା ବିଭିନ୍ନ ସମିତି, ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ହୃଦୟସ୍ପର୍ଶୀ, ଗଠନମୂଳକ ଭାଷଣ ଦେଇ ଯେପରି ଜନସମାଜକୁ ଉଦ୍‌ବୋଧିତ କରିପାରୁଥିଲେ, ସେହିପରି ତ୍ୟାଗ, ନିଷ୍ଠା ଓ ଉଦାରତାର ଜ୍ୱଳନ୍ତ ନିଦର୍ଶନ ଥିଲେ। ତାଙ୍କର ପ୍ରଶସ୍ତିରେ ସମଗ୍ର ଉତ୍ତର ଭାରତ ଥିଲା ମୁଖର। ଏହାର ପରିଚୟ ସ୍ୱରୂପ ନାଟ୍ୟକାର ଜୈନେନ୍ଦ୍ର କୁମାରଙ୍କ ଚରିତ୍ର ଭାବରେ ଗ୍ରହଣ କରିଛନ୍ତି।

ସା'ନ୍ତ ମା' ଚରିତ୍ର ମାଧ୍ୟମରେ କୁନ୍ତଳାଙ୍କ ପିତୃମାତୃ ପରିଚୟ, ଶୈଶବରେ ବର୍ମାରୁ ଆସି ସା'ନ୍ତମା'ଙ୍କ ପାଖରେ ଆଶ୍ରୟ ନେବାର କାରଣ, ଆର୍ଥିକ ଦୁରବସ୍ଥା ଆଦି ସ୍ୱାଭାବିକ ଭାବେ ପ୍ରକାଶିତ। ସା'ନ୍ତମା'ଙ୍କ ଚରିତ୍ର ପରି ତୁଳସୀ ଦେବୀ ଚରିତ୍ର ଜଣକ ମଧ୍ୟ ଗୌଣ ଚରିତ୍ର ରୂପେ ଆତ୍ମପ୍ରକାଶ ଲାଭ କରିଛି। ଜୀବନୀ ଅନୁସାରେ ତୁଳସୀ ଦେବୀ, କୁନ୍ତଳା କୁମାରୀଙ୍କୁ ପ୍ରଥମ ସାକ୍ଷାତ୍‌ରେ ଚରମ ଅପମାନ ଦେଇଥିଲେ ମଧ୍ୟ ସେ ଜଣେ ମାତୃରୂପିଣୀ, ବାତ୍ସଲ୍ୟପ୍ରେମରେ ଜର୍ଜରିତ କରୁଣାମୟୀ, ଉଦାର ସ୍ୱଭାବର ସଂସ୍କୃତିସଂପନ୍ନ ମହିଳା ଥିଲେ। ସେ ପତିପ୍ରାଣା ଥିଲେ ଏବଂ ଚକ୍ରଧରଙ୍କଠାରୁ ସେମାନଙ୍କ ସଂପର୍କ ଜାଣିବା ପରେ ଏହାକୁ ଗ୍ରହଣ କରିନେଇଥିଲେ। ସେ କୈଳାସ ରାଓଙ୍କର ଦ୍ୱିତୀୟ ପତ୍ନୀ ଭାବେ କୁନ୍ତଳାଙ୍କୁ ସ୍ୱୀକାର କରି ତାଙ୍କୁ ପିନ୍ଧାଇ ଦେଇଥିଲେ ସିନ୍ଦୂର। କୁନ୍ତଳାଙ୍କ ଜୀବନରେ ଦୀର୍ଘ ୭ ବର୍ଷର ସଂଗ୍ରାମ ଅଥବା ତପସ୍ୟା ପରେ କୈଳାସ ରାଙ୍କ ପରିବାର ଦ୍ୱାରା ସ୍ୱୀକୃତ ହେବାପରି ଗୁରୁତ୍ୱପୂର୍ଣ୍ଣ ଘଟଣାଟି ଘଟିଥିଲା। ତେଣୁ ନାଟ୍ୟକାର ଏହି ଘଟଣାକୁ କୁନ୍ତଳାଙ୍କର ତପସ୍ୟାର ସିଦ୍ଧି ଭାବରେ ଅଥବା ଏକ ହିନ୍ଦୁ ପରିବାରର ପତିବ୍ରତା ନାରୀର ପ୍ରତି ଆନୁଗତ୍ୟ, ପ୍ରେମ ଅଥବା ଉଦାରତାର ନିଦର୍ଶନ ସ୍ୱରୂପ ସ୍ଥାନ ଦେଇଛନ୍ତି।

Digitized by srujanika@gmail.com

ପ୍ରତ୍ୟେକ ଗୌଣ ଚରିତ୍ରର ଭୂମିକା ସଂକ୍ଷିପ୍ତ ମାତ୍ର ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟ ଓ ଗୌଣ ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ଉଦ୍‌ଘାଟିତ ହେବା ସହିତ ମୁଖ୍ୟ ବିଷୟ ଗତିଶୀଳ ହୋଇଛି ଓ ମୁଖ୍ୟ ଚରିତ୍ରର ବିବିଧ ଦିଗ ହୋଇଛି ଆଲୋକିତ।

॥ ୫ ॥

ନାଟକର ଭାଷା ଓ ସଂଳାପ ନାଟକୋପଯୋଗୀ। ନାଟକଟି କ୍ଷୁଦ୍ର କଳେବର ବିଶିଷ୍ଟ ହୋଇଥିବାରୁ ଏଠାରେ ଦୀର୍ଘ ସଂଳାପ ପ୍ରୟୋଗର ଅବକାଶ ନାହିଁ। ତଥାପି ନାଟ୍ୟକାର ହରିଚନ୍ଦନ ନିଜେ ଓଡ଼ିଆ ସାହିତ୍ୟର ଅଧ୍ୟାପକ ଓ ନାଟ୍ୟ ସମାଲୋଚକ ହୋଇଥିବାରୁ ନାଟକରେ ଭାଷା-ସଂଳାପ ପ୍ରୟୋଗ ପ୍ରତି ସଚେତନ। କୈଳାସ ଓ କୁନ୍ତଳାଙ୍କ ସଂଳାପ ଅନ୍ୟ ଚରିତ୍ରର ସଂଳାପ ତୁଳନାରେ ନାତି ଦୀର୍ଘ। କୈଳାସ ଓ କୁନ୍ତଳାଙ୍କ ସଂଳାପ କାବ୍ୟିକ ତଥା ରୋମାଣ୍ଟିକ୍। ପରସ୍ପର ପ୍ରତି ପ୍ରେମଭାବ ପ୍ରକାଶରେ ଜଣେ ପ୍ରଣୟୀ ଯେପରି ଭାବପ୍ରବଣ ହୋଇ ଭାଷା ପ୍ରୟୋଗ କରେ ତାହା କୁନ୍ତଳାଙ୍କ ଠାରେ ଦେଖାଯାଇଛି। ମାତ୍ର କୈଳାସ ରାଓଙ୍କ ସଂଳାପ ତୁଳନାମୂଳକ ଭାବରେ ଭାବଗମ୍ଭୀର ଓ ଉପଦେଶାତ୍ମକ। ତାଙ୍କର ସଂଳାପରେ ପ୍ରଣୟୀର ଭାବଗତ ଉଚ୍ଛ୍ୱାସ ପରିଲକ୍ଷିତ ହୁଏନାହିଁ ଏବଂ ତାହା ତାଙ୍କର ବ୍ୟକ୍ତିତ୍ୱ ଓ ଚରିତ୍ରକୁ ଯଥାଯଥ ଉପସ୍ଥାପନରେ ହୋଇପାରିଛି ସହାୟକ। କୈଳାସ ରାଓଙ୍କର କୁନ୍ତଳାଙ୍କ ପ୍ରତି ଥିଲା ଦୁର୍ନିର୍ବାର ଆକର୍ଷଣ ଅଥଚ ସର୍ବଦା ସେ ନିଜକୁ ଏକ ଗୁରୁ ଓ ହିତାକାଂକ୍ଷୀର ଆସନରେ କରିଛନ୍ତି ଅଧିଷ୍ଠିତ। ତେଣୁ ତାଙ୍କର ସଂଳାପ ମଧ୍ୟରେ ତାଙ୍କର ମନର ଦ୍ୱନ୍ଦ୍ୱ, ଦ୍ୱିଧା, କୁନ୍ତଳାଙ୍କର ପ୍ରେମରେ ନିଷ୍ଠା, ବ୍ରତଚାରିଣୀର ସଂକଳ୍ପଯୋଗୁଁ ଅପରାଧବୋଧ, ଗ୍ଲାନି, ଅନୁତାପ ଅତ୍ୟନ୍ତ ସଫଳତାର ସହିତ ପ୍ରକାଶିତ। ସେହିପରି କୁନ୍ତଳାଙ୍କର ପ୍ରଣୟୋଚ୍ଛ୍ୱାସ, ଜାତିଧର୍ମଗତ ପ୍ରାଚୀରକୁ ଲଂଘନ କରିଦେବାର ଦୃଢ଼ତା, କୈଳାସ ରାଓଙ୍କୁ ଦୁର୍ବଳ କରିବା ପରି କୁନ୍ତଳାଙ୍କର ସଂଳାପ : "ମୋର ଜୀବନ କ'ଣ ଗୋଟାଏ ବ୍ୟର୍ଥ ଜୀବନ? ଗୋଟିଏ ସୁନ୍ଦର ପୃଥିବୀ ଭିତରକୁ ଆସିଚି କ'ଣ ପଳାୟନ କରିବାକୁ? ପୃଥିବୀର ମୋହ ଯେ ମୋର ପ୍ରବଳ। ଆପଣ କାହିଁକି ଭାବି ପାରନ୍ତି ନାହିଁ, ନାରୀର ସମସ୍ତ କାମନା ବାସନା ମୋ ଦେହରେ। ମୁଁ ଚାହେଁ ଜଣେ ପରିପୂର୍ଣ୍ଣା ନାରୀ ହୋଇ ବଂଚି ରହିବାକୁ। ସନ୍ତାନବତୀ ନାରୀମାନଙ୍କୁ ଦେଖିଲେ ମୁଁ ପାଗଳ ହୋଇଯାଏ। ଘୋର ଅବସୋସ୍ ଆସେ ମନରେ, ମୁଁ ହୋଇପାରିବିନି ସେମାନଙ୍କ ପରି ଜଣେ। ଗୋଟାଏ ଅପୂର୍ଣ୍ଣ ଆକାଂକ୍ଷାର ମରୁପଥରେ ଚାଲିଥିବି ଚିରଦିନ।"(ପୃ-୪୨) ପାଠକ ମନରେ ସୃଷ୍ଟିକରେ ଭାବାନ୍ତର। ନାଟ୍ୟକାର ହରିଚନ୍ଦନଙ୍କର କୈଳାସ ରାଓଙ୍କ ବ୍ୟକ୍ତିତ୍ୱ ଓ ତାଙ୍କ ପ୍ରେମ ପ୍ରତି ରହିଛି ଏକ ନୀରବ ସମ୍ମାନ। ଯାହା ନାଟକର ଏକ ମାତ୍ର ସ୍ୱଗୋତକ୍ତିରୁ ସ୍ପଷ୍ଟ

Digitized by srujanika@gmail.com

ହୁଏ- "କାହିଁକି କେଜାଣି ବହୁ ସମୟରେ ଗୋଟାଏ ଭାବନା ଜାଲ ଭିତରେ ଛନ୍ଦି ହୋଇପଡ଼େ ମୁଁ। ଚିନ୍ତା କରିପାରେନି କୁନ୍ତଳା ସହିତ ମୋର ସଂପର୍କ। ବାହ୍ୟତଃ ଆସ୍ପୃହା ପ୍ରଦର୍ଶନ କଲେ କି ଅନୁଭବ କରେ କେତେ ନିବିଡ଼, କେତେ ଗଭୀର ଏ ସଂପର୍କ। ଏପରି ଏକ ସଂପର୍କକୁ ଯୋଡ଼ି ହୁଏ ନାହିଁ କୌଣସି ପାର୍ଥିବ ସଂପର୍କ ସହିତ। ଏଇ ବୋଧହୁଏ ସମସ୍ତ କିଛି ଉର୍ଦ୍ଧ୍ୱରେ ଅମ୍ଳାନ ଶାଶ୍ୱତ ପ୍ରେମ।" (ପୃ-୨୯) କୈଳାସ ରାଓଙ୍କର ପାରିବାରିକ ଓ ସାମାଜିକ ସ୍ଥିତି, କୁନ୍ତଳାଙ୍କ ପ୍ରତି ନୀରବ ପ୍ରେମ ଓ ତାଙ୍କୁ ପତ୍ନୀ ଭାବରେ ସ୍ୱୀକାର କରିନପାରିବାର ଅସହାୟତା, ଯୌକ୍ତିକତା ଓ ସେହି କାରଣୁ କୁନ୍ତଳାଙ୍କ ସାମାଜିକ, ସାହିତ୍ୟିକ ପ୍ରତିଷ୍ଠା ନିମନ୍ତେ ତାଙ୍କର ପ୍ରେରଣା ଓ ଅନୁକୂଳ କାର୍ଯ୍ୟକଳାପକୁ ନାଟ୍ୟକାରଙ୍କର ରହିଛି ଆନ୍ତରିକ ସମର୍ଥନ। ତେଣୁ କୈଳାସ ରାଓଙ୍କ ସଂଳାପରେ କୁନ୍ତଳାଙ୍କ ପ୍ରେମକୁ ବ୍ରତଚାରିଣୀର ସମ୍ମାନ ଦେବା ସହିତ ତାଙ୍କ ପ୍ରତି କର୍ତ୍ତବ୍ୟବୋଧର ସୂଚନା ସଂଳାପରୁ ସ୍ପଷ୍ଟ ହୁଏ। ଏ ସମସ୍ତ କ୍ଷେତ୍ରରେ ଏକ ଯୁକ୍ତିନିଷ୍ଠ, ବାସ୍ତବବାଦୀ ରୋମାଣ୍ଟିକତା ସଂଳାପରେ ପ୍ରତିଫଳିତ। ମାତ୍ର ପ୍ରେମପ୍ରଣୟ ଜନିତ ଭାବୋଚ୍ଛ୍ୱାସ ପରିଲକ୍ଷିତ ହୁଏନାହିଁ। କୃଷ୍ଣ ବ୍ରହ୍ମଚାରୀଙ୍କୁ ବିବାହ ପୂର୍ବରୁ ଭାଇ ସମ୍ବୋଧନ କରିଥିବା ବିଷୟ ଜୀବନୀରେ ଉଲ୍ଲିଖିତ। ମାତ୍ର ବିବାହ ପରବର୍ତ୍ତୀ ଜୀବନରେ କୁନ୍ତଳାଙ୍କର 'କୃଷ୍ଣଭାଇ' ସମ୍ବୋଧନ ପାଠକଙ୍କୁ ବିସ୍ମିତ କରିବା ସ୍ୱାଭାବିକ। କୃଷ୍ଣ ବ୍ରହ୍ମଚାରୀ ବାସ୍ତବ ଜୀବନରେ ଜଣେ ମିଥ୍ୟାବାଦୀ, ଭଣ୍ଡ, ପ୍ରତାରକ ଓ ନାରୀ ବ୍ୟବସାୟରେ ଲିପ୍ତ ଥିବା ସନ୍ଦେହ କରାଯାଏ। ଜଣେ ପ୍ରତାରକ କୁନ୍ତଳାଙ୍କ ପରି ବିଦୁଷୀ ଅଥଚ ପ୍ରେମପାଗଳିନୀ ନାରୀକୁ ବଶୀଭୂତ କରିବା ପାଇଁ ଯେଉଁପରି ଚାତୁର୍ଯ୍ୟୋକ୍ତି କରିଥିବେ ତା'ର ଏକ ସଂସ୍କୃତି ସଂପନ୍ନ ମାର୍ଜିତ ରୂପ ଲକ୍ଷ୍ୟ କରାଯାଏ କୃଷ୍ଣଙ୍କ ସଂଳାପରେ। କୃଷ୍ଣଙ୍କ ସଂଳାପ ସଂକ୍ଷିପ୍ତ ଓ ଲକ୍ଷ୍ୟଭେଦୀ। କୁନ୍ତଳାଙ୍କର ସଭା ସମିତିରେ ଯୋଗଦେଇ ଖ୍ୟାତି ଲାଭ କରିବା, ସାହିତ୍ୟିକମାନଙ୍କ ସହିତ ଆଲୋଚନା କରି ସାହିତ୍ୟିକ ଖ୍ୟାତି ତଥା ସଂଗଲାଭ ଜନିତ ଆନନ୍ଦ ଉପଲବ୍ଧି କରିବାକୁ ବିରୋଧ କରିବା ସହିତ ଅର୍ଥାଗମର ମାଧ୍ୟମ ରୂପେ ତାଙ୍କୁ ବ୍ୟବହାର କରିଛନ୍ତି କୃଷ୍ଣ ବ୍ରହ୍ମଚାରୀ। ଏ ସମସ୍ତ ବିଷୟ ଅତ୍ୟନ୍ତ ସ୍ୱଳ୍ପ ପରିସର ମଧ୍ୟରେ ପ୍ରଭାବଶାଳୀ ଭାବେ ବ୍ୟକ୍ତ କରାଯାଇଛି। ଭାଷା-ସଂଳାପ ପ୍ରୟୋଗରେ ନାଟ୍ୟକାରଙ୍କର ସଫଳତାକୁ ନିର୍ଦ୍ୱନ୍ଦ୍ୱରେ ସ୍ୱୀକାର କରାଯାଇପାରେ। କୁନ୍ତଳାଙ୍କର କୃଷ୍ଣଙ୍କ ସହିତ ଏକାଦଶ ଦୃଶ୍ୟର ସଂଳାପରେ ପୂର୍ବ ଦୃଶ୍ୟର ସଂଳାପଠାରୁ ଭିନ୍ନତା ଲକ୍ଷ୍ୟ କରାଯାଏ। ଏଠାରେ କୃଷ୍ଣଙ୍କର ଭାଷା କଠୋର ଏବଂ କୁନ୍ତଳାଙ୍କର ଭାଷାରେ ରହିଛି ବିନୀତ ଓ ଦୟନୀୟଭାବ। ଜଣେ ନାରୀ ସେ ଯେତେ ବଡ଼ ଡାକ୍ତର, ଯଶ ଖ୍ୟାତିର ଅଧିକାରୀ ଅଥବା କବି ହେଉ ନା କାହିଁକି ସ୍ୱାମୀ ନିକଟରେ ନିଜ ଅଧିକାର ପାଇଁ ତାକୁ ପ୍ରାର୍ଥନା କରିବାକୁ ପଡ଼େ। ଏ ସ୍ୱର କେତେ ଦୟନୀୟ, କେତେ ଅସହାୟ ଓ କରୁଣ! : "ମୁଁ ତୁମକୁ ହାତ ଯୋଡୁଚି। ମୋତେ ଟିକିଏ

Digitized by srujanika@gmail.com

ଦୟା କର। ଅନ୍ୟମାନଙ୍କଠୁଁ ମୋତେ ଟିକିଏ ଭିନ୍ନ କରି ଭାବ। ଆଉଥରେ ବିଚାର କରି ଦେଖ। ମୋ ଭିତରେ ଥିବା ଭାବଚେତନାକୁ ମୋର ସୃଜନୀଶକ୍ତିକୁ ଏମିତି ନିଷ୍ଠୁର ଭାବେ ଧ୍ୱଂସ କରିଦିଅନି କୃଷ୍ଣଭାଇ।" ୪ (ପୃ-୭୫) ଏ ପ୍ରସଙ୍ଗରେ ସ୍ୱାମୀ ଭାବରେ କୃଷ୍ଣଙ୍କର ସ୍ୱରରେ ସେ ଦର୍ପ, ଦୃଢ଼ତା ଓ କଠୋରତା ମଧ ସ୍ପଷ୍ଟ।

॥ ୬ ॥

ନାଟକଟି ସମୁଦାୟ ଚତୁର୍ଦ୍ଦଶ ଦୃଶ୍ୟରେ ପରିକଳ୍ପିତ। ଏହା ମାତ୍ର ୯୧ ପୃଷ୍ଠା ବିଶିଷ୍ଟ। ଏଥିରେ କୁନ୍ତଳାକୁମାରୀଙ୍କ ବହୁ ଘଟଣା ବିଶିଷ୍ଟ ଜୀବନର ପୂର୍ଣ୍ଣାଙ୍ଗ ରୂପ ଧରି ରଖିବା ସମ୍ଭବ ନୁହେଁ। ନାଟ୍ୟକାର କୁନ୍ତଳାଙ୍କ ପ୍ରେମ ଜୀବନକୁ ପାଠକ ସମ୍ମୁଖରେ ଟୋଳି ଧରିବାର ଉଦ୍ଦେଶ୍ୟ ରଖିଛନ୍ତି। ତେଣୁ ଅନ୍ୟ ଘଟଣାଗୁଡ଼ିକୁ ଅନେକ ପରିମାଣରେ ବାଦ ଦେଇଛନ୍ତି। ତଥାପି ତାଙ୍କର ସାହିତ୍ୟିକ ଓ ସାମାଜିକ ପ୍ରତିଷ୍ଠାର ବିଶିଷ୍ଟ ଦିଗ ଉଲ୍ଲିଖିତ। ପ୍ରସ୍ତାବନା ଓ ତ୍ରୟୋଦଶ ଦୃଶ୍ୟର ପରିକଳ୍ପନା ମଧ୍ୟରେ ନାଟ୍ୟକାରଙ୍କ ଦୃଷ୍ଟିକୋଣ ପ୍ରତିଫଳିତ। ଅନ୍ୟ ବାରଟି ଦୃଶ୍ୟରେ କୁନ୍ତଳାଙ୍କ ଜୀବନ ଚିତ୍ରିତ। ପ୍ରସ୍ତାବନା ଶୀର୍ଷକରେ 'ପ୍ରାଗ୍‌ଭାଷ' ଭାବରେ କୁନ୍ତଳାକୁମାରୀଙ୍କ ସଂପର୍କରେ ଅନ୍ତରାଳରୁ ଯେଉଁ ବାଣୀ ଘୋଷିତ ହେଉଛି ତାହା ହିଁ ନାଟ୍ୟକାରଙ୍କର ବକ୍ତବ୍ୟ ଓ ନାଟକର ମର୍ମବାଣୀ। କୁନ୍ତଳାଙ୍କର ପରିଚୟ ଓ ବୈଶିଷ୍ଟ୍ୟକୁ ଆରମ୍ଭରେ ଏପରି ଘୋଷଣା କରିବା ଅର୍ଥ ତାଙ୍କ ସଂପର୍କରେ ଅନଭିଜ୍ଞ ପାଠକ ଓ ଦର୍ଶକଙ୍କୁ ସୂଚେଇ ଦେବା ଓ ସଚେତନ କରିବା।

ମଞ୍ଚ ଈଷତ୍ ଆଲୋକିତ ହେବାପରେ ନିଦ୍ରିତ ଚକ୍ରଧରଙ୍କୁ ସ୍ୱପ୍ନରେ ଦେଖାଦେଉଛନ୍ତି କୁନ୍ତଳାଙ୍କର ଆତ୍ମା। ଏଥିରେ କୁନ୍ତଳାଙ୍କର ପରଲୋକଗତ ଆତ୍ମାର ଓଡ଼ିଆ ଜାତି ଓ ସାହିତ୍ୟର କିଛି ନକରିପାରିବାର (ଭାରତୀ ତପୋବନ୍) ଅବସୋସ ପ୍ରକାଶିତ। କୈଳାସ ରାଓଙ୍କୁ ସାରା ଜୀବନ ଗଭୀର ଭାବେ ଭଲପାଇ ବାରମ୍ବାର ପ୍ରତ୍ୟାଖ୍ୟାତ ହେବା ମଧ୍ୟରେ ତାଙ୍କ ଜୀବନକୁ ଅତର୍କିତ ଭାବରେ ଆସିଛନ୍ତି ପ୍ରତାରକ କୃଷ୍ଣ ବ୍ରହ୍ମଚାରୀ। ପ୍ରେମ ଚାତକିନୀ କୁନ୍ତଳା ପ୍ରତାରଣାର ଗରଳକୁ ଅମୃତ ମନେ କରି ପାନ କରିଯିବାର ଦୁଃଖଦ ଅନୁଭୂତିକୁ ସ୍ମରଣ କରି ପଶ୍ଚାତାପ କରିଛନ୍ତି। ବାସ୍ତବ ଜୀବନରେ କୁନ୍ତଳା କୃଷ୍ଣ ବ୍ରହ୍ମଚାରୀଙ୍କ ସଂସ୍ପର୍ଶରେ ଆସିବା ପରେ ପ୍ରେମରେ ଏପରି ବିଗଳିତ ହେଇଛନ୍ତି ଯେ ପାଠକଙ୍କୁ ତାହା ଗ୍ରହଣ କରିବାକୁ କଷ୍ଟ ହେବ। ତେଣୁ ନାଟ୍ୟକାର ସେ ବିଷୟକୁ ଉହ୍ୟ ରଖି ଜଣେ ମହୀୟସୀ ପ୍ରତିଭାକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି। ନାଟକର ଆରମ୍ଭରୁ କୁନ୍ତଳାଙ୍କ ମୃତ୍ୟୁ ସୂଚେଇ ଦେବା ଦ୍ୱାରା ନାଟକଟି ଏକ ଫ୍ଲାସ୍‌ବେକ୍ ରୀତିକୁ ଗ୍ରହଣ କରିଛି। କିଛି ଚିଠିପତ୍ର ମାଧ୍ୟମରେ କୃଷ୍ଣ ବ୍ରହ୍ମଚାରୀଙ୍କ ପ୍ରତାରଣା ବିଷୟ ଉନ୍ମୋଚିତ ହୋଇଛି ଜୀବନରେ। କିନ୍ତୁ

Digitized by srujanika@gmail.com

କୁନ୍ତଳାକୁମାରୀଙ୍କ ମନୋଦଶାର ଏକ ବିସ୍ତୃତ ଚିତ୍ରଣ ସେଥିରୁ ମିଳେନାହିଁ। ନିଜର ଐକାନ୍ତିକ ପ୍ରେମକୁ ବିସ୍ମୃତ ହୋଇ ପ୍ରତାରକ କୃଷ୍ଣଙ୍କ ପ୍ରେମରେ ତଲ୍ଲୀନ ହେବା, ନିଜର କର୍ମଭୂମି ଓଡ଼ିଶାକୁ ଛାଡ଼ି ଦିଲ୍ଲୀକୁ ଆପଣେଇ ନେବା, ସାହିତ୍ୟ ସେବାରେ ସର୍ବାଧିକ ଆନନ୍ଦ ପାଉଥିବା ସମୟରେ ବଳପୂର୍ବକ ସେଥିରୁ ବଂଚିତ ହେବା, କେବଳ ଜାଗତିକ ସୁଖ ଓ ବସ୍ତୁବାଦୀ ବିଳାସ ନିମନ୍ତେ ଅର୍ଥ ରୋଜଗାରର ମାଧ୍ୟମରେ ପରିଣତ ହେଇଯିବାର କ୍ଷୋଭ, ଗ୍ଲାନି, ଦୁଃଖ ତଥା ମାନସିକ, ଶାରୀରିକ ନିର୍ଯ୍ୟାତନା, ଲାଞ୍ଛନାର ଶିକାର ହେବାର ଯେଉଁ ମାର୍ମିକ ପଶ୍ଚାତାପ ଘଟିଥିବ, ଯେଉଁ ଧିକ୍କାର ସେ ନିଜକୁ କରିଥିବେ ତା'ର ଚିତ୍ର ଜୀବନୀରେ ନାହିଁ। କଳ୍ପନେତ୍ରରେ ଓ ଦିବ୍ୟଦୃଷ୍ଟିରେ ନାଟ୍ୟକାର ନୀଳଚନ୍ଦନ ତାହା ଉପଲବ୍ଧ କରିଛନ୍ତି ଏବଂ ତା'ର ଚିତ୍ରଣ ପାଇଁ ସେ ଯେଉଁ ବିସ୍ତୃତ ସୁଯୋଗ ସୃଷ୍ଟି କରିପାରିଥାନ୍ତେ ତା' ହୁଏତ କୁନ୍ତଳାଙ୍କ ଚରିତ୍ରର ସମ୍ମାନ ହାନି ଘଟାଇଥାନ୍ତା। ତେବେ ଏକ ମନସ୍ତତ୍ତ୍ୱବିଦ୍‌ର ଭୂମିକାରେ ଅବତୀର୍ଣ୍ଣ ନୀଳାଦ୍ରିଭୂଷଣ ବାସ୍ତବତାକୁ ଉପେକ୍ଷା ନକରି ସଂକ୍ଷିପ୍ତ ରୂପରେ କୁନ୍ତଳାଙ୍କ ଆତ୍ମାର ପଶ୍ଚାତାପକୁ ପ୍ରସ୍ତାବନାରେ ଦର୍ଶାଇଛନ୍ତି। ଏଥିରେ ତାଙ୍କ ଜୀବନର ବିପର୍ଯ୍ୟୟର କାରଣ ଓ ପଶ୍ଚାତାପ ଉଭୟ ପ୍ରକାଶିତ। ପୁନଶ୍ଚ କୁନ୍ତଳାଙ୍କ ପରି ମହୀୟସୀ ମହିଳାଙ୍କର ଏତାଦୃଶ ଆବେଗଗତ ଅଧପତନର କାରଣ ଅନୁସନ୍ଧାନ କରିଛନ୍ତି ନାଟ୍ୟକାର ଓ "ଶେଷରେ ତାଙ୍କ ପ୍ରତି ପ୍ରଚଣ୍ଡ ଅଭିମାନରୁ ନିଜ ଉପରେ ନେଇଗଲି ଚରମ ପ୍ରତିଶୋଧ" ସଂଳାପ ମଧ୍ୟରେ ଏହାର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ଚକ୍ରଧର ମହାପାତ୍ରଙ୍କଠୁ କୁନ୍ତଳା କୁମାରୀ ବହୁବାର ଜୀବନୀ ଲେଖିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ପ୍ରେରଣାର ଅଭାବ ଅନୁଭବ କରୁଥିଲେ ଓ ଦ୍ୱନ୍ଦ୍ୱଗ୍ରସ୍ତ ହୋଇପଡୁଥିଲେ। ସମ୍ଭବତଃ ଏହି କାରଣରୁ ଏ ପ୍ରକାର ଏକ ନାଟକୀୟ ସ୍ଥିତି ସୃଷ୍ଟିକରି ନାଟ୍ୟକାର, ଚକ୍ରଧରଙ୍କ ଜୀବନୀକାରର ଭୂମିକା ଓ ମନୋସ୍ଥିତିକୁ ସୂଚେଇଛନ୍ତି। ତ୍ରୟୋଦଶ ଦୃଶ୍ୟ ଓ ପ୍ରସ୍ତାବନାର ରହିଛି ଏକ ସହ-ସଂପର୍କ। ତ୍ରୟୋଦଶ ଦୃଶ୍ୟରେ କୈଳାସ ରାଓ ଓ ଚକ୍ରଧରଙ୍କ ବାର୍ତ୍ତାଳାପ ମଧ୍ୟରେ କୃଷ୍ଣ ବ୍ରହ୍ମଚାରୀଙ୍କ ପ୍ରକୃତ ପରିଚୟ ଚକ୍ରଧର ଓ କୈଳାସ ରାଓଙ୍କର କୁନ୍ତଳାଙ୍କ ସଂପର୍କରେ ମହତାକାଂକ୍ଷା, କୈଳାସ ରାଓ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଭୁଲ୍ କରିଥିବାର ଅନୁତାପ ଓ କୁନ୍ତଳାଙ୍କ ବିଫଳ ପାରିବାରିକ ଜୀବନର ଚିତ୍ର ଉନ୍ମୋଚିତ। ପ୍ରସ୍ତାବନାରେ କୁନ୍ତଳାଙ୍କ ଆତ୍ମାମୁଖର ସଂଳାପ, ତ୍ରୟୋଦଶ ଦୃଶ୍ୟରେ କୈଳାସଙ୍କ ମୁଖରେ ପୁନର୍ଉଚ୍ଚାରିତ ହୋଇ ନାଟ୍ୟକାରଙ୍କ ବକ୍ତବ୍ୟକୁ ବଳିଷ୍ଠ କରିଛି। କୁନ୍ତଳାଙ୍କର ଏହିପରି ଭାବେ କୃଷ୍ଣ ବ୍ରହ୍ମଚାରୀଙ୍କୁ ବିବାହ କରି ବିଷୟଟିକୁ ବହୁ ବୁଦ୍ଧିଜୀବୀଙ୍କୁ ପ୍ରତିକ୍ରିୟାଶୀଳ କରିଥିଲା। ଯେଉଁ ସବୁ ସିଦ୍ଧାନ୍ତରେ ଓଡ଼ିଶାବାସୀ ପହଞ୍ଚିଛନ୍ତି ତନ୍ମଧ୍ୟରୁ ନାଟ୍ୟକାର ନୀଳାଦ୍ରିଭୂଷଣ ଦୁଇଟି ସିଦ୍ଧାନ୍ତରେ ବିଶ୍ୱାସୀ। ଉଭୟ ଏହି ସଂଳାପରେ ପ୍ରତିଫଳିତ।

Digitized by srujanika@gmail.com

"କୈଳାସ : x x x। କୁନ୍ତଳାକୁମାରୀଙ୍କ କୋମଳ ମାନସିକତାକୁ, ଉଚ୍ଛଳ ଆବେଗ ପ୍ରବଣତାକୁ, ନାରୀତ୍ୱର ଅଭୀପ୍ସାକୁ ଜହ୍ଲାଦପରି ବାରମ୍ବାର ମୁଁ ହତ୍ୟା କରିଛି। ବଡ଼ ଅଭିମାନିନୀ ସେ। ମୋ ଉପରେ ଅଭିମାନ କରି ନିଜ ଉପରେ ପ୍ରଚଣ୍ଡ ପ୍ରତିଶୋଧ ନେଇଗଲେ। ଜୀବନର ସବୁଠୁ ବଡ଼ ନିଷ୍ପତ୍ତି ଏମିତି ଭାବେ –"(ପୃ-୮୫) ଏକାଦଶ ଦୃଶ୍ୟରେ କୁନ୍ତଳା ଓ କୃଷ୍ଣ ବ୍ରହ୍ମଚାରୀଙ୍କ ବୈବାହିକ ଜୀବନର ବ୍ୟର୍ଥତା ଓ ଦ୍ୱାଦଶ ଦୃଶ୍ୟରେ ଜୈନେନ୍ଦ୍ରଙ୍କ ସହ ବାର୍ତ୍ତାଳାପ ମଧ୍ୟରେ ତାହା ନିଶ୍ଚିତ କରାଯାଇଛି। ତେଣୁ ତ୍ରୟୋଦଶ ଦୃଶ୍ୟରେ କୈଳାସ ରାଓ ଓ ଚକ୍ରଧରଙ୍କ ମଧ୍ୟରେ ଭାବ ବିନିମୟର ପରିକଳ୍ପନା ନାଟକକୁ ଏକ ଭିନ୍ନ ସ୍ପର୍ଶ ଦିଏ। କୈଳାସ ରାଓଙ୍କର କୁନ୍ତଳାଙ୍କ ପ୍ରତି ପ୍ରୀତି, ତାଙ୍କ ପ୍ରତି କରିଥିବା ଅବିଚାରର ସ୍ୱୀକାରୋକ୍ତି ଅତୁଳନୀୟ। ଏ ଦୃଶ୍ୟର ସଫଳତା ଏଇଠାରେ। ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଯଶଖ୍ୟାତିଠାରୁ ଅଧିକ କାମ୍ୟ ଏକ ପରିପୂର୍ଣ୍ଣ ଜୀବନ। ଠିକ୍ ସୁରେନ୍ଦ୍ର ମହାନ୍ତିଙ୍କ ଉଚ୍ଚାରିତ "ନିର୍ବାଣଠାରୁ ଜୀବନ ମହତ୍ତର ପରା" । ଚକ୍ରଧର ମହାପାତ୍ର ଓ କୈଳାସ ରାଓ ପ୍ରମୁଖ ବହୁ ବ୍ୟକ୍ତି କୁନ୍ତଳାଙ୍କ ମଧ୍ୟରେ ଦେଖି ପାରିଥିଲେ ଏକ ଉଜ୍ଜ୍ୱଳ ଶିଖା ଯାହା ହୋଇଥାନ୍ତା ଓଡ଼ିଶାର ପଥପ୍ରଦର୍ଶକ। ମାତ୍ର ସେମାନେ ସମସ୍ତେ ଭୁଲିଯାଇଥିଲେ ଏ ଯଶଖ୍ୟାତି, କବିତ୍ୱ, ଜନସେବା, ଚିକିତ୍ସାର ଆଟୋପ ତଳେ ଏକ କମନୀୟ ନାରୀର ସତ୍ତା, ତା'ର ମନୁଷ୍ୟ ଭାବରେ ବଂଚିବାର କରୁଣ ଆର୍ତ୍ତନାଦ। ତାଙ୍କର ଏ ଆର୍ତ୍ତନାଦକୁ ଜୀବନୀକାର ସାମାନ୍ୟ ଓ ସଂଯମର ଅଭାବ ମନେ କରିଛନ୍ତି। ମାତ୍ର ମାନବବାଦୀ ନୀଳାଦ୍ରିଭୂଷଣ ହରିଚନ୍ଦନ କୁନ୍ତଳାଙ୍କର ଏ ମର୍ମବିଦାରକ କ୍ରନ୍ଦନ ଶୁଣିପାରିଛନ୍ତି ତେଣୁ ଚକ୍ରଧରଙ୍କ କଣ୍ଠରେ ସ୍ଫୁରିତ ହୋଇଛି: "କିନ୍ତୁ ଏଇ ଅସାଧାରଣ ବୃକ୍ଷଟିର ଡାଳପତ୍ରରେ ଭରି ଯାଇଥାନ୍ତା। ଅଜସ୍ର ଫୁଲ। ଯାହାର ସୌରଭ ପୁଲକିତ କରିଥାନ୍ତା ଉତ୍କଳବାସୀଙ୍କୁ।"(ପୃ-୮୬)

ଶେଷ ଦୃଶ୍ୟରେ କୃଷ୍ଣ ବ୍ରହ୍ମଚାରୀଙ୍କ ଇଞ୍ଜେକସନ୍ ଦେବାରେ ଭୁଲ ହେବାରୁ ପୁତ୍ର ପ୍ରସବ ପରେ ପରେ କୁନ୍ତଳାଙ୍କର ଅକାଳ ମୃତ୍ୟୁ ଘଟିଛି। ଏହି ଦୃଶ୍ୟର ଶେଷରେ ମଞ୍ଚ ଅନ୍ଧକାର ହେଇ ଆସୁଥିବା ସମୟରେ ଚକ୍ରଧରଙ୍କ ଆର୍ବିଭାବ ଓ କୁନ୍ତଳାଙ୍କ ବୈଶିଷ୍ଟ୍ୟ ଉଚ୍ଚାରଣ କରିବା ଭିତରେ ସ୍ପଷ୍ଟ ହୁଏ ଯେ ସମସ୍ତ ନାଟକଟି ଚରିତ ନାଟକ ଭାବରେ ବା ଜୀବନୀ ରୂପରେ ସତେ ଯେପରି ଚକ୍ରଧର ମହାପାତ୍ର ଲେଖି ଚାଲିଥିଲେ ଓ ସମାନ୍ତରାଳ ଭାବେ ଅଭିନୀତ ହେଇ ଚାଲିଥିଲା। ନାଟକର ଲେଖନୀକାର, ଏକ ପ୍ରକାର ସୂତ୍ରଧର ତଥା ଚରିତ୍ର ଭୂମିକାରେ ଚକ୍ରଧରଙ୍କର ଆର୍ବିଭାବ। ପ୍ରତ୍ୟେକ ମହତ ବା ଉଚ୍ଚକୋଟୀର ସର୍ଜନଶୀଳ ସାହିତ୍ୟ ମଧ୍ୟରେ ଲେଖକର ଦର୍ଶନ, ଜୀବନ ଦୃଷ୍ଟି ତଥା ଦୃଷ୍ଟିକୋଣ ପ୍ରତିଫଳିତ ହୋଇଥାଏ। ଏ ନାଟକଟି ସଂପୂର୍ଣ୍ଣ ଭାବରେ ଜୀବନୀ ଆଧାରିତ ହୋଇଥିଲେ ମଧ୍ୟ

Digitized by srujanika@gmail.com

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ଜୀବନଦୃଷ୍ଟି ପ୍ରଚ୍ଛନ୍ନଭାବେ କୈଳାସ ରାଓ; ଚକ୍ରଧର ଓ କୁନ୍ତଳା ଚରିତ୍ର ମଧ୍ୟରେ ଉଦ୍‌ଭାସିତ। ନାଟ୍ୟକାର ଓ ଜୀବନୀକାର ଶେଷରେ ଏକୀଭୂତ ହେଇଯିବାର ପରିକଳ୍ପନା ପାଠକକୁ ଚମତ୍କୃତ କରିବା ସହିତ ଏକ ନୂତନ ସ୍ୱାଦରେ କରେ ଆମୋଦିତ।

ସହାୟକ ପୁସ୍ତକ ସୂଚୀ :

୧. ହରିଚନ୍ଦନ, ନୀଳାଦ୍ରିଭୂଷଣ - ଭାରତୀ କୁନ୍ତଳା ଓ ସରସ୍ୱତୀ ନଗେନ୍ଦ୍ରବାଳା, ୨୦୧୦, ଓଡ଼ିଶା ବୁକ୍‌ଷ୍ଟୋର, କଟକ

୨. ମହାପାତ୍ର, ଚକ୍ରଧର - କୁନ୍ତଳାକୁମାରୀ ଜୀବନ ଚରିତ, ୧୯୭୨, ଗ୍ରନ୍ଥ ମନ୍ଦିର, କଟକ.

୩. ପଟ୍ଟନାୟକ, ଇନ୍ଦିରା - କୁନ୍ତଳାକୁମାରୀଙ୍କ ସାହିତ୍ୟିକ କୃତି, ୧୯୯୬, ବିମଳା କୁଟୀର, କଟକ

୪. ସାହୁ, ନାରାୟଣ - ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ, ୧୯୯୫, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

ବିଶ୍ୱଭାରତୀ, ଶାନ୍ତିନିକେତନ,

ପିନ୍ ନଂ -୭୩୧୨୩୫ (ପଶ୍ଚିମବଙ୍ଗ)

Digitized by srujanika@gmail.com

ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ : କଲୁରିବେଣ୍ଟର ମର୍ମକଥା

ଡ. ସୀମାଞ୍ଚଳ ପ୍ରଧାନ

ସାଂପ୍ରତିକ ଓଡ଼ିଆ ନାଟ୍ୟଜଗତର ଇତିହାସରେ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ଏକ ସୁପରିଚିତ ନାମ। ସେ ଏକାଧାରରେ ଜଣେ ସୁପ୍ରତିଷ୍ଠିତ ଗବେଷକ, ଛାତ୍ରବତ୍ସଳ ପ୍ରଫେସର ତଥା ସୁନାମଧନ୍ୟ ନାଟ୍ୟକାର। ନାଟ୍ୟଜଗତରେ ତାଙ୍କର ଉଭା ଯେତେ ପୋତା ବି ସେତେ।

ସାହିତ୍ୟର ଅନ୍ୟାନ୍ୟ ବିଭାଗ ମଧ୍ୟରେ ନାଟକର ସ୍ଥାନ ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଅସ୍ୱୀକାର କରାଯାଇନପାରେ। ନାଟ୍ୟପ୍ରଣେତା ଭରତ ମୁନିଙ୍କ ମତାନୁସାରେ ନାଟକ ହେଉଛି ପ୍ରଥମେ ବେଦ ଓ ଏହା ଶ୍ରାବ୍ୟ ଏବଂ ଦୃଶ୍ୟ କାବ୍ୟର ଏକ ସମନ୍ୱିତ ରୂପ। ମାଥ୍ୟୁ ଆର୍‌ନୋଲଡ୍‌ଙ୍କ କହିବାନୁସାରେ ସାହିତ୍ୟ ଯଦି ସମାଜର ମୁକୁର ହୁଏ ତେବେ ସମାଜର ପ୍ରତିଛବି ସାହିତ୍ୟରୂପକ ମୁକୁରରେ ଯେ ପ୍ରତିଫଳିତ ହେବ ଏହା ନିଃସନ୍ଦେହ। ସାହିତ୍ୟର ଏକ ବଳିଷ୍ଠ ବିଭାଗ ହେଉଛି ନାଟକ। ନାଟ୍ୟକାର ଏକ ପରିମିତ ରଙ୍ଗମଞ୍ଚ ଉପରେ ନାଟକ ପ୍ରଦର୍ଶନ କରି ସମାଜର ପ୍ରତିଛବିକୁ ଦର୍ଶକଙ୍କ ସମ୍ମୁଖରେ ପ୍ରତିପାଦନ କରିଥାଏ। ନାଟକକୁ ଅଧ୍ୟୟନ କରି ଜାଣିବା ଅପେକ୍ଷା ନାଟକକୁ ଦେଖି ଜାଣିବାରେ ଏକ ସ୍ୱତନ୍ତ୍ର ସ୍ୱାଦ ଥାଏ। ନାଟ୍ୟକାର ହରିଚନ୍ଦନଙ୍କ ନାଟକ ଗୁଡ଼ିକରେ ସେହି ସ୍ୱାତନ୍ତ୍ର୍ୟତା ଥିବା ଲକ୍ଷ୍ୟ କରାଯାଇପାରେ।

ନାଟ୍ୟକାର ହରିଚନ୍ଦନଙ୍କ ରଚିତ ନାଟକଗୁଡ଼ିକ ମଧ୍ୟରେ "କଲୁରିବେଣ୍ଟ" ଛୋଟ ନାଟକର ସ୍ଥାନ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ବହୁଚର୍ଚ୍ଚିତ ଉପାଖ୍ୟାନ ମଧ୍ୟରେ କଲୁରିବେଣ୍ଟ ହେଉଛି ଅନ୍ୟତମ। ଏଥିରେ ରହିଛି ଏକ କଥାବୀଜ; ଯାହାର ଅଙ୍କୁରିତ ରୂପ ହେଉଛି ବିନା ଦୋଷରେ ଗୋଟିଏ ନିରୀହ ସାଧାରଣ ପକ୍ଷୀଟିର ପ୍ରାଣଯିବା। ନାଟ୍ୟକାର ଏହି ଲୋକ ଉପାଦାନ (Folk-eliment) ବା କଥାବୀଜଟିକୁ କଲୁରିବେଣ୍ଟ ଉପାଖ୍ୟାନରୁ ଗ୍ରହଣ କରି ସାଂପ୍ରତିକ ସମାଜରେ ଯେଉଁ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ଚାଲିଛି, ତାକୁ କଲୁରିବେଣ୍ଟ ଶିରୋନାମା ଦେଇ ନାଟକଟିକୁ ରଚନା କରିଥିବା ଲକ୍ଷ୍ୟ କରିହୁଏ। ନାଟକର

Digitized by srujanika@gmail.com

ପ୍ରାରମ୍ଭରେ ନାଟ୍ୟକାର ପ୍ରଚଳିତ କଲୁରିବେଣ୍ଟ ଗୀତଟିକୁ ଉପସ୍ଥାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି :

"କା କା କା
ଆକାଶୀଫଳ କଲୁରିବେଣ୍ଟ ଖା ଖା ଖା
ଯୁଆଡ଼େ ଯାଆ ସିଆଡ଼େ ନା ନା ନା
ଦେ କମାର ଦେ ଦାଆ
କାଟେ ଘାସ
ଖାଉ କାଳୀ ଗାଈ ଦେଉ ଦୁଧ
ପିଉ ମିରିଗ ଦେଉ ଶିଙ୍ଗ
ତାଡ଼େ ମାଟି
ଗଢୁ କୁମ୍ଭାର କଳସ ଗୋଟି
କାଢୁପାଣି ଧୁଏ ଥଣ୍ଟ
ଧାଇଁ ଧାଇଁ ଖାଏ କଲୁରିବେଣ୍ଟ।"

ଏଇଠୁ ଆରମ୍ଭ ହୋଇଛି ନାଟକର ପ୍ରଥମ ଦୃଶ୍ୟ। ସମଗ୍ର ନାଟକଟି ନଅ ଓ ଦୃଶ୍ୟାନ୍ତରକୁ ମିଶାଇ ଦଶଟି ଦୃଶ୍ୟରେ ସମାପନ ହୋଇଛି। ସାରକଥା ହେଉଛି ଗୋଟିଏ କାଉର ପ୍ରକୃତ ମୃତ୍ୟୁକୁ ଲୋକଲୋଚନକୁ ନଆଣି ମିଥ୍ୟାର ଆରୋପ କରାଯାଇ ଜନସାଧାରଣଙ୍କ ସମ୍ମୁଖରେ ତା'ର ମୃତ୍ୟୁର ଅବତାରଣା କରିବା। ଗୀତଟିର ଶେଷରେ ଜଣେ ସାମ୍ବାଦିକଙ୍କ ମୁଖରେ ନାଟ୍ୟକାର ପ୍ରକାଶ କରିଛନ୍ତି- "ଏଇପରି କାଉଟି ଶେଷରେ ମରିଗଲା। ମରିଗଲା ଆତତାୟୀ କମାର ଯୋଗୁଁ। ଲାଲ ଟହଟହ ତାତିଲା ଦାଆଟିକୁ କାଉ ମୁହଁରେ ଭର୍ତ୍ତି କରିଦେଲା କମାର। ଖାଲି କୌତୂକ ଦେଖିବା ପାଇଁ। କିନ୍ତୁ ଲୋକେ କହିଲେ କାଉଟି ମରିଗଲା ଦୁର୍ଘଟଣାରେ। ଆମପରି ସାମ୍ବାଦିକ ମାନେ ଖବରକାଗଜରେ ଲେଖିଲେ କାଉଟିର ମୃତ୍ୟୁ ନିରୋଳା ଦୁର୍ଘଟଣା ଜନିତ। ସରକାର ଆଶ୍ୱସ୍ତ ହେଲେ। ଲୋକେ ବି ଆଶ୍ୱସ୍ତ ହେଲେ। କେହି ଜଣେ ଆଉ ଖୋଜିଲା ନାହିଁ, ଲୋଡ଼ିଲା ନାହିଁ, କାହାକୁ ବି ପଦେ ପଚାରିଲା ନାହିଁ। ଗରିବ କାଉଟିର ମୃତ୍ୟୁ ହେଲା କେମିତି ? ଆପଣମାନେ କହିପାରନ୍ତି କମାର ବଡ଼ ନିର୍ଦ୍ଦୟ। କିନ୍ତୁ ମୁଁ କହେ- ନା, ସେ ନିର୍ଦ୍ଦୟ ହେବ କେମିତି ? ସେ ତ ଥିଲାବାଲାଙ୍କ ପାଇଁ ବେଶ୍ ସଦୟ। ସେ କେବଳ ନିର୍ଦ୍ଦୟ କାଉମାନଙ୍କ ପାଇଁ। କାରଣ କାଉଟି ଗରିବ। ତା'ରି ପରି ସାରାଦିନ ଖଟିଲେ ତା'ର ପେଟ ପୂରେ। କମାରଟି ଭାବେ, ଯେଉଁମାନଙ୍କ ହାତରେ ଅସ୍ତ୍ର ନାହିଁ, ସେମାନେ ଗରିବ। ସେମାନେ ବଞ୍ଚି ରହିବା କି' ଦର୍କାର ?"

Digitized by srujanika@gmail.com

ନାଟ୍ୟକାରଙ୍କର ଦୃଷ୍ଟିରେ କମାର ହେଉଛି ସମାଜର ତଥାକଥିତ ବଡ଼ପଣ୍ଡାଙ୍କର ପ୍ରତୀକ। ସେମାନେ ହେଉଛନ୍ତି ଏହି ସମାଜର ହର୍ତ୍ତା, କର୍ତ୍ତା, ଭାଗ୍ୟ ବିଧାତା। ତାଙ୍କରି ଇଙ୍ଗିତରେ ସତେ ଯେପରି ଏ ବିଶ୍ୱ ପରିଚାଳିତ। ସମାଜର ଶିଳ୍ପପତି, ଅମଲା, ଗଣମାଧ୍ୟମର ପ୍ରତିନିଧି, ରାଜନୈତିକ ବ୍ୟକ୍ତି ବିଶେଷ ହେଉଛନ୍ତି ନିୟନ୍ତ୍ରକ। ଏମାନେ ଗୋଟିଏ ଗୋଟିଏ ଦୁର୍ନୀତିର ଗନ୍ତାଘର। ଯେତେ ଦିନ ପର୍ଯ୍ୟନ୍ତ ଏମାନଙ୍କ କାୟା ବିସ୍ତାରିତ ହେଉଥିବ ସେତେଦିନ ପର୍ଯ୍ୟନ୍ତ ଗରିବ ଗୁରୁବାମାନଙ୍କ ଭାଗ୍ୟରେ ନ୍ୟାୟର ଚିହ୍ନ ସୃଷ୍ଟି ହେବନାହିଁ ଏହା ସୁନିଶ୍ଚିତ।

ଆଲୋଚ୍ୟ ନାଟକରେ ନାଟ୍ୟକାର କାଉ ଦଶା ଭୋଗିଲା ପରି ଜଣେ ଚୌକିଦାର ସାଧାରଣ ଆକସ୍ମିକ ଛୁଟି ପାଇଁ ଉପର ହାକିମଙ୍କୁ ଦରଖାସ୍ତଟିଏ ପ୍ରଦାନ କରିସାରିବା ପରେ କିପରି ଚାକିରୀରୁ ବହିଷ୍କାର ହୋଇ ତଳିତଳାନ୍ତ ହୋଇ ତା'ରି ଦଶାଭୋଗ କରିଛି, ତାହାକୁ ନାଟ୍ୟକାର କଲୁରୀବେଣ୍ଟ ନାଟକରେ ପ୍ରକାଶ କରିଛନ୍ତି।

ଚୌକିଦାର ଗୁରୁଚରଣ କୌଣସି ଏକ ଅଭୟାରଣ୍ୟସ୍ଥ ଡାକବଙ୍ଗଳାର ଚୌକିଦାର। ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସେ। ସରକାରଙ୍କ ନିର୍ଦ୍ଦେଶାନୁସାରେ ଅଭୟାରଣ୍ୟରେ ପଶୁ ଶିକାର ନିଷେଧ। ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ସେ। ଘଟଣାଟି ଅତି ସାଧାରଣ। କିନ୍ତୁ ପରିସ୍ଥିତି ନିୟନ୍ତ୍ରଣାଧୀନ। ଦିନେ ଗୁରୁଚରଣଙ୍କ ପତ୍ନୀ ଅସୁସ୍ଥ ଥିବା ହେତୁ ତାଙ୍କ ଚିକିତ୍ସା ଥିଲା ଅବଶ୍ୟମ୍ଭାବୀ। ଏଥିପାଇଁସେ ଗୋଟିଏ ଦିନ ଛୁଟି ମଂଜୁର ସକାଶେ ଉପରିସ୍ଥ ସାହେବଙ୍କୁ ଦରଖାସ୍ତଟିଏ ପ୍ରଦାନ କରିଥିଲେ। ଯେଉଁଦିନ ସେ ଛୁଟି ମାଗିଥିଲେ ସେହିଦିନ ସାହେବଙ୍କ ସହକର୍ମୀ ମାନେ ଅଭୟାରଣ୍ୟରେ ହରିଣ ଶିକାର କରି ଭୋଜିର ଆୟୋଜନ କରିବାର ଥିଲା। ଗୁରୁଚରଣ ଯେହେତୁ ଥିଲେ ଜଣେ ସଫଳ ରୋଷିୟା, ସାହେବ ସେଥିପାଇଁ ତାଙ୍କୁ ସେହି ନିର୍ଦ୍ଦିଷ୍ଟ ଦିନ ଛୁଟି ନାମଂଜୁର କରିଥିଲେ। ଗୁରୁଚରଣ ଅଭୟାରଣ୍ୟରେ ପଶୁ ଶିକାର ନିଷେଧ ବୋଲି ବାରମ୍ବାର କହିଲେ ସୁଦ୍ଧା ଜନୈକ ଶିକାରୀ ହାତରେ ମୃଗଟିକୁ ଶରବିଦ୍ଧ କରି ଦିଆଗଲା। ନାଟ୍ୟକାରଙ୍କ ଭାଷାରେ :

ଗୁରୁ : ଶିକାରୀ ! ଏଠି କ'ଣ ଶିକାର ହେବ ?

ଶିକାରୀ : ଶିକାର ହେବନି ତ ଆଉ ଡକେଇଛନ୍ତି କାହିଁକି ?

ଗୁରୁ : କୋଉଠି ? ଏଇ ଅଭୟାରଣ୍ୟରେ ?

ଶିକାରୀ : ସେ କଥା ମୁଁ କେମିତି କହିବି ? ସେ କଥା ତମ ସାହେବ ଜାଣନ୍ତି। ତେବେ ମୋତେ ଯିଏ ଖବର ଦେଇଥିଲେ, ସେ କହିଲେ ସାହେବଙ୍କର ବନ୍ଧୁମାନେ କାଲ ଏଠି ଆସି ପହଞ୍ଚିବେ, ଗୋଟାଏ ଭୋଜି ହେବ। ସେଥିପାଇଁ ଆଜି ରାତି ଭିତରେ ଗୋଟାଏ ଜନ୍ତୁ ମାରିବା ଦରକାର। ତମେ ଜାଣିନ କିଛି ?

Digitized by srujanika@gmail.com

ଗୁରୁ ନା ତ ! ମୋତେ କିଛି ବି କହିନାହାନ୍ତି । କିନ୍ତୁ ଅଭୟାରଣ୍ୟରୁ ଜନ୍ତ ମାରିବା ତ ମନା । ସରକାର ଆଇନ୍ କରିଦେଇଛନ୍ତି ।

ଶିକାରୀ : ମନା ସିନା ବାହାର ଲୋକଙ୍କ ପାଇଁ । ସାହେବମାନଙ୍କୁ ମନା କ'ଣ ? ସେମାନେ ତ ଖୋଦ୍ ସରକାର ।

ଗୁରୁ କିନ୍ତୁ ଏତ ବଡ଼ ଅନ୍ୟାୟ ।

ଶିକାରୀ : ଆରେ ନ୍ୟାୟ ଅନ୍ୟାୟ ଆମପରି ଲୋକଙ୍କ ପାଇଁ । ସେମାନଙ୍କ ପାଇଁ କ'ଣ ?

ଉପର୍ଯ୍ୟୁକ୍ତ କଥୋପକଥନରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଅମଲାମାନଙ୍କ ନିୟନ୍ତ୍ରଣାଧୀନ ହେଉଛନ୍ତି ସରକାର । ଅମଲାତନ୍ତ୍ରର ବିନା ପରାମର୍ଶରେ ସରକାର ଇଞ୍ଚେ ମାତ୍ର ଆଗକୁ ମାଡ଼ିପାରିବେ ନାହିଁ, ଏହା ଅବଶ୍ୟ ସ୍ୱୀକାର୍ଯ୍ୟ । ମନ୍ତ୍ରାଳୟରେ ଯେତେସବୁ ନଥିପତ୍ର ଆସି ଜମା ହୁଏ, ସେଗୁଡ଼ିକୁ ଅଧ୍ୟୟନ କରି ମତାମତ ପ୍ରଦାନ କରିବା ହେଉଛି ସେମାନଙ୍କର କାର୍ଯ୍ୟ । ମନ୍ତ୍ରୀମାନେ କେବଳ ନାମକୁ ମାତ୍ର । କେବଳ ଦସ୍ତଖତଟିଏ କରି ସେମାନଙ୍କ ଦକ୍ଷତାକୁ ପ୍ରମାଣିତ କରିଥାନ୍ତି । ମନ୍ତ୍ରୀଙ୍କର ଏଭଳି କାର୍ଯ୍ୟକୁ ଜାଣିପାରନ୍ତି ବୁଦ୍ଧିଜୀବୀ । ତଥାପି ସେମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ କରିନଥାନ୍ତି । ଯେଉଁମାନେ ସ୍ୱର ଉତ୍ତୋଳନ କରିବା ପାଇଁ ମୁଣ୍ଡ ଟେକନ୍ତି ସେମାନଙ୍କର ଅବସ୍ଥା ଗୁରୁଚରଣଙ୍କ ପରି ହୋଇଥାଏ ।

ତଥାପି ଗୁରୁଚରଣ ଥିଲେ ଆଶାୟୀ । କେହି ନା କେହି ଉପରିସ୍ଥ ହାକିମ ତାଙ୍କ ନ୍ୟାୟ ସପକ୍ଷରେ କିଛି କହିବେ । ଏହା ଭାବି ସେ ବଡ଼ ସାହେବଙ୍କ ନିକଟରେ ଉପସ୍ଥିତ ରହି ଘଟଣାର ସତ୍ୟାସତ୍ୟ ସଂପର୍କରେ ଅବଗତ କରାଇଲେ । ଗୁରୁଚରଣଙ୍କ ଅଭିଯୋଗ ଶୁଣିସାରି ବଡ଼ ହାକିମ କହିଲେ, "ମୁଁ ଆଉ କ'ଣ କରିପାରିବି ? ମୋ ହାତରେ କ'ଣ ଅଛି ?

ଗୁରୁ ଆପଣ ସବୁଠୁ ବଡ଼ ସାହେବ । ଆପଣଙ୍କ କଥାକୁ କାଟିଦେବାକୁ କିଏ ଅଛି ? ଆପଣ ଯାହା କରିବେ ତା' ହିଁ ହେବ । ବଡ଼ସାହେବ : ମୋର ଇଚ୍ଛା ଅନିଚ୍ଛାର ପ୍ରଶ୍ନ ଉଠିବା ପାଇଁ ତମେ ଆଉ ବାଟ ରଖିଛ କେଉଁଠି ? ଏଇମିତି ଗୋଟିଏ ଦରଖାସ୍ତ ଲେଖିଥିଲ କାହିଁକି ? ଛୁଟି ମଂଜୁର ନହେଲା ନାହିଁ, ଅସୁବିଧାଟା ତମର କ'ଣ ହୋଇଯାଉଥିଲା ଶୁଣେ ? ଏବେ ଡିପାର୍ଟମେଣ୍ଟର ସମସ୍ତଙ୍କୁ ଶତ୍ରୁ କରି ଠିଆ କରାଇଦେଲ,ଭଲ ହେଲା ।

ସରକାରୀ ଦପ୍ତରରେ ଅଫିସର ଅଫିସରଙ୍କର କଥା ହିଁ ଶୁଣନ୍ତି । ସେ ଯେତେ ଜଘନ୍ୟ ଅପରାଧ ଅନ୍ୟାୟ ହୋଇଥାଉ ପଛେକେ, ତଳିଆ କର୍ମଚାରୀ ଗରିବ ମାଇପ ଧନ୍ଦୁରି ଶାଢ଼ୀ ପରି ପ୍ରତୀୟମାନ ହୁଅନ୍ତି ।

Digitized by srujanika@gmail.com

ଅଭୟାରଣ୍ୟରେ ପଶୁଶିକାର ନିଷେଧ ହେଲେ ମଧ୍ୟ ମୃଗଟିର ମୃତ୍ୟୁ ଶିକାରୀ ଦ୍ୱାରା ନଥିପତ୍ରରେ ନହୋଇ ବ୍ୟାଘ୍ର ଦ୍ୱାରା ହୋଇଥିବା ଉଲ୍ଲେଖ କରାଯାଏ। ଏହାର ପକ୍ଷ ସମର୍ଥନ କରନ୍ତି ବଡ଼ ସମର୍ଥନ (ଜଟାୟୁର ଛିନ୍ନ ଡ଼େଣା, ପୃଷ୍ଠା-୧୪)।

ବଡ଼ ସାହେବ : ଛୋଟ ସାହେବ କହୁଛନ୍ତି ଗୋଟିଏ ହରିଣକୁ ବାଘ ମାରିଥିବାର ଦେଖି ଗାର୍ଡ଼ମାନେ ତାକୁ ଟେକି ଆଣିଥିଲେ। ଏବେ ମୁଁ କାହା କଥା ବିଶ୍ୱାସ କରିବି ? ଜଣେ ଉଚ୍ଚପଦସ୍ଥ ଅଫିସରଙ୍କର କଥା ନା ଜଣେ ଚୌକିଦାରର କଥା ? ବାସ୍ତବରେ ଏଇ ସମାଜରେ ଗରିବଙ୍କ ସ୍ଥାନ ନାହିଁ। ସରକାର ଯେତେ ବଦଳିଲେ ମଧ୍ୟ ଗରିବର ଭାଗ୍ୟ କିନ୍ତୁ ସବୁବେଳେ ସମାନ।

ଗୁରୁଚରଣ ଚାକିରୀରୁ ସସ୍‌ପେଣ୍ଡ ହେଲାପରେ ତା'ର ପେନ୍‌ସନ୍ ଟଙ୍କା ଓ ପ୍ରାଇଭେଟ୍ ଫଣ୍ଡ୍ ଟଙ୍କା ପାଇଁ ସେଇ କିରାଣୀମାନଙ୍କ ଦ୍ୱାରସ୍ଥ ହୋଇଛି। ସେମାନେ ବିନା ଉତ୍କୋଚରେ ପେନ୍‌ସନ କରାଇଦେବା ପାଇଁ ଆଦୌ ରାଜି ହୋଇନାହାନ୍ତି। ଏହାର ମୁକାବିଲା ସକାଶେ ଗୁରୁଚରଣ ମନ୍ତ୍ରୀଙ୍କ ନିକଟରେ ହାଜର ହୋଇ ସତ୍ୟାସତ୍ୟ ପ୍ରକାଶ କରିଛି। ଏଭଳି ସମସ୍ୟାର ସମାଧାନ ମନ୍ତ୍ରୀ ମଧ୍ୟ କରିପାରିନାହାନ୍ତି। ସେମାନେ ଅମଲାମାନଙ୍କ ଦ୍ୱାରା କିଭଳି ନିୟନ୍ତ୍ରିତ ସେ କଥାକୁ ପ୍ରକାଶ କରିଅଛନ୍ତି। ନାଟ୍ୟକାରଙ୍କ ଭାଷାରେ – "ଏଇ କଥା ତ ଚାଲିଛି ସବୁଠି। ଆମେ ଚେଷ୍ଟା କରି କ'ଣ ଲାଞ୍ଚ ମିଛ ବନ୍ଦ କରିଦେଇ ପାରିବୁ ? ପୂରା ଶାସନ କଳ ପରା ଯାରି ଉପରେ ଚାଲିଛି। ଅଫିସର କହ, କିରାଣୀ କହ ସମସ୍ତଙ୍କର ଗୋଟିଏ କଥା, ମନ୍ତ୍ରୀମାନେ ଯଦି ଚାନ୍ଦା ନେଉଛନ୍ତି ଇଲେକ୍‌ସନ୍ ନାଁରେ ଆମେ ସେମିତି ବିଶେଷ ଜରୁରୀ କାର୍ଯ୍ୟ ନାଁରେ ନେବୁ। ସେଥିରେ କ୍ଷତି କ'ଣ ? ଆରେ ବାବୁ, ଏମାନଙ୍କର ବୁଝିବା ଉଚିତ୍ ଯେ ଚାନ୍ଦା ଆଉ ଲାଞ୍ଚ କେତେ ତଫାତ୍। ବୁଝିଲ, ସୁନୀତି ଦୁର୍ନୀତି ଭିତରେ ଯେତିକି ତଫାତ୍।

ଗୁରୁଚରଣ ମନ୍ତ୍ରୀ ମହୋଦୟଙ୍କ ଠାରୁ ନିରାଶ ବାଣୀ ଶ୍ରବଣ କରି ଯେତେବେଳେ ଗୃହାଭିମୁଖ ହେଲେ ସେତେବେଳେ ତାଙ୍କର ବିରସ ମୁଖ ଦେଖି ତାଙ୍କ ପୁତ୍ର ବେଣୁ ରାଜନୀତିରେ ଯୋଗଦେଇ ଏଇ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବାକୁ ପିତାଙ୍କୁ ପ୍ରତିଶ୍ରୁତି ଦେଲେ। ଆଜିର ଏଇ କୁତ୍ସିତ ରାଜନୀତିରେ ପ୍ରବେଶ କରିବା ଓ ପ୍ରାର୍ଥୀ ପତ୍ର ଦାଖଲ କରିବା ପାଇଁ ମଧ୍ୟ ଅଜସ୍ର ଅର୍ଥର ଆବଶ୍ୟକ। ସାଂପ୍ରତିକ ରାଜନୀତିରେ ମଧ୍ୟରେ ଗରିବଙ୍କ ସ୍ଥାନ ଅତି ନିମ୍ନରେ। ଏହା ଜଣାଇ ଦେଇଛନ୍ତି ଗୁରୁଚରଣ।

ପରିଶେଷରେ ଏହି ସତ୍ୟ ଘଟଣାଟି ଖବର କାଗଜରେ ଛାପିବା ପାଇଁ ଯେତେବେଳେ ସେ ସଂପାଦକଙ୍କ ନିକଟକୁ ଯାଇଛନ୍ତି, ସେତେବେଳେ ଏହି ସାମାନ୍ୟ ଘଟଣାଟିକୁ ଖବର କାଗଜରେ ସ୍ଥାନୀତ କରାଯାଇ ପାରିବ ନାହିଁ ବୋଲି ସଂପାଦକ

Digitized by srujanika@gmail.com

ମହାଶୟ ରୋକ୍‌ଠୋକ୍ ମନା କରିଦେଇ ତାଙ୍କ ସଂସ୍ଥା କିପରି ସରକାରଙ୍କର ନିୟନ୍ତ୍ରଣାଧୀନ ତାହା ସଂପର୍କରେ ସଚେତନ କରାଇ ଦେଇଛନ୍ତି ।

ସରକାରଙ୍କ ବିରୁଦ୍ଧରେ ଲେଖା ପ୍ରକାଶିତ ହେଲେ ସରକାରୀ ସ୍ତରରୁ ତାଙ୍କ ପେପରକୁ ଯେଉଁ ବିଜ୍ଞାପନ ମିଳିବା କଥା ତାହା ଯେ ବନ୍ଦ ହୋଇଯିବ, ଏହାକୁ ସେ ଉପସ୍ଥାପନ କରିଛନ୍ତି ।

ଶେଷରେ ବାଧ୍ୟ ହୋଇ ଗୁରୁଚରଣ କପାଳକୁ ନିନ୍ଦି ଚୁପ୍ ରହିଯାଇଛନ୍ତି । ନାଟ୍ୟକାର ଆଲୋଚ୍ୟ ନାଟକରେ ନାଟ୍ୟକାର ଦର୍ଶାଇବାକୁ ଚାହାଁନ୍ତି ଯେ, ସାଂପ୍ରତିକ ସମାଜରେ ଗରିବଙ୍କ ସ୍ଥାନ ସବୁବେଳେ ତଳେ । ଯାହାରକି କୌଣସି ପରିବର୍ତ୍ତନ ନାହିଁ ।

ବରିଷ୍ଠ ଅଧ୍ୟାପକ, ଓଡ଼ିଆ ସାହିତ୍ୟ ବିଭାଗ
ଶ୍ରୀ ବାଲାଜୀ ମହାବିଦ୍ୟାଳୟ, ନୂଆପଡ଼ା,
ଗଂଜାମ-୭୬୧୦୧୧

Digitized by srujanika@gmail.com

ଅଶ୍ୱିନୀକୁମାରଙ୍କ ଶେଷଦିନ : ସହୃଦୟ ଅନୁଶୀଳନ

ଡ. ଆଲୋକ ବରାଳ

ଅନ୍ତର୍ବୋଧ ସାହିତ୍ୟକୁ ସର୍ବଦା ପ୍ରଭାବିତ କରିଥାଏ । ମନ ଭିତରେ ଅହରହ ଲହଡ଼ି ଭାଙ୍ଗୁଥିବା 'ଭାବନା' ଓ 'ବିଚାର'କୁ ଆପେ ଲେଖେଇ ନିଏ । ତେଣୁ ସ୍ରଷ୍ଟାମାନେ ବାହାରି ଆସିପାରନ୍ତି ନାହିଁ ତାଙ୍କର କଳ୍ପିତ ଇଲାକାରୁ । ଏ କଥା ଏଠାରେ ଉଲ୍ଲେଖ କରିବାର କାରଣ ହେଲା ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ସେହିଭଳି ଜଣେ ନାଟ୍ୟକାର; ଯିଏ ନାଟକ ଲେଖିବା ପାଇଁ 'ମସ୍ତିଷ୍କ'ର 'କସରତ' କରି ନାହାନ୍ତି ବରଂ 'ହୃଦୟ'ର 'ଆବେଗ'ରେ ଲେଖିଛନ୍ତି ତାଙ୍କର ନାଟକ ସମୂହ । ତାହାହିଁ କାରଣ ସେସବୁ ଅଧିକ ପଠନ ଓ ଅନୁଚିନ୍ତାମୂଳକ ହୋଇଥିବା ସ୍ଥଳେ ମଞ୍ଚମୂଲ୍ୟକୁ କରିଛି ଅଣଦେଖା । ଅର୍ଥାତ୍ ନୀଳାଦ୍ରିଙ୍କୁ ପଢ଼ିଲା ବେଳେ ନାଟକର ଭାବଗତ ଓ ସଂବେଗାତ୍ମକ ଆବେଦନର ହାର୍ଦ୍ଦିକ ପ୍ରଚୁରତା ଭିତରେ ନାଟ୍ୟକଳା ପ୍ରତି ଦୃଷ୍ଟି ତୀର୍ଯ୍ୟକ ହୋଇ ଉଠେ ନାହିଁ; ସେ କଥା ବିଚାର କଲା ବେଳକୁ ଦର୍ଶକ/ ପାଠକ ଭିତରେ ପରିତୃପ୍ତିର ଆତ୍ମସନ୍ତୋଷ ଉଠିଆସେ ଦୀର୍ଘଶ୍ୱାସ ହୋଇ ! ତେବେ କ'ଣ ଲୋଡ଼ା ଆଉ ମଞ୍ଚକୌଶଳର କାରିଗରୀ । ସେ ଦୃଷ୍ଟିରୁ ନାଟ୍ୟକାର ସ୍ୱତନ୍ତ୍ର ଓ ପ୍ରଭାବଶାଳୀ; ସେହିଭଳି ପ୍ରଭାବଶାଳୀ ତାଙ୍କର ସଂବାଦର ଗମ୍ଭୀରତା; ଚରିତ୍ରର ଆତ୍ମିକ ଅଭିବ୍ୟକ୍ତି ଓ ଭାଷିକ ନାନ୍ଦନିକତା ଅପୂର୍ବ ନାଟକୀୟତାରେ ଅଭିସିକ୍ତ ! ଏ ଆଲୋଚକର ଦୃଷ୍ଟିରେ ଏହା ହିଁ ନୀଳାଦ୍ରି ନାଟ୍ୟଜିଜ୍ଞାସାର ଅନ୍ତରୀଣ ଅଭିବ୍ୟକ୍ତି !

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର ନାଟ୍ୟକ୍ଷେତ୍ରକୁ ଅବଲୋକନ କଲେ ସ୍ୱତଃ ଦୃଷ୍ଟିକୁ ଆସିଥାଏ କେତେକ ଜୀବନୀମୂଳକ ବା ଚରିତମୂଳକ ନାଟକ (Biographical Drama) । ଆଉ ଅନେକ ସମୟରେ ସେଇ ଚରିତ୍ରମାନଙ୍କର ସ୍ୱାତନ୍ତ୍ର୍ୟ ଉକୁଟି ଉଠିଥାଏ ସେମାନଙ୍କର ଲୁକ୍‌କାୟିତ ଗରିମା ଦେଇ । ସେସବୁ କେତେବେଳେ 'ସଂକେତ' (Sign) ମାଧ୍ୟମରେ ତ କେତେବେଳେ 'ପ୍ରତୀକ' (Symbol) ମାଧ୍ୟମରେ ତ ଆଉ କେତେବେଳେ ନବ୍ୟ-ଐତିହାସିକ (New Historicism) ବା ସାଂସ୍କୃତିକ ଅଧ୍ୟୟନ (Cultural Study) ପ୍ରେକ୍ଷାରେ ଉଜ୍ଜ୍ୱଳ ଉଠିଛନ୍ତି ଚରିତ୍ରମାନେ ନୂଆ ଏକ ଏକ ବ୍ୟକ୍ତିତ୍ୱ ହୋଇ । ସେ ଚରିତ୍ରମାନେ ହୋଇପାରନ୍ତି ପୌରାଣିକ, ଐତିହାସିକ ଅବା

Digitized by srujanika@gmail.com

ସାହିତ୍ୟ ଜଗତର ଜଣେ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ଚରିତ୍ର। ନାଟ୍ୟକାରଙ୍କ ସେଭଳି ନାଟକର ଚରିତ୍ରମାନେ ହେଉଛନ୍ତି 'ସତ୍ୟ ସଂଶୟ ସାଲବେଗ' (୧୯୮୧) ନାଟକର ସାଲବେଗ; 'କଲମ୍ବସ' (୧୯୯୦) ନାଟକର 'କଲମ୍ବସ', 'ବତାସ ନିସ୍ତବ୍ଧ ଆଜି' (୧୯୮୩)ର ହମ୍ମୀର ଦେବ ଓ କପିଳେନ୍ଦ୍ର ଦେବ; 'ଭୀମ ଭୋଇଙ୍କ ସନ୍ଧାନରେ' (୧୯୮୮) ନାଟକର ଭୀମଭୋଇ; 'ଭାରତୀ କୁନ୍ତଳା' (୨୦୧୦) ନାଟକର କୁନ୍ତଳାକୁମାରୀ, 'ସରସ୍ୱତୀ ନଗେନ୍ଦ୍ରବାଳା' (୨୦୧୦) ନାଟକର ରାଧାନାଥ ରାୟ ଓ ନଗେନ୍ଦ୍ର ବାଳା ଅବା 'ଅଶ୍ୱିନୀକୁମାରଙ୍କ ଶେଷଦିନ' (୨୦୧୬) ନାଟକର ନାଟ୍ୟକାର ଅଶ୍ୱିନୀକୁମାର ଘୋଷ।

ନାଟ୍ୟକାରଙ୍କର ଅନେକ ପୌରାଣିକ ମିଥ୍‌ଧର୍ମୀ ନାଟକରେ ମଧ୍ୟ ଚାରିତ୍ରିକ ବୈଶିଷ୍ଟ୍ୟ ଓ ଅବ୍ୟକ୍ତ ଚାରିତ୍ରିକତାର ନବ ମୂଲ୍ୟାୟନକୁ ଅବଲୋକନ କରାଯାଇପାରେ ନାଟକର ଛତ୍ରେ ଛତ୍ରେ। ସେହିଭଳି ଉପର୍ଯ୍ୟୁକ୍ତ ନାଟକ ସମୂହରେ କଲମ୍ବସ, ସାଲବେଗ, କପିଳେନ୍ଦ୍ର ଦେବ- ପୁରୁଷୋତ୍ତମ ଦେବ- ହମ୍ମୀର ଦେବ, ଭୀମ ଭୋଇ, କୁନ୍ତଳାକୁମାରୀ ସାବତ, ରାଧାନାଥ ଓ ନଗେନ୍ଦ୍ରବାଳା ପ୍ରମୁଖ ଚରିତ୍ରମାନଙ୍କର ବ୍ୟକ୍ତି ଚାରିତ୍ରିକତାର ଊର୍ଦ୍ଧ୍ୱରେ ତଥା ଉହାଡ଼ରେ ସଂଗୋପିତ ମନୋବେଦନା ଓ ମନସ୍ତତ୍ତ୍ୱ ବେଶ୍ ଭାବିତ କଲାଭଳି। ଏସବୁ ପ୍ରସଙ୍ଗରେ ଏ କଥା କୁହାଯାଇପାରେ ଯେ ନାଟ୍ୟକାର ହରିଚନ୍ଦନ ଇତିହାସରେ କଥିତ ଚରିତ୍ରଙ୍କର ସ୍ଥୂଳବ୍ୟକ୍ତିତ୍ୱ ଭିତରେ ସେମାନଙ୍କୁ ନ ଖୋଜି ଖୋଜିଛନ୍ତି ମାନସିକ ସ୍ତରରେ ଏବଂ ଅକୁହା ଅବ୍ୟକ୍ତ ଇତିହାସର ପ୍ରେକ୍ଷାପଟରେ। ଯେଉଁଠି 'ସମ୍ମାନିତ' ଅଥବା 'ଅପମାନିତ' ବ୍ୟକ୍ତିସତ୍ତା ପରିଚିତ ହୋଇଛି ନୂଆ ଏକ ବ୍ୟକ୍ତିତ୍ୱରେ। ଯାହାକୁ ନବ୍ୟ-ଐତିହାସିକ ଦୃଷ୍ଟିଭଙ୍ଗୀର ପରିଚୟ ବୋଲି ଉଲ୍ଲେଖ କରାଯାଇପାରେ। ଅନ୍ୟ ଅନେକ ନାଟ୍ୟକାରଙ୍କୁ ବିଶେଷତଃ ପୌରାଣିକ ଓ ଐତିହାସିକ ବ୍ୟକ୍ତିତ୍ୱମାନେ ନାଟ୍ୟ ଲେଖିବାକୁ ପ୍ରଚୋଦିତ ବା ପ୍ରଣୋଦିତ କରିଥିବା ସ୍ଥଳେ ଆଲୋଚ୍ୟ ନାଟ୍ୟକାରଙ୍କୁ ବିଶେଷତଃ ସାହିତ୍ୟିକ ବ୍ୟକ୍ତିତ୍ୱମାନେ ହିଁ ଅଧିକ ପ୍ରଭାବିତ କରିଛନ୍ତି। ଉଦାହରଣତଃ ଭକ୍ତକବି ସାଲବେଗ; ସନ୍ଥକବି ଭୀମଭୋଇ; ନାରୀକବି ଉତ୍କଳଭାରତୀ କୁନ୍ତଳାକୁମାରୀ ସାବତ; ବଙ୍ଗୀୟ କବି ନଗେନ୍ଦ୍ରବାଳା; ନାଟ୍ୟକାର ଅଶ୍ୱିନୀକୁମାର ଘୋଷ ତଥା ସପ୍ରସଙ୍ଗ ଉଲ୍ଲେଖ କରାଯାଇପାରେ ନାଟ୍ୟକାରଙ୍କର ଅନୂଦିତ ନାଟକ ସକ୍ରେଟିସ୍‌ଙ୍କ ଜମାନବନ୍ଦୀର ଦାର୍ଶନିକ ସକ୍ରେଟିସଙ୍କ ପ୍ରସଙ୍ଗକୁ।

॥ ୧ ॥

ଓଡ଼ିଆ ନାଟ୍ୟ ସାହିତ୍ୟରେ ଜୀବନୀମୂଳକ ନାଟକ ଲେଖାଯିବାର ଏକ ସଫଳ ପରମ୍ପରା ରହିଛି। ଏପରିକି ତା'ର ସଂଖ୍ୟା ମଧ୍ୟ କୌଣସି ଗୁଣରେ ଊଣା ନୁହେଁ। ସପ୍ରସଙ୍ଗ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର ସଦ୍ୟ ପ୍ରକାଶିତ 'ଅଶ୍ୱିନୀକୁମାରଙ୍କ ଶେଷଦିନ' (ବର୍ତ୍ତିକା,

Digitized by srujanika@gmail.com

ପୂଜା ବିଶେଷାଙ୍କ-୨୦୧୬)ର ଆଲୋଚନା ବେଳେ ଓଡ଼ିଆରେ ଅଦ୍ୟାବଧି ଲିଖିତ ଚରିତମୂଳକ ପ୍ରମୁଖ କେତେକ ନାଟକର ଉଲ୍ଲେଖ କରାଯାଇପାରେ। ଯଥା:. ନାଟ୍ୟକାର ଗୋଦାବରୀଶ ମିଶ୍ରଙ୍କର 'ପୁରୁଷୋତ୍ତମଦେବ' (୧୯୧୭), ବୈକୁଣ୍ଠନାଥ ମହାନ୍ତିଙ୍କର 'ଭକ୍ତବନ୍ଧୁ' (୧୯୧୭), ଅଶ୍ୱିନୀକୁମାର ଘୋଷଙ୍କ 'ସେଓଜୀ' (୧୯୧୮), ବାଳକୃଷ୍ଣ କରଙ୍କର 'ଚନ୍ଦ୍ରଗୁପ୍ତ' (୧୯୧୮), ଗୋଦାବରୀଶ ମିଶ୍ରଙ୍କର 'ମୁକୁନ୍ଦଦେବ' (୧୯୨୦), ଅଶ୍ୱିନୀକୁମାର ଘୋଷଙ୍କର 'କଳାପାହାଡ଼' (୧୯୨୦), 'ଗୋବିନ୍ଦ ବିଦ୍ୟାଧର' (୧୯୨୨), ରମାରଞ୍ଜନ ମହାନ୍ତିଙ୍କର 'ଗୌଡ଼ ବିଜେତା' (୧୯୨୫), ଭିକାରୀ ଚରଣ ପଟ୍ଟନାୟକଙ୍କର 'ରାଜା ପୁରୁଷୋତ୍ତମ ଦେବ' (୧୯୨୫), ଲାଲା ନଗେନ୍ଦ୍ର କୁମାର ରାୟଙ୍କ ' ରଘୁ ଅରକ୍ଷିତ' (୧୯୨୬), ଅଶ୍ୱିନୀକୁମାର ଘୋଷଙ୍କର 'କେଶରୀଗଙ୍ଗ' (୧୯୨୭), ମାୟାଧର ମାନସିଂହଙ୍କର 'ରାଜକବି ଉପେନ୍ଦ୍ର' (୧୯୨୮), କାଳୀପ୍ରସନ୍ନ କବିଙ୍କ 'ଅଭିରାମ ସିଂ' (୧୯୨୯), ଧନେଶ୍ୱର ଦାସଙ୍କ 'ଖାରବେଳ' (୧୯୩୦), ଯଦୁମଣି ଦାସ ମହାପାତ୍ରଙ୍କର 'ଝାନ୍‌ସୀରାଣୀ' (୧୯୩୦), ବିକ୍ରମଦେବ ବର୍ମାଙ୍କ 'ବୁଦ୍ଧ ଚରିତ' (୧୯୩୩), ଦୁର୍ଗାମାଧବ ସିଂଦେଓଙ୍କ 'ଜ୍ୟୋସ୍ନାବାଈ' (୧୯୩୩), ଅଶ୍ୱିନୀକୁମାର ଘୋଷଙ୍କର 'ସାଲବେଗ' (୧୯୩୩), 'ଦାସିଆ ବାଉରୀ' (୧୯୩୩), 'ତ୍ୟାଗୀ ରାମଦାସ' (୧୯୩୩), 'ରଘୁ ଅରକ୍ଷିତ' (୧୯୩୭), 'ଅନନ୍ତ ପ୍ରସାଦ ପଣ୍ଡାଙ୍କ 'ତାରାବାଈ' (୧୯୩୭), ସୀମାଦ୍ରି ପଟ୍ଟନାୟକଙ୍କ 'ପୃଥ୍ୱୀରାଜ' (୧୯୩୭), କାର୍ତ୍ତିକ କୁମାର ଘୋଷଙ୍କର 'ମୀର କାଶିମ୍' (୧୯୩୮), ନୀଳକଣ୍ଠ ପଟ୍ଟନାୟକଙ୍କର 'କବିସୂର୍ଯ୍ୟ ବଳଦେବ' (୧୯୩୯), ରାମଚନ୍ଦ୍ର ମିଶ୍ରଙ୍କର 'କବିସୂର୍ଯ୍ୟ' (୧୯୪୨), କାଳୀଚରଣ ପଟ୍ଟନାୟକଙ୍କର 'ଜୟଦେବ' (୧୯୪୩), ଅଶ୍ୱିନୀକୁମାର ଘୋଷଙ୍କ 'ବନ୍ଧୁ ମହାନ୍ତି' (୧୯୪୪), ଅତିବଡ଼ୀ ଜଗନ୍ନାଥ ଦାସ (୧୯୪୫), ମନୋରଞ୍ଜନ ଦାସଙ୍କର 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' (୧୯୪୫), କାର୍ତ୍ତିକ ଘୋଷଙ୍କର 'କବିସୂର୍ଯ୍ୟ' (୧୯୪୬), ରଘୁନାଥ ପଣ୍ଡାଙ୍କ 'ନିମାଇ ସନ୍ନ୍ୟାସୀ' (୧୯୪୭), ବାଞ୍ଛାନିଧି ରାଉତରାୟଙ୍କର 'ସହିଦ ବାଜି ରାଉତ' (୧୯୪୯), ମନୋରଞ୍ଜନ ଦାସଙ୍କର 'ବକ୍ସି ଜଗବନ୍ଧୁ' (୧୯୪୯), ଦେବେନ୍ଦ୍ର ସିଂଙ୍କ 'ଭଞ୍ଜ କବି' (୧୯୫୦), ନରସିଂହ ମହାପାତ୍ରଙ୍କ 'କବି ଗୋପାଳକୃଷ୍ଣ' (୧୯୫୧), ମାୟାଧର ମାନସିଂହଙ୍କ 'ବୁଦ୍ଧ' (୧୯୫୧), ଗୋଲକଚନ୍ଦ୍ର ମହାନ୍ତିଙ୍କ 'ଭକ୍ତ କବୀର' (୧୯୫୧), ରଜତ କୁମାର କରଙ୍କ 'ଚାଖି ଖୁଣ୍ଟିଆ' (୧୯୫୨), 'କବି ସମ୍ରାଟ' (୧୯୫୩), 'ସୁରେନ୍ଦ୍ର ସାଏ' (୧୯୫୪), ପର୍ଶୁରାମ ହରିଚନ୍ଦନଙ୍କ 'ବିପ୍ଳବୀ କୃତିବାସ (୧୯୫୩), ଅଶ୍ୱିନୀକୁମାର ଘୋଷଙ୍କ କପିଳେନ୍ଦ୍ର ଦେବ (୧୯୫୩), ପ୍ରଭାତ ମୁଖାର୍ଜୀଙ୍କ 'ସୁରେନ୍ଦ୍ର

Digitized by srujanika@gmail.com

ସାଏ' (୧୯୫୪), କାଳୀଚରଣ ପଟ୍ଟନାୟକଙ୍କ 'ସାରଳା ଦାସ' (୧୯୫୪), ଭଞ୍ଜକିଶୋର ପଟ୍ଟନାୟକଙ୍କ 'ପ୍ରତାପରୁଦ୍ର' (୧୯୫୮), ନିକୁଞ୍ଜ କିଶୋର ଦାସଙ୍କ 'ଗୌତମ ବୁଦ୍ଧ' (୧୯୫୮), 'କପିଳେନ୍ଦ୍ର ଦେବ' (୧୯୫୮), 'ଯଯାତୀ କେଶରୀ' (୧୯୫୯), ମୁରଲୀଧର ମଲ୍ଲିକଙ୍କ 'ଅମର ଜ୍ୟୋତି' (୧୯୬୨), ରଘୁନାଥ ପଣ୍ଡାଙ୍କ 'ପଞ୍ଜାବକେଶରୀ' (୧୯୬୨), ଅନନ୍ତ ଚରଣ ଶୁକ୍ଳଙ୍କ 'ପଲ୍ଲୀକବି' (୧୯୬୨), ବସନ୍ତ କୁମାର ସାମଲଙ୍କ 'କବିତିଳକ' (୧୯୬୪), ଗୋପାଳ ଛୋଟରାୟଙ୍କ 'ଦଳବେହେରା' (୧୯୬୬), ସୁରେନ୍ଦ୍ର ମହାନ୍ତିଙ୍କ 'ବାପୁ' (୧୯୭୧), ଚନ୍ଦ୍ରଶେଖର ପାଣିଙ୍କ 'ଧର୍ମାଶୋକ' (୧୯୭୧), ହରିହର ମିଶ୍ରଙ୍କ 'ନିନ୍ଦିତ ଗଜପତି' (୧୯୭୨), ଚିନ୍ତାମଣି ଜେନାଙ୍କ 'ବିପ୍ଲବୀ ବାଘାଯତୀନ' (୧୯୭୨), ଭଞ୍ଜକିଶୋର ପଟ୍ଟନାୟକଙ୍କ 'କାଶ୍ମୀର ବେଗମ୍ ଗୁଲ୍‌ନାର' (୧୯୭୨), ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋଙ୍କ 'କଳାପାହାଡ଼' (୧୯୭୪), ବୈରାଗୀ ଚରଣ ମଲ୍ଲିକଙ୍କ 'ସତ୍ୟର ସନ୍ଧାନ' (୧୯୭୫), ଉମାକାନ୍ତ ବେହେରାଙ୍କ 'ହର୍ଷବର୍ଦ୍ଧନ' (୧୯୭୮), ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ 'ଅଜାତଶତ୍ରୁ' (୧୯୭୮), ଅମୂଲ୍ୟକୃଷ୍ଣ ମିଶ୍ରଙ୍କ 'ଜୟୀ ରାଜଗୁରୁ' (୧୯୭୮), 'ସାଲବେଗ' (୧୯୭୯), ହରିହର ମିଶ୍ରଙ୍କର 'ଅଦୃଶ୍ୟ ନଟ' (୧୯୮୦), ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'ସତ୍ୟ ସଂଶୟ ସାଲବେଗ' (୧୯୮୧), ଉମାକାନ୍ତ ବେହେରାଙ୍କ 'ସମ୍ରାଟ ଅଶୋକ' (୧୯୮୨), ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'ବତାସ ନିସ୍ତବ୍ଧ ଆଜି' (୧୯୮୩), ଭଞ୍ଜକିଶୋର ପଟ୍ଟନାୟକଙ୍କ 'ସୁଲତାନା ରାଜିଆ' (୧୯୮୩), ନରସିଂହ ମିଶ୍ରଙ୍କ 'ଚଣ୍ଡାଶୋକ' (୧୯୮୩), ଶୈଳେଶ୍ୱର ନନ୍ଦଙ୍କ 'ଜାହାନାରା' (୧୯୮୪), ଚିନ୍ତାମଣି ଜେନାଙ୍କ 'ସର୍ଦ୍ଦାର ଭଗତ ସିଂ' (୧୯୮୪), କାର୍ତ୍ତିକ ଚନ୍ଦ୍ର ରଥଙ୍କ 'ସହିଦ ଭଗତ ସିଂ' (୧୯୮୫), ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋଙ୍କର 'କଳିଙ୍ଗ କବି' (୧୯୮୬), ଦୁର୍ଗା ଚରଣ କୁଅଁରଙ୍କ 'ପ୍ରିୟଦର୍ଶୀ ଅଶୋକ' (୧୯୮୮), ରଘୁନାଥ ମିଶ୍ରଙ୍କ 'ଅମର ସହିଦ' (୧୯୮୮), ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'ଭୀମ ଭୋଇଙ୍କ ସନ୍ଧାନରେ' (୧୯୮୮), 'କଲମ୍ବସ' (୧୯୯୦), ଜଗଦୀଶ୍ୱର ତ୍ରିପାଠୀଙ୍କ 'ସମ୍ରାଟ ଜାହାଙ୍ଗୀର' (୧୯୯୦), ବୈକୁଣ୍ଠ ନାଥ ମହାନ୍ତିଙ୍କର 'ଯୁଗମାନବ ଗାନ୍ଧିଜୀ' (୧୯୯୧), ମନ୍ମଥନାଥ ଶତପଥୀଙ୍କର 'ମୁଁ ଚକରା କହୁଛି' (୧୯୯୨), ଶଙ୍କର ତ୍ରିପାଠୀଙ୍କର 'କାବ୍ୟପୁରୁଷ' (୧୯୯୩), ଜଗନ୍ନାଥ ପ୍ରସାଦ ଦାସଙ୍କର 'ସୁନ୍ଦର ଦାସ' (୧୯୯୩), ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'ଭାରତୀ ଉତ୍କଳ' (୨୦୧୦), 'ସରସ୍ୱତୀ ନଗେନ୍ଦ୍ରବାଳା' (୨୦୧୦), ଧନେଶ୍ୱର ମହାପାତ୍ରଙ୍କ 'ସନ୍ଥ ତୁଳସୀ ଦାସ' (୨୦୧୨), ହରିହର ମିଶ୍ରଙ୍କ 'ଅଦୃଶ୍ୟ ନଟ' (୨୦୧୨), ରବୀନ୍ଦ୍ର ନାଥ ଦାସଙ୍କ 'ବାଲିରଥ' (୨୦୧୨), ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'ଅଶ୍ୱିନୀକୁମାରଙ୍କ ଶେଷଦିନ' (୨୦୧୬) ପ୍ରମୁଖ ନାଟକ ଓଡ଼ିଆ ଚରିତମୂଳକ ନାଟକ କ୍ଷେତ୍ରରେ ସ୍ମରଣୀୟ ।

Digitized by srujanika@gmail.com

'ଅଶ୍ୱିନୀକୁମାରଙ୍କ ଶେଷଦିନ' (୨୦୧୬), ଜଣେ ଅଙ୍ଗୀକାରବଦ୍ଧ ନାଟ୍ୟକାରଙ୍କ ଜୀବନକୁ ନେଇ ନାଟକର ପରିକଳ୍ପନା। ଅଶ୍ୱିନୀକୁମାରଙ୍କ ନାଟକ ପ୍ରତି ମୋହ, ଆଗ୍ରହ ଓ ଉତ୍କଣ୍ଠାର ତୀବ୍ର ଆବେଗ ତଥା ଜୀବନର ସବୁକିଛିକୁ ନାଟକ ପାଇଁ ତ୍ୟାଗ କରିଦେବା ଭଳି ଆଦର୍ଶବୋଧର ପ୍ରତ୍ୟାଶା ହିଁ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟ୍ୟପରିକଳ୍ପନାର ମୌଳିକ ସ୍ୱର।

॥ ୨ ॥

ଅଶ୍ୱିନୀକୁମାର ଘୋଷ (୧୮୯୨-୧୯୬୨) ଥିଲେ 'ଉତ୍କଳ ଦୀପିକା' (୧୮୬୬)ର ସୁଯୋଗ୍ୟ ସଂପାଦକ ଗୌରୀଶଙ୍କର ରାୟଙ୍କ ଏବଂ ସୁଖ୍ୟାତ ନାଟ୍ୟକାର ରାମଶଙ୍କର ରାୟଙ୍କର ନାତି। କାରଣ ଉଭୟ ଥିଲେ ଅଶ୍ୱିନୀଙ୍କର ମାତାମହ। ପିତାଥିଲେ ପ୍ରତିଷ୍ଠିତ ପୁରାଣ ପୁସ୍ତକର ପ୍ରକାଶକ ଏବଂ ହରନାଥ ପ୍ରେସ୍‌ର କର୍ତ୍ତା ଅକ୍ଷୟ କୁମାର ଘୋଷ। ତେଣୁ କୁହାଯାଇପାରେ ଅଶ୍ୱିନୀକୁମାର ପରିବେଶ ଓ ପରିସର ଥିଲା ଶିକ୍ଷା, ସଚେତନତା ଓ ସାହିତ୍ୟର ଏକ ମିଳିତ ମହାନନ୍ଦ। ସତ କହିବାକୁ ଗଲେ ରାମଶଙ୍କରଙ୍କର ନାଟ୍ୟପ୍ରତିଭାରେ ପ୍ରଦର୍ଶିତ ନୂତନତା ଓ ସ୍ୱାଭିମାନ ଅନେକ ପରିମାଣରେ ଅଶ୍ୱିନୀଙ୍କୁ ପ୍ରଭାବିତ କରିଥିଲା। ଏପରିକି ତାଙ୍କ ନାଟକରେ ପରିଲକ୍ଷିତ ଦୁର୍ବଳତା ଓ ତ୍ରୁଟି ସମୂହକୁ ମଧ୍ୟ ସେ ସୁଧାରିବାକୁ ଚେଷ୍ଟିତ ହୋଇଥିଲେ ନିଜ ନାଟକ ମାଧ୍ୟମରେ। ପାଶ୍ଚାତ୍ୟ ନାଟକ ଓ ନାଟ୍ୟତତ୍ତ୍ୱ ସହିତ ପରିଚିତ ଥିବା ଅଶ୍ୱିନୀକୁମାରଙ୍କୁ ସେକ୍ସପିଅରଙ୍କ ନାଟକ ଅନେକ ପ୍ରଭାବିତ କରିଥିଲା। ଏଇସବୁ ହିଁ ଅଶ୍ୱିନୀକୁମାରଙ୍କୁ ନୂତନ ଆଭିମୁଖ୍ୟର ନାଟକ ଲେଖିବାରେ ତତ୍‌କାଳରେ କରିଥିଲା ପ୍ରଭାବିତ। ଅଶ୍ୱିନୀକୁମାରଙ୍କୁ ଯେତେବେଳେ ପ୍ରାୟ କୋଡ଼ିଏ ବର୍ଷ ସେତେବେଳକୁ ସେ ଲେଖନ୍ତି ତାଙ୍କର ପ୍ରଥମ ନାଟକ 'ଭୀଷ୍ମ' (୧୯୧୫)। ରେଭେନ୍ସା କଲେଜର ଛାତ୍ରମାନଙ୍କ ଦ୍ୱାରା ତାହା ପ୍ରଥମ ଥର ପାଇଁ ଅଭିନୀତ ହୋଇଥିଲା। ସମ୍ଭବତଃ ୧୯୧୫ ପୂର୍ବରୁ ଏହା ରଚିତ ହୋଇଥିଲା। ସର୍ବମୋଟ ୪୧ ଗୋଟି ନାଟକ ଯଥା : 'ଭୀଷ୍ମ' (୧୯୧୫), 'ସାବିତ୍ରୀ' (୧୯୧୭), 'ସାଲବେଗ' (୧୯୩୩), 'ଭକ୍ତ ହରିଜନ ବା ଦାସିଆ ବାଉରୀ' (୧୯୩୩), 'ତ୍ୟାଗୀ ରାମଦାସ' (୧୯୩୩), 'ଶ୍ରୀମନ୍ଦିର' (୧୯୩୪), 'ରଘୁ ଅରକ୍ଷିତ' (୧୯୩୬), 'ବନ୍ଧୁ ମହାନ୍ତି' (୧୯୪୪), 'ଚଣ୍ଡାଳୁଣୀ' (୧୯୪୬), 'ଜାନକୀ (୧୯୫୨), 'ସାକ୍ଷୀ ଗୋପାଳ' (୧୯୫୪), 'ସତ୍ୟ ନାରାୟଣ' (୧୯୫୫), 'ସେଓଜୀ' (୧୯୧୮), 'କଳାପାହାଡ଼' (୧୯୨୨), 'ଗୋବିନ୍ଦ ବିଦ୍ୟାଧର' (୧୯୨୨), 'ସମଲେଶ୍ୱରୀ' (୧୯୨୫), 'ଉତ୍କଳଗୌରବ' (୧୯୨୭), 'କୋଣାର୍କ' (୧୯୨୭), 'କେଶରୀ ଗଙ୍ଗ' (୧୯୨୭), 'ପାଇକପୁଅ' (୧୯୩୩), 'ତାଜମହଲ' (୧୯୩୩), 'ଓଡ଼ିଆ

Digitized by srujanika@gmail.com

ଝିଅ' (୧୯୩୫), 'ଭଞ୍ଜଭୁଜଙ୍ଗ' (୧୯୩୬), 'କପିଳେନ୍ଦ୍ର ଦେବ' (୧୯୫୩), 'ଭୁବନେଶ୍ୱର' (୧୯୬୨), 'ହିନ୍ଦୁ ରମଣୀ' (୧୯୩୭), 'ମାଷ୍ଟର ବାବୁ' (୧୯୩୭), 'ଇରିନୀ' (୧୯୩୭), 'ଭାଇ' (୧୯୪୨), 'ଶ୍ରୀଲୋକନାଥ' (୧୯୪୬), 'ଚଷାଝିଅ' (୧୯୪୬), 'ମାମଲତକାର' (୧୯୪୬), 'ଅଭିନୟ' (୧୯୫୩), 'ଦୁଃଖେସୁଖେ' (୧୯୫୪), 'କଇଦୀ (୧୯୫୭), 'ରିଫର୍ମଡ୍ ଲେଡି' (୧୯୧୬), 'ପ୍ରେମିକ ଛାତ୍ର' (୧୯୫୮), 'ମାଲୁଣୀ (୧୯୫୮), 'ସୁନା ଭାଉଜ' ୧୯୫୮) ସ୍ମର୍ତ୍ତବ୍ୟ।

ଅଶ୍ୱିନୀ କୁମାରଙ୍କ ୪୧ ଗୋଟି ନାଟକ ବ୍ୟତୀତ ଦୁଇଟି ପ୍ରହସନ ହେଉଛି 'ପ୍ରେମିକ ଛାତ୍ର' ଓ 'ରିଫର୍ମଡ୍ ଲେଡ଼ି' ଏବଂ ଅନ୍ୟ ଦୁଇ ଏକାଙ୍କିକା ହେଉଛି 'ମାଲୁଣୀ' ଓ 'ସୁନା ଭାଉଜ'। ଉପର୍ଯ୍ୟୁକ୍ତ ସମଗ୍ର ନାଟକକୁ ସାମାଜିକ, ପୌରାଣିକ ଓ ଐତିହାସିକ ଭେଦରେ ତ୍ରିବିଧ ବୋଲି ବିଚାର କରାଯାଇପାରିବ।

ନାଟ୍ୟରଚନା ବ୍ୟତୀତ ଅଶ୍ୱିନୀକୁମାରଙ୍କ ଅନ୍ୟ ଏକ ପରିଚୟ ଥିଲା ଜଣେ ଔପନ୍ୟାସିକର। ପ୍ରାୟ ଛଅଟି ଉପନ୍ୟାସ ଲେଖି ସେ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିପାରିଥିଲେ। ଯଥା : 'ମୁକ୍ତି' (୧୯୩୧), 'ତିନିଭାଇ' (୧୯୪୫), 'ଚଣାବାଲା' (୧୯୫୯), 'ନାରୀ' (୧୯୬୧), 'ପୃଥିବୀ କି ସୁନ୍ଦର', 'ବୁଢ଼ାଚାଚା' (୧୯୬୨।

ଅଶ୍ୱିନୀକୁମାର ଘୋଷଙ୍କ ନାଟ୍ୟଜୀବନ ସହିତ ଯୋଡ଼ି ହୋଇ ରହିଥିଲେ ବଳଙ୍ଗାର ବଙ୍ଗୀୟ ଜମିଦାରଙ୍କର ନାଏବ ବନମାଳି ପତି; ଯିଏକି ଥିଲେ ତତ୍କାଳର ଏକମାତ୍ର ବ୍ୟବସାୟୀ ରଙ୍ଗମଞ୍ଚ ବଳଙ୍ଗାର ରାଧାକୃଷ୍ଣ ଥିଏଟର (୧୯୦୯)ର ପ୍ରତିଷ୍ଠାତା ଓ ମାଲିକ ଏବଂ ଅନ୍ୟ ଜଣକ ଥିଲେ ନାଟ୍ୟ ନିର୍ଦ୍ଦେଶକ ବଲାଇଚାନ୍ଦ ବାନାର୍ଜୀ। ଅଶ୍ୱିନୀ-ବନମାଳି-ବଲାଇଙ୍କର ମିଳନ ସହ 'ରାଧାକୃଷ୍ଣ ଥିଏଟର'ର ସଂଯୋଗ ଥିଲା ଓଡ଼ିଆ ନାଟ୍ୟଦିଗନ୍ତର ନବ ଉନ୍ମୀଳନର ପର୍ବ। ଏପରିକି ଏହାହିଁ କାରଣ ଥିଲା ଅଶ୍ୱିନୀକୁମାର ଗୋଟିଏ ମଞ୍ଚର ପୃଷ୍ଠପୋଷକତା ପାଇଁ ଲେଖିପାରିଥିଲେ ସଂଖ୍ୟାଧିକ ନାଟକ। ୧୯୦୯ ମସିହାରୁ ନାଟ୍ୟଦଳ ପ୍ରତିଷ୍ଠା କରିଥିଲେ ହେଁ ବନମାଳି ପତି ମୁହଁ ଫେରାଇ ସାରିଥିଲେ ତତ୍କାଳର ପ୍ରଚଳିତ ନାଟ୍ୟଧାରା ପାଇଁ ଏବଂ କ୍ରମଶଃ ବଙ୍ଗଳା ନାଟକଗୁଡ଼ିକୁ ଓଡ଼ିଆ ରୂପାନ୍ତରଣ କରାଇ ଦର୍ଶକଙ୍କୁ ଥିଏଟର ମୁଖୀ କରାଉଥିଲେ; ଆଉ ଏଭଳି ଏକ ସମୟରେ ସେ 'ରତ୍ନ' ପାଇଲା ଭଳି ଖୋଜି ପାଇଥିଲେ ଅଶ୍ୱିନୀକୁମାର ଘୋଷଙ୍କୁ। ଅଶ୍ୱିନୀକୁମାରଙ୍କର ପ୍ରଥମ ଐତିହାସିକ ନାଟକ 'ସେଓଜୀ' (୧୯୧୮)ର ଦ୍ୱିତୀୟ ଅଭିନୟ ଦିନ କଟକ ମେଡିକାଲ ଛାତ୍ରମାନଙ୍କର ସଫଳ ଅଭିନୟ ଓ ନାଟ୍ୟକଳାରେ ମୁଗ୍ଧ ହୋଇ ପଡ଼ିଥିଲେ ବନମାଳି ଏବଂ ସାକ୍ଷାତ୍ କରିଥିଲେ ଅଶ୍ୱିନୀଙ୍କୁ। ସେଇଠାରୁ ହିଁ ସଂପର୍କ ଗଢ଼ି ଉଠିଲା ସେମାନଙ୍କର ଏବଂ ଅଶ୍ୱିନୀ ନାଟକ ଲେଖିଲେ କେବଳ ରାଧାକୃଷ୍ଣ ଥିଏଟର ପାଇଁ। କିନ୍ତୁ ହଠାତ୍ ଅପ୍ରତ୍ୟାଶିତ ଭାବେ

Digitized by srujanika@gmail.com

ସ୍ତମ୍ଭୀଭୂତ ହୋଇଗଲେ ଓଡ଼ିଶାର ନାଟ୍ୟପ୍ରେମୀ, କାରଣ ବନମାଳି ପତିଙ୍କର ଘଟେ ଅକାଳ ମୃତ୍ୟୁ! ୧୯୨୮ ମସିହା, ମଇ ୨୩ ତାରିଖ ବୁଧବାର ପ୍ରାୟ ଦିନ ଦ୍ୱିପ୍ରହରରେ ଯେତେବେଳେ ବନମାଳି ପତି କଚେରିରୁ ନିଜ ଘରକୁ ଫେରୁଥିଲେ, ସେତିକିବେଳେ ଜଣେ ବ୍ୟକ୍ତି ତାଙ୍କୁ ସମ୍ମାନପୂର୍ବକ 'ଭାଇନା' ସମ୍ବୋଧନ କରି ପ୍ରଣାମ କଲା ଏବଂ ସେ ତାଙ୍କୁ ଧରିପକାଇ ମାରିଲା ଏବଂ ଅନ୍ୟ ଜଣେ ତାଙ୍କୁ ମାଡ଼ି ବସି ପେଟରେ ଛୁରି ଭୁସି ହତ୍ୟା କଲା; ତା'ଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ଥିଲା ଯେ ଏହି ବୀଭତ୍ସ ହତ୍ୟାପରେ ଏକ ଶଗଡ଼ରେ ତାଙ୍କ ଶବକୁ ବୋହିନେଇ ମଶାଣିରେ ଜାଳିଦେବା ଉଦ୍ଦେଶ୍ୟରେ ବୋହି ନେବା ଥିଲା ବେଶ୍ ଆଶ୍ଚର୍ଯ୍ୟଜନକ ! (Pati, Biswamohan, The Murder of Banamali : Collective Action, Popular Culture and Social History, Social Scientist, Vol-24, No.4/6, April-June, 1996, PP- 82-108) ଏଭଳି ଏକ ଘଟଣାରେ ଭାଙ୍ଗି ପଡ଼ିଥିଲେ ଅଶ୍ୱିନୀକୁମାର ଏବଂ ନାଟ୍ୟଦଳ ବଞ୍ଚାଇବା ପାଇଁ 'ରାଧାକୃଷ୍ଣ ଥିଏଟର'ର ସ୍ୱତ୍ତ୍ୱକୁ କିଣିନିଅନ୍ତି। ନୂତନ ନାମକରଣ କରନ୍ତି 'ବନମାଳି ଆର୍ଟ ଥିଏଟର' ଏବଂ ପ୍ରାୟ ୧୯୩୬ ମସିହା ପର୍ଯ୍ୟନ୍ତ କଷ୍ଟେମଷ୍ଟେ ବଞ୍ଚାଇ ରଖନ୍ତି ଥିଏଟରକୁ ଏବଂ ନାଟକ ମଞ୍ଚସ୍ଥ କରାନ୍ତି; କିନ୍ତୁ ସେଥିରେ ସେ ହୋଇପଡ଼ନ୍ତି ଦେବାଳିଆ; ନିଜର ସବୁକିଛି ଉପଯୋଗ କରନ୍ତି- ଏପରିକି ବନ୍ଧା ପକାନ୍ତି ନିଜର ପୈତୃକ କୋଠାକୁ! ଅନେକ ସଂଘର୍ଷର କାହାଣୀ ହେଉଛି ଅଶ୍ୱିନୀଙ୍କର। ଯିଏ ଯାବତ୍‌ଜୀବନ ଓଡ଼ିଆ ନାଟକ ଓ ମଞ୍ଚ ପାଇଁ ହୋଇଛନ୍ତି ତଳିତଳାନ୍ତ; ବିଭିନ୍ନ ବୃତ୍ତି ଓ ବ୍ୟବସାୟକୁ ଆଦରିଛନ୍ତି ନାଟକ ଦଳ ପାଇଁ। ସେଇ ସଂଘର୍ଷର କଥାକୁ ନାଟ୍ୟ ରୂପାୟଣ କରିଛି ନାଟ୍ୟକାର ନୀଳାଦ୍ରିଭୂଷଣଙ୍କର 'ଅଶ୍ୱିନୀକୁମାରଙ୍କର ଶେଷଦିନ' ନାଟକ। ନାଟକ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ 'ଉତ୍କଳ ସାହିତ୍ୟ ସମାଜ' ତରଫରୁ 'ନାଟ୍ୟ ରତ୍ନାକର' (୧୯୪୪), କଲିକତାର ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା 'ନାଟ୍ୟ ଭାରତୀ', ବ୍ରହ୍ମପୁରରୁ 'ନାଟ୍ୟ ସମ୍ରାଟ' ଏବଂ 'ମଞ୍ଚଶ୍ରୀ' ସମ୍ମାନରେ ଭୂଷିତ ହୋଇଛନ୍ତି ଅଶ୍ୱିନୀକୁମାର। ଓଡ଼ିଆ ନାଟକ ପାଇଁ ଆତ୍ମୋତ୍ସର୍ଗର ଏହି ଅକୁହା ଗାଥାକୁ କିଞ୍ଚିତ୍‌ରେ ରୂପାୟିତ କରିଛି ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର ଅଶ୍ୱିନୀପ୍ରିୟତା।

॥ ୩ ॥

'ଅଶ୍ୱିନୀକୁମାରଙ୍କ ଶେଷଦିନ' ନାଟକରେ 'ସୂଚନା ଦୃଶ୍ୟ', 'ସୂଚନା ଦୃଶ୍ୟ (ଖ)' ଓ 'ଅନ୍ତିମ ଦୃଶ୍ୟ'ରେ ଅବତୀର୍ଣ୍ଣ ହୋଇଛନ୍ତି ଜଣେ 'ବୃଦ୍ଧ' ଯିଏକି ଦୂର ଅତୀତର ଜଣେ ନାଟ୍ୟପ୍ରେମୀ ଓ ନାଟ୍ୟଶିଳ୍ପୀ। ଯାହାଙ୍କ ମୁହଁରେ ଅଶ୍ୱିନୀକୁମାରଙ୍କ ନାଟ୍ୟପ୍ରତିଭାର ଆକଳନ ଓ ପରିଚୟକୁ ନାଟକର ସୂଚନା ଦୃଶ୍ୟରେ ସଂଯୋଜିତ କରିଛନ୍ତି ନାଟ୍ୟକାର ଏବଂ 'ଅନ୍ତିମ

Digitized by srujanika@gmail.com

ଦୃଶ୍ୟ'ରେ ଅଶ୍ୱିନୀକୁମାରଙ୍କ ଦେହାନ୍ତ ଏବଂ ନାଟ୍ୟପ୍ରତିଭାଙ୍କ ପ୍ରତି ଶ୍ରଦ୍ଧାର ଅନ୍ତିମ ପ୍ରଣାମ ଜଣାଇବା ଭିତରେ ନାଟକ ଭିତରେ ସଂବାଦ ଦେଇ ପରିବେଷିତ ହୋଇ ପାରିନଥିବା ଅଶ୍ୱିନୀକୁମାରଙ୍କ ସଂପର୍କିତ ଜୀବନଗାଥାଟି ହୋଇଛି ସଂଯୋଜିତ। 'ସୂଚନା ଦୃଶ୍ୟ'ରେ ଅଭିବ୍ୟକ୍ତି ବିଶେଷ କଥନଟି ହେଉଛି ଅଶ୍ୱିନୀକୁମାର ସଂଘର୍ଷ, ଆତ୍ମୋତ୍ସର୍ଗକୁ ଏ ଜାତି କେମିତି ସମ୍ମାନ ଦେଇନାହିଁ ବା ପ୍ରୋତ୍ସାହିତ କରିନାହିଁ, ସେଭଳି କ୍ଷୋଭର ସ୍ୱର ବେଶ୍ ତୀବ୍ର! ନାଟକର ଏହି 'ବୃଦ୍ଧ' ତେଣୁ ହୋଇପାରନ୍ତି ଜଣେ ସଂଯୋଜକ ବା ସୂତ୍ରଧର ଚରିତ୍ର!

ଅଶ୍ୱିନୀକୁମାର କିଭଳି ପାଟନା ୟୁନିଭରସିଟିରେ ସମ୍ମାନଜନକ ଗଣିତ ଅଧ୍ୟାପକ ପଦ ପାଇଥିଲେ ହେଁ ସେଥିରେ ଯୋଗଦାନ ନକରି ଆଦରି ନେଇଛନ୍ତି କଟକ ପ୍ୟାରୀମୋହନ ଏକାଡ଼େମୀର ଶିକ୍ଷକ ପଦ ଏବଂ ତାଙ୍କୁ ସ୍କୁଲ ସେକ୍ରେଟେରୀ ଅଳ୍ପଦିନର ହେଡ୍‌ମାଷ୍ଟର ହେବେ ବୋଲି ଦେଇଥିବା ପ୍ରତିଶ୍ରୁତିର ନିର୍ଣ୍ଣୟକୁ ଗ୍ରହଣ କରିପାରିନାହାନ୍ତି ପିତା ଅକ୍ଷୟ ଘୋଷ। ପିତା ଅକ୍ଷୟ ଘୋଷ ପୁତ୍ର ଅଶ୍ୱିନୀ ଯେ ଠିକ୍ ନିର୍ଣ୍ଣୟ ନେଉନାହାନ୍ତି ତାହା ତାଙ୍କୁ ବିଚଳିତ କରିଛି। ସମ୍ମାନଜନକ ବିଶ୍ୱବିଦ୍ୟାଳୟର ଅଧିକ ସୁଯୋଗ ଓ ଦରମାକୁ ପଦାଘାତ କରି ସ୍କୁଲର ଶିକ୍ଷକ ଜୀବନକୁ ବରଣ କରୁଥିବାରୁ ପିତାଙ୍କ ଉକ୍ତି: "ମୋର ଇଚ୍ଛା, ତୁ ସମ୍ମାନଜନକ ସ୍ଥାୟୀ ଚାକିରି କର। ସମ୍ଭ୍ରାନ୍ତ ସମାଜରେ ଜଣେ ହୋଇ ରହ। ମୋର କୂଳ ଉଜ୍ଜ୍ୱଳ ହେଉ। ତୁ ପ୍ରସିଦ୍ଧ ଘୋଷ ପରିବାରର ସନ୍ତାନ। ମୋର ଯୋଗ୍ୟ ପୁତ୍ର। ଉତ୍କଳର ପ୍ରାଣର ବାର୍ତ୍ତା 'ଉତ୍କଳ ଦୀପିକା'ର ସଂପାଦକ ଗୌରୀଶଙ୍କର ରାୟ ଆଉ ଓଡ଼ିଆ ନାଟକର କର୍ଣ୍ଣଧାର ରାମଶଙ୍କର ରାୟଙ୍କର ନାତି। ସେହି ଗୌରବରେ ନିଜକୁ ଗୌରାବାନ୍ୱିତ କର।" (ପୃ-୧୫୩)

କିନ୍ତୁ ଅଶ୍ୱିନୀଙ୍କ ମନ ଭିତରେ କାର୍ଯ୍ୟ କରୁଥିଲା ଭିନ୍ନ ଏକ ଅନୁଚିନ୍ତା! ସେ ଚିନ୍ତା ଓଡ଼ିଆ ନାଟକର ଅସ୍ତିତ୍ୱ ଓ ଭବିଷ୍ୟତ ନେଇ; ଯାହାକି କଟକ ଛାଡ଼ି ଅନ୍ୟତ୍ର ଚାଲିଗଲେ ସେ ଆଉ କରିପାରିବେ ନାହିଁ: "ହଁ ବାବା! ଗୌରୀଶଙ୍କର ଓ ରାମଶଙ୍କର ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧିକୁ ପରମ କର୍ତ୍ତବ୍ୟ ବୋଲି ଭାବିଥିଲେ। ସେହି ଓଡ଼ିଆ ସାହିତ୍ୟର ଭୂୟୋବିକାଶ ହିଁ ମୋର ଧର୍ମ। ଘ ଘ ଘ ହଁ ଓଡ଼ିଆ ନାଟ୍ୟ ସାହିତ୍ୟ। ଏ ପର୍ଯ୍ୟନ୍ତ ଓଡ଼ିଆ ନାଟ୍ୟସାହିତ୍ୟର ଯଥୋଚିତ ବିକାଶ ଘଟିନାହିଁ। ଏଥିପାଇଁ ଲୋଡ଼ା ପ୍ରଚୁର ନାଟକ ସୃଷ୍ଟି। ତା' ସହିତ ନାଟ୍ୟ ସାହିତ୍ୟର ଏକ ବୈପ୍ଳବିକ ପରିବର୍ତ୍ତନ ମୋର ଲକ୍ଷ୍ୟ। ଏହି ଲକ୍ଷ୍ୟ ସାଧନ ପାଇଁ ମୁଁ କଟକରେ ରହିବାକୁ ଚାହୁଁଛି। ମୁଁ ଯଦି ଓଡ଼ିଆ ଭାଷାରେ ଏକ ନାଟ୍ୟ ସମ୍ରାଜ୍ୟ ପ୍ରତିଷ୍ଠା କରିପାରେ, ତା' କଣ ମୋର ପରିବାରକୁ ଗୌରାବାନ୍ୱିତ କରିବ ନାହିଁ?" (ପୃ-୧୫୩)

ଅଶ୍ୱିନୀକୁମାର, ପିତାଙ୍କର କୋମଳ ପିତୃହୃଦୟକୁ ଖଣ୍ଡିତ କରିଛନ୍ତି ସତ! କିନ୍ତୁ ସେ ଅନ୍ତର୍ବେଦନା ତଳେ ତାଙ୍କ ମନରେ ଭିତରେ ଗୁମୁରି ଉଠିଛି ଓଡ଼ିଆ ନାଟକ ପାଇଁ

Digitized by srujanika@gmail.com

ପ୍ରାଣର ଆକୁଳତା ! ସେଥିପାଇଁ ସେ ପାଟଣାରେ ଥାଇ ଓଡ଼ିଶାରେ ନାଟକ ଓ ମଂଚ ସହିତ କାର୍ଯ୍ୟ କରିବାରେ ପ୍ରତିବନ୍ଧକ ଅଛି ବୋଲି ବିଚାର କରିଛନ୍ତି । ସେଥିପାଇଁ ସେ ଯେ ଏକ ଅନିଶ୍ଚିତତା ପଛରେ ଗୋଡ଼ାଉ ନାହାନ୍ତି । ତାଙ୍କ ଲିଖିତ 'ଭୀଷ୍ମ' ଓ 'ସେଓଜୀ' ନାଟକ କିଭଳି ଓଡ଼ିଶାରେ ଚହଲ ପକାଇଛି ଏବଂ ରାଧାକୃଷ୍ଣ ଥିଏଟରର ମାଲିକ ବନମାଳି ପତି କିଭଳି ତାଙ୍କ ଦଳ ପାଇଁ ନାଟକ ଲେଖିବା ପାଇଁ ଏବଂ ଉପଯୁକ୍ତ ପାରିତୋଷିକ ଦେବା ପାଇଁ ଚୁକ୍ତିବଦ୍ଧ; ସେସବୁ କଥାକୁ ବେଶ୍ ପ୍ରତ୍ୟୟର ସହିତ କହିଛନ୍ତି ପିତାଙ୍କୁ । ସେହିଭଳି ଓଡ଼ିଆ ପିଲାଙ୍କୁ ପାଠ ପଢ଼ାଇ ବାହାର ଜଗତ ସହ ପ୍ରତିଯୋଗିତାରେ ମୁଁ ଠିଆ କରାଇ ଯୋଗ୍ୟ କରିପାରିବି ସେ ବିଶ୍ୱାସର କଥା ମଧ୍ୟ ଦୃଢ଼ତାର ସହିତ କହିବା ଭିତରେ ଉତ୍ସର୍ଗ ଭାବଟି ବେଶ୍ ପ୍ରଭାବଶାଳୀ: " ଓଡ଼ିଆ ନାଟକର ବିକାଶ ଯେମିତି ମୋର ଏକ ଜାତୀୟ କର୍ତ୍ତବ୍ୟ, ଓଡ଼ିଆ ଜାତିର ମୂଳଦୁଆ ଗଠନରେ ମୋର ଏ ଭୂମିକା ମଧ୍ୟ ଗୋଟିଏ ଜାତୀୟ କର୍ତ୍ତବ୍ୟ । ମୋର ପ୍ରିୟ ଜନ୍ମଭୂମି ଓଡ଼ିଶାର ଶିକ୍ଷା ଓ ସାହିତ୍ୟ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ସ୍ଥିର କରିଦେଇଛି ।" (ପୃ-୧୫୫) ·

କେବଳ ନାଟକ ନଥିଲା, ଓଡ଼ିଆ ଜାତିର ପୁନର୍ଗଠନ ଓ ମୂଳଦୁଆକୁ ସୁଦୃଢ଼ କରିବା ପାଇଁ ଲୋକଶିକ୍ଷକର ଦାୟିତ୍ୱ ନିର୍ବାହ କରିବାରେ ଦୃଢ଼ତା ରହିଥିଲା ତାଙ୍କ ଭିତରେ ।

ନାଟକର ଦ୍ୱିତୀୟ ଦୃଶ୍ୟରେ ଅଶ୍ୱିନୀକୁମାରଙ୍କ ଘରକୁ ଆସିଛନ୍ତି ରାଧାକୃଷ୍ଣ ଥିଏଟରର ମାଲିକ ବନମାଳି ପତି ଏବଂ ନାଟ୍ୟ ନିର୍ଦ୍ଦେଶକ ବଲାଇଚାନ୍ଦ ବାନାର୍ଜୀ; ଉଦ୍ଦେଶ୍ୟ ହେଉଛି ଏକତ୍ର ଓଡ଼ିଆ ନାଟକ ପାଇଁ ଦୃଢ଼ ପରିକର ଭାବେ କିଛି ନୂଆ କରିବାର ଅଭୀପ୍ସା । ଏ ପର୍ଯ୍ୟାୟରେ ତିନିଜଣଙ୍କର ମହାମିଳନ କିଭଳି ଓଡ଼ିଆ ନାଟକ ପାଇଁ ସମର୍ପିତ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ତାହା ବେଶ୍ ସଫଳତାର ସହ ପ୍ରକଟିତ । 'ସେଓଜୀ' ନାଟକର ରିହର୍ସାଲ ପାଇଁ ଲେଖକଙ୍କୁ ବଲଙ୍ଗା ଯିବାର ନିମନ୍ତ୍ରଣ ଭିତରେ ନାଟ୍ୟସଂପୃକ୍ତି ବିଷୟଟି ବେଶ୍ ସ୍ପଷ୍ଟ ।

ଗୋଟିଏ ପଟେ ନାଟକ ନେଇ ବଦ୍ଧପରିକର ଏବଂ ଅନ୍ୟପଟେ ହେଡ୍‌ମାଷ୍ଟର ଭାବେ ଅଶ୍ୱିନୀକୁମାରଙ୍କର ପ୍ୟାରୀମୋହନ ଏକାଡ଼େମୀରେ ଛାତ୍ରଙ୍କୁ ସତ୍‌ମାର୍ଗ ଓ ଶିକ୍ଷାର ଉନ୍ନତ ପ୍ରଚେଷ୍ଟାରେ ସ୍କୁଲ ଅର୍ଜନ କରିଚାଲିଛି ସୁନାମ; ହାଇସ୍କୁଲ ପରୀକ୍ଷାରେ ସ୍କୁଲରୁ ଷୋହଳ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିବା ସହିତ ଦୁଇଜଣ ପ୍ରଥମ ଦଶ ଜଣଙ୍କ ଭିତରେ ରହିବାର ସଫଳତା ଯାଇଛି ଅଶ୍ୱିନୀକୁମାରଙ୍କ ପାଖକୁ । ଯେଉଁ କଥାଟି ସ୍କୁଲର ମ୍ୟାନେଜିଂ କମିଟିର ସେକ୍ରେଟେରୀ ଆଡ଼ଭୋକେଟ ବୈକୁଣ୍ଠନାଥ ଦତ୍ତଙ୍କ ସଂବାଦରେ ହୋଇଛି ସ୍ପଷ୍ଟ । ମାତ୍ର ଅମାୟିକ ଅଶ୍ୱିନୀ ତାହା ଯେ ସାମୂହିକ କର୍ତ୍ତବ୍ୟର ଫଳ କହି ନିଜର ବଦାନ୍ୟତାର ପରିଚୟ ଦେଇଛନ୍ତି ନାଟକର ତୃତୀୟ ଦୃଶ୍ୟରେ ।

'ଅଶ୍ୱିନୀକୁମାରଙ୍କ ଶେଷଦିନ' ନାଟକରେ ରାଧାକୃଷ୍ଣ ଥିଏଟରର ମାଲିକ ବନମାଳି ପତିଙ୍କର ଗୁରୁତ୍ୱ ଅନେକ ଅଧିକ । କାରଣ ଜଣେ ଜଣେ ନାଟ୍ୟକାର କେବଳ ଗୋଟିଏ

Digitized by srujanika@gmail.com

ଗୋଟିଏ ମଞ୍ଚ ପାଇଁ ପାଇଛନ୍ତି ସଫଳତା ଏବଂ ସ୍ୱୀକୃତି। ଏପରିକି ନାଟକ ଲେଖା ହେବା ଅପେକ୍ଷା ମଞ୍ଚାୟନର ମଧ୍ୟ ସେହିଭଳି ରହିଥାଏ ଗୁରୁତ୍ୱ। ଯା'ଫଳରେ ଜଣେ ନାଟ୍ୟକାର ପୃଷ୍ଠପୋଷକତା ପାଇବା ସହିତ ମଞ୍ଚ ପାଏ ଏବଂ ତା'ର ଲେଖନୀ ମଧ୍ୟ ହୁଏ ଅଜସ୍ରସ୍ରାବୀ। ଠିକ୍ ଯେମିତି ଘଟିଥିଲା ଅଶ୍ୱିନୀକୁମାରଙ୍କ କ୍ଷେତ୍ରରେ। ଏ କଥାଟି ନାଟକ୍‌ର ଚତୁର୍ଥ ଦୃଶ୍ୟରେ ଦେଖାଯାଇପାରେ – ବଲାଇ ଓ ବନମାଳିଙ୍କର କଥୋପକଥନରେ :

ବଲାଇ : "x x x ଅଶ୍ୱିନୀ ବାବୁ ପ୍ରତିଭାବାନ ନାଟ୍ୟକାର ସେ ପୌରାଣିକ ନାଟକ ଲେଖନ୍ତୁ, ଐତିହାସିକ ନାଟକ ଲେଖନ୍ତୁ ସବୁଥିରେ ନୂଆ ନୂଆ ଶୈଳୀ, ନୂଆ ନୂଆ ଭାବ। ପୁଣି ସାମାଜିକ ନାଟକ ଗୁଡ଼ିକରେ ନୂଆ ନୂଆ ସମସ୍ୟାର ଉପସ୍ଥାପନା ଆଗରୁ କୌଣସି ଓଡ଼ିଆ କି ବଙ୍ଗଳା ନାଟକରେ ନଥିଲା।

ବନମାଳି : x x x ତାଙ୍କ କଥାବସ୍ତୁ ଓ ଶୈଳୀରେ ନୂତନତ୍ୱ ଅଛି, ଯାହାକି ଦର୍ଶକଙ୍କୁ ଆକର୍ଷିତ କରୁଛି।

ବଲାଇ : କେତେ ଯେ ସମସ୍ୟା ଆଣି ନାଟକ ଭିତରେ ଭର୍ତ୍ତି କରୁଛନ୍ତି, ମୋତେ ଆଶ୍ଚର୍ଯ୍ୟ ଲାଗେ। କେତେବେଳେ ରାଜ୍ୟର ସମସ୍ୟା ତ କେତେବେଳେ ଦେଶର ସମସ୍ୟା, କେତେବେଳେ ବିଶ୍ୱର ସମସ୍ୟା, ସବୁଥିରେ ରହିଛି ଗୋଟାଏ ନିର୍ଦ୍ଦିଷ୍ଟ ଆଦର୍ଶର ପ୍ରଚାର।

ବନମାଳି : ମୁଁ ସତରେ ଭାଗ୍ୟବାନ ବଲାଇବାବୁ। ମୋତେ ମିଳିଛନ୍ତି ଅଶ୍ୱିନୀକୁମାରଙ୍କ ଭଳି ନାଟ୍ୟକାର ଆଉ ବଲାଇବାବୁଙ୍କ ପରି ନିର୍ଦ୍ଦେଶକ। ମଣିକାଞ୍ଚନ ସଂଯୋଗ।" (ପୃ-୧୬୦)

ବନମାଳି ପଡି ଥିଲେ 'ଚିହ୍ନରା ଗ୍ରାହକ'। ସେଇ କଷଟି ପଥରରେ ସେ ଖୋଜି ନେଇଥିଲେ ଅଶ୍ୱିନୀ ଓ ବଲାଇଙ୍କୁ ଏବଂ ଏହା ହିଁ କାରଣ ଓଡ଼ିଆ ନାଟକ ଏକ ସ୍ୱର୍ଣ୍ଣିମ ଯୁଗକୁ ପ୍ରବେଶି ଥିଲା ସେଇ ସମୟରେ।

ଅନେକ ଆଲୋଚକ 'ଅଶ୍ୱିନୀ' ଓ 'କାଳୀଚରଣ'ଙ୍କ ଭିତରେ ଥିବା ପ୍ରତିଯୋଗିତା କଥାକୁ ଉଲ୍ଲେଖ କରିଥାନ୍ତି। ଏପରିକି କେତେକ କ୍ଷେତ୍ରରେ ଏହାର ତୀବ୍ରତା ଥିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି; କିନ୍ତୁ ନାଟ୍ୟକାର ନୀଳାଦ୍ରିଭୂଷଣ ଏହି ସଂପର୍କକୁ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ଆତ୍ମସ୍ୱୀକୃତି ମୂଳକ ଭାବେ ସଂଯୁକ୍ତ କରିଛନ୍ତି ନାଟକରେ। ନାଟକର ପଞ୍ଚମ ଦୃଶ୍ୟରେ କଟକର ଜଗନ୍ନାଥ ବଲ୍ଲଭ ରାସ୍ତାରେ ପ୍ରାତଃ ଭ୍ରମଣ ବେଳେ ହଠାତ୍ ଭେଟ ପଡ଼ିଯାଇଥିବା ନାଟ୍ୟକାର ଗୋପାଳ ଛୋଟରାୟ ଏବଂ ନାଟ୍ୟକାର କାଳୀଚରଣ

Digitized by srujanika@gmail.com

ପଟ୍ଟନାୟକଙ୍କ କଥୋପକଥନରେ ଲକ୍ଷ୍ୟ କରାଯାଇପାରେ ଅଶ୍ୱିନୀକୁମାରଙ୍କ ପ୍ରତି ରହିଥିବା ସୁସଞ୍ଚ ମନୋଭାବକୁ। ଅବଶ୍ୟ କାଳୀଚରଣଙ୍କ ଅଭିବ୍ୟକ୍ତିରେ କିଞ୍ଚିତ୍ ଅଭିମାନକୁ ଲକ୍ଷ୍ୟ କରାଯାଇପାରେ। ସେତେବେଳେ ଗୋପାଳ ଛୋଟରାୟ ନୂଆ ନୂଆ ଅଭିନେତା ଓ ନାଟ୍ୟକାର ଏବଂ କାଳୀବାବୁ ରାସଦଳ ଧରି ବେଶ୍ ଖ୍ୟାତ ସମଗ୍ର ଓଡ଼ିଶାରେ !

ଗୋପାଳ : " x x x ତେବେ ଏଥର ଆମେ ଭଲ ପୂର୍ଣ୍ଣାଙ୍ଗ ନାଟକଟିଏ ପାଇବୁ। ଅଶ୍ୱିନୀବାବୁଙ୍କୁ କହିଛୁ। x x x ।

କାଳୀ : x x x ହଉ ଭଲ କଥା। କଟକରେ ଅନ୍ୟ ନାଟ୍ୟକାମାନେ ଅଛନ୍ତି ଯେ....

ଗୋପାଳ : ହେଲେ ବି ଅଶ୍ୱିନୀବାବୁ ବର୍ତ୍ତମାନ ସବୁଠୁ ବଡ଼ ନାଟ୍ୟକାର। ନୂଆ ନୂଆ ବିଷୟ, ନୂଆ ନୂଆ ଶୈଳୀ। ତାଙ୍କ ନାଟକରେ ଏବେ ଭାରି ନାଆଁ। ଓଡ଼ିଶାର ନାଟ୍ୟଜଗତକୁ ଏକ ବିଶେଷ ଉଚ୍ଚତାକୁ ସେ ଉଠାଇ ନେବେ, ଏ ବିଶ୍ୱାସ ସମସ୍ତଙ୍କର ରହିଛି।

କାଳୀ : ତୁମେ ତ ଅଶ୍ୱିନୀବାବୁଙ୍କ ବଡ଼ ଭକ୍ତ ହୋଇପଡ଼ିଛ ଦେଖୁଛି। ତାଙ୍କ ଛଡ଼ା କେହି ନାଟ୍ୟକାର ତମ ଆଖିକି ଦିଶୁନାହାନ୍ତି।

ଗୋପାଳ : ପ୍ରକୃତରେ ଓଡ଼ିଆରେ ଖଣ୍ଡେ ଭଲ ନାଟକ ନଥିବା ବେଳେ ସେ ହିଁ ଆଶା, ଭରସା ହୋଇ ଠିଆ ହୋଇଛନ୍ତି। x x x ।

କାଳୀ : ଆଉ ମୁଁ? ମୁଁ କ'ଣ ଓଡ଼ିଆ ନାଟକକୁ ଜନପ୍ରିୟ କରୁନାହିଁ। ରାସଦଳ ଧରି ସାରା ଓଡ଼ିଶା ବୁଲୁଛି। x x x ରାସ ଦେଖିବାକୁ ବହୁ ଲୋକ ଭିଡ଼ ଜମାଉଛନ୍ତି।

ଗୋପାଳ : ଯାହା ହେଲେ ବି ରାସ କ'ଣ ନାଟକର ମାନ୍ୟତା ପାଇପାରିବ ? x x x ।

କାଳୀ : କାହିଁକି ଦେବନି ? ରାଧାକୃଷ୍ଣ ପ୍ରେମଲୀଳା ଆଧାରିତ ଗୀତିନାଟ୍ୟ ତ ରାସ। ଗୀତିନାଟ୍ୟରେ କ'ଣ ସାହିତ୍ୟିକ ମୂଲ୍ୟ ନାହିଁ ?

ଗୋପାଳ : ସାହିତ୍ୟିକ ମୂଲ୍ୟ ଅଛି ଯେ, କିନ୍ତୁ ଆଧୁନିକତା ନାହିଁ। ସେଗୁଡ଼ିକ କେବଳ ଲୋକଙ୍କ ମନୋରଞ୍ଜନ କରିପାରିବ, ଶିକ୍ଷଣୀୟ ହୋଇପାରିବ ନାହିଁ।" (ପୃ-୧୬୨)

'ଅଶ୍ୱିନୀକୁମାରଙ୍କ ଶେଷଦିନ' ନାଟକରେ ଏହି ପଞ୍ଚମ ଦୃଶ୍ୟଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯେଉଁଠି କାଳୀଚରଣ ନିଜ ନାଟକ ସଂପର୍କରେ ହୋଇ ଉଠିଛନ୍ତି ସଚେତନ ଏବଂ ସେ

Digitized by srujanika@gmail.com

ସଚେତନତା ତାଙ୍କୁ ଆଣିଦେଇଛନ୍ତି ଗୋପାଳ ଛୋଟରାୟ। କାଳୀଚରଣ ନିଜ ନାଟକର ଲୋକପ୍ରିୟତା କଥା ସିନା ଜାଣିଥିଲେ କିନ୍ତୁ ତା'ର 'ଚିରକାଳିକତା' ଓ 'ଆଧୁନିକ ଦୃଷ୍ଟିଭଙ୍ଗୀ' ପ୍ରତି ଥିଲେ ଅସଚେତନ, ତେଣୁ ତାଙ୍କର ନିମ୍ନୋକ୍ତ ସଂଳାପରେ ତାହା ହୋଇଉଠିଛି ସ୍ପଷ୍ଟ:

ଗୋପାଳ : "x x x ଯୁଗ ଅନୁସାରେ ଲୋକଙ୍କ ଦୃଷ୍ଟିକୋଣ ବଦଳିଛି, ରୁଚି ବଦଳିଛି। ସେମାନେ ଆଧୁନିକତା ପ୍ରତି ଅନୁରକ୍ତ। ସେଥିପାଇଁ ଅଶ୍ୱିନୀକୁମାରଙ୍କ ନାଟକର ଏତେ ଆଦର। x x x।

କାଳୀ : x x x। ତୁମେ ବୁଦ୍ଧିମାନ ଗୋପାଳ ! ତୁମର ଆଧୁନିକ ଦୃଷ୍ଟି ଅଛି। ମୋତେ ତୁମେ ନୂଆ ରାସ୍ତାରେ ଚାଲିବାକୁ ନିର୍ଦ୍ଦେଶ ଦେଲ। ଏଣିକି ମୁଁ ଆଧୁନିକ ରୀତିର ନାଟକ ଲେଖିବି। ଓଡ଼ିଆ ନାଟକକୁ ସମୃଦ୍ଧ କରିବି। ମୋ ରାସଦଳକୁ ନାଟ୍ୟଦଳରେ ପରିଣତ କରିଦେବି। ଦେଖିବ ଗୋପାଳ, ମୁଁ ବି ଦିନେ ଅଶ୍ୱିନୀ ବାବୁଙ୍କ ଭଳି ସମ୍ମାନ ପାଇବି।"

(ପୃ-୧୬୨)

ଅଶ୍ୱିନୀକୁମାର ଓ କାଳୀଚରଣଙ୍କ ଭିତରେ ଥିବା ନାଟ୍ୟ ପ୍ରତିଭାଗତ ପ୍ରତିଯୋଗିତା ଓ ଲୋକପ୍ରିୟତା ଅତୀତର କଥାକୁ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ମାଧ୍ୟମରେ ପରିବେଷିତ କରିଛନ୍ତି ନାଟକରେ। ଅପରପକ୍ଷରେ ପୁନଶ୍ଚ ସପ୍ତମ ଦୃଶ୍ୟରେ ଅଶ୍ୱିନୀକୁମାର ଓ କାଳୀଚରଣଙ୍କର ସାକ୍ଷାତ୍ ଘଟିଚି ଅଶ୍ୱିନୀବାବୁଙ୍କ ଘରେ ଏବଂ ଉଭୟଙ୍କର କଥୋପକଥନରେ ଉଭୟେ ଉଭୟଙ୍କୁ କରିଥିବା ସମ୍ମାନ ଓ ପ୍ରଶଂସାରେ ଉଭୟଙ୍କର ଉଦାର ଓ ଅମାୟିକ ହୃଦୟର ପରିଚୟ ମିଳେ। କାଳୀଚରଣ, ଅଶ୍ୱିନୀକୁମାରଙ୍କୁ ବଡ଼ଭାଇ ସଂବୋଧନ କରି କହିଛନ୍ତି ଯେ ସେ ରାସଦଳ ଧରି ଓଡ଼ିଶା ସାରା ବୁଲି ବୁଲି ଏବେ ଥକି ପଡ଼ିଲେଣି। ଏକ ପ୍ରକାର କ୍ଲାନ୍ତି ଓ ଅବସନ୍ନତା ଆସିଗଲାଣି ତାଙ୍କ ଭିତରେ। ଏପରିକି ରାସବାଲାଙ୍କୁ କ'ଣ କେବେ ନାଟ୍ୟକାରର ସମ୍ମାନ ମିଳେ! ଏଭଳି କ୍ଷୋଭ ଓ ହତାଶାର ଉତ୍ତରରେ ଅଶ୍ୱିନୀକୁମାରଙ୍କର ବକ୍ତବ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ : "x x x ଆପଣଙ୍କର ଗୋଟିଏ ପୂର୍ଣ୍ଣାଙ୍ଗ ନାଟ୍ୟ ପ୍ରତିଭା ଅଛି। ଆପଣ ନିଜେ ଲେଖକ, ନିର୍ଦ୍ଦେଶକ ପୁଣି ପରିଚାଳକ। ଏପରି ଦକ୍ଷତା ଖୁବ୍ କମ୍ ନାଟ୍ୟକାରଙ୍କର ଥାଏ। ମୁଁ କିନ୍ତୁ ବିଶେଷ ଗୋଟିଏ ଗୁଣ ଆପଣଙ୍କର ଦେଖିଛି। ଓଡ଼ିଶାର ସାଧାରଣ ଜନଜୀବନ ସହିତ ଆପଣଙ୍କର ରହିଛି ନିବିଡ଼ ପରିଚୟ। ଆପଣ ଭଲ ସାମାଜିକ ନାଟକ ଲେଖିପାରିବେ ବୋଲି ମୋର ବିଶ୍ୱାସ।" (ପୃ-୧୬୭)

ଅଶ୍ୱିନୀକୁମାରଙ୍କ ର ଏ ବକ୍ତବ୍ୟରେ କାଳୀଚରଣଙ୍କ ପ୍ରତି ପ୍ରଶଂସା ଅବଶ୍ୟ ରହିଛି; ତା' ସହିତ ରହିଛି କାଳୀଚରଣଙ୍କ ଲୋକସଂପୃକ୍ତି କଥାଟି ! ଯାହାକି ଅଭାବ ଥିଲା

Digitized by srujanika@gmail.com

ଅଶ୍ୱିନୀକୁମାରଙ୍କ ପାଖରେ। ଅଶ୍ୱିନୀକୁମାରଙ୍କର ଏ ଭଳି ବକ୍ତବ୍ୟ ତରଳାଇ ଦେଇଛି କାଳୀଚରଣଙ୍କୁ; ଯାହାକି ତାଙ୍କର ପରବର୍ତ୍ତୀ ଦୁଇଟି ସଂବାଦରେ ବେଶ୍ ସ୍ପଷ୍ଟ: "ଆପଣ ମୋତେ ଉପଯୁକ୍ତ ମାର୍ଗ ଦେଖେଇଛନ୍ତି। ମୁଁ କେବଳ ସାମାଜିକ ନାଟକ ହିଁ ଭଲ ଲେଖିପାରିବି। ପୌରାଣିକ, ଐତିହାସିକ ନାଟକ ଲେଖି ମୁଁ ସଫଳ ହୋଇପାରିବିନି। ଆପଣ ପୌରାଣିକ, ଐତିହାସିକ ନାଟକରେ ଯେଉଁ ଦ୍ୱନ୍ଦ୍ୱ, ସଂଘର୍ଷ, କାବ୍ୟିକ ସଂଳାପ ରହିଛି, ସତ କହିବାକୁ ଗଲେ ତା' ଅନୁକରଣୀୟ। କାହାଣୀ ନିର୍ମାଣ ଓ ଚରିତ୍ର ଚିତ୍ରଣ ତ ସହଜେ ପ୍ରଭାବଶାଳୀ। ଆପଣଙ୍କର କେତୋଟି ନାଟକରେ ଚରିତ୍ରବତ୍ତାର ସ୍ୱାକ୍ଷର ରହିଛି। ସତରେ କ୍ଲାସିକ୍ ଶିଳ୍ପ ସୃଷ୍ଟି। x x x ଆପଣ ମୋର ବଡ଼ଭାଇ। ଆପଣ ମୋର ପଥପ୍ରଦର୍ଶକ। ଆପଣଙ୍କ ସହିତ ତାଳ ଦେଇ ଚାଲିପାରିଲେ, ପ୍ରକୃତରେ ମୁଁ ନିଜକୁ ଧନ୍ୟ ମଣିବି। ଆପଣଙ୍କ ପରି ଉଦାର, ନିରହଂକାର, ଜାତୀୟତାବାଦୀ ନାଟ୍ୟକାର ମୁଁ ଦେଖିନି କୋଉଠି?" (ପୃ-୧୬୭)

ଅଶ୍ୱିନୀକୁମାରଙ୍କ ପ୍ରତି କାଳୀଚରଣଙ୍କ ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ ଭିତରେ ଭରିରହିଛି ଭଲ ପାଇବା। ତାହା ହୀନମନ୍ୟତା ବିଜଡ଼ିତ ନୁହେଁ; ତାହା ଆତ୍ମସ୍ୱୀକୃତିର ହାର୍ଦ୍ଦିକ ସ୍ୱାଗତ ବାର୍ତ୍ତା; ନାଟ୍ୟକାର ହରିଚନ୍ଦନ ଓଡ଼ିଆ ନାଟକର ଦୁଇ ଅପ୍ରତିଦ୍ୱନ୍ଦ୍ୱୀ ନାଟ୍ୟକାରଙ୍କର ନାଟ୍ୟ-ମାନସିକତାକୁ ଗୋଟିଏ ମଞ୍ଚରେ ପରଖିବାର ଏ ପ୍ରଚେଷ୍ଟା ସତରେ ବେଶ୍ ସ୍ୱାଗତଯୋଗ୍ୟ।

॥ ୪ ॥

ଓଡ଼ିଆ ନାଟକ ପାଇଁ ଅଶ୍ୱିନୀକୁମାରଙ୍କୁ କରିବାକୁ ହୋଇଛି ଅନେକ ସଂଘର୍ଷ ଏବଂ ଅନେକ ଉତ୍‌ଥାନ ପତନ ଦେଇ ଗତି କରିଛି ତାଙ୍କ ନାଟ୍ୟଜୀବନ! ନାଟକର ଷଷ୍ଠ ଦୃଶ୍ୟରେ ପ୍ୟାରୀମୋହନ ଏକାଡ଼େମୀର ସେକ୍ରେଟେରୀ ଆଡ଼୍‌ଭୋକେଟ ବୈକୁଣ୍ଠନାଥ ଦତ୍ତ, ଅଶ୍ୱିନୀକୁମାରଙ୍କୁ ତାଙ୍କ ନାଟ୍ୟଜୀବନ ଯେ ସ୍କୁଲର ସମ୍ମାନ ପ୍ରତି ଆଞ୍ଚ ଆଣୁଛି; ସେଭଳି ଅଭିବ୍ୟକ୍ତିରେ ଭରି ରହିଛି ପ୍ରତିବନ୍ଧକ। ଅଶ୍ୱିନୀଙ୍କୁ, ବୈକୁଣ୍ଠନାଥ ତାଙ୍କ ଅଜା ରାମଶଙ୍କର ମଧ୍ୟ କିଭଳି ନାଟକରେ ମାତି ଓକିଲାତିରେ ଅବହେଳା କରି ଅଧିକ ଅର୍ଥ ଉପାର୍ଜନ କରିପାରିନଥିଲେ ତା'ର ଉଦାହରଣ ମଧ୍ୟ ଦେବାକୁ ପଛାଇ ନାହାନ୍ତି। ଏପରିକି ସେ ନାଟକ କରନ୍ତୁ କିନ୍ତୁ ନାଟୁଆଳମାନଙ୍କ ସହିତ ମିଶିବା ଦ୍ୱାରା ସ୍କୁଲ ଓ ପିଲାଙ୍କ ଉପରେ ଖରାପ୍ ପ୍ରଭାବ ପଡୁଛି ବୋଲି କହିବା ଭିତରେ ଭରି ରହିଛି ଅବଜ୍ଞାର ଭାବ। ବୈକୁଣ୍ଠ ଯେତେବେଳେ ଅଶ୍ୱିନୀଙ୍କୁ ସେ ଯେ ତାଙ୍କ ମୂଳଲକ୍ଷ୍ୟରୁ ଓହରି ଯାଇଛନ୍ତି ବୋଲି କହିଛନ୍ତି; ସେତେବେଳେ ଅଶ୍ୱିନୀଙ୍କର ଉତ୍ତର ବେଶ୍ ଦୃଢ଼ ଓ ସଶକ୍ତ "ବଡ଼ ଧର୍ମ ସଂକଟରେ ପକାଉଛନ୍ତି ମୋତେ। ଗୋଟାଏ ବିରାଟ ମାନସିକ ସଂଘର୍ଷର ସମ୍ମୁଖୀନ ହେଉଛି ମୁଁ।

Digitized by srujanika@gmail.com

ଆପଣଙ୍କର ଭାବିବା ଉଚିତ ନୁହେଁ ଯେ, ମୁଁ ମୋର ମୂଳ କର୍ତ୍ତବ୍ୟରୁ ବିଚ୍ୟୁତ ହୋଇଯାଉଛି। ମୋର ବିଶ୍ୱାସ ଅଛି, ଶିକ୍ଷକତା ସହିତ ମୋର ନାଟ୍ୟ ସାଧନାକୁ ସମାନ୍ତର ଭାବେ ଆଗକୁ ବଢ଼ାଇ ପାରିବି। କେହି କାହାର ବାଧକ ହୋଇ ଠିଆ ହେବେନି।" (ପୃ-୧୬୪) ଏଭଳି ପ୍ରତିବନ୍ଧକ ଅଟକାଇ ଦେଇପାରନି ଅଶ୍ୱିନୀଙ୍କୁ। ଅତୀତରେ ବଡ଼ ଚାକିରିକୁ ପଦାଘାତ କରି ପିତା ଅକ୍ଷୟ ଘୋଷଙ୍କର କଥାକୁ ସମ୍ମାନପୂର୍ବକ ଅଗ୍ରାହ୍ୟ କରିଥିବା ଅଶ୍ୱିନୀ, ଭୟ ପାଇ ନାହାନ୍ତି ସ୍କୁଲ ସେକ୍ରେଟେରୀଙ୍କ କଥାରେ; ଏପରିକି ସେଇ ମୁହୂର୍ତ୍ତରେ ଚାହିଁଛନ୍ତି ପାଞ୍ଚଦିନ ଛୁଟି ଏବଂ ତାଙ୍କର କାର୍ଯ୍ୟ ଯେ ଅବହେଳା ହେବ ନାହିଁ ସେଥିନେଇ ଦେଇଛନ୍ତି ନିର୍ଭର ପ୍ରତିଶ୍ରୁତି। ଏଇଭଳି ହିଁ ଥିଲା ଅଶ୍ୱିନୀଙ୍କର ବ୍ୟକ୍ତିତ୍ୱର ଦୃଢ଼ତା !

॥ ୫ ॥

ବୃତ୍ତିଜୀବନ ଅଶ୍ୱିନୀକୁମାରଙ୍କୁ ଯେତିକି ପଥରୋଧ କରିନଥିଲା ବା ଭାଙ୍ଗି ଦେଇନଥିଲା, ତା'ଠାରୁ ଢ଼େର୍ ଆକସ୍ମିକ ଚଡ଼କ ପଡ଼ିଥିଲା ରାଧାକୃଷ୍ଣ ଥିଏଟରର ମାଲିକ/ ପ୍ରତିଷ୍ଠାତା ବନମାଳି ପତିଙ୍କର ମୃତ୍ୟୁ! ନାଟକର ଅଷ୍ଟମ ଦୃଶ୍ୟରେ ସାନଭାଇ ନାଟ୍ୟକାର କାର୍ତ୍ତିକ କୁମାର ଘୋଷ ଏବଂ ନାଟ୍ୟ ନିର୍ଦ୍ଦେଶକ ବଲାଇଚାନ୍ଦ ବାନାର୍ଜୀ ଆସି ଅଶ୍ୱିନୀକୁମାରଙ୍କୁ ଖବର ଦିଅନ୍ତି ବନମାଳିଙ୍କର ହତ୍ୟା ଘଟଣା। ବନମାଳି ପତିଙ୍କର ହତ୍ୟା ଥିଲା ଅତ୍ୟନ୍ତ ଜଘନ୍ୟ ଓ ବୀଭତ୍ସ ! ବନମାଳିଙ୍କର ମୃତ୍ୟୁ ସହ ଯୋଡ଼ିହୋଇ ରହିଥିଲା ଥିଏଟରର ଭବିଷ୍ୟତ। ଅଭିନେତା ଓ କର୍ମଚାରୀମାନଙ୍କର ଦରମା, ଖାଇବା-ରହିବା ସହ ଥିଏଟରର ଦେଖାରଖା। ସେଇ ଜଟିଳ ପରିସ୍ଥିତିରେ ଅଶ୍ୱିନୀକୁମାର ଚାହିଁଛନ୍ତି ଥିଏଟରକୁ କିଣିନେବା ପାଇଁ। ସାନଭାଇ କାର୍ତ୍ତିକ ଯେତେବେଳେ ଅର୍ଥଯୋଗାଡ଼ର କଥା ଉତ୍ଥାପନ କରିଛନ୍ତି, ସେତେବେଳେ ଅଶ୍ୱିନୀଙ୍କ ବକ୍ତବ୍ୟ ବେଶ୍ ଆଶଂକିତ : "ମୋ ଭାଗରେ ଥିବା କୋଠାଟାକୁ ମୁଁ ବନ୍ଧା ପକେଇଦେବି।" (ପୃ-୧୬୯)। କାର୍ତ୍ତିକ ଓ ବଲାଇଙ୍କର କୌଣସି କଥା ଶୁଣିନାହାନ୍ତି ଅଶ୍ୱିନୀ! : "ମୋତେ ଆଉ କେହି ବାଧା ଦିଅନି। ମୁଁ ଯାହା ସ୍ଥିର କରିଛି, ତା' କରିବି। ମୁଣ୍ଡଗୁଞ୍ଜିବା ପାଇଁ ତ ମୋର ଖଣ୍ଡେ ବାସ ଅନ୍ତତଃ ଅଛି। ତୁ ବ୍ୟସ୍ତ ହୁଅନି କାର୍ତ୍ତିକ। ମୋ ଅଜା ଗୌରୀଶଙ୍କର ରାୟ ଓ ରାମଶଙ୍କର ରାୟ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପାଇଁ ବିରାଟ ତ୍ୟାଗ ସ୍ୱୀକାର କରିଛନ୍ତି। ମୁଁ କ'ଣ ସେମାନଙ୍କ ପରି ତ୍ୟାଗ କରିପାରିବି ନାହିଁ ଓଡ଼ିଆ ନାଟକ ପାଇଁ? ମୋର ନିଷ୍ପତ୍ତିରେ ସ୍ଥିର ନିଶ୍ଚିତ।" (ପୃ-୧୬୯) ଅଶ୍ୱିନୀକୁମାର ନେଇଛନ୍ତି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି; ତାହା ହେଉଛି ପ୍ୟାରୀମୋହନ ଏକାଡେମୀର ହେଡମାଷ୍ଟର ଚାକିରିରୁ ଇସ୍ତଫା ଦେବା। କାରଣ ତାଙ୍କର ମନେ ହୋଇଛି ନାଟକ ପ୍ରତି ଓ ଥିଏଟର ପ୍ରତି ଅଧିକ ଧ୍ୟାନ ଦେଲେ ସେ ଅନ୍ୟ କାର୍ଯ୍ୟକୁ ଅବହେଳା କରିବେ : "ଏ ଜାତିର ନାଟ୍ୟସାହିତ୍ୟ

Digitized by srujanika@gmail.com

ପାଇଁ ଯେତେବଡ଼ ତ୍ୟାଗ କରିବାକୁ ପଡ଼ିଲେ ବି ମୁଁ କରିବାକୁ ପ୍ରସ୍ତୁତ। ଚାକିରି ଛାଡ଼ିଦେଲେ ହିଁ ମୁଁ ସ୍ୱାଧୀନ ଭାବେ ନାଟ୍ୟଦଳର ପରିଚାଳନା କରିପାରିବି।" (ପୃ-୧୬୯)। ସାନଭାଇ କାର୍ତ୍ତିକ ତାଙ୍କର ଏ ସର୍ବନାଶ ବୁଦ୍ଧିକୁ ଗ୍ରହଣ କରିପାରୁନଥିଲେ, କାରଣ ତାଙ୍କର ଦାଦା (ଭାଇ) ପୈତୃକ କୋଠା, ଚାକିରି, ସମ୍ମାନ ଛାଡ଼ି କଳାକାରଙ୍କ ସହ କିଭଳି ଦୁସ୍ଥ ଜୀବନକୁ ଆଦରିବେ; ତାହା ତାଙ୍କୁ କରୁଥିଲା ବ୍ୟଥିତ।

ଅଶ୍ୱିନୀଙ୍କର ନିଷ୍ପତ୍ତି ତଳିତଳାନ୍ତ କରି ଦେଇଥିଲା ତାଙ୍କର ଆର୍ଥନୀତିକ ସ୍ଥିତି ଓ ପାରିବାରିକ ଜୀବନକୁ। ଯାହାକି ନାଟକର ଦଶମ ଦୃଶ୍ୟରେ ପତ୍ନୀ ସୁନ୍ଦରମଣି ଓ ଅଶ୍ୱିନୀଙ୍କର କଥୋପକଥନରେ ବେଶ୍ ଭାବିତ କଲାଭଳି। ଯେଉଁଠି ସୁନ୍ଦରମଣି ଦେବୀ, ଅଶ୍ୱିନୀକୁମାରଙ୍କୁ : "ସେ ରଡ଼ଚୁଲି ଲେଖା ବନ୍ଦ କର ତ!" ବୋଲି କହିବା ଭିତରେ ତାହା ବେଶ୍ ସ୍ପଷ୍ଟ ! କାରଣ ଅନେକ ଦିନ ବିତିଯାଇଥିଲେ ବି ସେ ମୁକୁଳାଇ ପାରିନଥିଲେ ପିତୃ ଅର୍ଜିତ ସମ୍ପତ୍ତି; ତା' ସହିତ ଦିନକୁ ଦିନ ଭୁଶୁଡ଼ି ପଡୁଥିବା ଆର୍ଥନୀତିକ ପରିସ୍ଥିତିର ବିଷମତାର କଥା ସୁନ୍ଦରମଣିଙ୍କ କଥାରେ ଅତ୍ୟନ୍ତ ଶୋଚନୀୟତାକୁ ସୂଚିତ କରେ ! "ତା' ନ ହୋଇଥିଲେ ପ୍ୟାରୀମୋହନ ଏକାଡେମୀର ହେଡମାଷ୍ଟର ପଦକୁ ଛାଡ଼ିଥାନ୍ତ ? ପିଲାଙ୍କଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କଠାରୁ ସମ୍ମାନ ପାଉଥିଲ। ମାସ ଶେଷରେ ଦରମା ମିଳିଯାଉଥିଲା। ନାଟକ ପାଇଁ ସେସବୁ ଛାଡ଼ିଲ। ନାଟଦଳ କିଣିବାକୁ କୋଠା ବନ୍ଧା ପକାଇ ଥିଲ, ପୁଣି ଦଳକୁ ବଞ୍ଚାଇବାକୁ ଯାଇ କୋଚିଲା ମଞ୍ଜି ବ୍ୟବସାୟ କଲ ଯେ ଭାଗୁଆଳୀ ସବୁ ଟଙ୍କା ମାରି ନେଇଗଲା। ତୁମ ମୂଳ ଧନବି ଗଲା।" (ପୃ-୧୭୩) ଏ କଥାର ପ୍ରତିଉତ୍ତରରେ ଅଶ୍ୱିନୀ, ନାଟକ ପାଇଁ ଆଉ କ'ଣ କରିପାରନ୍ତି; ସେ କଥା ଆହୁରି ଅଦ୍ଭୁତ: "x x x ଏବେ ଭାବିଛି ଚାହା ପ୍ୟାକେଟ ତିଆରି ବ୍ୟବସାୟ କରିବି। ଆଉ ତା' ସାଙ୍ଗରେ ବାଲୁବଜାର ଛକରେ ଗୋଟାଏ ଚାହା ସିଙ୍ଗଡ଼ା ଦୋକାନ କରିବି।" (ପୃ-୧୭୩)

ନାଟକ ଓ ନାଟକର ନିଶା ଅଶ୍ୱିନୀଙ୍କୁ ବିପର୍ଯ୍ୟସ୍ତ କଲାପରେ ବି ଭାଙ୍ଗି ପଡ଼ିନଥିଲେ; ଅଶ୍ୱିନୀ ନାଟକ ଦଳକୁ ବଞ୍ଚାଇବା ପାଇଁ ଏବଂ ନାଟକ ଲେଖିବାର ତାଙ୍କର ପ୍ରବୃତ୍ତି ତାଙ୍କୁ ଯେତିକି ପରୀକ୍ଷା ନେଉଥିଲା ସେ ସେତିକି ଅଧିକ ସଂଘର୍ଷ ପାଇଁ ଚେଷ୍ଟାକୁ ଜାହିର୍ କରୁଥିଲେ ନିସ୍ୱାର୍ଥପର ଭାବରେ: "ଓଡ଼ିଆ ଜାତି ପାଇଁ, ଓଡ଼ିଆ ନାଟକର ଉତ୍‌ଥାନ ପାଇଁ ମୋର ଏ ତ୍ୟାଗ କ'ଣ ବ୍ୟର୍ଥ ହୋଇଯିବ ? ନା' କଦାପି ନୁହେଁ। ଓଡ଼ିଆ ନାଟକ ଦିନେ ଦୀପ୍ତିମାନ ହୋଇ ଉଠିବ ଉଜ୍ଜ୍ୱଳ ଆଲୋକରେ।" (ପୃ-୧୭୪)

॥ ୬ ॥

ସୂଚନା ଦୃଶ୍ୟ (ଖ)ରେ ପୁଣି ମଞ୍ଚ ଉପରେ ଯେଉଁ 'ବୃଦ୍ଧ' ଚରିତ୍ର ପ୍ରବେଶ କଲେ; ସେଇ ପର୍ଯ୍ୟାୟ ସୂଚାଇ ଦେଲା ଅଶ୍ୱିନୀଙ୍କର ବିପର୍ଯ୍ୟର କଥାକୁ। ଯେତେବେଳେକୁ ବଳଙ୍ଗା ଆର୍ଟ

Digitized by srujanika@gmail.com

ଥିଏଟର ଆଉ ତିଷ୍ଠି ନପାରି ଭାଙ୍ଗିଗଲା। ଅଶ୍ୱିନୀ ନାଟ୍ୟଦଳ କିଣିନେଲେ ସିନା ବ୍ୟାବସାୟିକ ଓ ଲୋକସଂପର୍କ ଗତ ତ୍ରୁଟିରୁ ତଥା ଆର୍ଥିକ ଅନଟନରୁ ଭାଙ୍ଗିଗଲା ନାଟଦଳ। ଋଣଭାରରେ ଚାପି ହୋଇଗଲେ ଅଶ୍ୱିନୀ! ପୈତୃକ କୋଠାଟି ଚାଲିଗଲା ହାତରୁ ଏବଂ ଯେଉଁ ବ୍ୟବସାୟରେ ହାତ ଦେଲେ ସେ ସବୁ ବି ହେଲା ଅସଫଳ! ଅଭିନେତା ମାନେ ବାହୁଡ଼ି ଗଲେ ଦଳ ଛାଡ଼ି। ଏ ସମୟ ସତେକି ଥିଲା ଓଡ଼ିଆ ନାଟକ ପାଇଁ ଦାରୁଣ ଦୁର୍ବିପାକ ବା ବିପର୍ଯ୍ୟୟ କାଳ! ସଂକଟାପନ୍ନ ଆର୍ଥିକ ପରିସ୍ଥିତିର ତାଡ଼ନା ଅଶ୍ୱିନୀଙ୍କୁ ବାଧ କଲା ଓଡ଼ିଶା ଛାଡ଼ି ଚାଲିଯିବା ପାଇଁ। ସେ କଲିକତା ଚାଲିଯିବା ପାଇଁ ମନସ୍ଥ କଲେ।

ନାଟକର ଏଗାର ନମ୍ବର ଦୃଶ୍ୟରେ ଅଶ୍ୱିନୀ କଟକ ଛାଡ଼ି ବାହୁଡ଼ି ଯାଉଛନ୍ତି କଲିକତା। ଭେଟିବାକୁ ଆସିଛନ୍ତି ଅନେକ ଲୋକ। ଆସିଛନ୍ତି ଅନ୍ନପୂର୍ଣ୍ଣ ରଙ୍ଗମଞ୍ଚର ବାଉରୀ ବାବୁ। ବାଉରୀ ବାବୁ ନିଜର ଦୁର୍ଭାଗ୍ୟ ଦର୍ଶାଇ କହିଛନ୍ତି, ସେମାନେ ଯେ ତାଙ୍କୁ ଧରି ରଖି ପାରୁନାହାନ୍ତି। ସେ କଥାରେ ଅଶ୍ୱିନୀକୁମାର କହିଥିବା କଥାଟି ବେଶ୍ ଯଥାର୍ଥ: "ଏ ଦେଶରେ ନାଟକ ଲେଖି କେହି କ'ଣ ବଞ୍ଚି ପାରିବ?" (ପୃ-୧୭୭) ସୂଚିତ କରେ କଳାକାରର ତଥା ଲେଖକର କରୁଣ ଦୁଃସ୍ଥିତିକୁ! ନାଟକ ଲେଖା ଯେ ବନ୍ଦ କରିବେ ନାହିଁ ଏବଂ ଅନ୍ନପୂର୍ଣ୍ଣାକୁ ସେ ନାଟକ ଦେବେ ସେଭଳି ମନୋଭାବ ରଖି ପ୍ରସ୍ଥାନ କରିଛନ୍ତି କଲିକତା ଅଭିମୁଖେ ଲକ୍ଷ୍ୟହୀନ ଭାବରେ। ନାଟକର ଏ ପର୍ଯ୍ୟାୟରେ ଅନୁଭବୀ ହେବ ଜଣେ କଳାକାର/ ନାଟ୍ୟକାରର ଶୋଚନୀୟ ପରିସ୍ଥିତିକୁ।

॥ ୭ ॥

ଅଶ୍ୱିନୀକୁମାର କଟକକୁ ଛାଡ଼ିନଥିଲେ ପାଟଣା ବିଶ୍ୱବିଦ୍ୟାଳୟରେ ସମ୍ମାନଜନକ ଅଧ୍ୟାପକ ଚାକିରି ପାଇ; ମାତ୍ର ପରିସ୍ଥିତି ଏପରି ହେଲା କଲିକତାରେ ଜଣେ ବନ୍ଧୁଙ୍କ ସହାୟତାରେ ହରନାଥ ହାଇସ୍କୁଲର ଶିକ୍ଷକ ପଦ ପାଇଁ ଛାଡ଼ିଲେ ତାଙ୍କର ପ୍ରିୟ କଟକକୁ। କାରଣ ସେତେବେଳେକୁ ତାଙ୍କର ନା' ଅଛି ରହିବା ପାଇଁ ଠାବ କିମ୍ବା ଚାକିରି ଅବା ଅନ୍ୟ ଉପାର୍ଜନର ପନ୍ଥା। ଏହାଥିଲା ଅତ୍ୟନ୍ତ ଦୁର୍ବିସହ। କଟକ ଛାଡ଼ିବା ଅର୍ଥ ନାଟକରୁ ଦୂରେଇ ଯିବା; ତାହା ତାଙ୍କୁ ଅଧିକ ବିଚଳିତ କରୁଥିଲେ ହେଁ; ପରିଶେଷରେ ସେ ଛାଡ଼ିଛନ୍ତି ତାଙ୍କର ପ୍ରିୟ କଟକକୁ। ତଥାପି ଯେ ଦିନେ କଟକ ଫେରିବେ ନିଶ୍ଚୟ ସେଭଳି ପ୍ରତ୍ୟୟ ରଖିଛନ୍ତି ଅଶ୍ୱିନୀ! କଟକ ଛାଡ଼ିବା ବେଳେ ଗୋପାଳ ଛୋଟରାୟ ପ୍ରମୁଖ ସବୁ ନାଟ୍ୟକାର ଓ ନାଟୁଆ ଆସିଥିଲେ ହେଁ କାଳୀଚରଣ ନ ଆସିବା ଦୁଃଖ ଦେଇଥିଲା ଅଶ୍ୱନୀଙ୍କୁ : "x x x କିନ୍ତୁ କାଳୀବାବୁ ତ କାହିଁକି ଆସିଲେନି। ତାଙ୍କୁ ଦେଖିଥିଲେ ଟିକିଏ ଭଲ ଲାଗିଥିନ୍ତା x x x। ମୋ ଉପରେ କ'ଣ ରାଗିଛନ୍ତି।" (ପୃ-୧୭୯) ମାତ୍ର କାଳୀଚରଣ ଆସି ପହଞ୍ଚିଥିଲେ

Digitized by srujanika@gmail.com

ବିଳମ୍ବରେ। ସେଠାରେ ଉଭୟଙ୍କର ମିଳନରେ ଥିଲା ଗଙ୍ଗା-ଯମୁନାର ଆକର୍ଷଣ: "କେମିତି ବିଶ୍ୱାସ କରିପାରିନଥିଲେ, ମୁଁ ତମ ପାଖକୁ ଆସିବି ବୋଲି। ଯମୁନା ଗଙ୍ଗା ସାଙ୍ଗରେ ନ ମିଶିଲେ ରହିପାରିବ? ତୁମେ ତ କେବଳ ମୋର ଅନ୍ତରଙ୍ଗ ବନ୍ଧୁ ନୁହଁ, ସ୍ନେହଶୀଳ ଭାଇ ନୁହଁ, ମୋର ଗୁରୁ- ପଥ ପ୍ରଦର୍ଶକ!" (ପୃ-୧୮୦) ପରିସ୍ଥିତି ବାଧ୍ୟ କରିଥିଲା ଅଶ୍ୱିନୀଙ୍କୁ ଓଡ଼ିଶା ଛାଡ଼ିବା ପାଇଁ। ସେଥିରେ ବ୍ୟଥିତ ହେଉଥିଲେ କାଳୀଚରଣ : "ଅନ୍ତର ଭିତରୁ କଥାଟିଏ କହୁଛି, ତୁମକୁ ହରାଇ ଏ ମାଟି ବହୁତ କିଛି ହରାଇଲା। ତୁମକୁ ଅଟକାଇ ରଖିବାର ବ୍ୟବସ୍ଥା ହୋଇପାରିଲାନି। ବଡ଼ ଅକୃତଜ୍ଞ ଏ ଜାତି! ତୁମେ ଦାନ କରିଛ ଅନେକ। କିନ୍ତୁ କିଛି ବି ପାଇନ, ସେଥିପାଇଁ ବଡ଼ ଲଜ୍ଜା ହୁଏ ମୋର।" (ପୃ-୧୮୧)

॥ ୮ ॥

'ଗୁଣ ଚିହ୍ନେ ଗୁଣିଆ' ନ୍ୟାୟରେ କଲିକତାରେ ବି ପ୍ରସିଦ୍ଧି ପାଇବାକୁ ଆରମ୍ଭ କଲେ ଅଶ୍ୱିନୀ: ସେ କଥାରେ କାର୍ତ୍ତିକ ବି ବେଶ୍ ଖୁସି ହୋଇ ପଡୁଥିଲେ: "ନିଜ ରାଜ୍ୟରେ ସିନା ଲୋକେ ଆପଣଙ୍କ ମୂଲ୍ୟ ବୁଝିପାରିଲେନି, ପ୍ରବାସରେ ବୁଝୁଛନ୍ତି ତ! ଗୁଣୀ ଲୋକ ସବୁଠି ଆଦର ପାଏ। ଆପଣ ଦେଖିବେ, ଏତେବଡ଼ କଲିକତାରେ ବି ଆପଣ ଦିନେ ଆପଣଙ୍କ ନାଟକ ପାଇଁ ବିଖ୍ୟାତ ହୋଇଉଠିବେ।" (ପୃ-୧୮୨)

କଲିକତା ହରନାଥ ହାଇସ୍କୁଲରେ ଲୋକପ୍ରିୟତା ବଢୁଥିଲା ଗଣିତ ଶିକ୍ଷକ ଭାବେ ଅଶ୍ୱିନୀଙ୍କର। ଏପରିକି ତିନିମାସ ପରେ ହେଡ୍‌ମାଷ୍ଟର ଅବସର ନେବାପରେ ସେ ହେବେ ହେଡ୍‌ମାଷ୍ଟର। ବିଦ୍ୱାନମଣ୍ଡଳୀରେ ଅଶ୍ୱିନୀଙ୍କର ବଢୁଥିଲା ଲୋକପ୍ରିୟତା। ଏସବୁ ପାଇଁ ଅଶ୍ୱିନୀ କୃତଜ୍ଞତା ଜଣାଉଥିଲେ· କଲିକତା ବିଶ୍ୱବିଦ୍ୟାଳୟର ଭାରତୀୟ ଭାଷା ବିଭାଗର ଅଧ୍ୟାପକ ମହେଶ୍ୱର ଦାସଙ୍କୁ। କାରଣ ପ୍ରବାସରେ ସେହିଁ ହୋଇଥିଲେ ସହାୟ। ଏପରିକି ମହେଶ୍ୱରବାବୁ କଲିକତା ରେଡ଼ିଓରେ କାର୍ଯ୍ୟକ୍ରମ ପାଇଁ ସୁବିଧା କରିଦେଲେ ଅଶ୍ୱିନୀକୁମାରଙ୍କୁ। ଯାହାକି ଅଶ୍ୱିନୀକୁମାରଙ୍କୁ କଲିକତାରେ ଆଣିଦେଲା ଆର୍ଥିକ ସ୍ୱଚ୍ଛଳତା ସହିତ ଅଧିକ ପରିଚୟ।

ନାଟକର ପନ୍ଦର ନମ୍ବର ଦୃଶ୍ୟରେ ଅଶ୍ୱିନୀକୁମାରଙ୍କୁ ଆସି ଭେଟିଛନ୍ତି ମେଡ଼ିକାଲ କଲେଜର ଛାତ୍ର ବନବିହାରୀ ପଟ୍ଟନାୟକ, ଜନାର୍ଦ୍ଦନ ପୂଜାରୀ। ସେଠାରେ 'କୋଣାର୍କ' ନାଟକର ପ୍ରଶଂସାରେ ସେମାନେ ହୋଇଥିଲେ ଶତମୁଖ। କାରଣ ରିହର୍ସାଲ ଦେଖି ବେଶ୍ ଖୁସି ହୋଇଥିଲେ ଅଶ୍ୱିନୀ! ଏ ଦୃଶ୍ୟ ଭିତରେ ରହିଛି ଦୃଶ୍ୟର ସଂଯୋଜନ ଠିକ୍ ଯେ 'ଗରଫବ ଝଷରବଫକ୍ଷର' ବନବାନୁ ଏବଂ ଜନାର୍ଦ୍ଦନ ବିଶୁ ଓ ଧର୍ମାର ଅଭିନୟ କରିବା ଆରମ୍ଭ କରିଦେଇଛନ୍ତି ଅତ୍ୟନ୍ତ ନାଟକୀୟ ଭଙ୍ଗୀରେ। ନାଟକର ଏ ଦୃଶ୍ୟରେ 'କୋଣାର୍କ' ନାଟକର ଧର୍ମପଦର ଆତ୍ମବଳିଦାନ ପ୍ରସଙ୍ଗଟି ବେଶ୍ କାରୁଣ୍ୟ ସହ ହୋଇଛି ପରିବେଷିତ,

Digitized by srujanika@gmail.com

ପୂରାପୂରି ଅଶ୍ୱିନୀଙ୍କର 'କୋଣାର୍କ' ନାଟକର ଅଂଶ ଭାବେ। ସେହିଭଳି କଲିକତାରେ ଅଶ୍ୱିନୀକୁମାରଙ୍କର 'କଳାପାହାଡ଼' ନାଟକ ତାଙ୍କ ଦ୍ୱାରା ବଙ୍ଗଳାରେ ଅନୂଦିତ ଓ ପରିମାର୍ଜିତ ହୋଇ ଷ୍ଟାର ଥିଏଟରରେ ଅନେକ ରଜନୀ ଅଭିନୀତ ହେବା ପ୍ରବାସରେ ନୂତନ ପରିଚୟ ସୃଷ୍ଟି କରାଉଥିଲା ଅଶ୍ୱିନୀକୁମାରଙ୍କର। ଯେଉଁ ପ୍ରସଙ୍ଗଟି ନାଟକର ଷୋହଳ ନମ୍ବର ଦୃଶ୍ୟରେ ମହେଶ୍ୱର ବାବୁ ଏବଂ ନଳିନାକ୍ଷ ବାବୁଙ୍କ କଥୋପକଥନରେ ବେଶ୍ ହୃଦ୍ୟ। ବିଭିନ୍ନ ଖବର କାଗଜରେ 'କଳାପାହାଡ଼' ନାଟକର ପ୍ରଶଂସା ସହିତ କଲିକତାର ବିଖ୍ୟାତ ମନମୋହନ ଥିଏଟର ଯେ ସେହି ନାଟକୁ ଆଉଥରେ ଅଭିନୟ କରାଇବାକୁ ଆଗ୍ରହୀ ସେସବୁ ବିଷୟର ଉତ୍‌ଥାପନରେ ଅଶ୍ୱିନୀକୁମାରଙ୍କର ଲୋକପ୍ରିୟତା ଓ ଗ୍ରହଣୀୟତାକୁ ଲକ୍ଷ୍ୟ କରାଯାଇପାରେ।

॥ ୯ ॥

ଯେତେବେଳେ କଲିକତାରେ ଅଶ୍ୱିନୀକୁମାର ପ୍ରାୟ ପ୍ରତିଷ୍ଠିତ ଠିକ୍ ସେତିକିବେଳେ ସେ ପୁଣି ନିଷ୍ପତ୍ତି ନେଲେ କଲିକତାର ଆରପୁଲି ଲେନ୍ ସ୍ଥିତ ବସାଘରକୁ ଛାଡ଼ି ସବୁଦିନ ପାଇଁ କଟକ ବାହୁଡ଼ି ଯିବେ। ଏ କଥା ସେ ଆଲୋଚନା କରିଛନ୍ତି ସାନଭାଇ ନାଟ୍ୟକାର କାର୍ତ୍ତିକଙ୍କ ସହିତ ନାଟକର ସତର ନମ୍ବର ଦୃଶ୍ୟରେ। ସେତେବେଳେକୁ ହରନାଥ ହାଇସ୍କୁଲରୁ ହେଡ୍‌ମାଷ୍ଟର ଭାବେ କାର୍ଯ୍ୟନିର୍ବାହ କରି ଅବସର ନେଇସାରିଲେଣି ଅଶ୍ୱିନୀକୁମାର। ଅଶ୍ୱିନୀକୁମାରଙ୍କର ଉଦ୍ଦେଶ୍ୟ ଥିଲା କଟକରେ ଅନ୍ନପୂର୍ଣ୍ଣା ତାଙ୍କ ନାଟକୁ ଆଗ୍ରହର ସହିତ କରୁଛି; କଟକରେ ରେଡ଼ିଓ ଷ୍ଟେସନ ଅଛି, ଏପରିକି ତାଙ୍କର ନାଟକ ସବୁ ସ୍କୁଲ କଲେଜର ପାଠ୍ୟପୁସ୍ତକ ଭାବେ ଚଳୁଛି, ତେଣୁ କଲିକତାର ସୁବିଧା ସୁଯୋଗ ଥିଲେ ବି ନିଜ ମାଟି ହେଉଛି ନିଜର ! ତେଣୁ କଲିକତାରେ ରହିବେ କାହିଁକି ! ଏପରିକି କଟକ ଟ୍ରେଡ଼ିଂ କଂପାନୀର ମାଲିକ ଆକୁଳି ମିଶ୍ର ତାଙ୍କର ଗ୍ରନ୍ଥାବଳୀ କରିବାକୁ ଆଗ୍ରହୀ; ତେଣୁ ତାଙ୍କୁ ମଧ୍ୟ ସାହାଯ୍ୟ ଲୋଡ଼ା। କାର୍ତ୍ତିକଙ୍କୁ ଏସବୁ ଉପସ୍ଥାପନ କରି ସେ କଟକ ଫେରିବାର ଆଗ୍ରହକୁ ସେ ତାଙ୍କର ନିଷ୍ପତ୍ତି ବୋଲି କହିଛନ୍ତି।

॥ ୧୦ ॥

କଟକ ବାହୁଡ଼ି ଆସିଲେ ଅଶ୍ୱିନୀ ! ସତେକି ତାଙ୍କ ଶରୀରରେ ପ୍ରାଣ ପଶି ଆସିଲା। ଆପଣାର ଭୂଇଁ ଆପଣାର ଏଭଳି ଏକ ମାନସିକ ଶାନ୍ତି ସେ ଅବଶ୍ୟ ପାଇଲେ କିନ୍ତୁ ସେ କ୍ରମଶଃ ଅସୁସ୍ଥ ହେବାକୁ ଲାଗିଲେ ବୟସାଧିକ୍ୟ କାରଣରୁ। ସେହି ଅଠର ନମ୍ବର ଦୃଶ୍ୟରେ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଆସି ପହଞ୍ଚି ଅଶ୍ୱିନୀଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ

Digitized by srujanika@gmail.com

ଯେ: ଆପଣଙ୍କ ଅବ୍‌ଦାନର ସ୍ୱୀକୃତିରେ ସରକାରୀ ସ୍ତରରେ କୌଣସି ସମ୍ବର୍ଦ୍ଧନା ଉତ୍ସବ କରାଯାଇନାହିଁ। ଆମେ ଏଇ ପଚିଶ ତାରିଖରେ ଅର୍ଥାତ୍ ୨୫.୧୨.୧୯୬୧ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆପଣଙ୍କୁ ସମ୍ବର୍ଦ୍ଧନା କରିବୁ। ଆପଣ ଆମର ଅନୁରୋଧ ରକ୍ଷା କରି ଦୟା କରି ଆସିବେ। ଏକାଡେମୀର ସଭାପତି ଭାବେ ମୁଁ ନିଜେ ଆସିଛି ନିମନ୍ତ୍ରଣ କରିବାକୁ।" (ପୃ-୧୯୧-୧୯୨)

ସେହି ଦୃଶ୍ୟରେ ଅଶ୍ୱିନୀ ଓ ମହତାଭଙ୍କ କଥୋପକଥନରେ ମହତାଭଙ୍କର ପ୍ରଶଂସାରେ ଅଭିଭୂତ ହୋଇପଡ଼ିଛନ୍ତି ଅଶ୍ୱିନୀକୁମାର ଏବଂ କଥୋପକଥନରେ ସେ ପାଇଥିବା 'ନାଟ୍ୟ ରତ୍ନାକର' ଉପାଧି; ତାଙ୍କ ପାଖକୁ ଆସିଥିବା ବୀର କିଶୋର ଦାସ, ସରଳା ଦେବୀ ଆଦିଙ୍କ କଥା ବିଭିନ୍ନ ସଂବାଦ ମାଧ୍ୟମରେ ଆସିଛି; ଯେଉଁଠି ଅଶ୍ୱିନୀକୁମାରଙ୍କ ପ୍ରତି ଲୋକଙ୍କର ସମ୍ମାନ ଓ ସଦିଚ୍ଛାକୁ ଅନୁଭବ କରାଯାଇପାରିବ। ମହତାଭ, ଅଶ୍ୱିନୀଙ୍କର 'ଭୁବନେଶ୍ୱର' ନାଟକର ପ୍ରଶଂସା କରିବା ସହିତ ତା'ର ତୁଳନୀୟ ନାଟକ ଯେ ଖୁବ୍ କମ୍ ଲେଖା ହୋଇଛି, ତାହା କହିବା ଭିତରେ ରହିଛି ଜଣେ ନାଟ୍ୟକାରକୁ ସ୍ୱୀକୃତି ଦେବାର ବଦାନ୍ୟତା ତତ୍‌ସହିତ ତାଙ୍କ ପ୍ରତି ଅତୀତରେ ଯାହା ଅବହେଳା କରାଯାଇଛି; ସେଥିପାଇଁ ଦୁଃଖିତ ହେବା ସହିତ ତାଙ୍କର ଚିକିତ୍ସାର ସମସ୍ତ ଭାର ଯେ ସରକାର ବହନ କରିବେ ଏବଂ ତାଙ୍କ ନିମିତ୍ତ ସାହିତ୍ୟ ବୃତ୍ତିର ବ୍ୟବସ୍ଥା ସେ କରିବେ ବୋଲି ଦେଇଛନ୍ତି ନିର୍ଭର ପ୍ରତିଶ୍ରୁତି।

॥ ୧୧ ॥

କ୍ରମଶଃ ଅଧିକ ଅସୁସ୍ଥ ହୋଇପଡ଼ିଛନ୍ତି ଅଶ୍ୱିନୀକୁମାର। ନାଟକର ଉଣେଇଶ ନମ୍ବର ଦୃଶ୍ୟରେ ପତ୍ନୀ ସୁନ୍ଦରମଣିଙ୍କ ପ୍ରତି ତାଙ୍କର ସ୍ନେହ ଓ ଭଲ ପାଇବା ପ୍ରସଙ୍ଗର ଉତ୍‌ଥାପନ ସହିତ କିଭଳି ସୁନ୍ଦରମଣି ତାଙ୍କ ଜୀବନକୁ ଉତ୍ସର୍ଗ କରିଛନ୍ତି; ସେ କଥାଟି ହୋଇଛି ଅଭିବ୍ୟଞ୍ଜିତ: "ତୁମେ ମୋତେ ଅନ୍ତରଭରା ସ୍ନେହପ୍ରେମ ଦେଇଛ। ଅକୁଣ୍ଠିତ ଭାବେ ମୋର ସେବା ଯତ୍ନ କରିଛ। ମୋର ଦୁଃଖରେ ଦୁଃଖୀ, ସୁଖରେ ସୁଖୀ ହୋଇ ଜୀବନ ବିତାଇ ଦେଇଛ। ପ୍ରତିଦାନରେ ମୁଁ କିଛିବି ଦେଇପାରିନି। ମୋର ଶେଷ ସମୟ ବୋଧହୁଏ ନିକଟତର ହୋଇଗଲାଣି। ତୁମେ ମୋତେ କ୍ଷମା କରିଦିଅ ସୁନ୍ଦରମଣି।" (ପୃ-୧୯୪)

ପ୍ରତ୍ୟେକ ନାଟ୍ୟକାରଙ୍କ ଜୀବନରେ ଥାଏ ଏଭଳି ସଂଘର୍ଷ; ସେହି ସଂଘର୍ଷ ଓ ଉତ୍ସର୍ଗର ଏକ ଜ୍ୱଳନ୍ତ ଉଦାହରଣ ଥିଲେ ନାଟ୍ୟକାର ଅଶ୍ୱିନୀକୁମାର ଘୋଷ।

ଅଶ୍ୱିନୀଙ୍କ ଜୀବନରେ ସୁନ୍ଦରମଣିଙ୍କର ଥିଲା ଅନେକ ଅବଦାନ ଓ ଉତ୍ସର୍ଗ। ଅଥଚ ପ୍ରତ୍ୟେକ ନାଟ୍ୟକାରଙ୍କର ଥାଏ ବିବିଧ ଲୋକସଂପର୍କ; ସେମାନଙ୍କର ଥାଆନ୍ତି ଅନେକ

Digitized by srujanika@gmail.com

ପ୍ରଶଂସକ । ଏ ନାଟକରେ ନାଟ୍ୟକାର ନୀଳାଦ୍ରିଭୂଷଣ ସେହିଭଳି ଯୋଡ଼ି ଦେଇଛନ୍ତି 'ସୁଚିତ୍ରା' ଭଳି ଏକ କାଳ୍ପନିକ ପ୍ରେୟସୀ ନାରୀ ଚରିତ୍ର ! ଯାହାର ଅସ୍ତିତ୍ୱ ନାହିଁ କିମ୍ବା ନଥିଲା କେବେ (ନାଟ୍ୟକାର ନୀଳାଦ୍ରିଭୂଷଣଙ୍କ ବ୍ୟକ୍ତିଗତ ସ୍ୱୀକୃତି) । କେବଳ ନାଟକୀୟ ଉତ୍କଣ୍ଠା ଏବଂ ଜଣେ ନାଟ୍ୟକାରଙ୍କ ପ୍ରତି ଲୋକଙ୍କର ଭଲ ପାଇବାକୁ ସୂଚିତ କରିବା ପାଇଁ ନାଟ୍ୟକାର ଯୋଡ଼ି ଦେଇଛନ୍ତି ଏହି ଶିକ୍ଷିକା 'ସୁଚିତ୍ରା' ଚରିତ୍ରକୁ । ଯିଏକି ନାଟକରେ ଆସିଛନ୍ତି ଅନେକଥର । ପ୍ରଥମେ ଆସିଛନ୍ତି ଭେଟିବାକୁ ପ୍ୟାରୀମୋହନ ଏକାଡ଼େମୀର ଜଣେ ସୁଖ୍ୟାତ ଗଣିତ ଶିକ୍ଷକ ଓରଫ୍ ସୁଖ୍ୟାତ୍ ନାଟ୍ୟକାରଙ୍କୁ ଭେଟିବା ପାଇଁ ତୃତୀୟ ଦୃଶ୍ୟରେ । ଯେଉଁଠି ଅଶ୍ୱିନୀଙ୍କ ପ୍ରତି ନିଜର ଅନୁରକ୍ତି ଯେ କେତେବେଶୀ ତାହା କେତେକ ସଂଳାପରେ ହୋଇଛି ବେଶ୍ ସ୍ପଷ୍ଟ । ସେହିଭଳି ଆସିଛନ୍ତି ଏଗାର ନମ୍ବର ଦୃଶ୍ୟରେ ଯେତେବେଳେ ଅଶ୍ୱିନୀକୁମାର କଟକ ଛାଡ଼ି ଚାଲିଯାଉଛନ୍ତି କଲିକତା ସେତେବେଳେ । ଯେଉଁଠି ସୁଚିତ୍ରା ବେଶ୍ ଛଳଛଳ ନଦୀ ଭଳି: "ଆପଣ କଲିକତାରେ ରହନ୍ତୁ ପଛେ, ଭଲରେ ରହନ୍ତୁ । ଆପଣଙ୍କ ପ୍ରତି ମୋର ସମସ୍ତ ଶୁଭେଚ୍ଛା । ଆପଣଙ୍କ ସୁଖ, ସମୃଦ୍ଧି ଓ ସୁସ୍ଥ ଶରୀର ମୋର ଆନ୍ତରିକ କାମନା । ବଡ଼ ଦୁଃଖ ମୁଁ ଆଉ ଆପଣଙ୍କ ସାନ୍ନିଧ୍ୟ ପାଇପାରିବିନି । ଆପଣଙ୍କୁ ଦେଖିବାକୁ ମନ ଛଟପଟ ହେବ, କିନ୍ତୁ ଦେଖି ପାରିବିନି । x x x ଆପଣ ଚାଲିଯିବେ, ଏଇ କଥାଟିକୁ ଭାବିଲା ବେଳକୁ ଛାତି ମୋର କ'ଣ ହୋଇଯାଉଛି । ମନେ ମନେ ଝୁରି ହେଉଥିବି, ଅପେକ୍ଷା କରି ରହିବି ପୁଣି କେବେ ଦେଖାହେବ" (ପୃ-୧୭୬) । ସୁଚିତ୍ରା ଓ ଅଶ୍ୱିନୀଙ୍କ କଥୋପକଥନରେ ସୁଚିତ୍ରା ଯେତିକି ପ୍ରଗଳ୍‌ଭା ଅଶ୍ୱିନୀ ସେମିତି ନିରାସକ୍ତ ଅଥଚ ସ୍ନେହଶୀଳ : "ତୁମର ଅନାବିଳ ଆନ୍ତରିକତା ମୁଁ ଅନୁଭବ କରିବି ସୁଚିତ୍ରା ! ମୁଁ କ'ଣ କେବେ ତୁମକୁ ବିସ୍ମୃତ ହୋଇଯାଇପାରିବି ? ତୁମେ ଯେ ଥିଲ ମୋର ପ୍ରେରଣାଦାୟୀ । ଏ କଥାକୁ ଅସ୍ୱୀକାର କରିବାରେ ମୋର ଦ୍ୱିଧା ନାହିଁ ।" (ପୃ-୧୭୬)

ନାଟକର 'ଶେଷ ଦୃଶ୍ୟ'ରେ ଅଶ୍ୱିନୀକୁମାରଙ୍କ ପାଖକୁ ଧାଇଁ ଆସିଛି ସୁଚିତ୍ରା, ପାଦ ଛୁଇଁ ଜଣାଇଛି ତା'ର ଅନ୍ତିମ ପ୍ରଣାମ ! ଅଶ୍ୱିନୀଙ୍କର ନସଙ୍ଗତା ଓ ଏକାକୀତ୍ୱ ସତେକି ବିଦାରିତ ହୋଇଯାଇଛି: "ସୁଚିତ୍ରା: ତୁମେ ଆସିଛ ସୁଚିତ୍ରା ! ଜୀବନ ସଂଧ୍ୟା ମୋର ବୋଧହୁଏ ଆଉ ବିଳମ୍ବ ନାହିଁ । ଏଇ ମୁହୂର୍ତ୍ତରେ ତୁମେ ଆସି ପହଞ୍ଚିଗଲ, ଗୋଟିଏ ପ୍ରତୀକ୍ଷିତ ମୁହୂର୍ତ୍ତରେ । ଓଃ... ବଡ଼ ଶାନ୍ତି ଲାଗୁଛି ମୋତେ ।" (ପୃ-୧୯୪) । ସୁଚିତ୍ରା ଓ ଅଶ୍ୱିନୀଙ୍କର ଏହି ଦୃଶ୍ୟର ସଂବାଦ ଆଦାନ ପ୍ରଦାନ ଭିତରେ ସଂଗୋପିତ ହୋଇ ରହିଚି ଅନେକ ଆବେଗ ଓ ସଂବେଗର ଉଲ୍ଲଙ୍ଘନ ଆଉ ପ୍ରେମିଳ ଅଭିବ୍ୟକ୍ତିର ଅନ୍ତହୀନ ସମ୍ମୋହନ: "ଆଜି ସ୍ୱୀକାର କରିବାକୁ ମୋର ଦ୍ୱିଧା ନାହିଁ । ହୃଦୟର କେଉଁ ଏକ ନିଭୃତ୍ କୋଣରେ ଚିରକାଳ ତୁମେ ଉଜ୍ଜୀବିତ ହୋଇ ରହିଛ ସୁଚିତ୍ରା x x x କହିବାର ଆଉ ଅବସର ପାଇଲି

Digitized by srujanika@gmail.com

କୋଉଠି ? କହିବି କହିବି ହୋଇ କହିପାରିଲିନି । କିନ୍ତୁ ହୃଦୟର ଉଦ୍‌ବେଳନକୁ ଛାତି ଭିତରେ ଲୁଚେଇ ରଖିଛି । x x x ଅନେକ କଥା ତୁମକୁ କହିବାର ଅଛି, ମୁଁ କିଛି କହିପାରୁନି । ସବୁ କଥା ଯେମିତି ଦିଗ୍‌ବଳୟକୁ ସ୍ପର୍ଶ କରିଯାଉଛି ।" (ପୃ-୧୯୫)

'ଅଶ୍ୱିନୀକୁମାରଙ୍କ ଶେଷଦିନ' ନାଟକରେ 'ଶେଷଦିନ'ର ମହତ୍ତ୍ୱଟି ହୁଏତ ଏହି କଳ୍ପିତ ପ୍ରେୟସୀକୁ ଅନ୍ତରର ଗୋପନ କଥା ଉନ୍ମୀଳନ! ଅବା ଦୀର୍ଘଦିନର ସଂଗୋପିତ ହୃଦୟାଭିବ୍ୟକ୍ତିର ଉଦ୍‌ଭାସନ । ଯେଉଁଠି ସୁଚିତ୍ରା ନିଜକୁ ମଣିଛି ଧନ୍ୟ : "ଯେଉଁ ଭାଷା ଶୁଣିବାକୁ ମୁଁ ଦିନଦିନ ଧରି ଅପେକ୍ଷା କରିଥିଲି, ଆଜି ତାହା ଶୁଣି ପାରିଛି । ତେଣୁ ମନ ପୁଲକିତ ହୋଇଉଠୁଛି କେଉଁ ଏକ ଅମୃତ ପୁଲକରେ । ନବୀନ କିଶଳୟ ସତ୍ତାରେ ପୁଲ୍ଲକିତ ହୋଇଉଠୁଛି ମୁଁ । ଯୁଗଯୁଗର ତୃଷ୍ଣା ମୋର ଛୁଇଁ ଯାଉଛି ବିପୁଳ ଜଳରାଶିକୁ । x x x କହିବାର ସୁଯୋଗ ପାଇନି କେବେ । ଆଜି ମୋର ଇଚ୍ଛା ହେଉଛି, ଆପଣଙ୍କ ପାଦତଳେ ବସି ଅନେକ ଅନେକ କଥା ହୃଦୟ ଅଜାଡ଼ି କହିଯାଆନ୍ତି । ଆଜି ପର୍ଯ୍ୟନ୍ତ ମନ୍ଦିର ଭିତରେ ପଶିପାରୁନଥିବା ପୂଜାରିଣୀଟିଏ ପରି ଦୂରରେ ରହି ପୂଜା କରିଚାଲିଛି ହୃଦୟ ଦେବତାକୁ । କେତେ ଆର୍ତ୍ତ କେତେ ବ୍ୟାକୁଳତା । x x x ଅବିଶ୍ୱାସ ଲାଗୁଛି ମୋତେ । ଆପଣଙ୍କ ପ୍ରତିଭାର ପୂଜାରିଣୀ ଯଦି ତା'ର ଅଲକ୍ଷ୍ୟରେ ଆପଣଙ୍କ ସୃଜନପ୍ରେରଣାର ହୋଇଯାଇଥାଏ, ଏହାଠାରୁ ବଳି ଅଧିକ ପ୍ରାପ୍ତି ଆଉ କ'ଣ ଅଛି ମୋର" ? (ପୃ-୧୯୫-୧୯୬)

'ଅଶ୍ୱିନୀକୁମାରଙ୍କ ଶେଷଦିନ' ନାଟକରେ ଅଶ୍ୱିନୀଙ୍କ ଶେଷ ସଂଳାପଟି ବେଶ୍ ଭାବିତ କଲାଭଳି: "ସୁଚିତ୍ରା! ଯାହା ଶେଷ ହେବାର ଥାଏ ତାହା ଶେଷ ହୋଇଯାଏ । ଯାହା ହଜିଯିବାର ଥାଏ, ତାହା ହଜିଯାଏ । ଯାହା ଲିଭିଯିବାର ଥାଏ, ତାହା ଲିଭିଯାଏ । ଲିଭିଗଲା ବେଳେ, ଶେଷ ହୋଇଗଲା ବେଳେ ସବୁ ଅବସୋସ୍‌ର ସମାପ୍ତି ଘଟେ । ମୋର ଆଉ କିଛି ଅବସୋସ୍ ନାହିଁ ସୁଚିତ୍ରା । ମୋର ଅନ୍ତିମ ମୁହୂର୍ତ୍ତରେ ତୁମକୁ ପାଇଲି, ମନ ଖୋଲି ସବୁକଥା କହିପାରିଲି, ଏତିକି.." (ପୃ-୧୯୬) ଏହା ହିଁ ଥିଲା ଅଶ୍ୱିନୀଙ୍କ ଅସମାପ୍ତ ଶେଷ ସଂଳାପ; ଯାହା ନାଟକର ମୌଳିକ ସାରବିନ୍ୟାସ!

କଳ୍ପିତ ନାୟିକା 'ସୁଚିତ୍ରା'ର କୋଳରେ ଶେଷ ନିଦ୍ରାରେ ଅଶ୍ୱିନୀଙ୍କର ଚାଲିଯିବାର ଦୃଶ୍ୟକୁ ସଂଯୋଜନ କରିବା ପଛରେ ନାଟ୍ୟକାରଙ୍କର ମୌଳିକ ଉଦ୍ଦେଶ୍ୟ ମଧ୍ୟ ବେଶ୍ ଭାବିତ କଲାଭଳି । ତା' ହେଉଛି ସ୍ରଷ୍ଟା ବା ନାଟ୍ୟକାର ଜଣେ ଚିରକାଳ ଜୀବନ ବଞ୍ଚେ ତା'ର ସୃଷ୍ଟି ଓ ସ୍ରଷ୍ଟାପ୍ରାଣକୁ ନିସ୍ୱାର୍ଥ ଭଲ ପାଉଥିବା ମଣିଷଙ୍କ ଗହଣରେ; ସେ ହୋଇପାରେ ସୁଚିତ୍ରା କିମ୍ବା ଆଉ କେହି... । 'ଅଶ୍ୱିନୀକୁମାରଙ୍କ ଶେଷଦିନ' ନାଟକର 'ଅନ୍ତିମ ସୂଚନା'ରେ ପୁନଶ୍ଚ ସେହି 'ସୂତ୍ରଧର' ଅବା 'ସମୟର ସୂଚକ' ବୃଦ୍ଧ ଜଣକ ଦେଇ ଘୋଷିତ ହେଲା: "ଅଶ୍ୱିନୀକୁମାରଙ୍କ ଦେହାନ୍ତ ହୋଇଗଲା । ଶୋକାକୁଳ ହୋଇଉଠିଲା କଟକ ସହର,

Digitized by srujanika@gmail.com

ସାରା ଓଡ଼ିଶା । ଶହ ଶହ ଲୋକ ଦୌଡ଼ି ଆସିଲେ ଡାକ୍ତରଖାନାକୁ । ଅବସାନ ହୋଇଗଲା ଗୋଟିଏ ନୂତନ ଯୁଗର; ପୂର୍ଣ୍ଣଚ୍ଛେଦ ପଡ଼ିଲା ଗୋଟିଏ ସାଂସ୍କୃତିକ ଇତିହାସର । ହେ ଯୁଗସ୍ରଷ୍ଟା ନାଟ୍ୟସମ୍ରାଟ, ହେ ନାଟ୍ୟ ରତ୍ନାକର, ହେ ନାଟ୍ୟଭାରତୀ ! ତୁମକୁ ଏ ଜାତିର ସଶ୍ରଦ୍ଧ ପ୍ରଣାମ ।" (ପୃ-୧୯୬)

॥ ୧୨ ॥

ସାହିତ୍ୟିକଙ୍କ ଜୀବନକୁ ଆଧାର କରି ରଚିତ ନାଟକ ଲେଖିବା ସେତେଟା ସହଜ ନୁହେଁ; କାରଣ ତା'ର ପରିବେଷଣରେ ଉପୁଜିପାରେ ଅନେକ ଦ୍ୱନ୍ଦ୍ୱ ! ଏପରିକି କୌଣସି ଦ୍ୱନ୍ଦ୍ୱ ନଥିଲେ ନାଟକୀୟତା ସୃଷ୍ଟି ହୋଇପାରେନି ଚରିତ ନାଟକରେ । ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'ସତ୍ୟ ସଂଶୟ ସାଲବେଗ' (୧୯୮୧)କୁ ବାଦ୍ ଦେଲେ 'ଭାରତୀ କୁନ୍ତଳା' (୨୦୧୦), 'ସରସ୍ୱତୀ ନଗେନ୍ଦ୍ରବାଳା' (୨୦୧୦) ପରେ 'ଅଶ୍ୱିନୀକୁମାରଙ୍କ ଶେଷଦିନ' (୨୦୧୬) ହେଉଛି ଅଦ୍ୟାବଧି ରଚିତ ଅନ୍ତିମ ସାରସ୍ୱତ ସ୍ରଷ୍ଟାଙ୍କ ଜୀବନ ଆଧାରିତ ଚରିତ ନାଟକ । ଅଶ୍ୱିନୀକୁମାର ଘୋଷଙ୍କ ଜୀବନ ସଂପର୍କରେ ବିଶେଷ ତଥ୍ୟ ନଥିବା ସ୍ଥଳେ ନାଟ୍ୟକାର ତାଙ୍କ ନାଟକ, ନାଟ୍ୟପ୍ରତିଭା ଓ ଜୀବନର ଉତ୍‌ଥାନ ପତନକୁ ବେଶ୍ କୁଶଳତାର ସହିତ ଯୋଡ଼ି ଧରିଛନ୍ତି ନାଟକରେ । ତଥା ତତ୍‌କାଳର ନାଟ୍ୟଧାରା, ଥିଏଟରଗୁଡ଼ିକର ଦୁର୍ଗତି, ବନମାଳି ପତି, ବଳାଇଚାନ୍ଦ ବାନାର୍ଜୀ, କାଳୀଚରଣ ପଟ୍ଟନାୟକ, ଗୋପାଳ ଛୋଟରାୟ, କାର୍ତ୍ତିକଚନ୍ଦ୍ର ଘୋଷ ଆଦି ଚରିତ୍ରଙ୍କ ଆତ୍ମସଂପୃକ୍ତିକୁ ଆଧାର କରି ବେଶ୍ କୁଶଳୀ ଜୀବନୀକାର ଭାବେ ନାଟ୍ୟରୂପକୁ ଦୃଶ୍ୟାୟିତ କରିଛନ୍ତି ।

ଜଣେ ନାଟ୍ୟକାର କିଭଳି ନାଟକ ଓ ନାଟ୍ୟଜୀବନକୁ ଆଧାର କରି ତା'ର ସର୍ବସ୍ୱକୁ ହରାଇ ଦେଇଛି ତାହାହିଁ ପ୍ରତିଫଳିତ ହୋଇଛି ଅଶ୍ୱିନୀକୁମାରଙ୍କ ଜୀବନରେ । ନାଟ୍ୟଦଳକୁ ବଞ୍ଚାଇବାକୁ ଯାଇ କିଭଳି ସ୍ୱ ଜୀବନକୁ ତଳିତଳାନ୍ତ କରିଦେଇପାରେ ତାହା ପ୍ରତିଫଳିତ ହୋଇଛି ଅଶ୍ୱିନୀଙ୍କ ଜୀବନରେ । ଉଚ୍ଚଶିକ୍ଷା ପାଇଥିବା ସତ୍ତ୍ୱେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଚାକିରିକୁ ନଯାଇ କଟକରେ ରହି ଓଡ଼ିଆ ନାଟକ ପାଇଁ ଆଦରିଛନ୍ତି ଶିକ୍ଷକତାର ଜୀବନ ଏବଂ ବନମାଳି ପତିଙ୍କ ମୃତ୍ୟୁରେ ନାଟକ ଦଳ ବଞ୍ଚାଇବାକୁ ଯାଇ ଶିକ୍ଷକତା ଛାଡ଼ି ପୈତୃକ କୋଠାକୁ ବନ୍ଧା ପକାଇ କୋଚିଲା ମଞ୍ଜି ବ୍ୟବସାୟଠାରୁ ଆରମ୍ଭ କରି ଚା' ପ୍ୟାକେଟ ତିଆରି କରିବାର ଚିନ୍ତା ଠାରୁ ଚାହା-ସିଙ୍ଗଡ଼ା ଦୋକାନ ଖୋଲି ନାଟକଦଳକୁ ବଞ୍ଚାଇବାର ଅନୁଚିନ୍ତା ଭିତରେ ଦେଖି ହେବ ଜଣେ ସଚ୍ଚା ନାଟ୍ୟକାରଙ୍କୁ ।

୧୯ ଗୋଟି ଦୃଶ୍ୟ ଏବଂ ତିନିଗୋଟି 'ସୂଚନା ଦୃଶ୍ୟ' ଭିତରେ ନାଟ୍ୟକାର ହରିଚନ୍ଦନ ତାଙ୍କର ପ୍ରିୟ ନାଟ୍ୟକାରଙ୍କୁ ବେଶ୍ କୁଶଳତା ସହ ଦୃଶ୍ୟାୟିତ କରିଛନ୍ତି ।

Digitized by srujanika@gmail.com

ସମକାଳୀନ ନାଟ୍ୟଧାରା; କାଳୀଚରଣଙ୍କର ପ୍ରତିଯୋଗୀ ମନୋଭାବ, ନୂତନ ନାଟ୍ୟକଳାର ନାଟକରେ ବିଶ୍ୱସ୍ତ ଅଶ୍ୱିନୀଙ୍କର ଜୀବନକୁ ଛୁଇଁଛନ୍ତି ବେଶ୍ ସହୃଦୟତାର ସହିତ ।

'ଅଶ୍ୱିନୀକୁମାରଙ୍କ ଶେଷଦିନ' ନାଟକର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅଥଚ ଅସଂଲଗ୍ନ ମନେ ହେଉଥିବା 'ସୁଚିତ୍ରା' ପ୍ରସଙ୍ଗକୁ ଅଣଦେଖା କରାଯାଇନପାରେ । କାରଣ ତାହାହିଁ ହେଉଛି ନାଟକର 'ଶିରୋନାମା'ର ସଂକେତ ! ଜଣେ କଳ୍ପିତ ନାୟିକା ଦେଇ ଅଶ୍ୱିନୀକୁମାରଙ୍କର ଚରିତ୍ରକୁ ପରଖିବା ବେଳେ ନାଟ୍ୟକାରଙ୍କର ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଛି । ପ୍ରତ୍ୟେକ ସ୍ରଷ୍ଟାଙ୍କର ସ୍ରଷ୍ଟାଜୀବନ ପଛରେ ଥିବା ଲୋକଙ୍କର ଶ୍ରଦ୍ଧା, ଭଲ ପାଇବା ଏବଂ ପ୍ରୋତ୍ସାହନକାରୀଙ୍କର ସ୍ରଷ୍ଟାଜୀବନର ହୃଦୟ ତଳେ ଗୁମୁରୁଥିବା ଭଲ ପାଇବାର ସାଂକେତିକ ଉଚ୍ଛ୍ୱାସ । ତାହା କୌଣସି ସ୍ରଷ୍ଟାର ଜୀବନରେ କଳଙ୍କ ଭାବରେ ବ୍ୟଞ୍ଜିତ ନ ହୋଇ ଶ୍ରଦ୍ଧାର ସୁମନ ଭାବେ ହୋଇଛି ବ୍ୟଞ୍ଜିତ ! ସେହିଭଳି ଏକ ଉତ୍କଣ୍ଠା ଏବଂ ନାଟକୀୟତାର ପ୍ରଚ୍ଛନ୍ନରେ ସ୍ୱତଃ ଏକ କଳ୍ପନାର ସଂଯୁକ୍ତି ଭାବେ 'ସୁଚିତ୍ରା' ଏକ ପ୍ରତୀକ ମାତ୍ର ! 'ଅଶ୍ୱିନୀକୁମାରଙ୍କ ଶେଷଦିନ' (୨୦୧୬) ନାଟକରେ ଶେଷଦିନରେ ଗୁରୁତ୍ୱ ଯଦିଓ ନାଟକରେ ସେତେ ସଫଳତାର ସହ ଆରୋପିତ ହୋଇନାହିଁ, ତଦ୍ ଅପେକ୍ଷା ଅଧିକ ସଫଳ ହୋଇଛି ତାଙ୍କ ନାଟକ ନେଇ ଆଦ୍ୟ ସଂଘର୍ଷ ଓ ଚିର ସଂଘର୍ଷର ପ୍ରଲମ୍ବିତ ପର୍ଯ୍ୟାୟ । ଯେଉଁଠି ସ୍ପର୍ଶ କରି ହେବ ଜଣେ ଉତ୍ସର୍ଗୀକୃତ ନାଟ୍ୟକାରଙ୍କୁ । ଆଉ 'ଶେଷଦିନ'ର ଗୁରୁତ୍ୱଟି ହେଉଛି ଯଥୋଚିତ ସମ୍ମାନ ଓ ସମୃଦ୍ଧିର ଜୀବନକୁ ଭୋଗ କରିପାରିନଥିବା ଜଣେ ସ୍ରଷ୍ଟାର ମୃତ୍ୟୁର କାରୁଣ୍ୟକୁ ... ।

ଆସିଷ୍ଟାଣ୍ଟ ପ୍ରଫେସର ଓ ଓଡ଼ିଆ ବିଭାଗ ମୁଖ୍ୟ,
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା,
କୋରାପୁଟ (ଓଡ଼ିଶା)

Digitized by srujanika@gmail.com

ସାମାଜିକ ବାସ୍ତବତା, ଇତିହାସର ପୁନରାବୃତ୍ତି : ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟ୍ୟ-ଚିନ୍ତନ

ଡ. ବାଳକୃଷ୍ଣ ବେହେରା

ଖ୍ୟାତନାମା ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'ବନ୍ଦୀଶାଳାରେ ବିଶ୍ୱପତି' (୨୦୧୨) ପୁସ୍ତକରେ 'ବନ୍ଦିଶାଳାରେ ବିଶ୍ୱପତି', 'ଅର୍ଦ୍ଧେକ ପୃଥିବୀ', 'ଜଣେ ବିଚାରାଧୀନ ବନ୍ଦିର ଆତ୍ମକଥା', 'ଅରଣ୍ୟର ଅଶ୍ରୁ' ଓ 'ଅବ୍ୟକ୍ତ ଅନେକ' ଏଇ ପାଞ୍ଚଟି ନାଟକ ସନ୍ନିବିଷ୍ଟ। ଏସବୁରେ ଗୋଟିଏ କଲ୍ୟାଣକର ସମାଜ ଓ ସୁନ୍ଦର ଜୀବନ ଦୃଷ୍ଟି ସମ୍ପନ୍ନ ମଣିଷ ପାଇଁ ନାଟ୍ୟକାରଙ୍କ ଆନ୍ତରିକତା ପ୍ରଦର୍ଶିତ। ଧର୍ମ, ସମାଜ, ଶାସନ ବ୍ୟବସ୍ଥାରେ ପୂରି ରହିଥିବା କଳୁଷତାକୁ ଏଥିରେ କଠୋର ଶବ୍ଦରେ ନିନ୍ଦା କରିବା ସହ ତା'ର ଦୂରୀକରଣ ପାଇଁ ଦିଗ ନିର୍ଦ୍ଦେଶିତ।

ଧର୍ମୀୟ ସଂସ୍ଥା ଭିତରେ ଜଡ଼ ମଜବୁତ୍ କରି ରଖିଥିବା ତଥାକଥିତ ମାନବକଲ୍ୟାଣକାରୀ ଈଶ୍ୱରଙ୍କୁ ପୂଜା ନିବେଦନ କରୁଥିବା ପ୍ରତିନିଧି ଯେ ପ୍ରକୃତରେ ଅଧର୍ମ କାର୍ଯ୍ୟରେ ସଂଲିପ୍ତ ରହି ସମାଜକୁ ବିପଥଗାମୀ କରାଏ, ମଣିଷକୁ ଘୃଣା ଶିଖାଏ, ମଣିଷ ଜାତି ଭିତରେ ଫାଟ ସୃଷ୍ଟି କରାଏ। ଧର୍ମର ଆଢୁଆଳରେ ଏପରି ମଣିଷ ହିଁ ଚରମ ଅତ୍ୟାଚାରୀ। ସରଳ ମଣିଷ ଭିତରେ ଯେଉଁ ପବିତ୍ର ଭକ୍ତି ସନ୍ନିହିତ, ତା'ରି ଯୋଗୁଁ ପ୍ରବଳ ଆକର୍ଷଣ ନେଇ ଈଶ୍ୱରଙ୍କ ପାଖକୁ ସିଏ ଧାଇଁ ଆସେ। ଅଥଚ ଏଭଳି ନିଷ୍ଠୁର ନୀଚମନା ପୂଜକ ଗୋଷ୍ଠୀ ଠାରୁ ଘୃଣା,ଧିକ୍କାର ପାଏ, ଗାଳି ମାଡ଼ି ଖାଏ। ବେଳେ ଜୀବନ ବି ହରାଏ। ଶ୍ରଦ୍ଧା ପ୍ରେମର ପ୍ରତୀକ ଭାବରେ ଈଶ୍ୱରଙ୍କ ପାଷାଣ ନିର୍ଜୀବ ମୂର୍ତ୍ତିଟିଏ ଥୋଇ ଦେଇ କେତେ ଯେ କେତେ ରଜନୀତିକ ଷଡ଼ଯନ୍ତ୍ର ଚାଲେ, ନାରୀର ଶୋଷଣ ହୁଏ ମଣିଷକୁ ଘୃଣା ଶିଖାଏ; ତାହା ଅକଳନୀୟ। ଏଥିପାଇଁ ସ୍ୱୟଂ ଈଶ୍ୱର ମଧ୍ୟ ଲଜ୍ଜିତ।

ବନ୍ଦିଶାଳାରେ କୁଳପତି ନାଟକରେ ବିଶ୍ୱପତି ସ୍ୱୟଂ କହୁଛନ୍ତି, "ଯେଉଁମାନେ ଧର୍ମ କ'ଣ ଜାଣନ୍ତି ନାହିଁ, ସେମାନେ ହେଉଛନ୍ତି ଧର୍ମର ରକ୍ଷକ। ଯେଉଁ ମାନଙ୍କର ମୋ ପ୍ରତି ସାମାନ୍ୟ ଭକ୍ତି ନାହିଁ, ସେମାନେ ମୋର ପୂଜକ। କେବଳ ମୋତେ ନେଇ ବ୍ୟବସାୟ କରିବା ଜାଣନ୍ତି ସେମାନେ। ଯେଉଁମାନେ ମାନବଧର୍ମ ପାଳନ କରନ୍ତି ନାହିଁ, ସେଇ

Digitized by srujanika@gmail.com

ମାନବିକତାହୀନ ଲୋକଙ୍କ ଦ୍ୱାରା ମୁଁ ପୂଜିତ। ଲୋକଙ୍କ ଆଖିରେ ସେମାନେ ମୋର ପ୍ରଧାନ ଭକ୍ତ। ବଡ଼ ଲଜ୍ଜିତ ମୁଁ ଦାସ, ବଡ଼ ଦୁଃଖିତ।"

ପୂଜକ ଗୋଷ୍ଠୀ ଦ୍ୱାରା ଅଭଦ୍ର ଭାଷାରେ ମହିଳା ସୁଦ୍ଧା ଗାଳି ଖାଆନ୍ତି। ନୀଚଜାତିର ଅନ୍ୟ ଧର୍ମର ଲୋକଙ୍କୁ ମାଡ଼ ମାରି ତଡ଼ାଯାଏ। ନୀଚଜାତିର ହେଲେ ମଣିଷ ବୋଲି ଗଣନା କରିବା ଦୂରର କଥା ପଶୁଠୁ ବଳି ଘୃଣା କରାଯାଏ। ଏହି ଜାତିରୁ ଜଣେ ନିଜର ଉଜ୍ଜ୍ୱଳ ପ୍ରତିଭା ବଳରେ ଆନ୍ତର୍ଜାତିକ ସ୍ତରରେ ନିଜ ରାଜ୍ୟର ଗୌରବ ବୃଦ୍ଧି କରନ୍ତି; ହେଲେ ବାଟୁ ନିଜ ରାଜ୍ୟରେ ମିଳେ ଏଭଳି ଘୃଣ୍ୟ ବ୍ୟବହାର। ମନ୍ଦିର ପ୍ରବେଶର ପ୍ରୟାସ ମାତ୍ରକେ ଏମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଏ। ହୀନଯୋନୀ ଜାତ ଓ ବିଧର୍ମୀଙ୍କ ପ୍ରବେଶରେ ମନ୍ଦିର ଅପବିତ୍ର ହୋଇଯିବା କଥା ଭାବନ୍ତି। ସେମାନେ ପଶିଗଲେ ମନ୍ଦିର ଧୁଆ ହୁଏ। ଜଗତର ନାଥଙ୍କୁ ଏମାନେ ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମର ଓ ବିଶେଷ ଗୋଷ୍ଠୀର ଦେବତା କରି ରଖନ୍ତି। ଏମାନେ ରାଜାମାନଙ୍କ ସାହାଯ୍ୟରେ ବିଦ୍ରୋହୀମାନଙ୍କୁ ଦମନ କରିପାରନ୍ତି। ଆଜିବି ପ୍ରଶାସନ ଉପରେ ପ୍ରଭାବ ପକାଇ, ସରକାରଙ୍କ ଉପରେ ଭୋଟ ରାଜନୀତିର ଭୟ ଦେଖାଇ ମାନବବାଦୀ, ସମତା ଦୃଷ୍ଟିସମ୍ପନ୍ନ ପ୍ରତିଭାଧରଙ୍କୁ ସୁଦ୍ଧା ହତ୍ୟା କରନ୍ତି। ନିଜ ଇଚ୍ଛାନୁସାରେ ସୁବିଧାବାଦୀ ଧର୍ମୀୟ ନୀତିନିୟମ ଏମାନଙ୍କ ଦ୍ୱାରା ପ୍ରସ୍ତୁତ ହୁଏ। ଜଣେ ଯେତେ ବଡ଼ ଭକ୍ତ ହେଉନା କାହିଁକି ସିଏ ଯଦି ବିଧର୍ମୀ କିମ୍ବା ଶୂଦ୍ର ଜାତିର ତେବେ ତାଙ୍କୁ ଭଗବାନଙ୍କ ଠାରୁ ଦୂରରେ ରଖନ୍ତି। ଭଗବାନଙ୍କୁ ମନ୍ଦିରରେ ବନ୍ଦୀ ନିଜ ନିୟନ୍ତ୍ରିତ ଗୋଷ୍ଠୀ ଦେବତା ଭାବରେ ରଖନ୍ତି। ଧର୍ମୀୟ ସଂକୀର୍ଣ୍ଣତା ଓ ସ୍ୱାର୍ଥ ଅନ୍ୱେଷା ଏମାନଙ୍କ ଭିତରେ ବସାବାନ୍ଧି ରହେ। ପଇସା ପତ୍ର ଦେଇ ଏମାନଙ୍କୁ ସନ୍ତୁଷ୍ଟ କରିପାରିଲେ ଯାଇ ଠାକୁରଙ୍କ ପାଖରେ ଜଣେ ପହଞ୍ଚି ପାରେ। ଏଭଳି ଭାବରେ ମନ୍ଦିର ଗୋଟିଏ ବ୍ୟବସାୟ କେନ୍ଦ୍ରରେ ପରିଗଣିତ। ଏହା ବଡ଼ ବିଡ଼ମ୍ବନାର ବିଷୟ। ଯୁଗଉପଯୋଗୀ ସଂସ୍କାରମନା ବ୍ୟକ୍ତିଙ୍କୁ ଧର୍ମଦ୍ରୋହୀ କରନ୍ତି। ଲୋକଙ୍କୁ ଧର୍ମାନ୍ଧ କରି ରଖନ୍ତି ଏବଂ ଏଇ ଧର୍ମାନ୍ଧତାର ଫାଇଦା ନେଇ ବିଭିନ୍ନ ରାଜନୀତିକ ଷଡ଼ଯନ୍ତ୍ର କରନ୍ତି। ଯୁଗ ଯୁଗ ଧରି ଧର୍ମୀୟ ଶୋଷଣ ପାଇଁ ଏମାନେ ହିଁ ଦାୟୀ। ନିଜକୁ 'ଦେବଅଂଶୀ', 'ଚଳନ୍ତି ଦେବତା' ଭାବରେ ମାନିନେଇ ସଂସ୍କାରକାମୀ, ମାନବଧର୍ମୀ ବ୍ୟକ୍ତି ବିଶେଷଙ୍କୁ 'ମହାପାପୀ' ଆଖ୍ୟା ଦିଅନ୍ତି। ଏଇ ଗୋଷ୍ଠୀ ନିଜ ବିରୁଦ୍ଧରେ ଅନ୍ୟକେହି କହିବାକୁ ମହାପାପ ବୋଲି ବିଚାର କରି ନିଜ ପ୍ରତିପାଳିତ ଗୁଣ୍ଡାମାନଙ୍କ ଦ୍ୱାରା ତା'ର ଜୀବନ ଶେଷ କରିଦିଅନ୍ତି। ନାଟକଟିରେ ଯାହା ଦାସ ଭୋଇ ଏବଂ ତାଙ୍କ ସହଯୋଗୀଙ୍କ ସହ ଘଟେ। ନିଜ ଭିତରରୁ ଜଣେ ବୁଦ୍ଧିଜୀବୀଙ୍କ ଭଲକଥା ବି ସେମାନେ ଗ୍ରହଣ କରନ୍ତି ନାହିଁ।

ଆଦିବାସୀ ଶବର ଗୃହରୁ ଯେଉଁ ଦେବତାଙ୍କୁ ଅଣାଯାଇ ତା'ର ପୁନର୍କାୟା କଳ୍ପ ପ୍ରସ୍ତୁତ କରାଗଲା, ଯେଉଁ ଦେବତାଙ୍କୁ ରାଜା ଜାତୀୟ ଦେବତା ରୂପେ ଘୋଷଣା କଲେ,

Digitized by srujanika@gmail.com

ଯାହାକୁ ଓଡ଼ିଆ ଜାତିର ପ୍ରତୀକ ରୂପେ ଅବସ୍ଥାପିତ କଲେ, ଯାହା ପାଇଁ ଆର୍ଯ୍ୟ-ଅଣଆର୍ଯ୍ୟ ଦୁଇ ଗୋଷ୍ଠୀରୁ ପୂଜକ ନିଯୁକ୍ତ କଲେ- ସେ ଦେବତା ମୂଳ ସ୍ଥିତି ହରାଇ ସାରିଛି। କେବଳ ମାତ୍ର ସେଠାକାର ପୂଜକ ଗୋଷ୍ଠୀ ନିୟନ୍ତ୍ରଣରେ ସିଏ ବନ୍ଦୀ। ମନ୍ଦିର ଓ ଦେବତା ଗଢ଼ିଥିବା ସେଇ ରାଜାର ମୂଳ ଉଦ୍ଦେଶ୍ୟ ବାଧାପ୍ରାପ୍ତ।

କିଛି ଚାଲାକ୍ ଲେଖନୀଧାରୀ ତ ଋଗ୍‌ବେଦ ସମୟରୁ ସମାଜର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀକୁ ନୀଚ କରିଆସିଛନ୍ତି, ଅନ୍ୟ ଧର୍ମର ଲୋକଙ୍କୁ ମ୍ଳେଚ୍ଛ କିମ୍ବା ବିଧର୍ମୀ କହିଛନ୍ତି। ଧର୍ମ ଓ ଈଶ୍ୱର- ଏ ଦୁଇଟି ବିଷୟକୁ ନିଜ ଆୟତ୍ତରେ ରଖି ଶାସନର ମୋଡ଼ ବଦଳାଇବା କିମ୍ବା ସମାଜକୁ ନିଜ ଅନୁସାରେ ଗଢ଼ିବାର ଏକ ଗୁଢ଼ିବାଦୀ ପ୍ରୟାସ ବାରମ୍ବାର କରିଆସିଛନ୍ତି।

ଦଇତାପତି ବି ନିଜର ଆଦିବାସୀ କିମ୍ବା ପଛୁଆ ବର୍ଗର ଲୋକଙ୍କୁ ଘୃଣା କରେ। ଦଳିତ ଅବହେଳିତ ଗୋଷ୍ଠୀ ଯେତେବେଳେ ବି ସୁଯୋଗ ପାଏ, ବଡ଼ ହୁଏ, ପୂଜକ ହୁଏ- ତା'ପରେ ସେ ନିଜର ମୂଳସ୍ଥିତିକୁ ଭୁଲିଯାଏ ଆଉ ନିଜଗୋଷ୍ଠୀର ଅନ୍ୟମାନଙ୍କୁ ଘୃଣାଚକ୍ଷୁରେ ଦେଖେ। ଏ ହେଉଛି ଚରମ ସାମାଜିକ ବିଡ଼ମ୍ବନା।

ଅବହେଳିତର ବ୍ରାହ୍ମଣୀକରଣ ପଛୁଆ ସମାଜର ସବୁଠୁ ବଡ଼ରୋଗ। ନିଜର କେତେ ଯେ କେତେ ପୂର୍ବ ପୁରୁଷଠୁ ଆଜି ପର୍ଯ୍ୟନ୍ତ ଘୃଣ୍ୟ ଅବହେଳିତ। କିନ୍ତୁ ସେ ଭିତରୁ ଜଣେ କୌଣସି ପ୍ରକାରେ ଯେତେବେଳେ ଆର୍ଥିକ ସ୍ୱଚ୍ଛତା ପାଇଯାଏ; ତା'ପରେ ବେଶି ବେଶୀ ପୂଜାପାଠ କରେ- କରାଏ। ଏଥିରେ ମୌଳିକ ଈଶ୍ୱର ବିଶ୍ୱାସ ନଥାଏ, ଥାଏ ନିଜକୁ ବଡ଼ ଓ ଶୁଦ୍ଧ କରି ସ୍ଥାପନା କରିବାର ଅମୂଳକ ଭାବନା। ଏତକ ଅର୍ଥରେ ସେ ତା ଉତ୍ତରାଧିକାରୀ କିମ୍ବା ଅନ୍ୟାନ୍ୟ ସାମାଜିକ ଘୃଣା ପାଇଆସୁଥିବା ବ୍ୟକ୍ତିର ଖାଦ୍ୟସାରଯୁକ୍ତ ଆହାର ଯୋଗାଇ କରି ସୁସ୍ଥ ଶରୀରଟିଏ ଦେଇପାରନ୍ତା ଓ ଜ୍ଞାନ ଆହରଣର ପଥରେ ସାହାଯ୍ୟ କରି ମାନସିକ ସମୃଦ୍ଧିରେ ସାହାଯ୍ୟ କରିପାରନ୍ତା। ମାତ୍ର ରୂଢ଼ୀବାଦୀ ଧର୍ମୀୟ ବିଶ୍ୱାସରେ ରହି ସାମାଜିକ ବ୍ରାହ୍ମଣୀକରଣ ପ୍ରକ୍ରିୟାରେ ନିଜର ମୌଳିକତା ହରାଏ। ଏହା ଦ୍ୱାରା ସାମାଜିକ ସମାନତା ଆସିବାରେ ବାଧା ପାଏ।

ଧର୍ମ ଯେତେବେଳେ ରୂଢ଼ୀବାଦ ଆଡ଼କୁ ଗତିକରେ କିମ୍ବା ରୂଢ଼ୀବାଦୀ ଧର୍ମ ଯେତେବେଳେ ସମାଜକୁ ଶାସନ କରେ, ସେତେବେଳେ ହିଁ ସମାଜ ଅଭିଶପ୍ତ ହୁଏ। ଧର୍ମୀୟ ନୀତିର ଉଦାରୀକରଣ ହିଁ ମାନବକଲ୍ୟାଣ ନିମିତ୍ତ ଧର୍ମକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ତା'ର ମୂଳ ଉଦ୍ଦେଶ୍ୟ ସହିତ ଜୀବିତ ରଖିପାରେ। ଅନ୍ୟଥା କ୍ଷତି ହିଁ କରେ। ଛପନ ପଉଟି ଭୋଗ ପୋତି ଦିଆଯାଏ- ଏଥିପାଇଁ ଯେ ପୋତି ଦେଇଥିବା ଧର୍ମାନ୍ଧ ମାନେ ନା ଉତ୍ପାଦକର ହାଡ଼ଭଙ୍ଗା ପରିଶ୍ରମକୁ ବୁଝିପାରନ୍ତି ନା ଭୋକିଲା ପେଟର ଜ୍ୱାଳାକୁ। ରୂଢ଼ୀବାଦ ଏହା ହିଁ ଦିଏ। ଦୂଷିତ ଜଳରେ ସେଇ ଭୋଗ ପ୍ରସ୍ତୁତ ହୁଏ, ଠାକୁର ତାକୁ ଗ୍ରହଣ କରନ୍ତି !

Digitized by srujanika@gmail.com

ଧର୍ମୀୟ ରୂଢ଼ୀବାଦ ଚିନ୍ତନ ମାନେ ପ୍ରକ୍ରିୟାକୁ ହତ୍ୟା କରେ। ଏହା ଜନମଙ୍ଗଳକାରୀ ସନ୍ଥ, ଚିନ୍ତାନାୟକ ଓ ବୈଜ୍ଞାନିକଙ୍କୁ ଦଣ୍ଡ ଦିଏ। କୋଟି କୋଟି ମଣିଷର ପ୍ରାଣହାନି କରେ। ନିଜର ତର୍କ ବଳରେ ବିଶ୍ୱାସ କରିବାକୁ ଶିଖାଉଥିବା ମହାମାନ୍ୟ ସକ୍ରେଟିସଙ୍କ ଉପରେ ଧର୍ମ ବିରୁଦ୍ଧରେ ଯୁବକମାନଙ୍କୁ ଦିଗଭ୍ରାନ୍ତ କରୁଥିବାର ଧର୍ମୀୟ ଦୋଷାରୋପ ଲଦି ଦିଆଯାଏ। ସୂର୍ଯ୍ୟ ସ୍ଥିର ଓ ପୃଥିବୀ ତା' ଚାରିପଟେ ଘୂରୁଥିବା ବିଷୟଟି ପ୍ରମାଣ କରିଦେଇଥିବା ବୈଜ୍ଞାନିକ ଗାଲିଲିଓଙ୍କୁ ତତ୍କାଳିନ ଧର୍ମୀୟ ରୂଢ଼ୀବାଦୀ ନିଜର ଧର୍ମୀୟ ବିଶ୍ୱାସକୁ ବଞ୍ଚାଇ ରଖିବାକୁ ଦଣ୍ଡ ଦିଏ। ହିଟଲର ଇହୁଦି ଧର୍ମର ଷାଠିଏ ଲକ୍ଷ ଲୋକଙ୍କୁ ନୃଶଂସ ଭାବରେ ହତ୍ୟା କରେ। ଆଜିବି ଧର୍ମୀୟ ଆତଙ୍କବାଦର ବୋମା କ୍ଷଣକେ ହଜାର ହଜାର ମଣିଷକୁ ଧ୍ୱଂସ କରିଦିଏ। 'ବନ୍ଦୀଶାଳାରେ ବିଶ୍ୱପତି'ର ଦାସ ଭୋଇଙ୍କୁ ଆଜି ବି ମାରି ଦିଆଯାଏ। ବିଶ୍ୱପତିଙ୍କ ପାଖ ପଶିବାକୁ, ଗୋଟିଏ ଧର୍ମୀୟ ସଂକୀର୍ଣ୍ଣତା ବିରୁଦ୍ଧରେ ମଣିଷର ସାମନତାର ବାର୍ତ୍ତାକୁ ସ୍ଥାପନ ନିମନ୍ତେ ପ୍ରୟାସରତ ଅନେକଙ୍କୁ ମାରିଦିଆଯାଏ। ଅଗଣିତ ଲୋକଙ୍କୁ କ୍ଷତାକ୍ତ କରାଯାଏ। ସମାନତାର କଥା କହୁଥିବା, ଈଶ୍ୱରଙ୍କୁ ପ୍ରକୃତରେ ଭକ୍ତି କରୁଥିବା ସନ୍ଥଙ୍କୁ ପୋଲିସ୍ ଦୋଷୀ ଭାବେ ବନ୍ଦୀ କରେ।

ନାଟକଟିରେ ନାଟ୍ୟକାର କହନ୍ତି, "ବହୁ ଅତୀତରେ ଜଣେ ଉଦାର ହୃଦୟ ରାଜା ମଣିଷ ପ୍ରତି ଗଭୀର ଶ୍ରଦ୍ଧା ନେଇ ଆର୍ଯ୍ୟ ଅନାର୍ଯ୍ୟର ମହାମିଳନର ପ୍ରତୀକ ଭାବେ ଏଠାରେ ନିରାକାର ପରମପିତାଙ୍କୁ ପ୍ରତିଷ୍ଠା କରିଗଲେ। ଉଭୟ ଆର୍ଯ୍ୟ ଅନାର୍ଯ୍ୟଙ୍କ ମିଳିତ ହସ୍ତସ୍ପର୍ଶରେ ମହାପ୍ରଭୁ ବିରାଜମାନ ହେଲେ। ସେଦିନ ଠାରୁ ସର୍ବଜାତି ସର୍ବଧର୍ମ ସମନ୍ୱୟର ଦେବତା ଭାବେ ବିଶ୍ୱପତି ଘୋଷିତ ହୋଇଆସିଛନ୍ତି। ଇତିହାସ କହେ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରତ୍ୟେକ ଧର୍ମର, ପ୍ରତ୍ୟେକ ଧର୍ମର, ପ୍ରତ୍ୟେକ ଜାତିର, ପ୍ରତ୍ୟେକ ପନ୍ଥାର ଲୋକେ ମନ୍ଦିରରେ ପ୍ରବେଶ କରିପାରୁଥିଲେ। ପ୍ରଭୁଙ୍କ ପ୍ରସାଦକୁ ହିନ୍ଦୁ ଓ ଯବନ ଏକତ୍ର ବସି ଭୋଜନ କରୁଥିଲେ।"

ନାଟ୍ୟକାର ପୁଣି କହୁଛନ୍ତି, "କାଳକ୍ରମେ ପୂଜକଗୋଷ୍ଠୀ ଏଇଠି ଶକ୍ତିଶାଳୀ ହୋଇ ଉଠିଛନ୍ତି। ଅନ୍ୟ ଧର୍ମ କଥା ଛାଡ଼ି ଦିଅନ୍ତୁ। ଅନ୍ୟଜାତିର ଲୋକମାନଙ୍କୁ ବଡ଼ହୀନ ଭାବେ ଦେଖିଛନ୍ତି। ନିମ୍ନଶ୍ରେଣୀର ହିନ୍ଦୁମାନଙ୍କୁ ମନ୍ଦିର ପ୍ରବେଶରୁ ବଞ୍ଚିତ କରିଛନ୍ତି। ରାଜାମାନଙ୍କ ସହାୟତାରେ ମନ୍ଦିରର ସର୍ବେସର୍ବା ହୋଇବସିଛନ୍ତି। ମନ୍ଦିରର ନିୟନ୍ତ୍ରଣ ଅଧିକାର ହାତକୁ ନେଇ ଯାଇଛନ୍ତି। ସେମାନଙ୍କର ଇଚ୍ଛା ଅନୁସାରେ ସବୁ ସୁବିଧାବାଦୀ ନିୟମମାନ ତିଆରି ହୋଇଛି। ଧର୍ମଭୀରୁ ଲୋକେ କାଳ କାଳ ଧରି ତାକୁ ମାନି ନେଇଛନ୍ତି।

ଗୋଷ୍ଠୀଗତ ସ୍ୱାର୍ଥପାଇଁ ସେମାନେ ଜାତୀୟ ଦେବତାଙ୍କୁ ଅନ୍ଧକାରାଗାରରେ ବନ୍ଦୀ କରି ରଖିଛନ୍ତି"।

Digitized by srujanika@gmail.com

ଏଇ ପୂଜକଗୋଷ୍ଠୀ କଳା ପାହାଡ଼କୁ ଅନୁତାପ କରିବାକୁ, ବାଉରୀ ଦାସିଆକୁ ନଡ଼ିଆଟିଏ ନେଇଯିବାକୁ କିମ୍ବା ଭକ୍ତ ସାଲବେଗକୁ ଥରଟିଏ ମନ୍ଦିର ଭିତରକୁ ପଶିବାକୁ ଦେଇ ନାହାନ୍ତି। କାରଣ ମାତ୍ର ସେମାନେ ଅସ୍ପୃଶ୍ୟ ନୀଚଜାତିର ଆଉ ଯବନ ବୋଲି। ବର୍ତ୍ତମାନ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖିକା ମୀରା ଦାସଙ୍କୁ ମଧ୍ୟ ସେମାନେ ଛାଡ଼ିନାହାନ୍ତି। ସିଏ ଯେତେ ଖ୍ୟାତିସମ୍ପନ୍ନା ହୁଅନ୍ତୁ ପଛକେ ତାଙ୍କୁ ଶିଖର ପାଣର ଝିଅ ବୋଲି ମନ୍ଦିର ପ୍ରବେଶରୁ ବାରଣ କରାଯାଏ। ଏମାନେ ତାଙ୍କୁ ହୀନଯୋନି ଜାତ ବୋଲି ଗାଲିଗୁଲଜ କରନ୍ତି। ତାଙ୍କୁ ଏବଂ ତାଙ୍କ ସହ ଈଶ୍ୱରଙ୍କ ପ୍ରତି ଗଭୀର ଶ୍ରଦ୍ଧା ନେଇ ଆସିଥିବା ଗୋରା ବିଦେଶୀ ଜଣଙ୍କୁ ସେମାନେ ମାଡ଼ ମାରନ୍ତି।

କୌଣସି ମଣିଷର ସୃଷ୍ଟି କେତେ ହୀନ ପାପ ସୃଷ୍ଟ ନୁହେଁ, ସମସ୍ତେ ସମାନ, ସମସ୍ତେ ଈଶ୍ୱର ପୁତ୍ର- ଏତକ ମାତ୍ର ମାନିବାକୁ ପ୍ରସ୍ତୁତ ନୁହନ୍ତି ଏଇ ମୂଢ଼ ପୂଜକଗୋଷ୍ଠୀ। କେବଳ ଉଦ୍ଦେଶ୍ୟମାତ୍ର ନିଜର ବ୍ୟବସାୟ କେନ୍ଦ୍ରକୁ ବାଧା ନଆସୁ ଏବଂ ଧର୍ମର ବ୍ୟବସାୟ ଅପ୍ରତିରୋଧ୍ୟ ଭାବରେ ଚାଲିଥାଉ। ମୀରା ଦାସ କହୁଛନ୍ତି, "ଗଭୀର ଆଗ୍ରହ, ପବିତ୍ର କୌତୂହଳ ନେଇ ଯେଉଁ ବିଦେଶୀ ପଣ୍ଡିତ ବିଶ୍ୱପତିଙ୍କ ଦର୍ଶନ ପାଇ ଆସିଛନ୍ତି, ତାଙ୍କର ଯେତିକି ଭକ୍ତିଭାବ ରହିଛି, ତା'ର କାଣିଚାଏ ବି ତୁମର ନାହିଁ। ଭକ୍ତି ଥିଲେ ତୁମେମାନେ ବିଶ୍ୱପତି ମନ୍ଦିରକୁ ଗୋଟାଏ ବ୍ୟବସାୟ କେନ୍ଦରେ ପରିଣତ କରିପାରିନଥାନ୍ତ କି ଭକ୍ତଙ୍କୁ ପଶୁ ଭଳି ଘଉଡ଼ାଇ ନଥାନ୍ତ।"

ମୀରା ଦାସ ପୂଜକ ଗୋଷ୍ଠୀର ଅନାଚାର ଅତ୍ୟାଚାର ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟନ୍ତି, ମନ୍ଦିର ସଂସ୍କାର ସଂପର୍କିତ ପ୍ରସ୍ତାବ ଦେବାକୁ। କିନ୍ତୁ ଦେଖନ୍ତି କିଂକର୍ତ୍ତବ୍ୟ ବିମୂଢ଼ ଭୋଟ ରାଜନୀତି ଦ୍ୱାରା ବନ୍ଧା ପଡ଼ିଥିବା ନେତାଙ୍କୁ। ସର୍ବଧର୍ମ ସମନ୍ୱୟୀ ବିଶ୍ୱପତି ମନ୍ଦିର ଗଢ଼ିବାର ପ୍ରସ୍ତାବ ଦିଅନ୍ତି। କିନ୍ତୁ ଏଥିପାଇଁ ସରକାର ଜମିଦେବାକୁ ଅକ୍ଷମତା ପ୍ରକାଶ କରନ୍ତି। ତା'ପରେ ସେ ଜଙ୍ଗଲ ଭିତରେ ସୃଷ୍ଟି ହୋଇଥିବା ନବଜାତ ବିପ୍ଳବୀ ଗୋଷ୍ଠୀ ସହ ମିଶି ଆନ୍ଦୋଳନ ଜାରି ରଖନ୍ତି। ଦାସ ଭୋଇଙ୍କୁ ସମର୍ଥନ ଜଣାନ୍ତି, ସହଯୋଗ କରନ୍ତି। ଦାସ ଭୋଇଙ୍କ ମୃତ୍ୟୁ ପରେ ବି ଏ ଆନ୍ଦୋଳନକୁ ଆଗେଇ ନେବାକୁ କର୍ମପନ୍ଥା ସ୍ଥିର କରନ୍ତି।

ନାଟକଟିରେ ସର୍ବଧର୍ମ ସମନ୍ୱୟୀ ବିଶ୍ୱପତି ମନ୍ଦିର ଗଢ଼ିବା ଧାର୍ମିକ ସମାନତା ଓ ମାନବତା ଦୃଷ୍ଟିରୁ ଉଚିତ ମନେହୁଏ। କିନ୍ତୁ ଦଳିତ ମହାଦଳିତ ପଛୁଆବର୍ଗର ଉତ୍‌ଥାନ ଓ ମର୍ଯ୍ୟାଦା ପ୍ରାପ୍ତି ପାଇଁ ଧର୍ମ ଅପେକ୍ଷା ଅର୍ଥ ଓ ଶିକ୍ଷାର ଆବଶ୍ୟକତା ସବୁଠୁ ବେଶି। ପୁଣି ଏଇ ଅଣଆର୍ଯ୍ୟ ମୂଳଜନର ନିଜର ଦେବତା କେତେ ଆଦିମ କାଳରୁ ପୂଜିତ। ତାକୁ ଛାଡ଼ି ନିର୍ଦ୍ଦିଷ୍ଟ ଗୋଷ୍ଠୀ କିମ୍ବା ଶାସକର ଦେବତା ପାଖକୁ ଏମାନେ ଧାଇଁବାର କିଛି ମୂଲ୍ୟ ନାହିଁ।

Digitized by srujanika@gmail.com

ଏ ଦେବତାଙ୍କୁ କେନ୍ଦ୍ର କରି ସାମାଜିକ-ରାଜନୈତିକ ଷଡ଼ଯନ୍ତ୍ର ହିଁ ବେଶି ହୁଏ। ମୂଳଗୋଷ୍ଠୀ ସବୁ ନିଜର ଧର୍ମ ଦେବତା ସଂସ୍କୃତିକୁ ହରାଇ ବସୁଛନ୍ତି। ନିର୍ଦ୍ଦିଷ୍ଟ ସଂକୀର୍ଣ୍ଣମନା ଗୋଷ୍ଠୀ ନିୟନ୍ତ୍ରଣରେ ମନ୍ଦିର ଯେତେବେଳେ ବ୍ୟବସାୟ କେନ୍ଦ୍ର ଭାବରେ ପ୍ରତିଷ୍ଠିତ, ସେତେବେଳେ ଏଭଳି କେନ୍ଦ୍ରର ଗ୍ରାହକତା ପାଇଁ ଆତୁର ହେବା ନିଜର ବୌଦ୍ଧିକ ଅନୁର୍ବରଣ ନିଶ୍ଚୟ। ଘୃଣ୍ୟ ଅବହେଳିତର ଏହା ସ୍ୱାଭିମାନର ପ୍ରଶ୍ନ। ଏଭଳି ମନ୍ଦିରକୁ ପ୍ରବେଶ ପାଇଁ ନୁହେଁ; ବରଂ ବର୍ଜନ ପାଇଁ ଏମାନେ ଆଗବର ହେବା ସମୟ ଉପଯୋଗୀ ହେବ। ଅନ୍ୟକୁ ଦୋଷାରୋପ ନୁହେଁ ନିଜେ ସଚେତନ ହେବା ଆବଶ୍ୟକ। ପଛୁଆ ଅବହେଳିତ ବର୍ଗ ଯଦି ନିଜର ଧର୍ମ ସମାଜ ସଂସ୍କୃତିକୁ ନିଜେ ବଞ୍ଚାଇ ନପାରିବ ନିଜର ମର୍ଯ୍ୟାଦା ନିଜେ ସୃଷ୍ଟି କରିନପାରିବ; ତେବେ ଅନ୍ୟ କେହି କାହିଁକି ତାଙ୍କୁ ସମ୍ମାନ କରିବେ? ଆଉ ଏକ ବିଡ଼ମ୍ବନାର ବିଷୟ ଏଇଆ ଯେ ଏଠି ପଶୁଟିଏ ସୁଦ୍ଧା ଦେବତା ଭାବରେ ପୂଜିତ ହୁଏ; କିନ୍ତୁ ମଣିଷଟିଏ ପଶୁଠୁ ବି ବଳି ଘୃଣା ପାଏ।

ଧର୍ମୀୟ ସଂକୀର୍ଣ୍ଣମନା ଗୋଷ୍ଠୀ କିମ୍ବା ସାମାଜିକ ଅସମାନତା ବିରୁଦ୍ଧରେ ସବୁଯୁଗରେ ବାରମ୍ବାର ବିରୋଧ ହୋଇଛି। ପ୍ରଥମେ ବୌଦ୍ଧମାନେ ଜାତି ବ୍ୟବସ୍ଥାକୁ ବିରୋଧ କରନ୍ତି। ଦକ୍ଷିଣ ଭାରତରେ ବାସବ, ପୁଣି ଉକ୍ତ ଆନ୍ଦୋଳନର କିଛି ରବି ଦାସ, କବୀର, ତୁକାରାମ, ମୀରାବାଇ, ପଶ୍ଚିମ ଭାରତରେ ଜ୍ୟୋତିବା ଫୁଲେ, ବେଙ୍ଗଲର ଯୋଗେନ୍ଦ୍ରନାଥ ମଣ୍ଡଳ, ପଞ୍ଜାବର ବାବୁ ମଙ୍ଗରାଜ ପ୍ରଭୃତିଙ୍କ ଦ୍ୱାରା ଜାତି ବ୍ୟବସ୍ଥାକୁ ବିରୋଧ କରାଯାଇଛି। ଆମ୍ବେଦକରଙ୍କ 'ଇନ୍‌ହିଲେସନ୍ ଅଫ୍ କାଷ୍ଟ' ପୁସ୍ତକଟିରେ ଜାତିବାଦର ବିଶେଷ ଚର୍ଚ୍ଚା ଉପସ୍ଥାପିତ। କିନ୍ତୁ ଦୁଃଖର ବିଷୟ ଯେ ଏଭଳି ପ୍ରତିଭାଧାରୀ ଚିନ୍ତାନାୟକଙ୍କୁ କେବଳ ମାତ୍ର ଦଳିତ ନେତା ରୂପେ ପ୍ରତିଷ୍ଠା ଦେଲା ଭାରତୀୟ ସମାଜ ଓ ରାଜନୀତି। ଏ ପୁସ୍ତକର ଦୀର୍ଘ ପୃଷ୍ଠାର ମୁଖବନ୍ଧ 'ଡକ୍ଟର ଏନ୍ତ ସେଣ୍ଟ' ଲେଖନ୍ତି ବୁକର ବିଜୟିନୀ ଓ ସମାଜସେବୀ ଅରୁନ୍ଧତୀ ରାୟ। ଏଥିରେ ଭାରତୀୟ ଜାତି ବ୍ୟବସ୍ଥା ଓ ତା'ର ଭିନ୍ନ ସମୟର ବିରୋଧ ତଥା ଆମ୍ବେଦକରଙ୍କ ଜାତିବାଦ ଉପରେ ଚିନ୍ତନଯୋଗ୍ୟ ବିଷୟ ଉଲ୍ଲିଖିତ। ଏ ମୁଖବନ୍ଧ ଯେମିତି ଆଉ ଏକ ପୁସ୍ତକ।

ଓଡ଼ିଆ ସାହିତ୍ୟ ସୃଷ୍ଟିର ଆଦ୍ୟକାଳରେ ମହାକବି ସାରଳା ଦାସଙ୍କ 'ମହାଭାରତ' ରଚନା ଠାରୁ ଆରମ୍ଭ ହୁଏ ମଣିଷର ସମାନତାର ପ୍ରୟାସ। ବ୍ରାହ୍ମଣମାନଙ୍କ ସାମାଜିକ ପ୍ରଭାବ ଏତେ ପ୍ରବଳ ଥିବା ସମୟରେ ବି ଏଇ ବିପ୍ଳବୀ କବି ଦୃଢ଼ ଭାବରେ ଧର୍ମୀୟ ଅନ୍ୟାୟ ଅତ୍ୟାଚାର, ଋଷିମୁନି ମାନେ ନୀତିହୀନତା, ସୌରାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି। ଏପରିକି ରାଜାମାନଙ୍କ ଅନ୍ୟାୟ ଅବିଚାର ବିରୁଦ୍ଧରେ ଲେଖନୀ

Digitized by srujanika@gmail.com

ଚାଳନା କରନ୍ତି। ସମାଜର ଉତ୍ପାଦକ କିମ୍ବା ତଥାକଥିତ ନିମ୍ନବର୍ଗର ଅସ୍ପୃଶ୍ୟ ବର୍ଗର ଲୋକଙ୍କୁ ଉଚିତ ମର୍ଯ୍ୟାଦା ପ୍ରାପ୍ତି ଦେଖିବାକୁ ମିଳେ ତାଙ୍କ ମହାଭାରତରେ। ଜଣେ ଆଦିବାସୀ ବାଉରୀକୁ ବ୍ରାହ୍ମଣତ୍ୱ ପ୍ରଦାନ କରାଯାଏ। ସବୁ ଜୀବଜନ୍ତୁଙ୍କ ପ୍ରାଣ ଏକ ବୋଲି ଘୋଷିତ। ପରାଙ୍ଗପୁଷ୍ଟ ନହେବାକୁ ଗୁରୁତ୍ୱ ଦିଆଯାଏ। ଜାତି ଅପେକ୍ଷା ବ୍ୟକ୍ତିର ବ୍ୟକ୍ତିତ୍ୱ ବଡ଼ ବୋଲି ବିଚାର କରାଯାଏ।

'ବନ୍ଦିଶାଳାରେ ବିଶ୍ୱପତି'ରେ ମୀରା ଦାସଙ୍କ ପ୍ରତିଭା ପଟ ମାନବିକତା, ସହୃଦୟତା ତଥା ମଣିଷର ସମାନତା ପାଇଁ ସଂଘର୍ଷ ତାଙ୍କୁ ଏକ ପ୍ରଶଂସନୀୟ ଚରିତ୍ର ଭାବରେ ଠିଆ କରାଏ। ପ୍ରଚଣ୍ଡ ପ୍ରତିଭାବାନ ବାବା ସାହେବ ଆମ୍ବେଦକରଙ୍କୁ ସ୍ମରଣ କରାଯାଉଛି। ସମାଜ ଯାହାକୁ ନିମ୍ନବର୍ଗର, ନୀଚଜାତିର ବୋଲି ଘୃଣା କରିଆସେ ଯୁଗ ଯୁଗ ଧରି, ସେମାନଙ୍କ ଭିତରୁ ବି ଏଭଳି ପ୍ରତିଭାର ଜନ୍ମ ନେବା ବିଷୟଟି ନାଟକଟିରେ ମାର୍ମିକ ଭାବେ ଉପସ୍ଥାପିତ। ସାରଳା ଦାସଙ୍କ ପରି ନାଟ୍ୟକାର ମଧ୍ୟ କହିବାକୁ ଚାହାଁନ୍ତି ଯେ ଜାତି ଅପେକ୍ଷା ବ୍ୟକ୍ତି ବଡ଼। ବ୍ୟକ୍ତିତ୍ୱ ହିଁ ବ୍ୟକ୍ତିକୁ ଉଚ୍ଚତା ଦେଇପାରେ। ସାମାଜିକକଳଙ୍କ ହେଉଛି ଏଇ ଜାତିପ୍ରଥା। ଏହା ମଣିଷକୁ ଉଚ୍ଚନୀଚ ଓ ଭାଗ ଭାଗ କରେ। ଏହି କାରଣରୁ ଏକାଠି ସହାବସ୍ଥାନ ତ ଦୂରର କଥା, ଛୁଇଁଲେ ବି ଗୋଟିଏ ମଣିଷ ଅପବିତ୍ର ହେବାର ନୀଚ ଭାବନାରେ ଗ୍ରସିତ ହୁଏ।

ମୂଳରୁ ଆର୍ଯ୍ୟର ଜାତିର ନଥିଲା। କାସ୍ପିୟାନ କୂଳରେ ସେଇ ଆର୍ଯ୍ୟଗୋଷ୍ଠୀ ଭିତରେ ସମସ୍ତେ ଥିଲେ କୃଷକ ଓ ପାଉପାଳକ। କିଏ ଚାଲାକ ସ୍ୱାର୍ଥପର ଲୋକର ମନର ଉତ୍ପତ୍ତି ଏଇ ଜାତିଭେଦ। ଏସବୁ ବିଷୟ ଉପସ୍ଥାପନ ଦ୍ୱାରା ନାଟ୍ୟକାରଙ୍କ ଭିତରେ ଧର୍ମ ଉର୍ଦ୍ଧ୍ୱରେ ମଣିଷ ପ୍ରତି ଭଲପାଇବା ବେଶ୍ ସ୍ପଷ୍ଟ। ତା'ସହ ବିଶ୍ୱର ବିଭିନ୍ନ ଗୋଷ୍ଠୀର ଉତ୍ପତ୍ତି ଆଗମନ ଓ ବିକାଶ ସହ ଓଡ଼ିଶାର ଧାର୍ମିକ ସାମାଜିକ ସାଂସ୍କୃତିକ ଓ ପ୍ରଶାସନିକ ଇତିହାସ ଜ୍ଞାନ ତାଙ୍କର ବେଶ୍ ସୁସମୃଦ୍ଧ। ଲୋକଙ୍କୁ ସମାନତାର କଥା କହିବାକୁ ଯାଇ ସେ ଅତୀତ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏସବୁକୁ ସ୍ପଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ଦୃଢ଼କଣ୍ଠରେ ସେ କହୁଛନ୍ତି, "ଆର୍ଯ୍ୟ ମାନଙ୍କର ତ ଜାତି ନଥିଲା। ଉଚ୍ଚନୀଚ ଭାବ ନଥିଲା। ସେମାନେ ପ୍ରଥମେ ତ ସମସ୍ତେ ଥିଲେ ଗୋପାଳକ ଓ କୃଷକ। ସେମାନଙ୍କ ଉତ୍ତରାଧୀକାରୀମାନଙ୍କର ଏ ହୀନଭାବ କାହିଁକି ?"

ପଞ୍ଚଦଶ ଶତାବ୍ଦୀ ଓଡ଼ିଶାରେ ଶୂଦ୍ର ନମସ୍କାର କଲେ ବି ବ୍ରାହ୍ମଣ ନିଜକୁ ଅପବିତ୍ର ମନେ କରୁଥିଲା। ତା' ଦିନକର ସୁକୃତି ନଷ୍ଟ ହେଲା ବୋଲି ବିଚାର କରୁଥିଲା। ସାରଳା ଦାସ ଏଠାରେ ପ୍ରଶ୍ନ ଉଠାନ୍ତି ଯେ ଶୂଦ୍ର ନମସ୍କାର କଲେ ବି କ'ଣ ବ୍ରାହ୍ମଣର ସୁକୃତି ନଷ୍ଟ ହୁଏ ? ସାରଳା ଦାସ ନିଜ କୃତୀରେ ବ୍ରାହ୍ମଣଠୁ ଚଣ୍ଡାଳ ପର୍ଯ୍ୟନ୍ତ ଏକାଠି ବସାଇ

Digitized by srujanika@gmail.com

ଏକାପ୍ରକାର ଭୋଜନ କରାଇଛନ୍ତି। 'ବନ୍ଦିଶାଳାରେ ବିଶ୍ୱପତି' ନାଟକଟିରେ ବିଦେଶୀଟିର ମନ୍ଦିର ପ୍ରବେଶ ମାତ୍ରେ ମନ୍ଦିର ଅପବିତ୍ର ହୋଇଗଲା ବୋଲି ପୂଜକ ଗୋଷ୍ଠୀର ଦୁର୍ଭାବନାକୁ ନାଟ୍ୟକାର ପ୍ରଶ୍ନ କରିଛନ୍ତି। ମଣିଷକୁ ଏତେ ଭାବରେ ଘୃଣା କରିବାକୁ ଜଣେ ସତ୍ ଲେଖକ କ'ଣ କେବେ ବରଖାସ୍ତ କରିପାରେ। ନାଟ୍ୟକାର କହନ୍ତି, "ବିଦେଶୀ ଲୋକ ମନ୍ଦିର ଭିତରେ ପଶିଗଲେ ବୋଲି ମନ୍ଦିରର ଭିତର ବାହାର, ସବୁ ଧୁଆ ହେଲେ। ଯାଠୁ ବଳି ମଣିଷର ବଡ଼ ଅପମାନ ଆଉ କ'ଣ ହୋଇପାରେ ?"

ଷୋଡ଼ଶ ଶତାବ୍ଦୀରେ ସାରଳାଙ୍କ ପରି ପ୍ରଗତିଶୀଳ ଚେତନାର ବିପ୍ଳବୀ ସ୍ରଷ୍ଟା ବଳରାମ ଦାସ ତାଙ୍କ ରଚନାକୃତି ଗୁଡ଼ିକରେ ଏଭଳି ଦୁଃସାହାସିକତାର ପରିଚୟ ଦେଇଛନ୍ତି। ରାଜାଙ୍କ ଦଣ୍ଡ ଓ ବ୍ରାହ୍ମଣମାନଙ୍କ ଉପହାସକୁ ସାମ୍ନା କରି ଅସ୍ପୃଶ୍ୟର ସାମାଜିକ ମର୍ଯ୍ୟାଦା ଓ ନାରୀର ପୁରୁଷ ସହ ସମାନତା ପାଇଁ ସେ ଲେଖନୀ ଚାଳନା କରିଛନ୍ତି।

ସାରଳା ଦାସ ଓ ବଳରାମ ଦାସଙ୍କ ପରି ପ୍ରଚଣ୍ଡ ପ୍ରତିଭାଧାରୀ ଓ ସତ୍‌ସ୍ରଷ୍ଟା ମଧ୍ୟ ବ୍ରାହ୍ମଣମାନଙ୍କ ଦ୍ୱାରା 'ଶୂଦ୍ରମୁନି' ଭାବରେ ଭର୍ତ୍ସିତ ଥିଲେ, ତାହା ସୁରେନ୍ଦ୍ର ମହାନ୍ତି ତାଙ୍କ 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ' ପୁସ୍ତକରେ ଉଲ୍ଲେଖ କରିଛନ୍ତି। ତା' ସହିତ ମଣିଷର ମର୍ଯ୍ୟାଦା ପାଇଁ ସୃଷ୍ଟି ଏଇ ଲେଖା ଓ ତା'ର ଲେଖକ ଦ୍ୱୟଙ୍କୁ ଶ୍ରୀମହାନ୍ତି ଶତମୁହଁରେ ପ୍ରଶଂସା କରିଛନ୍ତି। ସାରଳା ଦାସ ଓ ତାଙ୍କ ମହାଭାରତକୁ ପ୍ରକୃତରେ ବୁଝିବାକୁ ହେଲେ ନାଟ୍ୟକାର ଶ୍ରୀ ହରିଚନ୍ଦନଙ୍କ ପ୍ରବନ୍ଧ 'ଏକ ନୂତନ ବିଚାର ପରିପ୍ରେକ୍ଷରେ ସାରଳା ମହାଭାରତ'। ଏହା ସାରଳା ସାହିତ୍ୟ ସଂସଦ ଦ୍ୱାରା ପ୍ରକାଶିତ ସାରଳା ମହାଭାରତର ଉପୋଦ୍‌ଘାତ ଭାବେ ସନ୍ନିହିତ।

ଭାରତୀୟ ସାହିତ୍ୟରେ ଆଞ୍ଚଳିକ-ଭାଷାରେ ରାମାୟଣ ଲେଖିଥିବା ବିଖ୍ୟାତ କବି ତୁଳସୀ ଦାସ ଯେତେବେଳେ ଶୂଦ୍ର, ପଶୁ, ନାରୀ ଏବଂ ଢୋଲ- ଏସବୁ ତାଡ଼ନ ଯୋଗ୍ୟ ବୋଲି କହନ୍ତି। ତା'ର ସାମାନ୍ୟ ପରବର୍ତ୍ତୀ କାଳରେ ଓଡ଼ିଆ ଭାଷାରେ 'ରାମାୟଣ' ସ୍ରଷ୍ଟା ବଳରାମ ଦାସ ଏସବୁ ଊର୍ଦ୍ଧ୍ୱରେ ମାନବତାବାଦ ପ୍ରତିଷ୍ଠା ପାଇଁ ଲେଖନୀ ଚାଳନା କରିବା କମ୍ ବଡ଼ ନିର୍ଭୀକତାର ଅପେକ୍ଷା ରଖେନାହିଁ।

ଓଡ଼ିଆ ସାହିତ୍ୟରେ ଆଉ ଜଣେ ସନ୍ଥ କବି ଭୀମ ଭୋଇ ପୁରୀ ମନ୍ଦିରର ଧର୍ମ ପୂଜାପଦ୍ଧତି ଓ ପୂଜକ ଗୋଷ୍ଠୀର ସଂକୀର୍ଣ୍ଣତାରୁ ଧର୍ମ ଓ ମନ୍ଦିରକୁ ସାର୍ବଜନୀନ କରିବା ପାଇଁ ସଶସ୍ତ୍ର ଆକ୍ରମଣ କରନ୍ତି। ଆକ୍ରମଣ ବିଫଳ ହୁଏ ସତ; କିନ୍ତୁ ଏଭଳି ପ୍ରୟାସ ଧର୍ମ ଓ ଜନବାଦୀ ଆନ୍ଦୋଳନର ଇତିହାସରେ ସଂପ୍ରଶଂସ ଲିପିବଦ୍ଧ ହୋଇରହେ।

ବର୍ତ୍ତମାନ ସମୟରେ 'ବନ୍ଦିଶାଳାରେ ବିଶ୍ୱପତି'ର ଦାସ ଭୋଇ ପରି ଆଉ ଜଣେ ବିପ୍ଳବୀର ସୃଷ୍ଟି ହୁଏ। ଜଗନ୍ନାଥ ଧର୍ମର ରୂଢ଼ୀବାଦ, ପ୍ରଶାସନିକ ଅପାରଗତା, ପୂଜକଗୋଷ୍ଠୀର

Digitized by srujanika@gmail.com

ଭକ୍ତଙ୍କ ଉପରେ ଅମାନବୀର ବ୍ୟବହାଗ ଏବଂ ଭକ୍ତ ଭଗବାନ ଉପରେ-ବିରାଧ ବ୍ୟବଧାନ ବିରୁଦ୍ଧରେ ଏକ ଦୃଢ଼ ସ୍ୱର ନେଇ ନାଟକଟି ସୁସମୃଦ୍ଧ। ଏଠାରେ ଭୀମ ଭୋଇଙ୍କ ଯେମିତି ଆଉ ଥରେ ଦାସ ଭୋଇ ଭାବରେ ପୁନଆର୍ବିର୍ଭାବ ଘଟେ। ଶହ ଶହ ବର୍ଷ ପରେ ଓଡ଼ିଆ ସାହିତ୍ୟରେ ଉକ୍ତ ନାଟକଟି ଶ୍ରଦ୍ଧାରେ ପ୍ରେମରେ ସମସ୍ତଙ୍କୁ ଆପଣାର କରି ନିଜର ଧର୍ମ ପ୍ରସାର ପାଇଁ ଏକ ପ୍ରୋତ୍ସାହନ। ଧର୍ମୀୟ ସଂସ୍କାର, ନୀତିନିୟମରେ ସଂସ୍କାର ଓ ପ୍ରଶାସନିକ ସୁଧାର ପାଇଁ ଏହା ଏକ ପ୍ରେରଣା। ଜଗନ୍ନାଥ ଧର୍ମ ମାନବ କଲ୍ୟାଣର ମୂଳ ଉଦ୍ଦେଶ୍ୟ ସହ ପୁଣିଥରେ ଯୋଡ଼ି ହୋଇଯିବାକୁ ଏହା ଏକ ଆହ୍ୱାନ। ମଣିଷକୁ ମଣିଷ ଭାବରେ ସମ୍ମାନ ଦେବାକୁ ଏହାଏକ ଆଲୋକମୟ ପଥ ନିର୍ଦ୍ଦେଶ।

ବ୍ରାହ୍ମଣମାନଙ୍କ ଧର୍ମୀୟ ଘୃଣା ଯୋଗୁଁ ଦଳିତ ଶୂଦ୍ର ବହୁ ସଂଖ୍ୟାରେ ଧର୍ମ ପରିବର୍ତ୍ତନ କରିବାର ସମସ୍ୟା ନାଟକରେ ଉପସ୍ଥାପିତ। ଶିକ୍ଷିତ ସ୍ୱାଭିମାନୀ ଦଳିତ ଲୋକ ପଶୁଠୁ ବି ହୀନ ବ୍ୟବହାର ପାଇବା କାରଣରୁ ଅନ୍ୟ ଧର୍ମ ଗ୍ରହଣ କରେ ଏବଂ ଆହୁରି ଅନ୍ୟମାନଙ୍କୁ ମଧ୍ୟ ଧର୍ମାନ୍ତର କରାଏ, ଯାହା ମୂଳଧର୍ମୀୟ ଗୋଷ୍ଠୀ ପାଇଁ ଆଦୌ ଶୁଭ ହୋଇନପାରେ।

ବିଶ୍ୱପତିଙ୍କ ପରମଭକ୍ତ ଦାସ ଭୋଇ। ସିଏ ପୂଜା ଭକ୍ତି ନିବେଦନ ପାଇଁ ମନ୍ଦିର ପ୍ରବେଶ କରନ୍ତି। କିନ୍ତୁ ପୂଜକ ଗୋଷ୍ଠୀର ନିର୍ମମ ମାଡ଼ ଖାଆନ୍ତି। ତା'ପରେ ସେ ପୂଜକ ଗୋଷ୍ଠୀର ବନ୍ଦୀଘେରରୁ ମୁକୁଳାଇବା ପାଇଁ ସଂଗ୍ରାମ କରନ୍ତି। ଈଶ୍ୱର ଜଗତର ଠାକୁର ଏବଂ ସମସ୍ତେ ତାଙ୍କ ପୁତ୍ର। ତାଙ୍କ ଉପରେ ପ୍ରତ୍ୟେକ ମଣିଷର ଅଧିକାର। ତେଣୁ ସେ ବିପୁଳ ଜନସମର୍ଥନ ନେଇ ମୁକ୍ତିସଂଗ୍ରାମ ଆରମ୍ଭ କରନ୍ତି। ଗୋଷ୍ଠୀ ନିୟନ୍ତିତ ଠାକୁରଙ୍କୁ ଜନସାଧାରଣର ଦେବତା ଭାବରେ ପ୍ରତିଷ୍ଠିତ କରିବା ଏ ସଂଗ୍ରାମର ଲକ୍ଷ୍ୟ। ଦାସ ଭୋଇ କହନ୍ତି, "ଭାଇମାନେ ! ଏକା ରକ୍ତ, ଏକା ଆକୃତିରେ ଗଢ଼ା ସବୁ ମଣିଷ ଭଗବାନଙ୍କ ପୁତ୍ର। ଭଗବାନ ସମସ୍ତଙ୍କର। ମନ୍ଦିର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ଯେଉଁମାନେ ବାରଣ କରନ୍ତି, ସେମାନେ ଈଶ୍ୱର ଦ୍ରୋହୀ।"

ଦାସ ଭୋଇଙ୍କ ଡାକରେ ଶାନ୍ତ ଶୃଙ୍ଖଳିତ ଭାବରେ ମନ୍ଦିରକୁ ପ୍ରବେଶ କରିବାକୁ ବାହାରନ୍ତି ଜନତା। କିନ୍ତୁ ପୋଲିସର ପ୍ରତିରୋଧ, ଗୁଳିଚାଳନା ଓ ପୂଜକଗୋଷ୍ଠୀର ବୋମାମାଡ଼ରେ ଅସଂଖ୍ୟ ମଣିଷ ଜୀବନ ହରାନ୍ତି, ଆହତ ହୁଅନ୍ତି। ତେବେ ଏ ମୁକ୍ତିସଂଗ୍ରାମ ଶେଷ ନହୋଇ ଆଗକୁ ବଢ଼େ। ପୂଜକଗୋଷ୍ଠୀ ଆନ୍ଦୋଳନକୁ ଶେଷ କରିବାକୁ ଦାସ ଭୋଇଙ୍କୁ ମାରିବାର ନିଷ୍ପତ୍ତି ନିଏ। ଶେଷରେ ସଫଳ ହୁଏ ମଧ୍ୟ। ତେବେ ତାଙ୍କୁ ସହଯୋଗ କରୁଥିବା ବିପ୍ଳବୀ ଗୋଷ୍ଠୀ ଓ ଲେଖିକା ନୀରା ଦାସ ଏ ସଂଗ୍ରାମକୁ ଆଗକୁ ନେବାକୁ ଦୃଢ଼ ନିଷ୍ପତ୍ତି ନିଅନ୍ତି। ଦାସ ଭୋଇଙ୍କ ଉଦ୍ଦେଶ୍ୟ ସଫଳ କରିବାକୁ ଜନତାଙ୍କୁ ଆହ୍ୱାନ ଦିଆଯାଏ। ନାଟକର ଶେଷ ଆଡ଼କୁ ଏ ଉଦ୍ଦେଶ୍ୟ ସାଧିତ ହୁଏ। ମୁଖ୍ୟମନ୍ତ୍ରୀ ମନ୍ଦିର ଆଇନର ସଂଶୋଧନ ବିଲ୍ ପାସ କରନ୍ତି।

Digitized by srujanika@gmail.com

ତୁଳସୀପତ୍ରିଆ ଗୋଷ୍ଠୀର ବିରୋଧ ନଗଣ୍ୟ ହୋଇପଡ଼େ। ଲୋକେ ତାଙ୍କୁ ଆଉ ବିଶ୍ୱାସ କରନ୍ତି ନାହିଁ। ତଥାପି ସେମାନେ ମନ୍ଦିରରେ ତାଲା ପକାଇ ଦିଅନ୍ତି। ବିଶ୍ୱପତି ସ୍ୱଗତୋକ୍ତି କରନ୍ତି, "ନା, ମୋତେ ବନ୍ଦୀ କରି ରଖିବାରେ ଶକ୍ତି କାହାର ନାହିଁ। ସଂକୀର୍ଣ୍ଣ ମାନସିକତା ପୀଡ଼ିତ ଗୋଟିଏ ପୂଜକଗୋଷ୍ଠୀ ବନ୍ଦୀ କରି ରଖିପାରେ ମୋର ଦାରୁ ବିଗ୍ରହକୁ ମାତ୍ର। କିଏ ବନ୍ଦୀ କରିପାରିବ ମୋର ଅସୀମ ପ୍ରାଣସତ୍ତାକୁ? ଆଉ ଯଦି ଭାବୁଥାଅ ଯେ ମୁଁ ବନ୍ଦୀ, ତା'ହେଲେ ଚିରଦିନ, ଚିରକାଳ ମୁକ୍ତି ନାହିଁ ଏ ଅଧମ ଦେଶର। ଏ ଅଧମ ଜାତିର।"

ବିଶ୍ୱପତିଙ୍କ ସ୍ୱଗତୋକ୍ତି ଯେମିତି ଲେଖକୀୟ ସ୍ୱଗତୋକ୍ତି। ଗୋଟିଏ ସଂସ୍କୃତିସମ୍ପନ୍ନ ଜାତି, ତା'ର ଜାତୀୟ ଦେବତା ଓ ଜଗନ୍ନାଥ ଧର୍ମର ଗୌରବ ବୃଦ୍ଧି ହେଉ, ମଣିଷର ସାକ୍ଷୀ ହୋଇ ଯେଉଁଠି ସ୍ୱୟଂ ଈଶ୍ୱର ଓହ୍ଲାଇ ଆସନ୍ତି, ଭକ୍ତର ଡାକ ଶୁଣି ଯେଉଁଠି ସିଏ ଧାଇଁ ଆସନ୍ତି ବାଲିରଥକୁ, ସେଇ ପୁଣ୍ୟଭୂମି ପୁନର୍ପ୍ରତିଷ୍ଠିତ ହେଉ, ଦେବତା ସର୍ବସାଧାରଣର ହୁଅନ୍ତୁ- ମଣିଷକୁ ମଣିଷ ପରମ ଶ୍ରଦ୍ଧାରେ ଆପଣେଇ ନେଉ- ଏସବୁ ସ୍ୱର ନାଟକଟିକୁ ଅଧିକ ଅର୍ଥପୂର୍ଣ୍ଣ କରିପାରେ।

'ବନ୍ଦିଶାଳାରେ ବିଶ୍ୱପତି' ପୁସ୍ତକଟିର ଦ୍ୱିତୀୟ ନାଟକ 'ଅର୍ଦ୍ଧେକ ପୃଥିବୀ'। ଏ ନାଟକଟିରେ ବର୍ତ୍ତମାନ ସମୟରେ ସ୍କୁଲ ମାନଙ୍କରେ ପ୍ରଚଳିତ ପାଠ୍ୟକ୍ରମ ସହ ପ୍ରତିଯୋଗିତାମୂଳକ ମନୋଭାବ କେମିତି ଗୋଟିଏ ଶିଶୁର ନିରୀହ ଶୈଶବକୁ ହତ୍ୟା କରୁଛି, ତା'ଉପରେ ସମଗ୍ର ଜୀବନ କିଭଳି ବିପରୀତ ପ୍ରଭାବ ପଡ଼ୁଛି, ତାହା ହିଁ ବଡ଼ ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣିତ।

ଜିନି ନାମ୍ନୀ କଅଁଳା କିଶୋରୀକୁ ଭଲ ଲାଗେ ଉପନ୍ୟାସ ପଢ଼ିବା, ଝର୍କା ବାହାରର ଚଳନ୍ତ ଦୃଶ୍ୟକୁ ଦେଖିବା, ଭଲ ଲାଗେ ମୁକ୍ତ ଆକାଶ ଓ ସ୍ୱଚ୍ଛ ଦିବାଲୋକ। ସାହିତ୍ୟ ପଢ଼ି ସେ ଗୋଟିଏ ବିରାଟ ଜଗତକୁ ଦେଖିପାରେ, ମଣିଷକୁ ସମାଜକୁ ବୁଝିପାରେ। ସେ ବୁଝିପାରେ ଯେ ଏତେବେଳେ ପର୍ଯ୍ୟନ୍ତ ସିଏ ଗୋଟେ ଅସଂପୂର୍ଣ୍ଣ ଦୁନିଆ ଦେଖିଛି, ଜାଣିଛି, ବୁଝିଛି। ସେ କହେ, "ପଢ଼ି ପଢ଼ି ବିରକ୍ତ ଲାଗିଲେ ରାସ୍ତାକୁ ଚାହେଁ, ଲୋକଙ୍କ ଯା ଆସ ଦେଖେ। ତା'ଛଡ଼ା ବହୁତ ଭଲ ଲାଗେ ରାସ୍ତା ଆରପଟର କେନାଲ, କେନାଲ କୂଳେ କୂଳେ ଧାଡ଼ି ଧାଡ଼ି ଆମ୍ବ ନଡ଼ିଆ ଗଛ, ତା'ଛଡ଼ା ଖୋଲା ଆକାଶର ଘଡ଼ିକି ଘଡ଼ି ବଦଳି ଯାଉଥିବାର ଦୃଶ୍ୟ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ, ଖୋଲା ପବନ, ଉଜ୍ଜ୍ୱଳ ଆଲୁଅ, ଝର୍ ଝର୍ ବର୍ଷାକୁ ସବୁ ସୁନ୍ଦର। ଭାରି ଭଲ ଲାଗେ ମୋତେ।"

ଖୋଲା ଝର୍କ ପରି ମନଟା ଖୋଲା ରହିଲେ ପାଠକୁ ହୃଦୟଙ୍ଗମ କରିହୁଏ। ସହଜରେ ସବୁ ମନେ ରହିଯାଏ। ବିଦ୍ୟା ପରା ମୁକ୍ତ ଆଲୋକ ପରି, ବତାସ ପରି।

Digitized by srujanika@gmail.com

ଯୋଉ ଘର ଭିତରେ ଆଲୁଅ ନାହିଁ, ପବନ ନାହିଁ, ସେଠି ବିଦ୍ୟା ପଶିପାରିବ କି ? ବନ୍ଦ ଘର ଭିତରେ ସଢୁଥିବା ବନ୍ଦୀ ମନଟା ପାଠକୁ ଗ୍ରହଣ କରିବ କେମିତି ?"

ପ୍ରକୃତରେ କେତେ ସୁନ୍ଦର ମାନସିକତା ନେଇ ଗଢ଼ିଉଠିଛି ଜିନି । କିନ୍ତୁ ପଡ଼ୋଶୀ, ସେ ପୁଣି ପତିର ଅଧୀନସ୍ଥ ସାମାନ୍ୟ କିରାଣୀର ପୁଅ ଯେତେବେଳେ ବୋର୍ଡ଼ ପରୀକ୍ଷାରେ ପ୍ରଥମ ହୋଇଛି, ତା'ର ଚାପରେ, ସେଥିରେ ଈର୍ଷାନ୍ୱିତ ହୋଇ ଆଧୁନିକତା ଏବଂ ଅତ୍ୟଧିକ କ୍ୟାରିଅର ସଚେତନ ମା ସରିତା ଜିନିର ରାସ୍ତା ପାଖ ଝରକାଟା ବନ୍ଦ କରି ରଖିବାକୁ ନିର୍ଦ୍ଦେଶ ଦିଅନ୍ତି । କାରଣ ପଢ଼ାପଢ଼ିରେ ବାଧା ହେବ । ଝରକା ବନ୍ଦ କରିବା ବଡ଼ ପ୍ରତୀକାତ୍ମକ ହୋଇଛି ଏ କ୍ଷେତ୍ରରେ । ସରିତା ଅତ୍ୟଧିକ ବିଚଳିତ ହୋଇ ପଡ଼ନ୍ତି । ଜିନି ପାଇଁ ଶୀଘ୍ର ଶୀଘ୍ର ଟିଉସନ ଖଞ୍ଜି ଦିଆଯାଏ । ସବୁବେଳେ ପଢ଼ାପଢ଼ା ଆଉ ପାଠପଢ଼ା । କେବଳ ଘୋଷି ପକାଇବା କଥା । ଅସହାୟ ଜିନି । ଜୀବନୀ ଶକ୍ତି ତା'ର ହ୍ରାସ ହେବାରେ ଲାଗେ । ଚଳଚଞ୍ଚଳ ମୁହଁଟି ଶୁଖିଲ ପଡ଼େ । ବାପା ଅଭିଜିତ୍ ଝିଅର ଏପରି ଅବସ୍ଥା ହୃଦୟଙ୍ଗମ କରି କହନ୍ତି, "ଚାଲିରେ ଚଞ୍ଚଳତା ନାହିଁ । କଥାରେ ସ୍ଫୂର୍ତ୍ତି ନାଇଁ, ମୁହଁରେ ତେଜ ନାଇଁ, କେଡ଼େ ସୁନ୍ଦର ପ୍ରାଣପ୍ରାଚୁର୍ଯ୍ୟ ଭରା ଝିଅଟି ମୋର, କାଠକଣ୍ଢେଇ ହୋଇଯାଇଛି ।"

ପତ୍ନୀ ସରିତାକୁ ପୁଣି ସେ କହନ୍ତି, "ଜିନି ଯେମିତି ଗୋଟାଏ ନିଷ୍ଠୁର ପାଷାଣପୁରୀରେ ବନ୍ଦୀ ହୋଇରହିଛି । ଆମେ ଦି'ଜଣ ଦୁଇଟା ହୃଦୟହୀନ ପ୍ରହରୀ । ତାକୁ ଦିନରାତି ପହରା ଦେଇ ଚାଲିଚେ । ପ୍ରତିମୁହୂର୍ତ୍ତରେ ସେ ଖସି ପଳେଇବାକୁ ଚାହୁଁଛି, କିନ୍ତୁ ଯାଇପାରୁନି ।"

ବର୍ତ୍ତମାନ ସମୟରେ ସବୁ ପିଲାର ଅବସ୍ଥା ଜିନି ପରି ଏବଂ ସବୁ ମା ବାପା ଯେମତି ଜଣେ ଜଣେ ଅଭିଜିତ ଆଉ ସରିତା । ସରିତା ବର୍ଗବାଦରେ ବିଶ୍ୱାସ କରୁଥିବା ଆଜିର ଜଣେ ପ୍ରତିନିଧି ଚରିତ୍ର । ସିଏ ପୁଣି ଅନ୍ୟର ଉନ୍ନତିରେ, ଖୁସିରେ ଈର୍ଷାପରାୟଣା । ତା' ପୁଣି ନିଜ ବର୍ଗରୁ ନିମ୍ନବର୍ଗର ଯଦି ହୁଏଲ ତା'ହେଲେ ତ କଥା ସରିଲା ।

ଅଭିଜିତ ଜଣେ ଆଦର୍ଶ ପରାୟଣ ଶିକ୍ଷକଙ୍କ ପୁତ୍ର ଭାବରେ ନିଜେ ଗୌରବ ଅନୁଭବ କରନ୍ତି । ନିଜେ ବଡ଼ଲୋକ ହେବା, ପ୍ରମୋଶନ ପାଇବାକୁ ଚିନ୍ତା କରିବା ଅପେକ୍ଷା ଅନ୍ୟର ମଙ୍ଗଳକରି ଖୁସି ପାଆନ୍ତି । ଅଧୀନସ୍ଥ କିରାଣୀ ପୁଅର ସଫଳତାରେ ତାଙ୍କର ହିଁ ଆଶୀର୍ବାଦ ଜଣାପଡ଼େ । ସିଏ ବାପାଙ୍କ ଆଦର୍ଶରେ ଗଢ଼ା ମଣିଷଟିଏ । ଅଧୀନସ୍ଥ ଲୋକଙ୍କୁ ବି ଆପଣାର ବୋଲି ଭାବିପାରନ୍ତି । ଝିଅକୁ ବି ମୁକ୍ତ ଭାବରେ ବଞ୍ଚିବାକୁ ଦେବା ତାଙ୍କର ଇଚ୍ଛା, ହେଲେ ପତ୍ନୀର ଜିଦ୍ ପାଖରେ ଚୁପ୍ ହୋଇ ପଡ଼ିଥିବା ବାପାଟିଏ, ଯିଏ ପତ୍ନୀଙ୍କ ଯୋଗୁଁ ହି ଦୁଇ ତିନିଟା ଟିଉସନର ବ୍ୟବସ୍ଥା କରିବାକୁ ବାଧ୍ୟ ହୁଅନ୍ତି । ନିଜ ଅଫିସରରେ କାର୍ଯ୍ୟରତ କିରାଣୀଙ୍କ ଉପରିଲାଭ ବିଷୟରେ ସେ ଜାଣନ୍ତି । କିନ୍ତୁ ନିଜେ ସେଥିରୁ ଦୂରରେ ରହନ୍ତି । ଟିଉସନ ମାଷ୍ଟରମାନଙ୍କ ପ୍ରାଣବିକଳିଆ ଧନଉପାର୍ଜନ ଦେଖି ଆଦର୍ଶବାନ ବାପାଙ୍କୁ ମନେ ପକାନ୍ତି ।

Digitized by srujanika@gmail.com

ବର୍ତ୍ତମାନ ଲୋକେ ସରକାରୀ ଚାକିରୀ କରନ୍ତି; କିନ୍ତୁ କାମ କରିବା ପାଇଁ ବାହାର ପଇସା ଦରକାର। କିରାଣୀ ଦରମା ପାଏ, କିନ୍ତୁ ଯିଏ ଯେତେଶୀଘ୍ର କାମ ନେବ ତା'ଠୁ ସେତିକି ବେଶି ପଇସା ପାଇଲେ ଯାଇ କାମ କରେ। ଡାକ୍ତର ଉପୁର ପାଇଲେ ଯାଇ ରୋଗୀର ଚିକିତ୍ସା ଭଲରେ ହୁଏ। ଇଞ୍ଜିନିୟର, ଅଫିସର, ମନ୍ତ୍ରୀ ସମସ୍ତଙ୍କ କ୍ଷେତ୍ରରେ ସେଇ ଏକା କଥା। ଟଙ୍କା ପଛରେ ନିଜକୁ ଲଗାଇଦେଇ ମଣିଷ ଜୀବନଟାକୁ ମୂଲ୍ୟହୀନ କରି ଦିନେ ପୁଣି ସବୁ ଛାଡ଼ିଛୁଡ଼ି ଯିବାକୁ ହୁଏ, ବାଧ୍ୟ ବାଧକତାରେ। ବେଳେ ଜୀବଦଶାରେ ମଧ୍ୟ ଭୋଗିବାକୁ ହୁଏ, ଆତ୍ମୀୟ ସ୍ୱଜନର ଅଶ୍ରଦ୍ଧା, ଅସମ୍ମାନ। ଟଙ୍କା ପାଇଁ ମଣିଷ ଆଜି ତା'ର ମଣିଷତ୍ୱ ହରାଇଛି। କେତେ ସୁନ୍ଦର ମଣିଷ ଜୀବନଟିଏ ମିଳେ। ଜଣକ ଭିତରେ ପୃଥିବୀ ଓ ମଣିଷକୁ ଭଲପାଇବାର ଅପାର ଶକ୍ତି ଓ ସମ୍ଭାବନା ଭରପୂର ଥାଏ। କିନ୍ତୁ ସାମାନ୍ୟ ଟଙ୍କା ବିନିମୟରେ ଜୀବନଟାକୁ ତୁଚ୍ଛ କରିଦେଇଥିବା ମଣିଷ ସଂଖ୍ୟା ବେଶ୍ କିଛି ଅଧିକ ବଢ଼ିଛି। ଯାନ୍ତ୍ରିକ ବିଜ୍ଞାନ ଓ ଯୋଗାଯୋଗ ବିଦ୍ୟା ମଣିଷର ସୂକ୍ଷ୍ମତମ ଅନୁଭବ ଶକ୍ତିକୁ କବଳିତ କରିବାରେ ସଫଳ ହୋଇଛି। ଆଉ ପୁଣି ଏଭଳି ସମାଜରେ ଯାନ୍ତ୍ରିକ ଘସର ଜୀବନଟିଏ ପାଇଁ ମା ବାପାମାନେ ନିଜର ଆତ୍ମଜମାନଙ୍କୁ ବାଧ୍ୟ କରନ୍ତି। ସୁନ୍ଦର ଜୀବନଟିଏ ପାଇଁ ପ୍ରେରଣା ଦେଉନାହାଁନ୍ତି, ଜୋର୍‌ଜବରଦସ୍ତ ତାକୁ ବଡ଼ଲୋକ, ଧନୀ ଲୋକ ହେବାକୁ ଲଗେଇଥାନ୍ତି। ହୃଦୟହୀନ କରିବାରେ ଲାଗିପଡ଼ିଥାନ୍ତି।

ବୃଦ୍ଧ ଗୌରଗୋପାଳ ଏସବୁର ବହୁ ଊର୍ଦ୍ଧ୍ୱରେ। ନାଟକଟିର ଅର୍ନ୍ତବାଣୀ ଯେମିତି ଗୌରଗୋପାଳଙ୍କ ମୁହଁର ବାଣୀ, ନାଟ୍ୟକାରଙ୍କ ନିଜର ବକ୍ତବ୍ୟ। ଅଭିଜିତଙ୍କ ବାପା ସିଏ। କିନ୍ତୁ ତାଙ୍କର ବଡ଼ ପରିଚୟ ସିଏ ସମଗ୍ର ଜୀବନ ଜଣେ ସଚ୍ଚା ସାଧୁ ଶିକ୍ଷକଟିଏ। ବିଦ୍ୱାନ ଶିକ୍ଷକ ଭାବରେ ସିଏ ଗଢ଼ିଛନ୍ତି ଅନେକ ଛାତ୍ର; ଯେଉଁମାନେ ବଡ଼ ବଡ଼ ସ୍ଥାନରେ ପଦସ୍ଥାପିତ ହୋଇ ସୁଦ୍ଧା ତାଙ୍କୁ ଝୁରି ହୁଅନ୍ତି। ତାଙ୍କର ଶିକ୍ଷକୀୟ ଭୂଷଣ ହେଉଛି ଛାତ୍ର ବତ୍ସଳତା। ଶିକ୍ଷାକୁ ବିକ୍ରି କରିନାହାନ୍ତି। ଦାନ କରି ଆତ୍ମସନ୍ତୋଷ ଲାଭ କରନ୍ତି। କେଉଁ ସାମାନ୍ୟ ଟଙ୍କା ବିନିମୟରେ କଣ ସେ ପାଇଥାନ୍ତେ। ଏପରି ବିମଳ ଆନନ୍ଦ! ଅବସର ପରେ ବି ସେଥିପାଇଁ ଶିକ୍ଷାଦାନରେ ନିଜେ ସଂପୃକ୍ତ। ନିଜର ନାତୁଣୀକୁ ପଢ଼ାଇବା, ତାକୁ ଜୀବନପ୍ରତି ଭଲପାଇବାକୁ ଶିଖାଇବା, ସଂପୂର୍ଣ୍ଣ ଅନୁଭବର ମୌଳିକ ଜୀବନଟିଏ ଦେବାକୁ ସେ ଅପେକ୍ଷା କରି ବସନ୍ତି। କିନ୍ତୁ ପୁଅବୋହୂଙ୍କ ବ୍ୟବସ୍ଥା ତାଙ୍କ ସ୍ୱପ୍ନକୁ ପୂରା ହେବାକୁ ଦିଏ ନା। ତେଣୁ ତ ଏ ବ୍ୟବସ୍ଥା ଉପରେ ଏବଂ ଏଥିରେ ସାମିଲ ଥିବା ପୁଅ ବୋହୂଙ୍କୁ ସେ କହନ୍ତି, "ଆଜିକାଲି ତ ଆଉ ପିଲାମାନଙ୍କ ଭିତରେ କଂପିଟିସନ୍ ହେଉନି, କଂପିଟିସନ୍ ହେଉଛି ବାପାମାଆମାନଙ୍କ ଭିତରେ। ଅହମିକା ସହିତ ଅହମିକାର ଲଢ଼େଇ। ସେଇ ଭିତରେ ବଳି ପଡ଼ିଯାଉଛି ଗୋଟିଏ ନିରୀହ ଶିଶୁ। ଯେ ଶୈଶବ ଜାଣିଲା ନାହିଁ, କୈଶୋର

Digitized by srujanika@gmail.com

ଜାଣିଲା ନାହିଁ। ସୁନ୍ଦର ପୃଥିବୀଟାକୁ ଟିକିଏ ମନଭରି ଦେଖିଲା ନାହିଁ, ନିର୍ମମ ଯାନ୍ତ୍ରିକତା ଭିତରେ ହଜିଗଲା ତା'ର ସ୍ୱଭାବ ସୁଲଭ ଚପଳତା। ଏଥିପାଇଁ ଦାୟୀ କିଏ ? ତୁମ ପରି ନିଷ୍ଠୁର ବାପାମାଆ ମାନେ ହତ୍ୟାକାରୀ, ତୁମେମାନେ ଆତତାୟୀ। x x x ତୁମେମାନେ ସଂସ୍କୃତିର ହତ୍ୟାକାରୀ ମାନବିକତାର ହତ୍ୟାକାରୀ।"

ସେ ପୁଣି କହନ୍ତି, "ତମର ନିଷ୍ଠୁର ବନ୍ଦିଶାଳାରୁ ତା'ର ମୁକ୍ତି ଅସଂଭବ। ପରୀକ୍ଷା ତ ଗୋଟାକ ପରେ ଗୋଟାଏ ଆସୁଛି। ପରୀକ୍ଷାର କ'ଣ ଶେଷ ଅଛି। ତିନି ବର୍ଷ ବେଳୁ ସେ ଏମିତି ପଢୁଛି। ସମ୍ଭ୍ରାନ୍ତ ସ୍କୁଲରେ ଆଡ୍‌ମିଶନ ନେବା ପାଇଁ କଂପିଟ୍ କରିଚାଲିଛି। ଏଇ କଂପିଟିସନ ଭିତରେ ସେ ଧୀରେ ଧୀରେ ହରାଇ ବସିଛି ତା'ର ହସ ଖୁସି, ଆବେଗ, ଉଚ୍ଛ୍ୱାସ। ଏଇ ବୟସରୁ ତା'ର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ହୋଇଯାଇଛି। କ'ଣ ହେବ ସେ ଭବିଷ୍ୟତରେ, ପ୍ରଶାସକ, ଡାକ୍ତର ନା ଇଞ୍ଜିନିୟର। ଯେଉଁମାନେ ମଣିଷକୁ ନ ଚିହ୍ନି ଖାଲି ବହି ସହିତ ସଂପର୍କ ରଖିଛନ୍ତି, ସେଇମାନେ କର୍ମଜୀବନରେ ଆସୁଛନ୍ତି, ମଣିଷ ସହ ସଂପର୍କ ରଖିବାକୁ। କି ବିଡ଼ମ୍ବନା!"

ଯଥାର୍ଥରେ ଗୌରଗୋପାଳଙ୍କ ଭଳି ଜଣେ ଶିକ୍ଷକ ନିଜ ଅନ୍ତରରେ ବ୍ୟଥା ପାଇବା ସ୍ୱାଭାବିକ। ସିଏ ଚାହାନ୍ତି ଜିନି ତା'ର ପାଠପଢ଼ା ସହିତ ସଂସ୍କୃତି ପରମ୍ପରା ସହିତ ଯୋଡ଼ିହୋଇଯାଉ, ଗାଁ ଲୋକଙ୍କ ସହିତ ମିଶି, ତାଙ୍କର ସୁଖ ଦୁଃଖ, ପର୍ବପର୍ବାଣୀ, ଚାଲିଚଳଣିରେ ସାମିଲ ହେଉ, ନଈ ଦେଖୁ, ସବୁଜ କ୍ଷେତ ଦେଖୁ, ମୁକ୍ତ ଆକାଶ ଦେଖୁ, ପାହାଡ଼ ଚଢୁ, ପକ୍ଷୀର କାକଳି ଶୁଣୁ, ବର୍ଷାରେ ଭିଜୁ, ଫୁଲ ତୋଳୁ, ପ୍ରାଣ ଭରି ଖେଳୁ। ଅନୁଭବପୂର୍ଣ୍ଣ ଜୀବନଟିଏ ବଞ୍ଚିବା ଶିଖୁ। ମଣିଷ ଭଳି ମଣିଷଟିଏ ହେଉ।

ଶିକ୍ଷକ ଗୌରଗୋପାଳ ବର୍ତ୍ତମାନ ସମୟର ଦୌଡ଼ରେ ସାମିଲ ହୋଇ ପଡ଼ିଥିବା ବୋହୂ ଆଖିରେ ପୁରୁଣାକାଳିଆ ହୋଇପାରନ୍ତି। କିନ୍ତୁ ସେ ନିଜେ ନିଜ ଚିନ୍ତାରେ ଚେତନାରେ ସଂପୂର୍ଣ୍ଣ ସ୍ୱତନ୍ତ୍ର। ତାଙ୍କ ଏଇ ଚରିତ୍ର ଦେଇ ନାଟ୍ୟକାର ବର୍ତ୍ତମାନ ସମାଜର ଆଉ ଏକ ବଡ଼ ଚିନ୍ତାଜନକ ବିଷୟ ଉପସ୍ଥାପନ କରନ୍ତି। ଜଣେ ଲୋକ ଗାଁରେ ତା' ପୁଅକୁ ଶିକ୍ଷିତ କରି ମଣିଷ କରେ, ପୁଅ ବଡ଼ ଚାକିରୀ କରି ସହରରେ ବାସ କରେ। ଚାକିରୀର ବାଧ୍ୟବାଧକତା ଦ୍ୱାରା ତା'ଠୁ ଦୂରରେ ରହେ। ବାପକୁ ଭେଟିବାର ଶକ୍ତିହୀନ ଇଚ୍ଛା ମଧ୍ୟ କାର୍ଯ୍ୟ କରେ। ପୁରି ପ୍ରତିଯୋଗିତାମୂଳକ ସମାଜରେ ନିଜ ପରିବାରକୁ, ଝିଅକୁ ଆଗରେ ରଖିବାକୁ ଚେଷ୍ଟା କରେ ବୋହୂଟିଏ। ଗାଁରେ ବୃଦ୍ଧ ଜଣକ ଅନେଇ ରହେ ପୁଅବୋହୂ ନାତୁଣୀ ଆସିବେ, ନାତୁଣୀ ସହ ମିଶିବେ, ତାକୁ ସୁନ୍ଦର ଦୁନିଆ ଦେଖାଇବେ, ଜୀବନ ବିଷୟକ କେତେ କଥା ଶୁଣାଇବେ। ଉଜୁଡ଼ା ସ୍ୱପ୍ନ ନେଇ ବଞ୍ଚନ୍ତି ଏଭଳି ହତଭାଗା ବୁଢ଼ାବାପଟିଏ। ସବୁଥାଇ କିଛି ନଥିବାର ଯନ୍ତ୍ରଣାରେ ଛଟପଟ ହୁଏ ଜୀବନର ସାୟାହ୍ନ।

Digitized by srujanika@gmail.com

ଗୌରଗୋପାଳଙ୍କ ଜୀବନଦର୍ଶନ ବେଶ୍ ମାର୍ମିକ। ଆତ୍ମୀୟମାନଙ୍କୁ ଥରେ ଦେଖିବାର ଆନନ୍ଦକୁ ମୂଳଧନ କରି ସିଏ ବର୍ଷ ବର୍ଷ ଧରି ବଞ୍ଚିପାରିବେ ବୋଲି ହୃଦବୋଧ କରନ୍ତି। ଏ ମର୍ମରେ ବିଖ୍ୟାତ ଦାର୍ଶନିକ କାମ୍ୟୁ ମନେପଡ଼ନ୍ତି। ତାଙ୍କ ଅନୁସାରେ ଜଣେ ତା' ଜୀବନରେ କ୍ଷଣିକମାତ୍ର ସୁଖାନୁଭୂତିକ ମନେପକାଇ ଶହେ ବର୍ଷର ଜେଲ ଜୀବନ ଖୁସିରେ କାଟି ଦେଇପାରିବ। ଜୀବନରେ ଗୋଟିଏ ମୁହୂର୍ତ୍ତର ଆନନ୍ଦାନୁଭବ ପ୍ରକୃତରେ ବଞ୍ଚିବା ପାଇଁ କେତେ ବଳଶାଳୀ ପ୍ରକୃତରେ!

ସମାଜର ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଲାଞ୍ଚ ନେଇ ଏତେ ଦେହସୁହା ହୋଇଯାଇଛନ୍ତି, ଏ କୁକାର୍ଯ୍ୟଟିକୁ କେବେ ବି ତାଙ୍କ ନୈତିକତା ବାଧା ଦେଇନି, ଆହୁରି ଏତକ ନପାଇଲେ କାମ ବି ଠିକ୍‌ରେ କରୁନଥିବା ବିଷୟକୁ ଏ ଚରିତ୍ର ମାଧ୍ୟମରେ ନାଟ୍ୟକାର ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। ଏପରି ଏକ ବ୍ୟାଧିର ଉଦ୍‌ବେଗଜନକ ସ୍ଥିତି ଉପରେ ସଚେତନ କରନ୍ତି।

ନାଟକଟିର ପରିସମାପ୍ତି ଯୁକ୍ତାତ୍ମକ ଭାବରେ ଘଟେ। ଅଭିଜିତ ପରି ପୁଅଟିଏ ଦୃଢ଼ବ୍ୟକ୍ତିତ୍ୱ ପ୍ରଦର୍ଶନ କରନ୍ତି। ଜିନି ଯେମିତି ଏଭଳି ନିରସ ପାଠପଢ଼ାରୁ ମୁକ୍ତି ପାଏ। ବୃଦ୍ଧ ଗୌରଗୋପାଳ ପରି ବାପଟିଏ ତାଙ୍କ ପରିବାରକୁ କିଛିଦିନ ପାଖରେ ପାଇପାରନ୍ତି।

'ବନ୍ଦିଶାଳାରେ ବିଶ୍ୱପତି' ପୁସ୍ତକଟିର ତୃତୀୟ ନାଟକ ହେଉଛି 'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା'। ନାଟ୍ୟକାର ଶ୍ରୀଯୁକ୍ତ ହରିଚନ୍ଦନ ଜଣେ ବନ୍ଦୀ ମାଧ୍ୟମରେ ଦେଶର ଗରିବ ଜନତାର ଦୂରବସ୍ଥା, କୃଷକର ଆତ୍ମହତ୍ୟା ପର୍ଯ୍ୟନ୍ତ ବାରମ୍ବାର ଆସୁଥିବା ଦୁସ୍ଥିତି, କୃଷି ଅଫିସରଙ୍କ ଅପାରଗତା, ପୋଲିସ ପ୍ରଶାସନର କିଂକର୍ତ୍ତବ୍ୟବିମୂଢ଼ତା, ନିଜକୁ ବଞ୍ଚାଇ ରଖିବାର କୌଶଳ, ଦେଶର ଅଖଣ୍ଡତା, ଧାର୍ମିକ ଅସହିଂଷ୍ଣୁତା ଓ ସାଂପ୍ରଦାୟିକ ସନ୍ତୁଷ୍ଟିକରଣ, ନେତାମାନଙ୍କ ଦେଶପ୍ରେମହୀନତା ଓ ଭୋଟ ବ୍ୟାଙ୍କ ରାଜନୀତି, ବିଶେଷ ସଂପ୍ରଦାୟର ଲୋକେ ଏଠାରେ ସୁରକ୍ଷିତ ରହି ସୁଦ୍ଧା ଏଇ ଭୂଖଣ୍ଡକୁ ଶତ୍ରୁରାଷ୍ଟ୍ର ମନେ କରିବା, ଗୋଟିଏ ଅଖଣ୍ଡ ରାଷ୍ଟ୍ର ବିବିଧ ପ୍ରକାର ଆଇନକାନୁନ ଦ୍ୱାରା ନିୟନ୍ତ୍ରିତ ହେବା, ଗୋଟିଏ ରାଷ୍ଟ୍ରରେ ଗୋଟିଏ ନାଗରିକତା, ଗୋଟିଏ ନୀତି ଦ୍ୱାରା ଶାସିତ ନହେବାର ଅପାରଗତା, ନିରୀହମାନଙ୍କୁ ଅକାରଣରେ ପ୍ରଶାସନ ଦ୍ୱାରା କଷ୍ଟ ପହଞ୍ଚାଇବା ପ୍ରଭୃତି ବର୍ତ୍ତମାନ ସମୟରେ ଦେଶର ଯେଉଁ ଉଦ୍‌ବେଗଜନକ ସ୍ଥିତି ବିଷୟରେ ନାଟକଟି ଋଦ୍ଧିମନ୍ତ।

ନାଟକଟିର ନାୟକ ଜଣେ ବିଚରାଧୀନ ବନ୍ଦୀ- ଅର୍ଥନୀତିରେ ଏମ୍.ଏ. ଡିଗ୍ରୀ ଧାରୀ। ତା' ଭିତରେ ଶିକ୍ଷକ, ପ୍ରଶାସନିକ, ଡାକ୍ତର ଇଞ୍ଜିନିୟର ସବୁକିଛି ହୋଇପାରିବାର କ୍ଷମତା ଥିଲା। କିନ୍ତୁ ଯେହେତୁ ସିଏ ଗରୀବ, ତେଣୁ ସାଧାରଣ ପିଅନଟିଏ ସୁଦ୍ଧା ହୋଇପାରେନା। ଚାକିରୀରେ ଉପଯୁକ୍ତ ବାଛିବା ପାଇଁ ବସିଥିବା ବୋର୍ଡ଼ କହେ ତା'ର

Digitized by srujanika@gmail.com

ଯଥେଷ୍ଟ ଭଲ କ୍ୟାରିଅର- ସାମାନ୍ୟ ଚାକିରୀ କାହିଁକି କରିବ ? ନାୟକ କୌଣସି ପ୍ରକାରେ ହେଲେ ନିଜକୁ ବଞ୍ଚାଇବାକୁ ଅନୁନୟ ହୁଏ। ଚାକିରି ସାଧାରଣ ହେଉପଛେ ଜୀବନଟା ତ ବଞ୍ଚାଇପାରିବ। କିନ୍ତୁ ବେଶୀ ଭଲ ଡିଗ୍ରୀ ଧାରଣ ତା'ର ଯେମିତି ଅପରାଧ ! ଚୟନକର୍ତ୍ତା ବିଚାର କରେ ଯେ ଏଭଳି ଉଚ୍ଚଶିକ୍ଷକ ବିଶ୍ୱସ୍ତ ହେବେ ନାହିଁ- ଏଭଳି ସାଧାରଣ ପଦରେ। ତା'ପରି ଆହୁରି ଉଚ୍ଚଶିକ୍ଷିତଙ୍କ ମଧ୍ୟ ଏ ଦୁର୍ଦ୍ଦଶା ହୁଏ। ସାମାନ୍ୟ ପାଠ ପଢ଼ିଥିବା ଲୋକର ଲାଭ ହୁଏ। ତେବେ ନାୟକ ହାରି ନଯାଇ କୃଷି କାର୍ଯ୍ୟ କରିବାକୁ ଆଗେଇ ଆସେ। କପା ଚାଷ କଲେ ଋଣ ମିଳିବ ବୋଲି ସରକାରୀ କୃଷି ଅଫିସରଙ୍କ ପ୍ରରୋଚନା ଋଣ ନିଏ- କପା ଚାଷ କରେ।

ଦୁର୍ଭାଗ୍ୟ ନାୟକର ପିଛା ଛାଡ଼େ ନାହିଁ। କପା ଫଳକୁ ପୋକ ଖାଇଯାଏ। ବିଭିନ୍ନ ପ୍ରକାର ବିଷ ପ୍ରୟୋଗ କରି ଆହୁରି ଖର୍ଚ୍ଚାନ୍ତ ହୁଏ ସିନା, ଲାଭ କିଛି ହୁଏନାହିଁ। କୃଷି ଅଫିସରଙ୍କ କେବଳ କିତାବୀ ଜ୍ଞାନ ଚାଷୀଙ୍କୁ ତଳିତଳାନ୍ତ କରିପକାଏ। ଉତ୍ପାଦନ ସମ୍ବନ୍ଧୀୟ ଭୂମି ସଂଲଗ୍ନ ବୁଦ୍ଧିଜ୍ଞାନ ଥିବାରୁ ଏପରି ଅସୁବିଧା ଭୋଗେ କେବଳ ଚାଷୀ। ଋଣ ଭାରରେ ମରେ ଚାଷୀ। ଯେମିତି ଆନ୍ଧ୍ରର କପାଚାଷୀଙ୍କ ଦୁର୍ଦ୍ଦଶା। ଋଣବୋଝ ସହ ଫସଲ ନଷ୍ଟ। ଶହ ଶହ ସଂଖ୍ୟାରେ ଆତ୍ମହତ୍ୟା କରିବାକୁ ବାଧ୍ୟ। ସରକାରୀ କୃଷି ଅଫିସର ଚାଷୀର କମ୍ ମୂଲ୍ୟର ଉତ୍ପାଦନ କଳନା କରିନପାରି ତା'ଠାରୁ ଢେର ବେଶୀ ସେଇ ଉତ୍ପାଦନ ପ୍ରକ୍ରିୟାରେ ଖର୍ଚ୍ଚାନ୍ତ କରେଇ ଦିଅନ୍ତି। ବେଳେ ବେଳେ ପ୍ରଚୁର ଖର୍ଚ୍ଚ କଲା ପରେ ବି ଫସଲ ସଂପୂର୍ଣ୍ଣ ରୂପେ ନଷ୍ଟ ହୁଏ। ଉତ୍ପାଦନ ଶୂନରେ ପରିଣତ ହୁଏ। ଏପରି ଘଟେ ଆଲୋଚ୍ୟ ନାଟକର ନାୟକ ସହିତ। ତା'ସହ ଋଣ ପରିଶୋଧର ନୋଟିସ୍ ଆସେ। ସେ ଆତ୍ମହତ୍ୟା କରିବାକୁ ବାହାରେ। ଏଠାରେ ସେ ଟେରରିଷ୍ଟ ଖୋଜୁଥିବା ପୋଲିସ ଦଳ ହାବୁଡ଼ରେ ପଡ଼େ।

ନିଜର କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରିବାକୁ ଯାଇ ଏଭଳି ଜଣେ ନିରୀହକୁ ଭୟଙ୍କର ଆତଙ୍କବାଦୀ ଭାବରେ ପୋଲିସ୍ ପେଶ କରେ। କୋର୍ଟ ତାକୁ ଜେଲ ପଠାଏ। ପୋଲିସ କିଭଳି ଭାବରେ ନିରୀହମାନଙ୍କୁ ଧରିପାରେ, ଜେଲ୍‌ରେ ପୂରେଇପାରେ ଆଉ ଅସଲ ଆତଙ୍କବାଦୀ କେମିତି ଖୁବ୍ ସ୍ୱଚ୍ଛନ୍ଦରେ ବାହାରେ ରହିପାରେ – ଏକଥାଟି ନାଟକରେ ବଡ଼ ସ୍ପଷ୍ଟ ରୂପେ ଉପସ୍ଥାପିତ। ପ୍ରକୃତ ଆତଙ୍କବାଦୀ ଧରାପଡ଼ିଲେ ରାଜାର ଦେଶର ବଡ଼ ବଡ଼ ଶକ୍ତିଶାଳୀ ରାଜନେତାଙ୍କ ଫୋନ ଆସେ ପୋଲିସ ପାଖକୁ କି ସିଏ ଆମ ଗୋଷ୍ଠୀର, ଆମ ସମୂହର କିମ୍ବା ଆମ ଭୋଟର। ତେଣୁ ତାକୁ ଯଥାଶୀଘ୍ର ମୁକ୍ତ କରାଯାଉ। ବିଚରା ପୋଲିସ ଛାଡ଼ିବାକୁ ବାଧ୍ୟହୁଏ। ଅନେକ ସୈନ୍ୟଙ୍କ ଜୀବନ ନଷ୍ଟ ହୁଏ, ଅନେକ ପୋଲିସଙ୍କ ପ୍ରାଣହାନି ଘଟେ- କିନ୍ତୁ ଆମ ନେତାଙ୍କର ଏଭଳି ଆଚରଣ ଯୋଗୁଁ ଆତଙ୍କବାଦୀଙ୍କ ମନୋବଳ ପୂର୍ବାପେକ୍ଷା ଆହୁରି ଉଚ୍ଚରେ ରହେ। ନହେଲେ ପଣବନ୍ଦୀ ରଖାଯାଇ ଏମାନଙ୍କୁ

Digitized by srujanika@gmail.com

ମୁକ୍ତ କରାଯାଏ। କେବେ ଯଦି କିମ୍ବା କୋର୍ଟକୁ ଯାଏ ଆଉ କୋର୍ଟ ମୃତ୍ୟୁଦଣ୍ଡ ପ୍ରଦାନ କରନ୍ତି, ତା'ହେଲେ ବି ସେମାନେ ପରେ ରାଜକ୍ଷମା ପାଆନ୍ତି।

ଆମ ଦେଶ ପାଇଁ ଆଜି ଆତଙ୍କବାଦ ଏକ ବଡ଼ ସମସ୍ୟା। ପୁଣି ଦେଶରେ ପ୍ରତ୍ୟେକ ଦିନ ବାଙ୍ଗଲାଦେଶୀ ଶରଣାର୍ଥୀଙ୍କ ସଂଖ୍ୟା ବଢୁଛି। ସେ ତ ଯାହା ହେଉ, ତାଙ୍କ ସହ ସାମିଲ ହୁଅନ୍ତି ତାଲିମପ୍ରାପ୍ତ ଆତଙ୍କବାଦୀ। ଜମ୍ମୁକାଶ୍ମୀର ପ୍ରତ୍ୟେକ ଦିନ ଆତଙ୍କବାଦର ଶିକାରଗ୍ରସ୍ତ ତଥାପି ସରକାରୀ ସୈନ୍ୟ ଅପସାରଣ ଚିନ୍ତା ବଡ଼ ଆଶ୍ଚର୍ଯ୍ୟଜନକ। ବମ୍ବେ, ଦିଲ୍ଲୀ, କଲିକତା ଭଳି ମହାନଗରୀ ତଥା ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ ପରି ରାଜ୍ୟ ଗୁଡ଼ିକ ମଧ୍ୟ ଏହାର ଶିକାର ହେଉଛନ୍ତି। ଆତଙ୍କବାଦୀ ତ ଜଙ୍ଗଲରେ ନାହାନ୍ତି, ସେମାନେ ଅଛନ୍ତି ଆମରି ଲୋକଙ୍କ ଘରେ, ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ। ଏମାନେ ବର୍ତ୍ତମାନ ପୋଲିସ, ସୈନ୍ୟ, ସରକାର ସମସ୍ତଙ୍କ ଉପରେ- ଅଣାୟତ୍ତ। ଦେଶବାସୀ ଏସବୁ ଲମ୍ବାସମୟରୁ ଭୋଗି ଆସୁଥିଲେ ହେଁ ତା'ର ପ୍ରତିକାର ହୋଇ ନପାରିବାର କାରଣ ଆମ ରାଜନେତାମାନଙ୍କ ଦେଶପ୍ରେମହୀନତା ଏବଂ ସରକାର ଗୋଷ୍ଠୀ ସଂପ୍ରଦାୟକୁ ଆଖି ଆଗରେ ରଖି ଆଇନ କାନୁନ ପ୍ରସ୍ତୁତ କରିବା। ଅସାଧୁ ଉପାୟରେ ଧନ ଅର୍ଜନ କରି ଅଧିକରୁ ଅଧିକ ଧନଶାଳୀ ହେବାରେ ଲାଗିଛନ୍ତି କିଛି ଚତୁର ବ୍ୟକ୍ତି ଅଥଚ ସେଇ ଦେଶରେ ଆଉ ଜଣେ ସାଧୁ ଭାବରେ ଉପାର୍ଜନ କରି ଗରିବରୁ ଗରିବ, ତା'ପରେ ଆତ୍ମହତ୍ୟା ପର୍ଯ୍ୟନ୍ତ ଗତି କରେ।

ନାଟକର ନାୟକ ପରି ନିରୀହ, ଅସହାୟ, ଭୋକିଲା ଲୋକଙ୍କୁ ଧରି ତା'ଉପରେ ଆତଙ୍କବାଦୀ ଭାବରେ ଚାର୍ଜସିଟ୍ ପ୍ରସ୍ତୁତ କରାଯାଇପାରେ। ନିଜ ପରିବାରର ଭୋକିଲା ପେଟ ପାଇଁ ସଂଘର୍ଷ କରୁଥିବା ଜଣକୁ ତା' ସ୍ତ୍ରୀ ପିଲା କୁଟୁମ୍ବ ଠାରୁ ଦୂରରେ ଜେଲ ଭିତରେ ପକାଇ ଦିଆଯାଇପାରେ। ଏଥିରେ ପୋଲିସ ଯଦି ନିଜର କାର୍ଯ୍ୟ ଦକ୍ଷତା ପ୍ରମାଣ କରୁଥାଏ, ତା'ହେଲେ ବନ୍ଦୀ ବି ନିଶ୍ଚୟ ଖୁସି ପ୍ରକାଶ କରୁଥାଏ ଯେ ପ୍ରତ୍ୟେକ ଦିନ ତାକୁ ଖାଇବାକୁ ତ ମିଳୁଛି, ଶ୍ୱାସ ରୋଗର ଔଷଧ ଟିକେ ତ ମିଳିପାରୁଛି। ତା' ସ୍ତ୍ରୀ ପିଲା ବି ଏଇଆ କହନ୍ତି ଯେ ଜେଲ ଭିତରେ ବନ୍ଦୀର ସୁଖ ବିଷୟ ଶୁଣି ସେମାନେ ବି ଖୁସି। ଅସହାୟ ନିରୂପାୟ ବନ୍ଦୀ ତାକୁ ଭଲ ପାଉଥିବା ସ୍ତ୍ରୀ ପୁତ୍ର ବାପପ୍ରିୟ କୁନି ଝିଅଟି ପ୍ରତି ସମଗ୍ର ଜୀବନ କିଛି ବି କରି ନ ପାରିବାର ଦୁଃଖକୁ ବୋହିଥାଏ। ପୋଲିସକୁ ଲାଞ୍ଚ ଦେଇ ନପାରେ କି କୋର୍ଟରୁ ନ୍ୟାୟ କିଣି ନପାରେ। ଅଥଚ ଚୋର ଡକାୟତ ଠକ ତସ୍କର ହତ୍ୟାଧର୍ଷଣକାରୀ ଦୁର୍ନୀତିଗ୍ରସ୍ତ ବିଧନ ବଳରେ ବାହାରେ ମୁକ୍ତ ବାହାରେ ବିଚରଣ କରନ୍ତି। ଲାଞ୍ଚନେବା ବିଷୟଟି 'ଅର୍ଦ୍ଧେକ ପୃଥିବୀ' ପରି ଏଇ ନାଟକର ମଧ୍ୟ ଚିନ୍ତାଜନକ ବୋଲି ନାଟ୍ୟକାର ଉପସ୍ଥାପନ କରନ୍ତି। ଆଜି ଏହା ସମସ୍ତଙ୍କ ଅଙ୍ଗେନିଭା ବିଷୟ ହୋଇଯାଇଛି। ଯିଏ ଯେଉଁଠି ଯେତେ ଯେମିତି

Digitized by srujanika@gmail.com

ପାରିଲା ନିଜ ସ୍ୱାର୍ଥ ପାଇଁ ସବୁ କିଛି ଲୁଟିଲା । ମଣିଷଟିଏ ଜୀବନ ବିକଳ ଅବସ୍ଥାରେ ଥିବା ସମୟରେ ଡାକ୍ତରଟିଏ ମଧ୍ୟ ଏ ଉପରେ ବ୍ୟବସାୟ କରେ । ନ୍ୟାୟ ପାଇଁ ମୁଣ୍ଡ ପିଟୁଥିବା ଲୋକ ସହିତ ଆଇନଜୀବୀ ଆଇନର ବ୍ୟବସାୟ କରେ ।

ଆଲୋଚ୍ୟ ନାଟକଟିରେ ବନ୍ଦୀ ଚରିତ୍ର ଦେଇ ନାଟ୍ୟକାର ମଣିଷ ଭିତରର ବଞ୍ଚିବା ପାଇଁ ଥିବା ଅବଶ୍ୟ ଇଚ୍ଛାକୁ ମଧ୍ୟ ଉପସ୍ଥାପନ କରନ୍ତି । ଆତ୍ମହତ୍ୟା ପାଇଁ ଆସିଥିବା ନାୟକ କହେ, "ଗଛରେ ଲେଖା ହୋଇଥିବା ମୋ ନାଁଟା ପଢ଼ିଲି, ଥରକୁ ଥର । ଭାବିଲି ସତରେ ଏଇ ନାଆଁର ମଣିଷଯା ଆଜି ସବୁଦିନ ପାଇଁ ପୃଥିବୀ ବକ୍ଷରୁ ବିଦାୟ ନେଇଯିବ । ଗଛ ଉପରକୁ ଚଢ଼ିଲି । ଗୋଟାଏ ଘଞ୍ଚ ଡାଳରେ କେହି ଦେଖି ନପାରିଲା ଭଳି ବସି ଚାରିଆଡ଼କୁ ଚାହିଁଲି । ଚାରିଦିଗର ପୃଥିବୀକୁ ଯେତିକି ଯେତିକି ଦେଖୁଥାଏ, ସେତିକି ସେତିକି ପୃଥିବୀ ପ୍ରତି ମୋର ମାୟା ବଢ଼ି ବଢ଼ି ଚାଲିଥାଏ । ଏତେ ବିଶ୍ୱାସ, ଉଦାର, ବର୍ଣ୍ଣିଳ ପୃଥିବୀରୁ ଚାଲିଯିବା ପାଇଁ ମନ ଡାକିଲାନି ।"

ଏତେ ଦୁଃଖ ପରେ ବି ଜୀବନ ଓ ଜଗତ ପ୍ରତି ମୋହ ସବୁଠୁ ବଳଶାଳୀ । ନାହିଁ ନାହିଁର ସମାଜ ଓ ବ୍ୟବସ୍ଥା ଉପରେ ବଡ଼ ନିର୍ଭୀକ ଭାବେ ଲେଖନୀ ଚାଳନା କଲା ଭିତରେ ତଥାପି ମଣିଷ କାହିଁକି ବଞ୍ଚେ, ବଞ୍ଚିବାର ପ୍ରେମଣା କେଉଁଠୁ ପାଏ । ଦାର୍ଶନିକ ସ୍ରଷ୍ଟା ଭଳି ନାଟ୍ୟକାର ଶ୍ରୀଯୁକ୍ତ ହରିଚନ୍ଦନଙ୍କୁ ଦେଖିବାକୁ ମିଳେ । ମଣିଷ ପ୍ରତି ଶ୍ରଦ୍ଧାବାନ ଓ ଜାତୀୟ ପ୍ରାଣ ଏ ସ୍ରଷ୍ଟା ଦେଶର ଅଖଣ୍ଡତା, ଜାତିର ଗୌରବ ଓ ସମାଜର ମାନବବାଦୀ ଚିନ୍ତାଧାରା ବିଷୟରେ ନିଜସ୍ୱ ତର୍କସିଦ୍ଧ ଯୁକ୍ତି ଓ ଦିଗ୍‌ଦର୍ଶନ ଦେଇଛନ୍ତି । ଭବିଷ୍ୟ ଦୃଷ୍ଟି ସମ୍ପନ୍ନତା ତାଙ୍କ ଲେଖାର ଅନ୍ୟ ଏକ ପ୍ରାଣ ପ୍ରାଚୁର୍ଯ୍ୟ ।

'ବନ୍ଦିଶାଳାରେ ବିଶ୍ୱପତି'ରେ ସନ୍ନିବିଷ୍ଟ ଚତୁର୍ଥ ନାଟକଟି ହେଉଛି 'ଅରଣ୍ୟର ଅଶ୍ରୁ' । ନାଟକଟିରେ ନାଟ୍ୟକାର ଶ୍ରୀଯୁକ୍ତ ହରିଚନ୍ଦନ ଆଦିବାସୀମାନଙ୍କ ଉପରେ ଚାଲିଥିବା ଶାସକର ଅତ୍ୟାଚାରକୁ ବଡ଼ ମର୍ମସ୍ପର୍ଶୀ ଶବ୍ଦରେ ବର୍ଣ୍ଣନା କରିଛନ୍ତି । ଗୋଟେ ଦୂର ଅତୀତରୁ ଆଜି ପର୍ଯ୍ୟନ୍ତ ଘଟିଚାଲିଛି ଏପରି ଅଭାବିତ ଘଟଣା । ଆଦିବାସୀ ବାରମ୍ବାର ଭିଟାମାଟି ଛାଡ଼ିଯିବାକୁ ବାଧ୍ୟ ହୁଏ । ତା'ର ଜନ୍ମସ୍ଥାନରେ ପିତୃପୁରୁଷ ଯେ କେଉଁ କାଳରୁ ପାହାଡ଼ ପଥର କାଟି ଉର୍ବର ଜମି ଟିକେ କରି, ଅରଣ୍ୟରୁ ଫଳମୂଳ କିମ୍ବା ଶିକାରଟିଏ ଯୋଗାଡ଼ କରି ଜୀବନ ଧାରଣ କରିଆସିଛନ୍ତି । ଧନୀ ହେବା, ବିଳାସ ବ୍ୟସନରେ ରହିବାର ଆକାଂକ୍ଷା ତ ଏମାନଙ୍କ ମନକୁ କେବେ ବି ଛୁଇଁପାରିନି; ଆହୁରି ନିଜର ଅଭାବ ମଧ୍ୟ ତାକୁ ନିରାଶ କରିପାରିନି । ଋତୁଚକ୍ର ଭିତରେ ସମୟାନୁଯାୟୀ ତା'ର ପର୍ବପର୍ବାଣୀରେ ସମସ୍ତେ ମିଳିତ ହୋଇ, ପାଦରେ ପାଦ ମିଳାଇ, ମାଦଳର ତାଳେ ତାଳେ ଜୀବନଗୀତ ଗାଇଛନ୍ତି । ଆନନ୍ଦ ଉଲ୍ଲାସ, ମନାଇଛନ୍ତି । ବଣଜଙ୍ଗଲ ପାହାଡ଼ ପର୍ବତର ମାଟି ହିଁ ତାଙ୍କର ମା' ଆଉ ଜଙ୍ଗଲ

Digitized by srujanika@gmail.com

ଭର୍ତ୍ତି ଗଛବୃକ୍ଷ ଯେମିତି ତାଙ୍କର ଭଗବାନ। ଆପର ଦୁଃଖ ଭିତରେ ବି ବଡ଼ ସଭ୍ୟତାର ଆଲୁ ଦେଖିନଥିବା ପରେ ବି ଏମାନଙ୍କ ପ୍ରାଣଟି ଅଜେୟ। ପ୍ରକୃତି ତ ହିଂସ୍ରଜନ୍ତୁ ସହ ପ୍ରତି ମୁହୂର୍ତ୍ତରେ ଲଢ଼େଇ- ତା' ଜୀବନ ସଂଘର୍ଷର ଗୋଟିଏ ବଡ଼ ଅଂଶ। ତଥାପି ତା'ଭଳି ସରଳ ହସ ଟିକେ ଏଇ ବଡ଼ ସଭ୍ୟତା ଭିତରର କେହି କେବେ ହସିପାରିଛ କି ! କିନ୍ତୁ ଏସବୁ ସୁଖ ବାରମ୍ବାର ଉଜୁଡ଼ିଯାଏ ଗୋଟିଏ ବନମାଳୀ ଶାସକର ଅହଂପ୍ରମତ୍ତ ନିର୍ମମ ଆଦେଶ ଦ୍ୱାରା। ଆଦିବାସୀ ନିଜର ଅମୃତସ୍ମୃତି ସଂଲଗ୍ନ ଭିଟାମାଟିକୁ ବଞ୍ଚାଇବାକୁ ପ୍ରବଳ ପ୍ରତିରୋଧ କରିବାକୁ ବାହାରେ, ନିଜର ବୀରତ୍ୱ ନେଇ ଠିଆ ହୁଏ ସିନା ଗୋଟିଏ ଶକ୍ତିଶାଳୀ ଶାସକର ଦୁର୍ଜୟ ସୈନ୍ୟ ସାମ୍ନାରେ ହାର ମାନିବାକୁ ବାଧ ହୁଏ। ନିଜ ଗୋଷ୍ଠୀରୁ ବୃଦ୍ଧ, ନାରୀ, ଶିଶୁ ସୁଦ୍ଧା ଶାସକର ନିଷ୍ଠୁର ପ୍ରହାରରେ ଭୂଲୁଣ୍ଠିତ ହୁଅନ୍ତି। ନାରୀ ଉପରେ ତ ଆହୁରି ରାକ୍ଷସିକ ଅତ୍ୟାଚାର ବଢ଼ିଯାଏ। ଆଦିବାସୀ ବୋଝେ ବେଦନାର ଭାର ନେଇ ଆହୁରି ଘଞ୍ଚ ଜଙ୍ଗଲ ଭିତରକୁ ପଶେ ପୁଣିଥରେ ପାହାଡ଼ର ଛାତି ଚିରି ଖାଦ୍ୟ ଯୋଗାଡ଼ ଉଦ୍ଦେଶ୍ୟରେ, ବଞ୍ଚିବା ପାଇଁ ସଂଘର୍ଷ କରିବାକୁ।

ମହାଭାରତ ଯୁଗରୁ ଆଦିବାସୀ ପ୍ରତି ବିସ୍ଥାପନ-ଅଭିଶାପ ପ୍ରତିପାଦରେ ଗୋଡ଼େଇ ରହେ। ଶକୁନିର କୁପ୍ରରୋଚନାରେ ଅହଂକାର ଦୁର୍ଯ୍ୟୋଧନ ଏକ ସହସ୍ର ଝିମାଣି ଶାଳ ନିର୍ମାଣ ପାଇଁ ଆଦିବାସୀ ବସତି ଉଚ୍ଛେଦ କରେ। ଦୁର୍ଯ୍ୟୋଧନର ସବୁ କୁବିଚାରକୁ ବଳପ୍ରୟୋଗ କରି ଚରିତାର୍ଥ କରୁଥିବା ଦୁଃଶାସନ ନେତୃତ୍ୱରେ ଦୁର୍ଦ୍ଦାନ୍ତ କୁରୁସୈନ୍ୟ ଆଦିବାସୀଙ୍କ ପ୍ରବଳ ସଂଘର୍ଷ ଉପରେ ଅମାନୁଷିକ ବିଜୟ ପ୍ରାପ୍ତ କରନ୍ତି। ଏକ ବିଭୀଷିକାମୟ ନରସଂହାର କରି ଦୁର୍ଯ୍ୟୋଧନ ଝିମାଣିଶାଳ ନିର୍ମାଣ କରେ। ସେ ମହାତ୍ମା ବିଦୁରଙ୍କ ରାଜଧର୍ମର ଉପଦେଶ କିମ୍ବା ମାନବଧର୍ମୀ ବିଚାରକୁ ଉପେକ୍ଷା କରେ।

ମହାମନ୍ତ୍ରୀ ବିଦୁର ଜାଣନ୍ତି ଯେ ଦୁର୍ଯ୍ୟୋଧନ ଭିତରେ ଧର୍ମ ନ୍ୟାୟ ପ୍ରଜାବତ୍ସଳତା ମାନବତା ଭଳି କୌଣସି ବିଷୟର ସ୍ଥାନ ନାହିଁ। ମହାରାଜ ଧୃତରାଷ୍ଟ୍ର ପୁତ୍ରସ୍ନେହରେ ଅନ୍ଧ। ତଥାପି ବିଦୁର ଜାର ନେତୃତ୍ୱାଧୀନ ଆଦିବାସୀ ସମୂହଙ୍କ ଦୁଃଖକୁ ହୃଦୟଙ୍ଗମ କରନ୍ତି। ଜଣେ ହେଉ ପଛେ ଜଙ୍ଗଲବାସୀ, ସେମାନଙ୍କ ପ୍ରତି ତାଙ୍କ ଅନ୍ତରରେ ମଣିଷ ଭଳି ସମ୍ମାନ ପରିପୂର୍ଣ୍ଣ। ତାଙ୍କ ବିଚାରରେ ସେମାନେ ବି ତାଙ୍କର ପ୍ରଜା ଏବଂ ତାଙ୍କର ସୁଖଦୁଃଖ ଚିନ୍ତା କରିବା ନିଜର କର୍ତ୍ତବ୍ୟ। ସେମାନଙ୍କୁ କହନ୍ତି, "ମଣିଷ ଭାବରେ ତୁମେମାନେ କ'ଣ ମୋ ଠାରୁ ଭିନ୍ନ ଆକୃତିରେ, ବର୍ଣ୍ଣରେ, ରକ୍ତରେ, ଅନୁଭବରେ, ଚିନ୍ତାରେ ? ଭଗବାନଙ୍କ ସନ୍ତାନମାନଙ୍କୁ ଅସମ୍ମାନ କରିବି କିପରି ? ତୁମକୁ ଅସମ୍ମାନ କରିବା ଅର୍ଥ ମୋର ନିଜର ଅସମ୍ମାନ।"

ପୁସ୍ତକଟିର ପ୍ରଥମ ନାଟକ 'ବନ୍ଦିଶାଳାରେ ବିଶ୍ୱପତି'ର ମହାତ୍ମା ଦାସ ଭୋଇଙ୍କ ମଧ୍ୟ ଅସ୍ପୃଶ୍ୟ ଦଳିତ ଅବହେଳିତଙ୍କ ପ୍ରତି ଏଭଳି ବିଚାର ଦେଖିବାକୁ ମିଳେ। ଅସ୍ପୃଶ୍ୟମାନେ

Digitized by srujanika@gmail.com

ବି ମଣିଷ ପରି ମଣିଷ, ଅନ୍ୟମାନଙ୍କ ସହ ସମାନ ଏବଂ ସେମାନେ ସମସ୍ତେ ଈଶ୍ୱର ପୁତ୍ର। ନିଜ ବ୍ୟକ୍ତିତ୍ୱ ତାଙ୍କର ପରିଚୟ ବୋଲି ବିଦୁର ଦାସ ଛୋଇ ଏମାନଙ୍କ ପରି ମଣିଷକୁ ବୁଝାନ୍ତି ଓ ମାନବାତ୍ମାର ସମ୍ମାନ କରନ୍ତି।

ମହାତ୍ମା ବିଦୁର ଓ ଦାସ ଭୋଇଙ୍କ ବିଚାର ହେଉଛି ନାଟ୍ୟକାରଙ୍କ ନିଜସ୍ୱ ବିଚାର। ଅସହାୟ ଅବହେଳିତ, ସାମାଜିକ ଘୃଣାରେ ନିର୍ଯ୍ୟାତିତ, ପ୍ରଶାସନ ବ୍ୟବସ୍ଥାରେ ପଦଦଳିତ ମଣିଷମାନଙ୍କ ପ୍ରତି ତାଙ୍କ ହୃଦୟର ସମ୍ବେଦନା ସୁସ୍ପଷ୍ଟ। ଏସବୁ ମଣିଷ ପ୍ରତି ସେ ଦରଦୀପ୍ରାଣ। ତେଣୁ ତ ତାଙ୍କ ଲେଖନୀରେ ଏମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ନିର୍ଭୀକ ପ୍ରତିବାଦ ଫୁଟିଉଠେ।

ବିଦୁର ଜାଣନ୍ତି ଯେ ଧୃତରାଷ୍ଟ୍ର କେବେହେଲେ ବି ପ୍ରଜାର ଦୁଃଖକଷ୍ଟ ଜାଣନ୍ତି ନାହିଁ କି ଜାଣିବାର ଚେଷ୍ଟା ବି କରନ୍ତି ନାହିଁ। ସର୍ବଦା ଦୁଷ୍ଟପୁତ୍ର ଓ ଦୁଷ୍ଟବୁଦ୍ଧିସମ୍ପନ୍ନ ପରାମର୍ଶଦାତା ମାନି ନିଅନ୍ତି। ପୁଣି ଏଇଆ ବି ଜାଣନ୍ତି ଯେ ଦୁର୍ଯ୍ୟୋଧନ ମଧ୍ୟ ମନ୍ଦ ବୁଦ୍ଧିର ଏବଂ ତାଙ୍କୁ ସେ କେବେ ବି ମାନିନାହିଁ। ତଥାପି ଆଦିବାସୀଙ୍କ ଦୁଃଖ ସହିନପାରି ଦୁର୍ଯ୍ୟୋଧନ ପାଖକୁ ଯାଆନ୍ତି। ତାଙ୍କୁ ପରାମର୍ଶ ଦିଅନ୍ତି – ଆଦିବାସୀ ମଧ୍ୟ ଏ ରାଜ୍ୟର ପ୍ରଜା, ତାଙ୍କର ମଙ୍ଗଳ କାମନା ରାଜାର ଧର୍ମ ଆଉ ପୁଣି ଝିମାଣିଶାଳ ନିର୍ମାଣ ପାଇଁ ତ ରାଜାର ଅନ୍ୟତ୍ର ଟାଙ୍ଗରା ଅନୁର୍ବର ଅଣଜନବସତି ଜମି ଢେର ପଡ଼ିରହିଛି। ଆଦିବାସୀ ବସତି ଛାଡ଼ି ଅନ୍ୟତ୍ର ଅସ୍ତ୍ରଶସ୍ତ୍ର ନିର୍ମାଣଶାଳା ଗଢ଼ିବାକୁ ପରାମର୍ଶ ଦିଅନ୍ତି। ବୁଝାଇବାକୁ ଚେଷ୍ଟା କରନ୍ତି ଯେ ଆଦିବାସୀର ଏହା ଭିଟାମାଟି। କିନ୍ତୁ ଅପମାନିତ ହେବା ଛଡ଼ା ବିଦୁରଙ୍କୁ ଆଉ କିଛି ମିଳି ନପାରେ।

ଦୁର୍ଯ୍ୟୋଧନ ଭଳି ଅହଂକାରୀ ବୁଝିପାରେନା ବିଦୁରଙ୍କୁ, ବୁଝିପାରେ ଜଙ୍ଗଲ ନିବାସୀ ଆଦିବାସୀ ଜାରା। ତେଣୁ ଜାରା କହେ, "ଯେ ଦୁଃଖୀ ମଣିଷର ଦୁଃଖ ବୁଝିପାରେ, ତା' ପାଇଁ ଦି ଟୋପା ଲୁହ ଗଡ଼ାଇପାରେ, ସିଏ କ'ଣ ସାଧାରଣ ମଣିଷ? ମଣିଷର ବହୁ ଉର୍ଦ୍ଧ୍ୱରେ ତା'ର ସ୍ଥାନ। ସେ ଦେବତା, ଦେବତାତ୍ମା।"

ଶତଭ୍ରାତା ସହ ବିଧର୍ମୀ ଦୁର୍ଯ୍ୟୋଧନ ଆଦିବାସୀ ନାରୀର ଇଜ୍ଜତ ଲୁଟିବାକୁ ଚେଷ୍ଟା କରେ। ବଣକୁ ଶିକାର କରିବାକୁ ଯାଇ ଜାରାର ସ୍ତ୍ରୀ ସରିତାର ଇଜ୍ଜତ ଲୁଟିନେବାକୁ ଚେଷ୍ଟା କରନ୍ତେ ଏକା ଜାରା ସେଦିନ ଏ ସମସ୍ତଙ୍କୁ ଧରାଶାୟୀ କରିଦିଏ। ତେବେ ତା' ନେତୃତ୍ୱାଧୀନ ଆଦିବାସୀ ଯୋଦ୍ଧା – ସମୂହ ସ୍ୱାଧୀନ ବିଚାର, ସ୍ୱାଧୀନ ବସବାସକୁ ସୁରକ୍ଷା ଦେବାକୁ ଯାଇ ଯେଉଁ ପ୍ରତିରୋଧର ଲଢ଼େଇ ଲଢ଼ନ୍ତି, ସେଥିରେ ହାର ମାନିବାକୁ ପଡ଼େ। ମାଟି ମା'ର ମାନ ମହତକୁ ରକ୍ଷା କରିପାରନ୍ତି ନାହିଁ। ନିର୍ମମ ରାଜା ନିଜର ନିରୀହ ପ୍ରଜାମାନଙ୍କ ଭୟଙ୍କର କ୍ଷତିସାଧନ କରେ।

ବର୍ତ୍ତମାନ ପଟ୍ଟଭୂମିରେ କଳିଙ୍ଗ ସମ୍ରାଟ ମହାମେଘ ପ୍ରତାପ ବିଜୟେନ୍ଦ୍ର ନାରାୟଣ ଦେବ ଦଣ୍ଡକ ବନର ଆଦିବାସୀଙ୍କୁ ବିସ୍ଥାପିତ କରନ୍ତି। ଉତ୍ତର ଖଣ୍ଡେଶ୍ୱରଙ୍କୁ ଖୁସି କରିବାକୁ

Digitized by srujanika@gmail.com

ଯାଇ ବାହାର ଶରଣାର୍ଥୀଙ୍କୁ ଉର୍ବର ଜମିଥିବା ଏହି ଅଞ୍ଚଳରେ, କୋଠାବାଡ଼ି ନିର୍ମାଣ ସହ ଜଳବିଦ୍ୟୁତ୍ ଯୋଗାଇ ଦେଇ, ସ୍କୁଲ ପାର୍କ ତିଆରି କରି ଥଇଥାନ କରାଯିବାର ଯୋଜନା ପାଇଁ ନିଜ ରାଜ୍ୟର ଆଦିମ ଆଦିବାସୀ ପ୍ରଜାଙ୍କୁ ଭିଟାମାଟି ଛାଡ଼ିବାକୁ ବାଧ୍ୟ କରାଯାଉଛି ।

ସମ୍ରାଟ ଏକଛତ୍ରାଧିପତି, ତାଙ୍କର ବଚନର ମୂଲ୍ୟ ବେଶି, ତାଙ୍କ ଆଦେଶ ଅକାଟ୍ୟ, ତାଙ୍କ ଇଚ୍ଛା ମାତ୍ର ହିଁ ସର୍ବମାନ୍ୟ – ତା ତୁଳନାରେ ତ ଆଦିବାସୀ ଟିକେ ଭିଟାମାଟି ଛାଡ଼ିଦେବ, ଏହାର ଗୁରୁତ୍ୱ ବା କ'ଣ? ଯେଉଁଠି ସିଏ ଖେଳିଚି, ବୁଲିଚି, ନାଚିଛି, ଶିକାର କରିଛି, ତା' ବାପଅଜା ସମୟରୁ ମାଟି ସହ ନିଜ ଆତ୍ମାକୁ ମିଶେଇ ଦେଇଛି – ସେ ମାଟିର ମୂଲ୍ୟ ବା କ'ଣ!

ଜିଲ୍ଲାପତି ମାସକ ସମୟ ସୀମା ଜଣାଇ ଦିଅନ୍ତି ଯେ ଏତକ ସୀମା ଭିତରେ ଆଦିବାସୀ ନିଜ ସୁବିଧା ଦେଖି ଜଙ୍ଗଲ ଭିତରକୁ ଚାଲିଯିବେ । ଆଦିବାସୀ ମାନଙ୍କ ଭିତରେ ଦୁଃଖର ପାହାଡ଼ ଖସି ପଡ଼େ । ସେମାନେ ଶରଣାର୍ଥୀଙ୍କୁ ଜଙ୍ଗଲ ଭିତରେ ଜାଗା ଦେବାକୁ ମତ ଦିଅନ୍ତି । କିନ୍ତୁ ତାହା ବିଫଳ ହୁଏ ।

ଆଦିବାସୀ ଅଞ୍ଚଳରେ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠା ଲାଗି ସେଇ ଅଞ୍ଚଳ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଏ । ଜଣେ ବୃଦ୍ଧ ଆଦିବାସୀ ତା' ଜୀବନରେ ଦେଇଥିବା ବାରମ୍ୱାର ବଡ଼ ଶକ୍ତି ସହ ସଂଘର୍ଷରେ ଆଦିବାସୀ ଜନଜୀବନ କେମିତି ନଷ୍ଟ ହୁଏ, ଝିଅବୋହୂର ଇଜ୍ଜତ ଲୁଟ ହୁଏ, ତାହା ବୁଝାଇବାକୁ ଚେଷ୍ଟା କରେ । ଫୁଲମଣି ଚରିତ୍ରଟି ମଧ୍ୟଦେଇ ନିଜ ବାପ ଗାଁ ଅଞ୍ଚଳର ଆଦିବାସୀ ବିସ୍ଥାପନ ବିରୋଧରେ ପୋଲିସ ଫଉଜର ଆକ୍ରମଣରେ ଆଦିବାସୀର ପ୍ରାଣହାନି ଓ ନାରୀଧର୍ଷଣ ବିଷୟ ସ୍ପଷ୍ଟ ହୋଇଉଠେ । ସିଏ ବି ନିଜ ଭାଇବନ୍ଧୁଙ୍କ ଏ ସମୟର ଦୁଃଖରେ ଦୁଃଖି ହୁଏ ସିନା ଭଗବାନ ଭରସାରେ ରହେ । ବୁଢ଼ାର ଉପଦେଶ ନଶୁଣି, ବୁଢ଼ାକୁ ଲାଞ୍ଚଖୋର ଭାବି ସମ୍ରାଟ ବିରୁଦ୍ଧରେ ଲଢ଼ିବାକୁ ବାହାରି ଆସନ୍ତି ଲଢୁଆ ଆଦିବାସୀ । ହେଲେ ପୂର୍ବପରି ଶେଷ ପରିଣତି ବଡ଼ ଶକ୍ତିର ବିଜୟ ଆଉ ଆଦିବାସୀର ଧନ ଜୀବନ ଯୌବନ ବାସସ୍ଥାନ ଉଚ୍ଛେଦ ହୁଏ । ପୁଣିଥରେ ପରିସମାପ୍ତି ବଡ଼ କରୁଣ ହୁଏ ।

ସମ୍ରାଟ ଶିଳ୍ପ କାରଖାନା ବସାଇ ରାଜ୍ୟ ବାହାରୁ କର୍ମଚାରୀ ନିଯୁକ୍ତ କରନ୍ତି । ନିଜ ଲୋକ ଜମି ହରାଏ, ନିଜ ପରିବେଶ ଦୂଷିତ ହୁଏ, ଅଭିଶାପ ସ୍ୱରୂପ କିଛି ନୂଆ ରୋଗ ବ୍ୟାଧି ବ୍ୟାପୀଯାଏ – ହେଲେ ପେଟ ପୋଷିବାକୁ ବି ଚାକିରିଟିଏ ନିଜ ରାଜ୍ୟର ଲୋକ ପାଇପାରେ ନାହିଁ । ଉଚ୍ଚ ପଦପାଇବା ତ ଦୂରର କଥା ।

ଆଖିବୁଜା ଜଙ୍ଗଲ ନଷ୍ଟ ଦ୍ୱାରା ବର୍ଷା କମିଯିବା, ପରିବେଶ ଉପରେ ବିପରୀତ ପ୍ରଭାବ ପଡ଼ିବା, ନିଜ ରାଜ୍ୟର ଉତ୍ପାଦନକ୍ଷମ ଜମି କମିଯିବା ପ୍ରଭୃତି ଆଗାମୀ ସମୟର ମଣିଷ ପାଇଁ ନିଜ ରାଜ୍ୟ ପାଇଁ ଘୋର ସମସ୍ୟା ସୃଷ୍ଟି କରିବ – ଏସବୁ ବିଷୟରେ ନାଟ୍ୟକାର ଚିନ୍ତା ପ୍ରକଟ କରନ୍ତି ।

Digitized by srujanika@gmail.com

ଇତିହାସର ମର୍ମନ୍ତୁଦ ପରିଣତିର ପୁନରାବୃତ୍ତି ଦେଇ ନାଟକର ପରିସମାପ୍ତି ହୁଏ। ବୃଦ୍ଧ ଆଦିବାସୀର ସେନାପତିତ୍ୱରେ ତୀର ଧନୁ ଧରି ରେ ରେ କାର କରୁଥିବା ଆଦିବାସୀସମୂହ ଗୁଳିର ଆବାଜରେ ଚୁପ୍ ହୋଇଯାଇଛନ୍ତି। ଇତସ୍ତତ ହୋଇପଡ଼ିଛି କେତେ ମୁମୂର୍ଷୁ ଆଦିବାସୀର ଶରୀ ଆଉ କେତେକ ମୃତ। ଜଣେ ଲେଖକ ସେମାନଙ୍କ ଭିତରେ ଠିଆ ହୋଇଛନ୍ତି ବଡ଼ କରୁଣ ଭାବ ନେଇ। ବଡ଼ ବେଦନାଦଗ୍ଧ ପ୍ରାଣରେ କହୁଛନ୍ତି, "ଏଇ ତ ଇତିହାସର ଆବର୍ତ୍ତନ। ସାରା ଭାରତ ବର୍ଷରେ ଅତୀତର ସେଇ ମର୍ମନ୍ତୁଦ ଘଟଣାର ପୁନରାବୃତ୍ତି ଘଟିଚାଲିଛି ଆଜି ପର୍ଯ୍ୟନ୍ତ। କେବେ ଶେଷ ହେବ ସେମାନଙ୍କର ଦୁର୍ଦ୍ଦିନ ?

ଏଇ ଭୂମି ଉପରେ ସେମାନଙ୍କର ଜନ୍ମ। ସେମାନଙ୍କର ପ୍ରଥମ ପଦ ସଂଚରଣ। ସେମାନଙ୍କ ପ୍ରଥମ ସ୍ପର୍ଶରେ ଶିହରିତ ହୋଇଛି ବନଭୂମି। ସେମାନଙ୍କ ପ୍ରଥମ କଲରବରେ ମୁଖରିତ ହୋଇଛି ଅରଣ୍ୟର ଆକାଶ। ଅଥଚ ଏଇ ଭୂମି ଉପରେ ସେମାନଙ୍କ ସ୍ୱାଭାବିକ ଅଧିକାରକୁ କେତେ ସ୍ୱୀକୃତି ଦେଇଚି ଶାସକ। ଶାସକ ହୃଦୟରେ କେବେ ବି ସମ୍ବେଦନା ସୃଷ୍ଟି ହୋଇନି ସେମାନଙ୍କ ପାଇଁ। ଚିରଦିନ ସେମାନେ ହୋଇ ଆସିଛନ୍ତି ପ୍ରବଞ୍ଚନାର ଶିକାର। ବାରମ୍ବାର ବିତାଡ଼ିତ ହୋଇଛନ୍ତି ଗଭୀରତର ଅରଣ୍ୟ ଭିତରକୁ। ପ୍ରତିରୋଧ କରିବାକୁ ଯାଇ ବାରମ୍ବାର ସେମାନେ ହୋଇଛନ୍ତି କ୍ଷତବିକ୍ଷତ, ଅତ୍ୟାଚାରିତ। ସଭ୍ୟତାର ଆଲୋକରୁ ବଂଚିତ ଏଇ ନିରୀହ ଲୋକଙ୍କ ନିର୍ଯ୍ୟାତନାର କାହାଣୀ କେବେ କ'ଣ କାହାରି ହୃଦୟରେ ରେଖାପାତ କରିବ କି ?"

ଏ ପ୍ରଶ୍ନ ନାଟ୍ୟକାରଙ୍କ ଅନ୍ତରର ପ୍ରଶ୍ନ। ପ୍ରକୃତରେ ଏମିତି ମର୍ମନ୍ତୁଦ ଘଟଣାର ଆବର୍ତ୍ତନ କ'ଣ ଅଟକା ଯାଇ ପାରିବ ନାହିଁ ?। କେତେଦିନ ସତରେ ସେମାନଙ୍କୁ ଆକ୍ରମଣ ହିଁ କରାଯାଉଥିବ ? କେତେଦିନ ଆଉ ଶକ୍ତିଶାଳୀ ଶାସକର ନିର୍ଦ୍ଦେଶରେ ସେମାନେ ମୃତ୍ୟୁବରଣ କରୁଥିବେ ? ଆଦିବାସୀ ବୃଦ୍ଧ ତ 'ଅପେକ୍ଷା କଲେ ଆଲୁଅ ଆସିବ' ବୋଲି ଆଶାବାନ ଥିଲା। କେତେ ସତରେ ଅନ୍ଧକାର ଦୂର ହେବ ?

'ବନ୍ଦିଶାଳାରେ ବିଶ୍ୱପତି' ପୁସ୍ତକଟିର ପଞ୍ଚମ ତଥା ଶେଷ ନାଟକଟି ହେଉଛି 'ଅବ୍ୟକ୍ତ ଅନେକ'। ଏଥିରେ ନାୟକ ସୁତନୁ ଜଣେ ପ୍ରାଇଭେଟ୍ କଲେଜର ମ୍ୟାନେଜମେଣ୍ଟ ପୋଷ୍ଟରେ କମ୍ ବେତନଭୋଗୀ ଜଣେ ଭଲ ଅଧ୍ୟାପକ। ଟିଉସନ ତାଙ୍କ ପାଇଁ ଉପାର୍ଜ୍ଜନର ପନ୍ଥା ନୁହେଁ। ଜଣେ ନବୋଦିତ ଭଲ ଲେଖକ ଭାବରେ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ଲେଖା ପ୍ରକାଶିତ ହୁଏ। ବହୁ ଲୋକଙ୍କଠାରୁ ପ୍ରଶଂସା ମିଳେ। ଜଣେ ଲେଖକ ଭାବରେ ନିଜେ ଗୌରବ ଅନୁଭବ କରନ୍ତି। ଅର୍ଥାଭାବ ଥିଲେ ସୁଦ୍ଧା ଲେଖାଲେଖି କରିବାରେ ସେ ଖୁସି ପାଆନ୍ତି। ଅର୍ଥାଭାବର ସୀମା ଏତେ ବ୍ୟାପକ ଯେ

Digitized by srujanika@gmail.com

ଡାକ୍ତରଙ୍କୁ ପଇସା ଦେଇ ପାରିନଥିବା କାରଣରୁ ସିଏ ନିଜ ମା'ଙ୍କୁ ହରାନ୍ତି ଏବଂ ଏ ହୃଦୟବିଦାରକ ଦୁଃଖ ସେ କେବେ ବି ଭୁଲି ପାରନ୍ତିନି । ନିଜ ସ୍ତ୍ରୀ ଯଦିଓ ତାଙ୍କୁ ବୁଝିପାରନ୍ତି ତଥାପି ସ୍ତ୍ରୀ ତରଫରୁ ହିଁ ଗୃହର ଅଭାବକୁ ବେଶି ବେଶି ସେ ଜାଣିପାରନ୍ତି । ଆଗକୁ ଆଶା ବାନ୍ଧି ରହନ୍ତି ଯେ, ଦିନେ ନା ଦିନେ ତାଙ୍କୁ ଲେଖକ ଭାବରେ ପ୍ରତିଷ୍ଠା ମିଳିବ । ପ୍ରକାଶକ ଠାରୁ ରୟାଲ୍‌ଟି ମିଳିବ । ତାଙ୍କ ଘରର ଅଭାବ ଦୂର ହେବ । କିନ୍ତୁ ପ୍ରକାଶକ ନୂଆ ଲେଖକର ଲେଖା ଛାପିବାକୁ ଢ଼େର.ଟଙ୍କା ଦାବି କରନ୍ତି । ରୋକ୍‌ଠୋକ୍ କହି ଦିଅନ୍ତି ନାମୀ ଲେଖକର ନାଁରେ ବହି ବିକ୍ରି ହୁଏ । ତେଣୁ ସେମାନଙ୍କ ବହି ଛାପିବାରେ କ୍ଷତି ନାହିଁ । ନଚେତ୍ ନୂଆ ଲେଖକର ବହି ଛାପି ରିସ୍କ ନେବେ କାହିଁକି ? ଏ ହେଉଛି ସଂପୂର୍ଣ୍ଣ ରୂପେ ବ୍ୟବସାୟ ।

କମ୍ ବେତନର ଚାକିରି । ଘରର ଖର୍ଚ୍ଚ ଠିକ୍ ଭାବରେ ପୂରେଇ ହୁଏନି, ତା' ପରେ ପୁଣି ଗୋଟେ ବଡ଼ ରକମର ଟଙ୍କା ଦାବି ପୁସ୍ତକ ପ୍ରକାଶନରେ ବାଧା ହୁଏ । ଉପନ୍ୟାସର ପାଣ୍ଡୁଲିପି ନେଇ ସୁତନୁ ଫେରିଆସନ୍ତି । ପତ୍ନୀ ସୁର୍‌ଭି ପାଖରୁ ଶୁଣନ୍ତି ଘରର ଖାଇବା ମୁଠାକର ବି ଅଭାବ ବିଷୟ ଏବଂ ଅନ୍ୟମାନଙ୍କ ସୁଖବିଳାସରେ ଜଳି ମରିବା କଥା । ସେ ସିନେମା କଂପାନୀ 'ଶୋଭନ ମୁଭିଜ୍'କୁ ଲେଖାଟି ପଠାନ୍ତି । ତାହା ମନୋନୀତ ହୁଏ । ସୁତନୁ ସୁରଭିକୁ କହନ୍ତି ଆଶାର କିରଣ ଆଗକୁ ଜଣାପଡୁଛି । ସୁତନୁ ପ୍ରତିଷ୍ଠା ପାଇବେ, ତାଙ୍କ ପ୍ରତିଭାକୁ ଲୋକେ ଜାଣିପାରିବେ । ତାଙ୍କ ଦାରିଦ୍ର୍ୟ ଘୁଞ୍ଚିଯିବ । ସୁତନୁ ପ୍ରତିଷ୍ଠା ପ୍ରଯୋଜକ ପାଣ୍ଡୁଲିପି ଉପରେ ଦରଦାମ ଛିଣ୍ଡାଇବାରେ ଲାଗିପଡ଼ନ୍ତି ।

କପିରାଇଟ ଦେଲେ ମାତ୍ର ପଚାଶ ହଜାର । ସ୍କ୍ରିପ୍ଟ ବିକି ଦେଲେ ପୂରା ପାଞ୍ଚଲକ୍ଷ । ବିକି ଦିଅନ୍ତି । ଦସ୍ତଖତ କରନ୍ତି ଲେଖକ ଭାବରେ ନୁହେଁ, ସଂଶୋଧନ ଭାବରେ ଏ ଟଙ୍କା ପ୍ରାପ୍ତି ବୋଲି । ଜଣେ ପ୍ରଯୋଜକ ଏଇ ଟଙ୍କା ବଳରେ ଲେଖକର ଲେଖାଟିଏ କିଣିଦେଇପାରେ । ପତ୍ନୀର ନିଜ ଅଭାବ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ଲେଖକକୁ ବାଧ୍ୟ କରେ । କିଛି ସମୟ ଲେଖକଙ୍କ ମନରେ ଦ୍ୱନ୍ଦ୍ୱ ଦେଖାଦିଏ, ହେଲେ ପ୍ରଯୋଜକଙ୍କ ବିଭିନ୍ନ ପ୍ରକାର ପ୍ରରୋଚନାରେ ସେ ହାରିଯାଆନ୍ତି ।

ନାଟକର ଶେଷରେ ଲେଖକଙ୍କ ଆତ୍ମଗ୍ଲାନି ଆସେ । ସେ ନିଜ ସ୍ୱକୃତିଟିକୁ ବଳି ଦେଇ ନିଜ ସନ୍ତାନଟିକୁ ବିକି ଦେବା ପରି ମନେ କରନ୍ତି । କହନ୍ତି, "ନା ମୁଁ ତ ଦୋଷୀ, ଗୋଟିଏ ମୁହୂର୍ତ୍ତରେ କ'ଣ ସବୁ ଘଟିଗଲା ମୁଁ ଭାବି ପାରିଲିନି, ଗୋଟିଏ ମୁହୂର୍ତ୍ତରେ ବିକ୍ରି କରିଦେଲି ମୋର ବ୍ୟକ୍ତିତ୍ୱକୁ, ମୋର ନୀଳ ସରସ୍ୱତୀଙ୍କୁ । ବିକ୍ରି କରିଦେଲି ମୋର ଜନ୍ମିତ ସନ୍ତାନକୁ । ଫେରିଆସିଲା ବେଳେ ମନେ ହେଲା ଯେମିତି ଅଭାବଗ୍ରସ୍ତ ବାପଟିଏ ଜଣେ ଅଜଣା ଲୋକଙ୍କୁ ବିକ୍ରି କରିଦେଇଚି ବିକଳରେ କାନ୍ଦୁଥିବା ତା'ର ନିରୀହ ଶିଶୁଟିକୁ, ଯିଏ କେବେ ବି ଭାବିନି ସଂସ୍କାର କେଡ଼େ ନିଷ୍ଠୁର ।"

Digitized by srujanika@gmail.com

ନିଜ ସୃଷ୍ଟିକୁ ବିକ୍ରି କରିଦେବାର ଅପମାନ ଓ ମର୍ମବେଦନା ନେଇ ଲେଖକ ସୁତନ ନିଜ ପରାଜୟକୁ ବିଜୟ ବୋଲି ଭାବିବାର ବ୍ୟର୍ଥ ମନୋଭାବ ରଖନ୍ତି। କିନ୍ତୁ ଅନ୍ତରର ବେଦନା ଲୁହ ହୋଇ ଫୁଟି ପଡ଼େ। ସ୍ତ୍ରୀ ସୁରଭି ସ୍ୱାମୀଙ୍କ ଏପରି ଅବସ୍ଥା ଦେଖି ପଇସା ଫେରାଇ ଦେଇ ନିଜ ସୁଖଶାନ୍ତି ଫେରେଇ ଆଣିବାକୁ କହନ୍ତି, ହେଲେ ସୁତନୁ ନିରୂପାୟ। ତାଙ୍କର ଭିତରର ବ୍ୟଥା ଲିଭିବାର ନୁହେଁ। ନିଜକୁ ନିଜେ ଶେ୍ଣ ଧିକ୍କାର କରନ୍ତି। ନିଜ ଲେଖକ ସତ୍ତାର ସମାଧି କାମନା କରନ୍ତି।

ନାଟକଟିରେ ନବୋଦିତ ପ୍ରତିଭାବାନ ଅଥଚ ଅର୍ଥାଭାବ ଭୋଗୁଥିବା ଅଧ୍ୟାପକ ଓ ଲେଖକର ଦୁର୍ଦ୍ଦିନ ବର୍ଣ୍ଣିତ। ତାଙ୍କୁ ପ୍ରକାଶନ କେବଳ ବ୍ୟବସାୟ ଦୃଷ୍ଟିରେ ବିଚାର କରେ। ସିନେମା ପ୍ରଯୋଜନ ଟଙ୍କା ବଦଳରେ ନିଜେ ନାମ ଖ୍ୟାତି ନେବାରେ ସଫଳ ହୁଏ।

ଜଣେ ଉଚ୍ଚଶିକ୍ଷିତ ଭଲ ଅଧ୍ୟାପକଟିଏ ସମାଜରେ ମଜଦୁରର ମାସିକ ଆୟଠୁ କମ୍ ଦରମା ପାଏ। ଅଧ୍ୟାପକମାନଙ୍କ ଦୂରବସ୍ଥା ମଧ୍ୟ ନାଟକଟିରେ ସଫଳ ରୂପ ନିଏ। ଅର୍ଥାଭାବ ଯୋଗୁଁ ନିଜର ଗୌରବକୁ ବିକି ଦେଇ ଆତ୍ମଗ୍ଲାନି ଭୋଗୁଥିବା ଲେଖକୀୟ ଦୁର୍ଦ୍ଦଶା ଭଳି ସମାଜର ଏକ ବାସ୍ତବ ଦିଗକୁ ନାଟ୍ୟକାର ସଫଳ ରୂପେ ଚିତ୍ରଣ କରିପାରିଛନ୍ତି।

ନାଟ୍ୟକାର ସୁଦୂର ଭବିଷ୍ୟତରେ ଏକ ସୁବର୍ଣ୍ଣ ଯୁଗର ସ୍ୱପ୍ନ ଦେଖନ୍ତି ନାହିଁ। ଏମିତି ଏକ ସ୍ୱପ୍ନ ନିଶ୍ଚିତ ଭାବେ ଏକ ଭ୍ରମ ମାତ୍ର। ସାମାଜିକ ବ୍ୟବସ୍ଥାକୁ ବଦଳାଇବାକୁ ସେ ସମସ୍ତଙ୍କ ସଂଲିପ୍ତତା ଚାହାନ୍ତି। ଅପ୍ରୀତିକର ଘଟଣା କିମ୍ବା ଅବ୍ୟବସ୍ଥା ବିରୁଦ୍ଧରେ ନିଜ ନିଜ ଭିତରେ ସାମାନ୍ୟ କିଛି ଚର୍ଚ୍ଚା କରି ପୁଣି ଚୁପ୍ ହୋଇନବସିବାକୁ ସେ ଆହ୍ୱାନ ଦିଅନ୍ତି। ବର୍ତ୍ତମାନର ବିପ୍ଳବରେ ସାମିଲ ହେବାକୁ ତାଙ୍କର ସମର୍ଥନ ଦେଖିବାକୁ ମିଳେ। ବର୍ତ୍ତମାନ ସମୟକୁ ସେ ବଦଳାଇବାକୁ ଚାହାନ୍ତି। ବର୍ତ୍ତମାନରୁ ହିଁ 'ସୁବର୍ଣ୍ଣ ଯୁଗ'କୁ ସେ ଦେଖିବାକୁ ଚାହାନ୍ତି। ମଣିଷଯିଏ ତା'ର ଜାତି ଧର୍ମ ଭୂଖଣ୍ଡ ନାଁରେ ଆଉ ଥରଟିଏ ମାତ୍ର ବି ଘୃଣ୍ୟ ନହେଉ ଏଭଳି ଏକ ମାନବବାଦୀ ଚିନ୍ତା ତାଙ୍କ ପ୍ରତିଟି ନାଟକରେ ପ୍ରତିପାଦିତ।

ଶ୍ରୀଯୁକ୍ତ ହରିଚନ୍ଦନଙ୍କ ନାଟକ ଗୁଡ଼ିକରେ ଇତିହାସ ଚକ୍ରର ବାରମ୍ବାର ଉପସ୍ଥାପନ ଦେଖିବାକୁ ମିଳେ। ଚକ୍ର ସିଦ୍ଧାନ୍ତ ଅନୁସାରେ ଏ ଜଗତର ସବୁକିଛି ନିଜକୁ ବାରମ୍ବାର ପ୍ରଦର୍ଶିତ କରେ। କିନ୍ତୁ ଭାରତୀୟ ଧାର୍ମିକ ପୁରୋଧାମାନଙ୍କ ଯୁଗଚକ୍ର, ଜୀବନଚକ୍ର ସିଦ୍ଧାନ୍ତ ପରି ଇତିହାସ ଚକ୍ର ଅପ୍ରମାଣିତ ନୁହେଁ। ଇତିହାସ ଚକ୍ର ନିଶ୍ଚିତ ପ୍ରାମାଣିକତା ଆବଶ୍ୟକ କରେ। ଦର୍ଶନ ଶାସ୍ତ୍ର, ସମାଜଶାସ୍ତ୍ର, ଅର୍ଥଶାସ୍ତ୍ର, ରାଜନୀତିଶାସ୍ତ୍ର ଏବଂ ଇତିହାସ ଚର୍ଚ୍ଚା ଦେଇ ବିଶ୍ୱର ଅନେକ ପ୍ରାୟ ମଣିଷ ଏହି ଇତିହାସ ଚକ୍ରକୁ ବେଶି ବେଶି ସ୍ଥାୟିତ୍ୱ ପ୍ରଦାନ କରିଛନ୍ତି। ଦାର୍ଶନିକ ହେଗେଲ, ମାର୍ଟିନ ବୁବର, କାମ୍ଟେ, ସ୍ପେନସାର, ଆଡ଼ାମ ସ୍ମିଥ, ମିଲସ୍, ଟୟେନ୍‌ବୀ ପ୍ରମୁଖ ଚିନ୍ତାନାୟକଙ୍କ ଅବଦାନ ଏ କ୍ଷେତ୍ରରେ ସ୍ମରଣୀୟ। ସାମ୍ୟବାଦର ଜନକ କାର୍ଲମାର୍କ୍ସ ସଂଘର୍ଷକୁ ନୂତନ ସମାଜ ସୃଷ୍ଟିର ଆଧାର ମାନନ୍ତି।

Digitized by srujanika@gmail.com

ପ୍ରକୃତରେ ସଂଘର୍ଷ ହିଁ ତ ସବୁ ନୂଆ ସୃଷ୍ଟିର ଜନକ। ଏ ସଂଘର୍ଷ ବିଷୟଟି ଶ୍ରୀଯୁକ୍ତ ହରିଚନ୍ଦନ ନାଟକ ଗୁଡ଼ିକର ବେଶ୍ ଗୁରୁତ୍ୱପୂର୍ଣ୍ଣ ବିଷୟ। ସାମାଜିକ କଳଙ୍କ ଦୂର ହେବା ଜରୁରୀ। ସମାଜ ସୁନ୍ଦର ହେଉ, ମଣିଷଟେ ତା'ର ନ୍ୟାଯ୍ୟ ଅଧିକାର ପାଇପାରୁ ଏବଂ ମଣିଷଟିଏ ଅନ୍ୟ ଜଣକୁ ଆପଣାର କରିପାରୁ- ଏତକ ପ୍ରାଣବାଣୀ ତାଙ୍କ ନାଟକର ବଡ଼ ଗୁଣ। ନାଟ୍ୟକାରଙ୍କ ବୌଦ୍ଧିକ ଉଚ୍ଚତା ଓ ମାନବପ୍ରୀତି ଯୋଗୁଁ ହିଁ ଏପରି ନାଟକର ସୃଷ୍ଟି ସମ୍ଭବପର। ସମାଜ ବାସ୍ତବତା ତାଙ୍କ ନାଟକ ଗୁଡ଼ିକୁ ଜୀବନର ଅଧିକ ନିକଟବର୍ତ୍ତୀ କରାଇପାରେ। ଯେଉଁଠି ମଣିଷ ଅପମାନିତ, ଯେଉଁ ସମାଜରେ ମଣିଷର ଭବିଷ୍ୟତ ଅନ୍ଧକାର; ତା'ରି ବିରୁଦ୍ଧରେ ତେଣୁ ସେ ବାରମ୍ବାର ଲେଖନୀ ଚାଳନା କରିଛନ୍ତି। । ୧୯୮୦ ମସିହାରୁ 'ସତ୍ୟ ସଂଶୟ ସାଲବେଗ' ଠାରୁ ଆଜିକୁ ଦୀର୍ଘ ପଇଁତିରିଶ ବର୍ଷ ପର୍ଯ୍ୟନ୍ତ ସେ ତାଙ୍କ ଲେଖାରେ ଅସହାୟ ମଣିଷର ପକ୍ଷ ନେଇଛନ୍ତି। ଇତିହାସର କଳଙ୍କିତ ଅଧ୍ୟାୟର ଯେମିତି ପୁନରାବୃତ୍ତି ନହେଉ ଏଥିପାଇଁ ସେ ସମସ୍ତଙ୍କୁ ଗୋଟେ ନୂଆ ବିପ୍ଳବରେ ସାମିଲ ହେବାକୁ ଆହ୍ୱାନ ଦିଅନ୍ତି। ବିପ୍ଳବ ସର୍ବଦା ରକ୍ତାକ୍ତ ହୋଇନପାରେ; କିନ୍ତୁ ବିପ୍ଳବ ହିଁ ସମାଜର ପୁରୁଣା କଳୁଷତାକୁ ଦୂର କରିପାରେ। ନୂଆ ରୂପରେ ସମାଜଟିଏ ପଦାର୍ପଣ କରେ; ଯେଉଁଠି ମଣିଷ ପୂର୍ବାପେକ୍ଷା ଅଧିକ ସମ୍ମାନ ପାଇପାରେ।

'ବନ୍ଦିଶାଳାରେ ବିଶ୍ୱପତି' ନାଟକ ପୁସ୍ତକଟି ଶ୍ରୀଯୁକ୍ତ ହରିଚନ୍ଦନଙ୍କ ପୂର୍ବରଚିତ ବହୁ ନାଟ୍ୟକୃତିର ସର୍ବଶ୍ରେଷ୍ଠ ସାର ନିଷ୍କର୍ଷ। 'ବନ୍ଦିଶାଳାରେ ବିଶ୍ୱପତି' ନାଟକରେ ଧର୍ମୀୟ ଘୃଣା ଓ ଭାକ୍ତିକ ଶ୍ରଦ୍ଧା ଯେଭଳି ଭାବରେ ଦେଖାଦିଏ- ତାହା ତାଙ୍କ 'ସତ୍ୟ ସଂଶୟ ସାଲବେଗ'କୁ ପୁଣିଥିରେ ମନେ ପକାଇଦିଏ। ପୁରୀ ମନ୍ଦିର, ମନ୍ଦିରର ଦେବତା ଓ ପୂଜକଗୋଷ୍ଠୀ ଦ୍ୱାରା ଧାର୍ମିକ ଷଡ଼ଯନ୍ତ୍ର ଚାଲିବା କଥା ସୂଚିତ। ଏହି ବିଷୟକୁ ନେଇ ରଚିତ 'ବତାସ ନିସ୍ତବ୍ଧ ଆଜି' ନାଟକ ରଚିତ। କିଭଳି ଭାବରେ ଯୋଗ୍ୟ ଜ୍ୟେଷ୍ଠପୁତ୍ର ହମୀର ଦେବ ପ୍ରତାରିତ, ତାହା ଏ ନାଟକର ବିଷୟ ପିଣ୍ଡ।

'ଅରଣ୍ୟର ଅଶ୍ରୁ' ନାଟକରେ ରାଜାଙ୍କୁ ବିରୋଧ କରିବା ଦ୍ୱାରା ଆଦିବାସୀମାନଙ୍କ ବାରମ୍ବାର ଦୁର୍ଦ୍ଦଶା ହୁଏ। ଶକ୍ତିଶାଳୀ ରାଜାରାମ କିମ୍ବା ଉଚ୍ଚପଦସ୍ଥ ଅଫିସର ବିରୁଦ୍ଧରେ ସାଧାରଣ ଲୋକ କେମିତି ନିରୁତ୍ତର ରହିବାକୁ ବାଧ୍ୟ ହୁଏ ତାହା 'ପୁଣ୍ୟଭୂମି ଭାରତ' ଓ 'ମଇଁଷିର ପାଶ ନଯାଅ ଦନାଇ' ନାଟକରେ ବର୍ଣ୍ଣିତ। ନ୍ୟାୟ ପାଇଁ ଲଢୁଥିବା ସାଧାରଣ କିରାଣୀ କେମିତି ବାରମ୍ବାର ବିଫଳ ହୁଏ 'କଲୁରିବେଣ୍ଟ' ନାଟକ ତାହା ସୂଚେଇ ଦିଏ। ରାଜା କିମ୍ବା ନିଜଠୁ ଶକ୍ତିଶାଳୀ ଲୋକ ଯାହା କଲେବି ଚୁପ୍ ରହିବା- ନଚେତ୍ ତାଙ୍କ ବିରୁଦ୍ଧରେ ଗଲେ ଦୁର୍ଦ୍ଦଶା ଭୋଗିବା ସାର ହେବ। 'ଅରଣ୍ୟର ଅଶ୍ରୁ'ରେ ଦିନେ ଜଳ ଜଙ୍ଗଲ ଜମିର ଅଭାବରେ ମଣିଷର ଭବିଷ୍ୟତ କେମିତି ଅନ୍ଧକାରମୟ ହୋଇପଡ଼ିବ ତାହା

Digitized by srujanika@gmail.com

ମଧ୍ୟ ଉତ୍‌ଥାପିତ । ଏ ବିଷୟରେ ନାଟ୍ୟକାର ଏହା ପୂର୍ବରୁ 'ମୁକ୍ତି ଉପରେ ଛାତ' ନାଟକ ରଚନା କରିଛନ୍ତି ।

'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା'ରେ ଯେଭଳି ଭାବରେ ସମାଜ, ଶାସନ ବ୍ୟବସ୍ଥା, ଅର୍ଥନୀତି, ରାଜନୀତିର କଳଙ୍କିତ ରୂପ ଦେଖିବାକୁ ମିଳେ। 'ଭୀମଭୋଇଙ୍କ ସନ୍ଧାନରେ' ନାଟକଟିରେ ସେଭଳି ସାମାଜିକ ରାଜନୈତିକ, ଅର୍ଥନୀତିକ ଦୁଃସ୍ଥିତି ଉପସ୍ଥାପିତ। ନାୟକ ବନ୍ଦୀଟି ଚାଷକରି ଯେଭଳି ଭାବରେ ବିଫଳ ହୁଏ ଓ ତା'ର ଅବସ୍ଥା ଆତ୍ମହତ୍ୟା ପ୍ରୟାସ ପର୍ଯ୍ୟନ୍ତ ଗଡ଼ିଆସେ, ସେଭଳି ଚାଷୀର ଚରମ ସମସ୍ୟା 'ରାସ୍ତା ନାହିଁ' ନାଟକରେ ରୂପାୟିତ। 'ଜଣେ ବନ୍ଦୀର ଆତ୍ମକଥା'ରେ ରାଜନେତାମାନଙ୍କ ସ୍ୱାର୍ଥପରତା ଓ ଦେଶପ୍ରେମ ହୀନତା ଯୋଗୁଁ ଦେଶରେ ଅରାଜକତା ସୃଷ୍ଟି ବିଷୟ ଓ ଗାରିମା ନଷ୍ଟ କଥା କୁହାଯାଇଛି। ସେଭଳି ନୀତିନିଷ୍ଠ ରାଜନେତାଙ୍କ ପରାଜୟର କାହାଣୀ ନେଇ ରଚିତ 'ଜଟାୟୁର ଛିନ୍ନଡେଣା'। ପ୍ରକୃତରେ ଗୋଟିଏ ଗୌରବାବହ ରାଷ୍ଟ୍ର ନିର୍ମାଣ ପାଇଁ ଦେଶପ୍ରେମୀ ନୀତିବାନ ରାଜନେତା ଆବଶ୍ୟକ। ଏହାହିଁ ନାଟ୍ୟକାରଙ୍କ ଅନ୍ତରବାଣୀ। 'ଅର୍ଦ୍ଧେକ ପୃଥିବୀ' ଓ 'ଜଣେ ବିଚରାଧୀନ ବନ୍ଦୀର ଆତ୍ମକଥା'ରେ ଉଲ୍ଲିଖିତ ସରକାରୀ କର୍ମଚାରୀଙ୍କ ଅତୃପ୍ତ ଅର୍ଥପିପାସା ଓ ନିଜ ପରମ୍ପରା ସଂସ୍କୃତି ମୂଲ୍ୟବୋଧରୁ ବିଚ୍ଛିନ୍ନ ହୋଇପଡୁଥିବା ମଣିଷର ସମସ୍ୟା। 'ଅରଣ୍ୟର ଅଶ୍ରୁ'ରେ ଜଙ୍ଗଲର ଧ୍ୱଂସସାଧନ ବିଷୟ ଉଲ୍ଲିଖିତ। ଏସବୁ ବିଷୟ ଏହାର ପୂର୍ବରଚିତ ନାଟକ 'ରତ୍ନାକରର ରାସ୍ତା'ରେ ଦେଖିବାକୁ ମିଳେ।

କୁହାଯାଏ ଜଣେ ଲେଖକ ତା' ସମଗ୍ର ଜୀବନ ଗୋଟିଏ କଥା ମାତ୍ର କହେ। ଏ ପରିପ୍ରେକ୍ଷୀରେ ନାଟ୍ୟକାରଙ୍କ ନାଟକ ଗୁଡ଼ିକରେ ଅନ୍ୟାୟ ଅନୀତିର ପ୍ରତିବାଦ କରିବା, ସଂକୀର୍ଣ୍ଣତାରୁ ମୁକ୍ତ ଦେବା ଓ ଉଦାରତା ଆଡ଼କୁ ନେଇଯିବା, ବ୍ୟକ୍ତିତ୍ୱକୁ ସମ୍ମାନ ଦେବା, ଅସହାୟର ପକ୍ଷ ନେଇ ଠିଆ ହେବା, ମଣିଷକୁ ଭଲ ପାଇବା ପ୍ରଭୃତି ଦେଖିବାକୁ ମିଳେ। କାମ୍ୟୁଙ୍କ ପରି ଦାର୍ଶନିକ କେବଳ ମାତ୍ର ଗୋଟିଏ କାମ ଜାଣନ୍ତି ଯେ ସେ ମଣିଷକୁ ଭଲ ପାଆନ୍ତି।

ନାଟ୍ୟକାର ଶ୍ରୀଯୁକ୍ତ ହରିଚନ୍ଦନ ସାରଳା ମହାଭାରତ ସହ ଆତ୍ମସଂଲଗ୍ନ। ତାଙ୍କର 'ମଧ୍ୟପାତ୍ର', 'ସ୍ୱର୍ଗାରୋହଣ', 'ନିରାପଦ ଭବିଷ୍ୟତ', (ବିକ୍ରିତ ପୌରୁଷ), 'ଅନୁଶାସନ', 'ସ୍ୱର୍ଗଲୋକେ ଯୁଧିଷ୍ଠିର', 'ନିରୁତ୍ତାପ ବିଷ୍ଣୁକଳା', 'ଅରଣ୍ୟର ଅଶ୍ରୁ' ଓ 'ସକଳ ତୀର୍ଥ ତୋ ଚରଣେ' ପ୍ରଭୃତି ନାଟକ ସାରଳା ମହାଭାରତର ପୃଷ୍ଠଭୂମିରେ ରଚିତ। ଏ ବିଷୟ ପିଣ୍ଡ ପୁଣି ବର୍ତ୍ତମାନ ଜୀବନରେ କିଭଳି ପ୍ରଦର୍ଶିତ ତାହା ଏଠାରେ ବର୍ଣ୍ଣିତ। ସାରଳା ମହାଭାରତରେ ପଟ୍ଟଭୂମିକୁ ଆଧୁନିକ ଜୀବନବୋଧ ସହ ଯୋଡ଼ିପାରିବାର ସୃଜନାତ୍ମକ ଦକ୍ଷତା ଯୋଗୁଁ ଶ୍ରୀଯୁକ୍ତ ହରିଚନ୍ଦନ ଓଡ଼ିଆ ନାଟ୍ୟସାହିତ୍ୟ ଜଗତରେ ସଂପୂର୍ଣ୍ଣ ସ୍ୱତନ୍ତ୍ର।

Digitized by srujanika@gmail.com

ସଂସ୍କୃତ ସାହିତ୍ୟରୁ ଆରମ୍ଭ କରି ବିଶ୍ୱ ସାହିତ୍ୟ, ଭାରତୀୟ ସାହିତ୍ୟ, ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ବହୁ ବରେଣ୍ୟ ସ୍ରଷ୍ଟାଙ୍କ ମହାନ୍ କୃତି ଅଧ୍ୟୟନ କରିବା ନାଟ୍ୟକାରଙ୍କ ଗୋଟିଏ ବଡ଼ ଗୁଣ। ଶ୍ରୀଯୁକ୍ତ ହରିଚନ୍ଦନଙ୍କ ଦ୍ୱାରା ଏଭଳି ଉଚ୍ଚମାନର ନାଟକ ରଚନା ସମ୍ଭବର କାରଣ ହେଉଛି ଏଇ ଅଧ୍ୟୟନ ପିପାସା। ଆର୍ନ୍ତଜାତିକ ଖ୍ୟାତିସମ୍ପନ୍ନ ଲେଖିକା ଅରୁନ୍ଧତୀ ରାୟଙ୍କ ଅନୁସାରେ ପଢ଼ିବା ହେଉଛି ନିଜ ଭିତରେ ନୂଆ ବିପ୍ଳବକୁ ଜନ୍ମ ଦେବା।

ସବୁରି ଊର୍ଦ୍ଧ୍ୱରେ ମଣିଷକୁ ଭଲପାଇବା, ଅସହାୟ ଦଳିତ, ନିଷ୍ପେସିତ ମଣିଷ ପ୍ରତି ସମ୍ବେଦନଶୀଳ ହେବା ଗୁଣ ଯୋଗୁଁ ଶ୍ରୀଯୁକ୍ତ ହରିଚନ୍ଦନଙ୍କ ନାଟକ ପ୍ରକୃତରେ ଏତେ ମାର୍ମିକ ମନେହୁଏ ଓ ତାଙ୍କ ରଚନା କୃତିରେ ବିପ୍ଳବର ବାଣୀ ଏତେ ତୀବ୍ର ରୂପ ନିଏ। ସନ୍ଥକବିଙ୍କ ବିପ୍ଳବୀ ଗୁଣ, ଭବିଷ୍ୟ ଦୃଷ୍ଟି ସହ ହେତୁବାଦୀ ଚିନ୍ତାନାୟକଙ୍କ ଇତିହାସ ବିଶ୍ଳେଷଣ ଓ ବିଶ୍ୱଦୃଷ୍ଟିର ସୁସମନ୍ୱୟରେ ତାଙ୍କ ନାଟ୍ୟପ୍ରତିଭା ମହିମାମଣ୍ଡିତ। ଇତିହାସକୁ ବର୍ତ୍ତମାନ ଜୀବନ ସହ ଯୋଡ଼ି ଦେଖିବା ତାଙ୍କର ଗୋଟେ ବଡ଼ ଗୁଣ।

ମଣିଷ ଜନ୍ମନେଇ ଅମାନବୀୟ ଭାବରେ ଅପମାନିତ ହେବା କିମ୍ବା ସମାଜ ସଭ୍ୟତା ଦ୍ରୁତ ବେଗରେ ଧ୍ୱଂସ ଆଡ଼କୁ ଗତି କରିବା ବିଷୟ ଜଣେ ସତ ଲେଖକ ଭାବରେ ଏଇ ନାଟ୍ୟକାରଙ୍କୁ ବାରମ୍ବାର ବ୍ୟଥିତ କରିବା ସ୍ୱାଭାବିକ କଥା। ଶ୍ରଦ୍ଧାବାନ ମଣିଷ ଓ ସୁନ୍ଦର ସମାଜର ସ୍ୱପ୍ନ ଦେଖିବା କାରଣରୁ ହିଁ ତାଙ୍କ ଦ୍ୱାରା 'ବନ୍ଦିଶାଳାରେ ବିଶ୍ୱପତି' ପରି ପୁସ୍ତକ ସମ୍ଭବ ହୁଏ। ଅନେକ କଳୁଷିତ ବାଡ଼ବତା ଊର୍ଦ୍ଧ୍ୱରେ ମଣିଷକୁ ଭଲ ପାଇବାକୁ ଉକ୍ତ ପୁସ୍ତକଟି ଏକ ଅମୂଲ୍ୟ ପ୍ରେରଣା। ଏହା ଅନୁପମ ମଣିଷ ଜୀବନକୁ ମୁକ୍ତ ଭାବରେ ବଞ୍ଚିବାର ପଥ ନିର୍ଦ୍ଦେଶ କରେ, ଜୀବନ ଓ ଜଗତ ପ୍ରତି ମଣିଷର ଶୁଭ ଦୃଷ୍ଟିକୁ ସତତ ଜାଗ୍ରତ କରେ।

ପ୍ରାନ୍ତଟୀକା :

୧. ହରିଚନ୍ଦନ, ନୀଳାଦ୍ରିଭୂଷଣ, 'ବନ୍ଦିଶାଳାରେ ବିଶ୍ୱପତି', କଟକ ଷ୍ଟୁଡେଣ୍ଟ ଷ୍ଟୋର; କଟକ, ୨୦୧୨

୨. ତତ୍ରୈବ, ପୃ- ୧୨

୩. ତତ୍ରୈବ, ପୃ- ୧୨-୧୩

୪. ତତ୍ରୈବ, ପୃ- ୮

୫. ତତ୍ରୈବ, ପୃ- ୧୮

୬. ତତ୍ରୈବ, ପୃ- ୧୯

୭. ତତ୍ରୈବ, ପୃ- ୧୪

୮. ତତ୍ରୈବ, ପୃ- ୫୧

Digitized by srujanika@gmail.com

୯. ତତ୍ରୈବ, ପୃ- ୬୫-୬୬
୧୦. ତତ୍ରୈବ, ପୃ- ୭୧-୭୨
୧୧. ତତ୍ରୈବ, ପୃ- ୭୨
୧୨. ତତ୍ରୈବ, ପୃ- ୭୮
୧୩. ତତ୍ରୈବ, ପୃ- ୯୦
୧୪. ତତ୍ରୈବ, ପୃ- ୯୮
୧୫. ତତ୍ରୈବ, ପୃ- ୧୦୫
୧୬. ତତ୍ରୈବ, ପୃ- ୧୩୨
୧୭. ତତ୍ରୈବ, ପୃ- ୧୪୭

ସହାୟକ ଗ୍ରନ୍ଥସୂଚୀ :

ମୂଳଗ୍ରନ୍ଥ :

୧. ହରିଚନ୍ଦନ, ନୀଳାଦ୍ରିଭୂଷଣ, 'ବନ୍ଦିଶାଳାରେ ବିଶ୍ୱପତି', କଟକ ଷ୍ଟୁଡେ଼ଣ୍ଟ ଷ୍ଟୋର, କଟକ, ୨୦୧୨

ସହାୟକ ଗ୍ରନ୍ଥ :

ଓଡ଼ିଆ :

୧. ଦାସ, ସାରଳା, 'ସାରଳା ମହାଭାରତ', ସାରଳା ସାହିତ୍ୟ ସଂସଦ, କଟକ, ୨୦୦୭

୨. ମହାନ୍ତି, ସୁରେନ୍ଦ୍ର, 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ', କଟକ ଷ୍ଟୁଡେ଼ଣ୍ଟ ଷ୍ଟୋର, କଟକ, ୭ମ ସଂସ୍କରଣ, ୨୦୦୪ ।

୩. ମୁଦାଲି, ସମର (ସଂ), 'ମୁଁ ଓ ମୋ ନାଟ୍ୟ ଜୀବନ', ସୁଖ ଦୁଃଖ ପବ୍ଲିକେଶନ; ସମ୍ବଲପୁର, ୨୦୧୩

୪. ମୁଦାଲି, ସମର (ସଂ), 'ମୁଁ ଓ ମୋ ନାଟକ', ବିଜୟିନୀ ପବ୍ଲିକେଶନ; କଟକ, ୨୦୧୪

ହିନ୍ଦୀ :

୧. ଲୋହିୟା, ରାମ ମନୋହର, 'ଇତିହାସ-ଚକ୍ର', (ସଂ) ଓଁକାର ଶରଦ, ଲୋକ ଭାରତୀ ପ୍ରକାଶନ; ଇଲାହାବାଦ, ୫ମ ସଂସ୍କରଣ, ୨୦୦୭ ।

୨. ପଟ୍ଟନାୟକ, କିଶନ, 'ବିକଳ୍ପହୀନ ନହିଁ ହେ ଦୁନିଆ', ରାଜକମଲ ପ୍ରକାଶନ; ନୟାଦିଲ୍ଲୀ, ୧ମ ମୁଦ୍ରଣ, ୨୦୦୧ ।

Digitized by srujanika@gmail.com

ଇଂରାଜୀ :

୧. Ambedkar, B.R., 'Anhlilation of Cast', (with the Doctor and Saint' on introduction by Arundhati Ray), Ed, S. Anand, Narayan Publishing Pvt. Ltd, New Delhi, 1936.

ପତ୍ରପତ୍ରିକା :

୧. ରାୟ, ଅରୁନ୍ଧତୀ, 'ବଳ ଓ ସନ୍ଥ', ଅନୁ, ନିଗମ, 'ନିସାନ' (ସଂ) ଲେଲିନ୍ କୁମାର, ୧୬ ଅଙ୍କ, ୨୦୧୪, ଭୁବନେଶ୍ୱର

ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଆ ବିଭାଗ
ଜାମସେଦପୁର କୋ. ଅପେରେଟିଭ୍ କଲେଜ,
ଜାମସେଦପୁର - ୭୩୧୦୦୧ (ଝାଡ଼ଖଣ୍ଡ)

Digitized by srujanika@gmail.com

ବନ୍ଦିଶାଳାରେ ବିଶ୍ୱପତି ଓ ନୀଳାଦ୍ରିଭୂଷଣଙ୍କ ନାଟ୍ୟମାନସ

ଡ. ଗଣେଶ ପ୍ରସାଦ ସାହୁ

॥ ୧ ॥

୧୯୮୦ ମସିହା ପରବର୍ତ୍ତୀ ଓଡ଼ିଆ ନାଟକ ଜଗତରେ ନାଟ୍ୟକାର ନୀଳାଦ୍ରିଭୂଷଣ (ଜନ୍ମ: ୧୯୪୬, ଡିସେମ୍ବର ୪)ଙ୍କ ପଦାଙ୍କ ମଣ୍ଡନ ଓଡ଼ିଆ ନାଟକ ପାଇଁ ସମୃଦ୍ଧିର ସଙ୍କେତ ବହନ କରିଅଛି । ସେ ଏକାଧାରରେ ଜଣେ କବି, ନାଟ୍ୟକାର, ସାହିତ୍ୟ ସମାଲୋଚକ ଓ ଅନୁବାଦକ ହୋଇଥିଲେ ହେଁ ତାଙ୍କ ଅନ୍ତରର ପ୍ରକୃତ ସାହିତ୍ୟିକ କଳାକାରଟି ନାଟକ ପରି ଏକ ମିଶ୍ର କଳାରେ ବହୁ ରଙ୍ଗୀ ପ୍ରଜାପତିଟେ ହୋଇ ଅଭିନୟ ପ୍ରଦର୍ଶନ କରିବାରେ ସଫଳ ହୋଇଛି । ସେ ନିଜେ ମଧ ସ୍ୱୀକାର କରନ୍ତି ଯେ "ଦୀର୍ଘ ଦିନର କବିତା ସୃଜନରେ ଅନ୍ତରର ଭାବନା ସ୍ପଷ୍ଟ ଲକ୍ଷ୍ୟ ସାଧନରେ ଫଳବତୀ ହୋଇ ନପାରିବାରୁ ନାଟ୍ୟ ଜଗତ୍‌କୁ ମୋର ଲକ୍ଷ୍ୟ ସାଧନର କ୍ଷେତ୍ର ଭାବେ ଗ୍ରହଣ କରିଅଛି । ଜୀବନ ଓ ଜଗତର ନାନା ଅଭିଳାଷାକୁ କୃତିତ୍ୱର ସହ ସମାଧାନର ବାଟ ଦେଖାଇବାକୁ ନାଟକ ହିଁ ଏକମାତ୍ର ଅସ୍ତ୍ର ହୋଇପାରେ ।" ନାଟ୍ୟକାର ନୀଳାଦ୍ରିଭୂଷଣ ଅତ୍ୟନ୍ତ ମାନବବାଦୀ ଓ ସମ୍ବେଦନଶୀଳ ସାହିତ୍ୟିକ । ତାଙ୍କ ନାଟକରେ ମାନବିକତା, ଅତୀତ ପରମ୍ପରା ପ୍ରତି ସମ୍ମାନ, ମାନବଧର୍ମ, ଶାନ୍ତି, ସାମ୍ୟବାଦ, ଜାତୀୟତା ପରି ସମୃଦ୍ଧ ଭାବନା ରହିଛି । ସାମାଜିକ ଓ ରାଜନୈତିକ ସମସ୍ୟାକୁ ଉପସ୍ଥାପନ କରି ତା'ର ଦୂରୀକରଣ ନିମନ୍ତେ ସେ ପରୋକ୍ଷରେ ପ୍ରୟାସ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ସାହିତ୍ୟିକ ନୀଳାଦ୍ରିଭୂଷଣଙ୍କ ସାମଗ୍ରିକ ସାହିତ୍ୟର ପରିଚୟ ତେଣୁ ବାଞ୍ଛନୀୟ । କବି ଭାବେ ସେ ନିଜ ଭାବକୁ ସଂଚାର କରିବାରେ ଯେଉଁ କେତେକ ସଂକଳନ ପ୍ରକାଶ କରିଛନ୍ତି, ସେଗୁଡ଼ିକ ହେଲା- ପାହାଚ (୧୯୭୨), ନୀଳଚନ୍ଦନର ଭୁଲ ଠିକଣା (୧୯୭୮), ସମ୍ବୋଧନହୀନ (୧୯୭୮), ଅଚାନକ ବୃହନ୍ନଳା (୧୯୯୧), ନିର୍ବୋଧ ଲୋକର ପୃଥିବୀ (୧୯୯୫), ସମୁଦ୍ର ନିରୁତ୍ତର (୧୯.୯୮), ଇତିହାସ ଲେଖିବାର ମୁହୂର୍ତ୍ତ (୨୦୦୨), ଆଉ ଏକ ଜନ୍ମର ଅପେକ୍ଷା (୨୦୦୮), ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର (୨୦୧୪) । କବିତା ପାଇଁ ସେ ଭାନୁଜୀ ରାଓ କବିତା ପୁରସ୍କାର ଦ୍ୱାରା ସମ୍ମାନିତ । ଜଣେ ସମାଲୋଚକ ଭାବେ ନୀଳାଦ୍ରିଭୂଷଣ ଓଡ଼ିଆ ସାହିତ୍ୟ

Digitized by srujanika@gmail.com

ଏକାଡ଼େମୀ ଦ୍ୱାରା ସମ୍ମାନିତ । ତାଙ୍କର ସମାଲୋଚନା ପୁସ୍ତକ ଗୁଡ଼ିକ ହେଲା- ସମାଲୋଚନା ଦୃଷ୍ଟିରୁ (୧୯୭୧), ସାହିତ୍ୟର ରୂପରେଖ (୧୯୭୧), ଐତିହାସିକ ନାଟକର ମୂଳସୂତ୍ର (୧୯୮୦), ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି (୧୯୮୨), ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା (୧୯୮୮), ଓଡ଼ିଆ ନାଟକର ଇତିହାସ (୧୯୮୯), ଭିନ୍ନ ସମୟ ଭିନ୍ନ ଦୃଷ୍ଟି (୧୯୯୦), Aspect of Oriya Drama (୧୯୯୧)। ପ୍ରାଚୀନ ମଧ୍ୟଯୁଗ ସାହିତ୍ୟର ନବମୂଲ୍ୟାୟନ (୧୯୯୪), ଭାବନା ବିଭାବନା (୨୦୦୫) ଇତ୍ୟାଦି। ଅନୁବାଦକ ଭାବେ ସେ ମଧ୍ୟ ଯଥେଷ୍ଟ ନୂତନ କାର୍ଯ୍ୟ କରିଛନ୍ତି। ଓଡ଼ିଆ ଭାଷାରେ ରଚିତ ସାରଳା ମହାଭାରତକୁ ହିନ୍ଦୀ ଭାଷାଭାଷୀଙ୍କୁ ପଢ଼ିବାର ସୁଯୋଗ ଦେଇ ସେ ତାକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ନାଟକ ସୃଜନ ନୀଳାଦ୍ରିଭୂଷଣଙ୍କୁ ଚରମ ସଫଳତା ଆଣିବାରେ ସାହାଯ୍ୟ କରିଛି। ୧୯୮୧ ମସିହାରୁ ସେ ଆଜି ପର୍ଯ୍ୟନ୍ତ ନିରନ୍ତର ନାଟକ ଲିଖନରେ ମନନିବେଶ କରି ରଖିଛନ୍ତି। ସତ୍ୟ, ଶାନ୍ତି, ମାନବିକତା ଓ ସହଯୋଗର କାମନା ରଖିଥିବା ନାଟ୍ୟକାର ଉକ୍ତ ଭାବକୁ ନିଜ ନାଟକରେ ରୂପ ଦେଇ ବିଶ୍ୱର ସାରା ମଣିଷ ଜାତିକୁ ମଣିଷ ପଣିଆର ଗୁଣ ପ୍ରତି ସଚେତନ ହେବାକୁ ପରୋକ୍ଷରେ ଶିକ୍ଷା ଦେଇଛନ୍ତି। ସାଂପ୍ରତିକ ସମୟର ଏକ ସଂକଟମୟ ସମୟରେ ଏପରି ପଦକ୍ଷେପ ଔଚିତ୍ୟପ୍ରଦ। ଏଠାରେ ସ୍ନେହ ପ୍ରେମ ବିକୃତ। ମଣିଷ ସ୍ୱାର୍ଥରେ ଅନ୍ଧ ହୋଇ ଯାଇଛି। ଜୀବନରେ ଏକମାତ୍ର କାମ୍ୟ ଅର୍ଥ ସଂଗ୍ରହ। ଏହାରି ଭିତରେ ମଣିଷ, ମନୁଷ୍ୟସତ୍ତା, ପ୍ରକୃତି, ପ୍ରକୃତିର ସୌନ୍ଦର୍ଯ୍ୟ, ମାଟି, ମାଟିର ମହକ, ଦେବତା, ଦେବତାର ସମ୍ମାନ ସବୁକିଛି ନଷ୍ଟ ଭ୍ରଷ୍ଟ। ସତେ ଯେପରି ପାଦତଳୁ ମାଟି ଖସିଯାଇଛି। ମନୁଷ୍ୟଟେ ବଞ୍ଚି ଥାଉଁ ଥାଉଁ ମୃତ୍ୟୁକୁ ଅନୁଭବ କରୁଛି। ନିଜ ଅସ୍ତିତ୍ୱକୁ ନେଇ ସେ ଆଦି ସନ୍ଦିହାନ। ଦଗ୍ଧ ଜୀବନ ତା'ର ଆଉ ଲୋଡ଼ା ନାହିଁ। ତାଙ୍କ ଦୃଷ୍ଟିରେ ଅତୀତ କୀଟ ଦ୍ରଷ୍ଟ, ବର୍ତ୍ତମାନ ଅସ୍ଥିର ଓ ଭବିଷ୍ୟତ ନିରାପଦ ଶୂନ୍ୟ। ତେଣୁ ସବୁ ଅସମତାକୁ ସନ୍ତୁଳନ କରିବାର ଅଭିପ୍ରାୟ ରଖିଛନ୍ତି ନାଟ୍ୟକାର। ଦୀର୍ଘ ତିନିଚାରି ଦଶନ୍ଧି ଧରି ନାଟକ ଲେଖି ଆସୁଥିବା ନାଟ୍ୟକାର ନୀଳାଦ୍ରିଭୂଷଣଙ୍କୁ ରାଜ୍ୟର ନାନା ସାହିତ୍ୟ ସଂସ୍ଥା ଓ ନାଟ୍ୟସଂସ୍ଥା ଦ୍ୱାରା ପୁରସ୍କୃତ କରାଯାଇଛି। ୧୯୮୧ ମସିହାରୁ ପ୍ରକାଶିତ ତଥା ମଞ୍ଚସ୍ଥ ହୋଇ ଆସୁଥିବା ନାଟକ ଗୁଡ଼ିକ ହେଉଛି- ସତ୍ୟ ସଂଶୟ ସାଲବେଗ (୧୯୮୧), ପାହାଡ଼ର ଅନ୍ୟରୂପ (୧୯୮୧), ଅନ୍ଧ ଦ୍ୱିପ୍ରହର (୧୯୮୧), ନିରାପଦ ଭବିଷ୍ୟତ (୧୯୮୩), ସ୍ୱର୍ଗାରୋହଣ (୧୯୯୭), ଭୀମ ଭୋଇର ସନ୍ଧାନରେ(୧୯୮୮), କଲମ୍ବସ (୧୯୯୦), ମୁଣ୍ଡ ଉପରେ ଛାତ (୧୯୯୨), ଶୂନ୍ୟଘର (୧୯୯୫), ଜଟାୟୁର ଛିନ୍ନଡେଣା (୧୯୯୮), ରାସ୍ତାନାହିଁ (୨୦୦୪), ପଥ ବହୁ ଦୂର (୨୦୧୦), ଭାରତୀ କୁନ୍ତଳା ଓ ସରସ୍ୱତୀ ନଗେନ୍ଦ୍ରବାଳା (୨୦୧୦), ବନ୍ଦୀଶାଳାରେ ବିଶ୍ୱପତି (୨୦୧୨) ଇତ୍ୟାଦି।

Digitized by srujanika@gmail.com

ନାଟ୍ୟକାର ନୀଳାଦ୍ରିଭୂଷଣ ସାମାଜିକ ସମସ୍ୟାର ଅନାଲୋଚିତ ଦିଗଗୁଡ଼ିକୁ ନାଟ୍ୟରୂପ ଦେବାରେ ପାରଙ୍ଗମ। ସେ କହନ୍ତି- "ଯାହାସବୁ ଅନ୍ୟମାନେ କହି ସାରିଛନ୍ତି, ସେପରି କଥା କହିବାକୁ ମୋର କେବେ ଆଗ୍ରହ ହୁଏନାହିଁ। ପୁରୁଣା କଥାକୁ ଭିନ୍ନ ରୀତିରେ କହିବାର ପ୍ରୟାସ କରିନି କେବେ। ବରଂ ପୌରାଣିକ ଓ ଐତିହାସିକ ଆଖ୍ୟାନକୁ ମିଥ୍ ରୂପେ ଗ୍ରହଣ କରିଛି। ସବୁବେଳେ ମୋର ମନେ ହୋଇଛି ସମାଜର କଥା କିଛି କହିବାକୁ ହେବ। ସେ କଥା ଗୁଡ଼ିକ ପୁଣି ହେବ ନୂଆ ନୂଆ ସମସ୍ୟାର କଥା। ନାଟକ ଭିତରେ ଯେଉଁ ସବୁ କଥା କହିଛି, ସେଗୁଡ଼ିକ ଯଦି ଲୋକ ଚିତ୍ତରେ କିଛି ଆଲୋଡ଼ନ ସୃଷ୍ଟି କରିପାରେ, ତାହା ହେବ ମୋର ସାର୍ଥକତା।" (ସାମାନ୍ୟ କଥନ, ପଥ ବହୁଦୂର) ଏଠାରେ ସ୍ପଷ୍ଟ କରାଯାଇପାରେ ଯେ ନାଟ୍ୟକାର ନୀଳାଦ୍ରିଭୂଷଣ ଏକାଧିକ ଅଙ୍କ ବିଶିଷ୍ଟ ବୃହତ ନାଟକ ଓ ଏକ ଅଙ୍କ ବିଶିଷ୍ଟ ଛୋଟ ନାଟକ ଲେଖିବାରେ ସିଦ୍ଧହସ୍ତ। ସମୟର ଆବଶ୍ୟକତା ଅନୁସାରେ ସେ ବର୍ତ୍ତମାନ ଛୋଟ ନାଟକ ଲେଖିବାକୁ ଆଗ୍ରହୀ। ମଞ୍ଚ ସ୍ଥଳ, ମଞ୍ଚ ସମୟ ଓ ସ୍ଥାନ କାଳ ପାତ୍ର (Three Unity)କୁ ବୁଝି ତାଙ୍କ ନାଟକ ସଫଳତାର ଦିଗ ସ୍ପର୍ଶ କରିଛି। ସାହିତ୍ୟ ପାଠକର ପଠନ ଆଗ୍ରହର ପରିବର୍ତ୍ତନ ଘଟିଛି। ସେ ଯେପରି କାବ୍ୟ-ମହାକାବ୍ୟ ଛାଡ଼ି କବିତା, ଉପନ୍ୟାସ ଛାଡ଼ି ଗଳ୍ପ ପାଠ କରୁଛନ୍ତି ଠିକ୍ ସେହିପରି ଦର୍ଶକ ବା ପାଠକ ବୃହତ ନାଟକ ଛାଡ଼ି ଛୋଟ ନାଟକ ଦେଖିବା ବା ପଠନରେ ନିଜ ଆଗ୍ରହ ପ୍ରକାଶ କରୁଛନ୍ତି। ନାଟ୍ୟକାର ଏହି ଆଗ୍ରହକୁ ସମ୍ମାନ ଦେଇ ସାମାଜିକ ସମସ୍ୟା ଓ ତା'ର ନିରାକରଣ ପାଇଁ କ୍ଷୁଦ୍ର ଚେଷ୍ଟାଟେ କରିଛନ୍ତି।

॥ ୨ ॥

ଏହିପରି ଏକ ସଫଳ ନାଟ୍ୟକାର ତଥା ସମାଜ ନିରପେକ୍ଷ ଲେଖକଙ୍କ ବହୁ ସଫଳ ନାଟକ ମଧ୍ୟରୁ "ବନ୍ଦିଶାଳାରେ ବିଶ୍ୱପତି" (୨୦୧୨) ନାଟକ ସଙ୍କଳନ ଆଲୋଚନାର କେନ୍ଦ୍ର ବିନ୍ଦୁ। ଉକ୍ତ ସଂକଳନଟି ମୋଟ ପାଞ୍ଚଟି ଛୋଟ ନାଟକର ସମାହାର। ଏଥିରେ ସ୍ଥାନ ପାଇଥିବା ନାଟକ ଗୁଡ଼ିକ ହେଉଛି- ବନ୍ଦିଶାଳାରେ ବିଶ୍ୱପତି, ଅର୍ଦ୍ଧେକ ପୃଥିବୀ, ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା, ଅରଣ୍ୟର ଅଶ୍ରୁ, ଅବ୍ୟକ୍ତ ଅନେକ। ନାଟ୍ୟକାର ଜଣେ ଦରଦୀ, ମାନବବାଦୀ ଓ ସମାଜବାଦୀ ଲେଖକ। ରାଜନୈତିକ ଭ୍ରଷ୍ଟାଚାର, ଶ୍ରୀମନ୍ଦିରରେ ସେବକମାନଙ୍କ ଭକ୍ତଙ୍କ ପ୍ରତି ନିର୍ଯ୍ୟାତନା, ପ୍ରଶାସନର ସାଧାରଣ ଜନତା ପ୍ରତି ଅବିଚାର, ଉଚ୍ଚଶିକ୍ଷିତଙ୍କ ଅନିଯୁକ୍ତିକୁ ନେଇ ତାଙ୍କର ବହୁ ନାଟକ ସୃଜିତ। ତେବେ ନାଟ୍ୟକାର ନୀଳାଦ୍ରିଭୂଷଣ ଏହି ବିଷୟକୁ ପାଠକ ବା ଦର୍ଶକଙ୍କ ନିକଟକୁ ସଂଚାର କରିବା ପାଇଁ ପାରମ୍ପରିକ କାହାଣୀ, ଗୀତ, ବାଦ୍ୟ, ପ୍ରବାଦ ଓ ଚରତ୍ରକୁ (Folk element) ବ୍ୟବହାର କରିଛନ୍ତି।

Digitized by srujanika@gmail.com

ବନ୍ଦିଶାଳାରେ ବିଶ୍ୱପତି ଏକାଙ୍କିକାଟିର ବିଷୟବସ୍ତୁ ଶ୍ରୀମନ୍ଦିରକୁ ପ୍ରବେଶ ସମସ୍ୟାକୁ ନେଇ ଗଢ଼ି ଉଠିଛି। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଭାରତର ବିଭିନ୍ନ ପ୍ରାନ୍ତରୁ ତଥା ସାରାବିଶ୍ୱର ଲୋକ ଆସୁଥିବା ବେଳେ ପୂଜକ ବା ସେବକମାନେ ଜାତି ଆଧାରରେ ସେମାନଙ୍କ ଦର୍ଶନ କରାଉଛନ୍ତି। ଫଳରେ ବହୁ ଭକ୍ତ ନିରାଶ ହୋଇ ଦେବଦର୍ଶନ କରି ନପାରି ଫେରିଯାଉଛନ୍ତି। ମାତ୍ର ପାରମ୍ପରିକ ବିଚାରରେ ଜଗନ୍ନାଥ ସମସ୍ତଙ୍କର। ସେ ରାଜା, ରଙ୍କିର ଓ ଧନୀ, ନିର୍ଧନୀର। ସେ ବ୍ରାହ୍ମଣ ଓ ଚଣ୍ଡାଳର। ସେ ହିନ୍ଦୁ ଓ ଯବନର ମଧ୍ୟ। ସେ ବଡ଼ ଉଦାର ଦେବତା। ପୁରାଣରେ, ଇତିହାସରେ, ଲେଖାଅଛି ଯିଏ ଯେଉଁ ପରିସ୍ଥିତିରେ ଥାଇ ସ୍ମରଣ କରିଛି ସେ ତାଙ୍କୁ ସେହିଠାରେ ଦର୍ଶନ ଦେଇଛନ୍ତି। ଜଗନ୍ନାଥ ହେଉଛନ୍ତି ସର୍ବଜନୀନ ଦେବତା। ଗଜ, ଦ୍ରୋପଦୀ, ଦାସିଆ ବାଉରୀ, ରାଜା ପୁରୁଷୋତ୍ତମ, ଯବନ କବି ସାଲବେଗ ଇତ୍ୟାଦି ବହୁ ଭକ୍ତ ତାଙ୍କ ସାହାଯ୍ୟ ଓ ସାନିଧ୍ୟ ପାଇଛନ୍ତି। ବହୁ ଭକ୍ତଙ୍କ ନିବେଦନକୁ ସେ ରକ୍ଷା କରିଛନ୍ତି ଓ ଦର୍ଶନ ଦେଇଛନ୍ତି। ତାଙ୍କ ହାତରୁ ଶାଗ, ପଖାଳ, ଦହି, ନଡ଼ିଆ ଖାଇଛନ୍ତି। ସେହି ଉଦାର ଦେବତାଙ୍କୁ ନେଇ କିପରି ତୁଳସୀ ପତ୍ରିଆ ବ୍ରାହ୍ମଣମାନେ ଭକ୍ତଙ୍କ ଭିତରେ ଭେଦ ସୃଷ୍ଟି କରିଛନ୍ତି, କେବଳ ଭେଦ ନୁହେଁ ଭକ୍ତଙ୍କୁ ଅପମାନ କରିବା ସହ ଧକ୍କା ମାରି ଅପଭାଷା ବ୍ୟବହାର କରିଛନ୍ତି। ସେମାନେ ନିଜକୁ ଦେବଅଂଶୀ, ଦେବତାଙ୍କ ଚଳନ୍ତି ପ୍ରତିମା ବୋଲି କହିଛନ୍ତି। ପୁଣି ସେମାନେ କହନ୍ତି ଶୂଦ୍ର ବା ମ୍ଳେଛମାନେ ମନ୍ଦିର ପ୍ରବେଶ କଲେ ମନ୍ଦିର ଅପବିତ୍ର ହୋଇଯିବ। ଠାକୁର ମାରା ହୋଇଯିବେ, ଭୋଗବି ମାରା ହୋଇଯିବ। ଦାସ ଭୋଇ ଯେତେବେଳେ ସଭା ମାଧ୍ୟମରେ ଲୋକଙ୍କୁ ମନ୍ଦିର ପ୍ରବେଶ ପ୍ରତି ସଚେତନ କରାଇଛନ୍ତି, ସେତେବେଳେ ମନ୍ଦିର ପ୍ରଶାସନ ଓ ସରକାର ସେହି ତୁଳସୀ ପତ୍ରିଆ ବ୍ରାହ୍ମଣଙ୍କ ପକ୍ଷ ନେଇ ବିଚାର ଆଲୋଚନା କରିଛନ୍ତି। ତାହା ହିଁ ନାଟ୍ୟକାର ଏହି ନାଟକରେ ଦେଖାଇଛନ୍ତି। ଏହି ନାଟକରେ ଯେଉଁ ସମସ୍ୟା ରହିଛି, ତାହା ହେଉଛି ସରକାରୀ ଉଦାସୀନତା ଓ ପୂଜକ ବ୍ରାହ୍ମଣଙ୍କ ଅନ୍ଧ କୁସଂସ୍କାର। ଏଥିପାଇଁ ଦରକାର ସରକାରୀ ଇଚ୍ଛାଶକ୍ତି ସହ ଦୃଢ଼ ଆଇନ ପ୍ରଣୟନ ଓ ପୂଜକଙ୍କ ଉଦାର ବ୍ୟବହାର। ଲକ୍ଷ୍ମୀ ପୁରାଣରେ ଲେଖାଅଛି ଲକ୍ଷ୍ମୀ ଠାକୁରାଣୀ ଚଣ୍ଡାଳୁଣୀ ଘରେ ରହି ଅନ୍ନ ଗ୍ରହଣ କରିଛନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଯଦି ପୌରାଣିକ ପୃଷ୍ଠଭୂମିରେ ଏତେ ଉଦାର, ତାଙ୍କୁ ସମ୍ମାନ ଦେବା ପୂଜକଙ୍କ କର୍ତ୍ତବ୍ୟ। ସେମାନେ ତାହା ନକରି ନିଜର ସଂକୀର୍ଣ୍ଣ ଭାବନାକୁ ପ୍ରକାଶ କରିଛନ୍ତି। ନିଜର ଆଧିପତ୍ୟ ବିସ୍ତାର ସାଙ୍ଗକୁ ସ୍ୱାର୍ଥ ସାଧନ ପାଇଁ ଭକ୍ତଙ୍କ ପ୍ରତି ଏପରି ଆଚରଣ ପ୍ରଦର୍ଶନ କରି ଆସୁଛନ୍ତି। ଯାହା ହେବା ଉଚିତ ନୁହେଁ। ଏହାଦ୍ୱାରା ଜଗନ୍ନାଥ ଧର୍ମ ଓଡ଼ିଆ ଜାତି ବହିଃରାଜ୍ୟରେ ତଥା ଦେଶ ବାହାରେ ନିନ୍ଦିତ ହେଉଛି। ବିଶ୍ୱପତି ଜଗନ୍ନାଥ ଜଗତର ପ୍ରଭୁ। ଆର୍ଯ୍ୟ ଓ ଅନାର୍ଯ୍ୟଙ୍କ ମହାମିଳନର ପ୍ରତୀକ। ସର୍ବଧର୍ମ

Digitized by srujanika@gmail.com

ସମନ୍ୱୟର ଦେବତା। କେଉଁ ଆବହମାନ କାଳରୁ ଏ ଧାରା ଚଳି ଆସିଥିଲା। ମାତ୍ର ବର୍ତ୍ତମାନ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ରାହ୍ମଣ ଓ ରାଜନେତାଙ୍କ ପାଇଁ ସେ ଧର୍ମ ଓ ଦେବତା ଅନ୍ୟମାନଙ୍କ ପାଖରେ ସଂକୀର୍ଣ୍ଣ ହୋଇଯାଇଛନ୍ତି। ଏହାର ସଂସ୍କାର ହେବା ଆବଶ୍ୟକ। ମୋଟ ଉପରେ ନାଟ୍ୟକାର ନୀଳାଦ୍ରିଭୂଷଣ ବିଗତ କେତେକ ବର୍ଷ ମଧ୍ୟରେ ପୁରୀ ମନ୍ଦିର ମଧ୍ୟରେ ଏପରି ସମସ୍ୟାକୁ ହୃଦବୋଧ କରିଛନ୍ତି। ଭକ୍ତ, ପୂଜକ ତଥା ପ୍ରଶାସକଙ୍କ ମତଭେଦ ଜାତୀୟ ଖବର ହୋଇ ଲୋକଲୋଚନକୁ ଆସିବାର ପ୍ରମାଣ ରହିଛି। ବିଶେଷତଃ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଜଗନ୍ନାଥଙ୍କ ଆଷାଢ଼ଯାତ୍ରା (ରଥଯାତ୍ରା) ସମୟରେ ଏ ସମସ୍ୟା ଧାରଣ କରିଥାଏ ଉତ୍କଟ ରୂପ। ପୂଜକ ବା ସେବକମାନେ ଚାହାନ୍ତି ସାରାବର୍ଷ ପାଇଁ ଏହି ସମୟରେ ହିଁ ରୋଜଗାର କରାଯାଇପାରିବ। ଏଥିରେ ରାଜନୈତିକ ଫାଇଦା ପାଇବା ପାଇଁ ରାଜନେତା ଓ ପ୍ରଶାସନ ମଧ୍ୟ ତାଙ୍କୁ କରିଥାନ୍ତି ସହଯୋଗ। ତେଣୁ ସେମାନେ ମନଇଚ୍ଛା ମନ୍ଦିର ଭିତରେ ଓ ରଥ ଉପରେ କଦର୍ଯ୍ୟ ଆଚରଣ ପ୍ରଦର୍ଶନ କରିଥାନ୍ତି। ବହୁ ସମୟରେ ଦେଖାଯାଇଛି ଏପରି ଉତ୍କଟ ସମସ୍ୟାର ସମାଧାନ ପାଇଁ ମାନ୍ୟବର ହାଇକୋର୍ଟ ତଥା ପୁରୀ ଶଙ୍କରାଚାର୍ଯ୍ୟ ମତ ପ୍ରକାଶ କରିବାକୁ ବାଧ୍ୟ ହୋଇଥାନ୍ତି।

ବନ୍ଦିଶାଳାରେ ବିଶ୍ୱପତିର କଥାବସ୍ତୁ ସମୟ ଉପଯୋଗୀ ବିଷୟକୁ ନେଇ ସମୃଦ୍ଧ। ଓଡ଼ିଶାର ଗର୍ବ ଓ ଗୌରବ ତଥା ଧର୍ମର ପ୍ରାଣକେନ୍ଦ୍ରରେ ଘଟିତ ଅସ୍ପୃଶ୍ୟ ଓ ସେବକଙ୍କ ଅମାନବୀୟ ବ୍ୟବହାରକୁ ନାଟ୍ୟକାର ଉପସ୍ଥାପନ କରିଛନ୍ତି। ସେବକମାନେ ନିଜର ଅହମିକାରେ ଅନ୍ଧ ହୋଇ ନୀରା ଦାସ ଓ ବିଦେଶୀ ଜଗନ୍ନାଥ ସଂସ୍କୃତିର ଗବେଷକଙ୍କୁ ବିରୋଧ କରିଛନ୍ତି ଏଥିରେ। ପରବର୍ତ୍ତୀ ସ୍ତରରେ ଉଦାର ଜଗନ୍ନାଥ ଚେତନା ସୃଷ୍ଟି କରୁଥିବା ଦାସ ଭୋଇଙ୍କୁ ଆତତାୟୀଙ୍କ ଦ୍ୱାରା ହତ୍ୟା କରାଯାଇଛି । ସମସ୍ୟାର ସମାଧାନ ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଆଇନ ପରିବର୍ତ୍ତନର ଚେଷ୍ଟା ଓ ମଧ୍ୟସ୍ତି ଅଧ୍ୟାପକଙ୍କ ଶତଚେଷ୍ଟା ସତ୍ତ୍ୱେ ଜଗନ୍ନାଥ ଭକ୍ତଙ୍କ ସମ୍ମାନ ରକ୍ଷା କରାଯାଇପାରିନାହିଁ। ପରିଶେଷରେ ସ୍ୱୟଂ ବିଶ୍ୱପତିଙ୍କ ଅବସ୍ଥା ଶଚନୀୟ ହୋଇ ଉଠିଛି। ବ୍ରାହ୍ମଣ ଗୋଷ୍ଠୀ ଦେବତାଙ୍କୁ ଗର୍ଭଗୃହରେ ବନ୍ଦ କରି ତାଲା ପକାଇଛନ୍ତି ମନ୍ଦିରର ମୁଖ୍ୟ ଦ୍ୱାରାରେ। ଦୈନିକ ପୂଜାର୍ଚ୍ଚନା ବନ୍ଦ ହୋଇଛି ଅନ୍ଧାର ଭିତରେ। ତହଲବିକଳ ହୋଇଛନ୍ତି ବିଶ୍ୱପତି। ସେବକଙ୍କ ବ୍ୟବହାରରେ ସେ ଅପମାନିତ ହେବା ସହ ଅନ୍ୟ ଭକ୍ତଙ୍କ ପ୍ରତି ସେବକଙ୍କ ଆଚରଣରେ ତାଙ୍କ ହୃଦୟ କାନ୍ଦି ଉଠିଛି। ନାଟକର ଶେଷ ଦୃଶ୍ୟରେ ସେ ମଞ୍ଚ ଉପରେ ଏକାକୀ। ବନ୍ଦିଶାଳାରେ ସେ ବିଶ୍ୱପତି। ତାଙ୍କ ମୁଖରେ ଯେଉଁ ସଂଳାପ ଉଚ୍ଚାରିତ ହୋଇଛି, ସେଥିରେ ସେବକମାନଙ୍କ ନିର୍ଦ୍ଦୟତା ଓ ଭକ୍ତଙ୍କ ପ୍ରତି ମହତ୍ୱ ପ୍ରକାଶିତ। ଭକ୍ତ ଓ ଭଗବାନଙ୍କ ଯେଉଁ ସଂପର୍କ ନାଟ୍ୟକାର ତାକୁ ହିଁ ପରିଶେଷରେ ପ୍ରକାଶ କରିଛନ୍ତି। ବିଶ୍ୱପତିଙ୍କ ଭାବନା ହିଁ ନାଟକର ସମାଧାନ। ଥରେ ଯଦି ଏକଥା ବୁଝି ପାରନ୍ତେ ତାଙ୍କର ସେବକମାନେ ସ୍ୱତଃ ମନ୍ଦିର ମଧ୍ୟରେ ସେବକ ଓ

Digitized by srujanika@gmail.com

ଭକ୍ତଙ୍କ ସମସ୍ୟା ସମାଧାନ ହୋଇଯାଆନ୍ତା । ଭଗବାନ ଚାହିଁଛନ୍ତି ଭକ୍ତଙ୍କୁ । ସେ କହିଛନ୍ତି "ବଡ଼ ଅତିଷ୍ଠ ହୋଇ ପଡ଼ିଲିଣି ମୁଁ । ଛାଡ଼ି ଦିଅ ମୋର ଭକ୍ତମାନଙ୍କୁ ମୋ ପାଖକୁ । ସେମାନେ ଜାବୁଡ଼ି ଧରିବେ ମୋତେ ଗଭୀର ହୃଦୟାବେଗରେ । ସେମାନଙ୍କ ଆଖିରୁ ଝରି ଆସୁଥିବା ଅଶ୍ରୁରେ ସୃଷ୍ଟି ହୋଇଯିବ ଗୋଟିଏ ଜଳ ପ୍ରବାହ । ସେଇ ଜଳରେ ସ୍ନାନ କରି କେଡ଼େ ଉଜ୍ଜ୍ୱଳ ଦିଶିବି ମୁଁ ।" (ବନ୍ଦିଶାଳାରେ ବିଶ୍ୱପତି, ପୃ-୫୧)

ଅତୀତକୁ ନିରୀକ୍ଷଣ କଲେ ପୌରାଣିକ ଯୁଗରୁ ଭାରତୀୟ ସମାଜରେ ଜାତିପ୍ରଥା ଓ ତାକୁ କେନ୍ଦ୍ର କରି ଛୁଆଁ ଅଛୁଆଁ ଭେଦଭାବ ରହିଆସିଛି । କିନ୍ତୁ ଦେବତାକୁ କେନ୍ଦ୍ର କରି ଏପରି ଚଳଣି ବେଳେବେଳେ ଉତ୍କଟ ରୂପ ଧାରଣ କରେ । ଏକବିଂଶ ଶତାବ୍ଦୀରେ ଏପରି ଭେଦଭାବ ଯୁକ୍ତିହୀନ । ବିଜ୍ଞାନର ପ୍ରସାର ଓ ବୃତ୍ତିର ପରିବର୍ତ୍ତନରେ ଧର୍ମଧାରଣାର ପରିବର୍ତ୍ତନ ବାଞ୍ଛନୀୟ । ନଚେତ୍ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି ହେବ । ଦେବତା ଓ ଭକ୍ତ ଅପମାନ ହେବେ । ପ୍ରଶାସନ ଓ ରାଜନୈତିକ ଗୋଷ୍ଠୀ ନିଜର ଫାଇଦା ପାଇଁ ଚେଷ୍ଟା କରିବେ । କିନ୍ତୁ ପ୍ରକୃତରେ ଦେଶ, ଦେବତା ଓ ଜାତିର ବୃହତ୍ ସ୍ୱାର୍ଥକୁ କେହି ଚିନ୍ତା କରୁନାହାନ୍ତି । ବାରମ୍ବାର ପୁରୀରେ ଘଟୁଥିବା ଭକ୍ତ ଓ ସେବକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପାଇଁ ଓଡ଼ିଶା ଅନ୍ୟଥା ସମାଲୋଚନାର ଶିକାର ହେଉଛି । ଏପରି ଦ୍ୱନ୍ଦ୍ୱ ଲାଗିରହିଲେ ପ୍ରକୃତରେ "ଚିର ଦିନ, ଚିରକାଳ ମୁକ୍ତି ନାହିଁ ଏ ଅଧମ ଦେଶର, ଏ ଅଧମ ଜାତିର" (ବିଶ୍ୱପତିଙ୍କ ଭାଷାରେ) ଏହି ଦ୍ୱନ୍ଦ୍ୱ (conflict) ବହୁଳ ଓ ଉତ୍କଣ୍ଠା (suspence) ସୃଷ୍ଟିକାରୀ ନାଟକଟି ନାଟ୍ୟକଳା ଦିଗରୁ ସୁଗଠିତ । ପାତ୍ର ମୁଖି ସଂଳାପ ବ୍ୟବହାର ମଧ୍ୟରେ ପୁରୀ ବୋଲିକୁ ଯଥାର୍ଥ ରୂପ ଦେବାରେ ସଫଳ ହୋଇଛନ୍ତି ନାଟ୍ୟକାର ।

॥ ୩ ॥

"ସେତିକି ଦୁଃଖ ଆସୁଛି ବୋଲି ମନରେ, ଏମିତି କଥା ବାହାରୁଚି ମୁହଁରୁ । ମୋ ଦୁଃଖଟା କ'ଣ ବୁଝିବାର ଟିକିଏ ଶକ୍ତି ହେଲେ ଥାଆନ୍ତା ତମର ? ଏବେ ସବୁ ଟିଭିବାଲା, ଖବର କାଗଜବାଲା, ପଡ଼ା ପଡ଼ୋଶୀ ସମସ୍ତେ ସହଦେବ ରାଉତ ଘରେ ଭିଡ଼ ଜମେଇଛନ୍ତି । କେତେ ଫୁଲ କେତେ ମିଠା । ସେ ଟୋକା ପୁଣି ଟିଭିବାଲାଙ୍କୁ କହୁଛି, ମୁଁ ଭବିଷ୍ୟତରେ ଆଇ.ଏ.ଏସ୍ ହେବାର ଲକ୍ଷ୍ୟ ରଖିଛି । ମୋ ସଫଳତା ପାଇଁ କଠିନ ପରିଶ୍ରମ, ମୋ ବାପାମାଆଙ୍କ ଯତ୍ନ ଦାୟୀ । ଏ କଥାଗୁଡ଼ାକ କିଏ ସହିବ କହିଲେ ?"

ପ୍ରକୃତରେ ଏହି ସଂଳାପକାରୀ ସରିତା ପରି ଅର୍ଦ୍ଧେକ ପୃଥିବୀର ଅସହିଷ୍ଣୁ ନାରୀ ପଡ଼ିଶା ବା ଅଧସ୍ତନ କର୍ମଚାରୀଙ୍କ ପିଲାଙ୍କ ସଫଳତାରେ ଖୁସି ହୋଇପାରନ୍ତି ନାହିଁ । ବରଂ ଅସହିଷ୍ଣୁ ହୋଇଉଠି ସ୍ୱାମୀ ଅଭିଜିତ ସହ ଯୁକ୍ତି କରନ୍ତି ଅହରହ । ଛଅ ଦୃଶ୍ୟ ବିଶିଷ୍ଟ 'ଅର୍ଦ୍ଧେକ ପୃଥିବୀ' ନାଟକ ଏପରି ଏକ ବିଷୟକୁ ନେଇ ଆରମ୍ଭ । ଅଧ୍ୟବସାୟ, ନିଷ୍ଠା ଓ

Digitized by srujanika@gmail.com

ଆତ୍ମବିଶ୍ୱାସ ସହଦେବଙ୍କ ପୁତ୍ର ପାଇଁ ସଫଳତା ଆଣିଦେଲା। ସେ ହେଲା ଓ.ଇ.ଝ। ମାତ୍ର ଆର୍ଥିକ ସ୍ୱାଧୀନତା ଓ ଆଭିଜାତ୍ୟ ମଧ୍ୟରେ ରହି ଅଭିଜିତ ଓ ସରିତାଙ୍କ ପିଲାମାନେ ସଫଳତା ପାଇବା ପାଇଁ ଅକ୍ଷମ। ଅନ୍ୟର ସଫଳତାକୁ ଯେ ସହଜରେ ଗ୍ରହଣ କରିପାରନ୍ତି ନାହିଁ ଓ ବିନା ନିଷ୍ଠା, ଅଧ୍ୟବସାୟରେ ଚାହାଁନ୍ତି ପିଲାଙ୍କ ସଫଳତା; ତାଙ୍କଠାରୁ ଅବିବେକୀ କିଏ ହୋଇପାରେ। ଏପରି ଅବିବେକୀକୁ ନାଟ୍ୟକାର ଆମ ସହରୀ ଆଭିଜାତ୍ୟଠାରୁ ଆଣି ସରିତା ରୂପରେ (ଶ୍ରୀମତୀ ଅଭିଜିତ) ରୂପାୟନ କରିଛନ୍ତି। ନିଜ ଶଶୁରଙ୍କ ସଂପର୍କରେ ତାଙ୍କର ଅନ୍ୟ ଏକ ଉଦ୍ଧତ ଭାବନା ହେଉଛି "ମଫସଲ ଗାଁର ଜଣେ ରିଟାୟାର୍ଡ୍ ହେଡ୍‌ମାଷ୍ଟର। ସେ ପାଠ ପଢ଼େଇବେ, ଆଉ ତୁ ହଜାର ହଜାର ପିଲାଙ୍କ ଭିତରେ କଂପିଟ୍ କରିବୁ? କି ଅଜବ ଆଇଡ଼ିଆ! ଏସବୁ ତୋ ମୁଣ୍ଡରେ ପଶୁଚି କିପରି?" ନିଜ ଝିଅ ଜିନିକୁ ନେଇ ସ୍ୱପ୍ନ ବାନ୍ଧିଥିବା ସରିତା ଜିନିକୁ ସଚେତନ କରିଛନ୍ତି। ପ୍ରକୃତରେ ସରିତା ଗୋଟିଏ ସଂକୀର୍ଣ୍ଣ ପରିଧି ଭିତରେ ରହି ଉଦାର ଚିନ୍ତା କରିବାକୁ ସକ୍ଷମ ହୋଇନାହାନ୍ତି। ସେ ବାହାର ପରିବେଶ, ମଣିଷ ଓ ସମାଜ ସଂସ୍ପର୍ଶରେ ନ ଆସିଥିବାରୁ ସେ ଯାହା ଭାବିଛନ୍ତି ତାହା ତାଙ୍କୁ ଠିକ୍ ବୋଲି ଜ୍ଞାତ ହୋଇଛି। ସେ ସ୍ୱାମୀ ସହ ଯୁକ୍ତି କରନ୍ତି ନିଜର ଅନ୍ଧ ଅହମିକାକୁ ନେଇ। ଜଣେ ଅଫିସରଙ୍କର ଗୃହିଣୀ ହୋଇ ମଧ୍ୟ ଭୁଲିଛନ୍ତି ନିଜର ସମ୍ଭ୍ରାନ୍ତ୍ୟ। ଈର୍ଷାଳୁ ହୋଇ ଅନ୍ୟ ପାଇଁ ବ୍ୟବହାର କରିଛନ୍ତି ଖରାପ ଭାଷା। ସେ ଜଣେ ସାଧାରଣ କିରାଣୀ ପୁତ୍ରର ସଫଳତାକୁ ସହି ନପାରି ସ୍ୱାମୀ ସମ୍ମୁଖରେ କହି ଉଠିଛନ୍ତି ଅସଂଯମ ଭାଷା- "ମୁଁ ଏକଦମ୍ ସହିପାରୁନି। ନିଆଁ ଭିତରେ ପଶିଗଲା ଭଳି ଲାଗୁଛି। କିରାଣି ମାଇପ ତନୁଜା ଏବେ ଛାତି ଫୁଲେଇ, ଭୂଇଁ ଦମକେଇ ଚାଲିବ। ଆଉ ମୁଁ ତାକୁ ଦେଖିଲେ ଲାଜରେ ଘରେ ଲୁଚିବି।" (ପୃ-୫୩)

ଏହି ପ୍ରସଙ୍ଗରେ ନାଟ୍ୟକାର ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣକୁ ବଖାଣିଛନ୍ତି ଅତ୍ୟନ୍ତ ରୋକ୍‌ଠକ୍ ଭାଷାରେ। ପ୍ରକୃତରେ ଶିକ୍ଷାନୁଷ୍ଠାନରେ ଶିକ୍ଷକମାନେ ପାଠ୍ୟକ୍ରମକୁ ସୂଚନାତ୍ମକ ଢଙ୍ଗରେ ପଢ଼ାଇ ତା'ର ବିସ୍ତୃତ ଜ୍ଞାନ ଦେଉଛନ୍ତି ଟିଉସନ ବା ଉକ୍ସବମଷସଭଣ ଉରଭଙ୍ଗଚ୍ଚର ଗୁଡ଼ିକରେ। ଯେଉଁଥି ପାଇଁ ତାଙ୍କର ସରକାରୀ ଚାକିରୀ, ଯେଉଁଥି ପାଇଁ ସରକାର ତାଙ୍କୁ ଦରମା ଓ ଅନ୍ୟାନ୍ୟ ସୁବିଧା ଦେଇଥାନ୍ତି, ତା' ପ୍ରତି ଶିକ୍ଷକମାନେ ସୁଚାରୁ କର୍ତ୍ତବ୍ୟ ପାଳନ କରନ୍ତି ନାହିଁ। ଟିଉସନରେ ସେମାନେ ବେଶି ଟଙ୍କା ନେଇ ପିଲାଙ୍କୁ ଚାକିରୀକ୍ଷମ କରାନ୍ତି। ତେଣୁ ଚାକିରୀକ୍ଷମ ପାଇଁ ପିଲାଙ୍କୁ ଅଭିଭାବକମାନେ ସେହି ସାରଙ୍କ ପାଖକୁ ଅଧିକ ଅଧିକ ଟଙ୍କା ବଢ଼ାଇ ଟିଉନ ଦେଉଛନ୍ତି। ନାଟ୍ୟକାର ଏକ ସାଧାରଣ କର୍ମଚାରୀ ମୁହଁରେ ଏକଥା କହିଛନ୍ତି- "ସାର୍ ସବୁ ପଇସାର କରାମତି। ପଇସା ବିନା ତ ଆଜିକାଲି କିଛି ବି ହେଉନି। ଆଉ ଏ ମାଷ୍ଟ ମାନେ ଯାହା

Digitized by srujanika@gmail.com

ହୋଇଛନ୍ତି । ପଇସା ଛଡ଼ା କାହା ମୁହଁକୁ ଚାହୁଁ ନାହାନ୍ତି । ତିନିଚାରି ସିପ୍ଟ ଟିଉସନ କରୁଛନ୍ତି । କ୍ଲାସରେ କିଛି ପଢ଼ାଉ ନାହାନ୍ତି । ଯାହା ପଢ଼େଇଲେ ଟିଉସନରେ । ଘ ଘ ଘ ଘୋର ଦୁର୍ନୀତି ସାର୍ । କ୍ଲାସରେ ପାଠ ପଢ଼ାଇବାକୁ ପଇସା ପାଉଛନ୍ତି, ଅଥଚ ଭଲକରି ପଢ଼ାଉ ନାହାନ୍ତି । କୌଣସି ପ୍ରକାରେ କ୍ଲାସ ସାରିଦେଲେ ହେଲା ।" (ପୃ-୬୮) ସେ ପୁଣି କହିଛନ୍ତି କେବଳ ଶିକ୍ଷକମାନେ ନୁହେଁ ଡାକ୍ତର, ଇଞ୍ଜିନିୟର, ଅଫିସର, ମନ୍ତ୍ରୀ ପର୍ଯ୍ୟନ୍ତ ଏହି ଉପାୟରେ ଅର୍ଥ ରୋଜଗାର କରୁଛନ୍ତି । ପ୍ରକୃତରେ ଦେଖିବାକ ଗଲେ ଏହା ଆଦର୍ଶହୀନ ମଣିଷର କର୍ମ ଓ ଭାବନା । ଏପରି ଲୋକଙ୍କ ସଂଖ୍ୟା ବର୍ତ୍ତମାନ ପୃଥିବୀରେ ଅର୍ଦ୍ଧେକ । ନାଟ୍ୟକାର ପାଠକ ଓ ଦର୍ଶକଙ୍କ ମନରେ ଏହି ଧାରଣା ଦେବାକୁ ଚାହାନ୍ତି । ସମାନ ଭାବରେ ସେ ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଙ୍କ ଠାରେ ମନୁଷ୍ୟର ସମସ୍ତ ଗୁଣ ବିକଶିତ କରିବା ପାଇଁ ଶିକ୍ଷକମାନେ ତଥା ଅଭିଭାବକ କିପରି ଯତ୍ନବାଦ ଥିଲେ, ସେ କଥାକୁ କହିଛନ୍ତି । ଆଜିର ଶିକ୍ଷା ପଦ୍ଧତିରେ ପିଲାଙ୍କୁ ଶ୍ରେଣୀ କକ୍ଷରେ ଘଣ୍ଟା ଘଣ୍ଟା ପରିଶ୍ରମ କରିବାକୁ ପଡୁଛି । ଏଥିପାଇଁ ଅଭିଜିତ ମନେ କରନ୍ତି ପିଲାମାନେ ଅଧ୍ୟୟନରେ ଆତ୍ମସନ୍ତୋଷ ପାଇପାରୁନାହାନ୍ତି । ସେମାନଙ୍କ ପ୍ରାଣଶକ୍ତି ଦିନକୁ ଦିନ ନଷ୍ଟ ହୋଇଯାଉଛି । ସେମାନଙ୍କ ଜୀବନରେ ସ୍ଫୂର୍ତ୍ତି, ତେଜ ନାହିଁ । ଏ କଥାକୁ ସେ ନିଜ ଝିଅ ଜିନି ମଧ୍ୟରେ ଦେଖି ଧୈର୍ଯ୍ୟହରା ହୋଇ ଉଠିଛନ୍ତି । ମାତ୍ର ରିତିମତ ଗୋଟେ ମେସିନ୍ ପରି ପାଠପଢ଼ାଇ ପରୀକ୍ଷାରେ ସଫଳ କରାଇବାକୁ ଚାହୁଁଥିବା ନିଜ ସ୍ତ୍ରୀ ସରିତାକୁ ବୁଝାଇବାକୁ ଅକ୍ଷମ ହୋଇଛନ୍ତି ।

ଅର୍ଦ୍ଧେକ ପୃଥିବୀ ଛୋଟ ନାଟକ ହେଲେ ମଧ୍ୟ ନାଟ୍ୟକାର ନୀଳାଦ୍ରିଭୂଷଣ ସାଂପ୍ରତିକ ବହୁ ଘଟଣାକୁ ନେଇ ସମୟ ଉପଯୋଗୀ ନାଟକ ଲେଖିଛନ୍ତି । ଏଥିରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ପୂର୍ବ ପୀଢ଼ି ବା ବାପାଙ୍କ ପ୍ରତି ଅଶ୍ରଦ୍ଧା । ଆଜି ପ୍ରତ୍ୟେକ ଉଚ୍ଚଶିକ୍ଷିତ ନିଜ ପରିବାର ସହ ସହରରେ ରହୁଛନ୍ତି । ତା'ର ବାଲ୍ୟ, ବାଲ୍ୟ ଶିକ୍ଷା ଓ ଜୀବନର ଅନୁଭୂତି ଗ୍ରାମ ପରିବେଶରେ ଦିନେ ସମୃଦ୍ଧ ହୋଇ ଉଠିଥିଲା । ଭିଟାମାଟିର ମୋହ ଓ ଗାଁ ସଂପର୍କ, ପରିବେଶରୁ ଛିନ୍ନ ନହୋଇ ନିଜ ପିଲାମାନଙ୍କ ଶ୍ରଦ୍ଧା, ସ୍ନେହ ଓ ଦାୟିତ୍ୱକୁ ଅନାଇ ଯେଉଁ ବୃଦ୍ଧ ପିତାମାତା ଗାଁରେ ପଡ଼ି ରହିଛନ୍ତି ତାଙ୍କର ହୃଦୟର ଅବସ୍ଥା ସହରରେ ରହୁଥିବା ପୁଅ ବା ବୋହୂ ବୁଝିନାହାନ୍ତି । ଏହିପରି ଏକ ଦୁର୍ଦ୍ଦଶା ଗ୍ରସ୍ତ ଚରିତ୍ରକୁ ସମାବେଶ କରିଛନ୍ତି ନାଟ୍ୟକାର ଅର୍ଦ୍ଧେକ ପୃଥିବୀ ନାଟକରେ । ବୃଦ୍ଧ ଗୌର ଗୋପାଳ ଜଣେ ଆଦର୍ଶ ଓ ନିଷ୍ଠାବାନ ଶିକ୍ଷକ ଅନ୍ତତଃ ଦଶପାଞ୍ଚ ଗାଁର । ବହୁ ଛାତ୍ରଙ୍କ ସଫଳତା ପରି ନିଜ ପୁତ୍ର ଅଭିଜିତ୍ ମଧ୍ୟ ସଫଳ ହୋଇ ଡ଼.ଇ.ଓ. ଅଫିସରଟେ ନାଟକ ମଧ୍ୟରେ । ପିତା-ଶିକ୍ଷକଙ୍କ ସମସ୍ତ ଆଦର୍ଶକୁ ଧାରଣ କରି ତାଙ୍କ ଚରିତ୍ର ଗଠିତ । ସାହିତ୍ୟ, ପରମ୍ପରା ଓ ଗାଁ ସମ୍ପର୍କ ପ୍ରତି ରହିଛି ତାଙ୍କର ରୁଚି । ଅଭିଜିତ୍ ଚାହାନ୍ତି ଝିଅ ଜିନି ମଧ୍ୟ ଜେଜେବାପାଙ୍କ ସାନିଧ୍ୟ ପାଉ ।

Digitized by srujanika@gmail.com

ସାହିତ୍ୟ ପଢ଼ି ଜୀବନ ଓ ଜଗତର ରସପାନ କରୁ। ଜେଜେବାପା ଗୌର ଗୋପାଳ ମଧ୍ୟ ଭାବିଛନ୍ତି ନାତୁଣୀକୁ ଏହି ଗ୍ରାମ ପ୍ରକୃତି ଓ ଗ୍ରାମ ଭାବନାର ସ୍ୱାଦ ଦେବାକୁ। ସେ କହିଛନ୍ତି ମଦନକୁ-

"ମନଟା ସବୁବେଳେ ଝୁରେ ଜିନିଟି ପାଇଁ। ଜିନି ଥରେ ଆସନ୍ତାନି ? ତାକୁ ହାତ ଧରି ବୁଲେଇ ନିଅନ୍ତି ନଈ କୂଳକୁ। ଛଳ ଛଳ ହୋଇ ବହି ଯାଉଥିବା ନଈକୁ ଦେଖି ସେ ମୁଗ୍ଧ ହୁଅନ୍ତା। ନଈ ଧାରକୁ ଲାଗି ବିସ୍ତୃତ ଧାନକ୍ଷେତ ଦେଖନ୍ତା। x x x ଉପରେ ନୀଳ ଆକାଶ, ତଳେ ସବୁଜ ଧାନ କ୍ଷେତ। କେତେବେଳେ ମୋ ସାଙ୍ଗରେ ଜଙ୍ଗଲରେ ବୁଲନ୍ତା, ପାହାଡ଼ରେ ଚଢ଼ନ୍ତା, ପକ୍ଷୀ କଳରବ ଶୁଣନ୍ତା। କେତେବେଳେ କାକର ଉପରେ ଚାଲନ୍ତା। କେତେବେଳେ ବର୍ଷାରେ ଭିଜନ୍ତା। ମୁହଁରେ ଓଠରେ ବର୍ଷା ବିନ୍ଦୁ, ପାଦ ତଳେ ନରମ କାଦୁଅ। (ପୃ.୭୫)

ଏହାରି ମଧ୍ୟ ଦେଇ ଜିନିର ହୁଏତ ଅଦେଖା ଜଗତ ପୂର୍ଣ୍ଣ ହୋଇ ଉଠନ୍ତା। ନାଟ୍ୟକାରଙ୍କ ଏହି Pastoral ସଂପୃକ୍ତ ସଂଳାପଟିକୁ ଅତ୍ୟନ୍ତ ଭାବଦୀପ୍ତ କରିଛି।

ଗୌର ଗୋପାଳ ବର୍ତ୍ତମାନର ଶିକ୍ଷା ପଦ୍ଧତି ଓ ଜୀବନ ଶୈଳୀକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଚାକିରୀ ଓ ଅର୍ଥ ସର୍ବସ୍ୱ ଜୀବନରେ ନାହିଁ ସଂପର୍କର ବିଚାର। ଏକ ଜଡ଼ ତୁଲ୍ୟ ଓ ମାଦକତାହୀନ ଜୀବନକୁ ନେଇ ମଣିଷ କରିଚାଲିଛି ପ୍ରତିଯୋଗିତା (Compitition) ଆଉ ଏକ ମଣିଷ ସହ। ନୀତି, ଆଦର୍ଶ, ଭଲ ପାଇବା, ଅତୀତ ଓ ଭବିଷ୍ୟତକୁ ଦୃଷ୍ଟି ନାହିଁ ତାହାର। ଗୋଟିଏ ସ୍ଥାନରେ ନାଟ୍ୟକାର କହିଛନ୍ତି ପ୍ରତିଯୋଗିତା ପିଲା ପିଲାଙ୍କ ଠାରୁ ଅଭିଭାବକ ମଧ୍ୟରେ ଅଧିକ। ଯେଉଁ ସମୟରେ ସେ ପ୍ରାଣ ଭରି ଖେଳନ୍ତା, ବୁଲନ୍ତା ସେତିକିବେଳେ ତା କାନ୍ଧରେ ଆବଶ୍ୟକତା ଠାରୁ ଅଧିକ ବହିର ବ୍ୟାଗ। ସେହି ଭାରାରେ ସେ ନଇଁ ଯାଉଛି। ଏହାରି ଭିତରେ ମଧ୍ୟ ବୃଦ୍ଧ ଗୌର ଗୋପାଳଙ୍କ ଏକାକୀତ୍ୱ ଜୀବନ ସାଙ୍ଗକୁ ପୁଅ, ବୋହୂ, ନାତୁଣୀ ଠାରୁ ଦୂରରେ ରହିଥିବାରୁ ଏକ ପ୍ରକାର ବିଚ୍ଛିନ୍ନତାବୋଧ (Alienation) ସୃଷ୍ଟି ହୋଇଛି। ପରିବାର ଲୋକଙ୍କ ପାଖରେ ସେ ଏକ ଅଲୋଡ଼ା ବାପ ହୋଇ ଯାଇଛନ୍ତି। (ଗୌର ଗୋପାଳଙ୍କ ଭାଷାରେ- ମୋର ପୁଅ, ବୋହୂ, ନାତୁଣୀ ସମସ୍ତେ ଅଛନ୍ତି। କିନ୍ତୁ କେହି ମୋ ପାଖକୁ ଆସନ୍ତି ନାହିଁ।)

ଏହି ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ କଠୋର, ସ୍ୱାର୍ଥ, ଉଗ୍ରା ସରିତା ଚରିତ ଆତ୍ମପ୍ରକାଶ କରିଛି। ଗୌର ଗୋପାଳଙ୍କ ଆକ୍ସିଡେଣ୍ଟ ହେବାରୁ ଶଶୁରଙ୍କୁ ଦେଖିବାକୁ ଅଭିଜିତ୍ ଓ ଜିନି ସହ ସେ ମଧ୍ୟ ଯାଇଛନ୍ତି ଗାଆଁକୁ। ଗାଁ ଠାରୁ ଅନ୍ୟ ସଦସ୍ୟମାନଙ୍କୁ ଦୂରେଇ ରଖିଥିବା ଓ ସ୍ୱାମୀ, ଜିନିକୁ ଏକ ସୀମିତ ପୃଥିବୀର ଅଧିବାସୀ କରିଥିବା ସରିତାକୁ

Digitized by srujanika@gmail.com

ମନର କଥା କହିବାକୁ ସୁଯୋଗ ପାଇଛନ୍ତି ଗୌର ଗୋପାଳ। ପୁଅ ଅଭିଜିତ୍ ଯେତେ ବୁଝାଇଲେ ମଧ୍ୟ ତାଙ୍କ ମନର କ୍ଷୋଭକୁ ସେ ବୋହୂ ଆଗରେ ପ୍ରକାଶ କରିଛନ୍ତି।

"ତିନି ବର୍ଷ ବେଳୁ ସେ ଏମିତି ପଢୁଛି। ସମ୍ଭ୍ରାନ୍ତ ସ୍କୁଲରେ ଆଡ୍‌ମିସନ ନେବା ପାଇଁ କମ୍ପିଟ୍ କରିଚାଲିଛି। ଏଇ କମ୍ପିଟିସନ ଭିତରେ ସେ ଧୀରେ ଧୀରେ ହରାଇ ବସିଛି ତା'ର ହସ, ଖୁସି, ଆବେଗ, ଉଚ୍ଛ୍ୱାସ। ଏଇ ବୟସରୁ ତା'ର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ହୋଇଯାଇଛି। କ'ଣ ହେବ ସେ ଭବିଷ୍ୟତରେ। ପ୍ରଶାସକ, ଡାକ୍ତର ନା ଇଂଜିନିୟର। ଯେଉଁମାନେ ମଣିଷକୁ ନଚିହ୍ନି ଖାଲି ବହି ସହିତ ସଂପର୍କ ରଖୁଛନ୍ତି, ସେଇମାନେ କର୍ମ ଜୀବନରେ ଆସୁଛନ୍ତି। ମଣିଷ ସହ ସଂପର୍କ ରଖିବାକୁ। କି ବିଡ଼ମ୍ବନା।" (ପୃ-୭୮) କେବଳ ଏତିକି ନୁହେଁ। ନାତୁଣୀ ଜିନିର ଭବିଷ୍ୟତ ଚିନ୍ତା କରିବାର ଯେପରି ଅଧିକାର ନାହିଁ ଜେଜେ ଗୌର ଗୋପାଳଙ୍କ। ତେଣୁ ଯେତେବେଳେ ସରିତା କହିଛନ୍ତି- "ବାପା ! ପିଲାର ଭବିଷ୍ୟତ ଦେଖିବା କ'ଣ ଆମର କର୍ତ୍ତବ୍ୟ ନୁହେଁ।" ସେତେବେଳେ ଉତ୍‌କ୍ଷିପ୍ତ ହୋଇ ଗୌର ଗୋପାଳ ପୁଣି କହି ଉଠିଛନ୍ତି- "ହଁ ଠିକ୍ କଥା କହିଚ। ପିଲାର ଭବିଷ୍ୟତ ଦେଖିବା ତୁମମାନଙ୍କର କର୍ତ୍ତବ୍ୟ। ମୋ ପରି ଗୋଟାଏ ସ୍ୱାର୍ଥପର ଲୋକ କାହିଁକି ସେ କଥା ଭାବିବ ? ତୁମମାନଙ୍କର ପିଲା ମୋର ବା କିଏ ?" (ପୃ-୭୯)

ନାଟକଟିର ପରିସମାପ୍ତିରେ ଗୌର ଗୋପାଳ ନାତୁଣୀ ଜିନିକୁ ନିଜ ମନର କଥା କହି ଗୋଟାଏ ହାତରେ କୁଣ୍ଢାଇ ଦେଇଛନ୍ତି। ଜେଜେ ଓ ନାତୁଣୀର ସ୍ନେହକୁ ଦେଖି ଅଭିଜିତ୍ ଯେତେବେଳେ ଆଉ ଦୁଇଟି ଦିନ ରହିବା ପାଇଁ ମନସ୍ତ କରିଛନ୍ତି ବାପାଙ୍କ ସହ; ଠିକ୍ ସେତିକିବେଳେ ନାଟକର ଚରମ ପରିଣତି ନାଟ୍ୟକାର ଆଣିଛନ୍ତି। ପରିଣତିଟି ନିଶ୍ଚିତ ଭାବେ ଏହି ନାଟକରେ ସନ୍ତୋଷଜନକ ହୋଇପାରିଛି। କାରଣ ଏକ ବୃଦ୍ଧ ବାପାଙ୍କ ହୃଦୟକୁ ସମ୍ମାନ ଦେଇ ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସ୍ତ୍ରୀ ମୁହଁ ଉପରେ କଥା କହିନଥିବା ଅଭିଜିତ୍ ଦୃଢ଼ କଣ୍ଠରେ କହିଛନ୍ତି 'ଚୁପ୍‌କର'। ନାଟ୍ୟକଳା ଦୃଷ୍ଟିରୁ ଦର୍ଶକର ଚରମ ଉତ୍କଣ୍ଠା ଏଠାରେ ସମାପ୍ତ ହୋଇଛି ଓ ଉତ୍କଣ୍ଠାର ସମାପ୍ତିରେ ନାଟକର ସମାପ୍ତି ଘଟିଛି। ଅଭିଜିତ୍ ଚରିତ୍ରର ପରିବର୍ତ୍ତନ ଘଟିବ କି ନାହିଁ, ବୃଦ୍ଧ ଗୌରଗୋପାଳଙ୍କ ହୃଦୟ ଭାବନା ରକ୍ଷା ହୋଇ ପାରିବ କି ନାହିଁ- ଏପରି ସୃଷ୍ଟି ହୋଇଥିବା ପ୍ରଶ୍ନର ସୁସମାପ୍ତି ଘଟିଛି ନାଟକର ପରିଣତିରେ। ଜଣେ ହୃଦୟହୀନ ବିରୋଧାତ୍ମକ ଚରିତ୍ର ଭାବେ ସରିତାଙ୍କୁ ନାଟ୍ୟକାର ଉପସ୍ଥାପନ କରିଛନ୍ତି। ସେହି ନକରାତ୍ମକ ଚରିତ୍ର ଆଗରେ ଅନ୍ୟ ସକାରାତ୍ମକ ଚରିତ୍ରର ବେଶ ବିକାଶ ଘଟିଛି। ପରଶ୍ରୀକାତରତା, ଅତ୍ୟାଧୁନିକ ଚାକିରୀ ସର୍ବସ୍ୱ ସମସ୍ୟା, ଗ୍ରାମରେ ବୃଦ୍ଧ ବାପାଙ୍କ ସହରୀ ପୁତ୍ର ଓ ପୁତ୍ରବୋଧୂଙ୍କ ବିଚ୍ଛିନ୍ନତାଗତ ସମସ୍ୟାକୁ ନାଟ୍ୟକାର ଅତି ସୁନ୍ଦର ଭାବେ ନାଟକୀୟ ରୂପ ଦେଇଛନ୍ତି। ଏହାରି ମଧ୍ୟରେ ପାରମ୍ପରିକ ଶିକ୍ଷା,

Digitized by srujanika@gmail.com

ପାରିବାରିକ ସଂପର୍କ, ସତ୍ ଚରିତ୍ର ଗଠନ ଓ ଆଦର୍ଶ ଶିକ୍ଷକତାକୁ ମଧ୍ୟ ନାଟ୍ୟକାର ପ୍ରାଧାନ୍ୟ ଦେଇଛନ୍ତି ।

॥ ୪ ॥

'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା' ନାଟକଟି ଏକ ବିବୃତିମୂଳକ ନାଟକ । ନାଟ୍ୟକାର ଏହି ଛୋଟ ନାଟକରେ ଗୋଟିଏ ନୂଆ ଢଙ୍ଗରେ କେତେକ ବିବରଣୀ ଉପସ୍ଥାପନ କରିଛନ୍ତି । ସ୍ୱାଧୀନତା ପରେ ଭାରତରେ କିପରି ଗଣତନ୍ତ୍ର ଶାସନ ଚାଲିଛି ଓ ଏହି ଶାସନରେ ଗୋଟିଏ ଗଣ ଅର୍ଥାତ୍ ନାଟକର ଏକମାତ୍ର ଚରିତ୍ରର ଜୀବନକାହାଣୀ ଉପସ୍ଥାପିତ । ନାଟକ ମଧ୍ୟରେ ନାଟ୍ୟକାର ପରୀକ୍ଷାମୂଳକ ଭାବେ ଗୋଟିଏ ଚରିତ୍ରକୁ କଥା ଉପସ୍ଥାପନ ପାଇଁ ସ୍ୱୀକୃତି ଦେବା ସହ ଦର୍ଶକଙ୍କ ସହ ଭାବ ସ୍ଥାପନ କରି ସେ କାହାଣୀ ପରି ନିଜକଥା ଓ ଦେଶ କଥା କହିଛନ୍ତି । ଅର୍ଥାତ୍ ଏ ନାଟକଟି ଏକ ପ୍ରକାର କାହାଣୀ ନାଟକ । ସଂପୂର୍ଣ୍ଣ ନାଟକଟି ଏହି ବନ୍ଦୀ ଚରିତ୍ର ଦ୍ୱାରା ନିୟନ୍ତ୍ରିତ । ସେ ଏକକ ଭାବେ ନିଜ ଜୀବନର ଘଟଣାବଳୀକୁ ଉପସ୍ଥାପନ କରି ଚାଲିଲା ବେଳେ ଅଭିନୟ କଳା ପ୍ରତି ସଚେତନ ରହିବା ଆବଶ୍ୟକ । ତା' ନହେଲେ ନାଟକଟି ମଞ୍ଚ ଉପଯୋଗିତା ହରାଇ କେବଳ ଏକ ପଠନଯୋଗ୍ୟ ସାହିତ୍ୟ ନାଟକ ଭାବେ ପରିଣତ ହେବ । ପୁଣି ଏଥିରେ ନାରୀଚରିତ୍ର ବା ଅନ୍ୟ ଭିନ୍ନ ଚରିତ୍ର ନଥିବାରୁ ଦର୍ଶକଙ୍କ ମନକୁ ବଚନ ଭଙ୍ଗୀ (Dialogue) ତଥା ଅଭିନୟ କଳା (Acting)ରେ ବାନ୍ଧି ରଖିବା ଆବଶ୍ୟକ ।

ବନ୍ଦୀ ଚରିତ୍ର ନିଜ ଜୀବନର ଘଟଣାବଳୀ ଉପସ୍ଥାପନ କରିବା ବେଳେ ଜୀବନର ବିଫଳତାଗୁଡ଼ିକୁ ହିଁ ଉପସ୍ଥାପନ କରିଛନ୍ତି । ଅର୍ଥନୀତିରେ ଗ.ଇ. ପାଶ କରିଥିବା ଏକ ଯୋଗ୍ୟ ପୁରୁଷ । ତେଣୁ ଶିକ୍ଷକ, ଶାସକ, ନେତା ବା ବ୍ୟବସାୟୀ ହୋଇପାରିବ ବୋଲି ସେ ଭାବିଥିଲେ । କିନ୍ତୁ ସେ କିଛି କରିପାରିଲେ ନାହିଁ । ସଂସାର ପରିପୋଷଣ ପାଇଁ ଆରମ୍ଭ କରିଥିଲେ ଚାଷ । ସେଥିରେ ମଧ୍ୟ ବିଫଳ ହେଲେ ସେ । ଋଣଭାର ସମ୍ଭାଳି ନପାରି ସ୍ଥିର କରିଥିଲେ ଆତ୍ମହତ୍ୟା କରିଦେବେ ବୋଲି । ସେଥିପାଇଁ ସେ ଯାଇଥିଲେ ଅରଣ୍ୟ ପାହାଡ଼ ମଧ୍ୟକୁ । ମାତ୍ର ସେଠାରେ ପୂର୍ବରୁ ପୋଲିସମାନେ ଆତଙ୍କବାଦୀ ସଂଧାନରେ ଥିଲେ । ଏହାର ଅସ୍ୱାଭାବିକଗତି ନିର୍ଣ୍ଣୟ କରି ସଂଦେହ କରିନେଲେ 'ଏ ହେଉଛି ଜଣେ ଆତଙ୍କବାଦୀ' । ବିଚାର ପରେ ସେ ପାଇଲା ଆଜୀବନ କାରାଦଣ୍ଡ । ପାଠ ପଢ଼ି ସାରିଲା ପରେ ସେ ଚାହିଁଥିଲା ଲେବରେଟୋରୀ ଆସିଷ୍ଟାଣ୍ଟ ହୋଇ ସଂସାର ଚଳାଇନେବ ବୋଲି । ଚାକିରୀ ହେଲା ନାହିଁ । କପାଚାଷର ମୂଳ ଓ ଲାଭ ସବୁ ଉଜୁଡ଼ି ଗଲା । ତା'ର ସ୍ତ୍ରୀ ପୁଅ ଝିଅ ପାଇଁ ସେ ଶତଚେଷ୍ଟା କରି ମଧ୍ୟ କିଛି କରିପାରିନଥିଲେ । ଜଣେ ବନ୍ଦୀର ଏ କାରୁଣିକ

Digitized by srujanika@gmail.com

ଜୀବନ ବୃତ୍ତାନ୍ତ ସ୍ୱାଧୀନ ଭାରତର ବହୁ ଲୋକଙ୍କ ଜୀବନ ବୃତ୍ତାନ୍ତ ସଦୃଶ। କିନ୍ତୁ ବନ୍ଦୀ କେବଳ ନିଜ କଥା ଉପସ୍ଥାପନ କରିନାହିଁ। ଯେ ହେତୁ ସେ ଜଣେ ଶିକ୍ଷିତ ଓ ସଚେତନ ନାଗରିକ ଏ ଦେଶର; ସେ ବୁଝିଛି ସରକାରୀ ତନ୍ତ୍ର, ଅମଲାତନ୍ତ୍ର, ଶାସନ ତନ୍ତ୍ର ଓ ଡାକ୍ତରଙ୍କ ସେବାତନ୍ତ୍ର ଇତ୍ୟାଦିକୁ।

ବନ୍ଦୀ ଜୀବନ ଅତିବାହିତ କରିବା ସମୟରେ ଜେଲ୍‌ର ଏକ ଗଛ ପାଖରେ ବନ୍ଦୀର ମଞ୍ଚ ଅଭିନୟ ଓ ତାଙ୍କର ସଂଳାପ ପ୍ରକ୍ଷେପଣ ଅତ୍ୟନ୍ତ ପ୍ରାସଙ୍ଗିକ ହୋଇଛି। ଦର୍ଶକ ସିଧାସଳଖ ଜେଲ୍ ମଧ୍ୟର ଜଣେ ବନ୍ଦୀ ମୁଖରୁ ଦେଶର ଶାସନ ବ୍ୟବସ୍ଥା ସଂପର୍କରେ ଅବଗତ ହୋଇଛନ୍ତି। ପ୍ରଥମେ ବନ୍ଦୀ କହିଛନ୍ତି ସରକାରୀ କୃଷି ଦପ୍ତର ବାବଦରେ-

"ସ୍ୱାଧୀନ ଭାରତ ବର୍ଷରେ କୃଷକମାନଙ୍କୁ ବିଭ୍ରାନ୍ତକରି ରଖିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଗୋଟିଏ ଗୋଟିଏ କୃଷି ବିଭାଗ ଖୋଲିଛନ୍ତି। ତା' ଦ୍ୱାରା ଯେ ଚାଷୀର ଉପକାର ହୁଏ। ସେ କଥା ଆଉ କେହି ହୁଏତ ଜାଣିଥିବେ। ମୁଁ ଜାଣିନାହିଁ କି ମୋ ଭଳି ଅନେକ ଚାଷୀ ବି ଜାଣନ୍ତିନି x x x ଯିଏ ସେମାନଙ୍କ ପରାମର୍ଶ ମାନି ଗଲା ବୋଲି ଜାଣିବେ।" (ପୃ-୮୯) ଡାକ୍ତରମାନଙ୍କ ସଂପର୍କରେ ତା'ର ବକ୍ତବ୍ୟ ହେଲା- "ରୋଗୀ ମରିବାକୁ ଯାଉଥିଲେ ବି ତାଙ୍କ ଡିମାଣ୍ଡ ଅନୁସାରେ ପଇସା ନଦେଲେ ସେ ଚିକିତ୍ସା କରନ୍ତି ନି । ପକେଟରେ ଟଙ୍କା ଭର୍ତ୍ତି ନହେବା ପର୍ଯ୍ୟନ୍ତ ଅପରେସନ ଟେବୁଲ ପାଖକୁ ଯିବେନି।" ଜନମଙ୍ଗଳ ସରକାରଙ୍କ ଜନମଙ୍ଗଳ ଯୋଜନା ଭିତରେ ସବୁ ସରକାରୀ ଚାକିରିଆଙ୍କ ବଡ଼ ବଡ଼ ସହରରେ କୋଠାବାଡ଼ି, ପେଟ୍ରୋଲ ପମ୍ପ, ଟ୍ରକ ବସ ରହିଛି। ଏହିପରି ସରକାରୀ ଲୋକମାନେ ଦେଶକୁ ସର୍ବନାଶ କରିସାରିଲେଣି। ସରକାରୀ ସବୁ ବିଭାଗର ଲୋକେ ବିନା ଲାଞ୍ଚରେ କୌଣସି କାର୍ଯ୍ୟ କରିବା ପାଇଁ ଆଗ୍ରହ ଦେଖାନ୍ତି ନାହିଁ ବୋଲି ସେ ମନେ କରନ୍ତି। ଏ ସବୁ ଅନ୍ୟାୟକୁ ନିୟନ୍ତ୍ରଣ ବା ଲୁଚାଇ ରଖିବାରେ ସଫଳ ହୋଇଛି ପୋଲିସ ବିଭାଗ। ଯେଉଁମାନେ ପ୍ରକୃତ ଦୋଷୀ ସେମାନେ ମୁକ୍ତଭାବେ ବୁଲୁଛନ୍ତି। ତା'ପରି ଅସହାୟ ଓ ନିର୍ଦ୍ଦୋଷ ଲୋକ ପ୍ରତି ପୋଲିସ କରୁଚି ଅସହ୍ୟ ଅତ୍ୟାଚାର। ପୋଲିସ ବିଭାଗର ମୁଖା ଖୋଲିବାକୁ ଯାଇ କହିଛନ୍ତି-

"ପ୍ରକୃତ ଚୋର, ଡାକୁ, ମଣିଷମାରୁ ଠକ, ବଳାତ୍କାରୀ ସମସ୍ତେ ପଇସା ବଳରେ ସହଜରେ ଖସି ଯାଉଛନ୍ତି। ଆଉ ଜେଲରେ ପଡ଼ି ସଢୁଛନ୍ତି, ମୋରି ଭଳି ନିରୀହ ଧନହୀନ ଲୋକେ। ପଇସା ଥିଲେ କଳାଧଳା ହୋଇଯିବ ଆଉ ନଥିଲେ ଧଳା ବି କଳା। ଆଖିବୁଜା ଟଙ୍କା ଫୋପାଡ଼ି ପାରିଲେ ପୋଲିସ ଏମିତି ଚାର୍ଜସିଟ ରିପୋର୍ଟ ଲେଖିଦେବ ଯେ ଦୁର୍ଦ୍ଦାନ୍ତ ଅପରାଧୀ ନିର୍ଦ୍ଦୋଷରେ ଖୋଲାସ, ଆଉ ନିରୀହ ଲୋକ ବି ଦୁର୍ଦ୍ଦାନ୍ତ ଅପରାଧୀ ଭାବେ ଦଣ୍ଡ ପାଇଯିବ।" (ପୃ-୯୨)

Digitized by srujanika@gmail.com

ବନ୍ଦୀର ଏପରି ଆତ୍ମବିବୃତି ସାଂପ୍ରତିକ ଶାସନ ବ୍ୟବସ୍ଥାକୁ ସମାଲୋଚନା କରିଛି । ଦେଖିବାକୁ ଗଲେ ସମଗ୍ର ଶାସନ ତନ୍ତ୍ର, ନେତା, ପ୍ରଶାସକ କୋଟି କୋଟି ଟଙ୍କାର ଦୁର୍ନୀତି ସହ ଜୋଡ଼ିତ ଥାଇ ମୁକ୍ତ ଭାବେ ବୁଲୁଛନ୍ତି । ସେମାନେ ନରହତ୍ୟା, ନାରୀଧର୍ଷଣ ପରି ସଂଗୀନ ଅପରାଧୀ ହୋଇଥିଲେ ହେଁ ଟଙ୍କା ବଳରେ ସମସ୍ତଙ୍କୁ ନିଜ ଅଧୀନକୁ ଆଣି ପାରୁଛନ୍ତି । ମନ୍ତ୍ରୀ ଏକାଧିକ ଥର ମନ୍ତ୍ରୀ ପଦ ପାଉଛି । ଅଫିସରଙ୍କ ଧାରାବାହିକ ଭାବେ ପଦୋନ୍ନତି ହୋଇଯାଉଛି । ମୁନାଫାଖୋର ମାନେ ଅଧିକ ପୁଞ୍ଜି ସମାଗମ କରିବାରେ ସଫଳ ହେଉଛନ୍ତି । ଏପରି କ୍ଷେତ୍ରରେ ସାଧାରଣ ନାଗରିକଟିର ଅବସ୍ଥା ଚିନ୍ତାଜନକ ହୋଇଉଠୁଛି । ବନ୍ଦୀ ଚରିତ୍ରଟି ଏହି ସାଧାରଣ ନାଗରିକର ଏକ ଦୃଷ୍ଟାନ୍ତ । ମୋଟ ଉପରେ 'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା' ଛୋଟ ନାଟକଟି ବର୍ତ୍ତମାନର କୀଟଦ୍ରଷ୍ଟ ଶାସନତନ୍ତ୍ରର ବିଶୃଙ୍ଖଳା ଶାସନର ଦସ୍ତାବିଜ୍ । ଏହି କଥା ହିଁ ବନ୍ଦୀ କ୍ରମଶଃ ପ୍ରକାଶ କରିଛନ୍ତି । ଏହା ସର୍ବସାଧାରଣରେ ଚର୍ଚ୍ଚ ହେବା ଆବଶ୍ୟକ ଓ ଚର୍ଚ୍ଚା ହେଲେ ହିଁ ନିଷ୍ପେଷିତ ଜନତା ଏହାର ସମାଧାନ ବା ନିରାକରଣର ପଥ ବାହାର କରିପାରିବ ।

ଦେଶର ସାମୟିକ ସମସ୍ୟା ଓ ବୈଷମ୍ୟର ସମାଧାନ ପାଇଁ ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ନାଟ୍ୟକାର ନୀଳାଦ୍ରିଭୂଷଣ ଏପରି ନାଟକର ପରିକଳ୍ପନା ଅତ୍ୟନ୍ତ ସମୟ ଉପଯୋଗୀ ହୋଇଛି ।

॥ ୫ ॥

'ଅରଣ୍ୟର ଅଶ୍ରୁ' ନାଟକଟି ସାମ୍ପ୍ରତିକ ସମସ୍ୟାକୈନ୍ଦ୍ରିକ ଏକ ସଫଳ ନାଟକ । ଏହା ଆଦିବାସୀଙ୍କ ବିସ୍ଥାପିନ ସମସ୍ୟା ଉପରେ ଆଧାରିତ । ଏକ ଏକ ଭାରୀ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଆଦିବାସୀଙ୍କୁ ତାଙ୍କ ଭିଟାମାଟିରୁ ବିଚ୍ଛିନ୍ନ କରି ରାଜ୍ୟ ସରକାର କୂଟନୀତି ଆଧାରରେ ଶସ୍ତା ରାଜନୀତି କରିଛନ୍ତି । ଏହି ସାମ୍ପ୍ରତିକ ସମସ୍ୟା ସହିତ ନାଟ୍ୟକାର ପୁରାଣ ମହାଭାରତର ଏକ ସମାନ୍ତରାଳ ବିଷୟକୁ ସାମିଲ କରିଛନ୍ତି । ନାଟ୍ୟକାରଙ୍କ ଦୃଷ୍ଟିରେ ସେ ଯୁଗରେ ମଧ୍ୟ ଆଦିମ ଅଧିବାସୀଙ୍କୁ ବିସ୍ଥାପନ କରାଯାଇ ରାଜାମାନେ ନିଜର ହୀନସ୍ୱାର୍ଥ ହାସଲ କରୁଥିଲେ ଓ ଆଜି ମଧ୍ୟ ରାଜ୍ୟ ସରକାର ବା ମନ୍ତ୍ରୀ ନିଜର ହୀନସ୍ୱାର୍ଥ ସାଧନ ପାଇଁ ଏହି ଆଦିବାସୀଙ୍କ ମୂଳ ଜନବସତିକୁ ଭାଙ୍ଗୀ ସେଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବଡ଼ ବଡ଼ ଦେଶୀୟ ବା ବିଦେଶୀ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି । ସାରା ଭାରତରେ ବର୍ତ୍ତମାନ ପର୍ଯ୍ୟନ୍ତ ଅତୀତର ସେହି ମର୍ମନ୍ତୁଦ ଘଟଣାର କେବଳ ପୁନରାବୃତ୍ତି ଘଟିଚାଲିଛି ମାତ୍ର ।

ମହାଭାରତର ପ୍ରେକ୍ଷାପଟରେ ବିଦୂର, ଶକୁନି, ଦୁର୍ଯ୍ୟୋଧନ, ଦୁଃଶାସନ ଓ ଜାରା ଇତ୍ୟାଦି ଚରିତ୍ର ରୂପାୟିତ ହୋଇଥିବା ବେଳେ ସାମ୍ପ୍ରତିକ ପ୍ରେକ୍ଷାପଟରେ ଜିଲ୍ଲାପତି,

Digitized by srujanika@gmail.com

ମୁଖିଆ, ବୃଦ୍ଧ, ଯୁବକ, ଫୁଲମଣି, ଫୁଲମଣିର ସ୍ୱାମୀ ଇତ୍ୟାଦି ଚରିତ୍ର ରୂପାୟିତ ହୋଇଛନ୍ତି। ଅତୀତର ଜାରା ଏଠାରେ ଆଦିବାସୀ ପ୍ରତିନିଧି। ସେ କୌରବଙ୍କ ମନ୍ତ୍ରୀ ବିଦୂରଙ୍କୁ ନିଜ ସମସ୍ୟା ଜଣାଇଛି। ବିଦୂର ମଧ ସେମାନଙ୍କ ପ୍ରତି ଦୟା ମନଭାବ ହୋଇ ଯୁବରାଜ ଦୁର୍ଯ୍ୟୋଧନଙ୍କୁ ଆଦିବାସୀଙ୍କ ଅସୁବିଧା ସଂପର୍କରେ ଜଣାଇଲେ। ମାତ୍ର ଦୁର୍ଯ୍ୟୋଧନ ପାଣ୍ଡବଙ୍କୁ ବଧ କରିବାର ହୀନ ଚକ୍ରାନ୍ତ ପ୍ରସ୍ତୁତି ପାଇଁ ସେହି ଜାରା ଶବର ପଲ୍ଲୀକୁ ଚକ୍ରାନ୍ତ କ୍ଷେତ୍ର ଭାବେ ଚୟନ କଲେ। ସେଠାରୁ ଶବର ଗ୍ରାମକୁ ଉଚ୍ଛେଦ କରି ଦୁର୍ଯ୍ୟୋଧନ ଝିମାଣିଶାଳା ପ୍ରସ୍ତୁତ କରିବେ ଓ ସେଠାରୁ ପାଣ୍ଡବଙ୍କ ଯତୁ ଗୃହକୁ ଅଗ୍ନି ସଂଯୋଗ କରାଯାଇ ସମସ୍ତ ପାଣ୍ଡବଙ୍କୁ ନାଶ କରିବାର ଯୋଜନା କରିଥିଲେ। ତେଣୁ ନିଷ୍ଠୁର, ନିର୍ମମ ଭାବେ ସୈନ୍ୟ ମାଧମରେ ସେଠାରୁ ଶବର ଅଧିବାସୀଙ୍କୁ ବିତାଡ଼ିତ କରିଥିଲେ ଦୁର୍ଯ୍ୟୋଧନ ଶକୁନିଙ୍କ ମନ୍ତ୍ରଣା କ୍ରମେ। ସତେ ଯେପରି ନାମହୀନ, ପରିଚୟହୀନ ପଶୁ ସେହି ଜାରା ଓ ତାର ବଂଶଧର ମାନେ। ଫଳମୂଳ ଆହାର କରି ସ୍ୱଚ୍ଛନ୍ଦରେ ଜୀବନ ବିତାଉଥିବା ଆଦିବାସୀ ବଂଶ ବଂଶର ସଂପର୍କ ଓ ମାଟି ସହ ଥିବା ଆତ୍ମିକ ସଂଯୁକ୍ତିକୁ ଅହଂକାରୀ, ସ୍ୱାର୍ଥୀ ରାଜପୁତ୍ର ଦୁର୍ଯ୍ୟୋଧନ ବୁଝି ପାରିନାହାନ୍ତି। ସେ ପାଣ୍ଡବଙ୍କ ପ୍ରତି ପ୍ରତିଶୋଧ ପରାୟଣ ହୋଇ ଏପରି ପଦକ୍ଷେପ ନେଇଛନ୍ତି ଯେ ଅନ୍ୟମାନଙ୍କ କ୍ଷତି ଓ କଷ୍ଟକୁ ବୁଝିବାକୁ ସକ୍ଷମ ହୋଇନାହାନ୍ତି।

ମହାଭାରତର ଘଟଣା ବା ମିଥ୍ ପ୍ରେକ୍ଷାପଟରେ ନାଟ୍ୟକାର ସଂପ୍ରତି ହେଉଥିବା ବିସ୍ଥାପନକୁ ରୂପ ଦେଇଛନ୍ତି। ଏଠାରେ ସେହି ଆଦିବାସୀଙ୍କ ଭୂମି ହୋଇଛି କୋରାପୁଟର ଦାମନଯୋଡ଼ି। ସେଠାରେ ନାଲକୋ ପରି ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଇଚ୍ଛା ପ୍ରକାଶ କରି ସ୍ଥାନୀୟ ଜିଲ୍ଲାପାଳ (ଜିଲ୍ଲାପତି ନାଟକରେ)ଙ୍କ ମାଧମରେ ସ୍ଥାନୀୟ ଆଦିବାସୀଙ୍କୁ ସେ ସ୍ଥାନ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ସେଠାର ଲୋକଙ୍କ ପାଖକୁ ଆସିବାର ଯୋଜନା କରି କୌଶଳକ୍ରମେ ଆସିନାହାନ୍ତି। ତାଙ୍କର ଚାଟୁକାର ସ୍ଥାନୀୟ ଜିଲ୍ଲାପତି ହାଟ ପଡ଼ିଆରେ ଲୋକଙ୍କୁ ସମ୍ବୋଧନ କରି କହିଛନ୍ତି- ତୁମ୍ଭମାନଙ୍କୁ ସ୍ପଷ୍ଟ କରି କହିଦେଉଛି, ଏଠି ଭିନ୍ନ ଯୋଜନା ହୋଇଯାଇଛି ମାନେ ଏଠୁ ଉଠିବାକୁ ପଡ଼ିବ। କେବଳ ଏଇଠି ନୁହେଁ, ଅନ୍ୟ ସବୁ ଆରଣ୍ୟକ ଅଞ୍ଚଳର ଆଦିବାସୀମାନଙ୍କୁ ମଧ ହଟିଯିବା ପାଇଁ ନିର୍ଦ୍ଦେଶ ଦିଆଯିବ। କାରଣ ଏ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବଡ଼ ବଡ଼ ଶିଳ୍ପ କାରଖାନା ପ୍ରତିଷ୍ଠା କରାଯିବ। ସେଥିପାଇଁ ବ୍ୟାପକ ଭାବେ ଜଙ୍ଗଲ କଟାଯିବ। ଆଦିବାସୀ ପଲ୍ଲୀ ଗୁଡ଼ିକୁ ଉଚ୍ଛେଦ କରାଯିବ।" (ପୃ-୧୨୦)

ଏହି ଅବିଭକ୍ତ କୋରାପୁଟ ଜିଲ୍ଲା ରାମାୟଣରେ ଦଣ୍ଡକାରଣ୍ୟ ଭାବେ ପରିଚିତ। ରାମସୀତା ବନବାସ ସମୟରେ ଏହି ସୁଷମା ପ୍ରକୃତି କୋଳରେ ଦିନ ଯାପନ କରିଥିଲେ। ନାଟ୍ୟକାର ଆଦିବାସୀ ବିସ୍ଥାପନ ସହ ଦଣ୍ଡକାରଣ୍ୟ ଶରଣାର୍ଥୀ ଆଶ୍ରୟସ୍ଥଳୀକୁ ସଂଯୁକ୍ତ କରିଛନ୍ତି। ଏହି ଅରଣ୍ୟ ମଧରେ ଯୁଗ ଯୁଗ ଧରି ଅରଣ୍ୟ ସନ୍ତାନମାନେ ବସବାସ କରି

Digitized by srujanika@gmail.com

ଆସୁଥିଲେ। ପୋଡ଼ଶୀ ରାଷ୍ଟ୍ରର ଯୁଦ୍ଧଜନୀତ ସମସ୍ୟାକୁ ଦେଖି ବହୁ ବିଦେଶୀ ହିନ୍ଦୁଙ୍କୁ ଆଣି ଭାରତ ସରକାରଙ୍କ ଆଗ୍ରହ ଓ ଓଡ଼ିଶା ସରକାରଙ୍କ ଇଚ୍ଛା କ୍ରମେ ବର୍ତ୍ତମାନର ମାଲକାନ୍‌ଗିରି, ଉମରକୋଟ, କୋରାପୁଟ ଇତ୍ୟାଦି ସ୍ଥାନରେ ରଖାଗଲା। ତାଙ୍କ ପାଇଁ ସରକାର ସବୁ ସୁବିଧା କଲେ। ମାତ୍ର ନିଜ ରାଜ୍ୟବାସୀଙ୍କୁ ସରକାର କେବେହେଲେ ଗୁରୁତ୍ୱ ଦେଇନଥିଲେ। ଏହା ବୁଝିଥିଲେ ସେହି ଅରଣ୍ୟବାସୀଙ୍କ ସହ ଫୁଲମଣି ଆଦିବାସୀ ରମଣୀ। ଏ ପ୍ରସଙ୍ଗରେ ଫୁଲମଣିର ଅଶ୍ରୁପୂର୍ଣ୍ଣ ସଂଳାପ ହେଉଛି- "ସହରୀ ଲୋକେ କ୍ଷୀର ମହୁଠୁ ଆରମ୍ଭ କରି ଲଙ୍କା, ସୋରିଷ, ହରଡ଼, ହଳଦୀ ପର୍ଯ୍ୟନ୍ତ ସବୁ ଜିନିଷ ପାଇଁ ଆମ ପାଖକୁ ଦୌଡ଼ି ଆସୁଥିଲେ। ସମ୍ରାଟଙ୍କ ଲୋକେ ଆମକୁ ତଡ଼ିଲେ। ବାହାରର ଉଦ୍‌ବାସ୍ତୁ ଲୋକଙ୍କୁ ଆମ ଜାଗା ଉପରେ ରହିବାକୁ ଦେଲେ। ସେମାନଙ୍କ ପାଇଁ ପକ୍କା ଘର, ରାସ୍ତାଘାଟ, କୂଅ ପୋଖରୀ, ସ୍କୁଲ ଘର ସବୁ ବ୍ୟବସ୍ଥା କଲେ। ସେମାନେ କାହୁଁ ଉଡ଼ି ଆସିଲା ଚଢ଼େଇ, କେତେ ସୁଖରେ ରହିଛି। ଅଥଚ ସମ୍ରାଟଙ୍କ ବିଚାର ଦେଖ, ଆମ ପାଇଁ ସବୁ ଅନିଭୋଗ, ସବୁ ଦୁଃଖ।" (ପୃ-୧୨୭)

ଏହି ଅରଣ୍ୟବାସୀ ଚିରକାଳ ରାଜା, ମନ୍ତ୍ରୀଙ୍କ ଦ୍ୱାରା ବିସ୍ଥାପିତ ହୋଇଛନ୍ତି। ହୀନ ସ୍ୱାର୍ଥ ବା ହୀନ ରାଜନୀତିର ଶିକାର ହୋଇ ପୁରୁଷ ପୁରୁଷର ଭିଟାମାଟି ଛାଡ଼ିଛନ୍ତି। ସଂଘର୍ଷ ହୋଇଛି ସେମାନଙ୍କ ମଧ୍ୟରେ। ଯୁଦ୍ଧରେ ମୁଣ୍ଡ ଫାଟିଛି। ହାତ ଗୋଡ଼ ଭାଙ୍ଗିଛି, ଖଣ୍ଡା ତୀରରେ ବହୁ ଲୋକ ଟଳି ପଡ଼ିଛନ୍ତି। ଯୁଦ୍ଧ କରିଛନ୍ତି ଏମାନେ ରାଜା ବିରୋଧରେ। ମାତ୍ର ଏ ନିରୀହ ଆଦିବାସୀମାନେ ଅତୀତରେ ଓ ସାଂପ୍ରତିକ କାଳରେ ନିଜ ଅଧିକାର ପାଇଁ ଯୁଦ୍ଧ କରି ହାରିଛନ୍ତି ଏବଂ ଆହୁରି ଭିତର ଅରଣ୍ୟକୁ ପଳାୟନ କରିଛନ୍ତି। ସେମାନଙ୍କ ଦୁଃଖ ହୁଏତ ବୁଝିପାରିଥିବ ସେଠାର ଅରଣ୍ୟ ପ୍ରକୃତି। ଯେଉଁ ପ୍ରକୃତି କୋଳରେ ସେମାନେ ଆଦିମାନବ ଭାବେ ଆନନ୍ଦରେ ବଡ଼ ହେଉଥିଲେ। ଭିଟାମାଟି ଛାଡ଼ିବାର ଯେଉଁ ଦୁଃଖ ସେମାନେ ପାଇଛନ୍ତି, ତାଙ୍କ କ୍ରନ୍ଦନର ଅଶ୍ରୁ ସେହି ଭିଟାମାଟି ଶୋଷି ନେଇଥିବା କ୍ରନ୍ଦନ ଶବ୍ଦ ଅରଣ୍ୟ ପ୍ରକୃତି ଶୁଣିଥିବ। ହେଲେ ନିଷ୍ଠୁର ରାଜା ବା ମନ୍ତ୍ରୀ, ପ୍ରଶାସକମାନେ ଅକ୍ଷମ ହୋଇଥିବେ ବୁଝିବାକୁ। ଏହିପରି 'ଅରଣ୍ୟର ଅଶ୍ରୁ' ନାଟକ ଆଦିବାସୀଙ୍କ ବିସ୍ଥାପନ ସମସ୍ୟାକୁ ନେଇ ଏକ ମର୍ମାନ୍ତିକ ପରିବେଶ ସୃଷ୍ଟି କରିବା ସହ ରାଜା ଓ ବର୍ତ୍ତମାନର ଶାସକଙ୍କ ହୀନ ମାନସିକତାକୁ ପ୍ରକାଶ କରିଛି। ନାଟକ ରଚନା ପଛରେ ସେମାନଙ୍କ ପ୍ରତି ନାଟ୍ୟକାରଙ୍କର ଦରଦ ରହିଛି। ସେ ପ୍ରତ୍ୟକ୍ଷ ଭାବେ ଏହି ଏଗାର ଦୃଶ୍ୟ ବିଶିଷ୍ଟ ନାଟକର ଏଗାରତମ ଦୃଶ୍ୟରେ ଏକ ଚରିତ୍ର ଭାବେ ରଣକ୍ଷେତ୍ରକୁ ଆସି ସେହି ବିଭତ୍ସ ଦୃଶ୍ୟକୁ ଅବଲୋକନ କରିଛନ୍ତି। ପାରମ୍ପରିକ ନାଟକର ସଂଯୋଜକ ଚରିତ୍ର ଭାବେ ସେ ଦର୍ଶକ, ପାଠକଙ୍କୁ ନିଜ ଅନ୍ତରର ବିଚାରକୁ ପ୍ରକାଶ କରିବା ସହ ସମସ୍ତଙ୍କ ପାଇଁ ପ୍ରଶ୍ନଟେ ଛାଡ଼ି ଯାଇଛନ୍ତି। ସେ କହିଛନ୍ତି -

Digitized by srujanika@gmail.com

"ଶାସକ ହୃଦୟରେ କେବେ ବି ସମ୍ବେଦନା ସୃଷ୍ଟି ହୋଇନି ସେମାନଙ୍କ ପାଇଁ। ଚିରଦିନ ସେମାନେ ହୋଇ ଆସିଛନ୍ତି ପ୍ରବଞ୍ଚନାର ଶିକାର। ବାରମ୍ବାର ବିତାଡ଼ିତ ହୋଇଛନ୍ତି ଗଭୀରତର ଅରଣ୍ୟ ଭିତରକୁ। ପ୍ରତିରୋଧ କରିବାକୁ ଯାଇ ବାରମ୍ବାର ସେମାନେ ହୋଇଛନ୍ତି କ୍ଷତ ବିକ୍ଷତ, ଅତ୍ୟାଚାରିତ। ସଭ୍ୟତାର ଆଲୋକରୁ ବଞ୍ଚିତ ଏଇ ନିରୀହ ଲୋକଙ୍କ ନିର୍ଯ୍ୟାତନାର କାହାଣୀ କେବେ କ'ଣ କାହାରି ହୃଦୟରେ ରେଖାପାତ କରିବନି ?"(ପୃ-୧୩୨)

ସାଂପ୍ରତିକ ଆଦିବାସୀଙ୍କ ବିସ୍ଥାପନ ସମସ୍ୟା ଉପରେ ଆଧାରିତ ଏହି 'ଅରଣ୍ୟର ଅଶ୍ରୁ' ନାଟକ ସେକାଳ ଓ ଏକାଳ ଶାସନତନ୍ତ୍ରର ଅମାନବୀୟ, ଅତ୍ୟାଚାରୀ ରୂପକୁ ପ୍ରକାଶ କରିବା ସହ ନିରୀହ ଆଦିବାସୀ ଜୀବନ ବୀପର୍ଯ୍ୟୟର ଗାଥାକୁ ନାଟ୍ୟକାର ଅତି, ନିଖୁଣ ଭାବେ ପ୍ରକାଶ କରିଛନ୍ତି।

॥ ୬ ॥

ଜଣେ ଆଦର୍ଶ ଅଧ୍ୟାପକ ଓ ସ୍ୱାଭିମାନୀ ଲେଖକ ଜୀବନର ତେଲଲୁଣ ସଂସାର ଆଗରେ ହାରିଯିବା ପ୍ରେକ୍ଷାପଟରେ 'ଅବ୍ୟକ୍ତ ଅନେକ' ଛୋଟ ନାଟକ ପର୍ଯ୍ୟବସିତ। ଅତୀତରେ ଶିକ୍ଷାଗୁରୁ ଓ ସାହିତ୍ୟ ଲେଖକର ଜୀବନ ଶୈଳୀ ଥିଲା ଭିନ୍ନ। ସେ ସନ୍ୟାସୀ ସଦୃଶ ଆନନ୍ଦରେ ଚଳି ଯାଉଥିଲେ। କିନ୍ତୁ ବର୍ତ୍ତମାନ ବସ୍ତୁ ତାନ୍ତ୍ରିକ ସମାଜରେ ଜଣେ ଅଧ୍ୟାପକ ହେଉ ବା ଲେଖକ ହେଉ ତାକୁ ପରିବାର ପାଇଁ ଟଙ୍କା ରୋଜଗାର କରିବାକୁ ପଡ଼ିବ। ଅନ୍ୟମାନଙ୍କ ପରି ଆଭିଜାତ୍ୟପୂର୍ଣ୍ଣ ଜୀବନ ଜିଇଁବାକୁ ହେବ। ସେଠାରେ ଅଧ୍ୟାପନାର ଗୌରବ ବା ଗଳ୍ପ, କବିତା ପ୍ରକାଶନରେ ପାଠକଙ୍କ ପ୍ରଶଂସା ମୂଲ୍ୟହୀନ ହୋଇଯାଏ। ସମାନ ଭାବେ ସ୍ତ୍ରୀ ମଧ୍ୟ ଚାହେଁ ଅନ୍ୟମାନଙ୍କ ପରି ନିଜର ଆଧୁନିକ ଶୈଳୀର ଘର ଓ ଚଳଣୀ। ଏ କ୍ଷେତ୍ରରେ ଆଲୋଚ୍ୟ 'ଅବ୍ୟକ୍ତ ଅନେକ' ନାଟକର ମୁଖ୍ୟ ଚରିତ୍ର ଅଧ୍ୟାପକ ଓ ଲେଖକ ସୁତନୁ ସଂଘର୍ଷ କରି କରି ପରିଶେଷରେ ନିଜ ସ୍ୱାଭିମାନ ଓ ଆଦର୍ଶ ନିକଟରେ ହାରମାନି ନିଜକୁ ଅର୍ଥ ଆଗରେ ଛୋଟ କରିଦେଇଛନ୍ତି।

ଏହିପରି ଏକ କରୁଣାତ୍ମକ ପରିବେଶ ସୃଷ୍ଟି କରିଛି ନାଟକର ସୁତନୁ ଓ ସୁରଭିଙ୍କ ଜୀବନ କାହାଣୀ। ସୁତନୁ ବୃତ୍ତିରେ ଜଣେ ଅଧ୍ୟାପକ। ଓଡ଼ିଶାର କୌଣସି ଏକ ବେସରକାରୀ କଲେଜରେ ଚାରିପାଞ୍ଚ ହଜାର ଟଙ୍କା ଦରମାରେ ସୁତନୁ ଅଧ୍ୟାପନା କାର୍ଯ୍ୟ କରନ୍ତି। ସ୍ତ୍ରୀ ସୁରଭି ପକ୍ଷେ ଏତିକି ଟଙ୍କାରେ ସଂସାର ଚଳାଇବା କେତେ କଷ୍ଟକର ତାହା ସେ ସ୍ୱାମୀ ପାଖରେ ପ୍ରକାଶ କରି କହିଛନ୍ତି- "ଚାରିହଜାର ଟଙ୍କା ଦରମା ? ସେଥିରେ ଚଳିହୁଏ ? ଘରଭଡ଼ା, ଇଲେକ୍ଟ୍ରିକ୍ ମିଶି ତ ହଜାରେ, ଆଉ ବାକି ଟଙ୍କାରେ ଖାଇପିଇ ବଞ୍ଚି ହେବତ ?"

Digitized by srujanika@gmail.com

(ପୃ-୧୩୩) ଏହିପରି ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବଚଶା ଓ ପରାମର୍ଶରେ ଦିନ କଟେ। ସମାଧାନର ବାଟ ସେମାନଙ୍କୁ ମିଳେନାହିଁ। ଏହି ପରିସ୍ଥିତିର ଦାୟରେ ପଡ଼ି ସୁରଭି ଗଳ୍ପ କବିତା ଲେଖା ଓ ପ୍ରକାଶନକୁ ଏକ ସମ୍ମାନଜନକ କାର୍ଯ୍ୟଭାବେ ଗ୍ରହଣ କରିନାହାନ୍ତି। କାରଣ ସେ ବୁଝନ୍ତି ସମ୍ମାନ ଅପେକ୍ଷା ଟଙ୍କା ଦରକାର ସମାଜରେ ସମ୍ମାନଜନକ ବଞ୍ଚିବା ପାଇଁ। ସଂସାରର ପ୍ରତିଟି ସ୍ତ୍ରୀ ଚାହେଁ ସ୍ୱାମୀ ସମ୍ମାନ। ପ୍ରତିପତ୍ତି, ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟ। ସ୍ତ୍ରୀ ଭାବେ ସୁରଭି ଏସବୁ କିଛି ପାଇନାହାନ୍ତି କିନ୍ତୁ ଅପରପକ୍ଷେ ସ୍ୱାମୀ ସୁତନୁ ସାନ୍ତ୍ୱନା ଦେଇ କହନ୍ତି- "ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛନ୍ଦ ହୋଇପାରେ, କିନ୍ତୁ ମୁଁ କ'ଣ ସେମାନଙ୍କ ଅପେକ୍ଷା ଅଧିକ ସମ୍ମାନିତ ନୁହେଁ। ମୋ ଗଳ୍ପ ପତ୍ରପତ୍ରିକାରେ ବାହାରେ। କେତେ ଲୋକଙ୍କ ହୃଦୟ ଛୁଏଁ। କେତେ ପ୍ରଶଂସାପୂର୍ଣ୍ଣ ଚିଠି ଆସେ। ଏଇ ଗୌରବ କେତେ ଜଣଙ୍କୁ ମିଳେ ?" (ପୃ-୧୩୪)

ନାଟକର ପରବର୍ତ୍ତୀ ସ୍ତରରେ ସୁତନୁ ନାଏକ ଜଣେ ପ୍ରକାଶକଙ୍କୁ ସାକ୍ଷାତ କରିଛନ୍ତି। କିନ୍ତୁ ଏପରି ନୂଆ ଲେଖକଙ୍କ ଲେଖା ଭଲ ହେଲେ ହେଁ ପ୍ରତିଷ୍ଠିତ ଲେଖକଙ୍କ ଲେଖା ହିଁ ଛାପିବାକୁ ପ୍ରକାଶକମାନେ ପସନ୍ଦ କରନ୍ତି। କାରଣ ସେଥିରେ ରିସ୍କ୍ କମ୍‌ଥାଏ ବୋଲି ପ୍ରକାଶକ କହିଛନ୍ତି। ଏହିପରି ହତାଶ ମନଭାବ ନେଇ ଘରେ ଥିବା ସମୟରେ ଭାଗ୍ୟ ଉଦୟର ସମ୍ଭାବନା ଦେଖା ଦେଇଛି ସୁତନୁଙ୍କର। ସେ ଚିଠି ପାଇଛନ୍ତି ବିଖ୍ୟାତ 'ଶୋଭନ୍ ମୁଭିଜ୍' ପରି ଏକ ବିଖ୍ୟାତ ସିନେମା ନିର୍ମାତାଙ୍କଠାରୁ। ସୁରଭି ଓ ସୁତନୁ ଖୁସି ହୋଇଛନ୍ତି ଯେ ସୁତନୁଙ୍କ ଉପନ୍ୟାସର କାହାଣୀ ସିନେମା ପାଇଁ ମନୋନୀତ ହୋଇଛି। ସୁରଭି ମଧ୍ୟ ପ୍ରଶଂସା କରିଛନ୍ତି ସୁତନୁଙ୍କୁ। କାରଣ ତାଙ୍କ କାହାଣୀ ଅନ୍ୟ ଲେଖକଙ୍କ କାହାଣୀଠାରୁ ଉତ୍କୃଷ୍ଟ ହୋଇ ବିବେଚିତ ହୋଇଛି। ସେଥିପାଇଁ ସୁତନୁ ଯଥାଶୀଘ୍ର ପ୍ରଯୋଜକଙ୍କୁ ସାକ୍ଷାତ ମଧ୍ୟ କରିଛନ୍ତି। ସାହିତ୍ୟିକ ଭାବେ ପ୍ରତିଷ୍ଠା ହେବାର ସ୍ୱପ୍ନ ତାଙ୍କର ସାକାର ହୋଇଛି। ଜୀବନରେ ଆର୍ଥିକ ଦାରିଦ୍ର୍ୟ ପରିବର୍ତ୍ତନ ସହ ଜୀବନଧାରା ମଧ୍ୟ ବଳିଯିବାର ସମ୍ଭାବନା ଦେଖା ଦେଇଛି ଏହି ଦମ୍ପତିଙ୍କ ସଂସାରରେ। ସୁଖ ଜୀବନର ସ୍ୱପ୍ନ ଦେଖିଥିବା ସୁତନୁ ଅତି ଆଗ୍ରହ ସହ ପ୍ରଯୋଜକଙ୍କୁ ସାକ୍ଷାତ କରିଛନ୍ତି। କିନ୍ତୁ ପ୍ରଯୋଜକ ସୁତନୁଙ୍କ କାହାଣୀକୁ ନେଇ କଣ୍ଟ୍ରାକ୍ଟ କରିଛନ୍ତି। ପ୍ରଯୋଜକ ଟଙ୍କା ବିନିମୟରେ କାହାଣୀର ଲେଖକ ସୁତନୁଙ୍କ ନାଁ ସ୍ଥାନରେ ନିଜ ନାଁ ରଘୁବୀର ସାହାଣୀ ରଖିବାକୁ ଚାହିଁଛନ୍ତି ଓ ଏହା ବଦଳରେ ସୁତନୁ ପାଇବେ ଦୁଇଲକ୍ଷ ଟଙ୍କା ବା ପାଞ୍ଚଲକ୍ଷ ଟଙ୍କା। ଏକଥା ଶୁଣି ସୁତନୁଙ୍କ ହୃଦୟକୁ ଆଘାତ ଲାଗିଛି। ମାନସିକ ସ୍ତରରେ ସେ ଦୁର୍ବଳ ଓ ଅସହାୟ ହୋଇଛନ୍ତି। ଏହି ଦୁର୍ଦ୍ଦଶାଗ୍ରସ୍ତ ସ୍ୱାଭିମାନୀ ଲେଖକ ସୁତନୁ ପ୍ରଯୋଜକଙ୍କୁ କହିଛନ୍ତି "ଲେଖକ ନିଃସ୍ୱ ହେଲେବି ତା'ର ସୃଷ୍ଟି ହିଁ ତା'ର ସମ୍ବଳ। ତା'ରି ବଳରେ ସେ ଧନୀ। ଗର୍ବ କରିବାକୁ ଏତିକିମାତ୍ର ତା'

Digitized by srujanika@gmail.com

ପାଖରେ ଥାଏ। ଏଇ ସମ୍ବଳଟିକୁ ହରେଇ ବସିବା ପରେ ସାରା ଜୀବନ ଧରି ଯେଉଁ ମାନସିକ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିବ, କେମିତି ମୁଁ ସହ୍ୟ କରିବି ?(ପୃ-୧୪୪) ପ୍ରକୃତରେ ବର୍ତ୍ତମାନ ସାରା ଦେଶରେ ଅନୈତିକ ବ୍ୟବସାୟୀ ପ୍ରଯୋଜକମାନେ ଆଦର୍ଶବାନ ସାହିତ୍ୟିକଙ୍କୁ ଟଙ୍କା ମାଧ୍ୟମରେ ଖରିଦ୍ କରିବାର ନଜିର ରହିଛି। ଲେଖାଟିଏ ଲେଖକ ପାଇଁ ସନ୍ତାନ ସଦୃଶ। ସେହି ଲେଖା ମାଧ୍ୟମରେ ଲେଖକ ଜଣକ ପରିଚିତ ଓ ସୁନାମ ଅର୍ଜନ କରିବାକୁ ଇଚ୍ଛା କରିଥାନ୍ତି। ସୁତନୁଙ୍କ କ୍ଷେତ୍ରରେ ଏହି କଥା ମଧ୍ୟ ସତ୍ୟ। କିନ୍ତୁ ଜୀବନର ଅଭାବ ଅନଟନ ମଧ୍ୟରୁ ନିଜ ସଂସାରକୁ ଉଦ୍ଧାର କରିବା ପାଇଁ ସେ ବାଧ୍ୟ ହୋଇଛନ୍ତି ପ୍ରଯୋଜକଙ୍କ କଣ୍ଟ୍ରାକ୍ଟ ସାଇନ୍ କରିବାକୁ। ସ୍ତ୍ରୀ ସୁରଭିଙ୍କ ସେହି ପୁରୁଣା କଥା ସୁତନୁଙ୍କ ମନେ ପଡ଼ିଯାଇଛି। ("ଯାହା ପାଖରେ ପଇସା, ସମାଜରେ ତା'ର ପ୍ରତିଷ୍ଠା") ସୁତନୁ ହାରି ଯାଇଛନ୍ତି ପରିସ୍ଥିତି ଆଗରେ। ଅପରପକ୍ଷରେ ସେ ଅଭିମାନ ଭରା ସ୍ୱରରେ ସ୍ତ୍ରୀକୁ କହିଛନ୍ତି "ବସ୍ତୁତାନ୍ତ୍ରିକ ଜୀବନଧାରଣର ସବୁକିଛି ମିଳିଯିବ ଏହି ପାଇଥିବା ଟଙ୍କା ବିନିମୟରେ। ଲୋକେ ତାଙ୍କୁ ସମ୍ମାନ ଦେବେ ତାଙ୍କ ପାଖରେ ଟଙ୍କା ଅଛି ବୋଲି କିନ୍ତୁ କେହି ତାଙ୍କ ଜୀବନର ଅସହାୟତା ଓ ଲେଖକଙ୍କ ଜୀବନର ମୃତ୍ୟୁର କାହାଣୀକୁ ଜାଣିପାରିଲେ ନାହିଁ।" ଘର ମଧ୍ୟରେ ସ୍ତ୍ରୀ ଓ ଘର ବାହାରେ ପ୍ରଯୋଜକ ସୁତନୁଙ୍କ ସରଳତା, ଆଦର୍ଶ, ସ୍ୱାଭିମାନ ଓ ଲେଖକର ସମ୍ମାନକୁ ବୁଝି ପାରିନାହାନ୍ତି। ପ୍ରକୃତରେ ନାଟ୍ୟକାର ଜଣେ ଲେଖକ ହୋଇଥିବାରୁ ଏଥିରେ ସୁତନୁଙ୍କ ଜୀବନର ମର୍ମକୁ ଅତି ସମ୍ବେଦନ କରି ପ୍ରକାଶ କରିଛନ୍ତି। ଓଡ଼ିଶାରେ ଜଣେ ସାଧାରଣ ମହାବିଦ୍ୟାଳୟର ଅଧ୍ୟାପକ ଓ ନୂଆ ଲେଖକ ଭାବେ ପ୍ରତିଷ୍ଠା କରିବାର ଅଭିଳାସା ସୁତନୁଙ୍କ ଜୀବନରେ ବିଫଳତାରେ ପର୍ଯ୍ୟବସିତ ହୋଇଛି। ପ୍ରକୃତରେ ଏହା ଏକ ହୃଦୟବିଦାରକ କାହାଣୀ। ଯାହା ଅନେକଙ୍କ ଜୀବନରେ ଘଟେ ମାତ୍ର ଅବ୍ୟକ୍ତ ହୋଇ ରହିଯାଏ।

॥ ୭ ॥

ମୋଟ ପାଞ୍ଚଟି ଛୋଟ ନାଟକର ସମବାୟ ସଂକଳନ 'ବନ୍ଦୀଶାଳାରେ ବିଶ୍ୱପତି'। ଏଥିରେ ଦେବତା, ରାଜନୀତି, ଭାରତୀୟତା, ମାନବିକତା, ଉଦାରତା, ଦେଶସେବା, ଅଧ୍ୟାପନା, ସାହିତ୍ୟସେବା ସବୁ କଳଙ୍କିତ ହୋଇ ଉଠିଛି। ବସ୍ତୁତାନ୍ତ୍ରିକ ଭାବନା, ସ୍ୱାର୍ଥ, ଅମାନବିକତା, ଅସହିଷ୍ଣୁତା, ହିଂସା, ଶୋଷଣ, ଛଦ୍ମତା ଓ ଶସ୍ତା ରାଜନୀତି କାୟା ବିସ୍ତାର କରିଛି ସାରା ସଂସାର। ନାଟ୍ୟକାର ନିଜ ଜୀବନର ବାସ୍ତବ ଅନୁଭୂତିକୁ ସାଉଁଟି ଆଣିବା ସହ ଚତୁଃପାର୍ଶ୍ୱରେ ବିଚରଣ କରୁଥିବା ବହୁ ଚରିତ୍ରଙ୍କୁ ନାଟ୍ୟରୂପ ଦେଇଛନ୍ତି। ଏଥିରେ ନାଟ୍ୟକାରଙ୍କ ଅନୁଭବ ତୀକ୍ଷ୍ଣ। ସେ ନିଜେ ମଧ୍ୟ ବହୁ ସ୍ଥାନରେ ମର୍ମାହତ ହୋଇଛନ୍ତି। ଜଗନ୍ନାଥଙ୍କୁ ନେଇ

Digitized by srujanika@gmail.com

ସେବାୟତଙ୍କ ବ୍ୟବସାୟ ଓ ଓଡ଼ିଶାର ରାଜନେତାଙ୍କ ରାଜନୀତି, ଜଣେ କର୍ମବାନ୍ ଛାତ୍ରର ସଫଳତାକୁ ଉଚ୍ଚପଦସ୍ଥ ଅଫିସରଙ୍କ ସ୍ତ୍ରୀ ସହି ନପାରିବା, ବିଚାରାଧୀନ ବନ୍ଦୀ ସାମ୍ପ୍ରତିକ ଶାସନ ବ୍ୟବସ୍ଥାର ମୁଖା ଖୋଲିଦେବା, ମିଥ୍ ଆଧାରରେ ଆଦିବାସୀଙ୍କ ବିସ୍ଥାପନ ସମସ୍ୟା ଓ ଶିଳ୍ପର ପ୍ରସାର ଏବଂ ଜଣେ ଲେଖକ ଜୀବନର କରୁଣ କାହାଣୀ ଉପସ୍ଥାପନରେ ବହୁ ଅନୁଭୂତିମୟ ହୋଇଉଠିଛି ନାଟକ ସଂକଳନଟି। ଏହାରି ମଧ୍ୟ ଦେଇ ନାଟ୍ୟକାର ନୀଳାଦ୍ରିଭୂଷଣଙ୍କ ପ୍ରକୃତ ଦୃଷ୍ଟିଭଙ୍ଗୀକୁ ଜାଣିହୁଏ। ମାନବିକତା, ଉଦାରପଣ ଓ ସ୍ୱାଭିମାନ ମଧ୍ୟ ଦେଇ ବ୍ୟକ୍ତି, ଜାତି ଓ ଦେଶର ପ୍ରଗତି ହେଉ ଏବଂ ଏହାରି ଆଧାରରେ ପ୍ରତିଟି ମନୁଷ୍ୟର ସଂପର୍କ ଛନ୍ଦି ହୋଇଯାଉ, ଏହା ହିଁ ନାଟ୍ୟକାରଙ୍କ ଅନ୍ତରର ଇଚ୍ଛା।

ଓଡ଼ିଆ ବିଭାଗ,
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା,
କୋରାପୁଟ (ଓଡ଼ିଶା)

Digitized by srujanika@gmail.com

ବିଘ୍ନିତ ମୂଲ୍ୟବୋଧ ଓ ତୀବ୍ର ଅସହାୟତାର ନାଟ୍ୟତ୍ରୟୀ : କଳୁରିବେଣ୍ଟ, ଜଟାୟୁର ଛିନ୍ନଡେଣା ଓ ମଇଁଷିର ପାଶ ନଯାଅ ଦନାଇ

ଡ. ପ୍ରଦୋଷ କୁମାର ସ୍ୱାଇଁ

ଉତ୍ତର ଷାଠିଏ ଓଡ଼ିଆ ନାଟକ ପ୍ରୟୋଗ ଓ ପରୀକ୍ଷାର ଅଙ୍କକଷା ମଧ୍ୟରେ ଆପଣା ମାଟିରେ ହିଁ ନିଜର ସ୍ଥିତି ହଜାଇ ବସି, ଅଗଣିତ ନାଟ୍ୟ ଓ ମଞ୍ଚ ଦର୍ଶକମାନଙ୍କ ଆଶା ଓ ଭରସାକୁ ଭ୍ରୂକ୍ଷେପ ନକରି ନୂତନତାର ଦ୍ୱାହି ଦେଇ ଏହି ସମୟରେ ଓଡ଼ିଆ ନାଟକ, ଏକ ଅଭିନବ ସଂକ୍ରମଣର ସରବ୍ୟ ହୋଇପଡ଼ିଥିଲା। ନିଜ ମାଟି, ପାଣି, ପବନ, ପରମ୍ପରା, ସଂସ୍କୃତି ଓ ଐତିହ୍ୟ ତା' ପାଇଁ ହୋଇପଡ଼ିଥିଲା ଅଲୋଡ଼ା ଓ ଅପାଂକ୍ତେୟ। ଆପଣା ଲୋକମାନେ ସତେ ଯେମିତି ମୁଖା ପିନ୍ଧି କହି ଚାଲୁଥିଲେ ଭିନ୍ନ ଏକ ପୃଥିବୀର କଥା। ଏଇ ମାଟିର ମଣିଷର ମନ କିଛି ମୁହୂର୍ତ୍ତ ପାଇଁ ସେଇ ନିଆରା ପଣିଆରେ ଆମୋଦିତ ହୋଇଥିଲା ସତ ମାତ୍ର ସମ୍ପୂର୍ଣ୍ଣ ଆତ୍ମବିସ୍ମୃତ ନୁହେଁ। ସୁତରାଂ ଅଶୀ ମସିହା ବେଳକୁ ଆଉ ଏକ ପରିବର୍ତ୍ତନ ପାଇଁ ଅନୁକୂଳ ବାତାବରଣ ଓ କ୍ଷେତ୍ର ପ୍ରସ୍ତୁତ ହୋଇସାରିଥିଲା। ଏହି ପରିବର୍ତ୍ତିତ ନାଟ୍ୟଧାରାରେ ଯେଉଁ କେତେଜଣ ନାଟ୍ୟକାର ନିଜର ଲେଖନୀ ଚାଳନା କରି ପୁନଶ୍ଚ ଓଡ଼ିଆ ନାଟକକୁ ନିଜମାଟି ଓ ଐତିହ୍ୟ ସହିତ ଜଡ଼ିତ କରିଥିଲେ, ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ(୧୯୪୮-) ତନ୍ମଧ୍ୟରୁ ଜଣେ ଚର୍ଚ୍ଚିତ ପ୍ରତିଭା।

ସ୍ରଷ୍ଟା-ଜୀବନର ଉନ୍ମେଷ ପର୍ଯ୍ୟାୟରେ ଜଣେ ନିରୁତା କବି ଭାବରେ ଆତ୍ମପ୍ରକାଶ କରିଥିବା ନୀଳାଦ୍ରିଭୂଷଣଙ୍କ କବି ମାନସ, ପରବର୍ତ୍ତୀ ସମୟରେ ନାଟକ ରଚନା କରିବା ଘଟଣା ଆଦୌ ଆକସ୍ମିକ କିମ୍ବା ଅପ୍ରତ୍ୟାଶିତ ନୁହେଁ। କିଶୋର ଅବସ୍ଥାରୁ ପିତା ପର୍ଶୁରାମ ହରିଚନ୍ଦନଙ୍କ ନାଟ୍ୟପ୍ରତିଭା ଦ୍ୱାରା ପ୍ରଭାବିତ ହୋଇ ନାଟକ ପ୍ରତି ତାଙ୍କର ବିଶେଷ ଆଗ୍ରହ ସୃଷ୍ଟି ହୋଇଥିଲା। ନିଜ ଜୀବନକାଳ ମଧ୍ୟରେ ବହୁ ପ୍ରତିଷ୍ଠିତ ନାଟ୍ୟକାରଙ୍କ ପ୍ରତ୍ୟେକ୍ଷ ସାନିଧ୍ୟ ତଥା ଅନେକ ଲୋକପ୍ରିୟ ନାଟକ ପଠନର ସୁଯୋଗ, ତାଙ୍କ ନାଟ୍ୟକାର ଜୀବନ ପାଇଁ ପ୍ରସ୍ତୁତ କରିଥିଲା ଏକ ଅନୁକୂଳ କ୍ଷେତ୍ର। ଏହା ପରେ ନବନାଟ୍ୟ ଆନ୍ଦୋଳନର ପୁରୋଧା ମନରଞ୍ଜନ ଦାସଙ୍କ ନାଟ୍ୟପ୍ରତିଭା ଦ୍ୱାରା ପ୍ରଭାବିତ ହୋଇ "କୋଠରୀ' ନାମକ ଏକ ବେତାର ନାଟକ ରଚନା କରି ଶ୍ରୀ ନୀଳାଦ୍ରିଭୂଷଣ ଅତ୍ୟନ୍ତ ସନ୍ତର୍ପଣତାର ସହ ପଦାର୍ପଣ

Digitized by srujanika@gmail.com

କରନ୍ତି ଓଡ଼ିଆ ନାଟ୍ୟ କ୍ଷେତ୍ରରେ। ପତ୍ର ମାଧ୍ୟମରେ ଅଗଣିତ ଶ୍ରୋତାମାନଙ୍କର ଉଚ୍ଛ୍ୱସିତ ପ୍ରଶଂସା ତରୁଣ ନୀଳାଦ୍ରିଙ୍କ ସ୍ରଷ୍ଟା-ମାନସରେ ଭରି ଦେଇଥିଲା ଅଭିନବ ଉନ୍ମାଦନା ଓ ଉଚ୍ଛ୍ୱାସ। ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଦୀର୍ଘ ତିନି ଦଶନ୍ଧିର ଓଡ଼ିଆ ନାଟକ କ୍ଷେତ୍ରରେ ତାଙ୍କର ଉତ୍ତରଣର ପାହାଚରେ 'ସ୍ୱର୍ଗାରୋହଣ', 'ମଧ୍ୟପାତ୍ର', 'ଅନୁଶାସନ', 'ନିରାପଦ ଭବିଷ୍ୟତ', 'ପୁଣ୍ୟଭୂମି ଭାରତ', 'ଭୀମ ଭୋଇଙ୍କ ସନ୍ଧାନରେ', 'ରତ୍ନାକରର ରାସ୍ତା', 'ରାଜପଥ ଗ୍ରାମପଥ', 'ଆଶ୍ଚର୍ଯ୍ୟ ମଣିଷ', 'କଲମ୍ବସ୍', 'ବତାସ ନିସ୍ତବ୍ଧ ଆଜି', 'ମୁଣ୍ଡ ଉପରେ ଛାତ', 'କଲୁରିବେଣ୍ଟ', 'ଜଟାୟୁର ଛିନ୍ନ ଡେଣା', 'ମଇଁଷିର ପାଶ ନଯାଅ ଦନାଇ', 'ମୂକ ମୈନାକ', 'ରାସ୍ତା ନାଇଁ', 'ଜନ୍ମଭୂମି', 'ପଥ ବହୁଦୂର', 'ଶୂନ୍ୟଘରର ସୀମା', 'ଜଳେ ଯେସନେ ଚନ୍ଦ୍ରଛାଇ', 'ବନ୍ଦିଶାଳରେ ବିଶ୍ୱପତି' ଇତ୍ୟାଦି ଏକ ଏକ ପ୍ରତିଶ୍ରୁତିପୂର୍ଣ୍ଣ ପର୍ଯ୍ୟାୟ।

ନାଟ୍ୟକାରଙ୍କ ପ୍ରତିଟି ସୃଷ୍ଟିରେ ବାରି ହୋଇଥାଏ ତାଙ୍କ ନିଆରାପଣକୁ। ଏହି ନିଆରାପଣ ହିଁ ଉତ୍ତର ଅଶୀ ଓଡ଼ିଆ ନାଟ୍ୟଧାରାରେ ନୀଳାଦ୍ରିଙ୍କୁ ଆଣିଦେଇଛି ଏକ ସ୍ୱତନ୍ତ୍ର ପରିଚିତି। କବି, ଗବେଷକ, ସମାଲୋଚକ ନୀଳାଦ୍ରିଙ୍କ ସ୍ରଷ୍ଟା ଜୀବନରେ ଯୋଡ଼ି ହୋଇଯାଇଛି ଆଉ ଏକ ନୂତନ ଅଧ୍ୟାୟ। ନାଟକକୁ ମନଭରି ଭଲ ପାଉଥିବା ସ୍ରଷ୍ଟାପ୍ରାଣଟି ସତେ ଯେପରି ପାଇଯାଇଛି ଅନେକ ଅସମାହିତ ପ୍ରଶ୍ନର ଉତ୍ତର। ତାହା ବିଳମ୍ବ ହୋଇଛି ସତ; ମାତ୍ର ବିଚ୍ୟୁତ ହୋଇନି ଲକ୍ଷ୍ୟପଥରୁ। ଅଜସ୍ର ଭାବନାର ଶତରଙ୍ଗୀ ଇନ୍ଦ୍ରଧନୁ ଉଙ୍କିମାରି ପ୍ରଲୁବ୍ଧ କରିଛି ତାଙ୍କ ସ୍ରଷ୍ଟା ଚେତନକୁ। ବ୍ୟକ୍ତ ନକରି ପାରିବାର ଅସମର୍ଥତା ବ୍ୟଥିତ କରିଛି ତାଙ୍କ କୋମଳ ହୃଦୟକୁ। ମନେ ହେଉଛି ସତେ ଯେପରି ତାଙ୍କ ଭାବନାର ବଳୟ ପାଇଁ କବିତାର ଛାତି ଅତ୍ୟନ୍ତ ସଂକୀର୍ଣ୍ଣ। ସେ ମୁକ୍ତ ହେବାକୁ ଚାହାନ୍ତି ସବୁ ପ୍ରକାର ବନ୍ଧନରୁ। ସେ ପ୍ରସାରିତ ହେବାକୁ ଚାହାଁନ୍ତି ସମସ୍ତ କ୍ଷୁଦ୍ରତାରୁ। ଟହ ଟହ ଆତ୍ମୀୟତାର ଭାବ ନେଇ ନିଜକୁ ହଜେଇ ଦେବାକୁ ଚାହାନ୍ତି ସମ୍ଭାବନାର ସେଇ ଅପହଞ୍ଚ ଇଲାକାରେ। ଯୋଉଠି ନଥିବ ପରୀକ୍ଷା ଓ ପ୍ରୟୋଗର ଅଙ୍କକଷା। ମାନ, ସମ୍ମାନ ଓ ପ୍ରତିଷ୍ଠା ନିମନ୍ତେ ଦୁର୍ବାର ଲାଳସା। ଏମିତି ଏକ ନିଆରା ଚେତନାର ପରିମଣ୍ଡଳ ମଧ୍ୟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ଠିକଣା ଖୋଜୁ ଖୋଜୁ ହଜି ଯିବାର ସମ୍ଭାବନା ସୃଷ୍ଟି ହୋଇଛି ସତ, କିନ୍ତୁ କେବେ ବିଚଳିତ ହୋଇନାହାନ୍ତି। ସେ କେମିତି କେଜାଣି ସବୁ ବାଧା, ବିଘ୍ନ, ଦୁଃଖ, କଷ୍ଟ, ହତାଶା ଓ ବିଷାଦକୁ ପଛରେ ପକାଇ ସ୍ଥିରୀକୃତ ଲକ୍ଷ୍ୟର ଅସରନ୍ତି ପଥରେ ଯାତ୍ରା କରି ଚାଲିଛନ୍ତି ଅବିଶ୍ରାନ୍ତ ଭାବରେ। ବୟସର ବନ୍ଧୁରତା ମନ୍ଥର କରିପାରିନି ତାଙ୍କ ସଦା ଚଳଚଞ୍ଚଳ ଲେଖନୀକୁ। ଆଜି ମଧ୍ୟ କେତେକ ପତ୍ରପତ୍ରିକାର ପୃଷ୍ଠାମଣ୍ଡନ କରୁଛି ତାଙ୍କ ମନନଶୀଳ ରଚନାବଳୀ। ସୁତରାଂ ଏହି ସୃଷ୍ଟିଶୀଳ ନାଟ୍ୟ ପ୍ରତିଭାର ପରିପୂର୍ଣ୍ଣ ଆକଳନ ଏକ ଆୟାସସାଧ୍ୟ ବ୍ୟାପାର ଅଟେ। ତେଣୁ ଏ ପ୍ରବନ୍ଧରେ ନାଟ୍ୟକାରଙ୍କ ସୃଷ୍ଟି ଆଭିମୁଖ୍ୟ ଓ 'ଜଟାୟୁର ଛିନ୍ନ

Digitized by srujanika@gmail.com

ଡ଼େଣା' ନାଟକ ସଂକଳନର ଶିଳ୍ପକଳା ସମ୍ପର୍କରେ କିଞ୍ଚିତ୍ ଆକଳନ କରିବାର ପ୍ରୟାସ କରାଯାଇଛି। ସ୍ରଷ୍ଟା, ସମାଜର ଜଣେ ସଚେତନଶୀଳ ଓ ଦାୟିତ୍ୱ ସଂପନ୍ନ ବ୍ୟକ୍ତି। ପ୍ରତି ମୁହୂର୍ତ୍ତରେ ତା'ର ପାରିପାର୍ଶ୍ୱିକ ଜଗତରେ ଘଟୁଥିବା ଘଟଣା, ଦୁର୍ଘଟଣା ଓ ବିବର୍ତ୍ତନକୁ ସ୍ରଷ୍ଟାର ଦୃଷ୍ଟି ନେଇ ଦେଖେ ଏବଂ ଅନୁଭବ କରେ। ସେହି ପୁଞ୍ଜୀଭୂତ ଅନୁଭୂତି ହିଁ କଳାତ୍ମକ ରୂପ ନେଇ ଆତ୍ମପ୍ରକାଶ କରେ ସାହିତ୍ୟ ଭାବରେ। ସ୍ରଷ୍ଟାର ମନନ, ଚିନ୍ତନ, ଭାବନା, କଳ୍ପନା ତଥା ଦୃଷ୍ଟିକୋଣ ଯେତେବେଳେ ବ୍ୟକ୍ତିରୁ ବ୍ୟଷ୍ଟିକୁ ସମ୍ପ୍ରସାରିତ ହୋଇଯାଏ, ସେତେବେଳେ ସେହି ରଚନାଟି ସମାଜ ପାଇଁ ହୋଇଯାଏ ଆଦର୍ଶ ସ୍ଥାନୀୟ। ଲେଖକ ପାଲଟି ଯାଏ ସମାଜର ଦିଗ୍‌ଦର୍ଶକ ଏବଂ ସମାଜ ସ୍ରଷ୍ଟାର ଅନୁଗାମୀ ହୋଇପଡ଼େ। ତେଣୁ ପ୍ରତ୍ୟେକ ସ୍ରଷ୍ଟାଙ୍କ ସମାଜ ପ୍ରତି ଦାୟିତ୍ୱ ହୋଇଯାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ମର୍ମରେ ନାଟ୍ୟକାର ନୀଳାଦ୍ରିଭୂଷଣ ଜଣେ ସମାଜ ସଚେତନଶୀଳ ସ୍ରଷ୍ଟା ଅଟନ୍ତି। ଉତ୍ତର ଅଶୀ ଭାରତୀୟ ସମାଜ ସଂସ୍କୃତି କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ଦ୍ରୁତ ପରିବର୍ତ୍ତନ ଜନିତ ସମସ୍ୟା ପ୍ରତି ନାଟ୍ୟକାର ଥିଲେ ଖୁବ୍ ସମ୍ବେଦନଶୀଳ। ସଂପ୍ରତି ଭାରତୀୟ ସମାଜ, ସଂସ୍କୃତି, ରାଜନୀତି, ଅର୍ଥନୀତି, ଅମଲାତନ୍ତ୍ର ତଥା ଶିକ୍ଷା ବ୍ୟବସ୍ଥାରେ ଯେଉଁ ସବୁ ଅବକ୍ଷୟ ଘଟୁଛି ଓ ବ୍ୟକ୍ତି ଯେପରି ସାମୂହିକ ଚିନ୍ତାଧାରାକୁ ଅପସରି ଯାଇ ଆତ୍ମକୈନ୍ଦ୍ରିକ ହୋଇପଡ଼ିଛି ଏବଂ ହରାଇ ବସୁଛି ସକଳ ମୂଲ୍ୟବୋଧ, ତାହା ନାଟ୍ୟକାରଙ୍କ ମନରେ ସୃଷ୍ଟି କରିଛି ଗଭୀର ଆଲୋଡ଼ନ ଓ ଅର୍ନ୍ତଦ୍ୱନ୍ଦ। ଗୋଟିଏ ପକ୍ଷରେ ମଣିଷର ସ୍ୱାର୍ଥଜଡ଼ିତ ଆଶା ଆକାଙ୍‌କ୍ଷା, ଉଚ୍ଚାଭିଳାଷ, ଯୌନଲାଳସା ଓ ମୂଲ୍ୟବୋଧରହିତ ଜୀବନ ଏବଂ ଅପରପକ୍ଷରେ ଅସହାୟ ପରମ୍ପରାର ଅବକ୍ଷୟୀ ସଂସ୍କୃତି, ମୂଲ୍ୟହୀନ ଆଦର୍ଶ, ଅସତ୍ୟ ଓ ହିଂସାର ପାଦୁର୍ଭାବ ତଥା ବିଡ଼ମ୍ବିତ ଧର୍ମଦର୍ଶନ; ସ୍ରଷ୍ଟାଙ୍କ କୋମଳ ହୃଦୟକୁ ବ୍ୟଥିତ କରିଛି। କଳାରେ ବୌଦ୍ଧିକ କସରତ ଅପେକ୍ଷା ସାଧାରଣ ମାନବ ଜୀବନର ସୁଖ, ଦୁଃଖ, ଆଶା, ନିରାଶା, ସ୍ୱପ୍ନ, ସଂଭାବନାକୁ ପ୍ରତିଫଳିତ କରିବା ଅଧିକ ଶ୍ରେୟସ୍କର। ବାସ୍ତବରେ ଏହି ଚେତନାକୁ ହିଁ ପୁଞ୍ଜିକରି ୧୯୮୦ ପରବର୍ତ୍ତୀ କାଳରେ ନୀଳାଦ୍ରିଙ୍କ ଲେଖନୀରୁ ଝରି ଯାଇଛି ଗୋଟିଏ ପରେ ଗୋଟିଏ ନାଟକ। କେଉଁଠି ପୁରାଣ, ଇତିହାସ, କିଂବଦନ୍ତୀ, ଜନସ୍ମୃତିକୁ ଆଶ୍ରୟ କରି ସାମ୍ପ୍ରତିକ ମଣିଷ ଜୀବନଚିତ୍ର ବିଶ୍ଳେଷିତ ତ ଆଉ କେଉଁଠି ବସ୍ତୁବାଦୀ ସମାଜର ବାସ୍ତବଚିତ୍ର ମାଧ୍ୟମରେ ତାଙ୍କ ସାମାଜିକ ନାଟକଗୁଡ଼ିକ ପରିକଳ୍ପିତ ହୋଇଛି। ସବୁଠି ମାନବତାର ଜୟଗାନ; ସତ୍ୟ, ଧର୍ମ, ନ୍ୟାୟର ପ୍ରତିଷ୍ଠା ନିମନ୍ତେ ସ୍ରଷ୍ଟା ହୃଦୟର ବ୍ୟାକୁଳତା ପରିଲକ୍ଷିତ ହୋଇଥାଏ। ଜଟିଳତା ଅପେକ୍ଷା ସ୍ୱାଭାବିକତା; ସ୍ୱପ୍ନ ଓ କଳ୍ପନା ଅପେକ୍ଷା ଗଭୀର ସାମାଜିକ ଅଙ୍ଗୀକାର; ତାଙ୍କ ନାଟକଗୁଡ଼ିକର ପ୍ରଧାନ ବିଶେଷତ୍ୱ ଅଟେ। ତାଙ୍କ ମିଥ୍‌ଧର୍ମୀ ନାଟକଗୁଡ଼ିକ ଗଭୀର ଜୀବନଜିଜ୍ଞାସା ଓ ଅସତ୍ୟ, ଅଧର୍ମ, ଅନ୍ୟାୟ, ଅରାଜକତା ତଥା ପରାଧୀନତା କବଳରୁ ମାନବାତ୍ମାର ମୁକ୍ତି ନିମନ୍ତେ ଆହ୍ୱାନ ଦେଉଥିବା ବେଳେ

Digitized by srujanika@gmail.com

ସାମାଜିକ ନାଟକଗୁଡ଼ିକ ସାମ୍ପ୍ରତିକ ମଣିଷର ସ୍ୱାର୍ଥପରତା, ଷଠତା, ପ୍ରବଞ୍ଚନା, ପ୍ରତାରଣା, ଲାଞ୍ଛନା, ଭ୍ରଷ୍ଟାଚାର, ଦୁର୍ନୀତି ତଥା ଚାରିତ୍ରିକ ସ୍ଖଳନର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛି।

ସ୍ୱର୍ଗାରୋହଣ ନାଟକରେ ସାମ୍ପ୍ରତିକ ମଣିଷ ମାନ-ସମ୍ମାନ ଓ ପ୍ରତିଷ୍ଠା ପାଇଁ ସଂକୀର୍ଣ୍ଣ ସ୍ୱାର୍ଥର ବଶବର୍ତ୍ତୀ ହୋଇ କିଭଳି ସଂଘର୍ଷ କରିଛି ଏବଂ ପରିଣତିରେ ଘୋର ନୈରାଶ୍ୟ ମଧ୍ୟରେ ଜର୍ଜରିତ ହୋଇପଡ଼ିଛି; ତାହା ରୂପାୟିତ ହୋଇଥିବା ବେଳେ 'ପୁଣ୍ୟ ଭୂମି ଭାରତ' ଆଦର୍ଶର ମୁଖା ପିନ୍ଧି ଲାଞ୍ଛନା, ପ୍ରବଞ୍ଚନା ତଥା ମିଥ୍ୟାଚାରର ସ୍ୱର ବହନ କରିଛି। ଇତିହାସ ଅବଲମ୍ବିତ 'ସତ୍ୟ ସଂଶୟ ସାଲବେଗ' ମଣିଷର ହିଂସା ଓ ଶଠତା ମନୋବୃତ୍ତି କିଭଳି ଆଧ୍ୟାତ୍ମିକ ଉତ୍ତରଣ ଲାଭ କରିଛି; ତାହା ସୂଚାଉ ଥିବାବେଳେ; 'ଭୀମ ଭୋଇଙ୍କ ସନ୍ଧାନରେ' ନାଟକର ଅନ୍ତଃସ୍ୱର ସାମ୍ପ୍ରତିକ ହିପୋକ୍ରାସିକୁ ଅଭିବ୍ୟଞ୍ଜିତ କରିଛି। 'ରାଜପଥ ଗ୍ରାମପଥ' ନାଟିକାରେ ଉଭୟ ଗ୍ରାମ ଓ ନଗରର ଅଧପତିତ ଚିତ୍ର ବହନ କରିଥିବା ବେଳେ 'ମୁଣ୍ଡ ଉପରେ ଛାତ' ପରିବେଶ ସୁରକ୍ଷା ଓ ଅର୍ଥକୌଳିନ୍ୟ ଭିତ୍ତିରେ ମଣିଷର ସର୍ବଗ୍ରାସୀ କ୍ଷୁଧାର ହୋଇଛି ନାଟକୀୟ ପରିପ୍ରକାଶ। 'ଜନ୍ମଭୂମି' ନାଟକରେ ପ୍ରତିଫଳିତ ହୋଇଛି ପ୍ରବାସୀ ପୁତ୍ରର ପିତାମାତାଙ୍କ ପ୍ରତି ଆକର୍ଷଣ, ପୁତ୍ରବଧୂର ବ୍ୟକ୍ତିକୈନ୍ଦ୍ରିକ ମନୋଭାବ ଓ ଅସହାୟତା। 'ବନ୍ଦୀଶାଳାରେ ବିଶ୍ୱପତି' ନାଟକରେ ଧର୍ମ ନାଁରେ ଶଠତା, ଆଧ୍ୟାତ୍ମିକ ଚେତନାର ଦୁର୍ଗତି ଓ ନାସ୍ତିକ ମନୋବୃତ୍ତିକୁ ପ୍ରତିଫଳିତ କରି ନାଟ୍ୟକାର ନିଜ କୋମଳ ହୃଦୟର ଅଜସ୍ର କ୍ଷୋଭ ଓ ଗଭୀର ଗ୍ଲାନି ପାଠକ ସମ୍ମୁଖରେ ଅଜାଡ଼ି ଦେଇଛନ୍ତି। ସବୁଠି ନୂତନତାର ଛାପ ଓ ଗଭୀର ଅନ୍ୱେଷାବୋଧ ଅଗଣିତ ପାଠକ ଓ ଦର୍ଶକମାନଙ୍କୁ ଥାଏ ପ୍ରଲୁବ୍ଧ କରି।

ଆଲୋଚ୍ୟ 'ଜଟାୟୁର ଛିନ୍ନ ଡେଣା' ନାଟକ ସଂକଳନଟି ପ୍ରଥମେ ୧୯୯୮ ମସିହାରେ ତିନିଟି ଛୋଟ ନାଟକର ସମାହାରରେ ଆର୍ଯ୍ୟ ପ୍ରକାଶନୀ ସଂସ୍ଥା ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ଲାଭ କରିଥିଲା। ସଂକଳନରେ ସ୍ଥାନିତ ନାଟକଗୁଡ଼ିକ ପୁସ୍ତକ ରୂପ ଲାଭ କରିବା ପୂର୍ବରୁ ଆକାଶବାଣୀରେ ପ୍ରଚାରିତ ହୋଇ ଶ୍ରୋତାମାନଙ୍କର ପ୍ରଂଶସା ଭାଜନ ହୋଇସାରିଥିଲା। ଯଦିଓ ଆଲୋଚ୍ୟ ନାଟକଗୁଡ଼ିକ ଓଡ଼ିଶାର କୌଣସି ପ୍ରତିଷ୍ଠିତ ନାଟ୍ୟ ସଂସ୍ଥା ଦ୍ୱାରା ଅଭିନୀତ ହୋଇନଥିଲା। ତଥାପି କେତେକ ନବଚେତନାନ୍ୱେଷୀ ନାଟ୍ୟପ୍ରେମୀମାନଙ୍କ ଦ୍ୱାରା ଅଭିନୀତ ହୋଇ ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା। ଶୈଳୀ ଓ ଭାବବସ୍ତୁ ଦୃଷ୍ଟିରୁ ଆଲୋଚ୍ୟ ସଂକଳନ ଏହି ତିନିଟି ନାଟକ ସାମ୍ପ୍ରତିକ ଏପିକ୍ ନାଟ୍ୟଶୈଳୀର ଅନ୍ତର୍ଗତ। ସଂକଳନର ପ୍ରସ୍ତାବନାରେ ସ୍ୱୟଂ ନାଟ୍ୟକାର ଏହି ନାଟକଗୁଡ଼ିକର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି : "ନାଟକଗୁଡ଼ିକରେ ନାଟ୍ୟମୋହଚ୍ଛିନ୍ନତା ଆଣିବା ପାଇଁ ତିନି ପ୍ରକାରର ସଂଯୋଗକାରୀ ଚରିତ୍ର ସୃଷ୍ଟି କରାଯାଇ ବକ୍ତବ୍ୟକୁ ଦର୍ଶକର ଚେତନା ସ୍ତରକୁ ପ୍ରବେଶ କରାଇବାର ପ୍ରୟାସ କରାଯାଇଛି। ରାଜନୀତିକ ସ୍ତରର ସଂଘର୍ଷ

Digitized by srujanika@gmail.com

ଓ ପ୍ରତିରୋଧର କାହାଣୀ ନାଟକଗୁଡ଼ିକର ଉପଜୀବ୍ୟ । ସମାଜର ଅବିଚାର ଓ ପ୍ରତାରଣାରେ ନିତ୍ୟ ଶୋଷିତ ମଣିଷ ମନରେ ଆଶାର ସଂଚାର କରିବା ନାଟକର ଲକ୍ଷ୍ୟ ।" (ପ୍ରବେଶ : ଜଟାୟୁର ଛିନ୍ନ ଡେଣା)

ପୁରାଣ ଓ ଲୋକକାହାଣୀକୁ ଆଶ୍ରୟ କରି ଏପିକ୍ ନାଟକ ଶୈଳୀରେ ରଚିତ ଏହି ନାଟକଗୁଡ଼ିକ ବିପର୍ଯ୍ୟସ୍ତ ସାମାଜିକ ବିଧି ବ୍ୟବସ୍ଥା, ଦୁର୍ନିତୀଗ୍ରସ୍ତ, ଅମଲାତନ୍ତ, ବିଡ଼ମ୍ବିତ ଗାଣତାନ୍ତିକ ମୂଲ୍ୟବୋଧ ଓ କ୍ଷୟିଷ୍ଣୁ ମାନବିକତା ତଥା ସ୍ୱାର୍ଥପରତା ବିରୁଦ୍ଧରେ ଶାଣିତ ବିଦ୍ରୂପ କରିଛନ୍ତି ନାଟ୍ୟକାର । ସଂକଳନର ପ୍ରଥମ ନାଟକ 'କଲୁରିବେଣ୍ଟ' ଏକ ଜନାଦ୍ଭୁତ ଲୋକ କାହାଣୀର ଅନ୍ତରାଳରେ ସାମ୍ପ୍ରତିକ କାଳରେ ଦେଖା ଦେଉଥିବା ଅମଲାମାନଙ୍କ ବିଳାଶ ଓ ଦୁର୍ନୀତୀଗ୍ରସ୍ତ ଜୀବନବୋଧର ଚିତ୍ର ପ୍ରତିଫଳିତ କରାଯାଇଛି । ନୀତି ନା'ରେ ଅନୀତି, ନ୍ୟାୟ ନାରେ ଅନ୍ୟାୟ, ତଥା ଧର୍ମ ନାରେ ଅଧର୍ମର ଜୟଗାନ କିଭଳି ଏହି କ୍ଷମତାଶାଳୀ ବାବୁମାନଙ୍କ ପାଇଁ ମୂଳମନ୍ତ୍ର ହୋଇପଡ଼ିଛି, ତାହା ନାଟ୍ୟକାର ଅତ୍ୟନ୍ତ ଶାଣିତ ବ୍ୟଞ୍ଜନା ମାଧ୍ୟମରେ ଉପସ୍ଥାପିତ କରିଛନ୍ତି । ନାଟକର କଥାବସ୍ତୁ ଛୋଟ ଛୋଟ ନଅଟି ଦୃଶ୍ୟ ଓ ଆପାତତଃ ଦଶଟି ଚରିତ୍ରକୁ ନେଇ ଗତିଶୀଳ । ଅଭୟାରଣ୍ୟର ନିରାପଦ ବାତାବରଣ ମଧ୍ୟରେ ନାଟକର କଥାବସ୍ତୁର ଶୁଭାରମ୍ଭ ହୋଇଥିଲେ ହେଁ, ତା' ପୂର୍ବରୁ କୋରସ୍ ମାଧ୍ୟମରେ ଲୋକପ୍ରିୟ 'କଲୁରିବେଣ୍ଟ' କାହାଣୀ ଉପସ୍ଥାପନ କରି ନାଟ୍ୟକାର ଦର୍ଶକମାନଙ୍କ ଚେତନାକୁ ନାଟକର ଭାବବସ୍ତୁ ଆଡ଼କୁ ଆକର୍ଷିତ କରିବାର ସଫଳ ଉଦ୍ୟମ କରିଛନ୍ତି :

"କୋରସ୍- କା କା କା
ଆକାଶୀଫଳ କଲୁରିବେଣ୍ଟ ଖା ଖା ଖା
ଯୁଆଡ଼େ ଯା ସିଆଡ଼େ ଖାଲି ନା ନା ନା"

'କଲୁରିବେଣ୍ଟ' ଲୋକକାହାଣୀ ଫର୍ମରେ ରଚିତ ଏହି ନାଟକଟିରେ ସାମ୍ପ୍ରତିକ ଗଣତନ୍ତ୍ରରେ ସଚ୍ଚୋଟ ତଳିଆ ସରକାରୀ କର୍ମଚାରୀଟିଏ କିପରି ବଡ଼ ଅଧିକାରୀଙ୍କ ଅନୀତି ଓ ଅନ୍ୟାୟକୁ ବିରୋଧ କରି ଚାକିରି ହରାଇଛି ଓ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବଡ଼ ଅଧିକାରୀ ତଥା ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀଙ୍କୁ ନ୍ୟାୟ ପାଇବା ପାଇଁ ଆବେଦନ ନିବେଦନ କରି ବ୍ୟର୍ଥ ହୋଇଛି, ତାହାକୁ ମାର୍ମିକ ଭାବରେ ରୂପ ଦିଆଯାଇଛି । ରାଜନେତା, ଅଧିକାରୀ, ସାମ୍ବାଦିକ, ସମ୍ପାଦକ, ଜନନେତା, ପ୍ରମୁଖ କିଭଳି ମୁଖାପିନ୍ଧି ଭିତରେ ଛଳନା ଓ ପୈଶାଚିକତାର ବାତାବରଣ ସୃଷ୍ଟି କରି ସାଧାରଣ ଜନତାଙ୍କ ଭବିଷ୍ୟତକୁ ଘୋର ଅମାଅନ୍ଧକାର ମଧ୍ୟକୁ ଠେଲି ଦେଉଛନ୍ତି; ତା'ର ସୁନ୍ଦର ଚିତ୍ର ପ୍ରତିଫଳିତ ହେଉଛି ଏହି ନାଟକରେ । ସାମ୍ବାଦିକ ଚରିତ୍ର ମାଧ୍ୟମରେ ନାଟ୍ୟକାର ଲୋକକାହାଣୀ ଓ ସାମ୍ପ୍ରତିକ ସମସ୍ୟା ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ଦର୍ଶକମାନଙ୍କ ମନରେ ନାଟକୀୟ ମୋହଚ୍ଛିନ୍ନତା ସୃଷ୍ଟି କରିଛନ୍ତି ।

Digitized by srujanika@gmail.com

ସାମ୍ବାଦିକ: "ଏଇପରି କାଉଟି ଶେଷରେ ମରିଗଲା
ମରିଗଲା ଆତତାୟୀ କମାର ଯୋଗୁଁ।
ଲାଲ୍ ଟହ ଟହ ତାତିଲା ଦାଆଟାକୁ କାଉ
ମୁହଁରେ ଭର୍ତ୍ତି କରିଦେଲା କମାର, ଖାଲି କୌତୁକ ଦେଖିବା ପାଇଁ,
କିନ୍ତୁ ଲୋକ କହିଲେ କାଉଟି ମରିଗଲା ଦୁର୍ଘଟଣାରେ..... ।"

ଗରିବ କାଉଟିର ମୃତ୍ୟୁ ହେଲା କେମିତି ? ଆପଣମାନେ କହି ପାରନ୍ତି, କମାର ବଡ଼ ନିର୍ଦ୍ଦୟ। କିନ୍ତୁ ମୁଁ କହେ, ନା ସେ ନିର୍ଦ୍ଦୟ ହେବ କାହିଁକି ? ସେ ତ ଥିଲାବାଲାଙ୍କ ପାଇଁ ବେଶ୍ ସଦୟ। (ସାମ୍ବାଦିକ, କଲୁରିବେଣ୍ଟ, ପ୍ରଥମ ଦୃଶ୍ୟ) ସାମ୍ବାଦିକ ଚରିତ୍ରର ଏହି ପ୍ରାକ୍ ଉକ୍ତି ଯେ କେବଳ ନାଟକର ବକ୍ତବ୍ୟକୁ ପ୍ରାଞ୍ଜଳ କରିଛି ତାହା ନୁହେଁ ବରଂ ଦର୍ଶକମାନଙ୍କ ମନରେ ନାଟକୀୟ ଉତ୍କଣ୍ଠା ସୃଷ୍ଟିରେ ମଧ୍ୟ ସହାୟକ ହୋଇଛି। ଲୋକକାହାଣୀର କାଉ ସାଧାରଣ ଏକ କଲରା ଖାଇବା ପାଇଁ ଯେଉଁ ପ୍ରୟାସ କରିଛି, କିନ୍ତୁ ତାହା ଶେଷ ପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ। ଅତୃପ୍ତ ଅବସୋସକୁ ଛାତିରେ ନେଇ କାଉଟି ମୃତ୍ୟୁର ସମ୍ମୁଖୀନ ହୋଇଛି। ଲୋକକାହାଣୀର କାଉ ଭଳି ବାସ୍ତବ ଜଗତରେ କେତେ ଯେ ନିରୀହ ଗରିବ କାଉମାନେ କ୍ଷମତା ଓ ବିତ୍ତଶାଳୀ ବ୍ୟକ୍ତିବିଶେଷମାନଙ୍କ ଦ୍ୱାରା ଶୋଷିତ ଲାଞ୍ଛିତ ପଦଦଳିତ ହୋଇ ଆସୁଛନ୍ତି ଏହା କହିବା ବାହୁଲ୍ୟମାତ୍ର। ଏହି ଲାଞ୍ଛିତ କାଉମାନଙ୍କର ଜୀବନ ଅଛି ସତ ହେଲେ ବଞ୍ଚିବାର ଅଧିକାର ଆଜି ପରାହତ। ଏମାନଙ୍କର ଜୀର୍ଣ୍ଣ ଚକ୍ଷୁରେ ଅନାଗତ ଭବିଷ୍ୟତର ସୁନେଲି ସ୍ୱପ୍ନ ଯଦିବା କେବେ ଉଙ୍କିମାରେ; ତାହା ପୁଣି ବିବର୍ଣ୍ଣ ଓ ଭୟାନକ। ଉଜୁଡ଼ା ବର୍ତ୍ତମାନ ଓ ଅଲୋଡ଼ା ଭବିଷ୍ୟତର କୁହେଳିକା ମଧ୍ୟରେ ସେମାନେ ଜୀବନକୁ ଜିଇଁବା ପାଇଁ ସଂଘର୍ଷ କରନ୍ତି। ନିଜ ଚାକିରି ଜୀବନ ମଧ୍ୟରେ ଅନ୍ୟାୟ ଅଧର୍ମ ବିରୁଦ୍ଧରେ ସଂଘର୍ଷ କରୁଥିବା ସେଭଳି ଏକ ଚରିତ୍ର ହେଉଛି ଗୁରୁଚରଣ। ବୃତ୍ତିରେ ଜଣେ ବନବିଭାଗର ଦକ୍ଷ ଓ ସଚ୍ଚୋଟ ଚୌକିଦାର। ଜଙ୍ଗଲ ଅଧିକାରୀ, ଅଭୟାରଣ୍ୟରେ ଥିବା ହରିଣକୁ ଦୈନିକ ଶିକାରୀ ଦ୍ୱାରା ନିହତ କରାଇ ରାତ୍ରିରେ ଡାକ ବଙ୍ଗଳାରେ ଭୋଜିର ଆୟୋଜନ କଲେ ବନ୍ଧୁମାନଙ୍କୁ ଆପ୍ୟାୟିତ କରିବା ପାଇଁ। ଗୁରୁଚରଣକୁ ରୋଷେଇ କରିବାକୁ ଆଦେଶ ଦେଲେ ମାତ୍ର ଗୁରୁଚରଣ ବିବେକ ବିଚାରରେ ମନା କରିଦେଇ ଅଧିକାରୀଙ୍କ ବିଷଦୃଷ୍ଟିରେ ପଡ଼ିଛି। ବଡ଼ ସାହେବଙ୍କ ଅନ୍ୟାୟ କାର୍ଯ୍ୟରେ ସହଯୋଗ କଲା ନାହିଁ ବୋଲି ସେ ଚାକିରିରୁ ନିଲମ୍ବିତ ହୋଇଛି। ପ୍ରାଶାସନିକ ସ୍ତରରେ ଉପରିସ୍ଥ ଅଧିକାରୀଙ୍କ ଅନୈତିକ କାର୍ଯ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଏକ ଦଣ୍ଡନୀୟ ଅପରାଧ। ଏକଥା ବୋଧହୁଏ ଗୁରୁଚରଣର ସରଳ ବ୍ୟକ୍ତିତ୍ୱ ଉପଲବ୍ଧି କରିନଥିଲା। ସେ ବୋଧହୁଏ ଜାଣିନଥିଲା ନ୍ୟାୟ, ଅନ୍ୟାୟ, ନୀତି, ଅନୀତି, ଆଇନ୍, କାନୁନ୍, ଉଚିତ୍, ଅନୁଚିତ୍ ପ୍ରଭୃତି ବଡ଼ ବଡ଼ ଶବ୍ଦଗୁଡ଼ିକର ପ୍ରାସଙ୍ଗିକତା ତା' ଭଳି ଜଣେ ନିମ୍ନସ୍ତରର କର୍ମଚାରୀ ପାଇଁ ମୂଲ୍ୟହୀନ।

Digitized by srujanika@gmail.com

ସାହେବ: "ଉଚିତ୍ ନୁହେଁ ନା ? କାହାକୁ କହୁଚ ଏ କଥା ?
ସବୁକିଛି ଚିନ୍ତାକରି କହୁଚ ତ ? ଉଚିତ୍ ଅନୁଚିତ ବିଚାର
କରିବାର ଅଧିକାର ଆମମାନଙ୍କର, ତମମାନଙ୍କର ନୁହେଁ।
(ଦ୍ୱିତୀୟ ଦୃଶ୍ୟ)

ନିଜ ପ୍ରତି ହୋଇଥିବା ଅନ୍ୟାୟର ବିଚାର କରିବା ପାଇଁ ନିରୀହ ଗୁରୁଚରଣ ବଡ଼ ଅଧିକାରୀ, ଲୋକ ପ୍ରତିନିଧି ଓ ମନ୍ତ୍ରୀଙ୍କ ନିକଟକୁ ଯାଇ ଗୁହାରି କରିଛି। କେହି ମଧ୍ୟ ତା'ର ସମସ୍ୟାକୁ ବୁଝିନାହାନ୍ତି। ସମସ୍ତେ ଶୁଣାଇଛନ୍ତି କେବଳ ନିରାଶାର ବାଣୀ। ଯଦିଚ ଅଭିଯୋଗ ସତ୍ୟ ଗରିବ ଚୌକିଦାରଟିର ନୀତିବତ୍ତା କାହାର ହୃଦୟକୁ ତରଳାଇ ପାରିନାହିଁ। କାରଣ ସମସ୍ତେ ଏକ ଅସାଧୁ ମେଣ୍ଟର ଅଂଶୀଦାର। ସବୁଠି ଅନ୍ୟାୟ, ଅସତ୍ୟ, ଅଧର୍ମର କରାଳ ପାଦୁର୍ଭାବ। ନିଜର ନାର୍ଯ୍ୟ ଅଧିକାର ସାବ୍ୟସ୍ତ କରିବାକୁ ଯାଇ ହତାଶା ଓ ନୈରାଶ୍ୟର କ୍ଳାନ୍ତିକର ପରିଣତିରେ ଜୀବନ ତା'ର ହୋଇ ପଡ଼ିଛି ଦୁର୍ବିସହ। ଅଭାବ, ଅନଟନ ଓ ଦାରିଦ୍ର୍ୟତାର କଷାଘାତରେ ତା'ର ସୁଖୀ ପରିବାର ଉଜୁଡ଼ି ଯାଇଛି। ଘରେ ଥିବା ଶିକ୍ଷିତ ବେକାର ପୁଅର ସୁନେଲି ସ୍ୱପ୍ନରେ ଗୁରୁଚରଣର ଭଙ୍ଗାମନ କିଛି ସମୟର ପାଇଁ ଚେଇଁ ଉଠିଛି ସତ, ମାତ୍ର ପଞ୍ଚାୟତ ନିର୍ବାଚନର ବ୍ୟର୍ଥତା ତାକୁ ଆହୁରି ବିଶାଦଗ୍ରସ୍ତ କରାଇ ଦେଇଛି। ଗୁରୁଚରଣର ଅସହାୟ ପଣିଆକୁ ଦେଖି ତଥାକଥିତ କମାରମାନେ ମଜା ନେଇଛନ୍ତି; କିନ୍ତୁ ସହାନୁଭୂତିର ହାତ କେହି ମଧ୍ୟ ବଢ଼ାଇନାହାନ୍ତି। ସବୁ ଅସହାୟତା ଭିତରେ ମଧ୍ୟ ତା' ମନର କୌଣସି ଏକ ନିଭୃତ କୋଣରେ ଉଙ୍କି ମାରିଛି ସମ୍ଭାବନାର ନୂତନ ସୂର୍ଯ୍ୟୋଦୟ। ତେଣୁ ଚରମ ହତାଶ ଭିତରେ ବି ସେ ସତ୍ୟ ଓ ଧର୍ମ ପାଇଁ ଲଢ଼ି ଚାଲିଛି ପୂର୍ବପରି। ଆଲୋଚ୍ୟ ନାଟକର ପ୍ରତ୍ୟେକ ଦୃଶ୍ୟ ଶେଷରେ କୋରସ୍ ଦଳଙ୍କ ମୁହଁରୁ "କା କା କା କଲୁରିବେଣ୍ଟ ଖା ଖା ଖା" ଗୀତର ପୁନରାବୃତ୍ତି କରାଇ, ସାମ୍ପ୍ରତିକ ଘଟଣା ସହିତ ପରମ୍ପରାକୁ ସୁଚାରୁ ସମନ୍ୱୟ କରି ନାଟ୍ୟକାର, ନାଟକର ବକ୍ତବ୍ୟକୁ ସ୍ପଷ୍ଟ କରାଇବା ପାଇଁ ପ୍ରୟାସ କରିଛନ୍ତି। ବେତାର ମାଧ୍ୟମରେ ଅଭିନୀତ ହୋଇ ଜାତୀୟ ପୁରସ୍କାର ପର୍ଯ୍ୟନ୍ତ ଯାତ୍ରା କରିଥିବା 'କଲୁରିବେଣ୍ଟ' ନାଟକର ଦୃଶ୍ୟ ଗୁଣ ଅପେକ୍ଷା ଶ୍ରବ୍ୟଗୁଣ ଯଦିଓ ଅଧିକ; ତଥାପି କଥାବସ୍ତୁ ମାଧ୍ୟମରେ ନାଟ୍ୟକାର ଏକ ସାର୍ଥକ ସୋସିଆଲ୍ ମେସେଜ୍ ଦେବାରେ ସଫଳ ହୋଇଛନ୍ତି।

ଅନୁରୂପ ଭାବେ ସଂକଳନସ୍ଥ ଅନ୍ୟ ଦୁଇ ନାଟକ 'ଜଟାୟୁର ଛିନ୍ନ ଡେ଼ଣା' ଓ 'ମଇଁଷିର ପାଶେ ନଯାଅ ଦନାଇ' ମଧ୍ୟ ପୁରାଣ ଓ ଲୋକ ଉପାଦାନ ଉପରେ ଆଶ୍ରିତ ଏପିକ୍ ନାଟ୍ୟଶୈଳୀରେ ରଚିତ ନୀଳାଦ୍ରି ନାଟ୍ୟମାନସର ଏକ ଏକ ସଫଳ ଅଭିବ୍ୟକ୍ତି। ଭାରତୀୟ ସଂସ୍କୃତିର ମହାନ୍ ପୌରାଣିକ ମହାକାବ୍ୟ ରାମାୟଣର ଜଟାୟୁ ଚରିତ୍ରକୁ ପ୍ରତୀକାତ୍ମକ ଭାବେ ନାଟକର ଶୀର୍ଷକ ରୂପେ ଗ୍ରହଣ କରି ନାଟ୍ୟକାର ଦର୍ଶକ ଓ

Digitized by srujanika@gmail.com

ପାଠକମାନଙ୍କୁ ନିଜ ଐତିହ୍ୟ ଓ ପରମ୍ପରା ସହିତ ସଂଶ୍ଳିଷ୍ଟ କରିବା ପାଇଁ ପ୍ରଯତ୍ନ କରିଛନ୍ତି। କାଳେ କାଳେ ଅଧର୍ମୀ ରାବଣମାନଙ୍କର ଘଟ ପରିବର୍ତ୍ତନ ହୁଏ ସିନା ପ୍ରବୃତ୍ତି ଓ ସ୍ୱଭାବରେ ଭିନ୍ନତା ପରିଦୃଷ୍ଟ ହୁଏ ନାହିଁ। ସ୍ୱଳ୍ପଶକ୍ତି ସିମୀତ ସାମର୍ଥ୍ୟ ଦ୍ୱାରା ଜଟାୟୁମାନେ କେଉଁ ଆବହମାନ କାଳରୁ ଅଧର୍ମୀ, ଅନ୍ୟାୟୀ, ଅତ୍ୟାଚାରୀ ତଥା ନୀତିଭ୍ରଷ୍ଟ ରାବଣମାନଙ୍କ ପଥରୋଧ କରିଛନ୍ତି। ସତ୍ୟଧର୍ମ, ନ୍ୟାୟର ପ୍ରତିଷ୍ଠା ନିମନ୍ତେ ସଂଗ୍ରାମ କରି କେତେ ଯେ ଅଗଣିତ ଜଟାୟୁ, ରାବଣମାନଙ୍କର ଶାଣିତ ତରବାରୀରେ ଛିନ୍ନପକ୍ଷ ହୋଇ ଟଳି ପଡ଼ିଛନ୍ତି ସଂଗ୍ରାମ ଭୂମିରେ। ଏଭଳି ଏକ ପାରମ୍ପରିକ ଚେତନାର ପୃଷ୍ଠଭୂମି ଉପରେ ଆଧୁନିକ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧର ଦୂରବସ୍ଥାକୁ ନାଟ୍ୟକାର କଟାକ୍ଷପାତ କରିଛନ୍ତି। ଅଜିତ୍ ହେଉଛି ସେଭଳି ଜଣେ ନାଟକର ଆଦର୍ଶ ବିପ୍ଲବୀ ଚରିତ୍ର। ଦୁର୍ନିତୀଗ୍ରସ୍ତ କର୍ମଚାରୀ ଅସାଧୁ କଣ୍ଟ୍ରାକ୍ଟର ଓ ମୁନାଫାଖୋର୍ ବ୍ୟବସାୟୀମାନଙ୍କ ଶୋଷଣ ଓ ଅନ୍ୟାୟ ବିରୁଦ୍ଧରେ ବିଦ୍ରୋହ କରି ବିପୁଳ ଜନସମର୍ଥନ ଲାଭ କରି ରାଜନୀତିକୁ ଓହ୍ଲାଇଛି ଅଜିତ୍ ଚରିତ୍ର। ସ୍ୱଚ୍ଛ, ସୁନ୍ଦର, ଶୋଷଣମୁକ୍ତ ସମାଜ ପ୍ରତିଷ୍ଠା ନିମନ୍ତେ ରାଜନୀତିରେ ଯୁବଶକ୍ତିର ପ୍ରତିନିଧିତ୍ୱ କରି ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଛି। ନିସ୍ୱାର୍ଥପର ଭାବେ ଜନସେବା କରିଥିବା ଅଜିତ୍‌ଙ୍କ ଆଶା ଥିଲା ନିର୍ବାଚନରେ ସେ ଅଗଣିତ ସାଧାରଣ ଜନତାଙ୍କ ଅକୁଣ୍ଠିତ ସହଯୋଗ ପାଇବେ। କିନ୍ତୁ ବର୍ତ୍ତମାନ ସମୟରେ ସତ୍ ଜନସେବକମାନଙ୍କ ହାତରୁ ରାଜନୀତି ଚାଲିଯାଇଛି ଅସାଧୁ ବ୍ୟବସାୟୀମାନଙ୍କ ହାତକୁ, ନିର୍ବାଚନର ରାଜନୀତିରେ ଯଥାର୍ଥ ସମାଜସେବୀଙ୍କର ସ୍ଥାନ ନାହିଁ। ଭୋଟ୍ ପାଇଁ ଅର୍ଥ ହିଁ ହୋଇଛି ମୂଳ ଅସ୍ତ୍ର। ସେଠାରେ ପାର୍ଥୀର ଯୋଗ୍ୟତା, ଅଯୋଗ୍ୟତା, ନୀତି, ଅନୀତି, ଭଲମନ୍ଦ ବିଚାର କିଛି ନାହିଁ; ତେଣୁ ଅଜିତ୍ ବାବୁ ଓ ତାଙ୍କ ସମର୍ଥକମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତା ଓ ଭୋଟରମାନଙ୍କ ନୈତିକତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ନାଟକରେ ଅଶୋକଙ୍କ ପ୍ରତିକ୍ରିୟାରେ ତାହା ବେଶ୍ ସ୍ପଷ୍ଟ:

"ମଣିଷର ମଣିଷତ୍ୱ, ବ୍ୟକ୍ତିର ବ୍ୟକ୍ତିତ୍ୱ ଆପଣମାନଙ୍କ ନିକଟରେ କିଛି ନୁହେଁ? ଜଣେ ଲୋକର ନିସ୍ୱାର୍ଥପର ସେବା ପୂରାପୂରି ମୂଲ୍ୟହୀନ। ଯେଉଁମାନେ ଆଜି ରାଜନୀତିକୁ ବ୍ୟବସାୟ ଭାବରେ ଧରି ନେଇଛନ୍ତି, ସେଇମାନେ ଆପଣମାନଙ୍କ ଆଖି ଆଗରେ ବଡ଼, କାରଣ ସେମାନେ ମୂଳଧନ ଖଟାଇ ପାଞ୍ଚଗୁଣ ଲାଭ ଉଠାଇ ପାରିବେ। ଛାଡ଼ନ୍ତୁ ଦେଶର ଦୁର୍ଭାଗ୍ୟ। 'କେତେଦିନ ଆଉ ଗଣତନ୍ତ୍ର ନାଁରେ ଏ ପ୍ରହସନ ଚାଲିଥିବ"। ବାସ୍ତବରେ ଭାରତୀୟ ଗଣତନ୍ତ୍ରର ଏହି ଦୂରାବସ୍ଥା ପାଇଁ କେବଳ ଯେ କେତେଜଣ ଅସାଧୁ ବ୍ୟକ୍ତିବିଶେଷ ଦାୟୀ ତାହା ନୁହେଁ, ବରଂ ଯେଉଁ ଦିନ ପର୍ଯ୍ୟନ୍ତ ସାଧାରଣ ଜନତା ଅଜ୍ଞତାର ଅନ୍ଧକାର ମଧ୍ୟରୁ ନିଜକୁ ଅପସାରିତ କରିନାହାନ୍ତି; ସେତେଦିନ ପର୍ଯ୍ୟନ୍ତ ଗଣତନ୍ତ୍ର ଅସାମାଜିକ ବ୍ୟକ୍ତିମାନଙ୍କ କ୍ରୀଡ଼ନକ ହୋଇ ରହିଥିବ। ଦୁର୍ନୀତି ଓ ଶଠତା ଆଗରେ ନୀତିନିଷ୍ଠ ରାଜନୀତିର

Digitized by srujanika@gmail.com

କରୁଣ ପରାଜୟ ହୋଇଛି ସତ, କିନ୍ତୁ ଅଜିତ ବାବୁଙ୍କ ଭଳି ବିପ୍ଳବୀ ସମାଜସେବୀ ଜନନେତାମାନଙ୍କ ସଂଗ୍ରାମ ଥମି ଯାଇନାହିଁ। ବରଂ ସେମାନଙ୍କ ମନରେ ଅଦମ୍ୟ ବିଶ୍ୱାସ ଅଛି ଯେ ଦିନେ ନା ଦିନେ ଲୋକେ ସେମାନଙ୍କର ଭ୍ରମ ବୁଝିବେ ଓ ଦୁର୍ନିତୀଗ୍ରସ୍ତ ନେତାଙ୍କ ବ୍ୟୂହ ମଧ୍ୟରୁ ମୁକ୍ତି ଲାଭ କରି ଉପଯୁକ୍ତ ପାର୍ଥୀ ବାଛିବେ। ଅଜିତ୍ ବାବୁଙ୍କ ପରି ଜଟାୟୁ ମାନେ ଅନ୍ୟାୟ, ଅବିଚାରର ବିରୋଧ କରି ହୁଏତ ଛିନ୍ନପକ୍ଷ ହୋଇ ଆତ୍ମବିସର୍ଜନ କରିବେ। ଗଣତନ୍ତ୍ର ରୂପୀ ନେତା ନିର୍ଯ୍ୟାତିତ ହେବ ମାତ୍ର ପରିଣତିରେ ସ୍ୱେଚ୍ଛାଚାରୀ ଓ ପ୍ରମତ୍ତ ରାବଣମାନଙ୍କର ବିନାଶ ହେବ ଏବଂ ଲୋକଶକ୍ତିର ହେବ ପ୍ରକୃତ ଜାଗରଣ।

ସେହିଭଳି ଯାନ୍ତ୍ରିକ ବସ୍ତୁବାଦୀ ଓ ଜୀବନବୋଧ ସହ ଆଦର୍ଶବାଦର ଚିତ୍ତ ସଂଘର୍ଷକୁ ବର୍ଣ୍ଣବୋଧର ଲୋକପ୍ରିୟ ଉକ୍ତି - "ଅରଣା ମଇଁଷି ରହିଛି ଅନାଇ। ମଇଁଷିର ପାଶ ନଯାଅ ଦନାଇଁ"କୁ ଭିତ୍ତିକରି ନାଟ୍ୟକାର ନୀଳାଦ୍ରିଭୂଷଣ ମଇଁଷିର ପାଶ ନଯାଅ ଦନାଇ (୧୯୯୭) ନାଟକ ରଚନା କରିଛନ୍ତି। ମଣିଷର ମନରେ ଶୈଶବରୁ ଅରଣା ମଇଁଷିର ଏକ କାଳ୍ପନିକ ରୂପ ଛପାହୋଇ ରହିଥାଏ। ଅରଣା ମଇଁଷି ଯେ ଭୟଙ୍କର ଏବଂ ତା'ର ନିକଟବର୍ତ୍ତୀ ହେବା ଅର୍ଥ ବିପଦକୁ ବରଣ କରିବା ଭଳି ଭାବନା ବସା ବାନ୍ଧି ରହିଥାଏ ଶିଶୁମନରେ। ଶିଶୁର ଅଝଟପଣିଆକୁ ଦୂରୀଭୂତ କରିବା ନିମନ୍ତେ ଉଦ୍ଦିଷ୍ଟ ଅରଣା ମଇଁଷି ଲୋକ ଉକ୍ତିର କରାଳ ଚିତ୍ର ଯେ ସମ୍ପ୍ରତି ସକଳ ମାନବାତ୍ମାକୁ କବଳିତ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଆଜି ଆଉ ଅରଣା ମଇଁଷି ଏକ ମାନବୀୟ ଭାବରୂପ ନୁହେଁ, କେତେ ଯେ ଅରଣା ମଇଁଷିମାନେ ମୁକ୍ତ ଭାବରେ ବିଚରଣ କରୁଛନ୍ତି ବାସ୍ତବ ଜଗତରେ। ସେହି ମଣିଷମାନଙ୍କ ମଧ୍ୟରେ ହିଁ ଲୁଚି ରହିଥାନ୍ତି ଜଣେ ଜଣେ ଅରଣା ମଇଁଷି। ସେମାନଙ୍କ ପାଖରେ ନିରୀହ ଦନେଇମାନେ ଶିକାର ହୁଅନ୍ତି। ଆଲୋଚ୍ୟ ନାଟକରେ ପିଲାଦିନର ଦନେଇ, ଯିଏ ମଦ୍ୟପ ବାପା ଓ ନିଷ୍ଠୁର ସ୍କୁଲ ଶିକ୍ଷକଙ୍କୁ ଅରଣା ମଇଁଷି ଭାବି ତା' ମନରେ ଯେଉଁ ଅହେତୁକ ଭୟ ଛାପି ହୋଇରହିଗଲା। ସେହି କାରଣରୁ ପରବର୍ତ୍ତୀ ଛାତ୍ର ଜୀବନରେ ସେ ରୀନାର ପ୍ରେମକୁ ଭୟ କରିଛି। ଏପରିକି ଚାକିରି ଜୀବନରେ ଉଚ୍ଚପଦବି ଲାଭ କରିଛି ସତ; କିନ୍ତୁ ତା' ଚେତନାର କୌଣସି ଏକ ନିଭୃତ କୋଣରେ ରହିଯାଇଛି ଅରଣା ମଇଁଷିର ଅଜଣା ଆତଙ୍କ। ସେହି ଭୟ ହେତୁ ଅଫିସରେ ବଡ଼ ସାହେବଙ୍କୁ ସବୁ ପ୍ରକାର ଅନ୍ୟାୟ କାର୍ଯ୍ୟକୁ ସେ ନୀରବରେ ସମର୍ଥନ କରେ। ଗୋଟିଏ ଅଫିସରେ ଚାକିରି କରି ମଧ୍ୟ ତଳିଆ କର୍ମଚାରୀ ରୀତା ତା'ର ପୂର୍ବ ସମ୍ପର୍କକୁ ଦୋହରାଇବା ପାଇଁ ଭୟ କରିଛି। ଅଥଚ ରୀନାର ରୂପଯୌବନ ପ୍ରତି ଲୋଲୁପ ଦୃଷ୍ଟି ପକାଇଛନ୍ତି ବଡ଼ସାହେବ। ରୀନାକୁ ଉପଭୋଗ କରିବା ପାଇଁ ସମସ୍ତ କୌଶଳ ବ୍ୟର୍ଥ ହେବାରେ ପରେ ବଡ଼ ସାହେବ ପ୍ରତିଶୋଧପରାୟଣ ହୋଇ ମିଥ୍ୟା ଅଭିଯୋଗରେ ତାକୁ ଚାକିରିରୁ ନିଲମ୍ବିତ କରିଛି। ଏହି ଘଟଣା ପରେ ସେ ଦିନର ଦନେଇ ଭିତରେ ଆତ୍ମପ୍ରକାଶ କରି ଉଠିଛି ଦର୍ପିତ ଜନାର୍ଦ୍ଦନ

Digitized by srujanika@gmail.com

ତ୍ରିପାଠୀ। ପରିସ୍ଥିତିର ଚାପରେ ବରଫ ପାଲଟି ଯାଇଥିବା ଜନାର୍ଦ୍ଦନର ଆବେଗହୀନ ହୃଦୟ ରୀନା ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ସମ୍ବେଦନଶୀଳ ହୋଇ ଉଠିଛି।

ଜନାର୍ଦ୍ଦନ: "ମୋତେ ଏ ସୁଯୋଗରୁ ବଞ୍ଚିତ କର ନାହିଁ ରୀନା ଚିରଦିନ ଅରଣା ମଇଁଷିକି ଭୟକରି ମୁଁ ମୂଷା ପାଲଟି ଯାଇଛି। ଆଜି କିନ୍ତୁ ଦେଖିବାକୁ ଚାହେଁ, ଅରଣା ମଇଁଷିର ଶିଙ୍ଗ କେତେ ଶକ୍ତ?" ଭଦ୍ରତାର ଖୋଳପା ଭିତରେ ଆତ୍ମଗୋପନ କରିଥିବା ବଡ଼ବାବୁଙ୍କ ଅସଲିମୁଖାକୁ ଖୋଲିଦେବା ପାଇଁ ଜନସମର୍ଥନ ଯୋଗାଡ଼ କରିଛି। ପରିଶେଷରେ ବିଫଳ ହୋଇ ସେ ଚାକିରିରୁ ଇସ୍ତଫା ଦେଇ ଘରକୁ ପ୍ରତ୍ୟାବର୍ତ୍ତନ କରିଛି। ମଇଁଷିର ଭୟରେ ନ୍ୟାୟ, ଅନ୍ୟାୟ, ସତ୍ୟ, ଅସତ୍ୟ, ଧର୍ମ, ଅଧର୍ମ ମଧ୍ୟରେ ଥିବା ଶାଶ୍ୱତ ପାର୍ଥକ୍ୟକୁ ଭୁଲି ଯାଇଥିବା ଜନାର୍ଦ୍ଦନ ପରିଶେଷରେ ଚିରନ୍ତନ ସତ୍ୟକୁ ଉପଲବ୍ଧ କରିଛି। ଅତଏବ 'ଅରଣା ମଇଁଷି' ନାଟକ ମାଧ୍ୟମରେ ନୀଳାଦ୍ରି ନାଟ୍ୟମାନସ ସମ୍ପ୍ରତି ପ୍ରାଶାସନିକ କ୍ଷେତ୍ରରେ ଦେଖା ଦେଇଥିବା ଉଚ୍ଚପ୍ରଦସ୍ତ ଶକ୍ତିଧରମାନଙ୍କ ଭୟରେ କିଭଳି ତଳିଆ କର୍ମଚାରୀମାନେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରନ୍ତି ନାହିଁ- ତା'ର ଏକ ଜୀବନ୍ତ ଚିତ୍ର ପ୍ରଦାନ କରିଛନ୍ତି। ଏହା ଛଡ଼ା ଚାକିରିଜୀବୀ ମହିଳାମାନେ କିଭଳି କାର୍ଯ୍ୟାଳୟଗୁଡ଼ିକରେ ତଥାକଥିତ ବାବୁମାନଙ୍କ ଦ୍ୱାରା ମାନସିକ ଓ ଶାରୀରିକ ଶୋଷଣର ଶିକାର ହେଉଛନ୍ତି ତା'ର ଏକ ବାସ୍ତବଚିତ୍ର ରୀନା ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରାଯାଇଛି। ଆଜି ନାରୀର କର୍ମକୁଶଳତା ଓ ଶିକ୍ଷାଗତ ଯୋଗ୍ୟତା ତଥାକଥିତ କ୍ଷମତାଶାଳୀ ପୁରୁଷର ସଂକୀର୍ଣ୍ଣ ଦୃଷ୍ଟିରେ ହୋଇପଡ଼ିଛି ତୁଚ୍ଛ ଓ ମୂଲ୍ୟହୀନ। ରୂପଯୌବନ ହିଁ ତା' ଯୋଗ୍ୟତାର ଏକ ମାତ୍ର ମାନଦଣ୍ଡ। ତେଣୁ ରୀନା ଅଭିମାନ କଣ୍ଠରେ କହି ଉଠିଛି: "x x x ଜଣେ ସୁନ୍ଦରୀ ନାରୀ କ୍ଷେତ୍ରରେ ଅନ୍ୟ ସମସ୍ତ ଗୁଣ ଯେ ମୂଲ୍ୟହୀନ" ବାସ୍ତବରେ ନାରୀ ସ୍ୱାଧୀନତା ଓ ତା'ର ଆତ୍ମମର୍ଯ୍ୟାଦାକୁ ନେଇ ଚାଟୁକ୍ତି କରୁଥିବା ସଭ୍ୟ, ଶିକ୍ଷିତ ଭଦ୍ର ପୁରୁଷ ସମାଜ ଯେ କେତେ ଭୟଙ୍କର, ନିଜର ପାଶବିକ ଲାଳସାକୁ ଚରିତାର୍ଥ କରିବା ପାଇଁ କିଭଳି ଜଘନ୍ୟ କାର୍ଯ୍ୟ କରି ବସେ, ତାହାର ଏକ ନଗ୍ନ ଚିତ୍ର ପ୍ରଦାନ କରି ନାଟ୍ୟକାର ଏକ ସାମାଜିକ ସଚେତନାତ୍ମକ ସ୍ୱର ଉତ୍ତଳନ କରିଛନ୍ତି। ନାଟ୍ୟକାର ନୀଳାଦ୍ରିଭୂଷଣଙ୍କ ନାଟକଗୁଡ଼ିକର ଭାବବସ୍ତୁ ଅତ୍ୟନ୍ତ ଯୁଗାନୁସାରୀ ଓ ବୈଚିତ୍ର୍ୟମଣ୍ଡିତ। ନାଟ୍ୟକାରଙ୍କ ପ୍ରତିଟି ସୃଷ୍ଟିରେ ମାନବିକ ମୂଲ୍ୟବୋଧର ଅନ୍ୱେଷା ଏବଂ ତା'ର ପ୍ରତିଷ୍ଠା ନିମନ୍ତେ ସ୍ରଷ୍ଟାପ୍ରାଣର ଆକୁଳତାକୁ ଅନୁଭବ କରିହୁଏ। ସଙ୍କଟଗ୍ରସ୍ତ ଭାରତୀୟ ସଂସ୍କୃତିର ପୁନରୁଦ୍ଧାର ନିମନ୍ତେ ତାଙ୍କ ହୃଦୟରେ ସୃଷ୍ଟି ହୋଇଛି ଗଭୀର ଆଲୋଡ଼ନ। ସମୟର କଷଟିରେ ପ୍ରଚଳିତ ପାରମ୍ପରିକ ମୂଲ୍ୟବୋଧଗୁଡ଼ିକୁ ବ୍ୟବଚ୍ଛେଦ କରି ଅବକ୍ଷୟୀ ମାନବ ସମାଜକୁ ସତ୍ୟ-ଶିବ-ସୁନ୍ଦରର ଅନୁଭବ କରାଇଛନ୍ତି। ସେଥିପାଇଁ ତାଙ୍କ ନାଟ୍ୟଗୁଚ୍ଛର ଭାବଭୂମି ହୋଇପଡ଼ିଛି ଉଭୟ ପରିବର୍ତ୍ତିତ ଗ୍ରାମୀଣ ସଂସ୍କୃତି ଓ ପଥଭ୍ରଷ୍ଟ ସହରୀ ସଭ୍ୟତା। ସମସ୍ତେ ଦ୍ୱିଧାହିନ ଭାବେ ବଖାଣି ଚାଲିଛନ୍ତି ଜୀବନ

Digitized by srujanika@gmail.com

କ୍ଷୁଧାର କାହାଣୀ। ସେହି କାହାଣୀରେ କିଏ ପରାଜୟର ଗ୍ଲାନି ନେଇ ଅତୀତର ରୋମନ୍ଥନରେ ଆତ୍ମମଗ୍ନ ତ ଆଉ କିଏ କ୍ଷଣିକ ବିଜୟ ଉଲ୍ଲାସରେ ଆତ୍ମବିଭୋର। ହତାଶା ଓ ନୈରାଶ୍ୟର ଛିଣ୍ଡା ଛିଣ୍ଡା ଭସା ବାଦଲ ଭିତରେ ସମ୍ଭାବନାର ନୂତନ ସୂର୍ଯ୍ୟୋଦୟକୁ ସ୍ୱାଗତ କରିବା ପାଇଁ ବ୍ୟଗ୍ର ତ ଆଉ କିଏ ଅର୍ଥ, କ୍ଷମତା ପ୍ରତିଷ୍ଠା ଓ ସମ୍ମାନର ମାୟାମରୀଚିକା ପଛରେ ଧାଇଁ ଧାଇଁ ସମ୍ପର୍କର ଅତୁଆ ସୂତା ମଧ୍ୟରେ ଛନ୍ଦି ହୋଇ ଆତ୍ମକୈନ୍ଦ୍ରିକ ହୋଇ ପଡ଼ିଛି। ତାଙ୍କ ନାଟ୍ୟଚରିତ୍ରମାନଙ୍କ ଭିତରେ ପାଠକ କେଉଁଠି ନା କେଉଁଠି ଆବିଷ୍କାର କରନ୍ତି ନିଜକୁ। ସତେ ଯେପରି ମୁଖା ପିନ୍ଧି ଏହି ଚରିତ୍ରମାନେ କହି ଚାଲିଛନ୍ତି ଆମ ବାସ୍ତବ ଜୀବନର କାହାଣୀ। କେଉଁଠି କୃତ୍ରିମତାର ଛାପନାହିଁ, ସବୁକିଛି ସହଜ ଓ ସ୍ୱାଭାବିକ। ଯୁଗାନୁସାରୀ କଥାବସ୍ତୁ, ଜୀବନାନୁଗାମୀ ଚରିତ୍ର ତଥା ଭାବାନୁସାରୀ ଭାଷା ହିଁ ନୀଳାଦ୍ରିଙ୍କ ନାଟକୁ ଦେଇଛି ଏ ସ୍ୱତନ୍ତ୍ର ପରିଚିତି। ଆପାତତଃ ତାଙ୍କ ନାଟକଗୁଡ଼ିକର ସଂଳାପ କାବ୍ୟିକ ଓ ସ୍ଥଳ ବିଶେଷରେ ଦୀର୍ଘ ହେଲେ ହେଁ ପ୍ରତିଟି ସଂଳାପରେ ଅଛି ମର୍ମକୁ ଭେଦ କଲା ଭଳି ସାମର୍ଥ୍ୟ; ଅନାବିଳ ଭାବ ଓ ରୁଚିଶୀଳ ଭାଷା ହିଁ ନୀଳାଦ୍ରିଙ୍କ ନାଟକକୁ କରିଛି ସୁବୋଧ୍ୟ।

ଅବଶ୍ୟ ମଞ୍ଚକଳା ଦୃଷ୍ଟିରୁ ନାଟ୍ୟକାରଙ୍କ ନାଟକଗୁଡ଼ିକର କଳାପକ୍ଷ ଭାବପକ୍ଷ ଅପେକ୍ଷା କେତେକାଂଶରେ ଦୁର୍ବଳ ମନେହୁଏ। ନାଟ୍ୟକାରଙ୍କ ଅଧିକାଂଶ ନାଟକ ଦର୍ଶକ ସମ୍ମୁଖରେ ରଙ୍ଗମଞ୍ଚରେ ଅଭିନୟ ନହୋଇ ବେତାର ମାଧ୍ୟମରେ ଅଭିନୀତ ହୋଇ ପ୍ରଚାରିତ ହୋଇଛି। ଏଣୁ ତାଙ୍କ ନାଟକଗୁଡ଼ିକର ଦୃଶ୍ୟଗୁଣ ଅପେକ୍ଷା ଶ୍ରବ୍ୟଗୁଣ ଅନେକାଂଶରେ ଅଧିକ। ତେବେ ତାଙ୍କ ନାଟକ ଯେ ସମ୍ପୂର୍ଣ୍ଣ ମଞ୍ଚଗୁଣରହିତ ଏହା କହିବା ଭୁଲ ହେବ। ରଙ୍ଗମଞ୍ଚ ସହିତ ନାଟ୍ୟକାରଙ୍କ ସିଧାସଳଖ ସମ୍ପୃକ୍ତି ନଥିବାରୁ କେତେକ ନାଟକରେ ଏହି ଦୁର୍ବଳତା ପରିଦୃଷ୍ଟ ହେଉଥିଲେ ମଧ୍ୟ, ଭାବବସ୍ତୁରେ ନୂତନତା ଏବଂ ଉପସ୍ଥାପନ ଶୈଳୀରେ କଳାତ୍ମକତା ଯୋଗୁଁ ସବୁ ଅଭାବ ନିଷ୍ପ୍ରଭ ହେଲା ଭଳି ମନେହୁଏ।

ଆସିଷ୍ଟାଣ୍ଟ ପ୍ରଫେସର ଓଡ଼ିଆ,
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ (ଓଡ଼ିଶା)

Digitized by srujanika@gmail.com

ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକରେ ଲୋକ ଉପାଦାନର ପ୍ରୟୋଗ ରୀତି

ଡ. ଦେବୀପ୍ରସାଦ ଶତପଥୀ

୧୯୮୦ ମସିହା ପରବର୍ତ୍ତୀ କାଳରେ ନାଟକ 'ସତ୍ୟ ସଂଶୟ ସାଲବେଗ', 'ପୁଣ୍ୟଭୂମି ଭାରତ', 'ବତାଶ ନିସ୍ତବ୍ଧ ଆଜି', 'ସ୍ୱର୍ଗାରୋହଣ', 'ଭୀମ ଭୋଇଙ୍କ ସଂଧାନରେ', 'ମୁଣ୍ଡ ଉପରେ ଛାତ' ପ୍ରଭୃତି ନାଟକ ରଚନା କରିଥିବା ନାଟ୍ୟକାର ଶ୍ରୀଯୁକ୍ତ ହରିଚନ୍ଦନ ଲୋକ ଉପାଦାନର ସାର୍ଥକ ପ୍ରୟୋଗ କରିଛନ୍ତି ତାଙ୍କର 'କଲୁରିବେଣ୍ଟ' ଓ 'ମଇଁଷିର ପାଶ ନଯାଅ ଦନାଇ' ଶୀର୍ଷକ ଦୁଇଟି ନାଟକରେ। କବି ଓ ନାଟ୍ୟକାର ଭାବରେ ବିଦିତ ଶ୍ରୀ ହରିଚନ୍ଦନ ଆଧୁନିକ ଓଡ଼ିଆ ମଂଚ ଓ ନାଟ୍ୟକଳାର ମଧ୍ୟ ଜଣେ କୃତବିଦ୍ୟ ଆଲୋଚକ। ବ୍ରେଖ୍‌ଟୀୟ ନାଟ୍ୟଶୈଳୀ ଓ ଆମର ପ୍ରଚଳିତ ଲୋକନାଟ୍ୟଧାରା ସଂପର୍କରେ ସେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରବଂଧ ରଚନା କରିଛନ୍ତି ଓ ସେ ଗୁଡ଼ିକ ମଧ୍ୟ ଉପର୍ଯ୍ୟୁକ୍ତ ସମୟ ସୀମା ମଧ୍ୟରେ ପ୍ରକାଶିତ ହୋଇଛି। ଏ ଦୃଷ୍ଟିରୁ ଆଧୁନିକ ଅବବୋଧ ମଣ୍ଡିତ ତାଙ୍କର ନାଟକଗୁଡ଼ିକରେ ସେ ଏପିକ୍ ନାଟ୍ୟଶୈଳୀର ପ୍ରବର୍ତ୍ତନ କରିଛନ୍ତି ଲୋକଉପାଦାନର ସଂଯୋଗ ଘଟାଇ। ଫଳରେ ଦର୍ଶକମାନଙ୍କର ନାଟ୍ୟମୋହର ବିଚ୍ଛିନ୍ନତା ଘଟାଇ ସେ ତାଙ୍କ ନାଟକରେ ଏକ ବାର୍ତ୍ତା ସମାଜ ଉଦ୍ଦେଶ୍ୟରେ ଉଦ୍‌ଘୋଷଣ କରିଛନ୍ତି। ବିଦଗ୍ଧନାଟ୍ୟଧାରା ଓ ପାରମ୍ପରିକ ଲୋକନାଟ୍ୟଧାରାର ସମନ୍ୱୟରେ ଗଢ଼ି ଉଠିଥିବା ତୃତୀୟ ନାଟ୍ୟଧାରା ବା ଥାର୍ଡ୍ ଥିଏଟର୍ ସଂପର୍କରେ ସେ ତାଙ୍କର ଏକ ପ୍ରବନ୍ଧରେ ଆଲୋକପାତ କରି କହନ୍ତି: "ତୃତୀୟ ନାଟ୍ୟଧାରାରେ ଅଭିନେତା ନିଜକୁ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ପରି ମନେ କରିବା ଉଚିତ। ଯଦି ସେ ନାଟ୍ୟକାର ପରି ପ୍ରତିଟି ସଂଳାପକୁ ଅନୁଭୂତି ପ୍ରସୂତ ବୋଲି ମନେ ନକରେ, ଅଭିନୟରେ ସ୍ୱାଭାବିକତା ଓ ସ୍ୱଚ୍ଛନ୍ଦତା ଫୁଟି ଉଠିବ ନାହିଁ। ସ୍ୱଭାବବାଦୀ ନାଟକରେ ଅଭିନେତା କେଉଁ ପରିବେଶରେ କିପରି ଠିଆ ହେବ, କିପରି ପଦ ସଂଚାଳନ କରିବ, କିପରି ମୁଖଭଙ୍ଗୀ କରିବ, କିପରି ସଂଳାପ ଉଚ୍ଚାରଣ କରିବ ତାହା ପ୍ରାତ୍ୟହିକ କ୍ରିୟାକର୍ମର ଅନୁକରଣରେ ଶିକ୍ଷାଲାଭ କରିଥାଏ। ସେ କ୍ଷେତ୍ରରେ ନିର୍ଦ୍ଦେଶକର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ତୃତୀୟ ନାଟ୍ୟଧାରାରେ ଅଭିନେତାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଙ୍ଗଭଙ୍ଗୀ, ବାଚନଭଙ୍ଗୀ, ଗତିବିଧି ସବୁଥିରେ ଅବାଧ ସ୍ୱାଧୀନତା ଥାଏ। ପ୍ରତିଟି କଥାକୁ

Digitized by srujanika@gmail.com

କିପରି ସର୍ବାଧିକ ଅର୍ଥବହ କରି ଦର୍ଶକର ଗଭୀର ଚେତନାର ସ୍ତରରେ ସଞ୍ଚାରିତ କରାଯାଇପାରିବ, ସେଥିପ୍ରତି ସେ ଦୃଷ୍ଟିରଖେ। ଅବଶ୍ୟ ଅବାଧ ସ୍ୱାଧୀନତାର ଅର୍ଥ ନୁହେଁ ଯେ ନାଟ୍ୟାୟନକୁ ଅଯଥା ଅତିରଞ୍ଜିତ କରିବା।

ଏପିକ-ନାଟ୍ୟଶୈଳୀ ସଂପର୍କରେ ଆଲୋଚନା କରିଥିବା ନାଟ୍ୟକାର ହରିଚନ୍ଦନ ସ୍ୱାଭାବିକ ଭାବେ ଆପଣାର ନାଟ୍ୟଚିନ୍ତାକୁ ମୁକ୍ତଧାରାର ଶୈଳୀରେ ପ୍ରକାଶ କରିବାକୁ ଚାହିଁଛନ୍ତି। 'ଜଟାୟୁର ଛିନ୍ନଡେଣା'ରେ ସଂକଳିତ ହୋଇଛି ତାଙ୍କର ତିନିଟି ଛୋଟ ନାଟକ। ଏହି ନାଟକଗୁଡ଼ିକ ସଂପର୍କରେ ମନ୍ତବ୍ୟ ଦେଇ ନାଟ୍ୟକାର କହନ୍ତି : "ଶୈଳୀ ଭାବବସ୍ତୁ ଦୃଷ୍ଟିରୁ ସାଂପ୍ରତିକ ଓଡ଼ିଆ ନାଟକ କ୍ଷେତ୍ରରେ ଏହି ତିନୋଟି ଏପିକ୍ ନାଟକର ସ୍ୱାତନ୍ତ୍ର୍ୟ ସହଜ ଲକ୍ଷ୍ୟ। ନାଟକଗୁଡ଼ିକରେ ନାଟ୍ୟ ମୋହାଚ୍ଛନ୍ନତା (Alienation effect) ଆଣିବା ପାଇଁ ତିନି ପ୍ରକାରର ସଂଯୋଗକାରୀ ଚରିତ୍ର ସୃଷ୍ଟି କରାଯାଇ ବକ୍ତବ୍ୟକୁ ଦର୍ଶକର ଚେତନା ସ୍ତରକୁ ପ୍ରବେଶ କରାଇବାର ପ୍ରୟାସ ରହିଛି। ରାଜନୈତିକ ଓ ଅମଲାତାନ୍ତ୍ରିକ ସ୍ତରର ସଂଘର୍ଷ ଓ ପ୍ରତିରୋଧର କାହାଣୀ ନାଟକଗୁଡ଼ିକର ଉପଜୀବ୍ୟ। ସମାଜର ଅବିଚାର ଓ ପ୍ରତାରଣାରେ ନିତ୍ୟ ଶୋଷିତ ମଣିଷ ମନରେ ଆଶାର ସଂଚାର କରିବା ନାଟକର ଲକ୍ଷ୍ୟ।

ଲୋକ ଉପାଦାନର ପ୍ରୟୋଗ ଦୃଷ୍ଟିର ନାଟ୍ୟକାରଙ୍କର 'କଲୁରିବେଣ୍ଟ' ଏକ ଉଲ୍ଲେଖନୀୟ ସୃଷ୍ଟି। ନାଟ୍ୟକାର ଏଥିରେ ଆମର ପାରମ୍ପରିକ ଲୋକକଥା 'କଲୁରିବେଣ୍ଟ'କୁ ଆଣି ମିଶାଇ ଦେଇଛନ୍ତି ପ୍ରଚଳିତ ଶାସନ ବ୍ୟବସ୍ଥାର ଭ୍ରଷ୍ଟାଚାର ସହିତ।

ନାଟକର ଆରମ୍ଭ ହେଉଛି କୋରସ୍‌ର ନୃତ୍ୟ ଓ ଗାନ ମଧ୍ୟରୁ। ସେମାନେ ଦୁଇଦଳ ହୋଇ ଆସିଛନ୍ତି ନାଚି ନାଚି ମଂଚକୁ। ଆଧୁନିକ ଅର୍ଥରେ କୋରସ୍ ବା ଐକ୍ୟତାନ ଗୋଟିଏ ଗୋଷ୍ଠୀର ସଂଗୀତ ପରିବେଷଣକୁ ବୁଝାଇ ଥାଏ। ପ୍ରାଚୀନ ଗ୍ରୀସରୁ ଏହାର ସୃଷ୍ଟି। ରିଚୁଆଲସ୍ ସହିତ ଏହାର ସଂପର୍କ ରହିଛି। ପ୍ରାଚୀନ ଭାରତବର୍ଷର ମନ୍ତ୍ରପାଠ ତଥା ଆଶ୍ରମର ପ୍ରାର୍ଥନାକୁ ଏହି କୋରସ୍‌ର ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ। ଅତୀତ କାଳରେ ଗ୍ରୀସର ଅଧିବାସୀମାନେ ଧର୍ମୀୟ ଅନୁଷ୍ଠାନଗୁଡ଼ିକରେ ମୁଖାପିନ୍ଧି କୌଣସି ଏକ ଗୀତକୁ ଉଚ୍ଚତ ସ୍ୱରରେ ଗାନ କରୁଥିଲେ। ଏହି କୋରସ୍‌କୁ ଗ୍ରୀକ୍ ଟ୍ରାଜେଡ଼ିରୁ ନିଆ ଯାଇଛି। ଅସ୍କାଇଲସ୍, ସଫୋକ୍ଲିସ ପ୍ରଭୃତି ତାଙ୍କ ନାଟକରେ ସାମାଜିକ ଦୃଷ୍ଟିକୋଣ, ନୈତିକ ଓ ଆଦର୍ଶବାଦୀ ବିଚାରଧାରା ଓ ଧର୍ମୀୟ ମୂଲ୍ୟବୋଧଗୁଡ଼ିକୁ ଏହି କୋରସ୍ ମାଧ୍ୟମରେ ସୂଚିତ କରୁଥିଲେ। କୋରସ୍ ନାଟକ ସହିତ ଜଡ଼ିତ ହେଲେ ମଧ୍ୟ ନାଟ୍ୟକାରର ନିରପେକ୍ଷ ମନ୍ତବ୍ୟ ପ୍ରଦାନ ଏହା କରିଆରେ ସମ୍ଭବ ହେଉଥିଲା। କୋରସ୍‌ର ଏହି ଭୂମିକା ବ୍ୟତୀତ ମୁଖ୍ୟ ଭୂମିକା ଥିଲା ସଂଗୀତ ପରିବେଷଣ। ନାଟ୍ୟତତ୍ତ୍ୱବିଦ୍‌ମାନଙ୍କ ମତରେ ଏହି ସମୂହ ଗାନ ମଧ୍ୟରୁ ଟ୍ରାଜେଡ଼ି ଜନ୍ମ। ସମୟ ପ୍ରବାହ କ୍ରମେ ଗୋଷ୍ଠୀ ସଂଗୀତ ମଧ୍ୟରୁ ଜଣେ କେହି ଗାୟକ ନିଜକୁ ଅଲଗା କରିନେଇ କେତେକ ପ୍ରଶ୍ନ ପଚାରିବା ଏବଂ ଉତ୍ତର ଦେବାର ରୀତି

Digitized by srujanika@gmail.com

ପ୍ରଚଳିତ ହେଲା। ଏହି ରୀତି ମଧ୍ୟ ନାଟକରେ ସଂଳାପ ସୃଷ୍ଟି ଦିଗରେ ସାହାଯ୍ୟ କରିଥିଲା। ଆଧୁନିକ କାଳରେ ଏହି ଚରିତ୍ରକୁ କୋରସ୍ ଚରିତ୍ରର ଆଖ୍ୟା ଦିଆଯାଇଛି। ଏହି ଧରଣର ଚରିତ୍ର ନାଟକରେ ଘଟୁଥିବା ଘଟଣା ପ୍ରବାହରୁ ନିଜକୁ ଊର୍ଦ୍ଧ୍ୱରେ ରଖିଥାଏ ଓ ନିଜର ମନ୍ତବ୍ୟ ମଧ୍ୟେ ମଧ୍ୟେ ପ୍ରକାଶ କରେ।

ନାଟ୍ୟକାର ଏଭଳି ଚରିତ୍ରର ସଂଯୋଜନା କରି 'କଲୁରିବେଣ୍ଟ' ଉପାଖ୍ୟାନ ସଂପର୍କରେ ଦର୍ଶକମାନଙ୍କୁ ସଚେତନ କରି ଦେଇଛନ୍ତି। ଏହା ଫଳରେ ଦର୍ଶକମାନଙ୍କର ଚିତ୍ତ-ଲୋକ ଏକ ପ୍ରାଚୀନ ଲୋକକାହାଣୀ ଆଡ଼କୁ ଉନ୍ମୁଖ ହେଉଛି। ନାଟକର ପ୍ରାରମ୍ଭ ପର୍ଯ୍ୟାୟଟିକୁ ଲକ୍ଷ୍ୟ କରାଯାଉ:

କୋରସ : କା କା କା
ଆକାଶୀ ଫଳ କଲୁରିବେଣ୍ଟ ଖା, ଖା, ଖା।
ଯୁଆଡ଼େ ଯାଆ ସିଆଡ଼େ ଖାଲି ନା ନା ନା।

୧ମ ଦଳ : ଦେ କୂଅ ଦେ ପାଣି, ଦେ'ରେ ମୋର ମନ ଜାଣି
କାଢୁ ପାଣି ଧୋଉ ଅଣ୍ଟ
ଧାଇଁ ଧାଇଁ ଖାଉ କଲୁରି ବେଣ୍ଟ।

୨ୟ ଦଳ : କୂଅ ପାଣି ଦେଲାକି ସତେ ପାଣି ଦେଲାକି
ଅଣ୍ଟ ଗୋଟି କାଉର ଧୁଆ ହେଲାକି ସତେ ଧୁଆ ହେଲାକି ?

୧ମ ଦଳ : ନା ନା ନା
ଯେଣିକି ଯାଏ ତେଣେ ଖାଲି ନା ନା ନା
କୁମ୍ଭାର କହେ ବିଲ କହେ
ହିଡ଼ କହେ କମାର କହେ
ନା ନା ନା - ଖାଲି ନା ନା ନା -

୨ୟ ଦଳ : ଦେ କମାର ଦେ ଦାଆ
କାଟେ ଘାସ
ଖାଉ କାଳୀ ଖାଇ ଦେଉ ଦୁଧ
ପିଉ ମିରିଗ ଦେଉ ଶଂଘ
ତାଡ଼େ ମାଟି
ଗଢୁ କୁମ୍ଭାର କଳସ ଗୋଟି

Digitized by srujanika@gmail.com

କାଉ ପାଣି ଧୁଏ ଥଣ୍ଟ
ଧାଇଁ ଧାଇଁ ଖାଏ କଲୁରିବେଣ୍ଟ ।

କୋରସ : କା କା କା
ଆକାଶ ଫଳ କଲୁରିବେଣ୍ଟ ଖା ଖା ଖା
ଯୁଆଡ଼େ ଯାଅ ସିଆଡ଼େ ଖାଲି ନା ନା ନା

(ସମସ୍ତେ ମଞ୍ଚ ଉପରୁ ଚାଲିଯିବେ। ଏହିପରି ପ୍ରତ୍ୟେକ ଥର କୋରସ ଦଳ ଆସିବେ ଓ ଚାଲିଯିବେ।)

ସାମ୍ବାଦିକ : (ପ୍ରବେଶି) ଏହି ପରି କାଉଟି ଶେଷରେ ମରିଗଲା। ମରିଗଲା ଆତତାୟୀ କମାର ଯୋଗୁଁ। ଲାଲ ଟହଟହ ତାତିଲା ଦାଆଟାକୁ କାଉ ମୁହଁରେ ଭର୍ତ୍ତି କରିଦେଲା କମାର ଖାଲି କୌତୁକ ପାଇଁ। କିନ୍ତୁ ଲୋକେ କହିଲେ କାଉଟି ମରିଗଲା ଦୁର୍ଘଟଣାରେ। ଆମ ପରି ସାମ୍ବାଦିକ ମାନେ ଖବର କାଗଜରେ ଲେଖିଲେ କାଉଟିର ମୃତ୍ୟୁ ନିରୋଳା ଦୁର୍ଘଟଣା ଜନିତ। ସରକାର ଆଶ୍ୱସ୍ତ ହେଲେ। କେହି ଜଣେ ଆଉ ଖୋଜିଲା ନାହିଁ, ଲୋଡ଼ିଲା ନାହିଁ, କାହାକୁ ବି ପଦେ ପଚାରିଲା ନାହିଁ, ଗରିବ କାଉଟିର ମୃତ୍ୟୁ ହେଲା କେମିତି ? ଆପଣମାନେ କହି ପାରନ୍ତି, କମାର ବଡ଼ ନିର୍ଦ୍ଦୟ ? କିନ୍ତୁ ମୁଁ କହେ – ନା ସେ ନିର୍ଦ୍ଦୟ ହେବ କାହିଁକି ? ସେତ ଥିଲାବାଲାଙ୍କ ପାଇଁ ବେଶ୍ ସଦୟ। ସେ କେବଳ ନିର୍ଦ୍ଦୟ କାଉ ମାନଙ୍କ ପାଇଁ। କାରଣ କାଉଟି ଗରିବ। ତାରି ପରି ସାରାଦିନ ଖଟିଲେ ତା'ପେଟ ପୂରେ। କମାରଟି ଭାବେ, ଯେଉଁ ମାନଙ୍କ ହାତରେ ଅସ୍ତ୍ର ନାହିଁ, ସେମାନେ ଗରିବ ସେମାନେ ବଂଚି ରହିବା କି ଦର୍କାର ?

ତେବେ ଯୋଉଠୁ କଲୁରିବେଣ୍ଟ ଗପଟି ସରିଲା, ସେଇଠୁ ମୁଁ ଆରମ୍ଭ କରିବି ମୋ କାହାଣୀ। ଏ କାହାଣୀକୁ ସତବୋଲି ଆପଣ ମାନି ନେଇ(୩) ପାରନ୍ତି। କାରଣ ଏଭଳି କାହାଣୀ ଖବର କାଗଜରେ ବେଳେ ବେଳ ଛାପାହୁଏ।"

କୋରସର ନୃତ୍ୟ, ଗୀତ ପରିବେଷଣ ପରେ ନାଟକ ଆରମ୍ଭ ହେଉଛି। ଏଥିରେ ପ୍ରୋଟାଗୋନିଷ୍ଟ ହେଉଛି ଜଣେ ତଳିଆ କର୍ମଚାରୀ। ତା ନାଁ ଗୁରୁ। ସେ ବିଚରା ଜଣେ ଚୌକିଦାର। ଡାକବଙ୍ଗଳାକୁ ଆସୁଥିବା ସାହେବମାନଙ୍କର ହେପାଜତ କରିବା ତାର କାମ। ନାଟକର କାହାଣୀ ସ୍ପଷ୍ଟ ହୋଇ ଯାଇଛି ପ୍ରଥମରୁ, ଶିକାରୀ ସେଇ ଡାକ ବଙ୍ଗଳାରେ ପହଞ୍ଚିଲା ପରଠାରୁ। ତା କଥାରୁ ଜଣା ପଡ଼ିଛି ଜଣେ ସାହେବ ଆସୁଛନ୍ତି ସେଠିକି। ତାଙ୍କର ବଂଧୁମାନେ ମଧ୍ୟ ଆସୁଛନ୍ତି ସେଠାକୁ ଭୋଜି କରିବା ପାଇଁ ଏବଂ ଭୋଜି ଉଦ୍ଦେଶ୍ୟରେ ସେ ଆସିଛି ଜଙ୍ଗଲରୁ ଜନ୍ତୁ ମାରିବା ପାଇଁ। ଜଙ୍ଗଲରୁ ଜନ୍ତୁ ମାରିବା ସଂପର୍କରେ ସରକାର

Digitized by srujanika@gmail.com

ଆଇନ୍ ଓ କଟକଣା କରିଛନ୍ତି କହି ଗୁରୁ ଶିକାରୀକୁ ଏପରି ବେଆଇନ୍ କାର୍ଯ୍ୟ ନକରିବା ଲାଗି ପ୍ରବର୍ତ୍ତାଇଛି ।

ଏ ପ୍ରସଙ୍ଗରେ ଗୁରୁ ଓ ଶିକାରୀର କଥୋପକଥନ ହେଲା –

ଗୁରୁ : ଶିକାରୀ ! ଏଠି କ'ଣ ଶିକାର ହେବ ?

ଶିକାରୀ : ଶିକାର ହେବନିତ ଆଉ ଡକେଇଛନ୍ତି କାହିଁକି ?

ଗୁରୁ : କୋଉଠି ? ଏଇ ଅଭୟାରଣ୍ୟରେ ?

ଶିକାରୀ : ସେକଥା ମୁଁ କେମିତି କହିବି ? ସେ କଥା ତମ ସାହେବ ଜାଣନ୍ତି । ତେବେ ମୋତେ ଯିଏ ଖବର ଦେଇଥିଲେ ସେ କହିଲେ ସାହେବଙ୍କ ବଂଧୁମାନେ କାଲି ଏଠି ଆସି ପହଞ୍ଚିବେ, ଗୋଟାଏ ଭୋଜି ହେବ । ସେଥିପାଇଁ ଆଜି ରାତି ଭିତରେ ଗୋଟାଏ ଜନ୍ତୁ ମାରିବା ଦରକାର । ତମେ ଜାଣିନ କିଛି ?

ଗୁରୁ : ନାଁ ତ । ମୋତେ କିଛି ବି କହି ନାହାନ୍ତି । କିଛି ଅଭୟାରଣ୍ୟରୁ ଜନ୍ତୁ ମାରିବାତ ମନା । ସରକାର ଆଇନ୍ କରି ଦେଇଛନ୍ତି –

ଶିକାରୀ : ମନା ସିନା ବ୍ୱାହାର ଲୋକଙ୍କ ପାଇଁ । ସାହେବମାନଙ୍କୁ ମନା କ'ଣ ? ସେମାନେ ତ ଖୋଦ ସରକାର ।

ଗୁରୁ : କିନ୍ତୁ ଏତ ବଡ଼ ଅନ୍ୟାୟ ।

ଶିକାରୀ : ଆରେ ନ୍ୟାୟ ଅନ୍ୟାୟ ଆମରି ଲୋକଙ୍କ ପାଇଁ ସେମାନଙ୍କ ପାଇଁ କ'ଣ ?[୪]

ଯଥା ସମୟରେ ସାହେବ ଉପସ୍ଥିତ ହୋଇଛନ୍ତି ଡାକବଙ୍ଗଳାରେ । ଶିକାରୀ ତାଙ୍କ ପାଇଁ ଶିକାର କରିଛି । ସାହେବ ନିର୍ଦ୍ଦେଶ ଦେଇଛନ୍ତି ଚୌକିଦାର ଗୁରୁକୁ ରୋଷେଇବାସ କରିବା ପାଇଁ । ତାର ନିଜର ଅସୁବିଧା ଅଛି, ତା ସ୍ତ୍ରୀ ବହୁତ ବେମାର ଓ ସେ ପୂଝାରୀ ଡାକି ଦେବ ବୋଲି କହି ସାହେବଙ୍କର ଅନୁମତି ମାଗିଛି । ମାତ୍ର କ୍ରୋଧରେ ଅଜ୍ଞାନ ହୋଇଛନ୍ତି ସାହେବ । ନାଟକର ଦ୍ୱିତୀୟ ଦୃଶ୍ୟରେ ଏହାର ଅବତାରଣା କରାଯାଇଛି । ଗୁରୁର ସ୍ପଷ୍ଟବାଦିତା ଏବଂ ସାହେବଙ୍କର ବିବେକହୀନତାକୁ ନିମ୍ନଲିଖିତ ଭାବରେ ରୂପ ଦେଇଛନ୍ତି ନାଟ୍ୟକାର :

ଗୁରୁ : ମୁଁ ମୂର୍ଖଲୋକ । କ'ଣ ମୋ ପାଇଁ ଭଲ ହେବ, କ'ଣ ଖରାପ ହେବ ଜାଣେନି । ଏତିକି ମାତ୍ର ଜାଣେ – ମୋର ଛୁଟି ପାଉଣା ଅଛି । ମୋର ଅସୁବିଧା ବେଳେ ଛୁଟି ନେଇ ପାରିବି ।

ସାହେବ : ଆଚ୍ଛା ଠିକ୍ ଅଛି, ଛୁଟି ନେଇଯାଅ । ତା'ପରେ ଯାହା କରିବାର କଥା ମୁଁ କରିବି ।

Digitized by srujanika@gmail.com

ଗୁରୁ : ଆପଣ କିଛି କଲେ ସେଥିରେ ଆପଣଙ୍କର ବଡ଼ଲୋକି ବଢ଼ିବ ନାହିଁ ବରଂ କମିବ।

ସାହେବ : ଗରିବ ଲୋକ ବୋଲି ତମ ପ୍ରତି ମୋର ଗୋଟାଏ ଦୟା ଥିଲା। କିନ୍ତୁ ଦେଖୁଚି। ତମେ ରୀତିମତ ଗୋଟାଏ ରାସ୍କେଲ। ସାମାନ୍ୟ ବିବେକ ବୁଦ୍ଧି ନାଇଁ।

ଗୁରୁ : ହଁ ମୁଁ ମାନୁଚି ମୋର ବିବେକ ବୁଦ୍ଧିନାଇଁ। ସେତିକି ଥିଲେ ଆଜି ଆପଣଙ୍କ ବିବେକ ସହିତ ମୋ ବିବେକର ଲଢ଼େଇ ହୋଇ ନଥାନ୍ତା। ଆପଣ ଯେଉଁ ବିବେକର ଆଜି ଅଭୟାରଣ୍ୟରୁ ପଶୁଟିଏ ମରାଇ ବନ୍ଧୁମାନଙ୍କୁ ଭୋଜି ଦେଉଛନ୍ତି ମୋର ସେଇ ବିବେକ ଥିଲେ ମୁଁ ଆନନ୍ଦରେ ଭୋଜି ରାନ୍ଧୁଥାନ୍ତି।

ସାହେବ : ମୋ ସାମ୍ନାରୁ ଆଗ ବାହାରି ଯାଅ କହୁଚି। ଯାଅ ରାସ୍ତା ଛକରେ ଠିଆ ହୋଇ ବକ୍ତୃତା ଦେବ। ତମ ଭଳି ବିବେକୀ ଲୋକର ବଚନାମୃତ ଶୁଣିବାକୁ ଢେର ଲୋକ ଜମା ହେବେ।(୫)

କ୍ରୋଧାନ୍ଧ ସାହେବ ଗୁରୁକୁ ସସ୍‌ପେଣ୍ଡ କରିଛନ୍ତି ଚାକିରିରୁ। ନ୍ୟାଯ୍ୟ ଓ ବିବେକାନୁମୋଦିତ କଥା କହି ସେ ଦଣ୍ଡ ପାଇଛି। ସେ ଯାଇଛି ବଡ଼ ସାହେବଙ୍କ ନିକଟକୁ ଗୁହାରି କରିବା ପାଇଁ। ମାତ୍ର ନିଷ୍ଫଳ ହୋଇଛି। ଅଫିସରଙ୍କ ଆସୋସିଏସନ୍ ନିକଟରେ ବଡ଼ ସାହେବ କିଛି କରି ପାରିବେ ନାହିଁ ବୋଲି ସ୍ୱୀକାର କରିଛନ୍ତି। ସେ ଯାଇଛି ତା ଆସୋସିଏସନ୍‌ର କର୍ମକର୍ତ୍ତା ତାହେର୍ ନିକଟକୁ। ସେଠାରେ ସେ ମଧ୍ୟ ବିଫଳ ହୋଇଛି। ନାଟକର ଘଟଣା ସ୍ରୋତକୁ ଆଗେଇ ନେବା ପାଇଁ କୋରସ୍‌ର ସଂଗୀତ ପରେ ଆଧୁନିକ କାଳରେ ସାମ୍ବାଦିକ ପ୍ରତିଟି ଦୃଶ୍ୟରେ ଘଟଣାର ବର୍ଣ୍ଣନା ଦେଉଛନ୍ତି। ପୁରାଣ କାହାଣୀର ସାଂପ୍ରତିକ ପ୍ରାସଙ୍ଗିକତା ଯେମିତି ରୂପ ପାଇଛି ଏଠାରେ। ଯେପରି

କୋରସ୍ : କା କା କା

ଆକାଶୀ ଫଳ କଲୁରି ବେଣ୍ଟ ଖା ଖା ଖା

ଯୁଆଡ଼େ ଯିବ ସିଆଡ଼େ ଖାଲି ନା ନା ନା

ସାମ୍ବାଦିକ ପୁଣି କହିଛନ୍ତି : (ପ୍ରବେଶି) "ଧର୍ମ ଯୁଦ୍ଧରେ ଗୁରୁ ଚରଣ ପାଖରେ ଠିଆ ହେବା ପାଇଁ କେହି ଆଗେଇ ଆସିଲେନି। ସେ ଏକା ହିଁ ଅଭିମନ୍ୟୁ ପରି ଲଢ଼ି ଚାଲିଲା ସପ୍ତରଥୀଙ୍କ ସାଥିରେ ଶେଷ ପର୍ଯ୍ୟନ୍ତ। କିନ୍ତୁ ଲାଭ କ'ଣ ହେଲା ? ସମଦୁଃଖୀ କାହାର ସାହାଯ୍ୟ ସମର୍ଥନ ଖୋଜିବା ପୂର୍ବରୁ ଗୁରୁଚରଣଙ୍କୁ ବାଧ୍ୟତାମୂଳକ ଅବସର ଦେଇ ଦିଆଗଲା। ଚାକିରିରୁ ବିଦାୟ ନେଇ ଏଣିକି ସେ

Digitized by srujanika@gmail.com

ପ୍ରଚୁର ସମୟ ପାଇବ ଲଢ଼େଇ କରିବା ପାଇଁ। ସେ ଏଥର ଏକା। ତାର ଏ ନିଃସଙ୍ଗତାରେ ଆନନ୍ଦିତ ହେଲେ ନିଜକୁ ସର୍ବଶକ୍ତିମାନ ବୋଲି ଭାବୁଥିବା କର୍ମକର୍ତ୍ତାମାନେ। ଏତେ ଦିନର ଆଲୋଡ଼ନ ଶାନ୍ତ ପଡ଼ିଗଲା। ସମସ୍ତେ ଭୁଲିଗଲେ ଗୁରୁଚରଣ ବୋଲି ଜଣେ କିଏ ଅଫିସର ଥିଲା ବୋଲି? କିନ୍ତୁ ଗୁରୁଚରଣ? ପକ୍ଷଚ୍ଛିନ୍ନ ପକ୍ଷୀ ପରି ନିଷ୍ଫଳ କ୍ରୋଧରେ ଘୂରିବାକୁ ଲାଗିଲା ଗୋଟାଏ ନିଷ୍ଠୁର ଚକ୍ରର ପରିଧି ମଧ୍ୟରେ।"

ଚାକିରିରୁ ବିଦାହେଲା ପରେ ନିଜର ପ୍ରୋଭିଡେଣ୍ଟ ଫଣ୍ଡ୍ ଗଣ୍ଡାକ ପାଇଁ ସେକ୍ସନ୍ ଅଫିସରଙ୍କଠୁ ବଡ଼ ହାକିମ ପର୍ଯ୍ୟନ୍ତ ଧାଇଁଛନ୍ତି ଗୁରୁ ଚରଣ। ଏପରିକି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଯାଇବି ଗୁହାରି କରିଛି। କିନ୍ତୁ ସବୁଠି ନାହିଁ ନାହିଁ ଭାବ। ତେବେ ସବୁଠୁ ନିରାଶ ହୋଇବି ଗୁରୁ ମନ ଭିତରୁ ଆଶାର ଚାରା ଗଛଟିକୁ ଉପାଡ଼ି ପାରିନାହିଁ। ପୁଅ ବେଣୁ ନିକଟରେ ସେ ନିଜର ମନକଥା ଖୋଲି କହିଛି। ବେଣୁର ଆଶାଦୀପ୍ତ ଇଂଗିତ ଶାନ୍ତିର ପ୍ରଲେପ ଯେମିତି ଦେଇଛି ଗୁରୁର ମନରେ। ସେ ତାର ବାପାକୁ ଯାହା କହିଛି ଏବଂ ବାପା ଗୁରୁ ଚରଣ ଭବିଷ୍ୟତର ଏକ ପରିବର୍ତ୍ତନ ଉପରେ ଯେପରି ଆସ୍ଥା ରହିଛି ତାହା ଚମତ୍କାର ଭାବରେ ରୂପାୟିତ ହୋଇଛି 'କଲୁରିବେଣ୍ଟ'ର ଶେଷାଂଶରେ।

ବେଣୁ : ହଁ, ହଁ ଆମକୁ ଅପେକ୍ଷା କରିବାକୁ ହେବ। ଶୂନ୍ୟ ଆକାଶକୁ ଚାହିଁକରି ନୁହେଁ, ଜନମତ ଜାଗ୍ରତକରି। ଲୋକଙ୍କୁ ଜଣାଇବାକୁ ପଡ଼ିବ, ଲୋକଙ୍କୁ ବୁଝାଇବାକୁ ପଡ଼ିବ। ଆମେ ଯଦି ଅପେକ୍ଷା ନକରିବା ତେବେ ଅପେକ୍ଷା କରିବ କିଏ? ସମସ୍ତେ ଯଦି ପଳାୟନ ପନ୍ଥୀ ହୁଅନ୍ତି ତେବେ କିଏ ଏ ଅବରୁଦ୍ଧ ଗବେଷଣାଗାର ଭିତରେ ସତ୍ୟର ପରୀକ୍ଷା କରିବ? କିଏ ଉଦ୍‌ଭାବନ କରିବ ମୌଳିକ ସୂତ୍ର? କିଏ ସତ୍ୟର ଶାନ୍ତିଜଳ ଆଣି ଅର୍ଦ୍ଧଦଗ୍ଧ ସଗର ବଂଶ ଉପରେ ଢାଳିବାକୁ ଆଗେଇ ଆସିବ? କାହାକୁ ଅନୁସରଣ କରିବେ ଅପେକ୍ଷାମାଣ ଜନସମାଜ?

ଗୁରୁ : ଆଜି ଛାତି ମୋର ଆନନ୍ଦରେ ପୂରି ଉଠୁଛିରେ ପୁଅ। ମନେ ହେଉଚି, ସବୁ ନ ପାଇ ବା ଭିତରେ ବି ମୁଁ ଅନେକ କିଛି ପାଇ ଯାଇଚି। ମୁଁ ଯେଉଁ ଧର୍ମଯୁଦ୍ଧ ଆରମ୍ଭ କରିଛି, ତା'ର ମୁଁ ଶେଷ ଦେଖିବାକୁ ଚାହେଁ। ମୁଁ ବଂଚିଥିବା ଭିତରେ ଯଦି ଏ ଯୁଦ୍ଧର ଶେଷ ନହୁଏ ଉତ୍ତରାଧିକାରୀ

Digitized by srujanika@gmail.com

ଭାବରେ ତୁହିଁ ଲଢ଼ିବୁ ଏ ଧର୍ମଯୁଦ୍ଧ । ମୋର ଏକ୍ଟ୍ରୁ ବିଶ୍ୱାସ ଆଜି ଦୃଢ଼ ହୋଇଚି । ଏଣିକି ମୋର ଶାନ୍ତି, ପରମ ଶାନ୍ତି ।

ଲୋକକାହାଣୀର ବକ୍ତବ୍ୟ ଓ ମୋଟିଫ୍ ସହ ଏକାକାର କରି ପଚମାନ ସମାଜ ବ୍ୟବସ୍ଥାର ଚିତ୍ର ଆଙ୍କିବା ଓ ପରିଣତିରେ ସମାଜ ପରିବର୍ତ୍ତନର ଇଂଗିତ ଯେପରି ଏ ନାଟକରେ ସ୍ଥାନ ପାଇଛି ତାହା ପ୍ରକୃତରେ ଅନବଦ୍ୟ । 'ଜଟାୟୁର ଛିନ୍ନ ଡେଣା'ରେ ସଂକଳିତ ଅନ୍ୟତମ ନାଟକ 'ମଇଁଷିର ପାଖ ନ ଯାଅ ଦନାଇଁ'କୁ ଏଠାରେ ଆଲୋଚନାର ପରିସରଭୁକ୍ତ କରାଯାଇ ପାରେ । ମୋଟ ଉପରେ ଉପର୍ଯ୍ୟୁକ୍ତ ନାଟକଟି ହେଉଛି ଏକ ପ୍ରଚଳିତ ଲୋକୋକ୍ତିର *improvisation* । ଏହି ଲୋକୋକ୍ତିକୁ ମଧୁସୂଦନ ରାଓ ମଧ୍ୟ ନେଇଛନ୍ତି ତାଙ୍କ 'ବର୍ଣ୍ଣବୋଧ'ରେ । ତାହା ହେଲା – "ଅରଣା ମଇଁଷି ରହିଛି ଅନାଇଁ ମଇଁଷିର ପାଖ ନ ଯାଅ ଦନାଇ" । ଏହା ମଧ୍ୟରେ ଏକ ଅହେତୁକ ଭୟକୁ ଲକ୍ଷ୍ୟ କରିଛନ୍ତି ନାଟ୍ୟକାର ଓ ଭୟ ପ୍ରବଣତାର (fear complex) ବିସ୍ତାରିତ ରୂପରେଖ ଦେଖିବାକୁ ମିଳେ ନାଟକରେ ।

ଜନାର୍ଦ୍ଦନ ଏହି ନାଟକର ପ୍ରୋଟାଗୋନିଷ୍ଟ । ଦୃଶ୍ୟାରମ୍ଭରେ ଲୋକନାଟକର ଆଙ୍ଗିକ ଅନୁସରଣରେ (ଯେପରି 'ମୁଁ ଆସିଲି ସୀତୟାଗୋ ରାମର ଘରଣୀ' ବା ଏତେ କହି ହନୁମାନ ବେଗେ ଚଳିଗଲା'– ଚରିତ୍ରମାନେ ନିଜ ମୁହଁରେ ନିଜ କଥା କହିଲା ଭଳି) ଦନାଇଁ ନିଜେ ନିଜର ପରିଚୟ ଦେଇଛି । ଏହା ହେଉଛି self reflexive style । ସେ ପିଲାଦିନୁଁ ଗାଆଁର ବାପା, ମା', ଭାଇ ଭଉଣୀ ଓ ଆତ୍ମୀୟ ସ୍ୱଜନଙ୍କ ନିକଟରେ ଦନାଇଁ ନାମରେ ପରିଚିତ । ସେ କ୍ରମଶଃ ବଡ଼ ହୋଇଛି । ଦନେଇରୁ ଜନାର୍ଦ୍ଦନ ପୁଣି ମି. ଜନାର୍ଦ୍ଦନ ତ୍ରିପାଠୀ ନାଁରେ ପରିଚିତ ହୋଇଛି । କିନ୍ତୁ ଏଇ ପିଲାଦିନରୁ ବଡ଼ ହେଲା ପର୍ଯ୍ୟନ୍ତ ଦନାଇ ଅବଚେତନରେ ରାଜୁତି କରିଛି ଡରକୁଳାପଣ । ଏହା ତାର ବ୍ୟକ୍ତିତ୍ୱର ଏକ ଅନ୍ଧକାରମୟ ଦିଗ । ତେବେ ଏ ସଂପର୍କରେ ସେ ସଚେତନ । ଏହାକୁ ଅତିକ୍ରମ କରିବା ପାଇଁ ସାହସ ଅଛି ତା ମନରେ । ଅରଣା ମଇଁଷି ଏଠାରେ ଭୟର ସଂକେତ ଦିଏ । ତା ବୋଉକୁ ସେ ଏକଦା ପିଲାଦିନେ କହିଥିଲା ଯେ ବାପା, ଗୁରୁଜନ ଓ ଶିକ୍ଷକ ପ୍ରଭୃତି ତା ପାଇଁ ଯେଉଁ ଅରଣା ମଇଁଷିର ଭୟ ସୃଷ୍ଟି କରିଛନ୍ତି ତାକୁ ସେ ଡରିମରି କେତେ ଦିନ ରହିବ ? ପ୍ରତିବାଦ କରିବ ନାହିଁ କାହିଁକି ? ଏଠାରେ ଦନାଇଁ ଓ ତା ବୋଉ ମୁହଁରେ ନାଟ୍ୟକାର ଯେଉଁ ସଂଳାପ ସଂଯୋଜନା କରିଛନ୍ତି ତାହା ଉଦାହରଣ ସ୍ୱରୂପ ଦିଆଗଲା :

ଦନାଇ : ତା ହେଲେ ଅରଣା ମଇଁଷିକୁ ଭୟ କରି ଆମେ ସବୁଦିନ ଦୂରେଇ ଦୂରେଇ ରହୁଥିବା ?

ବୋଉ : ତା ଛଡ଼ା ଅନ୍ୟ ଉପାୟ ନାହିଁରେ ଦନାଇ । ସାରା ଜୀବନ ଏମିତି ଅରଣା ମଇଁଷିମାନଙ୍କ ଭୟରେ ଜଡ଼ ସଡ଼ ହୋଇ ରହିବାକୁ ପଡ଼ିବ । ମୁହଁରୁ କଥା ବାହାରିଲେ ବିପଦ ।

Digitized by srujanika@gmail.com

ଦନାଇ : ଅରଣା ମଇଁଷି ପାଠଟା ପଢ଼ିଲାବେଳେ ବାପାଙ୍କୁ ଦିନେ ପଚାରିଥିଲି ବାପା ମୁଁ ଅରଣା ମଇଁଷି ପାଖକୁ ଯିବି। ତାକୁ ଆଉଁସିବି। ସିଏଁ ଯଦି ମାରିବାକୁ ଆସିବ ନା, ତାର ଶିଙ୍ଘ ଦି'ଟା ଧରି ପକେଇବି। ଯିବ କୁଆଡ଼େ ?(୮)

ଦନାଇ : ଗାଆଁରେ ପଢ଼ି କଲେଜରେ ଆଡ୍‌ମିସନ୍ ନେଇଛି। ସେଠି ରୀତା ସହିତ ତାର ସଂପର୍କ ଗଢ଼ି ଉଠିଛି। କିନ୍ତୁ ସେଠାରେ ବି ଭୟ ଓ ଆଶଙ୍କା ତାକୁ ଗ୍ରାସ କରିଛି। ରୀନାକୁ ପ୍ରେମ କଲେ ଅନ୍ୟମାନେ କାଳେ କ'ଣ ଭାବିବେ ଏବଂ ସାର ମାନେ ଖରାପ ଇମ୍ପ୍ରେସନ ନେବେ ଏଇ ଆଶଙ୍କାରେ ସେ ବିବ୍ରତ ହୋଇ ପଡ଼ିଛି। ଜନାର୍ଦ୍ଦନ ଏହାପରେ ହାକିମ ହୋଇଛି ସତ, ସେଠି ମଧ୍ୟ ସେ ପ୍ରତିବାଦ କରିବାର ସାହସ ହରେଇଛି। ସେ ଜାଣିଛି କେଉଁଟା ନ୍ୟାୟ, ଅନ୍ୟାୟ କିନ୍ତୁ ମୁହଁ ଖୋଲି ଉପରିସ୍ଥ ହାକିମମାନଙ୍କୁ ସେ କିଛି କହିପାରିନି। ବଡ଼ ହାକିମ ଯାହା କହିବେ ତାକୁ ସେ ନ୍ୟାୟ ବୋଲି ଭାବିଛି।

କିନ୍ତୁ ଦିନେ ଦନାଇ ଓରଫ୍ ଜନାର୍ଦ୍ଦନ ତ୍ରିପାଠୀର ଜୀବନରେ ଆସିଛି ବିରାଟ ପରିବର୍ତ୍ତନ। ଘଟଣା କ୍ରମେ ସେ ଯେଉଁ ଅଫିସରେ ହାକିମ ହୋଇଛି ସେଠାରେ ରୀନା ଯୋଗ ଦେଇଛି କିରାଣୀ ଭାବରେ। ସୁନ୍ଦରୀ ରୀନା ଅଫିସର ବଡ଼ ସାହେବଙ୍କ କାମନାଦଗ୍ଧ ଚକ୍ଷୁର ଶିକାର ହୋଇଛି। ରୀନା ଏହାକୁ ଅସ୍ୱୀକାର କରିବାରୁ ତାକୁ ଚାକିରିରୁ ବିଦାୟ ନେବାକୁ ପଡ଼ିଛି। ଅଫିସ ସାରା କେହି ତା ପିଠିରେ ପଡ଼ି ନାହାନ୍ତି। ରୀନାର ଏ ଦୁଃସମୟରେ ତା ପାଖରେ ଠିଆ ହୋଇଛି ଦନାଇ। ଏଯାବତ୍ ପିଲାଟି ଦିନରୁ ମନ ଭିତରେ ପାଳି-ପୋଷି ରଖିଥିବା ଭୟ ଭାବକୁ ସେ ଫିଙ୍ଗି ଦେଇଛି ସାହସର ସହିତ। ଦନାଇର ଅନୁଭବ ହୋଇଛି ଏଁତେଦିନ ଅଫିସରେ କାମ କରି ବଡ଼ ସାହେବର ହୁକୁମ ତାମିଲ କରି ସେ ଗୋଟେ ପଶୁ ପାଲଟି ଯାଇଥିଲା। ଏବେ ହୋଇଛି ତାର ରୂପାନ୍ତରଣ। ମଇଁଷିର ଭୟ ଠେଲି ସେ ଚାଲି ଆସିଛି ତା ଘରକୁ, ତା ବୋଉ ନିକଟକୁ। ସେ ଘୋଷଣା କରିଛି – "ଆଉ ମୁଁ ସାହେବ ହେବିନି ବୋଉ, ଦନେଇଁ ହୋଇ ରହିବି।"

ଆଳିଗୋରୀଧର୍ମୀ ଉପସ୍ଥାପନା, ଲୋକୋକ୍ତିର *improvisation* ସଙ୍ଗକୁ ବ୍ରେଖ୍‌ଟୀୟ ଏପିକ୍ ଥିଏଟରର ଶୈଳୀ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'କଲୁରିବେଣ୍ଟ' ଓ 'ମଇଁଷିର ପାଖ ନ ଯାଅ ଦନାଇ'ରେ ସାର୍ଥକ ଭାବରେ ହୋଇଛି ଉତ୍କୀର୍ଣ୍ଣ।

Digitized by srujanika@gmail.com

ପାଦଟୀକା :

୧. ନୀଳାଦ୍ରିଭୂଷଣ ହରିଚନ୍ଦନ, ଥାର୍ଡ଼ ଥିଏଟର ବା ତୃତୀୟ ନାଟ୍ୟ ବିଶ୍ଳେଷଣ ଓ ବିବେଚ଼ନା, ଭିନ୍ନ ସମୟ ଭିନ୍ନ ଦୃଷ୍ଟି, ଫ୍ରେଣ୍ଡ୍ସ ପବ୍ଲିଶର୍ସ, ୧୯୯୦, ପୃ-୯୮

୨. ପ୍ରବେଶକ, ଜଟାୟୁର ଛିନ୍ନ ଡେଣା, ଆର୍ଯ୍ୟ ପ୍ରକାଶନ, କଟକ, ୧୯୯୯, ପୃ- ୩-

୩. କଲୁରିବେଷ୍ଟ, ପୃ-୩-୪

୪. ଜଟାୟୁର ଛିନ୍ନ ଡେଣା, ପୃ-୯

୫. ତତ୍ରୈବ, ପୃ-୧୨

୬. ତତ୍ରୈବ, ପୃ-୨୨

୭. ମଇଁଷିର ପାଶ ନ ଯାଅ ଦନାଇ, ପୃ-୮୬

ଅଧ୍ୟାପକ ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ବ୍ରହ୍ମପୁର

Digitized by srujanika@gmail.com

ନାରୀ ବିମୁକ୍ତିର ସ୍ୱର ଓ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ : 'ପଥ ବହୁଦୂର'

ଡ. ସୋମନାଥ ବିଷୋୟୀ

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'ପଥ ବହୁଦୂର' ନାଟକ ପଢ଼ିବା ପରେ, ଓଡ଼ିଶାର ବିଖ୍ୟାତ ପ୍ରାବନ୍ଧିକ ଶରତ କୁମାର ମହାନ୍ତିଙ୍କ 'ନାରୀମୁକ୍ତି ଆନ୍ଦୋଳନ ଓ ଉଭୟଲିଙ୍ଗୀ ମଣିଷ' ପ୍ରବନ୍ଧଟି ସ୍ୱତଃ ଦୃଷ୍ଟିପଥକୁ ଚାଲିଆସିଲା। ପ୍ରବନ୍ଧର ବିଷୟ ଓ ସମସ୍ୟା ନାଟକର ପ୍ରସଙ୍ଗ ଓ ସମସ୍ୟା ସହିତ ସାମ୍ୟ ରଖିଥିବାରୁ ମୁଁ ପ୍ରବନ୍ଧଟିର ପୃଷ୍ଠଭୂମି ଉପରେ ନାଟକଟିର ବିଚାର କରିବାକୁ ଉଚିତ ବୋଧ କରୁଛି। ପ୍ରବନ୍ଧଟିରେ କିନ୍ତୁ ସମସ୍ୟାଟିର ଯେଉଁଭଳି ପୁଙ୍ଖାନୁପୁଙ୍ଖ ବିଚାର କରାଯାଇଛି, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।

ସମୀକ୍ଷା ହେବ ନାଟକଟିର, ପ୍ରବନ୍ଧର ନୁହେଁ। କିନ୍ତୁ ପ୍ରବନ୍ଧଟି କେମିତି ନାଟକଟିର ବିଚାର ପାଇଁ ମାପଦଣ୍ଡ ତଥା ମାନଦଣ୍ଡ ହୋଇଛି, ପଢ଼ିଲେ ଯାଇ ସ୍ପଷ୍ଟ ହେବ।

ନାଟକଟିର ସମସ୍ୟା ନାରୀକୈନ୍ଦ୍ରିକ। ପରିସର ଗୋଟେ ପରିବାର। ଚରିତ୍ର ସୀମିତ। ମୁଖ୍ୟତଃ ଦୁଇଟି ଚରିତ୍ରଙ୍କ ମଧ୍ୟରେ ସମସ୍ୟାର ଉଦ୍ରେକ। ସମସ୍ୟା ପାରିବାରିକ ପୁଣି ସାମାଜିକ, ଜାତୀୟ ପୁଣି ଆନ୍ତର୍ଜାତୀୟ ମଧ୍ୟ।

ପ୍ରକୃତରେ ନାରୀ ଜଣେ ପୁରୁଷଠୁ ମୁକ୍ତି ଚାହେଁ ନା ସ୍ତ୍ରୀ ଜଣେ ସ୍ୱାମୀଠୁ ମୁକ୍ତି ଚାହେଁ ? ସ୍ୱାମୀ କେବଳ ପୁରୁଷ ନୁହଁ, ଭାଇ ବି ପୁରୁଷ, ବାପା ବି ପୁରୁଷ। ଭାରତୀୟ ତଥା ଉତ୍କଳୀୟ ପରିବାର ସବୁ ପୁରୁଷକୈନ୍ଦ୍ରିକ ବୋଲି କହିବା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ପୁରୁଷ ଇଚ୍ଛାକରି ନାରୀକୁ ଦାସୀ ବା ଚାକରାଣୀ କରିବା ସବୁ କ୍ଷେତ୍ରରେ ସତ୍ୟ ନୁହେଁ। ବିବାହର ଯେଉଁ ଧାର୍ମିକ, ଆଧ୍ୟାତ୍ମିକ, ପୌରାଣିକ ତଥା ସାଂସ୍କୃତିକ ପରିଭାଷାଟି ଯୁଗ ଯୁଗ ଧରି ରହିଆସିଥିଲା, ତାହା ଆଜି ସଂପୂର୍ଣ୍ଣ ଭିନ୍ନ। ଏବେ ବିବାହ ଏକ ସାମାଜିକ ଚୁକ୍ତି କେବଳ। ସାତ୍ତ୍ୱିକ ସଂହତି କି ସହାବସ୍ଥାନର ପ୍ରଶ୍ନ ଆଉ ନାହିଁ।

ଯୋଉ ନାରୀ ସ୍ୱାମୀ ବିରୁଦ୍ଧରେ ବିଦ୍ରୋହ କରୁଛି, ସିଏ କ'ଣ ସଂସାରର ସବୁ ପୁରୁଷଙ୍କ ବିରୁଦ୍ଧରେ ବିଦ୍ରୋହ କରୁଛି ? ସବୁ ପୁରୁଷ କ'ଣ ନାରୀକୁ ନିର୍ଯ୍ୟାତନା ଦିଅନ୍ତି ? ସବୁ ସ୍ୱାମୀ କ'ଣ ସ୍ତ୍ରୀ ଉପରେ ଏକାଧିକାର ସାବ୍ୟସ୍ତ କରନ୍ତି ? ପ୍ରେମ କରନ୍ତିନି ? ନାରୀକୁ କେବଳ ଉପଭୋଗର ସାମଗ୍ରୀ ବୋଲି ଭାବନ୍ତି ?

Digitized by srujanika@gmail.com

ପ୍ରେମ ସ୍ୱୟଂ ଗୋଟେ ବନ୍ଧନ। ପୁରୁଷ ମଧ୍ୟ ଗୋପନରେ ହେଉ କି ପ୍ରକାଶ୍ୟରେ ହେଉ, ଭିନ୍ନଶୈଳୀରେ ହେଉ ନାରୀ ପାଖରେ ଦାସ। ଅବଶ୍ୟ ତା'ର ପୁରୁଷୋଚିତ ଅହଂକାର ଯୋଗୁଁ ସେ ନାରୀ ଉପରେ କ୍ରୋଧ ପ୍ରକାଶ କରେ। ଅନେକ ନାରୀ ସହିଯା'ନ୍ତି, ଆଉ ଅନେକେ ପ୍ରତିବାଦ କରନ୍ତି। ଅନେକ ସ୍ୱାମୀଠୁ ଅଲଗା ଅନ୍ୟତ୍ର ବାହାହୋଇପଡ଼ନ୍ତି। ନାରୀ ଏକାଧିକ ପୁରୁଷକୁ ଏବଂ ପୁରୁଷ ଏକାଧିକ ନାରୀକୁ ବିବାହ କରିବା ପୁରାଣରେ ଅଛି ଏବଂ ପୁରାଣ ଯୁଗରୁ ମଧ୍ୟ ଏଯାବତ୍ ଚାଲିଆସିଚି। ତେବେ ସେତେବେଳେ ନାରୀମୁକ୍ତିର ପ୍ରଶ୍ନ କାହିଁକି ଉଠିନଥିଲା ?

ଯୋଉ ନାରୀ ସ୍ୱତଃପ୍ରବୃତ୍ତ ଭାବରେ ସ୍ୱାମୀର ଚିତାକୁ ଡେଇଁପଡ଼ିଲା, ସିଏ ହେଲା ସତୀ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ମରିବାକୁ ଚାହିଁନଥିବା ସ୍ତ୍ରୀକୁ ଜବରଦସ୍ତ ଅଗ୍ନିରେ ପୋଡ଼ିଦେବା ହେଲା କୁପ୍ରଥା। ସେତେବେଳେ ଝିଅ ବାହାଘର ବେଳେ କନ୍ୟାପିତା ନିଜ କ୍ଷମତା ଭିତରେ ଝିଅକୁ ଓ ଜ୍ୱାଇଁକୁ ସ୍ନେହରେ କିଛି ମୂଲ୍ୟବାନ୍ ଜିନିଷ ଉପହାର ଦେଉଥିଲେ। କିନ୍ତୁ ପରେ ତାହା ପ୍ରଥାରେ ପରିଣତ ହେଲା। କ୍ରମେ ହେଲା କୁପ୍ରଥା। ଏବେ ତାହା ପାଲଟିଗଲା ଅପରାଧ। ସାମର୍ଥ୍ୟ ଭିତରେ ଦିଆନିଆ ସହିତ ପ୍ରେମର ଓ ସ୍ନେହର ଦିଆନିଆ ଥିଲା। ସେଇ ସାମର୍ଥ୍ୟ ଅଙ୍କ ବହୁତେ ଏବେବି ଅଛି। ଦିଆନିଆ ବି ଚାଲିଛି। କିନ୍ତୁ ଯୌତୁକପ୍ରଥା ଏତେବଡ଼ ଅପରାଧ କେମିତି ହେଇଗଲା ?

ଛାଡ଼ ସେ କଥା। ଅସଲ ଉଦ୍ଦେଶ୍ୟ ସେ'ଠି ନାହିଁ। ନାରୀ ନୁହେଁ, ସ୍ତ୍ରୀ ସ୍ୱାମୀଠୁ ମୁକ୍ତି ଚାହୁଁଛି। ସବୁ ସ୍ତ୍ରୀ ନୁହଁନ୍ତି। ପରିବାର ଓ ସଂସାର ଭିତରେ ବନ୍ଦୀ ହୋଇକି ରହିବାରେ ବହୁ ସ୍ତ୍ରୀ ଓ ବହୁ ସ୍ୱାମୀ ଆନନ୍ଦ ପାଆନ୍ତି। ଭାଗବତ ଅନୁସାରେ କୁଟୁମ୍ବରେ ସେମାନଙ୍କର ଦୃଢ଼ମତି ହୋଇଥାଏ। କାହିଁ ସେ'ଠି ତ ପୁରୁଷ ବିରୁଦ୍ଧରେ ନାରୀ, ନାରୀ ବିରୁଦ୍ଧରେ ପୁରୁଷର ପ୍ରତିବାଦ ନଥାଏ ? ଏବେ ଯେଉଁ ନାରୀମୁକ୍ତିର କଥା ଉଠୁଛି, ଏହା ସର୍ବାଦୌ ଆଧୁନିକ ସମାଜର କଥା। ଏହା ପୁଣି ବେଶି ପାଶ୍ଚାତ୍ୟର ସମସ୍ୟା। ଏ ସମାଜ ପୁରୁଷକୈନ୍ଦ୍ରିକ ବୋଲି କହିବା ପୂର୍ଣ୍ଣସତ୍ୟ ନୁହେଁ; ପୁଣି ଅନେକାଂଶରେ ଏକ ବିଚାର ବିଭ୍ରାଟ। ନାରୀର ପୁରୁଷ ବିରୋଧୀ ହେବା ଅର୍ଥ ସ୍ତ୍ରୀର ସ୍ୱାମୀ-ବିରୋଧୀ ସ୍ୱର। ସ୍ୱାମୀ-ପୁରୁଷ ବିରୁଦ୍ଧରେ ହିଁ ସ୍ୱର।

ସମସ୍ୟାଟି ବଡ଼ ସାଂଘାତିକ। ନାରୀ ସ୍ତ୍ରୀ ହେଉ, ଭଉଣୀ ହେଉ କି ମା' ହେଉ ପୁରୁଷ ଦ୍ୱାରା ଯେ ନିର୍ଯ୍ୟାତିତା ନୁହେଁ, ଏକଥା ନୁହଁ। କିନ୍ତୁ ଯେଉଁଭଳି ଭାବରେ ଏହାର ରୂପ ଦିଆଯାଉଛି, ତାହା ସେଭଳି ନୁହେଁ। ବହୁ ଭାବରେ ଅନ୍ୟଭଳି। ପରିବାର କ'ଣ ଗୋଟେ କାରାଗାର ଯେ ନାରୀ ସେ'ଠି ବନ୍ଦୀ ? ଯୋଉଠି ନାରୀକୁ ଅର୍ଥାତ୍ ନିର୍ଦ୍ଦିଷ୍ଟ ଜଣେ ନାରୀକୁ ନିର୍ଯ୍ୟାତନା ଦିଆଯାଉଚି ଏବଂ ସେ ନିର୍ଯ୍ୟାତନା କେବଳ ପୁରୁଷ ଦ୍ୱାରା ନୁହଁ

Digitized by srujanika@gmail.com

ଅନ୍ୟ ନାରୀମାନଙ୍କ ଦ୍ୱାରା ବି ହେଉଛି, ସେ'ଠି ତାହା ସେଇ ନିର୍ଦ୍ଦିଷ୍ଟ ନାରୀଟିର ହିଁ ସମସ୍ୟା ଏବଂ ଏହିଭଳି ଗୋଟି ଗୋଟି ହୋଇ ନିର୍ଦ୍ଦିଷ୍ଟ କେତେକ ଅବା ଅନେକ ନାରୀଙ୍କର ଇଏ ସମସ୍ୟା। ଏ ସମସ୍ୟା ଅହେତୁକ ନୁହଁ। ମିଛ କି ଅବାନ୍ତର ମଧ୍ୟ ନୁହଁ।

ଯୋଉଠି ପ୍ରକୃତରେ ସ୍ତ୍ରୀଟିଏ ସ୍ୱାମୀ-ପୁରୁଷର ଅଧିକାର ପାଖରେ ନିଜର ସ୍ଥିତିକୁ ସଙ୍କୁଚିତ କରିଦିଏ ବା କେଉଁ ପୁରୁଷ ପାଖରେ ନିଜକୁ ଅବଦମିତ କରି ରଖେ, ସେ'ଠି ତା'ର ମୁକ୍ତି ଲୋଡ଼ା। ଏ ମୁକ୍ତି ତା' ଦେହର କେବଳ ନୁହେଁ, ତା' ମନର ଓ ତା' ଆତ୍ମାର ବି। ଏ ସମ୍ପର୍କରେ ପ୍ରାବନ୍ଧିକ ଶରତ କୁମାର ମହାନ୍ତି ତାଙ୍କର 'ବିବର୍ତ୍ତନଶୀଳ ମଣିଷର ସଂଗ୍ରାମ' (୨୦୦୬) ପୁସ୍ତକର 'ନାରୀମୁକ୍ତି ଆନ୍ଦୋଳନ ଓ ଉଭୟଲିଙ୍ଗୀ ମଣିଷ' ପ୍ରବନ୍ଧରେ କହନ୍ତି- ନାରୀ ଜାଗରଣ ଆନ୍ଦୋଳନ କିଛି ଦାବି କି ଅଧିକାର ହାସଲ କରିବାର ଉଦ୍ଦେଶ୍ୟ ରଖିଥିବା ସାମାଜିକ ଆନ୍ଦୋଳନଟିଏ ମାତ୍ର ନୁହେଁ। ଏ ଆନ୍ଦୋଳନକୁ ଏକ ଆଧ୍ୟାତ୍ମିକ ଆନ୍ଦୋଳନ କହିବା ଭୁଲ ହେବନାହିଁ। କାରଣ ଏ ଆନ୍ଦୋଳନ ମୂଳରେ ଅଛି ନାରୀ ଅନ୍ତରାତ୍ମାର ମୁକ୍ତିଚିନ୍ତା ।

କିନ୍ତୁ ପ୍ରାବନ୍ଧିକ ବଡ଼ ଚମତ୍କାର ଭାବରେ ପ୍ରବନ୍ଧଟିର ଉଦ୍ଦେଶ୍ୟକୁ ସାବ୍ୟସ୍ତ କରିଛନ୍ତି। ନାରୀ ମୁକ୍ତି ଚାହିଁବା ଗୋଟେ କଥା। ପୁଣି ପୁରୁଷର ସମକକ୍ଷ ହେବା, ପୁରୁଷର ସ୍ଥିତିକୁ ଯିବାକୁ ପ୍ରୟାସ କରିବା, ସିଧାସଳଖ ଭାବରେ କହିଲେ ନାରୀଟିଏ ପୁରୁଷ ହେବାକୁ ପ୍ରଯତ୍ନ କରିବା ଆଉ ଗୋଟେ କଥା ଏବଂ ଗୋଟେ ଭୟଙ୍କର ବିଚାର ବିଭ୍ରାଟ। ପ୍ରାବନ୍ଧିକ କହିବାକୁ ଚାହାଁନ୍ତି ଯେ ନାରୀଠାରୁ ପୁରୁଷ ଶ୍ରେଷ୍ଠ ସ୍ଥାନରେ ଅଛି ବୋଲି ଭାବିବା ଗୋଟେ ଭ୍ରାନ୍ତି। ଏପରି ଭାବିବା ଦ୍ୱାରା ନାରୀ ପୁରୁଷ ବିରୁଦ୍ଧରେ ଯେତିକି ସ୍ୱର ଉତ୍ତୋଳନ କରୁଚି, ସେତିକି ବା ତା'ଠୁ ବେଶୀ ପୁରୁଷର ସମକକ୍ଷ ହେବାକୁ ଚେଷ୍ଟା କରୁଛି।

ଆମକୁ ମନେ ରଖିବାକୁ ହେବ ଯେ ପୁରୁଷ ପୁରୁଷ, ନାରୀ ନାରୀ। ପ୍ରାବନ୍ଧିକ କହନ୍ତି – ନାରୀ ଜାତି ପୁରୁଷ ଜାତିଠାରୁ ନିକୃଷ୍ଟ ହେବାର କୌଣସି ବିଜ୍ଞାନ-ସମ୍ମତ କାରଣ ନାହିଁ। ନାରୀ ଦୈହିକ ଓ ମାନସିକ ଭାବରେ ପୁରୁଷଠାରୁ ପୃଥକ୍ ଏକ ମଣିଷ। ଏହି ପାର୍ଥକ୍ୟ ପ୍ରାକୃତିକ, ପୁଣି ଜୈବିକ। ନାରୀ ଏହାକୁ ଅସ୍ୱୀକାର ଓ ଉପେକ୍ଷା କରି ପୁରୁଷ ବିରୁଦ୍ଧରେ ଠିଆ ହେଲେ, ଫଳ କ'ଣ ହେବ ?

ଫଳ ହେବ 'ନାରୀଭାବ'ର ବିଲୟ। ନାରୀ ପୁରୁଷ ସମାନ ହେବାର ମତଲବଟି ଗୋଟେ ବିଚାର ବିଭ୍ରାଟ। ନାରୀ ଭାବ ବ୍ୟତିରେକେ ଏ ସମାନତା ଶ୍ମଶାନର ହିଁ ସମାନତା। ନାରୀଭାବ ବା ନାରୀତ୍ୱ ପୁରୁଷ ଭାବ ବା ପୌରୁଷର ପରିପନ୍ଥୀ ନୁହେଁ, ବରଂ ସମଧର୍ମୀ, ପରିପୂରକ।

Digitized by srujanika@gmail.com

॥ ୨ ॥

ଏହି ପୃଷ୍ଠଭୂମି ଉପରେ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକଟିର ବିଚାର କରାଯାଉ। ନାଟକରେ ପ୍ରଥମରୁ ଚନ୍ଦ୍ରକାନ୍ତା ବିବାହ ବିରୋଧୀ। କାରଣ ଏହା ଏକ ବନ୍ଧନ ବୋଲି ସେ ବୁଝିଛି। କିନ୍ତୁ ପରିସ୍ଥିତିରେ ପଡ଼ି ବାଧ୍ୟ ହୋଇ ସେ ବାହା ହୋଇଛି। ବାପା-ବୋଉଙ୍କ ଇଚ୍ଛାକୁ ରଖିବାକୁ ଯାଇ ସେ ବାହାହବାକୁ ବାଧ୍ୟ ହୋଇଛି। ଏଠି ତା'ର ଇଚ୍ଛାବୋଲି କିଛି ନାହିଁ। ଏଠି ତ ଖାଲି ବାପାର ଇଚ୍ଛା ନୁହଁ, ମାଆର ବି ଇଚ୍ଛା ରହିଛି। ତା' ମାଆବି ଚାହେଁ ସେ ବାହା ହେଉ। ସୁଖରେ ସଂସାର କରୁ। ସେ କହିଛନ୍ତି- "ମୋ' ମା'ଟା ପରା! ଏସବୁ କଥା ତୁ ଉଠାନା। ଆମେ ଚାହୁଁ ତୋ'ର ହସଖୁସି ଭରା ଘରସଂସାର। ସ୍ୱାମୀର ଛୋଟବଡ଼ ଇଚ୍ଛାକୁ ଠିକ୍‌ଭାବେ ପାଳନ କରିବା ତ ସ୍ତ୍ରୀର ଧର୍ମ। ସେଇଥିରେ ତୋ'ର ସୁଖଶାନ୍ତି, ଐଶ୍ୱର୍ଯ୍ୟ ସବୁକିଛି।"

ତେବେ ଚନ୍ଦ୍ରକାନ୍ତାର ମା' ଅରୁଣା ଦେବୀ କ'ଣ ପରାଧୀନା ? ସେ କ'ଣ ତାଙ୍କ ସ୍ୱାମୀ ଦ୍ୱାରା ନିର୍ଯ୍ୟାତିତା ? ପରିବାର ଯଦି ସତକୁ ସତ କାରାଗାର ହୋଇଯାଏ, ତାହେଲେ ସବୁ ନାରୀ ଓ ପୁରୁଷ ଜଣେ ଜଣେ ବନ୍ଦୀ। ନାରୀ ଏକା କାହିଁକି ବନ୍ଦିନୀ ହେବ ? ପରିବାର ଯଦି କାରାଗାର ନହୁଏ, ତେବେ କେହିବି ବନ୍ଦୀ କି ବନ୍ଦିନୀ ହେବାର ପ୍ରଶ୍ନ ନାହିଁ। ତେବେ ନାରୀମୁକ୍ତି ଆନ୍ଦୋଳନର ହେତୁ କ'ଣ ? ଚନ୍ଦ୍ରକାନ୍ତା କାହିଁକି ସ୍ୱାମୀଠୁ ଅଲଗା ହୋଇଛି ? ସ୍ୱାମୀ-ବିରୋଧୀ ହୋଇପଡ଼ିଛି ? ସ୍ୱାମୀ ଅର୍ଥାତ୍ ପୁରୁଷ ତା'ର ସମସ୍ତ ଇଚ୍ଛାକୁ ସମ୍ମାନ ଜଣାଇବା ସ୍ଥଳେ ତା'ର ପ୍ରତିବଦଳରେ ନାରୀ ଅର୍ଥାତ୍ ସ୍ତ୍ରୀ ତା'ର ସମସ୍ତ ଇଚ୍ଛାକୁ ଦମନ କରି ରଖିବା ଉଚିତ ନୁହେଁ।

ମଣିଷ ଗୋଟିକେ ଇଚ୍ଛା ଗୋଟିଏ। ଆକାଂକ୍ଷା ଭିନ୍ନ, ଅଭିଳାଷ ଉଚ୍ଚ। ଚନ୍ଦ୍ରକାନ୍ତାର ପ୍ରତିଭା ଅଛି, ନିଜର ସ୍ୱପ୍ନ ଅଛି। ସିଏ ତା' ମନମୁତାବକ ଏକ ସ୍ଥିତିକୁ ଯିବାକୁ ଚାହେଁ। ପରିବାର ନୁହେଁ, ତା'ର ସ୍ୱାମୀ ଏ ଲକ୍ଷ୍ୟପଥରେ ପ୍ରତିବନ୍ଧକ ସାଜିଛି। ଅବଶ୍ୟ ଚନ୍ଦକାନ୍ତା ସ୍ୱାମୀପ୍ରତି କର୍ତ୍ତବ୍ୟର ଅବହେଳା କରିନାହିଁ। କିନ୍ତୁ କର୍ତ୍ତର୍ବ୍ୟରେ ଅବହେଳା ନକରିବା ଅର୍ଥ ନୁହେଁ, ସେ'ଠି ନିର୍ମଳ ଭଲପାଇବା ଅଛି। ଚନ୍ଦ୍ରକାନ୍ତା ସ୍ୱାମୀ କି ଦେବତାର ଆସନ ଦେଇପାରିନି। ନିଜର ଜ୍ଞାନଗତ ଅହଂକୁ ନେଇ ସେ ତା'ର ସ୍ଥିତି ଖୋଜିଛି। ଅପର ପକ୍ଷରେ ତା'ର ସ୍ୱାମୀ ସୁଶୋଭନ ପରିବାର ଭିତରେ ଏବଂ ନିଜ ଇଚ୍ଛାର ପରିମଣ୍ଡଳ ଭିତରେ ଚନ୍ଦ୍ରକାନ୍ତା ରହୁ, ଏବଂ ତାକୁ ଗୁରୁତ୍ୱ ଦେଉ, ତାକୁ ସୁଖ ଦେଇ ନିଜେ ସୁଖୀ ହେଉ, ସେ ଏହା ଚାହିଁଛି। ଚନ୍ଦ୍ରକାନ୍ତା ମୂଳରୁ ଏକ ଭିନ୍ନ ଧରଣର ଝିଅ। ଏହିଭଳି ଭିନ୍ନ ଧରଣର ଝିଅମାନଙ୍କ ଦ୍ୱାରା ସାରା ପୃଥିବୀରେ ଆଜି ନାରୀମୁକ୍ତି ଆନ୍ଦୋଳନର ସ୍ୱର ଉଠିଛି। ନାରୀ ଯଦି କହିବ ପୁରୁଷ ତ ନାରୀ ଅନୁରୂପ ବସ୍ତ୍ର ପିନ୍ଧୁନି, ମୁଁ କାହିଁକି ପିନ୍ଧିବି ? ମୁଁ ତାହା

Digitized by srujanika@gmail.com

ପରିତ୍ୟାଗ କରିବି। ତେବେ ଏହା ଯଥାର୍ଥ ନାରୀମୁକ୍ତିର ଉଦ୍ଦେଶ୍ୟକୁ ସାଧିତ କରିବ ନା ପୁରୁଷ ବିରୋଧୀ ଉଦ୍ଦେଶ୍ୟକୁ ସାଧିତ କରିବ? ନାରୀ ପ୍ରକୃତରେ ମୁକ୍ତି ଚାହେଁ, ନା ପୁରୁଷର ସମକକ୍ଷ ହେବାକୁ ଚାହେଁ? ଏଠି ଚନ୍ଦ୍ରକାନ୍ତା କ'ଣ ହେବାକୁ ଚାହିଁଛି? ସ୍ୱାମୀଠୁ ମୁକ୍ତି ଚାହିଁଅଛି, ନା ସ୍ୱାମୀର ସମକକ୍ଷ ହେବାକୁ ଚାହିଁଛି। ସିଏ ସ୍ତ୍ରୀ ବା ଗୃହିଣୀର ସ୍ଥିତିକୁ ମହତ୍ ସ୍ଥିତି ବୋଲି ଭାବିପାରିନି। ବରଂ ଏକ ବନ୍ଧନ ବା ପ୍ରତିବନ୍ଧକ ବୋଲି ଭାବିଚି। ଅପର ପକ୍ଷରେ ତା' ସ୍ୱାମୀର ଉଚ୍ଚପଦସ୍ଥ ଚାକିରି ବା ସାମାଜିକ ପ୍ରତିଷ୍ଠା କାରଣରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅସମତା ଓ ଉଚ୍ଚ-ନୀଚ ଭାବନା ସୃଷ୍ଟି ହେଉଛି ବୋଲି ଅବଚେତନ ମନରେ ଚନ୍ଦ୍ରକାନ୍ତାର ରହିଛି। ତା' ସ୍ୱାମୀର ସାମାଜିକ ସମ୍ମାନ ନେଇ ଖୁସି ହେବା ପରିବର୍ତ୍ତେ ତା' ନିଜର ଗୃହିଣୀ ଓ ସ୍ତ୍ରୀର ସ୍ଥିତିକୁ ନେଇ ସେ ଅଧିକ ଦୁଃଖୀ ହୋଇଛି। ସେ ନିଜେ ବି କହିଛି ଯେ ତା' ନିଜର ଦୃଷ୍ଟିକୋଣ ଅଲଗା। ଜୀବନକୁ ସେ ଟିକିଏ ଭିନ୍ନ ଭାବରେ ଦେଖିବାକୁ ଚାହେଁ। ଏହି ଭିନ୍ନତା ସେ ତା ଉଚ୍ଚଶିକ୍ଷା ଓ ସଂସ୍କାର ଯୋଗୁଁ ହୁଏତ ପାଇଥାଇପାରେ। କିନ୍ତୁ ପୁରୁଷତ୍ୱକୁ, ପରିବାରକୁ, ସୁଶୋଭନଙ୍କର ସ୍ୱାମୀତ୍ୱକୁ ଉପେକ୍ଷା କରି ସେ ଚାଲିଆସିବା ତା' ନିଜର ବ୍ୟକ୍ତିଗତ ଉଚ୍ଚାକାଂକ୍ଷାକୁ ହିଁ ସୂଚିତ କରୁଛି।

ଏଇଠି ଆଉ ଗୋଟିଏ କଥା ସ୍ପଷ୍ଟ ଭାବରେ ମନକୁ ଆସୁଛି ଯେ, ନାରୀ ଯଦି କର୍ମଜୀବୀ ଭାବରେ କିଛି ଅର୍ଥ ରୋଜଗାର କରେ, ସେ କ'ଣ ପୁରୁଷର ଅଧିକାରରୁ ମୁକ୍ତ ହୋଇପାରିବ? ସେ କ'ଣ ଘରେ କର୍ମଜୀବୀ ନୁହେଁ? ଘର କ'ଣ କର୍ମକ୍ଷେତ୍ର ନୁହେଁ? ସାମାଜିକ ପ୍ରତିଷ୍ଠା ବା ପଦପଦବି କ୍ଷେତ୍ରରେ ଅବସ୍ଥାପିତ ହେଇଗଲେ ନାରୀ କ'ଣ ପୁରୁଷ ହେଇଯିବ? ନାରୀ ଯଦି ପୁରୁଷଦ୍ୱାରା ପରାଧୀନା ଓ ନିର୍ଯ୍ୟାତିତା ହେବାର ଥିବ, ସେ ନିଜେ ଉଚ୍ଚପଦବିରେ ଥିବା ସ୍ଥଳେ, ତା' ସ୍ୱାମୀ ଯଦି ସାଧାରଣ ରିକ୍ସାବାଲାଟିଏ ହୁଏ, ତେବେ ବି ସେ ପରାଧୀନ ହୋଇ ରହିବ। ପୁରୁଷ ନାରୀଠୁ ଉଚ୍ଚରେ ରହୁ କି ନୀଚରେ ରହୁ, ନିଜର ଅଜ୍ଞତା ଓ ଅହଂକାର କାରଣରୁ ସେ ଚାହିଁଲେ ନାରୀକୁ ପରାଧୀନ କରି ରଖିପାରିବ। ନିର୍ଯ୍ୟାତନା ବି ଦେଇପାରିବ। ଏହା ଗୋଟେ ବିଚାରଭ୍ରାନ୍ତି। ପ୍ରେମ ଦେଲେ ପ୍ରେମ ମିଳେ କିମ୍ବା ପ୍ରେମ ପାଇଲେ ପ୍ରେମ ଦେବାକୁ ପଡ଼େ। ଘରେ ଗୃହିଣୀପଣ ନକରି ପୁରୁଷ ପରି ପଦପଦବିରେ ରହିବାକୁ ଇଚ୍ଛା କଲେ, ନାରୀକୁ କେହି ବାଧା ଦେଇପାରିବେନି। ପୁରୁଷକୁ ବିବାହ ନକଲେ ବା ପୁରୁଷର ଅଧିକାରକୁ ସ୍ୱୀକାର ନକଲେ ସେ ନେଇ ନାରୀକୁ କେହି ବାଧ୍ୟ କରିପାରିବେନି। ଜଣେ ଲକ୍ଷ୍ମୀବାଈ, ଜଣେ ଇନ୍ଦିରା ଗାନ୍ଧୀ ଆଉ ଜଣେ ମଦର ଟେରେସା ଏମାନଙ୍କର ଗୃହିଣୀ ପରିଚୟକୁ ନେଇ ଏମାନଙ୍କୁ ଆମେ ଚିହ୍ନିନୁ। ପରିବାରରେ ଏମାନଙ୍କର ଭୂମିକା କିପରି ଥିଲା, ତାହା ଆମେ ଲୋଡ଼ିନୁ। ତା' ବୋଲି ସମଗ୍ର ନାରୀଜାତି କ'ଣ ପରିବାର ଓ ସ୍ୱାମୀକୁ ଉପେକ୍ଷା କରି ପୁରୁଷର ସମକକ୍ଷ ହେବାକୁ ଇଚ୍ଛାକରିବେ?

Digitized by srujanika@gmail.com

ଚନ୍ଦ୍ରକାନ୍ତା ଶେଷପର୍ଯ୍ୟନ୍ତ ସ୍ୱାମୀ ପାଖକ ଫେରିନି, ଫେରିବାକୁ ଚାହିଁନି। ନାଟକଟି ଏଇଠି ଅବଶ୍ୟ ସରିଚି। ହୁଏତ ଚନ୍ଦ୍ରକାନ୍ତା ତା' ନିଜର ଶିକ୍ଷା ଓ ପଦବି ହାସଲ କରିସାରିବା ପରେ ତା' ସ୍ୱାମୀ ପାଖକୁ ଫେରିଯାଇଥାଇପାରେ। ନାଟକ ସେପର୍ଯ୍ୟନ୍ତ ଆସିନାହିଁ। ତେବେ ବି କ'ଣ ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥିବ? ଏଥିରେ ଗ୍ୟାରେଣ୍ଟି ନାହିଁ। ତେବେ ନନ୍ଦା ଯିଏକି ଚନ୍ଦ୍ରକାନ୍ତାର ବାନ୍ଧବୀ, ସେ ବି ନିଜର ସ୍ଥିତି ନେଇ ଖୁସି ନୁହେଁ। ସେ ଅଧ୍ୟାପିକା ହୋଇ କାହିଁକି ତେବେ ଖୁସୀ ନୁହେଁ? ଚନ୍ଦ୍ରା ଯଦି ତା'ରି ଭଳି ଗୋଟିଏ ଅଧ୍ୟାପିକା ହୋଇଥାନ୍ତା, ତେବେ ସେ କିପରି ଖୁସୀ ହୋଇଥା'ନ୍ତା? ମଣିଷ ସବୁବେଳେ ନିଜ ସ୍ଥିତିକୁ ଅନ୍ୟର ସ୍ଥିତିଠାରୁ ନ୍ୟୂନ ବୋଲି ଭାବେ। ନିଜର ଦୁଃଖକୁ ଅନ୍ୟର ଦୁଃଖଠୁ ବଡ଼ ବୋଲି ଭାବେ। ନନ୍ଦା ଅଧ୍ୟାପିକା ହେଲେ ବି ସେ ସ୍ୱାମୀ ଚାହେଁ, ପରିବାର ଚାହେଁ, ହସଖୁସିର ସଂସାର ଚାହେଁ। ନାରୀପୁରୁଷର ସଂଘର୍ଷ ନୁହେଁ, ସହବସ୍ଥାନ ହିଁ ଏ ଜଗତ ପାଇଁ ମଙ୍ଗଳ। ନିଜକୁ ଅନ୍ୟ ସାଙ୍ଗରେ ତୁଳନା କରି ଦୁଃଖୀ ହେଲେ ସେଥିପାଇଁ ଅନ୍ୟକୁ ଦୋଷ ଦେବା ଉଚିତ ନୁହେଁ। ପରିବାର ପାଇଁ ନାରୀ ଓ ପୁରୁଷ ଉଭୟଙ୍କ ଭିତରେ ସହନଶୀଳତା ରହିବା ଉଚିତ। ଚନ୍ଦ୍ରା ତା' ସ୍ଥିତିରେ ଦୁଃଖୀ। ନନ୍ଦା ତା' ସ୍ଥିତିରେ ଦୁଃଖୀ। ପ୍ରୀତମ୍ ତା' ସ୍ଥିତରେ ଦୁଃଖୀ। ସୁଶୋଭନ ପରିବାର କାରଣରୁ ଦୁଃଖୀ। ଅରୁଣା ଓ ପ୍ରଣବ ଚନ୍ଦ୍ରକାନ୍ତା ଯୋଗୁଁ ଦୁଃଖୀ। ମଣିଷର ଇଚ୍ଛା ଓ ଦୃଷ୍ଟିକୋଣ ଭିନ୍ନ ଭିନ୍ନ। ଯେଉଁ ସ୍ଥିତିରେ ରହିଲେ ବି ମଣିଷ ଯେ ପୂର୍ଣ୍ଣତଃ ସୁଖୀ ହୋଇପାରିବ ଏକଥା ଅବଶ୍ୟ ଗୃହୀତ, ସେ ନାରୀ ହେଉ କି ପୁରୁଷ ହେଉ। ପୁରୁଷ ନାରୀପାଇଁ ଓ ନାରୀ ପୁରୁଷ ପାଇଁ ତ୍ୟାଗ ସହିବା ଉଚିତ। ପୁରୁଷର ଇଚ୍ଛା ଓ ପ୍ରତିଭାକୁ ନାରୀ ଓ ନାରୀର ଇଚ୍ଛା ଓ ପ୍ରତିଭାକୁ ପୁରୁଷ ଉଭୟେ ସମାନ ସମ୍ମାନ ଦେବା ଉଚିତ୍। କେହି କାହାକୁ ହେୟ ବା ହୀନ ଭାବିବା ଉଚିତ୍ ନୁହେଁ। ବ୍ୟକ୍ତିଗତ ଇଚ୍ଛା ଓ ଅସୂୟାକୁ ଯଥା ସମ୍ଭବ ନିୟନ୍ତ୍ରଣ କରିବା ଉଚିତ୍। ଆନ୍ତରିକତା ଓ ନିର୍ମଳ ଭଲପାଇବାକୁ ଅକ୍ଷୁଣ୍ଣ ରଖି ମୁକ୍ତ ଆଲୋଚନା ମାଧ୍ୟମରେ ଯାବତୀୟ ସମସ୍ୟାର ସମାଧାନ କରିବା ଉଚିତ। ନାରୀ ପୁରୁଷଠୁ, ପୁରୁଷ ନାରୀଠୁ ଅଲଗା ହୋଇ ରହିଲେ ଉଭୟଙ୍କର କ୍ଷତି। ନାରୀ ନିଜର ମୁକ୍ତି ବଦଳରେ ପୁରୁଷ ପରି ହେବାକୁ ଚାହିଁଲେ ସମସ୍ୟାର ସମାଧାନ ହେବନାହିଁ।

ନାଟକରେ ସୁଶୋଭନ ଚନ୍ଦ୍ରାର ପ୍ରତିଭାକୁ ସମ୍ମାନ ଓ ଗୁରୁତ୍ୱ ଦେଇନାହିଁ ଏକଥା ଠିକ୍। ଚନ୍ଦ୍ରା ମଧ୍ୟ ସ୍ୱାମୀ ଓ ପରିବାରକୁ ନିଜ ଉଚ୍ଚାଭିଳାଷ ଓ ପ୍ରତିଭାର ଏକମାତ୍ର ପ୍ରତିବନ୍ଧକ ବୋଲି ଭାବି, ବିବାହ ବିରୋଧୀ, ସ୍ୱାମୀବିରୋଧୀ ଓ ପ୍ରକାରାନ୍ତରେ ପୁରୁଷ ବିରୋଧୀ ହୋଇଉଠିବା ଅନୁଚିତ। ଶେଷ ପର୍ଯ୍ୟନ୍ତ ଚନ୍ଦ୍ରା ସୁଶୋଭନ ପାଖକୁ ଫେରିନାହିଁ। ସେ ତା' ସ୍ୱାମୀର ସ୍ଥାନରେ ସବୁ ପୁରୁଷଙ୍କୁ ରଖିଦେଇଛି। ସ୍ୱାମୀଠୁ ଅଲଗା ହୋଇ ରହିଛି। ସ୍ୱାମୀ ପାଖକୁ ଫେରିନାହିଁ, ଫେରିବା କଥା ଭାବିନାହିଁ କି ଦ୍ୱିତୀୟ ବିବାହ କରିବା କଥା ଚିନ୍ତା

Digitized by srujanika@gmail.com

ବି କରିନାହିଁ। ଯାହାଫଳରେ କି ପ୍ରୀତମ୍‌ର ଦ୍ୱିତୀୟ ବିବାହ ପ୍ରସ୍ତାବକୁ ସେ ଅସ୍ୱୀକାର କରିଛି। ତା'ପାଇଁ ଯେମିତି କୌଣସି ପୁରୁଷର ହୃଦୟରେ ପ୍ରେମ ନାହିଁ। ସବୁ ପୁରୁଷ ଗୋଟିଏ ଗୋତ୍ରର, ଗୋଟିଏ ସ୍ୱଭାବର। ସୁଶୋଭନଙ୍କର ତା'ପ୍ରତି ଭଲପାଇବା ଥିବା କଥା ସେ ନିଜେ ସ୍ୱୀକାର କରିଛି। ତେବେ ତା'ର ଭୁଲ ବିଚାର ଓ ସନ୍ଦେହକୁ ସହ୍ୟ କରିନପାରି ଚାଲିଆସିଛି। ସ୍ୱାମୀର ପ୍ରତିସ୍ପର୍ଦ୍ଧି ଓ ସମକକ୍ଷ ହେବକୁ ଇଚ୍ଛା କରିଛି କାହିଁକି ? ନିଜର ସ୍ୱାମୀର ପ୍ରେମ ସତ୍ତ୍ୱେ ସେ ଆସ୍ଥାହୀନ ଓ ଭରସାହୀନ ହୋଇପଡ଼ିଛି। ତା'ର ପ୍ରେମ ଦରକାର ନାହିଁ। ସ୍ୱାଧୀନକାମୀ ନାରୀମାନେ ହୁଏତ ଯୁଗେଯୁଗେ ଏହା ହିଁ ଚାହାନ୍ତି। ସେଥିପାଇଁ ତାଙ୍କର କୌଣସି ପୁରୁଷ ଉପରେ ଆସ୍ଥା ନାହିଁ। ପ୍ରେମପାଇଁ ସେ ବନ୍ଦିନୀ ହୋଇ ରହିବାରେ ଆନନ୍ଦ ପାଆନ୍ତି। ସୀତାଙ୍କ ପରି ନାରୀ ରାମଚନ୍ଦ୍ରଙ୍କ କର୍ତ୍ତୃକ ନିର୍ବାସନ ଦଣ୍ଡ ଲାଭକରି ମଧ୍ୟ ସ୍ୱାମୀକୁ ଦେବତାର ଆସନଦେଇଥିଲେ ଏଇ ପ୍ରେମ ପାଇଁ। ରାମଚନ୍ଦ୍ର ତାଙ୍କୁ ଅଗ୍ନିପରୀକ୍ଷା କରିବାକୁ କହିବା ମୁହୂର୍ତ୍ତରେ ସେ ଚାହିଁଥିଲେ ରାମଚନ୍ଦ୍ରଙ୍କଠାରୁ ଅଲଗା ହୋଇରହିପାରିଥାନ୍ତେ, କିନ୍ତୁ ଯାବତୀୟ ନିର୍ଯ୍ୟାତନା ଲାଭ କରି ମଧ୍ୟ ସେ ରାମଚନ୍ଦ୍ରଙ୍କର ବୀରତ୍ୱ ଓ ପୁରୁଷତ୍ୱକୁ ଉପେକ୍ଷା କରିନାହାନ୍ତି କି ରାମଚନ୍ଦ୍ରଙ୍କର ବିପକ୍ଷରେ ବିଦ୍ରୋହ କରିନାହାନ୍ତି। କାରଣ ସୀତା ଭୋଗକରିଥିବା ଯାବତୀୟ ନିର୍ଯାତନା ପାଇଁ ରାମଚନ୍ଦ୍ର ଦାୟୀ ବୋଲି ସେ ଭାବିନାହାନ୍ତି, ଭାବିପାରିନାହାନ୍ତି। ସେ ପାଇଥିବା ନିର୍ଯ୍ୟାତନା ଯେମିତି ତାଙ୍କ ପାଇଁ ନିର୍ଯ୍ୟାତନା ହିଁ ନଥିଲା। ମାନସିକ ଅସନ୍ତୁଳନ ଏବଂ ବିଚାର ବିଭ୍ରାଟ ଯୋଗୁଁ ମଣିଷ ଅନେକ ସମୟରେ କଷ୍ଟ ପାଇଥାଏ। ସେହିଭଳି ଧୈର୍ଯ୍ୟ ଓ ସହନଶୀଳତାର ଅଭାବରୁ ମଣିଷ ମଧ୍ୟ ସାମାନ୍ୟ କ୍ରିୟାରେ ପ୍ରତିକ୍ରିୟାଶୀଳ ହୋଇଉଠେ। ଅନେକ ସମୟରେ ଈର୍ଷା, ହିଂସା, ପରାଶ୍ରୀକାତରତା, ଲୋଭ, ମୋହ, ଘୃଣା, ବିଦ୍ୱେଷ, ବିତୃଷ୍ଣା ଓ କ୍ରୋଧ ଆଦି ଅବଗୁଣଗୁଡ଼ିକ ଦ୍ୱାରା ବଶୀଭୂତ ହୋଇ ମଣିଷ ନିଜ ଭିତରେ ନିଜେ ଛଟପଟ ହୁଏ। ନିଜର ସ୍ୱାର୍ଥ ହାସଲ କରିନପାରିଲେ ସେ ପ୍ରତିବାଦୀ ହୋଇଉଠେ। ଏହି ସବୁ ପରିସ୍ଥିତିରେ ଯଦି ନାରୀଟିଏ ରହେ, ଉପଯୁକ୍ତ ବିଚାର ବ୍ୟତିରେକ ଏହାକୁ ସର୍ବାଦୌ ପୁରୁଷ କର୍ତ୍ତୃକ ନାରୀ ନିର୍ଯ୍ୟାତନା ବୋଲି କୁହାଯାଇପାରିବ ନାହିଁ। ବିଶ୍ୱରେ ନାରୀଟିଏ ଯଦି ନିର୍ଯ୍ୟାତିତା ହୁଏ, କେବଳ ପୁରୁଷଟିଏ ପାଇଁ ହୁଏ ବୋଲି କେମିତି କୁହାଯିବ ? ନାରୀ ପାଇଁ ବି ହୁଏ। ନାରୀମାନଙ୍କ ଦ୍ୱାରା ବି ହୁଏ। ଆତ୍ମୀୟସ୍ୱଜନଙ୍କ ଦ୍ୱାରା ବି ହୁଏ। ସ୍ୱ ପରିସ୍ଥିତି ଓ ପରିବେଶ ଦ୍ୱାରା ବି ହୁଏ। ନିଜର ଶିକ୍ଷା, ସଂସ୍କାର, ଧର୍ମ, ଅର୍ଥନୀତି, ପରମ୍ପରା, ରୁଚି ଏସବୁ ଦ୍ୱାରା ବି ହୋଇଥାଏ। ଏହା ଏକ ବିଶ୍ୱକେନ୍ଦ୍ରିକ ବ୍ୟାପକ ଓ ଗମ୍ଭୀର ସମସ୍ୟା।

ଏହି ନାଟକରେ ଏହି ସମସ୍ୟାଟିକୁ ଉପସ୍ଥାପନ କରି ନାଟ୍ୟକାର ଭଲ ପଦକ୍ଷେପଟିଏ ନେଇଛନ୍ତି। କିନ୍ତୁ ସମସ୍ୟା କେବଳ ବିଚାର ଓ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇଛି। ସମସ୍ୟା ଅଛି, ସମାଧାନ ଅଛି। ନାଟକର ଶେଷରେ ଚନ୍ଦ୍ରକାନ୍ତାର ନିଷ୍ପତ୍ତି କ'ଣ

Digitized by srujanika@gmail.com

ଗୋଟେ ନିଷ୍ପତ୍ତି ? ବରଂ ନିଜର ଇଚ୍ଛାକୁ ଚରିତାର୍ଥ କରିବା ନିମନ୍ତେ ଗୋଟାଏ ଜିଦ୍। ଏହି ଜିଦ୍‌ର ପଶ୍ଚାତ୍‌ପଟ୍ଟରେ ରହିଛି ବିବାହ ଓ ପୁରୁଷ ବିରୋଧୀ ଗୋଟିଏ ମାନସିକତା। ଚନ୍ଦ୍ରକାନ୍ତା ଗୋଟିଏ ସ୍ଥିତିରୁ ଅନ୍ୟଗୋଟିଏ ସ୍ଥିତିକୁ ଯିବାକୁ ଚାହେଁ। ସେ ନିମ୍ନ ସ୍ଥିତିରେ ଅଛି ବା ଖରାପ ସ୍ଥିତିରେ ଅଛି। ଉଚ୍ଚ ସ୍ଥିତି ବା ଭଲ ସ୍ଥିତିକୁ ଯିବାକୁ ଚାହେଁ- ଏହା ହିଁ ତା'ର ବିଚାର। ଏହା କ'ଣ ପ୍ରକୃତରେ ଏକ ସୁସ୍ଥ ବିଚାର।

ସମସ୍ୟା ସମକାଳୀନ। ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ। ଦୃଶ୍ୟ ସଂଯୋଜନା ସୁସଂହତ। ସଂଳାପ ସରଳ ଓ ସୁବୋଧ। ଦ୍ୱନ୍ଦ୍ୱ ଅନୁପସ୍ଥିତ ନୁହେଁ, ମାତ୍ର ତୀବ୍ର କି ସଘନ ନୁହେଁ। ବାହ୍ୟ ଦ୍ୱନ୍ଦ୍ୱ ଶିଥିଳ। ଅନ୍ତର୍ଦ୍ୱନ୍ଦ୍ୱ ଜଟିଳ ନୁହେଁ। ଗଠନ ଦୃଷ୍ଟିରୁ ବାରଟି ଦୃଶ୍ୟରେ ପରିକଳ୍ପିତ ନାଟକଟି କ୍ଷୁଦ୍ର। ପାରିବାରିକ ଓ ସାମାଜିକ। ସେହି ଦୃଷ୍ଟିରୁ ବାସ୍ତବ ଓ ଆବେଗିକ। ପ୍ରକୃତରେ ଦ୍ୱନ୍ଦ୍ୱ ଅପେକ୍ଷା ଆବେଗ ହିଁ ନାଟକଟିକୁ ଦର୍ଶକମାନଙ୍କ ମଧ୍ୟରେ ଆଦୃତ କରାଇବାରେ ମୁଖ୍ୟ କାରଣ। ଘଟଣାମାନଙ୍କର ଜଟିଳତା ନାହିଁ। କାହାଣୀ ଏକମୁଖୀ ଓ କ୍ଷୁଦ୍ର। ତଥାପି ନାଟକ ସଫଳ। ମଞ୍ଚ ଉପଯୋଗୀ। ଦର୍ଶକ ଉପଯୋଗୀ। ସମୟ ଉପଯୋଗୀ। ଖାଲି ସମସ୍ୟା ଉପସ୍ଥାପନ କରିବା ନାଟ୍ୟକାରର ଉଦ୍ଦେଶ୍ୟ ନୁହେଁ। ସମାଧାନର ସୂତ୍ର କାଢ଼ି ଦେଖାଇବା ମଧ୍ୟ ନାଟ୍ୟକାରର ଉଦ୍ଦେଶ୍ୟ ନୁହେଁ। ନାଟକରେ ବୁଝିବିଚାରି ଘଟଣା ଘଟାଇବା ପାଇଁ ମଧ୍ୟ ସେ ବାଧ୍ୟ ନୁହେଁ। ନିଜର ସର୍ଜନଶୀଳତା, ପରିକଳ୍ପନାକୁ ନେଇ ସେ ଲେଖେ। ନାରୀ ହେଉ, ପୁରୁଷ ହେଉ, ଜୀବନ ଓ ଜଗତର ରହସ୍ୟକୁ ଉନ୍ମୋଚନ କରିବା ଦିଗରେ ସେ ପ୍ରୟାସୀ ହୁଏ। ଜୀବନର ବାସ୍ତବିକତାକୁ ଓ ସଂଘର୍ଷକୁ ସେ ଦେଖେଇଦିଏ। ସୁଖ-ଦୁଃଖ, ଆଲୋକ-ଅନ୍ଧାର, ଭଲ-ମନ୍ଦ ସବୁକୁ ସେ ଲେଖି ପକାଏ।

କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ କି ନୀତିଶାସ୍ତ୍ରର ପ୍ରତିଷ୍ଠା କରିବା ତା'ର ଧର୍ମ ନୁହେଁ। ସେ କେବଳ ଜଣେ ଜୀବନର ରୂପକାର। ଯେତେବେଳେ ଯେଉଁ ସମସ୍ୟା ତାକୁ ଯେଉଁଭଳି ଭାବରେ ଆନ୍ଦୋଳିତ କରେ, ସିଏ ସେହିଭଳି ଲେଖେ। ନାଟକର ସଫଳତା କେବଳ ନାଟ୍ୟକାର ଉପରେ ନିର୍ଭର କରେନାହିଁ। ଏହା ମଞ୍ଚସ୍ଥ ହେବା ପର୍ଯ୍ୟନ୍ତ ଯେଉଁମାନଙ୍କର ହାତ ଦେଇ, ଦେହ ଦେଇ ଯାଏ ଏବଂ ଯେଉଁମାନଙ୍କ ପାଖରେ ପହଞ୍ଚେ, ଏଇ ସମସ୍ତଙ୍କ ଦ୍ୱାରା ହିଁ ନାଟକ ସଫଳ ହୁଏ। ନାଟ୍ୟରସ ଆସ୍ୱାଦନରେ ଦୁର୍ବଳ ଦର୍ଶକମାନଙ୍କ ନିକଟରେ ଉନ୍ନତମାନର ନାଟକଟିଏ ବି ଅସଫଳ ହୋଇଥାଏ। ଉନ୍ନତମାନର ବି ମଞ୍ଚପ୍ରଦର୍ଶନରେ ଦୁର୍ବଳ ହୋଇପଡ଼ିଲେ ଅସଫଳ ହୋଇଥାଏ।

ଏହି ସବୁ ବିଚାରର ପୃଷ୍ଠଭୂମିରୁ ଦେଖିଲେ 'ପଥ ବହୁଦୂର' ନାଟକଟି ଯେ ଏକ ସଫଳ ନାଟକ ଏଥିରେ କୌଣସି ଦ୍ୱିମତ ନାହିଁ।

ଅଧ୍ୟାପକ ଓଡ଼ିଆ ବିଭାଗ,
ରଣପୁର ମହାବିଦ୍ୟାଳୟ,ରଣପୁର, ନୟାଗଡ

Digitized by srujanika@gmail.com

ନବ୍ୟ-ଇତିହାସବାଦ ପରିପ୍ରେକ୍ଷୀରେ 'ବତାସ ନିସ୍ତବ୍ଧ ଆଜି'

ଡ. ବିଦ୍ୟୁତ୍‌ପ୍ରଭା ରାଉତ

ଗତ ଶତାବ୍ଦୀର ଅଷ୍ଟମ ଦଶକକୁ ଅନେକ ପରିବର୍ତ୍ତନର ଦଶକ ବୋଲି କୁହାଯାଇପାରେ। ସେଇଠାରୁ ହିଁ ଏକ ନବ ପରିବର୍ତ୍ତିତ ସମୟକୁ ବିଶ୍ୱ ଅଗ୍ରସର ହେଉଥିଲା; ବିଶେଷତଃ ଭାରତ ଓ ଓଡ଼ିଶା। ଭାରତୀୟ ସମାଜ ଜୀବନ, ସାଂସ୍କୃତିକ ବଳୟ, ଆର୍ଥନୀତିକ ସ୍ଥିତି, ଧାର୍ମିକ ଆସ୍ଥା, ଆଧାତ୍ମିକ ବଳୟ, ବୈଜ୍ଞାନିକ ଉତ୍କର୍ଷ ଓ ବୈଷୟିକତାର ଶିଖରକୁ ସ୍ପର୍ଶ କରୁଥିଲା ନୂଆ ଏକ ସମୟଖଣ୍ଡ। ଏହି ସମୟରେ ଏକ ପରିବର୍ତ୍ତିତ ପ୍ରେକ୍ଷାରେ ଅନୁସନ୍ଧାନ କରାଯାଇପାରିବ ଭାରତକୁ, ଏକ ନୂଆ ସ୍ଥୁଳ ବହିରାବଣରେ। ଏପରିକି ଏ ପରିବର୍ତ୍ତନକୁ ଅନେକ କ୍ଷେତ୍ରରେ ଚେତନାର ବିବର୍ତ୍ତନ ବା ନବ ଜାଗରଣର ଏକ ପର୍ଯ୍ୟାୟ ଭାବେ ଅନୁଶୀଳନ କରାଯାଇପାରେ। ଏହି ୧୯୮୦ ମସିହାର ପ୍ରାକ୍ ପୃଷ୍ଠଭୂମିରେ ଭାରତୀୟ ରାଜନୀତିର ୧୯୭୫ ମସିହାର ଜରୁରୀ ପରିସ୍ଥିତି ଅବସ୍ଥା ହେଉ ଅବା ଗତ ଷଷ୍ଠ ଦଶକର ସାହିତ୍ୟରେ କ୍ରମଶଃ 'ନୂତନ' ଶବ୍ଦ ସଂଯୋଜିତ ହୋଇ ନୂଆକରି କଅଁଳି ଉଠୁଥିବା ସାହିତ୍ୟିକ ଅଭିରୁଚି ହେଉ ଅବା ରାକେଶ ଶର୍ମାଙ୍କର ଚନ୍ଦ୍ରପୃଷ୍ଠରେ ଅବତରଣ ପ୍ରସଙ୍ଗ ହେଉ; ଅବା ଦୂରଦର୍ଶନର ବ୍ୟାପ୍ତି ହେଉ; ଅବା ଭାରତର ମିସାଇଲ ପରୀକ୍ଷଣର ନୂତନ ଅଧ୍ୟାୟ ବା ବିଭିନ୍ନ ବୈଜ୍ଞାନିକ ଓ ବୈଷୟିକ ସମୃଦ୍ଧି ହେଉ; ଏସବୁଥିରେ ଅବଶ୍ୟ ପରଖି ହେବ ଏକ ନୂଆ ଭାରତର ରୂପରେଖକୁ।

ତଥାକଥିତ ଉତ୍ତର ଆଧୁନିକ ସାହିତ୍ୟ ବା Post Modern Literatureର ପ୍ରସଙ୍ଗରେ ଆମେ ବିଶେଷତଃ ଏହି ସମୟଖଣ୍ଡଠାରୁ ହିଁ ଚେତନାର ଯେଉଁ ନବଦିଗନ୍ତକୁ ସ୍ପର୍ଶ କରୁ; ତାହା ଅନେକ ଦୃଷ୍ଟିରୁ ଗ୍ରହଣୀୟ ଯେତିକି ଭାବିତ ହେବାକୁ ବାଧକରେ ସେତିକି। ମଣିଷର ଅଧିକାରଗତ ପ୍ରସଙ୍ଗ ହେଉ; ଅବା ଆତ୍ମାଭିବ୍ୟକ୍ତି ବା କନ୍‌ଫେସ୍ କରିବା ଭଳି ପ୍ରସଙ୍ଗ ହେଉ; ନାରୀବାଦୀ ଭାବଧାରା ହେଉ, ଅବା ଦଳିତ ଭାବଧାରା ନେଇ ନୂତନ ଲହର ହେଉ, ଅବା 'ମିଥ୍' ଓ 'ଇତିହାସ' ଭଳି ପ୍ରସଙ୍ଗର ପୁନର୍ମୂଲ୍ୟାୟନ ଆଦି ପ୍ରସଙ୍ଗ ଅଷ୍ଟମ ଦଶକର ପରବର୍ତ୍ତୀ ସାହିତ୍ୟର ମୁଖ୍ୟ ଆଭିମୁଖ୍ୟ ଓ ଆଦର୍ଶ ଅଟେ। ଏହି ଦଶକରେ ନବ୍ୟ ଇତିହାସବାଦୀ ଦୃଷ୍ଟିଭଙ୍ଗୀ (New Historicism)ର ମଧ୍ୟ ଜନ୍ମ

Digitized by srujanika@gmail.com

କେବଳ ଏହାର ହୋଇପାରେ ଅନ୍ୟତମ କାରଣ। ଯେଉଁଠି 'ଇତିହାସ' ଆଉଥରେ 'ପ୍ରାସଙ୍ଗିକତା' ଓ 'ସତ୍ୟଶୀଳତା' ସହିତ ମୂଲ୍ୟାୟିତ ହେଲା। ଏହି ପରିପ୍ରେକ୍ଷୀରେ ୧୯୮୦ ପରବର୍ତ୍ତୀ କାଳରେ ରଚିତ ଐତିହାସିକ ନାଟକ ସମୂହକୁ ଆଲୋଚନା କରାଯାଇପାରେ।

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର ଐତିହାସିକ ପ୍ରଥମ ତଥା ନାଟକ 'ସତ୍ୟ-ସଂଶୟ-ସାଲବେଗ' (୧୯୮୧) ପରେ ୧୯୮୩ ମସିହାରେ ପ୍ରକାଶିତ ହୁଏ 'ନିରାପଦ ଭବିଷ୍ୟତ' ନାଟ୍ୟ ସଂକଳନ। ଯେଉଁଥିରେ 'ବତାସ ନିସ୍ତବ୍ଧ ଆଜି', 'ପୁଣ୍ୟଭୂମି ଭାରତ' ଓ 'ନିରାପଦ ଭବିଷ୍ୟତ' ନାମରେ ସଂକଳିତ ହୋଇଛି ତିନିଟି ନାଟକ। ତିନିଟିଯାକ ନାଟକର ଦୃଷ୍ଟିଭଙ୍ଗୀ ଓ ଆଭିମୁଖ୍ୟ ପ୍ରାୟତଃ ସମଧରଣର। ଯେଉଁଠି 'ପୁନର୍ମୂଲ୍ୟାୟନ' ପ୍ରସଙ୍ଗଟି ଅଧିକ ଗୁରୁତ୍ୱପୂର୍ଣ୍ଣ।

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'ବତାସ ନିସ୍ତବ୍ଧ ଆଜି'ର ନାଟକ ଆଧାରରେ ଇତିହାସର ନବ ମୂଲ୍ୟାୟନ ହିଁ ଏ ଆଲେଖ୍ୟର ପ୍ରମୁଖ ବିଷୟ ଭାବେ ବିଚାର୍ଯ୍ୟ ଅଟେ।

କ୍ଷମତା ଓ ଅସ୍ତିତ୍ୱ ନିମନ୍ତେ ମଣିଷ ଯୁଗେ ଯୁଗେ ନାନା କୁଟିଳ ଓ ଜଟିଳ ପନ୍ଥା ତଥା ଉପାୟମାନ ଅବଲମ୍ବନ କରିଆସିଛି। କ୍ଷମତା ପାଇଁ ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭାଇ ମଧ୍ୟରେ ବାଦବିବାଦ ଏବଂ ଅନ୍ତର୍ଦ୍ୱନ୍ଦ୍ୱର ଉଦାହରଣର ସଂଖ୍ୟା କିଛି କମ୍ ନାହିଁ। ବିଶ୍ୱ ଇତିହାସରେ ସମ୍ରାଟ ଆଲେକ୍‌ଜାଣ୍ଡାରଙ୍କଠାରୁ ଭାରତୀୟ ଇତିହାସର ଆଉରଙ୍ଗଜେବଙ୍କ ପର୍ଯ୍ୟନ୍ତ; ଅନେକ ସମ୍ରାଟ ଓ ବାଦଶାହ, ରାଜା ଓ ସାମନ୍ତମାନେ ବିବେକର ବଳି ଠାରୁ ଜୀବନର ବଳି ପର୍ଯ୍ୟନ୍ତ ଦେଇ ଆସିଛନ୍ତି। 'ଆପେ ବଞ୍ଚିଲେ ବାପର ନାଁ' ନ୍ୟାୟରେ ବର୍ତ୍ତମାନ ପ୍ରତ୍ୟେକ କ୍ଷମତାଶାଳୀ ବ୍ୟକ୍ତି ଓ କ୍ଷମତାହୀନ ବ୍ୟକ୍ତି ପର୍ଯ୍ୟନ୍ତ ନିଜର ଅସ୍ତିତ୍ୱକୁ ଜାହିର କରିବା ପାଇଁ ତତ୍ପର। ସେଥିପାଇଁ ଯେକୌଣସି ପ୍ରକାର ହୀନକାର୍ଯ୍ୟ କରିବା ପାଇଁ ସ୍ୱାର୍ଥପର ବ୍ୟକ୍ତିଗଣଙ୍କ ବିବେକ ବାଧା ଦେଉନାହିଁ। ଆଲୋଚ୍ୟ ନାଟକ 'ବତାସ ନିସ୍ତବ୍ଧ ଆଜି' (୧୯୮୩) ଏହିପରି ଏକ ପୃଷ୍ଠଭୂମି ଉପରେ ଆଧାରିତ ହୋଇଛି। ନାଟ୍ୟକାର ନୀଳାଦ୍ରି ଭୂଷଣ, ରାଜା କପିଳେନ୍ଦ୍ର ଦେବ, ହମ୍ବିର ଦେବ ଏବଂ ପୁରୁଷୋତ୍ତମ ଦେବଙ୍କ ଅତୀତ ଜୀବନର ଲୁକ୍‌କାୟିତ ଅଧ୍ୟାୟକୁ ଉନ୍ମୋଚନ କରିଛନ୍ତି ନୂତନ ଐତିହାସିକ ଅନୁସନ୍ଧିତ୍ସାରେ।

ଇତିହାସ କହେ: ରାଜା କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବଙ୍କୁ ତରବରିଆ ଭାବରେ ନିଜ ରାଜଧାନୀଠାରୁ ଦୂରରେ କୃଷ୍ଣାନଦୀ କୂଳରେ ରାଜା ଭାବରେ ଅଭିଷେକ କରିଦେଇଥିଲେ; କପିଳେନ୍ଦ୍ର ଦେବ ଯଦିଓ ଜାଣିଥିଲେ ଯେ ତାଙ୍କର ଅନ୍ୟ ପୁତ୍ରଙ୍କ ମଧ୍ୟରୁ ଏକା ହମ୍ବିର ଦେବ ହିଁ ଥିଲେ ସିଂହାସନ ପାଇଁ ଯୋଗ୍ୟତମ ପ୍ରାର୍ଥୀ ଅଟନ୍ତି। କପିଳେନ୍ଦ୍ର

Digitized by srujanika@gmail.com

ଦେବ ଏହା ମଧ୍ଯ ଜାଣିଥିଲେ ଯେ ଯେହେତୁ ହମ୍ୱୀରଙ୍କ ମା' ଓଡ଼ିଆଣୀ ନଥିଲେ; ହମ୍ୱୀର ଯେତେ ପରାକ୍ରମୀ ହେଲେ ମଧ୍ଯ ତାଙ୍କର ଓଡ଼ିଆ ସେବାଧର୍ମକୁ ସେ ବୁଝିବେ ନାହିଁ। ଯେଉଁ ସମୟରେ ପୁରୁଷୋତ୍ତମଙ୍କ ଅଭିଷେକ ହେଲା, ସେତେବେଳେ ହମ୍ୱୀର ଦେବ ଅନ୍ତଃପୁର ବାସିନୀ ରାଣୀଙ୍କ ପୁତ୍ର-ସୂତ୍ରରେ ଏବଂ ନିଜର ପରାକ୍ରମ ଯୋଗୁଁ ଉତ୍ତରାଧିକାରୀ ହେବାର ଆଶା ବାନ୍ଧି ସାରିଥିଲେ। ଓଡ଼ିଆଣୀ ଗର୍ଭରୁ ଜନ୍ମିଥିଲେ ପୁରୁଷୋତ୍ତମ। ସେ ଓଡ଼ିଆଣୀ ଥିଲେ ରାଜାଙ୍କ ପୋଇଲି। ତେଣୁ ପୁରୁଷୋତ୍ତମଦେବଙ୍କୁ ତତ୍‌କାଳୀନ କୁଚକ୍ରୀ ସାମନ୍ତ ଗୋଷ୍ଠୀ 'ପୋଇଲି ପୁଅ। ପୁରିଆ' ବୋଲି କହି ଅପବାଦଟିଏ ରଟିଥିଲେ। କାଳେ ଉତ୍ତରାଧିକାରୀତ୍ୱ ପାଇଁ ହମ୍ୱିର ଦେବ ବିଦ୍ରୋହ କରିବସିବେ, ତେଣୁ ପୁରୁଷୋତ୍ତମ ରାଜା ହେବା ଜଗନ୍ନାଥଙ୍କ ସ୍ୱପ୍ନାଦେଶ ବୋଲି ଲୋକମାନଙ୍କ ମଧ୍ୟରେ ହୁଏତ ପ୍ରଚାର କରାଯାଇଥିଲା। ସ୍ୱପ୍ନଟି ଏହିପରି ଯେ ସ୍ୱୟଂ ବିଶ୍ୱପତି ଜଗନ୍ନାଥ କପିଳେନ୍ଦ୍ରଦେବଙ୍କୁ ସ୍ୱପ୍ନାଦେଶ ଦେଇ କହିଛନ୍ତି; ଆସନ୍ତା କାଲି ଜଗନ୍ନାଥ ଦର୍ଶନକୁ ଗଲାବେଳେ ବାଇଶ ପାହାଚରରେ ତାଙ୍କ ସ୍କନ୍ଧରୁ ପାଛୁଡ଼ାଟି ଉଡ଼ିଯିବ। ଯିଏ ସେହି ପାଛୁଡ଼ାଟିକୁ ଟୋଳି ଆଣି ରାଜାଙ୍କ କାନ୍ଧରେ ପକାଇଦେବ, ସେ ହେବ ସିଂହାସନର ଯୋଗ୍ୟ। ତେଣୁ କପିଳେନ୍ଦ୍ର ଦେବ ହୁଏତ ପୁରୁଷୋତ୍ତମଙ୍କୁ ଉତ୍ତରାଧିକାରୀ ପାଇଁ ମନୋନୀତ କରିଥିଲେ। ପୁନଶ୍ଚ ରାଜା କପିଳେନ୍ଦ୍ର ହୁଏତ ଭାବିଥିବେ ଜଣେ ଓଡ଼ିଆ ରାଜା ହିଁ ଓଡ଼ିଆ ଜାତିର ହୃଦୟକୁ ଅନୁଭବ କରିପାରିବ। ରାଜପୁତ୍ର ହିଁ କେବଳ ରାଜା ହେବ; ଏହା ବାଧ୍ୟତାମୂଳକ ନୁହେଁ। ଯେପରି ନିଜେ କପିଳେନ୍ଦ୍ର ଦେବ ଗଜପତି ହୋଇଥିଲେ। ଯେ କୌଣସି ବ୍ୟକ୍ତି ମଧ୍ଯ ନିଜର ସଦ୍‌ଗୁଣାବଳୀ ଦ୍ୱାରା ରାଜସିଂହାସନ ପ୍ରାପ୍ତି କରିପାରେ, ଏହି ବାର୍ତ୍ତା ହୁଏତ ରାଜା ସମାଜକୁ ଦେବାକୁ ଚାହିଁଥିବେ। ପୁନଶ୍ଚ, ଲୋକରେ ପ୍ରଚାରିତ ଯେ ଶ୍ରୁତି ରାଜା କପିଳେନ୍ଦ୍ର ଦେବ ପ୍ରଥମେ ଥିଲେ ଜଣେ ରାଜ କର୍ମଚାରୀ। ତାଙ୍କର ପତ୍ନୀ ଓ ପୁତ୍ରଟିଏ ଥିଲା। ପରେ ରାଜା ହେବା ପରେ ସେ ଅନେକ ଅଣଓଡ଼ିଆ ପତ୍ନୀ ଗ୍ରହଣ କରିଛନ୍ତି। ନିଜର ପତ୍ନୀ ଥାଉ ଥାଉ ଅନେକ ପତ୍ନୀ ଗ୍ରହଣ କରି; ନିଜର ପ୍ରଥମା ସ୍ତ୍ରୀ ପ୍ରତି ଯେଉଁ; ଅନ୍ୟାୟ କରିଛନ୍ତି; ତାହାର ପ୍ରାୟଶ୍ଚିତ କରିବାକୁ ସେ ତାଙ୍କର ଓଡ଼ିଆ ପୁଅକୁ ରାଜା କରିଛନ୍ତି ଏବଂ ତାଙ୍କର ମା ତାଙ୍କୁ ରାଜମାତାର ଗୌରବ ଦାନ କରିଛନ୍ତି। ନିଜ ଓଡ଼ିଆ ପ୍ରାଣତା'ର ପରିଚୟ ଦେଇଛନ୍ତି।

ନାଟ୍ୟକାର ନୀଳାଦ୍ରି ଭୂଷଣ କିନ୍ତୁ 'ବତାଶ ନିସ୍ତବ୍ଧ ଆଜି' ନାଟକରେ ଇତିହାସର ଏହି ଘଟଣାବଳୀ ଓ ଘଟଣାବଳୀ ସମ୍ପୃକ୍ତ ବ୍ୟକ୍ତିତ୍ୱମାନଙ୍କୁ ଭିନ୍ନ ରୂପ ଏବଂ ବ୍ୟକ୍ତିତ୍ୱରେ ଆତ୍ମପ୍ରକାଶ କରାଇଛନ୍ତି। ରାଜା କପିଳେନ୍ଦ୍ରଦେବ ନିଜର ଅହଂକାର ଓ କ୍ଷମତାକୁ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜର ଅକ୍ତିଆରରେ ରଖିବାକୁ ପ୍ରୟାସ କରିଛନ୍ତି ଏବଂ ସେଥିପାଇଁ ନିଜ ବିବେକ ଏବଂ ଆତ୍ମାର ଆହ୍ୱାନକୁ ପ୍ରତାରିତ କରିଛନ୍ତି। ରାଜା କପିଳେନ୍ଦ୍ରଦେବ ଜଣେ ରାଜା ହିସାବରେ ଏବଂ ଜଣେ ପିତା ହିସାବରେ ହମ୍ୱୀରଦେବଙ୍କୁ ଜଣେ ପରାକ୍ରମୀ

Digitized by srujanika@gmail.com

ଯୋଦ୍ଧା, ଆଜ୍ଞାକାରୀ ପୁତ୍ର ବୋଲି ଗ୍ରହଣ କରିଛନ୍ତି । ହମ୍ୱୀରଦେବଙ୍କ ବୀରତ୍ୱରେ ଗର୍ବିତ ଓ ଆନନ୍ଦିତ ହୋଇଛନ୍ତି । କିନ୍ତୁ ଏକ ଅଜଣା ଭୟରେ ବିଷାଦିତ ତଥା ଆତଙ୍କିତ ହୋଇ ଉଠିଛନ୍ତି ମନେ ମନେ । ହମ୍ବିର ଦେବଙ୍କ ଦାକ୍ଷିଣାତ୍ୟ ବିଜୟ; ପ୍ରଜା ଓ ସୈନ୍ୟମାନଙ୍କର ତାଙ୍କ ପ୍ରତି ଥିବା ସ୍ନେହ, ଆନୁଗତ୍ୟ ତଥା ଆସ୍ଥା କପିଳେନ୍ଦ୍ରଦେବଙ୍କର ଚିନ୍ତାର କାରଣ ହୋଇ ଉଠିଛି । ମହାମନ୍ତ୍ରୀଙ୍କ ଆଶ୍ୱାସନା ବାଣୀ ତାଙ୍କ ଚିନ୍ତାକୁ ଉପଶମ କରିପାରି ନାହିଁ । ହମ୍ବିର ଦେବ ପିତାଙ୍କ ମନର ଅସ୍ଥିରତା ଓ ଦୁଃଶ୍ଚିନ୍ତାକୁ ଦୂରେଇବା ପାଇଁ ଯେତେ ପ୍ରୟାସ କରିଛନ୍ତି; ସେଥିରେ କପିଳେନ୍ଦ୍ର ଦେବ ନିଜକୁ ଦୁଶ୍ଚିନ୍ତା ମୁକ୍ତ କରିପାରି ନାହାନ୍ତି । ମନ ମଧ୍ୟରେ କ୍ଷମତାଚ୍ୟୁତ ହେବାର ଦାରୁଣ ଅବସ୍ଥା ବାରମ୍ବାର ଉଙ୍କିମାରି ତାଙ୍କୁ ଅଧିକ ବିଷାଦଗ୍ରସ୍ତ କରିଛି । ତେଣୁ ମହାମନ୍ତ୍ରୀଙ୍କ ପରାମର୍ଶ କ୍ରମେ ସେ ନିଜର ରାଜଧାନୀ ପୁରି ଫେରି ଆସିଛନ୍ତି । ନିଜର ପ୍ରାଣପ୍ରିୟ ସେନାବାହିନୀଙ୍କର ଦାୟିତ୍ୱ ଅନିଚ୍ଛା ସତ୍ତ୍ୱେ ହମ୍ୱୀରଦେବଙ୍କ ହାତରେ ଦେଇ ଆସିଛନ୍ତି । ଏଣେ ଦାସୀ ମା' ପୂର୍ଣ୍ଣିମା ପୁତ୍ର ପୁରୁଷୋତ୍ତମଦେବଙ୍କୁ ରାଜାଙ୍କ ଉତ୍ତରାଧିକାରୀ ହେବାପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପ୍ରବର୍ତ୍ତାଇଛନ୍ତି । ପୂର୍ଣ୍ଣିମା, ରାଜା କପିଳେନ୍ଦ୍ରଦେବଙ୍କୁ କୁମନ୍ତ୍ରଣା ଦେଇ ହମ୍ୱୀରଦେବଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଛନ୍ତି । ରାଜା କପିଳେନ୍ଦ୍ରଦେବ ହମ୍ୱୀରଦେବଙ୍କ ବୀରତ୍ୱ ଓ ଲୋକପ୍ରିୟତାରେ ଯେତେ ଖୁସି ହୋଇଛନ୍ତି, ତାହାଠାରୁ ଅଧିକ ଆତଙ୍କିତ ହୋଇପଡ଼ିଛନ୍ତି ଜାଣି ଦାସୀ ପତ୍ନୀ ପୂର୍ଣ୍ଣିମା ସୁଯୋଗର ଫାଇଦା ଉଠାଇବାକୁ ଚେଷ୍ଟା କରିଛନ୍ତି । ଶେଷରେ ପୁରୁଷୋତ୍ତମଙ୍କର ପିତାଙ୍କ ପ୍ରତି ଥିବା ଆନୁଗତ୍ୟ ଏବଂ ହମ୍ୱୀରଦେବଙ୍କ ବୀରତ୍ୱ ଜନିତ ଅହଂକାର ମଧ୍ୟରୁ; ହମ୍ୱୀରଦେବଙ୍କ ଅହଂକାର ରାଜାଙ୍କ କପିଳେନ୍ଦ୍ରଦେବଙ୍କ ଭବିଷ୍ୟତ ପ୍ରତି ବିପଦ୍‌ଜନକ ବୋଲି ବୁଝାଇ ଦେଇଛନ୍ତି ।

କପିଳେନ୍ଦ୍ରଦେବ ମଧ୍ୟ ଅନୁଭବ କରିଛନ୍ତି ପୁରୁଷୋତ୍ତମଙ୍କ ପିତାଙ୍କ ପ୍ରତି ଥିବା ଆନୁଗତ୍ୟ ଏବଂ ଦାସୀପୁତ୍ର ହୋଇଥିବାର ସଙ୍କୋଚଭାବ । ତେଣୁ ପୁରୁଷୋତ୍ତମଙ୍କୁ ରାଜା ଉତ୍ତରାଧିକାରୀ ରୂପେ ଗ୍ରହଣ କଲେ; ଶାସନ କଳ ତାଙ୍କ ନିଜ ହସ୍ତରେ ରହିପାରିବ ଏବଂ ଅନ୍ୟର ଦୟା ଓ ହତାଦର ଜନିତ ଅଶାନ୍ତିରୁ ମୁକ୍ତି ମିଳିବ ବୋଲି ହୃଦ୍‌ବୋଧ କରିଛନ୍ତି । ଦାସୀ ପୂର୍ଣ୍ଣିମାଙ୍କ ସହଯୋଗରେ ବଡ଼ପଣ୍ଡାଙ୍କ ସହିତ ମନ୍ତ୍ରଣା କରିଛନ୍ତି । ହମ୍ୱୀରଦେବ ଦାକ୍ଷିଣାତ୍ୟ ଅଭିଯାନରେ ଯାଇଥିବା ସମୟରେ ତରବରିଆ ଭାବରେ ପୁରୁଷୋତ୍ତମଙ୍କ ରାଜାଭିଷେକ କରିଦେଇଛନ୍ତି ରାଜା କପିଳେନ୍ଦ୍ରଦେବ । ନିଜର ପ୍ରିୟ ପୁତ୍ର ହମ୍ୱୀରଦେବଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଥିବାରୁ ତାଙ୍କ ଅନ୍ତରାତ୍ମା, ମନ, ବିବେକ ଆଦି ରାଜା କପିଳେନ୍ଦ୍ରଦେବଙ୍କୁ ବିଚଳିତ କରିଛି । କିନ୍ତୁ ନିଜେ ନିଜକୁ ପରିସ୍ଥିତିର ଦାସ ବୋଲି କହି ସାନ୍ତ୍ୱନା ଦେଇଛନ୍ତି ।

ଦାସୀ ପୂର୍ଣ୍ଣିମା ଥିଲେ ଯେ ହମ୍ୱୀର ଦେବ କପିଳେନ୍ଦ୍ରଦେବଙ୍କ ଏପରି ନିଷ୍ପତ୍ତିରେ କଦାପି ଏକମତ ହେବେ ନାହିଁ ଏବଂ ପ୍ରଜା ଅସନ୍ତୋଷ ଦେଖାଦେବ । ପ୍ରଜା ମଧ୍ୟ ବିଦ୍ରୋହୀ

Digitized by srujanika@gmail.com

ହୋଇ ଉଠିପାରନ୍ତି । ତେଣୁ ପୂର୍ଣ୍ଣିମା ଏକ ଅଭିନବ ଉପାୟ ଅବଲମ୍ବନ କଲେ; ନିଜର ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ । ସ୍ୱୟଂ ଶ୍ରୀଜଗନ୍ନାଥ ଯେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ଦେଇଛନ୍ତି: ପୁରୁଷୋତ୍ତମଙ୍କୁ ସିଂହାସନ ଆରୋହଣ କରିବା ପାଇଁ; ବଡ଼ପଣ୍ଡା ଏ କଥା ପୂଜାପଣ୍ଡାମାନଙ୍କ ସହାୟତାରେ ପ୍ରଜାଙ୍କ ମଧ୍ୟରେ ପ୍ରଚାର କରିଦେଇଛନ୍ତି । ଜଗନ୍ନାଥଙ୍କ ଆଜ୍ଞା ବୋଲି ଜାଣିବା ପରେ ଧର୍ମବିଶ୍ୱାସୀ ଜନତାଙ୍କର ପ୍ରତିବାଦ କରିବାର ସାମର୍ଥ୍ୟ ଆଉ ପ୍ରକାଶ ପାଇନାହିଁ । ଅପରପକ୍ଷରେ ପୂର୍ଣ୍ଣିମାଙ୍କ ଉଦ୍ଦେଶ୍ୟ ମଧ୍ୟ ଚରିତାର୍ଥ ହୋଇଛି । ହମ୍ବିର ଦେବଙ୍କ ପ୍ରତି କରିଥିବା ଅନ୍ୟାୟ ଯୋଗୁଁ କପିଳେନ୍ଦ୍ର ଦେବଙ୍କ ମନ ଅବଶ୍ୟ ବିଚଳିତ ହୋଇ ଉଠିଛି । କିନ୍ତୁ ନିଜର କ୍ଷମତା ପ୍ରତି ଥିବା ଅଦମ୍ୟ ଲାଳସା ଯୋଗୁଁ କପିଳେନ୍ଦ୍ରଦେବ ନିଜକୁ ପରିସ୍ଥିତିର ଦାସ ବୋଲି କହି ସାନ୍ତ୍ୱନା ଦେଇଛନ୍ତି । ଯୋଗ୍ୟପୁତ୍ର ହମ୍ବୀରଦେବଙ୍କୁ ପ୍ରତାରିତ କରିଥିବା ଯୋଗୁଁ ତଥା ଉତ୍କଳର ଭବିଷ୍ୟତକୁ ଏକ ଅଯୋଗ୍ୟ ଶାସକ ଦେଉଥିବା ଯୋଗୁଁ ଅନୁତପ୍ତ ହୋଇଛନ୍ତି । ଇତିହାସକୁ ମାନସିକ ସ୍ତରରେ କ୍ଷମା ମାଗିଛନ୍ତି । ତତ୍‌ସହିତ ନିଜକୁ ସାନ୍ତ୍ୱନା ଦେଇଛନ୍ତି, ଯେ ସେ ଆଉ ଯୁଦ୍ଧ ଚାହାଁନ୍ତିନି; ଚାହାଁନ୍ତି ଶାନ୍ତି, ଯୁଦ୍ଧର ଘନଘଟା ପରର ଶାନ୍ତି, ଉତ୍ତେଜନାହୀନ ଶାନ୍ତିର ଶାସନ ହମ୍ବୀର ଦେବ ନୁହେଁ; କେବଳ ପୁରୁଷୋତ୍ତମ ହିଁ ତାଙ୍କୁ ଦେଇ ପାରିବେ । ସେହି ଶାନ୍ତିପୂର୍ଣ୍ଣ ଶାସନ ମଧ୍ୟରେ ସେ କରିବେ ଅଗଣିତ ନରହତ୍ୟା ଜନିତ ପାପର ପ୍ରାୟଶ୍ଚିତ !

ନାଟକର ଶେଷ ପର୍ଯ୍ୟାୟରେ ହମ୍ବୀରଦେବ ନିଜର ଅନ୍ୟ ଭାଇମାନଙ୍କ ସହ ମିଶି ବିଦ୍ରୋହ କରିଛନ୍ତି । ପୁରୁଷୋତ୍ତମଙ୍କୁ ସିଂହାସନଚ୍ୟୁତ କରିବା ପାଇଁ ଉଦ୍ୟମ କରିଛନ୍ତି । ପୁରୁଷୋତ୍ତମ ଦେବ, ହମ୍ବିର ଦେବଙ୍କ ଭୟରେ ପିତା କପିଳେନ୍ଦ୍ରଦେବଙ୍କ ପାଖରେ ଶରଣ ପଶିଛନ୍ତି । କପିଳେନ୍ଦ୍ରଦେବ, ତାଙ୍କୁ ନିଜର ଛତ୍ରଛାୟା ତଳେ ରଖି ଅଭୟ ପ୍ରଦାନ କରିଛନ୍ତି । ପୁରୁଷୋତ୍ତମ ଦେବ ମଧ୍ୟ ଜଗନ୍ନାଥଙ୍କ ନାମରେ ପ୍ରଚାରିତ ବର୍ତ୍ତାରେ ସମସ୍ତେ ବିଶ୍ୱାସ କରିଛନ୍ତି ବୋଲି ଜାଣି ନିଶ୍ଚିନ୍ତ ହୋଇଛନ୍ତି । ହମ୍ବୀର ଦେବ ସୈନ୍ୟସାମନ୍ତଙ୍କର ସହଯୋଗରେ ଶ୍ରୀନବର ଯାଇଛନ୍ତି ପୁରୁଷୋତ୍ତମଙ୍କୁ ଆକ୍ରମଣ କରିବା ପାଇଁ । କିନ୍ତୁ ପୁରୁଷୋତ୍ତମ, ଶ୍ରୀନବରର ସିଂହଦ୍ୱାର ଆବଦ୍ଧ କରି ଆତ୍ମଗୋପନ କରିଛନ୍ତି । ହମ୍ବୀର ଦେବ ଶାବଳ ମାରି ସିଂହଦ୍ୱାର ଫିଟାଇବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି । କ୍ରୋଧିତ ହମ୍ବୀର ଦେବ ଆହ୍ୱାନ ଦେଇଛନ୍ତି ପୁରୁଷୋତ୍ତମଙ୍କୁ ଯେ ସେ ଯଦି ତାଙ୍କର ଶାବଳ ପ୍ରହାରକୁ ସମ୍ଭାଳି ପାରିବେ; ତେବେ ସେ ହେବେ ରାଜା । ଏହି ପରୀକ୍ଷାରେ ପୁରୁଷୋତ୍ତମ ହୋଇଛନ୍ତି ଉତ୍ତୀର୍ଣ୍ଣ । ହମ୍ବୀର ଦେବ ଅନୁଭବ କରିଛନ୍ତି ପୁରୁଷୋତ୍ତମଙ୍କୁ ବନମାଳୀ ହିଁ ରକ୍ଷା କରିଛନ୍ତି । ତେଣୁ ସେ ବାହୁଡ଼ି ଯାଇଛନ୍ତି ବିଦ୍ରୋହ ପଥରୁ । ସେଇଠାରୁ ହିଁ ଇତିହାସର ଗତି ବଦଳି ଯାଇଛି ।

ହମ୍ବୀରଦେବଙ୍କ ପୁରୁଷୋତ୍ତମଙ୍କ ପ୍ରତି ଶାବଳରେ ଆକ୍ରମଣ କରି ପରାଜିତ ହୋଇ ପଳାୟନ କରିବା ପ୍ରସଙ୍ଗଟି ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ନାଟକରେ ସଂଯୋଜକ

Digitized by srujanika@gmail.com

ଚରିତ୍ର 'ଇତିହାସବିଦ୍' ମାଧ୍ୟମରେ ପ୍ରକାଶ କରାଇଛନ୍ତି। ଉପର୍ଯ୍ୟୁକ୍ତ ଏହି ପ୍ରସଙ୍ଗଟି ମାଦଳାପାଞ୍ଜିରୁ ହିଁ ଗୃହୀତ ହୋଇଥିବା ଲକ୍ଷଣୀୟ: "ରାଜା ହୋଇ ଶ୍ରୀପୁରୁଷୋତ୍ତମ ଆସି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦରଶନ କରି କଟକ ଶ୍ରୀନଅରରେ ରହିଲେ। ହମୀରଙ୍କୁ ଯାଇ ଡଗରା ବାରତା କହିଲେ, ତାହା ଶୁଣି ହମୀରେ ଅଇଲେ, ବେଗେ ଧାଇଁ ବୋଇଲେ ଆମ୍ଭେ ଥାଉଁ ପୃଥିରେ ପୁରିଆ ରାଜା ହୋଇଲା। ବୈଶାଖ ଶୁକ୍ଳ ନବମୀ ଦିନ ଶ୍ରୀପୁରୁଷୋତ୍ତମେ ହମୀରେ ପ୍ରବେଶ ହୋଇଲେ। ପରମେଶ୍ୱରଙ୍କୁ ଦରଶନ କରି ପ୍ରତିଜ୍ଞା କରି ବୋଇଲେ ପୁରିଆକୁ ଆଉ ତୁମ୍ଭେ ରଖି ନ ପାରିବା ଶଙ୍ଖେ ପୂରାଇ ଚକ୍ରେ ଉହାଡ଼ିଲେ ଅବଶ୍ୟ ମାରିବୁ ଗୋସାଇଁ। ଏତେ ବୋଲି ହମୀରେ କଟକକୁ ଗଲେ। ପୁରୁଷୋତ୍ତମଦେବଙ୍କୁ ବାରଣ ହୋଇଲା। କପାଟ ପାଡ଼ି ସେ ଶ୍ରୀନଅର ଭିତରେ ରହିଲେ। ସିଂଘଦ୍ୱାର ମାଡ଼ି ହମୀରେ ରହିଲେ। ଆମ୍ଭେ କପାଟ ଫେଡ଼ି ଦିଅରେ, ଡାକିଲେ। ଜୀବନେ ଯଦି ଆଶ ଅଛି ତେବେ ଫେଅ ସିଂଘ ଦ୍ୱାର। ପଡ଼ିଆରୀ ବୋଇଲା ଠାକୁରଙ୍କ ଆଜ୍ଞା ନାହିଁ, କେମନ୍ତେ କବାଟ ଫେଡ଼ିବୁ ଗୋସାଇଁ। ଶୁଣି ରୋଷଭରେ ଘୋଡ଼ା ଢୁଆଇ ସାବେଳୀ ଡିଆଇଁ ବୋଇଲେ ପୁରିଆକେୁ କହ ରାଜା ହୋଇବାକୁ ଯେବେ ଅଛି ସ୍ନେହ ଏ ସାବେଳୀ ମୁଠି ଯେବେ ବଞ୍ଚାଇ ପାରିବୁ, ତେବେ ଏ ରାଜ୍ୟେ ରାଜା ହୋଇବୁ। ଏତେ ବୋଲି ହମୀରେ କୋପ କଲେ। କବାଟ ଫେଡ଼ି ଯେ ପୁରୁଷୋତ୍ତମ ଦେବ ଅନାଇଲେ। ପୁରିଆ ଅନାଉଚି ବୋଲି ହମୀରେ ବୋଇଲେ। କୋପେଣ ସାବେଳୀ ମୁଠାଏ ମାଇଲେ। ତାହା ଜାଣି ପୁରୁଷୋତ୍ତମଦେବେ ସମ୍ଭାଳିଲେ। ହମୀରେ ବୋଇଲେ ସାବେଳୀ ଗଲା ଭଳି। ପୁରିଆକୁ ରଖିଲେ ବନମାଳୀ। ଏତେ ଦେଖି ସେ ବିସ୍ମଏ କରି ମତି ପଶ୍ଚିମ ଦିଗକୁ ବାହାର ହୋଇଯାନ୍ତି।" (ପୃଷ୍ଠା-୧୩୭-୧୩୮)।

ନାଟକର ଶେଷ ଭାଗରେ ହମ୍ୱୀରଦେବ ନିଜର ଅନ୍ୟ ଭାଇମାନଙ୍କ ସହିତ ପୁରୀ ଛାଡ଼ି ଚାଲିଯାଇଛନ୍ତି। ତାଙ୍କୁ ବିଦାୟ ଜଣାଇବାକୁ ମହାମନ୍ତ୍ରୀ ଯାଇଛନ୍ତି ପୁରୀର ସୀମାନ୍ତକୁ।

'ବତାଶ ନିସ୍ତବ୍ଧ ଆଜି' ନାଟକରେ କପିଳେନ୍ଦ୍ରଦେବ ଚରିତ୍ରକୁ ଭିନ୍ନ ଏକ ବ୍ୟକ୍ତିତ୍ୱ ଭାବେ ଦେଖିବାକୁ ମିଳେ। ଇତିହାସରେ କପିଳେନ୍ଦ୍ରଦେବ ପୁରୁଷୋତ୍ତମଦେବଙ୍କୁ ଉତ୍ତରାଧିକାରୀ କରିବା ପଶ୍ଚାତରେ ଉଦ୍ଦେଶ୍ୟ ଥିଲା ଓଡ଼ିଆ ଜାତିର ସୁରକ୍ଷିତ ଭବିଷ୍ୟତ। ଜଣେ ଓଡ଼ିଆ ଲୋକ ରାଜା ହେଲେ, ସେ ବୁଝିପାରିବ ସାଧାରଣ ଜନତାର କଥା ଏବଂ ଓଡ଼ିଶାର ଦୁଃଖଦୁର୍ଦ୍ଦଶା। ତତ୍‌ସହିତ ଜଣେ ଓଡ଼ିଆଣୀ ସ୍ତ୍ରୀ ପାଇବେ ରାଜମାତାର ଗୌରବ। ନାଟକରେ କିନ୍ତୁ କପିଳେନ୍ଦ୍ରଦେବ ରାଷ୍ଟ୍ର ଅପେକ୍ଷା ନିଜର କ୍ଷମତାକୁ ବେଶୀ ଭଲ ପାଇଛନ୍ତି। ପୁତ୍ର ହମ୍ୱୀରଦେବଙ୍କ ପ୍ରତି ତାଙ୍କ ମନରେ ରହିଛି ଅନାବିଳ ସ୍ନେହ, ଅକୁଣ୍ଠ ଆଶୀର୍ବାଦ, ପୁତ୍ରର ବୀରତ୍ୱରେ ହୋଇଛନ୍ତି ମୁଗ୍ଧ ଏବଂ ଗୌରବାନ୍ୱିତ। କିନ୍ତୁ ମନରେ ତାଙ୍କର ରହିଥିଲା

Digitized by srujanika@gmail.com

ଅଜଣା ଆଶଙ୍କା। କପିଳେନ୍ଦ୍ରଦେବ ହମ୍ୱୀରଦେବଙ୍କ ବୀରତ୍ୱ ସମ୍ମୁଖରେ ନିଜକୁ ମଳିନ, ନିଷ୍ପ୍ରଭ ମନେ କରିଛନ୍ତି। ନିଜର ସ୍ଥିତି ସମ୍ପର୍କରେ ସନ୍ଦୀହାନ ହୋଇ ପଡ଼ିଛନ୍ତି। କ୍ଷମତାଶୀଳ ବ୍ୟକ୍ତି ପ୍ରାୟତଃ ଅହଂକାରୀ ହୋଇଥାଏ। ସେ ଦୃଷ୍ଟିରୁ ସେ ଥିଲେ ଅହଂକାରୀ। ରାଜା ହେବାର ଅହଂକାର, ବୀର ହେବାର ଅହଂକାର ଭିତରୁ ନିଜକୁ ମୁକ୍ତ ରଖିପାରିନାହାନ୍ତି କପିଳେନ୍ଦ୍ରଦେବ। ମହାମନ୍ତ୍ରୀଙ୍କ ସହିତ ନିଜର ହରାଇବାକୁ ଯାଉଥିବା ଅସ୍ମିତ୍ୱ ଏବଂ ତତ୍‌ଜନିତ ଆଶଙ୍କାରୁ ସେ ମନ୍ତଣା କରିଛନ୍ତି। ପୁତ୍ରର ପରାକ୍ରମରେ ଓ ଦକ୍ଷତାରେ ସେ ସଂପୂର୍ଣ୍ଣ ଆନନ୍ଦିତ ହୋଇ ମଧ୍ୟ ବିଷାଦଗ୍ରସ୍ତ ହୋଇ ପଡ଼ିଛନ୍ତି। ପ୍ରତ୍ୟେକ କ୍ଷମତାଶାଳୀ ଓ ଅହଂକାରୀ ବ୍ୟକ୍ତି, ଯେପର୍ଯ୍ୟନ୍ତ କ୍ଷମତାରେ ଥାଆନ୍ତି; ଆତ୍ମତୃପ୍ତି ଅନୁଭବ କରିଥାନ୍ତି। କ୍ଷମତା ହରାଇବାର ଭୟ ଓ ଆଶଙ୍କାରେ କାତର ହୋଇ ଉଠିଥାଏ ସେମାନଙ୍କର ମନ। କପିଳେନ୍ଦ୍ରଙ୍କ ମନରେ ହମ୍ୱୀରଦେବଙ୍କ ପ୍ରତି ପ୍ରବଳ ଭଲ ପାଇବା ଓ ସ୍ନେହ ଥିବା ସତ୍ତ୍ୱେ ଉତ୍ତରାଧିକାରୀ ସୂତ୍ରେ ତାଙ୍କୁ ଗ୍ରହଣ କରିପାରିନାହାନ୍ତି। ନିଜର ଦିଗ୍‌ବିଜୟ ଇତିହାସର ଜୀର୍ଣ୍ଣସ୍ତୂପ ଉପରେ କାଳେ ହମ୍ୱୀର ଦେବଙ୍କ ଅସାଧାରଣ ପରାକ୍ରମର ସ୍ୱର୍ଣ୍ଣସୌଧ ନିର୍ମିତ ହୋଇଯିବ; ସେହି ଭୟରେ ସେ ଆତଙ୍କିତ ହୋଇ ଉଠିଛନ୍ତି। ଚିରଦିନ ଯେଉଁ ପ୍ରଜାମାନେ କପିଳେନ୍ଦ୍ରଦେବଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଦେଖାଇ ଆସିଥିଲେ, ସେମାନେ ହମ୍ୱୀରଦେବଙ୍କୁ ବର୍ତ୍ତମାନ ନିଜର ଭବିଷ୍ୟତ ବୋଲି ଗ୍ରହଣ କରିନେଲେ ତାଙ୍କର ଆଉ ଅସ୍ତିତ୍ୱ ରହିବ ନାହିଁ ଭାବି ବିଚଳିତ ହୋଇଛନ୍ତି ଗଜପତି ସମ୍ରାଟ କପିଳେନ୍ଦ୍ରଦେବ।

ଭଲ ପିତାଟିଏ ଅପେକ୍ଷା ଜଣେ ଭଲ ରାଜା ହେବାର ଲାଳସା କପିଳେନ୍ଦ୍ରଙ୍କ ମନରେ ବଳବତ୍ତର ହୋଇଉଠିଛି। ସାରାଜୀବନ ସେ ପ୍ରଚଣ୍ଡ ଯୁଦ୍ଧର ଉତ୍ତେଜନା ଭିତରେ କଟେଇ ଦେଇଛନ୍ତି। ତେଣୁ ମହାମନ୍ତ୍ରୀଙ୍କ ରାଜଧାନୀକୁ ଫେରିଯିବାର ପ୍ରସ୍ତାବରେ ସେ ରାଜି ହୋଇପାରିନାହାନ୍ତି। ତାଙ୍କର ଅନୁଭବ ହୋଇଛି ଯୁଦ୍ଧବିଗ୍ରହ ବନ୍ଦ ହୋଇଗଲେ ଯେପରି ତାଙ୍କ ଶରୀରରୁ ପ୍ରାଣଶକ୍ତି ବାହାରି ଯିବ। ଯୁଦ୍ଧକ୍ଷେତ୍ରର, ଦୁର୍ଗ ଭିତରେ ରହି ସୈନ୍ୟ ସାମନ୍ତଙ୍କ ଉତ୍ତେଜନା ଭିତରେ ନିଜକୁ ହଜେଇ ଦେବାରେ ସେ ଅସୀମ ଆନନ୍ଦ ଅନୁଭବ କରିଛନ୍ତି। କିନ୍ତୁ ତୃପ୍ତି ପାଇପାରି ନାହାନ୍ତି। ତେଣୁ ମହାମନ୍ତ୍ରୀଙ୍କୁ ନିଜ ମନର କ୍ଷୋଭ ଜଣାଇ କପିଳେନ୍ଦ୍ରଦେବ କହି ଉଠିଛନ୍ତି: "କାହିଁ ତୃପ୍ତି ଚିର ଦିନ ମୁଁ ଅତୃପ୍ତ, ଅଶାନ୍ତ। ଦିନେ ଥିଲା ସମଗ୍ର ଭାରତ ବର୍ଷକୁ ଜୟ କରିବାର ଉଚ୍ଚାଭିଳାଷ; କିନ୍ତୁ ସବୁ ସ୍ୱପ୍ନର ଗଛରେ କ'ଣ ଫୁଲ ଫୁଟେ? × × × ହୃଦୟହୀନ ବାର୍ଦ୍ଧକ୍ୟ ହାତରୁ ମୋର ଛଡ଼ାଇ ନେଇଛି ଢ଼ାଲ ତରୁଆଲ। ଦୂରରୁ ଯୁଦ୍ଧ ଦେଖି ଉଲ୍ଲସିତ ହେବା ହିଁ ଆଜି ମୋର ଏକମାତ୍ର ବିଳାସ। ଦେଖୁଛି, ସେଥିରୁ ବି ମୋତେ ଚିରଦିନ ବଞ୍ଚିତ ହେବାକୁ ପଡ଼ିବ" କପିଳେନ୍ଦ୍ରଦେବଙ୍କ ଉପର୍ଯ୍ୟୁକ୍ତ ଅଭିବ୍ୟକ୍ତିରେ ସ୍ପଷ୍ଟତାଙ୍କ ମନୋଭାବ (ପୃ-୧୦୫)।

Digitized by srujanika@gmail.com

ହମ୍ବୀରଦେବ, ନିଜର ସମସ୍ତ ବୁଦ୍ଧି ଓ ସାମର୍ଥ୍ୟରେ ଉପଯୋଗ କରି ପିତାଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ପୁତ୍ରର ଦାକ୍ଷିଣାତ୍ୟ ବିଜୟ ଜନିତ ସମ୍ବାଦ ପ୍ରାପ୍ତ ହେବା ପରେ କପିଳେନ୍ଦ୍ରଦେବ ଆନନ୍ଦରେ ଅଧୀର ହୋଇ ଉଠିଛନ୍ତି। ପୁତ୍ର ହମ୍ବୀରଦେବଙ୍କୁ ପ୍ରାଣଭରି ଆଶୀର୍ବାଦ କରିଛନ୍ତି। ତଥାପି ବାରମ୍ବାର ତାଙ୍କ ମନ ବିପର୍ଯ୍ୟସ୍ତ ହୋଇଉଠିଛି ସେଇ ଗୋଟିଏ ପ୍ରଶ୍ନରେ! କପିଳେନ୍ଦ୍ରଦେବ, ପୁତ୍ରହାତରେ ଦାକ୍ଷିଣାତ୍ୟ- ଯୁଦ୍ଧ ଅଭିଯାନର ଦାୟିତ୍ୱ ଦେଇ ଫେରିଯିବାର ନିଷ୍ପତ୍ତିରେ ମନକୁ ଦୃଢ଼ କରିପାରି ନାହାନ୍ତି: "× × × ମୋର ନିଷ୍ପତ୍ତିକୁ ଚୂଡ଼ାନ୍ତ କରିପାରୁ ନାହିଁ। ଚିରଦିନ ମୋର ସୈନ୍ୟସାମନ୍ତଙ୍କୁ ମୁଁ ପ୍ରାଣଠାରୁ ବଳି ଭଲ ପାଇ ଆସିଛି। ମୋର ସମସ୍ତ ଗୌରବର ମୂଳ କାରଣ ହେଉଛନ୍ତି ସେମାନେ। × × × ମରଣ ପାଇଁ ସାମାନ୍ୟ କୁଣ୍ଠିତ ହୋଇନାହାନ୍ତି। କେମିତି ସେମାନଙ୍କୁ ଆଜି ଛାଡ଼ିଯିବାପାଇଁ ମୁଁ ପ୍ରସ୍ତୁତ ହେବି" (ପୃ-୧୦୮)। ହମ୍ବୀରଦେବ, ପ୍ରଜାମାନଙ୍କୁ ନେଇ ବ୍ୟସ୍ତ ନହେବା ପାଇଁ ପିତାଙ୍କୁ ସାନ୍ତ୍ୱନା ଦେଇଛନ୍ତି। କିନ୍ତୁ କପିଳେନ୍ଦ୍ରଦେବଙ୍କ ମନରେ ପ୍ରଜାଙ୍କୁ ଛାଡ଼ି ନଯିବା ପଶ୍ଚାତ୍‌ରେ ଯେଉଁ କାରଣଟି ରହିଛି ତାହାକୁ ଠାବ କରିପାରି ନାହାନ୍ତି ହମ୍ବୀରଦେବ, ତାଙ୍କର ମନେ ହୋଇଛି, ବୋଧେ ପିତା ନିଜର ପ୍ରିୟ ସେନାଙ୍କୁ ଛାଡ଼ିଯିବାକୁ କୁଣ୍ଠିତ ହେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ କପିଳେନ୍ଦ୍ରଦେବଙ୍କ ମାନସିକ ସ୍ଥିତିକୁ ବୁଝି ପାରିଛନ୍ତି, ଯେତେବେଳେ ସେ କହିଉଠିଛନ୍ତି: "× × × ମୋର ପ୍ରାଣପ୍ରିୟ ସୈନ୍ୟ ସାମନ୍ତମାନେ କ'ଣ ମୋତେ ବିସ୍ମୃତ ହୋଇପଡ଼ିଛନ୍ତି ? × × × ତୁମର ନେତୃତ୍ୱରେ ତ ସେମାନେ ବେଶୀ ସୁଖରେ ଅଛନ୍ତି। ଦିଗ୍‌ବିଜୟ ଲାଗି ବେଶୀ ଉତ୍ସାହ ପାଉଛନ୍ତି। × × × ଚତୁର୍ଦ୍ଦିଗରେ ତୁମର ପ୍ରସଂଶା। ପାତ୍ରମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ। ମୁଁ ତେଣୁ ଅନୁଭବ କରୁଛି, ସମସ୍ତଙ୍କର ଆସ୍ଥା-ବିଶ୍ୱାସ ତୁମ ଉପରେ"(ପୃ-୧୦୮-୧୦୯)। ପିତାଙ୍କର ଏପରି ମାନସିକତାରେ ହମ୍ବୀରଦେବ ମର୍ମାହତ ହୋଇଛନ୍ତି। ପୁତ୍ରର କୃତିତ୍ୱ ଯେ କେବେ ପିତାଙ୍କ ଦୁଃଖର ଏବଂ ଈର୍ଷାର କାରଣ ହେବ, ତାହା କ୍ୱଚିତ୍ ଦେଖାଯାଇଥାଏ। କ୍ଷମତା ମଣିଷକୁ କେତେଦୂର ଈର୍ଷାପରାୟଣ କରିପାରେ ତାହା କପିଳେନ୍ଦ୍ରଦେବଙ୍କ ବ୍ୟକ୍ତିତ୍ୱରେ ବେଶ୍ ସ୍ପଷ୍ଟ। ଯେଉଁଠି ସଂପର୍କ ଅପେକ୍ଷା ନିଜର ଅସ୍ତିତ୍ୱକୁ ଜାହିର କରିବାର କାମନା ଅଧିକ ତୀବ୍ର। ଇତିହାସରେ ଏହାର ରହିଛି ଅନେକ ଦୃଷ୍ଟାନ୍ତ। ରୋମ୍ ନଗରୀର ସାମ୍ରାଜ୍ଞୀ ଆଗ୍ରିପ୍‌ପୀନା ପୁତ୍ର ନୀରୋଙ୍କୁ ସମ୍ରାଟ କରିବା ପାଇଁ ରାଜତ୍ୱ କରୁଥିବା ସ୍ୱାମୀ ସମ୍ରାଟ କ୍ଲଡ଼ିୟାସ୍‌ଙ୍କୁ ବିଷ ଦେଇ ହତ୍ୟା କରିଛନ୍ତି। ପୁନଶ୍ଚ ସେହି ସମ୍ରାଟ ନୀରୋ ନିଜର ରାଜଗାଦିକୁ ସୁରକ୍ଷିତ କରିବା ପାଇଁ ମାତା ଆଗ୍ରିପ୍‌ପୀନାଙ୍କୁ ଛୁରିକାବିଦ୍ଧ କରି ହତ୍ୟା କରିଛନ୍ତି। ମୋଗଲ ବାଦଶାହ ଆଉରଙ୍ଗଜେବ୍ ସିଂହାସନ ଓ କ୍ଷମତା ପାଇଁ ନିଜ ଭାଇମାନଙ୍କୁ ହତ୍ୟାକରି, ପିତା ଶାହାଜାହାନଙ୍କୁ ବନ୍ଦୀ କରି ରଖିଥିଲେ। କ୍ଷମତାର

Digitized by srujanika@gmail.com

ମୋହ ମଣିଷକୁ କେତେଦୂର ସ୍ୱାର୍ଥପର ଏବଂ ଅନ୍ଧ କରିଦିଏ ତାହା ଏହି ସମ୍ରାଟ ଓ ବାଦଶାହମାନଙ୍କ ବ୍ୟକ୍ତିତ୍ୱରେ ସ୍ପଷ୍ଟ ହୋଇଥାଏ। ସମ୍ରାଟ କପିଳେନ୍ଦ୍ରଦେବ ମଧ୍ୟ 'ବତାସ ନିସ୍ତବ୍ଧ ଆଜି' ନାଟକରେ ସେହିପରି ଜଣେ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି।

ଅନ୍ୟପକ୍ଷରେ କପିଳେନ୍ଦ୍ରଦେବଙ୍କର ସୁନ୍ଦରୀ ଦାସୀ ପୂର୍ଣ୍ଣିମା, ନିଜ ପୁତ୍ର ପୁରୁଷୋତ୍ତମଦେବଙ୍କୁ ନିଜର ଅଧିକାର ଜାହିର କରିବା ପାଇଁ ରାଜସିଂହାସନ ନିମନ୍ତେ ପ୍ରବର୍ତ୍ତାଇଛନ୍ତି। କିନ୍ତୁ; ପୁରୁଷୋତ୍ତମଦେବ ସେଥିପାଇଁ ଅନିଚ୍ଛୁକ ହୋଇଛନ୍ତି। ଏପରିକି ନିଜର ଅକ୍ଷମତା ମଧ୍ୟ ପ୍ରକାଶ କରିଛନ୍ତି। ହମ୍ବୀରଦେବ ହିଁ ସିଂହାସନ ନିମନ୍ତେ ଏକମାତ୍ର ଯୋଗ୍ୟବୋଲି ଯୁକ୍ତି ବାଢ଼ିଛନ୍ତି ନିଜ ମାତାଙ୍କ ନିକଟରେ। କିନ୍ତୁ, ଚିରଦିନ ଲାଞ୍ଛିତା ଓ ଅପମାନିତା ଦାସୀ ପୂର୍ଣ୍ଣିମା ନିଜର କୂଟନୀତିକ ବୁଦ୍ଧି ବଳରେ ପୁତ୍ର ପୁରୁଷୋତ୍ତମଦେବଙ୍କୁ ରାଜଗାଦିସୀନ କରାଇବାର ପ୍ରତିଜ୍ଞା କରିଛନ୍ତି। ନିଜ ପୁତ୍ରକୁ ସେଥିପାଇଁ ମାନସିକ ଭାବରେ ପ୍ରସ୍ତୁତ କରିଛନ୍ତି। ଅତୀତରେ ରାଜପରିବାରମାନଙ୍କରେ ହେଉ ବା ଶାସ୍ତ୍ର-ପୁରାଣମାନଙ୍କରେ ମହାରାଣୀମାନଙ୍କର ନିଜ ପୁତ୍ର ପ୍ରତି ଏପରି କାମନାର ଦୃଷ୍ଟାନ୍ତ ରହିଛି ଅନେକ। ରାତି ପାହିଲେ ରାମ ରାଜା ହେବେ, କିନ୍ତୁ କୈକେଇଙ୍କ କୂଟନୀତି ବଳରେ ରାମ ସିଂହାସନ ପରିବର୍ତ୍ତେ ଚଉଦ ବର୍ଷ ବନବାସ ଗଲେ। କପିଳେନ୍ଦ୍ରଦେବଙ୍କ ମାନସିକ ସ୍ଥିତିକୁ ଲକ୍ଷ୍ୟ କରି ପୂର୍ଣ୍ଣିମା ସୁଯୋଗର ସଦୁପଯୋଗ କରିବା ପାଇଁ ନିଜର ସମସ୍ତ କୌଶଳ ପ୍ରୟୋଗ କରିଛନ୍ତି। ପୂର୍ଣ୍ଣିମା, କପିଳେନ୍ଦ୍ରଦେବଙ୍କ ମନରେ ନିଜର ବାକ୍‌ଚାତୁରୀ ବଳରେ ବିଶ୍ୱାସବୋଧ କରେଇଛନ୍ତି ଯେ ପୁରୁଷୋତ୍ତମଦେବ, ରାଜା ହେଲେ ତାଙ୍କର ସୁବିଧା କ'ଣ ହେବ ଏବଂ ହମ୍ବୀରଦେବ ରାଜା ହେଲେ ଅସୁବିଧା କ'ଣ ହେବ! ପୂର୍ଣ୍ଣିମା ମୁଖରେ ନାଟ୍ୟକାରଙ୍କ ଅଭିବ୍ୟକ୍ତି: "ଆପଣ ଯାହାପାଇଁ ଅନ୍ତରର ସ୍ନେହ ଶ୍ରଦ୍ଧା ଢାଳି ଦେଇଛନ୍ତି, ଯାହା ପାଇଁ ମୁହଁରେ ଏ ଉଚ୍ଛ୍ୱସିତ ପ୍ରଶଂସା, ସେ ହିଁ କରିବ ଆପଣଙ୍କୁ ପ୍ରଥମ ଅସ୍ତ୍ର ଉତ୍ତୋଳନ।" କିନ୍ତୁ କପିଳେନ୍ଦ୍ରଦେବ, ପୂର୍ଣ୍ଣିମାଙ୍କ ଏପରି ମନ୍ତବ୍ୟରେ ଏକମତ ହୋଇପାରି ନାହାଁନ୍ତି। ନିଜର ପ୍ରିୟପୁତ୍ର ଏପରି କରିବ ତାହା ସେ ସ୍ୱୀକାର କରିପାରି ନାହାନ୍ତି। ହମ୍ବୀରଦେବ ଯେପରି ଭାବରେ ପିତାଙ୍କର ଅର୍ଦ୍ଧେକ ସ୍ନେହର ଅଧିକାରୀ ହୋଇଯାଇଛନ୍ତି, ସେଥିରୁ ତାଙ୍କୁ ବଞ୍ଚିତ କରିବାକୁ ଦାସୀ ପୂର୍ଣ୍ଣିମାଙ୍କ ପରାମର୍ଶକୁ ରାଜା ଗ୍ରହଣ କରିପାରିନାହାନ୍ତି। ପୂର୍ଣ୍ଣିମାଙ୍କ ଯାବତୀୟକୁ ପରାମର୍ଶକୁ ରାଜା ଖଣ୍ଡନ କରିଦେଇଛନ୍ତି ନିଜର ହମ୍ବୀରଦେବଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ଆସ୍ଥାକୁ ଦ୍ୱାହି ଦେଇ। ପୁତ୍ର ହମ୍ବୀରଦେବଙ୍କ ପ୍ରତି ଅନ୍ୟାୟ କରିବାକୁ ତାଙ୍କ ବିବେକ ବାଧା ଦେଇଛି: "ମୋର କାହାକୁ ଭୟ ନାହିଁ ପୂର୍ଣ୍ଣିମା। ମଣିଷକୁ ଭୟ କରିବା କପିଳେନ୍ଦ୍ରର ଜାତକରେ ନାହିଁ; କିନ୍ତୁ ବଡ଼ ଭୟ ମୋର ଆତ୍ମାକୁ।" ହମ୍ବୀରଦେବଙ୍କ ପରି ବୀରପୁତ୍ର ପ୍ରତି ଅନ୍ୟାୟ କରିବାକୁ ସାହାସ କରିପାରିନାହାନ୍ତି କପିଳେନ୍ଦ୍ର ଦେବ। ମାତ୍ର ଇତିହାସର ନିୟତି ଥିଲା ଭିନ୍ନ!

Digitized by srujanika@gmail.com

ଶେଷରେ କପିଳେନ୍ଦ୍ର ଦେବ ପୂର୍ଣ୍ଣିମାଙ୍କ କୁମନ୍ତ୍ରଣା ଓ ଖଳବୁଦ୍ଧି ପାଖରେ ପରାସ୍ତ ହୋଇଛନ୍ତି। ପୂର୍ଣ୍ଣିମାଙ୍କ ସମର୍ଥନ ପାଇ ସମ୍ରାଟ ନିଜ ସପକ୍ଷରେ ଯୁକ୍ତିମାନ ପ୍ରସ୍ତୁତ କରିପାରିଛନ୍ତି। ହମ୍ୱୀରଦେବ ରାଜା ହେଲେ ତାଙ୍କର ଅବସ୍ଥା କ'ଣ ହେବ ତାହା କଳ୍ପନା କରିଛନ୍ତି: "ହମ୍ୱୀର ଅହଂକାରୀ। ନିଜର ବାହୁବଳକୁ ନେଇ ସେ ଗର୍ବ କରେ। ସେଇ ଗର୍ବରେ ଭବିଷ୍ୟତରେ ଯଦି ମୋତେ ଅବଜ୍ଞା କରି ବସେ ? ଶେଷ ଜୀବନ ଅନ୍ୟର ଦୟା ଓ ହତାଦର ଭିତରେ ବଞ୍ଚି ରହିବା ମୋ ପକ୍ଷରେ ସମ୍ଭବ ହେବ ତ" (ପୃ-୧୨୬)। ପୂର୍ଣ୍ଣିମାଙ୍କ ଯୁକ୍ତିରେ ପୁରୁଷୋତ୍ତମଦେବ, ରାଜା ହେଲେ ରାଜାଙ୍କର ଜଣେ ପ୍ରତିନିଧି ଭାବେ କାର୍ଯ୍ୟ କରିବ ଏବଂ ପିତାଙ୍କ ଅନୁମତି ବିନା ସେ କୌଣସି କାର୍ଯ୍ୟ କରିବ ନାହିଁ। ବଡ଼ପଣ୍ଡାଙ୍କ ସମ୍ମୁଖରେ ନିଜେ କପିଳେନ୍ଦ୍ରଦେବ ସ୍ୱୀକାର କରିଛନ୍ତି ଯେ, କିପରି ଶ୍ରୀମନ୍ଦିରରେ ପ୍ରଭୁଙ୍କ ଦର୍ଶନ ପାଇଁ ଗଲାବେଳେ ନିଜର କଚ୍ଛା ଖସିଯାଇଥିଲା ଏବଂ ସାଙ୍ଗରେ ଥିବା ହମ୍ୱୀରଦେବ କି ଅନ୍ୟ ପୁତ୍ରମାନେ ସମ୍ମାନ ଚାଲିଯିବା ଭୟରେ ଆଗେଇ ଆସିଲେ ନାହିଁ; କିନ୍ତୁ ପୁରୁଷୋତ୍ତମଦେବ ଟିକେ ବି ସଙ୍କୋଚ ନକରି କଚ୍ଛାକୁ ଟେକି ଧରି ଚାଲିଥିଲେ (ପୃ-୧୨୬)।

କପିଳେନ୍ଦ୍ରଦେବ, ନିଜର ସ୍ଥିତିକୁ ଦୃଢ଼ କରିବା ପାଇଁ କେଉଁ ପୁତ୍ର ତାଙ୍କର ଅନୁଗତ, କିଏ ତାଙ୍କର ବିରୁଦ୍ଧାଚରଣ କରିପାରେ ସେ ସମ୍ପର୍କରେ ତର୍ଜମା କରିଛନ୍ତି। ଶେଷରେ ପୁରୁଷୋତ୍ତମଙ୍କୁ ହିଁ ନିଜର ଉତ୍ତରାଧିକାରୀ କରିବା ନିମନ୍ତେ ସ୍ଥିର କରିଛନ୍ତି। ଏପରି ନିଷ୍ପତ୍ତିରେ ରାଜା ତାଙ୍କର ଦୁଇଟି ଅଭିସନ୍ଧି ପୂର୍ତ୍ତି କରିବାର ଅଭିଳାଷ ରଖିଥିବା ଦେଖାଯାଏ। ପ୍ରଥମତଃ: ନିଜର ସୁରକ୍ଷିତ ଭବିଷ୍ୟତ ଏବଂ ଦ୍ୱିତୀୟତଃ : ତାଙ୍କର ଆର୍ଶୀବାଦ ଥିବା ଜଣେ ଓଡ଼ିଆ ଲୋକ ରାଜା ହେବ। ଦାସୀ ପୂର୍ଣ୍ଣିମା ପୂର୍ବରୁ ଜାଣିଛନ୍ତି, ପୁରୁଷୋତ୍ତମଦେବ ରାଜା ହେଲେ ପ୍ରଜା ଅସନ୍ତୋଷ ଦେଖା ଦେବ। ତେଣୁ ବଡ଼ପଣ୍ଡାଙ୍କ ମାଧ୍ୟମରେ ଜନସାଧାରଣରେ ପ୍ରଚାର କରେଇ ଦେଇଛନ୍ତି ଯେ, ପୁରୁଷୋତ୍ତମଦେବ ରାଜା ହେବା ଶ୍ରୀଜଗନ୍ନାଥଙ୍କ ଇଚ୍ଛା। ଜଗନ୍ନାଥ, ବଡ଼ପଣ୍ଡାଙ୍କୁ ଏହା ସ୍ୱପ୍ନାଦେଶ ଦେଇଛନ୍ତି। ଫଳରେ ଧର୍ମଭୀରୁ ପ୍ରଜାମାନେ ଜଗନ୍ନାଥଙ୍କ ଆଜ୍ଞା ଜାଣିବା ପରେ କୌଣସି ପ୍ରତିବାଦ କରିବେ ନାହିଁ। ପୁନଶ୍ଚ, "ଓଡ଼ିଶାର ସିଂହାସନ କେବଳ ରାଜପୁତ୍ରମାନଙ୍କ ପାଇଁ ନୁହେଁ। ଏହାକୁ ସାଧାରଣ ଲୋକେ ମଧ୍ୟ ଅଧିକାର କରିପାରନ୍ତି। ଏହାକୁ ପ୍ରମାଣିତ କରିବା ପାଇଁ ମୋର ଏ ନୂତନ ଯୋଜନା।" ଏହା କପିଳେନ୍ଦ୍ରଦେବଙ୍କ ଅନ୍ୟ ଏକ ଅଭିଳାଷ ବୋଲି ନାଟ୍ୟକାର ଦେଖାଇଛନ୍ତି। ଶେଷରେ ତରବରିଆ ଭାବରେ ଦାସୀ ପୂର୍ଣ୍ଣିମା ଏବଂ ବଡ଼ପଣ୍ଡାଙ୍କ ସହାୟତାରେ କପିଳେନ୍ଦ୍ରଦେବ ପୁରୁଷୋତ୍ତମଦେବଙ୍କ ରାଜ୍ୟାଭିଷେକ କରିଦେଇଛନ୍ତି। ଯେଉଁ ସମୟରେ ହମ୍ୱୀରଦେବ ଥିଲେ ଦାକ୍ଷିଣାତ୍ୟର ଯୁଦ୍ଧ ଅଭିଯାନରେ।

ପରବର୍ତ୍ତୀ ସମୟରେ ଦାସୀ ପୂର୍ଣ୍ଣିମାକୁ ତାଙ୍କର ପ୍ରାପ୍ୟ ପ୍ରଦାନ କରିଥିବାରୁ ଆତ୍ମସନ୍ତୋଷ ଲାଭ କରିଛନ୍ତି ରାଜା କପିଳେନ୍ଦ୍ରଦେବ। ପୁରୁଷୋତ୍ତମଙ୍କୁ ରାଜା କରି ପୂର୍ଣ୍ଣିମାଙ୍କୁ

Digitized by srujanika@gmail.com

ରାଜମାତାର ଗୌରବ ପ୍ରଦାନ କରିଛନ୍ତି । ରାଜାଙ୍କର ଏପରି ନିଷ୍ପତ୍ତିରେ ତାଙ୍କର ଓଡ଼ିଆମାନଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ ପାଇଛି । କପିଳେନ୍ଦ୍ରଦେବ ଥିଲେ ଜଣେ ସାଧାରଣ ଓଡ଼ିଆ ଘରର ପିଲା । ସେହିଁ ବୁଝିପାରିଛନ୍ତି ବାସ୍ତବରେ ଓଡ଼ିଆ ଜାତିର ଭବିଷ୍ୟତ ପାଇଁ ରାଜା ପୁରୁଷୋତ୍ତମଦେବ ଉପଯୁକ୍ତ । କିନ୍ତୁ, ମନ ତାଙ୍କର ବିଷାଦିତ ହୋଇଯାଇଛି ହମ୍ବୀରଦେବଙ୍କ ପାଇଁ ହମ୍ବୀରଦେବଙ୍କ ନିମନ୍ତେ ହୃଦୟ ତାଙ୍କର ଉଦ୍‌ବେଳିତ ହୋଇଉଠିଛି ତାଙ୍କ ପ୍ରତି ଅନ୍ୟାୟ କରିଥିବା ଯୋଗୁଁ । ଇତିହାସର କପିଳେନ୍ଦ୍ରଦେବ ଓଡ଼ିଆ ଜାତିର ଭବିଷ୍ୟତ ନିମନ୍ତେ ଚିନ୍ତା କରି ପୁରୁଷୋତ୍ତମଦେବଙ୍କୁ ଗାଦିସୀନ କରାଇଥିବା ବେଳେ 'ବତାଶ ନିସ୍ତବ୍ଧ ଆଜି' ନାଟକର କପିଳେନ୍ଦ୍ରଦେବ ଏକ ସ୍ୱାର୍ଥପର ବ୍ୟକ୍ତିତ୍ୱ ରୂପେ ପରିଚିତ ହୋଇଛନ୍ତି । ସେ ଜାଣନ୍ତି ସେ ହମ୍ବୀରଦେବଙ୍କ ପ୍ରତି ସେ ଅନ୍ୟାୟ କରୁଛନ୍ତି; ହମ୍ବୀରଦେବ ବୀର, ପରାକ୍ରମୀ କିନ୍ତୁ ତା' ବିରୁଦ୍ଧରେ ଷଡ଼ଯନ୍ତ୍ର ରଚିଛନ୍ତି । ନିଜକୁ ନିରୂପାୟ ବୋଲି ସ୍ୱୀକାରୋକ୍ତି ଦେଇଛନ୍ତି- × × × ପିତୃଭକ୍ତିର ଏ ପୁରସ୍କାର କି ନିଷ୍ଠୁର ! ପାହାଡ଼ ଶିଖରୁ ଗଡ଼ି ଆସୁଥିବା ପଥର ଖଣ୍ଡ ପରି କି ହୃଦୟହୀନ ! କିନ୍ତୁ ମୁଁ କ'ଣ କରିବି ? ମୋର କର୍ତ୍ତୃତ୍ୱ ବୋଲି କିଛି ନାହିଁ । × × × କାଲି ହୁଏତ ଚତୁର୍ଦ୍ଦିଗରେ ରଟିଯିବ ମୋର ଅପବାଦ- ଉପପତ୍ନୀ ବଶୀଭୂତ କପିଳେନ୍ଦ୍ରଦେବ ମଧ୍ୟ ଜଣେ ସାଧାରଣ ଲୋକପରି ଲିପ୍ତ ହୋଇପାରେ ଜଘନ୍ୟ ଷଡ଼ଯନ୍ତ୍ରରେ । × × × ପୁଣି ମୋର ପରମାରାଧ୍ୟ ଇଷ୍ଟ ଦେବ, ଅଗତିର ଗତି ଶ୍ରୀଜଗନ୍ନାଥଙ୍କ ପବିତ୍ର ନାମରେ ଯେଉଁ ମିଥ୍ୟାଚାର ସୃଷ୍ଟି କରିଛି, ତା'ର କ'ଣ କ୍ଷମା ଅଛି ? ପ୍ରଭୁ ! × × × କ୍ଷମତା ଲୋଭର ପ୍ରଚଣ୍ଡ ଆଲୋଡ଼ନ ଭିତରେ ମୋର ଇହକାଳ ପରକାଳ ଯେ ନଷ୍ଟ ହୋଇଯାଇଛି । × × × ଯେ ଉତ୍କଳର ଯଥାର୍ଥ ଗୌରବ ରକ୍ଷା କରିପାରିଥାନ୍ତା, ସେ ଆଜି ନିର୍ଦ୍ଦୟ ପ୍ରତାରଣାର ଶିକାର । × × × ଯେଉଁ ପୁରୁଷୋତ୍ତମଦେବ ସିଂହାସନ ଅଧିକାର କରିବାକୁ ଯାଉଛି, ସେ ଅଯୋଗ୍ୟ ଅପଦାର୍ଥ, ଧୂର୍ତ୍ତ, ତୋଷାମଦକାରୀ । ତୋଷାମଦକାରୀର ବିଜୟରେ ଆରମ୍ଭ ହେବ ଉତ୍କଳ ଇତିହାସର ଏକ କଳଙ୍କିତ ଅଧ୍ୟାୟର" (ପୃ-୧୩୧-୧୩୨) । ଉକ୍ତିରେ କପିଳେନ୍ଦ୍ରଦେବଙ୍କ ସ୍ୱାର୍ଥପରତା ସହିତ ଆତ୍ମଗ୍ଳାନି ଓ ଉପର୍ଯ୍ୟୁକ୍ତ ଅସହାୟତା ବେଶ୍ ସ୍ପଷ୍ଟ ବାରି ହୋଇପଡ଼େ । ଶେଷରେ ତେଣୁ ସେ ଶାନ୍ତି କାମନା କରିଛନ୍ତି । ଯୁଦ୍ଧର ଘନଘଟା ଏବଂ ରାଜ୍ୟ ବିସ୍ତାରର ମୋହକୁ ପ୍ରଶମିତ କରି ଚାହିଁଛନ୍ତି; ଶାନ୍ତି ଓ ଅଗଣିତ ନରହତ୍ୟା ଜନିତ ପାପର ପ୍ରାୟଶ୍ଚିତ କପିଳେନ୍ଦ୍ରଦେବଙ୍କର ଏହି ମନୋଦଶା ଓ ମନସ୍ତତ୍ତ୍ୱ ନେଇ କିନ୍ତୁ ଇତିହାସ ନୀରବ । କିନ୍ତୁ ନୀରବ ନୁହେଁ ଇତିହାସର ପୁନର୍ମୂଲ୍ୟାୟନ୍ କରୁଥିବା ସମାଲୋଚକୀୟ ନାଟ୍ୟକାରଙ୍କର ଦୃଷ୍ଟିଭଙ୍ଗୀ । ଏହି ଦୃଷ୍ଟିଭଙ୍ଗୀ ହିଁ ନବ୍ୟ-ଇତିହାସବାଦର ମୌଳିକ ସ୍ୱର ।

କିନ୍ତୁ ଠାକୁର ରାଜା କପିଳେନ୍ଦ୍ରଦେବଙ୍କର ଶାନ୍ତି ଦୀର୍ଘକାଳ ସ୍ଥାୟୀ ହୋଇ ରହିପାରିନାହିଁ । ହମ୍ବୀରଦେବ ପୁରୁଷୋତ୍ତମଦେବଙ୍କ ସିଂହାସନରେ ଅଭିଷିକ୍ତ ହେବାର

Digitized by srujanika@gmail.com

ସମ୍ବାଦ ପାଇ ନିଜର ଅନ୍ୟ ଭାଇମାନଙ୍କ ସହିତ ପହଞ୍ଚିଛନ୍ତି ପୁରୀରେ। ପୁରୁଷୋତ୍ତମଦେବ ଅତ୍ୟନ୍ତ ଭୟଭୀତ ହୋଇ କପିଳେନ୍ଦ୍ରଦେବଙ୍କ ଶରଣ ପଶିଛନ୍ତି। ପିତାଙ୍କ ନିକଟରେ ନିଜର ଦୁର୍ବଳତା ପ୍ରକାଶ କରିଛନ୍ତି। ଯୁଦ୍ଧ ନିମନ୍ତେ ନିଜର ଅକ୍ଷମତା ଏବଂ ହମ୍ବୀରଦେବଙ୍କ ପ୍ରତି ତାଙ୍କର ପ୍ରବଳ ଭୟକୁ ପ୍ରକଟ କରିଛନ୍ତି। କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବଙ୍କୁ ସାନ୍ତ୍ୱନା ଓ ଅଭୟ ପ୍ରଦାନ କରିଛନ୍ତି। ପୁରୁଷୋତ୍ତମଦେବଙ୍କୁ ନିଜର ଅସ୍ତିତ୍ୱ ସମ୍ପର୍କରେ ସଚେତନ କରେଇଛନ୍ତି। ହମ୍ବୀରଦେବଙ୍କ କ୍ରୋଧକୁ ସମ୍ମୁଖୀନ ହେବାକୁ ପିତା ଓ ପୁତ୍ର ଦୁହେଁ ପ୍ରସ୍ତୁତ ହୋଇଛନ୍ତି। ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ପୁରୁଷୋତ୍ତମ ଦେବ ଗାଦିସୀନ ହୋଇଥିବା ବାର୍ତ୍ତା ପ୍ରଜା ମହଲରେ ପ୍ରଚାରିତ କରିଛନ୍ତି। ନିଜର ସୁରକ୍ଷା ପାଇଁ ପୁରୁଷୋତ୍ତମ ଦେବ ଶ୍ରୀନବରର ସିଂହଦ୍ୱାର ବନ୍ଦ କରି ଭିତରେ ଆତ୍ମଗୋପନ କରିଛନ୍ତି। ହମ୍ବୀର ଦେବ ଅତ୍ୟନ୍ତ କ୍ରୋଧରେ ଫାଟିପଡ଼ି ପୁରୁଷୋତ୍ତମଙ୍କୁ ଆହ୍ୱାନ ଦେଇଛନ୍ତି ସିଂହଦ୍ୱାର ଫିଟାଇବା ନିମନ୍ତେ। କିନ୍ତୁ ସିଂହଦ୍ୱାର ଫିଟିନାହିଁ। ହମ୍ବୀରଦେବ କ୍ରୋଧାନ୍ୱିତ ହୋଇ ସର୍ତ୍ତ ରଖିଛନ୍ତି, ଯଦି ପୁରିଆର ରାଜା ହୋଇବାକୁ ମନ, ତେବେ ସେ ତାଙ୍କର ସାବେଳୀ ମୁଠାରୁ ନିଜକୁ ରକ୍ଷା କରନ୍ତୁ; ଏବଂ ଇତିହାସର ଚରମ ଦୁର୍ଦ୍ଦଶା ଯେ ନିଜ ସର୍ତ୍ତରେ ହମ୍ବୀରଦେବ ନିଜେ ହାରି ଯାଇଛନ୍ତି। କାରଣ ପୁରୁଷୋତ୍ତମଦେବ ତାଙ୍କର ସାବେଳୀ ମୁଠାକୁ ସମ୍ଭାଳି ନେଇଛନ୍ତି। ଶେଷରେ ହମ୍ବୀରଦେବ ନିଜର ପରାଜୟ ସ୍ୱୀକାର ଇତିହାସର ଅଜ୍ଞାତ ଅଦୃଶ୍ୟ ବଳୟରେ ହୁଏତ ଅପସରି ବିସ୍ମୃତ ହୋଇଯାଇଛନ୍ତି।

ପୁନଶ୍ଚ ଉପର୍ଯ୍ୟୁକ୍ତ କଥାକୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି: କିଭଳି ଇତିହାସ ଅଣଦେଖା କରିଦିଏ ପରାଜିତର ଭାଗ୍ୟକୁ। ତାହା ଘଟିବାର ଯାହା କାରଣ ଥାଉନା କାହିଁକି। ଏପରିକି ଇତିହାସ ସବୁବେଳେ ଥାଏ ବିଜିତର ପକ୍ଷରେ। କିନ୍ତୁ ନବ୍ୟ ଇତିହାସବାଦ ଅନ୍ୱେଷଣ କରେ ପଶ୍ଚାତ୍‌ର ସତ୍ୟଶୀଳ ଇତିହାସକୁ।

ନାଟକର ଶେଷ ଦୃଶ୍ୟରେ ହମ୍ବୀରଦେବ ନିଜ ଅନ୍ୟ ଭାଇମାନଙ୍କ ସହ ପୁରୀ ଛାଡ଼ି ଚାଲିଯାଉଛନ୍ତି। ତାଙ୍କୁ ବିଦାୟ ଜଣାଇବା ପାଇଁ ମହାମନ୍ତ୍ରୀ ପୁରୀର ସୀମାନ୍ତକୁ ଆସିଛନ୍ତି। ମହାମନ୍ତ୍ରୀ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି ନିଜର ଅପାରଗତା ପାଇଁ। ଯେଉଁ ହମ୍ବୀରଦେବଙ୍କର ଶୌର୍ଯ୍ୟ, ବୀର୍ଯ୍ୟ ଓ ପରାକ୍ରମ ପାଇଁ ଦିନେ ଶତମୁଖ ହୋଇ ଉଠିଥିଲେ; ଆଜି ସେ ବାକ୍‌ଶୂନ୍ୟ ହୋଇଯାଇଛନ୍ତି। ହମ୍ବୀରଦେବଙ୍କୁ ନେଇ ସେ ଦେଖିଥିବା ସମସ୍ତ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ହମ୍ବୀର ଦେବଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ଦେଖିବା ପୂର୍ବରୁ ସେ ଅନ୍ଧ, ମୂକ, ବଧିର ହୋଇଯିବା ଶ୍ରେୟ ମଣିଛନ୍ତି। ମଧ୍ୟାହ୍ନର ପ୍ରଚଣ୍ଡ ସୂର୍ଯ୍ୟ ହଠାତ୍ ଏପରି ରାହୁ ଗ୍ରସ୍ତ ହୋଇଯିବ। ମହାମନ୍ତ୍ରୀଙ୍କୁ ସେତେକ ଅବାକ୍ କରିଦେଇଛି।

ହମ୍ବୀରଦେବ ଏବଂ ମହାମନ୍ତ୍ରୀ ନିଜର ଦୁର୍ଭାଗ୍ୟ ଏବଂ ଷଡ଼ଯନ୍ତ୍ର ଉଭୟକୁ ନେଇ ତର୍ଜମା କରିଛନ୍ତି। ମହାରାଜା କପିଳେନ୍ଦ୍ରଦେବଙ୍କ ମନରେ ହମ୍ବୀରଦେବଙ୍କ ପ୍ରତି ପ୍ରଚଣ୍ଡ

Digitized by srujanika@gmail.com

ଶ୍ରଦ୍ଧା ଏବଂ ପ୍ରଚଣ୍ଡ ଈର୍ଷା ଯେ ଏପରି ମର୍ମନ୍ତୁଦ ହୋଇଉଠିବ ତାହା ଦୁହିଁଙ୍କୁ ବିବ୍ରତ କରିଛି। ଏକପକ୍ଷେ ରାଜରୋଷ ଏବଂ ଅନ୍ୟ ପକ୍ଷେ ହୁଏତ ଦୈବୀରୋଷ ଉଭୟଟି ଯୋଗୁଁ ହମ୍ୱୀରଦେବ ପରାଜୟ ବରଣ କରିଥିବା ନିଜେ ସ୍ୱୀକାର କରିଛନ୍ତି। ନଚେତ୍ ସର୍ବଦା ଯୁଦ୍ଧରୁ ଦୂରେଇ ରହୁଥିବା ପୁରୁଷୋତ୍ତମଦେବ କ'ଣ ତାଙ୍କର ସାବେଳୀ ମୁଠାକୁ ସହ୍ୟ କରିପାରିଥା'ନ୍ତେ ! ନାଟ୍ୟକାରଙ୍କ ଉକ୍ତିରେ: "ସିଂହଦ୍ୱାର କବାଟ ବନ୍ଦ କରି ଭୟରେ ଲୁଚି ରହିଥିଲା ସେ। ଶେଷରେ ଜଳାକବାଟି ଦେଇ ଚାହୁଁଥିବାର ଦେଖି ସାବେଳୀ ମାରିଲି। ଭାବୁଥିଲି, ପୁରୁଷୋତ୍ତମ ଏଇଥର ଶେଷ ହୋଇଗଲା; କିନ୍ତୁ ତା'ର ଭାଗ୍ୟ ବଡ଼ ଉଜ୍ଜ୍ୱଳ। ହୁଏତ ଜଗନ୍ନାଥ ତାକୁ ରକ୍ଷା କଲେ। ଜଗନ୍ନାଥଙ୍କର ବୋଧହୁଏ ଇଚ୍ଛା, ପୁରୁଷୋତ୍ତମର ସିଂହାସନ ପ୍ରାପ୍ତି। ସେତିକି ବେଳେ ମୁଁ ମୋର ପରାଜୟ ସ୍ୱୀକାର କରିଗଲି" (ପୃ-୧୪୧)। ହମ୍ୱୀରଦେବ ନିଜ ଭାଗ୍ୟକୁ ଯେତେ ଦୋଷ ଦେଇଛନ୍ତି, ସେତିକି ତାଙ୍କ ପଶ୍ଚାତ୍‌ରେ ହୋଇଥିବା ଷଡ଼ଯନ୍ତ୍ରକୁ ମଧ୍ୟ ଅନୁଭବ କରିଛନ୍ତି। କିନ୍ତୁ ସେ ଆଉ ନିଜ ବୃଦ୍ଧପିତାଙ୍କର ବିରୁଦ୍ଧାଚରଣ କରି ତାଙ୍କର ଶାନ୍ତିଭଙ୍ଗ କରିବା ପାଇଁ ଚାହିଁ ନାହାଁନ୍ତି। ନିଜ ପିତାଙ୍କର ଅନ୍ୟାୟ ବିଚାର ପ୍ରତି ତଥା ପିତାଙ୍କର ଅତ୍ୟନ୍ତ କ୍ଷମତା ଲାଳସା ପ୍ରତି ତାଙ୍କ ମନରେ ଘୃଣା ସହ କ୍ଷୋଭ ଭରି ଯାଇଛି। ହେଲେ ଏହାତ ଇତିହାସରେ ପ୍ରଥମ ଘଟଣା ନୁହେଁ। ଯୁଗେ ଯୁଗେ କ୍ଷମତା ପାଇଁ, ଅର୍ଥପାଇଁ ଏପରି ଅନେକ ଅନ୍ୟାୟ, ଅତ୍ୟାଚାର, ଷଡ଼ଯନ୍ତ୍ର ସଂଘଟିତ ହୋଇଛି। ସମୟ ଆସିବ ପୁଣି ଦୁର୍ବଳ ମାନେ ସବଳର ସମକକ୍ଷ ହେବାକୁ ନିଜକୁ ପ୍ରସ୍ତୁତ କରିବେ ନିଜର ଅଧିକାର ପାଇଁ ବିଦ୍ରୋହ କରିବେ। ଏହିପରି ଏକ ସମ୍ଭାବନାମୟ ଆଶା ହମ୍ୱୀରଦେବଙ୍କ ମନରେ ପ୍ରଜ୍ୱଳିତ ହୋଇଉଠିଛି। ସାରା ଜୀବନ ସାମ୍ରାଜ୍ୟର ସୀମା ବୃଦ୍ଧି ନିମନ୍ତେ ସେ ଯେଉଁ ନିରୀହ ଅଗଣିତ ମଣିଷଙ୍କୁ ହତ୍ୟା କରିଚନ୍ତି; ବୋଧହୁଏ ଆଜି ସେହିମାନଙ୍କର ଆତ୍ମୀୟଙ୍କ ଲୁହ ଆଉ ନିଃଶ୍ୱାସରେ ସେ ଅଭିଶପ୍ତ ହୋଇଛନ୍ତି। ବୋଧହୁଏ ଏହା ହିଁ ଜଗନ୍ନାଥଙ୍କର ତାଙ୍କ ପ୍ରତି ଶାସ୍ତି ବିଧାନ !

"ମୁଁ ପ୍ରତାରିତ ହୋଇନାହିଁ, ପ୍ରତାରିତ ହୋଇଛି ଇତିହାସ। ଲୋକେ ଦିନେ ନା ଦିନେ ଇତିହାସର ଛିନ୍ନପୃଷ୍ଠା ଭିତରୁ ମୋତେ ଖୋଜି ବାହାର କରିବେ" (ପୃ-୧୪୬)। "ଯେଉଁ ପୁରୁଷୋତ୍ତମ ସିଂହାସନ ଅଧିକାର କରିବାକୁ ଯାଉଛି, ସେ ଅଯୋଗ୍ୟ, ଅପଦାର୍ଥ, ଧୂର୍ତ୍ତ, ତୋଷାମଦକାରୀ। ତୋଷାମଦକାରୀର ବିଜୟରେ ଆରମ୍ଭ ହେବ ଉତ୍କଳ ଇତିହାସର ଏକ କଳଙ୍କିତ ଅଧ୍ୟାୟ" (ପୃ-୧୩୨)। "ନା, ମୁଁ ନୁହେଁ। ପ୍ରକୃତ ସୁଯୋଗ୍ୟ ଉତ୍ତରାଧିକାରୀ ହେଉଛନ୍ତି ପ୍ରବଳ ପ୍ରତାପୀ ହମ୍ୱୀରଦେବ। ଜ୍ୟେଷ୍ଠପୁତ୍ର ଭାବରେ ସିଂହାସନ ପାଇଁ ତାଙ୍କର ନାଯ୍ୟ ଦାବିକୁ ଅସ୍ୱୀକାର କରାଯାଇ ନ ପାରେ। ପୁଣି ବଳବୀର୍ଯ୍ୟ, ପରାକ୍ରମ, ସବୁ ଦୃଷ୍ଟିରୁ ସେ ଶୀର୍ଷ ସ୍ଥାନରେ" (ପୃ-୧୧୨)।

Digitized by srujanika@gmail.com

ଉପର୍ଯ୍ୟୁକ୍ତ ତିନିଟି ଅଭିବ୍ୟକ୍ତି ହେଉଛି କ୍ରମାନ୍ୱୟରେ ହମ୍ମୀର, କପିଳେନ୍ଦ୍ର ଓ ପୁରୁଷୋତ୍ତମଙ୍କର- ଯେଉଁଠି ତିନିଜଣଙ୍କର ବ୍ୟକ୍ତିତ୍ୱକୁ ଅବଶ୍ୟ ପରଖା ଯାଇପାରେ ନବ-ଇତିହାସର ପ୍ରେକ୍ଷାପଟରେ। ଇତିହାସର ଦୃଷ୍ଟି ଉହାଡ଼ରେ ବ୍ୟକ୍ତି-ମାନସିକତାର ଅସଲ ସ୍ୱରୂପକୁ ଉପଲବ୍ଧି କରାଯାଇପାରେ ଉପରେ ଉଲ୍ଲେଖ କରାଯାଇଥିବା ଅନ୍ତସଂଳାପଗୁଡ଼ିକରେ। ଯେଉଁଠି ବ୍ୟକ୍ତିର ଆତ୍ମସଂଘର୍ଷ ଘଟିଛି ତା'ର ବିବେକବୋଧ ସହିତ। ଯେଉଁଥିରୁ ମୁକ୍ତ ନୁହେଁ ବର୍ତ୍ତମାନର ପୁନର୍ମୂଲ୍ୟାୟନରେ ଅଭିସନ୍ଧି। ନାଟ୍ୟକାରଙ୍କର ନାଟ୍ୟଦୃଷ୍ଟି, ଯେଉଁ ଅନୁଷଙ୍ଗରେ ସୃଷ୍ଟି କରିଚି 'ବତାସ ନିସ୍ତବ୍ଧ ଆଜି' ନାଟକ; ସେଇ ଅନୁଷଙ୍ଗରେ ହିଁ ଆଲୋଚିତ ହୋଇଥାଏ ଉତ୍ତର ଆଧୁନିକ ନାଟ୍ୟ କ୍ଷେତ୍ରରେ ଇତିହାସର ନବ ମୂଲ୍ୟାୟନ ପ୍ରସଙ୍ଗ। 'ନବ ଇତିହାସ ବାଦ' (ନିଉ ହିଷ୍ଟୋରିସିଜମ) ଅନେକତ୍ର ଇତିହାସରେ କଳଙ୍କିତ ବ୍ୟକ୍ତିତ୍ୱକୁ ପ୍ରଦାନ କରିଛି ନିଷ୍କଳଙ୍କତ୍ୱ ତ କେତେବେଳେ ନିଷ୍କଳଙ୍କ ବ୍ୟକ୍ତିତ୍ୱ ଉପରେ ଲେପି ଦେଇଛି କଳଙ୍କର କାଳିମା ! ସେହିଭଳି ଇତିହାସର ସ୍ଥୂଳ ସତ୍ୟ ଓ ଘଟଣାକୁ ଅନୁଶୀଳନ କରିଛି ନବ୍ୟ ମନସ୍ତତ୍ତ୍ୱର ଆଧାରରେ। ନାଟ୍ୟକାରେ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'ବତାସ ନିସ୍ତବ୍ଧ ଆଜି' (୧୯୮୩) ନାଟକକୁ ନବ୍ୟ-ଇତିହାସବାଦ ପରିପ୍ରେକ୍ଷୀରେ ଅନୁଶୀଳନ କରିବା ହିଁ ଏ ଆଲେଖ୍ୟର ପ୍ରମୁଖ ଉଦ୍ଦେଶ୍ୟ।

ଅଧ୍ୟାପିକ ଓଡ଼ିଆ ବିଭାଗ,
ନବରଙ୍ଗପୁର ମହାବିଦ୍ୟାଳୟ, ନବରଙ୍ଗପୁର

Digitized by srujanika@gmail.com

ଚେତନା-ଚଉହଦିର ମୁଗ୍ଧ ସହଯାତ୍ରୀ : ନାଟ୍ୟକାର ନୀଳାଦ୍ରିଭୂଷଣ

ଡ. ଲକ୍ଷ୍ମୀପ୍ରିୟା ବେହେରା

ସ୍ରଷ୍ଟା ସିଏ ଦ୍ୱିତୀୟ ଈଶ୍ୱର। ଯିଏ ଅନ୍ତରର ଅନ୍ତିମ ସ୍ନେହ, ମମତା ଦେଇ ସୃଷ୍ଟିକୁ ସୁନ୍ଦର କରି ଗଢ଼େ। ନିପୁଣ କୁଶଳୀ ହାତରେ ରୂପଦିଏ ମାନସକନ୍ୟାକୁ। ସୂକ୍ଷ୍ମ ଚିନ୍ତନ ଓ ଗଭୀର ଅନ୍ତର୍ଦୃଷ୍ଟି ଦେଇ ତାହାକୁ ଋଦ୍ଧିମନ୍ତ କରେ- ସମୃଦ୍ଧ କରେ ଓ ସୃଷ୍ଟି ହୁଏ ପୁରାତନର ଏକ ସଦ୍ୟ ବ୍ୟତିକ୍ରମ। ହୃଦୟଗ୍ରାହୀ ରସିକ, ଭାବୁକ, ସାହିତ୍ୟିକର ହୃଦୟରେ ସେ ନୂତନ ସୃଷ୍ଟି ଏକ ବିଶେଷ ସ୍ଥାନ ଅଧିକାର କରେ। ମୁଗ୍ଧ ହୁଏ ଦର୍ଶକ, ଭାବଗ୍ରାହୀ ଭାବୁକ, ରସଗ୍ରାହୀ ସାହିତ୍ୟିକ। ମୁଗ୍ଧ ହୃଦୟର ଜିଜ୍ଞାସା ତୁହାକୁ ତୁହାକୁ ପ୍ରଶ୍ନ କରେ- କିଏ ସେହି ସ୍ରଷ୍ଟା ? କ'ଣ ତା'ର ପରିଚୟ ? ସୃଷ୍ଟିର ଅନ୍ତରାଳରେ କିଏ ସେହି ମହାନ୍ ବ୍ୟକ୍ତି, ଯାହାର ଜୀବନ୍ତ ସୃଷ୍ଟି କଥା କହେ- କହେ ତା'ର ସ୍ରଷ୍ଟାର କଥା। ସୃଷ୍ଟି ହିଁ ପରିଚୟ ଲୋଡ଼େ ସ୍ରଷ୍ଟାର ଓ ସର୍ବ ସମକ୍ଷରେ ତାହାକୁ ଉନ୍ମୋଚନ କରେ। ସ୍ରଷ୍ଟାକୁ ଦେଖିଲେ କେହି କଳ୍ପନା କରିପାରେ ନାହିଁ ତା'ର ମହାନ ସୃଷ୍ଟି ବିଷୟରେ, ମାତ୍ର ନିଖୁଣ ସୃଷ୍ଟିରେ ଯେତେବେଳେ ଅପୂର୍ବ ଜୀବନ ସଞ୍ଚରିଯାଏ, ସେତେବେଳେ ପ୍ରତ୍ୟେକ ଅନୁସନ୍ଧାନ କରନ୍ତି ସେଇ ସ୍ରଷ୍ଟାକୁ- କଳାକାରକୁ- ସାହିତ୍ୟକ ସହଯାତ୍ରୀକୁ। କାଳ ଓ କଳାର ଜୀବନ୍ତ ସହଯାତ୍ରୀ ସାଜିଥିବା ସ୍ରଷ୍ଟା ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ସୃଷ୍ଟି ଉପରେ ଦୃଷ୍ଟିପାତ କଲେ ଜଣାଯାଏ, ବ୍ୟକ୍ତିସତ୍ତାଠାରୁ ଖୁବ୍ ଊର୍ଦ୍ଧ୍ୱରେ ଥିବା ତାଙ୍କ ସାରସ୍ୱତ ସତ୍ତାଟି ଅହରହ ସାହିତ୍ୟ-ନଦୀରେ ସନ୍ତରଣ କରିକରି ଚେତନାର ପ୍ରତିଟି କୂଳ ସ୍ପର୍ଶକରି ନୂତନ ଉନ୍ମାଦନା ଓ ଆବେଗରେ ପାଠକକୁ ମନ୍ତ୍ରମୁଗ୍ଧ କରିଛନ୍ତି।

ନୀଳାଦ୍ରିଭୂଷଣଙ୍କ ବହୁମୁଖୀ ପ୍ରତିଭାର ଆକଳନ ସୀମିତ ପରିସର ମଧ୍ୟରେ ସମ୍ଭବ ନୁହେଁ। ତେଣୁ ଏହି ବିପୁଳ ପ୍ରତିଭାଧାରୀଙ୍କ ନାଟ୍ୟ-ଜୀବନରୁ କିୟତ୍‌ମାତ୍ର ଆଲୋଚନା ପ୍ରସଙ୍ଗକୁ ଆଣିଲାବେଳେ ସମସାମୟିକ ନାଟ୍ୟପରମ୍ପରା, ଓଡ଼ିଶାର ବିବିଧ ପାରିବେଶିକ ସ୍ଥିତି, ଲୋକଜୀବନର ଓ ସମାଜର ଚାହିଦା ତଥା ନାଟକୀୟ ପରିସର ସଂପର୍କରେ ରେଖାପାତ ଅନିବାର୍ଯ୍ୟବୋଧ ହୁଏ। ଏହି ପରିପ୍ରେକ୍ଷୀରେ ନାଟକର ବିକାଶଧାରାରେ ଚେତନାର ବିବର୍ତ୍ତିତ ଭାବବୋଧର ବର୍ଣ୍ଣନା ସହ ନାଟ୍ୟକାରଙ୍କ ନାଟ୍ୟଜଗତର ଆକଳନ ପର୍ଯ୍ୟାୟକ୍ରମେ ଉପସ୍ଥାପିତ ହେବା ଯଥାର୍ଥ ମନେହୁଏ।

Digitized by srujanika@gmail.com

ସାହିତ୍ୟ-ଅରଣ୍ୟରେ ଏକ ବିଶିଷ୍ଟ ଇଲାକା ହେଉଛି ନାଟକ। ଆଳଙ୍କାରିକ ବାମନାଚାର୍ଯ୍ୟଙ୍କ ମତରେ- "ସନ୍ଦର୍ଭେଷୁ ଦଶରୂପଙ୍କ ଶ୍ରେୟଃ, ତଦ୍ଧିଚିତ୍ରଂ ବିଶେଷ ସାକଲ୍ୟାତ୍" । ଶ୍ରେଷ୍ଠ କଳା ନାଟକ କଥାବସ୍ତୁ ସଂଯୋଜନାରେ ଚିତ୍ରପଟ ତୁଲ୍ୟ ବିଚିତ୍ର ଓ ମନୋଜ୍ଞ ହୋଇଉଠେ। ନାଟକ ସଂପର୍କରେ Elizabeth Drewଙ୍କ ମତ ହେଲା- "Drama is the creation and representation of life in terms of theatre." ନାଟକ ହେଉଛି ଜୀବନର ଯଥାସମ୍ଭବ ଅନୁକୃତି। ତେବେ ନାଟକର ପ୍ରଧାନ ଉଦ୍ଦେଶ୍ୟ ମନୋରଞ୍ଜନ। ନାଟକରେ ସମାଜ ଜୀବନର ପ୍ରତିଫଳନ ଘଟେ। ସମାଜ ଓ ଜୀବନକୁ ଛାଡ଼ି ନାଟକର ବର୍ଣ୍ଣନା ସମ୍ଭବ ନୁହେଁ। ସମାଜର ଆଶା, ଆକାଙ୍‌କ୍ଷା, ବିଶ୍ୱାସ ନାଟକରେ ରୂପାୟିତ ହୋଇଥାଏ। ନାଟକର ସମାଜ-ସଂପୃକ୍ତିକୁ ଦୃଷ୍ଟିରେ ରଖି ବଙ୍ଗୀୟ ଗବେଷକ ଆଶୁତୋଷ ଭଟ୍ଟାଚାର୍ଯ୍ୟ ମତ ଦିଅନ୍ତି – "ନାଟକ ଯଦି ଜାତିର ଜୀବନେରଇ ପ୍ରତିରୂପ ହଇୟା ଥାକେ, ତେବେ ସେହି ଜୀବନ ସେହି ଜାତିରଇ ନିଜସ୍ୱ ବୈଶିଷ୍ଟ୍ୟ ଅତିକ୍ରମ କରିୟା ଯାଇତେ ପାରେନା। ସାମାଜିକ ଜୀବନ କତକ ଗୁଲି ପାରିପାର୍ଶ୍ୱିକ ଅବସ୍ଥାର ଅଧୀନ – ବିଶେଷ ଦେଶ ଓ ବିଦେଶ କାଳ ସେଇ ପାରିପାର୍ଶ୍ୱିକ ଅବସ୍ଥାତକ ଗଠନ କରିୟା ଥାକେ। ତେବେ ଏକଥା ସତ୍ୟ ଯେ ଏଇ ବିଶେଷ ଦେଶ ଓ ବିଶେଷ କାଳେର ମଧ୍ୟେ ଏକଟି ଚିରନ୍ତନ ମାନୁଷ ଆଛେ। କିନ୍ତୁ ପାରିପାର୍ଶ୍ୱିକ ଅବସ୍ଥାକେ ଉପେକ୍ଷା କରିୟା ସେଇ ଚିରନ୍ତନ ମାନୁଷଟିର ସନ୍ଧାନ 'ନାଟକର ଲକ୍ଷ୍ୟ ନୁହେଁ – ପାରିପାର୍ଶ୍ୱିକ ଘଟନାର ଘାତ ପ୍ରତିଘାତର ଭିତର ଜିୟା ତାହାର ପରିଚୟଟି ଆପନା ହଇତେ ପ୍ରକାଶ ପାଇବେ। ନାଟ୍ୟକାରେର ଲକ୍ଷ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଉପର, ଚିରନ୍ତନ ମାନବାତ୍ମାର ଉପର ନହେଁ, ନାଟ୍ୟକାରେର ଦୃଷ୍ଟିର ସଙ୍ଗେ ଦାର୍ଶନିକେର ଦୃଷ୍ଟିର ଏଇଖାନେର ପାର୍ଥକ୍ୟ। ତେବେ ପାରିପାର୍ଶ୍ୱିକ ଅବସ୍ଥାର ଯଥାର୍ଥ ବର୍ଣ୍ଣନାର ଭିତର ଜିୟା ନାଟକୀୟ ଚରିତ୍ରେର ଆଚରଣକେତ ନିଖୁଁତ କରିୟା ତୁଲିତେ ପାରିଲେଇ ଚିରନ୍ତନ ମାନବାତ୍ମାଟି ତାହାର ଭିତର ହଇତେ ଆପନି ପ୍ରକାଶ ପାଇୟା ଥାକେ।"

ସାମାଜିକ ଜୀବନର ଅଙ୍ଗୀକାର ଭାବେ ନାଟକର ପୃଷ୍ଠଭୂମି ଯୋଗାଡ଼ କରିଛି ତା'ର ପେଟଭରି ଖୋରାକ। ସମୟ ଓ ସମାଜର ତାଳେ ତାହଲ ନାଟକର ଭୂମି ଉର୍ଦ୍ଧ୍ୱମୁଖୀ ହୋଇଛି। ଭାରତୀୟ ପରିବାର, ଶିକ୍ଷା, ଦୀକ୍ଷା, ସଭ୍ୟତା, ସଂସ୍କୃତି, ଧର୍ମ, ଦର୍ଶନ, ରାଜନୀତି, ସମାଜନୀତି ପ୍ରଭୃତି ବିଷୟ ନାଟକର ଅଙ୍ଗମଣ୍ଡନ କରିଛି। ନଗର ଏବଂ ପଲ୍ଲୀ ସଂସ୍କୃତିରେ ଆଦର୍ଶଗତ ଦ୍ୱନ୍ଦ୍ୱ ସମାଜ ଜୀବନରେ ବହୁ ଜଟିଳତା ନାଟକ ସୃଷ୍ଟିରେ ମୁଖ୍ୟ ଉପାଦାନ ବେଳେ ବେଳେ ହୋଇଥାଏ। ସ୍ୱାଧୀନତା ପରେ ଏ ଦେଶର ଶିଳ୍ପ ବାଣିଜ୍ୟ ନଗର କୈନ୍ଦ୍ରିକ ହୋଇ ଉଠିବାରୁ ଏବଂ ସମଗ୍ର ପଲ୍ଲୀ ନଗରାଭିମୁଖୀ ହୋଇପଡ଼ିବାରୁ ଦେଶର ସମାଜ-ଜୀବନ ଅଧିକ ସମସ୍ୟା ସଙ୍କୁଳ ହୋଇ ଉଠିଛି। ଫଳରେ ଦେଶର ସାମାଜିକ ଓ

Digitized by srujanika@gmail.com

ଅର୍ଥନୈତିକ ଜୀବନର ମାନଦଣ୍ଡରେ ମଧ୍ୟ ଲକ୍ଷ୍ୟଣୀୟ ପରିବର୍ତ୍ତନର ସୂଚନା ଦେଖାଦେଇଛି । ସହର-କୈନ୍ଦ୍ରିକ ଅର୍ଥନୀତି ଗ୍ରାମୀଣ ଅର୍ଥନୈତିକ ଭିତ୍ତିକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଛଇ କହିଲେ ଅତ୍ୟୁକ୍ତ ହେବନାହିଁ । ପରିଣାମ ସ୍ୱରୂପ ବୈଜ୍ଞାନିକ ଚିନ୍ତା ଓ ବ୍ୟକ୍ତି-ସ୍ୱାତନ୍ତ୍ୟବୋଧର ବାଣୀ ସନାତନ ଦେଶାଚାର ଏବଂ କୁସଂସ୍କାରକୁ ପର୍ଯ୍ୟୁଦସ୍ତ କରିବାକୁ ଲାଗିଛି । ବ୍ୟକ୍ତି-ସ୍ୱାତନ୍ତ୍ୟ, ଶାସ୍ତ୍ର ଓ କୁସଂସାରର ନିଗଡ଼ ମଧ୍ୟରୁ ମାନବ ମନର ମୁକ୍ତି, ବ୍ୟକ୍ତିର ମୁକ୍ତି ଅପେକ୍ଷା ସମଷ୍ଟିର କଲ୍ୟାଣକୁ ଉଚ୍ଚସ୍ଥାନ ଦେବା-ପ୍ରଭୃତି ଏହି ସମୟ ଆଦର୍ଶ ହୋଇପଡ଼ିଛି । ନଗର-ଜୀବନର ଅର୍ଥନୀତି ପୂର୍ବଅପେକ୍ଷା ଅଧିକ ଦୃଢ଼ ହୋଇଉଠିବାରୁ ବିଳାସବୃତ୍ତି ସମାଜ-ଜୀବନକୁ ଶିଥିଳ କରିଦେବାରେ ଲାଗିଛି । ମଦ୍ୟପାନ, ଜୈବ ଆକର୍ଷଣ ଉପଭୋଗ ଜନିତ ବ୍ୟଭିଚାର ଏବଂ ନୈତିକ ଶିଥିଳତା ଏହି ସମୟର ସମାଜ-ଜୀବନର ପ୍ରଧାନ ସମସ୍ୟା ସାଜିଛି । ଏହାର ପ୍ରଭାବରେ ପଲ୍ଲୀର ନିସ୍ତରଙ୍ଗ ଶାନ୍ତ ଜୀବନର ମଧ୍ୟ କ୍ଷୁବ୍ଧ ହେବାରେ ଲାଗିଛି । ତେବେ ଚେତନାଧର୍ମୀ ନାଟକ ଗୁଡ଼ିକର ଆତ୍ମାମଣ୍ଡନ କରିଥିବା ଏହିସବୁ ପରିବେଶ ଆଧୁନିକତା ନାମରେ ନାଟକ ଗୁଡ଼ିକୁ ଅଧିକ ଶାଣିତ ଓ ଗମ୍ଭୀର କରିପକାଇଛି । ବର୍ଣ୍ଣାଡ଼ସ ଏକଦା କହିଥିଲେ – "ସମସ୍ୟାମୂଳକ ନାଟକରେ ହିଁ ନାଟକୀୟତ୍ୱର ଖାଣ୍ଟି ରୂପଟି ବ୍ୟକ୍ତ ହୁଏ, କାରଣ ନାଟକରେ କେବଳ ପ୍ରକୃତିର ଚିତ୍ର ଦେଖାଇଦିଆଯାଏ ନାହିଁ । ବରଂ ନାଟକ ହେଉଛି ଗଳ୍ପାକାରରେ ପରିବେଶ ସହିତ ମଣିଷର ଇଚ୍ଛାଶକ୍ତିର ସଂଗ୍ରାମର ଜୀବନ୍ତ ରୂପ; ଗୋଟିଏ କଥାରେ ଏଥିରେ ବାସ୍ତବ ଜୀବନର ସମସ୍ୟା ହିଁ ଉପସ୍ଥାପିତ ହୋଇଥାଏ ।" ଏହି ସମୟର ନାଟକରେ ହତାଶା, ନୈରାଶ୍ୟ, ବ୍ୟକ୍ତିକୈନ୍ଦ୍ରିକତା, ଅସ୍ଥିରତା ପ୍ରଭୃତି ରୂପାୟିତ ହୋଇଛି । ମଣିଷର ଭାବଜଗତର ବହୁ ଜଟିଳ ସମସ୍ୟା ତା'ର ମାନସିକ ସ୍ଥିରତାକୁ ନଷ୍ଟକରି ସମଗ୍ର ସମାଜକୁ ଅବକ୍ଷୟ ପଥରେ ଆଗେଇ ନେଉଛି, ମନୋଜଗତର ଭୟଙ୍କର ସମସ୍ୟା ହିଁ ଆଜିର ମଣିଷକୁ ଅନ୍ତଃସାରଶୂନ୍ୟ କରିପକାଇଛି । ଏହାର କାରଣ ହେଉଛି ସାମ୍ପ୍ରତିକ ସଭ୍ୟତା, ଯାହା ମୁଖ୍ୟତଃ ଯନ୍ତ୍ର ଓ ଶିଳ୍ପ ଦ୍ୱାରା ନିୟନ୍ତ୍ରିତ ହୋଇଛି । ପାରମ୍ପରିକ କୃଷିସଭ୍ୟତା ସମାଜକୁ ଯେଉଁ ସହନଶୀଳତା ଏବଂ ଅଖଣ୍ଡ ଧୈର୍ଯ୍ୟ ଶିଖାଉଥିଲା, ଗୋଷ୍ଠୀଜୀବନର ପରିବ୍ୟାପ୍ତି ବ୍ୟକ୍ତିଗତ ଦୁଃଖକୁ ଯେଉଁଭଳି ସାମୂହିକ ଦୁଃଖର ମର୍ଯ୍ୟାଦା ଦେଇ ଲଘୁ କରିଦେଉଥିଲା । ଆଧୁନିକ ନିଃସଙ୍ଗ ଏବଂ ଏକକ ଜୀବନରେ ସେ ସୁଯୋଗ ରହିଲା ନାହିଁ । ସମସାମୟିକ ସମାଜର ପାରିବେଶିକ ପ୍ରଭାବ, ଏହାର ଆପାତରମ୍ୟ ଭୌତିକ ଦିଗ, ଲାଳସା ଏବଂ ଭୋଗ-ପ୍ରବଣତା ମାନବିକ ମୂଲ୍ୟବୋଧର ପରିପନ୍ଥୀ । ଫଳରେ ଆଜିର ସମାଜ ଏହାରି ପ୍ରଭାବରେ ରୁଗ୍ଣ ଏବଂ ଅଶାନ୍ତ । ସଭ୍ୟତାର ଦ୍ରୁତ ପ୍ରସାର, ଯୋଗାଯୋଗର ଉତ୍ତମ ବ୍ୟବସ୍ଥା ଏହି ଅବସ୍ଥାକୁ ସୀମାବଦ୍ଧ କରି ରଖିପାରିନାହିଁ । ଏହି ସବୁ ବ୍ୟାଧିରୁ ସ୍ଥାନୀୟ ସମାଜକୁ ମୁକ୍ତରଖିବା ନିମନ୍ତେ ଆମର ସମାଜ ବିଜ୍ଞାନୀ ମାନେ ସେଭଳି କୌଣସି କଡ଼ା 'କ୍ୱାରେଣ୍ଟାଇନ'ର ବ୍ୟବସ୍ଥା ମଧ୍ୟ କରିପାରିନାହାନ୍ତି । ତେଣୁ

Digitized by srujanika@gmail.com

ଏକଦା ଏହା ପାଶ୍ଚାତ୍ୟ ଜଗତରୁ ଆରମ୍ଭ ହୋଇ ଅତି ଦ୍ରୁତଗତିରେ ଭାରତରେ ଏବଂ କ୍ରମଶଃ ଆମ ଓଡ଼ିଶାରେ ମଧ୍ୟ ପ୍ରସାରିତ ହୋଇଛି।

ସମାଜର ଏହି ଅସ୍ଥିମଜ୍ଜାଗତ ସ୍ଥିତିକୁ ମର୍ମେ ମର୍ମେ ଅନୁଭବ କରିଥିଲେ ନାଟ୍ୟକାର ନୀଳାଦ୍ରିଭୂଷଣ। ସେ ଭଲଭାବରେ ଜାଣିଥିଲେ ସମାଜର ପାରମ୍ପରିକ ସଂହତି ଯେତେବେଳେ ଦ୍ରୁତଗତିରେ ବିପର୍ଯ୍ୟସ୍ତ ହୋଇପଡୁଛି। ସେତେବେଳେ ପୂର୍ବରୀତିର 'Well made play' ଆଉ ଦର୍ଶକମାନଙ୍କର ପ୍ରତ୍ୟାଶା ପୂରଣ କରିବା ନିମନ୍ତେ ସମର୍ଥ ହୋଇ ପାରିବ ନାହିଁ। ଆଜିର ବିଚ୍ଛିନ୍ନ ଏବଂ ଜଟିଳ ଜୀବନକୁ ଯଥାର୍ଥଭାବରେ ବିଶ୍ଳେଷଣ କରି ତାହାରି ଭିତରୁ ଜୀବନ ଚେତନାର ଯଥାର୍ଥ ସ୍ୱରୂପଟିକୁ ଉଦ୍‌ଘାଟନ କରିବାକୁ ତେଣୁ ସେ ନିଜର ଦାୟିତ୍ୱ ରୂପେ ଗ୍ରହଣ କରିନେଇଛନ୍ତି। ଅନୁଭୂତି ପ୍ରସୂତ ଦର୍ଶନ ଏବଂ ଜୀବନ ପ୍ରତି ଏକ ଘନିଷ୍ଠ କବିସୁଲଭ ଅନ୍ତର୍ଦୃଷ୍ଟିକୁ ସମ୍ବଳକରି ନାଟକ ପରେ ନାଟକ ରଚନା କରିଯାଇଛନ୍ତି। ଏ ଅନୁଭୂତି ପୁଣି କୌଣସି ବାହ୍ୟ ଅନୁଭୂତି ନୁହେଁ, ବରଂ ଜୀବନର ଅଭ୍ୟନ୍ତରରୁ ହିଁ ସଂଗୃହୀତ।

ଓଡ଼ିଆ ନାଟ୍ୟସାହିତ୍ୟର ଏକନିଷ୍ଠ ସାଧକ, ସମାଜର ଏକାନ୍ତ ଦାୟିତ୍ୱବାନ କର୍ମକାର, ଉତ୍କଳୀୟ ସଂସ୍କୃତିର ଜଣେ ନିଷ୍ଠାପର ରକ୍ଷକ – ନୀଳାଦ୍ରିଭୂଷଣ ହରିଚନ୍ଦନ। ବର୍ଣ୍ଣାଳୀରେ ବହୁରଙ୍ଗର ବିଚ୍ଛୁରଣ ପରି ତାଙ୍କ ଜୀବନର ଶୁଭ୍ର ଆଲୋକ ବହୁ ବର୍ଣ୍ଣରେ ରୂପାୟିତ। ନିଜ ଜୀବନର ବହୁଧା ଭୂମିକାରେ ଅବତୀର୍ଣ୍ଣ ନିଆରା ସ୍ରଷ୍ଟାଟିଏ ସେ। ନିଜ ଜୀବନକୁ ବହୁ ଅଭିନେତା (ନାଟ୍ୟକାର, ସାହିତ୍ୟିକ, କବି, ଚିତ୍ରକର, ଅଧ୍ୟାପକ, ନାଟ୍ୟ-ନିର୍ଦ୍ଦେଶକ, ସମାଲୋଚକ ଓ ଜଣେ ପୋଖତ ଜଞ୍ଜାଳିଆ ସଂସାରୀ)ର ଭୂମିକାରେ ଯିଏ ସଫଳ ଅଭିନୟ କରିପାରିଛନ୍ତି, ସେ ମଧ୍ୟ ସାଇତି ରଖିଛନ୍ଦତି ଜୀବନର ଲେଖାଯୋଖା ବହୁ ଅନୁଭୂତିକୁ- ସାଉଁଟା ସ୍ମୃତିକୁ- ଏ ସମାଜ ପାଇଁ ଆଉ ପାଠକର ମନଭରି ଖୋରାକ ପାଇଁ। ସ୍ମୃତି ଦେଉଛି ସିଏ- ଏ ସମାଜର ଦୁଃଖ ଯନ୍ତ୍ରଣା, ଅତ୍ୟାଚାର କଷଣ, ଅନ୍ୟାୟ ଅବିଚାର, ସ୍ନେହାନୁବନ୍ଧ ପାରିବାରିକ ବନ୍ଧନ, ସ୍ୱପ୍ନଭିଜା ମଧୁର ମିଳନ, ଲୋତକଭରା ବିରହ ଆଉ ଆତ୍ମୀୟତାର ବିଚ୍ଛେଦରୁ କିଛି ବିଞ୍ଚି ହୋଇପଡ଼ିବା। ଏ ସବୁ ପଛରେ ରହିଛି ପାରିବାରିକ ଧର୍ମବିଶ୍ୱାସ ଓ ସଂସ୍କାର, ଉତ୍କଳର ଐତିହ୍ୟ ଓ ସଂସ୍କୃତିର ଉତ୍ତୁଙ୍ଗ ପ୍ରାଚୀର, ବଙ୍ଗ-ଓଡ଼ିଶାର ଆତ୍ମଭରା ଭାଇଚାରିଆ ମାନସିକତା, ସରଳ ଜୀବନ ଓ ନିଷ୍ଠାପର ସାହିତ୍ୟ ସାଧନାର ଚିରନ୍ତନ ଯାତ୍ରା। ତାଙ୍କର ବିସ୍ତୃତ ସର୍ଜନ-ପୃଥିବୀରେ ଐକ୍ୟ ଓ ସଂହତିର ବାର୍ତ୍ତା ପ୍ରତିଫଳିତ। ଇତିହାସ, କିମ୍ବଦନ୍ତୀ, ଲୋକକଥା, ମିଥ୍, ପୌରାଣିକ କଥାବସ୍ତୁ, ପରମ୍ପରାର ତାଜା ମସଲାକୁ ନେଇ ତାଙ୍କର ନାଟ୍ୟ-ଦୁନିଆ ସଦା ଉଦ୍‌ଭାସିତ। ସେଇ ସ୍ୱରର ପ୍ରତିଧ୍ୱନି ଶୁଭୁଛି ଏ ସମାଜର ସହର, ପଲ୍ଲୀ, ବସ୍ତିର ଗଳିକନ୍ଦିରେ-ପରିବାରର ପ୍ରତିଟି ଏରୁଣ୍ଡିବନ୍ଧ ଘେରା କୋଠରୀ ଭିତରେ- ପ୍ରତିଟି ଲୋକଚରିତ୍ରର ଆଲେଖ୍ୟକୁ ସେ ଆଙ୍କି ଦେଇଛନ୍ତି

Digitized by srujanika@gmail.com

ଅତି ନିଖୁଣ ଶିଳ୍ପୀ ଭାବରେ। ଉତ୍କଳୀୟତାର ଜୟଗାନ କରି, ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ବିଶେଷତ୍ୱକୁ ଜନସମାଜରେ ଉପସ୍ଥାପିତ କରିବା ଦିଗରେ ସେ ନିଜେ ଯେପରି ଏକ ସାମାଜିକ ଦାୟିତ୍ୱବୋଧକୁ ସ୍ୱୀକାର କରିଛନ୍ତି, ତାଙ୍କର ନାଟକର ଚରିତ୍ରମାନଙ୍କର ବ୍ୟକ୍ତିସତ୍ତା ଭିତରେ ସେହିପରି ଅନୁଭବ କରିଥିଲେ ଓ ସମାଜର ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ତାହାକୁ ଉଜ୍ଜୀବିତ କରିବାକୁ ଚାହିଁଥିଲେ ମଧ୍ୟ। ଜୀବନର ଗୋଟିଏ ଗୋଟିଏ ସୋପାନ ଅତିକ୍ରମ କଲାବେଳେ ନୂତନ ଅନୁଭୂତିର ଫେଣ୍ଟାଫେଣ୍ଟି ଚେତନା ଆଧାରିତ ନାଟକ ଗୁଡ଼ିକ ଟେକି ଦେଇଛନ୍ତି ଦର୍ଶକଙ୍କୁ। ଚରିତ୍ର ଭିତରେ ଖୋଜିଛନ୍ତି ବଞ୍ଚିଥିବାର ନୂଆ ରାହା- ତାକୁ ନେଇ କାହାଣୀ ଓ ପ୍ଲଟର ଚମତ୍କାର ସଂଯୋଜନ। ଆଶ୍ଚର୍ଯ୍ୟ ଲାଗେ ଯିଏ ଦିନେ ଜାଣିବି ନଥିଲେ, କେବେ ତାଙ୍କୁ ନାଟକଟିଏ ଲେଖିବାକୁ ପଡ଼ିବ ତାଙ୍କ ହାତରେ ପୁଣି ନାଟ୍ୟ-ସଂସାରର ରସଭରା ପସରା ଆଜି ପରିପୂର୍ଣ୍ଣ। କେବଳ କବିତା ଲେଖିବା ଥିଲା ତାଙ୍କର ନିଶା। କିନ୍ତୁ ତାଙ୍କ ପିତା (ଦଦେଇ)ଙ୍କ ଦ୍ୱାରା ରଚିତ କେତୋଟି ନାଟକକୁ ଲେଖାଇବା ସମୟରେ ଟେବୁଲ ପାଖରେ ଛିଡ଼ାହୋଇ ପଢ଼ିବାର ଆକର୍ଷଣ ତାଙ୍କୁ ନାଟକ ରଚନା ପାଇଁ ମୂଳପ୍ରେରଣା ଯୋଗାଇଥିଲା। ପିତା ପରଶୁରାମ ହରିଚନ୍ଦନଙ୍କ ନାଟକର ମୁଖ୍ୟ ବୈଶିଷ୍ଟ୍ୟ ଥିଲା ଐତିହାସିକ ଓ ଜାତୀୟତାବାଦୀ। ସେହି ନାଟକ ଗୁଡ଼ିକରେ ଉଚ୍ଚକୋଟୀର କାବ୍ୟିକ ସଂଳାପ ନୀଳାଦ୍ରିଙ୍କ ଅନ୍ତର୍ଚେତନାରେ ଅନୁରଣିତ ହୋଇ ତାଙ୍କ ଭିତରେ ନାଟକ ଲେଖିବାର ଆତ୍ମପ୍ରତ୍ୟୟ ସୃଷ୍ଟି କରିଥିଲା।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟ-ସାହିତ୍ୟର ବିକାଶଧାରାକୁ ଦୃଷ୍ଟିକ୍ଷେପ କଲେ ଜଣାଯାଏ ଷାଠିଏ ଦଶକ ବେଳକୁ ଗୋଟିଏ ନୂଆଯୁଗର ଆରମ୍ଭ ହୋଇଥିଲା। ଓଡ଼ିଆ ନାଟକରେ ପାଶ୍ଚାତ୍ୟ ପ୍ରଭାବିତ ନବଚେତନାର ପ୍ରବେଶ ହିଁ ନାଟକର ଆଙ୍ଗିକ ଓ ଆତ୍ମିକ ବିଭାବକୁ ପରିବର୍ତ୍ତିତ ରୂପ ପ୍ରଦାନ କଲା। ସେତେବେଳେ ନାଟ୍ୟକାର ନୀଳାଦ୍ରିଭୂଷଣ ପୁରୀ ସାମନ୍ତଚନ୍ଦ୍ର ଶେଖର କଲେଜରେ ପ୍ରି-ୟୁନିଭରସିଟିର ପ୍ରଥମ ବର୍ଷରେ ଅଧ୍ୟୟନ କରୁଥାନ୍ତି। ଏହି ନୂତନ ଚେତନା ସଂପର୍କିତ ବିଭିନ୍ନ ଆଲୋଚନାକୁ ଏତେ ସହଜରେ ସେ ବୁଝିପାରିନଥିଲେ ସେତେବେଳେ। କିନ୍ତୁ ଯେତେବେଳେ ୧୯୬୮-୬୯ ମସିହାରେ ରେଭେନ୍ସା କଲେଜରେ ଓଡ଼ିଆ ବିଭାଗର ଛାତ୍ରଭାବେ ପତ୍ରପତ୍ରିକା ପାଠ କଲେ, ସେତେବେଳେ ଏସବୁର ମର୍ମ ବୁଝିବାକୁ ସହଜ ହୋଇଥିଲା ତାଙ୍କୁ। ୧୯୬୯ରେ ସେ ସ୍ନାତକୋତ୍ତର ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ସେହି ରେଭେନ୍ସା କଲେଜରେ ଅଧ୍ୟାପକ ଭୂମିକାରେ ଅବତୀର୍ଣ୍ଣ ହେଲେ। ସେତେବେଳକୁ ଜଣେ ଜଣାଶୁଣା କବି ଭାବରେ ତାଙ୍କର ବେଶ୍ ସୁନାମ ଥାଏ ଏବଂ 'ଝଙ୍କାର', 'ଆସନ୍ତାକାଲି' ଆଦି ବହୁ ପତ୍ରିକାରେ ତାଙ୍କର କବିତା ଛାଇ ହୋଇ ଯାଇଥାଏ। ଅଧ୍ୟାପନା ପାଇଁ ଆବଶ୍ୟକୀୟ ଅଧ୍ୟୟନ ଓ ନିଜସ୍ୱ ଆଗ୍ରହ ପାଇଁ ସେ ସେହି ସମୟର ବହୁ ବିଶିଷ୍ଟ ନାଟ୍ୟକାରଙ୍କ ନାଟକ ଗୁଡ଼ିକୁ ପାଠ କରିଥିଲେ ଏବଂ ତା'ର ଗଠନ କଳା କୌଶଳକୁ ମନେ ମନେ ତର୍ଜମା କରିଥିଲେ।

Digitized by srujanika@gmail.com

୧୯୭୨-୭୩ ବେଳକୁ ନାଟ୍ୟକାର ରେଭେନ୍ସାରୁ ଭଦ୍ରକ କଲେଜ ବଦଳି ହୋଇ ଆସିଥାନ୍ତି। ସେତେବେଳକୁ ଓଡ଼ିଶାର ନବନାଟ୍ୟ ଆନ୍ଦୋଳନର ପ୍ରବର୍ତ୍ତକ ଭାବେ ମନୋରଞ୍ଜନ ଦାସଙ୍କ ପ୍ରଭାବ ଥାଏ ଖୁବ୍ ସୁଦୂର ପ୍ରସାରୀ। ଏହି ସନ୍ଧିକ୍ଷଣରେ ନାଟ୍ୟକାର ତାଙ୍କ ନୂତନ ନାଟକର ଶୈଳୀ ଓ ସଂକ୍ଷିପ୍ତ ଭାବେ ବୌଦ୍ଧିକ ସଂଳାପର ପ୍ରୟୋଗକୁ ଅନୁକରଣ କରି ଗୋଟିଏ ଛୋଟିଆ ନାଟକ 'କୋଠରୀ' ବୋଲି ରଚନା କରିଥିଲେ। ଆକାଶବାଣୀ କଟକ ଦ୍ୱାରା ତାହା ପ୍ରସାରିତ ମଧ୍ୟ ହେଲା। ପରେ ପରେ ନାଟକଟି 'ଝଙ୍କାର'ରେ ମଧ୍ୟ ପ୍ରକାଶ ପାଇଥିଲା। ଏହି ସମୟର ଆହ୍ୱାନକ ଆପଣେଇ ନେଇ ନାଟ୍ୟକାର 'ଅସୀମାର ସୀମା', 'ରକ୍ତତୃଷ୍ଣା', 'ନିଃସଙ୍ଗ ପବନ' ଓ 'ମହାରାଜା ବିଜେ ହେବେ' ପରି କେତୋଟି ନୂଆଧାରର ନାଟକ ସୃଷ୍ଟି କରିଥିଲେ।

୧୯୭୪ ମସିହାରେ ଓଡ଼ିଶା ଛାଡ଼ି ସେ ଚାଲିଗଲେ ସୁଦୂର ବଙ୍ଗଳା ପ୍ରଦେଶର ବିଶ୍ୱଭାରତୀ ବିଶ୍ୱ ବିଦ୍ୟାଳୟ ଶାନ୍ତି ନିକେତନକୁ। ନୂଆ ପରିବେଶ, ନୂଆ ସ୍ଥାନ ଏବଂ ଗୁରୁଦାୟିତ୍ୱର ସ୍ଥିତିକୁ ନେଇ ନାଟ୍ୟକାରଙ୍କ ଲେଖନୀ ଆଉ ବୋଲମାନି ନଥିଲା। ଅମଡ଼ା ମଡ଼ା ମାଡ଼ି ଚାଲିଲା। ସତେଯେମିତି ନାଟ୍ୟକାରଙ୍କ ପାଇଁ ଅପେକ୍ଷା କରି ରହିଥିଲା ପରିବେଶୀୟ ସୁଯୋଗ। ଓଡ଼ିଆ ଅଧ୍ୟାପକ ଭାବେ ସେ ଅଧ୍ୟୟନ କଲେ ରାଶି ରାଶି ନାଟକ ବହି। 'ବାବାଜୀ' ଠାରୁ ଆରମ୍ଭ କରି 'ଶବବାହକ ମାନେ' ପର୍ଯ୍ୟନ୍ତ ପାଠ କରିଥିଲେ। ୧୯୭୮ ମସିହାରେ ବିଶ୍ୱଭାରତୀରେ ଅଧ୍ୟାପକ ଥିବା ସମୟରେ 'ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି' ମହାସନ୍ଦର୍ଭ ଲେଖି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡ଼ି ଡିଗ୍ରୀ ଲାଭ କରିଥିଲେ। ଏହି ଗବେଷଣା ପାଇଁ ତାଙ୍କୁ ଇଂରାଜୀ ଓ ଓଡ଼ିଆ ଭାଷାରେ ଲିଖିତ ଇତିହାସ ପୁସ୍ତକ ପଢ଼ିବାକୁ ପଡ଼ିଥିଲା। ଇତିହାସ ଭିତରେ ନାଟକ ଓ ନାଟକ ଭିତରେ ଇତିହାସର ଉପାଦାନ ସାଉଁଟିବା ତାଙ୍କୁ ସହଜ ହୋଇଥିଲା। ଅଶ୍ୱିନୀକୁମାର ଘୋଷଙ୍କ ଐତିହାସିକ ନାଟକର ବସ୍ତୁନିର୍ବାଚନ, ଉଚ୍ଚ ଆଦର୍ଶବୋଧ, ଉଗ୍ର ଜାତୀୟତାସୂଚକ, ଆବେଗପୂର୍ଣ୍ଣ କାବ୍ୟମୟ ସଂଳାପ, ନାଟ୍ୟ ସଂରଚନା ଓ ନୂତନଶୈଳୀର ପ୍ରୟୋଗ ନୀଳାଦ୍ରିଙ୍କୁ ଅତୀବ ମୁଗ୍ଧ ଓ ପ୍ରଭାବିତ କରିଥିଲା। ତେବେ ନାଟ୍ୟକାର ଜୀବନର ପ୍ରଥମ ପଥ ପ୍ରଦର୍ଶକ ଭାବେ ଅଶ୍ୱିନୀକୁମାର ଓ ମନୋରଞ୍ଜନଙ୍କୁ ସେ ଶ୍ରେୟ ଦେଇଥାନ୍ତି।

ବିଧିବଦ୍ଧଭାବେ ନାଟ୍ୟକାର ତାଙ୍କର ନାଟକରଚନା କରିବାର ଅବ୍ୟବହିତ ପୂର୍ବରୁ ବହୁନାଟ୍ୟକାରଙ୍କ ସଂସ୍ପର୍ଶରେ ଆସିଛନ୍ତି ଓ ସେମାନଙ୍କ ନାଟକକୁ ଭଲଭାବରେ ପଢ଼ିଛନ୍ତି। ଅନେକଙ୍କ ନାଟକର ନୂତନତ୍ୱ ତାଙ୍କୁ ମୁଗ୍ଧ ଓ ଆକର୍ଷଣ କରିଛି। ନାଟ୍ୟକାର କେବଳ ପଢ଼ି ନାହାନ୍ତି, ସେସବୁ ନାଟକର କାହାଣୀ ଓ ଚରିତ୍ର ବରଂ ଲଟପଟ ହୋଇ ପଡ଼ିଛନ୍ତି। ଏହି ଜିଜ୍ଞାସାର ମୋହକୁ ସମ୍ବରଣ ନକରିପାରି 'ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା' ଆଲୋଚନାଧର୍ମୀ ପୁସ୍ତକଟିଏ ରଚନା କରିପକାଇଛନ୍ତି। ଏଥିରେ ସେ ବହୁ

Digitized by srujanika@gmail.com

ନାଟ୍ୟକାରଙ୍କ ପ୍ରୟୋଗବାଦୀ ବୈଶିଷ୍ଟ୍ୟକୁ ତୋଳିଧରିବା ପାଇଁ ଚେଷ୍ଟା କରିଛନ୍ତି । ବିଶେଷକରି ବିଜୟ ମିଶ୍ରଙ୍କ ନାଟକ ପ୍ରତି ସେ ଅଧିକ ଅନୁଗତ ହୋଇପଡ଼ିଥିବାର ସ୍ୱୀକାର କରିଥାନ୍ତି । ଯେହେତୁ ସେ ବିଶ୍ୱଭାରତୀରେ ରହୁଥିଲେ ତେଣୁ ବହୁ ବଙ୍ଗଳା ନାଟକ ପଢ଼ିବାର ସୁଯୋଗ ମିଳିଥିଲା । ନାଟକ କ୍ଷେତ୍ରରେ ଆଗ୍ରହ ଥିବାରୁ ବହୁ ହିନ୍ଦୀ ନାଟକ ଓ ଇଂରାଜୀ ନାଟକ ସେ ପାଠ କରିଥିଲେ । ସଂସ୍କୃତିର ପ୍ରାଣକେନ୍ଦ୍ର ବିଶ୍ୱଭାରତୀରେ ଓଡ଼ିଆ ଛଡ଼ା କେତୋଟି ଭଲ ନାଟକର ଅଭିନୟ ଦେଖିବାର ସୁଯୋଗ ମଧ୍ୟ ସେ ଲାଭ କରିଛନ୍ତି । ବହୁ ନାଟକ ଅଧ୍ୟୟନ ଓ ସମୀକ୍ଷା ଲେଖିବା ଭିତରେ ତାଙ୍କ ଭିତରେ ଥିବା ସୁପ୍ତ ନାଟ୍ୟଚେତନାଟି ହଠାତ୍ ଜାଗ୍ରତ ହୋଇଉଠିଲା । ଅଶ୍ୱିନୀକୁମାରଙ୍କ 'ଭକ୍ତ ସାଲବେଗ' ଓ କାମ୍ୟୁଙ୍କ 'କାଲିଗୋଲା' ନାଟକରେ ଶୈଳୀ ଓ ସଂଳାପ ଅନୁସରଣରେ ନାଟ୍ୟକାର 'ସତ୍ୟ ସଂଶୟ ସାଲବେଗ' ନାମକ ଏକ ଭାବଧର୍ମୀ ନାଟକ ଲେଖିଥିଲେ । ଏହି ନାଟକଟି ଏତେ ଲୋକାଦୃତି ଲାଭ କରିଥିଲା ଯେ ୧୯୮୧ ମସିହାରେ ଫ୍ରେଣ୍ଡସ୍ ପବ୍ଲିସର୍ସ ଏହାକୁ ପ୍ରକାଶ କରିଥିଲେ । ସେତବେଳକୁ ନୀଳାଦ୍ରିଙ୍କର କବିପଣିଆର ଜାହିର ଯେମିତି ଖାତିର ମଧ୍ୟ ସେମିତି । 'ପାହାଚ', 'ନୀଳଚନ୍ଦନର ଭୁଲ ଠିକଣା' ଓ 'ସମ୍ବୋଧନହୀନ' ଆଦି ତିନୋଟି କବିତା ଗ୍ରନ୍ଥ ଆତ୍ମପ୍ରକାଶ ଲାଭ କରିସାରିଥାଏ ।

ନାଟ୍ୟକାରଙ୍କ ଜୀବନର ନୂତନ ମୋଡ଼ ହିଁ ନାଟ୍ୟକାରର ଜୀବନ ଜୀଇଁବା । ବହୁ ଉପନ୍ୟାସ, ସଂସ୍କୃତଗ୍ରନ୍ଥ, ମହାଭାରତ, ମଧ୍ୟଯୁଗୀୟ କାବ୍ୟପୁରାଣ ଅଧ୍ୟୟନ କଲାପରେ ଜଣେ ନାଟ୍ୟ-ସାହିତ୍ୟ ଭିତରେ ଆପଣାକୁ ଆବିଷ୍କାର କରିବା ନିଶ୍ଚିତ ଚମତ୍କାର ଓ ଆଶ୍ଚର୍ଯ୍ୟର କଥା । ନାଟ୍ୟକାର ମୂଳ ମହାଭାରତକୁ ବାରମ୍ବାର ପଢ଼ିଛନ୍ତି; ସାରଳାଙ୍କ ମହାଭାରତକୁ ହଜମ କରିଛନ୍ତି ସେ । ତାରି ଭିତରୁ ଚରିତ୍ରମାନେ ଉକୁଟି ଉଠିଛନ୍ତି, ନାଟ୍ୟକାରଙ୍କ ନାଟକ ଭିତରୁ ଲମ୍ଫ ଦେଇଛନ୍ତି । ଆଧୁନିକ ନାଟ୍ୟଧାରାରୁ 'ମିଥ୍‌କଲ୍ପ'କୁ ଆଧାର କରି ନାଟ୍ୟକାର ମହାଭାରତର ଚରିତ୍ର ଓ କଥାବସ୍ତୁରେ ଆଧୁନିକ ଯୁଗଯନ୍ତ୍ରଣାର କଥା କରିବାକୁ ଚେଷ୍ଟାକଲେ ତାଙ୍କ ନାଟକରେ । ପାରମ୍ପରିକ ରକ୍ତଗତ ସମ୍ପର୍କକୁ ସମ୍ମାନ ଦେଇ ମଣିଷ ନିଜର ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ହରାଇ ବସେ, ଘୋର ଅସହାୟତା ଓ ବିଚ୍ଛିନ୍ନତାବୋଧର ଶିକାର ହୁଏ, ପ୍ରବଳମାନସିକ ଉତ୍ପୀଡ଼ନ ଭୋଗ କରେ । ଫଳରେ ପ୍ରତିବାଦ କରିବାକୁ ଉନ୍ମୁଖ ହୋଇଉଠେ । ଏପରି ଏକ ଚିତ୍ରକୁ ସାରଳା ମହାଭାରତର ପଟ୍ଟଭୂମିରେ ଉପସ୍ଥାପନର ପ୍ରୟାସ କରି 'ମଧ୍ୟପାତ୍ର' ନାମକ ଏକ ନୂଆଧାରାର ନାଟକ ସେ ସୃଷ୍ଟି କରିଥିଲେ । ଏହି ନାଟକଟି ଆକାଶବାଣୀରେ ପ୍ରସାରିତ ହେଲାପରେ ଯଥେଷ୍ଟ ଜନାଦୃତି ଲାଭ କରିଥିଲା । ବହୁଶ୍ରୋତା ମୁଗ୍ଧହୋଇ କବିରୁ ନାଟ୍ୟକାର ହେବାପାଇଁ ନୀଳାଦ୍ରିଙ୍କୁ ସଶ୍ରଦ୍ଧ ନିବେଦନ କରିଥିଲେ । ଏହି ନାଟକଟି ଜଣେ ସଫଳ ନାଟ୍ୟକାରର ସ୍ୱୀକୃତି ଦେଇଥିଲା ତାଙ୍କୁ । ସେବେଠାରୁ ନାଟକ ଲେଖିବାର ମୋହ ତାଙ୍କୁ ବାନ୍ଧିବାର ନୂଆ

Digitized by srujanika@gmail.com

ରାହାଟିଏ ଦେଲା। ପରେ ପରେ ଅନେକ ନାଟକ ଲେଖି ସେ ତାଙ୍କର ସହୃଦୟ ପାଠକ ଓ ଦର୍ଶକଙ୍କୁ ଭେଟି ଦେବାରେ ଲାଗିଲେ।

ପୁନଶ୍ଚ 'ମିଥ୍'କୁ ଆଧାର କରି 'ସ୍ୱର୍ଗାରୋହଣ' ନାଟକଟିଏ ସେ ଲେଖିଥିଲେ। ବୃହତ୍ ରାଷ୍ଟ୍ରମାନଙ୍କର ପାରସ୍ପରିକ ଅହମିକାର ସଂଘର୍ଷରେ ବିଶ୍ୱଯୁଦ୍ଧର ଉଦ୍ଭବ ଏହାର ସୁଦୂରପ୍ରସାରୀ ଧ୍ୱଂସଲୀଳା, ବିଶ୍ୱଶାନ୍ତି ଓ ନିରସ୍ତ୍ରୀକରଣ ନାମରେ ଛଳନାର ସ୍ୱରୂପକୁ ଉନ୍ମୋଚନ କରିବାକୁ ଯାଇ ମହାଭାରତର ପଟ୍ଟଭୂମିରେ ଆଧୁନିକ ଭାବବୋଧର ଏହି ନାଟକଟି ଓଡ଼ିଶାର ବିଭିନ୍ନ ବେତାରକେନ୍ଦ୍ରରୁ ପ୍ରସାରିତ ହୋଇଥିଲା। ଏହା ଉତ୍କଳ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ମଧ୍ୟ ଦିନାକେତେ ସ୍ଥାନିତ ହୋଇଥିଲା। ସେହିବର୍ଷ ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଭବନରେ ନାଟକଟି ନିଜେ ନାଟ୍ୟକାରଙ୍କ ନିର୍ଦ୍ଦେଶନାରେ ଅଭିନୀତ ହୋଇଥିଲା। ନାଟକ ପ୍ରଦର୍ଶନ ଶେଷରେ ଅଜସ୍ର କରତାଳି ଓ ପ୍ରଶଂସାରେ ଭବନ ଫାଟି ପଡ଼ିଥିଲା। ପରଦିନ ନାଟ୍ୟକାର ତାଙ୍କ ବସାଘରୁ ବାହାରିବା ବେଳେ ଜଣେ ଭଦ୍ର ମହିଳା ସ୍ୱତଃ କହି ଉଠିଥିଲେ- "ନୀଳାଦ୍ରିଃ ତୁମି ଅତୋ ସୁନ୍ଦର ନାଟକ ଲିଖ୍‌ତେ ପାରୋ। ଆମି କଖନ୍ ଧାରଣାର କର୍‌ତେ ପାରିନି। ଡାଇଲଗ୍ ବୋଲୋ କି ଚମତ୍କାର! ଆରମ୍ଭ ଥେକେ ଶେଷ ପର୍ଯ୍ୟନ୍ତ ଯେ ରକମ ଆମାର୍ ହୃଦୟେ ମଧ୍ୟେ ପ୍ରତିଧ୍ୱନିତ୍ ହୟେ ଚଲ୍‌ଛେ।" ଅନ୍ୟଜଣେ ବଙ୍ଗଳା ବିଭାଗର ଅଧ୍ୟାପକ ବାଟରେ ନାଟ୍ୟକାରଙ୍କୁ ଭେଟି କହି ପକାଇଥିଲେ- "ଆପ୍‌ନା ନାଟକ୍ ଖୁବ୍ ଭାଲୋ ଲାଗ୍‌ଲ। ସବାଇ ଭାଲୋ ବଲ୍‌ଛେ। ଡାଇଲଗ୍ ବୋଲୋ କେ ରକମ୍ ଯେ ବାଙ୍ଗାଲୀ ଦେର ପକ୍ଷେ ବୁଝ୍‌ତେ ଅସୁବିଧେ ହୟାନୀ। ଆମି ଏଖାନେ ଏକ୍‌ଟି ଭାଲୋ ଓଡ଼ିଆ ନାଟକ ଦେଖେଛିଲାମ୍- 'ତଟ ନିରଞ୍ଜନା'। ତାରପର ମୋର ଏକ୍‌ଟି ଭାଲୋ ନାଟକ- 'ସ୍ୱର୍ଗାରୋହଣ'। ଏହି ଗୋଟିଏ ନାଟକରେ ନାଟ୍ୟକାର ବଙ୍ଗାଳୀଭାଷୀଙ୍କ ଦୃଷ୍ଟିରେ ପୋଖତ ନାଟ୍ୟକାରଙ୍କ ସ୍ଥାନ ଗ୍ରହଣ କରିପାରିଥିଲେ।

ପରେ ପରେ ସାରଳା ମହାଭାରତକୁ ଆଧାର କରି ସେ ଆଉ ଦୁଇଟି ନାଟକ ରଚନା କରିଥିଲେ। 'ନିରାପଦ ଭବିଷ୍ୟତ' ଓ 'ଅନୁଶାସନ'। 'ନିରାପଦ ଭବିଷ୍ୟତ' ନାଟକଟି 'ବିକ୍ରୀତ ପୌରୁଷ' ନାମରେ ଆକାଶବାଣୀ, କଟକ ଦ୍ୱାରା ପ୍ରସାରିତ ହୋଇଥିଲା। ମଣିଷ ପରିସ୍ଥିତିର ଦାସ। ପରିସ୍ଥିତିରେ ପଡ଼ି ମଣିଷ କିପରି ନିଜଠାରୁ ନିକୃଷ୍ଟ ବ୍ୟକ୍ତି ନିକଟରେ ନିଜର ବ୍ୟକ୍ତିତ୍ୱକୁ ବିକ୍ରୟ କରି ଦାସ ହୋଇଯାଏ, ତା'ର ଜୀବନ୍ତ ଚିତ୍ର ଏହି ନାଟକର ଆତ୍ମାରୂପ ବହନ କରିଛି। ପାଣ୍ଡବମାନଙ୍କ ବିରାଟ ରାଜାଙ୍କ ପାଖରେ ଆଶ୍ରୟ, କୀଚକ ଦ୍ୱାରା ଦ୍ରୌପଦୀର ନିର୍ଯ୍ୟାତନାକୁ ଆଧାର କରି ନାଟକର ମୂଳପିଣ୍ଡି ରଚିତ। ମାତ୍ର 'ଅନୁଶାସନ' ନାଟକଟି ଭିନ୍ନ ଭାବର। ଏହି ନାଟକର ମର୍ମ କହେ ବହୁକାଳ ଧରି

Digitized by srujanika@gmail.com

ଅନ୍ୟାୟ ଗୁଡ଼ିକ ନୀତି ଭାବେ ସମାଜରେ ପ୍ରଚଳିତ ହୋଇଆସିଛି। ଏହାର ଶିକ୍ଷଣୀୟ ବାର୍ତ୍ତା ପାଇଁ ହାଇସ୍କୁଲର ପାଠ୍ୟକ୍ରମରେ କିଛିଦିନ ଏହି ନାଟକଟି ସ୍ଥାନିତ ହୋଇଥିଲା।

ନାଟ୍ୟକାରଙ୍କ ରାମାୟଣର କେତେକ ବିକ୍ଷିପ୍ତ ଚରିତ୍ର ଆଧାରରେ ଲିଖିତ ଆଧୁନିକ ଭାବବୋଧର ନାଟକ 'ପୁଣ୍ୟଭୂମି ଭାରତ'। ଶକ୍ତିଶାଳୀ ବ୍ୟକ୍ତିମାନଙ୍କର ସମସ୍ତ ଅନ୍ୟାୟ ଅବିଚାର ସାଧାରଣ ଲୋକଙ୍କ ଭିତରେ ନ୍ୟାୟୋଚିତ କାର୍ଯ୍ୟ ଭାବେ ଗୃହୀତ ହୋଇଯାଏ। କେହିବି ଏ ବିଷୟରେ ପ୍ରଶ୍ନ କରନ୍ତି ନାହିଁ, ପ୍ରତିବାଦର ସ୍ୱର ମଧ୍ୟ ଉଠାନ୍ତି ନାହିଁ, ସମସ୍ତ ପାପ ପୁଣ୍ୟ ରୂପେ ଆଖ୍ୟାୟିତ ହୋଇଯାଏ। ଏପରି ଏକ ବିପରୀତଧର୍ମୀ ପୁଣ୍ୟଭୂମିର ବର୍ଣ୍ଣନା 'ପୁଣ୍ୟ ଭାରତ'ର ଅଙ୍ଗବିଭା ମଣ୍ଡନ କରେ। ନାଟ୍ୟକାରଙ୍କର ଅନ୍ୟଏକ ଐତିହାସିକ ନାଟକ 'ବତାସ ନିସ୍ତବ୍ଧ ଆଜି' ଖୁବ୍ ଲୋକପ୍ରିୟତା ହାସଲ କରିଥିଲା। ଏଥିରେ କପିଳେନ୍ଦ୍ରଦେବଙ୍କର ଜ୍ୟେଷ୍ଠପୁତ୍ର ଦିଗ୍‌ବିଜୟୀ ହମ୍ୱୀରଦେବଙ୍କ ପ୍ରତି କରାଯାଇଥିବା ଚରମ ପ୍ରତାରଣା ଓ ପ୍ରବଞ୍ଚନାର କରୁଣ କାହାଣୀ ସନ୍ନିବେଶିତ। ବେଳେ ବେଳେ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ମଣିଷ ତା'ର କାର୍ଯ୍ୟ ଦାବୀରୁ ବଞ୍ଚିତ ହୋଇଥାଏ। କଳେବଳେ କୌଶଳେ ତୋଷାମୋଦକାରୀ ଓ ଅଯୋଗ୍ୟମାନେ ଉଚ୍ଚାସନର ଅଧିକାରୀ ହୋଇଥାନ୍ତି। ଅନ୍ୟାୟ ଓ ଅନୀତି ମଧ୍ୟରେ ପୁରୁଷୋତ୍ତମଙ୍କ ରାଜସିଂହାସନ ଅଧିକାର ଘଟଣା କ୍ରମକୁ ନେଇ ଏହି ନାଟକର ଭାବବନ୍ଧ ପରିକଳ୍ପିତ। ନାଟ୍ୟକାରଙ୍କ ଐତିହାସିକ ଅନୁଶୀଳନ ଓ ପାରଦର୍ଶିତା ହିଁ ନାଟକଟିକୁ ପାଠକପ୍ରିୟ କରିପାରିଥିଲା।

ନୀଳାଦ୍ରିଭୂଷଣଙ୍କର ଐତିହାସିକ ନାଟକ-ଯାତ୍ରାର ଅନ୍ୟଏକ ପ୍ରୟାସ 'କଲମ୍ବସ' ଏକ ଉତ୍କଣ୍ଠା ପରିପୂର୍ଣ୍ଣ ଐତିହାସିକ ନାଟକ। ନାଟକର ଭାବବସ୍ତୁ ହୃଦୟଗ୍ରାହୀ ଏବଂ ପ୍ରଭାବଶାଳୀ। ବହୁ ବାଧାବିଘ୍ନ, ବିପଦ ଓ କଠୋର ପ୍ରତିବନ୍ଧକ ସତ୍ତ୍ୱେ ଗଭୀର ଆତ୍ମବିଶ୍ୱାସ, ଅଦମ୍ୟ ପ୍ରୟାସ ତଥା ଦୁଃସାହସିକ ଜଳଯାତ୍ରାକୁ ସଫଳତାର ସହ ସମାପନ କରିବାର ବାସ୍ତବ ଏବଂ ମନୋଜ୍ଞ ବର୍ଣ୍ଣନା ଏହି ନାଟକର କଥାବସ୍ତୁ ବହନ କରେ। କଲମ୍ବସଙ୍କ ଐତିହାସିକ ଜଳଯାତ୍ରାର ରୋମାଞ୍ଚଭରା ବର୍ଣ୍ଣନା ହିଁ ନାଟକୀୟ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିପାରିଛି।

ନାଟ୍ୟକାରଙ୍କ ନାଟକ ସୃଷ୍ଟିର ପୃଷ୍ଠଭୂମି କାହାଣୀଭାଗକୁ ନେଇ ଯଦିଚ ଭିନ୍ନ ଭିନ୍ନ ଶୈଳୀ ଓ ଭାବସ୍ଥ ପ୍ରାୟ ଆଧୁନିକ ଚେତନା ଆଧାରିତ। ଲେଖାରେ ତାଙ୍କର ଗୋଟିଏ ଆହ୍ୱାନ ନାଟକ ମାଧ୍ୟମରେ ସମାଜର ପରିବର୍ତ୍ତନ ସେ ଚାହିଁଛନ୍ତି। ଜୀବନର ଦୀର୍ଘ ଚାଳିଶି ବର୍ଷରୁ ଉର୍ଦ୍ଧ୍ୱ .କାଳ ନାଟକ ରଚନାର ଏହି ଜୟଯାତ୍ରା ତାଙ୍କୁ ଅନେକ ପ୍ରକାରର ଚରିତ୍ର ଓ ଚେତନାରେ ଭିଜାଇଛି। ସମାଲୋଚକଙ୍କ ମତରେ ଏହି ପରିବ୍ୟାପ୍ତ ନାଟ୍ୟଧାରାକୁ ଅଙ୍ଗୀକାର ଓ ବିଦ୍ରୋହର ନାଟ୍ୟଧାରା ନାମରେ ନାମିତ କରାଯାଇପାରେ। ତେବେ ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟ .ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ନୀଳାଦ୍ରିଙ୍କ ନାଟ୍ୟ-ଜଗତକୁ ସମାଲୋଚକ ଦୃଷ୍ଟିରେ

Digitized by srujanika@gmail.com

ଚତୁର୍ଦ୍ଧା ଧାରାରେ ବିବେଚନା କରାଯାଇପାରେ। ଯଥା- (କ) ବାସ୍ତବବାଦୀ ନାଟକ, (ଖ) ଅନ୍ତର୍ମନର ବା ଅନ୍ତର୍ଗତ ବାସ୍ତବ ସମ୍ବଳିତ ନାଟକ, (ଗ) ସଂସ୍କୃତି ଓ ପରମ୍ପରା ଉତ୍ସ ସନ୍ଧାନଧର୍ମୀ ନାଟକ ଏବଂ (ଘ) ବିଦ୍ରୋହ, ଅଙ୍ଗୀକାର ତଥା ସମାଜ ପରିବର୍ତ୍ତନଧର୍ମୀ ନାଟକ। ନୀଳାଦ୍ରିଙ୍କ ନାଟ୍ୟ-ଜଗତ ସବୁବେଳେ 'ସହଜ ସରଳ ଭାବାବେଗ ମଧ୍ୟରେ ଗତିକରି ସମାଜ ଓ ମଣିଷର ମନଗହନରେ ପରିବର୍ତ୍ତନର ଗଭୀର ରେଖାପାତ କରିଥାଏ। ନାଟ୍ୟକାରଙ୍କର ନାଟକର ଦିଗ ଆଉ ବାଗ ଉଭୟ ସୁଷ୍ଠୁ ଓ ପୁଷ୍କଳ। ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶକ ବାର୍ବାଙ୍କ ମନ୍ତବ୍ୟ ଗ୍ରହଣ ଯୋଗ୍ୟ – 'A good theatre should evolve from a deep belief in human being' ମଣିଷ ଉପରେ ଗଭୀର ପ୍ରତ୍ୟୟ ହିଁ ହେଉଛି ଗୋଟିଏ ଭଲ ନାଟକର ପ୍ରତିପାଦ୍ୟ। ଗୋଟିଏ ସୁନାଟକର ପ୍ରଭାବ ସବୁବେଳେ ସୁଦୂରପ୍ରସାରୀ। ଯାହାକି ନୀଳାଦ୍ରିଙ୍କ ନାଟକ-ଜଗତରେ ଉପଲବ୍ଧ ହୁଏ।

ଗୋଟିଏ ଦାର୍ଶନିକତାର ଗଭୀର ଅନ୍ତର୍ଦୃଷ୍ଟିରେ ନାଟ୍ୟକାର ଭେଟି ଦିଅନ୍ତି ନାଟକ 'ଭୀମଭୋଇଙ୍କ ସନ୍ଧାନରେ'। ଏହି ବହୁଚର୍ଚ୍ଚିତ ନାଟକଟି ପ୍ରଥମେ ବିଷୁବ 'ଝଙ୍କାର'ରେ ପ୍ରକାଶିତ ହୋଇ ବିଭିନ୍ନ ରଙ୍ଗମଞ୍ଚରେ ସଫଳତାର ସହ ଅଭିନୀତ ହୋଇଥିଲା। ଭାରତବର୍ଷର ସାମାଜିକ, ଆର୍ଥନୀତିକ ଓ ରାଜନୀତିକ ଦୁଃସ୍ଥିତିର ବ୍ୟଙ୍ଗାତ୍ମକ ଚିତ୍ର ଏହି ନାଟକରେ ରୂପାୟିତ। ସମାଜ ଯେତେବେଳେ ଦିଶାହରା ହୋଇ ଘୋର ସମସ୍ୟା ଓ ନୈରାଶ୍ୟର ସମ୍ମୁଖୀନ ହୁଏ, ଠିକ୍ ସେତିକିବେଳେ ଭୀମଭୋଇଙ୍କ ପରି ଜଣେ ଜଣେ ମାନବବାଦୀ ମହାମାନବଙ୍କର ଆବିର୍ଭାବ ଧରାଧାମରେ ସମ୍ଭବ ହୁଏ। ସେମାନଙ୍କ ସଂସ୍ପର୍ଶରେ ବିଷାଦଗ୍ରସ୍ତ ମଣିଷର ହୃଦୟ ନୂତନ ଆଶାର ଆଲୋକରେ ଉଦ୍‌ଭାସିତ ହୋଇଉଠେ। ଏହି ନାଟକର ଗୋଟିଏ ବଡ଼ ବିସ୍ମୟ ହେଉଛି ଏତେବଡ଼ ଭାବବସ୍ତୁକୁ ନାଟ୍ୟକାର ମାତ୍ର ଚାରୋଟି ଚରିତ୍ର ମାଧ୍ୟମରେ ଉପସ୍ଥାପନ କରିଛନ୍ତି। ଭାରତର ଅବକ୍ଷୟମାର ନୈତିକ ସ୍ଥିତି ଓ ଦୁରବସ୍ଥାକୁ ବ୍ୟଙ୍ଗଧର୍ମୀ ସଂଳାପର ଚାତୁର୍ଯ୍ୟରେ ସେ ସଜାଇଛନ୍ତି। ପରେ ପରେ ନାଟ୍ୟକାର 'ଅନୁଶାସନ', 'ରତ୍ନାକରର ରାସ୍ତା', 'ରାଜପଥ ଗ୍ରାମପଥ' ଓ 'ଆଶ୍ଚର୍ଯ୍ୟ ମଣିଷ' ସମେତ 'ଭୀମଭୋଇଙ୍କ ସନ୍ଧାନରେ' ଶୀର୍ଷକ ରଖି ଏକ ନାଟକ ସଂକଳନକୁ ପ୍ରକାଶନ ରୂପ ଦେଇଥିଲେ। ଏହି ନାଟକ ଗୁଡ଼ିକ ମଧ୍ୟରେ ମଣିଷ ଭିତରେ ବଞ୍ଚିଥିବା ମଣିଷ ପଣିଆ ଉଖାରିଜିଖାରି ଦେଖାଇଦେବାର ବ୍ୟଙ୍ଗାତ୍ମକ ପ୍ରୟାସ ଜାରି ରହିଛି। ଚରିତ୍ରମାନେ ଏହି ତେଲ ଲୁଣ ସଂସାରର ଜଣେ ଜଣେ ରକ୍ତମାଂସର ମଣିଷ। ବଞ୍ଚିବାର ମୋହପାଶରେ ମଣିଷ ନିଜର ସ୍ୱାର୍ଥକୁ ବଳିଦେଇପାରେ ନାହିଁ। ଗୋପନରେ ତା' ଭିତରେ କେଉଁଠି ନା କେଉଁଠି ଅନ୍ୟାୟ, ଅନୀତିର ବିଷମଞ୍ଜି ଅଙ୍କୁରିତ ହେଉଥାଏ। ମାତ୍ର ଏତେସବୁ ସତ୍ତ୍ୱେ ମଣିଷ ଭିତରୁ ମଣିଷପଣିଆକୁ ସାଉଁଟି ଆଣିବାକୁ ନାଟ୍ୟକାର ଆପ୍ରାଣ ପ୍ରଚେଷ୍ଟା

Digitized by srujanika@gmail.com

କରିଛନ୍ତି । ତେଣୁ ତାଙ୍କର ନାଟକରେ ସମାଜ ଓ ମଣିଷ ପାଇଁ ବଞ୍ଚିବାର ଗୋଟିଏ ସୁସ୍ଥବାତାବରଣକୁ ଦର୍ଶକ ହୃଦୟଙ୍ଗମ କରେ ।

ନୀଳାଦ୍ରିଭୂଷଣଙ୍କ ନାଟକ-ଜଗତରେ 'ଜଟାୟୁର ଛିନ୍ନ ଡେଣା' ନାମରେ ଗୋଟିଏ ନାଟ୍ୟ ସଂକଳନ 'ଆର୍ଯ୍ୟ ପ୍ରକାଶନ' ଆନୁକୂଲ୍ୟରେ ପ୍ରକାଶ ପାଇଥିଲା । ଏଥିରେ 'କଲୁରିବେଣ୍ଟ', 'ମଇଁଷିର ପାଶ ନଯାଅ ଦନାଇ' ନାଟକ ମଧ୍ୟ ସ୍ଥାନିତ ହୋଇଥିଲା । ନାଟକ ସୃଷ୍ଟିକୁ ଦୃଷ୍ଟିରେ ରଖି ନାଟ୍ୟକାର ରାଜନୀତିକ ଚେତନାକୁ ଚମତ୍କାର ଭାବେ ଦର୍ଶକ ନିକଟରେ ଉପସ୍ଥାପନ କରିଛନ୍ତି । ସାଂପ୍ରତିକ ରାଜନୀତିର ସ୍ଖଳନ, ପ୍ରବଞ୍ଚନା, ପ୍ରତାରଣା ହିଁ 'ଜଟାୟୁର ଛିନ୍ନ ଡେଣା'ରେ ଆତ୍ମପ୍ରକାଶ କରିଛି । ସଂପ୍ରତି ସତ୍‌ଜନ ସେବକମାନଙ୍କ ହାତରୁ ରାଜନୀତି ଚାଲିଯାଇଛି ଅସାଧୁ ବ୍ୟବସାୟୀମାନଙ୍କ ହାତକୁ । ନିର୍ବାଚନ ରାଜନୀତିରେ ଯଥାର୍ଥ ସମାଜସେବକଙ୍କର ସ୍ଥାନ ନାହିଁ । ଭୋଟ ପାଇଁ ଅର୍ଥ ହିଁ ହୋଇଛି ମୂଳ ଅସ୍ତ୍ର । ସେଠାରେ ପ୍ରାଣୀର ଯୋଗ୍ୟତା-ଅଯୋଗ୍ୟତା, ନୀତି-ଅନୀତି, ଭଲମନ୍ଦ ବିଚାରର ସ୍ଥାନନାହିଁ । ରାଜନୀତିର ପଶାଖେଳରେ ମଣିଷପଣିଆ ବଳି ପଡ଼ିଛି । ମାଫିଆ, ଦଲାଲ, ଦୋଷାମଦୀ, ପ୍ରବଞ୍ଚକଙ୍କ ହାତରେ ରାଜନୀତିର ଝୁଲାବ୍ୟାଗ୍ ପଡ଼ିଛି । ନୀତିନିଷ୍ଠ ରାଜନୀତିର ପରାଜୟଜନିତ କରୁଣ ଓ ହୃଦୟ ବିଦାରକ କାହାଣୀ ହିଁ 'ଜଟାୟୁର ଛିନ୍ନଡେଣା'ର ଗର୍ଭଗୃହକୁ ଆବୋରି ବସିଛି । ଏହି ନାଟକର ଚରିତ୍ରମାନେ ଯେମିତି ଦିବାଲୋକର ଚିହ୍ନାଜଣା ମଣିଷ ଆଉ ନିତି ଭେଟୁଥିବା ଲୋଭ ମୋହକୁ ସାବ୍ୟସ୍ତ କରିବା ପାଇଁ ଆମରଣ ସଂଗ୍ରାମ, ଠିକ୍ ସେମିତି ଏହାର ଭାଷା ଓ ସଂଳାପର ସରଳ ପ୍ରୟୋଗ ଦର୍ଶକକୁ ଦ୍ୱିଗୁଣିତ ଆକର୍ଷଣ କରେ । ପ୍ରାସଙ୍ଗିକ ଦୃଷ୍ଟିରୁ କେତୋଟି ସଂଳାପର ନମୁନା ଉଦ୍ଧାର କରାଯାଇପାରେ –

ପଶୁପତି : ସେମାନଙ୍କର ପାଟିତୁଣ୍ଡକୁ ଶୁଣିବ କିଏ ? ଅଫିସର, ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ତ ଲାଭର ଅଂଶୀଦାର ।

ଅଜିତ୍ : ଏତେ ବଡ଼ ଆନ୍ଦୋଳନଟା ଏମିତି ବ୍ୟର୍ଥ ହୋଇଗଲା ।

ପଶୁପତି : ଉପାୟ କ'ଣ ?

ଅଜିତ୍ : ସେଥିପାଇଁ ମୁଁ ବିଶେଷ ଦୁଃଖିତ ନୁହେଁ । ବେଶୀ ଦୁଃଖମୋର ଆପଣମାନଙ୍କ ପାଇଁ । ଫଳ କିଛି ହେଲାନାହିଁ । ଅଥଚ ଅନେକ ଦୁଃଖ ନିର୍ଯ୍ୟାତନା ଭୋଗ କରିବାକୁ ହେଲା ଆପଣମାନଙ୍କୁ । ପୋଲିସ୍ ଯେ କେତେ ହଇରାଣ କରିଛି କେତେ ଯନ୍ତ୍ରଣା ଦେଇଛି, ଭାବିଲେ ଛାତି ମୋର କ'ଣ ହୋଇଯାଏ ।

ପଶୁପତି : ଏ ପୋଲିସ୍ ଅଫିସରର କଥା କ'ଣ କହିବା ? ଯାହାଠୁ ଟଙ୍କା ପାଇବ, ତା'ର ଶତ୍ରୁସାଧିବାକୁ ସେ ଅଛି । ସବୁବେଳେ ସେ ପଇସାବାଲାର

Digitized by srujanika@gmail.com

ମିତ୍ର । ଆମ ଉପରେ ଏମିତି ଅମାନୁଷିକ ଅତ୍ୟାଚାର କରିବାକୁ ତ ସେ ଡାକ୍ତରମାନଙ୍କଠୁ ପଇସା ପାଇଥିଲା ।

ଅଜିତ୍ : କେତେଦିନ ଆଉ ପୋଲିସ ଏ ଭଟାଟିଆ ଗୁଣ୍ଡାର କାମ କରୁଥିବ ? ଦେଶର ଦୁର୍ଭାଗ୍ୟ । ତା ନହେଲେ କ'ଣ ରକ୍ଷକ ଭକ୍ଷକ ହୁଅନ୍ତା ?

ଅଶୋକ: କେତେ ଅଫିସର ଏ ଥାନାକୁ ଆସିଲେଣି ଗଲେଣି । ସେମାନଙ୍କ ଭିତରୁ ଭଲ କେତେ ଜଣ ? କେତେଜଣ ଲୋକଙ୍କୁ ନ୍ୟାୟ ଦେଇଛନ୍ତି ସେମାନେ ?

ପଶୁପତି : ଯାହା ପାଖରେ ପଇସା ନାହିଁ, ସେ ନ୍ୟାୟ ପାଇବ କୁଆଡୁ ? ଏଇତ ହୋଇଚି ପୋଲିସର ବିଚାର ! ଲାଞ୍ଚ, ମିଛ, କଳାବଜାରୀ, ଧର୍ଷଣ, ହତ୍ୟାକାଣ୍ଡ ସବୁଥିରେ ଆଜି ପୋଲିସର ହାତ ।

ଏହି ନାଟକରେ ବହୁଧାଚରିତ୍ର ରାଜନୀତିର ଭିତିରି ରହସ୍ୟକୁ ପଦାରେ ପକାଇବାକୁ ଚେଷ୍ଟା କରିଛନ୍ତି ନାଟ୍ୟକାର । ଇଂଜିନିୟର, କଣ୍ଟ୍ରାକ୍ଟର, ଡାକ୍ତର, ତହସିଲଦାର, ଆର୍.ଆଇ. ମନ୍ତ୍ରୀ. କମ୍ପାଉଣ୍ଡର, କନେଷ୍ଟବଳ ଓ ସର୍ବୋପରି ସାଧାରଣ ଜନତା ଜନାର୍ଦ୍ଦନର ଚାରିତ୍ରିକ ବିଶ୍ଳେଷଣରେ ନାଟକୀୟ ଚମତ୍କାରିତା ନାଟ୍ୟକାରଙ୍କୁ ଅନନ୍ୟ ଆସନ ପ୍ରଦାନ କରେ ।

ଏହି ସଙ୍କଳନରେ ସନ୍ନିବେଶିତ ଅନ୍ୟଏକ ନାଟକ 'ମଇଁଷିର ପାଶ ନଯାଅ ଦନାଇ' ଏକ ଅଭିଜ୍ଞସମ୍ପନ୍ନ ରୁଚିଶୀଳ ଚେତନାଧର୍ମୀ ନାଟକସୃଷ୍ଟି । ଏହି ନାଟକଟିର ଭିତ୍ତି ପ୍ରଶାସନିକ କ୍ଷେତ୍ର । ଚାକିରୀ କ୍ଷେତ୍ରରେ ଶକ୍ତିଧର ଉଚ୍ଚକର୍ତ୍ତାମାନଙ୍କର ଅନ୍ୟାୟ ବିରୁଦ୍ଧରେ ପାଟି ଫିଟେଇବାର ଶକ୍ତି ସାମର୍ଥ୍ୟ କାହାର ନଥାଏ । ଅରଣା ମଇଁଷିକୁ ଭୟ କଲା ପରି ପ୍ରତ୍ୟେକ ଲୋକ ବାଲ୍ୟକାଳରୁ ଆରମ୍ଭ କରି ସମାଜର ପ୍ରତିଷ୍ଠା ପାଇବା ପର୍ଯ୍ୟନ୍ତ ଏପରିକି ଜୀବନର ଶେଷ ପର୍ଯ୍ୟନ୍ତ ଶକ୍ତିଧରମାନଙ୍କୁ ଭୟ କରି ଚାଲିଥାନ୍ତି । ମନ ଭିତରେ କ୍ରୋଧକୁ ଚାପି ରଖନ୍ତି । ମାତ୍ର ନିମ୍ନ କର୍ମଚାରୀମାନେ କେବଳ ଉଚ୍ଚପଦସ୍ଥଙ୍କର ଆଦେଶ ପାଳନ କରିବା ପାଇଁ ଅଭିପ୍ରେତ । କିନ୍ତୁ ଏତେସବୁ ସତ୍ତ୍ୱେ ନାଟ୍ୟକାରଙ୍କ ମତରେ ନିକ୍ଷେପିତ ଶକ୍ତିଟି ବି ଦିନେ ଜାଗ୍ରତ ହୋଇ ଅରଣା ମଇଁଷିକୁ ଧରାଶାୟୀ କରିଦେଇପାରେ । ଏହି ନାଟକରେ ଆମର ଲୋକଗୀତ ଲୋକବିଶ୍ୱାସ ଅରଣା ମଇଁଷି ରହିଛି ଅନାଇ, ମଇଁଷିର ପାଶ ନଯାଅ ଦନେଇର ପ୍ରୟୋଗ ଲକ୍ଷ୍ୟ କରାଯାଏ । ତେବେ ଏହା ଏକ ମାନସିକ ଭୟ ବା ମୁଖା । ଏହି ଅରଣା ମଇଁଷିର ଶିଙ୍ଘ ନଭାଙ୍ଗିଲେ ପରିବାର ଓ ସମାଜ ଶୃଙ୍ଖଳିତ ହେବନାହିଁ । ସବୁବେଳେ ଅରଣା ମଇଁଷି ରୂପୀ ଶକ୍ତିଧରମାନେ ତାଙ୍କର କ୍ଷମତାର ବଳିଷ୍ଠ ଶିଙ୍ଘ ଦେଖାଇ ତଳିଆ ଜନତାଙ୍କୁ ନିର୍ଯ୍ୟାତିତ କରିଚାଲିଥିବେ । ନାଟ୍ୟକାରଙ୍କ ବ୍ୟଞ୍ଜନା ବେଶ୍ ଚେତନାଧର୍ମୀ ଓ ଶିକ୍ଷଣୀୟ ।

Digitized by srujanika@gmail.com

ଏହି ସଙ୍କଳନରେ ସ୍ଥାନପାଇଥିବା ଆଉ ଗୋଟିଏ ବହୁଚର୍ଚ୍ଚିତ ନାଟକ ହେଉଛି 'କଲୁରିବେଣ୍ଟ'। ଶାନ୍ତି ନିକେତନ ଗୃହରେ ପ୍ରଥମେ ଅଭିନୀତ। ପରେ ଆକାଶବାଣୀରେ ପ୍ରସାର ଲାଭ କରି ଜାତୀୟ ପୁରସ୍କାର ଲାଭ କରିବା ପର୍ଯ୍ୟନ୍ତ ଏହାର ଦୌଡ଼ ବହୁ ସମ୍ମାନ ଓ ପ୍ରଶଂସା ନାଟ୍ୟକାରଙ୍କୁ ପ୍ରଦାନ କରେ। ମୁଖ୍ୟତଃ ନାଟକଟି 'ମିଥ୍' ଉପରେ ଆଧାରିତ। ଲୋକକାହାଣୀ ଉପରେ ଏହାର ପ୍ରାଣ-ସ୍ପନ୍ଦନ ବହନ କରିଛି। ଲୋକକଥାର ଲଳିତ କାହାଣୀକୁ ପ୍ରସଙ୍ଗ କରି ନାଟକଟି ଗତିଶୀଳ। ଶ୍ରୁତିମଧୁର ସଂଳାପ, ଭାଷା ଓ ସାଙ୍ଗୀତିକଭାବ ନାଟକଟିକୁ ପାଠକୀୟ ଆକର୍ଷଣରେ ବାନ୍ଧି ଦେଇଛି। କାହାଣୀ ଅନୁସାରେ ପାଚିଲା କଲରାଟିକୁ ଖାଇବା ପାଇଁ କାଉର ଅବ୍ୟାହତ ପ୍ରୟାସ ଜାରି ରହିଛି ଶେଷ ପର୍ଯ୍ୟନ୍ତ; ମାତ୍ର ସେ ବ୍ୟର୍ଥ ହୋଇଛି ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ। ଅତୃପ୍ତ ଅବଶୋଷକୁ ଛାତିରେ ନେଇ କାଉଟି ମୃତ୍ୟୁର ସମ୍ମୁଖୀନ ହୋଇଛି। କାଉ ଗୋଟିଏ ଜାଗାରୁ ଅନ୍ୟ ଏକ ଜାଗାକୁ ବହୁ ଆଶା ନେଇ ଦୌଡ଼ିଲା, କିନ୍ତୁ କୌଣସିଠାରେ କେହି ତା'ର ଦୁଃଖ ବୁଝିନାହାନ୍ତି। ଜନୈକ ଅଫିସରଙ୍କ ଅନ୍ୟାୟପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କଲାନାହିଁ ବୋଲି ଅଭୟାରଣ୍ୟ ଡାକବଙ୍ଗଳାର ଚୌକିଦାର ମିଥ୍ୟା ଅଭିଯୋଗରେ ନିଲମ୍ବିତ ହୋଇଛି ଚାକିରୀରୁ। ନ୍ୟାୟ ବିଚାର ପାଇଁ ସେ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଛି। କିନ୍ତୁ କେହି ତାକୁ ସାହାଯ୍ୟ କରିନାହାନ୍ତି; ଯଦିଚ ଅଭିଯୋଗ ଥିଲା ସତ୍ୟ ଓ ସଦ୍ୟ। ଗରିବ ଚୌକିଦାରଟିର ନୀତିବାର୍ତ୍ତା କାହାର ହୃଦୟକୁ ତରଳାଇ ପାରିନାହିଁ। ସମସ୍ତେ ଏକ ଅସାଧୁ ମେଣ୍ଟର ଅଂଶିଦାର। ନ୍ୟାୟ ପ୍ରାର୍ଥନା କରିବାକୁ ଯାଇସେ କ୍ରମାନ୍ୱୟରେ ସବୁ ଉପରିସ୍ଥ ଅଫିସରମାନଙ୍କୁ ଭେଟିଛି, ଫଳ କିଛି ହୋଇନାହିଁ। ଶ୍ରମିକ ୟୁନିଅନ ନେତାଙ୍କୁ ଭେଟିଛି, ଶେଷରେ ଖବର କାଗଜର ସମ୍ପାଦକଙ୍କୁ ଭେଟିଛି। କେହି ବି ଜଣେ ହେଲେ ତା'କଥା କର୍ଣ୍ଣପାତ କରିନାହାନ୍ତି। ହତାଶ ହୋଇ ଫେରିଛି। ଏଣେ ଚାକିରୀଟି ମଧ୍ୟ ଶେଷରେ ଚାଲିଯାଇଛି। ଘୋର ଦାରିଦ୍ର୍ୟ ଗ୍ରାସ କରିବସିଛି। ଚରମ ହତାଶା ଭିତରେ ବି ସେ ଲଢ଼ିଚାଲିଛି ପୂର୍ବପରି ସତ୍ୟପାଇଁ, ଧର୍ମପାଇଁ, ନ୍ୟାୟପାଇଁ। ନାଟକର ବିଭିନ୍ନ ଦୃଶ୍ୟ ଶେଷରେ କୋରସ୍ ଦଳଙ୍କ ମୁହଁରୁ "କା କା କା କଲୁରିବେଣ୍ଟି, ଖା ଖା ଖା" ଗୀତର ପୁନରାବୃତ୍ତି ଘଟିଛି। ଘୋଷକଭାବେ ଗୋଟିଏ ସାମ୍ବାଦିକ ଚରିତ୍ରର ସଂଯୋଜନ କରାଯାଇଛି ନାଟକରେ। 'କଲୁରିବେଣ୍ଟ' ଲୋକଉପାଦାନ ଅବଲମ୍ବନରେ ନାଟ୍ୟକାର ଆମ ସମାଜ ଜୀବନ ଓ ରାଜନୀତିକ ବିଧି ବ୍ୟବସ୍ଥାର ବିପର୍ଯ୍ୟୟ ଦେଖାଇଛନ୍ତି ସବୁଠି ଖାଲି କା-କା-କା, ଆକାଶୀ ଫଳ କଲୁରିବେଣ୍ଟ ଖା-ଖା-ଖା, ଯୁଆଡ଼େ ଯାଆ ସିଆଡ଼େ ଖାଲି ନା-ନା-ନା। ବ୍ରେକ୍‌ଟୀୟ ନାଟ୍ୟରୀତିର ନାଟ୍ୟ ମୋହ ବିଚ୍ଛିନ୍ନତାକୁ ଏଠାରେ ନାଟ୍ୟକାର ରକ୍ଷା କରିଛନ୍ତି, ଯାହା ମଧ୍ୟ ଆମ ଲୋକସାହିତ୍ୟର ଏକ ରୀତିଭାବରେ ଗ୍ରହଣୀୟ।

ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷରେ ନଗରକୈନ୍ଦ୍ରିକ ମାନସିକତାରେ ବଳିପଡ଼ିଥିବା ଗ୍ରାମୀଣ ପରିବେଶ, ପଲ୍ଲୀପ୍ରକୃତି, କୃଷିକ୍ଷେତ୍ର, କୁଟୀରଶିଳ୍ପର ଶ୍ରୀ ସୌନ୍ଦର୍ଯ୍ୟକୁ

Digitized by srujanika@gmail.com

ନାଟ୍ୟସାହିତ୍ୟ ଅଳ୍ପବହୁତେ ଆପଣେଇ ନେଇଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ କୃଷି ଓ କୃଷକର ଦୟନୀୟ ସ୍ଥିତି ନାଟକର ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ନାଟ୍ୟକାର ରଚନା କରିଛନ୍ତି ନାଟକ 'ରାସ୍ତା ନାହିଁ'। ନୀତିଦିନ ପ୍ରତ୍ୟକ୍ଷ ବା ପରୋକ୍ଷରେ ଆତ୍ମହତ୍ୟା କରୁଥିବା ଚାଷୀର ଚରମ ଦୁସ୍ଥିତି ରୂପାୟିତ ହୋଇଛି ଏହି ନାଟକରେ। ଚାଷୀର ଦୁର୍ଭୋଗ, ଦୁସ୍ଥିତି ଓ ହତାଶା କେବଳ ଦୃଶ୍ୟରେ ନୁହେଁ, ବ୍ୟଙ୍ଗାତ୍ମକ ଓ ବ୍ୟଞ୍ଜନାତ୍ମକ ସଂଳାପ ମାଧ୍ୟମରେ ନାଟକର ବିଭିନ୍ନ ଅଂଶରେ ପ୍ରଦର୍ଶିତ। ପରବର୍ତ୍ତୀ ସମୟରେ ଏହି ନାଟକ ସଙ୍କଳନଟିରେ 'ନିରାପଦ ଭବିଷ୍ୟତ', 'ସ୍ୱର୍ଗାରୋହଣ', 'ସକଳ ତୀର୍ଥ ତୋ ଚରଣେ'ରେ ସାଂପ୍ରତିକ ସମୟର ରାଜନୀତିକ ପ୍ରତାରଣା ଓ ଦୁର୍ନୀତିର ଚିତ୍ର 'ସାରଳା ମହାଭାରତ'ର ପଟ୍ଟଭୂମିରେ ଉପସ୍ଥାପିତ। ଗଣତାନ୍ତ୍ରିକ ଶାସନ କଳରେ ରାଜନୀତିର ସ୍ଖଳନକୁ ନାଟ୍ୟକାର ଚମତ୍କାର ରୂପଦେଇ ବ୍ୟଞ୍ଜିତ କରିଛନ୍ତି।

ନାଟ୍ୟକାର ଶିକ୍ଷାବିଭାଗର ପ୍ରଫେସର ହୋଇଥିବାରୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଝିରେ ମଝିରେ ଯିବାକୁ ପଡ଼ିଥାଏ। ଏମିତି ଏକଦା ଓଡ଼ିଶାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ କିଛି ଆନୁଷ୍ଠାନିକ କାର୍ଯ୍ୟ ଉପଲକ୍ଷେ ଆସିଥିବା ସମୟରେ ବିଶ୍ୱବିଦ୍ୟାଳୟର ଓଡ଼ିଆ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ସଦ୍ୟ ନାଟକ ଲେଖିବା ପାଇଁ ଜନୈକ ପ୍ରକାଶକ ଅନୁରୋଧ କରିଥିଲେ। ତାଙ୍କର ଅନୁରୋଧକୁ ଏଡ଼େଇ ନପାରି ନାଟ୍ୟକାର କିଛି ଲେଖିବାର ମାନସିକ ପ୍ରସ୍ତୁତି ଆରମ୍ଭ କରିଥିଲେ ଓ କଥାବସ୍ତୁ ଚିନ୍ତା କଲାବେଳେ ବ୍ରହ୍ମପୁରଠାରୁ ସୁଦୂର ଶାନ୍ତିନିକେତନକୁ ରେଳଯାତ୍ରାରେ ଦୂରତ୍ୱ ଅତିକ୍ରମ କଲାବେଳେ ଆନୁସଙ୍ଗିକ ପରିବେଶର ଚିତ୍ର ତାଙ୍କ ଦୃଷ୍ଟିକୁ ଆସିଥିଲା। ତେଣୁ ସେ ମନସ୍ଥ କରିଥିଲେ ପରିବେଶକୁ ନେଇ ନାଟକଟିଏ ରଚନା କରିବେ। ସାଂପ୍ରତିକ ସମୟରେ ଏକ ମୁଖ୍ୟ ସମସ୍ୟା ହେଉଛି ପରିବେଶର ବିପର୍ଯ୍ୟୟ ଓ ଅବକ୍ଷୟ। ଗାଁ ଗହଳିରେ ଧାନଜମି ପୋତାହୋଇ ନୂଆଘରମାନ ତୋଳା ହେଉଛି। ଜଙ୍ଗଲ ଧ୍ୱଂସ ପାଇଯାଇଛି, ସେ ଜାଗାରେ କଳକାରଖାନା ଓ ଶିଳ୍ପ ପ୍ରତିଷ୍ଠାନ ଗଢ଼ି ଉଠୁଛି। ବହୁତଳ ପ୍ରାସାଦ ନିର୍ମାଣ କରାଯାଇ ଦୋଫସଲି ସାରଦ ଜମି ଗୁଡ଼ିକ ଛୋଟ ବଡ଼ ସହରରେ ପରିଣତ ହୋଇଯାଇଛି। ଜଙ୍ଗଲ ପଦା ହୋଇଯାଇଥିବାରୁ ଆଦିବାସୀ ସଂପ୍ରଦାୟ ବାସହରାଇ ଜଙ୍ଗଲର ଗଭୀର ବା ଭିତରକୁ ଚାଲିଯାଉଛନ୍ତି। ତାଙ୍କ ସୁଖ, ସ୍ୱାଚ୍ଛନ୍ଦ୍ୟ ଜୀବନରେ ସ୍ୱାଧୀନତାର ବିଲୁପ୍ତି ଘଟିଛି ଓ ଭୟ ଆତଙ୍କ ସବୁ ସମୟରେ ସହଚର ସାଜିଛି। ଗାଁ ଗଣ୍ଡାର ଲୋକମାନେ ରାସ୍ତାକଡ଼ ଜମି ସବୁ ଦଲାଲଙ୍କୁ ବିକ୍ରି କରି ସହରର ଛୋଟିଆ ମୋଟିଆ କୋଠରିରେ ମୁଣ୍ଡଗୁଞ୍ଜି ପଡ଼ି ରହିଛନ୍ତି। ବାୟୁମଣ୍ଡଳ ଉତପ୍ତ ହୋଇଉଠୁଛି ଓ କ୍ରମେ ବର୍ଷା ପରିମାଣ ହ୍ରାସ ପାଇବାରେ ଲାଗିଛି। ପ୍ରକୃତିର ଏପରି ଧ୍ୱଂସମୟ ସ୍ଥିତି ଆଗକୁ ମଣିଷ ପାଇଁ ଟିକିଏ ମୁକ୍ତବାୟୁ ଓ ମୁଠାଏ ଦାନା ଦେବାରେ ଅସମର୍ଥ ହେବ। ଏହି ସମସ୍ୟାଟି ନାଟ୍ୟକାରଙ୍କ ମନୋଜଗତରେ ଗୋଟିଏ ଚମତ୍କାର ନାଟକର ରୂପ ଗ୍ରହଣ କଲା। ତେଣୁ

Digitized by srujanika@gmail.com

ସେ ଶାନ୍ତିନିକେତନ ଫେରି ପରିବେଶ ବିପର୍ଯ୍ୟ ଉପରେ 'ମୁଣ୍ଡ ଉପରେ ଛାତ' ନାମକ ନାଟକଟିଏ ରଚନା କଲେ। ମୁଣ୍ଡ ଉପରେ ଛାତ ପାଇଁ ମଣିଷର ସବୁ ସମସ୍ୟା। ସତେ ଯେମିତି ସହରରେ ଛାତଘରଟିଏ ନହେଲେ ଏ ଯୁଗରେ ବଞ୍ଚୁଥିବା ମଣିଷର ଜୀବନଟା ବ୍ୟର୍ଥ ହୋଇଯିବ। ବାସ୍ କାହାଣୀ ବା କଥା ବସ୍ତୁ ଯୋଗାଡ଼ ହୋଇଗଲା। ଚରିତ୍ରର ପରିକଳ୍ପନା ମଧ୍ୟ ସରିଗଲା। ନାଟକ ରଚନା ପାଇଁ ଆବଶ୍ୟକୀୟ ଉପାଦାନ, ପ୍ଲଟ ଓ ପାରିବେଶିକ ପରିପାଟୀର ସଂଯୋଜନ ମଧ୍ୟ ହୋଇଗଲା। ବିଳମ୍ବ ନକରି ନାଟ୍ୟକାର ଏହି କାହାଣୀଟିକୁ ରୂପଦେଲେ ଆଧୁନିକ ଚେତନାର ପରିପାଟୀ ମଧ୍ୟରେ।

ନାଟକର ପରିକଳ୍ପନାରେ ଏକ ବୃହତ୍ତର ପଟ୍ଟଭୂମିରେ ସଂଯୋଜନ। ନାଟକର ପ୍ରଥମ ଦୃଶ୍ୟରେ କାସ୍ପିଆନ୍ ହ୍ରଦ କୂଳରୁ ହିଁ ରୂପ ନେଇଛି। ମନ ଭିତରେ କୌଣସି ଭେଦଭାବ ନଥିବା ଜାତି, ବର୍ଣ୍ଣ, ଧନସମ୍ପତ୍ତି କ'ଣ ବୋଲି ଜାଣୁନଥିବା, ମୁକ୍ତ ସରଳ ଗୋଚାରକ ଓ କୃଷିକାରୀ ଆର୍ଯ୍ୟମାନଙ୍କର ଦିନେ ଘରର ପ୍ରୟୋଜନ ପଡ଼ିଲା। ଅନେକ ଘରର କାନ୍ଥ ଉଠିଲା। ବସତି ସ୍ଥାପନ ହୋଇଗଲା। ଘରର କାନ୍ଥ ପରସ୍ପର ଠାରୁ ବିଚ୍ଛିନ୍ନ କରିଦେଲା ଗୋଟିଏ ଯାଯାବର ସମାଜର ଲୋକଙ୍କୁ। କ୍ରମେ ସ୍ୱାର୍ଥପରତା ଓ ଭେଦବୁଦ୍ଧି କଳୁଷିତ କରିଦେଲା ନିଜସ୍ୱ ସ୍ୱତନ୍ତ୍ର ବୋଲି ଭାବୁଥିବା ମଣିଷମାନଙ୍କ ମନକୁ। ମଣିଷ ଗୋଷ୍ଠୀ ଚତୁର୍ଦ୍ଦିଗକୁ ବିକ୍ଷିପ୍ତ ହୋଇପଡ଼ିଲେ। ଦିନକୁ ଦିନ ସଭ୍ୟ ଶିକ୍ଷିତ ହେବାକୁ ଲାଗିଲା। ସରଳ ଜୀବନଧାରା କ୍ରମେ ପଙ୍କିଳ ଓ ଜଟିଳ ହୋଇଉଠିଲା। ସାମାଜିକ ଆର୍ଥନୀତିକ ବିଦ୍ୱେଷର ସୃଷ୍ଟିପରେ ରାଜନୀତିର ବିଷ ବାଷ୍ପ ପଲ୍ଲୀଗ୍ରାମ ଓ ଆଦିବାସୀ ଗ୍ରାମର ମଣିଷମାନଙ୍କୁ ହିଂସ୍ର କରି ଗଢ଼ି ତୋଳିଲା। ଜୀବନ ଯାତ୍ରା ସହିତ ସଭ୍ୟତାର ପରିବର୍ତ୍ତନ ଘଟିଲା। ସଭ୍ୟତାର ଦ୍ରୁତ ଜୟଯାତ୍ରା ସହିତ ଜମି ପୋତା ହେଲା, ସହର ଗଢ଼ି ଉଠିଲା, ରାଶି ରାଶି କଳକାରଖାନା ଠିଆ ହେଲା। କୃଷି ଜମି ଓ ଜଙ୍ଗଲ ନଷ୍ଟ ହେବାରୁ ଖାଦ୍ୟ ଉତ୍ପାଦନ ଓ ଜଳ ଚାହିଦା ହ୍ରାସ ପାଇଲା, ଏଥି ସହିତ ବାୟୁମଣ୍ଡଳ ମଧ୍ୟ ଦୂଷିତ ହେଲା। ସାମାଜିକ, ଆର୍ଥନୀତିକ ଓ ରାଜନୀତିକ ସମସ୍ୟାସଙ୍କୁଳ ମାନସିକତା ଗୋଟିଏ ଗୋଷ୍ଠୀର ମଣିଷଙ୍କ ସହିତ ଅନ୍ୟ ଗୋଟି, ମଣିଷଙ୍କ ସହିତ ସଂଘର୍ଷ କରାଇଦେଲା। ସମଗ୍ର ବିଶ୍ୱ ଧ୍ୱଂସର କରାଳ ଆଡ଼କୁ ଟାଣିନେଇଥିଲା। ଭବିଷ୍ୟତରେ ସୃଷ୍ଟି ହେବାକୁ ଯାଉଥିବା ମଣିଷର ବିଳୟମୁଖୀ ଶୋଭାଯାତ୍ରାକୁ ଭିତ୍ତିକରି 'ମୁଣ୍ଡ ଉପରେ ଛାତ' ନାଟକର ପରିକଳ୍ପନା କରାଯାଇ ବିବିଧ ଚରିତ୍ର ସଂଯୋଜନ, ନୃତ୍ୟଗୀତ, ସ୍ଲୋଗାନ୍ ପ୍ରଭୃତିକୁ ଅଭିନବ ଭାବେ ନାଟ୍ୟକାର ତାଙ୍କ ପରିଚାଳନାରେ ଶାନ୍ତିନିକେତନ ଗୃହରେ ପ୍ରଥମେ ଅଭିନୀତ କରାଇଥିଲେ। ଏହି ନାଟକଟି ସେତେବେଳେ ନୂତନସ୍ୱାଦ ବହନ କରିଥିବାରୁ ସମସ୍ତ ଓଡ଼ିଆ ଓ ଅଣଓଡ଼ିଆ ଦର୍ଶକଙ୍କର ହୃଦୟକୁ ସ୍ପର୍ଶ କରିଥିଲା ନିବିଡ଼ ଭାବରେ।

Digitized by srujanika@gmail.com

ପରେ ପରେ ନାଟ୍ୟକାର ଦୁଇଟି ଆତ୍ମକଥାକୁ ଭିତ୍ତିକରି ଦୁଇଟି ନାଟକ ରଚନା କରିଥିଲେ । ଗୋଟିଏ ଓଡ଼ିଶାର ନାରୀକବି କୁନ୍ତଳାକୁମାରୀ ସାବତ ଏବଂ ଅନ୍ୟଟି ବଙ୍ଗଳାର ନଗେନ୍ଦ୍ରବାଳାଙ୍କ ଜୀବନର ପ୍ରେମକାହାଣୀକୁ ନେଇ ନାଟକର ବିଷୟ ନିର୍ମିତ ହୋଇଥିଲା । ଉଭୟ ପ୍ରତିଭାଧାରିଣୀ ମହିଳା ତାଙ୍କ ପ୍ରେମିକମାନଙ୍କ ଦ୍ୱାରା ପ୍ରତାରିତା ହୋଇଛନ୍ତି ଓ ସେମାନଙ୍କ ଜୀବନ ଜ୍ୱାଳାମୟ ହୋଇଉଠିଛି । କୁନ୍ତଳାକୁମାରୀ ଥିଲେ କବି, ସମାଜସେବୀ ଓ ଡାକ୍ତର । କୈଳାସ ରାଓଙ୍କୁ ସେ ଭଲପାଇଁ ବସିଥିଲେ । ଉଭୟଙ୍କ ପ୍ରେମ ସମ୍ପର୍କ ନିବିଡ଼ତା ଲାଭ କଲା । ମାତ୍ର ଶେଷରେ କୈଳାସ ରାଓଙ୍କ ଦ୍ୱାରା ପ୍ରତାରିତ କୁନ୍ତଳାକୁମାରୀ ତାଙ୍କ ଜୀବନର ସମସ୍ତ ସୁଖ ସମ୍ପଦକୁ ନିଃଶେଷ କରିଦେଇଥିଲେ । ଏହି ଜୀବନ୍ତ କାହାଣୀ ସତ୍ୟ ଘଟଣାକୁ ଆଧାର କରି ନାଟ୍ୟକାର 'ଭାରତୀ କୁନ୍ତଳା'ନାମରେ ନାଟକଟିଏ ରଚନା କରିଥିଲେ । ପରେ ନାଟ୍ୟକାର ଏହି ମର୍ମଭେଦୀ କଥାକୁ ଅଧିକ ଘନୀଭୂତ କରି 'କୁନ୍ତଳା କୁମାରୀ' ନାଟକର ପରିକଳ୍ପନା କରିଥିଲେ । ନାଟକଟି ଝଙ୍କାରର ଦୁଇଟି ସଂଖ୍ୟାରେ ପ୍ରକାଶିତ ହୋଇ ବହୁ ନାଟ୍ୟମୋଦୀଙ୍କ ପ୍ରଶଂସା ଲାଭ କରିଥିଲା । ସେହିପରି ଆଉ ଜଣେ ମହିଳା ହେଉଛନ୍ତି ନଗେନ୍ଦ୍ରବାଳା । ଖୁବ୍ କମ୍ ବୟସରେ ସେ ଥିଲେ ମଧ ଓ ବିବାହିତା ହୋଇଥିଲେ ବି କବିବର ରାଧାନାଥ ରାୟଙ୍କୁ ଭଲପାଇ ବସିଥିଲେ । ପ୍ରେମ ସମ୍ପର୍କ ନିବିଡ଼ତର ହୋଇ ଦେହଭୋଗରେ ପରିଣତ ହେଲା । କଟକସ୍ଥିତ ଧବଳେଶ୍ୱର ପଠାରେ ପୁତ୍ର ଶଶିଭୂଷଣ ଦ୍ୱାରା ନିର୍ମିତ ବାସଘରେ ରାଧାନାଥ ନଗେନ୍ଦ୍ରବାଳାଙ୍କୁ ନେଇ ରହିଲେ । ଏ କଥା ଯେତେବେଳେ ପ୍ରଚାରିତ ହେଲା ସରକାରୀ ଚାକିରିରେ ଆଞ୍ଚ ଆସିବାର ଭୟ ନେଇ ରାଧାନାଥ ପ୍ରେମିକା ନଗେନ୍ଦ୍ରବାଳାଙ୍କୁ ପ୍ରତାରିତ କରିଥିଲେ । କୁଳଟା, ଚରିତ୍ରହୀନା, ମାୟାବିନୀ ନାରୀ ତାଙ୍କୁ ଏପରି ଅବାଟକୁ ନେଇଯିବାକୁ ବାଧ କରିଛି ବୋଲି କହି ନିଜପ୍ରତି ଦୟା ଓ ସମବେଦନା ଯୋଗାଡ଼ କରିଥିଲେ । ହେଲେ ଏତେବଡ଼ ପ୍ରତାରଣାକୁ ନଗେନ୍ଦ୍ରବାଳା ବରଦାସ୍ତ ନକରିପାରି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଏହି ଘଟଣା ନାଟ୍ୟକାରଙ୍କୁ ଏତେ ପ୍ରଭାବିତ କରିଥିଲା ଯେ, ସେ 'ନଗେନ୍ଦ୍ରବାଳା' ନାମରେ ପ୍ରଥମେ ଏକ କବିତା ଲେଖିଥିଲେ ଏବଂ ପରେ ପରେ ଏହାର ବାସ୍ତବରୂପକୁ ଚମତ୍କାର ସଂଳାପ ସଂଯୋଜନରେ ନାଟକଟିଏ ରଚନା କଲେ । ଯାହାର ନାମ ଥିଲା 'ସରସ୍ୱତୀ ନଗେନ୍ଦ୍ରବାଳା' । ଦୁଇଟିଯାକ ନାଟକ ସମଧର୍ମୀ ହୋଇଥିବାରୁ ଏହା ପରେ ଓଡ଼ିଶା ବୁକ୍‌ଷ୍ଟୋର୍ ଦ୍ୱାରା 'ଭାରତୀ କୁନ୍ତଳା ଓ ସରସ୍ୱତୀ ନଗେନ୍ଦ୍ରବାଳା' ଶୀର୍ଷକ ପୁସ୍ତକ ଭାବେ ପ୍ରକାଶ ଲାଭ କରିଥିଲା ।

ଚଳଚଞ୍ଚଳ ସାରସ୍ୱତ ଲେଖନୀ ପୁଣି ମାଡ଼ିଚାଲିଲା ଆହୁରି ଆଗକୁ । 'ପଞ୍ଚସଖା ପ୍ରକାଶନ' ତାଙ୍କର 'ଶୂନ୍ୟଘର' ନାମକ ଏକ ନାଟକ ପ୍ରକାଶ କରିଥିଲେ । ମାତ୍ର ପରେ ଚଟ୍ରୋପଲ୍ଲୀ ପ୍ରକାଶନ ସଂସ୍ଥା 'ଶୂନ୍ୟଘର' ଶୀର୍ଷକ ସଂକଳନରେ 'ଶୂନ୍ୟଘର' ନାଟକ

Digitized by srujanika@gmail.com

ସମେତ 'ବରଗଛ', 'ସନ୍ଧ୍ୟାର ଆଲୁଅ', 'ଦିନ ଦିନ ଶେଷଦିନ' ପ୍ରକାଶ ଲାଭ କଲା। ପୁନଶ୍ଚ 'ପଥ ବହୁଦୂର' ଶୀର୍ଷକ ସଂକଳନରେ 'ପଥବହୁଦର', 'ମୂକ ମୌନିକ', 'ଜନ୍ମଭୂମି', 'ଶୂନ୍ୟଘରର ସୀମା' ପ୍ରଭୃତି ନାଟକ ଗୁଡ଼ିକ ସ୍ଥାନଲାଭ କରି ପ୍ରକାଶ ପାଇଥିଲା। ଏହି ଦୁଇଟି ସଂକଳନର ବହୁ ନାଟକ ଆକାଶବାଣୀ ଦ୍ୱାରା ପ୍ରସାରିତ ହୋଇଥିଲା। ଆଧୁନିକ ଚେତନାର ବାର୍ତ୍ତାବହ ଭାବେ ଏହି ନାଟକରେମଣିଷ ସମାଜକୁ ସଚେତନ କରିବାର ଖୋରାକ ନାଟ୍ୟକାର ସଂଯୋଡ଼ିଛନ୍ତି।

ନାଟ୍ୟକାର ନିଜସ୍ୱ ରଚନା ଛଡ଼ା ଅନ୍ୟଭାଷାର କେତୋଟି ନାଟକକୁ ଅନୁସୃଜନ କରିଛନ୍ତି। ମୌଳିକ କଥାବସ୍ତୁ ଓ ଭାବବସ୍ତୁର ସମନ୍ୱୟରେ ଦୁଇଟି ଇଂରାଜୀ ଓ ଗୋଟିଏ ବଙ୍ଗଳାର ନାଟକ ଓଡ଼ିଆ ରୂପାନ୍ତର ହୋଇଥିଲା। ସେଗୁଡ଼ିକ ହେଲା 'ପାହାଡ଼ର ଅନ୍ୟ ରୂପ', 'ଅନ୍ଧ ଦ୍ୱିପ୍ରହର' ଓ 'ସକ୍ରେଟିସ୍‌ଙ୍କ ଜମାନବନ୍ଦୀ'। ଏହି ନାଟକ ଗୁଡ଼ିକର ବଳିଷ୍ଠ ପ୍ରସିଦ୍ଧି ମୂଳଭାଷାରେ ଥିଲେ ମଧ୍ୟ ନାଟ୍ୟକାର ନୀଳାଦ୍ରିଙ୍କ ଲେଖନୀ ଏହା ଓଡ଼ିଆ ଭାଷାନ୍ତର ହୋଇ ଓଡ଼ିଆ ପାଠକ ତଥା ଦର୍ଶକଙ୍କ ହୃଦୟକୁ ଜିଣି ପାରିଛି।

ନାଟ୍ୟକାର ଶ୍ରୀଯୁକ୍ତ ହରିଚନ୍ଦନ ଆଧୁନିକ ଚେତନାକୁ ଆଧାରକରି ସମାଜର ବିଭିନ୍ନ ଦିଗପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ତାଙ୍କ ନାଟକ ଜରିଆରେ। ଉଦ୍ଦେଶ୍ୟ ସମାଜକୁ ସଜାଡ଼ିବା, ଏକ ଶୃଙ୍ଖଳିତ ବାତାବରଣ ଭିତରେ ସାରା ବିଶ୍ୱକୁ ବଞ୍ଚାଇ ରଖିବା। ତେଣୁ ଅର୍ଥନୀତି, ରାଜନୀତି, ବିଭିନ୍ନ ଦୁର୍ନୀତିକୁ ସୂକ୍ଷ୍ମଦୃଷ୍ଟିରେ ବିଚାରକରି ତା'ର ସମାଧାନର ସୂତ୍ରକୁ ଆବିଷ୍କାର କରି ବ୍ୟଙ୍ଗାତ୍ମକ ଭାବେ ବା ବିଭିନ୍ନ ଚେତନାର ପ୍ରୟୋଗକରି ଚରିତ୍ରମାନଙ୍କ ଜରିଆରେ ତାଙ୍କ ନାଟକର ଅସ୍ତ୍ରକୁ ପ୍ରୟୋଗ କରିଥାନ୍ତି। କେବଳ ନାଟ୍ୟକାର ଜଣେ ସ୍ରଷ୍ଟା ବା ସାହିତ୍ୟିକ ନୁହେଁ, ପରୋକ୍ଷରେ ସେ ଜଣେ ସମାଜ-ସଂସ୍କାରକ ଓ ଦାର୍ଶନିକ। ବିଶେଷକରି ବିଶ୍ୱକୁ ଠିକ୍‌ବାଟରେ ନେବାର ଦାୟିତ୍ୱ ତାଙ୍କ ହାତରେ ନ୍ୟସ୍ତ। ଏହି ବାସ୍ତବତା ନାଟ୍ୟକାରଙ୍କ ନାଟକରେ ଉଦ୍‌ଘୋଷିତ ହୋଇଥିବାର ଲକ୍ଷ୍ୟ କରାଯାଏ। ସାଂପ୍ରତିକ ସମସ୍ୟା ବିଶ୍ୱକୁ ଯେଉଁ ସଙ୍କଟ ଆଡ଼କୁ ଟାଣି ନେଉଛି, ତା'ର ସୂକ୍ଷ୍ମ ବିଶ୍ଳେଷଣ କରିଛନ୍ତି ନାଟ୍ୟକାର ଅନ୍ୟଏକ ନାଟକ ସଙ୍କଳନରେ। 'ବନ୍ଦୀଶାଳାରେ ବିଶ୍ୱପତି' ନାମକ ନାଟକ ସଂକଳନରେ ଯେଉଁ ଅପ୍ରକାଶିତ ଓ ଅପ୍ରକାଶିତ ନାଟକ ଗୁଡ଼ିକ ନାଟ୍ୟକାର ସ୍ଥାନ ଦେଇଛନ୍ତି, ସେଗୁଡ଼ିକ ବହୁ ସମସ୍ୟା-ଆଧାରିତ ଓ ଆଧୁନିକ ଚେତନାର ବାର୍ତ୍ତାବହ ଅଟନ୍ତି। 'ବନ୍ଦିଶାଳାରେ ବିଶ୍ୱପତି' ମୂଳନାଟକ ଛଡ଼ା ଏଥିରେ ସନ୍ନିବେଷିତ ଅଛି 'ଜଣେ ବିଚାରାଧୀନ,ବନ୍ଦୀର ଆତ୍ମକଥା', 'ଅରଣ୍ୟର ଅଶ୍ରୁ', 'ଅର୍ଦ୍ଧେକ ପୃଥିବୀ' ଓ 'ଅବ୍ୟକ୍ତ ଅନେକ' ନାଟକ। ସାଂପ୍ରତିକ ସମୟରେ କଳକାରଖାନା ଓ ଆଧୁନିକୀକରଣ ନାମରେ ବିସ୍ଥାପନ ଓ ଉଚ୍ଛେଦ ଆଦିବାସୀମାନଙ୍କର ଜୀବନ ଓ ଜୀବିକାରେ ସୃଷ୍ଟିକରିଥିବା ଚରମ ଦୁର୍ଦ୍ଦଶା ଭୋଗକୁ ଉପଜୀବ୍ୟ କରି 'ଅରଣ୍ୟର ଅଶ୍ରୁ' ନାଟକର ଅନ୍ତଃସ୍ୱର ରୂପାୟିତ। ସଂସ୍କୃତି ଓ ଧର୍ମ ପରମ୍ପରା

Digitized by srujanika@gmail.com

ଉପରେ ବଞ୍ଚୁଥିବା ଭାରତୀୟ ମଣିଷର ଶେଷ ଆଶ୍ରୟ ଈଶ୍ୱର ବିଶ୍ୱାସ। ଦେବାଳୟ ଓ ଦେବତାର ଆଶ୍ରିତ ମଣିଷ ପାଇଁ ମୁଣ୍ଡ ଟେକିଛି ନୂଆ ସମସ୍ୟା। ଦେବତା ଓ ଦେବାଳୟରେ ସେବାୟତ ବଡ଼ପଣ୍ଡାଙ୍କର ସ୍ୱେଚ୍ଛାଚାରିତା ଓ ଆଧିପତ୍ୟ। ସେମାନଙ୍କର ସଂକୀର୍ଣ୍ଣ ମାନସିକତା ଓ ବିଭିନ୍ନ କୁସଂସ୍କାର ପୂର୍ଣ୍ଣ ବ୍ୟବହାର ତଥା ଆଚରଣ ପ୍ରଦର୍ଶନରେ ଦେବାୟଳୟର ଶ୍ରୀହୀନତା। ଭକ୍ତ ଓ ଅଧିଷ୍ଠାତା ଦେବତାଙ୍କର ଗୌଣତ୍ୱ ସମସ୍ୟାକୁ ଆଧାରକରି 'ବନ୍ଦିଶାଳାରେ ବିଶ୍ୱପତି' ନାଟକର ପରିକଳ୍ପନା ମନୋଜ୍ଞ ତଥା ଧର୍ମ-ସଂସ୍କାରମୂଳକ ହୋଇପାରିଛି। ଆଧୁନିକ ଶିକ୍ଷାପଦ୍ଧତି ଓ ପାଶ୍ଚାତ୍ୟ ଶିକ୍ଷା ପ୍ରତି ଥିବା ଅହେତୁକ ଆକର୍ଷଣ ଯୋଗୁଁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠର ଅତିରିକ୍ତ ଚାପପାଇ ଶିଶୁର ମନରେ ସୃଷ୍ଟି ହେଉଥିବା ଉତ୍ପୀଡ଼ନ ଓ ଅନୁଭୂତି ହୀନତାକୁ ଆଧାର କରି 'ଅର୍ଦ୍ଧେକ ପୃଥିବୀ' ନାଟକର ରୂପ ଚିତ୍ରଣ ସମ୍ଭବ ହୋଇଛି। ବିଶେଷ କରି ଶିକ୍ଷା-ସଂସ୍କାରଧର୍ମୀ ନାଟକ ଭାବରେ ଏହାର ଗଭୀର ପ୍ରଭାବ ସମାଜରେ ବେଶ୍ ଉପଲବ୍ଧ। ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସନ ସହିତ ପ୍ରଶାସନ କିପରି ଦୁର୍ନୀତିଗ୍ରସ୍ତ ହୋଇଛି ତା'ର ଚମତ୍କାର ଓ ବାସ୍ତବ ବର୍ଣ୍ଣନା 'ଜଣେ ବିଚାରାଧିନ ବନ୍ଦୀର ଆତ୍ମକଥା' ନାଟକର କଥାବସ୍ତୁ ବହନ କରେ। ପୋଲିସର ଅପରିଣାମଦର୍ଶୀ ଖାମଖିଆଲି ମନୋଭାବ ଯୋଗୁଁ ନିର୍ଦ୍ଦୋଷ ଲୋକ କିପରି ଦଣ୍ଡ ଓ ନିର୍ଯ୍ୟାତନାର ଶିକାର ହେଉଛି ତା'ର ବର୍ଣ୍ଣନା ଏଥିରେ ରୂପାୟିତ। ସଂପ୍ରତି ସାରସ୍ୱତ ଜୀବନରେ ବଞ୍ଚିବାର ଘୋର ସଙ୍କଟ ଏକ ସମସ୍ୟା ହୋଇଯାଇଛି। କବି, ଲେଖକ, ସାହିତ୍ୟିକ, କଳାକାର, ଅଭିନେତା, ଚିତ୍ରକର ଭାବେ ସମାଜରେ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ରାହାନାହିଁ। ଏ କଥା ନାଟ୍ୟକାର ମର୍ମେ ମର୍ମେ ଅନୁଭବ କରିଛନ୍ତି। ଜଣେ ସାରସ୍ୱତ ସ୍ରଷ୍ଟା କିପରି ଯନ୍ତ୍ରଣାଦଗ୍ଧ ଜୀବନ ବିତାଏ ତା'ର ଚମତ୍କାର ପରିପ୍ରକାଶ 'ଅବ୍ୟକ୍ତ ଅନେକ' ନାଟକ। ଜଣେ ଉନ୍ମେଷମୁଖୀ ଲେଖକଙ୍କର ଶୋଷଣ ଓ ଅସମ୍ମାନ ଉପଜୀବ୍ୟରେ ଏ ନାଟକଟି ହୋଇଛି ବୁଦ୍ଧିମନ୍ତ ଓ ପୂର୍ଣ୍ଣାଙ୍ଗ। ଆଲୋଚ୍ୟ ନାଟକ ଗୁଡ଼ିକ ବିଭିନ୍ନ ସମୟରେ 'ଝଙ୍କାର', 'ବିଶ୍ୱମୁକ୍ତି', 'ଇସ୍ତାହାର' ଓ 'ବର୍ତ୍ତିକା'ରେ ପ୍ରକାଶିତ ହୋଇଥିଲା।

ନାଟ୍ୟକାର ସବୁବେଳେ ଚେଷ୍ଟା କରିଛନ୍ତି ନୂଆକରି କିଛି ଲେଖିବେ। ନୂତନ ଚିନ୍ତା ଚେତନାକୁ ନୂତନଶୈଳୀରେ ଓଡ଼ିଶା ଓ ଭାରତବର୍ଷର ବିଭିନ୍ନ ସମସ୍ୟାକୁ, ଏପରିକି ପୃଥିବୀର ବିଭିନ୍ନ ସମସ୍ୟାକୁ ନେଇ ନାଟକରେ ରୂପାୟିତ କରିବେ। ତଥାପି ଲେଖକଙ୍କର ମୁଖ୍ୟ ଉଦ୍ଦେଶ୍ୟ ଲୋକଙ୍କ ନିକଟରେ କିଛି ନୂତନ ବାର୍ତ୍ତା ଦେବା। ସେଥିପାଇଁ ବହୁ ନାଟକରେ ସମାଜ ବାସ୍ତବବାଦୀ ଚିନ୍ତାର ଉପସ୍ଥାପନ କରିଛନ୍ତି ମହାକାବ୍ୟିକ ଓ ବ୍ରେକ୍‌ଶରୀୟ ଏପିକ୍ ରୀତିରେ। ବେଳେବେଳେ ତାଙ୍କର ନାଟକ ଭାବାବେଗମୟ କାବ୍ୟିକ ହୋଇଉଠିଛି। ମାତ୍ର ଗୁରୁତ୍ୱ ଦେଇଛନ୍ତି ବିଷୟ ଓ ସଂଳାପ ଉପରେ; ନାଟକ ବା

Digitized by srujanika@gmail.com

ଦୃଶ୍ୟକାବ୍ୟରେ ଯଦି ତାଙ୍କର ଦୃଶ୍ୟବିଭବ ଅଳ୍ପ ହୋଇଯାଏ। ତେବେ କାବ୍ୟ ବିଭବ ଅଧିକ ହୋଇରହିଥାଏ। କିନ୍ତୁ ସ୍ୱାଭାବିକ ଭାବେ ନାଟ୍ୟକାର ଚାହାଁନ୍ତି ଏହା ସାହିତ୍ୟ ଭାବେ ବଞ୍ଚିରହୁ।

ନାଟ୍ୟକାର ନୀଳାଦ୍ରିଙ୍କ ଲେଖନୀ ସାହିତ୍ୟର ବିଭିନ୍ନ ରାହାକୁ ଛୁଇଁ ଯାଇଛି। ନାଟକ ଲେଖାର ଅବ୍ୟବହିତ ପୂର୍ବରୁ ସେ ପ୍ରଥମେ କବିତାରୁ ସାହିତ୍ୟିକ ଜୀବନର ଆରମ୍ଭ କରିଥିଲେ। କବିତା ସ୍ୱତଃସ୍ଫୂର୍ତ୍ତ, ଆପେ ଶବ୍ଦ ସ୍ମରଣ ହୁଏ ପୁଣି ରାଶି ରାଶି ଶବ୍ଦ ପୁଞ୍ଜି ଯୋଡ଼ି ହୋଇଯାଏ କବିତାର କଳେବରରେ ବୋଲି ସେ ମତଦିଅନ୍ତି। ଏବେ ବି ଜୀବନର ଅପରାହ୍ଣରେ ସେ କବିତାର ମୋହଠାରୁ ନିଜକୁ ଦୂରେଇ ପାରିନାହାନ୍ତି। ଆଶ୍ଚର୍ଯ୍ୟଲାଗେ ଭାବଗମ୍ଭୀର ଶବ୍ଦ ଭିତରେ ଆଧୁନିକ ଚେତନାକୁ ତୋଳିଧରି ମଣିଷ ମନର ସ୍ତରଭେଦି ଭେଦି ସେ ପହଞ୍ଚି ଯାଆନ୍ତି ଅବ୍ୟକ୍ତ ବେଦନା ପାଖରେ, ଆଉ କହିବସନ୍ତି ମନଗହନର ଗୁମର କଥା ଦି'ପଦ ମନଖୋଲି; କେମିତି ଏହା ସମ୍ଭବ ହୁଏ ଶବ୍ଦଶିଳ୍ପୀ ନୀଳାଦ୍ରିଙ୍କ ଯାଦୁକରୀ ଲେଖନୀ ସ୍ପର୍ଶରେ ! ନାଟ୍ୟକାରର ଜୀବନ ନେଇ ବଞ୍ଚିଥିବା ଏତେବଡ଼ ଜଣେ ସଫଳ ସ୍ରଷ୍ଟାଙ୍କ ବହୁମୁଖୀ ପ୍ରତିଭାର ଅନ୍ୱେଷା କଲାବେଳେ ଆଧୁନିକ ଚେତନା ସମ୍ବଳିତ କବିତାରୁ ଦୁଇଧାଡ଼ି ଏ ପରିପ୍ରେକ୍ଷୀରେ ସ୍ଥାନିତ କରୁଛି:

"ଏଇ ନିଷ୍ଠୁର ଖେଳରୁ
  କ'ଣ ଲାଭମିଳେ ତମକୁ
ମୋ ଯନ୍ତ୍ରଣା ଅଗ୍ନିହୋଇ ପୋଡୁଥାଏ
ମୋ ଆତ୍ମାକୁ, ମୋ ଆୟୁଷକୁ
ଚାରିଦିଗରୁ ଶିଖାମେଲି;
ଅଙ୍ଗାର ଭିତରେ ଡହକୁଥିବା
ହୃଦୟର ଦର୍ପଣରେ ତଥାପି
ଅଚାନକ ପ୍ରତିବିମ୍ବ ଭଳି ବାରମ୍ବାର
ଝଲିଉଠେ ତୁମ ହାତ ଅଦ୍ଭୁତ, ସୁନ୍ଦର।
କ'ଣ ଲାଭ ଏଇ ଅନ୍ଧପୁତୁଳିରେ
ଯଦି ଅନ୍ଧାରର କ୍ଷମତା ନାହିଁ
ଅଦୃଶ୍ୟ କରିଦେବାର
ବିସ୍ମୃତ କରିଦେବାର।" ('ଅଦ୍ଭୁତ ସୁନ୍ଦର'- ନବଲିପି, ଅକ୍ଟୋବର-୧୯୯୨)

କେବଳ କବିତା ନୁହେଁ କି ନାଟକ ନୁହେଁ, ତାଙ୍କର ସର୍ଜନଶୀଳତା ସାରା ସାହିତ୍ୟର ପୃଥିବୀକୁ ଛାଇଦେଇଛି ବିଭିନ୍ନ ବିଭାଗରେ। ସ୍ରଷ୍ଟା ନିଜେ କହନ୍ତି- "ସବୁବେଳେ ଭାବିଛି

Digitized by srujanika@gmail.com

ନୂଆକିଛି ଲେଖିବି, ଅନ୍ୟମାନଙ୍କଠୁ ଭିନ୍ନ ହୋଇ। କିନ୍ତୁ ବାଗ୍‌ଦେବୀ ଯେପର୍ଯ୍ୟନ୍ତ ପ୍ରସନ୍ନ ନ ହୋଇଛନ୍ତି, ଅଧମ ମଣିଷର କି ଉପାୟ। ସମାନ୍ତରାଳ ଭାବେ ତ କବିତା, ସମାଲୋଚନା ଲେଖିଛି, ଅନୁବାଦ କରିଛି, ଖବର କାଗଜ ପ୍ରବନ୍ଧ ଲେଖିଛି। ଯେଉଁ କବିତା ମୋତେ ଲେଖକ ଭାବେ ପ୍ରଥମେ ପରିଚିତି ଦେଇଛି, ତାକୁ ଛାଡ଼ିପାରୁନି। ତା' ମାଧ୍ୟମରେ ତ ନୂଆ କିଛି କରିପାରୁଛି। ପୁଣି ନୂଆ କଥା କହିବାର ପ୍ରବଣତା ଓ କର୍ତ୍ତବ୍ୟବୋଧରୁ ନିଜକୁ ମୁକ୍ତ କରିପାରୁନି ବୋଲି ସମାଲୋଚନା ଲେଖୁଛି। କବିତା ଓ ସମାଲୋଚନା ବହିତ ନାଟକ ଅପେକ୍ଷା ଯଥେଷ୍ଟ ବେଶି ହେଲାଣି। ଏସବୁ ଦୃଷ୍ଟିରୁ ନାଟକ ପାଇଁ ସ୍ୱତନ୍ତ୍ର ସମୟ ଦେଇପାରୁନି ବୋଲି ମନରେ ଦୁଃଖ ହେଉଛି। ସବୁ ଛାଡ଼ି ଭଲ ଭଲ କେତୋଟି ନାଟକ ଲେଖିପାରନ୍ତି କି ? ବେଳେ ବେଳେ ମନେ ହେଉଛି ମୁଁ ନାଟକ ଲେଖା ଆରମ୍ଭ କରିପାରିନି। କିନ୍ତୁ ଲେଖିବାର ଅଭିପ୍‌ସା ରହିଛି। ଏହି ଅଭିପ୍‌ସା ଯେତେବେଳେ ଉଦ୍‌ବେଳିତ ହୋଇଉଠିବ ମୁଁ ସେଇ ଚିର ଆକାଙ୍‌କ୍ଷିତ ନାଟକଟି ଲେଖିପାରିବି, ବିଶ୍ୱାସ ଆସୁଛି।"

ନାଟ୍ୟକାରଙ୍କ ସାରସ୍ୱତ ପ୍ରତିଭାର ବହୁମୁଖୀ ଦିଗ ତାଙ୍କୁ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ସ୍ରଷ୍ଟାଭାବେ ସ୍ୱୀକୃତି ପ୍ରଦାନ କରେ। କବିତା, ନାଟକ, ସମାଲୋଚନା ଆଦି ପ୍ରତିଟି ସୃଷ୍ଟିରେ ତାଙ୍କର ଅଭିନବ ଶୈଳୀ ଆପେ ବାରି ହୋଇପଡ଼େ। ବିଶେଷ କରି ତାଙ୍କ ସୃଷ୍ଟି ଆଧୁନିକ ଚେତନାଗୁଡ଼ିକର ଚମତ୍କାର ପରିପ୍ରକାଶ ଘଟିଥିବାର ଜଣାଯାଏ। ଯେଉଁଥି ପାଇଁ ନୀଳାଦ୍ରିଙ୍କ ସୃଷ୍ଟି ନିଆରା, ରୁଚିପୂର୍ଣ୍ଣ ଓ ଅନତିକ୍ରମ୍ୟ ହୋଇପାରିଛି, ତା'ର ଏକ ସ୍ୱତନ୍ତ୍ର ଶୈଳୀ ଓ ବୈଶିଷ୍ଟ୍ୟ ହିଁ ଦାୟୀ। ସେଗୁଡ଼ିକ ହେଲା -

(କ) ସୂକ୍ଷ୍ମ ଚାତୁର୍ଯ୍ୟଭରା ପରିବେଶ ସହିତ ଘଟଣା ସୃଷ୍ଟିର ପ୍ରବଣତା

(ଖ) ଚରିତ୍ର ଓ ସଂଳାପରେ ଗୁରୁତ୍ୱ

(ଗ) ଚାତୁର୍ଯ୍ୟପୂର୍ଣ୍ଣ ନାଟ୍ୟ ପରିପ୍ରେକ୍ଷୀରେ ପାରିବେଶିକ ସୃଷ୍ଟିର ଗୁରୁତ୍ୱ

(ଘ) ତୀକ୍ଷ୍ଣ ଓ ତୀର୍ଯ୍ୟକ୍ ମାନସିକ ବିଶ୍ଲେଷଣ

(ଙ) ସାଙ୍ଗୀତିକତା ଏବଂ ସରଳ ଭାଷାର ପ୍ରୟୋଗ

(ଚ) ଐତିହାସିକ ଓ ସାମଜିକ ଆବେଗଧର୍ମୀ ପ୍ରାଣସ୍ପନ୍ଦନ

(ଛ) ରାଜନୀତିକ ଓ ଅମଲାତାନ୍ତ୍ରିକ ଆଭିମୁଖ୍ୟ

(ଜ) ଲୋକକଥାର ସଂଯୋଜନ

(ଝ) ସମସାମୟିକ ସମାଜ ଜୀବନର ବିଭିନ୍ନ ସମସ୍ୟାର ଯଥାର୍ଥ ରୂପାୟଣ

(ଞ) ପ୍ରତିଟି ସୃଷ୍ଟିରେ ଏକ ମହତ୍ତର ବିକଳ୍ପ ବାର୍ତ୍ତା ପ୍ରଦାନର ଆଭିମୁଖ୍ୟ ଗ୍ରହଣ

ସ୍ରଷ୍ଟା ଓ ସୃଷ୍ଟି ଚିରକାଳର ସହଚର। ଜୀବନର ପ୍ରତିଟି ମୁହୂର୍ତ୍ତର ଅନୁଭୂତିରୁ ସାଉଁଟିଥିବା ଉପାଦାନକୁ ରସାଳଭାବେ ତାଙ୍କ ପାଠକ-ଦୁନିଆରେ ବାଣ୍ଟିବାର ଆନନ୍ଦରେ

Digitized by srujanika@gmail.com

ଏବେ ବି ସେ ମସ୍‌ଗୁଲ। ମନେ ମନେ ମସ୍ତ ମଣିଷଟେ ସେ। ସତେ ଯେମିତି ତାଙ୍କ ଜୀବନଯାତ୍ରାରୁ ମଣିଷ ଶିଖିଯିବ ବଞ୍ଚିବାର ମଧୁର ମୋହଟି କଳା, ଯେମିତି ସ୍ରଷ୍ଟା ସେମିତି ଅପୂର୍ବ ତାଙ୍କର ସୃଷ୍ଟି ଜଗତ। ଚେତନାର ଚଉହଦିରେ ପାଦଥାପି ଚାଲୁଥିବା ସହଯାତ୍ରୀଟିଏ ସେ; ସେଇଁଥି ପାଇଁ ତ ତାଙ୍କ ସୃଷ୍ଟିରେ ଆପେ ବାରି ହୋଇପଡ଼େ ନୀଳାଦ୍ରୀୟ ଶୈଳୀ, ଯାହା ଅନନ୍ୟ, ଅନତିକ୍ରମ୍ୟ ଓ ଅନ୍ୟତ୍ର ବିରଳ। ଏହି ଆଭିମୁଖ୍ୟର ପସରା ମେଲାଇ ଥିବା ସ୍ରଷ୍ଟାଠାରୁ ପାଠକେ ବିପୁଳ ପ୍ରାପ୍ତିର ଆଶା ସମ୍ବରଣ କରିପାରନ୍ତି ନାହିଁ।

ଅଧ୍ୟାପିକା ଓଡ଼ିଆ ବିଭାଗ,
ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ,
ବ୍ରହ୍ମପୁର, ଗଞ୍ଜାମ

Digitized by srujanika@gmail.com

'ଶୂନ୍ୟଘର'ରେ ପ୍ରତିଫଳିତ ସାମାଜିକ ଦୃଷ୍ଟି ଓ ଅଙ୍ଗୀକାର

ଡ. ରଶ୍ମିନନ୍ଦିତା ଜେନା

ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'ଶୂନ୍ୟଘର' ନାଟ୍ୟସଂକଳନରେ ପାଞ୍ଚଗୋଟି ନାଟକ ସନ୍ନିବେଷିତ ଯଥା – 'କଲୁରିବେଣ୍ଟ କଥା', 'ବର ଗଛ', 'ସଂଧ୍ୟାର ଆଲୁଅ', 'ଦିନଦିନ ଶେଷଦିନ' ଓ 'ଶୂନ୍ୟଘର'। ୧୯୯୯ ମସିହାରେ ପ୍ରକାଶିତ ଏହି ନାଟ୍ୟସଂକଳନରେ ନାଟ୍ୟକାରଙ୍କର ସମାଜସଚେତନାର ସୂଚନା ମିଳେ। ୧୯୮୦ ମସିହା ବେଳକୁ ଓଡ଼ିଆ ନାଟ୍ୟକାରମାନେ କ୍ରମଶଃ ସମାଜ ଅଭିମୁଖୀ ହୋଇଉଠିଛନ୍ତି। ପୂର୍ବ ନାଟକରେ ଦେଖାଦେଉଥିବା ଆପାତତଃ ଦୁର୍ବୋଧ ଶୈଳୀକ ରୀତିକୁ ପରିହାର କରି ଦର୍ଶକଙ୍କ ନିକଟତର ହେବାକୁ ନାଟ୍ୟକାରମାନେ ପ୍ରୟାସ କରିଛନ୍ତି। ନାଟ୍ୟକାରମାନେ ସମାଜ ଉପଯୋଗୀ କଥାବସ୍ତୁକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହି ନାଟ୍ୟସଂକଳନରେ ସାଂପ୍ରତିକ ତଥା ଦୈନନ୍ଦିନ ଜୀବନରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର ସୂକ୍ଷ୍ମବିଶ୍ଳେଷଣ ଦେଖିବାକୁ ମିଳେ।

'କଲୁରିବେଣ୍ଟ କଥା' ନାଟକରେ ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀର ସଂଘର୍ଷ ଓ ତା'ର ଅସହାୟତାର ଚିତ୍ର ପ୍ରଦର୍ଶିତ। ଲୋକଗଳ୍ପ 'କଲୁରିବେଣ୍ଟ'ରେ ଗୋଟିଏ କାଉ; କଲରା ଖାଇବା ଆଶାରେ କୂଅ, କୁମ୍ଭାର, ବିଲ, ମିରିଗ, ଗାଈ, କମାର ଏହିପରି ଜଣକ ପରେ ଜଣକ ପାଖକୁ ଯାଇଛି ମାତ୍ର ଶେଷର ତାକୁ ହତାଶା ମିଳିଛି। ସେ କଲରା ଖାଇପାରିନାହିଁ, ବରଂ କମାର ତା' ପାଟିରେ ଗରମ ଦା' ପୂରେଇ ଦେବାରୁ ତା' ପାଟି ପୋଡ଼ି ଯାଇଛି। ଏହି ନାଟକରେ ବନବିଭାଗର ଚତୁର୍ଥଶ୍ରେଣୀ କର୍ମଚାରୀ ଗୁରୁଚରଣ ସେହିପରି ନ୍ୟାୟ ଆଶାରେ ଛୋଟରୁ ବଡ଼ ସମସ୍ତଙ୍କ ପାଖକୁ ଯାଇଛି; ମାତ୍ର ସେ ନ୍ୟାୟ ପାଇନାହିଁ। ଶେଷରେ ତାକୁ କାଉ ପରି ହତାଶ ହେବାକୁ ପଡ଼ିଛି।

ଅଭୟାରଣ୍ୟର ଡାକ ବଙ୍ଗଳାରେ ଗୁରୁଚରଣ ଜଣେ ଚଉକିଦାର। ଡାକବଙ୍ଗଳାକୁ ଆସିଥିବା ଜଣେ ଅଫିସର ନିଜ ବନ୍ଧୁମାନଙ୍କ ପାଇଁ ଭୋଜିର ଆୟୋଜନ ଲାଗି ହରିଣ ଶିକାର କରାଇଥିଲେ। ଏହି ଘଟଣାରେ ଗୁରୁଚରଣ ବହୁତ ଦୁଃଖିତ ହୋଇଛି। ଜଙ୍ଗଲ ଓ ପଶୁମାନଙ୍କ ପ୍ରତି ଭଲପାଇବା ଓ ସଚେତନତାବଶତଃ ଗୁରୁଚରଣ ସେହି ମାଂସ ରୋଷେଇ କରିବାକୁ ମନା କରିଛି। ସେହିଦିନ ସେ ଛୁଟି ନେଇ ଘରକୁ ଚାଲିଯିବାକୁ ଚାହିଁଛି। ମାତ୍ର ତାକୁ ଛୁଟି ମିଳିନାହିଁ। ଗୁରୁଚରଣ ହରିଣ ଶିକାର ସମ୍ବନ୍ଧରେ ଦରଖାସ୍ତ ଲେଖି ଉପରସ୍ଥ

Digitized by srujanika@gmail.com

ଅଫିସରଙ୍କୁ ଜଣାଇଛି । ଏତିକି ଥିଲା ଗୁରୁଚରଣର ଅପରାଧ । ଏହାପରେ ତା' ବିରୁଦ୍ଧରେ ଗୁରୁତର ଅଭିଯୋଗ ହୋଇଛି । ଜଣେ ଉଚ୍ଚପଦସ୍ଥ ଅଫିସରଙ୍କ ଚରିତ୍ର ସଂହାର କରିବା ସଙ୍ଗେ ସଙ୍ଗେ ତାଙ୍କୁ ଅବମାନନା ଓ ଅପମାନିତ କରିବା ଦୋଷରୁ ତାକୁ ଚାକିରୀରୁ ସସ୍‌ପେଣ୍ଡ କରାଯାଇଛି । ଗୁରୁଚରଣ ନିଜ ବିରୁଦ୍ଧରେ ହୋଇଥିବା ମିଥ୍ୟା ଅଭିଯୋଗ ବିଷୟରେ ତଳ ଠାରୁ ଆରମ୍ଭ କରି ଉପର ଅଫିସର ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଛି । ନିଜ ଚାକିରୀ ପାଇଁ ଗୁହାରି କରିଛି । ମାତ୍ର କୌଣସି ସୁଫଳ ସେ ପାଇନାହିଁ ।

ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ନେତା, ସେକ୍‌ସନ ଅଫିସର, ମନ୍ତ୍ରୀ, ଖବରକାଗଜ ସଂପାଦକ ସମସ୍ତଙ୍କ ପାଖକୁ ଗୁରୁଚରଣ ଯାଇଛି ନ୍ୟାୟ ପାଇବା ଆଶାରେ । ମାତ୍ର ସମସ୍ତେ ତାକୁ ନିରାଶ କରିଛନ୍ତି । ଏପରିକି ସେ ପେନ୍‌ସନ ମଧ୍ୟ ପାଇପାରିନାହିଁ । ସବୁଆଡୁ ହତାଶ ହେଲେ ମଧ୍ୟ ଗୁରୁଚରଣର ପୁଅ ବେଣୁ ନିଜ ପିତାର ଉତ୍ତରାଧିକାରୀ ଭାବେ ଅନ୍ୟାୟ ବିରୁଦ୍ଧରେ ଚାଲିଥିବା ସଂଗ୍ରାମକୁ ଜାରି ରଖିବାକୁ ଆଗେଇ ଆସିଛି । ସେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ରାଜନୀତିରେ ପାଦ ଦେଇଛି । ସେ ପଞ୍ଚାୟତ ଇଲେକ୍‌ସନରେ ଲଢ଼ି ହାରିଯାଇଛି; କିନ୍ତୁ ଆଶାଶୂନ୍ୟ ହୋଇନାହିଁ । ସତ୍ୟ ଯେ ଦିନେ ଜୟଲାଭ କରିବ ସେ ବିଶ୍ୱାସ ତା'ର ରହିଛି ।

"ହଁ ହଁ, ଆମକୁ ଅପେକ୍ଷା କରିବାକୁ ହେବ । ଶୂନ୍ୟ ଆକାଶକୁ ଚାହିଁକରି ନୁହେଁ, ଜନମତ ଜାଗ୍ରତ କରି । ଲୋକଙ୍କୁ ଜଣାଇବାକୁ ପଡ଼ିବ । ଆମେ ଯଦି ଅପେକ୍ଷା ନକରିବା, ତେବେ ଅପେକ୍ଷା କରିବ କିଏ ? ସମସ୍ତେ ଯଦି ପଳାୟନପନ୍ଥୀ ହୁଅନ୍ତି, ତେବେ ଏ ଅବରୁଦ୍ଧ ଗବେଷଣାଗାର ଭିତରେ କିଏ ସତ୍ୟର ପରୀକ୍ଷା କରିବ ? କିଏ ଉଦ୍ଭାବନ କରିବ ମୌଳିକ ସୂତ୍ର ? କିଏ ସତ୍ୟର ଶାନ୍ତି ଜଳ ଆଣି ଅର୍ଦ୍ଧଦଗ୍ଧ ସଗର ବଂଶ ଉପରେ ଢାଳିବାକୁ ଆଗେଇ ଆସିବ ? କାହାକୁ ଅନୁସରଣ କରିବେ ଅପେକ୍ଷମାଣ ଜନ ସମାଜ ?"[୧]

ନାଟକରେ ବେଣୁ ଚରିତ୍ର ସତ୍ୟଲାଗି ସଂଗ୍ରାମ କରିବାକୁ ଦର୍ଶକଙ୍କୁ ପ୍ରେରଣା ଯୋଗାଏ ।

ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ କିପରି ପେନ୍‌ସନ ପାଇବା ଲାଗି ହଟହଟା ହୋଇଛି; ତାହା 'ବର ଗଛ' ନାଟକରେ ଦେଖିବାକୁ ମିଳେ । ଚାକିରୀରୁ ଅବସର ଗ୍ରହଣ ପରେ ପେନ୍‌ସନ୍ ହିଁ ପ୍ରବୀରଙ୍କର ମୁଖ୍ୟ ସମ୍ବଳ । ଏହା ତାଙ୍କର ସଂଚିତ ଅର୍ଥ । ଯେଉଁ ଅଫିସରେ ସେ ଏତେବର୍ଷ ଚାକିରୀ କରୁଥିଲେ ଆଜି ସେ କ୍ଷମତାହୀନ ହେବାପରେ ସେହି ଅଫିସକୁ ନିଜ ପେନ୍‌ସନ୍ ପାଇଁ ତାଙ୍କୁ ବାରମ୍ବାର ଦଉଡ଼ିବାକୁ ପଡ଼ିଛି । ଚାକିରୀ ଥିବାବେଳେ ଯେଉଁ ସ୍ୱାର୍ଥପର ବ୍ୟକ୍ତିମାନଙ୍କର ସେ ଅତିପ୍ରିୟ ଥିଲେ; ଆଜି ସେମାନେ ମୁହଁ ବୁଲେଇ ନେଉଛନ୍ତି । କ୍ଷମତା ଥିବାବେଳେ ଅନେକ ଲୋକ ଖୋସାମତ କରୁଥିଲେ; ସମ୍ମାନ କରୁଥିଲେ; ବର୍ତ୍ତମାନ କିନ୍ତୁ ପରିସ୍ଥିତି ବଦଳି ଯାଇଛି ।

Digitized by srujanika@gmail.com

"xxx ସେଦିନ ଯେଉଁମାନେ ଦୌଡ଼ି ଆସୁଥିଲେ ପାଖକୁ, କୃତକୃତ୍ୟ ହେଉଥିଲେ; ହସି ହସି ନମସ୍କାର କରୁଥିଲେ; ଆଜି ସେମାନେ ନମସ୍କାର କରନ୍ତି ବଡ଼ ଗମ୍ଭୀର ଭାବେ କୁଣ୍ଠିତ ହୋଇ; ପୁଣି ସାମ୍ନାସାମ୍ନି ଦେଖାହେଲେ। xxx ପରିବେଶ ବଦଳିଗଲେ ବଦଳିଯାଏ ସବୁକିଛି। ଏଇ ସେଦିନ ଯୋଉ ଚେୟାରଟା ମୋର ସବୁଠୁ ପ୍ରିୟ ଥିଲା; ଯାହା ସହିତ ବର୍ଷ ବର୍ଷର ସଂପର୍କ; ଆଜି ସେଇ ଚେୟାର ଆଗରେ ବସିଲେ ବଡ଼ ସଂକୋଚ ଲାଗେ। ମୋର ମନେହୁଏ; ନିର୍ଜୀବ ଚଉକିଟା ଯେମିତି ମୋତେ କରୁଣାପୂର୍ଣ୍ଣ ଦୃଷ୍ଟିରେ ଚାହିଁଛି।" (୨)

ପରିବେଶ ଓ ପରିସ୍ଥିତିର ପରିବର୍ତ୍ତନରେ ସ୍ୱାର୍ଥପର ବ୍ୟକ୍ତିମାନେ କିପରି ଏଣ୍ଡୁଅ ଭଳି ନିଜର ରଙ୍ଗ ବଦଳାଇ ଥାଆନ୍ତି; ତା'ର ଚିତ୍ର ଏଠାରେ ବେଶ୍ ସ୍ପଷ୍ଟ। ଏତେଦିନ ଧରି ଏକାସହିତ କାମ କରୁଥିଲେ ମଧ୍ୟ ପ୍ରବୀରଙ୍କ ପ୍ରତି କେହି ଆନ୍ତରିକତା ଦେଖାଇ ନାହାଁନ୍ତି। କେହି ନିଜଆଡୁ ଆଗେଇ ଆସିନାହାଁନ୍ତି; ତାଙ୍କୁ ସାହାଯ୍ୟ କରିବାକୁ। ସାଙ୍ଗରେ କାମ କରୁଥିଲେ ମଧ୍ୟ ସେମାନଙ୍କ ବନ୍ଧୁତା ମଧ୍ୟରେ କୃତ୍ରିମତା ଦେଖାଦେଇଛି। ନିଜ ଆସନକୁ ନେଇ କର୍ମଚାରୀମାନଙ୍କ ମନରେ ଥିବା ମିଥ୍ୟା ଅହମିକା ବେଶ୍ ତୀବ୍ର।

ପ୍ରବୀର, ନିଜ ପିଲାଦିନର ବନ୍ଧୁଙ୍କର ପୁତ୍ର ସଂଜୟକୁ ଟାଇପିଷ୍ଟ ଚାକିରୀ କରାଇଦେବା ପାଇଁ ନିଜ ଅଫିସ୍‌ରେ ଅନୁରୋଧ କରି ବିଫଳ ହୋଇଛନ୍ତି। ସେ ଯେ ଅବସର ଗ୍ରହଣ କରିବା ପରେ କେତେ ଅସହାୟ ହୋଇଯାଇଛନ୍ତି; ତାହା ତାଙ୍କୁ ଅନ୍ୟ ଅଫିସରମାନେ ବାରମ୍ବାର ସୂଚାଇ ଦେଇଛନ୍ତି। ସେ ନିଜକୁ ସଂଜୟ ସହିତ ସମାନ ମନେ କରିଛନ୍ତି।

"ପ୍ରବୀର- ବର୍ତ୍ତମାନ ତୁମ ପରିସ୍ଥିତି ଆଉ ମୋ ପରିସ୍ଥିତି ଭିତରେ କିଛି ତଫାତ୍ ନାହିଁ ସଂଜୟ। ରିଟାୟାର୍ କରି ମୁଁ ବି ତମପରି ବେକାର। ସମାଜରେ ମୁଁ ଆଜି ଅଲୋଡ଼ା ଅପଦାର୍ଥ ହୋଇପଡ଼ିଛି। ମୋର ଯେ ଦିନେ କିଛି ମୂଲ୍ୟ ଥିଲା, ସେ କଥା ମୁଁ ଭୁଲି ଯାଇଛି।" (୩)

ପାରିପାର୍ଶ୍ୱିକ ପରିସ୍ଥିତି ପ୍ରବୀରଙ୍କୁ ବାଧ୍ୟ କରିଛି ନିଜକୁ ଅସହାୟ ଓ ବେକାର ବୋଲି ଅନୁଭବ କରିବାକୁ। ଯୁବକ ବେଳେ ବେକାର ଅବସ୍ଥାରେ ଯେଉଁ ବର ଗଛ ତାଙ୍କୁ ଆଶ୍ରୟ ଦେଇଥିଲା; ସେ ସେହି ବର ଗଛ ନିକଟକୁ ଯାଇଛନ୍ତି ଟିକିଏ ସାନ୍ତ୍ୱନା ପାଇବା ପାଇଁ। କାରଣ ସ୍ୱାର୍ଥପର ମଣିଷମାନଙ୍କ ପରି ବର ଗଛ, ନିଜ ଛାଇରୁ ତାଙ୍କୁ କେବେ ବଞ୍ଚିତ କରିବ ନାହିଁ। ସାଂପ୍ରତିକ ସ୍ୱାର୍ଥପର କର୍ମଚାରୀମାନଙ୍କ କାର୍ଯ୍ୟକଳାପ କିପରି ଜଣେ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ହତୋତ୍ସାହ କରିଛି ଏବଂ ହତାଶା ଆଡ଼କୁ ଠେଲି ଦେଇଛି ତାହା; ଏହି ଚିତ୍ର ନାଟକରେ ତୀବ୍ରତାର ସହ ପ୍ରତିଫଳିତ।

'ସଂଧାର ଆଲୁଅ' ନାଟକଟି ଏକ ପାରିବାରିକ ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ। ଆମ ସମାଜ ଜୀବନରେ ଅଧିକାଂଶ ଲୋକ କିପରି ପୁତ୍ରସନ୍ତାନ ପ୍ରତି ଆସକ୍ତ ଏବଂ ତା'

Digitized by srujanika@gmail.com

ମଧ୍ୟରେ କନ୍ୟା ସନ୍ତାନମାନେ କିଭଳି ଅବହେଳିତ ହୋଇଥାନ୍ତି ତାହା ଏଠାରେ ପ୍ରଦର୍ଶିତ। ଶାନ୍ତନୁ ଓ ସୁନନ୍ଦା, ପୁତ୍ରସନ୍ତାନ ଆଶାରେ ତିନିଗୋଟି କନ୍ୟାସନ୍ତାନର ପିତାମାତା ହୋଇଛନ୍ତି। ସେମାନଙ୍କର ନିଜ କନ୍ୟାମାନଙ୍କ ପ୍ରତି ଆନ୍ତରିକତା ଓ ଶ୍ରଦ୍ଧାର ଅଭାବ ସହିତ ହୁଏ। ସେମାନେ; ଝିଅମାନଙ୍କୁ ସବୁବେଳେ କିପରି ବୋଝ ବୋଲି ବିଚାର କରିଛନ୍ତି ସେଭଳି ଚିତ୍ର ପ୍ରଦର୍ଶିତ ହୋଇଛି ଆଲୋଚ୍ୟ ନାଟକରେ।

"ଏମାନେ ତ ଆସିଛନ୍ତି ଆମକୁ ଶେଷ କରିଦେଇ ଯିବାପାଇଁ, ଯିବେ- ଆଉ ଭାବିବାର କ'ଣ ଅଛି ? x x x ଏମାନେ କୌଣସି ପ୍ରକାରେ ଯଦି ବିଦା ହୋଇଯାନ୍ତେ – ମଣିଷ ଶାନ୍ତିରେ ନିଃଶ୍ୱାସ ମାରନ୍ତା ତ ! – ଅନ୍ତତଃ ଶେଷ ଜୀବନଟା –

ସୁନନ୍ଦା – ଆଉ ଶେଷ ଜୀବନ ଶାନ୍ତିରେ ନିଃଶ୍ୱାସ ମାରିବ ? ସେ ଭାଗ୍ୟ ଆମର କାଇଁ ? ଭଗବାନ କାହିଁକି ଆମ ପ୍ରତି ଏତେ ନିଷ୍ଠୁର ହେଲେ କେଜାଣି ? କି ପାପ କରିଥିଲୁ ପୂର୍ବ ଜନ୍ମରେ – x x x ତିନି ତିନିଟା ଜନ୍ମହେଲେ ସବୁ ଝିଅ। ଜନ୍ମବେଳେ ଗୋଟାଏ ମରମର ହେଉଥିଲା, ସେ ବି ବଞ୍ଚି ରହିଲା। ଏବେ ତିନିଟା ସମର୍ଥ ଝିଅ। ଦେଖିବା ମାତ୍ରେ ଛାତି କ'ଣ ହୋଇଯାଉଛି। x x x ଯାହାହେଲେ ବି ଝିଅ ତ ଆଉ ତମର ବଂଶରକ୍ଷା କରିବେନି। ଦଶଟା ଝିଅ ନଥାଇ ଗୋଟିଏ ପୁଅ ଥିଲେ ବି ଯଥେଷ୍ଟ। ବାପା ମା' ଅନ୍ତତଃ ଗର୍ବରେ ମୁଣ୍ଡଟେକି ଚାଲିପାରିବେ।"(୪)

ଆମ ସମାଜରେ ଏଭଳି ସଂକୀର୍ଣ୍ଣ ଚିନ୍ତାଧାରା ରଖୁଥିବା ପିତାମାତାଙ୍କର ଅଭାବ ନାହିଁ। ଏହି ନାଟକରେ ଶାନ୍ତନୁ ଓ ସୁନନ୍ଦା ଭଳି ଚରିତ୍ର ସେଭଳି ପିତାମାତାମାନଙ୍କର ପ୍ରତିନିଧିତ୍ୱ କରନ୍ତି। ସେମାନେ ମଝିଆ ଝିଅ ଲିନାର ପାଠପଢ଼ା ବନ୍ଦ କରିଦେଇଛନ୍ତି। ଏମିତିକା ଘରେ ଝିଅମାନଙ୍କୁ ଭଲ ଖାଇବାକୁ ମଧ୍ୟ ଦିଆଯାଏନାହିଁ। ସୁନନ୍ଦା ସର୍ବଦା ପୁଅଟିଏ ପାଇଁ ଝୁରି ହୁଅନ୍ତି। ଶାନ୍ତନୁ ଓ ସୁନନ୍ଦାଙ୍କ ଚିନ୍ତାଧାରା ଝିଅମାନଙ୍କ ପାଖରେ ଅଛପା ହୋଇ ରହେନାହିଁ। ସେମାନଙ୍କ ମନ ଭିତରେ ଭିତରେ ବିଦ୍ରୋହ କରି ଉଠିଛି। ଝିଅ ହୋଇ ଜନ୍ମ ହେବା ସେମାନେ ଅଭିଶାପ ବୋଲି ମନେ କରିଛନ୍ତି। ବଡ଼ ଝିଅ ମିଲି ନିଜ ଗୋଡ଼ରେ ଠିଆ ହେବାର ଆଶାନେଇ କମ୍ପିଟେଟିଭ୍ ପରୀକ୍ଷା ଦେଇ ଚାକିରୀଟିଏ ପାଇଛି। ସମୟକ୍ରମେ ସୁନନ୍ଦା ପୁତ୍ର ସନ୍ତାନଟିଏ ଜନ୍ମ ଦେଇଛନ୍ତି। ମାତ୍ର ପୁତ୍ର ହେବାର ଖୁସିରେ ସାମିଲ ହେବାପାଇଁ ସୁନନ୍ଦା ଓ ଶାନ୍ତନୁଙ୍କ ସହିତ ଝିଅମାନେ ନାହାନ୍ତି। ମିଲି, ଚାକିରୀ ପାଇବା ପରେ ସାନ ଦୁଇ ଭଉଣୀଙ୍କୁ ପାଠପଢ଼ାଇ ମଣିଷ କରିବାର ଆଶାରେ ଘରୁ ଗୋଡ଼ କାଢ଼ିଛି। ଯେଉଁ ଘରେ ସେମାନଙ୍କ ପାଇଁ ସ୍ନେହ-ଶ୍ରଦ୍ଧା ନଥାଇ କେବଳ ଲାଞ୍ଛନା ଏବଂ ଝିଅ ହୋଇ ଜନ୍ମହେବା ଯୋଗୁ ତିରସ୍କାର ରହିଛି; ସେହି ଘରେ ସେମାନେ ରହିବାକୁ ଚାହିଁନାହାନ୍ତି। ସେମାନେ ସମସ୍ତେ ନୂତନ ଆଶା ଓ ସ୍ୱପ୍ନ ନେଇ ଘର ଛାଡ଼ିଛନ୍ତି। ନାଟକ ପରିଣତି ଆଡ଼କୁ କିଞ୍ଚିତ୍ ଆଲୋକର ସନ୍ଧାନ ମିଳିଥାଏ।

Digitized by srujanika@gmail.com

'ଦିନଦିନ ଶେଷଦିନ' ନାଟକରେ ପରମ୍ପରା ଓ ଆଧୁନିକତା ମଧ୍ୟରେ ଦେଖାଦେଉଥିବା ସଂଘର୍ଷକୁ ଚିତ୍ରଣ କରାଯାଇଛି । ଆଧୁନିକତାର ମାୟାଜାଲରେ ପାରମ୍ପରିକ ଶିଳ୍ପୀଟିଏ କିପରି ଅଣନିଶ୍ୱାସୀ ହୋଇଉଠୁଛି; ତାହା ନାଟ୍ୟନିର୍ଦ୍ଦେଶକ ଅବନୀ ପାଢ଼ୀ ଚରିତ୍ର ମାଧ୍ୟମରେ ଦେଖିବାକୁ ମିଳେ । ଅଭିନୟ କଳା ହେଉଛି ଅବନୀ ପାଢ଼ୀର ନିଶା ଓ ପେସା । ଏଥିପାଇଁ ସେ ନିଜ ପରିବାରକୁ ସର୍ବଦା ଅବହେଳା କରିଆସିଛନ୍ତି । ଘରେ ତାଙ୍କର ଗୋଟିଏ ବିବାହଯୋଗ୍ୟ କନ୍ୟା ଥିଲେ ବି ସେ ତା'ର ବିବାହ ସ୍ଥିର କରିବା ଲାଗି ସମୟ ଦେଇପାରି ନାହାନ୍ତି । ଯେଉଁଦିନ ବରଘରର ଲୋକ ଆସିବାକୁ ସ୍ଥିର ହୋଇଛି; ସେଦିନ ଅବନୀଙ୍କ ନିର୍ଦ୍ଦେଶିତ ଯାତ୍ରା ଅଭିନୀତ ହେବାକୁ ଥିବାରୁ; ସେ ରହିପାରିବେନି ବୋଲି ସ୍ତ୍ରୀକୁ ଜଣାଇଛନ୍ତି ।

"x x x ମୁଁ ନିଜେ ଲୋକଙ୍କ ସାମ୍ନାକୁ ନଆସିଲେ କ'ଣ ହେବ ? ମୋରି ଅଭିନୟ କଳାନେଇ ଅନ୍ୟମାନେ ମଞ୍ଚ ଉପରକୁ ଆସୁଛନ୍ତି ତ ? ମୁଁ ତ ସେତେବେଳେ ଜଣେ ନହୋଇ ଅନେକ । x x x ମୁଁ ନଗଲେ ସେମାନଙ୍କୁ ପଛରେ ରହି ପ୍ରାଣଶକ୍ତି ଯୋଗେଇବ କିଏ ? ମୁଁ ନଥିଲେ ସେମାନେ ଜୀବନ୍ତ ଅଭିନୟ କରିପାରିବେ କି ।"(୫)

ଅବନୀଙ୍କ ଲାଗି ନାଟକ ହେଉଛି ତାଙ୍କ ସ୍ୱପ୍ନ ଓ ଜୀବନ । ସେ ଏହି ନିଶା ପାଇଁ କରିଥିବା ଚାକିରୀ ମଧ୍ୟ ସେ ଛାଡ଼ିଛନ୍ତି । ତାଙ୍କର ଅବ୍ୟବସ୍ଥିତ ନିଶା ଯୋଗୁଁ ଝିଅ ରାନିର ଅନେକ ବିବାହ ପ୍ରସ୍ତାବ ଭାଙ୍ଗିଯାଏ, କାରଣ ବାଟୁଆ ଭାଟୁଆ ଘରର ଝିଅ; ଭଲ ବୋହୂ ହୋଇପାରିବ ନାହିଁ ବୋଲି ଅପବାଦ ଏହାର ପ୍ରମୁଖ କାରଣ ସାଜିଛି ।

ନାଟକରେ ଅବନୀ କାମ କରୁଥିବା ଯାତ୍ରା ପାର୍ଟିର ମାଲିକ ସତ୍ୟେନ୍ଦ୍ର ଜଣେ ଲାଭଖୋର ବ୍ୟବସାୟୀ । ସେ କଳାକାରମାନଙ୍କୁ ଅଳ୍ପକିଛି ପାରିଶ୍ରମିକ ଦେଇ ଲାଭାଂଶ ନିଜେ ରଖନ୍ତି । ଅବନୀଙ୍କ ଦ୍ୱାରା ରଚିତ ଯାତ୍ରା ସୁଆଙ୍ଗକୁ ବାହାରେ ନିଜ ଲେଖାବୋଲି ପ୍ରଚାର କରାନ୍ତି । ସେ ଅର୍ଥପାଇଁ ସମସ୍ତଙ୍କୁ ଶୋଷଣ କରନ୍ତି । ଅଧିକ ଅର୍ଥଲାଭ ଆଶାରେ ଯାତ୍ରାକୁ ସିନେମାର ସମକକ୍ଷ କରାଇବାକୁ ଚେଷ୍ଟା କରିଛନ୍ତି; ଲୋକଙ୍କୁ ଆକର୍ଷିତ କଲାଭଳି ଦୃଶ୍ୟ ରଖିଛନ୍ତି । ସତ୍ୟେନ୍ଦ୍ରଙ୍କର ବ୍ୟାବସାୟିକ ମନୋବୃତ୍ତି ସହ ଖାପ ଖାଇନି ଅବନୀଙ୍କର ଅଙ୍ଗୀକାର । ଅବନୀ କଳାକୁ ପୂଜା କରୁଥିବା ଭଳି ଜଣେ ବ୍ୟକ୍ତି ହୋଇଥିବାରୁ ସେ ଏକମତ ହୋଇପାରିନାହାଁନ୍ତି ସତ୍ୟେନ୍ଦ୍ରଙ୍କ ମାନସିକତା ସହିତ ।

"ଯାତ୍ରା ସୁଆଙ୍ଗର ଦର୍ଶକ ଅଲଗା । ସିନେମା, ଥିଏଟରର ଦର୍ଶକ ଅଲଗା । ଦର୍ଶକ ଯେତେବେଳେ ଯାତ୍ରା ଦେଖିବାକୁ ଆସୁଚି, ସେ ଯାତ୍ରା ଦେଖିବାର ମନ ନେଇ ଆସୁଚି । ଆମେ ତାକୁ ନିରୋଳା ଯାତ୍ରା ଉପାଦାନ ଯୋଗେଇ ଦେବା ଦରକାର । ଯାର ଅଭାବେ ହେଲେ ତା' ମନରେ ନିଶ୍ଚୟ ଅସନ୍ତୋଷ ଆସିବ । x x x ଶସ୍ତା ସିନେମାର ବିକୃତ ରୁଚି ପଶି ଆମର ଯାତ୍ରା ସୁଆଙ୍ଗ ଏକଦମ୍ ନଷ୍ଟ ହେବାକୁ ବସିଲାଣି । ଆଉ କିଛିଦିନ ପରେ ତ

Digitized by srujanika@gmail.com

ଆମର ପରମ୍ପରା ବୋଲି କିଛି ରହିବନି । x x x ଆମ ପରମ୍ପରାକୁ ଆମେ ଧ୍ୱଂସ କରିଦେଲେ ଆମର ସ୍ଥିତି ରହିବ କେଉଁଠି ? ବାହାର ଲୋକଙ୍କୁ ଦେଖେଇବା ପାଇଁ ତ ଆମର ତା' ହେଲେ କିଛି ରହିବନି ।"(୬)

ଏହି ସଂଳାପରେ ଅବନୀଙ୍କର ପରମ୍ପରା ପ୍ରତି ଥିବା ସମ୍ମାନବୋଧର ପରିଚୟ ମିଳେ । ଅନିଚ୍ଛା ସତ୍ତ୍ୱେ ଅବନୀଙ୍କୁ ବାଧ୍ୟ କରାଯାଇଛି ନୂତନ ନାଟ୍ୟରୀତି ଗ୍ରହଣ କରିବାକୁ । ପରମ୍ପରାକୁ ଛାଡ଼ି ଆଧୁନିକତାର ଆଶ୍ରୟ ଦେବାକୁ । ସତ୍ୟେନ୍ଦ୍ରଙ୍କର ମତରେ ପରମ୍ପରାକୁ ଧରି ରଖିଲେ ଶୁଖିଲା ପ୍ରଶଂସା ମିଳେ, ମାତ୍ର ଆର୍ଥିକ ଲାଭ କମ୍ ହୁଏ ।

ସିନେମା ସହିତ ତାଳ ଦେବା ଲାଗି ଅବନୀଙ୍କୁ ନୂଆ ରୀତିର ଗୀତ, ବଚନିକା ଆଦି ଯୋଡ଼ିବାକୁ ପଡ଼ିଛି । ପରମ୍ପରାକୁ ଗୁରୁତ୍ୱ ଦେଉଥିବା ଅବନୀ, ବାଧ୍ୟ ହୋଇଛନ୍ତି ନିଜର ଆତ୍ମସମ୍ମାନ ବିକ୍ରି କରିବାକୁ । ସେହି ଯାତ୍ରାଦଳରେ ସୁଧାଂଶୁ ନାମକ ଜଣେ ଆଧୁନିକପନ୍ଥୀ ଅଭିନେତାର ପ୍ରବେଶ ପରେ ଅବନୀଙ୍କୁ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି । ଆଧୁନିକ ଶୈଳୀରେ ନାଟ୍ୟ ପରିବେଷଣ କରିବା ସୁଧାଂଶୁ ମୂଳର ଲକ୍ଷ୍ୟ । ତେଣୁ ସେ ଅବନୀଙ୍କ ନିର୍ଦ୍ଦେଶନାକୁ ଗ୍ରହଣ କରି ନାହାନ୍ତି । ଯେଉଁ ଯାତ୍ରାଦଳ ଲାଗି ଅବନୀ ନିଜ ପରିବାର ଓ ବ୍ୟକ୍ତିଗତ ଜୀବନକୁ ସର୍ବଦା ଅବହେଳା କରିଛନ୍ତି । ସୁଧାଂଶୁର ଆଗମନ ପରେ ସେହି ଯାତ୍ରାଦଳ ପାଇଁ ସେ ଅଲୋଡ଼ା ହୋଇପଡ଼ିଛନ୍ତି । ସୁଧାଂଶୁର ଆଧୁନିକତା ଯାତ୍ରାଦଳକୁ ସଫଳତା ଆଣିଦେବା ଆଶାରେ ସତ୍ୟେନ୍ଦ୍ର ଅବନୀଙ୍କୁ ଆଦେଶ ଦେଇଛନ୍ତି ଯେ ତାଙ୍କୁ ସେସବୁ ସହ୍ୟ କରିବାକୁ ହେବ । ମାତ୍ର ଆଧୁନିକତା ନାମରେ ଦେଖାଯାଉଥିବା ଅଶ୍ଳୀଳତା ଓ ବିଶୃଙ୍ଖଳାକୁ ଅବନୀ ପସନ୍ଦ କରିନାହାଁନ୍ତି । ସେ ଶେଷରେ ବାଧ୍ୟ ହୋଇଛନ୍ତି ଯାତ୍ରାଦଳ ଛାଡ଼ିବାକୁ । ଏପରିକି ନାଟ୍ୟ ଜଗତର ଏପରି ପଙ୍କିଳ ପରିବେଶ ସହିତ ନିଜର ସଂପର୍କକୁ ଛିନ୍ନ କରିଛନ୍ତି ସବୁଦିନ ପାଇଁ ।

ଆଧୁନିକ ଶିକ୍ଷିତ ଦମ୍ପତିମାନେ ନିଜର ସ୍ୱାର୍ଥରେ ଅନ୍ଧହୋଇ କିପରି ପିତାମାତାଙ୍କ ସୁଖ ସୁବିଧାକୁ ଭୁଲି ଯାଉଛନ୍ତି; ତାହା ଶୂନ୍ୟଘର ନାଟକର ମୌଳିକ ଭାବବସ୍ତୁ । ଏଠାରେ ପତ୍ନୀ ଶୋଭନାଙ୍କ ଇଚ୍ଛାରେ ଅସୀମ ନିଜ ପିତା ଅଶୋକଙ୍କୁ ଗୋଟିଏ ଅନ୍ଧାରିଆ ଖପୁରୀ ଘରେ ରଖିଛନ୍ତି । ଅଶୋକ କାର୍ ଦୁର୍ଘଟଣାର ଶିକାର ହୋଇ ପାରାଲିସିସ୍‌ରେ ଆକ୍ରାନ୍ତ । ଯେଉଁ ପୁଅକୁ ସେ ଏତେ ଭଲ ପାଆନ୍ତି ତଥା ଯାହା ପାଇଁ ସେ ଏତେ କଷ୍ଟ ସହିଛନ୍ତି; ସେ ପୁଅ ପାଖରେ ଆଜି ତାଙ୍କ ପାଇଁ ସମୟ ନାହିଁ । କର୍ତ୍ତବ୍ୟ ଦୃଷ୍ଟିରୁ ପୁଅ ସପ୍ତାହରେ ଥରେ କିମ୍ବା ଦୁଇଥର ତାଙ୍କୁ ଦେଖା କରିବାକୁ ଆସେ । ବୋହୂ ମଧ୍ୟ ସେହିପରି କେବଳ ଖାଇବାକୁ ଦେବାକୁ ଆସେ । ଏହାବ୍ୟତୀତ ଯେ ଜଣେ ଅସହାୟ ବୃଦ୍ଧଙ୍କ ପ୍ରତି ସେମାନଙ୍କର ଅନ୍ୟ କିଛି କର୍ତ୍ତବ୍ୟ ରହିଛି; ତାହା ସେମାନେ ଭୁଲି ଯାଇଛନ୍ତି । ଅଶୋକଙ୍କୁ ତାଙ୍କ ପୁଅ-ବୋହୂଙ୍କର ଅବହେଳା ଅନେକ ମାନସିକ କଷ୍ଟ ଓ ଅଶାନ୍ତି ଦେଇଛି । ଜଣେ ଅସହାୟ ବୃଦ୍ଧ, ଛୋଟ

Digitized by srujanika@gmail.com

ଶିଶୁ ପରି ସ୍ନେହ-ମମତା ଖୋଜେ; ମାତ୍ର ଅଶୋକଙ୍କୁ ତାହା ମିଳିନାହିଁ। ବରଂ ଶୋଭନାର ଇଚ୍ଛାରେ ତାଙ୍କୁ ତାଙ୍କ ଭଉଣୀ ମାଧୁରୀ ଘରେ ଆଶ୍ରୟ ନେବାକୁ ପଡ଼ିଛି। "ମୁଁ ଅନୁଭବ କରୁଛି ତାଙ୍କୁ ଏଠି ଭଲ ଲାଗୁନି। ସେ ଭଉଣୀ ଘରେ ଆନନ୍ଦରେ ରହିପାରିବେ। ଆମେ ମଧ୍ୟ ମଝିରେ ମଝିରେ ଯାଇ ଦେଖିଆସିବା। ଭଲ ଭଲ ଖାଦ୍ୟ ତିଆରି କରି ପଠାଇ ଦେଇ ପାରିବା। x x x ଘର ଭିତରେ ଚବିଶ ଘଣ୍ଟା ପଡ଼ି ରହିଥିବା ଗୋଟିଏ ଲୋକଙ୍କୁ ଦେଖିଲେ କେମିତି ଲାଗିବ କୁହତ? ସେ ଦୂରରେ ରହିଲେ ହିଁ ବଡ଼ ଶାନ୍ତି। ପିଲାମାନେ ଅନ୍ତତଃ ଗୋଟିଏ ସୁସ୍ଥ ପରିବେଶରେ ବଢ଼ି ପାରିବେ।"[୭]

ଯେଉଁ ଘରକୁ ନିଜେ ଅଶୋକ ଏତେ କଷ୍ଟ କରି ତିଆରି କରିଥିଲେ; ସେଠାରେ ତାଙ୍କ ପରି ଅସହାୟଙ୍କର ସ୍ଥାନ ନାହିଁ। ଶେଷରେ ଦିନେ ସେ ଏକ କଠୋର ପଦକ୍ଷେପ ନେବାକୁ ସ୍ଥିର କରିଛନ୍ତି। ଓକିଲ ନୋଟିସ୍ ଦେଇ ନିଜ ପୁଅକୁ ଧନସମ୍ପତ୍ତିରୁ ବେଦଖଲ କରିବାକୁ ଚାହିଁଛନ୍ତି। ଯେଉଁ ପୁଅର ତାଙ୍କ ପ୍ରତି ସାମାନ୍ୟ ଆନ୍ତରିକତା କିମ୍ବା ସହାନୁଭୂତି ମଧ୍ୟ ନାହିଁ; ସେ କାହିଁକି ତାଙ୍କ ସମ୍ପତ୍ତି ଭୋଗ କରିବ! କେଉଁ ସ୍ନେହର ତାଡ଼ନାରେ ମୁଁ ମୋର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେବି? ପୁଅ ଉପରେ ଅଭିମାନ କରି ମୋର ଘରଛାଡ଼ି ଆସିବାର ଅର୍ଥ ବା କ'ଣ? ଆଉ ନୁହେଁ, ବହୁତ ହୋଇଗଲା। ମୁଁ ଏବେ ମୋ ଘରେ ସ୍ୱାଧୀନ ଭାବେ ରହିବାକୁ ଚାହେଁ।"[୮]

ପରିସ୍ଥିତି ଅବଶ୍ୟ ଅଶୋକଙ୍କୁ ବାଧ୍ୟ କରିଛି ଏପରି ଏକ କଠୋର ନିଷ୍ପତ୍ତି ନେବାକୁ। ଶେଷରେ ଦେଖାଯାଇଛି ଯେ ପୁଅ ବୋହୂ ନିଜର ଭୁଲ ବୁଝିପାରି କ୍ଷମାପ୍ରାର୍ଥନା କରିଛନ୍ତି। ଭଉଣୀ ଘରେ ନିର୍ବାସନ ଭୋଗୁଥିବା ଅଶୋକ, ପୁଅବୋହୂଙ୍କଠାରୁ ଅଲଗା ହୋଇଯିବା ପାଇଁ ନିଷ୍ପତ୍ତି କରିଥିଲେ; ମାତ୍ର ସେମାନଙ୍କର ପଶ୍ଚାତାପ ଓ ବାପା ଡାକ ଅଶୋକଙ୍କୁ ପୁଣି ଦୁର୍ବଳ କରିଦେଇଛି। ସେ ସମସ୍ତ ଅଶ୍ରଦ୍ଧା, ଅବହେଳା ସତ୍ତ୍ୱେ ପୁଅବୋହୂଙ୍କ ପାଖକୁ ଫେରିଯିବାକୁ ରାଜି ହୋଇଯାଇଛନ୍ତି : "ଗୋଟିଏ ଦିଗରେ ମୋର ଦୃଢ଼ ନିଷ୍ପତ୍ତି, ଅନ୍ୟ ଦିଗରେ ଅନୁତପ୍ତ ପୁଅବୋହୂଙ୍କର ଆକୁଳ ନିବେଦନ। ରହିବି ନା ଫେରିଯିବି? x x x ହଁ ହଁ ମୁଁ ଫେରିଯିବି। କାରଣ ମୁଁ ଯେତେ କର୍ତ୍ତୃତ୍ୱହୀନ ହେଲେ ବି ମୋ ନିକଟରେ ତମର ସ୍ୱାର୍ଥ ଏବେ ବି ଶେଷ ହୋଇନି। ସେଇ ସ୍ୱାର୍ଥ ସଂପର୍କର ପାତ୍ରଟାକୁ ଭରିଦେବାକୁ ମୁଁ ହୁଏତ ତମ ନିକଟକୁ ଫେରିଯିବି। କିନ୍ତୁ କୁହତ ଅନେକ ଦରିଦ୍ର, ହତଭାଗା ବାପା ଆଜି କ'ଣ ଫେରି ଯାଇପାରିବେ ସେମାନଙ୍କର ପୁଅବୋହୂଙ୍କର ଆଦର ଅଭ୍ୟର୍ଥନା ପାଇବାକୁ? ସେମାନେ ମୋତେ ବିଦ୍ରୂପ କରିବେନି ତ।"[୯]

ଅଶୋକଙ୍କୁ ତାଙ୍କ ଅନ୍ତରାତ୍ମା ପୁଅ ପାଖକୁ ଫେରିବାକୁ ବାଧା ଦେଲେ ମଧ୍ୟ ସେ ସବୁ ଭୁଲିଯିବାକୁ ଚେଷ୍ଟା କରିଛନ୍ତି। ଏଥିରେ ଗୋଟିଏ ପିତାର ଅସହାୟତା ହିଁ ପ୍ରଦର୍ଶିତ ହୋଇଛି। ଯେଉଁ ବୟସରେ ପିତାମାତାମାନେ ନିଜ ସନ୍ତାନକୁ ଆଶ୍ରୟ କରନ୍ତି; ତାଙ୍କର

Digitized by srujanika@gmail.com

ସାମାନ୍ୟ ଶ୍ରଦ୍ଧା ଓ ଆନ୍ତରିକତା ଆଶା କରନ୍ତି; ସେତେବେଳେ ସନ୍ତାନମାନଙ୍କ ଅବହେଳା ସେମାନଙ୍କୁ ମାନସିକ ଅବସାଦ ମଧ୍ୟକୁ ଟାଣିନିଏ। ନିଜ ସନ୍ତାନମାନେ ଯେତେ ହତାଦର କଲେ ମଧ୍ୟ ପିତାମାତା ମାନେ କିପରି ସେମାନଙ୍କର ସାମାନ୍ୟ ମନସ୍ତାପରେ ନିଜ ଦୁଃଖକୁ ଭୁଲି ଯାଆନ୍ତି ତାହା ଏହି ନାଟକରେ ପ୍ରଦର୍ଶିତ ହୋଇଛି। ଚାକିରୀ କ୍ଷେତ୍ରରେ ତଳ ଶ୍ରେଣୀ କର୍ମଚାରୀ ପ୍ରତି ହେଉଥିବା ଅନ୍ୟାୟ ଓ ଅବିଚାର, ପିତାମାତାଙ୍କର କନ୍ୟାସନ୍ତାନ ପ୍ରତି ରହୁଥିବା ଅନାଦାର ଭାବନା; ଆଧୁନିକ ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କର ପିତାମାତା ତଥା ଗୁରୁଜନମାନଙ୍କ ପ୍ରତି ଅବହେଳା, କର୍ତ୍ତୃତ୍ୱହୀନ ଅବସରପ୍ରାପ୍ତ ଅଫିସରଙ୍କର ପେନ୍‌ସନ୍ ପାଇଁ ହଟହଟା, ଯାତ୍ରା ଜଗତରେ ଆଧୁନିକତା ନାଁରେ ଦେଖାଦେଉଥିବା ଅଶ୍ଳୀଳତା ଓ ଉଗ୍ରତାର ଦଉଡ଼ ପଛରେ ପଡ଼ି ଯାଇଥିବା ପାରମ୍ପରିକ କଳାକାରର ସମସ୍ୟା ପ୍ରଭୃତି ଏହି ନାଟ୍ୟ ସଂକଳନରେ ସ୍ଥାନ ପାଇଥିବା ନାଟ୍ୟଭାବ ଅଟେ। ସୀମିତ କଳେବର ମଧ୍ୟରେ ନାଟ୍ୟକାର ସମାଜର ଅନେକ ଛୋଟବଡ଼ ସମସ୍ୟାଗୁଡ଼ିକର କଳାତ୍ମକ ଉପସ୍ଥାପନା କରିଛନ୍ତି। ଏଥିରେ ନାଟ୍ୟକାର ସମସ୍ୟାର ବାସ୍ତବ ରୂପକୁ ଉଦ୍‌ଘାଟନ କରି ଦର୍ଶକ ମନରେ ପ୍ରଭାବ ପକାଇବାର ପ୍ରୟାସ ବେଶ୍ ସଫଳ। ଏଥିରୁ ନାଟ୍ୟକାରଙ୍କର ସମାଜ ପ୍ରତି ଥିବା ସହାନୁଭୂତିଶୀଳ ଅଙ୍ଗୀକାରକୁ ଲକ୍ଷ୍ୟ କରାଯାଇପାରେ।

ପାଦଟୀକା :

୧. ହରିଚନ୍ଦନ, ନୀଳାଦ୍ରିଭୂଷଣ, କଲୁରିବେଣ୍ଟ କଥା, ଶୂନ୍ୟଘର, ପଞ୍ଚସଖା ପ୍ରକାଶନ, କଟକ, ୧୯୯୯, ପୃ-୩୭
୨. ହରିଚନ୍ଦନ, ନୀଳାଦ୍ରିଭୂଷଣ, ବରଗଛ, ତତ୍ରୈବ। ପୃ- ୪୫
୩. ହରିଚନ୍ଦନ, ନୀଳାଦ୍ରିଭୂଷଣ, ବରଗଛ, ତତ୍ରୈବ। ପୃ- ୬୩
୪. ହରିଚନ୍ଦନ, ନୀଳାଦ୍ରିଭୂଷଣ, ସଂଧ୍ୟାର ଆଲୁଅ, ତତ୍ରୈବ। ପୃ- ୮୬, ୭୭
୫. ହରିଚନ୍ଦନ, ନୀଳାଦ୍ରିଭୂଷଣ, ଦିନଦିନ ଶେଷଦିନ, ତତ୍ରୈବ। ପୃ- ୯୩
୬. ହରିଚନ୍ଦନ, ନୀଳାଦ୍ରିଭୂଷଣ, ଦିନଦିନ ଶେଷଦିନ, ତତ୍ରୈବ। ପୃ- ୧୧୧
୭. ହରିଚନ୍ଦନ, ନୀଳାଦ୍ରିଭୂଷଣ, ଶୂନ୍ୟଘର, ତତ୍ରୈବ। ପୃ- ୧୪୫
୮. ହରିଚନ୍ଦନ, ନୀଳାଦ୍ରିଭୂଷଣ, ଶୂନ୍ୟଘର, ତତ୍ରୈବ। ପୃ- ୧୫୮
୯. ହରିଚନ୍ଦନ, ନୀଳାଦ୍ରିଭୂଷଣ, ଶୂନ୍ୟଘର, ତତ୍ରୈବ। ପୃ- ୧୬୨, ୧୬୩

ଅଧ୍ୟାପିକା, ଓଡ଼ିଆ ବିଭାଗ,
ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ତାଳଚେର, ଅନୁଗୁଳ

Digitized by srujanika@gmail.com

ସତ୍ୟର ନିର୍ମଳ ଜଳରାଶିରେ : ଜଳେ ଯେସନ ଚନ୍ଦ୍ରଛାଇ

ଡ. ଜ୍ଞାନରଞ୍ଜନ ପଣ୍ଡା

ସମୟର ବିବର୍ତ୍ତନ ସହିତ ବଦଳିଛି ମଣିଷର ବଞ୍ଚିବାର ପରିଭାଷା। ସଭ୍ୟତା ସ୍ଥାପନ ହେବାଠାରୁ ଏ ପର୍ଯ୍ୟନ୍ତ ବ୍ୟକ୍ତିର ସାମାଜିକ ଜୀବନ ଓ ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ ସଂଘଟିତ ହୋଇଛି। ସମୟର ତାଳରେ ବଦଳି ଯାଇଛି ସଂପର୍କର ମାନଚିତ୍ର। ପୂର୍ବର ସେ ଭରସା- ବିଶ୍ୱାସ କ୍ରମେ ଫିକା ପଡ଼ିବାକୁ ଲାଗିଛି। ପରିବର୍ତ୍ତିତ ପରିସ୍ଥିତିରେ ସଂପର୍କର ପରିଭାଷା ବି ଅଲଗା ହୋଇଛି। ବ୍ୟକ୍ତି ଭିତରକୁ ଧସେଇ ପଶିଛି ଅବିଶ୍ୱାସର ଝାଞ୍ଜି ପବନ। ଫଳରେ ବସା ବାନ୍ଧିଛି ବିଚ୍ଛିନ୍ନତାବୋଧ। ଆମେ ଏକାଠି ଅଛେ ଅଥଚ ଆମେ ପରସ୍ପରଠାରୁ ପୃଥକ। ଆମର ଏକାଠି ରହିବା ବାହାରକୁ ସତ ଲାଗିପାରେ। ମାତ୍ର ଭିତରେ ଦୂରତ୍ୱର ନଈ ଏପାଖ ଆଉ ସେପାଖର ଦୂରତା। ମଣିଷ-ମଣିଷ ଭିତରେ ଏଇ ସଂପର୍କ ରହିତ ମାନସିକତା ଓ ବିଚ୍ଛିନ୍ନତାବୋଧ ହିଁ ଆଜିର ସମାଜରେ ସତ୍ୟ। ଏହି ସତ୍ୟକୁ ନାଟକ ମାଧ୍ୟମରେ ଉପସ୍ଥାପନ କରିବାରେ ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ପ୍ରୟାସ ଅଭିନନ୍ଦନୀୟ ଓ ପ୍ରଶଂସନୀୟ। 'ସତ୍ୟ ସଂଶୟ ସାଲବେଗ', 'ମଧପାତ୍ର', 'ଭୀମ ଭୋଇଙ୍କ ସନ୍ଧାନାରେ', 'କଳମ୍ପସ', 'ମୁଣ୍ଡ ଉପରେ ଛାତ', 'ସ୍ୱର୍ଗାରୋହଣ' ଭଳି ନାଟକ ରଚନା କରିଥିବା ନୀଳାଦ୍ରିଭୂଷଣଙ୍କର ନାଟକରେ ପାରମ୍ପରିକ ମୂଲ୍ୟବୋଧ ପ୍ରତି ରହିଛି ଗଭୀର ଆସ୍ଥା। ତେବେ ସାଂପ୍ରତିକ ମୂଲ୍ୟବୋଧର ବିପର୍ଯ୍ୟସ୍ତ ଭୂଗୋଳ ଭିତରେ ଜୀବନକୁ ଋଷିପ୍ରାଣ ନେଇ ଖୋଜି ବୁଲିବାର ବ୍ୟାକୁଳପଣ ତାଙ୍କର ନାଟକ ଗୁଡ଼ିକରେ ଦେଖାଯାଇଥାଏ। ନିଜ ନାଟକର ଶୈଳୀ (ବିଶେଷ କରି ଲୋକନାଟ୍ୟର ଶୈଳୀ) ଭାବ ଓ ନାଟ୍ୟଭାଷା ପାଇଁ ସେ ସମକାଳୀନ ନାଟ୍ୟକାରଙ୍କ ଅପେକ୍ଷା ଅଲଗା ଅଲଗା ମନେ ହୁଅନ୍ତି। ସାମାଜିକ ଜୀବନରେ ବିଘଟିତ ବ୍ୟକ୍ତି ଜୀବନକୁ ନାଟକରେ ରୂପଦେବାରେ ତାଙ୍କର ସ୍ୱାତନ୍ତ୍ର୍ୟ ଅନନ୍ୟଭାବିତ ପୂର୍ବ। ଏ ପ୍ରସଙ୍ଗରେ ତାଙ୍କର ଏକ ବହୁ ଚର୍ଚ୍ଚିତ ନାଟକ 'ଜଳେ ଯେସନ ଚନ୍ଦ୍ର ଛାଇ'କୁ ଆଲୋଚନା ପରିସରଭୁକ୍ତ କରାଯାଇପାରେ।

ନୀଳାଦ୍ରିଭୂଷଣଙ୍କର ପୂର୍ବ ନାଟକଗୁଡ଼ିକ ଭଳି ଆଲୋଚ୍ୟ 'ଜଳେ ଯେସନ ଚନ୍ଦ୍ରଛାଇ' ନାଟକ ସେପରି ବଳିଷ୍ଠ ଓ ପ୍ରଭାବଶାଳୀ ନାଟକର ସୀମାକୁ ସ୍ପର୍ଶ କରିପାରିନାହିଁ।

Digitized by srujanika@gmail.com

ଏ ନାଟକରେ ମୁଖ୍ୟତଃ ସାଂପ୍ରତିକ ଉଚ୍ଚଶିକ୍ଷା ବ୍ୟବସ୍ଥାର ଦୁର୍ବଳ ଦିଗ ଓ ପାରିବାରିକ ଜୀବନରେ ସଂଘଟିତ ଅସ୍ଥିରତା, ଅବିଶ୍ୱାସବୋଧକୁ ନାଟ୍ୟକାର ଦର୍ଶାଇଛନ୍ତି। ନାଟକଟି କୌଣସି ଅଙ୍କରେ ବିଭାଜିତ ନହୋଇ ସର୍ବମୋଟ ସାତଟି ଦୃଶ୍ୟରେ ସମାପ୍ତ ହୋଇଛି। ନାଟ୍‌କର ଥିମ୍ ବୌଦ୍ଧିକ ନ ହେଲେ ହେଁ ସାଂପ୍ରତିକ ସମୟରେ ଜୀବନ ବଞ୍ଚୁଥିବା ମଣିଷକୁ ଚିନ୍ତା କରିବାର ଅବକାଶ ପ୍ରଦାନ କରିଛି ନାଟକଟି।

ନାଟକଟିର ଆରମ୍ଭ ସହରାଞ୍ଚଳରେ ଅବସ୍ଥିତ ଏକ ପ୍ରତିଷ୍ଠିତ ସରକାରୀ ମହିଳା ମହାବିଦ୍ୟାଳୟର କମନ୍ ରୁମ୍‌ରୁ ହୋଇଛି। ପାଠପଢ଼ା ଅପେକ୍ଷା ଅଧ୍ୟାପିକାମାନେ କମନ୍ ରୁମ୍‌ରେ କିପରି ଅନାବଶ୍ୟକ ଆଲୋଚନା, ଗୁଲିଖଟି କରନ୍ତି ତାହା ନାଟକର ପ୍ରଥମ ପର୍ଯ୍ୟାୟରେ ପ୍ରଦର୍ଶିତ। ନାଟକର ଚରିତ୍ର ଯଥା – ଅଧ୍ୟାପିକା ଲିସା, ରୁବି, ସେମା ପ୍ରମୁଖ ପିଲାମାନଙ୍କୁ ପାଠ ପଢ଼ାଇବା କିମ୍ବା ମାର୍ଗଦର୍ଶନ ଦେବା ଅପେକ୍ଷା ନିଜ ନିଜର ପାରିବାରିକ ଜୀବନ, ଅଯଥା ଯୁକ୍ତିତର୍କ ଓ ପରନିନ୍ଦାରେ ସମୟ ଅତିବାହିତ କରିଛନ୍ତି। ଉଚ୍ଚଶିକ୍ଷା ବ୍ୟବସ୍ଥାର ଏଇ ଦିଗକୁ ନାଟ୍ୟକାର ବେଶ୍ ସଚେତନ ଭାବେ ଦର୍ଶାଇଛନ୍ତି:

ଲିସା : ଏଠି କେତେ ସୁବିଧା ଭାବୁନୁ। କୌଣସି ପ୍ରକାରେ କଲେଜ୍ ଆଟେଣ୍ଡ୍ କଲେ ହେଲା। କ୍ଲାସ୍‌କୁ ଯାଇ ଘରକଥା, ସ୍ୱାମୀଙ୍କ କଥା, ପିଲାମାନଙ୍କ କଥା ଗପିଲେ ବି ଚଳି ଯାଉଛି। କିଏ ପଚାରୁଛି ?

ରୁବି : ପଚାରିବ ପୁଣି କିଏ ? ପ୍ରିନ୍ସିପାଲ ବୁଢ଼ୀ ? ତା' ମୁଣ୍ଡ କ'ଣ ଖରାପ ହେଲାଣି କି ? ସେ କ'ଣ ଜାଣେନି, ସମସ୍ତଙ୍କର ଜଣେ ଜଣେ ଦୁର୍ଦ୍ଦାନ୍ତ ପ୍ରତାପ ସ୍ୱାମୀ ଅଛନ୍ତି ବୋଲି।

ସରକାରୀ କଲେଜରେ ଅବସ୍ଥାପିତ ଅଧ୍ୟାପିକାମାନଙ୍କୁ ମଧ୍ୟରୁ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପତ୍ନୀ ଥାଆନ୍ତି। ଏମାନେ ନିଜ ସ୍ୱାମୀଙ୍କ କ୍ଷମତାର ଅପବ୍ୟବହାର କରି ସ୍ୱେଚ୍ଛାଚାରୀ ହୋଇଥାଆନ୍ତି। ଯାହାର ଉଦାହରଣ ଏଇ ନାଟକରେ ଦେଖାଇ ଦିଆଯାଇଛି। ଏହି ନାଟକରେ ରୁବି ଉଚ୍ଚଶିକ୍ଷା ସଚିବ ସନତ୍‌ଙ୍କ ପତ୍ନୀ ହୋଇଥିବାରୁ ବେଶ୍ ସ୍ୱେଚ୍ଛାଚାରୀ ଭାବେ କଲେଜ୍‌କୁ ନିଜ ନିୟନ୍ତ୍ରଣରେ ରଖିଛି। କେବଳ ରୁବି ନୁହେଁ, ତା' ଭଳି ଆଉ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପତ୍ନୀ- ଯେଉଁମାନେ ଅଧ୍ୟାପିକା ହୋଇଛନ୍ତି। ସେମାନେ ଶିକ୍ଷାଦାନ ପ୍ରକ୍ରିୟାକୁ କିପରି ରସାତଳଗାମୀ କରିଛନ୍ତି, ତାହା ଉପର୍ଯ୍ୟୁକ୍ତ ସଂଳାପ ହିଁ ସୂଚାଇ ଦେଉଛି। ତେବେ ନାଟକର ପ୍ରଥମ ଦୃଶ୍ୟ ସଂପର୍କରେ ଏତିକି କୁହାଯାଇପାରେ ଯେ, ସାଂପ୍ରତିକ ଉଚ୍ଚଶିକ୍ଷା ବ୍ୟବସ୍ଥାର ଦୁର୍ବଳଦିଗ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅଧ୍ୟାପିକା-ପତ୍ନୀମାନେ କିପରି ଶିକ୍ଷାଦାନରେ ଅବହେଳା କରନ୍ତି – ତାହା ଏହି ଦୃଶ୍ୟରେ ପ୍ରତିପାଦିତ ହୋଇଛି।

Digitized by srujanika@gmail.com

ନାଟକର ଦ୍ୱିତୀୟ ଦୃଶ୍ୟରେ ରହିଛି ଆମ ନିତିଦିନିଆ ପାରିବାରିକ ଜୀବନ ତଥା ଦାମ୍ପତ୍ୟ ଜୀବନର ଅବିଶ୍ୱାସବୋଧ। ଅଧ୍ୟାପିକା ରୁବିର ଉଚ୍ଚାଭିଳାଷ ଏବଂ ଉଚ୍ଚଶିକ୍ଷା ସଚିବ ସନତ୍‌ଙ୍କ ଆଧୁନିକ ଚିନ୍ତାଧାରା ଉଭୟଙ୍କ ଦାମ୍ପତ୍ୟ ଜୀବନର ସରସତାକୁ ବିବର୍ଣ୍ଣ କରିଦେଇଛି। ରୁବି ନିଜର ସହକର୍ମୀ ଲିସା ରଥର ଟ୍ରାନ୍‌ସଫର ବନ୍ଦ କରିବାକୁ ସନତ୍‌କୁ ଏକ ପ୍ରକାର ବିବଶ କରିଦେଇଛି। ପୁଣି ସନତ୍ ଆଇ.ଏ.ଏସ୍ କୋଚିଂ ଦେଉଥିବା ତରୁଣୀ ଲୋରା ସହିତ ନିଜ ସ୍ୱାମୀଙ୍କର ଆସକ୍ତି ସନ୍ଦେହ କରି ରୁବି ତାଙ୍କ ପ୍ରତି ବିଶ୍ୱାସ ରଖିପାରିନି। ଉଭୟଙ୍କ ଉଚ୍ଚ ଆକାଂକ୍ଷା ସେମାନଙ୍କ ଦାମ୍ପତ୍ୟ ଜୀବନକୁ ଝଡ଼ର ପୃଥିବୀରେ ପରିଣତ କରିଦେଇଛି। ରୁବି ସନତ୍‌ଙ୍କ ପତ୍ନୀ ଭାବରେ ନିଜ କଲେଜରେ ସ୍ୱତନ୍ତ୍ର ସମ୍ମାନ ପାଇଛି। ସ୍ୱାମୀଙ୍କ କ୍ଷମତାକୁ ଢାଲ କରି ନିଜର ନୈତିକ ଦାୟିତ୍ୱରେ ଅବହେଳା କରିଛି। ମାତ୍ର ତାର ଅହଂଭାବ ସନତ୍‌ଙ୍କ ଠାରୁ ତାକୁ ନିର୍ଦ୍ଦିଷ୍ଟ ବ୍ୟବଧାନକୁ ନେଇଯାଇଛି। ସ୍ୱାମୀ-ସ୍ତ୍ରୀ ଗୋଟିଏ ଘରେ ରହିଲେ ବି ସେମାନଙ୍କ ଭିତରେ ଅଜଣା ପାଚେରୀ ସୃଷ୍ଟି ହୋଇଛି। ଉଭୟ ପାଖରେ ଥାଇ ବି ଯୋଜନ ଦୂରେ ରହିଯାଇଛନ୍ତି। ଆଜିର ସମୟରେ ଏହି ଦୁର୍ଦ୍ଦଶା, ଯାହା ସମାଜକୁ ଗଭୀର ଭାବେ ଆକ୍ରାନ୍ତ କରିଛି; ତାହାର ଅବତାରଣା ନାଟକର ଦ୍ୱିତୀୟ ଦୃଶ୍ୟରେ କରାଯାଇଛି।

ନାଟକର ତୃତୀୟ ଦୃଶ୍ୟ ଆମ ଉଚ୍ଚଶିକ୍ଷିତ ସମାଜ ଓ ଶିକ୍ଷା ବ୍ୟବସ୍ଥାର ରୁଗ୍ଣ-ଅସୁସ୍ଥ ପରମ୍ପରାର ସୂଚନା ଦେଇଛି। ପ୍ରିନ୍ସିପାଲ ମହୋଦୟାଙ୍କ କନ୍‌ଫରେନ୍ସ ରୁମ୍‌ରେ ଏକାଠି ହୋଇଥିବା ଅଧ୍ୟାପିକାମାନେ ନିଜର ଶାଳୀନତାକୁ ଭୁଲିଯାଇଛନ୍ତି। କଲେଜର ଅଧ୍ୟାପକଙ୍କ ପ୍ରତି ସେମାନଙ୍କର ସମ୍ମାନବୋଧ ହିଁ ନାହିଁ। ତାଙ୍କ ଉପସ୍ଥିତି ସତ୍ତ୍ୱେ ଏହି ଅଧ୍ୟାପିକାମାନେ ଏହାକୁ ଖାତିର ନକରି ଅଯଥା କଥାବାର୍ତ୍ତାରେ ବ୍ୟସ୍ତ ରହିଛନ୍ତି। କଲେଜର ବାର୍ଷିକ ଉତ୍ସବରେ ଅତିଥି ଚୂଡ଼ାନ୍ତ କରିବା ପାଇଁ ଅଧ୍ୟକ୍ଷାଙ୍କ କନ୍‌ଫରେନ୍ସ ରୁମ୍‌ରେ ମିଟିଙ୍ଗ୍ ଡକାଯାଇଛି। ମାତ୍ର ସେଠାରେ ଅତିଥି ଚୂଡ଼ାନ୍ତ ପରିବର୍ତ୍ତେ କିଛି ଉଚ୍ଚ ସ୍ଥାନୀୟ ବ୍ୟକ୍ତିଙ୍କର ଚରିତ୍ର ସଂହାର ପର୍ବ ଜାରି ରହିଛି। ପୁଣି ଅଧ୍ୟାପିକାମାନେ ଅସହ୍ୟଙ୍କ ପରି ଅଭଦ୍ର ଆଚରଣ ପୂର୍ବକ ଏହି ମିଟିଙ୍ଗ୍‌କୁ ମିଟିଙ୍ଗ୍ ନ ଭାବି ଯେମିତି ଭାବି ନେଇଛନ୍ତି ମହିଳା ସମିତି। ଅଧ୍ୟକ୍ଷାଙ୍କ ତାଗିଦ୍ ଏହାର ସୂଚନା ଦେଉଛି ନାଟକରେ :

ଅଧ୍ୟକ୍ଷା : ଦେଖୁଛି, ଆପଣମାନେ ଏଇଟାକୁ କଲେଜ୍ ଅଫିସ୍ ନଭାବି ମହିଳା ସମିତି ଅଫିସ୍ ବୋଲି ଭାବି ନେଇଛନ୍ତି। ମିଟିଂଟାରେ ଅନ୍ତତଃ ଘରୋଇ ସମ୍ପର୍କ ଯୋଡ଼ି ଏତେ ଲାଇଟ୍ ନହେଲେ ଭଲ ହୁଅନ୍ତା। କ୍ଷମତାଶାଳୀ ସ୍ୱାମୀଙ୍କର ଅଧ୍ୟାପିକା ପତ୍ନୀ ହୋଇଥିବାରୁ କଲେଜର ଅଧ୍ୟାପିକା ରୁବି, ଲିସା, ସୋମା, ଶ୍ରାବଣୀ, ପ୍ରିୟଙ୍କା ପ୍ରମୁଖ ଧରାକୁ ସରା ମଣିଛନ୍ତି।

Digitized by srujanika@gmail.com

ଏହା ହେଉଛି ଆଜିର ଉଚ୍ଚଶିକ୍ଷା ବ୍ୟବସ୍ଥାର ବିପର୍ଯ୍ୟସ୍ତ ଧାରା । ଏହିଭଳି କେତେ ଜଣ ଦାୟିତ୍ୱହୀନ ଅଧ୍ୟାପିକା ଶିକ୍ଷାଦାନର ଦାୟିତ୍ୱ ଭୁଲି କିପରି ଶିକ୍ଷା ଶୃଙ୍ଖଳାକୁ ଭଙ୍ଗ କରୁଛନ୍ତି, ତାହାର ଅବତାରଣା ଏହି ନାଟକରେ କରାଯାଇଛି । ଏପରିକି କଲେଜର ହିତ ଦୃଷ୍ଟିରୁ ଡକାଯାଇଥିବା ମିଟିଙ୍ଗ୍ ସେମାନଙ୍କ ପାଇଁ ଗୁରୁତ୍ୱହୀନ ହୋଇ ପଡ଼ିଛି । ସେମାନଙ୍କ ପାରିବାରିକ ଅସୁବିଧା ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଯେପରି :

ସୋମା : ଆମର ବି ଆଉ ସମୟ ନାହିଁ ମାଡ଼ାମ୍ । ଆଜି ସଭା ସାଙ୍ଗ କରାଯାଉ । ମୋ ପୁଅ ତେଣେ ସ୍କୁଲ୍‌ରୁ ଆସି ବ୍ୟସ୍ତ ହେଉଥିବ । ପୁଣି ମିଷ୍ଟର ରାୟ ଘରେ ଆସି ପହଞ୍ଚି ଯିବେଣି ।

ରୁବି : ମୋର ଯିବା ବି ଜରୁରୀ । ମିଃ. ମହାପାତ୍ର କହିଥିଲେ ଶୀଘ୍ର ଫେରିବାକୁ, କୁଆଡ଼େ ପୁଣି ତାଙ୍କ ସାଙ୍ଗରେ ଯିବାକୁ ପଡ଼ିବ ।

ଶ୍ରାବଣୀ : ମୋର କିନ୍ତୁ ଆହୁରି ଜରୁରୀ । ଆଉ ଅଧଘଣ୍ଟା ଭିତରେ ମୋ ଶାଶୂ ଆସି ପହଞ୍ଚିବେ ଗାଁରୁ । ଟ୍ରେନ୍ ସମୟ ହେଇଗଲାଣି ।

କଲେଜର ବାର୍ଷିକ ଉତ୍ସବ ପାଇଁ ଡକାଯାଇଥିବା ମିଟିଙ୍ଗ୍ ଶେଷରେ ଗୁରୁତ୍ୱହୀନ ହୋଇପଡ଼ିଛି । ଅଧ୍ୟାପିକାମାନଙ୍କ ଦାୟିତ୍ୱହୀନତା ଓ ଅବହେଳାର ଚରମ ଦୃଷ୍ଟାନ୍ତ ଏହି ଦୃଶ୍ୟରେ ଦର୍ଶାଇ ଦିଆଯାଇଛି ।

ନାଟକର ଚତୁର୍ଥ ଦୃଶ୍ୟରେ ରହିଛି ସେଇ ଧରାବନ୍ଧା- ଗତାନୁଗତିକ କଥା । କଲେଜ୍ ଲନ୍‌ରେ ଅଧ୍ୟାପିକା ରୁବି ଏବଂ ତାଙ୍କର ଘନିଷ୍ଠ ବାନ୍ଧବୀ ଲିସା ଓ ସୋମାନଙ୍କ ସହିତ ଅନାବଶ୍ୟକ ଚର୍ଚ୍ଚା ଜାରିରହିଛି । ନିଜର କ୍ଷମତାଶାଳୀ ସ୍ୱାମୀଙ୍କ କ୍ଷମତାର ଅପବ୍ୟବହାର କରି ଲିସାର ଟ୍ରାନ୍ସଫର ବନ୍ଦ କରିଦେଇଥିବାରୁ ରୁବି ଅନ୍ୟମାନଙ୍କ ପାଖରେ ନିଜର ବଡ଼ପଣିଆ ଜାହିର୍ କରିଛି । ଲିସା ଏବଂ ସୋମାଙ୍କ କୃତ୍ରିମ ସ୍ତାବକତାରେ ସେ ଭଳି ଯାଇଛି । କ୍ଷମତାର ଅପବ୍ୟବହାର ଓ ନିଜ ସୁବିଧା ପାଇଁ ପ୍ରାଶାସନିକ ସୁଯୋଗର କିପରି ଦୁରୁପଯୋଗ କରାଯାଏ, ତାହା ହିଁ ଚତୁର୍ଥ ଦୃଶ୍ୟ ବେଶ୍ ସ୍ପଷ୍ଟତଃ ପ୍ରତିଭାତ ହୋଇଛି ।

ନାଟକର ପଞ୍ଚମ ଦୃଶ୍ୟରେ ସନତ୍ ଓ ରୁବିଙ୍କ ଦାମ୍ପତ୍ୟ ଜୀବନର ଅପୂର୍ଣ୍ଣତାକୁ ଦେଖାଇ ଦିଆଯାଇଛି । ସ୍ୱାମୀଙ୍କର ଲୋରା ପ୍ରତି ବେଳକୁ ବେଳ ଯେପରି ଆକର୍ଷଣ ବଢ଼ି ଚାଲିଛି, ତାହା ରୁବିକୁ ବ୍ୟଥିତ କରିଦେଇଛି । ସ୍ୱାମୀ-ସ୍ତ୍ରୀର ଜୀବନ ସତେ ଯେମିତି ଉଭୟଙ୍କ ପାଇଁ ଅନ୍ତଃସାରଶୂନ୍ୟ ହୋଇ ପଡ଼ିଛି । ଯାହାର ସ୍ପଷ୍ଟ ସୂଚନା ରୁବିର ସଂଳାପରେ ଅଭିବ୍ୟକ୍ତ

ରୁବି : ଅନେକ ଦିନରୁ ସେ ଆବେଗ ସମାଧି ନେଇଛି ସନତ୍ । ସ୍ୱାମୀ-ସ୍ତ୍ରୀର ନିତିଦିନିଆ ଘଷରା ଜୀବନ ତମ ପାଇଁ ଉତ୍ତେଜନା ଶୂନ୍ୟ ହୋଇପଡ଼ିଛି ।

Digitized by srujanika@gmail.com

ତମେ ପ୍ରତି ମୁହୂର୍ତ୍ତରେ ସେଇ ଆବେଗ ଓ ଉତ୍ତେଜନା ପଛରେ ପାଗଳ ପରି ଘୂରି ବୁଲିଛ। ଆଜି ତମକୁ ସେଇ ଉତ୍ତେଜନାର ସନ୍ଧାନ ଦେଇଛି ଚଳଚଞ୍ଚଳ ଲୋରା। ମୁଁ ଯାହା କହୁଛି ତାହା କ'ଣ ଅସତ୍ୟ ?

ସନତ୍‌ଙ୍କର ଲୋରା ସହିତ ଘନିଷ୍ଠତାକୁ ଗ୍ରହଣ କରିପାରିନି ରୁବି। ଏହା ତ ସ୍ୱାଭାବିକ କଥା। କୌଣସି ବିବାହିତା ନାରୀ ତା'ର ସ୍ୱାମୀ ସୁଖରେ ଆଉ କେଉଁ ନାରୀର ଉପସ୍ଥିତିକୁ ସହ୍ୟ କରିପାରି ନଥାଏ। ଏହା ହିଁ ରୁବି କ୍ଷେତ୍ରରେ ଘଟିଛି। ଉଭୟଙ୍କ ଦାମ୍ପତ୍ୟ ଜୀବନର ସୁଖ ଯେମିତି ଅସ୍ତ ହୋଇପଡ଼ିଛି। ସନତ୍ ଓ ରୁବିଙ୍କର ପରସ୍ପରକୁ ନ ବୁଝିବାର ପରିଣାମ ଉଭୟଙ୍କୁ ମାନସିକ ସ୍ତରରେ ପରସ୍ପରଠାରୁ ଦୂରେଇ ଦେଇଛି। ଉଚ୍ଚଶିକ୍ଷା ସଚିବଙ୍କ ପତ୍ନୀ ଭାବରେ ରୁବି ଯଥେଷ୍ଟ ସମ୍ମାନ ପାଇଛି ସତ, ମାତ୍ର ସ୍ତ୍ରୀ ଭାବେ ସ୍ୱାମୀଙ୍କଠାରୁ ଆଶା କରୁଥିବା ଭଲ ପାଇବା ତାକୁ ମିଳିନାହିଁ। ସେଥିପାଇଁ ଉଭୟଙ୍କ ଭିତରେ ଅଦେଖା ଶୂନ୍ୟତା ବସା ବାନ୍ଧିଛି। କେହି ବି କାହାକୁ ବୁଝିବାର ପ୍ରୟାସ କରିନାହାନ୍ତି। ସମସ୍ତେ ନିଜ ନିଜ ଅହଂଭାବକୁ ଜାବୁଡ଼ି ଧରିଛନ୍ତି। ସେଥିପାଇଁ ସେମାନଙ୍କ ଭିତରେ ସୃଷ୍ଟି ହୋଇଛି ବିଚ୍ଛିନ୍ନତାବୋଧ। ସେମାନଙ୍କ ଭିତରେ ସ୍ଥାନ ନେଇଛି ଅସହାୟତା :

ସନତ୍ : ମଣିଷ ଜୀବନରେ ସମୁଦ୍ର ଲହଡ଼ି ଭଳି ବିରାଟ ବିରାଟ ବିପଦ ଆସେ। ଦକ୍ଷ ପହଁରାଳି ଭଳି ସେ ଲହଡ଼ିକୁ ମୁଣ୍ଡ ଦେଖାଇଦିଏ, ସେତ ବଞ୍ଚିଯାଏ, ଆଗକୁ ମାଡ଼ିବାର ସାହସ ପାଏ। ତମେ ଏମିତି ଭାଙ୍ଗି ପଡୁଛ କାହିଁକି ?

ରୁବି : ନା' ତ। ଭାଙ୍ଗି ପଡ଼ିବି କାହିଁକି ? ମୁଁ ତ ବଞ୍ଚିବାର ରାହା ଖୋଜୁଛି। ଛାତିକୁ ପଥର କରି ବଞ୍ଚିପାରିବି କି ନାଇଁ ପରୀକ୍ଷା କରି ଦେଖୁଛି। ଯଦି ବଞ୍ଚିଯାଏ ତେବେ ସେଇ ହେବ ମୋର ଚରମ ବିଜୟ। କିନ୍ତୁ ପରାଜୟର ଦାବଦାହ ଭିତରେ ବିଜୟର ଗୁଲ୍ମଟିଏ ବଞ୍ଚିପାରିବ ତ ? ଯଦି ବଞ୍ଚି ନପାରେ ?

ନାଟକର ଷଷ୍ଠ ଦୃଶ୍ୟରେ କଲେଜର୍ ବାର୍ଷିକ ଉତ୍ସବର ପ୍ରସ୍ତୁତିକୁ ଦର୍ଶାଇ ଦିଆଯାଇଛି। ଏହି ଦୃଶ୍ୟ ସେପରି ଗୁରୁତ୍ୱ ନ ଥିଲେ ହେଁ ଏଥିରେ ନାରୀ ମନସ୍ତତ୍ତ୍ୱର ଦୁର୍ବଳ ଦିଗଟିକୁ ଦେଖାଇ ଦିଆଯାଇଛି। ଉଚ୍ଚଶିକ୍ଷା ସଚିବଙ୍କୁ କଲେଜ୍‌ର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି କରି ଡକାଯାଇଛି। ସେଥିପାଇଁ ଅଧ୍ୟାପିକା ରୁବିର ସମ୍ମାନ ଅନ୍ୟ ସହକର୍ମୀଙ୍କ ପାଖରେ ଅଧିକ ବଢ଼ିଯାଇଛି। ତେବେ ତରୁଣୀ ଅଧ୍ୟାପିକା ପ୍ରିୟଙ୍କାଙ୍କର ସନତ୍‌ଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିବା ଘଟଣାକୁ ସହଜରେ ଗ୍ରହଣ କରି ପାରିନାହିଁ ରୁବି। ଅତିଥିଙ୍କୁ ସ୍ୱାଗତ କରିବାର ପ୍ରସ୍ତୁତି ଭିତରେ ଏଇ ଛୋଟ ଦୃଶ୍ୟଟି କେତେବେଳେ ଶେଷ ହୋଇଛି, ତାହା ସହଜରେ ଜଣାପଡ଼ିନାହିଁ।

Digitized by srujanika@gmail.com

ତେବେ ନାଟକର ଅନ୍ତିମ ତଥା ସପ୍ତମ ଦୃଶ୍ୟ ପୂର୍ବୋକ୍ତ ଛଅଟି ଦୃଶ୍ୟଠାରୁ ସ୍ୱତନ୍ତ୍ର ଅଟେ। ରୁବିର ଘନିଷ୍ଠ ବାନ୍ଧବୀ ଲିସା ଓ ସୋମା ପ୍ରଥମ ଥର ପାଇଁ ରୁବି ଭିତରେ ଥିବା ଅସହାୟପଣକୁ ଲକ୍ଷ୍ୟ କରିଛନ୍ତି। ଉଚ୍ଚଶିକ୍ଷା ସଚିବଙ୍କ ପତ୍ନୀ ଭାବେ ଯେଉଁ ରୁବିକୁ ସେମାନେ କ୍ଷମତାଶାଳୀ ମନେ କରୁଥିଲେ। ସେଇ ରୁବି ଭିତରେ ଥିବା ଅଭାବବୋଧ ସେମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଲୋରା ସହିତ ଅନ୍ତରଙ୍ଗତା ହିଁ ସନତ୍‌ଙ୍କ ପାଖରୁ ରୁବିକୁ ଦୂରେଇ ଦେଇଛି। ଉପରକୁ ପାଉଥିବା ସମ୍ମାନ ତାକୁ ଅସ୍ୱସ୍ତିକର ମନେ ହୋଇଛି। ତା' ଅପେକ୍ଷା ନିଜର ପରିଚୟ ଓ ନିଜର ସ୍ୱାଧୀନ ଚିନ୍ତାଧାରା ରୁବି ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସେଥିପାଇଁ ରୁବି କହିଛି : "ରୁବି ! ଓଃ ! କାଲିଠୁ କଲେଜରେ ସେ ସମ୍ମାନ ରହିବନି। ଏଇୟାତ ସେ କଥା ମୁଁ ଜାଣେ। ଆଜି ଯେଉଁମାନେ ମୋ ସହିତ କଥା ଦି'ପଦ କହି ଗର୍ବ ଅନୁଭବ କରୁଥିଲେ, କାଲି ହୁଏତ ସେମାନେ ମୋତେ ଅବଜ୍ଞାପୂର୍ଣ୍ଣ ଦୃଷ୍ଟିରେ ଚାହିଁବେ। ଠିକ୍ ଅଛି। କ'ଣ କ୍ଷତିଟା ହୋଇଯିବ ? ଆମ ସମାଜଟା ତ ଏଇୟା, ଯେଉଁଠି 'ସ୍ୱାମୀର ସ୍ତ୍ରୀ' ବୋଲି କହିବା ଛଡ଼ା ନାରୀର କୌଣସି ସ୍ୱାଧୀନ ପରିଚୟ ନାହିଁ, ଯେଉଁଠି ସ୍ୱାମୀର ସୂର୍ଯ୍ୟାଲୋକରେ ଚନ୍ଦ୍ରପରି ଆଲୋକିତ ହେବାଛଡ଼ା ଅନ୍ୟ ଉପାୟ ନାହିଁ।"

ରୁବି ଭିତରେ ଥିବା ଅସହାୟତାବୋଧ ଏବଂ ଭଲ ପାଇବାର ଅଭାବ ତା' ଜୀବନରେ ଚରମ ଦୁଃଖରେ ପରିଣତ ହୋଇଛି। ଏ ଦୃଷ୍ଟିରୁ ତା' ଭିତରେ ଥିବା କୃତ୍ରିମ ଖୋଳପା ଖୋଲି ଯାଇଛି ଏବଂ ସେ ସରଳ ଭାବରେ ନାଟକର ଯବନିକାରେ ନିଜକୁ ଉନ୍ମୁକ୍ତ କରିଦେଇଛି। ରୁବି ପାଗଳୀଙ୍କ ପରି କଇଁକଇଁ ହୋଇ କାନ୍ଦି ଉଠିଲା ବେଳେ ଲିସା ଓ ସୋମା ତାକୁ ସାନ୍ତ୍ୱନା ଦେଇଛନ୍ତି। ଏହି ସାନ୍ତ୍ୱନା ଦେବା ଭିତରେ ନାଟକର ସମାପ୍ତି ହୋଇଛି। ସମଗ୍ର ନାଟକ ଭିତରେ ସଂପର୍କର ଅବିଶ୍ୱାସବୋଧ ଓ ପରସ୍ପର ପ୍ରତି ଆନ୍ତରିକତାହୀନ ସମବେଦନା ହିଁ ସ୍ଥାନ ପାଇଛି।

ନାଟକର ଥିମ୍ ସାଧାରଣ ସମସ୍ୟାକୁ ନେଇ ଗତି କରିଥିବାରୁ ଏହାର ଚରିତ୍ରମାନେ ବି ସାଧାରଣ ମନେ ହୋଇଛନ୍ତି। ଜଣେ ପୁରୁଷ ଚରିତ୍ର ଓ ସାତଜଣ ନାରୀ ଚରିତ୍ରକୁ ନେଇ ନାଟକଟି ଗଢ଼ି ଉଠିଛି। ନାଟକର ମୁଖ୍ୟ ଚରିତ୍ର ସନତ୍ ଓ ରୁବିଙ୍କ ବାଦ୍ ଦେଲାପରେ ଅନ୍ୟାନ୍ୟ ଗୌଣ ଚରିତ୍ରଙ୍କ ଭୂମିକା ଦୁର୍ବଳ ହୋଇ ପଡ଼ିଛି। ଏପରିକି ପ୍ରିୟଙ୍କା, ଶ୍ରାବଣୀଙ୍କ ଚରିତ୍ରର ଉପସ୍ଥିତି ଆଦୌ ପ୍ରାସଙ୍ଗିକ ହୋଇନାହିଁ। ନାଟକଟି ଉଭୟ ସନତ୍ ଓ ରୁବିକୁ ନେଇ ଗତିଶୀଳ ହୋଇଛି। ଏମାନଙ୍କ ଭୂମିକାକୁ ଆହୁରି ବଳିଷ୍ଠ କରିବାର ସୁଯୋଗ ବି ଥିଲା। ନାଟକର ସଂଳାପ ସେହିଭଳି ସାଧାରଣ ଓ ସରଳ। ନାଟକର କଥାବସ୍ତୁ ସାଧାରଣ ଘଟଣାଶ୍ରିତ ହୋଇଥିବାରୁ ଏହାର ସଂଳାପ ବି ସେହିଭଳି ସାଧାରଣ ଓ ପାତ୍ରୋପଯୋଗୀ। ନାଟକର ପ୍ରାଣ କୁହାଯାଉଥିବା ନାଟକୀୟ ଦ୍ୱନ୍ଦ୍ୱ ବି ଏଥିରେ ଦୁର୍ବଳ ହୋଇ ପଡ଼ିଛି।

Digitized by srujanika@gmail.com

ମଞ୍ଚକଳାକୁ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ଜଣାଯାଏ ଯେ ନାଟକରେ କୌଣସି ସେଟ୍ ବ୍ୟବହାର କରାଯାଇନାହିଁ। ନାଟକର ଆଲୋକ ସଂପାଦନ ଅଥବା ମଞ୍ଚସଜ୍ଜା ପ୍ରାୟତଃ ନିରାଡମ୍ବର। କୌଣସି ସେଟ୍ ବ୍ୟବହୃତ ନହୋଇ ଏହି ନାଟକଟି ପରିବେଷଣ କରାଯିବାର କ୍ଷମତା ରହିଛି।

ଚନ୍ଦ୍ର ପରି ଉପଗ୍ରହ ସୂର୍ଯ୍ୟର ଆଲୋକରେ ଆଲୋକିତ କିନ୍ତୁ ଚନ୍ଦ୍ରର ନିଜ ଛାୟା ନାହିଁ। ଜଳ ମଧ୍ୟରେ କେବଳ ଚନ୍ଦ୍ରର ପ୍ରତିଛବିକୁ ହିଁ ଦେଖାଯାଇପାରେ। ଏହି ବୈଜ୍ଞାନିକ ସତ୍ୟ ସହ ସାଂପ୍ରତିକ ଜୀବନ ସମସ୍ୟାକୁ ଯୋଡ଼ିବାର ପ୍ରୟାସ 'ଜଳେ ଯେସନ୍ ଚନ୍ଦ୍ରଛାଇ' ନାଟକରେ ନାଟ୍ୟକାର ଦେଖାଇଛନ୍ତି। ଅଧ୍ୟାପିକା ରୁବିର ଜୀବନ ଚନ୍ଦ୍ରପରି। ସ୍ୱାମୀଙ୍କ କ୍ଷମତା ପାଇଁ ତା'ର ସ୍ୱତନ୍ତ୍ର ସମ୍ମାନ ରହିଛି। ମାତ୍ର ବିବେକର ଦର୍ପଣରେ, ସତ୍ୟର ନିର୍ମଳ ଜଳରାଶିରେ ନିଜକୁ ରୁବି ଦେଖିଲା ପରେ ତା'ର କ୍ଷମତାକୁ ସେ ବୁଝିପାରିଛି। ସ୍ୱାମୀର କ୍ଷମତା ଅପେକ୍ଷା ନିଜର ପରିଚୟ ତା' ପାଇଁ ବଡ଼ ମନେ ହୋଇଛି। ରୁବି ଭିତରେ ଥିବା ସଚେତନ ନାରୀସତ୍ତାକୁ ଦେଖାଇବାରେ ନାଟ୍ୟକାରଙ୍କ ଉଦ୍ୟମ ନିଶ୍ଚିତ ପକ୍ଷେ ପ୍ରଶଂସନୀୟ। ଏସବୁ ଦୃଷ୍ଟିରୁ ଦେଖିଲେ ଏହି ନାଟକଟିର ଆବେଦନ ଯୁଗୋପଯୋଗୀ। ସେହିଭଳି ନାଟକଟିରେ ଉପସ୍ଥାପିତ ସମସ୍ୟାଟି ଅନୁଚିନ୍ତା ମୂଳକ।

ପାରିଡୋଳା, ପିପିଲି,
ପୁରୀ, ପିନ୍- ୭୫୨୧୦୪

Digitized by srujanika@gmail.com

ନୀଳାଦ୍ରିଭୂଷଣଙ୍କ 'ମୁଣ୍ଡ ଉପରେ ଛାତ' - ଏକ ଅନୁଚିନ୍ତା

ସୁଶ୍ରୀ ମୃଣ୍ମୟୀ ପ୍ରିୟଦର୍ଶିନୀ

ଆଜି ବିଜ୍ଞାନର ଜୟଯାତ୍ରାରେ ମଣିଷ ନିଜକୁ ସାମିଲ୍ କରିଛି । ଯାନ୍ତ୍ରିକ ସଭ୍ୟତାରେ ଦେଶର ସମୃଦ୍ଧି ହେବା ସହିତ ଆର୍ଥନୀତିକ ସ୍ଥିତି ସୁଦୃଢ଼ ହୋଇଛି । ଶିଳ୍ପ ଉତ୍ପାଦନ ଲାଗି ପ୍ରଚୁର କଳକାରଖାନା ଗଢ଼ି ଉଠୁଛି । ସମଭାବରେ ସହରରେ ମୁଣ୍ଡ ଟେକୁଛି ସରକାରୀ ଓ ଘରୋଇ ସଂସ୍ଥାର ଅସଂଖ୍ୟ ସୌଧ । ସ୍ୱଚ୍ଛଳ ଓ ଧନଶାଳୀ ଲୋକମାନେ ଅଜସ୍ର ଅଟ୍ଟାଳିକା ତୋଳୁଛନ୍ତି । ଆକାଶସ୍ପର୍ଶୀ ଫ୍ଲାଟ୍ ଘରମାନ ମଧ୍ୟ ତିଆରି ହେଉଛି । ବର୍ତ୍ତମାନ ସମସ୍ତଙ୍କର ଇଚ୍ଛା ସହରରେ ନିଜର ଘରଟିଏ କରିବା । ସେଥିପାଇଁ ଲୋକଙ୍କ ଭିତରେ ପ୍ରତିଯୋଗିତା । କିଏ ସହରରେ ଘର ତିଆରି କରିପାରିବ ପୁଣି କେତେବଡ଼ କେତେ ସୁନ୍ଦର ଘର ତିଆରି କରିପାରିବ । ମଣିଷ ପରିବାରରୁ ବିଚ୍ଛିନ୍ନ ହୋଇ ସହରରେ ନିଜ ମୁଣ୍ଡ ଉପରେ ଛାତଟିଏ ତିଆରି କରିବାରେ ଲାଗିପଡ଼ିଛି । ପ୍ରତିଦିନ ବଢ଼ିବାରେ ଲାଗିଛି ଛୋଟ ଛୋଟ ସହର ଓ ଗ୍ରାମରେ ଶହଶହ କୋଠାବାଡ଼ି । ଧାନବିଲ ପୋତାହୋଇ ଓ ଜଙ୍ଗଲ କଟାହୋଇ ଛୋଟ ଛୋଟ ସହର ବିସ୍ତୃତ ହେବାରେ ଲାଗିଛି । ସହରରୁ ପ୍ରକୃତି ପୂରାପୂରି ଲୋପପାଇ ଯାଇଛି । ଧାନବିଲ ପୋତା ହେବାରୁ ଖାଦ୍ୟ ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଉଛି । ପୃଥିବୀ ଦିନକୁ ଦିନ ଉତ୍ତପ୍ତ ହୋଇ ଉଠୁଛି । ଦିନେ ହୁଏତ ଏପରି ସମୟ ଆସିବ ଯେତେବେଳେ ପୃଥିବୀ ମରୁଭୂମି ପାଲଟିଯିବ । ସେତେବେଳକୁ ହୁଏତ ପୃଥିବୀ ପୃଷ୍ଠରେ ଜୀବଜଗତର ସତ୍ତା ଲୋପପାଇବ । ପ୍ରକୃତି ଜଗତରୁ ଦୂରେଇ ଯାଇ ମଣିଷ ଧୂଳିଧୂଆଁର କୁଣ୍ଡଳୀ ଭିତରେ ଶ୍ୱାସରୁଦ୍ଧ ହୋଇଯାଉଛି । ରୋଗ ବ୍ୟାଧିର ଶିକାର ହୋଇପଡୁଛି । ତା' ମନର ସରସତା ଲୋପ ପାଉଛି । ସଂସାରିକ ଜଟିଳତା ଓ କୁଟୀଳତା ତାକୁ ଗ୍ରାସକରି ବସୁଛି ।

ଅତୀତର ଖୋଲା ଆକାଶତଳେ ଦିନ କାଟୁଥିବା ମଣିଷ ନିଜର ସୁରକ୍ଷା ପାଇଁ ମୁଣ୍ଡ ଉପରେ ଛାତଟିଏ ଲୋଡ଼ିଲା । ଧାନବିଲ ପୋତି, ଜଙ୍ଗଲ ସଫାକରି ଜନବସ୍ତି ସ୍ଥାପନ କଲା । ସଭ୍ୟ ହେବାକୁ ଚେଷ୍ଟା କଲା । ଧୀରେ ଧୀରେ ମଣିଷର ଆବଶ୍ୟକତା ବଢ଼ିଲା । ଫଳରେ ଗଢ଼ି ଉଠିଲା ଅନେକ କଳ କାରଖାନା । ସୃଷ୍ଟି ହେଲା ନଗର ସଭ୍ୟତା । ସହଜ ସରଳ ଗ୍ରାମ୍ୟ ସଭ୍ୟତାକୁ ଅସଭ୍ୟତାର ଆଖ୍ୟା ଦେଇ ଆଧୁନିକ ମଣିଷ ହେଲା ସହରାଭିମୁଖୀ ଫଳରେ ସେ ଗୋଷ୍ଠୀଗତ ଜୀବନରୁ ବିଚ୍ଛିନ୍ନ ହେବାକୁ ଲାଗିଲା । ସୃଷ୍ଟିହେଲା ଅନେକ

Digitized by srujanika@gmail.com

ଛୋଟଛୋଟ ପରିବାର । ପ୍ରତି ପରିବାର ରହିବା ପାଇଁ ଆବଶ୍ୟକ ହେଲା ଘର ଖଣ୍ଡେ, ଫଳରେ ଦେଖାଦେଲା ମୁଣ୍ଡ ଉପରେ ଛାତର ସମସ୍ୟା । ତା' ସହିତ ପରିବାର ଓ ସମାଜଠାରୁ ବିଚ୍ଛିନ୍ନତା । କ୍ରମେ ଭୟଙ୍କର ହୋଇଉଠିଲା ବିଚ୍ଛିନ୍ନ ମାନସିକତା ।

"ମୁଣ୍ଡ ଉପରେ ଛାତ" ମାନବ ସଭ୍ୟତାର କ୍ରମବିକାଶର ଚିତ୍ର । ଆଦିମ କାଳରୁ ଆରମ୍ଭ କରି ଆଧୁନିକ କାଳ ପର୍ଯ୍ୟନ୍ତ ଏକ ଦୀର୍ଘ ପଟ୍ଟଭୂମି ଉପରେ ନାଟକର ପରିକଳ୍ପନା । ଏହାର କୌଣସି ଧରାବନ୍ଧା କାହାଣୀ ନାହିଁ; ରହିଛି ଭିନ୍ନ ଭିନ୍ନ ସମୟର ସାମାଜିକ ପରିକ୍ରମା । ପର୍ଯ୍ୟାୟ କ୍ରମିକ ଭାବରେ କେତୋଟି ଅସଂଲଗ୍ନ ସମାଜଚିତ୍ର ସମ୍ବଳିତ ଦୃଶ୍ୟକୁ ପରସ୍ପର ସହିତ ସଂପୃକ୍ତ କରାଯାଇ ମୁଣ୍ଡ ଉପରେ ଛାତ ସମସ୍ୟାଟି ଉପସ୍ଥାପନ କରାଯାଇଛି । ଦିନେ ଯେଉଁ ପ୍ରକୃତିର ସବୁଜିମାରେ ମଣିଷ ନିଜକୁ ହଜାଇ ଦେଉଥିଲା, ସେହି ପ୍ରକୃତିକୁ ଲୁଣ୍ଠନ କରି ମଣିଷ ସୃଷ୍ଟି କରିଛି କୋଠା ଫସଲର ସଭ୍ୟତା, ଯାହାକୁ ସଭ୍ୟତା ଓ ପ୍ରଗତିର ପ୍ରତୀକ ବୋଲି ଭାବି ସେ ଗର୍ବ କରେ । ଏହିପରି ଭାବରେ ଯଦି ଆଧୁନିକ ସଭ୍ୟତା ଆଗେଇ ଚାଲେ, ତା'ହେଲେ ଏମିତି ସମୟ ଆସିବ ଯେତେବେଳେ ଉଦ୍ଭିଦ ଜଗତ ବିନା ମଣିଷ ଜୀଇଁ ରହିବାର ମଧୁର ଅନୁଭବକୁ ମଧ ଖୋଜି ପାଇବନି । ପ୍ରକୃତିକୁ ବାଦ୍ ଦେଇ ମଣିଷ ଏକ ବିକାଶଶୀଳ ସଭ୍ୟତାର ସ୍ୱପ୍ନ ଦେଖୁଛି । ମାତ୍ର ପ୍ରକୃତି ବିନା ତା'ର ସ୍ଥିତି ସମ୍ଭବ ତ ? ପ୍ରକୃତିକୁ ବାଦ୍ ଦେଇ ମଣିଷ ବଞ୍ଚିପାରିବ ତ ? ଏହିପରି ଏକ ପ୍ରଶ୍ନରୁ ସୃଷ୍ଟ ନାଟକ, "ମୁଣ୍ଡ ଉପରେ ଛାତ" । ମଣିଷ ଜୀବନ ଉପରେ ପରିବେଶଗତ ଅବକ୍ଷୟର ପ୍ରଭାବ ନାଟକର ମୂଳ ଉପଜୀବ୍ୟ ।

ନାଟକଟି ମହାକାବ୍ୟିକ ନାଟ୍ୟ ଶୈଳୀ ମାଧମରେ ଉପସ୍ଥାପିତ ହୋଇଛି । ଦୃଶ୍ୟାନ୍ତରରେ ସୂତ୍ରଧର ଭାବରେ ନର-ନାରୀ ବାରମ୍ବାର ଆସି ନାଟକର ଭାବକୁ ଦର୍ଶକ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି । ସୂତ୍ରଧର ଚରିତ୍ରଦ୍ୱୟ ନାଟକର ଦର୍ଶକ ଓ ସଂଯୋଜକ । ସେମାନେ ପାରସ୍ପରିକ ନାଟକୀୟ ସଂଳାପ ମାଧମରେ ଆଲୋଚନା କରୁଛନ୍ତି ଆଧୁନିକ ସମାଜରେ ମୁଣ୍ଡ ଉପରେ ଛାତ ଲୋଡୁଥିବା ଅସଂଖ୍ୟ ମଣିଷର ଅସହାୟ ଭବିଷ୍ୟତ ସଂପର୍କରେ- "ବାସ୍ତବ ଜଗତରୁ ଯାହା ଦୂରେଇ ଯାଉଛି, ତା' ତ କେବଳ ସ୍ୱପ୍ନ ହୋଇରହିଯିବ । ପ୍ରକାଣ୍ଡ ସୌଧ ଉପରେ ଠିଆହୋଇ ମଣିଷ ସ୍ୱପ୍ନ ହିଁ ଦେଖିବାକୁ ଆରମ୍ଭ କରିବ । ସ୍ୱପ୍ନଛଡ଼ା ଆଉ କେଉଁଠି ମିଳିବ ପ୍ରକୃତିର ସେ ପ୍ରାଣଭରା ଦୃଶ୍ୟ ?"

ପ୍ରାକୃତିକ ପରିବେଶର ବିଲୟ ଯୋଗୁ ବର୍ତ୍ତମାନ ସମାଜରେ ସୃଷ୍ଟି ହୋଇଛି ଅନେକ ସମସ୍ୟା । ସେହି ସମସ୍ୟା ଗୁଡ଼ିକୁ ନାଟ୍ୟକାର ମହାକାବ୍ୟିକ ନାଟ୍ୟଶୈଳୀ ମାଧମରେ ଦର୍ଶକର ହୃଦୟଙ୍ଗମ କରାଇଛନ୍ତି । ପରମ୍ପରା ଓ ଗତାନୁଗତିକତାକୁ ଅସ୍ୱୀକାର କରି ଆଧୁନିକ ମଣିଷ ଘୋର ନିଃସଙ୍ଗତାର ଶିକାର ହୋଇପଡୁଛି । ଏହି ନିଃସଙ୍ଗ ମଣିଷଟି ନିଜର ସ୍ଥିତି ସନ୍ଧାନ କରୁଛି ଏକ ଅସହାୟ ଭବିଷ୍ୟତ ମଧରେ । ଆଧୁନିକ ମଣିଷର ଏହି ଅସହାୟତାକୁ ସୂତ୍ରଧର ଦର୍ଶକ ସମ୍ମୁଖରେ ଉପସ୍ଥାପିତ କରୁଛନ୍ତି । "କ୍ଷତବିକ୍ଷତ ପଶୁଟିଏ ପରି ମଣିଷ

Digitized by srujanika@gmail.com

ଘୂରିଚାଲିବ ନିତିଦିନ। ସେ ଚାଲିବାର ଶେଷ ହେବନି କେବେ।” “ଏ ରାସ୍ତାର କ’ଣ ଶେଷ ନାହିଁ?” ଏହି ପ୍ରଶ୍ନକୁ ନାଟ୍ୟକାର ଦର୍ଶକର ହୃଦୟଙ୍ଗମ କରାଇବାକୁ ଚେଷ୍ଟା କରିଛନ୍ତି। ଫଳରେ ସମାଧାନ ଦିଗରେ ଦର୍ଶକ ମନରେ ଆଲୋଡ଼ନ ସୃଷ୍ଟିହେବ ଓ ସମାଧାନର ବାଟ ଫିଟିବ।

ସାଂପ୍ରତିକ ସାମାଜିକ ଜୀବନରେ କିଂକର୍ତ୍ତବ୍ୟବିମୂଢ଼ ଆଧୁନିକ ମଣିଷ ଯିଏ ନିଜ ଲାଗି ସୁନ୍ଦର ଭବିଷ୍ୟତଟିଏ ଖୋଜିବାରେ ବ୍ୟସ୍ତ। ଦିନେ ଏମିତି ଏକ ସମ୍ଭାବନାମୟ ଭବିଷ୍ୟତ ଅନ୍ୱେଷଣରେ ବାହାରି ଥିଲା ଆଦିମ ଯୁଗର ମଣିଷ। ନାଟକର ଆରମ୍ଭରେ ଏକ ସମ୍ଭାବନାମୟ ଭବିଷ୍ୟତ ସନ୍ଧାନରେ ଭଉଁରୀ ଖାଇ ବୁଲୁଛନ୍ତି ପ୍ରାଚୀନ ସଭ୍ୟତାର କିଛି ଲୋକ। ଯେଉଁମାନଙ୍କର ମୁଣ୍ଡ ଉପରେ ଛାତ ନାହିଁ। ପାଦରେ ପରାଧୀନତାର ଶିକୁଳି ନାହିଁ। ପ୍ରକୃତିର ଖୋଲା ଅଗଣାରେ ନାଚିଗାଇ ଜୀବନକୁ ଉପଭୋଗ କରିଚାଲିଛନ୍ତି ସେମାନେ। ହଠାତ୍ ସେମାନେ ସଭ୍ୟତାର ସ୍ୱପ୍ନ ଦେଖିଛନ୍ତି। ଜଙ୍ଗଲ ମଧ୍ୟରେ ପଶୁସହିତ ପଶୁପରି ଜୀବନ ବିତାଇବାକୁ ସେମାନେ ଚାହିଁ ନାହାନ୍ତି। ଜଙ୍ଗଲ ମଧ୍ୟରୁ ବାହାରିବା ପାଇଁ ସେମାନେ ଦେଖିଛନ୍ତି ସଭ୍ୟତାର ରାସ୍ତା। ଜଙ୍ଗଲ କାଟି ସେମାନେ ବସତି ସ୍ଥାପନ କରିଛନ୍ତି। ସଭ୍ୟ ହେବାକୁ ଚେଷ୍ଟା କରିଛନ୍ତି। ମାତ୍ର ପ୍ରକୃତିବିନା ମଣିଷର ସ୍ଥିତି ଅସମ୍ଭବ। ପ୍ରକୃତିର ଧ୍ୱଂସ ବିନିମୟରେ ଯେଉଁ ସଭ୍ୟତାର ସୃଷ୍ଟି ହୋଇଛି, ସେ ସଭ୍ୟତାର ସ୍ଥାୟିତ୍ୱରେ ସନ୍ଦିହାନ ନାଟ୍ୟକାର ସୂତ୍ରଧର ମାଧ୍ୟମରେ ନିଜର ବକ୍ତବ୍ୟ ବ୍ୟକ୍ତ କରିଛନ୍ତି- “ଗୋଟାଏ ପ୍ରାଣଭରା ଜଙ୍ଗଲ ଯେତେବେଳେ ପୋଡ଼ିଯାଏ କ’ଣ ଆଉ ରହେ ମୁଠାଏ ପାଉଁଶ ଛଡ଼ା? ସେମିତି ଯେ ଏ ସଭ୍ୟତା ପୋଡ଼ି ନଯିବ ଗୋଟିଏ ମୁହୂର୍ତ୍ତରେ କିଏ କହିବ?”

କେତୋଟି ଭିନ୍ନ ଭିନ୍ନ ସମୟର ପାରିପାର୍ଶ୍ୱିକ ଅବସ୍ଥାକୁ କେନ୍ଦ୍ରକରି ନାଟକଟି ପରିକଳ୍ପିତ ହୋଇଥିଲେ ମଧ୍ୟ ପ୍ରକୃତିର ଧ୍ୱଂସ ଜନିତ ସମସ୍ୟା ଏହାର ମୂଳବିନ୍ଦୁ। ସଭ୍ୟତାର ବିକାଶ ସହିତ ମଣିଷର ମାନସିକତାରେ ମଧ୍ୟ ବିକାଶ ହେଉଛି। ଗ୍ରାମରୁ ତିଆରି ହୋଇଛି ସହର। ଆଧୁନିକତାର ଦ୍ୱାହିଦେଇ ମଣିଷ ସହରାଭିମୁଖୀ ହେଉଛି।

ବଣଜଙ୍ଗଲରେ; ଖୋଲା ଆକାଶ ତଳେ ଦିନ କାଟୁଥିବା ମଣିଷ ନିଜକୁ ସୁରକ୍ଷିତ ରଖିବା ପାଇଁ ମୁଣ୍ଡ ଉପରେ ଛାତଟିଏ ଲୋଡ଼ିଲା। ଜଙ୍ଗଲ ସଫାକରି ଚାଷଜମି କଲା। ଦିନକୁ ଦିନ ତା’ର ଆବଶ୍ୟକତା ବଢ଼ିଲା। କଳକାରଖାନା ସ୍ଥାପିତ ହେଲା। ଯାନ୍ତ୍ରିକ ସଭ୍ୟତାର ଅଭିବୃଦ୍ଧି ହେଲା। ଗାଁରୁ ତିଆରି ହେଲା ସହର। ସଭ୍ୟତାର ଅନୁସନ୍ଧାନରେ ମଣିଷ ସହରାଭିମୁଖୀ ହେଲା। ଫଳରେ ସେ ଗୋଷ୍ଠୀଗତ ଜୀବନରୁ ଅଲଗା ହୋଇ ପଡ଼ିଲା। ନିଜ ପରିବାର ଠାରୁ ସମାଜ ଠାରୁ ବିଛିନ୍ନ ହୋଇପଡ଼ିଲା। ସହରର ଚାକଚକ୍ୟରେ ବିଭୋର ହୋଇ ଗାଁ ଠାରୁ ଦୂରେଇ ରହିଲା।

ଯେଉଁମାନେ ଅନନ୍ୟୋପାୟ ହୋଇ ଗାଁରେ ପଡ଼ିରହିଲେ ସେମାନେ ଆଧୁନିକ

Digitized by srujanika@gmail.com

ସଭ୍ୟତା ଠାରୁ ଦୂରେଇ ରହି ନିଜକୁ ଅସହାୟ ମଣିଲେ। ସହରର କୃତ୍ରିମତା କ୍ରମେ ସେମାନଙ୍କୁ ଗ୍ରାସ କରି ବସିଲା। ନୀତିହୀନ ରାଜନୀତି ଗ୍ରାମ୍ୟ ଜୀବନକୁ କଳୁଷିତ କରିବାରେ ଲାଗିଲା। ହୀନ ରାଜନୈତିକ ସ୍ୱାର୍ଥ ଓ ଅର୍ଥଲୋଭରେ ପ୍ରଚୋରିତ ହୋଇ ସେମାନେ ପରସ୍ପର ସହିତ ସଂଘର୍ଷ କରବାକୁ ଲାଗିଲେ। ପଲ୍ଲୀର ବାତାବରଣ ହୋଇଉଠିଲା ଅଶାନ୍ତ। ଏହିପରି ଜଟିଳତାରେ ଆକ୍ରାନ୍ତ ଗ୍ରାମ୍ୟ ଜୀବନର ହତାଶ ଓ କରୁଣ ଚିତ୍ର ଉପସ୍ଥାପନ କରିଛନ୍ତି ନାଟ୍ୟକାର। ନାଟକର ପ୍ରତ୍ୟେକ ଦୃଶ୍ୟରେ ଆଶାବାଦର ଝଲକ ଲକ୍ଷିତ। ମଣିଷ ଯେତେ ଯାହା ହେଲେ ବି ସମାଜକୁ ଛାଡ଼ିପାରେ ନାହିଁ। ଏବେ ବି କିଛି ଆଦର୍ଶବାଦ ସମାଜରେ ବଞ୍ଚି ରହିଛି। ବଞ୍ଚି ରହିଛି ସଦ୍‌ଭାବନା। ସବୁ ହତାଶା ଓ ନୈରାଶ୍ୟ ପରେ ମଧ୍ୟ ଗ୍ରାମବାସୀଙ୍କ ମନରୁ ଆଶା ଓ ସ୍ୱପ୍ନ ଲିଭିଯାଇନି। ରାଜନୈତିକ ନେତାମାନଙ୍କର ସୁଖସୁବିଧା ପାଇଁ ସାଧାରଣ ଲୋକ ଶୋଷଣ ଓ ପ୍ରତାରଣାର ଶିକାର ହେବା ଫଳରେ ସେମାନେ ଅନୁଭବ କରିଛନ୍ତି ସେମାନେ ଅକାରଣରେ ହଇରାଣ ହେଉଛନ୍ତି। ଏ ସଂପର୍କରେ ସେମାନେ ସଚେତନ ହୋଇଉଠିଛନ୍ତି। ପୁଣିଥରେ ଜୀବନକୁ ସରଳ, ସାବଲୀଳ କରି ଗଢ଼ି ତୋଳିବାକୁ ସେମାନେ ଆଶା କରିଛନ୍ତି। ଧ୍ୱସ୍ତ ଜୀବନ ଭିତରୁ ପୁଣି ନୂତନ ଜୀବନ ଗଢ଼ିବାର ଆତ୍ମପ୍ରତ୍ୟୟ ଆସିଛି। ସେମାନେ ସ୍ୱପ୍ନାବିଷ୍ଟ ଭଳି କହୁଛନ୍ତି- "ଜୀବନଟା ପୁରା ମରିନିରେ; ଏଇ ବଞ୍ଚିଛି, ବଞ୍ଚି ରହିଛି। ଆମକୁ ତାକୁ ଖୋଜି ବାହାର କରିବାକୁ ପଡ଼ିବ।" ଏହାହିଁ ହେଉଛି ଉଗ୍ର ଆଧୁନିକତାର ଘନାବର୍ତ୍ତରେ ଉବୁଟୁବୁ ହେଉଥିବା ମଣିଷ ପାଇଁ ସାନ୍ତ୍ୱନା।

ଅତୀତରେ ଯେଉଁଠି ଗୋଟିଏ ଛାତତଳେ ବାପା, ମା, ଭାଇ, ଭଉଣୀ ସମସ୍ତେ ମିଶି ରହୁଥିଲେ, ପରିବାର ଭାଙ୍ଗିବା ଦ୍ୱାରା ସମସ୍ତଙ୍କ ପାଇଁ ଅଲଗା ଅଲଗା ଘର ଆବଶ୍ୟକ ହେଲା। ଏହିପରି ପୁରୁଷାନୁକ୍ରମେ ଘର ବି ଅଲଗା ହୁଏ ତା' ସହିତ ମନ ବି ଅଲଗା ହୋଇଯାଏ। କାହାର କାହାପ୍ରତି ଆନ୍ତରିକତା ରହେନାହିଁ। ନାଟ୍ୟକାରଙ୍କ ମତରେ- "ସମସ୍ତେ କେମିତି ହୋଇ ପଡ଼ିଛନ୍ତି ସ୍ୱାର୍ଥପର ଓ ଆତ୍ମକୈନ୍ଦ୍ରିକ।" ନିଜ ସ୍ୱାର୍ଥକଥା ଭାବୁଥିବା ମଣିଷ ନିଜର ଆତ୍ମୀୟ ସ୍ୱଜନଙ୍କ ଠାରୁ ଦୂରେଇ ଯିବା ଦ୍ୱାରା ନିଃସଙ୍ଗ ହୋଇପଡୁଛି। ଗାଁରୁ ଭାଇମାନଙ୍କ ଠାରୁ ଅଲଗା ହୋଇ, ପରିବାରରୁ ବାହାରି ଆସି ସହରରେ ଘର କରିଥିବା ଅରୁଣା ଓ ବିକାଶଙ୍କ ସ୍ୱପ୍ନ ସେତେବେଳେ ଭାଙ୍ଗି ଯାଇଛି, ଯେତେବେଳେ ସେମାନେ ଅନୁଭବ କରିଛନ୍ତି ସେମାନେ ସଫଳ ହୋଇଛନ୍ତି ମାତ୍ର ପରିବାରରୁ ଦୂରେଇ ରହି ସୁଖୀ ହୋଇପାରି ନାହାନ୍ତି। ବିକାଶଙ୍କର ଅସହାୟତା ପ୍ରକାଶ ପାଇଛି ଏହିପରି- "ଅରୁଣା ତୁମେ କ'ଣ ଅନୁଭବ କରିପାରନି, ନିଜକଥା ଚିନ୍ତାକରି ଆମେ କେଡ଼େ ନିଃସଙ୍ଗ ହୋଇପଡ଼ିଛେ। ଭାବିପାରୁଛ, ସମାଜଠୁ ପ୍ରକୃତିଠୁ ବିଚ୍ଛିନ୍ନ ହୋଇ ପଡ଼ିଥିବା ମଣିଷଟି କେତେ ଦୀନ, କେତେ ଅସହାୟ।"

ଆଧୁନିକ ସଭ୍ୟତାର ପ୍ରଭାବରେ, ପୃଥିବୀରେ ନିଜର ସ୍ୱାତନ୍ତ୍ର୍ୟ ଜାହିର କରିବା ଉଦ୍ଦେଶ୍ୟରେ ଅଗ୍ରସର ହେଉଛି ଆଧୁନିକ ମଣିଷ। ସେ କ୍ରମେ ଆତ୍ମକୈନ୍ଦ୍ରିକ ହୋଇପଡୁଛି।

Digitized by srujanika@gmail.com

ଫଳରେ ବ୍ୟକ୍ତି ଜୀବନରେ ପରମ୍ପରା ଓ ମୂଲ୍ୟବୋଧ ପ୍ରତି ଅଶ୍ରଦ୍ଧା ସୃଷ୍ଟି ହେଉଛି । ସାମାଜିକ ନ୍ୟାୟ ଓ ସମତାବୋଧ ସୁଦୂରପରାହତ ହୋଇପଡ଼ିଛି । ଶ୍ରେଣୀ, ଜାତି ଓ ଗୋଷ୍ଠୀ ବିଭାଜନ ତୀବ୍ରତର ହେବାରେ ଲାଗିଛି ।

ଅତୀତରେ ଗ୍ରାମାଞ୍ଚଳରେ ଜାତି-ଧର୍ମ ନିର୍ବିଶେଷରେ ଗୋଟାଏ ସମପରିବାରତ୍ୱର ପରମ୍ପରା ଥିଲା । କେହି ଭାଇ, କେହି ଭଉଣୀ, କେହି କେହି କକା, ଖୁଡ଼ୀ ଇତ୍ୟାଦି ଭାବରେ ପରିଚିତ ହେଉଥିଲେ । ମାତ୍ର ପୂର୍ବର ସେ ସୌହାର୍ଦ୍ଦ୍ୟ ଆଜି ନାହିଁ । ଚେଷ୍ଟା କଲେ ମଧ୍ୟ ସେ ମଧୁର ସମ୍ବନ୍ଧ ଫେରିପାଇବା ଆଉ ସମ୍ଭବ ନୁହେଁ । ରାଜନୈତିକ ଗୋଷ୍ଠୀ ସଂଘର୍ଷ ଗ୍ରାମବାସୀ ଏପରିକି ବନବାସୀମାନଙ୍କୁ ମଧ୍ୟ ପରସ୍ପରଠାରୁ ଅଲଗା କରିଦେଉଛି । ଫଳରେ ମୈତ୍ରୀ, ପ୍ରୀତି ଓ ଶାନ୍ତି ସୁଦୂର ପରାହତ ହୋଇପଡ଼ିଛି । ସମାଜର ଏହି ଅସ୍ଥିରତାରେ ବ୍ୟତିବ୍ୟସ୍ତ ଓ ହତାଶ ନାଟ୍ୟକାର ସୂତ୍ରଧର ମୁହଁରେ କହିଛନ୍ତି- "ଗୋଟାଏ ଘରଠୁ ଆଉ ଗୋଟାଏ ଘର ଦୂରେଇ ଗଲା । ଏହି ଦୂରତା କ୍ରମେ ଏତେ ବଢ଼ିବାକୁ ଲାଗିଲା ଯେ ମନେହେଲା ଯୋଡ଼ିବା ଆଉ ସମ୍ଭବ ନୁହେଁ ।"

ଜଙ୍ଗଲ କଟା ହୋଇ ଗଢ଼ା ଚାଲିଛି କଳକାରଖାନା । ଜଙ୍ଗଲକୁ ଆଶ୍ରାକରି ଜୀବନଯାପନ କରୁଥିବା ଆଦିମ ଅଧିବାସୀମାନେ ପ୍ରାକୃତିକ ପରିବେଶରେ ବସବାସ କରିବା ପାଇଁ ଜଙ୍ଗଲର ଆହୁରି ଭିତରକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ସେମାନେ ମଧ୍ୟ ବାସସ୍ଥାନ ଓ ଚାଷଜମି ପାଇଁ ଜଙ୍ଗଲ କାଟି ଓ ଜଙ୍ଗଲ ପୋଡ଼ି ସଫା କରୁଛନ୍ତି । ପ୍ରକୃତି ଧ୍ୱଂସହେବା ଫଳରେ ପୃଥିବୀ ପୃଷ୍ଠରେ ଦିନକୁ ଦିନ ବର୍ଷାର ପରିମାଣ ହ୍ରାସ ପାଉଛି । ଚାଷକୁ ଜୀବିକା ଭାବରେ ଗ୍ରହଣ କରୁଥିବା ପଲ୍ଲୀବାସୀମାନେ ଚାଷ କରି ଲାଭବାନ ହୋଇପାରୁନାହାନ୍ତି । ଫଳରେ ବାଧ୍ୟହୋଇ ଗ୍ରାମର ଭିଟାମାଟି ବିକ୍ରିକରି ସହରକୁ ଧାଉଁଛନ୍ତି । ସେଠାରେ ଛୋଟମୋଟ ବ୍ୟବସାୟ କରି ବା ମୂଲଲାଗି ଦୁଇବେଳାର ଖାଇବା ମଧ୍ୟ ଠିକ୍ ଭାବରେ ଯୋଗାଡ଼ କରିପାରୁ ନାହାନ୍ତି । ମୁଣ୍ଡ ଗୁଞ୍ଜିବା ପାଇଁ ଟିକେ ଜାଗା ମଧ୍ୟ ସେମାନଙ୍କୁ ମିଳୁନି । ଅଥଚ ଗାଁକୁ ଫେରିବାର କୌଣସି ଉପାୟ ସେମାନଙ୍କର ନଥାଏ । ସାତ ପୁରୁଷର ଭିଟାମାଟି ଉପରେ କୋଠାବାଡ଼ି ବା କଳକାରଖାନା ଗଢ଼ି ଉଠିଥାଏ । ନିରୀହ ସରଳ ଗ୍ରାମବାସୀର ଏହି ହତାଶାବୋଧ ନରନାରୀଙ୍କ ସଂଳାପରୁ ସୂଚିତ ହୁଏ- "ଦରିଦ୍ରମାନେ ଧାନଜମି ବିକି ଦେଇ ଭିଟାମାଟି ବିକିଦେଇ ହୋଇପଡୁଛନ୍ତି ନିଃସ୍ୱ ।" ଗାଁର ଜମିବାଡ଼ି ବିକି ସେହି ଟଙ୍କାରେ ସହରରେ ସୁଖରେ ରହିବାର ଯେଉଁ ସ୍ୱପ୍ନ ଦେଖିଥାନ୍ତି ତାହା ସେମାନଙ୍କର ଉଭେଇ ଯାଏ । ପ୍ରତି ମୁହୂର୍ତ୍ତରେ ନୈରାଶ୍ୟ ଓ ହତାଶା ସେମାନଙ୍କୁ ଦିଗଭ୍ରାନ୍ତ କରେ । ଅଭାବମୟ ସଂସାର ସେମାନଙ୍କର ମାନସିକତାକୁ ନଷ୍ଟ କରିଦିଏ । ସେତେବେଳେ ସେମାନେ ଏକ ସବୁଜିମାମୟ ପୃଥିବୀର ସ୍ୱପ୍ନ ଦେଖନ୍ତି । ମାତ୍ର ତାହା ଆଉ ବାସ୍ତବ ହୁଏନାହିଁ । କାରଣ ପ୍ରକୃତିର ସବୁଜିମା ବଦଳରେ ଚାରିଆଡ଼େ ଦିଶିଯାଏ କେବଳ ମାଳମାଳ କୋଠାଘର । ନାଟ୍ୟକାରଙ୍କ ମତରେ – "ଦିନେ ହୁଏତ ଆଉ କିଛି ନଥିବ । କେବଳ

Digitized by srujanika@gmail.com

ଘରଗୁଡ଼ିଏ ଠିଆହୋଇଥିବ ଏକ ମରୁଭୂମି ଉପରେ।"

"ନର : ଚାରିଆଡ଼େ ଦେଖୁନ କେମିତି ଝାଇଁ ଝାଇଁ ଶବ୍ଦ। ଯୁଆଡ଼େ ଚାହିଁଲେ ରୁକ୍ଷ ବାସ୍ତବତା। ସଂକୁଚିତ ପୃଥିବୀଟା ବଦଳି ବଦଳି ହୋଇଯାଇଛି ଗୋଟାଏ ପୋଡ଼ାଭୂଇଁ।"

"ନାରୀ : ଟୋପେ ବର୍ଷା ନାହିଁ। ଟିକିଏ ଶୀତଳ ପବନ ନାହିଁ।"

"ନର : ପବନ ପାଇଁ ଫାଙ୍କା ଜାଗା କାହିଁ? ବର୍ଷା ପାଇଁ ଗଛ କାହିଁ? ପୃଥିବୀର ଅର୍ଦ୍ଧକରେ ତ ଠିଆ ହୋଇଛି ସୁଉଚ୍ଚ କୋଠାବାଡ଼ି, ଅଫିସ୍‌ଘର, କଳକାରଖାନା କେତେଜଣ?"

x x x x

"ନର : ପ୍ରତି ପାଦେପାଦେ ମଣିଷ ଆଗେଇ ଯାଉଛି ଧ୍ୱଂସ ଆଡ଼କୁ। ଘରଡିଆରିର ପ୍ରତିଯୋଗିତା ଦିନେ ନିଶ୍ଚିହ୍ନ କରିଦେବ ପୃଥିବୀକୁ। ନିଶ୍ଚିହ୍ନ କରିଦେବ ମାନବ ଜାତିକୁ।"

ପ୍ରକୃତିକୁ ବାଦ୍‌ଦେଇ ମଣିଷର ସ୍ଥିତି ଅସମ୍ଭବ। ଏକଥା ଆଧୁନିକ ମଣିଷ ହୃଦୟଙ୍ଗମ କରିପାରୁନାହିଁ। ଫଳରେ ପ୍ରତିଦିନେ ସେ ପ୍ରକୃତିକୁ ଧ୍ୱଂସ କରିଚାଲିଛି। ପ୍ରକୃତି ଜଗତର ଅବକ୍ଷୟ ଫଳରେ ବାୟୁମଣ୍ଡଳ ଶୁଷ୍କ ଓ ଦୂଷିତ ହେଉଛି। ବର୍ଷା କ୍ଷୀଣ ହୋଇଯାଉଛି ଦିନକୁ ଦିନ ମଣିଷ ଜୀବନ ଜଟିଳ ହେବାକୁ ଲାଗିଛି। ଅନ୍ତଃସାରଶୂନ୍ୟ ସହରୀ ସଭ୍ୟତାର ପ୍ରଭାବରେ ଗ୍ରାମାଞ୍ଚଳ ଓ ଜଙ୍ଗଲ ଅଞ୍ଚଳରେ କୃତ୍ରିମତା, ଜଟିଳତା, ହିଂସା, ଦ୍ୱେଷ ଓ କପଟତା ଭରିଯାଉଛି। ଏହିପରି ପ୍ରକୃତି ଓ ମଣିଷ ସମାଜର ଅବକ୍ଷୟ ସଂପର୍କରେ ସଚେତନତା ସୃଷ୍ଟି କରିବା "ମୁଣ୍ଡ ଉପରେ ଛାତ" ନାଟକର ଉଦ୍ଦେଶ୍ୟ।

ନାଟକର ଆତ୍ମିକ ଦିଗଟି ଯେତିକି ଶକ୍ତିଶାଳୀ ଓ ଚିନ୍ତାଦ୍ୟୋତକ ଆଙ୍ଗିକ ଦିଗମଧ ଦେନୁରୂପ ଅଭିନବ ଓ ସ୍ୱତନ୍ତ୍ର। ଆଧୁନିକ ଏପିକ୍ ରୀତି ଅନୁସାରେ ସୂତ୍ରଧର ବାରମ୍ବାର ନାଟକର ଘଟଣା ପ୍ରବାହ ଭିତରକୁ ପଶିଆସି ଦର୍ଶକମାନଙ୍କୁ ସମସ୍ୟା ସଂପର୍କରେ ଅବଗତ କରାଉଛନ୍ତି। ସାଧାରଣତଃ ଏପିକ୍ ନାଟକରେ ଏକମାତ୍ର ଘୋଷକ ଚରିତ୍ର ଥାଏ। ଯାହାକୁ ସୂତ୍ରଧର, ଘୋଷକ, ସାମ୍ବାଦିକ ବା ନିର୍ଦ୍ଦେଶକ ଭାବରେ ଉପସ୍ଥାପିତ କରାଯାଇଥାଏ। ମାତ୍ର ଆଲୋଚ୍ୟ ନାଟକରେ ଘୋଷକ ଚରିତ୍ରଭାବରେ ଦୁଇଟି ଚରିତ୍ରର ଅବତାରଣା କରାଯାଇଛି। ଯାହା ଆଧୁନିକ ନାଟକରେ ଅଦ୍ୟାବଧି ନୂତନ ଓ ସ୍ୱତନ୍ତ୍ର।

ଦୁଇଟି ଚରିତ୍ର ନର-ନାରୀ ନାଟକର ସୂତ୍ରଧର ଭାବରେ ଉପସ୍ଥାପିତ, ଯେଉଁ ଦୁଇଜଣ ପ୍ରତିଦୃଶ୍ୟ ଶେଷରେ ମଞ୍ଚଉପରକୁ ଆସୁଛନ୍ତି ଓ ପ୍ରକୃତି ଧ୍ୱଂସଜନିତ ବିଭିନ୍ନ ସମସ୍ୟାକୁ ଦର୍ଶକ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି। ସୂତ୍ରଧର ମୁହଁରେ ଦିଆଯାଇଥିବା ସଂଳାପ

Digitized by srujanika@gmail.com

ନବଚେତନାଧର୍ମୀ ଅନ୍ୟ ନାଟକର ସଂଳାପ ପରି ଘୋଷଣାତ୍ମକ ନହୋଇ, ହୋଇଛି ଯଥାସମ୍ଭବ ନାଟକୀୟ। ନାଟକଟି କେତୋଟି ଛିନ୍ନ ଚିତ୍ରର ସମନ୍ୱୟ। ନାଟକର ଦୃଶ୍ୟଗୁଡ଼ିକ ଭିନ୍ନ ଭିନ୍ନ ସମୟର ଭିନ୍ନ ମାନସିକତାକୁ ନେଇ ପରିକଳ୍ପିତ ହୋଇଥିଲେ ମଧ୍ୟ ସୂତ୍ରଧର ଦ୍ୱୟଙ୍କ ଉପସ୍ଥିତି ଯୋଗୁ କୌଣସି ସ୍ଥାନରେ ଅସଂଲଗ୍ନ ମନେହୁଏ ନାହିଁ। ଦୃଶ୍ୟ ଦୃଶ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦିଗରେ ସୂତ୍ରଧର ଦ୍ୱୟଙ୍କ ଭୂମିକା ଏକାନ୍ତ ଅପରିହାର୍ଯ୍ୟ ବୋଧହୁଏ। ଦୃଶ୍ୟାନ୍ତର ପରେ ଯାହା କିଛି ଘଟିବାକୁ ଯାଉଛି, ତାର ପୂର୍ବ ସୂଚନା ଉପସ୍ଥାପିତ ହେଉଛି ସୂତ୍ରଧରଙ୍କ ସଂଳାପ ମାଧ୍ୟମରେ। ନିଜର ନାଟକୀୟ ସଂଳାପ ମାଧ୍ୟମରେ ସେମାନେ ପ୍ରକାଶ କରୁଛନ୍ତି ମୁଣ୍ଡ ଉପରେ ଛାତ ପାଇଁ ଚାଲିଥିବା ପ୍ରତିଯୋଗିତାର ପରିଭାଷା- "ନାରୀ- କେତେ ଗର୍ବ କେତେ ଦମ୍ଭ ନେଇ ଠିଆ ହୋଇଛନ୍ତି ପ୍ରତିଯୋଗିତା। କିଏ କେତେ ବଡ଼ ହୋଇପାରିବ, କିଏ କେତେ ଉଚ୍ଚ ହୋଇପାରିବ। ନର- ଏହି ପ୍ରତିଯୋଗିତା ଦିନେ ଧ୍ୱଂସ କରିଦେବ ସାରା ମାନବ ଜାତିକୁ।"

ନାଟକର ଚରିତ୍ର ସମୂହ ନିତିଦିନିଆ ସାଧାରଣ ସମାଜରୁ ଗୃହୀତ। ତେଣୁ ସେମାନଙ୍କର ଅନୁଭବ ଓ ଅନୁଭୂତିକୁ ପାଠକ ଓ ଦର୍ଶକ ନିଜ ଭିତରେ ଅନୁଭବ କରିପାରେ। ପ୍ରାଚୀନ କାଳରୁ ଆରମ୍ଭ କରି ଆଧୁନିକ କାଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ସମୟର ସବୁ ଶ୍ରେଣୀର ଚରିତ୍ର ନାଟକରେ ଅବତାରଣା କରାଯାଇଛି। ଫଳରେ ନାଟକଟି ସବୁ ବର୍ଗର ଦର୍ଶକଙ୍କ ହୃଦୟଙ୍ଗମ ହୋଇପାରିବ।

ମୁଣ୍ଡ ଉପରେ ଛାତ ସମସ୍ୟା ସବୁ ସ୍ତରର ଲୋକଙ୍କ ପାଇଁ ସମାନ। ଧନୀଠାରୁ ଦରିଦ୍ର ପର୍ଯ୍ୟନ୍ତ ସମସ୍ତେ ଚାହାଁନ୍ତି ଗାଁ'ର ହେଉ ବା ସହରରେ ହେଉ ନିଜପାଇଁ ଘରଟିଏ କରିବେ। ପ୍ରଥମ ଦୃଶ୍ୟରୁ ଆରମ୍ଭ ହୋଇଥିବା ଘରକରିବାର ଛୋଟିଆ ନିଶା ଶେଷ ଦୃଶ୍ୟ ବେଳକୁ ଏକ ପ୍ରତିଯୋଗିତାରେ ପରିଣତ ହୋଇଛି। ସେଥିପାଇଁ ୪ର୍ଥ ଦୃଶ୍ୟରେ ଗ୍ରାମ୍ୟ ଯୁବକ ବଂଶୀ ଚାହିଁଛି ଗାଁର ଜମିବାଡ଼ି ସହରରେ ଘର କରିବ। ଅଷ୍ଟମ ଦୃଶ୍ୟରେ ପତିପତ୍ନୀ ବିକାଶ ଓ ଅରୁଣା ଚାହାଁନ୍ତି ଗାଁରୁ ଭାଇମାନଙ୍କ ଠାରୁ ଅଲଗା ହୋଇ ନିଜ ଭାଗର ସମ୍ପତ୍ତି ବିକି ସହରରେ ଘର ତିଆରି କରିବେ।

ଚତୁର୍ଦ୍ଦଶ ଦୃଶ୍ୟରେ ଲିଙ୍ଗା, ନାରୁ ଓ ଜଗା ପ୍ରଭୃତି ଚରିତ୍ର ଆଦିବାସୀ ସମାଜର, ଯେଉଁମାନେ ବାସ କରନ୍ତି ଜଙ୍ଗଲରେ। ସେମାନେ ପ୍ରକୃତି କୋଳରେ ବଢ଼ି ଆସିଛନ୍ତି ଓ ଜୀବିକା ନିର୍ବାହ ପାଇଁ ଜଙ୍ଗଲ ଉପରେ ନିର୍ଭର କରନ୍ତି। ମାତ୍ର ଆଧୁନିକ ସମାଜ ଅର୍ଥ ପ୍ରଲୋଭନ ଦେଇ ସେମାନଙ୍କୁ ବିସ୍ଥାପିତ କରୁଛି। ଯେଉଁମାନେ ପ୍ରଲୋଭନ ସେମାନଙ୍କର କଥା ମାନି ନେଉଛନ୍ତି ସେମାନେ ସ୍ୱପ୍ନ ଦେଖିବା ଆରମ୍ଭ କରୁଛନ୍ତି। କିନ୍ତୁ କେତେକ ସ୍ୱାଭିମାନୀ ଗୋଷ୍ଠୀ ଜମି ବା ଭୂମି ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି। ସେମାନେ ପ୍ରତିବାଦ କରୁଛନ୍ତି- "ଆମର କିଛି ଉପାୟ ନାହିଁ ବୋଲି ସେମାନେ ଆମକୁ ଡରୁ ଥିବେ। ଆଉ ଆମେ କ'ଣ

Digitized by srujanika@gmail.com

ଘରଦ୍ୱାର ଭାଙ୍ଗି ଅଝାଡ଼ ଜଙ୍ଗଲ ଭିତରକୁ ଚାଲିଥିବା।" ଏହା ହେଉଛି ଆଦିବାସୀମାନଙ୍କର ଅସହାୟ ଅଭିବ୍ୟକ୍ତି।

ଏହିପରି ଭାବରେ ନାଟକର ଚରିତ୍ର ସମୂହ ଆଧୁନିକ ସମାଜର ବିଭିନ୍ନ ବର୍ଗର ଜଣେ ଜଣେ ପ୍ରତିନିଧି। ଯେଉଁମାନେ ନିଜ ସମାଜର ବାସ୍ତବ ଚିତ୍ରକୁ ଦର୍ଶକ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି। ମଣିଷ ସଭ୍ୟତା ନାମରେ ପ୍ରକୃତିକୁ ବିଭିନ୍ନ ଭାବରେ ଧ୍ୱଂସ କରିଚାଲିଛି, ଏହି ସତ୍ୟଟିକୁ ନାଟକର ସମସ୍ତ ଚରିତ୍ର ନିଜ ନିଜ ବେଷ୍ଟନୀ ମଧ୍ୟରେ ରହି ନିରୀକ୍ଷଣ କରୁଛନ୍ତି। ସମସ୍ତଙ୍କ ପାଇଁ ସତ୍ୟର ପରିଭାଷା ଅଲଗା। ମାତ୍ର ସମାଧାନ ପାଇଁ ବାଟ ଗୋଟିଏ। ପରିବେଶର ସୁରକ୍ଷା କରିବା।

ନାଟକର ସଂଳାପ ସାବଲୀଳ, ସୁବୋଧ, ଭାବବ୍ୟଞ୍ଜକ ଓ ସ୍ଥଳ ବିଶେଷରେ କାବ୍ୟିକ। ନାଟକର ମଞ୍ଚସଜା ତଥା ଉପସ୍ଥାପନା ଶୈଳୀ ଅଭିନବ। ନାଟକଟି ଯେ କୌଣସି ସ୍ଥାନରେ ମୁକ୍ତ ମଞ୍ଚରେ ଅଭିନୀତ ହୋଇପାରିବ। ଆବଶ୍ୟକ ଅନୁସାରେ ସୀମିତ ସଂଖ୍ୟକ ଅଭିନେତାଙ୍କୁ ନେଇ ଅଭିନୟ କରାଯାଇ ପାରିବ। ଆବଶ୍ୟକ ସ୍ଥଳେ ଜଣେ କଳାକାର ଏକାଧିକ ଚରିତ୍ରରେ ଅଭିନୟ କରିପାରିବ। ଆବଶ୍ୟକ ସ୍ଥଳେ ଜଣେ କଳାକାର ଏକାଧିକ ଚରିତ୍ରରେ ଅଭିନୟ କରିପାରିବ। ମଞ୍ଚ ଉପରେ ଯେଉଁ ସମୟର ଅଭିନୟ କରାଯିବ, ତା'ର ଏକ ପାରିପାର୍ଶ୍ୱିକ ପରିସ୍ଥିତିର ଝଲକ ଦେଖାଇ ଦିଆଯାଇଛି। ଯେପରି ନାଟକର ଆରମ୍ଭରେ ମଣିଷ ଯେତେବେଳେ ଘର ତିଆରି କରିବାର ସ୍ୱପ୍ନ ଦେଖିଛି, ତା'ର ଏକ କାଳ୍ପନିକ ସ୍କେଚ୍ ଦର୍ଶକ ଆଗରେ ଉପସ୍ଥାପିତ କରାଯାଇଛି। କଳାକାରମାନେ ପରସ୍ପର ହାତ ଧରା ଧରି ହୋଇ ଘର କରିବାର ଅଭିନୟ କରୁଛନ୍ତି। ଶେଷ ଦୃଶ୍ୟର ଉପସ୍ଥାପନ ଚମତ୍କାର। ମଞ୍ଚ ଉପରକୁ ଅଲଗା ଅଲଗା ଦଳ କେତୋଟି ଗୀତ ଗାଇ ଗାଇ ପ୍ରବେଶ କରିଛନ୍ତି। ଏହି ସମୟରେ ଜଣେ 'ହେଇଓ' ବୋଲି କହିବା ମାତ୍ରେ ସମସ୍ତେ କାମ ଛାଡ଼ି ଠିଆ ହୋଇ ଗାଇବାକୁ ଆରମ୍ଭ କରିଛନ୍ତି –

"ସଭ୍ୟତାର ଶୋଭାଯାତ୍ରା ଆଗେଇ ଚାଲେ ଭାଇରେ ଆଗେଇ ଚାଲେ ଭାଇ"

ନାଟକର ପରିସମାପ୍ତି ନାଟକର ଉଦ୍ଦେଶ୍ୟକୁ ସଂପୂର୍ଣ୍ଣ ଓ ସାର୍ଥକ କରିଛି। ଏହି ସଂଗୀତ କ୍ରମେ ଉପକଣ୍ଠରୁ କ୍ଷୀଣ ହୋଇ ଆସିଛି ଯାହା ମଣିଷର କ୍ଳାନ୍ତି ଓ ନୈରାଶ୍ୟକୁ ସୂଚିତ କରୁଛି।

ଭବିଷ୍ୟତରେ ପରିବେଶ ଧ୍ୱଂସଜନିତ ଭୟାବହତାକୁ ଦର୍ଶକମାନଙ୍କର ଗଭୀର ଅବବୋଧକୁ ଆଣିବା ଲାଗି ନାଟ୍ୟକାର ଏକ ଅଭିନବ ନାଟ୍ୟ-ଆଙ୍ଗିକର ପ୍ରୟୋଗ କରିଛନ୍ତି। ଉଭୟ ଭାବବସ୍ତୁ ଓ ଶୈଳୀ ଯୋଜନା ଦୃଷ୍ଟିରୁ ନାଟକର ସ୍ୱାତନ୍ତ୍ର୍ୟ ବିଚାରଣୀୟ।

ଉଦିତ ନଗର, ରାଉରକେଲା

Digitized by srujanika@gmail.com

ଜୀବନର ଅନ୍ୟ ନାମ ଜଳଯାତ୍ରା : ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ : 'କଲମ୍ବସ୍'

କୁନା ସୁନା

ଇତିହାସ ସର୍ବଦା ଗର୍ଭରେ ଧାରଣ କରିଛି ଅନେକ ବୀରତ୍ୱର ଗାଥା। ପ୍ରାମାଣିକ ସତ୍ୟ ଓ ତଥ୍ୟକୁ ଆଧାର କରି ପରିପୁଷ୍ଟ ହୋଇଥାଏ ଇତିହାସର ପୃଷ୍ଠା। କେତେବେଳେ ଅତୀତର ଗୌରବୋଜ୍ଜ୍ୱଳ ଛବି ତ କେତେବେଳେ କାଳିମାମୟ ଅନ୍ଧକାର ଚିତ୍ର ଚିତ୍ରିତ ହୋଇଥାଏ ଇତିହାସର ପୃଷ୍ଠାରେ। ବେଳେ ବେଳେ ଚିତ୍କାର କରି ବ୍ୟକ୍ତ କରିଦିଏ ଇତିହାସ ନିଜ ଗର୍ଭରେ ଧାରିତ ସତ୍ୟ ଏବଂ ବେଳେ ବେଳେ ନୀରବ ହୋଇ ସ୍ଥିର ଥାଏ ଅନେକ ତଥ୍ୟ। ଇତିହାସର ଏଭଳି ଏକ ନୀରବ ପ୍ରେକ୍ଷାକୁ ନାଟକର ରୂପ ଦେଇଛନ୍ତି ଅଷ୍ଟମ ଦଶକର ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ। 'ସାଗର ସମ୍ରାଟ' ଭାବେ ସମଗ୍ର ବିଶ୍ୱରେ ସୁଖ୍ୟାତ ଖ୍ରୀଷ୍ଟୋଫର୍ କଲମ୍ବସ୍, ତାଙ୍କର ଜଳଯାତ୍ରା ତଥା ବିଭିନ୍ନ ଆବିଷ୍କାରର ଗୌରବୋଜ୍ଜ୍ୱଳ କାହାଣୀ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣଅକ୍ଷରରେ ଲିପିବଦ୍ଧ ହୋଇଛି। କିନ୍ତୁ ଇତିହାସ ଗର୍ଭରେ ନୀରବ କଲମ୍ବସଙ୍କ କରୁଣମୟ ଜୀବନଯାତ୍ରା ଅନେକଙ୍କ ପାଖରେ ଅଜ୍ଞାତ ଓ ଲିପିବଦ୍ଧହୀନ। କଲମ୍ବସଙ୍କ ସେହି ଅଦ୍ଭୁତ ତଥା ନାଟକୀୟ ଜୀବନଯାତ୍ରାକୁ ନାଟକରେ ରୂପ ଦେଇଛନ୍ତି ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ 'କଲମ୍ବସ' (୧୯୮୯) ନାଟକରେ।

କଲମ୍ବସ ସମଗ୍ର ବିଶ୍ୱରେ ନିଜର ଜଳାଭିଯାନର ଆବିଷ୍କାର ପାଇଁ ପ୍ରସିଦ୍ଧ। କିନ୍ତୁ କଲମ୍ବସଙ୍କର ବାସ୍ତବ ଜୀବନର ଛବି ବେଶ୍ କରୁଣମୟ ଅଟେ, ଯାହା ସର୍ବସାଧାରଣ ନିକଟରେ ଅଜ୍ଞାତ। ଇଟାଲୀର ଏକ ସାଧାରଣ ତନ୍ତୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ସ୍ପେନ୍‌କୁ ନିଜର କର୍ମଭୂମି ଭାବେ ଗ୍ରହଣ କରି, ତା'ର ସମୃଦ୍ଧି ଓ ଗୌରବ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ କଲମ୍ବସ। ନିଜର ମାତୃହୀନ ସନ୍ତାନଙ୍କୁ ଛାଡ଼ି ନିଜ ଘର ପରିବାର ଛାଡ଼ି, ନିଜର ସମସ୍ତ ଧନସଂପତ୍ତି ବ୍ୟର୍ଥ କରି ଋଣଭାରରେ ଭାରୀ ହୋଇ ମଧ୍ୟ ସେ ସତ୍ୟର ସନ୍ଧାନରେ ନିର୍ଭିକ ବୀର ଭାବେ ଆଗେଇ ଚାଲିଥିଲେ। ପର୍ତ୍ତୁଗାଲ, ଜେନୋଆ, ଭେନିସ୍ ଆଦି ରାଜ ଦରବାରରେ ନିଜର ନୂତନ ଆବିଷ୍କାରର ଯୋଜନା ଉପସ୍ଥାପନ କରି ବିଫଳ ହୋଇଥିଲେ ମଧ୍ୟ ସେ ଭାଙ୍ଗିପଡ଼ି ନଥିଲେ, କାରଣ କେବେହେଲେ କଲମ୍ବସ ରଖି ନଥିଲେ ସହଜ ଓ ସରଳ ଜୀବନର ଆଶା; ତାଙ୍କ ପାଇଁ ଜୀବନ ଥିଲା ସଂଘର୍ଷର ଅନ୍ୟ ନାମ। ସେ ସର୍ବଦା ଜୀବନକୁ ଏକ ଯୁଦ୍ଧଭୂମି ରୂପେ ଗ୍ରହଣ

Digitized by srujanika@gmail.com

କରି ନିଜକୁ ଏକ ଅପରାଜିତ ଯୋଦ୍ଧା ଭାବରେ ଉପସ୍ଥାପିତ କରିଥିଲେ। କଲମ୍ବସ୍‌ର ଜଳଯାତ୍ରା ଯୋଜନାକୁ ଅନେକ ରାଜଦରବାର ଅସ୍ୱୀକାର କରିଥିଲେ, କିନ୍ତୁ ସ୍ପେନ୍‌ର ସମ୍ରାଟ୍ ଫର୍ଡ଼ିନାଣ୍ଡ ଓ ସାମ୍ରାଜ୍ଞୀ ଇସାବେଲ୍ଲା ନିଜ ଦେଶର ସମୃଦ୍ଧି ତଥା ଖ୍ରୀଷ୍ଟଧର୍ମର ପ୍ରଚାରର ଆଭିମୁଖ୍ୟ ଆଧାରରେ କଲମ୍ବସଙ୍କ ଯୋଜନାକୁ ରାଜଦରବାରରେ ଅନୁମୋଦନ କରି ରାଜକୋଷରୁ ଅର୍ଥ ସହଯୋଗ ପ୍ରଦାନ ପୂର୍ବକ ଜଳଯାତ୍ରାର ଅନୁମତି ମଧ୍ୟ ପ୍ରଦାନ କରିଥିଲେ। ନିଜର ବିପୁଳ ସାହସ ଓ ଆତ୍ମବିଶ୍ୱାସ ବଳରେ ଦୀର୍ଘକାଳ ଜଳଯାତ୍ରା କରି ଅନେକ ସତ୍ୟ ଓ ତଥ୍ୟର ଅନୁସନ୍ଧାନ କରିଥିଲେ। ପୃଥିବୀ ଗୋଲାକାର ବୋଲି ଆବିଷ୍କାର କରିଥିବା ଏହି ସାଗର-ସମ୍ରାଟ ନିଜ ଜୀବନର ମହତ୍ତ୍ୱପୂର୍ଣ୍ଣ ସମୟ ଦେଇ ନିଜ ଜୀବନକୁ ସର୍ବଦା ମୃତ୍ୟୁମୁଖରେ ରଖି ସ୍ପେନ୍‌ର ସମୃଦ୍ଧି ଓ ଗୌରବ ପାଇଁ ନିଜକୁ ଉତ୍ସର୍ଗୀକୃତ କରି ଦେଇଥିଲେ। କିନ୍ତୁ ଏହି ସାଗର ସମ୍ରାଟଙ୍କ ଜୀବନ ସରଳ ନଥିଲା। ନିଜର ଆବିଷ୍କାର ଓ ଦେଶର ସମୃଦ୍ଧି ପାଇଁ ଯେଉଁ ମହତକର୍ମ କରିଥିଲେ, ସେଥିପାଇଁ କଲମ୍ବସଙ୍କୁ ରାଜକୀୟ ସମ୍ମାନ ପ୍ରଦାନ କରିବା ପରିବର୍ତ୍ତେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ସମ୍ମୁଖରେ ରାଜଦରବାରରେ ରାଜଦ୍ରୋହୀର ଅଭିଯୁକ୍ତ ଭାବେ ଉପସ୍ଥାପନ କରାଗଲା। ରାଜଦରବାରରେ ଅନେକ ଆରୋପରେ ଆରୋପିତ କରାଗଲା। ସତ୍ୟର ସନ୍ଧାନରେ ନିଜ ପ୍ରାଣକୁ ନିୟୋଜିତ କରୁଥିବା ବୀରପୁରୁଷଙ୍କୁ ସତ୍ୟତା ପ୍ରତିପାଦନ କରିବାକୁ କୁହାଗଲା। ରାଜଦରବାରର ସମସ୍ତ ଆରୋପରେ ମର୍ମାହତ ହୋଇପଡ଼ିଲେ କଲମ୍ବସ୍। କିନ୍ତୁ ସାମ୍ରାଜ୍ଞୀ ଇସାବେଲ୍ଲା ପାରିଷଦବର୍ଗ ବଏଲ୍ ଓ ରୋଲ୍‌ଡ଼ନ୍‌ଙ୍କ ସମସ୍ତ ଅଭିଯୋଗ ଶୁଣିବା ପରେ କଲମ୍ବସ୍‌ଙ୍କୁ ମଧ୍ୟ ନିଜର ସତ୍ୟତା ଉପସ୍ଥାପନ କରିବା ପାଇଁ ସୁଯୋଗ ପ୍ରଦାନ କଲେ।

ଇସାବେଲ୍ଲା : ‘‘କଲମ୍ବସ୍ !

କଲମ୍ବସ : ସତ୍ୟାନୁସନ୍ଧାନ ବଡ଼ ଭୟଙ୍କର ସାମ୍ରାଜ୍ଞୀ ! ସତ୍ୟକୁ ସହ୍ୟ କଲାଭଳି ଲୋକଙ୍କର ବଡ଼ ଅଭାବ ଏ ପୃଥିବୀରେ। ଯେଉଁମାନେ ସତ୍ୟର ଆବିଷ୍କାର କରିଛନ୍ତି, ସେମାନେ ସେଥିପାଇଁ ମୃତ୍ୟୁବରଣ କରିବାକୁ ବାଧ୍ୟ ହୋଇଛନ୍ତି, ଆଉ ମୁଁ...

ଇସାବେଲ୍ଲା : ଆପଣ ନିର୍ଭୟରେ ଯାହା କହିବା କଥା କହିପାରନ୍ତି କଲମ୍ବସ୍।

କଲମ୍ବସ : ଆପଣ ହୁଏତ ଲକ୍ଷ୍ୟ କରିଥିବେ, ମୁଁ ଜଳଯାତ୍ରା ଯୋଜନା ଉପସ୍ଥାପିତ କରିବା ଦିନଠାରୁ ପାରିଷଦବର୍ଗଙ୍କ ମନରେ ଈର୍ଷାର ବହ୍ନି କୁହୁଳି ଉଠିଛି। ସେମାନେ ମୋତେ ବାରମ୍ବାର ଅପମାନିତ କରିବାର ଚେଷ୍ଟା କରି ଆସିଛନ୍ତି। ଅଥଚ୍ ଶେଷରେ ଆପଣ ଦୁହେଁ ସେଇମାନଙ୍କ ଚକ୍ରାନ୍ତର ଜାଲ ଭିତରେ ଛନ୍ଦି ହୋଇଗଲେ। ଏହାଠାରୁ ବଳି ମୋ ପାଇଁ ଆଉ ବଡ଼ ଦୁର୍ଭାଗ୍ୟ କ’ଣ ହୋଇପାରେ ? ଆପଣ କ’ଣ ଏତେ ଶୀଘ୍ର ବିସ୍ମୃତ ହୋଇଗଲେ,

Digitized by srujanika@gmail.com

ସେଦିନର କଥା। ଯେଉଁଦିନ ଆପଣଙ୍କର ଅସୀମ ଶ୍ରଦ୍ଧା ଓ କରୁଣା ବଳରେ କଲମ୍ବସ୍ ନୂତନ ଭୂଖଣ୍ଡ ଆବିଷ୍କାର କରି ଫେରି ଆସିଲା, ସମଗ୍ର ୟୁରୋପୀୟ ଜଗତ ବିସ୍ମୟ ବିମୁଢ଼ ହୋଇ ଚାହିଁ ରହିଲା, ସ୍ପେନ୍ ସାମ୍ରାଜ୍ୟକୁ। ଇଂଲଣ୍ଡର ସମ୍ରାଟ ସପ୍ତମ ହେନେରୀଙ୍କ ଠାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ମୋ ଉଦ୍ଦେଶ୍ୟରେ ଉଚ୍ଚାରିତ ହୋଇଗଲା "ସାଗର ସମ୍ରାଟ"। ଆପଣ ତ ବାର୍ସିଲୋନା ରାଜଦରବାରର ବିରାଟ ସଂବର୍ଦ୍ଧନା ଉତ୍ସବରେ ମୋତେ ମହାମହିମ ଲର୍ଡ଼ଡନ୍ ଖ୍ରୀଷ୍ଟୋଫର୍ କଲମ୍ବସ୍ ଭାବେ ସମ୍ବୋଧନ କରିଥିଲେ। କହିପାରିବେ କାହିଁକି ମୋତେ ଏପରି ସଂବୋଧନ କରିଥିଲେ, ମୋର ଦେଶପ୍ରେମ ପାଇଁ ନା ମୋର ଦେଶଦ୍ରୋହ ପାଇଁ? ଯେଉଁ କଲମ୍ବସ୍ ସମଗ୍ର ବିଶ୍ୱ ଜଗତରେ ସ୍ପେନ୍‌ର ଗୌରବ ପ୍ରତିଷ୍ଠା କରିଥିଲା, ସେ ଆଜି ସେ ଦେଶର ଦରବାରରେ ଦୟନୀୟ ଭାବେ ଠିଆ ହୋଇଛି ଜଣେ ସାଧାରଣ ବନ୍ଦୀ ଭାବରେ। ଏଇ ତ ଇତିହାସର ପରିହାସ। ଏଇ ଚରମ ଲଜ୍ଜାକର ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଏଇଠି ଏଇ ମୁହୂର୍ତ୍ତରେ ମରିଯିବାକୁ ଇଚ୍ଛା ହେଉଛି। ଯୋଡ଼ ହସ୍ତରେ ମୁଁ ପ୍ରାର୍ଥନା କରୁଛି ମହାରାଣୀ, ମୋତେ ପ୍ରାଣ ଦଣ୍ଡାଦେଶ ଦିଅନ୍ତୁ ଶୀତଳ ମୃତ୍ୟୁ ହିଁ ମୋର କାମ୍ୟ।'' (ପୃଷ୍ଠା - ୧୨-୧୪)

ଜଳଯାତ୍ରା ବେଳେ ଅନେକ ଥର ମୃତ୍ୟୁକୁ ସମ୍ମୁଖରେ ଦେଖିଥିବା କଲମ୍ବସ୍ ମୃତ୍ୟୁର ଉଷ୍ମତାକୁ ଅନୁଭବ କରି ଆନନ୍ଦିତ ହୋଇଥିଲେ, କିନ୍ତୁ ରାଜଦରବାରର ଆରୋପରେ ମର୍ମାହତ ହୋଇ ସେଦିନ ସେ ଶୀତଳ ମୃତ୍ୟୁର କାମନା କରିଥିଲେ। କଲମ୍ବସ୍‌ଙ୍କ ସତ୍ୟତାକୁ ଶୁଣିବା ପରେ ସମ୍ରାଟ୍ ଫର୍ଡ଼ିନାଣ୍ଡ ଓ ସାମ୍ରାଜ୍ଞୀ ଇସାବେଲ୍ଲା ତାଙ୍କୁ ସବୁ ଆରୋପରୁ ମୁକ୍ତ କରି ପୁଣି ଜଳଯାତ୍ରା ପାଇଁ ଅନୁମତି ଦେଇଥିଲେ। କିନ୍ତୁ ବାର୍ଦ୍ଧକ୍ୟର ପ୍ରଥମ ପାଦରେ ପହଞ୍ଚିଥିବା କଲମ୍ବସ୍‌ଙ୍କ ପାଇଁ ଏହି ଜଳଯାତ୍ରା ସହଜ ନଥିଲା। ୧୫୦୨ ମସିହା ମେ ମାସ ୯ ତାରିଖ ଦିନ ଚାରିଟି ଜାହାଜ ନେଇ ଜଳଯାତ୍ରା ପାଇଁ ବାହାରି ଥିଲେ, ସାଥିରେ ଥିଲେ ଭାଇ ସାଥିରେ ବାର୍ଥଲୋମିୟୁ ଓ ଦ୍ୱିତୀୟ ପୁତ୍ର ଫର୍ଡ଼ିନାଣ୍ଡ। କଲମ୍ବସ୍‌ଙ୍କ ଚିର ଈପ୍ସିତ ସୁନାର ଭାରତକୁ ପହଞ୍ଚିବାର କାମନା ରଖି ଯାତ୍ରା ଆରମ୍ଭ କରିଥିଲେ କିନ୍ତୁ ବିଫଳ ହୋଇଥିଲେ। ଚିରବିଜୟୀ କଲମ୍ବସ୍ ପ୍ରକୃତିକୁ ଜୟ କରିଥିଲେ ହେଁ ପ୍ରଥମ ଥର ମେକ୍‌ସିକୋ ଦ୍ୱାରା ପରାଜୟ ହୋଇ ବହୁଦିନ ଧରି ଖାଦ୍ୟାଭାବ ଓ ପ୍ରକୃତିର ଚାପରେ ରୁଗ୍‌ଣ ହୋଇ ସ୍ପେନ୍‌କୁ ଫେରି ଆସିଥିଲେ। ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ଇତିହାସର ଏକ ଶୁଷ୍କ କାହାଣୀରେ ନାଟ୍ୟ ଉତ୍କଣ୍ଠା ସୃଷ୍ଟି କରିବାରେ ହୋଇଛନ୍ତି ସଫଳ।

Digitized by srujanika@gmail.com

ନାଟକରେ କଲମ୍ବସ୍‌ଙ୍କ ବୀରତ୍ୱର ଗାଥା ଅପେକ୍ଷା ତାଙ୍କ ବାସ୍ତବ ଜୀବନର କରୁଣମୟ ଛବି ପାଠକଙ୍କ ହୃଦୟରେ ଗଭୀର ରେଖାପାତ କରିଥାଏ। ପ୍ରକୃତିକୁ ପରାଜୟ କରି ଦୀର୍ଘକାଳ ନିର୍ଜନ ଓ ସମୁଦ୍ରରେ ଯାତ୍ରା କରିବାର ସାହସ ରଖିଥିବା ବୀରପୁରୁଷ କଲମ୍ବସ୍ ନିଜ ଜୀବନର ଅନ୍ତିମ ପର୍ଯ୍ୟାୟରେ ଜଣେ ଦରିଦ୍ରର ଜୀବନଯାପନ କରିଛନ୍ତି। ନାଟକରେ ସେଇ ସାଗର ସମ୍ରାଟଙ୍କ ମନସ୍ତତ୍ତ୍ୱକୁ ଅତି ସ୍ପଷ୍ଟ ଭାବେ ଅନୁଧ୍ୟାନ କରାଯାଇପାରେ।

କଲମ୍ବସ୍: "ମୋତେ ଆଉ ସ୍ପଷ୍ଟ କିଛି ଦେଖାଯାଉନିରେ ବାର୍ଥଲୋମିୟୁ। ସବୁ ଆଡ଼େ ଯେମିତି ଝାପ୍‌ସା ଅନ୍ଧାର। ଯୋଉ ଆଖିରେ ମହାସମୁଦ୍ର ଭିତରୁ ମାଇଲ ଦୂରକୁ ଚାହିଁ ରହିଥିଲି, ସେଇ ବିଶ୍ୱସ୍ତ ଆଖି ଦି'ଟା ଶେଷରେ କୁଆଡ଼େ ଚାଲିଗଲେ। ହଁ, ସମସ୍ତେ ମୋତେ ଛାଡ଼ିଗଲେ ଜଣ ଜଣ ହୋଇ। ନିର୍ଜନ ସମୁଦ୍ରକୂଳରେ ମୁଁ ଏକା। ସମସ୍ତଙ୍କ ମୁହଁରେ ମୋ ପ୍ରତି ଘୃଣା, ଅବଜ୍ଞା। ଅନନ୍ତ ଆକାଶକୁ ଅସହାୟ ଶିଶୁଟିଏ ଭଳି ଚାହିଁ ରହିଥାଏ ମୁଁ। ଚାରିଆଡ଼େ ନୀରବ, ନିସ୍ପନ୍ଦ। କଲମ୍ବସ ଅଭିଯାନରୁ ଫେରି ଆସିଛି, କିନ୍ତୁ ସମ୍ବର୍ଦ୍ଧନା ନାଇଁ।

ବାର୍ଥେଲୋମିୟୁ : ସମ୍ବର୍ଦ୍ଧନା ଆଉ କିଏ କରିଥାନ୍ତା ? ଆପଣଙ୍କର ପରମ ହିତୈଷିଣୀ ମହାରାଣୀ ଇସାବେଲ୍ଲା ତ ମୃତ୍ୟୁବରଣ କରିସାରିଥିଲେ। ରାଜା ଫର୍ଡ଼ିନାଣ୍ଡ ଆପଣଙ୍କ ସଂପର୍କରେ ଥିଲେ ବଡ଼ ନିସ୍ପୃହ। ଏପରିକି ଆପଣଙ୍କୁ ବିସ୍ମୃତ ହୋଇଯାଇଥିଲେ ମଧ୍ୟ।

କଲମ୍ବସ୍: ମୋତେ ? ମୋତେ ବିସ୍ମୃତ ହୋଇଯାଇଥିଲେ ? ଯିଏ ତାଙ୍କ ସାମ୍ରାଜ୍ୟକୁ ଜୀବନ ବିପନ୍ନ କରି ବହୁଗୁଣରେ ବିସ୍ତୃତ କରିଥିଲା, ତାକୁ ? ହଁ, ହଁ ଭୁଲିଯିବା ସ୍ୱାଭାବିକ। କାରଣ ମୁଁ ତ ଆଉ ତାଙ୍କର ସ୍ୱାର୍ଥସାଧନରେ ଆସିପାରିଲିନି। ଶେଷରେ ପରାଜୟର ଗ୍ଲାନି ନେଇ ରିକ୍ତ ହସ୍ତରେ ଫେରି ଆସିଲି।" (ପୃଷ୍ଠା-୧୭)

ବାସ୍ତବରେ ସ୍ପେନ୍‌ର ସ୍ୱର୍ଣ୍ଣିମ ଇତିହାସ ରଚନା କରିବାରେ ଯେଉଁ ବୀର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ସେ ସାଗର ସମ୍ରାଟ ପ୍ରତି ସ୍ପେନର ଏତେ ନିଷ୍ଠୁର ହୋଇପଡ଼ିଥିଲା ଯେ ଜୀବିତ ରହିବା ପାଇଁ ସେ ଆହାର ମଧ୍ୟ ପାଇପାରି ନଥିଲେ। ତଥାପି ଦାରିଦ୍ର୍ୟ ଓ ଅଭାବ ସେହି ବୀର ପୁରୁଷର ମାନସିକତାକୁ ଭାଙ୍ଗି ପାରି ନାହିଁ। କିନ୍ତୁ ସେ ଭାଙ୍ଗି ପଡ଼ିଥିଲେ ନିଜର ଅସମ୍ମାନରେ।

କଲମ୍ବସ୍: ଦାରିଦ୍ର୍ୟର ବିକଟ ରୂପ ଦେଖି ମୁଁ ଭାଙ୍ଗିପଡ଼ି ନଥାନ୍ତି କେବେ, ଯଦି ଲୋକେ ମୋତେ ଟିକିଏ ସମ୍ମାନ ଦେଖାଇ ଥାନ୍ତେ, ମୋର କୃତୀତ୍ୱକୁ

Digitized by srujanika@gmail.com

ସ୍ୱୀକାର କରିଥାନ୍ତେ। କିନ୍ତୁ ଯେତେବେଳେ ମୁଁ ବାସ୍ତୁହରା ହୋଇ ଉପାସ ଭୋକରେ ରାସ୍ତାରେ ଘୁରି ବୁଲିଛି ଲୋକ ମୋତେ ଉପହାସ କରିଛନ୍ତି। ପାଗଳ ଭାବି ମୋ ପଛରେ ଗୋଡ଼ାଇଛନ୍ତି। ଟିଟିକାର କରିଛନ୍ତି। କେଡ଼େ ଅକୃତଜ୍ଞ, ହୃଦୟହୀନ ଏ ପୃଥିବୀ!" (ପୃଷ୍ଠା - ୧୮)

ଅସମ୍ମାନିତ ହେବା କଲମ୍ବସ୍‌ଙ୍କୁ ବ୍ୟଥିତ କରିଛି। ତାଙ୍କର ସେହି ବେଦନାକୁ ନାଟ୍ୟକାର ଅତି ହୃଦୟସ୍ପର୍ଶୀ ଶୈଳୀରେ ଚିତ୍ରିତ କରିଛନ୍ତି। ଯେଉଁଠି ଏକ ବୀରର ଜର୍ଜରିତ ଚିତ୍ତବୃତ୍ତି ତଥା ଆହତ ମନର ପୀଡ଼ା ସ୍ପଷ୍ଟ ବାରି ହୋଇପଡ଼େ। ସେହିଭଳି ଏଠାରେ ସ୍ପଷ୍ଟ ଭାବେ ବାରି ହୋଇପଡ଼େ ସ୍ପେନର ସେହି ସ୍ୱାର୍ଥପରତାର ଛବି, ଯାହା ନିଜ ଦେଶର ଜଣେ ସତ୍ୟଶୀଳ ବୀରପୁରୁଷ ପ୍ରତି ପ୍ରଦର୍ଶିତ ହୋଇଛି। ସ୍ପେନର ସମୃଦ୍ଧି ଓ ଗୌରବ ପାଇଁ ନିଜ ଜୀବନକୁ ଅବହେଳା କରି ଦେଇଥିବା କଲମ୍ବସ୍ ପ୍ରତି ସ୍ପେନ୍‌ର ଏଭଳି ଅବହେଳା ଇତିହାସରେ କଳଙ୍କିତ କରିଦେଇଛି ଗୋଟିଏ ଜାତିର ଗୌରବାକୁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଏହି ସବୁ ଅତ୍ୟାଚାର ଓ ମାନସିକ ପୀଡ଼ାରେ ମଧ୍ୟ ହାରିଯାଇ ନାହାଁନ୍ତି କଲମ୍ବସ୍। ଭୟ କରି ନାହାଁନ୍ତି ମୃତ୍ୟୁର ଆଲିଙ୍ଗନକୁ। ଜୀବନର ଶେଷ ପାଦରେ ମଧ୍ୟ ସେ ନିଜ ଅପରାଜିତ ବୀରତ୍ୱପୂର୍ଣ୍ଣ ଅଭିଯାନର କାହାଣୀ ଶୁଣିବାକୁ ଚାହିଁଛନ୍ତି। ମୃତ୍ୟୁଲୋକକୁ ଯିବାବେଳେ ମଧ୍ୟ ସେ ନିଜର ବୀରତ୍ୱ ଓ ବିଜୟର ଉତ୍ତେଜନାକୁ ନିଜ ମଧ୍ୟରେ ଧାରଣ କରିବାକୁ ପ୍ରୟାସ କରିଛନ୍ତି –

କଲମ୍ବସ୍: "ବିଜୟୀ କଲମ୍ବସର ମୃତ୍ୟୁ ଏଡ଼େ ସହଜ ନୁହେଁ ବାର୍ଥଲୋମିୟୁ। ତୁମେ କ'ଣ ଭାବୁଛ ମୁଁ ପରାଜିତ। ଏଁ? କ'ଣ କହୁଛ? ମୁଁ- ମୁଁ ପରାଜିତ ନାୟକ ଭଳି ରଣଭୂମିରୁ ଛତ୍ରଭଙ୍ଗ ଦେଇ ପଳାଇ ଯାଉଛି? ନା, ଅସମ୍ଭବ, ବୀରର ଜାତକରେ ପରାଜୟ ଅସମ୍ଭବ। ମୋର ଏ ଅସହାୟ ଅବସ୍ଥା ଦେଖି ଅନ୍ୟମାନେ ହୁଏତ ଭାବିପାରନ୍ତି ମୁଁ ପରାଜିତ। କିନ୍ତୁ ମୁଁ କେମିତି ଭାବିବି? ମୁଁ ତ କୌଣସି ମୁହୂର୍ତ୍ତରେ ନିଜକୁ ପରାଜିତ ବୋଲି ଭାବିନାହିଁ। ଆଉ- ପ୍ରାଣାଧିକ ଭାଇ ବାର୍ଥଲୋମିୟୁ! ମୋର ବିଜୟ ଯାତ୍ରାର ସହଚର ବାର୍ଥଲୋମିୟୁ। ଅନ୍ତିମ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ମୋତେ ଶୁଣାଇ ପାରିବ, ଶୁଣାଇ ପାରିବ ମୋର ସେ ବିଜୟପୂର୍ଣ୍ଣ ଅଭିଯାନର କାହାଣୀ? ମୋର ସେଇ ଚରମ ବିଜୟର ଉତ୍ତେଜନାକୁ ସମ୍ବଳ କରି ମୁଁ ଯଦି ପ୍ରବେଶ କରିପାରନ୍ତି ମୃତ୍ୟୁଲୋକରେ।" (ପୃଷ୍ଠା-୨୦)

ନୀରବ ଭୂଗୋଳର ଐତିହାସିକ କାହାଣୀକୁ ଆଧାର କରି ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ 'କଲମ୍ବସ୍'ର ଜୀବନର କରୁଣମୟ ବାସ୍ତବଛବି ସହ ତାଙ୍କର ବୀରଗାଥା ଓ ଜୀବନ ବଞ୍ଚିବାର ନୂତନ ଶୈଳୀକୁ ଅତି ଜୀବନ୍ତ ତଥା ସରସ ଭାବେ ଚିତ୍ରିତ କରିଛନ୍ତି।

Digitized by srujanika@gmail.com

ସ୍ପେନ୍ ଦ୍ୱାରା ଅବହେଳିତ ହୋଇ କଲମ୍ବସ୍‌ର ଜୀବନ ବେଶ୍ ଦାରିଦ୍ର୍ୟ, ଅଭାବ ଓ ଅସମ୍ମାନରେ ଶେଷ ହୋଇଯାଇଛି। କିନ୍ତୁ ନାଟ୍ୟକାର କଲମ୍ବସଙ୍କ ଜୀବନର ଶେଷ ପର୍ଯ୍ୟାୟରେ ତାଙ୍କର ବୀରତ୍ୱ ଗାଥା ଅବତାରଣା କରିଛନ୍ତି ଭାଇ ବାର୍ଥଲୋମିୟୁ ମାଧ୍ୟମରେ। କାରଣ କଲମ୍ବସଙ୍କ ଜୀବନର ଶେଷ ସମୟରେ ଭାଇ ବାର୍ଥଲୋମିୟୁ ଓ ଦ୍ୱିତୀୟ ପୁତ୍ର ଫର୍ଡ଼ିନାଣ୍ଡ ହିଁ ତାଙ୍କ ନିକଟରେ ରହିଥିଲେ।

କଲମ୍ବସ୍‌ଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟରେ ବାର୍ଥଲୋମିୟୁ ଶୁଣାଇ ଥିଲେ ତାଙ୍କ ବୀରତ୍ୱ ଓ ଶ୍ରେଷ୍ଠ ଜୀବନାଦର୍ଶର ଗାଥା, ଯାହାକୁ ଶୁଣି କଲମ୍ବସ୍ ବୀର ତଥା ଅପରାଜିତ ପୁରୁଷ ଭାବେ ମୃତ୍ୟୁଲୋକର ପଥିକ ସାଜିଥିଲେ। ୧୪୬୨ ମସିହା ଅଗଷ୍ଟ ତିନି ତାରିଖ ଦିନ ଆରମ୍ଭ ହୋଇଥିଲା କଲମ୍ବସଙ୍କ ପ୍ରଥମ ଜଳଯାତ୍ରା। ରାଜାଦେଶ ମାନି ନାବିକମାନେ ବିଭିନ୍ନ ଆଶଙ୍କା ସତ୍ତ୍ୱେ କଲମ୍ବସ୍‌ଙ୍କ ସହ ଏହି ଦୀର୍ଘ ଜଳଯାତ୍ରାର ସହଚର ସାଜିଥିଲେ। କିନ୍ତୁ କଲମ୍ବସ୍‌ଙ୍କ ମନରେ ନଥିଲେ କୌଣସି ଆଶଙ୍କା ବା ଭୟ। ତାଙ୍କ ହୃଦୟରେ ଥିଲା ବିପୁଳ ବିଶ୍ୱାସ ନିଜ ଲକ୍ଷ୍ୟ ପ୍ରତି ଓ ନିଜର ଈଶ୍ୱର ପ୍ରତି, ସେଥିପାଇଁ ସେ ସମସ୍ତ ବିକଟ ପରିସ୍ଥିତିରେ ମଧ୍ୟ କ୍ଷଣୀକ ପାଇଁ ମଧ୍ୟ ମାନସିକ ସ୍ତରରେ ପରାଜୟ ସ୍ୱୀକାର କରି ନାହାଁନ୍ତି। ଜୀବନକୁ ନୂତନ ଭାବେ ବଞ୍ଚିବା ଓ ଅସମ୍ଭବକୁ ସମ୍ଭବ କରିବା ଲକ୍ଷ୍ୟ ନେଇ ଆଗକୁ ବଢ଼ି ଚାଲିଲେ କଲମ୍ବସ୍ ପ୍ରାଚ୍ୟ ଭୂଖଣ୍ଡ ଅଭିମୁଖେ। କିନ୍ତୁ ସାଧାରଣ ନାବିକମାନେ ନିଜର ମନର ଭାବପ୍ରବଣତାକୁ ଓ ଆଶଙ୍କାକୁ ସହଜରେ ନିୟନ୍ତ୍ରଣ କରିପାରୁ ନଥିଲେ। ସେହି ସମୟରେ ସାଗର ସମ୍ରାଟ ନାବିକମାନଙ୍କୁ ଦେଇଥିଲେ ଜୀବନ ବଞ୍ଚିବାର ନବୀନ ପରିଭାଷା –

୨ୟ ନାବିକ : "ସମୁଦ୍ରଯାତ୍ରା ପାଇଁ ଆମର ଭୟ ନାହିଁ, କିନ୍ତୁ ଗୋଟାଏ ଅସମ୍ଭବ ପଛରେ ଦଉଡ଼ିବା ବଡ଼ ବିପଜ୍ଜନକ।

କଲମ୍ବସ : ଅସମ୍ଭବ କ'ଣ ? ଅସମ୍ଭବକୁ ସମ୍ଭବ କରିବାକୁ ପଡ଼ିବ।

୨ୟ ନାବିକ : ଅସମ୍ଭବ ଯଦି ସମ୍ଭବ ହୋଇଥାନ୍ତା, ତେବେ ଆଜି ପର୍ଯ୍ୟନ୍ତ ଆଟଲାଣ୍ଟିକ୍ ପାର ହେବାକୁ କେହି ସାହାସ କରିନାହାନ୍ତି କାହିଁକି ?

କଲମ୍ବସ : ଯାହା ଆଗରୁ ହୋଇସାରିଛି, ତାହା କରିବାରେ ଆମର କୃତିତ୍ୱ ରହିଲା କେଉଁଠି ? ଅସମ୍ଭବର ରୂପକୁ ଥରେ ଦେଖିବାକୁ ଚେଷ୍ଟା କର। ଅସମ୍ଭବକୁ ସମ୍ଭବ କରିବାରେ ଯେଉଁ ଉତ୍ତେଜନା ତାହା ଅନୁଭବ କର। ଜୀବନକୁ ଏତେ ସହଜ ସାବଲୀଳ ଭାବେ ଗତି କରିବାକୁ ଦିଅ ନାହିଁ।

୧ମ ନାବିକ : ସମସ୍ତେ ତ ଚାହାନ୍ତି ସହଜ ଜୀବନଧାରା। କିଏ ଚାହେଁ କଷ୍ଟ କରି ବଞ୍ଚିବାକୁ ?

Digitized by srujanika@gmail.com

କଲମ୍ବସ୍ : କଷ୍ଟ ନ ଥିଲେ ବଞ୍ଚିବାରେ ଯେ ଆନନ୍ଦ ନାହିଁ। ଆଲୋଡ଼ନହୀନ, ଉତ୍ତେଜନାହୀନ ଜୀବନ କ'ଣ ଜୀବନ? ଜୀବନରେ ଉତ୍‌ଥାନ ଅଛି, ପତନ ବି ଅଛି, ଜୟ ଅଛି, ପରାଜୟ ଅଛି। ଆଶା ନିରାଶାର ଆଲୋକ ଅନ୍ଧାର ଭିତରେ ବଞ୍ଚି ରହିବା ସତରେ ବଡ଼ ରୋମାଞ୍ଚକର।

୧ମ ନାବିକ : ସମସ୍ତେ କ'ଣ ଏଇୟା ଚାହିଁବେ?

କଲମ୍ବସ : ସମସ୍ତେ ନ ଚାହୁଁଛନ୍ତି ବୋଲି ଆମେ ଚାହିଁବାନି, ଏପରି ଭାବନା ଠିକ୍ ନୁହେଁ, ଆମର ଜୀବନ ଅନ୍ୟମାନଙ୍କ ଅପେକ୍ଷା ଭିନ୍ନ ଉପାଦାନରେ ଗଢ଼ା ଆମେ କରିବା ପାଇଁ ଜନ୍ମ ହୋଇଛେ। ଏଇ କଷ୍ଟଲବ୍ଧ ସଫଳତା ଭିତରେ ହିଁ ଆମର ଆନନ୍ଦ।" (ପୃଷ୍ଠା-୨୨)

ଏଭଳି ଅନେକ ଅନୁଚିନ୍ତା ଓ ଜୀବନାଦର୍ଶ ଦ୍ୱାରା କଲମ୍ବସ୍ ନିଜର ଜଳଯାତ୍ରାରେ ନାବିକମାନଙ୍କୁ ଆତ୍ମଶକ୍ତି ଓ ପ୍ରେରଣା ପ୍ରଦାନ କରିଥିଲେ। ଯାହା କଲମ୍ବସ୍‌ଙ୍କ ଜୀବନ ପ୍ରତି ସକରାତ୍ମକ ଭାବନା ଓ ନିଜ ଲକ୍ଷ୍ୟ ପ୍ରତି ଦୃଢ଼ସଂକଳ୍ପ ତଥା ବିଶ୍ୱାସର ପରିଚାୟକ ବୋଲି ବିଚାର କରାଯାଇପାରେ। କଲମ୍ବସଙ୍କ ଏହି ଜଳଯାତ୍ରାରେ କେବେ ପ୍ରକୃତି ତ କେବେ ନିଜ ସହଚରମାନେ ବାଧା ସୃଷ୍ଟି କରିଛନ୍ତି, କିନ୍ତୁ କୌଣସି ସ୍ତରରେ ହାରିଯାଇ ନାହାଁନ୍ତି କଲମ୍ବସ। ବହୁକାଳ ଯାତ୍ରା କରି ଉପକୂଳର କୌଣସି ସନ୍ଧାନ ନ ପାଇ ନିଜର ସହଚରମାନେ ହିଁ କଲମ୍ବସଙ୍କୁ ହତ୍ୟା କରି ଜାହାଜକୁ ଫେରାଇ ନେବାପାଇଁ ଷଡ଼ଯନ୍ତ୍ର ମଧ୍ୟ କରିଛନ୍ତି। କାରଣ କଲମ୍ବସ୍ କୌଣସି କାରଣରୁ ମଧ୍ୟ ଖାଲି ହାତରେ ଫେରିବା କଥା କେବେ ଚିନ୍ତା ମଧ୍ୟ କରୁ ନଥିଲେ। ସେ କେବଳ ନିଜେ ଓ ନିଜର ଈଶ୍ୱରଙ୍କ ପ୍ରତି ଦୃଢ଼ବିଶ୍ୱାସ ରଖି ଦ୍ରୁତ ଗତିରେ ଆଗକୁ ବଢ଼ି ଚାଲିଥିଲେ। ବେଳେ ବେଳେ ନାବିକମାନେ କଲମ୍ବସ୍‌ଙ୍କୁ ସମୁଦ୍ର-ରାକ୍ଷସ, ସମୁଦ୍ର-ଡାହାଣୀ, ସର୍ପରାଜାର ଦେଶ ଆଦି କୁହୁକଭରା କାହାଣୀରେ ଭୟଭୀତ କରାଇ ଫେରିଯିବା ପାଇଁ ପ୍ରବର୍ତ୍ତାଉ ଥିଲେ ମଧ୍ୟ କଲମ୍ବସ୍ କେବେ ଖାତିର୍ କରୁ ନଥିଲେ ସେସବୁ କଥାକୁ। କଲମ୍ବସ୍‌ଙ୍କ ପାଇଁ ଜଳଯାତ୍ରା ଥିଲା ଜୀବନର ଅନ୍ୟ ଏକ ନାମ। ସେଥିପାଇଁ ଜୀବନ କହିଲେ ସେ ବୁଝୁଥିଲେ ଜଳଯାତ୍ରା। ଆଉ ସେଇ ଜଳଯାତ୍ରାର ଅନ୍ୟ ଏକ ଚରମ ଜିଜ୍ଞାସା ଥିଲା ଭାରତକୁ ପହଞ୍ଚିବା! କିନ୍ତୁ ତାଙ୍କର ସେଇ ସ୍ୱପ୍ନ ସାକାର ହୋଇପାରି ନାହିଁ। ସେଇ ଅସଫଳତା ବେଶ୍ ସ୍ପଷ୍ଟ ତାଙ୍କ ଅଭିବ୍ୟକ୍ତିରେ:

କଲମ୍ବସ୍ : "ମୋ ଉପରେ ବିଶ୍ୱାସ ରଖି ନିଜ ନିଜର କର୍ତ୍ତବ୍ୟ କରିଚାଲ। ଆଉ ଅଳ୍ପଦିନ ଭିତରେ ଆମେ ପହଞ୍ଚିବା ସୁନାର ଦେଶ ଭାରତରେ। ସେଠି ଖାଲି ମୁଣ୍ଡା ମୁଣ୍ଡା ସୁନା ରାସ୍ତାଘାଟରେ ବିଛେଇ ହୋଇ ପଡ଼ିଚି। ଯେ

Digitized by srujanika@gmail.com

ଯେତେ ଇଚ୍ଛା କରିବ ସାଙ୍ଗରେ ବୋହି ଆଣିପାରିବ। ଫେରି ଆସିବା ପରେ ଆମେମାନେ ହିଁ ହେବା ଦେଶର ସବୁଠୁ ବଡ଼ ଧନୀ। ଭବିଷ୍ୟତର ସମ୍ମାନ ଆଉ ଐଶ୍ୱର୍ଯ୍ୟ କଳ୍ପନା କରିପାରୁଚ ତ ?" (ପୃଷ୍ଠା-୩୪)

ଭାରତ ଭଳି ସୁନାର ଦେଶର ଆବିଷ୍କାର କରିବାର ସ୍ୱର୍ଣ୍ଣିମ ସ୍ୱପ୍ନ ନେଇ କଲମ୍ବସ ନିଜ ନାବିକ ଓ ସହଚରଙ୍କ ସହ ଆଗକୁ ବଢ଼ିଲେ କିନ୍ତୁ ଆବିଷ୍କାର କରିପାରି ନ ଥିଲେ। ହେଲେ ଦୀର୍ଘ ଦିନର ଉତ୍ଥାନ ପତନ ତଥା ପ୍ରକୃତିର ବିଭିନ୍ନ ବିକଟ ରୂପକୁ ସହ୍ୟ କରି ମଧ୍ୟ କଲମ୍ବସ୍ ବେଶ୍ ଦୃଢ଼ ଆତ୍ମବଳ ଆଧାରରେ ହିଁ ପରିଶେଷରେ ପହଞ୍ଚିଥିଲେ ଉପକୂଳରେ। ଅନେକ ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ କଲମ୍ବସ୍‌ଙ୍କ ବିଶ୍ୱାସ କ୍ଷଣକ ପାଇଁ ମଧ୍ୟ ଦୁର୍ବଳ ହୋଇ ନଥିଲା। ମୃତ୍ୟୁକୁ ଆଲିଙ୍ଗନ କରି ନିର୍ଜନ ସମୁଦ୍ରରେ କାଳ କାଳ ଅତିବାହିତ କରି ସେ ଯେଉଁ ଆବିଷ୍କାର କରିଥିଲେ- କେବଳ ସ୍ପେନ୍ ନୁହଁ, ବରଂ ସମଗ୍ର ବିଶ୍ୱ ଇତିହାସରେ ଅନେକ ଗୌରବମୟ ଅଧ୍ୟାୟକୁ ସଂଯୋଗ କରିଥିଲେ।

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନ ଭୌଗୋଳିକ ଅନୁସନ୍ଧାନ ଆଧାରିତ ଇତିହାସକୁ ନାଟକଯୋଗ୍ୟ କରିବାରେ ସଫଳ ହୋଇଛନ୍ତି। ଭୂଗୋଳ ଓ ଇତିହାସ ଉଭୟ ହିଁ ନୀରବ ଭାବେ ପାଠକ ତଥା ଦର୍ଶକ ହୃଦୟରେ ସର୍ବଦା ସୃଷ୍ଟି କରିଥାଏ ଆଲୋଡନ। କିନ୍ତୁ ନାଟ୍ୟକାର ନିଜର ଭାଷା, ସଂଳାପ ଓ ସର୍ବୋପରି ଉପସ୍ଥାପନା ଶୈଳୀ ମାଧ୍ୟମରେ ରସସିକ୍ତ ଓ ଉତ୍କଣ୍ଠାପୂର୍ଣ୍ଣ ଭାଷ୍ୟ ଓ ରୂପ ଦେବାରେ ସଫଳ ହୋଇଛନ୍ତି। ଭୌଗୋଳିକ ଅନୁସନ୍ଧାନର ଇତିହାସକୁ ନାଟ୍ୟରୂପ ଦେବା ସହିତ ଇତିହାସରେ ସ୍ୱଳ୍ପ ଇତିହାସରେ ସ୍ୱଳ୍ପ ପ୍ରଶଂସା ଏବଂ ଅଧିକ ନିନ୍ଦା ପାଇଥିବା ନାବିକ ଜଳଯାତ୍ରାର-ସମ୍ରାଟ କଲମ୍ବସ୍‌ଙ୍କର ଜୀବନକୁ ସଫଳ ଭାବେ ଉପସ୍ଥାପନ କରି ନାଟ୍ୟକାର ଓଡ଼ିଆ ଚରିତ ନାଟ୍ୟସାହିତ୍ୟରେ ଅନ୍ୟ ଏକ ଅଧ୍ୟାୟକୁ ସଂଯୋଗ କରିଛନ୍ତି। ଏହାବ୍ୟତୀତ କଲମ୍ବସ୍‌ଙ୍କ ସଦୃଶ ବୀରପୁରୁଷର ବୀରଗାଥା ତ ସମଗ୍ର ବିଶ୍ୱ ବିଦିତ, କିନ୍ତୁ ଜଣେ ସାଗର-ସମ୍ରାଟର ସ୍ୱଳ୍ପାଲୋଚିତ ବାସ୍ତବ ଜୀବନର କରୁଣମୟ ଚିତ୍ରକୁ ପରିବେଷଣ କରିଛନ୍ତି ଅତ୍ୟନ୍ତ ରୋଚକ ଶୈଳୀରେ। ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର 'କଲମ୍ବସ୍' ସଂପର୍କରେ ପରିଶେଷରେ ଏତିକି କୁହାଯାଇପାରେ : ଏହା ଜଣେ ଦୁର୍ଦ୍ଧର୍ଷ ନାବିକର କେବଳ ଜଳଯାତ୍ରାର ଇତିହାସ ନୁହେଁ; ତା'ର ଜୀବନବୃତ୍ତିର ଅନ୍ୟ ଏକ ଅଖଣ୍ଡ ଆତ୍ମକଥାର ଅବ୍ୟକ୍ତ ଇତିକଥା !

ଗବେଷକ, ଓଡ଼ିଆ ବିଭାଗ,
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା,
କୋରାପୁଟ

Digitized by srujanika@gmail.com

ପରିଶିଷ୍ଟ

୧. ମୁଁ ଓ ମୋ ନାଟକ

୨. ମୁଁ ଓ ମୋ ନାଟ୍ୟ-ଜୀବନ

୩. ସୃଷ୍ଟି-ସମ୍ଭାର

୪. ସମ୍ମାନ ଓ ପୁରସ୍କାର

Digitized by srujanika@gmail.com

ମୁଁ ଓ ମୋ ନାଟକ

୧୯୮୦ ପୂର୍ବରୁ କବିତା ଓ ସମାଲୋଚନା ଲେଖିବା ସହିତ ମୁଁ ନିୟୋଜିତ ରହିଥିଲି ନାଟ୍ୟତତ୍ତ୍ୱ ଓ ନାଟ୍ୟ ଇତିହାସର ଗବେଷଣାରେ। ବିଧିବଦ୍ଧ ନାଟ୍ୟରଚନାର ପ୍ରୟାସ ମୋର ନଥିଲା। ଚାରୋଟି ମାତ୍ର କ୍ଷୁଦ୍ରନାଟିକା ଲେଖିଥିଲି, ଯଥା – ମଣିଷ ଜୀବନର ସୀମାବଦ୍ଧତାକୁ ନେଇ 'ପାଚେରୀ', ଆଧୁନିକ ଜୀବନର ନିଃସଙ୍ଗତାକୁ ନେଇ 'ନିଃସଙ୍ଗ ପବନ', ଯୁଦ୍ଧ ଓ ଶାନ୍ତିର ଦ୍ୱନ୍ଦ୍ୱକୁ ନେଇ 'ରକ୍ତତୃଷା' ଏବଂ ସାଂପ୍ରତିକ ଭାରତୀୟ ରାଜନୀତିର ମୂଲ୍ୟବୋଧଗତ ଅବକ୍ଷୟକୁ ନେଇ 'ମହାରାଜା ବିଜେ ହେବେ'। ପ୍ରଥମଟି ପ୍ରକାଶିତ ହୋଇଥିଲା 'ଝଙ୍କାର'ରେ, ଅନ୍ୟ ଦୁଇଟି 'ସହକାର'ରେ ଏବଂ ଶେଷଟି 'ଚନ୍ଦ୍ରଭାଗା'ରେ। ପ୍ରଥମ ନାଟକ 'ପାଚେରୀ' ମନୋରଞ୍ଜନ ଦାସଙ୍କ ପ୍ରଯୋଜନାରେ ଆକାଶବାଣୀ, କଟକରେ ଏବଂ ଅନ୍ୟଦୁଇଟି ଯୁବବାଣୀ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇଥିଲା। ଏ ନାଟକଗୁଡ଼ିକ କିନ୍ତୁ ମୋର କୌଣସି ନାଟ୍ୟ ସଙ୍କଳନରେ ସଂଯୋଜିତ ହୋଇନାହିଁ।

୧୯୮୦ ମସିହା ବେଳକୁ ଅନୁଭବ କଲି କବିତାର ସୀମାବଦ୍ଧତା ଭିତରେ ମଣିଷ ଓ ସମାଜର ବିସ୍ତୃତ ଜୀବନବୋଧକୁ ପୂର୍ଣ୍ଣ ଭାବେ ରୂପାୟିତ କରିବା ସମ୍ଭବ ହେଉନାହିଁ। ଏଥିପାଇଁ ଏକ ପ୍ରସାରିତ ପଟ୍ଟଭୂମିର ଆବଶ୍ୟକତା ରହିଛି। ମନ ଭିତରେ ସୁପ୍ତ ଅବସ୍ଥାରେ ଯେଉଁ ନାଟ୍ୟସର୍ଜନ ପ୍ରବୃତ୍ତି ରହିଥିଲା ତାହା ସ୍ୱାଭାବିକ ରୂପେ ଜାଗ୍ରତ ହୋଇଥିଲା। ବିଧିବଦ୍ଧଭାବେ ମୋର ପ୍ରଥମ ନାଟକ 'ସତ୍ୟସଂଶୟ ସାଲବେଗ'ରେ ବହୁଆଗରୁ ମୋର ହୃଦୟରେ ପ୍ରତିଧ୍ୱନିତ ହୋଇଛି ସାଲବେଗଙ୍କ ଜଣାଣର 'କହେ ସାଲବେଗହୀନ ଜାତିରେ ମୁଁ ଯବନ' ଗଭୀର ଅଭିମାନ ଭରା ଧାଡ଼ିଟିଏ। ପରମଭକ୍ତ ସାଲବେଗ ମନ୍ଦିର ଭିତରେ ପ୍ରବେଶ କରି ନପାରି ଜଗନ୍ନାଥଙ୍କୁ ନିତ୍ୟ ଦର୍ଶନ କରିବାକୁ ବଞ୍ଚିତ ଥିଲେ। ତାଙ୍କର ଗଭୀର ଅବଶୋଷ ଆର୍ତ୍ତି ଓ ବିଷାଦ ମୋ ହୃଦୟରେ ପ୍ରବଳ ଆଲୋଡ଼ନ ସୃଷ୍ଟି କରୁଥିଲା। ସେତିକିବେଳେ ମହାନ ନାଟ୍ୟକାର ଅଶ୍ୱିନୀକୁମାରଙ୍କ 'ସାଲବେଗ' ନାଟକରେ ଉପସ୍ଥାପିତ ସାଲବେଗଙ୍କ କରୁଣ, ଅସହାୟ, ସଂଘର୍ଷମୟ ଜୀବନବୃତ୍ତ ମୋତେ ଗଭୀରଭାବେ ସ୍ପର୍ଶ କଲା। ବିଭିନ୍ନ ଧର୍ମବିଶ୍ୱାସର ଦ୍ୱନ୍ଦ୍ୱକୁ ନେଇ ମୋ ମନରେ ବହୁକାଳରୁ ସଂଶୟ ସୃଷ୍ଟି ହୋଇଥିଲା। କେଉଁ ଧର୍ମର ତ୍ରାଣକର୍ତ୍ତା ପ୍ରକୃତରେ

Digitized by srujanika@gmail.com

ଈଶ୍ୱର ? ହିନ୍ଦୁଙ୍କ ଭଗବାନ ନା ମୁସଲମାନମାନଙ୍କ ଆଲ୍ଲା ନା ଖ୍ରୀଷ୍ଟିୟାନ୍‌ମାନଙ୍କ ଯୀଶୁ ? ଧର୍ମର ଅର୍ଥ କ'ଣ ସତ୍ୟ ତ ? କେଉଁ ସତ୍ୟକୁ ପ୍ରଚାର କରୁଛନ୍ତି ଧର୍ମାଧିକାରୀମାନେ ? ଏହା ମାନବଧର୍ମ ସହିତ ସମ୍ବନ୍ଧାନ୍ୱିତ ତ ? ଧର୍ମର ପ୍ରକୃତ ଅର୍ଥ କ'ଣ ମାନବ ଧର୍ମ, ମାନବ ପ୍ରେମ, ମାନବ ସତ୍ୟ ନୁହେଁ ? ଏହି ଧର୍ମସଂଶୟକୁ ଆଧାର କରି ଲେଖିଲି ମୋର ପ୍ରଥମ ନାଟକ 'ସତ୍ୟସଂଶୟ ସାଲବେଗ'। ଏଥିରେ ସାଲବେଗ ଚରିତ୍ରଟି ଏକ ଐତିହାସିକ ମିଥ୍‌ଭାବେ ଗୃହୀତ।

ସାଲବେଗ ଥିଲେ ମୋଗଲ ସେନାପତି ଲାଲବେଗଙ୍କ ପୁତ୍ର। ତେଣୁ ଜନ୍ମତଃ ସେ ମୁସଲମାନ ଏବଂ ଆଲ୍ଲା ଥିଲେ ତାଙ୍କର ଉପାସ୍ୟ। କିନ୍ତୁ ପରବର୍ତ୍ତୀ ସମୟରେ ବ୍ରାହ୍ମଣୀମାନଙ୍କ ପରାମର୍ଶକ୍ରମେ ହିନ୍ଦୁଧର୍ମର ଉପାସ୍ୟ ଦେବତା ଜଗନ୍ନାଥଙ୍କ ପ୍ରତି ଲୟ ରଖି ମରଣାପନ୍ନ ଅବସ୍ଥାରୁ ମୁକ୍ତିଲାଭ କରିଥିବାରୁ ପରମ ଜଗନ୍ନାଥ ଭକ୍ତ ହୋଇପଡ଼ିଲେ। କିନ୍ତୁ ମନ୍ଦିର ଭିତରକୁ ଯାଇ ଜଗନ୍ନାଥଙ୍କ ଆରାଧନା କରିବାର ଅଧିକାର ତାଙ୍କର ନଥିଲା। ଭକ୍ତର ଭଗବାନଙ୍କ ନିକଟରେ ପହଞ୍ଚିବାରେ ଥିଲା ଧର୍ମୀୟ ପ୍ରତିବନ୍ଧକ। ତେଣୁ ଉଭୟ ଧର୍ମର ସତ୍ୟତା ସମ୍ପର୍କରେ ସାଲବେଗଙ୍କ ମନରେ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ ଓ ସଂଶୟ। ସେ ଶେଷରେ ଏକ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ପ୍ରକୃତ ଧର୍ମ ହେଉଛି ମାନବ ଧର୍ମ, ପ୍ରକୃତ ସତ୍ୟ ହେଉଛି ମାନବ ସତ୍ୟ। ସେ ବାହାରି ପଡ଼ିଛନ୍ତି ମାନବ ଧର୍ମର ପ୍ରଚାର ଲାଗି ସନ୍ନ୍ୟାସୀ ହୋଇ। ଏହାହିଁ ନାଟକର କଥାବସ୍ତୁ। କାବ୍ୟମୟତା ନାଟକଟିର ବୈଶିଷ୍ଟ୍ୟ।

ସହଦେବ ପ୍ରଧାନଙ୍କ ଦ୍ୱାରା ଫ୍ରେଣ୍ଡସ୍ ପବ୍ଲିଶର୍ସ ପକ୍ଷରୁ ଏହା ପ୍ରକାଶ ଲାଭ କରିଥିଲା ୧୯୮୧ ମସିହାରେ। ସାରଳା ଦାସଙ୍କ ମହାଭାରତକୁ ବାରମ୍ବାର ଅନୁଧ୍ୟାନ କରିବା ଭିତରେ ମୋର ଉପଲବ୍ଧି ହୋଇଛି ବର୍ତ୍ତମାନର ମୂଲ୍ୟମାନର ବିଚାରରେ ସାରଳା ଦାସଙ୍କୁ ଆଧୁନିକ ଓ ପ୍ରଗତିଶୀଳ କୁହାଯିବା ଯଥାର୍ଥ। ସତ୍ୟ ଦ୍ରଷ୍ଟା ଓ ଦୂରଦ୍ରଷ୍ଟା କବିଙ୍କ ମହାକବ୍ୟିକ ଦୃଷ୍ଟିକୋଣ ପରିବ୍ୟାପ୍ତ ହୋଇଛି ସ୍ଥାନରୁ ସ୍ଥାନାନ୍ତର, କାଳରୁ କାଳାନ୍ତର, ବ୍ୟକ୍ତିରୁ ବିଶ୍ୱ ପର୍ଯ୍ୟନ୍ତ। ନିଜସ୍ୱ କଳ୍ପନା ଶକ୍ତିରେ ଅନେକ ନାଟକୀୟ କାହାଣୀ ସୃଷ୍ଟି କରିବା ସହିତ ମଣିଷ ଚରିତ୍ରକୁ ଅଭିନ୍ନ କରି ଦେଖାଇବାର ତାଙ୍କର ଅନନ୍ୟତା ସ୍ୱୀକୃତ। ମୁଁ ମୋର କେତେକ ନାଟକ ପାଇଁ ଉପାଦାନ ସଂଗ୍ରହ କରିଛି ମହାଭାରତର ମୌଳିକ କାହାଣୀବୃତ୍ତରୁ। ଆଧୁନିକ ମଣିଷର ଚିନ୍ତା, କାର୍ଯ୍ୟ ଓ ଜୀବନବୋଧକୁ ସନ୍ଧାନ କରିଛି ଅତୀତ ଭିତରେ। ସାରଳା ମହାଭରତର କାହାଣୀ ଆଧାରରେ 'ମଧ୍ୟପାତ୍ର', 'ସ୍ୱର୍ଗାରୋହଣ', 'ନିରାପଦ ଭବିଷ୍ୟତ', 'ଅନୁଶାସନ', 'ସ୍ୱର୍ଗଲୋକେ ଯୁଧିଷ୍ଠିର', 'ନିରୁତ୍ତାପ ବିଷ୍ଣୁକଳା', 'ଅରଣ୍ୟର ଅଶ୍ରୁ' ଓ ସକଳ ତୀର୍ଥ ତୋ ଚରଣେ' ପ୍ରଭୃତି କେତୋଟି ଆଧୁନିକ ଆଧୁନିକ ଜୀବନବୋଧର ନାଟକ ଲେଖିଛି। ନାଟକ ଲେଖିବା ଭିତରେ ମୁଁ ଅନୁଭବ କରିଛି ନାଟକ

Digitized by srujanika@gmail.com

ଲେଖା ଭିତରକୁ ମୋ ଅଜାଣତରେ ପଶି ଆସୁଛନ୍ତି ମୋର ସ୍ୱର୍ଗତ ପିତା ନାଟ୍ୟକାର ପର୍ଶୁରାମ ହରିଚନ୍ଦନ, ମହାନ୍ ନାଟ୍ୟକାର ଯୁଗସ୍ରଷ୍ଟା ଅଶ୍ୱିନୀ କୁମାର ଘୋଷ ଏବଂ ନୂତନ ନାଟ୍ୟଧାରାର ପ୍ରବର୍ତ୍ତକ ନାଟ୍ୟକାର ମନୋରଞ୍ଜନ ଦାସ।

ମୋର ଦ୍ୱିତୀୟ ନାଟକ 'ମଧ୍ୟପାତ୍ର' ଆକାଶବାଣୀ, କଟକ କେନ୍ଦ୍ରରୁ ପ୍ରସାରିତ ହୋଇଥିଲା ୧୯୮୧ ମସିହାରେ ମନୋରଞ୍ଜନ ଦାସଙ୍କ ପ୍ରଯୋଜନାରେ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ କବି-ନାଟ୍ୟକାର ହରିହର ମିଶ୍ର।

ପାରମ୍ପରିକ ରକ୍ତଗତ ସମ୍ପର୍କ ସୂତରେ ଜ୍ୟେଷ୍ଠତାକୁ ସମ୍ମାନ ଦେଇ ମଣିଷ ନିଜର ବ୍ୟକ୍ତିସ୍ୱାତନ୍ତ୍ର୍ୟକୁ ହରାଇ ବସେ। ଘୋର ଅସହାୟ ଓ ବିଚ୍ଛିନ୍ନତାବୋଧର ମାନସିକ ଉତ୍ପୀଡ଼ନ ଭୋଗ କରେ। ଫଳରେ ସେ ପ୍ରତିବାଦ କରିବାକୁ ଉନ୍ମୁଖ ହୋଇଉଠେ। ଏହି ଭାବବୋଧଟି ପ୍ରକାଶିତ ହୋଇଛି ଯୁଧିଷ୍ଠିରଙ୍କର ମହାବୀର ଅନୁଜମାନଙ୍କ ଭିତରେ। କ୍ଷମତାର ଶାସନ ଓ ମମତାର ଶାସନ ଉଭୟରେ ଥାଏ ସ୍ୱେଚ୍ଛାଚାରିତା। କ୍ଷମତା ବଳରେ ଉନ୍ମତ୍ତ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିଥିଲା, ସେମାନଙ୍କୁ ରାଜ୍ୟଚ୍ୟୁତ କରିଥିଲା। ସେଥିପାଇଁ ବଳଶାଳୀ ପାଣ୍ଡମାନଙ୍କ ମନ ଭିତରେ ପ୍ରଜ୍ୱଳିତ ହୋଇଉଠୁଥିଲା ନିଜ ଅଧିକାର ଛଡ଼ାଇ ଆଣିବାର ଅଗ୍ନିଶପଥ। କିନ୍ତୁ ସତ୍ୟନିଷ୍ଠ ଜ୍ୟେଷ୍ଠଭ୍ରାତା ଯୁଧିଷ୍ଠିର ନିଜର ଭୀରୁ, ଦୁର୍ବଳ, ପଳାୟନପନ୍ଥୀ ମନୋଭାବ ଯୋଗୁଁ ଅମିତ୍ ତେଜ୍ୟ ଯୁଦ୍ଧୋଦ୍ୟତ କନିଷ୍ଠ ଭାଇମାନଙ୍କୁ ଜ୍ୟେଷ୍ଠତ୍ୱର ଅଧିକାରରେ ନିବୃତ୍ତ କରିଆସୁଥିଲେ। ଯଥେଷ୍ଟ ବାହୁବଳ ସତ୍ତ୍ୱେ ସେମାନଙ୍କ ବଡ଼ଭାଇଙ୍କ ଦ୍ୱାରା ନିଜର ଯଥାର୍ଥ ଅଧିକାରରୁ ବଞ୍ଚିତ ହୋଇ ଯେଉଁ ମାନସିକ ଉତ୍ପୀଡ଼ନ ଭୋଗ କରୁଥିେ. ପ୍ରତିରୋଧର ଶକ୍ତି ଥାଉ ଥାଉ ବଳହୀନ ପରି ଆଚରଣ କରିବା କ୍ଷତ୍ରିୟ ପକ୍ଷରେ ଚରମ ଗ୍ଲାନିକର ଗୋଟିଏ ଦିଗରେ ଦୁର୍ଯ୍ୟୋଧନର କ୍ଷମତାର ଅତ୍ୟାଚାର ଏବଂ ଅନ୍ୟ ଦିଗରେ ଯୁଧିଷ୍ଠିରଙ୍କ ମମତାର ଅତ୍ୟାଚାର। ଏ ଅତ୍ୟାଚାରକୁ ପ୍ରତିରୋଧ କରିବା ପାଇଁ ଜାଗ୍ରତ ହୋଇଉଠିଛନ୍ତି ଅତ୍ୟାଚାରିତ ଭୀମ, ଅର୍ଜ୍ଜୁନ, ନକୁଳ, ସହଦେବ।

ଏ ନାଟକ ଆକାଶବାଣୀରେ ପ୍ରସାରିତ ହେବା ପରେ ବହୁ ବିଦଗ୍ଧ ଶ୍ରୋତାମାନଙ୍କ ଠାରୁ ଉଚ୍ଚ ପ୍ରଶଂସାମୂଳକ ପତ୍ରମାନ ମିଳିଥିଲା। ନାଟକର ଅଭିନବ ଭାବବସ୍ତୁ ଓ ଉପସ୍ଥାପନା ସମସ୍ତଙ୍କୁ ମୁଗ୍ଧ କରିଥିଲା। ଏହି ନାଟକଟି ହିଁ ମୋତେ ରାତାରାତି କବି ଆସନରୁ ନେଇ ନାଟ୍ୟକାରର ଆସନରେ ବସାଇ ଦେଇଥିଲା। ନାଟକ ଶୁଣି ଯେଉଁମାନେ ସ୍ୱତଃସ୍ଫୁର୍ତ୍ତଭାବେ ସେମାନଙ୍କର ଅଭିମତ ଜଣାଇ ମୋତେ ପତ୍ର ଲେଖିଥିଲେ, ସେମାନଙ୍କ ପତ୍ରମଧ୍ୟରୁ ଦୁଇଟି ପତ୍ରର କିଛି କିଛି ଅଂଶ ଉଦ୍ଧାର କରୁଛି ନାଟକ ସମ୍ପର୍କରେ କିଞ୍ଚିତ ଧାରଣା ସୃଷ୍ଟିପାଇଁ। "ଆପଣଙ୍କ ନାଟକ ଶୁଣିସାରିବା ପରେ ମୋ' ଭିତରେ ଆଜି ଓଡ଼ିଆ ନାଟକ ଉପରେ

Digitized by srujanika@gmail.com

ଯେଉଁ ଗଭୀର ବିଶ୍ୱାସବୋଧ ସୃଷ୍ଟି ହୋଇଛି, ତାହା ମୁଁ ପ୍ରକାଶ କରିପାରୁନି ଏ ଚିଠିରେ। 'ମଧ୍ୟପାତ୍ରର' ଚରିତ୍ର ଉପସ୍ଥାପନା ମୋତେ ସବୁଠୁ ଅଧିକ ଆନନ୍ଦ ଦେଇଛି। ଯୁଧିଷ୍ଠିର ଚରିତ୍ରର ଯେଉଁ ଦିଗଟି ଆପଣ ଆଲୋକିତ କରିଛନ୍ତି ବାସ୍ତବିକ୍ ତାହା ଖୁବ୍ ବାସ୍ତବ ଓ ନୂତନ। ତା' ଭିତରେ ଥିବା ଗଣତାନ୍ତ୍ରିକ ଚେତନାଟି ଯେପରି ଭାବରେ ପାଣ୍ଡବମାନଙ୍କ ଚରିତ୍ର ମାଧ୍ୟମରେ ଦର୍ଶାଇ ଦିଆଯାଇଛି, ତାହା ମଧ୍ୟ ସାଂପ୍ରତିକ ପରିପ୍ରେକ୍ଷୀରେ କମ୍ ଆବଶ୍ୟକତା ମେଣ୍ଟାଏ ନାହିଁ। ଅନ୍ୟର କଥା ଓ ଅନ୍ୟର ସାମର୍ଥ୍ୟକୁ ସମ୍ମାନ ଦେବା ଅନ୍ୟତମ ଗଣତାନ୍ତ୍ରିକ ଲକ୍ଷଣ। ଶ୍ରୀକୃଷ୍ଣଙ୍କର ବହୁ ସଂଳାପରେ ଏହା ଫୁଟି ଉଠିଛି। ଜଣେ ନେତା ବା ଶ୍ରେଷ୍ଠ ବ୍ୟକ୍ତି ନିଜର ଆଦର୍ଶ ବା ବ୍ୟକ୍ତିଗତ ଅଭିରୁଚିକୁ ନିତ (*followers*)ମାନଙ୍କ ଉପରେ ଲଦିଦେଇ ସେମାନଙ୍କର ଅନ୍ତର୍ନିହିତ ଶକ୍ତିକୁ ପ୍ରତିହତ କଲେ ଯେଉଁ ଯୁଦ୍ଧୋଗର ସମ୍ମୁଖୀନ ହେବାକୁ ହୁଏ ତାହା ଅତି ସୁନ୍ଦର ଭାବେ କୁହାଯାଇପାରିଛି। ଜଣେ ବିପ୍ଳବୀ ଭିତରେ ଲୁଚି ନିଜସ୍ୱ କଳ୍ପନା ଶକ୍ତିରେ ଅନେକ ନାଟକୀୟ କାହାଣୀ ସୃଷ୍ଟି କରିବା ସହିତ ମଣିଷ ଚରିତ୍ରକୁ ଅଭିନ୍ନ କରି ଦେଖାଇବାର ତାଙ୍କର ଅନନ୍ୟତା ସ୍ୱୀକୃତ। ମୁଁ ମୋର କେତେକ ନାଟକ ପାଇଁ ଉପାଦାନ ସଂଗ୍ରହ କରିଛି ମହାଭାରତର ମୌଳିକ କାହାଣୀବୃତ୍ତରୁ। ଆଧୁନିକ ମଣିଷର ଚିନ୍ତା, କାର୍ଯ୍ୟ ଓ ଜୀବନବୋଧକୁ ସନ୍ଧାନ କରିଛି ଅତୀତ ଭିତରେ। ସାରଳା ମହାଭାରତର କାହାଣୀ ଆଧାରରେ 'ମଧ୍ୟପାତ୍ର', 'ସ୍ୱର୍ଗାରୋହଣ', 'ନିରାପଦ ଭବିଷ୍ୟତ', 'ଅନୁଶାସନ', 'ସ୍ୱର୍ଗଲୋକେ ଯୁଧିଷ୍ଠିର', 'ନିରୁତ୍ତାପ ବିଷ୍ଣୁକଳା', 'ଅରଣ୍ୟର ଅଶ୍ରୁ' ଓ ସକଳ ତୀର୍ଥ ତୋ ଚରଣେ' ପ୍ରଭୃତି କେତୋଟି ଆଧୁନିକ ଜୀବନବୋଧର ନାଟକ ଲେଖିଛି। ନାଟକ ଲେଖିବା ଭିତରେ ମୁଁ ଅନୁଭବ କରିଛି ନାଟକ ଲେଖା ଭିତରକୁ ମୋ ଅଜାଣତରେ ପଶି ଆସୁଛନ୍ତି ମୋର ସ୍ୱର୍ଗତ ପିତା ନାଟ୍ୟକାର ପର୍ଶୁରାମ ହରିଚନ୍ଦନ, ମହାନ୍ ନାଟ୍ୟକାର ଯୁଗସ୍ରଷ୍ଟା ଅଶ୍ୱିନୀ କୁମାର ଘୋଷ ଏବଂ ନୂତନ ନାଟ୍ୟଧାରାର ପ୍ରବର୍ତ୍ତକ ନାଟ୍ୟକାର ମନୋରଞ୍ଜନ ଦାସ।

ମୋର ଦ୍ୱିତୀୟ ନାଟକ 'ମଧ୍ୟପାତ୍ର' ଆକାଶବାଣୀ, କଟକ କେନ୍ଦ୍ରରୁ ପ୍ରସାରିତ ହୋଇଥିଲା ୧୯୮୧ ମସିହାରେ ମନୋରଞ୍ଜନ ଦାସଙ୍କ ପ୍ରଯୋଜନାରେ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ କବି-ନାଟ୍ୟକାର ହରିହର ମିଶ୍ର।

ପାରମ୍ପରିକ ରକ୍ତଗତ ସମ୍ପର୍କ ସୂତ୍ରରେ ଜ୍ୟେଷ୍ଠତାକ ସମ୍ମାନ ଦେଇ ମଣିଷ ନିଜର ବ୍ୟକ୍ତିସ୍ୱାତନ୍ତ୍ର୍ୟକୁ ହରାଇବସେ। ଘୋର ଅସହାୟ ଓ ବିଚ୍ଛିନ୍ନତାବୋଧର ମାନସିକ ଉତ୍ପୀଡ଼ନ ଭୋଗ କରେ। ଫଳରେ ସେ ପ୍ରତିବାଦ କରିବାକୁ ଉନ୍ମୁଖ ହୋଇଉଠେ। ଏହି ଭାବବୋଧଟି ପ୍ରକାଶିତ ହୋଇଛି ଯୁଧିଷ୍ଠିରଙ୍କର ମହାବୀର ଅନୁଜମାନଙ୍କ ଭିତରେ। କ୍ଷମତାର ଶାସନ ଓ ମମତାର ଶାସନ ଉଭୟରେ ଥାଏ ସ୍ୱେଚ୍ଛାଚାରିତା। କ୍ଷମତା ବଳରେ ଉନ୍ମତ୍ତ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରିଥିଲା, ସେମାନଙ୍କୁ ରାଜ୍ୟଚ୍ୟୁତ

Digitized by srujanika@gmail.com

କରିଥିଲା । ସେଥିପାଇଁ ବଳଶାଳୀ ପାଣ୍ଡବମାନଙ୍କ ମନ ଭିତରେ ପ୍ରଜ୍ୱଳିତ ହୋଇଉଠୁଥିଲା ନିଜ ଅଧିକାର ଛଡ଼ାଇ ଆଣିବାର ଅଗ୍ନିଶପଥ । କିନ୍ତୁ ସତ୍ୟନିଷ୍ଠ ଜ୍ୟେଷ୍ଠଭ୍ରାତା ଯୁଧିଷ୍ଠିର ନିଜର ଭୀରୁ, ଦୁର୍ବଳ, ପଳାୟନପନ୍ଥୀ ମନୋଭାବ ଯୋଗୁଁ ଅମିତ୍ ତେଜ୍ୟ ଯୁଦ୍ଧୋଦ୍ୟତ କନିଷ୍ଠ ଭାଇମାନଙ୍କୁ ଜ୍ୟେଷ୍ଠତ୍ୱର ଅଧିକାରରେ ନିବୃତ୍ତ କରିଆସୁଥିଲେ । ଯଥେଷ୍ଟ ବାହୁବଳ ସତ୍ତ୍ୱେ ସେମାନଙ୍କ ବଡ଼ଭାଇଙ୍କ ଦ୍ୱାରା ନିଜର ଯଥାର୍ଥ ଅଧିକାରରୁ ବଞ୍ଚିତ ହୋଇ ଯେଉଁ ମାନସିକ ଉତ୍ପୀଡ଼ନ ଭୋଗ କରୁଥିଲେ, ପ୍ରତିରୋଧର ଶକ୍ତି ଥାଉ ଥାଉ ବଳହୀନ ପରି ଆଚରଣ କରିବା କ୍ଷତ୍ରିୟ ପକ୍ଷରେ ଚରମ ଗ୍ଲାନିକର । ଗୋଟିଏ ଦିଗରେ ଦୁର୍ଯ୍ୟୋଧନର କ୍ଷମତାର ଅତ୍ୟାଚାର ଏବଂ ଅନ୍ୟ ଦିଗରେ ଯୁଧିଷ୍ଠିରଙ୍କ ମମତାର ଅତ୍ୟାଚାର । ଏ ଅତ୍ୟାଚାରକୁ ପ୍ରତିରୋଧ କରିବା ପାଇଁ ଜାଗ୍ରତ ହୋଇଉଠିଛନ୍ତି ଅତ୍ୟାଚାରିତ ଭୀମ, ଅର୍ଜୁନ, ନକୁଳ, ସହଦେବ ।

ଏ ନାଟକ ଆକାଶବାଣୀରେ ପ୍ରସାରିତ ହେବା ପରେ ବହୁ ବିଦଗ୍ଧ ଶ୍ରୋତାମାନଙ୍କ ଠାରୁ ଉଚ୍ଚ ପ୍ରଶଂସାମୂଳକ ପତ୍ରମାନ ମିଳିଥିଲା । ନାଟକର ଅଭିନବ ଭାବବସ୍ତୁ ଓ ଉପସ୍ଥାପନା ସମସ୍ତଙ୍କୁ ମୁଗ୍ଧ କରିଥିଲା । ଏହି ନାଟକଟି ହିଁ ମୋତେ ରାତାରାତି କବି ଆସନରୁ ନେଇ ନାଟ୍ୟକାରର ଆସନରେ ବସାଇ ଦେଇଥିଲା । ନାଟକ ଶୁଣି ଯେଉଁମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ସେମାନଙ୍କର ଅଭିମତ ଜଣାଇ ମୋତେ ପତ୍ର ଲେଖିଥିଲେ, ସେମାନଙ୍କ ପତ୍ର ମଧ୍ୟରେ ଦୁଇଟି ପତ୍ରର କିଛି କିଛି ଅଂଶ ଉଦ୍ଧାର କରୁଛି ନାଟକ ସମ୍ପର୍କରେ କିଞ୍ଚିତ୍ ଧାରଣା ସୃଷ୍ଟିପାଇଁ । "ଆପଣଙ୍କ ନାଟକ ଶୁଣିସାରିବା ପରେ ମୋ' ଭିତରେ ଆଜି ଓଡ଼ିଆ ନାଟକ ଉପରେ ଯେଉଁ ଗଭୀର ବିଶ୍ୱାସବୋଧ ସୃଷ୍ଟି ହୋଇଛି, ତାହା ମୁଁ ପ୍ରକାଶ କରିପାରୁନି ଏ ଚିଠିରେ । 'ମଧ୍ୟପାତ୍ରର' ଚରିତ୍ର ଉପସ୍ଥାପନା ମୋତେ ସବୁଠୁ ଅଧିକ ଆନନ୍ଦ ଦେଇଛି । ଯୁଧିଷ୍ଠିର ଚରିତ୍ରର ଯେଉଁ ଦିଗଟି ଆପଣ ଆଲୋକିତ କରିଛନ୍ତି ବାସ୍ତବିକ୍ ତାହା ଖୁବ୍ ବାସ୍ତବ ଓ ନୂତନ । ତା' ଭିତରେ ଥିବା ଗଣତାନ୍ତ୍ରିକ ଚେତନାଟି ଯେପରି ଭାବରେ ପାଣ୍ଡବମାନଙ୍କ ଚରିତ୍ର ମାଧ୍ୟମରେ ଦର୍ଶାଇ ଦିଆଯାଇଛି, ତାହା ମଧ୍ୟ ସାଂପ୍ରତିକ ପରିପ୍ରେକ୍ଷୀରେ କମ୍ ଆବଶ୍ୟକତା ମେଣ୍ଟାଏ ନାହିଁ । ଅନ୍ୟର କଥା ଓ ଅନ୍ୟର ସାମର୍ଥ୍ୟକୁ ସମ୍ମାନ ଦେବା ଅନ୍ୟତମ ଗଣତାନ୍ତ୍ରିକ ଲକ୍ଷଣ । ଶ୍ରୀକୃଷ୍ଣଙ୍କର ବହୁ ସଂଳାପରେ ଏହା ଫୁଟିଉଠିଛି । ଜଣେ ନେତା ବା ଶ୍ରେଷ୍ଠ ବ୍ୟକ୍ତି ନିଜର ଆଦର୍ଶ ବା ବ୍ୟକ୍ତିଗତ ଅଭିରୁଚିକୁ ନିତ (followers)ମାନଙ୍କ ଉପରେ ଲଦିଦେଇ ସେମାନଙ୍କର ଅନ୍ତର୍ନିହିତ ଶକ୍ତିକୁ ପ୍ରତିହତ କଲେ ଯେଉଁ ଦୁର୍ଯୋଗର ସମ୍ମୁଖୀନ ହେବାକୁ ହୁଏ ତାହା ଅତି ସୁନ୍ଦର ଭାବେ କୁହାଯାଇପାରିଛି । ଜଣେ ବିପ୍ଳବୀ ଭିତରେ ଲୁଚି ରହିଥିବା ବିପ୍ଳବବୋଧକୁ ଉଜ୍ଜୀବିତ କରିବା ପାଇଁ ପାରିପାର୍ଶ୍ୱିକ ମାଧ୍ୟମର ଉପଯୋଗିତା ରହିଥାଏ । ଏଠାରେ ଶ୍ରୀକୃଷ୍ଣଙ୍କ ମଧ୍ୟପାତ୍ରତ୍ୱ ତାହା ତୁଳାଇଛି । ଏଥିରେ

Digitized by srujanika@gmail.com

ଗୋଟିଏ ସତ୍ୟ କୁହାଯାଇଛି – ''ଗୋଟିଏ ବ୍ୟକ୍ତିଗତ ଆଦର୍ଶ ବା ଅଭିରୁଚି ବହୁ ଲୋକଙ୍କୁ ସବୁଦିନ ପାଇଁ ଶାସିତ କରି ରଖିପାରେ ନାହିଁ, ଯେତେବେଳେ ସେଇ ସମୂହ (*mass*)ର ଧୈର୍ଯ୍ୟଚ୍ୟୁତି ଘଟେ, ସେତେବେଳେ ଅବଦମିତ ବହୁ ଅନ୍ତର୍ନିହିତ ବ୍ୟକ୍ତି ଆତ୍ମପ୍ରକାଶ କରେ ଓ ବିପ୍ଳବ ସଂଘଟିତ ହୁଏ। ଏହା ଭିତରେ ସଂଯୋଜିତ ବହୁ ସଂଳାପ ମାର୍କସୀୟ ଦର୍ଶନର ଅନୁପନ୍ଥୀ। ତେଣୁ ଏହାର ସାଂପ୍ରତିକ ମୂଲ୍ୟ ମୋତେ ବହୁତ ଆକୃଷ୍ଟ କଲା। ନାଟକଟିର କାହାଣୀଟିର ସମୟ ପରିଧି ଖୁବ୍ ସୀମିତ ହୋଇଥିବାରୁ ଏହାର ଗତି ମଧ୍ୟ ଦ୍ରୁତ ହୋଇପାରିଛି। ସଂଳାପଗୁଡ଼ିକ ମନଛୁଆଁ। ମୋଟ ଉପରେ ଏହା ଏକ ବିଭାଡକ ନାଟକ। ବାରମ୍ବାର ପର୍ଯ୍ୟାଲୋଚନା କଲେ ଭିନ୍ନ ଭିନ୍ନ ମର୍ମ ଦିଶିଯାଏ।'' (ଡ. ସୁଶାନ୍ତ କୁମାର ଲେଙ୍କା)

ପ୍ରଫେସର ନରେନ୍ଦ୍ର ନାଥ ମିଶ୍ର ନାଟକ ଶୁଣିବା ପରେ ଯେଉଁ ଲିଖିତ ପ୍ରତିକ୍ରିୟା ଦେଇଥିଲେ ତାହା ଏହିପରି – ''ଯୁଦ୍ଧ ଓ ଶାନ୍ତି ସବୁବେଳେ ଏକ ବଡ଼ ପ୍ରଶ୍ନ। ସମାଜ, ଜାତି ପରିବାର ପରି ବ୍ୟକ୍ତି ଜୀବନରେ ପୁରାଣର ପଛଭୂମିରେ ଠିଆ ହୋଇଛନ୍ତି ଚିରାୟତ ମହାନାୟକଙ୍କ ଆତ୍ମସତ୍ତାରେ ଏକାନ୍ତ ସାଧାରଣ ବ୍ୟକ୍ତିପୁରୁଷଗଣ। ଏହି ଭାବରେ ମଧ୍ୟପାତ୍ର ଏକ ଆଧୁନିକ ବୋଧହୁଏ ଅତ୍ୟାଧୁନିକ ନାଟକ। ବ୍ୟକ୍ତିର ଚିନ୍ତା ଓ ଚେତନା, ସ୍ୱାର୍ଥ ଓ ପରାର୍ଥପ୍ରାଣତା, ଅଣୁ ପରିବାରର ଅନ୍ତିମ ଅଭିଳାଷର ମୂର୍ତ୍ତ ପ୍ରତୀକ ରୂପେ ପ୍ରତ୍ୟେକ ନାୟକ ଏକାନ୍ତ ଆଧୁନିକ। ଏମାନଙ୍କ ଉପସ୍ଥାପନାରେ ନାଟ୍ୟକାର ନିଜର ବୌଦ୍ଧିକ ଧାରଣା ଓ ଅନ୍ତଃଦୃଷ୍ଟିର ଗଭୀର ପରିଚୟ ଦେଇଛନ୍ତି। ପୁରାଣ ଏଠାରେ ସାର୍ବଜନୀନ ଭାବ ଅନୁଭବର ବ୍ୟକ୍ତିମନର ବିଶୃଙ୍ଖଳ ଚେତନାରାଜିର ଚିରନ୍ତନ ସତ୍ୟ ଆବିଷ୍କାରର ସାଧନ ରୂପେ ଗୃହୀତ। ଏକ ଦିଗରେ ଗୀତା, ଅନ୍ୟ ଦିଗରେ ସାରଳା ମହାଭାରତ ଓ ଓଡ଼ିଆ ଭାଗବତରୁ ଆହୃତ ଉପାଦାନ ଘେନି ନବକ୍ଲାସିକ୍ ମନୋଭଙ୍ଗୀରେ ନାଟକର ପ୍ରତିଛତ୍ର ହୋଇଉଠିଛି ମହିମାନ୍ୱିତ- ଯଦିବା ଏହାର ଅନ୍ତଃସ୍ୱର ପ୍ରାତ୍ୟହିକ ଲୋକଜୀବନର ଅନ୍ତରଙ୍ଗ ଅନ୍ୱେଷଣରେ ପ୍ରାଣବନ୍ତ ଓ ଆମର ଏକାନ୍ତ ନିକଟତର। x x x ଆଜିକାଲି ମହତ୍ ସାହିତ୍ୟସାଧକ ବିରଳ। ଆଧୁନିକ ଜୀବନର ତୁଚ୍ଛାତିତୁଚ୍ଛ ଘଟଣାରେ ରଙ୍ଗ ବୋଳିବାରେ ଅନେକ ବ୍ୟସ୍ତ। କେତେକ ଭିନ୍ନ ଦେଶର ଗତାୟୁ ସାହିତ୍ୟ ପୃଷ୍ଠାରୁ ଦୃଷ୍ଟାନ୍ତ ଖୋଜି ନବିନତାର ଉପାସକ ସାଜୁଛନ୍ତି। ମାତ୍ର ଏଇ ପୁରାଣଭୂମି ଓଡ଼ିଶା ଏହାର ମହାନ ଜନତା ଓ ବିଚିତ୍ର ଜନମାନସରେ ତାଦାତ୍ମ୍ୟବୋଧ, ମାନବମୈତ୍ରୀ ଓ ସମପ୍ରାଣତାରେ ପୁଷ୍ଟ ଚିରାୟତ ଲୋକସାହିତ୍ୟର ଉପାଦାନ ସହଜରେ ସେମାନଙ୍କ ଦୃଷ୍ଟିରେ ପଡୁନାହିଁ। ନୀଳାଦ୍ରି ଭୂଷଣ ଏହାର ବ୍ୟତିକ୍ରମ। ଆଚାର୍ଯ୍ୟ ସୁଲଭ ବୈଦଗ୍ଧ୍ୟ, ଶିଳ୍ପୀର ସରସତା ଓ ମାନବଦରଦୀର ହୃଦୟବର୍ତ୍ତା ଘେନି ପ୍ରାଣପୂର୍ଣ୍ଣ ଭାଷାରେ ସେ ରଚନା କରିଛନ୍ତି ଏକ ହୃଦୟଗ୍ରାହ୍ୟ କଳାର ଜଗତ। ଆହରଣ ଓ ସମନ୍ୱୟ, ବିଶ୍ଳେଷଣ ଓ ସଂଦର୍ଶନ, ନିର୍ବାଚନ ଓ ନିଃଶ୍ରେୟସ ଭାବନା ଆଦି ମହତ୍ କଳା

Digitized by srujanika@gmail.com

ସୃଷ୍ଟିର ସମସ୍ତ ଉପାଦାନ ଏଥିରେ ଦୁର୍ଲ୍ଲଭ ନୁହେଁ। ନାଟକଟି ବହୁ ପରିମାଣରେ ଇଙ୍ଗିତଧର୍ମୀ।"

ବୃହତ୍ ରାଷ୍ଟ୍ର ନିୟନ୍ତାମାନଙ୍କ ପାରସ୍ପରିକ ଅହମିକାର ସଂଘର୍ଷରେ ବିଶ୍ୱଯୁଦ୍ଧର ଉଦ୍ଭବ ଘଟେ। ସୁଖଶାନ୍ତି ଭୋଗ କରୁଥିବା ଦେଶଗୁଡ଼ିକ ବିନା ଯୁକ୍ତିରେ ପକ୍ଷ ସମର୍ଥନ କରି ପରସ୍ପର ମଧ୍ୟରେ ଯୁଦ୍ଧ କରିବାକୁ ଆଗେଇ ଆସନ୍ତି। ଯୁଦ୍ଧରତ ଦେଶଗୁଡ଼ିକର ଅପରିମିତ ଧନଜୀବନ ଧ୍ୱଂସ ହୁଏ। ଏପରିକି ଗୋଟିଏ ଗୋଟିଏ ସଭ୍ୟତା ବି ଧ୍ୱଂସ ହୋଇଯାଏ। ଯୁଦ୍ଧଜନିତ ସୁଦୂରପ୍ରସାରୀ ଧ୍ୱଂସଶୀଳତାର ନିରାକରଣ ଲାଗି ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ରାଷ୍ଟ୍ରଗୁଡ଼ିକ ନିରସ୍ତ୍ରୀକରଣ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ଲାଗି ଉଦ୍ୟମ କରନ୍ତି। ବୃହତ୍ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏହି ପ୍ରୟାସର ନେତୃତ୍ୱ ନିଅନ୍ତି। ଏହାର ପଶ୍ଚାତ୍‌ପଟରେ କିନ୍ତୁ ଲୁଚି ରହିଥାଏ ଘୋର ଛଳନା ଓ ପ୍ରତାରଣା, ବୃହତ୍ ରାଷ୍ଟ୍ରଗୁଡ଼ିକ ବାହ୍ୟତଃ ଶାନ୍ତିର ପ୍ରଚାର କରୁଥିଲେ ମଧ୍ୟ ନିଜ ନିଜର ସାମରିକ ଶକ୍ତିକୁ ବୃଦ୍ଧି କରିଚାଲିଥାନ୍ତି। ବିଶ୍ୱବ୍ୟାପୀ ଏହି ନିଷ୍ଠୁର ଛଳନାର ସ୍ୱରୂପ ଦର୍ଶାଇବା ଉଦ୍ଦେଶ୍ୟରେ 'ସ୍ୱର୍ଗାରୋହଣ' ନାଟକର ସୃଷ୍ଟି। ନାଟକଟିରେ ଏହି ଆଧୁନିକ ସମସ୍ୟାକୁ ସମନ୍ୱିତ କରାଯାଇଛି ପ୍ରାଚୀନ ମହାଭାରତ କାହାଣୀ କୌରବ-ପାଣ୍ଡବମାନଙ୍କ ମଧ୍ୟରେ ସଂଘଟିତ ମହାଭାରତ ଯୁଦ୍ଧ ସହିତ। ନାଟକର କେତେକ ସଂଳାପରେ ଏହି ଭାବନାଟି ପରିସ୍ଫୁଟ। ଭସ୍ମାଚ୍ଛାଦିତ ଅଗ୍ନିପରି ମଣିଷ ମନର ହିଂସ୍ରତା ଦିନେ ତା ଲେଲିହାନ ଶିଖା ମେଲି ସମଗ୍ର ବିଶ୍ୱସୃଷ୍ଟିକୁ ଧ୍ୱଂସ କରିଦେବ। ପରସ୍ପର ପ୍ରତି ଈର୍ଷାରେ ଆଜି କୁହୁଳି ଉଠୁଛନ୍ତି ବୃହତ୍ ଶକ୍ତିମାନେ। ରକ୍ତ ଲୋଲୁପତାକୁ ଉହାଡ଼ କରିଚାଲିଛି ଶାନ୍ତିର ପ୍ରଚାର। କିଏ ଆଉ ଏତେବେଳେ ସେମାନଙ୍କ କରାଳଗ୍ରାସକୁ ନିରାଶ୍ରୟ ପୃଥିବୀକୁ ରକ୍ଷା କରିବ? କିଏ? x x x "ଉଭୟଙ୍କ କ୍ଷମତା ଦ୍ୱନ୍ଦ୍ୱର ଚରମ ପରିଣତି ଘଟିଲା ମହାଭାରତ ଯୁଦ୍ଧରେ। ସାମାନ୍ୟ ଅଗ୍ନିଶିଖା ପ୍ରଚଣ୍ଡ ଦାବାନଳ ହୋଇ ଗୋଟିଏ ମୁହୂର୍ତ୍ତରେ ଗ୍ରାସ କରିଗଲା ବିରାଟ ମାନବଗୋଷ୍ଠୀକୁ। ମହାନ ଭାରତୀୟ ସଭ୍ୟତାର ଧ୍ୱଂସସ୍ତୂପ ଛଡ଼ା କ'ଣ ଆଉ ବାକିଅଛି ଆଜି?" x x x "ମଣିଷର ଏ ଅହଙ୍କାର କି ନିର୍ମମଃ! ନିଜର ଗୌରବ ପ୍ରତିଷ୍ଠା କରିବାକୁ ଯାଇ କେଡ଼େ ଅନାୟାସରେ ଅଜସ୍ର ନିରୀହଲୋକଙ୍କ ଜୀବନଦୀପକୁ ଲିଭାଇ ଦେଇପାରେ ସେ? ଅନ୍ୟର ଐଶ୍ୱର୍ଯ୍ୟରେ ଈର୍ଷାନ୍ୱିତ ହୋଇ ସୁନ୍ଦର ସୃଷ୍ଟିଟିକୁ ନିଶ୍ଚିହ୍ନ କରିଦେବାକୁ ତ ଟିକିଏ ବି କୁଣ୍ଠିତ ହୁଏନାହିଁ। ମଣିଷର ବିବେକ କ'ଣ ଚିରଦିନ ପାଇଁ ହଜିଯାଇଛି କେଉଁ ଅନନ୍ତ ଗହ୍ୱରରେ? ସବୁଦିନ କ'ଣ ତାକୁ ଅବଲୁପ୍ତ କରି ରଖିପାରିବ ଅନ୍ଧୀଭୂତ ହିଂସ୍ରତା! ଆଉ ଆଲୋକ ନାହିଁ? କେବଳ ଅନ୍ଧକାର!"

ସାଂପ୍ରତିକ ଜଗତର ଘଟଣା ସହିତ ମହାଭାରତର ଘଟଣାକୁ ସମନ୍ୱିତ କରାଯାଇଛି ଭିନ୍ନ ଭିନ୍ନ ଦୃଶ୍ୟରେ। ମହାଭାରତର ସଂଜୟ ନାଟକର ସଂଯୋଜିତ ଚରିତ୍ର ଭାବେ

Digitized by srujanika@gmail.com

ଗୃହୀତ। ସାଧାରଣ ସଂଯୋଜକ ଚରିତ୍ର ପରି ଏହା କେବଳ ଘୋଷଣାକାରୀ ନୁହେଁ ଏକ ସମ୍ବେଦନଶୀଳ, ସକ୍ରିୟ ଓ ପ୍ରଭାବଶାଳୀ ଚରିତ୍ର। ସାଂପ୍ରତିକ ସମସ୍ୟାକୁ ଅତୀତ ସହିତ ସଂଯୁକ୍ତ କରିବାକୁ ଅନ୍ୟଦୁଇଟି ସାଧାରଣ ଲୋକଚରିତ୍ର ମଧ୍ୟ ଦିଆଯାଇଛି। ପ୍ରକାଶକ ଗୋବିନ୍ଦ-ଚରଣ ପାତ୍ରଙ୍କ ଦ୍ୱାରା ଓଡ଼ିଶା ବୁକ୍ ଷ୍ଟୋର ପକ୍ଷରୁ 'ସ୍ୱର୍ଗାରୋହଣ' ଓ 'ମଧ୍ୟପାତ୍ର' ଏକତ୍ର ପ୍ରକାଶ ପାଇଥିଲା। ପୂର୍ବରୁ ଝଙ୍କାରରେ ମଧ୍ୟ ନାଟକ ଦୁଇଟି ପ୍ରକାଶିତ ହୋଇଥିଲା। ସ୍ୱର୍ଗାରୋହଣ ନାଟକ ବିଶ୍ୱଭାରତୀର ରଙ୍ଗମଞ୍ଚରେ ଅଭିନୀତ ହୋଇ ବହୁ ଭିନ୍ନଭାଷୀ ଦର୍ଶକମାନଙ୍କ ଉଚ୍ଚପ୍ରଶଂସା ଲାଭ କରିଥିଲା।

ଏହାପୂର୍ବରୁ ପ୍ରକାଶକ ଅନନ୍ତ ମିଶ୍ରଙ୍କ ଦ୍ୱାରା କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍ ପକ୍ଷରୁ ପ୍ରକାଶିତ ହୋଇଥାଏ 'ନିରାପଦ ଭବିଷ୍ୟତ'। ଏଥିରେ ଆଉ ଦୁଇଟି ନାଟକ 'ପୁଣ୍ୟଭୂମି ଭାରତ' ଓ 'ବତାସ ନିସ୍ତବ୍ଧ ଆଜି' ସଂଯୁକ୍ତ। ପୁଣ୍ୟଭୂମି ଭାରତ ରାମାୟଣର କେତୋଟି ଭିନ୍ନ ଭିନ୍ନ ଚରିତ୍ର ସମାବେଶରେ ଲିଖିତ ଆଧୁନିକ ଭାବାବୋଧର ନାଟକ। କ୍ଷମତାଧର ବ୍ୟକ୍ତିମାନଙ୍କର ସମସ୍ତ ଅନ୍ୟାୟ, ଅବିଚାର ସାଧାରଣ ଲୋକଙ୍କ ଭିତରେ ନ୍ୟାୟୋଚିତ କାର୍ଯ୍ୟଭାବେ ଗୃହୀତ ହୋଇଥାଏ। କେହି ଏ ବିଷୟରେ ପ୍ରଶ୍ନ କରନ୍ତି ନାହିଁ। ପ୍ରତିବାଦର ସ୍ୱର ଉଠାନ୍ତି ନାହିଁ। ସମସ୍ତ ପାପକାର୍ଯ୍ୟ ବ୍ୟାଖ୍ୟାୟିକ ହୁଏ ପୁଣ୍ୟ କାର୍ଯ୍ୟ ଭାବରେ। ପରମ ତପସ୍ୱୀ ଶୂଦ୍ରକ ଜଣେ ଶୂଦ୍ର ହୋଇ କଠୋର ତପସ୍ୟା କରିବା ଘଟଣାକୁ ବ୍ରାହ୍ମଣମାନଙ୍କ ପ୍ରରୋଚନାରେ ନ୍ୟାୟନିଷ୍ଠ ରାମଚନ୍ଦ୍ର ଘୋର ଅନ୍ୟାୟ ଓ ମହାପାପ ବୋଲି ବିବେଚନା କଲେ। ପାପ ଦୂର କରିବା ପାଇଁ ପରତ ଅବସ୍ଥାରେ ନିର୍ମମ ଭାବେ ନିରୀହ ତପସ୍ୱୀର ଶିରଚ୍ଛେଦନ କଲେ। ମହାବଳୀ ବଳି ସହିତ କୌଣସି ଶତ୍ରୁତା ନଥିବା ସତ୍ତ୍ୱେ ତା' ସହିତ ସମ୍ମୁଖୀନ ନ ହୋଇପାରି ଶର ନିକ୍ଷେପ କରି ତାକୁ ହତ୍ୟା କଲେ। ତାରା ଓ ମନ୍ଦୋଦରୀଙ୍କ ସ୍ୱାମୀମାନଙ୍କୁ ହତ୍ୟାକରି ସେମାନଙ୍କ ଇଚ୍ଛା ବିରୁଦ୍ଧରେ ବିବାହ କରାଇଲେ। ଅତ୍ୟନ୍ତ ଅନ୍ୟାୟଭାବେ ନିଜର ସହଧର୍ମିଣୀ ସତି ସୀତାଙ୍କୁ ବାରମ୍ବାର ସନ୍ଦେହ କରି ଅଗ୍ନିପରୀକ୍ଷା କରାଇଲେ। ଏ ସମସ୍ତ କାର୍ଯ୍ୟ ସାଧାରଣ ସମାଜରେ ଜଘନ୍ୟ ବିବେଚିତ ହେଲେ ମଧ୍ୟ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବାରୁ ପୁଣ୍ୟ କାର୍ଯ୍ୟଭାବେ ବିବେଚିତ ହେଉଛି। ପୁଣ୍ୟଭୂମି ଭାରତବର୍ଷର ବକ୍ତବ୍ୟ ଧର୍ମୀୟ ବିଚାରରେ ଅନେକ ଅନ୍ୟାୟ, ଅବିଚାର ପୁଣ୍ୟଭାବେ ସ୍ୱୀକୃତି ପାଏ। 'ନିରାପଦ ଭବିଷ୍ୟତ' ନାଟକଟି ପ୍ରଥମେ 'ବିକ୍ରିତ ପୌରୁଷ' ନାମରେ ଆକାଶବାଣୀ କଟକରୁ ପ୍ରସାରିତ ହୋଇଥିଲା। ଅଜ୍ଞାତ ବାସ ସମୟରେ ଯୁଧିଷ୍ଠିରଙ୍କ ସମେତ ପଞ୍ଚପାଣ୍ଡବ ଓ ଦ୍ରୌପଦୀ ବିରାଟ ରାଜାର ଦାସତ୍ୱ ବରଣ କରି ନାନାଭାବେ ଲାଞ୍ଛିତ ଓ ଅପମାନିତ ହୋଇଥିଲେ। ଦ୍ରୌପଦୀ କିଚକ ଦ୍ୱାରା ଧର୍ଷଣର ସମ୍ମୁଖୀନ ହେବାବେଳେ ଭୀମଙ୍କ ଛଡ଼ା କେହି ତାଙ୍କର ସହାୟକ ହୋଇନଥିଲେ। ବିରାଟ ରାଜା

Digitized by srujanika@gmail.com

ଦ୍ରୌପଦୀଙ୍କୁ ଦୁଶ୍ଚରିତା, ଦାସୀ କହି କିଚକର ଭୋଗ୍ୟ ହେବାକୁ ନିର୍ଦ୍ଦେଶ ଦେଇଥିଲା। ଅନମନୀୟ ବ୍ୟକ୍ତିତ୍ୱର ଅଧିକାରୀ ସ୍ୱାଧୀନଚେତା ଭୀମ କିନ୍ତୁ ପ୍ରତି ମୁହୂର୍ତ୍ତରେ ଅନ୍ୟାୟର ପ୍ରତିରୋଧ କରିଛନ୍ତି। ଘଟଣାଚକ୍ରରେ ମଣିଷ ନିଜଠାରୁ ନିକୃଷ୍ଟ ବ୍ୟକ୍ତି ନିକଟରେ ଆତ୍ମବିକ୍ରୟ କରି କିପରି ମାନସିକ ଯନ୍ତ୍ରଣା ଓ ଲାଞ୍ଛନାର ସମ୍ମୁଖୀନ ହୁଏ ତାହା ହିଁ 'ନିରାପଦ ଭବିଷ୍ୟତ' ନାଟକର ବକ୍ତବ୍ୟ। ନାଟକଟିରେ ଘୋଷଣାକାରୀ ଚରିତ୍ରଭାବରେ ପୁରାଣ ପଣ୍ଡା ସାରଳା ମହାଭାରତର ନାଟ୍ୟଘଟଣା ଅନୁସାରେ ପଂକ୍ତିଗୁଡ଼ିକର ପାଠ କରିଛନ୍ତି। ଏହା ଏକ ଅଭିନବ ବର୍ଣ୍ଣନାତ୍ମକ ଶୈଳୀ। 'ବତାଶ ନିସ୍ତବ୍ଧ ଆଜି' ଆଧୁନିକ ଭାବବୋଧ ସମନ୍ୱିତ ଏକ ଐତିହାସିକ ଟ୍ରାଜେଡ଼ି। କପିଳେନ୍ଦ୍ର ଦେବ ଯେପରି ଭାବେ ଦିଗ୍‌ବିଜୟୀ ଜ୍ୟେଷ୍ଠପୁତ୍ର ହମ୍ୱୀର୍‌ଦେବଙ୍କୁ ବଞ୍ଚିତ କରି ତୋଷାମଦକାରୀ ଦାସୀପୁତ୍ର ପୁରୁଷୋତ୍ତମଙ୍କୁ ଓଡ଼ିଶାର ରାଜ୍ୟ ସିଂହାସନ ଅନ୍ୟାୟ ଭାବେ ପ୍ରଦାନ କଲେ ତା'ର ମର୍ମସ୍ପର୍ଶୀ 'ନେପଥ୍ୟ କାହାଣୀ' ନାଟକଟିରେ ରୂପାୟିତ। ଆଜିବି ବହୁତ ଯୋଗ୍ୟବ୍ୟକ୍ତି ନିଜର ଯଥେଷ୍ଟ କୃତିତ୍ୱ ଥିବା ସତ୍ତ୍ୱେ ବିଚାରକମାନଙ୍କ ପକ୍ଷପାତିତା ଯୋଗୁଁ ଉପଯୁକ୍ତ ଆସନ ପାଇବାରୁ ବଞ୍ଚିତ ହେଉଛନ୍ତି। ନିକୃଷ୍ଟ ଉତ୍କୃଷ୍ଟ ଭାବରେ ବିବେଚିତ ହେଉଛି। ବର୍ତ୍ତମାନ ସମୟରେ ଏହି ପ୍ରକାର ପ୍ରବଞ୍ଚନାର ଯନ୍ତ୍ରଣା ଭୋଗ କରୁଛନ୍ତି ବହୁ କୃତିତ୍ୱ ସମ୍ପନ୍ନ ବ୍ୟକ୍ତି। ଜଣେ ସମ୍ବେଦନଶୀଳ ଇତିହାସକାର ନାଟକଟିର ଘୋଷଣାକାରୀ ଚରିତ୍ର। ନାଟକ ତିନୋଟିରେ ପ୍ରଦର୍ଶିତ ହୋଇଛି ଇତିହାସର ପୁନରାବର୍ତ୍ତନ। ବର୍ତ୍ତମାନର ଅତୀତର ପ୍ରତିଫଳନ। ଏହି ଏପିକ୍ ନାଟକଗୁଡ଼ିକର ବର୍ଣ୍ଣନାଶୈଳୀ ଅନନୁସୃତ ଏବଂ ମୌଳିକ।

'ଅନୁଶାସନ' ନାଟକଟି ମୂଳରୁ ଲେଖିଥିଲି ବଙ୍ଗଳାରେ। ଗୋଟିଏ ବଙ୍ଗଳା ନାଟ୍ୟପତ୍ରିକାର ସଂପାଦକ ନାଟକଟିକୁ ପ୍ରକାଶ କରିବାକୁ ଆଗ୍ରହ ଦେଖାଇଥିଲେ। କିନ୍ତୁ ପତ୍ରିକାର ଅନିୟମିତତା ହେତୁ ପ୍ରକାଶରେ ବହୁ ବିଳମ୍ବ ହେବାରୁ ତାକୁ ଓଡ଼ିଆରେ ଅନୁବାଦ କରି ସମ୍ବାଦର ପ୍ରଥମ ବାର୍ଷିକ ବିଶେଷାଙ୍କରେ ଛାପିଥିଲି। ପରେ ଏହା ହାଇସ୍କୁଲର ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ରହିଥିଲା। ନାଟକଟିର ବକ୍ତବ୍ୟ-କ୍ଷମତାଧାରୀମାନେ ନିଜର ସମସ୍ତ ଅନ୍ୟାୟ କାର୍ଯ୍ୟକୁ ନ୍ୟାୟୋଚିତ କାର୍ଯ୍ୟଭାବେ ବିଚାର କରନ୍ତି। ମହାଭାରତ ପଚ୍ଛଭୂମିରେ ଏହି ଭାବବୋଧଟି ଉପସ୍ଥାପିତ।

'କଲମ୍ବସ୍' ଐତିହାସିକ କଥାବସ୍ତୁ ସମ୍ବଳିତ ଏକ ଉତ୍କଣ୍ଠାମୂଳକ ନାଟକ। କଲମ୍ବସ୍‌ଙ୍କ ଦୁଃସାହସିକ ଜଳଯାତ୍ରା ଏବଂ ବହୁ ହତାଶା, ଅପାମାନ, ଭୟ ଓ ବିପଦର ସମ୍ମୁଖୀନ ହେବାପରେ ଆମେରିକା ଆବିଷ୍କାର ଉପରେ ନାଟକଟି ଆଧାରିତ। ସମସ୍ତ ପ୍ରତିବଂଧକ, ବାଧାବିପଦ ସତ୍ତ୍ୱେ ଅସାଧାରଣ ଦୁଃସାହସିକତା ପୂର୍ଣ୍ଣ ସାଗର ବିଜୟର ସଂଘର୍ଷମୂଳକ କାହାଣୀ ଗଭୀର ଉତ୍କଣ୍ଠା ସୃଷ୍ଟି କରିବାକୁ ସମର୍ଥ। ନାଟକର ବକ୍ତବ୍ୟ-

Digitized by srujanika@gmail.com

ଜୀବନର ଅନ୍ୟନାମ ଦୁଃସାହସିକ ଅଭିଯାନ। ନାଟକଟି ଆକାଶବାଣୀ, କଟକ ଦ୍ୱାରା ପ୍ରସାରିତ ହେବା ପରେ ବ୍ରହ୍ମପୁରର ବିଜୟ ବୁକ୍ ଷ୍ଟୋର ଦ୍ୱାରା ପ୍ରକାଶିତ ହୋଇଥିଲା।

'ଭୀମଭୋଇଙ୍କ ସନ୍ଧାନରେ' ଏକ ବହୁଚର୍ଚ୍ଚିତ ନାଟକ। ଏହା ପ୍ରଥମେ 'ଝଙ୍କାର'ର ଏକ ବିଷୁବ ସଂଖ୍ୟାରେ ପ୍ରକାଶିତ ହୋଇ ବହୁ ସାହିତ୍ୟିକଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥିଲା। ପରେ କେତେକ କଲେଜ ଓ ନାଟ୍ୟାନୁଷ୍ଠାନ ଦ୍ୱାରା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଭିନୀତ ହୋଇଛି। ନାଟକଟି ଓଡ଼ିଶା ମାଟିରେ ଥାର୍ଡ଼ ଥିଏଟର୍‌ର ପ୍ରଥମ ପରୀକ୍ଷା। ଏକ ବିସ୍ତୃତ ପଟ୍ଟଭୂମିରେ ପରିକଳ୍ପିତ ନାଟକଟି ସାଂପ୍ରତିକ ଭାରତବର୍ଷର ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ମୂଲ୍ୟବୋଧଗତ ଅବକ୍ଷୟର ଏକ ବ୍ୟଙ୍ଗାତ୍ମକ ରୂପାୟନ। ସମାଜ ଯେତେବେଳେ ଘୋର ନୈରାଶ୍ୟ ଭିତରେ ଦିଗହରା ହୋଇପଡ଼େ, ସେତିକିବେଳେ ତାକୁ ରକ୍ଷା କରିବାକୁ ଆବିର୍ଭାବ ଘଟେ ଭୀମଭୋଇଙ୍କ ପରି ଜଣେ ଜଣେ ମାନବବାଦୀ ମହାପୁରୁଷଙ୍କର। ସେମାନଙ୍କର ସଂସ୍ପର୍ଶରେ ବିଷାଦଗ୍ରସ୍ତ ମଣିଷ ହୃଦୟ ନୂତନ ଆଶାର ଆଲୋକରେ ଉଦ୍‌ଭାସିତ ହୋଇଉଠେ। ମାତ୍ର ଚାରୋଟି ଚରିତ୍ର ମାଧ୍ୟମରେ ଭାରତବର୍ଷର ଦୁଃସ୍ଥିତି ଚରିତ୍ର-ରୂପାନ୍ତର, ଶରୀର ସ୍ଥାପତ୍ୟ ଦ୍ୱାରା ଦୃଶ୍ୟସର୍ଜନା, ବ୍ୟଙ୍ଗାତ୍ମକ ସଂଳାପ ଓ ଦ୍ରୁତ ଅଭିନୟ ସମାବେଶରେ ଉପସ୍ଥାପିତ। ଭୀମଭୋଇ ନାମକ କୌଣସି ନିର୍ଦ୍ଦିଷ୍ଟ ଚରିତ୍ର ମଞ୍ଚପ୍ରବେଶ କରିନାହାନ୍ତି। ଭୀମଭୋଇଙ୍କୁ ବିପଥଗାମୀ ମଣିଷର ତ୍ରାଣକର୍ତ୍ତା ରୂପେ ମିଥିକାଲ୍ ଉପସ୍ଥାପନ କରାଯାଇଛି। ନାଟକର ଉପସଂହାରରେ ପ୍ରଦତ୍ତ ଏକ ସଂଳାପରେ ଉପସ୍ଥାପିତ ହୋଇଛି ନାଟ୍ୟକାରର ବାଣୀ। "ଭୀମ ଭୋଇ ମାନେ ସହଜରେ ମରିଯାଆନ୍ତି ନାହିଁ। ସେମାନେ ବାରମ୍ବାର ଜନ୍ମ ହୁଅନ୍ତି ଅନ୍ଧକାର ଭିତରେ ଦୀପଶିଖାଟିଏ ହୋଇ ଜଳିବାକୁ। x x x ମେରିଆ ଦେହରୁ ଜିଅନ୍ତା ଅବସ୍ଥାରେ ମାଂସ କାଟିନେବାକୁ ଯେଉଁଠି ଲୋକେ ଜଗି ବସିଥାନ୍ତି ସେଇଠି ଆବିର୍ଭାବ ଘଟେ ଜଣେ ଭୀମଭୋଇଙ୍କର ଯାହାଙ୍କର କାହାଠୁ କିଛି ପ୍ରାପ୍ୟ ନାହିଁ। ହାତରୁ ଛୁରୀ ପକାଇଦେଇ ସମସ୍ତେ ତାକୁ ଚାହିଁ ରହନ୍ତି ବିସ୍ମୟ ବିମୂଢ଼ ଭଙ୍ଗୀରେ। ସେହି ବିମୂଢ଼ତା ଭିତରେ ଭାରତବର୍ଷ ବଞ୍ଚିଯାଏ ଆଉ ଗୋଟିଏ ମୁହୂର୍ତ୍ତ।"

ମୂଳ ନାଟକଟି ସହିତ ପୁସ୍ତକାଗାରରେ ଆଉ ଚାରୋଟି ଆକାଶବାଣୀ ପ୍ରସାରିତ ନାଟକ ସଂଯୋଜିତ, ଯଥା- 'ରାଜପଥ ଗ୍ରାମପଥ', 'ରତ୍ନାକର ରାସ୍ତା', 'ଆଶ୍ଚର୍ଯ୍ୟ ମଣିଷ', 'ଅନୁଶାସନ'। ଗ୍ରାମଜୀବନ ଆଉ ଶାନ୍ତ, ସରଳ, ସ୍ୱଚ୍ଛ, ଅକୃତ୍ରିମ ହୋଇ ରହିନାହିଁ। ଏହା କୃତ୍ରିମ ସହରୀ ସଭ୍ୟତା ଓ ନୀତିହୀନ ରାଜନୀତିର ପ୍ରଭାବରେ ହୋଇଉଠିଛି ଅଶାନ୍ତ। ଗ୍ରାମ୍ୟମଣିଷ ମନରେ ବହୁ ଜଟିଳତା ବରିଯାଇଛି। ସହର ଭଳି ଈର୍ଷା, ଅସୂୟା, ହିଂସ୍ରତା, ପରଶ୍ରୀକାତରତା, ପ୍ରତାରଣା, କୁଟୀଳତା, ଶୋଷଣ ପ୍ରଭୃତି କାମୁକତା, ଭ୍ରଷ୍ଟାଚାର ଗ୍ରାମାଞ୍ଚଳକୁ ବିଷାକ୍ତ କରିପକାଇଛି। ଏହି ଭାବବୋଧଟି 'ରାଜପଥ ଗ୍ରାମପଥ' ନାଟକରେ ଆଭାସିତ।

Digitized by srujanika@gmail.com

ସହରରେ ଚାକିରି କରୁଥିବା ଜଣେ ସରକାରୀ କର୍ମଚାରୀଙ୍କର ସବୁବେଳେ ମନେପଡୁଛି ଗାଁର ପରିବେଶ ଓ ଶୈଶବ ସ୍ମୃତି। ସେ ଅବସର ନେବାପରେ ଗାଁକୁ ଫେରିଯିବାର ଇଚ୍ଛାରେ ସହରରେ କୌଣସି ଘର କରିନାହାନ୍ତି। ପରିବାରର ବିରୋଧ ସତ୍ତ୍ୱେ ଚାକିରି ସମାପ୍ତି ସେ ଗାଁକୁ ଫେରିଯାଇଛନ୍ତି। କିନ୍ତୁ ଗାଁର ପରିବେଶ ଏପରି ହୋଇଉଠିଛି ଯେ ସେ ଆଉ ତାଙ୍କର ଅତୀତକୁ ଆଉ ଖୋଜି ପାଉନାହାନ୍ତି। ଗ୍ରାମ୍ୟ ରାଜନୀତି ଓ ସ୍ୱାର୍ଥପରତାରେ ଅତିଷ୍ଠ ହୋଇ ଅଳ୍ପଦିନ ଭିତରେ ଛାତିରେ ଗଭୀର ଦୁଃଖ ନେଇ ସେ ଫେରି ଆସିଛନ୍ତି ସହରକୁ। ରତ୍ନାକରର ରାସ୍ତାରେ ସରକାରୀ କର୍ମଚାରୀମାନଙ୍କର ଅସମାପ୍ତ ଅର୍ଥ ପିପାସା, ଜଙ୍ଗଲ ରକ୍ଷକମାନଙ୍କ ଦ୍ୱାରା ଜଙ୍ଗଲର ଧ୍ୱଂସସାଧନ ଓ ବନ୍ୟ ସଂପଦର ଅପହରଣ, ପାରମ୍ପରିକ ମୂଲ୍ୟବୋଧର ଅସ୍ୱୀକାର ପ୍ରଭୃତି ସମସ୍ୟା ଉପସ୍ଥାପିତ। ଇଂରେଜୀ ମାଧ୍ୟମ ସ୍କୁଲ ଶିକ୍ଷା ଯୋଗୁଁ ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧ କିପରି ପ୍ରଚଣ୍ଡ ଅବକ୍ଷୟର ସମ୍ମୁଖୀନ ହୋଇଛି, ତା'ର ଏକ ଚିତ୍ର 'ଆଶ୍ଚର୍ଯ୍ୟ ମଣିଷ'ରେ ରୂପାୟିତ। 'ଭୀମଭୋଇଙ୍କ ସନ୍ଧାନରେ' ନାଟକଟି ପ୍ରକାଶକ ଶ୍ରୀ ନୃସିଂହ ପ୍ରସାଦ ମିଶ୍ରଙ୍କ ଦ୍ୱାରା କଟକ ଷ୍ଟୁଡ଼େଣ୍ଟ ଷ୍ଟୋର ପକ୍ଷରୁ ପ୍ରକାଶିତ।

'ଜଟାୟୁର ଛିନ୍ନଡେଣା', 'କଲୁରୀବେଣ୍ଟ', 'ମଇଁଷିର ପାଶ ନ ଯାଅ ଦନାଇ' ପ୍ରଭୃତି ତିନୋଟି ନାଟକର ସମାବେଶରେ 'ଜଟାୟୁର ଛିନ୍ନଡେଣା' ପୁସ୍ତକଟି ଡ. ଗିରିଶ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଆର୍ଯ୍ୟ ପ୍ରକାଶନରୁ ପ୍ରକାଶିତ। ବର୍ତ୍ତମାନ ସମୟରେ ନିଃସ୍ୱାର୍ଥପର, ପରୋପକାରୀ, ସତ୍‌ଜନସେବକମାନଙ୍କ ହାତରୁ ରାଜନୀତି ଚାଲିଯାଉଛି ଅସାଧୁ ବ୍ୟବସାୟୀମାନଙ୍କ ହାତକୁ। ନିର୍ବାଚନ ରାଜନୀତିରେ ଯଥାର୍ଥ ସମାଜସେବୀ ମାନଙ୍କର ସ୍ଥାନ ନାହିଁ। ଭୋଟ ପାଇବା ପାଇଁ ଅର୍ଥ ହିଁହୋଇଛି ମୂଳଅସ୍ତ୍ର। ଅର୍ଥ ନିକଟରେ ପ୍ରାଣୀର ଯୋଗ୍ୟତା ଅଯୋଗ୍ୟତା, ନୀତି-ଅନୀତି, ଭଲ-ମନ୍ଦର ବିଚାର କିଛି ନାହିଁ। ନୀତିନିଷ୍ଠ ରାଜନୀତିର ପରାଜୟର ଏକ କରୁଣ କାହାଣୀ ଅବଲମ୍ବନରେ 'ଜଟାୟୁର ଛିନ୍ନଡେଣା' ନାଟକ ଲିଖିତ। ଚାକିରି କ୍ଷେତ୍ରରେ କ୍ଷମତାଶାଳୀ ଉଚ୍ଚକର୍ତ୍ତାମାନଙ୍କର ଅଧସ୍ଥନ କର୍ମଚାରୀମାନଙ୍କ ପ୍ରତି ଅନ୍ୟାୟ, ଅବିଚାର, ଶୋଷଣ ଓ ନୀତିହୀନତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସାହାସ ନ ଥାଏ କାହାର। ନିମ୍ନ କର୍ମଚାରୀମାନେ କେବଳ ଭୟରେ ଆଦେଶ ପାଳନ କରନ୍ତି। ଅରଣା ମଇଁଷିକୁ ଭୟ କଲାପରି ପ୍ରାୟ ପ୍ରତ୍ୟେକ ଲୋକ ବାଲ୍ୟକାଳରୁ ଆରମ୍ଭ କରି ସମାଜରେ ପ୍ରତିଷ୍ଠା ପାଇବା ପର୍ଯ୍ୟନ୍ତ ଏପରିକି ଜୀବନ ଶେଷ ପର୍ଯ୍ୟନ୍ତ ଶକ୍ତିଧରମାନଙ୍କୁ ଭୟ କରି ଚାଲନ୍ତି। ହୃଦୟରେ ଜଳୁଥିବା କ୍ରୋଧର ନିଆଁ ଚିରଦିନ ଅବଦମିତ ହୋଇରହେ। ନିଷ୍ପେସିତ ଶକ୍ତିଟି ଦିନେ ଜାଗ୍ରତ ହୋଇ ଅରଣା ମଇଁଷିକୁ ଧରାଶାୟୀ କରିପାରେ। ଏପରି ଏକ କଥାବସ୍ତୁକୁ ନେଇ 'ମଇଁଷିର ପାଶ ନଯାଅ ଦନାଇ' ପରକଳ୍ପିତ। ନାଟକଟି ଆକାଶବାଣୀ, କଟକ ଦ୍ୱାରା ପ୍ରସାରିତ ଓ ଝଙ୍କାରରେ ପ୍ରକାଶିତ।

Digitized by srujanika@gmail.com

କଲୁରୀ ବେଣ୍ଟ ଲୋକକାହାଣୀ ଅତ୍ୟନ୍ତ ଜନପ୍ରିୟ । ପାଚିଲା କଲରାକୁ ଖାଇବା ପାଇଁ ବିଚରା କାଉଟି ବହୁତ ଚେଷ୍ଟା କଲା । ବିଭିନ୍ନ ସ୍ଥାନକୁ ଦୌଡ଼ିଲା କ୍ରମାଗତ ଭାବେ । କିନ୍ତୁ ସବୁଠାରେ ତାକୁ ଅପେକ୍ଷା କରି ରହିଥାଏ ହତାଶା । ବେଳକୁ ବେଳ ହତାଶା ବଢ଼ି ବଢ଼ିଯାଏ କେବଳ । ଶେଷରେ ସେ ମୃତ୍ୟୁବରଣ କରିଛି ଛାତିରେ ଅସମାପ୍ତ ଅବେଶୋଷ ନେଇ । ଏପିକ୍ ନାଟ୍ୟରୀତିରେ ଲିଖିତ ବହୁ ଚର୍ଚ୍ଚିତ ନାଟକ 'କଲୁରୀବେଣ୍ଟ'ରେ ଏହି ଲୋକମିଥ୍‌ଟି ପ୍ରଯୁଜ୍ୟ । ଅଭୟାରଣ୍ୟ ଡାକବଙ୍ଗଳାର ଚୌକିଦାରଟି କାଉ ଭଳି ନୀରିହ ଜୀବଟିଏ । ପଶୁମାନଙ୍କ ପ୍ରତି ତା'ର ଗଭୀର ମମତା । ସେ ହିଁ ନିଜକୁ ସେମାନଙ୍କର ପ୍ରଧାନ ରକ୍ଷକ ବୋଲି ଭାବିନେଇଥାଏ । ଡାକବଙ୍ଗଳାକୁ ଆସି ବନ୍ଧୁମାନଙ୍କୁ ଭୋଜିରେ ଆପ୍ୟାୟିତ କରିବା ପାଇଁ ବନ୍ୟଜନ୍ତୁଟିଏ ଶିକାର କରିଥିବା ଜଣେ ପଦସ୍ଥ ଜଙ୍ଗଲ ବିଭାଗୀୟ ଅଫିସରଙ୍କ ଅନ୍ୟାୟ କାର୍ଯ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାଗକୁ ପଶ୍ଚାତ୍‌ପଦ ହୋଇନାହିଁ ଚୌକିଦାରଟି । ଏଥିପାଇଁ ତାକୁ ଚାକିରିରୁ ନିଲମ୍ବିତ ହେବାକୁ ପଡ଼ିଛି । ତଥାପି ସେ ପ୍ରତିବାଦ କରିବା ଛାଡ଼ିନାହିଁ । ତା'କୁ ଉପର ପର୍ଯ୍ୟନ୍ତ ପାହାଚ ପାହାଚ ହୋଇ ବଡ଼ ସାହେବଙ୍କ ପର୍ଯ୍ୟନ୍ତ ସର୍ବୋଚ୍ଚ କର୍ତ୍ତାଙ୍କ ଠାରୁ ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ, ଚତୁର୍ଥ ଶ୍ରେଣୀ କର୍ମଚାରୀ ୟୁନିଅନ୍‌ଙ୍କ ଠାରୁ ଆରମ୍ଭ କରି ଖବରକାଗଜ ସଂପାଦକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଦ୍ୱାରସ୍ଥ ହୋଇଛି । କିନ୍ତୁ କେହି ତା'ର ଗୁହାରୀ ଶୁଣି ନାହାନ୍ତି । ପାରସ୍ପରିକ ସ୍ୱାର୍ଥସମ୍ପର୍କ ଯୋଗୁଁ ସମସ୍ତେ ସହାନୁଭୂତି ପ୍ରକାଶ କଲେ ମଧ୍ୟ ଅନ୍ୟାୟର ପ୍ରତିକାର ପାଇଁ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି । ସମସ୍ତେ ଉପଦେଶ ଦେଇଛନ୍ତି ଉପରିସ୍ଥ ଅଫିସରଙ୍କ ବିରୁଦ୍ଧରେ ଅଭିଯୋଗ କରିବା କାର୍ଯ୍ୟରୁ ବିରତ ହେବାକୁ । ଚୌକିଦାର ଶେଷରେ ଚାକିରିରୁ ବହିଷ୍କୃତ ହୋଇଛି । ତା'ର ପେନ୍‌ସନ୍ ପ୍ରାପ୍ୟ ବି ମିଳିନାହିଁ । ନ୍ୟାୟ ପାଇଁ ଲଢ଼ି ଲଢ଼ି ଶେଷରେ କାଉଟି ପରି ଚରମ ହତାଶାର ସମ୍ମୁଖୀନ ହୋଇଛି ସେ । କିନ୍ତୁ ସମସ୍ତ ଦୁଃସ୍ଥିତି ସତ୍ତ୍ୱେ ଅନ୍ୟାୟ ବିରୁଦ୍ଧରେ ଜୀବନବ୍ୟାପୀ ସଂଗ୍ରାମ ଚଳାଇବାକୁ ନିଷ୍ପତ୍ତି ନେଇଛି । ସତ୍ୟ ଓ ଧର୍ମର ବିଜୟ ଦିନେ ନା ଦିନେ ସମ୍ଭବ ଭାବି ଆଶ୍ୱାସିତ ଭାବେ ଅପେକ୍ଷା କରିଛି । ନାଟକଟିର ଘୋଷକ ଚରିତ୍ର ସାମ୍ବାଦିକ ପ୍ରତିଟି ଘଟଣାର ଘୋଷଣା ସହିତ ମନ୍ତବ୍ୟ ପ୍ରକାଶ କରିଛି । ଘଟଣା ପ୍ରବାହର ସମ୍ବନ୍ଧ ସ୍ଥାପନ କରୁଛି ତ' 'କା କା କଲୁରିବେଣ୍ଟ ଖା ଖା' ଗୀତ ଗାଇ ବାରମ୍ବାର ମଞ୍ଚପ୍ରବେଶ କରୁଥିବା କୋରସ୍ ଦଳ ।

ପରିବେଶକୁ ଧ୍ୱଂସ କରି ମଣିଷ କିପରି ବିଲୟମୁଖୀ ଶୋଭାଯାତ୍ରାରେ ଆଗେଇ ଚାଲିଛି, ତା'ର ଏକ କରୁଣ ଚିତ୍ର 'ମୁଣ୍ଡ ଉପରେ ଛାତ' । ଆଧୁନିକ ମଣିଷ ଆଜି ସହର ଭିତରେ ଖୋଜୁଛି ନିଜ ପାଇଁ ସ୍ୱତନ୍ତ୍ର ଘରଟିଏ । ନିଜ ପାଇଁ ମୁଣ୍ଡ ଉପରେ ଛାତ ତିଆରି

Digitized by srujanika@gmail.com

କରୁ କରୁ ସେ ବିଚ୍ଛିନ୍ନ ହୋଇପଡୁଛି। ଆମର ପରିବାର, ସମାଜ ଓ ପରମ୍ପରାଠାରୁ। ସ୍ୱାର୍ଥାନ୍ୱେଷୀ ମନୋଭାବ ଯୋଗୁଁ ମଣିଷ ମଣିଷ ଭିତରେ ସୃଷ୍ଟି ହେଉଛି ଦ୍ୱନ୍ଦ୍ୱ, ସଂଘର୍ଷ। ମଣିଷ ଆଜି ସଭ୍ୟତା ଗଢ଼ିବାରେ ଏପରି ଉନ୍ମତ୍ତ ହୋଇଉଠିଛି ଯେ ଧ୍ୱଂସ କରିଚାଲିଛି ପ୍ରକୃତି ଜଗତକୁ। ଛୋଟବଡ଼ ସହରତଳି ଅଞ୍ଚଳର ଧାନବିଲ ପୋତାହୋଇ ଗଢ଼ିଉଠୁଛି ଜନବସତି। ମାଇଲ ମାଇଲ ଧାନଜମି ପୋତାହୋଇ ଜଙ୍ଗଲ ଜମି କଟାହୋଇ ନିର୍ମାଣ କରାଯାଉଛି ଆକାଶଛୁଆଁ କୋଠାବାଡ଼ି। ଅଫିସରଘର, କଳାକାରଖାନା, ଭାରିଶିଳ୍ପ, ବାସଗୃହ ଓ ଶିଳ୍ପଦ୍ୟୋଗ ପାଇଁ ଶସ୍ୟକ୍ଷେତ୍ର ଓ ଜଙ୍ଗଲ ସଙ୍କୁଚିତ ହୋଇଗଲାଣି। କୃଷି ଉତ୍ପାଦନ ହ୍ରାସ ପାଉଛି। ଜଙ୍ଗଲ ଧ୍ୱଂସପ୍ରାପ୍ତ ହେବାରେ ଲାଗିଛି। ଆଦିବାସୀମାନେ ବାସଚ୍ୟୁତ ହୋଇ ଗଭୀର ଜଙ୍ଗଲ ଭିତରକୁ ଚାଲିଯାଉଛନ୍ତି। ସହରତଳିର ସାଧାରଣ ମଣିଷ ନିଜର ଭିଟାମାଟି ବିକି ଦୂର ମଫସଲକୁ ଚାଲିଯାଉଛନ୍ତି। ସେମାନେ ବଞ୍ଚିତ ହେଉଛନ୍ତି ଆଧୁନିକ ସଭ୍ୟତାର ସୁବିଧା ସୁଯୋଗରୁ। ଯାନ୍ତ୍ରିକ ସଭ୍ୟତା ଓ ମୂଲ୍ୟବୋଧହୀନ ରାଜନୀତି ଗ୍ରାମବାସୀ ଓ ବନବାସୀମାନଙ୍କ ଭିତରେ ପାରସ୍ପରିକ ବିରୋଧ ଓ ବିଭେଦ ସୃଷ୍ଟି କରିଚାଲିଛି। ପାରମ୍ପରିକ ଭାତୃଭାବକୁ ନଷ୍ଟ କରୁଛି। ଜଙ୍ଗଲ ଧ୍ୱଂସ ହୋଇଯାଉଥିବାରୁ ପ୍ରକୃତିର ଅଭିଶାପ ପରି ବୃଷ୍ଟିଧାରା ହ୍ରାସ ପାଉଛି। କୋଠାବାଡ଼ି, କାରଖାନା, ଗାଡ଼ିମଟର ଯୋଗୁଁ ପରିବେଶ ବିଧ୍ୱସ୍ତ, ବାୟୁପ୍ରବାହ ଉତ୍ତପ୍ତ। ଏମିତି ଦିନ ଆସିବ ଯେତେବେଳେ ଖାଦ୍ୟ ଉତ୍ପାଦନ କରିବାକୁ ମଣିଷ ପାଖରେ ଭୂମି ନଥିବ। ମୁକ୍ତବାୟୁର ଅଭାବରେ ଏବଂ କ୍ଷୁଧାର ତାଡ଼ନାରେ ମଣିଷ ମୃତ୍ୟୁର ସମ୍ମୁଖୀନ ହେବ। ଆଖି ଆଗରେ ଗଛ, ବୃକ୍ଷ, ନଈନାଳ, ଫସଲ କ୍ଷେତ, ପାହାଡ଼, ଜଙ୍ଗଲ କିଛି ନଥିବ। କେବଳ ଥିବ ଦିଗନ୍ତବିସ୍ତାରୀ ମରୁମୟ ଧୂସର ଭୂମି।

ଗୋଟିଏ ବୃହତ୍ତର ପଟ୍ଟଭୂମିକୁ ନେଇ ନାଟକର ପରିକଳ୍ପନା। ପ୍ରଥମ ଦୃଶ୍ୟର ଆରମ୍ଭ ହୋଇଛି କାସ୍ପିଆନ୍ ହ୍ରଦକୂଳରୁ। ମନ ଭିତରେ କୌଣସି ଭେଦଭାବ ନଥିବା ସରଳ, ମୁକ୍ତ ସ୍ୱଭାବର ଯାଯାବର ଗୋଚାରକ ଓ କୃଷିକାରୀ ଆର୍ଯ୍ୟମାନଙ୍କର ଦିନେ ଘରର ପ୍ରୟୋଜିତ ପଡ଼ିଲା। ଅନେକ ଘରର କାନ୍ଥ ଉଠିଲା, ବସତି ସ୍ଥାପନ ହେଲା। ଘରର କାନ୍ଥ ପରସ୍ପରକୁ ପରସ୍ପରଠାରୁ ବିଚ୍ଛିନ୍ନ କରିଦେଲା। ଯାଯାବର ସମାଜର ଲୋକେ ସଭ୍ୟତା ଅଭିମୁଖୀ ହେଲେ। କ୍ରମେ ସ୍ୱାର୍ଥପରତା ଓ ଭେଦବୁଦ୍ଧି ଗ୍ରାସ କରିଗଲା ସେମାନଙ୍କ ମନକୁ। ସୃଷ୍ଟି ହେଲା ଜାତିଭେଦ ବର୍ଣ୍ଣାଶ୍ରମ ପ୍ରଥା। ମଣିଷ ଗୋଷ୍ଠୀ ଚତୁର୍ଦ୍ଦିଗକୁ ବିକ୍ଷିପ୍ତ ହୋଇପଡ଼ିଲା। ସେମାନେ କ୍ରମେ ଶିକ୍ଷିତ ହେବାକୁ ଲାଗିଲେ। ସରଳ ଜୀବନଧାରା ପଙ୍କିଳ ହୋଇଉଠିଲା। ସାମାଜିକ, ଆର୍ଥନୀତିକ ବୈଷମ୍ୟ, ସୃଷ୍ଟିପରେ ରାଜନୀତିର ବିଷ ବାଷ୍ପ ପଲ୍ଲୀଗ୍ରାମ ଓ ଆଦିବାସୀ ଗ୍ରାମଗୁଡ଼ିକୁ ସଂଚରି ଯାଇ ସେମାନଙ୍କୁ ହିଂସ୍ର କରି ତୋଳିଲା।

Digitized by srujanika@gmail.com

ସଭ୍ୟତାର ଦ୍ରୁତ ଜୟଯାତ୍ରା ସହିତ ଚାଷଜମି ଉପରେ ସହର ଗଢ଼ିଉଠିଲା । ମାଳ ମାଳ କଳକାରଖାନା ଠିଆ ହେଲା । ତା' ସହିତ ଖାଦ୍ୟ ହ୍ରାସ ପାଇଲା । ବାୟୁମଣ୍ଡଳ ଦୂଷିତ ହେଲା । ବର୍ଷା ଅଭାବରୁ ପରିବେଶ ରୁକ୍ଷ ଓ ଉତ୍ତପ୍ତ ହୋଇଉଠିଲା । ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ସମସ୍ୟା ଗୋଟିଏ ଗୋଷ୍ଠୀର ମଣିଷକୁ ଆଉ ଗୋଟିଏ ଗୋଷ୍ଠୀର ମଣିଷ ସହିତ ସଂଘର୍ଷରତ କରାଇଲା । ସମଗ୍ର ବିଶ୍ୱ ଆଗେଇ ଚାଲିଲା ଧ୍ୱଂସର କରାଳ ଗର୍ଭ ଆଡ଼କୁ । ଭବିଷ୍ୟତରେ ସୃଷ୍ଟି ହେବାକୁ ଯାଉଥିବା ବିଲୟମୁଖି ଶୋଭାଯାତ୍ରାରେ ନାଟକର ପରିସମାପ୍ତି । ସଂଯୋଗକାରୀ ନରନାରୀଙ୍କ ଦାୟିକା, ନୃତ୍ୟଗତ, ଶରୀରସ୍ଥାପତ୍ୟ, ସ୍ଲୋଗାନ୍ ପ୍ରଭୃତି ନାଟକଟିର ଆକର୍ଷଣୀୟ ବିଭବ । ନାଟକଟିର ପ୍ରକାଶକ ବ୍ରହ୍ମପୁରର ତାରାତାରିଣୀ ପୁସ୍ତକାଳୟ ।

ଚାଷୀର ଚରମ ଦୁଃସ୍ଥିତିର ଚିତ୍ର ବହନ କରେ 'ରାସ୍ତା ନାହିଁ' ନାଟକ । ନୀତିଦିନ ଚାଷୀ ଆତ୍ମହତ୍ୟା କରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ । ପ୍ରଚଣ୍ଡ ଖରା, ପ୍ରବଳ ବର୍ଷା, ଅସହ୍ୟ ଶୀତରେ ହାଡ଼ଭଙ୍ଗା ପରିଶ୍ରମ କରି ସାର, ଔଷଧ ଓ ପାଣି ପାଇଁ ପ୍ରଚୁର ଅର୍ଥବ୍ୟୟ କରି ଜମି ହଳ କରି ବିହନ ବୁଣିବା ଠାରୁ ବେଙ୍ଗଲା ପକାଇ ଧାନ ଅମଳ କରିବା ପର୍ଯ୍ୟନ୍ତ ସତର୍କ ରହି ଯେତେବେଳେ ଚାଷୀ ଶେଷରେ ଘୋର ନୈରାଶ୍ୟର ସମ୍ମୁଖୀନ ହୁଏ ସେତେବେଳେ ଆତ୍ମହତ୍ୟା କରିବା ଛଡ଼ା ତା'ର ଆଉ ଉପାୟ ନାହିଁ । ସବୁଠାରୁ ଦୁଃଖର କଥା ଚାଷୀର ଏହି ଦୁଃଖକୁ କିନ୍ତୁ ସମାଜର ଅନ୍ୟମାନେ ଉପଲବ୍ଧି କରିପାରନ୍ତି ନାହିଁ । ସମସ୍ତେ ତାକୁ ହେୟ ତାଚ୍ଛଲ୍ୟପୂର୍ବକ ଦୃଷ୍ଟିରେ ଦେଖନ୍ତି । ସମସ୍ତଙ୍କ ଦୃଷ୍ଟିରେ ସେ ହେଉଛି ସବା ତଳ ପାହାଚର ଲୋକ । ଚାଷୀ ଦୁନିଆକୁ ଆହାର ଯୋଗାଏ ବୋଲି କହିବା ଭିତରେ ଯେପରି ଲୁଚି ରହିଥାଏ ପ୍ରଚଣ୍ଡ ବ୍ୟଙ୍ଗ ଓ ଉପହାସ । ରାସ୍ତା ନାହିଁ ନାଟକଟିରେ କେବଳ ଦୃଶ୍ୟ ମାଧ୍ୟମରେ ନୁହେଁ ସଂଳାପ ମାଧ୍ୟମରେ ମଧ୍ୟ ଚାଷୀର ଦୁର୍ଯୋଗ, ଦୁଃସ୍ଥିତି ଓ ହତାଶାକୁ ସୂଚିତ କରାଯାଇଛି । ସମସ୍ତ ହତାଶା ଭିତରେ ଆଶାବାଦର ସ୍ୱରଟିଏ ଶୁଣାଯାଇଛି ନାଟକର ଶେଷଅଂଶରେ । ନାଟକର ବିଭିନ୍ନ ଦୃଶ୍ୟକୁ ସଂଯୋଜିତ କରିଛନ୍ତି ଦୁଇଜଣ ସାମ୍ବାଦିକ ଚରିତ୍ର ।

ନିରୁତ୍ତାପ ବିଷ୍ଟକଳା'ରେ ଦୁଇଟି ସମୟକୁ ସଂଯୋଜିତ କରାଯାଇଛି । ବିଷ୍ଟୁକଳା ଚାଲିଯିବା ପରେ ଅର୍ଜୁନଙ୍କ ଅବସ୍ଥା ସହିତ ବର୍ତ୍ତମାନ ସମୟର ଶାସନ ଗାଦିରୁ ଓହ୍ଲାଇ ଆସିଥିବା ରାଜନେତାମାନଙ୍କର ଏକ ତୁଳନାତ୍ମକ ଚିତ୍ର ଦିଆଯାଇଛି ନାଟକଟିରେ । ଅର୍ଜୁନ ଗାଣ୍ଡିବ ଧନୁ ବମାଇ ଦେଲା ପରେ ପ୍ରଧାନମନ୍ତ୍ରୀ ଅନନ୍ୟୋପାୟ ହୋଇ ଇସ୍ତାଫା ଦେଇ ସାଧାରଣ ଏମ୍.ପି. ସ୍ତରକୁ ଚାଲିଆସିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହିତ ଅନ୍ୟ ସମସ୍ତଙ୍କ ନିକଟରେ

Digitized by srujanika@gmail.com

ବିନୟ ପ୍ରକାଶ କରୁଥିବା, ତୋଷାମଦ କରୁଥିବା ଅଯୋଗ୍ୟ ବ୍ୟକ୍ତିଟିଏ ପ୍ରଧାନମନ୍ତ୍ରୀ ହୋଇବସିଛି। ତା'ର ଯୋଗ୍ୟତା ହେଲା ସେ ନ୍ୟାୟ ହେଉ, ଅନ୍ୟାୟ ହେଉ ସମସ୍ତ ଆଦେଶ ମାନିବ। ଭାରତୀୟ ରାଜନୀତିରେ ସମସ୍ତଙ୍କୁ ମାନିଲା ଭଳି ନେତା ବି ପ୍ରଧାନମନ୍ତ୍ରୀ ହୋଇଥିବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ଭାରତବର୍ଷର ରାଜନୀତିକ ପ୍ରେକ୍ଷାପଟରେ ଦେଖା ଦେଇଥିବା ଅବକ୍ଷୟ ଓ ନୀତିହୀନତାର ଏକ ଚିତ୍ର ନାଟକଟିରେ ଉପସ୍ଥାପିତ।

'ସ୍ୱର୍ଗଲୋକେ ଯୁଧିଷ୍ଠିର' ନାଟକଟିରେ ସ୍ୱର୍ଗାରୋହଣ କାଳରେ ଯୁଧିଷ୍ଠିରଙ୍କ ନିଷ୍ଠୁର ସ୍ୱାର୍ଥପରତା ସହିତ ନିର୍ବାଚିତ ପ୍ରତିନିଧିମାନଙ୍କ ସ୍ୱାର୍ଥପରତାର ଏକ ତୁଳନାତ୍ମକ ଚିତ୍ର ଦିଆଯାଇଛି। ଜଣେ ସାଧାରଣ କର୍ମୀ ଯେତେବେଳେ ନିର୍ବାଚିତ ହୋଇ ଶାସନଗାଦିକୁ ଆସେ ସେତେବେଳେ ସେ ଲୋକ ପ୍ରତିନିଧି ଏବଂ ଲୋକଙ୍କର କଲ୍ୟାଣ ସାଧନା ତା'ର କର୍ତ୍ତବ୍ୟ, ଏ କଥା କିନ୍ତୁ ସେ ଭୁଲିଯାଏ। ଏପରିକି ପାରିବାରିକ ବନ୍ଧନକୁ ବି ସେ ଭୁଲିଯାଏ। ଏପରିକି ପାରିବାରିକ ବନ୍ଧନକୁ ବି ସେ ଭୁଲିଯାଏ। ନିଜର ଆତ୍ମୀୟ ସ୍ୱଜନ ତା' ନିକଟରେ ତୁଚ୍ଛ ହୋଇଯାଆନ୍ତି। ଏପରିକି କେତେକ କ୍ଷେତ୍ରରେ ନିଜର ସ୍ତ୍ରୀ ମଧ୍ୟ ହେୟ ଓ ଅବଜ୍ଞାର ପାତ୍ର ହୋଇଯାଏ। 'ସକଳ ତୀର୍ଥ ତୋ ଚରଣେ'ରେ ସାଂପ୍ରତିକ କାଳର ନୀତିହୀନ ଗୁରୁମାନଙ୍କୁ ତୀବ୍ର ବ୍ୟଙ୍ଗ କରାଯାଉଛି। ଏଥିରେ ସାରଳା ମହାଭାରତରେ ଗୁରୁମାନଙ୍କ ଅନୈତିକତା ସହିତ ବର୍ତ୍ତମାନର ଗୁରୁ ତଥା ନିଯୁକ୍ତିକର୍ତ୍ତାମାନଙ୍କର ନୀତିହୀନତା ଓ ପକ୍ଷପାତିତାର ତୁଳନାତ୍ମକ ଚିତ୍ର ଦିଆଯାଇଛି। ଶିକ୍ଷାକ୍ଷେତ୍ରରେ ଅଧ୍ୟାପକ ନିଯୁକ୍ତିରେ ନାନା ଅନୈତିକ ବ୍ୟବସ୍ଥାରେ ନିୟନ୍ତ୍ରିତ ହୋଇ ଚୟନକର୍ତ୍ତାମାନେ ଯେପରି ଅନ୍ୟାୟ ଆଚରଣ କରୁଛନ୍ତି, ତା'ର ଏକ ଚିତ୍ର ନାଟକଟିରେ ପ୍ରଦତ୍ତ। 'ରାସ୍ତା ନାହିଁ' ନାଟ୍ୟ ସଂକଳନଟି ଅଭିରାମ ମହାପାତ୍ରଙ୍କ ଦ୍ୱାରା ଗ୍ରନ୍ଥମନ୍ଦିରରୁ ପ୍ରକାଶିତ।

ଉତ୍କଳଭାରତୀ କୁନ୍ତଳା କୁମାରୀ ଓ ନଗେନ୍ଦ୍ରବାଳା ସରସ୍ୱତୀଙ୍କ ପରି ଦୁଇ ପ୍ରତିଭାମୟୀ ପ୍ରେମଶୀଳା ନାରୀଙ୍କ ବେଦନାଦଗ୍ଧ ଜୀବନର ଆଲୋଡ଼ନଭରା ଦୁଃଖଦ କାହାଣୀ ଉପରେ 'ଭାରତୀ କୁନ୍ତଳା ଓ ସରସ୍ୱତୀ ନଗେନ୍ଦ୍ରବାଳା' ନାଟକଟି ଆଧାରିତ। ଦ୍ୱନ୍ଦ୍ୱ ସଂଘର୍ଷମୟ ଭାରତୀ କୁନ୍ତଳା ନାଟକର ପ୍ରସ୍ତାବନା ଦୃଶ୍ୟରେ କୁନ୍ତଳା କୁମାରୀଙ୍କ ବ୍ୟକ୍ତିତ୍ୱ ଓ ମାନସିକତାର ପରିଚୟ ପ୍ରଦାନ କରାଯାଇଛି। ମାନସିକ ସଂଘର୍ଷର ନାମ କୁନ୍ତଳା କୁମାରୀ। ଗୋଟିଏ ଦିଗରେ ଜାତି ପାଇଁ କଠୋର କର୍ତ୍ତବ୍ୟବୋଧ, ଅନ୍ୟ ଦିଗରେ ପ୍ରିୟତମ ନିକଟରେ ନିଜକୁ ସମର୍ପଣ କରିଦେବାର ପ୍ରବଳ ଅଭିପ୍ସା ତାଙ୍କର ବ୍ୟକ୍ତିତ୍ୱର ଏକ ସଂଘର୍ଷମୟ ଦିଗ ଉନ୍ମୋଚନ କରେ। ସେତେବେଳ ସେ ଓଡ଼ିଆ ଜାତିର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ଗଭୀର ଆଶାବାଦୀ ତ କେତେବେଳେ ପ୍ରଣୟଜନିତ ଅଶ୍ରୁ ଓ ହତାଶାରେ ବିପର୍ଯ୍ୟସ୍ତ।

Digitized by srujanika@gmail.com

ଚିର ଅପ୍ରାପ୍ତିର ଇତିହାସକୁ ଛାତିରେ ଧରି ଅକାଳରେ ଝରି ପଡ଼ିଥିବା ଏହି ମହୀୟସୀ ନାରୀଙ୍କର ବ୍ୟଥାମୟ କରୁଣ କାହାଣୀ ହେଉଛି ଏହି ନାଟକ। କୁନ୍ତଳା କୁମାରୀଙ୍କ ବହୁମୁଖୀ ପ୍ରତିଭା ସର୍ବଭାରତୀୟ ସାହିତ୍ୟ, ରାଜନୀତି ଓ ସମାଜସେବା କ୍ଷେତ୍ରରେ ପ୍ରତିଷ୍ଠା, ଜୀବନବ୍ୟାପୀ ପ୍ରେମଜନିତ ମାନସିକ ସଂଘର୍ଷ, ସୀମାହୀନ ହତାଶା ଓ ନିଷ୍ଠୁର ପ୍ରତାରଣା ଯୋଗୁଁ ଶୋଚନୀୟ ମୃତ୍ୟୁବରଣ ପ୍ରଭୃତିର ସମାବେଶରେ ଗଢ଼ି ଉଠିଥିବା ଏକ ପୂର୍ଣ୍ଣାଙ୍ଗ ଜୀବନବୃତ୍ତର ଆବେଗମୟ ପରିପ୍ରକାଶ ଘଟିଛି ନାଟକଟିରେ।

ଏକୋଇଶ ବର୍ଷୀୟା ତରୁଣୀ ବଙ୍ଗୀୟା କବି ନଗେନ୍ଦ୍ରବାଳାଙ୍କ ସହିତ ତେପନ ବର୍ଷୀୟ ପ୍ରୌଢ଼ କବିବର ରାଧାନାଥଙ୍କ ଆବେଗଉଚ୍ଛଳ ପ୍ରେମ ଏବଂ ଏହି ବ୍ୟାପାର ପ୍ରକାଶିତ ହେବା ପରେ ଲେଖା ଓ ପତ୍ର ମାଧ୍ୟମରେ ବୁଦ୍ଧିଜୀବୀ ଶିଷ୍ଟ ମଣ୍ଡଳୀ ଓ ସାଧାରଣ ଶିକ୍ଷିତ ଗୋଷ୍ଠୀ ଏବଂ ଆତ୍ମୀୟ ସ୍ୱଜନଙ୍କ ନିକଟରେ ନିଜର ଦୋଷ ସ୍ୱୀକାର ସହିତ ନଗେନ୍ଦ୍ରବାଳାଙ୍କ ନିନ୍ଦାଗାନ ଏବଂ ପାରିବାରିକ ଅଶାନ୍ତି, ପ୍ରଚଣ୍ଡ ମାନସିକ ସଂଘର୍ଷ, ଗଭୀର ଦୁଃଖ ଓ ଅପମାନରେ ନଗେନ୍ଦ୍ରବାଳାଙ୍କ ଆତ୍ମହତ୍ୟା – ଏ ସମସ୍ତ ଘଟଣାକୁ ଉପଜୀବ୍ୟ କରି ନିବିଡ଼ ପ୍ରେମାବେଗ ଓ ଗଭୀର ବେଦନାବୋଧ ପରିସିକ୍ତ ନାଟକ 'ସରସ୍ୱତୀ ନଗେନ୍ଦ୍ରବାଳାର ସୃଷ୍ଟି'। ନାଟକଟି 'ଝଙ୍କାର'ର ଏକ ବିଷୁବ ସଂଖ୍ୟାରେ ପ୍ରକାଶିତ ହେବା ପରେ ଏହାର କାବ୍ୟିକ ଭାଷା ଓ କାହାଣୀ ସଂରଚନା ବହୁ ବିଦଗ୍ଧ ପାଠକଙ୍କୁ ମୁଗ୍ଧ କରିଛି। ଏହି ନାଟକଟି ପ୍ରକାଶିତ ହୋଇଛି ବିଜୟ ଶଙ୍କର ପାତ୍ରଙ୍କ ଓଡ଼ିଶା ବୁକ୍‌ଷ୍ଟୋର୍ ଦ୍ୱାରା।

'ଶୂନ୍ୟଘର', 'ବରଗଛ', 'ସନ୍ଧ୍ୟାର ଆଲୁଅ', 'ଦିନ ଦିନ ଶେଷଦିନ' ପ୍ରଭୃତି ନାଟକଗୁଡ଼ିକ 'ଶୂନ୍ୟଘର' ପୁସ୍ତକରେ ସଂଯୋଜିତ। ଜଣେ ରିଟାୟାର୍ଡ଼ ଅଫିସର କ୍ଷମତା ଚାଲିଯିବା ପରେ ନିଜ ଅଫିସର ଅଧସ୍ତନ, ଅନୁଗତ ଓ ଉପକୃତ କର୍ମଚାରୀଙ୍କ ଦ୍ୱାରା କିପରି ଉପେକ୍ଷିତ ଓ ଲାଞ୍ଛିତ ହୁଏ, ତା'ର ଏକ ଦୟନୀୟ ଚିତ୍ର 'ବରଗଛ' ନାଟକରେ ପ୍ରଦର୍ଶିତ। ନିମ୍ନ ମଧ୍ୟବିତ୍ତ ପରିବାରରେ କନ୍ୟାମାନଙ୍କ ପ୍ରତି ଅବହେଳା, ଉପେକ୍ଷା ଓ ମାନସିକ ପୀଡ଼ନକୁ ଉପଜୀବ୍ୟ କରି 'ସନ୍ଧ୍ୟାର ଆଲୁଅ' ନାଟକଟି ଲିଖିତ। ପେଶାଦାର ନାଟ୍ୟ ଜଗତରେ ପାରମ୍ପରିକ ନାଟ୍ୟକଳା ଓ କଳାକାର ପ୍ରତି ଅସମ୍ମାନ ଏବଂ ସାଂପ୍ରତିକ ବ୍ୟବସାୟୀକରଣକୁ ଗ୍ରହଣ କରିପାରୁ ନ ଥିବା ଜଣେ ନାଟ୍ୟ ନିର୍ଦ୍ଦେଶକ ଦୟନୀୟସ୍ଥିତିର ଆଧାରରେ ଲିଖିତ ନାଟକ 'ଦିନ ଦିନ ଶେଷଦିନ'। ଜଣେ ପକ୍ଷଘାତଗ୍ରସ୍ତ ପିତାପ୍ରତି ପୁଅବୋହୂଙ୍କ ଅବହେଳାରେ ପିତାଙ୍କ ମନସ୍ତାତ୍ତ୍ୱିକ ପ୍ରତିକ୍ରିୟା ଉପରେ 'ଶୂନ୍ୟଘର' ଆଧାରିତ। ନାଟକଟି ଜୟରାମ ମହାପାତ୍ରଙ୍କ ପଞ୍ଚସଖା ପ୍ରକାଶନ ଦ୍ୱାରା ପ୍ରକାଶିତ।

ଚିତ୍ରୋତ୍ପଳା ପ୍ରକାଶନରୁ ସଦାଶିବ ଦାସଙ୍କ ଦ୍ୱାରା ପ୍ରକାଶିତ 'ପଥ ବହୁଦୂର' ପାଞ୍ଚୋଟି ନାଟିକାର ସମାବେଶ। ମୂକ ମଇନାଙ୍କ ନାଟକର କଥାବସ୍ତୁ ପିତାପୁତ୍ରର ଆଦର୍ଶଗତ

Digitized by srujanika@gmail.com

ବିରୋଧ। ଡାକ୍ତର ପିତା ନିଃସ୍ୱାର୍ଥପର ଭାବେ ଲୋକସେବାରେ ଜୀବନ ଉତ୍ସର୍ଗ କରିଥିବା ବେଳେ ପୁତ୍ର ଧନପତି ହେବାର ନିଶାରେ ପ୍ରମତ୍ତ। ଜଣକର ଲକ୍ଷ୍ୟ ମାନବ ଜାତିର କଲ୍ୟାଣ ସାଧନ। ଆଉ ଜଣଙ୍କର ଲକ୍ଷ୍ୟ ମାନବ ଜାତିର ଧ୍ୱଂସ ସାଧନ। ଖାଇବା ତେଲରେ ଅପମିଶ୍ରଣ ଶିଳ୍ପପତି ପୁତ୍ର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେବାକୁ ପଶ୍ଚାତ୍‌ପଦ ନୁହେଁ। ରକ୍ତଗତ ସମ୍ପର୍କର ବିରୋଧାଭାଷ ନାଟକଟିରେ ରୂପାୟିତ। ବିଦେଶରେ ସ୍ଥାୟୀଭାବେ ବସବାସ କରିଯାଉଥିବା ଭାରତୀୟମାନଙ୍କର ଜନ୍ମଭୂମି ପ୍ରତି ମୋହ ଓ ମାନସିକ ସଂଘର୍ଷର ଏକ ମର୍ମସ୍ପର୍ଶୀ ଆଲେଖ୍ୟ ପ୍ରତିଫଳିତ ହୋଇଛି 'ଜନ୍ମଭୂମି' ନାଟକରେ। ପୁରୁଷଶାସିତ ସମାଜର ମାନସିକତା ବିରୁଦ୍ଧରେ ଏକ ପ୍ରତିବାଦ 'ପଥ ବହୁଦୂର'। ସ୍ୱାଧୀନ ବିକାଶର ତୀବ୍ର ଆକାଂକ୍ଷାରେ ପୁରୁଷ ଶାସିତ ସମାଜର ରୁଗ୍‌ଣ ମାନସିକତା ବିରୁଦ୍ଧରେ ସଂଗ୍ରାମ କରି ଆଗେଇ ଆସିଥିବା ଜଣେ ପ୍ରତିଭାମୟୀ ନାରୀର ଦୃଢ଼ତାକୁ ଉପଜୀବ୍ୟ କରି ଗଢ଼ିଉଠିଛି ନାଟ୍ୟ କାହାଣୀ। କେବଳ ନାରୀମାନଙ୍କ ଅଭିନୟ ଲାଗି ଉଦ୍ଦିଷ୍ଟ 'ଜଳେ ଯେସନ ଚନ୍ଦ୍ର ଛାଇ' ନାଟକରେ ସ୍ୱାମୀର ପରିଚୟରେ ପରିଚିତା ନାରୀର ଅସହାୟତାର ଚିତ୍ର ଉନ୍ମୋଚିତ।

ଧର୍ମୀୟ ଶୋଷଣ ଓ ସ୍ୱେଚ୍ଛାଚାରର ଚିତ୍ର ସମ୍ବଳିତ 'ବନ୍ଦିଶାଳରେ ବିଶ୍ୱପତି' ଏକ ବିତର୍କିତ ନାଟକ। ଏହା କେତେବର୍ଷ ତଳେ 'ବିଶ୍ୱମୁକ୍ତି'ର ଏକ ପୂଜାସଂଖ୍ୟାରେ ପ୍ରକାଶିତ ହୋଇ ପାଠକମାନଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥିଲା। ହିନ୍ଦୁ ଦେବତା ଓ ଦେବୟତନ କାଳ କାଳ ଧରି ଏକ ରକ୍ଷଣଶୀଳ ପୂଜକଗୋଷ୍ଠୀର ଇଚ୍ଛାରେ ନିୟନ୍ତ୍ରିତ। ଅଣହିନ୍ଦୁ ଓ ନିମ୍ନବର୍ଗର ହିନ୍ଦୁ ଭକ୍ତମାନେ ସମସ୍ତ ଭକ୍ତି, ଶ୍ରଦ୍ଧା ଓ କୌତୂହଳ ସତ୍ତ୍ୱେ ମନ୍ଦିର ପ୍ରବେଶରୁ ବଞ୍ଚିତ। ଭକ୍ତଙ୍କୁ ଭଗବାନଙ୍କ ଠାରୁ ଦୂରେଇ ରଖାଯାଇଛି। ଭକ୍ତର ଭକ୍ତି ଓ ପ୍ରେମ ମୂଲ୍ୟହୀନ ହୋଇପଡ଼ିଛି। ଦେବତାଙ୍କୁ ସ୍ପର୍ଶ କରିବାର ଅଧିକାର ଭକ୍ତମାନଙ୍କର ନାହିଁ। ହୃଦୟର ଭକ୍ତି ନିବେଦନ କରିବାକୁ ଭକତ ଯେତେବେଳେ ଭଗବାନଙ୍କ ନିକଟକୁ ଯାଉଛି, ସେତେବେଳେ ଅର୍ଘ୍ୟ ପଛରେ ପୂଜକମାନଙ୍କ ଦ୍ୱାରା ବାଧାର ସମ୍ମୁଖୀନ ହେଉଛି। ଶିକାର ହେଉଛି ଶୋଷଣ ଓ ଲାଞ୍ଛନାର। ଯେଉଁ ଦେବତା ଜଗତଜନର ପ୍ରଭୁ ନିରାକାର ଓ ଓ ଅନନ୍ତ ଈଶ୍ୱର, ତାଙ୍କ ନିକଟରେ ପୂଜକମାନଙ୍କ ଜାତି, ଧର୍ମ, ବର୍ଣ୍ଣ, ବିଦ୍ୱେଷ ଯୋଗୁଁ ପହଞ୍ଚି ପାରୁନାହାନ୍ତି ଜଗତର ଭକ୍ତଜନ। ମନ୍ଦିର ଭିତରେ ଭକ୍ତର ଭଗବାନ ବନ୍ଦୀ ହୋଇ ରହିଛନ୍ତି। ଭଗବାନ ଚାହାନ୍ତି ଭକ୍ତ ସହିତ ମିଳିତ ହେବାକୁ। କିନ୍ତୁ ସମସ୍ତ ଇଚ୍ଛା ସତ୍ତ୍ୱେ ବି ସେ ପୂଜକ ଗୋଷ୍ଠୀର ଅନ୍ଧ ସଂକୀର୍ଣ୍ଣତାର ଅର୍ଗଳ ନେଇ ପହଞ୍ଚି ପାରୁନାହାନ୍ତି ଭକ୍ତ ନିକଟରେ। ଦର୍ଶନରୁ ବଞ୍ଚିତ ବେଦନାହତ ଭକ୍ତ ପ୍ରତି ମନ ତାଙ୍କର ହୁଏତ ଆକୁଳ ହୋଇ ଉଠୁଥିବ। ଅଥଚ ନିରୁପାୟ ସେ ସଂକୀର୍ଣ୍ଣତାର ବନ୍ଦିଶାଳାରେ ବନ୍ଦି। ଏହି ଅସହାୟ ଅବସ୍ଥାରେ କିନ୍ତୁ

Digitized by srujanika@gmail.com

ସମଗ୍ର ମାନବ ଜାତି ଉପରେ ଢ଼ାଳି ଚାଲିଛନ୍ତି ଉଦାର ଆଶିଷଧାରା। ଭଗବାନଙ୍କ ମନ୍ଦିରରେ ଜାତିଧର୍ମର ବିଚାର ବ୍ୟଥିତ କରିଆସିଛି ଅଗଣିତ ଭକ୍ତ ଓ ଜିଜ୍ଞାସୁଙ୍କୁ। ଏହି ବ୍ୟଥା ଭିତରୁ ସୃଷ୍ଟି ହେଉଥିବା ବିପ୍ଳବର ଅଗ୍ନିଶିଖାକୁ ରୂପାୟିତ କରିଛି 'ବନ୍ଦିଶାଳାରେ ବିଶ୍ୱପତି' ନାଟକ।

ଆଜିର ତୀବ୍ର ପ୍ରତିଯୋଗିତା ପୂର୍ଣ୍ଣ ଶିକ୍ଷାବ୍ୟବସ୍ଥାରେ କୋମଳମତି ଶିଶୁ ଓ ବାଳକବାଳିକାଙ୍କ ଉପରେ ଅତ୍ୟଧିକ ପାଠର ବୋଝ ଲଦି ଦିଆଯାଇଛି। ଅଭିଭାବକମାନେ ଆଶା କରୁଛନ୍ତି ପିଲା ୧୨-୨୪ ଘଣ୍ଟା ପାଠପଢ଼ାରେ ନିଜକୁ ନିୟୋଜିତ କରୁ। ଫଳରେ ସ୍କୁଲ, ଟିଉସନ୍, ଘରପଢ଼ା ଭିତରେ ଆବଦ୍ଧ ରହୁଛି ପିଲାଟି। ଗୋଟିଏ ପରିପୂର୍ଣ୍ଣ ପୃଥିବୀର ସୌନ୍ଦର୍ଯ୍ୟ ଦେଖି ଆନନ୍ଦ ଉଦ୍‌ବେଳିତ ହେବାପାଇଁ ସମୟ ତା'ର ନାହିଁ। ବିସ୍ତୃତ ପୃଥିବୀର ସୌନ୍ଦର୍ଯ୍ୟ ଦେଖି ଆନନ୍ଦ ଉଦ୍‌ବେଳିତ ହେବାପାଇଁ ସମୟ ତା'ର ନାହିଁ। ବିସ୍ତୃତ ପୃଥିବୀର ସବୁଜିମା, ଅସୀମ ଆକାଶର ନୀଳିମା, ଚନ୍ଦ୍ରସୂର୍ଯ୍ୟର ବର୍ଣ୍ଣବିଭା, ନଦୀ, ପର୍ବତ, ଶସ୍ୟକ୍ଷେତ୍ର, ତୃଣଭୂମି, ଫୁଲଫଳଭରା ଉଦ୍ୟାନର ବିମୋହନ ଦୃଶ୍ୟ କିଛି ସେ ଦେଖୁନାହିଁ, କିଛି ସେ ଉପଭୋଗ କରୁନାହିଁ। ଅନ୍ୟ ଦିଗରେ ଆମର ସମାଜ, ସଂସ୍କୃତି ଗ୍ରାମ୍ୟଜୀବନ ସହିତ ପରିଚିତ ହୋଇପାରୁନାହିଁ। ଏକ ପରିପୂର୍ଣ୍ଣ ପୃଥିବୀକୁ ଦେଖିବା ତା' ଭାଗ୍ୟରେ ନାହିଁ। ସେ କେବଳ ଦେଖୁଛି ଅର୍ଦ୍ଧେକ ପୃଥିବୀ। ଏକ ପୂର୍ଣ୍ଣାଙ୍ଗ ମଣିଷ ହୋଇ ଗଢ଼ିହେବାର ସୁଯୋଗରୁ ବଞ୍ଚିତ ହେଉଛି ସେ। ଏହିପରି ଏକ ଅବସ୍ଥାର ଆବେଗାତ୍ମକ ରୂପାୟନ ଘଟିଛି 'ଅର୍ଦ୍ଧେକ ପୃଥିବୀ' ନାଟକରେ।

ଜଣେ ବିଚାରଧିନ ବନ୍ଦୀର ଆତ୍ମକଥା ଗୋଟିଏ ଏକକଚରିତ୍ର ବିଶିଷ୍ଟ ବକ୍ତବ୍ୟଧର୍ମୀ ନାଟକ। ବିନା ବିଚାରରେ ଜେଲ୍ ପ୍ରାଚୀର ଭିତରେ ବର୍ଷ ବର୍ଷ କଟାଇ ଦେଇଛି। ନକ୍ସଲାଇଟ୍ ସନ୍ଦେହରେ ବନ୍ଦି ହୋଇ ଆସିଥିବା ଜଣେ ନିରପରାଧ, ନିରୀହ, ଦରିଦ୍ର ଗ୍ରାମବାସୀ। ସେ ଦର୍ଶକମାନଙ୍କ ଆଗରେ ବର୍ଣ୍ଣନା କରୁଛି ତା'ର ଦୁର୍ଭାଗ୍ୟର କଥା। ସେହି କଥାଭିତରେ ଉଦ୍‌ଘାଟିତ ହୋଇଯାଉଛି ସମାଜ, ପ୍ରଶାସନ, ରାଜନୀତି, ଅର୍ଥନୀତି ଓ ଧର୍ମକ୍ଷେତ୍ରରେ ଘଟୁଥିବା ଅନ୍ୟାୟ, ଅବିଚାରର ସ୍ୱରୂପ। ହୃଦୟଗ୍ରାହୀ ସାବଲୀଳ କଥନଭଙ୍ଗୀରେ ଭରିରହିଛି ହାସ୍ୟ ଓ କାରୁଣ୍ୟ।

'ଅରଣ୍ୟର ଅଶ୍ରୁ' ସଭ୍ୟତାର ଆଲୋକରୁ ବଞ୍ଚିତ ଅରଣ୍ୟବାସୀଙ୍କର କରୁଣ ବିସ୍ଥାପନର କାହାଣୀ। ଇତିହାସର ପୁନରାବର୍ତ୍ତନକୁ ସୂଚିତ କରିବା ପାଇଁ ଦୁର୍ଯ୍ୟୋଧନର ନିର୍ଦ୍ଦେଶରେ ଝିମାଣିଶାଳା (ଅସ୍ତ୍ର ନିର୍ମାଣଶାଳା) ନିର୍ମାଣ ଉଦ୍ଦେଶ୍ୟରେ ସ୍ଥାନୀୟ ଆଦିବାସୀମାନଙ୍କର ଅରଣ୍ୟ ଅଭ୍ୟନ୍ତରକୁ ବିତାଡ଼ନ ଘଟଣା ସହିତ ଭାରିଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ କଳିଙ୍ଗନଗରର ନିରୀହ ଆଦିବାସୀମାନଙ୍କର ପୋଲିସ୍ କର୍ତ୍ତୃକ ବିତାଡ଼ନର ତୁଳନାତ୍ମକ ଚିତ୍ର ଉପସ୍ଥାପନ। ଅତୀତର ମହାଭାରତ ଚିତ୍ର ସହିତ ସମନ୍ୱିତ କରାଯାଇଛି

Digitized by srujanika@gmail.com

ସାଂପ୍ରତିକ ସମୟର କଳିଙ୍ଗନଗର ସମସ୍ୟା। ଶିଳ୍ପ ପ୍ରତିଷ୍ଠା ପାଇଁ ଜନ୍ମମାଟି ମୋହଗ୍ରସ୍ତ ଆଦିବାସୀମାନଙ୍କ ଉପରେ ହୋଇଆସୁଥିବା ଅକଥନୀୟ ଅତ୍ୟାଚାର ଓ ନରସଂହାରର ମର୍ମ ବିଦାରକ ଘଟଣା ନାଟକଟିର ଉପଜୀବ୍ୟ। ଏହାର ପଟ୍ଟଭୂମି ଦୁଇଟି- ଗୋଟିଏ ପୌରାଣିକ, ଅନ୍ୟଟି ଆଧୁନିକ।

ଯେଉଁ ଚଳଚ୍ଚିତ୍ର କାହାଣୀକାର ଅର୍ଥ ବିନିମୟରେ ତା'ର ଲେଖକସତ୍ତାକୁ ପ୍ରଯୋଜକଙ୍କୁ ବିକ୍ରି କରିଦିଏ ଏବଂ ନିଜର ପିତୃତ୍ୱକୁ ଅସ୍ୱୀକାର କରି ଅନ୍ଧକାରରେ ରହିଯାଏ ତା'ର ଜୀବନବ୍ୟାପୀ ମର୍ମଦାହର ଚିତ୍ର ରୂପାୟିତ ହୋଇଛି 'ଅବ୍ୟକ୍ତ ଅନେକ' ନାଟିକାରେ। ଏହା ଏକ ଆକାଶବାଣୀ ପ୍ରସାରିତ ନାଟକ। ପ୍ରକାଶକ ନୃସିଂହ ପ୍ରସାଦ ମିଶ୍ର କଟକ ଷ୍ଟୁଡେଣ୍ଟ ଷ୍ଟୋର୍ସ ଦ୍ୱାରା ପ୍ରକାଶିତ। 'ବନ୍ଦିଶାଳାରେ ବିଶ୍ୱପତି' ପୁସ୍ତକରେ 'ବନ୍ଦିଶାଳାରେ ବିଶ୍ୱପତି', 'ଅର୍ଦ୍ଧେକ ପୃଥିବୀ', 'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା' ଏବଂ 'ଅରଣ୍ୟର ଅଶ୍ରୁ' ପ୍ରଭୃତି ଚାରୋଟି ନାଟକ ସହିତ 'ଅବ୍ୟକ୍ତ ଅନେକ' ନାଟିକାଟି ସଂକଳିତ।

ନାଟକଗୁଡ଼ିକ ମଧ୍ୟରୁ ଅଧିକାଂଶ ଆକାଶବାଣୀ ଦ୍ୱାରା ପ୍ରକାଶିତ। ଘଣ୍ଟାଏରୁ ଦୁଇ ଘଣ୍ଟା ସମୟସୀମା ଭିତରେ ଥିବା ନାଟକ ଗୁଡ଼ିକ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଅଭିନୀତ। ବହୁ ନାଟକ 'ଝଙ୍କାର'ରେ ପ୍ରକାଶିତ। 'ବର୍ତ୍ତିକା' ଓ 'ବିଶ୍ୱମୁକ୍ତି'ରେ କେତୋଟି ନାଟକ ପ୍ରକାଶତ। 'ସ୍ୱର୍ଗାରୋହଣ', 'ରାସ୍ତା ନାହିଁ', 'ଅନୁଶାସନ', 'ମୁଣ୍ଡ ଉପରେ ଛାତ', 'କଲୁରିବେଣ୍ଟ' ପ୍ରଭୃତି ନାଟକ ବିଭିନ୍ନ ସମୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ପାଠ୍ୟରୂପେ ପ୍ରଚଳିତ ହୋଇଛି। ବ୍ରହ୍ମପୁରର ଦୁଇଟି ପ୍ରକାଶନ ସଂସ୍ଥା ଦ୍ୱାରା ମାତ୍ର ଦୁଇଟି ନାଟକ ପ୍ରକାଶିତ। ବାକି ସମସ୍ତ ନାଟକ ପ୍ରସିଦ୍ଧ ପ୍ରକାଶନ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରକାଶ ଲାଭ କରିଛି।

କବିତା, ସମାଲୋଚନା, ଖବରକାଗଜ ଲେଖା ସହିତ ନାଟକ ଲେଖା ଏ ପର୍ଯ୍ୟନ୍ତ ଚଳାଇ ରଖିଛି। କିନ୍ତୁ ନାଟକ ଲେଖିବାର ପ୍ରବଣତା ମୋର ସର୍ବାଧିକ। ବହୁ ସମୟରେ ନାଟକର ଭାବବସ୍ତୁ ଲହରି ଭଳି ଆସି ମୋ ମନ ବେଳାଭୂମିରେ ମଥାପିଟେ। କିନ୍ତୁ ସେହି ମୁହୂର୍ତ୍ତରେ ମୁଁ ତା'କୁ ଛାତି ଭିତରେ ସଞ୍ଚୟ କରି ରଖିପାରେ ନାହିଁ। ତା'କୁ ଛାଡ଼ିଦିଏ ପୁଣି ବାର ବାର ଆସିବାକୁ। ଅପେକ୍ଷା କରି ରହିଥାଏ ଗୋଟିଏ ରଙ୍ଗ ମୁହୂର୍ତ୍ତକୁ। ସେତିକି ବେଳେ ନାଟକର ପ୍ରସ୍ତାବନାଟି ତିଆରି ହୋଇଯାଏ। ତା'ପରେ ଦିନେ ନାଟକଟିଏ ଧରାଦିଏ। କେବେ ଅଳ୍ପ ସମୟରେ ତ କେବେ ବେଶି ସମୟରେ।

Digitized by srujanika@gmail.com

ମୁଁ ଓ ମୋ ନାଟ୍ୟ-ଜୀବନ

ମୁଁ ଦିନେ ନାଟକ ଲେଖିବି, ଏ କଥା ଭାବି ନଥିଲି। ମୋ କବିତା ଲେଖା ଭିତରେ ମୁଁ ସନ୍ତୁଷ୍ଟ ଥିଲି। ସବୁ ପତ୍ରପତ୍ରିକାରେ ମୋ କବିତା ବାହାରୁଥିବାରୁ ବରଂ ମୁଁ ଆତ୍ମ ପ୍ରସାଦ ଲାଭ କରୁଥିଲି। ତେବେ ମୋ ଭିତରେ ନାଟକ ସୃଷ୍ଟିର ପ୍ରବୃତ୍ତିଟିଏ ଯେ ଛବି ରହିଛି, ସେ କଥା ମୁଁ ଅନୁଭବ କରୁଥିଲି। ମୋର ପିତା ପରଶୁରାମ ହରିଚନ୍ଦନ, ଯାହାକୁ ଭକ୍ତି ଓ ସଂଭ୍ରମର ସହିତ ବଂଶ ପରମ୍ପରାଗତ 'ଦଦେଇ' ସମ୍ବୋଧନ କରୁଥିଲୁ। ସେ ତାଙ୍କର ସମାଜ ସେବା ଓ ରାଜନୈତିକ କାର୍ଯ୍ୟକ୍ରମ ଭିତରେ ବ୍ୟସ୍ତ ରହୁଥିଲେ ବି ଅବସର ସମୟରେ ନାଟକ ଲେଖୁଥିଲେ। ସେ ବାହାରକୁ ବାହାରି ଯାଉଥିବା ସମୟରେ ତାଙ୍କ ଟେବୁଲ ପାଖରେ ଠିଆ ହୋଇ ତାଙ୍କ ଲେଖାକୁ ପଢ଼ିବାର କୌତୂହଳ ମୁଁ ସମ୍ବରଣ କରିପାରୁ ନଥିଲି। ପ୍ରାଥମିକ ସ୍କୁଲରେ ପଢୁଥିବା ବୟସରେ କେତେଦୂର ସେ ସବୁ ବୁଝି ପାରୁଥିଲି, ଜାଣେନି। କିନ୍ତୁ ତାର ଗୋଟାଏ ପ୍ରଭାବ ଥିଲା ତାହା ମୁଁ ବଡ଼ ଅବସ୍ଥାରେ ଅନୁଭବ କଲି। ତାଙ୍କର ନାଟକଗୁଡ଼ିକ ମୁଖ୍ୟତଃ ଥିଲା ଉତ୍କଳୀୟ ଜାତୀୟତା ସମ୍ବଳିତ ଐତିହାସିକ ନାଟକ। ଐତିହାସିକ ନାଟକ ରଚନାରେ ତାଙ୍କର ବୈଶିଷ୍ଟ୍ୟ ଥିଲା। ନାଟକ ଗୁଡ଼ିକରେ ବହୁ ଅଂଶରେ ଯେଉଁ ଆବେଗପୂର୍ଣ୍ଣ କାବ୍ୟିକ ସଂଳାପ ଥିଲା, ତା ବଡ଼ ପ୍ରଭାବଶାଳୀ ବୈଶିଷ୍ଟ୍ୟ ପୂର୍ଣ୍ଣ। ତାଙ୍କର ସଂଳାପ ଯେ ଉଚ୍ଚକୋଟୀର ଥିଲା ତା କେବଳ ମୋ ବିଚାରରେ ନୁହେଁ ନାଟ୍ୟ ସମାଲୋଚକମାନଙ୍କ ବିଚାରରେ ମଧ୍ୟ। ସେଇ ସବୁ ସଂଳାପ ଯେ ମୋର ଅନ୍ତର୍ଚେତନାରେ ଅନୁରଣିତ ହୋଇ ଚାଲିଥିଲା ତାହା ମୁଁ ଅନୁଭବ କରିଛି। ସେଇଥିପାଇଁ ବୋଧହୁଏ ମନ ଭିତରକୁ ଗୋଟିଏ ପ୍ରତ୍ୟୟ ବେଳେ ବେଳେ ଆସେ ମୁଁ ଦିନେ ନାଟକ ଲେଖିବି।

୧୯୭୮ ମସିହାରେ ବିଶ୍ୱଭାରତୀରେ ଅଧ୍ୟାପକ ଥିବା ସମୟରେ 'ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି'' ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡ଼ି. ଡିଗ୍ରୀ ପାଇଲି। ଏଇ ଗବେଷଣା ପାଇଁ ମୋତେ ଇଂରେଜୀ ଓ ଓଡ଼ିଆ ଭାଷାରେ ଲିଖିତ ଓଡ଼ିଆ ଇତିହାସ ପଢ଼ିବା ଗୋଟାଏ ନିଶାରେ ପରିଣତ ହୋଇଯାଇଥିଲା। ନାଟକ ଭିତରେ ଇତିହାସର ଉପାଦାନ କିପରି ସର୍ଜନଶୀଳ ହୋଇ ଉଠିଛି, ଅନୁଧ୍ୟାନ କରୁଥାଏ। ଏଥିଲା ବଡ଼ କୌତୂହଳପ୍ରଦ ଅଧ୍ୟୟନ। ଅଶ୍ୱିନୀ କୁମାର ଘୋଷଙ୍କ ଐତିହାସିକ ନାଟକର ବସ୍ତୁ ନିର୍ବାଚନ,

Digitized by srujanika@gmail.com

ଉଚ୍ଚ ଆଦର୍ଶବୋଧ, ଉଗ୍ର ଜାତୀୟତା ସୂଚକ, ଆବେଗପୂର୍ଣ୍ଣ କାବ୍ୟମୟ ସଂଳାପ, ନାଟ୍ୟ ସଂରଚନା ଏବଂ ନୂତନ ଶୈଳୀ ପ୍ରୟୋଗ ମୋତେ ମୁଗ୍ଧ କରିଥିଲା। ତାଙ୍କର ପରବର୍ତ୍ତୀ ସମୟର ନାଟ୍ୟକାର ମନୋରଞ୍ଜନ ଦାସଙ୍କ 'ବକ୍ସି ଜଗବନ୍ଧୁ'ର ସଂଳାପରେ କେବଳ ହୃଦୟସ୍ପର୍ଶୀ କାବ୍ୟିକତା ନଥିଲା, ନାଟ୍ୟିକ ଗଠନ ଓ ଚରିତ୍ର ନିର୍ମାଣ ଗତ ନିପୁଣତା ମଧ୍ୟ ଯଥେଷ୍ଟ ଥିଲା। ଏ ଦୁଇଜଣ ଥିଲେ ଓଡ଼ିଆ ନାଟ୍ୟ ଜଗତର ଦୁଇ ସମୟର ଦୁଇଜଣ ଯଥାର୍ଥ ପଥପ୍ରଦର୍ଶକ। ଦୁଇ ସାରଥିଙ୍କର ଉଭୟ ବକ୍ତବ୍ୟ ଓ ଶୈଳୀ କ୍ଷେତ୍ରରେ ନୂତନତ୍ୱର ଅନ୍ୱେଷା ମୋତେ ବିଶେଷ ପ୍ରଭାବିତ କରିଥିଲା।

ଓଡ଼ିଶାରେ ନବନାଟ୍ୟ ଆନ୍ଦୋଳନର ପ୍ରବର୍ତ୍ତକ ଭାବେ ସେତେବେଳେ ମନୋରଞ୍ଜନଙ୍କ ପ୍ରଭାବ ଥାଏ ଅପ୍ରତିହତ। ତାଙ୍କ ନୂତନ ଧାରାର ନାଟକର ପ୍ରତୀକଧର୍ମିତା ଏବଂ ସଂକ୍ଷିପ୍ତରେ ବୌଦ୍ଧିକ ସଂଳାପର ପ୍ରଭାବରେ 'କୋଠରୀ' ବୋଲି ଗୋଟିଏ ଛୋଟିଆ ନାଟକ ଲେଖିଥିଲି। ସେତେବେଳକୁ ମୁଁ ରେଭେନ୍ସା କଲେଜର ବଦଳି ହୋଇ ଭଦ୍ରକ କଲେଜରେ। ବୋଧହୁଏ ୧୯୭୨-୭୩ ହେବ। ଆକାଶବାଣୀ କଟକରୁ ନାଟକଟି ପଠାଇଲି। ତାହା ମନୋରଞ୍ଜନ ଦାସଙ୍କ ପ୍ରଯୋଜନାରେ ପ୍ରସାରିତ ହେଲା। ସ୍ୱାମୀ ଓ ସ୍ତ୍ରୀ ଭୂମିକାରେ ବାଚିକ ଅଭିନୟ କରିଥିଲେ ଆକାଶବାଣୀର କୁଶଳୀ ଶିଳ୍ପୀ ହିମାଂଶୁ ଭୂଷଣ ସାବତ ଓ ଝରଣା ଦାସ। ନାଟିକାଟି ପରେ 'ଝଙ୍କାର'ରେ ପ୍ରକାଶିତ ହୋଇଥିଲା। କ୍ଷୁଦ୍ର ହେଲେ ବି ଏଥିଲା ମୋର ପ୍ରଥମ ନାଟ୍ୟ ପ୍ରୟାସ। ଏହା ପରେ କେତେଥର ଆକାଶବାଣୀରୁ ପୁନଃପ୍ରସାରିତ ହୋଇଛି। ଯା ପରେ ଆଉ ଗୋଟିଏ ଛୋଟ ନାଟକ 'ଅସୀମାର ସୀମା' ଆକାଶବାଣୀକୁ ପଠାଇଥିଲି ମାତ୍ର ତାହା ଗୃହୀତ ହେଲାନାହିଁ। ଆଉ ଦୁଇଟି ଛୋଟ ନାଟକ 'ରକ୍ତତୃଷା' ଓ 'ନିଃସଙ୍ଗ ପବନ' ଆକାଶ ବାଣୀର ଯୁବ ଜଗତ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇଥିଲା। 'ମହାରାଜା ବିଜେ ହେବେ' ବୋଲି ନାଟକଟିଏ ଲେଖିଥିଲି ପରେ 'ଚନ୍ଦ୍ରଭାଗା'ରେ ଛପା ହୋଇଥିଲା।

ତା'ପରେ ଦୀର୍ଘ ସମୟ ଧରି ମୁଁ ଆଉ ନାଟକ ଲେଖିବାର ପ୍ରେରଣା ଅନୁଭବ କରିନି। କିନ୍ତୁ ନାଟକ ପଢ଼ିବାରେ ମୋର ଥିଲା ପ୍ରବଳ ଆଗ୍ରହ। ଶାନ୍ତି ନିକେତନକୁ ଚାଲିଗଲି ୧୯୭୪ରେ। ବିଶ୍ୱଭାରତୀ ଓଡ଼ିଆ ବିଭାଗର ଅଧ୍ୟାପକ ଭାବେ ସେଠାରେ 'ବାବାଜୀ' ଠାରୁ ଆରମ୍ଭ କରି 'ଶବ ବାହକମାନେ' ପର୍ଯ୍ୟନ୍ତ ଅଧିକାଂଶ ଓଡ଼ିଆ ନାଟକ ପଢ଼ିଲି। ଯେଉଁ ନାଟକ ପୂର୍ବରୁ ପାଇ ନଥିଲି ବିଶ୍ୱଭାରତୀ ପାଠାଗାରରେ ସେ ସବୁ ମିଳିଗଲା। ଜଗନ୍ମୋହନ ଲାଲା, ରାମଶଙ୍କର ରାୟ, କାମପାଳ ମିଶ୍ର, ଭିକାରୀ ଚରଣ ପଟ୍ଟନାୟକ, ବୀର ବିକ୍ରମ ଦେବ, ପଦ୍ମନାଭ ନାରାୟଣ ଦେବ, ରାଧା ମୋହନ ରାଜେନ୍ଦ୍ର ଦେବ, ଗୋଦାବରୀଶ ମିଶ୍ର, ଧନେଶ୍ୱର ଦାସ, କାଳୀ ପ୍ରସନ୍ନ କବି, ଲାଲା ନଗେନ୍ଦ୍ର କୁମାର ରାୟ,

Digitized by srujanika@gmail.com

ମାୟାଧର ମାନସିଂହ, ନିକୁଞ୍ଜ କିଶୋର ଦାସ, ସୋମନାଥ ମିଶ୍ର, ଚୂଡ଼ାମଣି ନାୟକ, ରାମାରଞ୍ଜନ ମହାନ୍ତି, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଅଶ୍ୱିନୀ କୁମାର ଘୋଷ, କାଳିଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ଭଞ୍ଜ କିଶେର ପଟ୍ଟନାୟକ, ଗୋପାଳ ଛୋଟରାୟ, ମନୋରଞ୍ଜନ ଦାସ, ଲକ୍ଷ୍ମୀଧର ନାୟକ, ଆନନ୍ଦ ଶଙ୍କର ଦାସ, ପ୍ରାଣବନ୍ଧୁ କର, ସୁରେନ ମହାନ୍ତି, ଭୁବନେଶ୍ୱର ମହାପାତ୍ର, ନୀଳକଣ୍ଠ ମିଶ୍ର, ବ୍ୟୋମକେଶ ତ୍ରିପାଠୀ, ଶାରଦା ପ୍ରସନ୍ନ ନାୟକ, ରଜତ କୁମାର କର, ଚିନ୍ତାମଣି ଜେନା, ପ୍ରଫୁଲ୍ଲ କୁମାର ରଥ, ଅକ୍ଷୟ ମହାନ୍ତି, ବିଶ୍ୱଜିତ ଦାସ, ବସନ୍ତ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ, ଚନ୍ଦ୍ର ଶେଖର ନନ୍ଦ, ଶୈଳେଶ୍ୱର ନନ୍ଦ ପ୍ରମୁଖ ଅନେକଙ୍କ ନାଟକ ପଢ଼ିଛି। କେତେ ଜଣଙ୍କ ନାଟକ ଭଲ ଲାଗିଛି। ତେବେ ନୂତନତ୍ୱର ଦୁଇ ଅଗ୍ରସାରଥି ଅଶ୍ୱିନୀ କୁମାର ଓ ମନୋରଞ୍ଜନଙ୍କର ନାଟକ ପ୍ରତି ଥିଲା ସ୍ୱତନ୍ତ୍ର ଆକର୍ଷଣ, ଦୁଇ ସ୍ରଷ୍ଟାଙ୍କର ପ୍ରାୟ ସମସ୍ତ ନାଟକ ପଢ଼ିଦେଇଛି। ବିଶ୍ୱଜିତ୍ ଦାସ, ବସନ୍ତ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ, ପ୍ରଫୁଲ୍ଲ କୁମାର ରଥ ଏବଂ ବିଜୟ ମିଶ୍ରଙ୍କ ନାଟକର ନୂତନତ୍ୱ ହୃଦୟକୁ ସ୍ପର୍ଶ କରିଥିଲା।

୧୯୬୪ ମସିହାରେ ଏକ ନୂଆ ଯୁଗର ଆରମ୍ଭ। ଓଡ଼ିଆ ନାଟକରେ ପାଶ୍ଚାତ୍ୟ ପ୍ରଭାବିତ ନବଚେତନାର ପ୍ରବେଶ। ମୁଁ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜର ପ୍ରଥମ ବର୍ଷ- (ପ୍ରି-ୟୁନିଭରସିଟି)ର ଛାତ୍ର। ଖବର କାଗଜରେ 'ସୃଜନୀ' ବିଷୟରେ ସମ୍ବାଦ ବାହାରିଲେବି ମୁଁ ଏ ନୂତନତ୍ୱ ବିଷୟରେ ଅଜ୍ଞ ଥିଲି। ୧୯୬୮-୬୯ରେ ଯେତେବେଳେ ରେଭେନ୍ସା କଲେଜର ଓଡ଼ିଆ ବିଭାଗର ଛାତ୍ରଥିଲି, ସେତେବେଳେ ଏ ବିଷୟରେ ସାମାନ୍ୟ ଧାରଣା ହେଲା। ୧୯୬୯ରେ ଏମ୍.ଏ. ପାସ୍ କରି ରେଭେନ୍ସା କଲେଜରେ ଅଧ୍ୟାପକ ହେଲି। 'ଝଙ୍କାର', 'ଆସନ୍ତା କାଲି' ପ୍ରଭୃତି ପ୍ରତିଷ୍ଠିତ ପତ୍ରପତ୍ରିକାରେ ମୋର କବିତା ପ୍ରକାଶିତ ହେଉଥାଏ। ଏତେ ବେଳକୁ ମନୋରଞ୍ଜନ ଦାସଙ୍କ 'ଆଗାମୀ' ସମେତ 'ସାଗର ମନ୍ଥନ', 'ବନହଂସୀ', 'ଅରଣ୍ୟ ଫସଲ' ବିଜୟ ମିଶ୍ରଙ୍କ 'ଶବ ବାହକମାନେ', ରମେଶ ପାଣିଗ୍ରାହୀଙ୍କ 'ମୁଁ ଆମ୍ଭେ ଆମ୍ଭେମାନେ' ସହିତ ପରିଚିତ ହେଲି। ତା ପରେ ପରେ ମନୋରଞ୍ଜନଙ୍କ 'କାଠଘୋଡ଼ା', 'ଅମୃତସ୍ୟ ପୁତ୍ରଃ' ଆଦି ନାଟକ ଗୁଡ଼ିକ ପ୍ରକାଶିତ ହେଲା। ବିଜୟ ମିଶ୍ର ଓ ରମେଶ ପାଣିଗ୍ରାହୀଙ୍କ ନାଁ ବିଶେଷ ଚର୍ଚ୍ଚାକୁ ଆସିଥାଏ। ସେମାନଙ୍କ ସମେତ କାର୍ତ୍ତିକଚନ୍ଦ୍ର ରଥ, ରତ୍ନାକର ଚଇନି, ପ୍ରସନ୍ନ କୁମାର ମିଶ୍ର, ଜଗନ୍ନାଥ ପ୍ରସାଦ ଦାସ, ସୁବୋଧ ପଟ୍ଟନାୟକ (ଡାକ୍ତର) ପଞ୍ଚାନନ ପାତ୍ର ପ୍ରମୁଖଙ୍କ ନାଟକ ପଢ଼ିବାକୁ ପାଇଲି। ୧୯୮୦ ମସିହାରେ ମୁଁ ନାଟକ ଲେଖିବା ଆରମ୍ଭ କରିବା ପୂର୍ବରୁ ଏବଂ ପରେ ପ୍ରମୋଦ କୁମାର ତ୍ରିପାଠୀ, ରବୀନ୍ଦ ଦାସ, ମନ୍ମଥ କୁମାର ଶତପଥୀ, ରମାଚରଣ ପାଢ଼ୀ, ବିଜୟ କୁମାର ଶତପଥୀ, ନାରାୟଣ ସାହୁ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରମେଶ ଦାସ, ପ୍ରସନ୍ନ କୁମାର

Digitized by srujanika@gmail.com

ଦାସ, ରତିରଞ୍ଜନ ମିଶ୍ର, ଶଙ୍କର ତ୍ରିପାଠୀ, ଆନନ୍ଦଚନ୍ଦ୍ର ପହି, ରଣଜିତ୍ ପଟ୍ଟନାୟକ, ଦିଲ୍ଲୀଶ୍ୱର ମହାରଣା, ହୃଷୀକେଶ ପଣ୍ଡା, ହରିହର ମିଶ୍ର, ହେମେନ୍ଦ୍ର ମହାପାତ୍ର, ଅର୍ଚ୍ଚନା ନାୟକ, ସୁବୋଧ ପଟ୍ଟନାୟକ (ନାଟ୍ୟଚେତନା), ଅମୂଲ୍ୟ କୃଷ୍ଣ ମିଶ୍ର, ରାମଚନ୍ଦ୍ର ମିଶ୍ର (ଅଧ୍ୟାପକ) ପ୍ରମୁଖ ଓଡ଼ିଆ ନାଟକ କ୍ଷେତ୍ରରେ ପ୍ରତିଷ୍ଠା ପାଇଥିବା ନାଟ୍ୟକାରମାନଙ୍କ ନାଟକ ସହିତ କ୍ରମେ ପରିଚିତ ହୋଇଛି । ଅନେକଙ୍କ ନାଟକର ନୂତନତ୍ୱ ମୋତେ ମୁଗ୍ଧ କରିଛି । 'ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା' ବହି ଲେଖିଲା ବେଳେ କେତେଜଣ ପ୍ରୟୋଗବାଦୀ ନାଟ୍ୟକାରଙ୍କ ନାଟକକୁ ନିବିଡ଼ ଭାବେ ଅନୁଧ୍ୟାନ କରିଥିଲି । ମାତ୍ର ମୁଁ ସମସ୍ତଙ୍କ ନାଟକ ବିଷୟରେ ଲେଖି ପାରିଲି ନାହିଁ । କେବେ ଲେଖିବର ସମୟ ହେବ ଭାବି ପାରୁନି । ଓଡ଼ିଆ ନାଟକରେ ସେତେବେଳେ ବିଜୟ ମିଶ୍ରଙ୍କ 'ତଟନିରଞ୍ଜନା', 'ଜଣେ ରାଜା ଥିଲେ', ରମେଶ ପାଣିଗ୍ରାହୀଙ୍କ 'ଜଣେ ମହାପୁରୁଷଙ୍କ ଜନ୍ମ ମୃତ୍ୟୁ ସମ୍ପର୍କରେ' ଓ 'ଧୃତରାଷ୍ଟ୍ରର ଆଖି', ଜଗନ୍ନାଥ ପ୍ରଦାସ ଦାସଙ୍କ 'ସୂର୍ଯ୍ୟାସ୍ତ ପୂର୍ବରୁ' ମୋତେ ଗଭୀର ଭାବେ ସ୍ପର୍ଶ କରିଥିଲା । ଏହି ନାଟ୍ୟକାରଙ୍କର ସବୁ ନାଟକ ଆଗ୍ରହରେ ପଢ଼ିଛି ।

ବିଶ୍ୱ ଭାରତୀରେ ଥିବା ହେତୁ ଅଧିକାଂଶ ବଙ୍ଗଳା ନାଟ୍ୟକାରଙ୍କ ଶତାଧିକ ନାଟକ ପଢ଼ିଛି । ତେବେ ସେତେବେଳେ ମୋତେ ରାଧାରମଣ ଘୋଷ, ବୈଦ୍ୟନାଥ ମୁଖୋପାଧ୍ୟାୟ, ରତନ କୁମାର ଘୋଷ, ମୋହିତ ଚଟ୍ଟୋପାଧ୍ୟାୟ, ଉତ୍ପଳ ଦତ୍ତ, ମନୋଜ ମିତ୍ର, ଚନ୍ଦନ ସେନ, ଜ୍ୟୋତ୍ସାମୟ ଘୋଷ, ବାଦଲ ସରକାର ପ୍ରମୁଖଙ୍କ ନାଟକ ଭଲ ଲାଗୁଥିଲା । ଏବେ ବଙ୍ଗଳା ନାଟକ କ୍ଷେତ୍ରରେ କେତେଜଣ ପ୍ରତିଭାଧାରୀ ନାଟ୍ୟକାରଙ୍କ ଆବିର୍ଭାବ ଘଟିଛି । ହିନ୍ଦୀରେ ଅଳ୍ପ କେତୋଟି ନାଟକ ପଢ଼ିଥିଲି । ମୋତେ ସର୍ବେଶ୍ୱର ଦୟାଲ, ସକ୍ସେନା, ମୋହନ ରାକେଶ, ଗିରିଶ କର୍ନାଡ଼, ଧର୍ମବୀର ଭାରତୀ, ସୁରେନ୍ଦ୍ର ବର୍ମା; ମରାଠୀ ବିଜୟ ତେନ୍ଦୁଲକରଙ୍କ ନାଟକ ଭଲଲାଗିଛି । ଇଂରାଜୀରେ ଆବ୍‌ସର୍ଡ଼ିଷ୍ଟ, ସାମୁଏଲ ବେକେଟ ଓ ଇଉଦିନ ଇଉନେସ୍କୋଙ୍କ ଅଧିକାଂଶ ନାଟକ ପଢ଼ିଥିଲେ ବି ଦୁଇଟି ଛୁଇଁଛି ପିରାଦେଲୋ, ବାର୍ଟୋଲଟ୍, ବ୍ରେକ୍‌ଶଟ, ହାରୋଲଡ୍ ପିଣ୍ଟର, ସାମ ସୋଫାର୍ଡ଼ ମୋର ପସନ୍ଦର ନାଟ୍ୟକାର ଥିଲେ । ଓଡ଼ିଆ ଛଡ଼ା କେତୋଟି ଭଲ ନାଟକର ଅଭିନୟ ଦେଖିବାର ସୁଯୋଗ ମଧ୍ୟ ରହିଛି ।

ବହୁ ନାଟକ ପଢ଼ିବା ଓ ନାଟକ ବିଷୟରେ ସମୀକ୍ଷା ଲେଖିବା ଭିତରେ ମୋ ଭିତରେ ଥିବା ସୁପ୍ତ ନାଟ୍ୟ ଚେତନାଟି ହଠାତ୍ ଜାଗ୍ରତ ହୋଇଉଠିଲା । ଅଶ୍ୱିନୀକୁମାରଙ୍କ 'ଭକ୍ତ ସାଲବେଗ' ନାଟକର କାହାଣୀ ଓ କାମ୍ୟୁ 'କାଲିଗୋଲା' ନାଟକରେ ନାଟକର ଶୈଳୀ ଓ ସଂଳାପ ଅନୁସରଣରେ ଭାବଧର୍ମୀ ନାଟକ 'ସତ୍ୟ ସଂଶୟ ସାଲବେଗ' ଲେଖି ପକାଇଲି । ଏହି କାବ୍ୟିକ ନାଟକଟି ଫ୍ରେଣ୍ଡର୍ସ ପବ୍ଲିସର୍ସର ପ୍ରକାଶକ ସହଦେବ ପ୍ରଧାନଙ୍କ ଆଗ୍ରହ ଯୋଗୁଁ ଅଳ୍ପ ଦିନରେ ୧୯୮୧ ମସିହାରେ ପ୍ରକାଶ ପାଇଲା । ନାଟକ ଲେଖିବା

Digitized by srujanika@gmail.com

ପାଇଁ ପ୍ରେରଣା ମିଳିଲା। କିନ୍ତୁ ଏତେବେଳକୁ ମୁଁ କବି ଭାବରେ ବେଶ୍ ଜଣାଶୁଣା ହୋଇଯାଇଥିଲି। 'ଝଙ୍କାର', 'ସମାବେଶ' ଆଦି ପ୍ରତିଷ୍ଠିତ ପତ୍ରିକା ମୋର କବିତା ଧାରାବାହିକ ଭାବେ ପ୍ରକାଶ କରୁଥାନ୍ତି। ମୋର ତିନୋଟି କବିତା ବହି 'ପାହାଚ', 'ନୀଳଚନ୍ଦନର ଭୁଲ୍ ଠିକଣା', 'ସମ୍ବୋଧନହୀନ' ଯଥାକ୍ରମେ ଜେ. ମହାପାତ୍ର ଏଣ୍ଡ୍ କୋ, ଫ୍ରେଣ୍ଡସ୍ ପବ୍ଲିଶର୍ସ ଓ ବିଦ୍ୟାପୁରୀଙ୍କ ଦ୍ୱାରା ପ୍ରକାଶିତ ହୋଇସାରିଥାଏ। ସେହି ଦୃଷ୍ଟିରୁ କବିତା ଛାଡ଼ି ନାଟକ ଲେଖିବା କଥା ଭାବିନି। ବେଶି ସମୟ ଦେଇଛି ସୃଷ୍ଟିଶୀଳ ରଚନା ପଢ଼ିବାରେ। ଅଧିକାଂଶ ଓଡ଼ିଆ ଉପନ୍ୟାସ ପଢ଼ିଛି। ବଙ୍ଗଳା ଉପନ୍ୟାସ ମଧ୍ୟ ପଢ଼ିଛି ପ୍ରଚୁର ପ୍ରାୟ ସମସ୍ତ ଖ୍ୟାତିମାନ ଲେଖକଙ୍କର। ଏହା ସହିତ ବିଭିନ୍ନ ଭାରତୀୟ ଓ ଇଂରାଜୀ ଭାଷାର କେତେକ ପ୍ରସିଦ୍ଧ ଉପନ୍ୟାସର ଅନୁବାଦ ମଧ୍ୟ ପଢ଼ିଛି। ପ୍ରଚୁର ଓଡ଼ିଆ ଗଳ୍ପ, କବିତା ପଢ଼ିଛି। ଭଲ ଭଲ ଇଂରାଜୀ ଓ ବଙ୍ଗଳା କବିତା କିଛି ପଢ଼ିଛି। କଲେଜରେ ମୋର ଗୋଟିଏ ବିଷୟ ଥାଏ ସଂସ୍କୃତ। ସେହି ଦିନଠୁ କାଳୀଦାସଙ୍କ ତିନୋଟି କାବ୍ୟ 'ରଘୁବଂଶମ୍', 'କୁମାର ସମ୍ଭବମ୍' ଓ 'ମେଘଦୂତମ୍' ପ୍ରତି ମୋର ପ୍ରବଳ ଅନୁରକ୍ତି। ଏସବୁ ସନ୍ଧ୍ୟାବେଳେ ଉଚ୍ଚ କଣ୍ଠରେ ଆବୃତ୍ତି କରି କାବ୍ୟାମୋଦ ଲାଭ କରୁଥିଲି। ଏହିଭଳି ସବୁ ସମୟ କଟିଯାଉଥିଲା କେବଳ ସାହିତ୍ୟ ପଢ଼ାରେ। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ପୁରାଣ ପଢ଼ିବାର ନିଶା ହେଲା। ଏ ସବୁ ପଢ଼ିବା ଭିତରେ ଶାରଳା ଦାସଙ୍କ ମହାଭାରତ ପ୍ରତି ମୋର ବିଶେଷ ଅନୁରକ୍ତି ଆସିଲା। ମନେହେଲା, ସାରଳା ମହାଭାରତ ହିଁ ଓଡ଼ିଆ ସାହିତ୍ୟର ମହତ୍ତମ ସୃଷ୍ଟି। ଦୁଇଥର ପଢ଼ିଲି। ସେଥିରେ ଭରି ରହିଥିବା ଆଧୁନିକ ଜୀବବୋଧ ମତେ ବିସ୍ମିତ କଲା। ଏକ ବୃହତ୍ତର ପ୍ରେକ୍ଷାପଟରେ ମଣିଷ ଜୀବନର ବିବିଧ ବୈଚିତ୍ର୍ୟ ମୋର ଗଭୀର ଉପଲବ୍ଧିକୁ ଆସିଲା। ସାରଳାଙ୍କ ପରିକଳ୍ପିତ ଜୀବନଚିତ୍ର ମୋତେ ଏତେ ବେଶି ଅନୁପ୍ରାଣିତ କଲା ଯେ ମୁଁ ସାରଳା ମହାଭାରତର ପଟ୍ଟଭୂମିରେ ଆଧୁନିକ ଜୀବନବୋଧର ନାଟକ କେତୋଟି ଲେଖିବାକୁ ସ୍ଥିର କଲି। ମହାଭାରତ ଭିତରୁ ବହୁ ଉପାଦାନ ଉଠିଆସି ମୋ ଆଖି ଆଗରେ ନାଚିବାକୁ ଆରମ୍ଭ କଲେ।

ପାରମ୍ପରିକ ରକ୍ତଗତ ସମ୍ପର୍କକୁ ସମ୍ମାନ ଦେଇ ମଣିଷ ନିଜର ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ହରାଇ ବସେ, ଘୋର ଅସହାୟତା ଓ ବିଚ୍ଛିନ୍ନତା ବୋଧର ଶିକାର ହୁଏ, ପ୍ରବଳ ମାନସିକ ଉତ୍ପୀଡ଼ନ ଭୋଗ କରେ। ଫଳରେ ପ୍ରତିବାଦ କରିବାକୁ ଉନ୍ମୁଖ ହୋଇଉଠେ। ଏପରି ଏକ ଚିତ୍ରକୁ ସାରଳା ମହାଭାରତ ପଟ୍ଟଭୂମିରେ ଉପସ୍ଥାପନର ପ୍ରୟାସ କଲି 'ମଧ୍ୟପାତ୍ର' ନାଟକରେ। ମନୋରଞ୍ଜନ ଦାସଙ୍କ ପ୍ରଯୋଜନାରେ ଆକାଶବାଣୀ, କଟକ କେନ୍ଦ୍ରରୁ ନାଟକଟି ପ୍ରସାରିତ ହେଲା। ଏଥିରେ ମଧ୍ୟପାତ୍ର ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିଥିଲେ ହରିହର ମିଶ୍ର, କବି ଓ ନାଟ୍ୟକାର। ସୌଭାଗ୍ୟକୁ ରାତି ଦଶର ଏହି ନାଟକ ପ୍ରୋଗ୍ରାମ୍‌କୁ

Digitized by srujanika@gmail.com

ବହୁ ନାଟ୍ୟପ୍ରେମୀ ଶ୍ରୋତା ଶୁଣିଥିଲେ। ନାଟକର ବକ୍ତବ୍ୟ, ଉପସ୍ଥାପନା ଶୈଳୀ ଓ ସଂଳାପର ନୂତନତ୍ୱ ସମସ୍ତଙ୍କୁ ମୁଗ୍ଧ କରିଥିଲା। ଫଳରେ ଶ୍ରୋତାମାନଙ୍କ ଅନେକ ଉଚ୍ଚ ପ୍ରଶଂସାପୂର୍ଣ୍ଣ ପତ୍ର ମୋ ପାଖରେ ଓ ଆକାଶବାଣୀରେ ପହଞ୍ଚିବାକୁ ଲାଗିଲା। ସେଥିମଧ୍ୟରୁ କେତୋଟି ଥିଲା ଆବେଗମୟ ଦୀର୍ଘପତ୍ର। କେତେଜଣ ସାହିତ୍ୟିକ ବନ୍ଧୁ ପରାମର୍ଶ ଦେଇଥିଲେ କବିତା ନଲେଖି ନାଟକ ଲେଖିବାକୁ। ରାତାରାତି ମୁଁ ସାରା ଓଡ଼ିଶାରେ ନାଟ୍ୟକାର ଭାବେ ପରିଚିତ ହୋଇଗଲି। ସକାଳେ ୟୁନିଭର୍ସିଟି ଡିପାମେଣ୍ଟକୁ ଗଲି କ୍ଲାସ୍ ନେବାକୁ। ଛାତ୍ରଛାତ୍ରୀମାନେ ହସ ହସ ମୁହଁରେ ନାଟକ ପାଇଁ ଅଭିନନ୍ଦନ ଜଣାଇଲେ। ବିଭାଗୀୟ ମୁଖ୍ୟ ଡକ୍ଟର ନରେନ୍ଦ୍ର ନାଥ ମିଶ୍ରଙ୍କୁ ନାଟକଟି ଏତେ ଗଭୀରଭାବେ ସ୍ପର୍ଶ କରିଥିଲା ଯେ ସେ ସେହି ରାତିରେ ଯା ଉପରେ ଗୋଟିଏ ଚାରିପୃଷ୍ଠାର ସମାଲୋଚନା ଲେଖିପକାଇଥିଲେ। ସେଇଟି ପଢ଼ି ତାଙ୍କର ବିଦଗ୍ଧ ଗ୍ରାହକତା ପାଇଁ କୃତଜ୍ଞତା ଜଣାଇଲେ। ତାଙ୍କ ନିର୍ଦ୍ଦେଶକ୍ରମେ ତା' ପରଦିନ ବିଭାଗରେ ମୋ ଉଦ୍ଦେଶ୍ୟରେ ଗୋଟିଏ ସେମିନାର୍‌ର ଆୟୋଜନ କରାଯାଇଥିଲା। ନାଟକଟିକୁ ନାଟକୀୟ ରୀତିରେ ପଢ଼ିଲି। ନାଟକର ବିଭିନ୍ନ ଦିଗରେ ଉପରେ ସୂଚନା ଦେଲି। ଛାତ୍ରଛାତ୍ରୀମାନେ ଆଲୋଚନା କଲେ। ପ୍ରଫେସର ମିଶ୍ର ସଭାପତି ଭାଷଣରେ ତାଙ୍କର ଲିଖିତ ପ୍ରବନ୍ଧଟି ପଢ଼ି ନାଟକ ଲେଖିବାକୁ ମୋତେ ଉତ୍ସାହ ଦେଲେ। ଏ ଥିଲା ଏକ ପ୍ରକାର ସମ୍ବର୍ଦ୍ଧନା ସଭା। ମୁଁ ଆମୋଦ ଅନୁଭବ କଲି। ଅଧିକନ୍ତୁ, ଅପରିଚିତ ଶ୍ରୋତାମାନଙ୍କର ପତ୍ର ମୋତେ ଭାବପ୍ରବଣ କରୁଥାଏ।

ବୃହତ୍ ରାଷ୍ଟ୍ରମାନଙ୍କର ପାରମ୍ପରିକ ଅହମିକାର ସଂଘର୍ଷରେ ବିଶ୍ୱଯୁଦ୍ଧର ଉଦ୍ଭବ ଏବଂ ଏହାର ସୁଦୂରପ୍ରସାରୀ ଧ୍ୱଂସଶୀଳତା, ବିଶ୍ୱଶାନ୍ତି ଓ ନିରସ୍ତ୍ରୀକରଣ ନାମରେ ଛଳନାର ସ୍ୱରୂପକୁ ଉନ୍ମୋଚନ କରିବାକୁ ଯାଇ ମହାଭାରତର ପଟ୍ଟଭୂମିରେ ଆଧୁନିକ ଭାବବୋଧର ନାଟକ 'ସ୍ୱର୍ଗାରୋହଣ' ଲେଖିଲି। ଏହା ମୋର ତୃତୀୟ ନାଟକ। ନାଟକଟି ବ୍ରେକ୍‌ଟୀୟ ଏପିକ୍ ରୀତିରେ ଲିଖିତ। ଆକାଶବାଣୀର ନାଟ୍ୟୋତ୍ସବ କାର୍ଯ୍ୟକ୍ରମରେ ନାଟକଟି କଟକ, ସମ୍ବଲପୁର ଓ ଜୟପୁର କେନ୍ଦ୍ରରୁ ଏକ ସମୟରେ ପ୍ରସାରିତ ହୋଇଥିଲା। ଏହାର ପ୍ରଯୋଜନା କରିଥିଲେ ମାନଭଞ୍ଜନ ବହିଦାର। ନାଟକଟିର ବକ୍ତବ୍ୟ, ଶୈଳୀ ଓ ସଂଳାପ ସମ୍ପର୍କରେ ଶ୍ରୋତାମାନଙ୍କର ବିଶେଷତଃ ନାଟ୍ୟକାର ରବୀନ୍ଦ୍ର ନାଥ ଦାସଙ୍କର ଚିଠି ଉତ୍ସାହଜନକ ଥିଲା। ନାଟକଟିର ପୂର୍ଣ୍ଣାଙ୍ଗ ରୂପ ପ୍ରକାଶିତ ହେଲା। ସେ ବର୍ଷର ବିଷୁବ 'ଝଙ୍କାର'ରେ ଏହା ବହୁ ସୁଧୀ ପାଠକଙ୍କ ସଂପ୍ରଶଂସ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ଓଡ଼ିଆ ବୁକ୍‌ଷ୍ଟୋର୍‌ର ପ୍ରକାଶକ ଗୋବିନ୍ଦ ଚରଣ ପାତ୍ରଙ୍କ ଦ୍ୱାରା 'ସ୍ୱର୍ଗାରୋହଣ ନାମରେ 'ମଧ୍ୟପାତ୍ର' ଓ 'ସ୍ୱର୍ଗାରୋହଣ' ପ୍ରକାଶିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ବି କିଛିଦିନ ଥିଲା।

ସେବର୍ଷ ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱଭାରତୀର ସଙ୍ଗୀତ ଭବନ ରଙ୍ଗମଞ୍ଚରେ ନାଟକଟି ମୋ

Digitized by srujanika@gmail.com

ନିର୍ଦ୍ଦେଶନାରେ ଅଭିନୀତ ହେଲା । ବିଜ୍ଞାପିତ ହୋଇଥାଏ ପୂର୍ବରୁ । ସନ୍ଧ୍ୟା ୬ଟା ୪୫ରୁ ଅଭିନୟ ଆରମ୍ଭ ହେଲା । ବିଶ୍ୱଭାରତୀର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସ୍ଥାୟୀ ଆବାସୀ ମାନଙ୍କ ଦ୍ୱାରା ୬ଟା ୩୦ ସୁଦ୍ଧା ପ୍ରେକ୍ଷାଳୟ ପୂର୍ଣ୍ଣ ହୋଇ ଯାଇଥିଲା । ନାଟକଟି ଦର୍ଶକମାନଙ୍କ ହୃଦୟକୁ ସ୍ପର୍ଶ କଲା । ବେଶି ସ୍ପର୍ଶ କଲା ନାଟକର ବକ୍ତବ୍ୟ ଓ ସଂଳାପ । ଅଭିନୟ ଶେଷର ମଞ୍ଚତଳକୁ ଓହ୍ଲାଇଲି । ମୋତେ ଘେରି ପରିଚିତ ବନ୍ଧୁମାନେ ଅଭିନନ୍ଦନ ଜଣାଇଥିଲେ । ଅନେକ ଅପରିଚିତ ବି ପ୍ରଶଂସା କଲେ । ତା'ପରଦିନ ସକାଳେ ବିଶ୍ୱଭାରତୀରେ ନାଟ୍ୟକାର ଭାବେ ମୋର ଖ୍ୟାତି ବ୍ୟାପିଗଲା । ପ୍ରଚାରିତ ହୋଇଗଲା 'ସ୍ୱର୍ଗାରୋହଣ' ନାମଟି । ପରଦିନ ସକାଳେ ମୋ ଘରର ଗେଟ୍ ବାହାରକୁ ବାହାରିବା ବେଳକୁ ବୀପରିତ ଦିଗରୁ ଆସୁଥିବା ଜଣେ ପରିଚିତା ବୟସ୍କା ଭଦ୍ରମହିଳା ମୋ ହାତକୁ ଚାପି ଧରି କହିଲେ – "ନୀଳାଦ୍ରି ! ତୁମି ଅତୋ ସୁନ୍ଦର । ନାଟକ ଲିଖ୍‌ତେ ପାରୋ । ଆମି କଖନ୍ ଧାରଣାଇ କର୍‌ତେ ପାରିନି । ଡାଇଲଗ୍ ବୋଲୋ କି ଚମତ୍କାର ! ଆରମ୍ଭ ଥେକେ ଶେଷ ପର୍ଯ୍ୟନ୍ତ ଯେ ରକମ୍ ଆମାର୍ ହୃଦୟେ ମଧ୍ୟେ ପ୍ରତିଧ୍ୱନିତ୍ ହୟେ ଚଲ୍‌ଛେ ।" କ୍ଲାସ୍ ସାରି ଫେରିବା ରାସ୍ତାରେ ଦେଖାହେଲେ ବଙ୍ଗଳା ବିଭାଗର ଜଣେ ବରିଷ୍ଠ ଅଧ୍ୟାପକ । ସେ କହିଲେ – "ଆପଣା ନାଟକ୍ ଖୁବ୍ ଭାଲୋ ଲାଗ୍‌ଲ । ସବାଇ ଭାଲୋ ବଲ୍‌ଛେ । ଡାଇଲଗ୍ ବୋଲୋ କେ ରକମ୍ ଯେ ବାଙ୍ଗାଲା ଦେର ପକ୍ଷେ ବୁଝ୍‌ତେ ଅସୁବିଧେ ହୟାନୀ ! ଆମି ଏଖାନେ ଏକ୍‌ଟି ଭାଲୋ ଓଡ଼ିଆ ନାଟକ ଧେଖେଛିଲାମ୍ – 'ତଟ ନିରଞ୍ଜନା' । ତାର ପର ମୋର ଏକ୍‌ଟି ଭାଲୋ ନାଟକ – 'ସ୍ୱର୍ଗାରୋହଣ' ।" ଷ୍ଟେଟ୍‌ବ୍ୟାଙ୍କ୍‌କୁ ଗଲି । ଲାଇନ୍‌ରେ ଠିଆ ହୋଇଥିଲି । ପଦାର୍ଥ ବିଜ୍ଞାନ ବିଭାଗର ଜଣେ ଅଧ୍ୟାପକ ବନ୍ଧୁ ଆଉ ଜଣେ ଅଧ୍ୟାପକଙ୍କୁ ମୋ ଆଡ଼କୁ ହାତ ଦେଖାଇ କହୁଥାନ୍ତି – "ଇତି 'ସ୍ୱର୍ଗାରୋହଣ'ର ଲେଖକ୍ ।" ଅନୁଭବ କଲି କେହି କେହି ଅପରିଚିତ ବ୍ୟକ୍ତି ମୋ ଆଡ଼କୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହୁଁଛନ୍ତି । ମନେ ଉତ୍‌ଫୁଲ୍ଲିତ ହେଲି ଯାହାହେଉ, ଖଣ୍ଡିଏ ମାତ୍ର ନାଟକ ପାଇଁ ବିଶ୍ୱଭାରତୀରେ ନାଟ୍ୟକାର ଭାବେ ପରିଚିତ ହୋଇଗଲି ।

ଯା ପରେ ସାରଳା ମହାଭାରତ ଆଧାରରେ ଆଉ ଦୁଇଟି ନାଟକ ଲେଖିଥିଲି । ଗୋଟିଏ 'ନିରାପଦ ଭବିଷ୍ୟତ' ଓ ଅନ୍ୟଟି 'ଅନୁଶାସନ' । 'ନିରାପଦ ଭବିଷ୍ୟତ' ନାଟକଟି 'ବିକ୍ରୀତ ପୌରୁଷ' ନାମରେ ମନୋରଞ୍ଜନ ଦାସଙ୍କ ପ୍ରଯୋଜନାରେ ଆକାଶବାଣୀ କଟକରୁ ପ୍ରସାରିତ ହୋଇଥିଲା । ପରିସ୍ଥିତିରେ ପଡ଼ି ମଣିଷ କିପରି ନିଜଠାରୁ ନିକୃଷ୍ଟ ବ୍ୟକ୍ତି ନିକଟରେ ନିଜର ବ୍ୟକ୍ତିତ୍ୱକୁ ବିକ୍ରୟ କରି ଦାସ ହୋଇଯାଏ, ତା' ଚିତ୍ର ପ୍ରତିଫଳିତ ହୋଇଛି 'ନିରାପଦ ଭବିଷ୍ୟତ'ରେ । ପାଣ୍ଡବମାନଙ୍କ ବିରାଟ ରାଜାର ଆଶ୍ରୟ ଗ୍ରହଣ, କୀଚକ ଦ୍ୱାରା ଦ୍ରୌପଦୀଙ୍କ ନିର୍ଯ୍ୟାତନାକୁ ନାଟକଟି ମୂଳତଃ ଆଧାର କରିଥିଲା । ନାଟକଟିର

Digitized by srujanika@gmail.com

ବିଶେଷତ୍ୱ ଯେ ପୁରାଣ ପଣ୍ଡା ଭୂମିକାରେ ଘୋଷଙ୍କର ମଞ୍ଚପ୍ରବେଶ ଓ 'ସାରଳା ମହାଭାରତ' ବିରାଟ ପର୍ବର ବିଭିନ୍ନ ପ୍ରାସଙ୍ଗିକ ଅଂଶର ପାଠ। ନାଟକଟି ଆକାଶବାଣୀ ପ୍ରସାରଣ ପରେ 'ଝଙ୍କାର'ରେ ପ୍ରକାଶିତ ହୋଇଥିଲା। 'ଅନୁଶାସନ' ନାଟକର ବକ୍ତବ୍ୟ ହେଉଛି ବହୁ ଅନ୍ୟାୟ କାଳ କାଳ ଧରି ନୀତି ଭାବେ ସମାଜରେ ପ୍ରଚଳିତ ହୋଇଚାଲିଛି। ପ୍ରଥମେ ଏ ନାଟକଟି ବଙ୍ଗଳାରେ ଲେଖିଥିଲି। କିନ୍ତୁ ଗୋଟିଏ ନାଟ୍ୟ ପତ୍ରିକାର ସଂପାଦକ ପ୍ରତିଶ୍ରୁତି ଦେଇ ନଛାପିବାରୁ ନାଟକଟିକୁ ଓଡ଼ିଆରେ ଅନୁବାଦ କରି 'ସମ୍ବାଦ'ର ପ୍ରଥମ ବାର୍ଷିକ ବିଶେଷାଙ୍କରେ ଛାପିଲି। ପରେ ନାଟକଟି ହାଇସ୍କୁଲର ପାଠ୍ୟକ୍ରମରେ ରହିଥିଲା।

ପ୍ରକାଶକ ଅନନ୍ତ ମିଶ୍ରଙ୍କ କଟକ ଷ୍ଟୁଡେ଼ଣ୍ଟ ଷ୍ଟୋରଙ୍କ ଦ୍ୱାରା ପ୍ରକାଶିତ 'ନିରାପଦ ଭବିଷ୍ୟତ' ନାଟକ ସହିତ ଆଉ ଦୁଇଟି ନାଟକ 'ପୁଣ୍ୟଭୂମି ଭାରତ' ଓ 'ବତାଶ ନିସ୍ତବ୍ଧ ଆଜି' ସଂଯୋଜିତ। 'ପୁଣ୍ୟଭୂମି ଭାରତ' ରାମାୟଣର କେତେକ ବିକ୍ଷିପ୍ତ ଚିତ୍ରର ଆଧାରରେ ଲିଖିତ ଆଧୁନିକ ଭାବବୋଧର ନାଟକ। ଶକ୍ତିଶାଳୀ ବ୍ୟକ୍ତିମାନଙ୍କର ସମସ୍ତ ଅନ୍ୟାୟ ଅବିଚାର ସାଧାରଣ ଲୋକଙ୍କ ଭିତରେ ନ୍ୟାୟୋଚିତ କାର୍ଯ୍ୟ ଭାବେ ଗୃହୀତ ହୋଇଯାଏ। କେହି ଏ ବିଷୟରେ ପ୍ରଶ୍ନ କରନ୍ତି ନାହିଁ, ପ୍ରତିବାଦର ସ୍ୱର ଉଠାନ୍ତି ନାହିଁ, ସମସ୍ତ ପାପପୁଣ୍ୟ ଭାବେ ଆଖ୍ୟାୟିତ ହୋଇଯାଏ। ଏହିପରି ଏକ ଅଦ୍ଭୁତ ପୁଣ୍ୟଭୂମି ଭାରତବର୍ଷର ଚିତ୍ର ଏଥିରେ ପ୍ରତିଫଳିତ। ଏହା ପ୍ରଥମେ 'ଇସ୍ତାହାର'ରେ ପ୍ରକାଶିତ ହୋଇଥିଲା। 'ବତାସ ନିସ୍ତବ୍ଧ ଆଜି' ଐତିହାସିକ ନାଟକଟି କପିଳେନ୍ଦ୍ର ଦେବଙ୍କ ଜ୍ୟେଷ୍ଠ ପୁତ୍ର ଦିଗ୍‌ବିଜୟୀ ହମ୍ୱୀର ଦେବଙ୍କ ପ୍ରତି କରାଯାଇଥିବା ଚରମ ପ୍ରତାରଣା ଓ ପ୍ରବଞ୍ଚନାର କରୁଣ କାହାଣୀ। ଅନେକ ସମୟରେ ସମସ୍ତ ଯୋଗ୍ୟତା ସତ୍ତ୍ୱେ ମଣିଷ ନ୍ୟାଯ୍ୟ ଦାବୀରୁ ବଞ୍ଚିତ ହୁଏ, ତୋଷାମୋଦକାରୀ, ନିର୍ବୀର୍ଯ୍ୟ ପୁରୁଷମାନେ କଳେବଳେ କୌଶଳେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ପଛକୁ ପକାଇ ଉଚ୍ଚାସନର ଅଧିକାରୀ ହୋଇଥାନ୍ତି। ଅନ୍ୟାୟରେ ପୁରୁଷୋତ୍ତମଙ୍କ ରାଜସିଂହାସନ ଅଧିକାର ଘଟଣା ଭିତର ଦେଇ ଏହି ଭାବବୋଧଟି ପରିସ୍ଫୁଟ।

'କଲମ୍ବସ୍' ଏକ ଗଭୀର ଉତ୍କଣ୍ଠା ମୂଳକ ଐତିହାସିକ ନାଟକ। ସମସ୍ତ ପ୍ରତିବନ୍ଧକ, ବାଧା ବିପଦ ସତ୍ତ୍ୱେ ଅଦମ୍ୟ ପ୍ରୟାସ ଓ ଦୁଃସାହସିକ ଅଭିଯାନକୁ ଜୀବନ ବୋଲି ଧରିନେଇଥିବା ବ୍ୟକ୍ତି କଲମ୍ବସ୍‌ଙ୍କ ସାଗର ବିଜୟର କାହାଣୀ ଏହାର ଉପଜୀବ୍ୟ। ନାଟକଟିର ପ୍ରକାଶକ ଥିଲେ ବ୍ରହ୍ମପୁରର ବିଜୟ ବୁକ୍ ଷ୍ଟୋର। ଏହା ଆକାଶବାଣୀ କଟକ ଦ୍ୱାରା ପ୍ରସାରିତ ହୋଇଥିଲା।

'ଭୀମ ଭୋଇଙ୍କ ସନ୍ଧାନରେ' ଏକ ବହୁ ଚର୍ଚ୍ଚିତ ନାଟକ। ପ୍ରଥମେ ଏହା ବିଷୁବ 'ଝଙ୍କାର'ରେ ପ୍ରକାଶିତ ହୋଇ କେତେଜଣ ସାହିତ୍ୟିକ ଓ ନାଟ୍ୟକାରଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥିଲା। ଏହା ପ୍ରଥମେ ଅଭିନୀତ ହୋଇଥିଲା ମୟୂରଭଞ୍ଜର କରଞ୍ଜିଆ

Digitized by srujanika@gmail.com

କଲେଜରେ, ତା'ପରେ ରାଉରକେଲାର ଇସ୍ପାତ କଲେଜରେ। ବିଶେଷ ଅଭିନୟ ହୋଇଥିଲା ବିଖ୍ୟାତ ମଞ୍ଚ ନିର୍ଦ୍ଦେଶକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ପ୍ରଯୋଜନାରେ ବଲାଙ୍ଗୀରର 'ସପ୍ତରଙ୍ଗ' ନାଟ୍ୟସଂସ୍ଥା ଆନୁକୂଲ୍ୟରେ। ଗତବର୍ଷ କବି ବିଜୟ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ବଲାଙ୍ଗୀର ମହିଳା କଲେଜରେ ଅଭିନୀତ ହୋଇଛି। 'ଭୀମଭୋଇଙ୍କ ସନ୍ଧାନରେ' ଭାରତ ବର୍ଷର ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ଦୁଃସ୍ଥିତିର ବ୍ୟଙ୍ଗାତ୍ମକ ଚିତ୍ର ପ୍ରତିଫଳିତ। ସମାଜ ଯେତେବେଳେ ଦିଗହରା ହୋଇ ଘୋର ନୈରାଶ୍ୟର ସମ୍ମୁଖୀନ ହୁଏ, ସେତେବେଳେ ଘଟେ ଭୀମଭୋଇଙ୍କ ପରି ଜଣେ ଜଣେ ମାନବବାଦୀ ମହାପୁରୁଷଙ୍କର ଆବିର୍ଭାବ। ସେମାନଙ୍କ ସଂସ୍ପର୍ଶରେ ବିଷାଦଗ୍ରସ୍ତ ମଣିଷ ହୃଦୟ ନୂତନ ଆଶାର ଆଲୋକରେ ଉଦ୍‌ଭାସିତ ହୋଇଉଠେ। ନାଟକର ଚାରୋଟି ମାତ୍ର ଚରିତ୍ର ସାଂପ୍ରତିକ ଭାରତବର୍ଷର ଦୁରବସ୍ଥାକୁ ବ୍ୟଙ୍ଗଧର୍ମୀ ସଂଳାପ ଓ ଅଭିନୟ ମାଧ୍ୟମରେ ଉପସ୍ଥାପିତ କରୁଛନ୍ତି। ଭୀମଭୋଇ ବୋଲି କୌଣସି ନିର୍ଦ୍ଦିଷ୍ଟ ଚରିତ୍ର ମଞ୍ଚକୁ ଆସି ନାହାନ୍ତି। କୌତୂହଳ ନିବୃତ୍ତି ପାଇଁ ନାଟକର ଶେଷ ତିନୋଟି ସଂଳାପ ଉଦ୍ଧୃତ କରୁଛି –

୪ର୍ଥ - ଭୀମଭୋଇମାନେ ସହଜରେ ମରି ଯାଆନ୍ତି ନାହିଁ। ସେମାନେ ବାରମ୍ବାର ଜନ୍ମ ହୁଅନ୍ତି ଅନ୍ଧକାର ଭିତରେ ଦୀପଶିଖାଟିଏ ହୋଇ ଜଳିବାକୁ। (ଅଭୟ ମୁଦ୍ରାରେ ଭୀମ ଭୋଇଙ୍କ ପରି ଠିଆହେବ)

୨ୟ - ସେମାନଙ୍କୁ ଅବହେଳା କରାଯାଇପାରେ, କିନ୍ତୁ ଅସ୍ୱୀକାର କରାଯାଇପାରେନା।

୨ମ - ମେରିଆ ଦେହରୁ ଜୀବନ୍ତା ଅବସ୍ଥାରେ ମାଂସ କାଟି ନେବାକୁ ଛୁରୀ ଧରି ଯେଉଁଠି ଲୋକ ବସିଥାନ୍ତି, ସେଇଠି ହଠାତ୍ ଆବିର୍ଭାବ ଘଟେ ଜଣେ ଭୀମ ଭୋଇଙ୍କର, ଯାହାଙ୍କଠୁ କାହାର କିଛି ପ୍ରାପ୍ୟ ନାହିଁ। ହାତରୁ ଛୁରୀ ପକାଇ ଦେଇ ସମସ୍ତେ ତାଙ୍କୁ ଚାହାନ୍ତି ବିସ୍ମୟ ବିମୂଢ଼ ଭଙ୍ଗୀରେ। ସେ ବିମୂଢ଼ତା ଭିତରେ ଭାରତବର୍ଷ ବଞ୍ଚିଯାଏ ଆଉ ଗୋଟିଏ ମୁହୂର୍ତ୍ତ। (ବିମୂଢ଼ ଭାବେ ଚାହିଁ ରହିଲେ ସମସ୍ତେ)

'ଭୀମଭୋଇଙ୍କ ସନ୍ଧାନରେ', 'ଅନୁଶାସନ', 'ରତ୍ନାକରର ରାସ୍ତା', 'ରାଜପଥ ଗ୍ରାମପଥ', 'ଆଶ୍ଚର୍ଯ୍ୟ ମଣିଷ' ପ୍ରଭୃତି ଛୋଟବଡ଼ ନାଟକର ସମାରୋହରେ 'ଭୀମଭୋଇଙ୍କ ସନ୍ଧାନରେ' ନାଟକଟି ପ୍ରକାଶିତ ହେଲା କଟକ ଷ୍ଟୁଡେଣ୍ଟ ଷ୍ଟୋର୍ସ ଦ୍ୱାରା ପ୍ରକାଶକ ନୃସିଂହ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ।

ବର୍ତ୍ତମାନ ସମୟରେ ସତ୍ ଜନସେବକମାନଙ୍କ ହାତରୁ ରାଜନୀତି ଚାଲିଯାଇଛି ଅସାଧୁ ବ୍ୟବସାୟୀ ମାନଙ୍କ ହାତକୁ। ନିର୍ବାଚନ ରାଜନୀତିରେ ଯଥାର୍ଥ ସମାଜସେବୀଙ୍କର

Digitized by srujanika@gmail.com

ସ୍ଥାନ ନାହିଁ। ଭୋଟ ପାଇଁ ଅର୍ଥ ହିଁ ହୋଇଛି ମୂଳଅସ୍ତ୍ର। ସେଠାରେ ପ୍ରାର୍ଥୀର ଯୋଗ୍ୟତା ଅଯୋଗ୍ୟତା, ନୀତି ଅନୀତି, ଭଲ ମନ୍ଦ ବିଚାରର କିଛି ନାହିଁ। ନୀତିନିଷ୍ଠ ରାଜନୀତିର ପରାଜୟର କରୁଣ କାହାଣୀ ଅବଲମ୍ବନରେ ଲିଖିତ 'ଜଟାୟୁର ଛିନ୍ନ ଡେଣା', 'ମଇଁଷିର ପାଶ ନଯାଅ ଦନାଇ'ର ଭିତ୍ତି ପ୍ରସାଶନିକ କ୍ଷେତ୍ର। ଚାକିରୀ କ୍ଷେତ୍ରରେ ଶକ୍ତିଧର ଉଚ୍ଚକର୍ତ୍ତାମାନଙ୍କର ଅନ୍ୟାୟ ବିରୁଦ୍ଧରେ ପାଟି ଫିଟେଇବାର ଶକ୍ତି କାହାର ନଥାଏ। ନିମ୍ନ କର୍ମଚାରୀମାନେ କେବଳ ଭୟରେ ଆଦେଶ ପାଳନ କରିଚାଲନ୍ତି। ଅରଣା ମଇଁଷିକୁ ଭୟ କଲା ପରି ପ୍ରତ୍ୟେକ ଲୋକ ବାଲ୍ୟକାଳରୁ ଆରମ୍ଭ କରି ସମାଜର ପ୍ରତିଷ୍ଠା ପାଇବା ପର୍ଯ୍ୟନ୍ତ ଏପରିକି ଜୀବନର ଶେଷ ପର୍ଯ୍ୟନ୍ତ ଶକ୍ତିଧର ମାନଙ୍କୁ ଭୟ କରି ଚାଲନ୍ତି। ମନ ଭିତରର କ୍ରୋଧକୁ ଚାପି ରଖନ୍ତି। କିନ୍ତୁ ନିଷ୍ପେସିତ ଶକ୍ତିଟି ବି ଦିନେ ଜାଗ୍ରତ ହୋଇ ଅରଣା ମଇଁଷିକୁ ଧରାଶାୟୀ କରିପାରେ। ନାଟକଟି ଆକାଶବାଣୀରେ ପ୍ରଚାରିତ ହେବା ପରେ 'ଝଙ୍କାର'ରେ ପ୍ରକାଶିତ ହୋଇଥିଲା।

'କଲୁରିବେଣ୍ଟ' ଏକ ବହୁ ଚର୍ଚ୍ଚିତ ନାଟକ। ଶାନ୍ତିନିକେତନ ଗୃହରେ ପ୍ରଥମେ ଅଭିନୀତ। ପରେ ଆକାଶବାଣୀର ଜାତୀୟ ପୁରସ୍କାର ପର୍ଯ୍ୟନ୍ତ ଏହାର ଦୌଡ଼। ନାଟକଟି ମିଥ୍ ସମ୍ବଳିତ। 'କଲୁରିବେଣ୍ଟ' ଲୋକକାହାଣୀ ଅତ୍ୟନ୍ତ ଜନପ୍ରିୟ। କାହାଣୀ ଅନୁସାରେ ପାଚିଲା କଲରାଟିକୁ ଖାଇବା ପାଇଁ କାଉର ଅବ୍ୟାହତ ପ୍ରୟାସ ଶେଷ ପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ। ଅତୃପ୍ତ ଅବଶୋଷକୁ ଛାତିରେ ନେଇ କାଉଟି ମୃତ୍ୟୁର ସମ୍ମୁଖୀନ ହୋଇଛି। କାଉ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ବହୁ ଆଶା ନେଇ ଦୌଡ଼ିଲା, କିନ୍ତୁ କୌଣସିଠାରେ କେହି ତା'ର ଦୁଃଖ ବୁଝିନାହାନ୍ତି। ଜଣେ ଅଫିସରଙ୍କ ଅନ୍ୟାୟ କାର୍ଯ୍ୟରେ ସହଯୋଗ କଲାନାହିଁ ବୋଲି ଅଭୟାରଣ୍ୟ ଡାକବଙ୍ଗଳାର ଚୌକିଦାର ମିଥ୍ୟା ଅଭିଯୋଗରେ ନିଲମ୍ବିତ ହୋଇଛି ଚାକିରୀରୁ। ନ୍ୟାୟ ବିଚାର ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଛି। କିନ୍ତୁ କେହି ତାକୁ ସାହାଯ୍ୟ କରିନାହାନ୍ତି। ଯଦିଚ ଅଭିଯୋଗ ସତ୍ୟ। ଗରିବ ଚୌକିଦାରଟିର ନୀତିବାର୍ତ୍ତା କାହାର ହୃଦୟକୁ ତରଳାଇ ପାରିନାହିଁ। ସମସ୍ତେ ଏକ ଅସାଧୁ ମେଣ୍ଟର ଅଂଶିଦାର। ନ୍ୟାୟ ପ୍ରାର୍ଥନା କରିବାକୁ ଯାଇ ସେ କ୍ରମାନ୍ୱୟରେ ସବୁ ଉପରିସ୍ଥ ଅଫିସରମାନଙ୍କୁ ଭେଟିଛି, ଫଳ କିଛି ହୋଇନାହିଁ। ଶ୍ରମିକ ୟୁନିଅନ ନେତାଙ୍କୁ ଭେଟିଛି, ଶେଷରେ ଖବର କାଗଜର ସମ୍ପାଦକଙ୍କୁ ଭେଟିଛି। କେହି ଶୁଣି ନାହାନ୍ତି। ହତାଶ ହୋଇ ଫେରିଛି। ଏଣେ ଚାକିରୀଟି ବି ଶେଷରେ ଚାଲିଯାଇଛି। ଘୋର ଦାରିଦ୍ର୍ୟ ଗ୍ରାସ କରିବସିଛି। ଚରମ ହତାଶା ଭିତରେ ବି ସେ ଲଢ଼ିଚାଲିଛି ପୂର୍ବପରି ସତ୍ୟ ପାଇଁ, ଧର୍ମ ପାଇଁ। ନାଟକର ବିଭିନ୍ନ ଦୃଶ୍ୟଶେଷରେ କୋରସ୍ ଦଳଙ୍କ ମୁହଁରୁ 'କା କା କା କଲୁରିବେଣ୍ଟ, ଖା ଖା ଖା' ଗୀତର ପୁନରାବୃତ୍ତି। ଘୋଷକ ଭାବେ ଗୋଟିଏ ସାମ୍ବାଦିକ ଚରିତ୍ରର ସୃଷ୍ଟି

Digitized by srujanika@gmail.com

କରାଯାଇଛି। 'ଜଟାୟୁର ଛିନ୍ନ ଡେଣା', 'ମଇଁଷିର ପାଶ ନ ଯାଅ ଦନାଇ' ଏବଂ 'କଲୁରିବେଣ୍ଟ' ଏହି ତିନୋଟି ନାଟକ ଅଧ୍ୟାପକ ଗିରୀଶ ଚନ୍ଦ୍ର ମିଶ୍ରଙ୍କ ପ୍ରକାଶ ପ୍ରତିଷ୍ଠାନ 'ଆର୍ଯ୍ୟ ପ୍ରକାଶନ' ଆନୁକୂଲ୍ୟରେ 'ଜଟାୟୁର ଛିନ୍ନ ଡେଣା' ନାମରେ ପ୍ରକାଶିତ।

ନିତିଦିନ ପ୍ରତ୍ୟକ୍ଷ ବା ପରୋକ୍ଷରେ ଆତ୍ମହତ୍ୟା କରୁଥିବା ଚାଷୀର ଚରମ ଦୁଃସ୍ଥିତି ରୂପାୟିତ ହୋଇଛି। 'ରାସ୍ତାନାହିଁ' ନାଟକରେ। ନାଟକଟି ଗ୍ରନ୍ଥମନ୍ଦିରର ସତ୍ତ୍ୱାଧିକାରୀ ଅଭିରାମ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ଉଚ୍ଚଶ୍ରେଣୀର ପାଠ୍ୟକ୍ରମରେ ମଧ୍ୟ ଅର୍ନ୍ତଭୁକ୍ତ ହୋଇଥିଲା। ଚାଷୀର ଦୁର୍ଭୋଗ, ଦୁଃସ୍ଥିତି ଓ ହତାଶା କେବଳ ଦୃଶ୍ୟରେ ନୁହେଁ, ବ୍ୟଙ୍ଗାତ୍ମକ ଏବଂ ବ୍ୟଞ୍ଜନାତ୍ମକ ସଂଳାପ ମାଧ୍ୟମରେ ନାଟକର ବିଭିନ୍ନ ଅଂଶରେ ପ୍ରଦର୍ଶିତ। କେତୋଟି ସଂଳାପରେ କୃଷି ଓ କୃଷକର ଦୟନୀୟ ସ୍ଥିତି ଫୁଟିଉଠିଛି ନାୟକ ଅରୁପ ମୁହଁରେ – "ନା, ନା ଏତିକିରେ ସରିଗଲାନି। ପୋକ ଛଡ଼ା ଫସଲର ପୁଣି ହଜାରେ ଶତ୍ରୁ। ପ୍ରଚଣ୍ଡ ଖରା ହେଲେ ଗଛ ଜଳିଯିବ। ପ୍ରବଳ ବର୍ଷା ହେଲେ ଗଛ ପଚିଯିବ। ବନ୍ୟାରେ ଧୋଇଯିବ। ଝଡ଼ବତାଶରେ ମାଟିରେ ମିଶିଯିବ। ସେଥିରେ ପୁଣି ଗୋରୁ, ଛେଳି, ଜଙ୍ଗଲର ଜନ୍ତୁ, ଚୋର ସମସ୍ତଙ୍କ ମୁହଁରୁ ଫସଲକୁ ରକ୍ଷା କରିବାକୁ ପଡ଼ିବ। ବେଳେବେଳେ ଫଳବି ହୁଏ ଖୁବ୍ କମ୍। ପୁଣି ଠିକ୍ ସମୟରେ ବିକ୍ରୀ ହୋଇ ନ ପାରିଲେ ସମୁଳେ ନଷ୍ଟ। x x x ଲାଭ କ୍ଷତି କଥା ବିଚାରୁଛି କିଏ? ଏମିତି ସମୟ ଆସେ ଯେ ଦେହ ପରିଶ୍ରମର ମୂଲ୍ୟ ବି ମିଳେନି। କଠିନ ପରିଶ୍ରମ ସାଙ୍ଗରେ ଖରାରେ ସିଝିବା, ବର୍ଷାରେ ଭିଜିବା, ଶୀତରେ ଥରିବା କେତେ କଷ୍ଟ।" ଏହି ନାଟକ ସଂକଳନଟିରେ ଆଉ ତିନୋଟି ନାଟକ 'ନିରାପଦ ଭବିଷ୍ୟତ', 'ସ୍ୱର୍ଗାରୋହଣ', 'ସକଳ ତୀର୍ଥ ତୋ ଚରଣେ'ରେ ସାମ୍ପ୍ରତିକ ସମୟର ରାଜନୈତିକ ପ୍ରତାରଣା ଓ ଦୁର୍ନୀତିର ଚିତ୍ର 'ସାରଳା ମହାଭାରତ'ର ପଟ୍ଟଭୂମିରେ ଉପସ୍ଥାପିତ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଆନୁଷ୍ଠାନିକ କାର୍ଯ୍ୟୋପଲକ୍ଷେ ଯାଇଥିବା ସମୟରେ ମୋ ପାଖରେ ଆସି ପହଞ୍ଚିଲେ ଜଣାଶୁଣା ପ୍ରକାଶକ ତାରାତାରିଣୀ ପୁସ୍ତକାଳୟର ମାଲିକ ଭଗବାନ ପାଢ଼ୀ ଓ ଗୋଟିଏ ନାଟକ ଲେଖିଦେବାକୁ ମୋତେ ଅନୁରୋଧ କଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତାକୁ ଚଳାଇବା ଥିଲା ତାଙ୍କର ଇଚ୍ଛା। ମୁଁ ଟ୍ରେନ୍‌ରେ ଶାନ୍ତିନିକେତନ ଫେରିବା ବେଳେ ଭାବିଲି, କ'ଣ ଲେଖିବି? ମୋ ଆଖିରେ ପଡ଼ିଲା, ଧାନ ଜମି ପୋତ ହୋଇ କିପରି ନୂଆ ଘର ତୋଳା ହେଉଛି। ଜଙ୍ଗଲ ଧ୍ୱଂସ ପାଇଯାଉଛି, ଦିନକୁ ଦିନ ଜଙ୍ଗଲ କଟା ହୋଇ କାରଖାନା ବସୁଛି। ଏପରିକି ଧାନ ଜମି ପୋତାହୋଇ କାରଖାନା ଗଢ଼ିଉଠୁଛି। ଘର ପରେ ଘର ଗଢ଼ି ଉଠି ପୂର୍ବର ଶାରଦ ଜମି ଉପରେ ଜନବସତି ସୃଷ୍ଟି ହୋଇଯାଉଛି। ମନେହେଉଛି ଛୋଟବଡ଼ ସହରର ପାଖାପାଖି ଧାନଜମି ଅଦୃଶ୍ୟ

Digitized by srujanika@gmail.com

ହୋଇଯିବ। ଜଙ୍ଗଲ କଟାହେବାରୁ ଆଦିବାସୀମାନେ କ୍ରମେ ଜଙ୍ଗଲ ଭିତରକୁ ଚାଲିଯାଉଛନ୍ତି। ସେମାନଙ୍କର ସୁଖମୟ ଜୀବନଧାରା ବ୍ୟାହତ ହେଉଛି। ସହର ଦାଢ଼ର ଗାଁ ଲୋକେ ଜମି ବିକି ଦେଇ ସହର ଭିତରେ ମୁଣ୍ଡ ଗୁଞ୍ଜୁଛନ୍ତି କିମ୍ବା ଦୂରକୁ କେଉଁଆଡ଼େ ଚାଲିଯାଉଛନ୍ତି। ବାୟୁମଣ୍ଡଳ ଏତେ ଉତପ୍ତ ହୋଇଉଠୁଛି ଯେ ଲୋକେ ଛଟପଟ ହୋଇଯାଉଛନ୍ତି। ପ୍ରକୃତିର ଅଭିଶାପ ଭଳି ବର୍ଷା ହ୍ରାସ ପାଇଯାଇଛି। ପରିବେଶ ଦିନକୁ ଦିନ ଧ୍ୱସ୍ତବିଧ୍ୱସ୍ତ ହେଉଛି। ଏମିତି ଦିନ ଆସିବ, ଯେତେବେଳେ ମଣିଷ ପାଇଁ ଖାଦ୍ୟ ଉତ୍ପାଦନ କରିବାକୁ ଭୂମି ନଥିବ। ମୁକ୍ତବାୟୁ ଅଭାବରେ କ୍ଷୁଧାର ତାଡ଼ଣାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିବ। ସେତେବେଳକୁ ଆଖି ଆଗରେ ତା'ର ନଥିବ ଗଛବୃକ୍ଷ, ଧାନବିଲ, ଜଙ୍ଗଲ, କେବଳ ଥିବ ଧୁ ଧୁ ମରୁଭୂମି। ଏଇ ସମସ୍ୟାଟି ମନ ଭିତରେ ରୂପ ପାଇଲା। ଶାନ୍ତିନିକେତନ ଫେରି ପରିବେଶ ବିପର୍ଯ୍ୟୟ ଉପରେ ନାଟକଟିଏ ଲେଖିଲି – 'ମୁଣ୍ଡ ଉପରେ ଛାତ'। ମୁଣ୍ଡ ଉପରେ ଛାତ ପାଇଁ ମଣିଷର ସବୁ ସମସ୍ୟା। ସହରରେ ଛାତ ଘରଟିଏ ଦରକାର। ନହେଲେ ଯେମିତି ବ୍ୟର୍ଥ ହୋଇଯିବ ଜୀବନ।

ଗୋଟିଏ ବୃହତ୍ତର ପଟ୍ଟଭୂମିକାକୁ ନେଇ ନାଟକର ପରିକଳ୍ପନା। ପ୍ରଥମ ଦୃଶ୍ୟ କାସ୍ପିଆନ୍ ହ୍ରଦ କୂଳରୁ। ମନ ଭିତରେ କୌଣସି ପ୍ରକାରର ଭେଦଭାବ ନଥିବା, ଜାତି, ବର୍ଣ୍ଣ, ଧନସମ୍ପର୍ତ୍ତି କ'ଣ ବୋଲି ଜାଣୁ ନଥିବା, ମୁକ୍ତ ସରଳ ଗୋଚାରକ ଓ କୃଷିକାରୀ ଆର୍ଯ୍ୟମାନଙ୍କର ଦିନେ ଘରର ପ୍ରୟୋଜନ ପଡ଼ିଲା। ଅନେକ ଘରର କାନ୍ଥ ଉଠିଲା। ବସତି ସ୍ଥାପନ ହୋଇଗଲା। ଘରର କାନ୍ଥ ପରସ୍ପରଠାରୁ ବିଚ୍ଛିନ୍ନ କରିଦେଲା ଗୋଟିଏ ଯାଯାବର ସମାଜର ଲୋକଙ୍କୁ। କ୍ରମେ ସ୍ୱାର୍ଥପରତା ଓ ଭେଦବୁଦ୍ଧି କଳୁଷିତ କରିଦେଲା ନିଜକୁ ସ୍ୱତନ୍ତ୍ର ବୋଲି ଭାବୁଥିବା ମଣିଷମାନଙ୍କ ମନକୁ। ମଣିଷ ଗୋଷ୍ଠୀ ଚର୍ତୁଦିଗକୁ ବିକ୍ଷିପ୍ତ ହୋଇପଡ଼ିଲେ। ଦିନକୁ ଦିନ ସଭ୍ୟ ଶିକ୍ଷିତ ହେବାକୁ ଲାଗିଲା। ସରଳ ଜୀବନଧାରା ପଙ୍କିଳ ହୋଇଉଠିଲା। ସାମାଜିକ ଆର୍ଥନୀତିକ ବିଦ୍ୱେଷର ସୃଷ୍ଟିପରେ ରାଜନୀତିର ବିଷ ବାଷ୍ପ ପଲ୍ଲିଗ୍ରାମ ଓ ଆଦିବାସୀ ଗ୍ରାମର ମଣିଷମାନଙ୍କୁ ମଧ୍ୟ ହିଂସ୍ର କରି ଗଢ଼ି ତୋଳିଲା। ସଭ୍ୟତାର ଦ୍ରୁତ ଜୟଯାତ୍ର ସହିତ ଜମି ପୋତାହେଲା, ସହର ଗଢ଼ିଉଠିଲା, ମାଳ ମାଳ କାରଖାନା ଠିଆ ହେଲା, ତା' ସହିତ ଖାଦ୍ୟ ସହିତ ହ୍ରାସ ପାଇଲା, ବାୟୁମଣ୍ଡଳ ଦୂଷିତ ହେଲା। ବର୍ଷା ଅଭାବରୁ ପରିବେଶ ରୁକ୍ଷ ଓ ଉତପ୍ତ ହୋଇଉଠିଲା। ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ସମସ୍ୟା ଗୋଟିଏ ଗୋଷ୍ଠୀର ମଣିଷକୁ ଅନ୍ୟ ଏକ ଗୋଷ୍ଠୀର ମଣିଷ ସହିତ ସଂଘର୍ଷ କରାଇଦେଲା। ସମଗ୍ର ବିଶ୍ୱ ଧ୍ୱଂସର କରାଳ ଗର୍ଭଆଡ଼କୁ ଆଗେଇ ଚାଲିଲା। ଭବିଷ୍ୟତରେ ସୃଷ୍ଟି ହେବାକୁ ଯାଉଥିବା ମଣିଷର ବିଲୟମୁଖୀ ଶୋଭାଯାତ୍ରାକୁ ଭିତ୍ତି କରି ମୁଣ୍ଡ ଉପରେ ଛାତର ପରିକଳ୍ପନା, ସଂଯୋଜନାକାରୀ ନାରୀପୁରୁଷ, ନୃତ୍ୟଗୀତ, ଶରୀର

Digitized by srujanika@gmail.com

ସ୍ଥାପତ୍ୟ, ସ୍ଲୋଗାନ୍ ମାମରେ ନାଟକଟି ଚିତ୍ତାକର୍ଷକ ଭାବେ ଅଭିନୀତ ହୋଇଥିଲା ଶାନ୍ତିନିକେତନ ଗୃହରେ। ମୁଗ୍ଧ କରିଥିଲା ଓଡ଼ିଆ ଓ ଅଣଓଡ଼ିଆ ଦର୍ଶକଙ୍କୁ।

ଦୁଇଜଣ ବିଖ୍ୟାତ ନାରୀକବି ଓଡ଼ିଶାର କୁନ୍ତଳାକୁମାରୀ ଓ ବଙ୍ଗଳାର ନଗେନ୍ଦ୍ରବାଳାଙ୍କୁ ନେଇ ଭିନ୍ନ ଭିନ୍ନ ସମୟରେ ଦୁଇଟି ନାଟକ ଲେଖିଥିଲି। କୁନ୍ତଳାକୁମାରୀଙ୍କ ବହୁମୁଖି ପ୍ରତିଭା ନିକଟରେ ନଗେନ୍ଦ୍ରବାଳା ଅବଶ୍ୟ ମ୍ଲାନ। କୁନ୍ତଳାକୁମାରୀ ଥିଲେ ସମାଜସେବୀ ଡାକ୍ତର ଓ ମେଡ଼ିକାଲ ସ୍କୁଲର ଶିକ୍ଷକ। କୈଳାସ ରାଓଙ୍କ ପ୍ରେମିକା ନଗେନ୍ଦ୍ରବାଳା ଥିଲା ଯୁଗସ୍ରଷ୍ଟା କବି ରାଧାନାଙ୍କ ପ୍ରେମିକା। କୁନ୍ତଳାକୁମାରୀ କିନ୍ତୁ ତାଙ୍କର ଶିକ୍ଷାଗୁରୁ ଓ ପଥଦ୍ରଷ୍ଟା। କୈଳା ରାଓ ଥିଲେ ୧୬ ବର୍ଷ ବଡ଼। କିନ୍ତୁ ବାଲ୍ୟଗୁରୁ ରାଧାନାଥ ଓ ତାଙ୍କର କବି ଶିଷ୍ୟ ନରେନ୍ଦବାଳା ସରସ୍ୱତୀଙ୍କ ବୟସର ପାର୍ଥକ୍ୟ ଥିଲା ୩୨ ବର୍ଷ। ଉଭୟ ନାରୀକବିଙ୍କ ପ୍ରେମର ନିଷ୍ଠା ଅସାଧାରଣ। କିନ୍ତୁ ଉଭୟେ ନିଜ ନିଜ ପ୍ରେମିକାମାନଙ୍କ ଦ୍ୱାରା ଦାରୁଣ ପ୍ରତାରରଣା ଓ ନିଷ୍ଠୁରତାର ଶିକାର ହୋଇଛନ୍ତି। ଗଭୀର ପ୍ରେମାନ୍ୱେଷା ଯୋଗୁଁ ଏହି ଦୁଇ ପ୍ରତିଭାମୟୀ ନାରୀଙ୍କ ଜୀବନରେ ଆସିଛି ଚରମ ବିପର୍ଯ୍ୟୟ। ଦୁଇ ନାରୀକବିଙ୍କ ବ୍ୟର୍ଥ ବଞ୍ଚିତ ଜୀବନର କରୁଣ ଆବେଗଭରା କାହାଣୀକୁ ନେଇ 'ଭାରତୀ କୁନ୍ତଳା' ଓ 'ସରସ୍ୱତୀ ନଗେନ୍ଦ୍ରବାଳା' ନାଟକ ଦୁଇଟିର ପରିକଳ୍ପନା। ଏହି ଦୁଇଟି ନାଟକ ସମଧର୍ମୀ ହୋଇଥିବାରୁ 'ଭାରତୀ କୁନ୍ତଳା' ଓ 'ସରସ୍ୱତୀ ନଗେନ୍ଦ୍ରବାଳା' ନାମରେ ଏକତ୍ର ପ୍ରକାଶିତ ହୋଇଥିଲା ଓଡ଼ିଶା ବୁକ୍ ଷ୍ଟୋର୍‌ର ପ୍ରକାଶକ ବିଜୟ କୁମାର ପାତ୍ରଙ୍କ ଦ୍ୱାରା।

ନଗେନ୍ଦ୍ରବାଳା ଥିଲେ ଜଣେ ୨୧ ବର୍ଷିୟା ବିବାହିତା ତରୁଣୀ। ବଙ୍ଗଳା ସାହିତ୍ୟର ଜଣେ ଉଦୀୟମାନ କବି। ରାଧାନାଥ ସ୍କୁଲ ଇନ୍ସପେକ୍ଟର ଭାବେ ହୁଗୁଳିରେ ଅବସ୍ଥାନ କଲାବେଳେ ତାଙ୍କ ସହିତ ନଗେନ୍ଦ୍ରବାଳାଙ୍କ ପରିଚୟ। ରାଧାନାଥଙ୍କ ଅସାଧାରଣ କାବ୍ୟ ପ୍ରତିଭାରେ ମୁଗ୍ଧ ହୋଇ ହୃଦୟ ନିବେଦନ କରି ବସିଲେ ନଗେନ୍ଦ୍ରବାଳା। କବିତା ସଂଶୋଧନ କରିଦେବାକୁ ବାରମ୍ବାର ଆସିଲେ କବିବରଙ୍କ ପାଖକୁ କବିବରଙ୍କ ପ୍ରେମନିବେଦନ କରି କବିତା ଲେଖିଲେ। ରାଧାନାଥଙ୍କ ସ୍ନେହ, ପ୍ରେମ ପ୍ରଶଂସାରେ ଉଦ୍‌ବେଳିତା ହୋଇଉଠିଲେ। ପ୍ରେମ ନିବିଡ଼ରୁ ନିବିଡ଼ତର ହେଲା। ଶାରିରୀକ ସମ୍ପର୍କ ବଢ଼ିବାକୁ ଲାଗିଲା। ନଗେନ୍ଦ୍ରବାଳା ରାଧାନାଥଙ୍କ ସହ ମଧ୍ୟ ଓଡ଼ିଶାକୁ ଆସିଲେ। ଧବଳେଶ୍ୱର ପଠାରେ ଶଶୀଭୂଷଣ ନିର୍ମାଣ କରିଥିବା ନିର୍ଜନ ନିବାସରେ ଦୁହେଁ ରହିଥିଲେ। ରାଧାନାଥଙ୍କ ପ୍ରେମ ପ୍ରକଟ ହେବାକୁ କୌଣସି ଦୌରାତ୍ମା ରାଧାନାଥଙ୍କ ବିରୋଧରେ ଇଂରେଜ ସରକାରଙ୍କୁ ପତ୍ର ଲେଖିଲେ। ରାଧାନାଥ ଚାକିରୀ ଚାଲିଯିବା ଭୟରେ ଘୋଷଣା କଲେ ଯେ ଗୋଟିଏ ଚରିତ୍ରହୀନା ମାୟାବିନୀ ନାରୀ ତାଙ୍କୁ ପ୍ରେମଜାଲରେ ପକାଇ ଜଘନ୍ୟ ପାପୀରେ ପରିଣତ କରିଦେଇଛି। ସେ ଏହି ଯେଉଁ ପାପ ପାଇଁ ଗଭୀର ଭାବେ ଅନୁତପ୍ତ।

Digitized by srujanika@gmail.com

'ସତୀ ପ୍ରତି ସତୀଦ୍ରୋହୀ ପତିର ଉକ୍ତି' କବିତା ଲେଖି ଏବଂ ସତ୍ୟପ୍ରକାଶ କରି ବହୁ ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ କ୍ଷମା ପ୍ରାର୍ଥନାମୂଳକ ପତ୍ର ଲେଖି ସେ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାକୁ ଚେଷ୍ଟା କଲେ। ଏଥିରେ ନଗେନ୍ଦ୍ରବାଳା ଏତେ ଦୂର ମର୍ମାହତ ହୋଇପଡ଼ିଲେ ଯେ ଆତ୍ମହତ୍ୟା କରିବାକୁ ବାଧ ହେଲେ। ନଗେନ୍ଦ୍ରବାଳାଙ୍କ ପ୍ରତି ରାଧାନାଥଙ୍କ ପରି ଜଣେ ହୃଦୟସମ୍ବେଦି କବିଙ୍କର ଏ ଅବିଚାର ଓ ନଗେନ୍ଦ୍ରବାଳାଙ୍କ ବିପର୍ଯ୍ୟସ୍ତ ମାନସିକତା ଓ କରୁଣ ପରିଣତି ମତେ ଗଭୀରଭାବେ ବ୍ୟଥିତ କରିଥିଲା। ବହୁବର୍ଷ ଧରି ନଗେନ୍ଦ୍ରବାଳାଙ୍କ ମର୍ମବେଦନା ମୋତେ ଆଚ୍ଛନ୍ନ କରି ରଖିଥିଲା। ପ୍ରଥମେ ସମାବେଶର ପୂଜାସଂଖ୍ୟାରେ 'ନଗେନ୍ଦ୍ରବାଳା' ବୋଲି କବିତାଟିଏ ଲେଖିଥିଲି। କବିତାଟି ବହୁ ବିଦଗ୍ଧ ପାଠକ ଓ ସାହିତ୍ୟିକଙ୍କ ହୃଦୟକୁ ସ୍ପର୍ଶ କରିଥିଲା। ଅନେକ ବର୍ଷ ପରେ ନଗେନ୍ଦ୍ରବାଳା ପ୍ରତି ରହିଥିବା ଦୁଃଖ ଓ ସମ୍ବେଦନା ଉଦ୍‌ବେଳିତ ହୋଇଉଠିଲା। ଗୋଟିଏ ଆବେଗରେ ନଗେନ୍ଦ୍ରବାଳା ନାଟକ ଲେଖି ପକାଇଲି। ନାଟକଟି 'ଝଙ୍କାର'ର ଏକ ବିଷୁବ ସଂଖ୍ୟାରେ ପ୍ରକାଶ ପାଇଲା। ନାଟ୍ୟ ସଂରଚନା ଓ ଗଭୀର ଆବେଗପୂର୍ଣ୍ଣ କାବ୍ୟମୟ ସଂଳାପ ବହୁ ପାଠକଙ୍କୁ ଅଭିଭୂତ କଲା। ଏ ନାଟକ ପଢ଼ି ସମ୍ମାନସ୍ପଦା ଅଧ୍ୟାପିକା ବେଲାରାଣୀ ଚାନ୍ଦ ଏକ ଦୀର୍ଘ ପତ୍ରରେ ଯେପରି ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ତାହା ମୁଁ କେବେ ଭୁଲି ପାରିବି ନାହିଁ। ସେ ଲେଖିଥିଲେ ଆପଣଙ୍କ 'ନଗେନ୍ଦ୍ରବାଳା' ନାଟକ ପଢ଼ି ମୁଁ ଅଭିଭୂତା। ଏପରି ଏକ ନାଟକ ପୂର୍ବରୁ କେବେ ଓଡ଼ିଆ ଭାଷାରେ ପଢ଼ି ନଥିଲି। ବଙ୍ଗଳା ଭାଷାରେ ମଧ୍ୟ ପଢ଼ିନାହିଁ। ମୁଁ ଯାକୁ ବାରମ୍ବାର ପଢ଼ିଛି। କେତେଜଣଙ୍କୁ ପଢ଼ାଇଛି ମଧ୍ୟ।

ଚକ୍ରଧର ମହାପାତ୍ରଙ୍କର 'କୁନ୍ତଳାକୁମାରୀ ଜୀବନ ଚରିତ' ପଢ଼ିବା ପରେ ମନ ଭିତରେ ଗୋଟିଏ କଥା ଅନୁରଣିତ ହୋଇଉଠିଲା। ବହୁମୁଖୀ ପ୍ରତିଭାସମ୍ପନ୍ନା ଭାରତବର୍ଷରେ ଖ୍ୟାତିଲାଭ କରିଥିବା ଜଣେ ଅସାଧାରଣ ନାରୀ ପ୍ରେମ ପ୍ରତ୍ୟାଖ୍ୟାତା ହୋଇ କ'ଣ ଏପରି ଭାବରେ ନିଜର ଜୀବନକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇ ପାରିବ ? କୁନ୍ତଳାକୁମାରୀଙ୍କ ଜୀବନର ଆବେଗମୟ କରୁଣ କାହାଣୀ ମୋ ହୃଦୟକୁ ଗଭୀରଭାବେ ସ୍ପର୍ଶ କରିଥିଲା। ନଗେନ୍ଦ୍ରବାଳା ଲେଖିବାର ସମ୍ମୋହନ କମି ନଥାଏ। କୁନ୍ତଳାକୁମାରୀଙ୍କର ସମ୍ମୋହନ ଆଚ୍ଛନ୍ନ କରିବସିଲା ମୋତେ। କବି, ଔପନ୍ୟାସିକା, ବିଦୁଷୀ, ସେବାପରାୟଣା, କୋମଳହୃଦୟା, ପ୍ରତିଜ୍ଞାଶୀଳା, ସ୍ୱଦେଶବତ୍ସଳା, ଉତ୍କଳପ୍ରାଣା କୁନ୍ତଳାକୁମାରୀ ବହୁ ବୟସାଧିକ, ବିବାହିତ ବିଦ୍ୟାଗୁରୁ କୈଳାଶ ରାଓଙ୍କ ଗୁଣରେ ମୁଗ୍ଧ ହୋଇ ମନପ୍ରାଣ ଅର୍ପଣ କରିଦେଇଛନ୍ତି। ଦୁର୍ଦ୍ଦମନୀୟ ଆବେଗରେ ସବୁ ପ୍ରତିରୋଧକୁ ଅତିକ୍ରମ କରିବାର ନିରବଚ୍ଛିନ୍ନ ପ୍ରୟାସ କରିଛନ୍ତି, କିନ୍ତୁ ସଫଳ ହୋଇପାରିନାହାନ୍ତି। ଗଭୀର ପ୍ରେମର ବିଫଳତା ତାଙ୍କର ମାନସିକତାକୁ ବିପର୍ଯ୍ୟସ୍ତ

Digitized by srujanika@gmail.com

କରିଦେଇଛି। ଏହି କାହାଣୀକୁ ନେଇ ମୋର 'କୁନ୍ତଳା କୁମାରୀ ନାଟକର ପରିକଳ୍ପନା। 'ଭାରତୀ କୁନ୍ତଳା' ନାଟକଟି ଝଙ୍କାରର ଦୁଇଟି ସଂଖ୍ୟାରେ ପ୍ରକାଶିତ ହୋଇ ବହୁ ନାଟ୍ୟମୋଦୀଙ୍କ ପ୍ରଶଂସା ଲାଭ କରିଥିଲା। ନାଟକଟି ଥିଲା ଗଭୀର ବେଦନାବୋଧକ ପରିପ୍ରକାଶ। ଏ ଦୁଇଟି ସମଧର୍ମୀ ନାଟକକୁ ଏକତ୍ର ପ୍ରକାଶ କରିବାକୁ ମନସ୍ଥ କଲି। ପ୍ରକାଶକ ବିଜୟ ଶଙ୍କର ପାତ୍ରଙ୍କ ଦ୍ୱାରା ଓଡ଼ିଶା ବୁକ୍ ଷ୍ଟୋର୍ ଆନୁକୂଲ୍ୟରେ ନାଟକଟି 'ଭାରତୀ କୁନ୍ତଳା ଓ ସରସ୍ୱତୀ ନଗେନ୍ଦ୍ରବାଳା' ନାମରେ ପ୍ରକାଶିତ ହେଲା।

ଜୟରାମ ମହାପାତ୍ରଙ୍କ 'ପଞ୍ଚସଖା ପ୍ରକାଶନ' ଦ୍ୱାରା ପ୍ରକାଶ ପାଇଥିଲା ମୋର 'ଶୂନ୍ୟଘର' ନାଟକ। 'ଶୂନ୍ୟଘର' ସହିତ ସନ୍ନିବେଷିତ ହୋଇଥିଲା 'ବରଗଛ', 'ସନ୍ଧ୍ୟାର ଆଲୁଅ', 'ଦିନ ଦିନ ଶେଷ ଦିନ', ସଦାଶିବ ଦାଶଙ୍କ ଚିତ୍ରୋତ୍ପଳା ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ହୋଇଥିଲା। 'ପଥ ବହୁଦୂର' ନାଟକଟିରେ 'ପଥ ବହୁଦୂର' ସମେତ 'ମୂକ ସୈନିକ', 'ଜନ୍ମଭୂମି', 'ଶୂନ୍ୟଘରର ସୀମା' ପ୍ରଭୃତି ନାଟକ ଅର୍ନ୍ତଭୁକ୍ତ। 'ଶୂନ୍ୟଘର' ଓ 'ପଥ ବହୁଦୂର' ସଂକଳନର ବହୁ ନାଟକ ଆକାଶବାଣୀ ଦ୍ୱାରା ପ୍ରକାଶିତ ହୋଇଥିଲା।

ତିନିଟି ନାଟକର ଅନୁସୃଜନ କରିଛି ଦୁଇଟି ଇଂରେଜୀ, ଗୋଟିଏ ବଙ୍ଗଳାରେ। ସେଗୁଡ଼ିକ ହେଉଛି 'ପାହାଡ଼ର ଅନ୍ୟରୂପ', 'ଅନ୍ଧ ଦ୍ୱିପ୍ରହର' ଏବଂ 'ସକ୍ରେଟିସ୍‌ଙ୍କ ଜମାନବନ୍ଦୀ'। ପ୍ରଥମ ଦୁଇଟିର ମୂଳଲେଖକ ଦୁଇଜଣ ବିଖ୍ୟାତ ଋଷୀୟ ଲେଖକ। ଦସ୍ତୋଭସ୍କି ଓ ଚେକଭ୍ ଶେଷ ନାଟକଟି ଭାରତ ପ୍ରସିଦ୍ଧ ବିଦ୍ୱାନ ବଙ୍ଗୀୟ କବି ନାଟ୍ୟକାର ଶିଶିର ଦାସଙ୍କର। ତାଙ୍କର କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପ୍ରକାଶିତ 'History of Indian Literature' ପ୍ରସ୍ତୁତିରେ ମୁଁ ଜଣେ ଆସୋସିଏଟ୍ ଥିଲି। ସକ୍ରେଟିସ୍ ନାଟକଟି ଥିଲା ବଙ୍ଗଳା ସାରସ୍ୱତ ଜଗତରେ ଅତ୍ୟନ୍ତ ପ୍ରସିଦ୍ଧ। ଏହି ନାଟକଗୁଡ଼ିକ ଯଥାକ୍ରମେ ଓଡ଼ିଶା ବୁକ୍ ଷ୍ଟୋର, ଜଗନ୍ନାଥ ରଥ ଓ କଟକ ଷ୍ଟୁଡେଣ୍ଟ ଷ୍ଟୋର ଦ୍ୱାରା ପ୍ରକାଶିତ।

ଅପେକ୍ଷା କରି ବସିଛୁ କେବେ ମୋର 'ବନ୍ଦିଶାଳାରେ ବିଶ୍ୱପତି' ନାଟକଟି ପ୍ରକାଶ ପାଇବ ? ଦେଢ଼ ବର୍ଷ ହେଲା ପ୍ରକାଶନର ସମସ୍ତ କର୍ମୀ ଶେଷ ପର୍ଯ୍ୟାୟରେ ଥିଲେ ମଧ୍ୟ ବହିଟି ଆଲୋକ ଦେଖିପାରୁନାହିଁ। ପ୍ରକାଶକ ଆଶ୍ୱାସନା ଦେଇଛନ୍ତି ଏହି ମାସ ଭିତରେ ବାହାରିଯିବ ବୋଲି। ତାହା ସତ୍ୟ ହେଉ। 'ବନ୍ଦିଶାଳାରେ ବିଶ୍ୱପତି' ମୂଳନାଟକ ଛଡ଼ା ଏଥିରେ ସନ୍ନିବେଷିତ ଅଛି 'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା', 'ଅରଣ୍ୟର ଅଶ୍ରୁ', 'ଅର୍ଦ୍ଧେକ ପୃଥିବୀ', 'ଅବ୍ୟକ୍ତ ଅନେକ'। ଶିଳ୍ପାୟନ ଲାଗି ଆଦିବାସୀମାନଙ୍କର ବିସ୍ଥାପନ ଓ ଚରମ ଦୁର୍ଦ୍ଦଶା ଭୋଗକୁ ଉପଜୀବ୍ୟ କରି 'ଅରଣ୍ୟର ଅଶ୍ରୁ' ଦେବାୟତନମାନଙ୍କରେ ସେବାୟତମାନଙ୍କର ପ୍ରବଳ ଆଧିପତ୍ୟ, ସଂକୀର୍ଣ୍ଣ ମାନସିକତା ଏବଂ ଭକ୍ତ ଓ ଅଧିଷ୍ଠାତା

Digitized by srujanika@gmail.com

ଦେବତାଙ୍କର ଗୌଣତ୍ୱ ସମସ୍ୟାକୁ ଆଧାର କରି 'ବନ୍ଦିଶାଳାରେ ବିଶ୍ୱପତି , ଇଂରେଜୀ ମାଧ୍ୟମ ବିଦ୍ୟାଳୟରେ ପାଠର ଅତିରିକ୍ତ ଚାପ ଯୋଗୁଁ ଶିଶୁର ମାନସିକ ଉତ୍ପୀଡ଼ନ ଓ ଅନୁଭୂତିହୀନତା ଆଧାର କରି 'ଅର୍ଦ୍ଧେକ ପୃଥିବୀ', ପୋଲିସର ଅପରିଣାମଦର୍ଶୀ ଖାମଖିଆଲି ମନୋଭାବ ଯୋଗୁଁ ନିର୍ଦ୍ଦୋଶ ଲୋକର ଦଣ୍ଡ ଓ ନିର୍ଯ୍ୟାତନା ଭୋଗ ଉପଜୀବ୍ୟରେ 'ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା', ଉନ୍ମେଷମୁଖୀ ଲେଖକଙ୍କର ଶୋଷଣ ଓ ଅସମ୍ମାନ ଉପଜୀବ୍ୟରେ 'ଅବ୍ୟକ୍ତ ଅନେକ' ନାଟକ ଲିଖିତ। ଏଗୁଡ଼ିକ 'ଝଙ୍କାର', 'ବିଶ୍ୱମୁକ୍ତି', 'ଇସ୍ତାହାର' ଓ 'ବର୍ତ୍ତିକା'ରେ ପ୍ରକାଶ ପାଇଥିଲା।

ସବୁବେଳେ ଚେଷ୍ଟା କରିଆସିଛି ନୂଆ କିଛି ଲେଖିବି ବୋଲି। ନୂତନ ଚିନ୍ତାକୁ ନୂତନ ଶୈଳୀରେ ଓଡ଼ିଶା ଓ ଭାରତବର୍ଷର ବିଭିନ୍ନ ସମସ୍ୟାକୁ, ଏପରିକି ପୃଥିବୀର ବିଭିନ୍ନ ସମସ୍ୟାକୁ ନେଇ ଯେତେ ସାମାନ୍ୟ ହେଉ କିଛି କିଛି ସମସ୍ୟା (ସାମାଜିକ, ଆର୍ଥନୀତିକ, ରାଜନୀତିକ, ଧର୍ମୀୟକରଣ ମାନସିକ)କୁ ନାଟକରେ ରୂପାୟିତ କରିବାକୁ ଚେଷ୍ଟା କରିଛି। ସେଥିରେ ସଫଳତା, ବିଫଳତା ବି ଅଛି। ତେବେ ଲୋକଙ୍କୁ କିଛି ବାର୍ତ୍ତା ଦେବାକୁ ମୂଳଲକ୍ଷ୍ୟ ବୋଲି ଭାବୁଛି। ସେଥିପାଇଁ ବହୁ ନାଟକରେ ସମାଜ ବାସ୍ତବବାଦୀ ଚିନ୍ତାର ଉପସ୍ଥାପନ କରିଛି ମହାକାବ୍ୟିକ ଓ ବ୍ରେକ୍‌ଶଟୀୟ ଏପିକ୍ ରୀତିରେ। ବେଳେବେଳେ ନାଟକ ଭାବାବେଗମୟ କାବ୍ୟିକ ହୋଇଉଠିଛି। ଗୁରୁତ୍ୱ ଦେଇଛି ବିଷୟ ଓ ସଂଳାପ ଉପରେ ମୋ ନାଟକ ବା ଦୃଶ୍ୟକାବ୍ୟରେ ଯଦି ଦୃଶ୍ୟବିଭବ ଅଳ୍ପ ହୋଇଯାଏ କାବ୍ୟ ବିଭବ ଅଧିକ ହୋଇ ରହିଥାଏ। ସାହିତ୍ୟ ଭାବେ ଅନ୍ତତଃ ବଞ୍ଚିରହୁ।

ସବୁବେଳେ ଭାବିଛି ନୂଆ କିଛି ଲେଖିବି, ଅନ୍ୟମାନଙ୍କଠୁ ଭିନ୍ନ ହୋଇ। କିନ୍ତୁ ବାଗ୍‌ଦେବୀ ଯେ ପର୍ଯ୍ୟନ୍ତ ପ୍ରସନ୍ନ ନହୋଇଛନ୍ତି, ଅଧମ ମଣିଷର କି ଉପାୟ। ସମାନ୍ତରାଳ ଭାବେ ତ କବିତା, ସମାଲୋଚନା ଲେଖିଛି, ଅନୁବାଦ କରିଛି, ଖବରକାଗଜ ପ୍ରବନ୍ଧ ଲେଖିଛି। ଯେଉଁ କବିତା ମୋତେ ଲେଖକ ଭାବେ ପ୍ରଥମେ ପରିଚିତି ଦେଇଛି, ତାକୁ ଛାଡ଼ିପାରୁନି। ତା' ମାଧ୍ୟମରେ ତ ନୂଆ କିଛି କରିପାରୁଛି। ପୁଣି ନୂଆ କଥା କହିବାର ପ୍ରବଣତା ଓ କର୍ତ୍ତବ୍ୟବୋଧରୁ ନିଜକୁ ମୁକ୍ତ କରିପାରୁନି ବୋଲି ସମାଲୋଚନା ଲେଖୁଛି। କବିତା ଓ ସମାଲୋଚନା ବହିତ·ନାଟକ ଅପେକ୍ଷା ଯଥେଷ୍ଟ ବେଶି ହେଲାଣି। ଏସବୁ ଦୃଷ୍ଟିରୁ ନାଟକ ପାଇଁ ସ୍ୱତନ୍ତ୍ର ସମୟ ଦେଇପାରୁନି ବୋଲି ମନରେ ଦୁଃଖ ହେଉଛି। ସବୁ ଛାଡ଼ି ଭଲ ଭଲ କେତୋଟି ନାଟକ ଲେଖିପାରନ୍ତି କି ?

ବେଳେ ବେଳେ ମନେ ହେଉଛି ଏପର୍ଯ୍ୟନ୍ତ ମୁଁ ନାଟକ ଲେଖା ଆରମ୍ଭ କରିପାରିନି। କିନ୍ତୁ ଲେଖିବାର ଅଭୀପ୍ସା ରହିଛି। ଏହି ଅଭୀପ୍ସା ଯେତେବେଳେ ଉଦ୍‌ବେଳିତ ହୋଇଉଠିବ ମୁଁ ସେଇ ଚିର ଆକାଂକ୍ଷିତ ନାଟକଟି ଲେଖି ପାରିବି, ବିଶ୍ୱାସ ଆସୁଛି।

Digitized by srujanika@gmail.com

ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ସୃଷ୍ଟି-ସମ୍ଭାର

କବିତା ପୁସ୍ତକ :

୧. ପାହାଚ, ଜେ. ମହାପାତ୍ର ଏଣ୍ଡ୍ କୋ., କଟକ, ୧୯୭୨

୨. ନୀଳଚନ୍ଦନର ଭୁଲ ଠିକଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୭୮

୩. ସମ୍ବୋଧନହୀନ, ବିଦ୍ୟାପୁରୀ, କଟକ, ୧୯୭୮

୪. ଅଚାନକ ବୃହନ୍ନଳା, ବିଦ୍ୟାପୁରୀ, କଟକ, ୧୯୯୧

୫. ନିର୍ବୋଧ ଲୋକର ପୃଥିବୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୫

୬. ସମୁଦ୍ର ନିରୁତ୍ତର, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୯୮

୭. ଇତିହାସ ଲେଖିବାର ମୁହୂର୍ତ୍ତ, ଓଡ଼ିଶା ବୁକ୍ ଷ୍ଟୋର, ୨୦୦୨

୮. ଆଉ ଗୋଟିଏ ଜନ୍ମର ଅପେକ୍ଷା, ବିଦ୍ୟାପୁରୀ, କଟକ, ୨୦୦୮

୯. ସୌନ୍ଦର୍ଯ୍ୟ ଖୋଜି ଖୋଜି ଈଶ୍ୱର, କାହାଣୀ, କଟକ, ୨୦୧୪

୧୦. ଉପୁଡ଼ି ପଡ଼ିଥିବା ଗଛ, ଦକ୍ଷ ପ୍ରକାଶନ, କଟକ, ୨୦୧୭

ନାଟକ ପୁସ୍ତକ :

୧. ସତ୍ୟ ସଂଶୟ ସାଲବେଗ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୧

୨. ପାହାଡ଼ର ଅନ୍ୟ ରୂପ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୧

୩. ଅନ୍ଧ ଦ୍ୱିପ୍ରହର, ଜଗନ୍ନାଥ ରଥ, କଟକ, ୧୯୮୧

୪. ନିରାପଦ ଭବିଷ୍ୟତ, କଟକ ଷ୍ଟୁଡ଼େଣ୍ଟ ଷ୍ଟୋର, କଟକ, ୧୯୮୩ (ନିରାପଦ ଭବିଷ୍ୟତ, ପୁଣ୍ୟଭୂମି ଭାରତ, ବତାସ ନିସ୍ତବ୍ଧ ଆଜି)

୫. ସ୍ୱର୍ଗାରୋହଣ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୭ (ମଧପାତ୍ର, ସ୍ୱର୍ଗାରୋହଣ)

୬. ଭୀମ ଭୋଇଙ୍କ ସନ୍ଧାନରେ, କଟକ ଷ୍ଟୁଡ଼େଣ୍ଟ ଷ୍ଟୋର, କଟକ, ୧୯୮୮ (ଭୀମ ଭୋଇଙ୍କ ସନ୍ଧାନରେ, ଅନୁଶାସନ, ରତ୍ନାକରର ରାସ୍ତା, ରାଜପଥ ଗ୍ରାମପଥ, ଆଶ୍ଚର୍ଯ୍ୟ ମଣିଷ)

୭. କଲମ୍ବସ୍, ବିଜୟ ବୁକ୍ ଷ୍ଟୋର, ବ୍ରହ୍ମପୁର, ୧୯୯୦

୮. ମୁଣ୍ଡ ଉପରେ ଛାତ, ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର, ୧୯୯୨

୯. ଶୂନ୍ୟଘର, ପଞ୍ଚସଖା ପ୍ରକାଶନ, କଟକ, ୧୯୯୫ (ବରଗଛ, ସଂଧ୍ୟାର ଆଲୁଅ, ଦିନ ଦିନ ଶେଷ ଦିନ, ଶୂନ୍ୟଘର)

Digitized by srujanika@gmail.com

୧୦. ଜଟାୟୁର ଛିନ୍ନ ଡେଣା, ଆର୍ଯ୍ୟ ପ୍ରକାଶନ, କଟକ, ୧୯୯୯ (କଲ୍ଲୁରିବେଣ୍ଟ, ଜଟାୟୁର ଛିନ୍ନ ଡେଣା, ମଇଁଷିର ପାଶ ନ ଯାଅ ଦନାଇ)

୧୧. ରାସ୍ତା ନାହିଁ, ଗ୍ରନ୍ଥ ମନ୍ଦିର, କଟକ, ୨୦୦୪ (ରାସ୍ତା ନାହିଁ, ନିରୁତ୍ତାପ ବିଷ୍ଣୁକଳା, ସ୍ୱର୍ଗାଲୋକେ ଯୁଧିଷ୍ଠିର, ସକଳ ତୀର୍ଥ ତୋ ଚରଣେ)

୧୨. ପଥ ବହୁ ଦୂର, ଚିତ୍ରୋତ୍ପଳା ପ୍ରକାଶନୀ, ସାଲେପୁର, କଟକ, ୨୦୧୦ (ମୂକ ମୈନାକ, ଜନ୍ମଭୂମି, ଶୂନ୍ୟଘରର ସୀମା, ପଥ ବହୁ ଦୂର, ଜଳେ ଯେସନ ପଦ୍ମଛାଇ)

୧୩. ଭାରତୀ କୁନ୍ତଳା ଓ ସରସ୍ୱତୀ ନଗେନ୍ଦ୍ରବାଳା, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୨୦୧୦ (ଭାରତୀ କୁନ୍ତଳା, ସରସ୍ୱତୀ ନଗେନ୍ଦ୍ରବାଳା)

୧୪. ବନ୍ଦିଶାଳାରେ ବିଶ୍ୱପତି, କଟକ ଷ୍ଟୁଡ଼େଣ୍ଟ ଷ୍ଟୋର, କଟକ, ୨୦୧୨ (ବନ୍ଦୀଶାଳାରେ ବିଶ୍ୱପତି, ଅର୍ଦ୍ଧେକ ପୃଥିବୀ, ଜଣେ ବିଚାରାଧୀନ ବନ୍ଦୀର ଆତ୍ମକଥା, ଅରଣ୍ୟର ଅଶ୍ରୁ, ଅବ୍ୟକ୍ତ ଅନେକ)

୧୫. ଅଶ୍ୱିନୀ କୁମାରଙ୍କ ଶେଷଦିନ (ଯନ୍ତ୍ରସ୍ଥ) (ଅଶ୍ୱିନୀକୁମାରଙ୍କ ଶେଷଦିନ, ଯେ ଫୁଲ କୀଟ ଦ୍ରଷ୍ଟ, ଦେବୀପୀଠ, ଛାୟାଚନ୍ଦ୍ରିକାଙ୍କ ପ୍ରତିମୂର୍ତ୍ତି, ଚନ୍ଦ୍ରାଲୋକେ ଭୀମସେନ)

୧୬. ଯେତିକି ଦୃଶ୍ୟ ହୁଏ (ଯନ୍ତ୍ରସ୍ଥ) (ଯେତିକି ଦୃଶ୍ୟ ହୁଏ, ଏ ମାଟିର ଅମୃତ ଧରା, କ୍ରୀତଦାସଙ୍କ ରାଜ୍ୟରେ ଈଶ୍ୱରପୁତ୍ର, ଅପସୃତ ଅନ୍ଧକାର, ପୁଣ୍ୟଭୂମିର ଧୂଳି, ଭିଟାମାଟି, ଯେ ଆକାଶେ ପକ୍ଷୀ ଉଡ଼େ ନାହିଁ, ଶେଷ ଦୃଶ୍ୟ ପରେ, ରାଜଧାନୀରେ ମହିଳା ସମାବେଶ)

ସମାଲୋଚନା ପୁସ୍ତକ :

୧. ସମାଲୋଚନା ଦୃଷ୍ଟିରୁ, ଜେ. ମହାପାତ୍ର ଏଣ୍ଡ୍ କୋ, କଟକ, ୧୯୭୧

୨. ସାହିତ୍ୟର ରୂପରେଖ, ବିଦ୍ୟାପୁରୀ, କଟକ, ୧୯୭୬

୩. ଐତିହାସିକ ନାଟକର ମୂଳସୂତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୦

୪. ଓଡ଼ିଆ ଭାଷା-ବ୍ୟାକରଣ, ବୁକ୍ସ ଆଣ୍ଡ୍ ବୁକ୍ସ, କଟକ, ୧୯୮୧

୫. ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି, ବିଦ୍ୟାପୁରୀ, କଟକ, ୧୯୮୨

୬. ନୂତନ ନାଟ୍ୟଚିନ୍ତା, ନାଳନ୍ଦା, କଟକ, ୧୯୮୩

୭. ଆଧୁନିକ ଓଡ଼ିଆ ନାଟକର ବାସ୍ତବ ଓ ଉଦ୍ଭଟ ଚେତନା, ବିଦ୍ୟାପୁରୀ, କଟକ, ୧୯୮୮

୮. ଓଡ଼ିଆ ନାଟକର ଇତିହାସ, ଫ୍ରେଣ୍ଡସ୍ ପବିଶର୍ସ, କଟକ, ୧୯୮୯

୯. ଭିନ୍ନ ସମୟ ଭିନ୍ନ ଦୃଷ୍ଟି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୩

Digitized by srujanika@gmail.com

୧୦. Aspect of Odia Drama, Odisha Sahitya Academy, Bhubaneswar, ୧୯୯୧

୧୧. ପ୍ରାଚୀନ ମଧ୍ୟଯୁଗ ସାହିତ୍ୟର ନବମୂଲ୍ୟାୟନ, କଟକ ଷ୍ଟୁଡ଼େଣ୍ଟ ଷ୍ଟୋର, କଟକ, ୧୯୯୪

୧୨. ଭାବନା ବିଭାବନା, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ, ୨୦୦୫

୧୩. ନିର୍ଭୁଲ ଲେଖାର ମୂଳସୂତ୍ର, ମାଲ୍ୟବନ୍ତ ପ୍ରକାଶନ, ଭୁବନେଶ୍ୱର, ୨୦୧୨

୧୪. ସୃଜନ ସମୀକ୍ଷା (ଯନ୍ତ୍ରସ୍ଥ)

୧୫. ପ୍ରାଚୀନ ମଧ୍ୟ ଯୁଗ ସାହିତ୍ୟ ଏକ ନୂତନ ପ୍ରେକ୍ଷାପଟ୍ଟ (ଯନ୍ତ୍ରସ୍ଥ)

ଅନୁବାଦ ପୁସ୍ତକ :

୧. ଶଙ୍କରଦେବ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ନୂଆଦିଲ୍ଲୀ, ୧୯୭୨

୨. କବୀର, ସାହିତ୍ୟ ଏକାଡ଼େମୀ, ନୂଆଦିଲ୍ଲୀ, ୧୯୮୬

୩. ସାରଳା ମହାଭାରତ ଆଦି ପର୍ବ, (ହିନ୍ଦୀ) ବାଣୀ ପ୍ରକାଶନ, ନୂଆଦିଲ୍ଲୀ, ୧୯୯୫

୪. ସକ୍ରେଟିସ୍‌ଙ୍କ ଜମାନବନ୍ଦୀ, କଟକ ଷ୍ଟୁଡ଼େଣ୍ଟ ଷ୍ଟୋର, କଟକ, ୧୯୯୭

୫. ପାରମ୍ପରିକ ଭାରତୀୟ ନାଟ୍ୟ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ନୂଆଦିଲ୍ଲୀ, ୨୦୦୨

୬. ରବୀନ୍ଦ୍ର କବିତାଗୁଚ୍ଛ, ବିଦ୍ୟାପୁରୀ, କଟକ, ୨୦୦୨

୭. ନବନୀତା, ସାହିତ୍ୟ ଏକାଡ଼େମୀ, ନୂଆଦିଲ୍ଲୀ, ୨୦୦୫

୮. ଗୀତାଞ୍ଜଳି, ବିଦ୍ୟାପୁରୀ, କଟକ, ୨୦୧୪

୯. ସାରଳା ମହାଭାରତ (ସଂପୂର୍ଣ୍ଣ), ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୨୦୧୪

କୋଷ ଗ୍ରନ୍ଥ :

୧. ଓଡ଼ିଆ ବନାନ ଅଭିଧାନ, କାହାଣୀ, କଟକ, ୨୦୧୫

୨. ସାରଳା ଶବ୍ଦକୋଷ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର (ଯନ୍ତ୍ରସ୍ଥ)

ସଂକଳନ / ସଂପାଦନା ପୁସ୍ତକ :

୧. ବୈଷ୍ଣବ ପଦାବଳୀ, ଗ୍ରନ୍ଥମନ୍ଦିର, କଟକ, ୧୯୮୨

୨. କିଛି ପତ୍ର କିଛି ଫୁଲ, କଳିଙ୍ଗ ବୁକ୍ ଷ୍ଟୋର, କଟକ, ୧୯୭୮

୩. ଯେ ପକ୍ଷୀ ଉଡ଼େ ଯେତେଦୂର, କଳିଙ୍ଗ ବୁକ୍ ଷ୍ଟୋର, କଟକ, ୧୯୮୨

Digitized by srujanika@gmail.com

୪. ଭାଷା ସାହିତ୍ୟର ବର୍ଣ୍ଣବିଭା, ଓଡ଼ିଶା ବୁକ୍ ଷ୍ଟୋର, ୧୯୯୪

୫. ନାଟିକା ବାଟିକା, ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର, ୧୯୯୬

୬. ସାରଳା ଦାସ ସଞ୍ଚୟନ, ସାହିତ୍ୟ ଏକାଡ଼େମୀ, ନୂଆଦିଲ୍ଲୀ, ୨୦୦୭

୭. ଓଡ଼ିଆ ଏକାଙ୍କିକା ଓ ଛୋଟ ନାଟକ ସଂଗ୍ରହ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୨୦୧୪

ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ : ସମ୍ମାନ, ପୁରସ୍କାର ଓ ଉପାଧି

୧. ପଦ୍ମଚରଣ ପଟ୍ଟନାୟକ କବିତା ପୁରସ୍କାର, ୧୯୭୮, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୨. ଜୀବନରଙ୍ଗ କବିତା ପୁରସ୍କାର, ୧୯୮୦, କଟକ

୩. ଭାନୁଜୀ ରାଓ କବିତା ପୁରସ୍କାର, ଗଙ୍ଗାଧର ରଥ ଫାଉଣ୍ଡେସନ, କଟକ

୪. ଜଷ୍ଟିସ୍ ହରିହର ମହାପାତ୍ର ନାଟକ ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ

୫. ଉତ୍କଳ ସାହିତ୍ୟ ସମାଜ ନାଟକ ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ, କଟକ

୬. ଆକାଶବାଣୀ ନାଟକ ପୁରସ୍କାର, କଟକ

୭. ନାଟ୍ୟାଚାର୍ଯ୍ୟ ଉପାଧି, ଥିଏଟର ମୁଭ୍‌ମେଣ୍ଟ, କଟକ

୮. ନାଟ୍ୟଭୂଷଣ ଉପାଧି, ଥିଏଟର ଅଲମ୍ପିଆଡ୍, କଟକ

୯. ଆଦି ନାଟ୍ୟକାର ସମ୍ମାନ, ଜଗନ୍ମୋହନ ଲାଲ ସ୍ମୃତି ସଂସଦ, କଟକ

୧୦. ଝଙ୍କାର ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ

୧୧. ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୧୯୯୩, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

୧୨. ଉତ୍କଳ ସାହିତ୍ୟ କଳା ପରିଷଦ ସମ୍ମାନ, କଟକ

୧୩. ନିରନ୍ତର ଗବେଷଣା ସମ୍ମାନ, ପୁନର୍ନବା ସାହିତ୍ୟ ପରିଷଦ, ଚାନ୍ଦୋଳ, କେନ୍ଦ୍ରାପଡ଼ା

୧୪. ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ, କଟକ

୧୫. ସାରଳା ସାହିତ୍ୟ ସମ୍ମାନ, ସାରଳା ସାହିତ୍ୟ ସଂସଦ, କଟକ

୧୬. ଭାରତୀୟ ଭାଷା ପରିଷଦ ରଜତ ଜୟନ୍ତୀ ସମ୍ମାନ, ଭାରତୀୟ ଭାଷା ପରିଷଦ, କଲିକତା

୧୭. ଗୋକର୍ଣ୍ଣିକା ସାହିତ୍ୟ ସମ୍ମାନ, ଧର୍ମଶାଳା, ଯାଜପୁର

Digitized by srujanika@gmail.com

୧୮. ପୁନର୍ନବା ସାହିତ୍ୟ ସମ୍ମାନ, ପୁନର୍ନବା ସାହିତ୍ୟ ପରିଷଦ, ଚାନ୍ଦୋଳ, କେନ୍ଦ୍ରାପଡ଼ା

୧୯. ଦୀନକୃଷ୍ଣ ସମ୍ମାନ, ଦୀନକୃଷ୍ଣ ସାହିତ୍ୟ ପରିଷଦ, ଜଳେଶ୍ୱର

୨୦. ମାନସିଂହ ସମ୍ମାନ, ସାରଳା ସାହିତ୍ୟ ସଂସଦ, କଟକ

୨୧. ସହକାର ସମ୍ମାନ, ମାତୃଭୂମି, କଟକ

୨୨. ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସମ୍ମାନ

୨୩. ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ-୨୦୧୫, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ, ପୁରୀ

୨୪. ଉତ୍କଳ ସାହିତ୍ୟ ସମାଜ, ବରିଷ୍ଠ ସାହିତ୍ୟିକ ସମ୍ମାନ- ୨୦୧୬, ଉତ୍କଳ ସାହିତ୍ୟ ସମାଜ, କଟକ

୨୫. ଭଗବତୀ ବିକାଶ ପରିଷଦ ସମ୍ମାନ- ୨୦୧୬, ଭୁବନେଶ୍ୱର

୨୬. ଶ୍ୱେତ ସଂକେତ ସମ୍ମାନ- ୨୦୧୬, ଶ୍ୱେତ ସଂକେତ, ଭୁବନେଶ୍ୱର

୨୭. ସମାରୋହ ସମ୍ମାନ- ୨୦୧୬, ସମାରୋହ, ଭୁବନେଶ୍ୱର

୨୮. ପ୍ରତିଷ୍ଠାତା ସଦସ୍ୟ ସମ୍ମାନ, ଓଡ଼ିଆ ଯୁବଲେଖକ ସମ୍ମେଳନ, ପୁରୀ

Digitized by srujanika@gmail.com

ଡ. ପ୍ରଦୋଷ କୁମାର ସ୍ୱାଇଁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଜଣେ ଉଦୀୟମାନ ପ୍ରତିଭା। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ଏମ୍.ଏ.,ଏମ୍.ଫିଲ୍. ଓ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିବା ଶ୍ରୀ ସ୍ୱାଇଁ ଆଧୁନିକ ଓଡ଼ିଆ କବିତା ଓ ନାଟ୍ୟ-ସମାଲୋଚନା କ୍ଷେତ୍ରରେ ସୃଷ୍ଟିକରି ପାରିଛନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ। ମନନଶୀଳତା ଓ ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ତାଙ୍କ ସୃଷ୍ଟିସମୂହର ମୌଳିକ ଆବେଦନ । ଓଡ଼ିଶାର ବହୁ ପ୍ରତିଷ୍ଠିତ ତଥା ଲୋକପ୍ରିୟ ପତ୍ରପତ୍ରିକାରେ ତାଙ୍କ ସମାଲୋଚନାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇ ବେଶ୍ ପ୍ରଶଂସିତ । ଶ୍ରୀ ସ୍ୱାଇଁଙ୍କ ଗବେଷଣାତ୍ମକ ଅନୁଚିନ୍ତାର ଦୁଇ ସଫଳ ରୂପାୟନ ହେଉଛି - 'ବିବିଧ ସମୀକ୍ଷା' ଓ 'ନାଟ୍ୟକାର ବିକ୍ରମଦେବ' ଭଳି ପୁସ୍ତକ । କେବଳ କଳା ଓ ସାହିତ୍ୟ ନୁହେଁ; ଦିବ୍ୟାଙ୍ଗମାନଙ୍କର ସାମାଜିକ ଓ ଶୈକ୍ଷିକ ବିକାଶ ନିମନ୍ତେ ଶ୍ରୀ ସ୍ୱାଇଁ ଦୀର୍ଘ କୋଡ଼ିଏ ବର୍ଷ ଧରି ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଜଡ଼ିତ ରହି ବିଭିନ୍ନ ସମାଜ-ମଙ୍ଗଳ କାର୍ଯ୍ୟରେ ସମ୍ପୃକ୍ତ । ସମ୍ପ୍ରତି ସେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟରେ ଓଡ଼ିଶା ଅନ୍ତର୍ଗତ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସହାୟକ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ।

Digitized by srujanika@gmail.com

ପ୍ରଫେସର୍ ନୀଳାଦ୍ରିଭୂଷଣ ହରିଚନ୍ଦନ ଜଣେ ସଫଳ କବି, ନାଟ୍ୟକାର ଓ ସମାଲୋଚକ ଭାବେ ବେଶ୍ ପ୍ରସିଦ୍ଧିର ଅଧିକାରୀ । କବିତା, ନାଟକ, ପ୍ରବନ୍ଧ, ଅନୁବାଦ ଓ ସମାଲୋଚନା ଆଦି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ସ୍ୱାକ୍ଷର ପରିଲକ୍ଷିତ । ଚାଳିଶରୁ ଊର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା ପ୍ରଫେସର୍ ହରିଚନ୍ଦନ ଜଣେ ବିଦ୍ୱାନ୍ ଓ ପ୍ରବୀଣ ପ୍ରାଧ୍ୟାପକ ଭାବେ ବେଶ୍ ଲୋକପ୍ରିୟ । ବିଶେଷତଃ ଓଡ଼ିଆ ପ୍ରାଚୀନ-ମଧ୍ୟ ଯୁଗୀୟ ସାହିତ୍ୟ ଏବଂ ଓଡ଼ିଆ ନାଟକର ଜଣେ ବିଶିଷ୍ଟ ଆଲୋଚକ ଭାବେସର୍ବତ୍ର ପ୍ରଶଂସିତ ପ୍ରଫେସର୍ ହରିଚନ୍ଦନ ସାରଳା ମହାଭାରତର ଜଣେ ଅବଗାହୀ ସମାଲୋଚକ ଏବଂ ଅନ୍ୟତମ ହିନ୍ଦୀ ଅନୁବାଦକ । ଭାଷାତାତ୍ତ୍ୱିକ, ତୁଳନାତ୍ମକ ଓ ତତ୍ତ୍ୱଶୀଳ ସମାଲୋଚନାତ୍ମକ ଦୃଷ୍ଟି ତାଙ୍କ ସାହିତ୍ୟିକ ଅନୁଶୀଳନର ପ୍ରମୁଖ ବୈଶିଷ୍ଟ୍ୟ । ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଭାଷା-ଭବନର ପ୍ରାକ୍ତନ ଅଧ୍ୟକ୍ଷ ଭାବେ ତାଙ୍କର ପ୍ରଶାସନିକ ଦକ୍ଷତାର ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ନାଟକ ପାଇଁ ଜଷ୍ଟିସ୍ ହରିହର ମହାପାତ୍ର, ବିଷୁବ ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ପୁରସ୍କାର, ଆକାଶବାଣୀ ପୁରସ୍କାର (କଟକ), କବିତା ପାଇଁ ଗଙ୍ଗାଧର ରଥ ଫାଉଣ୍ଡେସନ୍ ଭାନୁଜୀ ରାଓ ପୁରସ୍କାର, ସମାଲୋଚନା ପାଇଁ ଝଂକାର ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ସମଗ୍ର କୃତି ପାଇଁ ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ । ସମ୍ପ୍ରତି ବ୍ୟସ୍ତବହୁଳ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ସାହିତ୍ୟ ସାଧନା ଓ ଅଧ୍ୟୟନ କ୍ଷେତ୍ରରେ ସେ ଖୁବ୍ ସକ୍ରିୟ ।

ISBN 81-86354-136-7

ଅଗ୍ରଦୂତ
କଟକ-୨

Digitized by srujanika@gmail.com